କୁଳବୃଦ୍ଧ

SHAMBHU DAS

SHAMBHU DAS

Digitized by srujanika@gmail.com

ସୁରେନ୍ଦ୍ର ମହାନ୍ତି

ଜନ୍ମ ଇଂ ୧୯୨୨ ସାଲ ଜୁନ୍ ୨୧ ତାରିଖ—କଟକ ଜିଲ୍ଲା ସାଲେପୁର ଥାନାନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ । ୧୯୫୯ରେ ପ୍ରଥମ ବଧିବଦ୍ଧ ରଚନା "ପୃଥିବୀର ଆତ୍ମୋକ" ନାଟକ, ବାରପଦା ମହାପ୍ରଭୁଜୀ ଜନ୍ମୋତ୍ସବ-ସମିତି ଦ୍ୱାରା ଶ୍ରେଷ୍ଠ ନାଟକ ରୂପେ ପୁରସ୍କୃତ ହେବା ପରଠାରୁ ଲେଖକ ଜୀବନର ଆରମ୍ଭ । ମାତ୍ର ନାଟକ ଅପେକ୍ଷା ଛୁଦ୍ର ଗଳ୍ପରେ ରୁଚି ଅଧିକ ଥିବା ହେତୁ ଛୁଦ୍ର ଗଳ୍ପ ରଚନା ପ୍ରତି ଆକୃଷ୍ଟ ହୋଇ ଇତିମଧ୍ୟରେ ଶତାଧିକ ଛୁଦ୍ର ଗଳ୍ପ ରଚନା କରିଅଛନ୍ତି । "ସବୁଜ ପତ୍ର ଓ ଧୂସର ଗୋଲାପ" ଛୁଦ୍ର ଗଳ୍ପ ସଂକଳନ ଓଡ଼ିଶା ସାହିତ୍ୟ ଆକାଡ଼େମୀ ଦ୍ୱାରା ପୁରସ୍କୃତ । ଆଧୁନିକ ଓଡ଼ିଆ ଛୁଦ୍ର ଗଳ୍ପରେ ଯୁଗାନ୍ତର ଆଣିଥିବା ସମାଲୋଚକମାନଙ୍କ ଦ୍ୱାରା ସ୍ୱୀକୃତ । ଏହାଙ୍କର ଅନ୍ୟତମ ଉପନ୍ୟାସ "ଜାଲଶୈଳ" ୧୯୭୪ ସାଲ ପାଇଁ ସାହିତ୍ୟ ଆକାଡ଼େମୀ ପୁରସ୍କାର ଲାଭ କରିଅଛନ୍ତି । ୧୯୫୨ ଠାରୁ ୧୯୫୭ ପର୍ଯ୍ୟନ୍ତ ରାଜ୍ୟସଭାର ଏବଂ ୧୯୫୭ ଠାରୁ ୧୯୭୨ ପର୍ଯ୍ୟନ୍ତ ଏବଂ ୧୯୭୧ ଠାରୁ ୧୯୭୭ ଲୋକସଭାର ସଭ୍ୟ ଥିଲେ । ରାଜ୍ୟସଭାର ସଦସ୍ୟ ଥିବା ବେଳେ ୧୯୫୫ ସାଲରେ ଚୀନ୍ ପରିଭ୍ରମଣ କରିଥିଲେ ।

Digitized by srujanika@gmail.com

SHAMBHU DAS

ଦୁଇବନ୍ଧୁ

ଶମ୍ଭୁଦାସ ପଣ୍ଡାଙ୍କ

SHAMBHU DAS

ଗ୍ରନ୍ଥ ମୁକୁଳ

Digitized by srujanika@gmail.com

ପ୍ରକାଶକ :

ମହେନ୍ଦ୍ର ମିଶ୍ର

ଲର୍କ ବୁକ୍ସ

ସୁବର୍ଣ୍ଣରେଖା କମ୍ପ୍ଲେକ୍ସ

ଭୌମ ନଗର, ଭୁବନେଶ୍ୱର-୭୫୧୦୦୧

ପ୍ରଥମ ପ୍ରକାଶ ୧୯୭୮

ଦ୍ୱିତୀୟ ପ୍ରକାଶ ୧୯୯୦

ପ୍ରଚ୍ଛଦପଟ୍ଟ :

ଶ୍ରୀ ଅସିତ ମୁଖାର୍ଜୀ

ମୁଦ୍ରଣ :

ଶୋଭନ

ଆଗ୍ରଫା ଦ୍ୱାର

ଭୁବନେଶ୍ୱର-୭୫୧୦୧୩

SHAMBHU DAS

ମୂଲ୍ୟ :

ଷାଠିଏ ଟଙ୍କା

Digitized by srujanika@gmail.com

SHAMBHU DAS

ଜନ୍ମ—୬୮ । ୫ । ୧୮୫୮

ମୃତ୍ୟୁ— ୫ । ୬ । ୧୯୩୫

ହସ୍ତଲିଖିତ ଏକ ପତ୍ରର ଶେଷ ଅଂଶ

୧୯୦୫ ମସିହାରେ ଦୁର୍ଗତ କବି ବାଲକୃଷ୍ଣ ପଟ୍ଟନାୟକଙ୍କ ଜନକକୁ ମଧୁସୂଦନଙ୍କ

Digitized by srujanika@gmail.com

ଦ୍ୱିତୀୟ ସଂସ୍କରଣର ଭୂମିକା

ମଧୁସୂଦନ ଓଡ଼ଶାରେ ନବଜାଗରଣର ପଥକୃତ ଥିଲେ । ତାଙ୍କର ଦେଶପ୍ରୀତି, ସ୍ୱାଭିମାନ, ଓ ସୁଦୂର ପ୍ରସାରୀ ଚିନ୍ତା ଏବଂ କର୍ମଯୋଜନା ଉନବିଂଶ ଶତାବ୍ଦୀର ପାଷାଣୀ ଅହଲ୍ୟାପରି ପଡ଼ରହିଥିବା ଆତ୍ମପ୍ରତ୍ୟୟସ୍ଫୁରଣ ଓ ଇତିହାସ ବିସ୍ମୃତ ଓଡ଼ିଆ ଜାତିକୁ ନବଜାଗରଣର ମନ୍ତ୍ରରେ ଦୀକ୍ଷିତ ଓ ଉଜ୍ଜୀବିତ କରପାରିଥିଲା । ନଙ୍କାକ ଓଡ଼ିଆ ଜାତିର ମୁହଁରେ ସେ ବୁଝାଇ ପାରିଥିଲେ, ତାର ସ୍ୱାଧିକାରର ଭାଷା । ତାଙ୍କର ସେଇ ନ୍ୟାସଟି, ଯନ୍ତ୍ରଣାମୟ ଫଗ୍ରାମର ଇତିହାସ ''କୁଲବୃଦ୍ଧ''ର ଉପଜୀବ୍ୟ ।

ମଧୁସୂଦନଙ୍କୁ ଜଣେ ପ୍ରାଦେଶିକ ନେତା ରୂପେ, ସ୍ୱାଧୀନତା ପ୍ରାପ୍ତି ପରେ କେହି କେହି କୁଣ୍ଠିତ ସ୍ୱୀକୃତ ଦେଇଥିଲେ; ମାତ୍ର ତାଙ୍କର ଚିନ୍ତା ଓ କର୍ମସାଧନା ଦୃଷ୍ଟିରୁ ସେ ଯେ ଜଣେ ମହା ଜାତୀୟ ନେତା ଓ ଜାତୀୟ ଗୌରବ ପଦବାଚ୍ୟ ଥିଲେ, ତଥ୍ୟ ଦୃଷ୍ଟିରୁ ଏହାକୁ ଅସ୍ୱୀକାର କରବାର ଉପାୟ ନାହିଁ । ଆଜ ଦେଶରେ ପ୍ରତ ଭାଷାଭାଷୀ ଗୋଷ୍ଠୀର ଜନସାଧାରଣ ନଜନଜର ସାଂସ୍କୃତିକ ସ୍ୱଳ୍ପସ୍ୱତା ପାଇଁ ବ୍ୟାକୁଳ । କେହି କେହି ସେଥିପାଇଁ ସମ୍ମୁଖ ସଂଘର୍ଷର ରାସ୍ତାକୁ ସୁଦ୍ଧା ଓହ୍ଲାଇ ଅଛନ୍ତି । କନ୍ତୁ ଇତିହାସ ପ୍ରତ ସିଂହାବଲୋକନ କଲେ ଦେଖାଯିବ, ମଧୁସୂଦନହିଁ ଥିଲେ ଏହାର ପ୍ରଥମ ପ୍ରବକ୍ତା । ଇତିହାସ ପ୍ରସିଦ୍ଧ ଓଡ଼ିଆ ଜାତିର ସାଂସ୍କୃତିକ ସ୍ୱଳ୍ପସ୍ୱତା (Cultural Identity) ପାଇଁ ଆନ୍ଦୋଳନ ସଂଗ୍ରାମ କରି ସେଥିରେ ମଧ୍ୟ ସେ ସଫଳ ହୋଇପାରିଥିଲେ । ଭାଷା ଭିତ୍ତିରେ ଓଡ଼ଶା ପ୍ରଦେଶ ଗଠନ ଥିଲ ତାହାର ଫଳଶ୍ରୁତି ।

ଭାଷା ଭିତ୍ତିରେ ରାଜ୍ୟ ବା ପ୍ରଦେଶ ଗଠନ ସ୍ୱରାଜସ୍ୱ ସମ୍ବିଧାନରେ ବର୍ତ୍ତମାନ ମର୍ଯାଦା ଲାଭ କରଅଛୁ । ବଶେଷତଃ ୧୯୫୭ ମସିହାରେ ରାଜ୍ୟ ପୁର୍ନଗଠନ ଆଇନ ପାର୍ଲିଆମେଣ୍ଟରେ ଏଇ ଭିତ୍ତି ଉପରେ ଗୃହୀତ ହୋଇଥିଲ । କନ୍ତୁ ଚଳିତ ଶତାବ୍ଦୀ ଆରମ୍ଭରେ ମଧୁସୂଦନଙ୍କ ଦ୍ୱାରା ଗଠିତ ଉତ୍କଳ-ସମ୍ମିଳନୀ ମଞ୍ଚରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ ରହିବା ଦାବୀ ମଧୁସୂଦନ ହିଁ ସର୍ବପ୍ରଥମେ ଉଠାଇଥିଲେ । ଅନେକଙ୍କର ଧାରଣା ମଧୁସୂଦନ ଉଦାରପନ୍ଥୀ ଓ ଲସ୍ୟାଲିଷ୍ଟ୍ ଥିବାରୁ ବ୍ରିଟିଶ ସରକାର ତାଙ୍କ ପ୍ରତ ସହାନୁଭୂତ ବଶତଃ ଓଡ଼ିଆମାନଙ୍କୁ ୧୯୩୬ ମସିହା ପହିଲ ଅପ୍ରେଲ ଦନ ବ୍ରିଟିଶ୍ ଡୋମିନିୟନ୍‌ରେ ଓଡ଼ଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷଣା କରଥିଲେ । ମାତ୍ର ଏଥିପାଇଁ ସାମ୍ବିଧାନିକ ପନ୍ଥାରେ ତତ୍କାଳୀନ ବ୍ରିଟିଶ୍ ସରକାର ଉପରେ ମଧୁସୂଦନଙ୍କୁ ଯେଉଁ ଜରବର୍ଦ୍ଦସ୍ତ ଫଗ୍ରାମ ଚଲାଇବା ପାଇଁ ପଡ଼ଥିଲ, ପ୍ରାମାଣିକ ଗ୍ରନ୍ଥରେ ତାହା ଏଇ ପୁସ୍ତକରେ ବର୍ଣ୍ଣିତ ହୋଇଅଛୁ । ବସ୍ତୁତଃ କଂଗ୍ରେସ ଅନୁଷ୍ଠାନ ମଧ୍ୟରେ ରହି ଓଡ଼ଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇପାରିବାର ସମ୍ଭାବନା ନ ଦେଖି ଏବଂ ସ୍ୱେଚ୍ଛାକୃତ ଭାବରେ ନଜକୁ କଂଗ୍ରେସଠାରୁ ଦୂରେଇରଖି ଉତ୍କଳ-ସମ୍ମିଳନୀ ଗଠନ କରଥିଲେ । ପୁଣି ଉନବିଂଶ ଶତାବ୍ଦୀର ଲବରାଲ୍‌ମାନଙ୍କ ପରି ସେ ଜଣେ ଲବରାଲ୍ ଥିବାରୁ ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନରେ ନୀତଗତ କାରଣରୁ ଯୋଗ ଦେବା ଉଚତ୍ମନେ କରି ନଥିଲେ । କଂଗ୍ରେସର

Digitized by srujanika@gmail.com

ଅନ୍ୟତମ କର୍ଣ୍ଣଧାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭାଇ ବଠଲଭାଇ ପଟେଲ୍ ଓ ବଙ୍ଗଳାର ଅବସମ୍ବାନ୍ଧବ ନେତା ଚିତ୍ତରଞ୍ଜନ ଦାସ ପ୍ରମୁଖ ଠିକ୍ ଏହିପରି କାରଣରୁ ପାର୍ଲିଆମେଣ୍ଟରେ ସ୍ୱରାଜ ଦଳ ଗଠନ କରିଥିଲେ । ଓଡ଼ିଆ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ଉତ୍କାଳୀନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ପୂର୍ବତା ପାର୍ଲିଆମେଣ୍ଟ ବା ସେଣ୍ଟ୍ରାଲ୍ ଲେଜସ୍‌ଲେଟିଭ୍ ଆସେମ୍ବ୍ଲିରେ ଏକଦା ସ୍ୱରାଜ ପାର୍ଟିର ସମ୍ପାଦକ ଥିଲେ । ଡେମ୍ପ ମଧୁସୂଦନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବ୍ରତନିଷ୍ଠା ସ୍ୱରରେ କାର୍ଯ୍ୟ କରିଥିଲେ ହେଁ ମହାତ୍ମାଗାନ୍ଧୀଙ୍କ ସ୍ୱରାଜ ଆକାଂକ୍ଷା ଓ ଅହିଂସାଚାରରୁ କଦାପି ଦୂରବର୍ତ୍ତୀ ନ ଥିଲେ । ସେଥିପାଇଁ ମହାତ୍ମାଗାନ୍ଧୀଙ୍କ ସହିତ ତାଙ୍କର ସମ୍ପର୍କ ଯେପରି ପରିଷ୍କୃତ ଥିଲା, ତାହା ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି । ମହାତ୍ମାଗାନ୍ଧୀ ମଧୁସୂଦନଙ୍କୁ କେଉଁ ଚକ୍ଷୁରେ ଦେଖୁଥିଲେ, ଆଗନ୍ତୁ ପାଠକମାନେ ତାହା ଏଥିରୁ ଜାଣିପାରିବେ ।

ଇତିହାସ ପ୍ରତି ସିଂହାବଲୋକନ କଲେ ଦେଖାଯିବ, ୧୯୩୬ ମସିହାରେ ଯେତେବେଳେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶଟିଏ ମିଳି ନଥିଲେ, ୧୯୫୭ ମସିହାରେ ପାର୍ଲିଆମେଣ୍ଟରେ ରାଜ୍ୟ ପୁର୍ନଗଠନ ଆଇନ୍ ପାସ୍ ହେବା ପର୍ଯ୍ୟନ୍ତ ଓଡ଼ିଆମାନଙ୍କୁ ଭାଷା ଭିତରେ ଆଣ୍ଧ୍ର, କର୍ଣ୍ଣାଟକ, କେରଳ ଓ ଗୁଜୁରାଟ ପ୍ରଭୃତି ରାଜ୍ୟମାନଙ୍କ ପରି ଆପେକ୍ଷା କରି ନବାକ୍ ବଶମ୍ବଦାରେ କରି ରହିବା ପାଇଁ ପଡ଼ିଥାଆନ୍ତା । ପୁଣି ସେତେବେଳେ ଓଡ଼ିଶାକୁ ପାରଳାଖେମୁଣ୍ଡି ଓ ଜସ୍ପୁରର କେତେକ ଅଞ୍ଚଳ ଆସିପାରିଥାଆନ୍ତା କି ନାହିଁ, ସେଥିରେ ମୋର ଘୋର ସନ୍ଦେହ ରହିଅଛି ।

କୃଷିର ଉନ୍ନତ ସହର ଗ୍ରାମାଞ୍ଚଳ ମାନଙ୍କରେ କୃଷିଭିତ୍ତିକ ଶିଳ୍ପ (Agro Industries)ର ବିକାଶ ମଧ୍ୟରେ ଦେଶର ଅଶୀ ଭାଗ ଗ୍ରାମୀଣ ଜନତାଙ୍କ ଅର୍ଥନୈତିକ ବିକାଶ ସମ୍ଭବ ବୋଲି ଆଜ ଯୋଜନା ପ୍ରଣେତାମାନେ ସ୍ୱୀକାର କରୁଅଛନ୍ତି । କେବଳ ବଡ଼ ବଡ଼ କଳ କାରଖାନା ବସାଇବା ଦ୍ୱାରା ଗ୍ରାମୀଣ ଜନତାଙ୍କର ଅର୍ଥନୈତିକ ଉନ୍ନତି ସମ୍ଭବ ନୁହେଁ ବୋଲି ଆଜ ସମସ୍ତେ ସ୍ୱୀକାର କରୁଅଛନ୍ତି; ମାତ୍ର ଏଇ ଚିନ୍ତାର ଜନକ ମଧ୍ୟ ଥିଲେ ମଧୁସୂଦନ । 'ଉତ୍କଳ-ଗୌରବ' ପରିତ୍ତେ ସେ ପ୍ରକୃତରେ ଥିଲେ 'ଜାତୀୟ ଗୌରବ' ।

କେତେକ ସାଧାରଣତ କାରଣରୁ 'କୁଲବୃଦ୍ଧ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବା ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନଥିଲା । 'ଲର୍ଡ ବୁଦ୍ଧ'ର ସ୍ୱତ୍ୱାଧିକାରୀ ଶ୍ରୀ ମହେନ୍ଦ୍ର ମିତ୍ରଙ୍କର ପ୍ରଚେଷ୍ଟାରେ ଏହା ବର୍ତ୍ତମାନ ସମ୍ଭବ ହୋଇପାରିଅଛି । ସେଥିପାଇଁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଓ ଆଶୀର୍ବାଦ ଜଣାଉ ଅଛି ।

୬୮, ଅପ୍ରେଲ ୧୯୯୦
ମଧୁସୂଦନ ଜସ୍ପୁର
ଶିବାନୀ
ପେଲ୍‌ଟର ଛକ

Digitized by srujanika@gmail.com

ଭୂମିକା

ଉନବିଂଶ ଶତାବ୍ଦୀର ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ପୃଷ୍ଠଭୂମିରେ, ଆଧୁନିକ ଓଡ଼ିଶାର ନବଜନ୍ମଦାତା ମଧୁସୂଦନଙ୍କ ଜୀବନର ପ୍ରଥମାର୍ଦ୍ଧ, "ଶତାବ୍ଦୀର ସୂର୍ଯ୍ୟ" ଶୀର୍ଷକ ଚରିତ୍ରୋପନ୍ୟାସରେ ପ୍ରକାଶିତ ହୋଇଥିଲା । ବସ୍ତୁତଃ ୧୮୦୩ ଖ୍ରୀ: ରେ ଓଡ଼ିଶା, ଇଷ୍ଟ-ଇଣ୍ଡିଆ କମ୍ପାନୀ ଦ୍ୱାରା ଅଧିକୃତ ହେବା ଦିନୁ, ୧୯୦୩ ଖ୍ରୀ: ରେ ଉତ୍କଳ-ସମ୍ମିଳନୀର ପ୍ରତିଷ୍ଠା ଓ ଉତ୍କଳୀୟତ୍ୱର ନବଜାଗରଣ ପର୍ଯ୍ୟନ୍ତ ଶତାବ୍ଦୀ ବ୍ୟାପୀ କାଳ—"ଶତାବ୍ଦୀର ସୂର୍ଯ୍ୟ"ର ବର୍ଣ୍ଣନୀୟବସ୍ତୁ । ୧୯୦୩ ଖ୍ରୀ: ରୁ ୧୯୩୪ ଖ୍ରୀ: ରେ ମଧୁସୂଦନଙ୍କ ମହାପ୍ରସ୍ଥାଣ ପର୍ଯ୍ୟନ୍ତ ଘଟଣା-ବହୁଳ କାଳକୁ ଯେନ "କୁଳବୃଦ୍ଧ" ଆଧାରିତ ।

"ଶତାବ୍ଦୀର ସୂର୍ଯ୍ୟ" ପରି ଏହା ମଧ୍ୟ ଚରିତ୍ରୋପନ୍ୟାସ ଶୈଳୀରେ ରଚିତ । କିନ୍ତୁ ଇତିହାସ ପରି ଏହା ମଧ୍ୟ ତଥ୍ୟନିଷ୍ଠ ହୋଇଥିବାରୁ ଉପନ୍ୟାସର ବର୍ଣ୍ଣନା ବା ବିଶ୍ଳେଷଣଧର୍ମୀ ପ୍ରାନ୍ତଲତା ଏଥିରେ ସ୍ଥାନେ ସ୍ଥାନେ କ୍ଷୁର୍ଣ୍ଣ ହୋଇଥିବା ସ୍ୱାଭାବିକ । ପାଠକମାନେ ଯଦି ଏଥିରେ ବେଳେବେଳେ, ଐତିହାସିକ ତଥ୍ୟର ଜଞ୍ଜାଳ ମଧ୍ୟରେ ଦୃଷ୍ଟି ପଡ଼ନ୍ତି; ତାହେଲେ ସେମାନେ ଏହାକୁ ଅବଶ୍ୟମ୍ଭାବୀ ରୂପେ ଗ୍ରହଣ କରିବା ପାଇଁ ଅନୁରୋଧ । ଉପନ୍ୟାସର ସ୍ୱାଦ୍ୟତା ବା ସୁଖପାଠ୍ୟତା ପାଇଁ, ଐତିହାସିକ ତଥ୍ୟକୁ ମୁଁ ବିସର୍ଜନ ଦେଇ ପାରି ନାହିଁ—ଦେବା ମଧ୍ୟ ଉଚିତ ନୁହେଁ ।

ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ଥିଲା ବିପରୀତମୁଖୀ ଦୁଇଟି ପ୍ରବୃତ୍ତିର ଧାରା—ସେ ଥିଲେ ଏକ ଖଣ୍ଡିତ ବ୍ୟକ୍ତିତ୍ୱର ପ୍ରତୀକ । ତାଙ୍କର ଓଡ଼ିଆ ପ୍ରୀତି ଥିଲା ଅନନ୍ୟସାଧାରଣ; କିନ୍ତୁ ସେ ବଙ୍ଗଳାରେ କଥାବାର୍ତ୍ତା କରୁଥିଲେ । ଧର୍ମାନ୍ତର ପରେ ସେ ହୋଇଥିଲେ ଖ୍ରୀଷ୍ଟିଆନ, କିନ୍ତୁ ଜଗନ୍ନାଥ ଧର୍ମ ଓ ସଂସ୍କୃତି ପ୍ରତି ତାଙ୍କର ଐକାନ୍ତିକତା ଥିଲା ଗଭୀର । ସେ ପୁରୀ କେବେ କୌଣସି ଚର୍ଚ୍ଚକୁ ଯାଇନଥିଲେ । ରାଜନୈତିକ ଚିନ୍ତା ଓ କର୍ମସାଧନାରେ ମଧ୍ୟ ସ୍ୱରାଡସ୍ୱ ଜାତୀୟତାର ପୂଜାସୂତ୍ର ମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ—ତଥାପି ଓଡ଼ିଶା ପ୍ରଦେଶ ଗଠନ ଓ ଉତ୍କଳୀୟ ଜାଗରଣ ମଧ୍ୟରେ ତାଙ୍କର କର୍ମମୟ ଜୀବନ ରହିଗଲା ସୀମାବଦ୍ଧ । କାର୍ଯ୍ୟରେ ସେ ଥିଲେ ସ୍ୱରାଜ—ମାନ ଚିନ୍ତାରେ ସେ ଥିଲେ ଅସହଯୋଗର ବିରୋଧୀ । ତାଙ୍କ ଚରିତ୍ରରେ ଥିଲା କିଛି ଏକ୍‌ସେନ୍ଟ୍ରିସିଟୀ···ସାଧାରଣତଃ ପ୍ରତିଭାଧର ବ୍ୟକ୍ତିମାନଙ୍କ ଚରିତ୍ରରେ ଯାହା ପରିଲକ୍ଷିତ ହୋଇଥାଏ । ସର୍ବୋପରି ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ । ଏହି ଚରିତ୍ରୋପନ୍ୟାସର ବର୍ଣ୍ଣାଳୀରେ ମଧୁସୂଦନଙ୍କ ସେଇ ବର୍ଣ୍ଣାଢ୍ୟ ବ୍ୟକ୍ତିତ୍ୱର କିଛି ବୈଭବ ଯଦି ପ୍ରତିଫଳିତ ହୋଇପାରିଥାଏ, ତାହେଲେ ମୋର ଶ୍ରମ ସାର୍ଥକ ହୋଇଛୁ ବୋଲି ଜ୍ଞାନ କରିବ ।

"ଶତାବ୍ଦୀର ସୂର୍ଯ୍ୟ" ପରି 'ଉତ୍କଳ-ଦୀପିକା', ସମସାମୟିକ ବିଭିନ୍ନ ରିପୋର୍ଟ ଓ ଚିଠିପତ୍ର ଉପରେ ନିର୍ଭର କରି ମୁଁ ଏହା ରଚନା କରିଅଛୁ । ସ୍ୱର୍ଗୀୟା ମିସ୍ ଶୈଳବାଳା

Digitized by srujanika@gmail.com

ଦାସ, ସ୍ୱର୍ଗୀୟ ବାଲକୃଷ୍ଣ ପଟ୍ଟନାୟକ, ଶ୍ରୀ ରଘୀନ୍ଦ୍ର କୁମାର ଦାସ କନକା ଗ୍ରନ୍ଥା ଶ୍ରୀ ଶୈଲେନ୍ଦ୍ର ନାଗସ୍ୱଣ ଭଞ୍ଜଦେଓ ଓ ଜଷ୍ଟିସ୍ ହରିହର ମହାପାତ୍ର ପ୍ରମୁଖଙ୍କଠାରୁ ଆବଶ୍ୟକ କେତେକ ତଥ୍ୟ ଉପରେ ମଧ୍ୟ ମୁଁ ନିର୍ଭର କରିଅଛି । ପାଟ୍ଟନାରେ ସାଇମନ୍-କମିସନ୍‌ଙ୍କୁ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ପ୍ରଭୃତି କେତେକ ତଥ୍ୟ ମୋତେ ଯୋଗାଇଛନ୍ତି, ଶ୍ରୀ ଶୈଲେନ୍ଦ୍ର ନାଗସ୍ୱଣ ଭଞ୍ଜଦେଓ; ଜାନକୀନାଥ ବୋପଙ୍କ ସମ୍ପର୍କିତ ପ୍ରସଙ୍ଗଟି ମୁଁ ଶୁଣିଥିଲି ସ୍ୱର୍ଗତ କବି ବାଲକୃଷ୍ଣ ପଟ୍ଟନାୟକଙ୍କଠାରୁ । "କଲଙ୍କ"ରେ "ଅପୁଜା ଦେବତା" ଶୀର୍ଷକ ତାଙ୍କର ସ୍ୱତନ୍ତ୍ରଣ ସମ୍ବଲିତ ଏକ ପ୍ରବନ୍ଧରେ ଏହା ପ୍ରକାଶିତ ହୋଇଥିଲା । ଏଥିରେ ବର୍ତ୍ତିତ କୌଣସି ଘଟଣା ମୋର କପୋଲକଳ୍ପିତ ନୁହେଁ—ଯଦ୍ୟପି ଫଳାପ ଓ ପରିବେଷଣ ମୋର ନିଜସ୍ୱ ।

୧୯୩୧ ଖ୍ରୀ:ରୁ ୧୯୩୫ ଖ୍ରୀ:—ସାଇମନ୍ କମିଶନ୍ ନିଯୁକ୍ତଠାରୁ ଭୂତାତ୍ମ ଗୋଲଟେବୁଲ ସମ୍ମିଳନୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ—ଆଧୁନିକ ଓଡ଼ିଶାର ଇତିହାସରେ ଏକ ଅନ୍ଧକାର ଅଧ୍ୟାୟ । ଏହା ଉପରେ ଆଲୋକପାତ କରିବାରେ ମୋର ସହାୟକ ହୋଇଛନ୍ତି, ଗବେଷକ ମଧୁବ୍ରତା ଶ୍ରୀ ରଘୀନ୍ଦ୍ର କୁମାର ଦାସ । ମଧୁସୂଦନଙ୍କ ଶେଷ ଜୀବନ ସମ୍ପର୍କରେ ବହୁ ମୂଲ୍ୟବାନ ତଥ୍ୟ ଓ ଉପାଦାନ, ମୋତେ ଯୋଗାଇ ସେ ମୋର ଗଭୀର କୃତଜ୍ଞତାଭାଜନ ହୋଇଅଛନ୍ତି । 'ଓଡ଼ିଶା-ଆର୍ଟ-ଓ୍ୱେ ଆରସ୍' ପରିସରରେ ଯେଉଁ ଦୁଷ୍ପ୍ରାପ୍ୟ ଗ୍ରୁପ୍ ଫଟୋଗ୍ରାଫ୍‌ଟି ଏଥିରେ ସନ୍ନିବିଷ୍ଟ ହୋଇଛି, ତାହା ମଧ୍ୟ ଯୋଗାଇଛନ୍ତି ଶ୍ରୀ ଦାସ । ତାଙ୍କ ପିତା, ଓଡ଼ିଶାର ପ୍ରଥମ ଓଡ଼ିଆ ଡ଼. ଏସ୍. ପି. ସ୍ୱର୍ଗତ ଗୁରୁପ୍ରସାଦ ଦାସ—ଏହି ଫଟୋଗ୍ରାଫ୍‌ର ଦ୍ୱିତୀୟ ଧାଡ଼ିରେ ସ୍ଥାନ ପାଇଛନ୍ତି । ସେ ଜଣେ ସରକାରୀ କର୍ମଚାରୀ ଥିଲେ ହେଁ, ଥିଲେ ଜଣେ ଦେଶବ୍ରତୀ ।

ଏସବୁ ବ୍ୟତୀତ, ସେତେବେଳର "ସମାଜ", ବେଙ୍ଗଲ୍-ଲେଜିସଲେଟିଭ୍ କାଉନସିଲ୍ ବିବରଣୀ, ଇମ୍ପିରିଆଲ୍-କାଉନସିଲ୍ ଡିବେଟ୍ସ୍ ଓ ବିହାର-ଓଡ଼ିଶା କାଉନସିଲ୍‌ର ବିବରଣୀ ମାନଙ୍କରୁ ମୁଁ ସଂଗ୍ରହ କରିଛି ମଧୁସୂଦନଙ୍କ ବିଭିନ୍ନ ବକ୍ତୃତା । ଏହା ବ୍ୟତୀତ ଏ ପୁସ୍ତକ ଲେଖିବାରେ ମୁଁ ଅନ୍ୟ ଯେଉଁ ସବୁ ଗ୍ରନ୍ଥ ବା 'ସୋର୍ସ' ଉପରେ ନିର୍ଭର କରିଛି, ସେ ସବୁ ପାଦଟୀକାରେ ସୂଚିତ ହୋଇଅଛି । "ମଧୁସ୍ମୃତି"ର ସମ୍ପାଦକ ଶ୍ରୀ ଭାରେଶ୍ୱର ସାହୁ, ଏହି ପୁସ୍ତକରେ ସନ୍ନିବିଷ୍ଟ 'ଓଡ଼ିଆ-ଆର୍ଟ-ଓ୍ୱେ ଆରସ୍' ଶୋ-ରୁମ୍‌ର ଗୋଟିଏ ଫଟୋଗ୍ରାଫ୍ ଯୋଗାଇ ମୋର ଧନ୍ୟବାଦାର୍ହ ହୋଇଛନ୍ତି ।

ମଧୁସୂଦନଙ୍କ ଜୀବନ—ଓଡ଼ିଆଜାତିର ଏକ ମହାକାବ୍ୟ । ସେ ଜନ୍ମଗ୍ରହଣ କରିଥିଲେ, ଇଷ୍ଟ-ଇଣ୍ଡିଆ କମ୍ପାନୀ ଶାସନରେ ବିଭିନ୍ନ ରେଗୁଲେସନ୍-ଶାସିତ ପ୍ରଦେଶରେ—ମର୍ଲେ-ମିଣ୍ଟୋ-ରିଫର୍ମସ୍, ମଣ୍ଟେଗୁ-ଚେମସଫୋର୍ଡ-ରିଫର୍ମସ୍‌ଠାରୁ ଆରମ୍ଭ କରି, ଗଭର୍ଣ୍ଣମେଣ୍ଟ ଅଫ-ଇଣ୍ଡିଆ ଆକ୍ଟ୍ (୧୯୩୫) ପର୍ଯ୍ୟନ୍ତ, ସାମ୍ବିଧାନିକ ଅଭିବ୍ୟକ୍ତିର ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ଗତ କରି, ମଧୁସୂଦନ ପଦାର୍ପଣ କଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଉପକଣ୍ଠରେ । କିନ୍ତୁ ଏହାର ଅଭ୍ୟୁଦୟ ସ୍ୱଚକ୍ଷୁରେ ଦେଖିସିବା—ତାଙ୍କ ଅଦୃଷ୍ଟରେ ନ ଥିଲା । ଜୀବନର ସଫଳତମ ମୁହୂର୍ତ୍ତରେ ସେ

Digitized by srujanika@gmail.com

ଇହଲୋକରୁ ବଦାସ୍ୱ ନେଇଥିଲେ । ବାଇବଲ୍‌ର ମୋଜେସ୍‌ଙ୍କ ପଣ, ସେ ଫାରୋଆ-ନର୍ମାଚିତ ଇହୁଦୀମାନଙ୍କୁ ଆଣି ପାରିଥିଲେ, ସେମାନଙ୍କ ପିତୃଭୂମି କେରୁସାଲେମ୍‌ର ଉପକଣ୍ଠ ପର୍ଯ୍ୟନ୍ତ— ସିଗ୍‌ସାର ଗିରିଶୃଙ୍ଗ ଉପରୁ ସେ ପଥଶ୍ରାନ୍ତ କ୍ଲାନ୍ତ ଦୃଷ୍ଟିରେ ଦେଖି ପାରିଥିଲେ କେବଳ ଏହାର ସ୍ପର୍ଶଦୀପ୍ତ ପ୍ରାନ୍ତର । ମାତ୍ର ସେ ପହଞ୍ଚି ପାରିନଥିଲେ, ତାଙ୍କର ସ୍ୱପ୍ନଭୂମି, ପିତୃଭୂମି, ଆଜୀବନ ଫଗ୍ରାମ ଓ ସାଧନାର ଲକ୍ଷ୍ୟ ଭୂମିରେ !

ଏପର ଏକ ଜବଜ୍ଜ ରଚନା ପାଇଁ, ଯେଉଁ ଗୋଷ୍ଠୀବଦ୍ଧ ପ୍ରଚେଷ୍ଟା ଓ ପୁସ୍ତକାଗାର ପ୍ରଭୃତି ଆବଶ୍ୟକ, ଓଡ଼ଶାରେ ତାହା ଆଶା କରିବା ଦୁରାଶା ! ସେଥିପାଇଁ "ଶତାବ୍ଦୀର ସ୍ପର୍ଶ" ଓ "ବୁଲବୁଦ୍ଧ" ମୋର ଏକକ ପ୍ରଚେଷ୍ଟାର ପରିଣତି । ଏହା ଏକ ପଥକୃତ ଉଦ୍ୟମ ହୋଇଥିବାରୁ ଏଥିରେ ଯଦି କୌଣସି ତ୍ରୁଟି ବଚ୍ୟୁତି ସନ୍ଧାନୀ ପାଠକମାନେ କେଉଁଠି ଲକ୍ଷ୍ୟ କରନ୍ତି, ସହୃଦୟତାର ସହିତ ସେଥିପ୍ରତି ମୋର ଦୃଷ୍ଟି ଆକର୍ଷଣ କରିବେ ବୋଲି ମୋର ବିଶ୍ୱାସ ।

ଦ୍ୱିତୀୟ ପରିଷ୍କାରରେ ସନ୍ନିବିଷ୍ଟ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଗାନ-ହୋଇଥିବା ସଙ୍ଗୀତଟି ପୁଣ୍ୟ ମହିଳା କଲେଜର ଅଧ୍ୟକ୍ଷା ଶ୍ରୀମତୀ ମାଲତୀ ମିଶ୍ରଙ୍କ ସୌଜନ୍ୟରୁ ପାଇଥିବାରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛୁ ।

ପରିଶେଷରେ 'ଲାର୍କ ବୁକ୍‌ସ୍'ର ସ୍ୱତ୍ୱାଧିକାରୀ ଶ୍ରୀ ମହେନ୍ଦ୍ର ମିଶ୍ର ଏହାର ଅଙ୍ଗସଜ୍ଜା ଓ ପ୍ରକାଶନର ଦାୟିତ୍ୱ ବହନ କରି ମୋର ଧନ୍ୟବାଦାର୍ହ ହୋଇଅଛନ୍ତି ।

"ଶତାବ୍ଦୀର ସ୍ପର୍ଶ" ପଢ଼ି ଓଡ଼ିଶାର ବଦଗ୍ଧ ମଣ୍ଡଳୀରେ ଏହା ଆଦୃତ ହେବ ବୋଲି ମୁଁ ଆଶା ପୋଷଣ କରୁଅଛୁ ।

ଶିବାନୀ
କଟକ-୮
ତା ୧୭-୩-୭୮ ଖ୍ରୀ

Digitized by srujanika@gmail.com

ସୂଚୀପତ୍ର

ପରିଚ୍ଛେଦ ଓ ପୃଷ୍ଠା	ବିଷୟ
ପ୍ରଥମ (୧—୧୬)	୧୯୦୫ ସାଲ—ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସବୁ ବଙ୍ଗଳା ଶାସନାଧୀନରେ ରହିବା ପାଇଁ ଉତ୍କଳ ସମ୍ମିଳନୀର ଜନ୍ମ ଓ ଗଠନ ସତ୍ତ୍ୱେ ମଧ୍ୟପ୍ରଦେଶ ସହିତ ଏହାକୁ ସାମିଲ କରିବା ପାଇଁ ଅନ୍ୟ ଏକ ଗୋଷ୍ଠୀର ପ୍ରଚ୍ଛନ୍ନ ଆନ୍ଦୋଳନ—'ପ୍ରାର୍ଥନା' ଶୀର୍ଷକ ବେନାମୀ ପଦ୍ୟ ପୁସ୍ତକରେ ମଧ୍ୟପ୍ରଦେଶ ସପକ୍ଷରେ ପ୍ରଚୁର—ଏଥିପାଇଁ ସ୍ୱାକ୍ଷର ସଂଗ୍ରହ ଅଭିଯାନ—'ପ୍ରାର୍ଥନା' ବିପକ୍ଷରେ 'ଜ୍ଞାନାଞ୍ଜନ ଶଲାକା'ର ପ୍ରକାଶନ—ବଙ୍ଗଳା ବିନା ମଧ୍ୟପ୍ରଦେଶ ବିସମ୍ବାଦ ମଧ୍ୟରେ ଗଞ୍ଜାମ ଜିଲ୍ଲା କାଲ କାଲ ପାଇଁ ମାଦ୍ରାଜରେ ରହିଯିବାର ଆଶଙ୍କାରେ ମଧୁସୂଦନଙ୍କର ଦୁର୍ଶ୍ଚିନ୍ତା—'ଉତ୍କଳର ଅମଙ୍ଗଳ ଚିନ୍ତା' ଶୀର୍ଷକ ଦୁଇଗୋଟି ଜବାବର ପ୍ରକାଶନ—ନବବର୍ଷ ଉପଲକ୍ଷେ ମଧୁସୂଦନଙ୍କୁ ସି: ଆଇ: ଇ: ପଦବୀ ମିଳିବାର ଘୋଷଣା—ଏଥିରେ ମଧ୍ୟ ମଧୁସୂଦନ ପ୍ରଥମ ଓଡ଼ିଆ—ଏ ସମ୍ମାନ ପାଇଁ ମଧୁସୂଦନଙ୍କୁ ସାର୍ ଓଡ଼ିଶା ଅଭିନନ୍ଦନ ଜଣାଉଥିବା ବେଳେ କେତେକ ଇର୍ଷାପରିସ୍ପର୍ଶ ବ୍ୟଙ୍ଗର ଗାନ୍ଧଦାହ—ମଧୁସୂଦନଙ୍କ ଚରିତ୍ର ସଂହାର ଓ ଉତ୍କଳ ସମ୍ମିଳନୀକୁ ଜଘନ୍ୟ କରିବା ପାଇଁ ସେମାନଙ୍କର ଗୁପ୍ତ ମନ୍ତ୍ରଣା—ଗଞ୍ଜାମର ତେଲୁଗୁ ଭାଷୀମାନଙ୍କର ଓଡ଼ିଶା ସହିତ ମିଶ୍ରଣ ବିରୋଧରେ ଭାଇସ୍‌ରଏଙ୍କ ପାଖକୁ ମେମୋରିଆଲ୍ ପ୍ରେରଣ ଏବଂ ସେଥିରେ କେତେକ ଓଡ଼ିଆଙ୍କର ସ୍ୱାକ୍ଷରରେ ମଧୁସୂଦନଙ୍କର ବିସ୍ମୟ—ମଧୁସୂଦନଙ୍କର ପରାମର୍ଶରେ ଗଞ୍ଜାମକୁ ଓଡ଼ିଶାରେ ମିଶାଇବା ପାଇଁ ସ୍ୱାକ୍ଷର ସଂଗ୍ରହ ଅଭିଯାନ ଓ ଭାଇସ୍‌ରଏଙ୍କୁ ଅନ୍ୟ ଏକ ସ୍ମାରକପତ୍ର ପ୍ରେରଣ—ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ପାଇଁ ବଙ୍ଗଳା ଏବଂ ମଧ୍ୟପ୍ରଦେଶର ସରକାରଙ୍କଠାରୁ ସମର୍ଥନ ମିଳିଥିଲେ ସୁଦ୍ଧା ଗଞ୍ଜାମ ଜିଲ୍ଲା ନ ଛାଡ଼ିବା ସକାଶେ ମାଦ୍ରାଜ ସରକାରଙ୍କ ବିରୋଧ ।

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ
ଦ୍ୱିତୀୟ (୪—୨୨)	୧୯୦୫ ସାଲ—ଗଙ୍ଗାମ ଜଲ୍ଲା ବ୍ୟତୀତ ଅନ୍ୟ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମାନଙ୍କର ଏକତ୍ରିକରଣର ନିଷ୍ପତ୍ତି—ବଙ୍ଗଭଙ୍ଗ ଯୋଗୁ ସମ୍ବଲପୁର ଜଲ୍ଲା ଓଡ଼ିଶା ସହିତ ମିଶିବା ସମ୍ଭବ ହେଲ—ଏହି କାରଣରୁ ବଙ୍ଗଭଙ୍ଗ ପ୍ରତି ଓଡ଼ିଶାରେ ଗାରବ ସମର୍ଥନ—କଲିକତାରେ କଂଗ୍ରେସ ତରଫରୁ ବଙ୍ଗଭଙ୍ଗ ବିରୋଧରେ ବକ୍ତୋଭରେ ଯୋଗ ଦେବା ପାଇଁ ଓଡ଼ିଶାରୁ କେହି ପ୍ରତିନଧି ଯୋଗ ନ ଦେବା—ମାଦ୍ରାଜର ଗଭର୍ଣ୍ଣର ଲର୍ଡ଼ ଆମ୍ପଥିଲଙ୍କର ବ୍ରହ୍ମପୁର ଗସ୍ତ—ବ୍ରହ୍ମପୁର ଟାଉନହଲରେ ଓଡ଼ିଆଙ୍କ ନିଷ୍ପୃହତା ଯୋଗୁଁ ଆମ୍ପଥିଲଙ୍କ ସମ୍ବର୍ଦ୍ଧନା ସତ୍ତ୍ୱରେ ଓଡ଼ିଆଙ୍କ ଅଭିନନ୍ଦନ ପତ୍ର ପଠିତ ନ ହୋଇ ପାରିବା—ଲର୍ଡ଼ ଆମ୍ପଥିଲଙ୍କର ଓଡ଼ିଆଙ୍କୁ ଅନାଦର ଓ ତେଲେଙ୍ଗାଙ୍କ ପ୍ରତି ଆଦର—ଓଡ଼ିଶା ବିରୋଧୀ ଗଞ୍ଜାମ ଡିଷ୍ଟ୍ରିକ୍ଟ ବୋର୍ଡର ଅଭିନନ୍ଦନ ପତ୍ରରେ ଉତ୍କଳ ସମ୍ମିଳନୀର ବିଗତ ଅଧିବେଶନର ସଭାପତିଙ୍କ ସ୍ୱାକ୍ଷର ଥିବାରେ ଓଡ଼ିଆ-ମାନଙ୍କର ହତାଶା—ପରେ ତାଙ୍କର ସ୍ୱୀକରଣ—ମାଦ୍ରାଜ ସରକାର ଓ ଗଞ୍ଜାମର ତେଲୁଗୁମାନଙ୍କର ବିରୋଧ ସତ୍ତ୍ୱେ ମଧୁସୂଦନଙ୍କର ଭାଇସ୍‌ରସ୍ୱ ଲର୍ଡ଼ କର୍ଜନଙ୍କର ଯଥାର୍ଥ ପୁରସ୍କାର ଉପରେ ଭରସା—ମାତ୍ର ଦୁର୍ଭାଗ୍ୟକୁ ଲର୍ଡ଼ କର୍ଜନଙ୍କ ସ୍ଥାନରେ ଲର୍ଡ଼ ଆମ୍ପଥିଲଙ୍କର ଅସ୍ଥାୟୀ ଭାଇସ୍‌ରସ୍ୱ ରୂପେ ନିଯୁକ୍ତ—ତେଣୁ ଗଞ୍ଜାମ ଓ ବଣାଖାପାଟଣା ଏଜେନ୍ସୀ ଆଉ ଓଡ଼ିଶାକୁ ଫେରିଲା ନାହିଁ—ପ୍ରତିପକ୍ଷମାନଙ୍କର ବ୍ୟଙ୍ଗପୂର୍ଣ୍ଣ ଆକ୍ଷେପ ସହିତ ଗଞ୍ଜାମ ବ୍ୟର୍ଥତା ଯୋଗୁଁ ମଧୁସୂଦନଙ୍କର ନିରୁତ୍ସାହତା—ରାଜୀନାଠାରୁ ଦୂରେଇ ଯାଇ ମଧୁସୂଦନଙ୍କର ଶିଳ୍ପ ସ୍ଥାପନା ପାଇଁ ଏକକ ଉଦ୍ୟମ—ଉତ୍କଳ ଟାନେଜ୍ଟର ଜନ୍ମ—'ପ୍ରଜାବନ୍ଧୁ'ରେ ମଧୁସୂଦନଙ୍କ ବିରୁଦ୍ଧରେ ବେନାମୀ ଆକ୍ଷେପ ।
ତୃତୀୟ (୨୩—୮୨)	'ଉତ୍କଳ-ସମ୍ମିଳନୀ'ର ଗଠନ ଓ ଅଭ୍ୟୁଦୟରେ ଶ୍ରଦ୍ଧା ନ ଥିବା ଲୋକ-ମାନଙ୍କର ମଧୁସୂଦନଙ୍କ ଉପରେ ବେନାମୀ ଆକ୍ରମଣ—ମଧୁସୂଦନଙ୍କର 'ଉତ୍କଳ ସମ୍ମିଳନୀ'ର ସମ୍ପାଦକ ପଦରୁ ଇସ୍ତଫା ଦାନ—'ଉତ୍କଳ-ସମ୍ମିଳନୀ'ର କାର୍ଯ୍ୟ ନିର୍ବାହକ ସମିତିର ମଧୁସୂଦନଙ୍କଠାରେ ଇସ୍ତଫାପତ୍ର ପ୍ରତ୍ୟାହାର କରନେବା ପାଇଁ ପ୍ରସ୍ତାବଧାର୍ଯ୍ୟ; ଇସ୍ତଫାପତ୍ର ପ୍ରତ୍ୟାହାର, ମାତ୍ର ତାଙ୍କ ମନରେ ଥିଲା ବ୍ୟର୍ଥତା ଓ ନୈରାଶ୍ୟ—୧୯୦୫ ସାଲରେ ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦେଙ୍କ ଆମନ୍ତ୍ରଣରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନର ପ୍ରସ୍ତୁତି ମାତ୍ର ଉଦ୍ୟମ ଅଭାବରୁ ତାହା ଅନୁଷ୍ଠିତ ହୋଇ ପାରିଲା ନାହିଁ—ଏହା ବିରୁଦ୍ଧରେ ତୀବ୍ର ସମାଲୋଚନା—୧୯୦୭ ସାଲରେ ବୈକୁଣ୍ଠନାଥ ପୁଣି ଡକାଇଲେ ଏକ ଅଧିବେଶନ—ମାତ୍ର ଏ ସମ୍ମିଳନୀକୁ ସେ ବ୍ୟବହାର କଲେ ଆସନ୍ନ ବଙ୍ଗଳା ଲେଜିସଲେଟିଭ୍ କାଉନ୍ସିଲ ପାଇଁ ନିଜର ନିର୍ବାଚନ ସକାଶେ—

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା	ବିଷୟ
	ଏପଟକ ଏ ସମ୍ମିଳନୀରେ ଗଞ୍ଜାମ ବିଷୟରେ ପ୍ରତିବାଦର କ୍ଷୀଣ ସ୍ୱରଟିଏ ସୁଦ୍ଧା ଶୁଭି ନ ଥିଲା—ବଙ୍ଗନେତା ସୁରେନ୍ଦ୍ରନାଥ ବାନାର୍ଜ୍ଜିଙ୍କ କଣ୍ଟେମ୍ପ୍ଟ-ଅଫ୍-କୋର୍ଟ ଅଭିଯୋଗରେ କାରାଦଣ୍ଡାଦେଶ—ବଙ୍ଗଭଙ୍ଗ ପ୍ରତି ମାରବ ସମର୍ଥନ ଥିଲେ ସୁଦ୍ଧା ସୁରେନ୍ଦ୍ରନାଥଙ୍କ କାରାଦଣ୍ଡ ଆଦେଶ ବିରୁଦ୍ଧରେ କଟକରେ ପ୍ରତିବାଦ ସଭା—ମଧୁସୂଦନଙ୍କର ଏ ଘଟଣାରେ ଇଂରେଜ ଶାସନର ତୀବ୍ର ସମାଲୋଚନା—ଓଡ଼ିଶାରେ ଇଂରାଜୀ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀର ଅସ୍ତିତ୍ୱ—ସେଥି ସକାଶେ ଆନ୍ଦୋଳନ ବା ବିପ୍ଳବର ପରିସ୍ଥିତି ନଥିଲା—୧୯୦୭ ସାଲରେ ଉତ୍କଳ ସମ୍ମିଳନୀର ଚତୁର୍ଥ ଅଧିବେଶନ—ଓଡ଼ିଆଙ୍କ ସ୍ୱତନ୍ତ୍ରତାଗତ ସ୍ୱାଜାତ୍ୟଭିମାନ ଯୋଗୁଁ ମାନ୍ଦ୍ରାଜ ସରକାରଙ୍କୁ ସମ୍ମିଳନୀର ପ୍ରସ୍ତାବରେ ଧନ୍ୟବାଦ ଜ୍ଞାପନ—ଗଞ୍ଜାମ ବ୍ୟାପାରରେ ଡୋର ବନ୍ଧା—ବଙ୍ଗଳା ଲେଜିସ୍‌ଲେଟିଭ କାଉନସିଲ ପାଇଁ ନିର୍ବାଚନ—ମଧୁସୂଦନଙ୍କ ପ୍ରାର୍ଥୀତ୍ୱକୁ 'ଉତ୍କଳ ଦୀପିକା' ଓ 'Star of Utkal'ର ସମର୍ଥନ—'ଉତ୍କଳ ଦର୍ପଣ'ର ଗୋକୁଳାନନ୍ଦ ଚୌଧୁରୀଙ୍କ ପ୍ରାର୍ଥୀତ୍ୱର ପ୍ରଶଂସା—ମଧୁସୂଦନ କଲିକତା Industrial Conferenceରେ ଯୋଗ ଦେବାକୁ ଯାଇଥିବା ବେଳେ ତାଙ୍କ ବିରୁଦ୍ଧରେ ନାନା ବେନାମୀ ଅପପ୍ରଚାର—ତା ସତ୍ତ୍ୱେ ଜିତିବାର ଆଶା ଉତ୍ଜ୍ୱଳ—ମାତ୍ର ଶେଷ ମୁହୂର୍ତ୍ତରେ ବାଲେଶ୍ୱର ମ୍ୟୁନସିପାଲଟିର ସମର୍ଥନ ସ୍ତ୍ରୋତନାଗପୁର କାଲୀପଦ ଘୋଷଙ୍କ ସପକ୍ଷରେ ଯିବାରୁ ଦୁଇଟି ମାତ୍ର ଭୋଟରେ ମଧୁସୂଦନଙ୍କ ପରାଜୟ—ସ୍ୱାନ କୌଶଳରେ କାଲୀପଦ ଘୋଷଙ୍କ ବିଜୟ ଯୋଗୁଁ ଓଡ଼ିଶାବାସୀ ମର୍ମାହତ—ମଧୁସୂଦନ ଓ କନକା ରାଜା ରାଜେନ୍ଦ୍ରନାରାୟଣଙ୍କର ବିଲାତ ଯାତ୍ରା—ଓଡ଼ିଶାର ସ୍ୱାଜାତ୍ୟଗତ ପ୍ରତିନିଧି ରୂପେ ମଧୁସୂଦନଙ୍କର ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ମର୍‌ଲେଙ୍କ ନିକଟରେ ଗଞ୍ଜାମ ମିଶ୍ରଣ ସମ୍ପର୍କରେ ଦାବୀ ପାଇଁ ଚେଷ୍ଟା—'Unrest in India' ନାମକ ପୁସ୍ତିକାଟିଏ ଛପାଇ ବିଲାତ ପାର୍ଲିଆମେଣ୍ଟ ଓ ସାମ୍ବାଦିକମାନଙ୍କ ମଧ୍ୟରେ ବିତରଣ—ବିଲାତର ସତ୍ତ୍ୱାନ୍ୱେଷୀ ରାଜନୈତିକ ବ୍ୟକ୍ତିମାନଙ୍କ ସହ ମତ ବିନିମୟ—ମାନ୍ୟ ଲର୍ଡ ମର୍‌ଲେ ମଧୁସୂଦନଙ୍କୁ ଓଡ଼ିଶାର ପ୍ରତିନିଧି ରୂପେ ଗ୍ରହଣ କରିବାକୁ ଅନିଚ୍ଛୁକ—ପରିଶେଷରେ ଜଣେ ବ୍ୟକ୍ତିବିଶେଷ ରୂପେ ମଧୁସୂଦନଙ୍କର ମର୍‌ଲେଙ୍କ ସହିତ ସାକ୍ଷାତ—ଗଞ୍ଜାମ ଓ ଅନ୍ୟ ଉପାନ୍ତ ଅଞ୍ଚଳର ଓଡ଼ିଶା ସହିତ ମିଶ୍ରଣ ସମ୍ପର୍କରେ ମତ ବିନିମୟ—ସାମ୍ବାଦିକ ନାଇଟ୍‌ସନଙ୍କୁ ଓଡ଼ିଶା ଆମନ୍ତ୍ରଣ—ନାଇଟ୍‌ସନଙ୍କ ସହିତ କଟକ ଜିଲ୍ଲାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ—ସରକାର ଅବ୍ୟବସ୍ଥା ପାଇଁ ତୀବ୍ର ସମାଲୋଚନା ସତ୍ତ୍ୱେ ବଙ୍ଗଳା ସରକାରଙ୍କର ନିଷ୍କ୍ରିୟତା—୧୯୦୭ରେ ଉତ୍କଳ ସମ୍ମିଳନୀର ପ୍ରାପ୍ତ ଜୀବନ୍ମୃତ ଅବସ୍ଥା—ମଧୁସୂଦନଙ୍କର ସେଥିରୁ କରିଛଡ଼ା—ପୁଣ୍ଡାଙ୍କ ଉତ୍କଳ ଗଠନର ସ୍ୱପ୍ନ କେବଳ

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା	ବିଷୟ
	ଦେଖୁଥିଲେ ଗଞ୍ଜାମର ଓଡ଼ିଆମାନେ—ଡିସେମ୍ବର ମାସରେ ଶାସନ ସଂସ୍କାର ସମ୍ପର୍କରେ ନଯୁକ୍ତ ଡିସେଣ୍ଟ୍ରାଲାଇଜେସନ କମିସନ୍‌ଙ୍କ ସ୍ୱରଡ ଆଗମନ—ଓଡ଼ିଆ ସ୍ୱପାସ୍ୱପୀ ଅଞ୍ଚଳମାନଙ୍କର ସଂପୂର୍ଣ୍ଣ ଏକତ୍ରୀକରଣ ଦାବୀ କମିସନଙ୍କ ଦ୍ୱାସ୍ୱ ଅଗ୍ରାହ୍ୟ—୧୯୦୮—ପୁସ୍ତାଠାରେ ଉତ୍କଳ ସମ୍ମିଳନୀର ପଞ୍ଚମ ଅଧିବେଶନ—୧୯୦୯ ସାଲରେ ମର୍ଲେ-ମିଣ୍ଟୋ ରିଫର୍ମସ୍—ଓଡ଼ିଶା ଜିଲ୍ଲା ବୋର୍ଡ ତରଫରୁ ବଙ୍ଗଳା କାଉନ୍‌ସିଲକୁ ଖାଲଧିବା ସଭ୍ୟ ପଦ ପାଇଁ ପ୍ରତିଯୋଗିତା—ମଧୁସୂଦନଙ୍କ ବିଜୟ—ଗୋକୁଲାନନ୍ଦ ଚୌଧୁରୀଙ୍କର ଏଥି ସକାଶେ ଗାନ୍ଧୀଦାହ—ମଧୁସୂଦନଙ୍କୁ 'ଉତ୍କଳ-ସଭା'ର ସଭାପତି ପଦରୁ ଉଡ଼ିବାକୁ ଚେଷ୍ଟାନ୍ତ—ସ୍ତ୍ରୀବୃତ୍ତି ବର୍ଣ୍ଣନ ପେନ୍ଧ ଓଡ଼ିଆ ବଙ୍ଗାଳୀ କନ୍ଦଳ—ମାନ୍ଦ ବୈଠକରେ ଗୋକୁଲାନନ୍ଦ ପ୍ରମୁଖଙ୍କର ପ୍ରସ୍ତାବ ବାତିଲ—ଗୋକୁଲାନନ୍ଦଙ୍କ ଆସୋସିଏସନ ସଭ୍ୟ ପଦରୁ ଇସ୍ତଫା—ମଧୁସୂଦନଙ୍କର ସଭାପତି ପଦରୁ ମଧ୍ୟ ବିଦାସ୍ୱ ।
ଚତୁର୍ଥ (୮୬—୮୫)	୧୯୧୦ ସାଲ ଡିସେମ୍ବର—ଗୋକୁଲାନନ୍ଦଙ୍କ ନେତୃତ୍ୱରେ ଉତ୍କଳ-ସମ୍ମିଳନୀର ଅଷ୍ଟମ ଅଧିବେଶନ ପାଇଁ ଆୟୋଜନ—ମଧୁସୂଦନଙ୍କର ସ୍ୱେଚ୍ଛାକୃତ ସ୍ୱବେ ସମ୍ମିଳନୀରୁ ଅଲଗା ରହିବା ସତ୍ତ୍ୱେ ତରୁଣଗୋଷ୍ଠୀର ତାଙ୍କର ନେତୃତ୍ୱ ପ୍ରତି ସମର୍ଥନ—ଉତ୍କଳ ସମ୍ମିଳନୀର ଯେ ଓଡ଼ିଆ ଅଭ୍ୟୁତ୍‌ଥାନ ଦିଗରେ ଗୋଷ୍ଠୀଗତ ଦଲାଦଲ ଯୋଗୁ କିଛୁ ଉପଯୋଗିତା ଅଛୁ, ସେ ବିଷୟରେ ମଧୁସୂଦନଙ୍କ ସନ୍ଦେହ ।
ପଞ୍ଚମ (୮୭—୧୦୭)	୧୯୧୨ ସାଲ—ଜାନୁଆସ୍ତ୍ରୀ ମାସରେ ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍‌ସିଲର ଶେଷ ଅଧିବେଶନ—ଓଡ଼ିଶା ପ୍ରଜାସ୍ୱତ୍ତ୍ୱ ଆଇନକୁ ଅନୁମୋଦିତ କରାଇ ନେବା ପାଇଁ ବଙ୍ଗୀୟ ଜମିଦାରମାନଙ୍କ ପକ୍ଷରୁ ପ୍ରବଳ ପ୍ରଚେଷ୍ଟା—ପ୍ରଜାସ୍ୱତ୍ତ୍ୱର ସୁରକ୍ଷା ନାମରେ ଓଡ଼ିଶାର ପ୍ରଜା, ରସ୍ୱତ ଓ ଭୂମ୍ୟଧିକାସ୍ୱମାନଙ୍କୁ ସ୍ୱତ୍ତ୍ୱରୁ ବଞ୍ଚିତ କରିବା ପାଇଁ ଚେଷ୍ଟାନ୍ତ—ଅପର ପକ୍ଷରେ ଏ ଷଡ଼ଯନ୍ତ୍ରର ପ୍ରତିରୋଧ ପାଇଁ ମଧୁସୂଦନଙ୍କର ପ୍ରଚେଷ୍ଟା—କାଉନ୍‌ସିଲର ଏଇ ଅଧିବେଶନରେ ତାଙ୍କର ବିକଳ୍ପ ପ୍ରସ୍ତାବ ଥିଲ୍ ବଲ୍‌ର ଆଲୋଚନାକୁ ସ୍ଥଗିତ ରଖିବା ପାଇଁ—ସ୍ୱତନ୍ତ୍ର ବିହାର ଓଡ଼ିଶା ପ୍ରଦେଶ ଗଠନର ଘୋଷଣା ପ୍ରକାଶ ପାଇଥିବା ଯୋଗୁଁ ଏହାର ଆଲୋଚନା ନବଗଠିତ ବିହାର-ଓଡ଼ିଶା କାଉନ୍‌ସିଲରେ ହେବା ଉଚିତ ବୋଲି ତାଙ୍କର ଯୁକ୍ତି—ସବୁ ଚେଷ୍ଟା ସତ୍ତ୍ୱେ ବିଲ୍‌କୁ ସାଞ୍ଚ-କମିଟିକୁ ପ୍ରେରଣ—ସାଞ୍ଚ କମିଟିରେ ଓଡ଼ିଶା ଟେନାନ୍‌ସୀ ବିଲ୍ ଉପରେ ମଧୁସୂଦନଙ୍କ ବିଚର୍ଚ୍ଚ ଓ ଆଲୋଚନା—ମାନ୍ଦ

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା	ବିଷୟ
	ସବୁ ସୁଦ୍ଧ ଥାଇ ମଧ୍ୟ ଓଡ଼ିଶା ଟେନାନ୍ସୀ ବିଲ୍ ସାଂଘ କମିଟୀରେ ଗୃହୀତ ହୋଇଗଲ୍—ମାତ୍ର ମଧୁସୂଦନଙ୍କ କୌଶଳପୂର୍ଣ୍ଣ ହସ୍ତକ୍ଷେପ ଯୋଗୁଁ ଲର୍ଡ଼ ହାର୍ଡ଼ିଞ୍ଜ ବିଲ୍‌ଟିକୁ ଶେଷ ପର୍ଯ୍ୟନ୍ତ ଅନୁମୋଦନ ଦେଲେ ନାହିଁ—ସ୍ୱରଭର ସାମ୍ବିଧାନିକ ଇତିହାସରେ ଏକ ଅଭୂତପୂର୍ବ ଘଟଣା ।
ଷଷ୍ଠ (୧୦୮—୧୨୭)	ଉତ୍କଳ ସମ୍ମିଳନୀର ଭବିଷ୍ୟତ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମ୍ଭାବନା ନେଇ ମଧୁସୂଦନଙ୍କ ସନ୍ଦେହ ଓ ଜିଜ୍ଞାସା—୧୯୧୧ ସାଲ ଜାଇସଗ୍ରସ୍ଟ ଲର୍ଡ଼ ହାର୍ଡ଼ିଞ୍ଜଙ୍କର ସେକ୍ରେଟାରୀ-ଅଫ୍-ଷ୍ଟେଟ୍‌ସଙ୍କୁ ପ୍ରେରିତ ଡିସ୍‌ପାଚ୍—୧୯୧୩ ସାଲରେ ଶିମ୍‌ଲେ ସର୍କୁଲାର୍‌ରେ ଜ୍ଞାପିତ ହେଲ ପ୍ରଦେଶ ଗଠନର ଭିତ୍ତି—ହାର୍ଡ଼ିଞ୍ଜ ଡିସ୍‌ପାଚ୍‌ରେ ଏହାର ବିରୁଦ୍ଧାଚରଣ ଏବଂ ଅଯୌକ୍ତିକ ଜ୍ଞାନରେ ବିହାର ସହିତ ଓଡ଼ିଶାର ମିଶ୍ରଣ—ମାତ୍ର ଓଡ଼ିଶାରେ ଏହା ବିରୁଦ୍ଧରେ ପ୍ରତିକ୍ରିୟା ମାରବ—ଓଡ଼ିଆ ଜାତୀୟତା ଓ ଜାତୀୟ ଜୀବନର ଏକାନ୍ତ ଅଭାବ —ଏହା ସତ୍ତ୍ୱେ ସମସ୍ତ ଜମେ ଯେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବ, ସେ ବିଷୟରେ ମଧୁସୂଦନ ଆଶାବାଦୀ—ଉତ୍କଳ-ସମ୍ମିଳନୀ ଆଉ ସେଥିପାଇଁ ଉପଯୁକ୍ତ କ୍ଷେତ୍ର ନ ଥିଲ—ମଧୁସୂଦନ ସେଥିପାଇଁ ଖୋଜ ହେଉଥିଲେ ଅନ୍ୟ ଏକ ଅନୁଷ୍ଠାନ—'ପ୍ରଜା-ପ୍ରତିନିଧି-ସଭା' ଗଠନ ପାଇଁ ଚେଷ୍ଟା—ବିହାର ଓଡ଼ିଶା କାଉନସିଲ ପାଇଁ ନିର୍ବାଚନ—ଓଡ଼ିଶାର ପ୍ରଜା-ସାଧାରଣଙ୍କ ପ୍ରତିନିଧିରୂପେ ମଧୁସୂଦନଙ୍କର କାଉନ୍‌ସିଲ୍‌କୁ ମନୋନୟନ—୧୯୧୬ ସାଲରେ କଂଗ୍ରେସର ପାଟନାଠାରେ ଅଧିବେଶନ ବେଳେ ଓଡ଼ିଶାର ବିଭିନ୍ନ ସମସ୍ୟା ଆଲୋଚନା କରିବା ପାଇଁ ମନୋନୀତ ଦୁଇଜଣ ସଭ୍ୟଙ୍କ ମଧ୍ୟରେ ମଧୁସୂଦନ ଅନ୍ୟତମ—ମାତ୍ର କଂଗ୍ରେସର ଆଭ୍ୟନ୍ତରୀଣ 'ସ୍ୱଦେଶୀ ଆନ୍ଦୋଳନ' ବିରୁଦ୍ଧରେ ମଧୁସୂଦନଙ୍କର ଉଲ୍ଲେଖିତ ସ୍ୱର ତତ୍କାଳୀନ ଜାତୀୟତାବାଦୀ ଚିନ୍ତାଧାରାକୁ ଆହତ କରିଥିଲ—ସେଥିପାଇଁ ରାଜନୈତିକ ବିଷୟରେ ଓ ପ୍ରବୃତ୍ତି ଦୃଷ୍ଟିରୁ କଂଗ୍ରେସଠାରୁ ସେ ଦୂରବର୍ତ୍ତୀ ନ ଥିଲେ ମଧ୍ୟ ଏହି କାରଣ ସକାଶେ କଂଗ୍ରେସ ସହିତ ତାଙ୍କର ସମ୍ପର୍କ ପୂର୍ଣ୍ଣ ଛିନ୍ନ ହୋଇଗଲ୍ ।
ସପ୍ତମ (୧୨୮—୧୪୪)	୧୯୧୩ ସାଲ—ଇମ୍ପିରିଆଲ୍ କାଉନ୍‌ସିଲ୍‌ରେ ପ୍ରଥମ ଓଡ଼ିଆ ରୂପେ ମଧୁସୂଦନଙ୍କର ସଭ୍ୟ ଜୀବନରେ ଶପଥ ଗ୍ରହଣ—ବ୍ରିଟିଶ୍ ଶାସନର ପରିସର ମଧ୍ୟରେ ଯେ ସ୍ୱରାଜ ତାର ରାଜନୈତିକ ଲକ୍ଷ୍ୟ ହାସଲ କରିବାର ତାହାଁ ସେତେବେଳର ରାଜନୈତିକ ଆଭ୍ୟନ୍ତରୀଣ—ତା ସତ୍ତ୍ୱେ ଆବଶ୍ୟକ ସ୍ଥଳେ ଶାସନର ଦୋଷ ଦୁର୍ବଳତା ପ୍ରତି ତୀବ୍ର ଆକ୍ଷେପ ଓ ସମାଲୋଚନା ପାଇଁ

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ

ମଧୁସୂଦନ ପଶ୍ଚାତ୍ପଦକୁ ନଥିଲେ—ପ୍ରାସ୍ତ ପ୍ରତ୍ୟେକ ବିତର୍କରେ ମଧୁସୂଦନ ତାଙ୍କ ତର୍କକୁଶଳତା, ବାଗ୍ମିତା ଓ ଚନ୍ଦ୍ରାଶୀଲତାର ଉତ୍ତଳ ସ୍ୱାକ୍ଷର ରଖି ଯାଇଛନ୍ତି—ବ୍ରାଜଭକ୍ତ ସତ୍ତ୍ୱେ ବ୍ରାଜଶକ୍ତର କଠୋର ସମାଲୋଚନା ଓ ସାମ୍ବିଧାନିକ ବିରୋଧ ପାଇଁ ମଧୁସୂଦନଙ୍କ ଯୁକ୍ତ ସବୁ ଥିଲା ତଥ୍ୟଭିତ୍ତିକ ଓ ବଳିଷ୍ଠ—ଓଡ଼ିଶାର ସାଂସ୍କୃତିକ, ବ୍ରାଜନୈତିକ ଓ ଅର୍ଥନୈତିକ ଅଭ୍ୟୁଦୟ ମଧୁସୂଦନଙ୍କ ବ୍ରାଜନୈତିକ ସାଧନାର ଚରମ ଲକ୍ଷ୍ୟ ଥିଲା—୧୯୧୩ ସାଲ—ମୃତପ୍ରାସ୍ତ ଉତ୍କଳ-ସମ୍ମିଳନୀପ୍ରେମୀମାନେ ମଧୁସୂଦନଙ୍କୁ ସେ ଅଧିବେଶନରେ ସଭାପତି କରିବା ପାଇଁ ଅନୁରୋଧ—ମଧୁସୂଦନଙ୍କର ଅନୁରୋଧ ରକ୍ଷା ଏବଂ ପୁରୀଠାରେ ସେ ବର୍ଷ ସମ୍ମିଳନୀରେ ସଭାପତି ମଣ୍ଡପରୁ ତାଙ୍କର ଓଡ଼ିଆ ଜାତୀୟତାର ଉତ୍କୀବନ ନମନ୍ତେ ପ୍ରାଣସ୍ପର୍ଶୀ ଆହ୍ୱାନ—ଗୋପବନ୍ଧୁଙ୍କ ସତ୍ୟବାଦୀ ବିଦ୍ୟାଳୟ ପ୍ରତି ତାଙ୍କର ଅକୁଣ୍ଠ ସମର୍ଥନ ଏବଂ ସେଥିନମନ୍ତେ ସମ୍ମିଳନୀ ମଣ୍ଡପରେ ଅର୍ଥ ସାହାଯ୍ୟ ପାଇଁ ସଫଳ ଆବେଦନ—୧୯୧୪ ସାଲ ଡ଼ିସେମ୍ବରରେ ପାରଲାକେମେଣ୍ଡିଠାରେ ସମ୍ମିଳନୀର ଦଶମ ଅଧିବେଶନର ଉଦ୍ଘାଟନ ପୂର୍ବରୁ ସାନତ୍ରାଇ ଗୋପାଲବଲ୍ଲଭର ଅକାଳ ମୃତ୍ୟୁ—ତା ସତ୍ତ୍ୱେ ମଧୁସୂଦନଙ୍କର ସମ୍ମିଳନୀରେ ଯୋଗଦାନ—ଏ ସମ୍ମିଳନରେ ଗଞ୍ଜାମ ବ୍ୟତୀତ, ସିଂହଭୂମି, ଜସପୁର, ଫୁଲଝର ଓ ଚନ୍ଦ୍ରପୁର-ପଦ୍ମପୁର ପ୍ରଭୃତି ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଓଡ଼ିଆ ଭାଷାକୁ କୋର୍ଟ କଚେରୀର ଭାଷାରୂପେ ଘୋଷଣା କରିବା ଏବଂ ଓଡ଼ିଆ ଭାଷୀ ଅଞ୍ଚଳମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବୀ ଘୋଷଣା କରିବା ଦୃଷ୍ଟିରୁ ଅଧିବେଶନ ଓ ସମ୍ମିଳନୀର ସାର୍ଥକତା ପ୍ରତିପାଦିତ—ତା ସହିତ ସମ୍ମିଳନୀରେ ଘୋଷିତ ହୋଇଥିଲା ପ୍ରଥମ ମହାଯୁଦ୍ଧରେ ବ୍ରିଟେନ୍‌ର ଜୟଲାଭ ପାଇଁ ପ୍ରାର୍ଥନା ।

ଅଷ୍ଟମ (୧୪୫—୧୫୬) ପ୍ରଦେଶମାନଙ୍କର ପୁନର୍ଗଠନ ପ୍ରଶ୍ନ ଓ ଶାସନ-ସଂସ୍କାର ସମ୍ପର୍କରେ ସେକ୍ରେଟାରୀ ଅଫ୍-ଷ୍ଟେଟ ମଣ୍ଟେଗୁଙ୍କ ଭାରତ ଆଗମନର ବାର୍ତ୍ତା ମଧୁସୂଦନଙ୍କ ମନରେ ଆଣିଥିଲା ଏକ ଆଶାବାଦ—ସମ୍ମିଳନୀ କାର୍ଯ୍ୟ ନିର୍ବାହକ କମିଟୀର ଏକ ଜରୁରୀ ବୈଠକ ଡକାଇ ମଣ୍ଟେଗୁଙ୍କୁ ଏକ ସ୍ମାରକପତ୍ର ଦେବାର ଦାୟିତ୍ୱ ନ୍ୟସ୍ତ ହେଲା ମଧୁସୂଦନଙ୍କ ଉପରେ—୧୯୧୭ ସାଲ ଡ଼ିସେମ୍ବର ମାସରେ କଲିକତାରେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ କମିଟୀଠାରେ ସାକ୍ଷ୍ୟ ଦେବାପାଇଁ ମଧୁସୂଦନ ଓ କନକା ବ୍ରଜା ବ୍ରଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଯାତ୍ରା—ସେହି ସମୟରେ କଲିକତାର ଓଡ଼ିଆ ଶ୍ରମିକମାନେ ମଧ୍ୟ ଆୟୋଜନ କରିଥିଲେ ଏକ ବିରାଟ ଜନସଭା—ସଦ୍-ପ୍ରଭାବ ପାଇଁ ମଧୁସୂଦନଙ୍କ ଦାବୀ ଯୋଗୁଁ ମଣ୍ଟେଗୁ ଚେମସଫୋର୍ଡ଼ଙ୍କ ରିପୋର୍ଟରେ ସୁପାରିଶ—ମାନ୍ଦ

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା	ବିଷୟ

ରିପୋର୍ଟରେ ଆଶା ଓ ନୈରାଶ୍ୟର ଦ୍ୱନ୍ଦ—କାରଣ ସେଥିରେ ଥିଲା ଜନମତର ସତ୍ତ୍ୱି—ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାଙ୍କ ଦାବୀ ଥିଲା ଓଡ଼ିଶାକୁ ଗଭର୍ଣ୍ଣର-ଇନ୍-କାଉନ୍‌ସିଲଙ୍କ ଶାସନାଧୀନରେ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରାଇବା —ମାତ୍ର ଏ ଦାବୀତ ଦୂରର କଥା, ସବ୍-ପ୍ରୋଭିନସର ସେଇ ପ୍ରତିଶ୍ରୁତି ମଧ୍ୟ କ୍ରମେ ସଫଳ ନ ହେବା ଆଶଙ୍କାରେ ପରିଣତ ହେଉଥିଲା ।

ନବମ (୧୧୬—୧୭୧) ୧୯୧୯ ସାଲ ଅପ୍ରେଲ ମାସ—ଉତ୍କଳ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା—ଗୋପବନ୍ଧୁଙ୍କର ସଭ୍ୟବାଦୀ ସ୍କୁଲର ଆଦର୍ଶ ପ୍ରତି ମଧୁସୂଦନଙ୍କର ଆଗ୍ରହ ଓ ଆଶୀର୍ବାଦ—୧୯୧୯ ସାଲ ଡିସେମ୍ବର—ଉତ୍କଳ ସମ୍ମିଳନୀର ପଞ୍ଚଦଶ ଅଧିବେଶନ—ସଭାପତି ଚନ୍ଦ୍ରଶେଖର ବେହେରାଙ୍କ—ଗୋପବନ୍ଧୁ ଓ ଚନ୍ଦ୍ରଶେଖର ଉଭୟଙ୍କର ଅଭିମୁଖ୍ୟ ଏକା—ଜାତୀୟ କଂଗ୍ରେସର ଉଦ୍ଦେଶ୍ୟ, ଆକାଂକ୍ଷା ଓ କର୍ମପନ୍ଥା ସହିତ ଉତ୍କଳ-ସମ୍ମିଳନୀକୁ ସମନ୍ୱିତ କରିବା ସେମାନଙ୍କର ଅଭିପ୍ରାୟ—ଏ ସମ୍ମିଳନୀଠାରୁ ମଧୁସୂଦନଙ୍କର ଫସ୍‌ର୍ଟ୍ରେଟ୍ ଚିତ୍ର ଛଡ଼ା—ସେଇ ଡିସେମ୍ବର ମାସରେ କଟକଠାରେ ମହାତ୍ମାଗାନ୍ଧୀଙ୍କ ଶ୍ରୀଷ୍ଟିଆନ୍ ସମ୍ମିଳନୀର ଷଷ୍ଠ ଅଧିବେଶନ—ମଧୁସୂଦନଙ୍କର ସେଥି ସକାଶେ କାର୍ଯ୍ୟରତ ରହିବା ଫଳରେ ସ୍ୱାସ୍ଥ୍ୟହାନି—୧୯୨୦ ସାଲ—ଚକ୍ରଧରପୁର ଠାରେ ଉତ୍କଳ ସମ୍ମିଳନୀର ଷୋଡ଼ଶ ଅଧିବେଶନ ପାଇଁ ମଧୁସୂଦନଙ୍କୁ ସଭାପତିତ୍ୱ କରିବା ପାଇଁ ଅନୁରୋଧ ଓ ତାଙ୍କର ଏଥି ସକାଶେ ସମ୍ମତି ପ୍ରଦାନ —ମାତ୍ର ଗୋପବନ୍ଧୁଙ୍କ ଇଚ୍ଛା ମତେ ଅଧିବେଶନର ତାରିଖ ପଛାଇବା ଫଳରେ ମଧୁସୂଦନଙ୍କର ଏଥିପ୍ରତି କ୍ଷୋଭ ଓ ସେଥିରେ ଯୋଗ ଦେବା ପାଇଁ ଅନିଚ୍ଛା—ଫଳରେ ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଏ ଅଧିବେଶନ ସମାହିତ—୧୯୨୧ ସାଲ—ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ସ୍ରୋତରେ ଓଡ଼ିଶାକୁ ମିଶାଇ ଦେବା ପାଇଁ ଗୋପବନ୍ଧୁଙ୍କ ଚେଷ୍ଟା—ଚକ୍ରଧରପୁର ଅଧିବେଶନରେ ଏଥିପାଇଁ ତୀବ୍ର ବାଦାନୁବାଦ—ଅବଶେଷରେ ଏଥିରେ ଗୋପବନ୍ଧୁଙ୍କର ବିଜୟ—ଫଳରେ ମଧୁସୂଦନଙ୍କ ସଦ୍ୟସ୍ୟ ନେତୃତ୍ୱ ଓଡ଼ିଶାରେ ଅସ୍ତମିତ ହୋଇ ଗୋପବନ୍ଧୁଙ୍କ ନେତୃତ୍ୱର ଅଭ୍ୟୁଦୟ —ମାତ୍ର ମଧୁସୂଦନ ଏଥିରେ ନିର୍ମାହତ ହୋଇନଥିଲେ—ତାଙ୍କର ଦୃଢ଼ବୋଧ ହୋଇଥିଲା ଯେ ଯଦି ଓଡ଼ିଶା କେବେ ସ୍ୱତନ୍ତ୍ର ପ୍ରଦେଶ ହୁଏ, ତେବେ ତାହା ହିବ କେବଳ ରିଫର୍ମସର ବୈଧାନିକ ପନ୍ଥାରେ; ଅସହଯୋଗ ପନ୍ଥାରେ ନୁହେଁ ।

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ

ଦଶମ (୧୭୨—୧୯୭) ୧୯୨୧ ସାଲ—ମଧୁସୂଦନଙ୍କର ବିହାର-ଓଡ଼ିଶାର ଜଣେ ମନ୍ତ୍ରୀରୂପେ ଯୋଗଦାନ—ତାଙ୍କର ଏ ନଯୁକ୍ତ କଂଗ୍ରେସ ଶିବିରରେ ଆଣିଥିଲ ଉତ୍ସାହ ଅସହଯୋଗୀମାନଙ୍କ ମନରେ ପ୍ରବଳ ଅସନ୍ତୋଷ—ସେମାନଙ୍କ ମତରେ ମଧୁସୂଦନ ହେଲେ ବ୍ରିଟିଶ ଦମନ-ଯନ୍ତ୍ରରେ ଗୁଳିଶଆ—ତାଙ୍କ ବିରୁଦ୍ଧରେ ବେନାମୀ ପ୍ରସ୍ତାବପତ୍ର—ଉତ୍କଳ-ଦୀପିକାରେ ମଧୁସୂଦନଙ୍କ ମନ୍ତ୍ରୀତ୍ୱ ଗ୍ରହଣ ସପକ୍ଷରେ ବିତର୍କ—କଟକ ଟାଉନ୍‌ହଲରେ ସମ୍ବର୍ଦ୍ଧନା ସଭାରେ ଉଭୟ ଗୋଷ୍ଠୀର ଗଣ୍ଡଗୋଳ ପରେ ମଧୁସୂଦନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ—ମଧୁସୂଦନଙ୍କ ବିଶ୍ୱାସ ଥିଲା ମନ୍ତ୍ରୀତ୍ୱ ଗ୍ରହଣ କଲେ ଓଡ଼ିଶାର ଦୁର୍ଦ୍ଦଶା ମୋଚନ କରିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅଥବା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକୀକରଣ ଦିଗରେ ସହାୟକ ହେବା—ଅର୍ଥଲୋଭରେ ଯେ ସେ ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ, ତାହା ପରବର୍ତ୍ତୀ ଘଟଣା ଦ୍ୱାରା ଅସ୍ୱୀକୃତ ହୋଇଥିଲ—ମାତ୍ର ଓଡ଼ିଶାରେ ତାଙ୍କ ବିରୁଦ୍ଧରେ ପ୍ରସ୍ତର ଅବ୍ୟାହତ—ଅସହଯୋଗୀ ଶିବିରରେ ସେ ବିବେଚିତ ହୋଇଥିଲେ ଚରମ ସ୍ୱାଜାତ୍ୟ ରୂପେ—ଅପରପକ୍ଷରେ ଇଂରେଜ ଅଫିସର ଗୋଷ୍ଠୀରେ ମଧୁସୂଦନଙ୍କ ସମ୍ପର୍କରେ ନାନା ସନ୍ଦେହ ଓ ଅବିଶ୍ୱାସ—ଅର୍ଥ ଲୋଭରେ ମନ୍ତ୍ରୀତ୍ୱ ଗ୍ରହଣ ଆକ୍ଷେପ ଯୋଗୁଁ ମଧୁସୂଦନଙ୍କ କ୍ଷୋଭ ଓ ଦୁଃଖ—୧୯୨୨ ମସିହାରେ ମନ୍ତ୍ରୀତ୍ୱ ଅବୈତନିକ ହେବା ଉଚିତ ସପକ୍ଷରେ ମଧୁସୂଦନଙ୍କ ଯୁକ୍ତି—ସ୍ୱାୟତ୍ତ ଶାସନ ମନ୍ତ୍ରୀ ରୂପେ, ବିହାର-ଓଡ଼ିଶା ମ୍ୟୁନିସିପାଲଟି ଆଇନ୍ ଓ ବିହାର-ଓଡ଼ିଶା L. S. G. (ସଂଶୋଧନ) ଆଇନ ଥିଲ ତାଙ୍କର ବୈଧାନିକ ଜୀବନର ଶ୍ରେଷ୍ଠ କୃତିତ୍ୱ —ଅବୈତନିକ ମନ୍ତ୍ରୀ ଭିତରେ କାର୍ଯ୍ୟ କରି ଅକଳଙ୍କିତ କରି ଉପାର୍ଜନ କରିବା ପାଇଁ ଗଭର୍ଣ୍ଣରଙ୍କୁ ମଧୁସୂଦନଙ୍କ ଅନୁମତି ଭିକ୍ଷାମୂଳକ ଚିଠି—ମାତ୍ର ନଜାର ଅସ୍ୱିକାର ଏ ଅନୁରୋଧ ପ୍ରତ୍ୟାଖ୍ୟାନ ।

ଏକାଦଶ (୧୯୮—୨୧୫) ବିହାର-ଓଡ଼ିଶା କାଉନ୍ସିଲରେ ଲୋକାଲ୍-ସେଲଫ୍-ଗଭର୍ଣ୍ଣମେଣ୍ଟ (ଆମେଣ୍ଡମେଣ୍ଟ) ବିଲ୍‌ର ଗୋଟିଏ ବିବାଦାସ୍ପଦ ଧାରାର ବିଗୃର ସମସ୍ତରେ ବିତର୍କିତ ଧାରା ଉପରେ ବିରୋଧୀ ପକ୍ଷରୁ ଉଭିଜନ୍ ଦାବୀ—ଉଭିଜନ୍‌ରେ ସରକାରୀ ପକ୍ଷର ହାର—ଏହାକୁ ମନ୍ତ୍ରୀଙ୍କ ପ୍ରତି ଆସ୍ଥାର ଅଭାବ ପ୍ରସ୍ତାବରେ ବିରୋଧୀ ଦଳ ପକ୍ଷରୁ ' ମଧୁସୂଦନଙ୍କ ଇସ୍ତଫା ଦାବୀ—ତା ପରଦିନ ଇସ୍ତଫା ଦେବେ ବୋଲି ମଧୁସୂଦନଙ୍କ ଘୋଷଣା—କନ୍ସ୍ ଉଭିଜନରେ ସରକାରୀ ପକ୍ଷର ପରାଜୟ ଯେ ଅନାସ୍ଥାସୂଚକ ନୁହେଁ ଏ ବିଷୟରେ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣରଙ୍କ ନିଃସନ୍ଦେହ—ଗଭର୍ଣ୍ଣର ହୁଇଲର୍‌ଙ୍କ ସହିତ ଏ ସମ୍ପର୍କରେ

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ
	ମଧୁସୂଦନଙ୍କ ପଦ୍ମମର୍ଣ୍ଣ—ବନ୍ଧୁମାନଙ୍କ ପଦ୍ମମର୍ଣ୍ଣରେ ଓ ଗଭର୍ଣ୍ଣରଙ୍କ ସହିତ ଆଲୋଚନା ଫଳରେ ମଧୁସୂଦନ ଇସ୍ତଫା ଦାନରୁ ବିରତ—ମାତ୍ର ସେଇ ଦିନଠାରୁ ସେ ଅପେକ୍ଷା କଲେ ଏକ ସୁଯୋଗ, ଯେତେବେଳେ ସେ ଇସ୍ତଫା ଦେଇ ପାରିବେ—କାରଣ ଅସହଯୋଗୀମାନଙ୍କର ଅପପ୍ରଚାର ଫଳରେ ମନ୍ତ୍ରୀ ରୂପେ ସେ ଜନସାଧାରଣ ଆସ୍ଥା ହରାଇ ସାରିଥିଲେ, ଏଣେ ଅନମନୀୟ ମନୋଭାବ ଯୋଗୁଁ ତାଙ୍କ [illegible] ସରକାସ୍ଥ କର୍ତ୍ତାମାନଙ୍କର ମଧ୍ୟ ବିଶ୍ୱାସ ନ ଥିଲା—୧୯୨୩ ସାଲ ବଜେଟ୍ ଅଧିବେଶନ—ସ୍ୱାସ୍ଥ୍ୟଶାସନ ବିଭାଗର ବିସ୍ତୃତ ଆଲୋଚନା ବେଳେ ମନ୍ତ୍ରୀଙ୍କ ଦରମା ମାସିକ ପାଞ୍ଚ ହଜାର ଟଙ୍କାରୁ ଚାରି ହଜାର ଟଙ୍କାକୁ କମାଇ ଦେବା ପାଇଁ କଟ୍‌ମୋସନ—ମଧୁସୂଦନଙ୍କର ଏ ପ୍ରସ୍ତାବ ପ୍ରତି ସମର୍ଥନ—ମାତ୍ର ଉପଯୁକ୍ତ ମୁହୂର୍ତ୍ତରେ ଇସ୍ତଫା ପ୍ରଦାନ ପାଇଁ ଅପେକ୍ଷା ।
ଦ୍ୱାଦଶ (୨୧୭—୨୫୧)	୧୯୨୨ ମସିହାରେ ମଧୁସୂଦନଙ୍କ ପାଲଟା କନ୍ୟା ରୂପେ ପରିଚିତା ସୁଧାଂଶୁବାଳା ହାଜରାଙ୍କର ପାଟନା ହାଇକୋର୍ଟରେ ଅପିଲ ଆବେଦନ—ଆବେଦନର କାରଣ ଥିଲା ପ୍ଲିଡର ରୂପେ କୋର୍ଟରେ ପ୍ରାକ୍‌ଟିସ କରିବା ପାଇଁ ଅନୁମତି—ମାତ୍ର ସେ ଅପିଲ ଖାରଜ—ଏହା ବିରୁଦ୍ଧରେ ମଧୁସୂଦନଙ୍କ ପ୍ରିଭି-କାଉନ୍ସିଲରେ ଅପିଲ ପାଇଁ ହାଇକୋର୍ଟରୁ ଯଥାବଧି ଅନୁମତି ପାଇଁ ଆବେଦନ—ମାତ୍ର ତାହା ମଧ୍ୟ ଖାରଜ—ତା ପରେ ଟ୍ରେଶାଲ ଲଭ ପ୍ରାର୍ଥନା କରି ପ୍ରିଭି କାଉନ୍ସିଲକୁ ଆବେଦନ କରିବା ପାଇଁ ନିଷ୍ପତ୍ତି ଓ ଅପିଲ ଦାଏର—୧୯୨୨ ନଭେମ୍ବର ୨୨ ତାରିଖରେ ଅପିଲ ପାଇଁ ଅନୁମତି ଆବେଦନର ଶୁଣାଣି ଧାର୍ଯ୍ୟ—ଇତିମଧ୍ୟରେ ଲେଜସ୍‌ଲେଟିଭ ଆସେମ୍ବ୍ଲିର ନିର୍ବାଚନ ଆଇନରେ ସଂଶୋଧନ ଆଣି ନାସ୍ତମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଭୋଟାଧିକାର ଦେବା ପାଇଁ ପ୍ରସ୍ତାବ—ଏହି ସଙ୍ଗେ ସଙ୍ଗେ 'ଲଗାଲ୍ ପ୍ରାକ୍‌ଟିସନର୍ସ ଆକ୍ଟ'ର ସଂଶୋଧନ ପାଇଁ ସରକାରଙ୍କ ପକ୍ଷରୁ ଶୀଘ୍ର ଉଦ୍ୟମ ହେବା ଦରକାର ବୋଲି ଭାଇସ୍‌ରସ୍ଥ ଲର୍ଡ଼ ରଡ଼ିଙ୍ଗ୍‌ଙ୍କ ନିକଟକୁ ମଧୁସୂଦନଙ୍କର ଏକ ମେମୋରିଆଲ ପ୍ରେରଣ ଓ ସେଥିରେ ସଫଳତା—ଇତିମଧ୍ୟରେ ମଧୁସୂଦନଙ୍କ ବ୍ୟକ୍ତିଗତ ଓ ରାଜନୈତିକ ଜୀବନରେ ଧୀରେ ଧୀରେ ଆସୁଥିଲା ଦୁର୍ଦ୍ଦିନର ଛାପ୍ପା—ଉଚ୍ଚଳ ଟାନେସ୍ଥର ଋଣସ୍ଥର ଉଦଲାସ୍ଥରେ ପହଞ୍ଚିଥିଲା—ଆଉ ଟଙ୍କା ନ ପାଇଲେ ଟାନେସ୍ଥ ଚଳିବା ଅସମ୍ଭବ—ଏଣେ ୧୯୨୩ ସାଲ ଫେବୃଆସ୍ଥ ୨୮ ତାରିଖରେ ସେଣ୍ଟ୍ରାଲ ଲଗାଲ-ପ୍ରାକ୍‌ଟିସନର୍ସ-ଆକ୍ଟର ସଂଶୋଧନ ପାଇଁ ଏକ ବିଲ୍ ଆଗତ ହୋଇ, ଯଥାବଧି ଗୃହୀତ ହୋଇଥିଲା—୧୯୨୩ ମାର୍ଚ୍ଚ ମାସରେ ବଜେଟ୍ ଅଧିବେଶନରେ ମଧୁସୂଦନଙ୍କୁ

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା	ବିଷୟ
	ଅପଦସ୍ତ କରିବା ଉଦ୍ଦେଶ୍ୟରେ ପୁଣି ଆସିଲ ସେଇ ପୂର୍ବବର୍ତ୍ତର କଟ୍‌ମୋସନ—ଅର୍ଥନୈତିକ ସ୍ୱାସ୍ଥ୍ୟ-ଶାସନ ବିଭାଗ ମନ୍ତ୍ରୀ ଯୋଜନା ସମ୍ପର୍କରେ—ମଧୁସୂଦନ କନ୍ଥା ତା ପୂର୍ବରୁ ଗଭର୍ଣ୍ଣରଙ୍କ ପାଖକୁ ଲେଖି ପଠାଇଥିଲେ ଯେ ସେ ଅବୈତନିକ ଭାବେ ମନ୍ତ୍ରୀକାର୍ଯ୍ୟ ତୁଲାଇବେ—ମାତ୍ର ଗଭର୍ଣ୍ଣରଙ୍କ ଅନଚ୍ଛା ଏବଂ ସେଥିସକାଶେ ମଧୁସୂଦନଙ୍କ ମନ୍ତ୍ରୀ ପଦରୁ ଇସ୍ତଫା ।
ତ୍ରୟୋଦଶ (୨୫୨—୨୫୯)	୧୯୨୩ ସାଲ—ବିହାର-ଓଡ଼ିଶା କାଉନ୍‌ସିଲ ପାଇଁ ନିର୍ବାଚନରେ ମଧୁସୂଦନ ପୁନଶ୍ଚ ପ୍ରାର୍ଥୀ ହେଲେ ତରୁଣ ବାଣିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ବିପକ୍ଷରେ—ତାଙ୍କର ବାର୍ତ୍ତାକ୍ୟ ଓ ଅକର୍ମଣ୍ୟତା ପ୍ରତି ଯୁବସମାଜର ଆକ୍ଷେପ—ତା ସତ୍ତ୍ୱେ ମଧୁସୂଦନଙ୍କର ନିର୍ବାଚନ ପ୍ରଚାର ଏବଂ ପରିଶେଷରେ ଜୟଲାଭ—୧୯୨୪ ସାଲ—ବିହାର-ଓଡ଼ିଶା କାଉନ୍‌ସିଲରେ କନକା-ପ୍ରଜା ଆନ୍ଦୋଳନ ସମ୍ପର୍କରେ ଗୋପବନ୍ଧୁ ପ୍ରମୁଖ ରାଜନୈତିକ ବନ୍ଦୀମାନଙ୍କର ମୁକ୍ତି ଦାବୀ କରି ମଧୁସୂଦନଙ୍କ ଭାଷଣରେ ଜାତୀୟତାବାଦୀ ସଭ୍ୟମାନେ ଚମତ୍କୃତ ଏବଂ ସରକାର ପକ୍ଷର ସଭ୍ୟମାନଙ୍କର ବିସ୍ମୟ—ମଧୁସୂଦନଙ୍କ ଏତାଦୃଶ ଭାଷଣ ସକାଶେ ତାଙ୍କର କଂଗ୍ରେସରେ ଯୋଗଦାନର ସମ୍ଭାବନା ସମ୍ବାଦ ପ୍ରଚାର—ବସ୍ତୁତଃ କଂଗ୍ରେସରେ ଯୋଗ ଦେବା ପାଇଁ ଗୋପବନ୍ଧୁ ଚୌଧୁରୀ ପ୍ରମୁଖଙ୍କ ଅନୁରୋଧ—କଂଗ୍ରେସର ଅସହଯୋଗ ନୀତି ପ୍ରତି ମଧୁସୂଦନଙ୍କର ବୈଜ୍ଞାନିକ ରାଜନୈତିକ ବିରୋଧ ସତ୍ତ୍ୱେ ୧୯୨୪ ସାଲରେ କଂଗ୍ରେସ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିଥିବାରୁ ସେଥିରେ ଯୋଗ ଦେବା ପାଇଁ ମଧୁସୂଦନଙ୍କର ଅନ୍ୟ କୌଣସି ବ୍ୟକ୍ତିଗତ ବା ନୀତିଗତ ପ୍ରତିବନ୍ଧକ ନ ଥିଲା—କଂଗ୍ରେସ ମାଧ୍ୟମରେ ଦେଶ ନିର୍ମାଣର ସମ୍ଭାବନା ଓ ଚାନେସ୍ସର ପରିସ୍ଥିତି, ଏଇ ଦୁଇ ଲକ୍ଷ ପୂରଣ ପାଇଁ କଂଗ୍ରେସରେ ଯୋଗଦାନ ସକାଶେ ମଧୂସୂଦନଙ୍କ ସିଦ୍ଧାନ୍ତ—୧୯୨୪ ସାଲ ଜୁନ ୨୮ ତାରିଖ ଦିନ କଟକରେ କଂଗ୍ରେସର ପ୍ରାଦେଶିକ ସମ୍ମିଳନୀ—ତାଙ୍କର କଂଗ୍ରେସରେ ଯୋଗଦାନର ସମ୍ବାଦ ତୁଙ୍ଗ ନେତୃତ୍ୱ ସ୍ତରରେ ଉତ୍ସାହର ସହିତ ଗ୍ରହଣ କରିଯାଇଥିବା ସତ୍ତ୍ୱେ, କର୍ମୀ ସ୍ତରରେ ସେଥିପ୍ରତି ତାତ୍ସଲ୍ୟ, ଏବଂ ଉପହାସ—ତା ସତ୍ତ୍ୱେ ତାଙ୍କର ସେଇ ସମ୍ମିଳନୀରେ କଂଗ୍ରେସରେ ଯୋଗ ଦେବାପାଇଁ ଆବେଦନ ପତ୍ରରେ ସ୍ୱାକ୍ଷର—ମାତ୍ର ସମ୍ମିଳନୀରେ କଂଗ୍ରେସର ଅସହଯୋଗ ନୀତି ଉପରେ ଆଲୋଚନାରେ ଅଂଶ ଗ୍ରହଣ କରି ତା ବିରୁଦ୍ଧରେ ତାଙ୍କର ଯୁକ୍ତି—ମାତ୍ର ସଂଶୋଧନ ପ୍ରସ୍ତାବଟି ନାକଚ୍ ହୋଇଯିବା ଫଳରେ ନୀରବରେ ସେଇଦିନ କଂଗ୍ରେସ ସହ ତାଙ୍କର ସମ୍ପର୍କ ତ୍ୟାଗ ।

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା	ବିଷୟ
ଚତୁର୍ଦ୍ଦଶ (୬୭୦—୬୯୮)	ମଧୁସୂଦନଙ୍କ ପରଣତ ବୟସ—ଜୀବନବ୍ୟାପୀ ସଂଗ୍ରାମ ମଧ୍ୟରେ ତାଙ୍କର ଏକକ ଉଦ୍ୟମରେ ଗଠିତ ସମସ୍ତ ଅନୁଷ୍ଠାନଗୁଡ଼ିକର ବିଲୋପ—ଉତ୍କଳ ସଭା, ଉତ୍କଳ ସମ୍ମିଳନୀ, ପ୍ରଜା ପ୍ରତିନିଧି ସଭା, ଓଡ଼ିଶା ଆର୍ଟ ଓ୍ୱାରସ୍ ସମୂହ ଲୁପ୍ତ—କେବଳ ଜୀବନ୍ମୃତ ଅବସ୍ଥାରେ ପଡ଼ି ରହିଥିଲା ଉତ୍କଳ-କାନେକ୍ସ—ତାକୁ ବଞ୍ଚାଇବା ହେଲା ମଧୁସୂଦନଙ୍କ ଏକମାତ୍ର ଚିନ୍ତା—ସେଥିପାଇଁ ଆବଶ୍ୟକ ହେଉଥିବା ପ୍ରଚୁର ଅର୍ଥ ପାଇଁ ବହାର, ଓଡ଼ିଶା ଓ ବଙ୍ଗଳାରେ ସେସ୍ୱାର ବନ୍ଦି ପାଇଁ ଚେଷ୍ଟା—ମାତ୍ର ସବୁ ପ୍ରଚେଷ୍ଟା ସତ୍ତ୍ୱେ ଆବଶ୍ୟକ ଅର୍ଥର ଆୟୋଜନରେ ବ୍ୟର୍ଥତା—ମାତ୍ର ଉତ୍କଳ କାନେକ୍ସ ଦ୍ୱାରା ପ୍ରସ୍ତୁତ ଯୋଡାର ଗୁଣାତ୍ମକ ଉତ୍କର୍ଷତା ଯୋଗୁ ବଲଙ୍କରେ ତାର ଆଦର ଦୃଷ୍ଟିରୁ କଲିକତାରେ ପ୍ରସିଦ୍ଧ ସାହେବୀ କମ୍ପାନୀ ହାଇଟ୍‌ଓ୍ୱେ-ଲେଡ୍‌ଲର ଦୈନିକ ଶହେ ଡଜନ ଜୋଡା ଖରଦ କରିବା ପାଇଁ ପ୍ରସ୍ତାବ—ମାତ୍ର ପ୍ରସ୍ତାବର ମୁଖ୍ୟ ସର୍ତ୍ତ ଥିଲା ଯେ ଉତ୍କଳ କାନେକ୍ସ ଟ୍ରେଡ୍‌ମାର୍କ ବଦଳରେ ଜୋଡା ଉପରେ ହାଇଟ୍‌ଓ୍ୱେ-ଲେଡ୍‌ଲର ଟ୍ରେଡ୍‌ମାର୍କ ରହିବ—ଏ ପ୍ରସ୍ତାବରେ ସମ୍ମତ ହୋଇଥିଲେ ଯଦିଓ ଉତ୍କଳ କାନେକ୍ସ ଧ୍ୱଂସ ମୁଖରୁ ରକ୍ଷା ପାଇବାର ସମ୍ଭାବନା ଥିଲା, ତଥାପି ମଧୁସୂଦନ ଏହାଦ୍ୱାରା ଓଡ଼ିଆ ଜାତିର ମାନ ଇଚ୍ଛତ ଇଂରେଜ ଜାତି ପାଖରେ ଏପରଭାବେ ବନ୍ଧୀ କରିଦେବାକୁ ରାଜି ହୋଇ ନ ଥିଲେ—ଅନ୍ୟ ପକ୍ଷରେ ସେ ଓଡ଼ିଆ ଜାତିକୁ ବ୍ୟାକୁଳ ଭାବେ ନିବେଦନ କଲେ କ୍ୟାନେକ୍ସ ପାଇଁ ସେସ୍ୱାର କଣିବାକୁ—ସେ ବିଶ୍ୱାସ କରୁଥିଲେ ଯେ ଓଡ଼ିଶାର ଜନ-ସାଧାରଣ ଏଥିପାଇଁ ଅକୁଣ୍ଠ ସମର୍ଥନ ଦେବେ—କାନେକ୍ସର ସେସ୍ୱାର କଣିବାକୁ ଗୋପବନ୍ଧୁ ଦାସ ମଧ୍ୟ ନିବେଦନ କରିଥିଲେ—ମାତ୍ର କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀ ମଧୁସୂଦନଙ୍କ ବ୍ୟକ୍ତିଗତ ତଥା ରାଜନୈତିକ ଜୀବନର ନାନା ଉକ୍ତ ସମାଲୋଚନାରେ ହୋଇ ଉଠିଥିଲେ ଶତମୁଖ—ସେମାନଙ୍କ ଦୃଷ୍ଟିରେ କାନେକ୍ସ ଥିଲା ଯେପରି ବ୍ରିଟିଶ-ଉପନିବେଶବାଦର ଏକ ସଙ୍କେତ—ଏହି ବାଦବିସମ୍ବାଦ ଫଳରେ କାନେକ୍ସର ସେସ୍ୱାର ମାତ୍ର ଦେଢ଼ ଲକ୍ଷ ଟଙ୍କା ବନ୍ଧୀ ପରେ ଆଉ ହୋଇ ନ ଥିଲା—ସେତେବେଳକୁ କମ୍ପାନୀର ପୁଞ୍ଜି ବକେସ୍ୱାର ପ୍ରାପ୍ୟ ଅର୍ଦ୍ଧେକ ପୁଞ୍ଜାଇ ପାରୁଥିଲା—ତେଣୁ କାନେକ୍ସ ଯେ ବଳୟରେ ଉଠିବ ଏକଥା ଅବଧାରିତ ଥିଲା—ପରିଶେଷରେ ଏ ସମ୍ପର୍କରେ ମହାତ୍ମାଗାନ୍ଧୀଙ୍କ ପୃଷ୍ଠପୋଷକତା ଓ ଆଶୀର୍ବାଦ ପାଇଁ ତାଙ୍କୁ ମଧୁସୂଦନଙ୍କର ଆମନ୍ତ୍ରଣ—ମହାତ୍ମା ଗାନ୍ଧୀଙ୍କର ୧୯୨୫ ସାଲ ଅଗଷ୍ଟ ମାସରେ କଟକ ଆଗମନ ଏବଂ ମଧୁସୂଦନଙ୍କ ଆତିଥ୍ୟ ଗ୍ରହଣ—ମହାତ୍ମା ଗାନ୍ଧୀଙ୍କର ମଧୁସୂଦନଙ୍କ ଏତାଦୃଶ ସ୍ୱଦେଶୀ ଶିଳ୍ପ ପ୍ରତି ଗଭୀର ଆଗ୍ରହ ଥିବା ସତ୍ତ୍ୱେ ତାଙ୍କର ସର୍ବିସ୍ୱ ସହାନୁଭୂତି ଏଥିପ୍ରତି ମିଳି ନ ଥିଲା—କେବଳ ଏହି ସକାଶେ ଉପଚରିତ ଶୁଭେଚ୍ଛା

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ

ଶ୍ରୀପନ ବ୍ୟଙ୍ଗଚ ଏହ୍ନ ଟାନେଣ୍ଟକୁ ରକ୍ଷା କରବା ଦଗରେ କୌଣସି ନର୍ଣ୍ଣିତ ପ୍ରତଶ୍ରୁତି ମହାତ୍ମାଙ୍କ ଜ୍ୱପଣରେ ନ ଥିଲ୍ଲ—ଅବଶେପରେ ୧୯୬୭ରେ ଟାନେଣ୍ଟ ପାଇଁ ନଲ୍ଲମ ଡକାହ୍ୱେଲ୍ଲ—ନଲ୍ଲମ ପୂଦ୍ଦନ ଟାନେଣ୍ଟ ରକ୍ଷା ପାଇଁ ୭୮ ବର୍ଷ ବସ୍ୱସ୍ଥ ମଧୁସୂଦନଙ୍କର ପୁତ୍ର ଗ୍ରଜା ଘ୍ନଚନ୍ଦ୍ର ଦେବଙ୍କ ନକଟକୁ ଶେପ ଚେଷ୍ଟା ପାଇଁ ଗମନ—ମଧୁସୂଦନଙ୍କ ଅନୁରେ୍ଧ ଘ୍ନଚନ୍ଦ୍ରଦେବଙ୍କ ଦ୍ୱାର୍ ଆଦେଶ ରୂପେ ଗ୍ରହଣ—ନଲ୍ଲମ ଡାକରେ ଭାଙ୍କର ଉତ୍କଳ ଟାନେଣ୍ଟକୁ କଣିବା—ଏହ୍ନ ଉପାସ୍ଥରେ ବଦେଶୀ କମ୍ପାନୀ ହାତରୁ ଉତ୍କଳ ଟାନେଣ୍ଟର ରକ୍ଷା ।

ପଞ୍ଚଦଶ (୧୯୧—ଙ୍କ୧୭) ବହାର-ଓଡ଼ଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲକୁ ନର୍ବାଚନ ସକାଶେ ମଧୁସୂଦନଙ୍କର କଂଗ୍ରେସ ତରଫରୁ ପ୍ରାର୍ଥୀରୂପେ ପ୍ରତଯୋଗିତା କରବା ପାଇଁ ଅଭଲାଷ—ଅସହଯୋଗ ବର୍ଜନ କର କଂଗ୍ରେସ ସାମ୍ପ୍ରଧାନକ ଆଭମୁଖ୍ୟ ଗ୍ରହଣ କରବା ପରେ କଂଗ୍ରେସ ପ୍ରତ ମଧୁସୂଦନଙ୍କର ଆଉ ମତାନ୍ତର ନ ଥିଲ୍ଲ—ମାତ୍ର ନଜର ଦୁର୍ଭାଗ୍ୟ ସକାଶେ ଭାଙ୍କର ଆଉ କାଉନ୍‌ସିଲକୁ ଯିବା ପାଇଁ ଅବକାଶ ନଥିଲ୍ଲ—ସେତେବେଲକୁ ସେ ପ୍ରାସ୍ଥ ଦାଣ୍ଡର ଭକାସ୍ଥ—୧୯୨୪ ସାଲରେ ମଧୁସୂଦନଙ୍କ ବାସଭବନ ମଧ୍ୟ ପାରଲାର ଗଜପତ ମହାତ୍ମଜାଙ୍କ ଋଣ ସୁଝିବା ପାଇଁ ଡ଼ଗ୍ରୀରେ ଉଠିଥିଲ୍ଲ ଓ ମଧୁସୂଦନଙ୍କ ପରବାରରେ ପ୍ରତପାଳତ ଚନ୍ଦ୍ରକୁମାର ହାଜତ୍ ଗଜପତଙ୍କ ଅନୁଗ୍ରହରୁ ଡ଼ଗ୍ରୀଦାର ସ୍ଥାନରେ ସ୍ଥଲାଭିଷିକ୍ତ ହୋଇଥିଲେ—ଶେପକୁ ନଲ୍ଲମ ହୋଇ ମଧୁସୂଦନଙ୍କ ପାଳତା କନ୍ୟା ଶୈଳବାଳାଙ୍କ ତରଫରୁ ହାଜତ୍ ନଲ୍ଲମ ଧରଲେ—ଜୀବନର ଶେପ ପର୍ଯ୍ୟନ୍ତ ସେହ୍ନ ଦନଠାରୁ ମଧୁସୂଦନ ସେ ଘରେ ମାସିକ ଭଡ଼ା ଦେଇ ରହିଲେ; ମାତ୍ର ଅନ୍ୟ ଦେଣାଦାରମାନଙ୍କର ଋଣ ପରଶୋଧ ସକାଶେ ନଜକୁ ଦେଦାଳିଆ ଘୋପଣା କରବା ବ୍ୟତୀତ ଅନ୍ୟ ଉପାସ୍ଥ ନ ଥିଲ୍ଲ—୧୯୨୭ ସାଲ ଅଗସ୍ଟ ୪ ତାରଖ ଦନ ଅଦାଲତ ଦ୍ୱାର୍ ମଧୁସୂଦନ ଦେବାଳିଆ ଘୋସିତ ହେଲେ—ତଥାପି ଦେଣାଦାରମାନଙ୍କର ସମସ୍ତ ଦେଣା ପରଶୋଧ ନ ହେବାରୁ ସେମାନଙ୍କର ନାନା ପ୍ରକାର ଅପତ୍ତ୍ୟର ଓ ଭାଙ୍କୁ ଅପମାନତ କରବା ପାଇଁ ନାନା ପ୍ରକାର କୌଶଳ ଏପରକ ଭାଙ୍କୁ ଆଉ ଓକଲତ ନ କରି୍ଇ ଦେବା କମ୍ପା ଓକଲତ କଲେ ସେ ଆସ୍ଥକୁ ଆଟାଚ୍ କର ସେଥିରୁ ଋଣ ଆଦାସ୍ଥ ପାଇଁ ସେମାନେ ଚେସ୍ଟିତ ଥିଲେ—ମାତ୍ର ସେତେବେଲକୁ ଭାଙ୍କ ଆସ୍ଥ ସାମାନ୍ୟ ପାଞ୍ଚ ଛଅ ଶହ ଟଙ୍କାରେ ପହଞ୍ଚିଥିଲ୍ଲ—ତଥାପି ସେ ଦୁର୍ଦ୍ଦିନରେ ଭାଙ୍କର କୃପଣତା ନ ଥିଲ୍ଲ ।

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ
ଷୋଡ଼ଶ (୩୧୮—୩୬୭)	ସାଇମନ୍ କମିଶନ—କଂଗ୍ରେସ ତରଫରୁ କମିଶନ ବୟକ୍ଟରେ ବକ୍ଷୋଭ ପ୍ରଦର୍ଶନ କର ତାକୁ ବୟକଟ୍ କରବା ପାଇଁ ନଷ୍ପତ୍ତି—ମାନ୍ର ଓଡ଼ିଶା ଏ ବୟକଟରେ ଯୋଗ ଦେବା ଆସ୍ପଘାତ୍ତ ହେବ ବୋଲ ମଧୁସୂଦନଙ୍କ ଯୁକ୍ତି—ଅତ୍ତତରେ ମଣ୍ଟେଗୁ ଚେମସଫୋର୍ଡ଼ ଦେଶ ମିଶ୍ରଣ ଦିଗରେ ଦେଇଥିବା ପ୍ରତଶ୍ରୁତିକୁ ସାଇମନ୍ କମିସନ୍ କାର୍ଯ୍ୟରେ ପରଣତ କରବେ, ସେଥିପାଇଁ ମଧୁସୂଦନ ନ୍ୟସଦେହ ଥଲେ—ସେଥିପାଇଁ ଓଡ଼ିଶାରେ ନ ହେଲେହେଁ ପାଟନାରେ ସାଇମନ୍ କମିସନକୁ ସ୍ୱାଗତ ଜଣାଇବା ପାଇଁ 'ଲବରାଲ ଲଟ୍' ପକ୍ଷରୁ ବ୍ରଜସୁନ୍ଦର ପ୍ରମୁଖ ପାଟନା ଗଲଲେ—ଫଲରେ ଓଡ଼ିଶା ସମସ୍ୟାର ବଶଦତ୍ତର ଅନୁଧାନ ପାଇଁ କମିସନ୍ ପକ୍ଷରୁ ନଯୁକ୍ତ ହେଲ ମିଷ୍ଟର ଅଟଲଙ୍କ ନେତୃତ୍ୱରେ ଏକ ସବ୍-କମିଟୀ—୧୯୩୦ ସାଲ ସେପ୍ଟେମ୍ବର ୨୧ ତାରଖ ଦନ ଘୋଷିତ ହେଲ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅଟଲ ସବ୍-କମିଟୀର ସବସମ୍ମତ ପ୍ରସ୍ତାବ ।
ସପ୍ତଦଶ (୩୬୭—୩୫୯)	୧୯୩୧—ଗୁରବର୍ମ ପରେ ଦେବାଲଆରୁ ମଧୁସୂଦନଙ୍କ ମୁକ୍ତ—ସେ ବର୍ଷ ତାଙ୍କର ଓକଲତ ଜବନର ୫୦ ବର୍ଷ ଶେଷ—ତେଣୁ ଏକ ସୁବର୍ଣ୍ଣ ଜୟନ୍ତୀରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ କଟକ ଓକଲ ସଘର ପ୍ରସ୍ତାବ—ମାନ୍ର ଅନାସକ୍ତ ମଧୁସୂଦନଙ୍କର ଏହାକୁ ପ୍ରତ୍ୟାଖ୍ୟାନ—୧୯୩୧ ମସିହାରେ ପ୍ରସ୍ତାବତ ଓଡ଼ଶାର ସୀମା ନର୍ଦ୍ଧାରଣ ପାଇଁ ଓଡ଼ନେଲ କମିଟୀର ନଯୁକ୍ତ—ଏହ କମିଟୀ ଆଗରେ ଓଡ଼ିଶାର ପ୍ରତନଧତ୍ୱ କରବା ପାଇଁ ମଧୁସୂଦନଙ୍କ ପ୍ରେରଣାରେ ଗଠିତ ହୋଇଥିଲ "ଉତ୍କଳ ସୁନଅନ୍ କମିଟୀ"—କାରଣ ଓଡ଼ିଶା କଂଗ୍ରେସ ନେତାମାନଙ୍କର ବହାର କଂଗ୍ରେସ ନେତାଙ୍କ ବରୁଦ୍ଧରେ ଯିବାର ଦସ୍ୱାସ୍ୱ ଅକ୍ଷମତା ବଷୟରେ ମଧୁସୂଦନ ସଚେତନ ଥଲେ—ମୁଖ୍ୟତଃ ସିଂହଭୂମି ଜଲ୍ଲା ଓଡ଼ଶାକୁ ଆସିବା ସମ୍ପର୍କରେ ସେମାନଙ୍କର ଯୁକ୍ତ ଯେ ଉପସ୍ଥାପିତ ହୋଇ ପାରବ ନାହିଁ, ତାହାହିଁ ଥଲ ତନ୍ନାର ବଷୟ—ଏଥିପାଇଁ ପ୍ରବଳ ଜନମତ ସୃଷ୍ଟି କରବା ଉଦ୍ଦେଶ୍ୟରେ ମଧୁସୂଦନଙ୍କର ଜାମ୍‌ସେଦପୁର ଯାଇ ଓଡ଼ିଶା ଆସୋସିଏସନ ଗଠନ—୮୩ ବର୍ଷ ବୟସରେ ଭଗ୍ନସ୍ୱାସ୍ଥ୍ୟ ସତ୍ତ୍ୱେ ମଧୁସୂଦନଙ୍କର ଓଡ଼ନେଲ କମିଟୀକୁ କଟକ ରେଲ ଷ୍ଟେସନରେ ସମ୍ବର୍ଦ୍ଧନା ଜ୍ଞାପନ—ମାନ୍ର ଓଡ଼ନେଲ କମିଟୀ ସିଂହଭୂମି ଓଡ଼ିଶାରେ ମିଶାଇବା ସମ୍ପର୍କରେ ସୁପାରଶ କଲେ ନାହିଁ—ତମେ ମଧୁସୂଦନଙ୍କର ଦ୍ରୁତ ସ୍ୱାସ୍ଥ୍ୟଭଙ୍ଗ—୧୯୩୩ରେ କଟକରେ ଲୁଚ୍ରାସ୍ୱ ଉତ୍କଳ-ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧବେଶନରେ ଓଡ଼ନେଲ କମିଟୀର

Digitized by srujanika@gmail.com

ପରଚ୍ଛେଦ ଓ ପୃଷ୍ଠା	ବିଷୟ
	ଅବଶ୍ୟର ବରୁଛରେ ସଭା—ସେଥିରେ କୁଲବୃଦ୍ଧଙ୍କର ଯୋଗଦାନ ଓ ଓଡ଼ିଆ ଜାତ ପ୍ରତ ଉଦ୍‌ବୋଧନ—ଏଇଟି ଥିଲ ତାଙ୍କର ଜାତ ପ୍ରତ ଶେଷ ଉଦ୍‌ବୋଧନ—ତାଁପରେ ତାଙ୍କର ଚକଖା ସକାଶେ କଲିକତାରେ ଏକ ନର୍ସିଂହୋମ୍‌କୁ ସ୍ଥାନାନ୍ତରଣ—ସେଇଠାରେ ସେ ପାଇଲେ ଲଣ୍ଡନରୁ ଖଲ୍‌କୋଟର ରାଜା ଓଡ଼ଶା ପ୍ରଦେଶ ଗଠନ ସମ୍ପର୍କରେ ପଠାଇଥିବା ବାର୍ତ୍ତା (ଟଲଗ୍ରାମ୍)—୧୯୩୩ ସାଲ ମାର୍ଚ୍ଚ ୧୭ ତାରଖ ଦନ ବ୍ରଟିଶ ସରକାରଙ୍କଠାରୁ ପ୍ରକାଶ ପାଇଥିଲ ହ୍ୱାଇଟ୍ ପେପର—ସେଥିରେ ଥିଲ ପାରଲାଖେମୁଣ୍ଡୀ ଓ ଜୟପୁରକୁ ବାଦ୍ ଦେଇ ଓଡ଼ଶା ଗଠନ ସମ୍ପର୍କରେ ସ୍ୱୀକୃତ—ଜଏଣ୍ଟ ପାର୍ଲିଆମେଣ୍ଟ କମିଟୀ ସମ୍ମୁଖରେ ଏହାର ପ୍ରତବୋଧ ପାଇଁ ପାରଲା ମହାରାଜାଙ୍କ ବଲଭ ଯାତ୍ରା—ଏଣେ ଓଡ଼ଶା ଆଡ଼ମିନଷ୍ଟ୍ରେଟିଭ କମିଟୀର ସଭ୍ୟ ରୂପେ ମଧୁସୂଦନଙ୍କ ମନୋନୟନ—କମିଟୀର ଚେୟାରମ୍ୟାନ୍ ରୂପେ ସାର୍ ଜନ୍ ଅସ୍ଟିନ୍‌ହବାକ—ରୁଗ୍‌ଣ ସ୍ୱାସ୍ଥ୍ୟ ସତ୍ତ୍ୱେ ସେ ଏ କମିଟୀ କାର୍ଯ୍ୟରେ କାମ କରବା ପାଇଁ ଯେପଣ ହୋଇଯାଇଥିଲେ ଯୁବକ—ଅକ୍ଟୋବରରେ କମିଟୀର ରପୋର୍ଟରେ ମଧୁସୂଦନଙ୍କ ଶେଷ ସ୍ୱାକ୍ଷର ।
ଅଷ୍ଟାଦଶ (୩୬୦—୩୭୮)	୧୯୩୪ ସାଲ ଜାନୁଆରୀ ମାସ—ମଧୁସୂଦନ ଶଯ୍ୟାଶାୟୀ—ବହାରରେ ଭୂମିକମ୍ପ—କୁଲବୃଦ୍ଧଙ୍କ ବ୍ୟାଧର ଖବର ପାଇ ଶୈଳବାଲାଙ୍କର କଟକ ଆଗମନ—କମେ ତାଙ୍କର ସ୍ୱାସ୍ଥ୍ୟର ଦ୍ରୁତ ଅବନତ—ଏ ସମ୍ବାଦ ପ୍ରଗୃହତ ହେବାମାତ୍ରେ ନାନା ମତାନ୍ତର ମନାନ୍ତର ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟର ଉନ୍ନତ ନମନ୍ତେ ସହରର ବହୁ ବଶିଷ୍ଟ ବ୍ୟକ୍ତଙ୍କର ଭାଷା, ଜାତ ବର୍ତ୍ତ ନର୍ବିଶେଷରେ ସମବେତ ପ୍ରାର୍ଥନା—ଲୁଚକାଳ ଖେଳ ପର ମଧୁସୂଦନଙ୍କ ସ୍ୱାସ୍ଥ୍ୟରେ ସାମୟିକ ଉନ୍ନତ—ମାତ୍ର ସେ ଜାଣି ସାରଥିଲେ ଯେ ଶେଷ ମୁହୁର୍ତ୍ତ ଆସନ୍ନ ପ୍ରାୟ—ପଣ୍ଡିତ ନୀଲକଣ୍ଠଙ୍କୁ ତାଙ୍କର ପ୍ରତୀକ୍ଷା—ନୀଲକଣ୍ଠଙ୍କୁ ସେ ମନେ ମନେ ତାଙ୍କର ରାଜନୈତିକ ଉତ୍ତରାଧିକାରୀ କରବାକୁ ମନସ୍ଥ କରଥିବାର ଏଥିରୁ ସୂଚନା—ମଧୁସୂଦନଙ୍କ ଶେଷ ଶଯ୍ୟାରେ ନୀଲକଣ୍ଠଙ୍କ ଉପସ୍ଥିତ ତାଙ୍କ ମନରେ ଆଣିଦେଲ ପ୍ରଫୁଲ୍ଲତା—ମୃତ୍ୟୁର ପ୍ରାୟ ଦୁଇଦନ ପୂର୍ବରୁ କୌଣସି ମହଲ ପାଖରୁ ଆସି ପହଞ୍ଚିଲ ଆଠଶହ ଟଙ୍କାର ଏକ ଡ୍ରାଫ୍ଟ—କଟକର କେତ୍ରଟ ସାହାରେ ଗୋଟିଏ ନଲକୂଅ ବସାଇ ଦେବା ପାଇଁ ମଧୁସୂଦନ ଏକଦା ଦେଇଥିବା ପ୍ରତଶ୍ରୁତକୁ ଏଇ ଟଙ୍କା ଦ୍ୱାରା କାର୍ଯ୍ୟକାରୀ କର "ଋଣମୁକ୍ତ" କରବା ପାଇଁ ମଧୁସୂଦନଙ୍କର ନର୍ଦ୍ଦେଶ—ଫେବୃଆରୀ ଦୁଇ ତାରଖ—ସେ ଦନଟି ନତ୍ୟପତରେ କଟିଗଲେ ହେଁ

Digitized by srujanika@gmail.com

ପରିଚ୍ଛେଦ ଓ ପୃଷ୍ଠା

ବିଷୟ

ମଧୁସୂଦନ ଶୁଶ୍ରୀପାରୁଥିଲେ ଆସନ୍ନ ମୃତ୍ୟୁର ପଦଧ୍ୱନି—ଫେବୃଆରୀ ତନ ତାରଖ ଦିନ ସନ୍ଧ୍ୟା ପରଠାରୁ ପ୍ରକାଶ ପାଇଲା ସାନ୍ନିପାତିକ ଲକ୍ଷଣ—ଘଡ଼ି ୯ । ୬୦ ମିନିଟରେ କୁଳବୃଦ୍ଧଙ୍କର ଜୀବନ ପ୍ରଦୀପ ନିର୍ବାପିତ ହୋଇଗଲା—ଫେବୃଆରୀ ଘୋଷ ତାରଖ ସକାଳେ ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା ମାତ୍ରେ ତାଙ୍କ ବାସଭବନରେ ହଜାର ହଜାର ଜନତାଙ୍କ ଭିଡ଼ ଶେଷ ଦର୍ଶନ ପାଇଁ—ଅନେକଙ୍କର ଇଚ୍ଛା ହିନ୍ଦୁପ୍ରଥାରେ ତାଙ୍କର ସତ୍କାର ହେଉ—ମାତ୍ର ଖ୍ରୀଷ୍ଟିଆନ୍ ପ୍ରଥାରେ ଏହା ସମ୍ପନ୍ନ କରିବା ପାଇଁ ଶେଷ ସିଦ୍ଧାନ୍ତ—ଶବ-ଶୋଭାଯାତ୍ରା ସାତ୍ତ୍ୱ କଟକ ପରିକ୍ରମା କରିବ ବୋଲି ଜନତାର ଜିଦ୍—ଶେଷରେ ଶୋଭାଯାତ୍ରାର ସହର ପରିକ୍ରମା—ଏଇ ଶୋଭାଯାତ୍ରା ହିଁ ଥିଲା କୁଳବୃଦ୍ଧ ମଧୁସୂଦନଙ୍କ ପ୍ରତି ଜାତି, ଧର୍ମ, ବର୍ଣ୍ଣ ଓ ମତ ନିର୍ବିଶେଷରେ ଓଡ଼ିଆମାନଙ୍କର ଶ୍ରଦ୍ଧା, ଭକ୍ତି ଓ ଆଦରର ଶେଷ ନିଦର୍ଶନ—ଏ ଶୋଭାଯାତ୍ରା ଥିଲା ସତେ ଯେପରି ଅମୃତର ଜୟଯାତ୍ରା, ଅପରାଜେୟର ବିଜୟ ବାହୁଡ଼ା—ଦେଶ ଓ ଜାତି ପାଇଁ ମଧୁସୂଦନ ଯେପରି ନିଜକୁ ନିଃଶେଷିତ କରିଥିଲେ, ଦେଶ ଓ ଜାତି ମଧ୍ୟ ତାଙ୍କ ପାଇଁ ଏଇ ମୁହୂର୍ତ୍ତରେ ନିଃଶେଷିତ କରିଦେଲେ ଶ୍ରଦ୍ଧା ଓ ଅଶ୍ରୁର ସମ୍ଭାର—ସନ୍ଧ୍ୟା ସମୟରେ ଗୋରୁକବରଠାରେ ମଧୁସୂଦନଙ୍କର କଳିନକୁ କବର ଭିତରକୁ ଓହ୍ଲାଇ ଦିଆଗଲା ।

ଉପସଂହାର (୫୭୧—୫୮୭) ମଧୁସୂଦନ କେବଳ ଓଡ଼ିଶାର ଗୌରବ ନୁହନ୍ତି—ତାଙ୍କ ପରିସ୍ଥିତି ଓ ପୃଷ୍ଠଭୂମିରେ ସ୍ୱତନ୍ତ୍ର ଜାଗରଣର ସେ ଥିଲେ ଅନ୍ୟତମ ଆଦ୍ୟସୃଷ୍ଟା—ଜାତିର ଗୌରବ ।

ପରିଶିଷ୍ଟ

ଏକ (୫୮୭—୫୧୫) ଉତ୍କଳ ୟୁନିଅନ କନ୍‌ଫରେନ୍‌ସର ୧୯୦୫ ମସିହା ଅଗଷ୍ଟ ୫୦ ଓ ୫୧ ତାରଖ ଅଧିବେଶନରେ ଗୃହୀତ ପ୍ରସ୍ତାବ ସମୂହ ।

ଦୁଇ (୫୧୪) ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ପଠିତ ହୋଇଥିବା ସଙ୍ଗୀତ । ରଚୟିତା ଚଣ୍ଡୀଚରଣ ମିଶ୍ର ଉର୍ଗତ କବି କୃଷ୍ଣମୋହନ ପଟ୍ଟନାୟକ ।

ତିନ (୫୧୫—୫୧୮) ମୟୂରଭଞ୍ଜ ମହାରାଜାଙ୍କର ମଧୁସୂଦନଙ୍କ ନିକଟକୁ ତା ୧୫।୧୧୧୯୭ ଶତର ପତ୍ର ।

ଚାରି (୫୧୯—୪୦୨) ମୟୂରଭଞ୍ଜ ମହାରାଜାଙ୍କର ତା ୧୮ । ୨ । ୧୯୦୭ ଶତର ପତ୍ର ।

ପାଞ୍ଚ (୪୦୩) ହେନ୍ରି ଡ୍ରାଇଲର୍‌ଙ୍କର ମଧୁସୂଦନଙ୍କୁ ତା ୧୧।୨।୨୩ ଶତର ପତ୍ର ।

Digitized by srujanika@gmail.com

ପରିଶିଷ୍ଟ

ଓ ପୃଷ୍ଠା	ବିଷୟ
ଛଅ (୪୦୪—୪୧୨)	ମନ୍ତ୍ରୀପଦରୁ ମଧୁସୂଦନଙ୍କ ଇସ୍ତଫା ନେଇ ବନ୍ଦମସ୍ତ ହୋଇଥିବା ପତ୍ରାବଳୀ ।
ସାତ (୪୧୩)	ମହାତ୍ମା ଗାନ୍ଧୀଙ୍କର ମଧୁସୂଦନଙ୍କ ନକଟକୁ ତା ୧୨।୮।୨୫ ଖଖର ପତ୍ର ।
ଆଠ (୪୧୪)	'ଦ ଓଡ଼ିଆ' କାଗଜର ପ୍ରଥମ ପୃଷ୍ଠାର ଆଲୋକଚତ୍ର ।
ନଅ (୪୧୫—୪୧୭)	ମଧୁସୂଦନ ଦେବାଳିଆ ହେବା ପାଇଁ ଦାଖଲ ହୋଇଥିବା Insolvency Petitionର ନକଲ ଓ ଟାଇପ୍ ହୋଇଥିବା ଲେଖା ପରେ ତାଙ୍କର ସ୍ୱହସ୍ତ ଲିଖିତ ବୟାନ ।
ଦଶ (୪୧୭—୪୨୦)	ପାଟନା ହାଇକୋର୍ଟର ବଗ୍ଗରପତ ମିଷ୍ଟର ବ. ମାକ୍‌ଫରସନ୍‌ଙ୍କ ୧-୧-୧୯୨୮ ତାରିଖର ଚଠି ।
ଏଗାର (୪୨୧—୪୨୪)	ପାଟନା ହାଇକୋର୍ଟର ଅନ୍ୟତମ ବଗ୍ଗରପତ ଡସନ୍ ମିଲରଙ୍କର ୧୮-୩-୧୯୨୮ ତାରିଖର ଚଠି ।
ବାର (୪୨୫—୪୨୭)	ମଧୁସୂଦନ ନସ୍ୱମିତ ଗ୍ରବେ କରଜ କରୁଥିବା ସମସ୍ତଙ୍କରେ ଗୋଟିଏ ହୁଣ୍ଡିର ଫଟୋଚତ୍ର ।
ତେର (୪୨୭—୪୨୮)	ଜନ୍ ଅଷ୍ଟିନ୍ ହୁବାଡ୍‌ଙ୍କର କଟକଠାରୁ ତା ୧୭।୧୦।୩୩ ଖଖର ଚଠି ।
ଚଉଦ (୪୨୯)	ମଧୁସୂଦନ ପୁଖର ଭତ୍ତୁକାଳୀନ ଗ୍ରଜପୁତ ଶ୍ରୀ ବରଜଶୋର ଦେବଙ୍କ କୋଳରେ ଧର ବସିଥିବାର ଫଟୋଚତ୍ର ।
ପନ୍ଦର (୪୩୦)	ଓଡ଼ିଶା ଆର୍ଟ ଓ୍ୱେୟାରସ୍‌ର ସ୍ରଷ୍ଟାକାରମାନଙ୍କ ଗହଣରେ ମଧୁସୂଦନ ବସିଥିବାର ଫଟୋଚତ୍ର ।
ଷୋହ୍ଳ (୪୩୧)	ଓଡ଼ିଶା ଆର୍ଟ ଓ୍ୱେୟାରସ୍‌ର ସୋ ରୁମ୍‌ର ଫଟୋଚତ୍ର ।
ସତର (୪୩୨)	ବ୍ରହ୍ମରକେଲ୍ଲାଠାରେ ସ୍ଥାପିତ ହୋଇଥିବା ମଧୁସୂଦନଙ୍କର ପ୍ରତିକୃତିର ଫଟୋଚତ୍ର ।
ଅଠର (୪୩୩)	ଚନ୍ଦ୍ରକୁମାର ହାଜରାଙ୍କ ପାଖକୁ ମଧୁସୂଦନଙ୍କର ତା ୩୧।୨।୨୭ ଖଖର ଚଠି ।
ଉଣେଇଶ (୪୩୪)	୧୯୩୪ ମସିହା ଫେବୃଆରୀ ୫ ତାରିଖ 'ସମାଜ'ର ପ୍ରଥମ ପୃଷ୍ଠାର ଆଲୋକ ଚତ୍ର ।

Digitized by srujanika@gmail.com

ପ୍ରଥମ ପରିଚ୍ଛେଦ

(ଏକ)

ଇଂ ୧୯୦୪ ସାଲର ଆରମ୍ଭ·····

ଓଡ଼ିଶାର ବାତାବରଣ ନୂତନ ଆଶା ଓ ସମ୍ଭାବନାରେ ଝଟକତ ହୋଇ ଉଠିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକୀକରଣର ବହୁପୋଷିତ ସ୍ୱପ୍ନ, ଅବଶେଷରେ ଯେପରି ସଫଳ ହେବା ପାଇଁ ଯାଉଥିଲା ।

ଚତୁର୍ଦ୍ଦିଗର କଣେ କଣେ ମୁଖୁଜ୍ୟ (ରଥ)ଙ୍କ ନାଆସ୍ୱ ସଙ୍ଗୀତ..."ବସିର ସୁଦ ମାନ ନାଆସ୍ୱ ଅଭିମାନ, ନଗଡ଼ କେତେଦିନ ପିନ୍ଧିବ ହେ ?"

ପୂର୍ଣ୍ଣ ଘମଶଙ୍କରଙ୍କର....

"ଏକଭାବଦ୍ଧ ହୋଇ / ଲଗ ଜର୍ମ ଖେଳେ ଯାଇଁ / ଜଭ ପଦ ଭାରତ ଜନ୍ମନ ।"

ନବେଦଗ୍ରସ୍ତ ଓଡ଼ିଶାର ମଳନ ଆକାଶରେ ହଠାତ୍ ଯେପରି ଏକ ଆଲୋକତ ବର୍ତ୍ତଳସ୍ୱ ଉଦ୍‌ଘାଟିତ ହୋଇଥିଲା....ଶେଷ ଘଟିର ଅନ୍ଧକାର ମଧ୍ୟରେ ଉଷାର ଉଜ୍ଜ୍ୱାସ ପରି ।

ମାନ ଆଶା ଓ ସ୍ନେହ ସମ୍ଭାବନା ଏକ ଅଦୈରୁକ ବସମ୍ବାଦ ମଧ୍ୟରେ ପୂର୍ଣ୍ଣି ହଠାତ୍ ଆଶଙ୍କାମଳନ ହୋଇ ଉଠିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ବଙ୍ଗଳା ଶାସନାଧୀନରେ ରହିବ ବୋଲି ଉଜ୍ଜଳ ସମ୍ମିଳନୀ ନର୍ଦ୍ଧାରଣ କରିବା ସତ୍ତ୍ୱେ ମଧ୍ୟପ୍ରଦେଶ ସହିତ ଏହାର ମିଶ୍ରଣ ପାଇଁ ଆଉ ଗୋଷ୍ଠିଏ ଗୋଷ୍ଠୀ ପକ୍ଷରୁ ଉତରଆ ଆନ୍ଦୋଳନଟା ବେଶ୍ ତେଜ ଉଠିଥିଲା ।

ପୁଙ୍ଖରୁ ପ୍ରକାଶିତ 'ପ୍ରାର୍ଥନା' ଶୀର୍ଷକ ଖଣ୍ଡେ ବେନାମୀ ପଦ୍ୟପୁସ୍ତକରେ ଆରମ୍ଭ ହୋଇଥିଲା ମଧ୍ୟପ୍ରଦେଶ ସହିତ ଓଡ଼ିଶାର ମିଶ୍ରଣ ପାଇଁ ବହୁଳ ପ୍ରଚାର । "ଓଡ଼ିଆ ଓ ନବ-ସମ୍ବାଦ"ରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ବଙ୍ଗଳା ଶାସନାଧୀନରେ ରଖିବା ପାଇଁ ସ୍ୱରତ ସରକାରଙ୍କ ପ୍ରସ୍ତାବ ସମ୍ପର୍କରେ ମତବୈଧ ମଧ୍ୟ କ୍ଷୀଣ ସ୍ୱରରେ ପ୍ରକାଶ ପାଇ ଆସୁଥିଲା । ଏହି ପୃଷ୍ଠଭୂମିରେ 'ଉତ୍କଳ ଦୀପିକା' ଏ ପ୍ରକାର ପ୍ରସ୍ତାବ ଓ ବସମ୍ବାଦର ସମାଲୋଚନାରେ ଶତମୁଖ ହୋଇ ଉଠିଥିଲା ।

ମାନ 'ଦୀପିକା'ର ସବୁ ସମାଲୋଚନା ସତ୍ତ୍ୱେ ବଙ୍ଗଳା ବନାମ ମଧ୍ୟପ୍ରଦେଶ ବସମ୍ବାଦଟି ଜମେ ଯେପରି ତେଜ ହଉଥିଲା, ତାହା ମଧୁସୂଦନଙ୍କ ପକ୍ଷରେ ଦୁଶ୍ଚିନ୍ତାର କାରଣ

Digitized by srujanika@gmail.com

ହୋଇ ଉଠିଲ । ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ଯଦି ଏହି ବସମ୍ବାଦରେ ପ୍ରଭାବିତ ହୋଇ ଗୋଟିଏ ପ୍ରତିକୂଳ ମତ ଦୃଢ଼ାଇ ପୋଷଣ କରି ବସନ୍ତି, ତାହେଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକୀକରଣ ବିଶେଷତଃ ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ପ୍ରଶ୍ନ ବାଧାଗ୍ରସ୍ତ ହେବା ଅସମ୍ଭବ ନ ଥିଲା ।

ମଧ୍ୟପ୍ରଦେଶ ସହିତ ଓଡ଼ିଶା ମିଶ୍ରଣର ସପକ୍ଷବାଦୀମାନେ 'ପ୍ରାର୍ଥନା' ପୁସ୍ତିକା ପ୍ରକାଶ କରି କେବଳ ନୀରବ ରହି ନଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ମଧ୍ୟପ୍ରଦେଶ ସହିତ ମିଶ୍ରଣ ପାଇଁ ଏକ ଆବେଦନ ପତ୍ରରେ ଆରମ୍ଭ ହୋଇଥିଲା ସ୍ୱାକ୍ଷର-ସଂଗ୍ରହ ଅଭିଯାନ । "ପ୍ରାର୍ଥନା" ବପକ୍ଷରେ ଅବଶ୍ୟ ପ୍ରକାଶ ପାଇଥିଲା "ଜ୍ଞାନାଞ୍ଜନ ଶଲାକା" ।

ମାନ୍ଦ୍ରାଜ ସରକାରୀ ଦାସ୍ତିକାମାଡ଼ ଭିତରେ ପରସ୍ଥିତି ଦିନୁଦିନ ଜଟିଳ ହୋଇ ଉଠୁଥିଲା । "ଦ୍ୱିତୀୟୋ ବିବାଦେ ଭୂତସ୍ୟ ଲଭଃ" ପରି, ବଙ୍ଗଳା ବନାମ ମଧ୍ୟପ୍ରଦେଶ ବସମ୍ବାଦ ମଧ୍ୟରେ ଗଞ୍ଜାମ ଜିଲ୍ଲା କାଲକାଳ ପାଇଁ ମାନ୍ଦ୍ରାଜରେ ରହିଯିବାର ଆଶଙ୍କା ଜମେ ସ୍ପଷ୍ଟତର ହୋଇ ଉଠୁଥିଲା ।

ଦିନେ ସମ୍ମିଳନୀର ସମ୍ପାଦକ ଅଭିମନ୍ୟୁ ଭଞ୍ଜ ଚନ୍ଦ୍ରଭ ଭାବରେ କହିଲେ..... "ମଧ୍ୟପ୍ରଦେଶ ସହିତ ମିଶ୍ରଣ ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନଟା ଜମେ ଯେପରି ଭେଜି ଉଠୁଛି, ଲକ୍ଷ୍ୟ କରୁଛନ୍ତି ସାର୍ ?"

ମଧୁସୂଦନ ଉତ୍ତର ଦେଲେ...."ଗୌରୀଶଙ୍କରଙ୍କ 'ଜ୍ଞାନାଞ୍ଜନ ଶଲାକା' ସୁଦ୍ଧା ଯଦି କାମ ନ ଦେଲା, ତା'ହେଲେ ଆଉ କ'ଣ କରିଯାଇ ପାରିବ ? କିନ୍ତୁ 'ପ୍ରାର୍ଥନା'ର ଲେଖକ କିଏ ? କ'ଣ ବୁଝି ମଧ୍ୟପ୍ରଦେଶ ସହିତ ମିଶିବା ପାଇଁ ସେ ଏପରି ବ୍ୟାକୁଳ ?"

ଅଭିମନ୍ୟୁ କହିଲେ "ଶୁଣୁଛ, ରେଭେନ୍‌ସା କଲେଜର ଜଣେ କେହି ଗ୍ରୁଡ ଏ 'ପ୍ରାର୍ଥନା' ପଦ୍ୟର ଲେଖକ । କିନ୍ତୁ ସିଏ ବା ଏ ସମସ୍ୟା ବୁଝିଛନ୍ତି କ'ଣ ?"

ମଧୁସୂଦନ—"ଗ୍ରୁଡ ଜଣେ ଏହାକୁ ଦୁଇଚ ଲେଖିଥାଇ ପାରନ୍ତି । ମାନ୍ଦ୍ର ଏଥିରେ ଗୋକୁଳାନନ୍ଦ ପ୍ରଭୃତିଙ୍କର ଯେ ହାତ ନାହିଁ, ସେ କଥା ତୁମେ ଅସ୍ୱୀକାର କରିପାରିବ ନାହିଁ ଅଭିମନ୍ୟୁ । କିନ୍ତୁ ମଧ୍ୟପ୍ରଦେଶ ସହିତ ମିଶିବା ସପକ୍ଷରେ ସେମାନଙ୍କର ଯୁକ୍ତି କ'ଣ ? ମୁଁ ବଙ୍ଗାଳୀ, ତେଣୁ ବଙ୍ଗଳା ସହିତ ଓଡ଼ିଶାକୁ ରଖିବା ପାଇଁ ଗୁହୁଁଚୁ···ଏଇଆ ? ନାଁ। ଏହାଛଡ଼ା ସେମାନଙ୍କର ଆଉ ଅନ୍ୟ କିଛି ଯୁକ୍ତି ଅଛି ?"

ଅଭିମନ୍ୟୁ କହିଲେ, "ମତଭେଦର ପ୍ରକୃତ କାରଣ କହିଦେଲେ ତ ଲୋକେ ସବୁକଥା ବୁଝିଯିବେ । ଏ କେବଳ ଲୋକଙ୍କ ଆଖିରେ ଧୂଳି ପକାଇ ଆପଣା ଇଷ୍ଟସାଧନର ପ୍ରଚେଷ୍ଟା ।"

ମଧୁସୂଦନ ଅସହିଷ୍ଣୁ ଭାବରେ ଚଉକାରୁ ଉଠିପଡ଼ି ଘରଭିତରେ ଇତସ୍ତତ ପଦଚାରଣା କରି କହିଲେ "କିନ୍ତୁ ମଧ୍ୟପ୍ରଦେଶରେ ଓଡ଼ିଶା ମିଶିଲେ କାହାର କ ଇଷ୍ଟ ଅଛି କହି ପାରିବ ଅଭିମନ୍ୟୁ ? ମଧ୍ୟପ୍ରଦେଶ ଯେ ଓଡ଼ିଶା ତୁଳନାରେ ଆଉର ଅନୁନ୍ନତ ! ଆଉର ଅନଗ୍ରସର ! ମଧ୍ୟପ୍ରଦେଶ ସହିତ ରହି ଓଡ଼ିଶାର ଲାଭ କ'ଣ ?"

Digitized by srujanika@gmail.com

ଅଭିମ ଶଙ୍କିତ କଣ୍ଠରେ ଉତ୍ତର ଦେଲେ "କେହି କେହି ଜାଣୁଛନ୍ତି, ଓଡ଼ିଶା ମଧ୍ୟପ୍ରଦେଶରେ ରହିଲେ ଓଡ଼ିଆଙ୍କୁ କିଛି କିଛି ସରକାରୀ ସୁବିଧା ମିଳିବ । ବଙ୍ଗଳା ସଙ୍ଗରେ ରହିବାରୁ ବଙ୍ଗାଲୀମାନଙ୍କ ସହିତ ପ୍ରତିଯୋଗିତାରେ ଓଡ଼ିଆମାନେ ଉଠିପାରୁନାହାନ୍ତି ।"

ମଧୁସୂଦନ ବିସ୍ଫୋରଣ କରି ଉଠିଲେ "କେତେଜଣ ସୁବିଧା ପ୍ରାର୍ଥୀଙ୍କ ପାଇଁ କ'ଣ ସମୂହ ଓଡ଼ିଶାର ଭବିଷ୍ୟତକୁ ଏଇପରି ଜଳାଞ୍ଜଳି ଦେବାକୁ ପଡିବ ? ଆଉ ସୁବିଧା ଦୃଷ୍ଟିରୁ ବିଚାର କଲେ ସମ୍ବଲପୁର ତ ମଧ୍ୟପ୍ରଦେଶରେ ରହିଛୁ । କେତେଜଣ ଓଡ଼ିଆ ବା ସୁବିଧା ପାଇ ପାରୁଛନ୍ତି ସେଠାରେ ?"

ଏ ବିସମ୍ବାଦ ବିଷୟ ଉପରେ ଆଲୋଚନା କରି, "ଉତ୍କଳର ଅମଙ୍ଗଳ ଚିନ୍ତା" ଶୀର୍ଷକ ଦୁଇଗୋଟି ନବନ୍ଧ ସେତେବେଳେ 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇଥିଲା । ବିସମ୍ବାଦର ପ୍ରକୃତ ପରିଚୟ ପାଇଁ ନମ୍ନରେ ତାହା ଉଦ୍ଧୃତ ହେଉଅଛି :—

"ଉତ୍କଳର ଅମଙ୍ଗଳ ଚିନ୍ତା।"

"ବଙ୍ଗଦେଶର ଶାସନଭାର ଲାଘବ ଏବଂ ଭିନ୍ନ ଭିନ୍ନ ପ୍ରଦେଶାନ୍ତର୍ଗତ ଉତ୍କଳଭାଷୀ ପ୍ରଜ୍ୟଙ୍କୁ ଏକତ୍ର କରିବା ଅଭିପ୍ରାୟରେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ଯେ ବିସ୍ତର କରୁଅଛନ୍ତି ସମସ୍ତଙ୍କୁ ତାହା ଜଣାଅଛି । ଗଭର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ଏହିକ ମାଦ୍ରାଜ ଓ ମଧ୍ୟପ୍ରଦେଶାନ୍ତର୍ଗତ ଅଳ୍ପ ପରିମାଣ ଉତ୍କଳଭାଷୀ ଭୂମି ଓଡ଼ିଶା ସଙ୍ଗେ ମିଶାଇ ସମସ୍ତ ଉତ୍କଳ ଖଣ୍ଡକୁ ବଙ୍ଗ ଶାସନରେ ଭର୍ତ୍ତି କରିବା ଏବଂ ବଙ୍ଗର ପୂର୍ବାଞ୍ଚଳସ୍ଥ ଢାକା ସିଲ୍ହେଟ ଓ ଚଟ୍ଟଗାଁ ବିଭାଗକୁ ବଙ୍ଗଳାରୁ ବାହାର କରିନେଇ ଆସାମ ପ୍ରଦେଶ ସଙ୍ଗେ ଯୋଗକରି ଆସାମର ପ୍ରଜ୍ୟାଙ୍କ ଢାକା ବା ଚଟ୍ଟଗାଁରେ ସ୍ଥାପନ କରିବା ଏବଂ ବ୍ରୋଚ୍ଚନାଗପୁରର କେତେକାଂଶ ଅଞ୍ଚଳ ମଧ୍ୟପ୍ରଦେଶକୁ କାଢିନେବା । ଏହି ଖାରଜ· ଦାଖଲ ପ୍ରସ୍ତାବ ସମ୍ବନ୍ଧରେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ବଙ୍ଗୀୟ ଗଭର୍ଣ୍ଣମେଣ୍ଟଙ୍କର ମତ ଲେଖିବାରୁ ମାନ୍ୟବର ବଙ୍ଗେଶ୍ୱର ଜନସାଧାରଣଙ୍କର ମତ ସଂଗ୍ରହ କରି ଜଣାଇବାକୁ ବିଭାଗୀୟ କମିଶନରମାନଙ୍କୁ ପତ୍ର ଲେଖିଅଛନ୍ତି ଏବଂ ତଦନୁସାରେ ଜିଲ୍ଲା ମାଜିଷ୍ଟ୍ରେଟମାନେ ନିଜ ନିଜ ଏଲ୍ଲାକାର ଲୋକଙ୍କ ମତ ସଂଗ୍ରହ କରୁଅଛନ୍ତି । ବଙ୍ଗଳାର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ଏ ବିଷୟରେ ଘୋର ଆନ୍ଦୋଳନ ଉପସ୍ଥିତ ହୋଇଛି ଓ ସ୍ଥାନେ ସ୍ଥାନେ ପ୍ରତିବାଦ ମଧ୍ୟ ହୋଇଅଛି । ଢାକା, ଚଟ୍ଟଗାଁ ପ୍ରଭୃତିର ଲୋକମାନେ ଆସାମ ସଙ୍ଗେ ମିଶିବାକୁ ଅଥବା କୌଣସି ମତେ ବଙ୍ଗଳାରୁ ବାହାରିଯିବାକୁ ନିତାନ୍ତ ଅସମ୍ମତ ଥିବାର ଜଣାଯାଏ ଏବଂ ବଙ୍ଗଳାର ଲୋକମାନେ ସେମାନଙ୍କର ସାଙ୍ଗ ଛାଡ଼ିବାକୁ ମଧ୍ୟ ସମ୍ମତ ନୁହନ୍ତି । ବ୍ରୋଚ୍ଚନାଗପୁରର ଲୋକମାନେ ବଙ୍ଗାଲୀଙ୍କ ପରି ଅଗ୍ରସର ହେଉ ନାହାନ୍ତି ବୋଲି ହେଉ ଅଥବା ଅନ୍ୟ କାରଣରୁ ହେଉ ଡେଚ୍ଚେ ଆନ୍ଦୋଳନ କରି ନ ପାରିଲେ ହେଁ ବଙ୍ଗଳାକୁ ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରିଅଛନ୍ତି । ଅନ୍ୟତଃ ସେହି ମର୍ମର କେତେଟା ତାର ସମ୍ବାଦ କଲିକତାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଛି । ଉତ୍କଳରେ ଏ ବିଷୟରେ

Digitized by srujanika@gmail.com

ଏପର୍ଯ୍ୟନ୍ତ କଛ ପ୍ରକାଶ୍ୟ ଆନ୍ଦୋଳନ ହୋଇ ପାରି ନାହିଁ କମ୍ବା କଲିକତାର କୌଣସି ସମ୍ବାଦପତ୍ରରେ କଛ ତାର ସମ୍ବାଦ ପ୍ରକାଶିତ ହୋଇନାହିଁ । ବରଂ ଗଞ୍ଜାମ, ସମ୍ବଲପୁର ଓ ଓଡ଼ିଶାର ସମ୍ବାଦପତ୍ରମାନେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ଆନନ୍ଦ ସହିତ ଅନୁମୋଦନ କରିବାର ଦେଖାଯାଇଛନ୍ତି ଏବଂ ଯଦ୍ୟପି କ ଏକା ଓଡ଼ିଆ ଓ ନବଯୁବାଦର ଇଂରାଜୀ ସ୍ୱରରେ ଟିକେ ଭିନ୍ନ ମତ ପ୍ରକାଶିତ ହୋଇଅଛ ତାହା ଏତେ ସ୍ପଷ୍ଟ ନୁହେଁ । କେବଳ "ପ୍ରାର୍ଥନା" ନାମରେ ପୁସ୍ତରେ ଖଣ୍ଡିଏ ପୁସ୍ତିକା ଛପାହୋଇ ବଣ୍ଟା ହୋଇଥିବାର ଯାହା ଅଳ୍ପ ଜନ ହେଲ୍ଲ ପାଠକମାନଙ୍କୁ ଜଣାଇ ସାବଧାନ ପୁଙ୍କ ପାଠ କରିବା କାରଣ ଅନୁରୋଧ କରିଅଛୁଁ; ତହିଁରେ ଓଡ଼ିଆସ୍ତ୍ରୀ ଗଞ୍ଜାମକୁ ମଧ୍ୟପ୍ରଦେଶ ସଙ୍ଗେ ଯୋଗ କଲେ ଭଲ ହେବ ବୋଲି ଲେଖାଅଛ । ମାନ୍ୟ ସେ ପୁସ୍ତିକାରେ ଲେଖକ ଆପଣାର ନାମ ପ୍ରକାଶ ନ କରି ବେନାମୀରେ ପ୍ରକାଶ କରିବା ଦ୍ୱାରା ଦୁର୍ବଳତାର ପରିଚୟ ଦେଇଅଛନ୍ତି ଓ ତହିଁ ଲକ୍ଷିତ ଅନୁମାନ ତେମନ୍ତ ଦୁର୍ବଳ ଅଟେ । ମନଯୋଗ ପୁଙ୍କ ପଢ଼ିଲେ ତହିଁରୁ ଏହି ସାର କଥା ବାହାରୁଅଛ ଯେ ଓଡ଼ିଆମାନେ ବଙ୍ଗାଲୀଙ୍କ ସଙ୍ଗେ ପ୍ରତଯୋଗିତାରେ ପାରୁନାହାନ୍ତି । ମଧ୍ୟପ୍ରଦେଶ ସଙ୍ଗେ ମିଶିଲେ ସେ ପ୍ରଦେଶର ଲୋକସଙ୍ଖ୍ୟା ଅନୁପାତରେ ଓଡ଼ିଆଙ୍କର ବଳ କଛ ଅଧିକ ହେବ ଓ ପ୍ରତଯୋଗିତାର ଫଳ କଛ ଅଧିକ ହେବ । ଅର୍ଥାତ୍ ଜଣ କେତେ ଅଧିକା ଓଡ଼ିଆ ସରକାସ୍ତ ସ୍କୁଲସ୍ତ ପାଇବେ । ଏଥିରୁ ସ୍ପଷ୍ଟ ଜଣାଯାଉଅଛ ଯେ ସେହି ପୁସ୍ତିକା ଲେଖକ ଓ ତାହାଙ୍କର ପୃଷ୍ଠପୋଷକମାନେ ମରହଟ୍ଟାଙ୍କ ବଳ ଆଦୌ ଜଳ ପାରି ନାହାନ୍ତି । ମରହଟ୍ଟାମାନେ ବଙ୍ଗାଲୀଙ୍କ ଠାରୁ ବୁଦ୍ଧି, ସାହସ ଓ ଶ୍ରମପଟୁତାରେ ଉଣା ନ ହୋଇ ବରଂ ଅଧିକ ଅଟନ୍ତି ଏବଂ ଯଦ୍ୟପି କ ପାଶ୍ଚାତ୍ୟ ଶିକ୍ଷା ବଙ୍ଗଳା ପରି ମଧ୍ୟପ୍ରଦେଶରେ ଏ ପର୍ଯ୍ୟନ୍ତ ପ୍ରଚୁର ହୋଇନାହିଁ ତହିଁର କାରଣ ବଙ୍ଗଦେଶରେ ଇଂରାଜ ଶିକ୍ଷାର ବ୍ୟବସ୍ଥା ଯେ ସମସ୍ତରେ ହୋଇଥିଲ, ତହିଁର ଅନେକ ପଛରେ ସେଠାରେ ହୋଇଅଛ । ଯେଉଁ ଓଡ଼ିଆମାନେ କଲିକତାର ଏତେ ନିକଟରେ ରହି ବଙ୍ଗାଲୀଙ୍କ ସଙ୍ଗେ ପ୍ରତଯୋଗିତା କରିବାକୁ ଅକ୍ଷମ ହେଲେ ସେମାନେ ଏତେଦୂର ନାଗପୁରରେ ମରହଟ୍ଟାମାନଙ୍କୁ ପାରିବେ ବୋଲି ମନେ କରନ୍ତି, ଆଶ୍ଚର୍ଯ୍ୟର ବିଷସ୍ତ ଅଟେ । ଆହା ଦୁର୍ଭାଗ୍ୟ କ କେବଳ ସ୍କୁଲରଆ ଏବଂ ଉକଲ ପ୍ରଭୃତ ବଦ୍ୟାଜୀବୀଙ୍କ ପକାଶେ ? ଲକ୍ଷ ଲକ୍ଷ ପ୍ରଜାର ଦୁଃଖାଦ୍ଦିଷ କ ବସ୍ତୁର୍ଯ୍ୟ ବିଷସ୍ତ ନୁହେଁ ? ତାହାହେଲେ ମଧ ସମ୍ବଲପୁର ଜଲ୍ଲା ଅଥବା ରାସ୍ତପୁର ବସ୍ତ୍ରରେ କେତେଟା ସ୍କୁଲସ୍ତ ବା ବସ୍ତୁଗ୍ଦଲସ୍ତାଦ କଲେଜମାନ ଅଛ ଏବଂ ତହିଁରେ କେତେ ଲୋକ ପୋଷା ହୋଇ ପାରିବେ, ଆଗେ ସେ ସମସ୍ତର ଅନୁସନ୍ଧାନ ନେଇ ପଛେ ସେ ଆଶାରେ ମଧ୍ୟପ୍ରଦେଶକୁ ଯିବାର ଉଚତ୍ ନୁହେଁ କ ? ମଧ୍ୟପ୍ରଦେଶର ଉକଲଜୀବୀ ଜଲ୍ଲା ସମ୍ବଲପୁରର ସରକାସ୍ତ ମହକୁମାମାନ ବଙ୍ଗଳାର ଅନ୍ତର୍ଗତ ଷୁଦ୍ର ଜଲ୍ଲା ପୁସ୍ତ ସଙ୍ଗେ ସୁଦ୍ଧା ସମ ନୁହେଁ, ପରନ୍ତୁ ବଙ୍ଗର ଶାସନକର୍ତ୍ତା ଅପେକ୍ଷା ମଧ୍ୟପ୍ରଦେଶର ଶାସନକର୍ତ୍ତା ସମ୍ବଲପୁର ପକାଶେ ଅଧିକ କଛ କରିଅଛନ୍ତି କ; ଯାହା ଦେଖି ଓଡ଼ିଶାର ଲୋକମାନେ ବଙ୍ଗଳା ତ୍ୟଜି ମଧ୍ୟପ୍ରଦେଶରେ ଭରତ ହେବାକୁ ଉତ୍ସୁକ ପଡ଼ିବେ ? ତୁମ୍ଭେ କହିପାର ଯେ ମଧ୍ୟପ୍ରଦେଶରେ ଅଳ୍ପ ଓଡ଼ିଆ ଥିବାରୁ ସେମାନଙ୍କର ଉନ୍ନତ ହୋଇ ପାରୁନାହିଁ । ଓଡ଼ିଶାର ଲୋକସଙ୍ଖ୍ୟା ଅଧିକ ହେରୁ ବଙ୍ଗ ଗଭର୍ଣ୍ଣମେଣ୍ଟ ଯାହା କରିଅଛନ୍ତି

Digitized by srujanika@gmail.com

ମଧ୍ୟପ୍ରଦେଶ-ଗଭର୍ଣ୍ଣମେଣ୍ଟ ମଧ୍ୟ ତାହା କରିବେ । ଭବିଷ୍ୟତ ଆଶାରେ ବର୍ତ୍ତମାନ ଉନ୍ନତ ତ୍ୟାଗ କରିବା ପୁ ବୁଦ୍ଧିର କାର୍ଯ୍ୟ ଅଟେ କ ? ବରଂ ପୁ ଉତ୍ତମରୂପ କଥା ଏହିକ ଷ୍ଟ୍ରୁ ଗୁଜ୍ୟଖଣ୍ଡକୁ ବୃହତ ଗୁଜ୍ୟ ସଙ୍ଗେ ମିଶାଇ ତହିଁର ଉନ୍ନତି ସାଧନ କରିବାକୁ ହେବ । ସ୍ୱରତ ଗଭର୍ଣ୍ଣମେଣ୍ଟ ଏହି ନ୍ୟାସ୍ୱସଙ୍ଗତ ବସ୍ତୁର କର ବଙ୍ଗର ଅଧୀନ ଓଡ଼ିଶା ସଙ୍ଗେ ଗଞ୍ଜାମ ଓ ସମ୍ବଲପୁରକୁ ମିଶାଇବାରେ ସଫଳ କର ଅଛନ୍ତି । ଏହି ପ୍ରସ୍ତାବ କେବଳ 'ପ୍ରାର୍ଥନା' ଲେଖକ ଏବଂ ତାହାଙ୍କର ଦଳଭୁକ୍ତ କେତେକ ଲୋକ ଯେଉଁମାନେ କ ଏପର୍ଯ୍ୟନ୍ତ ନିଜ ନିଜ ନାମ ପ୍ରକାଶ କରିବାକୁ ସାହସୀ ହୋଇ ନାହାନ୍ତି ସେମାନଙ୍କ ଛଡ଼ା ଆଉ ସମସ୍ତେ ଅନୁମୋଦନ କରିଛନ୍ତି ଏବଂ ଦୀର୍ଘକାଲରୁ ସେହି ପ୍ରାର୍ଥନା ଗଭର୍ଣ୍ଣମେଣ୍ଟରେ କର ଆସୁଅଛନ୍ତି ତାହା ବୋଲିବା ବାହୁଲ୍ୟ । ଆମ୍ଭେମାନେ ଗତ ୫୦ ବର୍ଷରୁ ଉର୍ଦ୍ଧ୍ୱକାଳରୁ କ୍ରମାଗତ ସମସ୍ତ ଉତ୍କଳଭାଷୀ ଗୁଜ୍ୟକୁ ବଙ୍ଗଳା ଗଭର୍ଣ୍ଣମେଣ୍ଟର ଅଧୀନରେ ଆଣିବା କାରଣ ପ୍ରାର୍ଥନା କର ଆସୁଅଛୁ ଏବଂ ଆମ୍ଭମାନଙ୍କର ପୂର୍ବତନ ସହଯୋଗୀମାନେ ଏବଂ ସୁଦ୍ଧତମ କମିଶନର ପ୍ରଭୃତି ଓଡ଼ିଶାର ପ୍ରଧାନ ହାକିମମାନେ ସେହି କଥା ସମସ୍ତ ସମସ୍ତରେ କହିଅଛନ୍ତି । ପୂର୍ବତନ କଥା ଗୁଡ଼ିଦେଲେ ମଧ୍ୟ ଏଣିକ ବାହାରିବା ସମ୍ବଲପୁରହିତୈଷିଣୀ, ପ୍ରଜାବନ୍ଧୁ, ଦୃତବାହକ ପ୍ରଭୃତି କୌଣସି ଉତ୍କଳ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବର ସପକ୍ଷ ବିନା ବିପକ୍ଷରେ ଏ ପର୍ଯ୍ୟନ୍ତ କିଛୁ କହିନାହାନ୍ତି ଏବଂ ସେ ସମସ୍ତରେ ଖଣ୍ଡେ ପ୍ରତିବାଦସୂଚକ ପ୍ରେରିତ ପତ୍ର ସୁଦ୍ଧା ବାହାର କରିବାର ମନେ ହେଉନାହିଁ । ଏଥିରୁ କ ସ୍ପଷ୍ଟ ଜଣା ଯାଉନାହିଁ ଯେ, କେତେକ ଲୋକ ମିଶି ଗୋପନ ଭାବରେ ଆପଣାର ସ୍ୱାର୍ଥପର ଅଭିପ୍ରାୟ ସାଧନର ଚେଷ୍ଟାରେ ଅଛନ୍ତି । ଆଜି ଏହି ପର୍ଯ୍ୟନ୍ତ । ଆସନ୍ତା ସପ୍ତାହରେ ଅନ୍ୟାନ୍ୟ କଥା ପ୍ରକାଶ କରିବୁ । ବିପତ୍ତି ଅତ୍ୟନ୍ତ ଗୁରୁତର ଏବଂ ଏଥିଉପରେ ଉତ୍କଳର ଦୃଢାଦୃଢ ବିଶେଷ ରୂପେ ନିର୍ଭର କରେ । ଆମ୍ଭମାନଙ୍କର ଏଇକ ଅନୁରୋଧ ଯେ ଆମ୍ଭମାନଙ୍କର ସୁଯୋଗ୍ୟ ବଙ୍ଗୀୟ କମିଶନର କେହି କେହି ଜିଲ୍ଲା ହାକିମଙ୍କ ଅପରପକ୍ଷ ଭରଭରିଆ ରିପୋର୍ଟ ଉପରେ ନିର୍ଭର ନ କରି ଧୀର ଭାବରେ ସୁଦ୍ଧର କାଗଜପତ୍ରମାନ ଦେଖି ଏବଂ ଭିନ୍ନ ଭିନ୍ନ ଶ୍ରେଣୀର ଲୋକଙ୍କର ମତ ଗ୍ରହଣ ଏବଂ ସକଳ ଦିଗ ବିବେଚନା କର ଗଭର୍ଣ୍ଣମେଣ୍ଟଙ୍କର ପତ୍ରର ଉତ୍ତର ଦେବେ ଯେମନ୍ତ କ ତାହାଙ୍କଠାରେ ଉତ୍କଳର ଭାଷା ଅମଙ୍ଗଳର କଳଙ୍କ ଲାଗିବ ନାହିଁ । ଏ ପ୍ରବନ୍ଧ ଲେଖାହୋଇ ଉତ୍ତୁରୁ ଅବଗତ ହେଲୁ ଯେ ଓଡ଼ିଶାକୁ ମଧ୍ୟପ୍ରଦେଶ ଅନ୍ତର୍ଗତ କରିବା କାରଣ ଖଣ୍ଡେ ଆବେଦନ ପତ୍ର ପ୍ରସ୍ତୁତ ଏବଂ ତହିଁରେ ସ୍ୱାକ୍ଷର ସଂଗ୍ରହର ଉଦ୍ୟମ ଲାଗିଅଛୁ । ସେ ସମ୍ବନ୍ଧରେ ପରାମର୍ଶ କରିବା କାରଣ ଜଣେ ଉଦ୍ଭଲୋକ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ନିକଟକୁ ଯାଇଥିଲେ । ଦାସ ମହୋଦୟ ଏଥିପାଇଁ ଗୋଟିଏ ପ୍ରକାଶ୍ୟ ସଭା କରିବା ଉଚିତ୍ ବୋଲି କହିବାରେ ସେ ଉତ୍ତର ଦେଲେ କ ପ୍ରକାଶ୍ୟ ସଭା ଡାକି ବସ୍ତୁର କରିବା ଉଦ୍ୟମକାରୀଙ୍କର ଇଚ୍ଛା ନୁହେଁ । ତା'ହେଲେ ସ୍ପଷ୍ଟ ଜଣାଯାଉଅଛୁ ଯେ ସେମାନଙ୍କର ପ୍ରସ୍ତାବରେ ନିଜର ଦୃଢ଼ତା ନାହିଁ ଏବଂ ସେଥିପାଇଁ ଗୋପନରେ ଲୋକଙ୍କୁ ଫୁସୁଲାଇ କାର୍ଯ୍ୟ ସାଧନାର ଚେଷ୍ଟା କରୁଅଛନ୍ତି । ଏ ଅବସ୍ଥାରେ ଲୋକଙ୍କୁ ସୁଦ୍ଧରୁ ସାବଧାନ କରିବା ଏକାନ୍ତ କର୍ତ୍ତବ୍ୟ ବିବେଚନା କର ଏ କଥା

Digitized by srujanika@gmail.com

ପ୍ରକାଶ କଲୁ । ଆଶା କରୁ ଲୋକେ ସାବଧାନ ପୁଂକ ହୃଦାହୃଦ ବଗ୍ଧର କର କାର୍ଯ୍ୟ କରବେ ।"

(୬)

"ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁ ଯେ ଉତ୍କଳକୁ ମଧ୍ୟପ୍ରଦେଶର ଶାସନ ସଙ୍ଗେ ଯୋଗ କରବା କାରଣ କେହି ଖଣ୍ଡିଏ ଆବେଦନ ପତ୍ର କେତେକ ଲୋକଙ୍କର ସ୍ୱାକ୍ଷର କରାଇ ଗଭର୍ଣ୍ଣମେଣ୍ଟକୁ ପଠାଇବାର ଚେଷ୍ଟାରେ ଅଛନ୍ତି । ସେହି ଆବେଦନ ପତ୍ର ପ୍ରସ୍ତୁତ ହୋଇ ସ୍ୱାକ୍ଷର ହୋଇଅଛୁ କି ନାହିଁ ଏ ପର୍ଯ୍ୟନ୍ତ ଆମ୍ଭେମାନେ ଜାଣିପାରନାହୁଁ । ମାତ୍ର ଏଥି ମଧ୍ୟରେ ଖଣ୍ଡିଏ ଇଂରାଜୀ ଛାପାକାଗଜ ବଣ୍ଟା ହେବାର ଦେଖିଅଛୁଁ । ତାହାର ନାମ ହେଉଛୁ ଯୁକ୍ତ ଓଡ଼ିଶାକୁ ଏକ ଜଣ ପ୍ରଧାନ କମିଶନର ଅଥବା ମଧ୍ୟପ୍ରଦେଶଭୁକ୍ତ କରବାର ହେତୁବାଦ । ଏଥିରେ ଯେ ସମସ୍ତ ହେତୁ ପ୍ରଦର୍ଶିତ ହୋଇଅଛୁ ତାହା ପ୍ରାର୍ଥନା ପୁସ୍ତିକା ଲକ୍ଷିତ ହେତୁମାନଙ୍କ ସହିତ ସମାନ ଏବଂ ଉଭୟ ଏକ ଅଚର୍ଚ୍ଚିତ ବ୍ୟକ୍ତି ବା ବ୍ୟକ୍ତି-ମାନଙ୍କର ରଚନା, କେବଳ ଭାଷାରେ ପ୍ରଭେଦ । 'ପ୍ରାର୍ଥନା'ର ପ୍ରଦର୍ଶିତ ଯୁକ୍ତି ବରୁଦ୍ଧରେ ଏ ସପ୍ତାହରେ କିଛୁ ଲେଖିବାକୁ ଇଚ୍ଛା କରଥିଲୁ । ମାତ୍ର "ଜ୍ଞାନାଞ୍ଜନ ଶଲାକା' ନାମରେ ଖଣ୍ଡିଏ ପୁସ୍ତିକା ଏ ସପ୍ତାହରେ ବାହାର ବସ୍ତର ବଣ୍ଟା ହୋଇଥିବାର ଦେଖି ସେ ସମ୍ବନ୍ଧରେ ଆଉ କିଛୁ କହିବାର ପ୍ରୟୋଜନ ଦେଖିନାହୁଁ । ପାଠକମାନେ ଉଭୟ ପୁସ୍ତିକା ପଢ଼ି ଅନାୟାସରେ ନିଜ ନିଜ ମତ ସ୍ଥିର କର ପାରବେ । ଆମ୍ଭେମାନେ କେବଳ ଏତକ କହିବା ଆବଶ୍ୟକ ବିବେଚନା କରୁ କି ସ୍ୱମତକୁ ଆଣିବା କାରଣ ଚଳାପଡ଼ ସରଳ ଭାବରେ ସତ୍ୟ କଥା ପ୍ରକାଶ କଲେ ତହିଁରେ କେହି ଦୋଷ ଦେଇ ନପାରେ । ମାତ୍ର ଅପ୍ରକୃତ କଥା କହି ଲୋକଙ୍କୁ ଭୁଲାଇବାର ଚେଷ୍ଟା କାହିଁକି ? ଏହା ତ ସରଳ ମାର୍ଗ ନୁହେଁ ଏବଂ ସେପର ମାର୍ଗରେ ସିଦ୍ଧି ନନ୍ଦନାସ୍ତି । ଆମ୍ଭେମାନେ ଗତ ସପ୍ତାହରେ ଦେଖାଇଅଛୁ ଯେ ଆଜକୁ ୫୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଯେ କେତେ କାଳରୁ ଓଡ଼ିଆ ଭାଷାର ସୃଷ୍ଟି ଏବଂ ଓଡ଼ିଆଙ୍କର ଉନ୍ନତର ଚନ୍ଦ୍ରାର ସୂନ୍ଦପାତ ହୋଇଛୁ ତେତେକାଳରୁ ବଙ୍ଗୀୟ ଓ ଚନ୍ଦ୍ରାଶୀଳ ବ୍ୟକ୍ତିମାନେ ଉତ୍କଳଭାଷୀ ଗଞ୍ଜାମ, ସମ୍ବଲପୁର ବଙ୍ଗଶାସନାଧୀନ ଓଡ଼ିଶା ସଙ୍ଗେ ମିଶାଇବା ଉଚିତ୍ ବୋଲି କହି ଆସୁଅଛନ୍ତି ଏବଂ ସେହି ଅଭିପ୍ରାୟ ପୁନଃ ପୁନଃ ଗଭର୍ଣ୍ଣମେଣ୍ଟରେ ପ୍ରକାଶ କର ଆସୁଅଛନ୍ତି । ସମ୍ବଲପୁରର ଲୋକମାନେ ମଧ୍ୟ ବଙ୍ଗଳା ଅନ୍ତର୍ଗତ ଓଡ଼ିଶା ସଙ୍ଗେ ମିଶିବାକୁ କେବେ ଅନିଚ୍ଛା ପ୍ରକାଶ କରନାହାନ୍ତି । ବରଂ ଯେତେବେଳେ ସେଠାରେ ସରକାରୀ କଚେରୀ ସମୂହରୁ ଓଡ଼ିଆ ଭାଷା ଉଠିଗଲା ତେତେବେଳେ ଏବଂ ପୁନର୍ବାର ଅଲ୍ପଦିନ ହେଲା ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହେବାକାଳରେ ସେହି ଇଚ୍ଛା ପ୍ରକାଶ କରଥିଲେ । ଏତେକେଳେ ସୁଦ୍ଧା ସେମାନେ ସେହି କଥା କହୁଛନ୍ତି । ବଙ୍ଗୀୟ ଓଡ଼ିଶା ସଙ୍ଗେ ମିଶିବା କାରଣ ଗଭର୍ଣ୍ଣମେଣ୍ଟରେ ଆବେଦନ କରନ୍ତେ ସେ ପ୍ରସଙ୍ଗରେ ଏ ନଗରରେ ଯେଉଁ ସଭା ହୋଇଥିଲା ତହିଁରେ ସମସ୍ତ ଓଡ଼ିଶା ବା ଉତ୍କଳଭାଷୀ ପ୍ରଜା ସକାଶେ ଜଣେ ସ୍ୱତନ୍ତ୍ର ଚଫ୍ କମିଶନର ହେବା ଓ ନୋହିଲେ ବଙ୍ଗଳା

Digitized by srujanika@gmail.com

ସଙ୍ଗେ ମିଶିବାର ସିଦ୍ଧାନ୍ତ ହୋଇଥିଲା ଏବଂ ତଦନୁସାରେ ଆବେଦନ ପତ୍ର ଯାଇଅଛୁ । ବଙ୍ଗଳା ସଙ୍ଗେ ମିଶିବା ଠାରୁ ମଧ୍ୟପ୍ରଦେଶ ସଙ୍ଗେ ମିଶିବା ଭଲ, ଏହା କେହି ସ୍ୱୀକାର କରି ଅଛନ୍ତି କି ? ବଙ୍ଗଳା ସପକ୍ଷରେ ମତର ଆଧିକ୍ୟ ଥିଲା । ତହିଁ ଉତ୍ତରୁ ଯେତେବେଳେ 'ପାସ୍ନୋନ୍ସୁର' ଓ 'ଇଂଲସମ୍ୟାନ' ସମ୍ବାଦପତ୍ରମାନଙ୍କରେ ଗଭର୍ଣ୍ଣମେଣ୍ଟ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବାକୁ ଇଚ୍ଛାକରନ୍ତି ବୋଲି ପ୍ରକାଶ ହେଲା ତେତେବେଳେ ଓଡ଼ିଶା-ବାସୀଙ୍କର ମହା ଆତଙ୍କ ଜାତ ହେଲା ଏବଂ ଗତ ନଭେମ୍ବର ମାସରେ ମାନ୍ୟବର ବଙ୍ଗେଶ୍ୱର ଏ ନଗରକୁ ବିଜୟମାନ କରିଅନ୍ତେ ପ୍ରକାଶ୍ୟ ସଭାରେ ତାହାଙ୍କୁ ସେ କଥା ଜଣାଇ ସେ ବିପଦରୁ ରକ୍ଷା ପାଇବା କାରଣ ତାହାଙ୍କୁ ପ୍ରାର୍ଥନା କରିଥିଲେ । ଲେଖକ କହିଅଛନ୍ତି କି ଅଭିନନ୍ଦନ ପତ୍ର ପ୍ରସ୍ତୁତ ହେବା ବେଳେ କମିଟିରେ ସେ ବିଷୟରେ ମତଭେଦ ଘଟିଥିଲା । ମାତ୍ର ସେ ମତଭେଦର ପ୍ରକୃତ କାରଣଟି ନ ଦେଖି ଲୋକଙ୍କ ଆଖିରେ ଧୂଳିପକାଇବା ଦ୍ୱାରା ଆପଣାର ଇଷ୍ଟ ସାଧନରେ ଚେଷ୍ଟା କରିଅଛନ୍ତି । କମିଟିରେ କେବଳ ଏତକ ପ୍ରଶ୍ନ ଉଠିଥିଲା କି ନଜରେ ସେ ବିଷୟରେ ଗଭର୍ଣ୍ଣମେଣ୍ଟକୁ ଆବେଦନ ପତ୍ର ଯାଇ ଉତ୍ତର ଆସିଥିବା ସ୍ଥଳେ ଅଭିନନ୍ଦନ ପତ୍ରରେ ଏ ପ୍ରସଙ୍ଗରେ ଉଲ୍ଲେଖ କରିବା ଉଚିତ୍ କି ନା ? କେତେକ ସଭ୍ୟ ଆବଶ୍ୟକ ନ ଥିବାର ମତ ଦେଲେ, ମାତ୍ର ଅଧିକାଂଶଙ୍କ ମତରେ ଆବଶ୍ୟକ ନ ଥିବାର ଧାର୍ଯ୍ୟ ହେଲା ଏବଂ ତଦନୁସାରେ ଲେଖାଗଲା । ଯେଉଁ ଅଳ୍ପ ଲୋକ ଆବଶ୍ୟକ ନ ଥିବାର ମତ ଦେଲେ ସେମାନେ 'ଓଡ଼ିଶା ମଧ୍ୟପ୍ରଦେଶକୁ ଯିବା ଭଲ ଏପରି କେହି କେହି ନ ଥିଲେ । ବାସ୍ତବରେ ସମସ୍ତେ ଆତଙ୍କିତ ହୋଇଥିଲେ । କେବଳ ତାହା ପୁନଃ ପୁନଃ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇ ବିରକ୍ତ କରିବା ବିଷୟରେ ମତଭେଦ ହୋଇଥିଲା । ପୂର୍ଣ୍ଣ ଉତ୍କଳ ସମ୍ମିଳନୀର କାର୍ଯ୍ୟ ନିର୍ବାହକ ସଭାରେ ବିସ୍ତାର ମତଭେଦ ଘଟିବାର ଲେଖି ଲେଖକ ଆହୁରି ଗୋଟିଏ ଅସରଲତାର ପରିଚୟ ଦେଇଅଛନ୍ତି । ମଧ୍ୟପ୍ରଦେଶରେ ଓଡ଼ିଶା ମିଶିଲେ ଭଲ ହେବ ଏପରି ପ୍ରସ୍ତାବ କେହି ସେ ସଭାରେ ଉପସ୍ଥିତ କରି ନ ଥିଲା କାମ୍ୟା ଅଧିକାଂଶ ମତ ତହିଁ ସପକ୍ଷରେ ପ୍ରକାଶ ହୋଇ ନ ଥିଲା । ଶେଷ ନିଷ୍ପତ୍ତି ପୂର୍ବରୁ ବଙ୍ଗଳା ସଙ୍ଗେ ମିଶାଇବା କଥାରୁ ଲେଖିବା ଅନାବଶ୍ୟକ ବୋଲି କହି ପରାମର୍ଶ ଦେଇଥିବାରୁ ସେପରି ନିର୍ଦ୍ଧାରଣ ପ୍ରସ୍ତୁତ ହୋଇଥିଲା । ଏତେବେଳେ ଜଣାଯାଉଅଛୁ ସେ ପରାମର୍ଶଦାତା 'ପ୍ରାର୍ଥନା' ଓ ହେତୁବାଦର ଲେଖକ ବା ଜଣେ ପ୍ରଧାନ ପ୍ରବର୍ତ୍ତକ ଅଟନ୍ତି । ଯେବେ ଆଦ୍ୟରୁ ତାଙ୍କର ସେପରି ଭାବ ଥିଲା ତେବେ କାର୍ଯ୍ୟ ନିର୍ବାହକ କମିଟିରେ ତାହା ସ୍ପଷ୍ଟାକ୍ଷରରେ ବ୍ୟକ୍ତକରି ସିଦ୍ଧାନ୍ତ କରି ନେଇଥାନ୍ତେ । ତାହା ସେ ସାହସ ପୁଟକ କରିନାହାନ୍ତି ଅଥବା ଯେତେବେଳେ ଉକ୍ତ ନିର୍ଦ୍ଧାରଣ ସମ୍ମିଳନୀର ଅଧିବେଶନରେ ଆଗତ ହୋଇ ଧାର୍ଯ୍ୟ ହେଲା, ସେତେବେଳେ ସେ ଆପତ୍ତି ଜଣାଇନାହାନ୍ତି । ଏତେ ଚନ୍ଦ୍ରାଶଳ ବ୍ୟକ୍ତି ଯେ ଏତେ ବଡ଼ ସଭାରେ ଉପସ୍ଥିତ ନ ଥିଲେ ଏହା କଦାପି ନୁହେଁ ଏବଂ ଯେବେ ସେ ସମସ୍ତଙ୍କ ନିକଟରେ ନିଜର ମତ ପ୍ରକାଶ କରି ତହିଁର ବଳାବଳ ବୁଝି ନ ନେଲେ ତେବେ ବର୍ତ୍ତମାନ ତାହା ଘୋଷିବାର ପ୍ରୟୋଜନ କ ? ମୌନଂ ସମ୍ମତି ଲକ୍ଷଣଂ, ଏହାହିଁ ସମସ୍ତେ ବୁଝନ୍ତି । ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ସମସ୍ତ ଉତ୍କଳଭାଷୀ ପ୍ରଜ୍ୟକୁ ଏକତ୍ର କରିବା ଓ ବଙ୍ଗର ଶାସନରେ ରଖିବାର ପ୍ରସ୍ତାବ କରିଅଛନ୍ତି । ଏଥିପାଇଁ

Digitized by srujanika@gmail.com

ଯେବେ ସମ୍ମିଳନୀ ଗଭର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଲେ ଏବଂ ଧନ୍ୟବାଦର ନର୍ଦ୍ଦାରଣରେ ବିଶେଷ କିଛୁ ନ ଲେଖିଲେ ତେବେ ବି ବୁଝିବାକୁ ହେବ ଯେ ପ୍ରସ୍ତାବର ଏକ ଅଂଶ ସ୍ପଷ୍ଟ ଅପର ଅଂଶ ଅନୁମୋଦନ କଲେ ? ଏପର କହିବା ବିତଣ୍ଡା ବିନା ଅନ୍ୟ କିଛୁ ନୁହେଁ । ଗଞ୍ଜାମ ଓ ସମ୍ବଲପୁରରୁ ଯେଉଁମାନେ ଆସିଥିଲେ ସେମାନେ ଏଠା ଲୋକଙ୍କ ପର ଇଣ୍ଡିଆ ଗଭର୍ଣ୍ଣମେଣ୍ଟର ପ୍ରସ୍ତାବକୁ ଅନୁମୋଦନ କରିଅଛନ୍ତି ଏବଂ ବଙ୍ଗଶାସନାଭ୍ୟକ୍ତ ହେବାପାଇଁ ବ୍ୟଗ୍ରତା ପ୍ରକାଶ କରିଅଛନ୍ତି । ତଥାପି ଯେବେ କାହାର ମନରେ କିଛୁ ସନ୍ଦେହ ଥିବାର ଅନୁମାନ କରିଯାଏ ତେବେ ଗତ ଶନିବାରର ସଭାରେ ତାହା ସମ୍ପୂର୍ଣ୍ଣ ରୂପେ ଦୂର ହୋଇଛୁ । ସେ ସଭାରେ ଏକାଧିକ ବକ୍ତା ଦୃଢ଼ ସ୍ୱରରେ ଏବଂ ଯୁକ୍ତିସଙ୍ଗତ ହେରୁରେ ସମସ୍ତ ଉତ୍କଳଖଣ୍ଡ ବଙ୍ଗ-ଶାସନାନ୍ତର୍ଗତ ହେବାର ବ୍ୟକ୍ତ କଲେ ଏବଂ ସହସ୍ରାଧିକ ଲୋକ ଆନନ୍ଦ ସହକୃତ କରତାଳ ପ୍ରଦାନ ଦ୍ୱାରା ଅନୁମୋଦନ କରିଥିଲେ । କେହି ଜଣେ ପୂଛା 'ନାଁ' ଶବ୍ଦଟି ଉଚ୍ଚାରଣ କରନାହିଁ । ଏଥିରୁ ଯେଉଁ ଲୋକ ବା ଷ୍ଟୁଡେଣ୍ଟଦଳ ପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି କି ଅଧିକାଂଶ ଜାଣିବା ଶୁଣିବା ଲୋକଙ୍କ ମତ ଓଡ଼ିଶାକୁ ମଧ୍ୟପ୍ରଦେଶ ସଙ୍ଗେ ମିଶାଇବା, ସେମାନଙ୍କର ବୁଦ୍ଧି ଓ ସାହସକୁ ଧନ୍ୟ । ଭାଇମାନେ, ଏଥିରୁ ଶିକ୍ଷା ନିଅ । ବିତଣ୍ଡା କରି ଗହଳବାଦ ଜନ୍ମାଇବା ଭଲ ନୁହେଁ । ଆତ୍ମଜ୍ଞାନ ଓ ଆତ୍ମମର୍ଯ୍ୟାଦା ଉପରେ ନର୍ଭର କରି କାର୍ଯ୍ୟ କର । ବିକଳରେ ପର ସ୍ପୃଷ୍ଟି ପରପରେ ପଶିବାକୁ ମନ ବଳାଇବା ଭଲ ନୁହେଁ ଏବଂ ତହିଁରେ ମଙ୍ଗଳ ହେବନାହିଁ । ମାତକାର କହିଅଛନ୍ତି କି ଯେଉଁଠାରେ ରାଜା, ଧର୍ମ, ନଦୀ, ବୈଦ୍ୟ ପ୍ରଭୃତି ନାହାନ୍ତି, ସେଠାରେ ବାସ କରିବା ଉଚିତ ନୁହେଁ । ଓଡ଼ିଶା ରାଜ୍ୟରେ ଯେବେ ସ୍ୱତନ୍ତ୍ର ରାଜା ବା ଶାସନକର୍ତ୍ତା ନ ଘଟେ ତେବେ କଲିକତା ପର ରାଜଧାନୀ, ଗଙ୍ଗାପର ନଦୀ ଏବଂ ବଙ୍ଗପ୍ରଦେଶର ବିସ୍ତାର ଧର୍ମ ଓ ବିଖ୍ୟାତ ବୈଦ୍ୟ ସମୂହ ସ୍ପୃଷ୍ଟ ଅନ୍ୟସ୍ଥାନ ଲୋଡ଼ିବା ଉଚିତ କି ? ଉପସ୍ଥିତ ସାକ୍ଷାତ ଲାଭ ସ୍ପୃଷ୍ଟ ଭବିଷ୍ୟତରେ ସନ୍ଦେହଯୁକ୍ତ ଲାଭ ଲୋଡ଼ିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ଆଉ ଜଣ କେତେକଙ୍କର କପାଳରେ କିଛୁ ଅଧିକ ସରକାର୍ଯ୍ୟ ସ୍ପୃକସ୍ପ ବା ବ୍ୟବସାୟ ଘଟିଲେ ତାହାକୁ ସାଧାରଣ ଲୋକ ମନେ କରିବା ନିତାନ୍ତ ସଙ୍କୀର୍ଣ୍ଣତା । ପ୍ରଜାପୁଞ୍ଜର ହିତାହିତ ବିବେଚନା କରିବା ଉଚିତ । ପ୍ରଜାମାନେ ଖଜଣା ଓ ଟିକସ ଦେବାକୁ ଜନ୍ମ ହୋଇଛନ୍ତି । ତାହା ସ୍ପୃଷ୍ଟ ହେବନାହିଁ । ତେବେ ଯେଉଁଠାରେ ସେ ସ୍ୱର ଅଧିକ ନୁହେଁ ସେହି ସ୍ଥାନ ବାସ୍ତୁନୀୟ । ତାହା ଦେଖାଇବାର ଚେଷ୍ଟା ନ କରି ଆଉ ଯେତେ କହିଲେ କାହାର ମନ ମାନିବ ନାହିଁ । ବଙ୍ଗ ତୁଳନାରେ ମଧ୍ୟପ୍ରଦେଶର କରଭର ଅଧିକ, ଏହା ସମସ୍ତଙ୍କ ଜଣାଅଛୁ ।"*

କିନ୍ତୁ ଏ ବିସମ୍ବାଦଟି ସେତେବେଳେ ଯୁକ୍ତି ବା ତଥ୍ୟ ଉପରେ ପ୍ରତିଷ୍ଠିତ ନ ଥିଲା । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପରଠାରୁ, ମଧୁସୂଦନଙ୍କୁ ନେତୃତ୍ୱଚ୍ୟୁତ କରିବା ପାଇଁ ନେପଥ୍ୟରେ ଯେଉଁ ସବୁ ଉଦ୍ୟମ ଆରମ୍ଭ ହୋଇଥିଲା, ଏହା ଥିଲା ତାହାର କେବଳ ଗୋଟାଏ ଆଭ୍ୟନ୍ତରୀଣ । ତେଣୁ ଏଇଠାରେ ଏ ବିସମ୍ବାଦର ସମାପ୍ତି ଘଟି ନଥିଲା । ବରଂ ଏହା ଥିଲା ତାହାର ଅସ୍ତମାରମ୍ଭ ।

---

* ଉତ୍କଳ ଦୀପିକା—ଭା ୩୦ । ୧ । ୧୯୦୪

Digitized by srujanika@gmail.com

(ଦୁଇ)

ସେଦିନ ସକାଳେ ମଧୁସୂଦନ ପ୍ରାତଃକୃତ୍ୟମାନଙ୍କରୁ ଫେରି ସକାଳର ଖବରକାଗଜ ଦେଖିବାପାଇଁ ଲାଇବ୍ରେରୀ ଉତ୍ତରକୁ ଆସିବା ମାତ୍ରେ, ବେହେରା ଦୁକା ସହିତ ଗୋଟିଏ ସିଲ୍‌ଭର ଟ୍ରେ'ରେ ଆଣିଲା ଖଣ୍ଡେ ଟେଲଗ୍ରାମ୍ । ଟେଲଗ୍ରାମ୍‌ଟା ପହଞ୍ଚିଲା ଅଳ୍ପ ପୂର୍ବେ, ସକାଳେ ।

ଦୁକାଜଣୀ ଋଷି ମଧୁସୂଦନ ପ୍ରଥମେ ଟେଲଗ୍ରାମ୍‌ଟା ଫିଟାଇ ପଢ଼ିଲେ । ଟେଲଗ୍ରାମ୍ ଆସିଥିଲା ଗ୍ରାଇସଗ୍ରପ୍ସ ଲର୍ଡ କର୍ଜ୍ଜନଙ୍କ ପ୍ରାଇଭେଟ୍ ସେକ୍ରେଟାରୀଙ୍କଠାରୁ···

"The Viceroy desires me to offer you his congratulations upon the honour which is announced in the Gazette of today and which it was a pleasure to him to recommend in recognition of your service."

ଗେଜେଟ୍‌ରେ ପ୍ରକାଶ ପାଇଥିଲା ନବବର୍ଷ ଉପଲକ୍ଷେ ମଧୁସୂଦନଙ୍କୁ ସି. ଆଇ. ଇ. ସନନ୍ଦ ମିଳିବାର ଘୋଷଣା ।

ଗ୍ରାଇସଗ୍ରପ୍ସଙ୍କ ସୁପାରିଶରେ ମଧୁସୂଦନଙ୍କୁ ମିଳିଲା ସେବେଳର ସର୍ବୋଚ୍ଚ ସନନ୍ଦ— ସି. ଆଇ. ଇ. ! କିନ୍ତୁ ଗ୍ରାଇସଗ୍ରପ୍ସଙ୍କୁ କିଏ ବା ସୁପାରିଶ କଲା ସି. ଆଇ. ଇ. ସନନ୍ଦ ପାଇଁ ମଧୁସୂଦନଙ୍କ ନାମ ? କମିଶନର କେ. ଜି. ଗୁପ୍ତ ନୁହନ୍ତି କହିସ୍ମ । କମିଶନର ଗୁପ୍ତଙ୍କ ସହିତ ମଧୁସୂଦନଙ୍କ ସମ୍ପର୍କ ଇତି ମଧ୍ୟରେ ଉତ୍କଳ ସମ୍ମିଳନୀ ଅଧିବେଶନ ବେଳୁ କେତେକାଂଶରେ ତିକ୍ତ ହୋଇ ଉଠିଥିଲା ।

ଟେଲଗ୍ରାମ ଉପରେ ମଧୁସୂଦନ ଆଖି ବୁଲାଉଥିବା ବେଳେ ଉତ୍ତରକୁ ଆସିଥିଲେ ଗୋପାଳଚନ୍ଦ୍ର, ଅଭୟ ଓ ବ୍ରଜସୁନ୍ଦର ।

ମଧୁସୂଦନ ସେମାନଙ୍କ ଆଡ଼େ ଟେଲଗ୍ରାମ୍‌ଟା ବଢ଼ାଇ ଦେଇ କହିଲେ "ଟେଲଗ୍ରାମ୍‌ଟା ଏଇମାତ୍ର ଆସିଛି ।" ଟେଲଗ୍ରାମ୍‌ଟା ପଢ଼ି, ଗୋପାଳ ଓ ଅଭୟ ଏକ କଣ୍ଠରେ କହି ଉଠିଲେ "ଇଏ ଗୋଟାଏ ବଡ଼ ସୁସମ୍ବାଦ ।"

ମଧୁସୂଦନଙ୍କ ପାଇଁ ଗୋଟାଏ ଟ୍ରେ' ଧରି ଶୈଳବାଳା ଲାଇବ୍ରେରୀ ଉତ୍ତରକୁ ଆସୁଥିଲେ । ପଦ୍ମ ପୁଞ୍ଛାଇ ସେ ପଚାରିଲେ "କିନ୍ତୁ ସୁସମ୍ବାଦଟା କ'ଣ ?"

ଅଭୟ ଟେଲଗ୍ରାମ୍‌ଟା ବଢ଼ାଇଦେଲେ ଶୈଳବାଳାଙ୍କ ଆଡ଼େ । ଶୈଳବାଳା ଟେଲଗ୍ରାମ୍‌ଟାକୁ ଆଦ୍ୟୋପ୍ରାନ୍ତ ପଢ଼ିସାରି ଆନନ୍ଦ ଗଦ୍‌ଗଦ୍ କଣ୍ଠରେ କହି ଉଠିଲେ···"କେବଳ ବାବାଙ୍କ ପାଇଁ ନୁହେଁ, ଓଡ଼ିଆ ଜାତି ପାଇଁ ଇଏ ଗୋଟାଏ ବଡ଼ ସୁସମ୍ବାଦ । ଏହା ପୂର୍ବରୁ ଓଡ଼ିଶାରେ ଆଉ ତ କେହି ସି. ଆଇ. ଇ. ସନନ୍ଦ ପାଇ ନଥିଲେ ।"

Digitized by srujanika@gmail.com

ଶୈଳବାଳାର ପ୍ରଗଲ୍‌ଭତାରେ ବରତ ହୋଇ ମଧୁସୂଦନ କହିଲେ, "ଯାହା ହୁଏ ନାହିଁ, ସେ ବିଷୟରେ ଏତେଟା ଚଳାର ନ କଲେ ଚଳିବ ଶୈଳ ! ଏ ଦେଶରେ ଏପରି ସନନ୍ଦ ଉପାଧି ପ୍ରତି ଲୋକସାଧାରଣଙ୍କର ଗୋଟାଏ ସନ୍ଦେହ ରହିଥାଏ । ସନନ୍ଦ ପାଇବା ଲୋକ ସ୍ୱକାନୁଗତ୍ୟ ଗୁଣରେ କେବଳ ଏପରି ସନନ୍ଦ ପାଇ ପାରିଛୁ ବୋଲି ଲୋକମାନଙ୍କର ଗୋଟାଏ ଧାରଣା । ମୁଁ ବର୍ତ୍ତମାନ ଏ ସନନ୍ଦ ଗ୍ରହଣ କଲେ, ମୋ ସମ୍ପର୍କରେ ମଧ୍ୟ ଠିକ୍ ସେଇପରି ଅପବାଦ ରଟାଇବା ପାଇଁ ଏଠାରେ ଲୋକଙ୍କର ଅଭାବ ହେବ ନାହିଁ । ତେଣୁ ଏହାକୁ ଗ୍ରହଣ କରିବା ପୂର୍ବରୁ ମୋତେ ଅନ୍ୟମାନଙ୍କ ସହିତ ପରାମର୍ଶ କରିବା ପାଇଁ ପଡ଼ିବ ।"

ବସ୍ତୁତଃ ମଧୁସୂଦନଙ୍କର ଏ ଆଶଙ୍କା ଅମୂଳକ ନ ଥିଲା । ଦୁଇବର୍ଷ ପରେ ୧୯୦୭ ସାଲରେ ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍ସିଲ ପାଇଁ ମଧୁସୂଦନ ପ୍ରାର୍ଥୀ ହେବାବେଳେ, ତାଙ୍କର ପ୍ରତିପକ୍ଷମାନେ ଏକ ବେନାମୀ ଚିଠିରପତ୍ରରେ ଏଇ ସି. ଆଇ. ଇ. ଉପାଧିକୁ ଲକ୍ଷ୍ୟ କରି ମଧୁସୂଦନଙ୍କ ବ୍ରିଟିଶ୍ ଆନୁଗତ୍ୟ ପ୍ରତି ନାନା ଅନୁଚିତ କଟାକ୍ଷ କରିଥିଲେ । ତାଙ୍କପରି ଜଣେ "ଚୋପାମଦକାସ୍ତ" ଅନୁଗତ ବ୍ୟକ୍ତି କାଉନ୍ସିଲରେ ଓଡ଼ିଶା ସ୍ୱାର୍ଥର ଯଥାର୍ଥ ପ୍ରତିନିଧିତ୍ୱ କରି ପାରିବ ନାହିଁ ବୋଲି, ସେଥିରେ ପ୍ରକାଶ ପାଇଥିଲା ଆକ୍ଷେପ ।

ଏହାର ଉତ୍ତରରେ ମଧୁସୂଦନ ସେତେବେଳେ "ଉତ୍କଳ ଦୀପିକା"ରେ 'ସମ୍ପାଦକଙ୍କ ପତ୍ର' ସ୍ତମ୍ଭରେ ଲେଖିଥିଲେ···

"I know that certain people consider a title a discount on a public man's fidelity to the interests of the people and consider a proof of subserviency to the wishes of the officials. I was not without fear that the kind intention of Government might be misconstrued by some men. I consulted some friends (The Maharaja of Mayurbhanj, Babu Jogesh Chandra Ray, M. A., and a few more) on the advisibility of declining the honour in a suitably respectful manner. I also spoke to the Chief Secretary of Bengal at the time. But the association of the names of Iswar Chandra Vidyasagar, Dr. Ras Behary Ghosh and the announcement of decoration of the Hon'ble Mr. Gokhale in the same Gazette were pointed out to me.....I am not at all surprised that my opponent under an imaginary sense of security which the cover of annonymousness affords takes his aim at C.I.E. I say 'See I ye."

କିନ୍ତୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଡକ୍ଟର ରାସବିହାରୀ ଘୋଷ ଓ ଗୋଖଲେ ପ୍ରମୁଖ ଦେଶଭକ୍ତ ସି. ଆଇ. ଇ. ଉପାଧିରେ ଭୂଷିତ ହେବାବେଳେ ମଧୁସୂଦନଙ୍କ ପକ୍ଷରେ ତାହା

Digitized by srujanika@gmail.com

ବ୍ରିଟିଶ୍ ଆନୁଗତ୍ୟର ସଙ୍କେତ ବୋଲ୍ ଆକ୍ଷେପ କରିବାରେ କୌଣସି ପୂର୍ବ୍ବ ନ ଥିଲା । ବସ୍ତୁତଃ ଏକା ଗେଜେଟ୍‌ରେ ଘୋଷିତ ହୋଇଥିଲା ଏମାନଙ୍କ ସି. ଆଇ. ଇ. ସନନ୍ଦ ପ୍ରାପ୍ତିର ସମ୍ବାଦ । ସେଥର ବଙ୍ଗଳା କାଉନସିଲ ପାଇଁ ସୁକା କୈକୁଣ୍ଠନାଥ ଦେଇଥିଲେ ମଧୁସୂଦନଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ । ତାଙ୍କର ପକ୍ଷରୁ ଦୁଇଜଣ ସି. ଆଇ. ଇ. ସନନ୍ଦକୁ କେନ୍ଦ୍ର କରି ମଧୁସୂଦନଙ୍କ ବରୁଦ୍ଧରେ ଆରମ୍ଭ ହୋଇଥିଲା ଏଇପରି ଚରିତ୍ରହରଣର ଅଭିଯାନ ।

କିନ୍ତୁ ମଧୁସୂଦନଙ୍କୁ ସି. ଆଇ. ଇ. ସନନ୍ଦରେ ସମ୍ମାନିତ କରିବା ଥିଲା ବ୍ରିଟିଶ୍ ଶାସନର ସ୍ୱେଚ୍ଛାକୃତ ପ୍ରାସ୍ୱୀକୃତି ! ବର୍ତ୍ତମାନ ପୁଣେ ମାନସିଂହ ପାଟଣାର ସେଇ ଡକାସ୍ତ ମାମଲାରେ ମଧୁସୂଦନଙ୍କୁ ଜଡିତ କରି "ରସିଭର ଅଫ୍ ଷ୍ଟୋଲେନ୍ ପ୍ରପର୍ଟି" ରୂପେ ପୋଲିସ-ରିପୋର୍ଟରେ ଶାସକ ଗୋଷ୍ଠୀ ତାଙ୍କ ପ୍ରତି ଯେଉଁ ଅବଜ୍ଞାର କରିଥିଲେ, ଏବେ ତାଙ୍କୁ ସି.ଆଇ.ଇ. ସନନ୍ଦ ପ୍ରଦାନ କରି ସେମାନେ ଯେପରି ବିବେକ ଦଂଶନରୁ ପରିତ୍ରାଣ ଖୋଜୁଥିଲେ । କିନ୍ତୁ ବର୍ତ୍ତମାନ ପୁଙ୍ଖରେ "ରସିଭର ଅଫ୍ ଷ୍ଟୋଲେନ୍ ପ୍ରପର୍ଟି" ହଠାତ୍ ସି. ଆଇ. ଇ. ଭୂଷଣରେ ଭୂଷିତ ହେବାରେ ଇତିହାସର ଏକ ପରିହାସ ପ୍ରଚ୍ଛନ୍ନ ଥିଲା ନିଶ୍ଚୟ ।

ମଧୁସୂଦନ ସି. ଆଇ. ଇ. ସନନ୍ଦ ପାଇଥିବା ହେତୁ ତାଙ୍କୁ ଅଭିନନ୍ଦନ ଜଣାଇବାରେ ଓଡିଶା ଯେପରି ଶତମୁଖ ହୋଇ ଉଠିଥିଲା । ଏଇ ଉପଲକ୍ଷରେ କଲିକତାର "ଅମୃତ ବଜାର ପତ୍ରିକା," ମଧୁସୂଦନଙ୍କୁ ଓଡିଶାର ତିନିଜଣ 'ଅନୁପମ' ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ରୂପେ ଅଭିହିତ କରିଥିଲେ । 'ଉତ୍କଳ ଦୀପିକା' ଲେଖିଥିଲେ "'ଅମୃତ ବଜାର ପତ୍ରିକା' ଲେଖିଛନ୍ତି, ଓଡିଶାରେ ତିନିଜଣ ଅନୁପମ ବ୍ୟକ୍ତି ଅଛନ୍ତି । ଅର୍ଥାତ୍ ପ୍ରତ୍ୟେକେ ଏକ ଏକ ବିଷୟରେ ଅଦ୍ୱିତୀୟ, ଯଥା—ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ, ସାମନ୍ତ ଚନ୍ଦ୍ରଶେଖର ସିଂହ ଓ ମଧୁସୂଦନ ଦାସ । ମଧୁବାବୁଙ୍କ ଖ୍ୟାତି କାହାକୁ ଅଜଣା ନାହିଁ । ସପ୍ରତି କଟକରେ ଯେଉଁ ଉତ୍କଳ ସମ୍ମିଳନୀ ହୋଇଥିଲା, ସେ ତାର ଉଦ୍ୟୋକ୍ତା ଓ ପ୍ରଧାନ ସୂତ୍ରଧର···।"*

ମଧୁସୂଦନଙ୍କୁ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ କଟକ ସହରର ନାଗରିକ ମାନଙ୍କ ପକ୍ଷରୁ ଏକ ବରାଟ ଜନସଭା ଆହ୍ୱୋଜିତ ହୋଇଥିଲା । ଏଥିରେ ସହରର ସବୁ ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତି ମଧୁସୂଦନଙ୍କୁ ଅଭିନନ୍ଦନ ଜଣାଇବାରେ ପରସ୍ପର ସହିତ ଯେପରି ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ । ମଧୁସୂଦନ ଅଭିନନ୍ଦନର ଉତ୍ତରରେ କହିଥିଲେ···

"× × × ପ୍ରୀତି ସୁଖକର ବୋଲ ମୁଁ ବୁଝିଥିଲି । ଆଜି କିନ୍ତୁ ଅନୁଭବ କରୁଛି ମୁଁ ଦୁର୍ବଳ । ଏ ଭାର ସହିବାକୁ ସାମର୍ଥ୍ୟ ନାହିଁ । ଚନ୍ଦ୍ରର ଲାବଣ୍ୟ ଦେଖି ସମୁଦ୍ର ଜଳ ଆନନ୍ଦରେ ଉପରକୁ ଉଠି ଯହିଁ ଦେଖେ ଚନ୍ଦ୍ରର କଳଙ୍କ ଅଛୁ, ତହିଁ ଫେରିଆସି ମୁକ୍ତା ପ୍ରବାଳାଦି କୂଳ ପାଖରେ ଥୋଇଦେଇ ଘୁଲିଯାଏ । ମୋହର ଅନେକ ଦୋଷ ଅଛୁ । ମୁଁ

* ଉତ୍କଳ ଦୀପିକା—ତା ୨ । ୧ । ୧୯୦୪

Digitized by srujanika@gmail.com

ଏତେ ସ୍ନେହର ଯୋଗ୍ୟ ନୁହେଁ । ତାହା କେବଳ ଆପଣମାନଙ୍କ ଉଦାରତା । ଏହି ଯେ ଫୁଲମାଳ ମୋତେ ପିନ୍ଧାଇଅଛନ୍ତି, ଏହାର ପ୍ରତ୍ୟେକ ଫୁଲ ବରଂ ପ୍ରତ୍ୟେକ ପାଖୁଡ଼ା ଆପଣମାନଙ୍କ ସ୍ନେହରେ ଗଠିତ ହୋଇଅଛୁ । ମୁଁ ଏହା ଉତ୍କଳ ଜନନୀଙ୍କୁ ଅର୍ପଣ କରୁଅଛୁ । ଏକ ସମୟରେ ଜନନୀଙ୍କର ଏକ ପାଦ ଗଙ୍ଗା, ଅନ୍ୟ ଏକ ପାଦ ଗୋଦାବରୀରେ ରହିଥିଲ । ତାହାଙ୍କର ଜାତି ପଥରରେ ଖୋଦିତ ହୋଇ ବଶୁଲୋକଙ୍କର ଆଶ୍ଚର୍ଯ୍ୟ ବଢ଼ାଉଥିଲ । ବର୍ତ୍ତମାନ ତାହାଙ୍କର ଦୃଶ୍ୟ ଦେଖି କେତେ କାନ୍ଦୁଛୁ, କେତେ କାନ୍ଦିବ । ଜନ୍ମବେଳେ କାନ୍ଦିଥିଲ । ବୋଧହୁଏ ଶେଷ ପର୍ଯ୍ୟନ୍ତ କାନ୍ଦିବାକୁ ହେବ ।" *

ଗଞ୍ଜାମର ରତ୍ନାଠାରେ, ଖ୍ରୀଷ୍ଟକୋଟ ଘୋଷା ହରହର ମର୍ଦ୍ଦରାଜ ଦେବଙ୍କ ସଭା-ପଣ୍ଡିତ୍ୟରେ ମଧ୍ୟ ଆୟୋଜିତ ହୋଇଥିଲା ମଧୁସୂଦନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ।

କମିଶନର ଗ୍ରାଉଜ୍ ସାହେବ, ଲେଫ୍‌ଟନେଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜରଙ୍କ ପକ୍ଷରୁ ମଧୁସୂଦନଙ୍କୁ ସି. ଆଇ. ଇ. ପଦକ ପ୍ରଦାନ କରିବା ଅବକାଶରେ ମଧୁସୂଦନଙ୍କ ପ୍ରତି ଟ୍ରେଭେଲ୍ୟନ ନିବେଦନ କରି କହିଲେ—

"ଶ୍ରୀ ମଧୁସୂଦନ ଦାସ—ଆପଣ ଓଡ଼ଶାର ପ୍ରଥମ ବି. ଏ., ପ୍ରଥମ ଏମ୍. ଏ., ପ୍ରଥମ ବି. ଏଲ୍. ପ୍ରଥମ ଓକିଲ, ପ୍ରଥମ ଓଡ଼ଆ ଯେ କି କଲାପାଣି ପାର ହୋଇ ବିଲାତ ଭ୍ରମଣ କରି ସେଠାରେ ସଭ୍ରାନ୍ତ ଲୋକଙ୍କ ସଙ୍ଗେ ଆଳାପ କରି ଆସିଛନ୍ତି ଓ ଆପଣ ବଙ୍ଗଳା ବ୍ୟବସ୍ଥାପକ ସଭାର ପ୍ରଥମ ନିର୍ବାଚିତ ଓଡ଼ଆ ସଦସ୍ୟ । ଆପଣ ଦୁଇଥର ସେଇ ସମ୍ମାନ ଲାଭ କରି ଆପଣଙ୍କ ଯୋଗ୍ୟତା ଓ ବହୁଦର୍ଶିତା ଦ୍ୱାରା ଗଭର୍ଣ୍ଣମେଣ୍ଟଙ୍କୁ ଶାସନ କାର୍ଯ୍ୟରେ ଅନେକ ସାହାଯ୍ୟ କରିଅଛନ୍ତି । ଓଡ଼ିଶାର ଶିକ୍ଷୋନ୍ନତି ସାଧନ ନିମନ୍ତେ ଅନେକ ପରିଶ୍ରମ, ଯତ୍ନ ଓ ବ୍ୟୟ କରିବା ବିଷୟରେ ଶିକ୍ଷିତ ଓଡ଼ିଆଙ୍କ ମଧ୍ୟରେ ଆପଣ ପ୍ରଥମ ଅଟନ୍ତି । ଉତ୍କଳ ଶିଳ୍ପାଗାର ଭିତ୍ତିର ପରିଚୟ ଦେଇଅଛୁ ଓ ଆପଣଙ୍କ ଯତ୍ନରେ ଓଡ଼ଶାର ଇଞ୍ଜିନିୟରିଂ ବିଦ୍ୟାଳୟ ଶୀଘ୍ର ସ୍ଥାପନ ହେବାର ସ୍ଥିର ହୋଇଅଛୁ । ଆପଣ ଓକିଲାତି କାର୍ଯ୍ୟରେ ପ୍ରତିଷ୍ଠା ଲାଭ କରିଅଛନ୍ତି ଏବଂ ଓଡ଼ିଶାର ସାଧାରଣ ହିତ ସାଧନରେ ସର୍ବଦା ଯତ୍ନବାନ ଅଛନ୍ତି । ଏ ସମସ୍ତ ଉତ୍କୃଷ୍ଟ ଗୁଣର ପରିଚୟ ପାଇ ଗଭର୍ଣ୍ଣରଙ୍କର ଅତ୍ୟନ୍ତ ଆନନ୍ଦିତ ହୋଇ ଆପଣଙ୍କୁ ଉକ୍ତ ଉପାଧି ପ୍ରଦାନ କରିଅଛନ୍ତି ଓ ତଦ୍ଦ୍ୱାରା ଓଡ଼ିଶାର ଗୌରବ ବଢ଼ାଇ ଅଛନ୍ତି ।" †

କନ୍ୟା ସେଦନ ସନନ୍ଦ ବଭରଣ ସମାରୋହରେ ଗ୍ରାଉଜ ସାହେବ କମିଶନରଙ୍କ ମୁଖରେ ମଧୁସୂଦନଙ୍କ ପ୍ରଶସ୍ତି, ସହରର କୌଣସି କୌଣସି ବୈଠକଖାନାରେ ଏକ ଈର୍ଷା ପୂର୍ଣ୍ଣ ବାତାବରଣ ମଧ୍ୟ ସୃଷ୍ଟି କରିଥିଲା । ମଧୁସୂଦନଙ୍କ ଚରିତ୍ରହାର ଓ ଉତ୍କଳ ସମ୍ମିଳନୀକୁ ଲୋକଚକ୍ଷୁରେ ନିନ୍ଦିତ କରିବା ଅଭିପ୍ରାୟରେ ସେ ସବୁ ବୈଠକଖାନାମାନଙ୍କର ଅନ୍ଧକାର ଗହ୍ୱରମଧ୍ୟରେ ଆରମ୍ଭ ହୋଇଯାଇଥିଲା ବେନାମୀ ଚଠିର ଖସଡ଼ା !

---

* ଉତ୍କଳ ଦୀପିକା—ତା ୩୦।୧।୧୯୦୪

† ଉତ୍କଳ ଦୀପିକା—ତା ୨୬।୧।୧୯୦୪

Digitized by srujanika@gmail.com

ପ୍ରତଦ୍ଦନ ସେଇ ବେନାମୀ ଚଠିରୁ ଖଣ୍ଡେ ଖଣ୍ଡେ ମଧୁସୂଦନଙ୍କ ଉପରକୁ ସକାଳର ଡାକ ଭଉରୁ ଲମ୍ଫ ଦେଇ ଉଠୁଥିଲା । ମାତ୍ର ସେ ସବୁ ବେନାମୀ ଆକ୍ରମଣ ପ୍ରତି ଦୃଷ୍ଟି ଦେବା ପାଇଁ ମଧୁସୂଦନଙ୍କର ସେତେବେଳେ ସମୟ ନଥିଲା ।

ଶସ୍ତାରେ ସର୍କୁଲାର୍‌ରେ ସୂଚନା, ଓଡ଼ିଶା ସହିତ ଗଞ୍ଜାମ ଜିଲ୍ଲା ମିଶ୍ରଣର ପ୍ରସ୍ତାବ, ଗଞ୍ଜାମର ତେଲୁଗୁ ଭାଷାଭାଷୀମାନଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟାର ସୂତ୍ରପାତ କରିଥିଲା । ଗଞ୍ଜାମର ପରିସ୍ଥିତି ଜମେ ଉଦ୍‌ବେଗଜନକ ହୋଇ ଉଠୁଥିଲା ।

(ଚଳ)

ସେ ଦିନ ରତ୍ନାଠାରେ, ସି. ଆଇ. ଇ. ଉପାଧି ପ୍ରାପ୍ତି ପାଇଁ ମଧୁସୂଦନଙ୍କୁ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ଯେଉଁ ସଭା ଆହୂତ ହୋଇଥିଲା, ସେଥିରେ ମଧୁସୂଦନ ଅତ୍ୟନ୍ତ ଆଶାବାଦୀ ହୋଇ ଗଞ୍ଜାମବାସୀଙ୍କୁ ଗୋଟାଏ ନର୍ଭର ପ୍ରତିଶ୍ରୁତି ଦେଇ ଆସିଥିଲେ.... "ଦେଶମିଶ୍ରଣର ଆଦେଶ ଅତିଶୀଘ୍ର ହେବ ।"* ମାତ୍ର ସେ ଆଶାରେ ଏତେ ଶୀଘ୍ର କୁଠାଘାତ ଆରମ୍ଭ ହୋଇଯିବ—ମଧୁସୂଦନ ତାହା ଦୁଃସ୍ୱପ୍ନରେ ସୁଦ୍ଧା ଆଶଙ୍କା କରିନଥିଲେ ।

ଆସିକାରୁ ହରହର ପଣ୍ଡା ଲେଖିଥିଲେ ଚଠି···ଗଞ୍ଜାମର ତେଲୁଗୁ ଭାଷୀମାନେ ସହଦ୍ରାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଭାଇସରଏସ୍‌ଙ୍କ ପାଖକୁ ପଠାଇଛନ୍ତି ମେମୋରିଆଲ, ଓଡ଼ିଶା ସହିତ ଗଞ୍ଜାମ ମିଶ୍ରଣ ପ୍ରସ୍ତାବର ବିରୋଧ କର । ଦୁର୍ଭାଗ୍ୟ, କେତେକ ଓଡ଼ିଆ ସୁଦ୍ଧା ସେ ମେମୋରିଆଲରେ ଦେଇଛନ୍ତି ସ୍ୱାକ୍ଷର ।

କିନ୍ତୁ ଗଞ୍ଜାମର କୌଣସି ଓଡ଼ିଆ, ଓଡ଼ିଶା ସହିତ ମିଶ୍ରଣର ବିରୋଧ କର ଭାଇସରଏସ୍‌ଙ୍କ ପାଖକୁ ମେମୋରିଆଲରେ ସ୍ୱାକ୍ଷର ଦେବେ, ମଧୁସୂଦନ ଏହା ହଠାତ୍ ବିଶ୍ୱାସ କରି ପାରୁ ନ ଥିଲେ । ବ୍ରହ୍ମପୁରରୁ ପ୍ରକାଶିତ "ପ୍ରଜାବନ୍ଧୁ" ପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିଲା ସେହିପରି ସମ୍ବାଦ ।

ବ୍ରହ୍ମପୁରର ତେଲୁଗୁଭାଷୀମାନେ ଏକ ଶକ୍ତିଶାଳୀ ଗୋଷ୍ଠୀ । ଓଡ଼ିଆମାନଙ୍କ ତୁଳନାରେ ସଂଖ୍ୟାଲଘୁ ହେଲେହେଁ ସେମାନେ ଅଧିକ ଧନୀ, ଅଧିକ ଶିକ୍ଷିତ । ସେମାନେ ଓଡ଼ିଶା ସହିତ ମିଶ୍ରଣ ପ୍ରସ୍ତାବର ବିରୋଧ କଲେ ଓଡ଼ିଶା ସହିତ ଗଞ୍ଜାମ ଜିଲ୍ଲାର ମିଶ୍ରଣ ଦୁଷ୍କର ହୋଇ ଉଠିବ, ମଧୁସୂଦନଙ୍କର ସେଥିରେ ସନ୍ଦେହ ନ ଥିଲା ।

'ଉତ୍କଳଦୀପିକା' ଲେଖିଥିଲେ "ପ୍ରଜାବନ୍ଧୁ'ରୁ ଅବଗତ ହେଲୁ ସେ ଗଞ୍ଜାମ ଜିଲ୍ଲା ବଙ୍ଗଳା ସଙ୍ଗେ ମିଶାଇବା ବିଷୟକ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ବିଫଳ କରିବାର ଗୁରୁ ଚେଷ୍ଟା ସେ ଜିଲ୍ଲାର ତେଲେଙ୍ଗାମାନେ କରିଅଛନ୍ତି । ଗଞ୍ଜାମ ଉତ୍କଳଭାଷୀ ପ୍ରଜ୍ୟ

---

* ଉତ୍କଳ ଦୀପିକା ୧୬।୩।୧୯୦୪

Digitized by srujanika@gmail.com

ହେଲେହେଁ ସେଠାରେ ତେଲଙ୍ଗାମାନଙ୍କର ପ୍ରତାପ ଖରି, କାରଣ ସେମାନେ ସରକାଙ୍କ କଚେରୀ ଏବଂ ଗଢା ଜମିଦାରମାନଙ୍କ ସିରସ୍ତାରେ ବଡ଼ ବଡ଼ ଖୁକଟରେ ଅଛନ୍ତି । ଓଡ଼ିଶା ସଙ୍ଗେ ସେ ଜଣ୍ଡା ମିଶାଗଲେ ସେମାନଙ୍କର ଖୁକଟ୍ଟା ପାଇବାର ସୁବିଧା ରହିବ ନାହିଁ । ଏହାହିଁ ସେମାନଙ୍କର ଆଶଙ୍କା । ଏଥିପାଇଁ ସେମାନେ ନାନା କୌଶଳରେ ଓଡ଼ିଆମାନଙ୍କୁ ଶିଖାଇ ବା ଭୟ ଦେଖାଇ ସେ ଜଣ୍ଡା ବଙ୍ଗଳା ସଙ୍ଗେ ନ ମିଶିବା ମର୍ମରେ ଦରଖାସ୍ତରେ ଦସ୍ତଖତ କରାଇ ନେଉଅଛନ୍ତି । ସବଲପକ୍ଷ ନକଟରେ ଦୁବଳ ପକ୍ଷର ସାହସ କେତେ ? ଅର୍ଥାତ୍ ଗଭର୍ଣ୍ଣମେଣ୍ଟ ଯେ ସ୍ୱାଧୀନ ସାଧାରଣ ମତ ଲେଉଟାଇଅଛନ୍ତି ତାହା ମିଳିବା ସହଜ ନୁହେଁ । କେତେକ ଶିକ୍ଷିତ ଲୋକଙ୍କର ସରକାଙ୍କ ଖୁକଟ୍ଟା ପାଇବା ଆଶା ବର୍ତ୍ତମାନ ଆନ୍ଦୋଳନର ମୂଳ ହୋଇଅଛୁ । ଆମ୍ଭେମାନେ ଆଶା କରୁ କ ଜଣ୍ଡାହାକମମାନେ ସତର୍କତା ସହିତ ସମସ୍ତ ଦିଗ ବିବେଚନା କରି ସାଧାରଣ ମତ ସ୍ଥିର କରିବେ । କେବଳ ଦସ୍ତଖତର ସଂଖ୍ୟାରେ ନିର୍ଭର କରିବେ ନାହିଁ । ସ୍ୱାକ୍ଷରକାଙ୍କଙ୍କର ଉତ୍ତମ ପରିଚୟ ନେଲେ ପ୍ରକୃତ କଥା ଗୋପନ ରହିବ ନାହିଁ ।" *

"ଦୀପିକା"ର ସମ୍ପାଦନ ଗୌରୀଶଙ୍କର ଆସିଥିଲେ ମଧୁସୂଦନଙ୍କ ସହିତ ଏଇ ଉଦ୍‌ବେଗଜନକ ବ୍ୟାପାର ସମ୍ପର୍କରେ ପରାମର୍ଶ ପାଇଁ ।

ମଧୁସୂଦନଙ୍କ ସହିତ ସାକ୍ଷାତ ହେବା ମାତ୍ରେ ଗୌରୀଶଙ୍କର ବନା ଭୂମିକାରେ ଆରମ୍ଭ କଲେ...."ପ୍ରଜାବନ୍ଧୁ କାଗଜରେ, କାସୀବୁଗାର ପେଣ୍ଠା ଜୋଗୁଲୁ ଆଉ ପଲ୍ଲାର ରାମସ୍ୱାମୀ ସୁବୁଦ୍ଧିଙ୍କ କାଣ୍ଡ ଦେଖିଲ ତ ମଧୁ ? ତେଲେଙ୍ଗାମାନଙ୍କ ମୁଣ୍ଡିଆଲ ହୋଇ ଏମାନେ ଶହ ଶହ ସଂଖ୍ୟାରେ ଦସ୍ତଖତ ସଂଗ୍ରହ କରି ଖାଲତ ସରକାରଙ୍କୁ ମେମୋରିଆଲ୍ ପଠାଇ ସାରଲେଣି ଓଡ଼ିଶା ସହିତ ଗଙ୍ଗାମର ବିରୋଧ କର ।"

ମଧୁସୂଦନ କହିଲେ...."କନ୍ତୁ ଗଞ୍ଜାମରେ କେତେକ ଓଡ଼ିଆ ମଧ୍ୟ ସେଇ ମେମୋରିଆଲରେ ଦସ୍ତଖତ ଦେଇଛନ୍ତି । 'ପ୍ରଜାବନ୍ଧୁ' ସେ ଅକ୍ଷର ଛପାଇ ନାହାନ୍ତି ? ଆସିକାରୁ ହରହର ବାବୁଙ୍କ ଚିଠିରେ ତ ସେଇ ପ୍ରକାର ଲେଖା ରହିଛୁ ।"

ଗୌରୀଶଙ୍କର ପଚାରିଲେ...."ଏଥକୁ ବର୍ତ୍ତମାନ ଉପାୟ ?"

ମଧୁସୂଦନ ଓ ଗୌରୀଶଙ୍କରଙ୍କ ମଧ୍ୟରେ ଏହି ପ୍ରକାର ଆଲୋଚନା ଚାଲିଥିବା ବେଳେ ସେଠାରେ ଆସି ପହଞ୍ଚିଲେ ଚମ୍ପୁପୁରର ଓକିଲ ବଶୁନାଥ ମିଶ୍ର । କୌଣସି ଏକ ମୋକଦ୍ଦମା ଉପଲକ୍ଷେ ସେ କଟକ ଆସିଥିଲେ । କନ୍ତୁ ତାଙ୍କର ଅସଲ ଉଦ୍ଦେଶ୍ୟ ଥିଲ, ମଧୁସୂଦନଙ୍କ ସହିତ ତେଲେଙ୍ଗାମାନଙ୍କ ମେମୋରିଆଲ ସମ୍ପର୍କରେ ଆଲୋଚନା କରି ପ୍ରତିବିଧାନର କିଛୁ ଗୋଟାଏ ପନ୍ଥା ସ୍ଥିର କରିବା ।

---

* ଉତ୍କଳ ଦୀପିକା—୬ । ୨ । ୧୯୦୪

Digitized by srujanika@gmail.com

ବଶ୍ୱନାଥ କହୁଲେ—"ଗଞ୍ଜାମର କେତେକ ଓଡ଼ିଆ ତେଲେଙ୍ଗାମାନଙ୍କ ସହିତ ମିଶି ମେମୋରିଆଲ୍‌ରେ ଦସ୍ତଖତ ଦେବାରେ ଆଶ୍ଚର୍ଯ୍ୟ କ'ଣ ? ଓଡ଼ିଆ ଜମିଦାରମାନେ ଗଞ୍ଜାମରେ ଉତ୍ତରେ ଉତ୍ତରେ ତେଲେଙ୍ଗାମାନଙ୍କ ସପକ୍ଷରେ କାର୍ଯ୍ୟ କରୁଥିବାବେଳେ ଅନ୍ୟମାନଙ୍କୁ ବା ଦୋଷ ଦଆଯିବ କାହିଁକି ?"

ମଧୁସୂଦନ ଗୋଟାଏ ଦୀର୍ଘନିଶ୍ୱାସ ପକାଇ କହୁଲେ "ଗଞ୍ଜାମର ଜମିଦାରମାନଙ୍କୁ ଦୋଷ ଦେଇ ଲାଭ ନାହିଁ ବଶ୍ୱନାଥ ! ସେମାନେ ବଚତ୍ ନଜ ନଜ ତେଲେଙ୍ଗା ଦେଓ୍ୱାନ-ମାନଙ୍କ ହାତରେ ବନ୍ଦୀ । ତେଲେଙ୍ଗା ଦେଓ୍ୱାନମାନେ ସେଇଆଡ଼େ କଲ ମୋଡୁଛନ୍ତି, ଜମିଦାରମାନେ ସେଇଆଡ଼େ ମାଡୁଛନ୍ତି । ଆମେ ସେଇ କଥା ଉପରେ ଗୁରୁତ୍ୱ ଆରୋପ କଲେ, ଆମ ଉତ୍ତରେ ବଭେଦଟା ବଢିବ ସିନା, ଅନ୍ୟ ଲାଭ ହେବ ନାହିଁ ।"

କନ୍ତୁ ଉପାସ୍ୱ ? ଉପାସ୍ୱ ? ମଧୁସୂଦନ ଚନ୍ତତ ସ୍ୱରରେ ଲାଇବ୍ରେରୀ ଉତ୍ତରେ ପାଦଗ୍ଭରଣା କରିବା ପାଇଁ ଲଗିଲେ ।

× × ×

ଶସ୍ତେ ସର୍କୁଲରରେ ସୂଚତ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ପ୍ରସ୍ତାବ କନ୍ତୁ ବଙ୍ଗଳା ଓ ମଧ୍ୟପ୍ରଦେଶ ସରକାରଙ୍କଠାରୁ ଅକୁଣ୍ଠିତ ସମର୍ଥନ ଲାଭ କରିଥିଲା । ବଙ୍ଗଳା ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ପ୍ରସ୍ତାବକୁ ସ୍ୱାଗତ କର ଭାରତ ସରକାରଙ୍କୁ ଲେଖିଲେ···

"The proposals are based mainly on the idea that it is desirable to unite under one administration all .the Oriya-speaking races. The Lieutenant-Governor is able from his own experience to give strong support to the proposal."

ଫୁଲଝର ଓ ଚନ୍ଦ୍ରପୁର-ପତ୍ରପୁର ଅଞ୍ଚଳକୁ ବାଦ୍ ଦେଇ ସମଗ୍ର ସମ୍ବଲପୁର ଜିଲ୍ଲା ସମେତ ସୋନପୁର, ବାମଣ୍ଡା, ପାଟଣା, କଲାହାଣ୍ଡି ଓ ରେଢ଼ାଖୋଲ ଗଡ଼ଜାତମାନଙ୍କୁ ଓଡ଼ିଶାରେ ମିଶାଇବା ପାଇଁ ମଧ୍ୟପ୍ରଦେଶ ସରକାରଙ୍କର ମଧ୍ୟ କୌଣସି ଆପତ୍ତି ନଥିଲା । *

କନ୍ତୁ ଓଡ଼ିଶା ସହିତ ଗଞ୍ଜାମର ମିତ୍ରତା ଯେନ ମାଦ୍ରାଜ ସରକାରଙ୍କ ପକ୍ଷରୁ ହୋଇ-ଥିଲା ପ୍ରବଳ ପ୍ରତିରୋଧର ପୂର୍ବାଭାସ । ମାଦ୍ରାଜ ସରକାରଙ୍କ ସମର୍ଥନ ପାଇ, ତେଲୁଗୁମାନଙ୍କର ବରୋଧ କ୍ରମେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠିଥିଲା । ଗଞ୍ଜାମ ଜିଲ୍ଲାର ସରକାରୀ ପିରନ୍ତାମାନଙ୍କରେ ସେଇ ତେଲୁଗୁମାନଙ୍କର ପ୍ରାଧାନ୍ୟ । ପୁରି ଜିଲ୍ଲାର ସବୁ ମୁନ୍ସିପାଲିଟୀ ଡାଲୁକ ଓ ଜିଲ୍ଲାବୋର୍ଡ଼ ପୁରି ଇଉନିୟନ ପଞ୍ଚାୟତ ଥିଲା ସେହି ତେଲୁଗୁମାନଙ୍କ ହାତମୁଠା ଭିତରେ । ଏ ପରିସ୍ଥିତିରେ ଓଡ଼ିଶା ସହିତ ଗଞ୍ଜାମ ମିତ୍ରତାର ସମ୍ଭାବନା କ୍ରମେ ଆଶଙ୍କାଜନକ

* The Oriya Movement—ପୃ. ୩୫

Digitized by srujanika@gmail.com

ହୋଇ ଉଠୁଥିଲା । ସଦ୍ୟୋପଣ ଗ୍ରନ୍ଥାବୃତରେ ଏକଶାସନାଧୀନରେ ଅଞ୍ଚଳମାନଙ୍କର ଏକଜିକରଣ ପ୍ରସ୍ତାବର ମୌଳିକ ବିରୋଧ କରି ମାଦ୍ରାଜ ସରକାରଙ୍କ ଚିଫ୍ ସେକ୍ରେଟାରୀ ସାର୍ ମୁରେ ହାମିଲ୍ଟନ୍ ଲେଖିଥିଲେ···it is useless to strive after an administration based on linguistic uniformity which both geographical and ethnological conditions combined with the ordinary course of trade and commerce and consequent co-mingling of races, render absolutely incapable of satisfactory fulfilment." *

ମଧୁସୂଦନ ହଠାତ୍ ବଶ୍ୱନାଥଙ୍କ ଆଡ଼େ ଫେରି ପ୍ରଶ୍ନ ପଚାରିଲେ···"ତେଲୁଗୁ-ମାନଙ୍କର ମେମୋରିଆଲ୍‌ରେ ଦସ୍ତଖତକାରୀଙ୍କ ସଂଖ୍ୟା କେତେ, ଠିକ ଜାଣିଛ ବଶ୍ୱନାଥ ? ହରହର ଲେଖିଛନ୍ତି, ପ୍ରାୟ ହଜାରେ ଲୋକ ଦସ୍ତଖତ ଦେଇଛନ୍ତି ସେଥିରେ ।"

ବଶ୍ୱନାଥ ଉତ୍ତର ଦେଲେ...."ଦସ୍ତଖତକାରୀଙ୍କ ସଂଖ୍ୟା ଦେବ ପ୍ରାୟ ସେତ୍ତିଆ । ସେଥି ମଧ୍ୟରେ ଓଡ଼ିଆଙ୍କ ସଂଖ୍ୟା କିନ୍ତୁ ଅତି ସାମାନ୍ୟ ।"

ମଧୁସୂଦନ କହିଲେ...."ତାହେଲେ ତୁମେ ଅନ୍ତତଃ ଦଶ ହଜାର ଓଡ଼ିଆଙ୍କ ସ୍ୱାକ୍ଷର ସଂଗ୍ରହ କର ସ୍ୱରତ ସରକାରଙ୍କୁ ମେମୋରିଆଲ ପଠାଅ—ଓଡ଼ିଶା ସହିତ ମିଶିବା ପାଇଁ ଗଞ୍ଜାମବାସୀଙ୍କର ଆପତ୍ତି ନାହିଁ । ସେମାନେ ସ୍ୱୀକାର ଓଡ଼ିଶା ସହିତ ମିଶିବେ । ଏହାର ବିରୋଧ କର ଯେଉଁ କେତେଜଣ ଓଡ଼ିଆଙ୍କ ଦସ୍ତଖତ ମେମୋରିଆଲରେ ଅଛି ବୋଲି କୁହାଯାଇଛି, ସେ ସବୁ ଜାଲ । ମୁଁ ଏହି ମର୍ମରେ ହରହର ବାବୁଙ୍କ ପାଖକୁ ମଧ୍ୟ ଚିଠି ଦେଉଛି ।"

ମଧୁସୂଦନଙ୍କ ପରାମର୍ଶ ଅନୁସାରେ, ଗଞ୍ଜାମର ପ୍ରାୟ ୬୭୦୦ ଓଡ଼ିଆ ଅଧିବାସୀଙ୍କ ସ୍ୱାକ୍ଷରରେ, ଓଡ଼ିଶା ସହିତ ଗଞ୍ଜାମ ମିଶ୍ରଣ ପ୍ରସ୍ତାବକୁ ସ୍ୱାଗତ କର ପ୍ରେରିତ ହେଲା ଆଉ ଏକ ସ୍ମାରକପତ୍ର ।

Digitized by srujanika@gmail.com

ଦ୍ୱିତୀୟ ପରିଚ୍ଛେଦ

(ଏକ)

ଅବଶେଷରେ ଇଂ ୧୯୩୫ ସାଲରେ ଏକଶାସନାଧୀନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ଓ ଓଡ଼ିଶା ଡ଼ଭଜନ୍ ସହିତ ସମ୍ବଲପୁରର ମିଶ୍ରଣ ମଧ୍ୟରେ ଖଣ୍ଡବିଖଣ୍ଡିତ ଓଡ଼ିଆଜାତିର ଏକ ବହୁପୋଷିତ ଅଭିଳାଷ ସାର୍ଥକ ହେବାକୁ ଯାଉଥିଲା । ବଙ୍ଗଭଙ୍ଗ ପାଇଁ ଭାଇସରଏସ୍ ଲର୍ଡ଼ କର୍ଜନ ବଙ୍ଗଳାରେ ସେତେବେଳେ ଥିଲେ ସେତକ ନଥିତ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ପାଇଁ ଓଡ଼ିଶାରେ ସେ ଥିଲେ ସେ[redacted] ଅଭିନନ୍ଦିତ । ବଙ୍ଗଭଙ୍ଗ ହୋଇ ନ ଥିଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ କଦାପି ଏକାଠି ହୋଇପାର ନ ଥାନ୍ତା । ଏହି କାରଣରୁ ବଙ୍ଗଳାରେ ବଙ୍ଗ ଭଙ୍ଗ ପ୍ରତିଶ୍ରୁତି ବିକ୍ଷୋଭ ଓ ଅସନ୍ତୋଷର ଝଡ଼ ସୃଷ୍ଟି କରିଥିବା ବେଳେ, ଓଡ଼ିଶାରେ ସେହିପ୍ରତି ପ୍ରକାଶ ପାଇଥିଲା ଗଭର୍ବ ସମର୍ଥନ । ଏହି ବ୍ୟବସ୍ଥାରେ କନ୍ତୁ ଗଞ୍ଜାମ ଜିଲ୍ଲା ଓଡ଼ିଶାକୁ ଛଡାପି ଆସିପାରିଲା ନାହିଁ —ଏହା ରହିଗଲା ମାଦ୍ରାଜ ପ୍ରଦେଶରେ । ଗଞ୍ଜାମ ଜିଲ୍ଲାକୁ ଓଡିଶାରେ ନ ମିଶାଇବା ପାଇଁ ତେଲୁଗୁଭାଷୀମାନଙ୍କର ଉଦ୍ୟମ ଅବଶେଷରେ ସଫଳ ହୋଇଥିଲା ।

ଏକ ଶାସନାଧୀନରେ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣର ସବୁ ଉଲ୍ଲାସ ଏହି କାରଣରୁ ଯେପରି ମ୍ଳାନ ହୋଇ ପଡିଥିଲା ।

ଗୌରୀଶଙ୍କର ଆକ୍ଷେପ କଲେ; "ଆପଣା ପୁନା ଭ ଭେଣ୍ଡୀ ! ଗଞ୍ଜାମରେ କେହି କେହି ଓଡ଼ିଆ ଜମିଦାର ପୁରା, ତେଲେଙ୍ଗା ଦେଓ୍ୱାନମାନଙ୍କ କଥାରେ ଭୁଲିଗଲେ ।"

ମଧୁସୂଦନ କହିଲେ, "ବଙ୍ଗଳାର ଲେଫଟେନଣ୍ଟ୍ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜର୍ର ହଠାତ୍ ମତ ପରିବର୍ତ୍ତନ କରି ନଥିଲେ କନ୍ତୁ ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ଧ୍ରୁବ ନିଶ୍ଚିତ ଥିଲା ।"

ବସ୍ତୁତଃ ଗଞ୍ଜାମ ଜିଲ୍ଲା ଓ ବିଶାଖାପାଟଣା ଏଜେନ୍ସୀ ଓଡ଼ିଶା ସହିତ ମିଶିବା ଉଚିତ ବୋଲି, ସାର୍ ଆଣ୍ଡ୍ରୁ ଫ୍ରେଜର୍ ୧୯୦୪ ସାଲରେ ଭାରତ ସରକାରଙ୍କୁ ସୁପାରିସ୍ କରିଥିଲେ । ମାନ୍ଦ ମାଦ୍ରାଜର ତତ୍କାଳୀନ ଲେଫଟେନଣ୍ଟ୍ ଗଭର୍ଣ୍ଣର ଲର୍ଡ଼ ଆମ୍ପଥିଲ୍ ତାଙ୍କୁ ବୁଝାଇଦେଲେ ଗଞ୍ଜାମ ଜିଲ୍ଲାରେ ତେଲୁଗୁଭାଷୀମାନେ ଲୋକସଂଖ୍ୟାର ଶତାଂଶ ୬୮ । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କ ସହିତ ଗଞ୍ଜାମକୁ ମିଶାଇ ଏକ ଶାସନାଧୀନରେ ରଖିଲେ ସଂଖ୍ୟାଲଘୁ ତେଲୁଗୁ ଭାଷାଭାଷୀଙ୍କ ପାଇଁ ଶାସନ ପରିଚାଳନାରେ ବହୁ ଜଟିଳତା ସୃଷ୍ଟି ହେବ । ଏହି ଯୁକ୍ତିରେ ସାର୍ ଆଣ୍ଡ୍ରୁ ଫ୍ରେଜର୍ ହଠାତ୍ ସ୍ୱର ବଦଳାଇ ଗଞ୍ଜାମ ସହିତ ରହିବା ଉଚିତ ବୋଲି ମତ ଦେବାରୁ ଓଡ଼ିଶାରୁ ଗଞ୍ଜାମ ଜିଲ୍ଲା ବଞ୍ଚିତ ରହିଗଲା ।

Digitized by srujanika@gmail.com

ମଧୁସୂଦନ କହିଲେ, "ତଥାପି ପ୍ରଶାସନିକ ଐକ୍ୟ ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲା ଓ ବଣାଗା-ପାଟଣାର ଏଜେନ୍‌ସୀ ଅଞ୍ଚଳ ଓଡ଼ିଶା ସହିତ ମିଶିରହିବା ଉଚିତ ଥିଲ ବୋଲି ମଧ୍ୟ ସାର୍ ଆଣ୍ଡ୍ରୁ ଯେଉଁ ମତ ପ୍ରକାଶ କରିଛନ୍ତି, ତାହାହିଁ ଆଶ୍ୱାସନାର ବିଷୟ । ଏହି ଭିତ୍ତି ଉପରେ ଭବିଷ୍ୟତକୁ ଆନ୍ଦୋଳନ ଚଳାଇ ରଖିବା ପାଇଁ ସାର୍ ଆଣ୍ଡ୍ରୁ ଆମ ପାଇଁ ବାଟ ପ୍ରସ୍ତୁତ କରିଦେଇ ଯାଇଛନ୍ତି ।"

ଗୌତ୍ସଶଙ୍କର କନ୍ଥୁ ଏଥିରେ ଆଶ୍ୱସ୍ତ ହୋଇ ପାରିଲେ ନାହିଁ । ଶେଷଲେ ସର୍କୁଲରରେ ଗଞ୍ଜାମ ଜିଲ୍ଲା ଓ ଏଜେନ୍‌ସୀ ଅଞ୍ଚଳ ଓଡ଼ିଶାର ହାଉପାଆନ୍ତାକୁ ଆସିଥିବା ବେଳେ ପ୍ରତିପକ୍ଷ-ମାନଙ୍କର ଷଡ଼ଯନ୍ତ୍ରରେ ତାହା ହଠାତ ଯେପରି ହାତଛଡ଼ା ହୋଇଗଲା, ତାହାର ଗ୍ଲାନି ଗୌତ୍ସଶଙ୍କର ଭୁଲିପାରୁ ନ ଥିଲେ ।

ମଧୁସୂଦନ କହିଲେ, ଗଞ୍ଜାମ ଜିଲ୍ଲା ଓଡ଼ିଶାକୁ ଆସିଲ ନାହିଁ ବୋଲି ଆଶା ହରାଇ ବସିବାରେ ଲାଭ ନାହିଁ । ବଙ୍ଗଲାରେ ବଙ୍ଗଭଙ୍ଗ ବିରୁଦ୍ଧରେ ତ ଏତେ ପ୍ରତିବାଦ, ଏତେ ଆନ୍ଦୋଳନ ହେଉଛୁ । କନ୍ଥୁ ବଙ୍ଗଭଙ୍ଗ ନଷ୍ଟତ୍ତି ସେଥିରେ ଯେ ବଦଳୁ ନାହିଁ, ଏହା ନିଶ୍ଚିତ କଥା । ଗଞ୍ଜାମର ମିଶ୍ରଣ ପାଇଁ ସେହି ଆବେଦନ ନିବେଦନ ଛଡ଼ା, ଆମର ଅନ୍ୟ ଉପାୟ ନାହିଁ । ମାନ୍ଦ୍ରାଜ ସରକାର ଯେତେ କଲ ମୋଡ଼ନ୍ତୁ ନାଁ କାହିଁକି, ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ନ୍ୟାୟ ବଚ୍ଚାର ଉପରୁ ମୁଁ ତଥାପି ଆସ୍ଥା ହରାଇ ନାହିଁ ।"

× × ×

ବଙ୍ଗଭଙ୍ଗର ପ୍ରତିବାଦ କରିବା ପାଇଁ କଲିକତାରେ କଂଗ୍ରେସ୍ ପକ୍ଷରୁ ଆହ୍ୱାନ୍ତିତ ହେଉଥିଲ ବିରାଟ ବିକ୍ଷୋଭ । ସେହି ବିକ୍ଷୋଭକୁ ଉତ୍କଳ ସଭା ପକ୍ଷରୁ ଡେଲିଗେଟ ପଠାଇବା ପାଇଁ ଆସିଥିଲ ଟେଲିଗ୍ରାମ···

"Bengal delegates decided holding conference at Calcutta regarding partition question on the 10th January. Sir Henry Cotton presiding. Please elect delegates."

କନ୍ଥୁ ବଙ୍ଗଭଙ୍ଗ ବିରୁଦ୍ଧରେ ବଙ୍ଗଳାରେ ଯେତେବେଳେ ଯେଉଁ ଜନଆନ୍ଦୋଳନ ଢେଉ ଉଠିଥିଲ, ସେଥି ସହିତ ଯୋଗ ଦେବାରେ ଓଡ଼ିଶାର କୌଣସି ପ୍ରତ୍ୟକ୍ଷ ଲାଭ ନ ଥିଲ । ଅପରପକ୍ଷରେ ବଙ୍ଗଭଙ୍ଗର ପରୋକ୍ଷ ପରିଣତି ରୂପେ ଏକଶାସନାଧୀନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକତ୍ର ହେବାକୁ ଯାଉଥିଲ । ଗଞ୍ଜାମ ଅବଶ୍ୟ ବଞ୍ଚିତ ରହିଗଲ । ମାତ୍ର ଅଦୂର-ଭବିଷ୍ୟତରେ ଓଡ଼ିଶା ସହିତ ଗଞ୍ଜାମ ଜିଲ୍ଲାର ମିଶ୍ରଣ ସମ୍ପର୍କରେ କାହାର ସନ୍ଦେହ ନ ଥିଲ । ସେଥିପାଇଁ ଏ ବଙ୍ଗଭଙ୍ଗ ବିରୋଧୀ ସମ୍ମିଳନୀକୁ "ଉତ୍କଳ ସଭା" ପକ୍ଷରୁ କୌଣସି ପ୍ରତିନିଧି ପ୍ରେରିତ ହୋଇ ନଥିଲେ । "ଉତ୍କଳ ଦୀପିକା" ଏ ସମ୍ପର୍କରେ ଲେଖିଥିଲେ·····

"ଆମ୍ଭମାନଙ୍କର ବିବେଚନାରେ ଓଡ଼ିଶାରୁ ପ୍ରତିନିଧି ଯିବାର ଉପାୟ ନାହିଁ । ବଙ୍ଗରେ ଶାସନ ବିଭାଗ ଦର୍ଶିତ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ବାହାରିବା ପୂର୍ବରୁ ଉତ୍କଳ-ସଭା

Digitized by srujanika@gmail.com

ସେ ବଷୟରେ ଆପଣାର ଅଭିପ୍ରାୟ ଆବେଦନପତ୍ର ଦ୍ୱାରା ଜଣାଇଅଛନ୍ତି ଏବଂ ଉତ୍କଳସମ୍ମିଳନୀ ଗତ ସପ୍ତାହରେ ମହାମାନ୍ୟ ଲର୍ଡ଼ କର୍ଜନ ବାହାଦୂରଙ୍କୁ ପୁନଃବାର ଧନ୍ୟବାଦ ଦେଇଅଛନ୍ତି । ବାସ୍ତବରେ ଗଭର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ଉତ୍କଳର ପ୍ରତିକୂଳରେ ନ ହୋଇ ଅନୁକୂଳରେ ହୋଇଅଛୁ । ସୁତରାଂ ତହିଁର ପ୍ରତିବାଦ ସଭାରେ ଯୋଗ ଦେବାକୁ ଓଡ଼ିଶା ଅକ୍ଷମ ଅଟେ ।"*

ଫେବୃଆରୀ ମାସ ପ୍ରଥମ ସପ୍ତାହରେ, ବ୍ରହ୍ମପୁର ଗସ୍ତରେ ଆସୁଥିଲେ, ମାଦ୍ରାଜର ଲେଫ୍‌ଟେନେଣ୍ଟ୍ ଗଭର୍ଣ୍ଣର ଲର୍ଡ଼ ଆମ୍ପଥିଲ । ବଙ୍ଗଭଙ୍ଗ ପ୍ରତିବାଦ ସଭାରେ ଯୋଗଦେବା ପରିବର୍ତ୍ତେ ଲର୍ଡ଼ ଆମ୍ପଥିଲ୍‌ଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ଉତ୍କଳସଭା ଉପରେ ହୋଇଉଠିଲେ । ବ୍ରହ୍ମପୁରର ଓକିଲ ହରହର ପଣ୍ଡାଙ୍କ ନଜରକୁ ମଧୁସୂଦନ ବାବୁ। ପଠାଇଲେ...ଆମ୍ପଥିଲଙ୍କ ସକାଶେ ଗମ୍ଭୀର ଓଡ଼ିଆମାନଙ୍କର ଅଭିନନ୍ଦନ-ଲିପି ପ୍ରସ୍ତୁତ କରିବା ପାଇଁ । ପରିସ୍ଥିତିର ପ୍ରକୋପରେ ଇଂରେଜ ରାଜପୁରୁଷମାନଙ୍କୁ ରାଜଭକ୍ତି ପୂର୍ଣ୍ଣ ଭାଷାରେ ସ୍ୱାଗତ ଅଭିନନ୍ଦନ ଜଣାଇବା ସେତେବେଳେ ଥିଲ ଯେପରି ଇଂରେଜୀ-ଶିକ୍ଷିତ ଓଡ଼ିଆ ମଧ୍ୟବର୍ତ୍ତୀଙ୍କର ଏକମାତ୍ର ରାଜକୀୟ ।

\+ \+ \+

ଫେବୃଆରୀ ମାସ ଶେଷ ସପ୍ତାହରେ ମାଦ୍ରାଜର ଗଭର୍ଣ୍ଣର ଲର୍ଡ଼ ଆମ୍ପଥିଲ ଗସ୍ତୀମ ଗସ୍ତରେ ଆସି ବ୍ରହ୍ମପୁରଠାରେ ପହଞ୍ଚିଲେ । ମାତ୍ର ଦୁର୍ଭାଗ୍ୟ ! ଓଡ଼ିଆମାନଙ୍କର ଅଭିନନ୍ଦନ ପତ୍ର ଲର୍ଡ଼ ଆମ୍ପଥିଲ୍‌ଙ୍କ ଦରବାରରେ ପେଶ୍ ପୂରା ହୋଇପାରିଲ୍ ନାହିଁ । ଓଡ଼ିଆମାନଙ୍କ ଅଭିନନ୍ଦନ-ପତ୍ର ପାଠ, କାର୍ଯ୍ୟକ୍ରମରେ ସ୍ଥାନ ପାଇବା ତ ଦୂରର କଥା, ବ୍ରହ୍ମପୁର ଟାଉନହଲ୍‌ରେ ଲର୍ଡ଼ ଆମ୍ପଥିଲ୍‌ଙ୍କ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଆହୂତ ସଭାରେ ଓଡ଼ିଆମାନଙ୍କୁ ଜାଗା ଟିକେ ପୂରା ସେଦିନ ମିଳିପାରିଲ୍ ନାହିଁ ।

ଏ ସମ୍ବାଦ ପାଇବା ମାତ୍ରେ, ମଧୁସୂଦନ ବକ୍ଷୋରଣ କରି ଉଠିଲେ, "ନେତା ହେବା ପାଇଁ ସମସ୍ତେ ନିଜ ହାତରେ ନିଜେ ଚାନ୍ଦ ପାଆ । କିନ୍ତୁ କାର୍ଯ୍ୟର ଉତ୍କଳ ପ୍ରତି କାହାର ଦୃଷ୍ଟି ନାହିଁ । ଲର୍ଡ଼ ଆମ୍ପଥିଲ୍ ବ୍ରହ୍ମପୁର ଆସୁଥିବା ସମ୍ବାଦ ପାଇବା ଦିନୁ, ମୁଁ ସମସ୍ତଙ୍କୁ କହୁଛୁ, ତୁମେ ଡାଲେ ଡାଲେ ଗଲେ ଛେଳେଙ୍ଗାମାନେ ପତ୍ରେ ପତ୍ରେ ଯିବେ । ସେମାନଙ୍କ ଗତବଧି ପ୍ରତି ଦୃଷ୍ଟି ରଖି ବ୍ୟବସ୍ଥା କର । ମାତ୍ର ମୋ କଥା ତ କେହି ଶୁଣିଲେ ନାହିଁ ।"

ଲର୍ଡ଼ ଆମ୍ପଥିଲଙ୍କ ସକାଶେ ଅଭିନନ୍ଦନପତ୍ର ଅଭ୍ୟର୍ଥନା ସଭାରେ ପଠିତ ହୋଇ ପାର ନ ଥିବାର ସମ୍ବାଦ ଗୌରୀଶଙ୍କର ପ୍ରମୁଖଙ୍କୁ ମଧ୍ୟ ବ୍ୟଥିତ କରିଥିଲ । ଗୌରୀଶଙ୍କର କହିଲେ, "ଓଡ଼ିଆଙ୍କ ଅର୍ଥରେ ବ୍ରହ୍ମପୁର ଟାଉନହଲ୍ ତିଆରି । ଅଥଚ ସେଠାରେ ଓଡ଼ିଆମାନେ ଟିକେ ଜାଗା ପୂରା ପାଇଲେ ନାହିଁ ।"

---

* ଉତ୍କଳ ଦୀପିକା—ତା ୭।୧।୧୯୦୫

Digitized by srujanika@gmail.com

କନ୍ତୁ ଓଡ଼ିଆମାନଙ୍କୁ ଆଗରୁ ଟାଉନହଲ ଶଜର୍ତ୍ତ କରିବା ପାଇଁ କଏ ମନା କରୁଥିଲ ?" ମଧୁସୂଦନ ବଷ୍ଟୋରଣ କରି ଉଠିଲେ ।

'ଉତ୍କଳ ଦୀପିକା' ଏହାର ତୀବ୍ର ସମାଲୋଚନା କରି ଲେଖିଥିଲେ, "ଜଣେ ଭଦ୍ରଲୋକ ଲେଖିଛନ୍ତି କ ମାଦ୍ରାଜର ଗଭର୍ଣ୍ଣର ମହାମାନ୍ୟ ଲର୍ଡ଼ ଆମ୍ପଥିଲଙ୍କର ଗସ୍ତାମ ପରଦର୍ଶନର ସମ୍ବାଦ ପାଇ ସେ ଅଞ୍ଚଳର ଓଡ଼ିଆମାନେ ତାହାଙ୍କୁ ନଜ ଦୁଃଖ ଜଣାଇବା ଅଭିପ୍ରାୟରେ ବ୍ରହ୍ମପୁରଠାରେ ଗୋଟିଏ ସଭା କରିଥିଲେ ଏବଂ ରେଭରେଣ୍ଡ ଏଫ୍. ଡବ୍ଲ୍ୟୁ. ବାଶ ସାହେବଙ୍କୁ ସଭାପତି ମନୋନୀତ କରିଥିଲେ । ସଭାରେ ମହାମାନ୍ୟ ମହୋଦୟଙ୍କୁ ଖଣ୍ଡିଏ ଅଭିନନ୍ଦନପତ୍ର ପ୍ରଦାନ କରିବା, ତାହାର ପ୍ରସ୍ତୁତ ଓ ସେ ସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହାର୍ଥେ ଗୋଟିଏ କମିଟି ଗଠିତ ହୋଇଥିଲ । କମିଟି ଅଭିନନ୍ଦନପତ୍ର ପ୍ରସ୍ତୁତ ଓ ସ୍ୱାକ୍ଷର କରାଇ ଗତ ଜାନୁୟାରୀ ମାସ ୩୧ ତାରିଖ ପୂର୍ବରୁ ମହାମାନ୍ୟ ମହୋଦୟଙ୍କ ନିକଟକୁ ପଠାଇବା କାରଣ ଗସ୍ତାମର କଲେକ୍ଟରଙ୍କୁ ଅର୍ପଣ କରିଥିଲେ । କଲେକ୍ଟର ମହୋଦୟ କୌଣସି ହେତୁ ନ ଦର୍ଶାଇ ଅଭିନନ୍ଦନପତ୍ର ଆଗ୍ରାହ୍ୟ ହେବା ବିଷୟ ସମ୍ପାଦକ ବାବୁ ହରହର ପଣ୍ଡା, ବ. ଏଲ, ପ୍ଲିଡ଼ରଙ୍କୁ ଜଣାଇ ଦେଲେ । ତାହା ଶୁଣି ସେ ଅଞ୍ଚଳର ଓଡ଼ିଆମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । ଅଭିନନ୍ଦନର ଖଣ୍ଡିଏ ପ୍ରତିଲିପି ପତ୍ରପ୍ରେରକ ଆମ୍ଭମାନଙ୍କ ନିକଟକୁ ପଠାଇଅଛନ୍ତି । ପାଠ କରି ଦେଖିଲୁ ଯେ ତାହା ଯଥୋଚିତ ବିଷୟ ଓ ରାଜଭକ୍ତିପୂର୍ଣ୍ଣ ଭାଷାରେ ରଚିତ ହୋଇଅଛୁ ଏବଂ ଗସ୍ତାମ ଜିଲ୍ଲାର ଉତ୍କଳ ଖଣ୍ଡକୁ ମାଦ୍ରାଜରୁ ବାହାର କରି ଓଡ଼ିଶା ସଙ୍ଗେ ଯୋଗ କରିବାର ପ୍ରାର୍ଥନାର ପୃଷ୍ଠପୋଷକଭାରେ ସେ ସମସ୍ତ ପୁସ୍ତୁତ ପ୍ରଦର୍ଶିତ ହୋଇଅଛୁ, ତହିଁରେ ଆପତ୍ତିଜନକ ଅଥବା ଅସମ୍ମାନସୂଚକ କଥା କିଛୁ ନାହିଁ । ପ୍ରାର୍ଥନା ନ ଦେବା ଅଥବା ତହିଁ ପକ୍ଷରେ ପ୍ରଦର୍ଶିତ ଯୁକ୍ତିରେ ମନ ନ ମାନିବା ଅବଶ୍ୟ ବିଷୟର ଉପରେ ନିର୍ଭର କରେ । ମହାମାନ୍ୟ ମହୋଦୟ ପ୍ରତିକୂଳ ବିଷୟର କଲେ ବୋଲ ତହିଁରେ କୌଣସି ଆପତ୍ତି ନାହିଁ । ମାତ୍ର ପ୍ରତିକୂଳ ବିଷୟରର ହେତୁ କିଛୁ ନ ଦେଖାଇ ସେ ଯାହା ଅଭିନନ୍ଦନ ପତ୍ରକୁ ଅଗ୍ରାହ୍ୟ କଲେ ଏହା ବଡ଼ ଦୁଃଖର ବିଷୟ ଅଟେ ଏବଂ ଏହା ଲର୍ଡ଼ ଆମ୍ପଥିଲଙ୍କ ପରି ଧୀର ଦସ୍ପାଳୁ ପ୍ରଜାବତ୍ସଳ ଶାସନକର୍ତ୍ତାଙ୍କ ଯୋଗ୍ୟ ହୋଇ ନାହିଁ । ଲୋକେ ଶାସନକର୍ତ୍ତାଙ୍କୁ ନିକଟରେ ପାଇଲେ ନାନା ଦୁଃଖ ଜଣାଇବା ସ୍ୱାଭାବିକ ଏବଂ ତହିଁ ମଧ୍ୟରେ କେତେକ ସଙ୍ଗତ ଅଥବା ଅସଙ୍ଗତ କଥା ଥିବା ଅସମ୍ଭବ ନୁହେଁ । ମାତ୍ର ଶାସନକର୍ତ୍ତା ଦୋଷଗୁଣ ବୁଝାଇ ନ ଦେଇ କେବଳ ଅଗ୍ରାହ୍ୟ କଲେ ଲୋକମାନଙ୍କର ମନ ମାନିବ କି ? ବାସ୍ତବରେ ଲୋକେ ଏପରି ବ୍ୟବହାର ଦେଖି ହତାଶ ହୋଇଅଛନ୍ତି । ପୁଣି ଆଉ ଦୁଃଖର ବିଷୟ ଏହି କି (ଲର୍ଡ଼ ଆମ୍ପଥିଲ) ଅଭିନନ୍ଦନ ପତ୍ର ଅଗ୍ରାହ୍ୟ କଲେ, କନ୍ତୁ ତହିଁ ବିପକ୍ଷରେ ଉତ୍କଳିକ୍ଷ କାଉନସିଲର ଅଭିନନ୍ଦନପତ୍ର ଗ୍ରହଣ କରି ତହିଁର ଉତ୍ତର ଦେଇଥିଲେ । ଓଡ଼ିଶା ଦେଶର ଅଧିକାଂଶ ଓଡ଼ିଆଙ୍କର କଥାକୁ ଅନାଦର କରି ଅଳ୍ପ ସଂଖ୍ୟକ ତେଲେଙ୍ଗାମାନଙ୍କର ଉକ୍ତି ପ୍ରତି ଆଦର ଦେଖାଇବା ଭଲ ହୋଇନାହିଁ ।" *

* ଉତ୍କଳ ଦୀପିକା—ତା. ୬ମାଘ୧୨୦୫

Digitized by srujanika@gmail.com

ଆପଣା ପୂନା ତ ଭେଣ୍ଡି । ପର ସାଙ୍ଗରେ ଉଡ଼ାଉଡ଼ରେ ଲାଭ କ'ଣ ?

ଉତ୍କଳ ସମ୍ମିଳନୀର ବରଷ ଅଧିବେଶନର ସଭାପତି ଧାରୁକୋଣ୍ଡର ବ୍ରଜାସାହେବ ଯେ କେବଳ ଲର୍ଡ ଆମ୍ପଥିଲଙ୍କ ଉଦ୍ଦେଶ୍ୟରେ ଆପ୍ୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ ତାହା ନୁହେଁ, ଓଡ଼ିଶା ବିରୋଧୀ ଗଞ୍ଜାମ ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଭିନନ୍ଦନ ପତ୍ରରେ ସେ ସଦ୍ୟ ଦେଇଥିଲେ ସ୍ୱାକ୍ଷର । ଏହା ଅନେକଙ୍କର ଦୃଷ୍ଟି କଣ୍ଟ ହୋଇଥିଲା ।

"ପ୍ରଜାବନ୍ଧୁ" ଏ ସମ୍ବାଦ ପ୍ରକାଶ କରିବା ପରେ, ତୁମୁଳ ଆଲୋଡ଼ନ ସୃଷ୍ଟି ହୋଇଗଲା । ଏହାର ସ୍ପଷ୍ଟୀକରଣ ଦେଇ ଧାରୁକୋଣ୍ଡ ବ୍ରଜା ଏକ ପତ୍ରରେ ଲେଖିଲେ···

"ତା ୮ । ୩ । ୧୯୦୫ ରଖ ସଧା ପ୍ରଜାବନ୍ଧୁରେ ପ୍ରକାଶିତ ହୋଇଅଛୁ ଯେ ଆମ୍ଭେ ଦେଶମିତ୍ରଣ ବରୁଦ୍ଧ ମତ ପ୍ରକାଶ କର ଗଞ୍ଜାମ ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଭିନନ୍ଦନରେ ସ୍ୱାକ୍ଷର କରିଅଛୁ । ଏହା ସମ୍ପୂର୍ଣ୍ଣ ମିଥ୍ୟା । ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଧିବେଶନରେ ଆମ୍ଭେ ଏକମାତ୍ର ଓଡ଼ିଆ ଉପସ୍ଥିତ ଥିଲୁ ଓ ଉକ୍ତ ପ୍ରସ୍ତାବ ବରୁଦ୍ଧେ ସମ୍ପୂର୍ଣ୍ଣ ପ୍ରତିବାଦ କରିଥିଲୁ । ଅଧିକାଂଶ ସଭ୍ୟ ତେଲେଙ୍ଗି । ସେମାନଙ୍କର ବରୁଦ୍ଧ ମତ ଥିବାରୁ ଅଗତ୍ୟା ଆମ୍ଭ ମତ ପ୍ରବଳ ହେଲା ନାହିଁ । ଉକ୍ତ ପ୍ରସ୍ତାବ ଗୁଡ଼ି ଅନ୍ୟାନ୍ୟ ପ୍ରସ୍ତାବମାନଙ୍କରେ ଆମ୍ଭର ସହାନୁଭୂତି ଥିବାରୁ ପ୍ରାୟ ଏକ ମାସ ପର ଅଭିନନ୍ଦନ ପତ୍ର ପ୍ରଦାନ କାଲରେ ଆମ୍ଭର ସ୍ୱାକ୍ଷର ନଆ ଯାଇଥିଲା । ଉକ୍ତ ସମୟରେ ଆମ୍ଭେ କାର୍ଯ୍ୟବ୍ୟସ୍ତ ଥିବାରୁ ପ୍ରମାଦବଶତଃ ପ୍ରୋକ୍ତ ପ୍ରସ୍ତାବ ବ୍ୟତୀତ ଅନ୍ୟାନ୍ୟ ପ୍ରସ୍ତାବରେ ସହାନୁଭୂତି ଅଛୁ ବୋଲି ସ୍ପଷ୍ଟ ବ୍ୟକ୍ତ କର ପାର ନଥିଲୁ । × × × *"

\+ \+ \+

ମାନ୍ଦ୍ରାଜ ସରକାର ଓ ଗଞ୍ଜାମର ତେଲୁଗୁଭାଷୀମାନେ ଓଡ଼ିଶା ସହିତ ମିତ୍ରଣ ପ୍ରସ୍ତାବର ଏହିପର ଘୋର ବିରୋଧ କରୁଥିଲେ ହେଁ, ଭାଇସରଏ ଲର୍ଡ କର୍ଜନ ତାହାର ଯଥାର୍ଥ ପୂରସ୍କାର କରିବା ଆଶା ମଧୁସୂଦନ ତଥାପି ଶ୍ରୁତିପାର ନ ଥିଲେ । ମାନ୍ଦ୍ରାଜ ଓଡ଼ିଶାର ଦୁର୍ଭାଗ୍ୟକୁ ସ୍ୱରତ ସରକାର ବସ୍ଲେ ପ୍ରସ୍ତାବ ଉପରେ ଶେଷ ନିଷ୍ପତ୍ତି ନେବା ସମୟରେ ଲର୍ଡ କର୍ଜନ ହଠାତ୍ ଛୁଟିରେ ବିଲାତ ଚାଲିଗଲେ । ତାଙ୍କ ସ୍ଥାନରେ ଅସ୍ଥାୟୀ ଭାଇସରୟ ରୂପେ ନିଯୁକ୍ତ ହୋଇ ଆସିଲେ ମାନ୍ଦ୍ରାଜର ଲେଫ୍‌ଟେନ୍ଣ୍ଟ-ଗଭର୍ଣ୍ଣର ଲର୍ଡ ଆମ୍ପଥିଲ । ମାନ୍ଦ୍ରାଜର ଲେଫ୍‌ଟେନ୍ଣ୍ଟ ଗଭର୍ଣ୍ଣର ରୂପେ ସିଏ ଥିଲେ ଓଡ଼ିଆଙ୍କ ଦାବୀର ପ୍ରବଳ ପ୍ରତିପକ୍ଷ, ସେ ବର୍ତ୍ତମାନ ହୋଇଗଲେ ଏଇ ବବାଦର ଚରମ ବିଚାରକ । ତେଣୁ ଫଳ ଯାହା ହେବାର ତାହାହିଁ ହେଲା । ଲର୍ଡ଼ ଆମ୍ପଥିଲଙ୍କ ଆଦେଶରେ (ଭାରତ ସରକାରଙ୍କ ରଜଲ୍ୟୁସନ ନଂ ୬୪୧୧, ତା ୧୧।୭।୧୯୦୫) ଓଡ଼ିଶା ସହିତ ସମ୍ବଲପୁରର ମିତ୍ରଣ ଅନୁମୋଦିତ ହେଲେ ହେଁ ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସୀ ଓଡ଼ିଶାକୁ ଆଉ ଫେରିଲା ନାହିଁ । ଏହା ରହିଗଲା ମାନ୍ଦ୍ରାଜ ପ୍ରେସିଡେନ୍ସୀ ସହିତ ।

---

* ଉତ୍କଳ ଦୀପିକା—ତା ୨୫।୩।୧୯୦୫

Digitized by srujanika@gmail.com

(ଦୁଇ)

ପ୍ରତପକ୍ଷମାନଙ୍କର ବ୍ୟକ୍ତିଗତ ଆକ୍ଷେପ, ଆକ୍ରମଣ ଓ ଚରିତ୍ର ହତ୍ୟାରର ଗ୍ଲାନ୍ତି, ପୁଣି ଗଞ୍ଜାମ ଜିଲ୍ଲା ଓଡ଼ିଶାକୁ ନ ଆସିବାର ବ୍ୟର୍ଥତା ମଧ୍ୟରେ, ମଧୁସୂଦନ ମାରବରେ ଫେରି ଯାଇଥିଲେ ଓଡ଼ିଶାରେ ଶିଳ୍ପାସ୍ଥନ ପାଇଁ ତାଙ୍କର ଜଲ୍ପିତ ସାଧନା ଭିତରକୁ । ୧୯୦୩ ସାଲରେ ଉତ୍କଳ ସମ୍ମିଳନୀ ଆରମ୍ଭ ହେବାର ଦଶବର୍ଷ ପୂର୍ବରୁ ଓଡ଼ିଶାରେ ଶିଳ୍ପ ଜାଗରଣ ପାଇଁ ମଧୁସୂଦନ 'ଶିଳ୍ପୋନ୍ନତି ସଭା' ନାମରେ ଯେଉଁ ଅନୁଷ୍ଠାନ ସ୍ଥାପନ କରିଥିଲେ ତାହା ପୂର୍ବରୁ ଉଲ୍ଲେଖ କରାଯାଇଛି । ଓଡ଼ିଶାର ଶୈକ୍ଷିକ ଅଭିବୃଦ୍ଧି ଉତ୍କଳ-ସମ୍ମିଳନୀ କାର୍ଯ୍ୟକ୍ରମରେ ଏକ ମୁଖ୍ୟ ସ୍ଥାନ ଅଧିକାର କରିଥିବାରୁ ସମ୍ମିଳନୀର ପ୍ରଥମ ଅଧିବେଶନରେ "ଶିଳ୍ପୋନ୍ନତି ସଭା" ସମ୍ମିଳନୀର ଅଙ୍ଗୀଭୂତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅନୁସାରେ ସଫା ମୋଟା ସୂତାର ପ୍ରସ୍ତୁତ କରିବାର ପ୍ରଣାଳୀ ସୂତାକାମାନଙ୍କୁ ଶିକ୍ଷାଦେବା ଓ ଲୁଗାବୁଣାର ଉନ୍ନତ ସାଧନ ଉଦ୍ଦେଶ୍ୟରେ ସାଧାରଣଙ୍କ ବ୍ୟବହାରୋପଯୋଗୀ ଲୁଗା ବୁଣିବା ସକାଶେ ତନ୍ତୀମାନଙ୍କୁ ନୂତନ ପ୍ରଣାଳୀ ଓ ଯାନ୍ତ୍ରିକ କୌଶଳରେ ତାଲିମ ଦେବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ବହୁତ କମିଟି ଦ୍ୱିତୀୟ ଅଧିବେଶନରେ ଗଠିତ ହୋଇଥିଲା । ବସ୍ତୁତଃ ଓଡ଼ିଶାରେ ଶିଳ୍ପ ଜାଗରଣର ସେହି ଆଦିପର୍ବରେ, ଉତ୍କଳ ସମ୍ମିଳନୀର ଭୂମିକା ଥିଲା ଅତି ସ୍ପୃଷ୍ଟ । ସ୍ୱରାଜର ଶିଳ୍ପ ଜାଗରଣର ଆତ୍ମାରମ୍ଭରେ ଉତ୍କଳ ସମ୍ମିଳନୀର ଏହି ଭୂମିକା ଅନାବିଷ୍କୃତ ଥାଇପାରେ, ମାତ୍ର ଏହାକୁ ଅସ୍ୱୀକାର କରିବା ତଥ୍ୟ ଦୃଷ୍ଟିରୁ ସମ୍ଭବ ନୁହେଁ ।

ସୁରୋପ ଭ୍ରମଣରୁ ଫେରିବାପରେ ଓଡ଼ିଶାରେ ଚମଡ଼ା ଶିଳ୍ପର ବିକାଶ ମଧୁସୂଦନ ଚିନ୍ତାକର ଆସୁଥିଲେ । ସ୍ୱରାଜରୁ ଯେଉଁ ଚମଡ଼ା ରପ୍ତାନୀ ହୋଇଥାଏ, ସେଇ ଚମଡ଼ାରେ ଇଂଲଣ୍ଡରେ ବହୁମୂଲ୍ୟ ପଦାର୍ଥ ନିର୍ମିତ ହୋଇ ସ୍ୱରାଜ ବଜାରରେ ବିକ୍ରୀ ପାଇଁ ସେସବୁ ପୁଣି ଆମଦାନୀ ହୋଇଥାଏ । ଏହି ଚମଡ଼ାକୁ କଞ୍ଚାମାଲ ରୂପେ ରପ୍ତାନୀ କରିବା ପରିବର୍ତ୍ତେ କାରଖାନା ବସାଇ ସେଥିରୁ ବହୁମୂଲ୍ୟ ଦ୍ରବ୍ୟ ପ୍ରସ୍ତୁତ କରି ସେସବୁ ବିଦେଶକୁ ରପ୍ତାନୀ କରିବା ମଧୁସୂଦନଙ୍କ ପରିକଳ୍ପନାରେ ରହିଥିଲା । ବଙ୍ଗଳା ପ୍ରେସିଡେନ୍ସୀରେ ସେତେବେଳେ ଏପରି କୌଣସି କାରଖାନା ନ ଥିଲା; କମ୍ବା ଆଧୁନିକ ପ୍ରଣାଳୀରେ ଚମଡ଼ା କଷିବାର କୌଣସି ବ୍ୟବସ୍ଥା ମଧ୍ୟ ନ ଥିଲା ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ, ଚମଡ଼ା ଶିଳ୍ପର ବିକାଶ ପାଇଁ ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା । ସମ୍ମିଳନୀର ପ୍ରସ୍ତାବ ଅନୁସାରେ ଚମଡ଼ା କଷିବା ଏବଂ ରଙ୍ଗଦେବା ପ୍ରଣାଳୀ ଶିକ୍ଷା କରିବା ନିମିତ୍ତ ସମ୍ମିଳନୀ ପକ୍ଷରୁ ଆର. କି. ଗୁପ୍ତଙ୍କୁ ମାଦ୍ରାଜ ଆର୍ଟ ସ୍କୁଲକୁ ପଠାଯାଇଥିଲା । ଆର. କି. ଗୁପ୍ତ, ତାଙ୍କଦ୍ୱାରା ପ୍ରସ୍ତୁତ ଦୁଇଖଣ୍ଡି ଚମଡ଼ାର ଯେଉଁ ନମୁନା ସମ୍ମିଳନୀକୁ ପଠାଇଥିଲେ, ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ସମ୍ପାଦକ ଶ୍ରୀ ଅଭିମନ୍ୟୁ ଭଞ୍ଜଙ୍କ ଦ୍ୱାରା ତାହା ମହା ଆଡ଼ମ୍ବରରେ ପ୍ରଦର୍ଶିତ ହୋଇଥିଲା ।

Digitized by srujanika@gmail.com

ଉତ୍କଳ-ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ମଧ୍ୟ ଏ ସମ୍ପର୍କରେ ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା । "ଉତ୍କଳୀୟମାନଙ୍କ ମଧ୍ୟରୁ ଯେଉଁମାନେ ଚମଡ଼ା କମ୍ପିବା ବ୍ୟବସାୟରେ ଯୋଗ ଦେବାକୁ ଇଚ୍ଛୁକ ସେମାନଙ୍କୁ ଉକ୍ତ ବ୍ୟବସାୟ ପ୍ରତିଷ୍ଠା ଓ ପରିଚାଳନା କରିବା ବିଷୟରେ ଏହି ସମ୍ମିଳନୀ ପକ୍ଷରୁ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରିଯାଉ ଏବଂ ସମ୍ମିଳନୀ ବ୍ୟତୀତ ଉକ୍ତ ବ୍ୟବସାୟରେ ଶିକ୍ଷିତ ଲୋକମାନଙ୍କୁ ସେମାନଙ୍କ ଅଧିନରେ ନିଯୁକ୍ତ କରିଯାଉ ।"

ଏ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାପାଇଁ ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ, ଢାଲଚେର ରାଜା ଶ୍ରୀ କିଶୋର ଚନ୍ଦ୍ର ହରିଚନ୍ଦନ, ବାଲେଶ୍ୱରର ରାଜା ବୈକୁଣ୍ଠ ନାଥ ଦେ ବାହାଦୁର, ମଧୁସୂଦନ ଦାସ, ମାହେମୁଦ ଅଲି ଓ ଗୌରୀଶଙ୍କର ରାୟଙ୍କୁ ଯେନ୍ତ ଏକ କମିଟି ଗଠିତ ହୋଇଥିଲା ।

କମିଟି ଗଠିତ ହେଲା ସତ୍ୟ । କିନ୍ତୁ ଏ ମୋଚ କାର୍ଯ୍ୟ ପାଇଁ ଆଗଭର ହୋଇ ବାହାରୁଛୁ ବା କିଏ ? ପୁଣି ଚମଡ଼ା କମ୍ପିବା କାରଖାନାଟିଏ ସ୍ଥାପିତ ନ ହେଲେ, ସମ୍ମିଳନୀର ଏ ପ୍ରସ୍ତାବ କାର୍ଯ୍ୟକାରୀ ହେବ ବା କପଣ ? ସେଥିପାଇଁ ଚମଡ଼ାକପା କାରଖାନାଟିଏ ପ୍ରଥମେ ଖୋଲିବା ପାଇଁ ମଧୁସୂଦନ ଉଦ୍ୟମ ଆରମ୍ଭ କରି ଦେଇଥିଲେ ।

ରେଭେନ୍ସା କଲେଜଠାରୁ କ୍ୱାର୍ଟର ମାଇଲ ଦୂରରେ ମଧୁସୂଦନଙ୍କର ୫୯ ଏକର ନଷ୍ଟର ଜମି ପଡ଼ିରହିଥିଲା । ବି. ଏନ୍. ଆର କୋମ୍ପାନୀର ରେଲପଥ ନିର୍ମାଣରେ, ସେହି ଜମିର କେତେକ ଅଂଶ ଯିବା ପରେ ପୁରା ଆହୁରି ପ୍ରାୟ ୩୭ ଏକର ଜମି ଅବଶିଷ୍ଟ ରହିଥିଲା । ଏଠାରେ କେବଳ ରେଲପଥର ସୁବିଧା ନ ଥିଲା । ଢାଲଦଣ୍ଡା କେନାଲ ଏହାର ଅନତି-ଦୂରରେ ବହି ଯାଉଥିବାରୁ ଜଳପଥ ସହଜ ଏହାର ସଯୋଗ ମଧ୍ୟ ଥିଲା ସୁଗମ । ଉଡ଼ଜାଜ-ମାନଙ୍କରୁ ନୌକାରେ ଚମଡ଼ା ଆଣି ଏଠାରେ ଟାନ୍ଚ କରି ବାହାରକୁ ରପ୍ତାନୀ କରିବା ପାଇଁ ଏ ସ୍ଥାନଟି ଥିଲା ବେଶ୍ ସୁବିଧାଜନକ । ଚମଡ଼ା କମ୍ପିବା ପାଇଁ ବାବୁଲ, ସୋନାଲୀ, କର୍ଣ୍ଣି ଓ ଡ଼ିବ୍‌ଡ଼ିବ ପ୍ରଭୃତି ଗଛର ଛେଲି ପ୍ରଚୁର ପରିମାଣରେ ଆବଶ୍ୟକ ପଡୁଥିବ । ଜମି ଉପରେ ଏ ଗଛ ସବୁ ସେଠାରେ ଗୋଟିଏ ଛୋଟ ଅରଣ୍ୟ ସୃଷ୍ଟି କରିଥିଲା । ଚମଡ଼ା କମ୍ପିବା କାରଖାନା ପାଇଁ ସବୁ ଦଗରୁ ଏ ସ୍ଥାନଟି ଥିଲା ଅନୁକୂଳ ।

ସକଲ୍ପ ମାତ୍ରେ ହିଁ କାର୍ଯ୍ୟ । ମଧୁସୂଦନ ସେହିବର୍ଷ ସେଠାରେ ଗୋଟିଏ ଟ୍ୟାନେସ୍ତ୍ରି କାରଖାନା ଆରମ୍ଭ କରି ଦେଇଥିଲେ । ପରବର୍ତ୍ତୀ କାଳରେ ସୁପ୍ରସିଦ୍ଧ ଉତ୍କଳ ଟ୍ୟାନେସ୍ତ୍ରି କାରଖାନାର ଏହାହିଁ ଥିଲା ଅସ୍ତମାରମ୍ଭ । କଟକରେ ଚମଡ଼ାକପା କାରଖାନାଟିଏ ଏତେଶୀଘ୍ର ସ୍ଥାପିତ ହୋଇ ପାରିଥିବା ହେତୁ, ଇଂ ୧୯୦୭ ସାଲ (ଅପ୍ରେଲ ୧୩ ଓ ୧୪) ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ "ଆନନ୍ଦ" ପ୍ରକାଶ କରିଯାଇଥିଲା ।

ବାର୍କ-ଟ୍ୟାନଙ୍କ ସେକ୍ସନ୍‌ଟିରେ କେବଳ, କାରଖାନା କାର୍ଯ୍ୟ ଆରମ୍ଭ ହୋଇ ଥିଲା । କାରଖାନା ଗୃହପଟ୍ଟ ବାବୁଲ, ସୋନାଲୀ, କର୍ଣ୍ଣି ଓ ଡ଼ିବଡ଼ିବ ପ୍ରଭୃତି ଯେଉଁ ଗଛ

Digitized by srujanika@gmail.com

ସବୁ ଏକ ପ୍ରାକୃତିକ ଜଙ୍ଗଲ ପର ଦଢ଼ି ଉଠିଥିଲା, ସେଇ ଛେଲରେ ଚମଡ଼ାକଷା କାର୍ପା ଦେଇଥିଲ । ମାନ୍ଦ ଏପର ଆଦମ ପ୍ରଣାଳୀରେ ଉନ୍ନତତର ଟ୍ୟାନଙ୍ଗ୍ ବା ଚୋମ ଟ୍ୟାନଙ୍ଗ୍ ସମ୍ଭବ ନଥିଲ । ଚୋମଟ୍ୟାନଙ୍ଗ୍ ସେକ୍‌ସନ ଖୋଲିବା ପାଇଁ ଯନ୍ତ୍ରପାତି ଆବଶ୍ୟକ । କନ୍ତୁ ଏଇ ବାର୍ଡ-ଟ୍ୟାନଙ୍ଗ୍ କାରବାର ଆରମ୍ଭ କରିବାରେ ସେତେବେଳକୁ ମଧୁସୂଦନଙ୍କର କନ୍ଥ ଦେଶା ହୋଇ ଯାଇଥିଲ । ଏହା ବ୍ୟତୀତ ଉତ୍କଳ ସମ୍ମିଳନୀ ପକ୍ଷରୁ ଲୁଗାଉନ୍ତୁ ଓଆର କାରଖାନା ପୁଣି ଆର୍ଟ-ଓ୍ୱେୟାରସ କାରଖାନା ପାଇଁ ଯେଉଁ ଋଣ ହୋଇଥିଲ, ସୁଧ ସହିତ ତାହା କ୍ରମେ ବୃଦ୍ଧି ପାଇବାରେ ଲଗିଥିଲ । ଚୋମଟ୍ୟାନଙ୍ଗ୍ ପାଇଁ ମଧୁସୂଦନଙ୍କଠାରେ ଆଉ ପୁଞ୍ଜି ନଥିଲ ।

ସେଦିନ ଜନକାର ମ୍ୟାନେଜର ବାବୁ ବାନାମ୍ବର ମହାନ୍ତିଙ୍କ ସଙ୍ଗେ ଦେଖା ହେବା ମାତ୍ରେ ମଧୁସୂଦନ କହିଲେ, "ଅତ କମ୍‌ରେ ପଚଶ ହଜାର ଟଙ୍କା ନହେଲେ ଚଳିବ ନାହିଁ ବାନାମ୍ବର ବାବୁ । ଚୋମ ଟ୍ୟାନଙ୍ଗ୍ ସେକ୍‌ସନ୍ ଖୋଲିବା ପାଇଁ କେତେକ ମେସିନେଟ୍ସ ଆବଶ୍ୟକ ।...ପୁଣି ମୁଁ କ'ଣ ସବୁଛୁ ଜାଣନ୍ତି ?"

ବାନାମ୍ବର ମହାନ୍ତି ମଧୁସୂଦନଙ୍କ ପାଖକୁ ଆସିଥିଲେ ଗୋଟାଏ ମୋକଦ୍ଦମା ସମ୍ବନ୍ଧରେ କଥାବାର୍ତ୍ତା ପାଇଁ । ମାନ୍ଦ ମୋକଦ୍ଦମା ରହିଲ ପଛକୁ ମଧୁସୂଦନ ଆରମ୍ଭ କରି ଦେଇଥିଲେ ତାଙ୍କ ଟ୍ୟାନେଟ୍ସର କଥା ।

ବାନାମ୍ବର ନୈଷ୍ଟିକ କରଣ ବୈଷ୍ଣବ । ମୋଚପୁଲଉ ଚମଡ଼ା ବ୍ୟବସାୟର ମ୍ଲେଚ୍ଛତା ତାଙ୍କର ଶୁଚବୋଧକୁ ଆହତ କରୁଥିଲ । ପୁଣି ଏପର କାରଖାନା ସବୁ ଖୋଲ ସେଥିରୁ ଯେ କେବେ କୌଣସି ଲାଭ ଉଠାଯାଇପାରେ, ଏ ବିଶ୍ୱାସ ମଧ୍ୟ ତାଙ୍କର ନଥିଲ । ଜମିଦାର୍ଣ୍ଣୀ ଇଲ୍ଲକା ତାଙ୍କ ଦୃଷ୍ଟିରେ ଥିଲ ଲାଭ ଉପାର୍ଜନର ଏକମାତ୍ର ପନ୍ଥା ।

ବାନାମ୍ବର ଶୁଭ୍ରକାଂକ୍ଷୀ ପର ପରାମର୍ଶ ଦେଲେ, "ଆପଣ ଓକଲଣ୍ଡ ଗ୍ରୁପ୍ତ ଏସବୁ ମ୍ଲେଚ୍ଛ କାରବାରରେ ଲାଗିଛନ୍ତି କାହିଁକି ? ପୁଣି ଋଣ କର ସେଥିରେ ଟଙ୍କା ଖଟାଉଛନ୍ତି, ଏ କଥା ମୁଁ ତ ଆଦୌ ବୁଝି ପାରୁନାହିଁ ।"

ମଧୁସୂଦନ କହିଲେ, "ବାନାମ୍ବର ବାବୁ, ମୁଁ ଘୋର ପାପୀ । ଚମଡ଼ା ସଗ୍ରହ ପାଇଁ ପ୍ରତଦିନ ଗୋଧୀ ହତ୍ୟା, କୁମ୍ଭୀର ହତ୍ୟା ପାପରେ ଭାଗୀ ହେଉଛୁ । କନ୍ତୁ ତୁମ ଦେଶର ଚମଡ଼ା ଯେତେବେଳେ ସେଇ ମ୍ଲେଚ୍ଛ ଦେଶକୁ ଯାଇ, ସେଠାରୁ ଜୋତା ହୋଇ ପୁଣି ତୁମ ପିଠି ଉପରେ ଆସି ପଡ଼ୁଛି, ସେତେବେଳେ ସେ ସବୁ ତମକୁ କେଶ୍ ପୁଞ୍ଜ ଲାଗୁଛି । କେବଳ ଟ୍ୟାନଙ୍ଗ୍ ନୁହେଁ, କାରଖାନାରେ ଯଦି କୁମ୍ଭୀର ଚମଡ଼ାରେ ସୁଟକେଶ, ବାକ୍‌ସ ଏ ସବୁ ତଆର ହୋଇ ପାରନ୍ତା, ତାହେଲେ ଦେଖନ୍ତ, ଏହାର ଆସ୍ଥ ଗୁଳନାରେ, ତୁମ ଜମିଦାର୍ଣ୍ଣୀର ଆସ୍ଥ ସାମାନ୍ୟ ହୋଇ ପଡ଼ନ୍ତା । କନ୍ତୁ ସେଥିପାଇଁ ଅନେକ ଅନେକ ପାଣ୍ଠି ଆବଶ୍ୟକ ।"

Digitized by srujanika@gmail.com

"କଲ୍‌କତାରେ କେତେ ସାହେବ କୋମ୍ପାନୀ ଚମଡ଼ା କାରଖାନା ଖୋଲି ଫେଲ ମାରଲେଣି । ଆପଣ ପୂଣି ସେଥିରେ ଯେପଣ ଘରୁ ଖାଇ ଘୋଡ଼ା ଆଗରେ ଡେଇଁବା କାରବାର ଆରମ୍ଭ କରଛନ୍ତି, ତାର ଫଳ ଅଗ୍ରେ ଧାବତ ଧାବତ !" ମଧୁସୂଦନଙ୍କ ୟ୍ୟାନେଜ୍ମ ଯୋଜନାରେ ବାଜାମ୍ବରଙ୍କର ପ୍ରତ୍ୟେସ୍ଥ ନଥିଲ ।

ମଧୁସୂଦନ କହିଲେ...."କନ୍ତୁ ସାହେବମାନେ ଏ ଦେଶର ପ୍ରଣାଲୀ ପରମ୍ପ୍ରା ଗ୍ରୁଡ଼ି ବଲ୍ଲଭ ଆମେରକାର ପଦ୍ଧତ ଏଠାରେ ଆରମ୍ଭ କରଦେଲେ, ତାହା ସଫଳ ହେବ କପର ? ଯେଉଁ ପ୍ରଣାଲୀରେ ଉତ୍କଳ୍ୟ୍ୟାନେଜ୍ମ ଆରମ୍ଭ ହେବାକୁ ଯାଉଛୁ, ସେଥିପାଇଁ ପରସ୍ଥିତ ଯଦ ଅନୁକୂଳ ହୁଏ, ତାହେଲେ କେବଳ ବଙ୍ଗଳା ପ୍ରେସିଡ଼େନ୍‌ସୀ କାହିଁକ, ସାମ୍ର ସ୍ୱରତରେ ଏହା ଦନେ ପ୍ରସିଦ୍ଧ ହୋଇ ଉଠିବ ।...କନ୍ତୁ ସେଥିପାଇଁ ଅନେକ ଟଙ୍କା ଆବଶ୍ୟକ । ସ୍ୱଜେନ୍‌କୁ କୁହ, ଟଙ୍କା ବୁଡ଼ିଯିବାର ଆଶଙ୍କା ନାହିଁ ।"

ମାତ୍ର ସେତେବେଳେ ଏପର ଏକ ସନ୍ଦେହଜନକ ବ୍ୟବସାସ୍ଥରେ ପାଣ୍ଠି ଖଟାଇବା ପାଇଁ କେହ ଭରସି ନଥିଲେ । ଅଗତ୍ୟା ମଧୁସୂଦନଙ୍କ ଏକକ ଉଦ୍ୟମରେ ଏ କାରଖାନାଟି ଗଢ଼ି ଉଠିଥିଲ । ଇଂ ୧୯୦୬ ସାଲ ବେଳକୁ ଏ କାରଖାନାରେ ପ୍ରସ୍ତୁତ ହେଉଥିବା ଚମଡ଼ା, ବୁଟ୍, ଯୋତା, ସୁଟକେଶ ଓ ବାକ୍ସ ପ୍ରଭୃତ କଲ୍‌କତାର ଶିଳ୍ପ ପ୍ରଦର୍ଶନୀରେ ଉଚ ପ୍ରଶଂସିତ ହୋଇ, ସେଠାରେ ସ୍ୱର୍ଣ୍ଣପଦକ ଲଭ କରି ପାରଥିଲ । ୧୯୦୮ ସାଲରେ ବଙ୍ଗଳା ସରକାରଙ୍କ ପକ୍ଷରୁ ମି. ଜେ. ଜ. କୁମିଙ୍ଗ, ଆଇ. ସି. ଏସ୍. ବଙ୍ଗଳା ପ୍ରେସିଡ଼େନ୍‌ସୀରେ କଳ କାରଖାନା ସମ୍ପର୍କରେ ଯେଉଁ ସର୍ଭେ କରଥିଲେ, ସେଥିରେ ୫୦ କମ୍ପା ଭଦୁର୍ଦ୍ଧ୍ୱ ଶ୍ରମିକ ନଯୁକ୍ତ ଥିବା ମୋଟ ଚନଗୋଟି କାରଖାନା ଥିବା ଉଲ୍ଲେଖ ଥିଲ । କଟକର ଉତ୍କଳ ୟ୍ୟାନେଜ୍ମ ସେଥି ମଧ୍ୟରୁ ଥିଲ ଅନ୍ୟତମ । ସେଥିରେ ପ୍ରଥମେ ପ୍ରାସ୍ୱ ୧୫୦ ଲୋକ କାମ କରୁଥିଲେ । ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ବହ୍ନ ପୁଂରୁ, ଓଡ଼ିଶା ଉଭୟନ ପର ଏକ ଅନଗ୍ରସର ଅଞ୍ଚଳରେ ଏପର ଏକ କାରଖାନା ସ୍ଥାପିତ ହୋଇପାରବା ସେତେବେଳର ପରସ୍ଥିତରେ ଏକ ଅଶ୍ୱବ ଘଟଣାଥିଲ ।

ଇଂ ୧୯୨୧ ସାଲରେ ବହାର ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ବଙ୍ଗଳା ସରକାରଙ୍କ ଡରେକ୍ଟର-ଅଫ୍-ଇଣ୍ଡଷ୍ଟ୍ରିଜ୍ ଶ୍ରୀ ବ. ଏମ୍. ଦାସ ଉତ୍କଳ ୟ୍ୟାନେଜ୍ମ ସମ୍ପର୍କରେ ଯେଉଁ ରପୋର୍ଟ ଦେଇଥିଲେ, ସେଥିରେ ସେ ଉଲ୍ଲେଖ କରଥିଲେ....

It is remarkable that long before the wave of Swadeshi industrialism and even before the Swadeshi movement of Bengal in 1905, this idea of pioneering a new industry was conceived by a man belonging to a province which was considered to be the most backward of the three sister provinces. All the more wonder is that Mr. Das, a highly educated man, a busy lawyer at the head

Digitized by srujanika@gmail.com

of the local bar should have been attracted to this 'stinking trade' which from time immemorial belongs to the depressed classes (the Charmars) in India."

କନ୍ତୁ ଏ ସବୁ ପୃଥୀକୃତ ଉଦ୍ୟମ ପାଇଁ ମଧୁସୂଦନଙ୍କୁ ଧନ୍ୟବାଦ ଦେବା ତ ଦୂରର କଥା, ତାଙ୍କ ବରୁଦ୍ଧରେ ଆରମ୍ଭ ହୋଇ ଯାଇଥିଲା ଚରିତ୍ରହାର ଅଭିଯାନ ଓ ଆକ୍ରମଣ ।

'ପ୍ରଜାବନ୍ଧୁ'ରେ ପ୍ରକାଶିତ ଖଣ୍ଡେ ବେନାମୀ ପତ୍ର ମଧୁସୂଦନଙ୍କୁ ପ୍ରବଳ ଭାବରେ ଆକ୍ରମଣ କରିଥିଲା । 'ଉତ୍କଳ ସମ୍ମିଳନୀ'ର ସାଙ୍ଗଠନିକ ଓ ରାଜନୈତିକ କାର୍ଯ୍ୟ କଳାପରୁ ମଧୁସୂଦନ ନିଜକୁ ଯଥାସମ୍ଭବ ଦୂରେଇ ରଖିଥିଲେ ସୁଦ୍ଧା, ଆକ୍ରମଣରୁ ଅବ୍ୟାହତ ନ ଥିଲା ।

Digitized by srujanika@gmail.com

ତୃତୀୟ ପରିଚ୍ଛେଦ

(ଏକ)

ବେନାମୀ ଆକ୍ଷେପ ଜମେ ପରିଣତ ହୋଇଥିଲା ସ୍ୱନାମୀ ଆକ୍ରମଣରେ । "ପ୍ରଜାବନ୍ଧୁ"ରେ ସେହି ବେନାମୀ ଆକ୍ରମଣକାରୀଙ୍କ ନାମଟା କନ୍ଥୁ ପ୍ରଚ୍ଛନ୍ନ ରହି ପାରି ନ ଥିଲା ।

ଅଭିଗ୍ନ ଭଦ୍ର ଜଣେ ଆପି କହିଲେ, "ପ୍ରଜାବନ୍ଧୁରେ ସେଇ ବେନାମୀ ପତ୍ର-ପ୍ରେରକ କିଏ ଜାଣିଲେଣି ସାର୍ ? ଅନେକଙ୍କର ସନ୍ଦେହ ଗୋପାଲଙ୍କ ପ୍ରତି ।"

ମଧୁସୂଦନ ନର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ···"ମୁଁ ସେଥିରେ ବିସ୍ମିତ ହେବ ନାହିଁ ।"

କନ୍ଥୁ ଅନେକଙ୍କ ପକ୍ଷରେ ଏ ସମ୍ବାଦ ଥିଲା ବିସ୍ମୟର କାରଣ । ଗୌରୀଶଙ୍କର ମଧ୍ୟ ଜଣେ ବିସ୍ମୟରେ ପଚାରିଲେ, "ଶେଷକୁ ଗୋପାଳ ତୁମ ବିରୁଦ୍ଧରେ ଚଲାଇଲେ ବେନାମୀ ଆକ୍ରମଣ ?"

ଗୌରୀଶଙ୍କରଙ୍କ ପରି ଅନେକଙ୍କ ପକ୍ଷରେ ଏହା ଯେ ଘୋର ବିସ୍ମୟର କାରଣ ଥିଲା, ସନ୍ଦେହ ନାହିଁ । ମଧୁସୂଦନ ଗୋପାଳଙ୍କ ପିତାଙ୍କର କେବଳ ଯେ ବିଶ୍ୱସ୍ତ ବନ୍ଧୁ ଓ ପରାମର୍ଶଦାତା ଥିଲେ ତାହା ନୁହେଁ, ଗୋପାଳଙ୍କୁ ମଧ୍ୟ ମଧୁସୂଦନ ଆଇନ ବ୍ୟବସାୟରେ ନିଜର ଜୁନିଅର ରୂପେ ଏକଦା ପ୍ରତିଷ୍ଠିତ କରିଇଥିଲେ । ପରବର୍ତ୍ତୀ କାଲରେ ଗୋପାଳଚନ୍ଦ୍ର ଏହା ଅକୁଣ୍ଠିତ ସ୍ୱରରେ ସ୍ୱୀକାର କରିବା ପାଇଁ କାର୍ପଣ୍ୟ କରି ନାହାନ୍ତି । * ସେହି ଗୋପାଳ ଏବେ ମଧୁସୂଦନଙ୍କ ବିରୁଦ୍ଧରେ 'ପ୍ରଜାବନ୍ଧୁ' ଓ 'ଓଡ଼ିଆ ଓ ନବ ସମ୍ବାଦ' ପରି କାଗଜ-ମାନଙ୍କରେ ବେନାମୀ ଆକ୍ରମଣ ଚଲାଇବେ, ଏହା ସମସ୍ତଙ୍କର କଳ୍ପନାତୀତ ଥିଲା ।

ଉତ୍କଳ-ସମ୍ମିଳନୀ ଥିଲା ମଧୁସୂଦନଙ୍କ ଏକକ ଦ୍ରଷ୍ଟୋତ୍ତାର ପରିଣତ । ସମ୍ମିଳନୀ ଆୟୋଜନର ଦାୟିତ୍ୱ ମଧୁସୂଦନ ପ୍ରଥମେ ନିଜ ମୁଣ୍ଡ ଉପରକୁ ନେଇ ନ ଥିଲେ, କଟକ ସହରରେ ସମ୍ମିଳନୀର ଦୁଇ ଦୁଇଟା ଅଧିବେଶନ ଇତିମଧ୍ୟରେ ସମ୍ଭବ ହୋଇପାରି ନ ଥାନ୍ତା । ଉତ୍କଳ ସମ୍ମିଳନୀର ଗଠନ ଓ ଅଭ୍ୟୁଦୟରେ ଯେଉଁମାନଙ୍କର କପର୍ଦ୍ଦକର ପୁଞ୍ଜା ଦାନ ନ ଥିଲା, ସେମାନେ ଏବେ ଶତଜିହ୍ୱ ହୋଇ ଉଠିଥିଲେ—ମଧୁସୂଦନ ଆତ୍ମପ୍ରତିଷ୍ଠା ପାଇଁ

---

* My reminiscences of the late Mr. M. S. Das—by Mr. G. C. Praharaj (Life of Madhusudan As Seen by Many Eyes) P. 89.

Digitized by srujanika@gmail.com

ଉତ୍କଳ ସମ୍ମିଳନୀକୁ ନଜର ହସ୍ତମୁଦ ମାହାଲରେ ପରିଣତ କରିବାରେ ଲଗିଛନ୍ତି । ଉତ୍କଳ ସମ୍ମିଳନୀ ସେଇଥିପାଇଁ ମଧୁବାବୁଙ୍କ ବୈଠକଖାନା ଆଉ ଇଦଗାପଡିଆ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି । ଉତ୍କଳ ସମ୍ମିଳନୀର ସ୍ଥାଣୁ ଅବସ୍ଥା ପାଇଁ ମଧୁସୂଦନ ହିଁ ସଂପୂର୍ଣ୍ଣରୂପେ ଦାୟୀ । ଉତ୍କଳ ସମ୍ମିଳନୀ ଜରିଆରେ ଓଡିଶାରେ ମଧୁସୂଦନ ଅପରମିତ ଅର୍ଥବ୍ୟୟରେ ଶିଳ୍ପୋଦ୍ୟୋଗର ଯେଉଁ ଅସ୍ୱୀକାରମ୍ଭ କରିଥିଲେ ତାହା କେବଳ ନଜର ସ୍ୱାର୍ଥ ସାଧନ ପାଇଁ, ମଧୁସୂଦନଙ୍କ ଚରଣ ସହାରକାଙ୍କ୍ଷୀମାନେ କୁଣ୍ଠିତ ନଥିଲେ ।

ମଧୁସୂଦନ କହିଲେ, "ମାଷ୍ଟର ଦାଦା, ବେନାମୀ ଆନ୍ଦମଣ ଗୋପାଳ ପ୍ରହରୀକ ଚଲାନ୍ତୁ ବା ଆଉ ସିଏ କରନ୍ତୁ ସେମାନଙ୍କ ଅଭଯୋଗଟା ଯେ ନଡାନ୍ତୁ ମିଥ୍ୟା, ତାହା କୁହାଯାଇ ନ ପାରେ । ଉତ୍କଳ ସମ୍ମିଳନୀର ମୁଁ ସମ୍ପାଦକ ଥାଇ ଯଦି କର୍ତ୍ତବ୍ୟ-ନିଷ୍ଠାହୀନତା ସମିତିରେ କୋରମ୍‌ର ଅଭାବ ହୁଏ, ତା'ହେଲେ ଉତ୍କଳ ସମ୍ମିଳନୀର ଅଧୋଗତି ପାଇଁ ମୋ ଛଡା ଆଉ କିଏ ଦାୟୀ ହୋଇପାରେ ? ମୁଁ ବଡ଼ କ୍ଲାନ୍ତ ମାଷ୍ଟର ଦାଦା ! ମୋତେ ଏଥର ଛୁଟୀ ଦିଅନ୍ତୁ । ଦେଶର କାର୍ଯ୍ୟ ପାଇଁ ଦେଶଲୋକେ ଆଗଭର ହୋଇ ବାହାରିବା ଉଚିତ । ଏହା କରୁ ମୋର ପିତୃ ଶ୍ରାଦ୍ଧ ବା ପୁନ ବିବାହ ନୁହେଁ ।"

ମଧୁସୂଦନଙ୍କ ବରୁଦ୍ଧରେ ବେନାମୀ ଆନ୍ଦମଣରେ ଗୌତ୍ସଶଙ୍କରଙ୍କ ପରି ବହୁ ଶୁଭାକାଙ୍କ୍ଷୀ ଓ ଉତ୍କଳହିତୈଷୀ ଯେପରି ଆହତ ବୋଧ କରୁଥିଲେ, କେତେକ ଈର୍ଷାଦ୍ୱର ବ୍ୟକ୍ତ ସେହିପରି ପରୋକ୍ଷରେ ମଧ୍ୟ ବେଶ୍ ଆନନ୍ଦିତ ହେଉଥିଲେ । ମାତ୍ର ମଧୁସୂଦନ ହଠାତ୍ ଉତ୍କଳ ସମ୍ମିଳନୀର ସମ୍ପାଦକ ପଦରୁ ଇସ୍ତଫା ଦେଇ ବସିବେ; ଏ କଥା କେହି କେବେ ଆଶଙ୍କା କରି ନ ଥିଲେ ।

ଗୌତ୍ସଶଙ୍କର ଓ 'ପ୍ରଜାବନ୍ଧୁ'ର ସମ୍ପାଦକ ମାଲମଣ୍ଡି ବିଦ୍ୟାରତ୍ନ ପ୍ରମୁଖ ମଧୁସୂଦନଙ୍କର ବନ୍ଧୁ ବର୍ଗ ଓ ସମ୍ମିଳନୀ ପ୍ରେମୀ ଇସ୍ତଫାପତ୍ର ପ୍ରତ୍ୟାହାର କରିବା ପାଇଁ ମଧୁସୂଦନଙ୍କୁ ଅନୁରୋଧ କଲେ । ମାତ୍ର ମଧୁସୂଦନ ନିଜ ସିଦ୍ଧାନ୍ତରେ ଅଟଳ ।

ମଧୁସୂଦନ କହିଲେ, "ଉତ୍କଳ ସମ୍ମିଳନୀ ମୋର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ମୋ ଯୋଗୁଁ ଯଦି ସମ୍ମିଳନୀ ଉଧେଇ ନାହିଁ, ତାହାଲେ ଏହାର ସମ୍ପାଦକ ପଦ ମୁଁ ଆଉ କେବେ ବସିବା ଅନ୍ୟାସ୍ୱ ହେବ ।"

ମଧୁସୂଦନଙ୍କ ଇସ୍ତଫାପତ୍ରର ବସ୍ତୁର ପାଇଁ କଟକରେ ଆହୂତ ହେଲା ଉତ୍କଳ-ସମ୍ମିଳନୀ କାର୍ଯ୍ୟନିର୍ବାହକ ସମିତିର ଏକ ବିଶେଷ ଅଧିବେଶନ । ସମିତିର ପ୍ରାୟ ୬୫ ଜଣ ସଭ୍ୟ ଏଥରେ ଉପସ୍ଥିତ ଥିଲେ । ଗଞ୍ଜାମରୁ ଏଥରେ ଯୋଗ ଦେଇଥିଲେ, 'ପ୍ରଜାବନ୍ଧୁ'ର ସମ୍ପାଦକ ମାଲମଣ୍ଡି ବିଦ୍ୟାରତ୍ନ ଓ ଗଞ୍ଜାମର ବରିଷ୍ଠ ଓକିଲ ଆନେପୁ ପରମେଶ୍ୱର ପାତ୍ର (ପରେ ସାର ପଦବୀରେ ଭୂଷିତ ଓ ମାଦ୍ରାଜର ମନ୍ତ୍ରୀ) । ମାଲମଣ୍ଡି ବିଦ୍ୟାରତ୍ନ କୈଫିୟତ୍ ଦେଲେ ସମ୍ପାଦକର କର୍ତ୍ତବ୍ୟାନୁରୋଧରେ ମଧୁସୂଦନଙ୍କ ବରୁଦ୍ଧରେ ସେ ସେହି ବେନାମୀ ପତ୍ରଟିକୁ ପ୍ରକାଶ କରିଥିଲେ ସିନା, ନୋହିଲେ ମଧୁସୂଦନଙ୍କ ନେତୃତ୍ୱ ପ୍ରତି ତାଙ୍କର ଯଥେମାତ୍ର

Digitized by srujanika@gmail.com

ଅନାସ୍ଥା ନାହିଁ । ଅବଶେଷରେ ପଦତ୍ୟାଗ ପତ୍ର ପ୍ରତ୍ୟାହାର କରନେବା ପାଇଁ ମଧୁସୂଦନଙ୍କୁ ଅନୁରୋଧ କର ସଂସ୍ପର୍ଶଉତ୍ତମେ ଏକ ପ୍ରସ୍ତାବ ଏହି ସମିତିରେ ଗୃହୀତ ହୋଇଥିଲା ।

"ମଧୁ ବାବୁ ସମ୍ମିଳନୀର ପ୍ରାଣ ସ୍ୱରୂପ । ତାଙ୍କର ଅହରହ ପ୍ରଗାଢ଼ ଯତ୍ନ ଅଧବସାୟ ଓ ପରଶ୍ରମରେ ସମ୍ମିଳନୀର କାର୍ଯ୍ୟ ଅଗ୍ରସର ହେଉଅଛୁ ଏବଂ କମିଟି ମଧ୍ୟରେ ଆଉ ଜଣେ କେହି ନାହିଁ ଯେ ବର୍ତ୍ତମାନ ସେହି ଗୁରୁତ୍ୱର ଗ୍ରହଣ କରପାରେ । କେହି କେହି ସଭ୍ୟ ତାଙ୍କର ନନ୍ଦା କରବାର ଶୁଣି କମିଟି ଅତ୍ୟନ୍ତ ଦୁଃଖିତ ହେଉଛନ୍ତି । ମାତ୍ର ଯେ ସ୍ଥଳେ କମିଟିର ତାଙ୍କପ୍ରତ ସମ୍ପୂର୍ଣ୍ଣ ବଶ୍ୱାସ ଓ ସନ୍ତୋଷ ଅଛୁ ଏବଂ ସେ ଯେପର କାର୍ଯ୍ୟ ଚଲାଉଛନ୍ତି, ଅନ୍ୟ ଲୋକଙ୍କୁ ତହିଁ ପାଇଁ ଯୋଗ୍ୟ କରବାକୁ ସେ ନଜେ ଚେଷ୍ଟା କରୁଅଛନ୍ତି, ମାତ୍ର ଏ ପର୍ଯ୍ୟନ୍ତ ସଫଳ ହୋଇ ନାହାନ୍ତି, ସେ ସ୍ଥଳେ କମିଟି ତାହାଙ୍କୁ ଗ୍ରହଣ ନ ପାରନ୍ତି । ଅତଏବ ପଦତ୍ୟାଗ ପତ୍ର ପ୍ରତ୍ୟାହାର କରବାକୁ କମିଟି ଅନୁରୋଧ କରୁଅଛନ୍ତି ।"

ବାଲେଶ୍ୱରରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନ ପାଇଁ ଗୃଜା ବୈକୁଣ୍ଠନାଥ ଦେ ନେଇଥିଲେ ଦାସ୍ୱିତ୍ୱ । ମାତ୍ର ୧୯୦୫ ସାଲରେ ସେ ବର୍ଷ ଉତ୍କଳ ସମ୍ମିଳନୀ ବାଲେଶ୍ୱରରେ ଆଉ ହୋଇ ପାରଲା ନାହିଁ । ତୃତୀୟ ଅଧିବେଶନ ପାଇଁ ଗୃଜା ବୈକୁଣ୍ଠନାଥଙ୍କ ଆମନ୍ତ୍ରଣରୁ। କେବଳ ଆମନ୍ତ୍ରଣରେ ହିଁ ରହିଗଲା । ସେଥିପାଇଁ ପ୍ରସ୍ତୁତ କମ୍ବା ଉଦ୍ୟମ ନ ଥିଲା । ସମ୍ମିଳନୀ ପାଇଁ ଧାର୍ଯ୍ୟ ସଗ୍ରହ ଉଦ୍ଦେଶ୍ୟରେ କେତେଜଣ ରଡ଼ଜାତି ଗୃଜା ଓ ପୁଷ୍ଟର କେତେକ ମହନ୍ତଙ୍କୁ ଯେନ ଗୋଟିଏ ସମିତି ଗଠିତ ହୋଇଥିଲା । ମାତ୍ର ସମ୍ମିଳନୀ ପାଇଁ କପର୍ଦ୍ଦକଟିଏ ପାର୍ଯ୍ୟ ସଗୃହୀତ ହୋଇପାର ନ ଥିଲା । ପ୍ରଥମ ଓ ଦ୍ୱିତୀୟ ଅଧିବେଶନ ପାଇଁ ଅବଶ୍ୟ କିଛୁ କିଛୁ ପାର୍ଯ୍ୟ ଉଠିଥିଲା—କନ୍ତୁ ମଧୁସୂଦନ ନଜ ପାର୍ଯ୍ୟରୁ ଅର୍ଥ ବ୍ୟୟକର, ଏପରକ ଋଣ କର ପୂଜା, ବାହାର ନ ଥିଲେ, ସମ୍ମିଳନୀର ସେ ଦୁଇଟି ଅଧିବେଶନ ପୂଜା ସମ୍ଭବ ହୋଇ ପାର ନଥାନ୍ତା, କମ୍ବା ମହାସମାରୋହରେ ଅନୁଷ୍ଠିତ ହୋଇ ନଶିଲ ସ୍ୱରତୀୟ ଦୃଷ୍ଟି ଆକର୍ଷଣ କରପାର ନଥାନ୍ତା ।

ମାତ୍ର ତୃତୀୟ ଅଧିବେଶନ ପୂର୍ବରୁ ମଧୁସୂଦନଙ୍କ ବରୁଦ୍ଧରେ ଯେଉଁ ପ୍ରକାର ତରତ ସହାର ଗୃଲିଲା, ସେଥିରେ କ୍ଷୁବ୍ଧ ହୋଇ ମଧୁସୂଦନ ସମ୍ମିଳନୀଠାରୁ ନଜକୁ ଦୂରେଇ ରଖିଲେ । ଫଲତଃ ସମ୍ମିଳନୀର ତୃତୀୟ ଅଧିବେଶନ ଆଉ ହୋଇ ପାରଲା ନାହିଁ । ସଂଜ ଦୈତ୍ୟଶ୍ୟ ଓ ଓ ବଧାଦର ଗୋଟିଏ ଗ୍ରୁସ୍ୱା ଖେଳଗଲା । ଏହା ବରୁଦ୍ଧରେ ତୀବ୍ର ସମାଲୋଚନା ହେବାରୁ ଇଂ ୧୯୦୬ ସାଲ ଅପ୍ରେଲମାସ ୧୩ ଓ ୧୪ ତାରିଖରେ ବାଲେଶ୍ୱରରେ ଗୃଜା ବୈକୁଣ୍ଠନାଥ ଦେ ଆହ୍ୱାନ କଲେ ସମ୍ମିଳନୀର ତୃତୀୟ ଅଧିବେଶନ । ତାଲଚେର ଗୃଜା ଶ୍ରୀ କଶୋରଚନ୍ଦ୍ର ସାରବର ହରଚନ୍ଦନ ଏ ଅଧିବେଶନରେ ବରତ ହେଲେ ସଭାପତ ରୂପେ । କନ୍ତୁ ସମ୍ମିଳନୀ ଥିଲା ଏଥିରେ ଗୌଣ ମୁଖ୍ୟ ଥିଲା ସେହି ଅବକାଶରେ ଆସନ୍ନ ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ନର୍ବାଚନ ପାଇଁ ଗୃଜା ବୈକୁଣ୍ଠନାଥ ଦେଙ୍କ ନର୍ବାଚନ ପ୍ରସ୍ତୁତି । ସେ କଥା ମଧ୍ୟ ଅଛପା ରହିପାରଲା ନାହିଁ । ସେଥିପାଇଁ ଏ ଅଧିବେଶନରେ ମୁଷ୍ଟିମେୟ ପ୍ରତନଧିଙ୍କ ବ୍ୟତୀତ ବେଶୀ ସଖ୍ୟାରେ ପ୍ରତନଧି ଯୋଗ ଦେଇ ନ ଥିଲେ ।

Digitized by srujanika@gmail.com

କାର୍ଯ୍ୟ ନବାହ୍ୱକା ସମିତର ଅନୁଗ୍ରେଧନମେ, ମଧୁସୂଦନ ଇସ୍ତଫା ପତ୍ର ପ୍ରତ୍ୟାହାର କରନେବା ପରେ ସୁଦ୍ଧା, ପ୍ରଚ୍ଛନ୍ନ ଚରନ-ସହାରକାଙ୍ଗମାନଙ୍କର ବେନାମୀ ଆନ୍ଦମଣ ଶେଷ ହୋଇ ନଥିଲା । "ଓଡ଼ିଆ ଓ ନବସମ୍ବାଦ"ରେ ମଧୁସୂଦନଙ୍କ ପର୍ଥାକୃତ ଭୂମିକା ପ୍ରତ ଆକ୍ଷେପ କର, ଜଣେ ସମ୍ବାଦଦାତା ଲେଖିଥିଲେ...."ସମିତର ସୃଷ୍ଟି କର୍ତ୍ତା ମଧୁସୂଦନ ସମିତର କାର୍ଯ୍ୟ ମଧ୍ୟରେ ଭଣ୍ଡାଙ୍ଗର କାର୍ଯ୍ୟଙ୍ଗର—ଲଣ୍ଠନ ଦେଖାଇବା-ଗ୍ରହଣ କରଥିଲେ । ବର୍ତ୍ତମାନ ଯେପର ଅନୁମାନ କଗ୍ଯାଏ, ସେଥିରୁ ସ୍ପଷ୍ଟ ପ୍ରତୟମାନ ହେଉଅଛୁ ଯେ ତାଙ୍କ ଲଣ୍ଠନରୁ ତେଲ ଓ ବତ୍ତା ଶେଷ ପ୍ରାସ୍ୱ ହେଲାଣି । କନ୍ତୁ ଏ ପର୍ଯ୍ୟନ୍ତ ବାଃ କେହ ଚଉଁଲେ ନାହିଁ । ଲଣ୍ଠନର କଛୁ କଛୁ ଦୋଷ ନାହିଁ କ ?"....ଗୋପାଳ ପ୍ରହ୍ରଜଙ୍କ ଶୈଳୀ ଏ ରଚନାରେ ଥିଲା ସୁସ୍ପଷ୍ଟ ।

ଇର୍ଷାତୁର ମାନଙ୍କର ଏହପର ରୁଚ୍ଛ ଆକ୍ରମଣରେ ଜର୍ଜରତ ହୋଇ ସମ୍ମିଳନୀ ପ୍ରତ ମଧୁସୂଦନଙ୍କର ପୁଣ ଉତ୍ସାହ ଆଉ ରହିଲ ନାହିଁ । ସମ୍ମିଳନୀର ନେତୃତ୍ୱ ନେବାପାଇଁ ଯେଉଁମାନେ ଆକୁଳ ଥିଲେ, ସମ୍ମିଳନୀର ପରସ୍ଫୁଳନା ସେଇମାନଙ୍କୁ ଛାଡ଼ିଦେଇ, ସମ୍ମିଳନୀଠାରୁ ମଧୁସୂଦନ ନଜକୁ ଯଥାସମ୍ଭବ ଦୂରେଇ ଦେଲେ ।

ବାଲେଶ୍ୱର ପରମିଟ୍-ପଡ଼ିଆରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲ ! ଉଦ୍ୟୋକ୍ତାମାନଙ୍କର ସନ୍ନଦ୍ଧ ଅନୁରୋଧରେ ମଧୁସୂଦନ ଏଥିରେ ଅବଶ୍ୟ ଯୋଗ ଦେଇଥିଲେ । ମାନ ତାଙ୍କ କଣ୍ଠରେ ସମ୍ମିଳନୀର ଅବସ୍ଥା ସମ୍ପର୍କରେ ଫୁଟିଉଠିଥିଲ ବ୍ୟଥିତା ଓ ନୈରାଶ୍ୟର ସ୍ୱପ୍ନା । ଏହ ଅଧିବେଶନରେ ସ୍ୱପ୍ତଣ ପ୍ରସଙ୍ଗରେ ମଧୁସୂଦନ କହିଥିଲେ···

"ଉତ୍କଳ ସମ୍ମିଳନୀର ଦୂରବସ୍ଥା ଦେଖି ମୋ ମନରେ ଯେପର ଦୁଃଖ ଜାତ ହୋଇଅଛୁ, ମୋର ପୁନକଷ୍ଟ ହୋଇଥିଲେ ମୋ ମନରେ ସେପର ଦୁଃଖ ହୁଅନ୍ତା ନାହିଁ । ସମ୍ମିଳନୀ ତନବର୍ତ୍ତ ହେଲ ସ୍ଥାପିତ ହୋଇଅଛୁ, କନ୍ତୁ ଏ ପର୍ଯ୍ୟନ୍ତ କୌଣସିଁ କାର୍ଯ୍ୟ କରବାକୁ ଷମ ହୋଇ ନାହିଁ । ବର୍ତ୍ତମାନ ତାର ଶୈଶବାବସ୍ଥା । ଏ ଅବସ୍ଥାରେ ବଶେଷ କାର୍ଯ୍ୟ ଯଦତ ଆଶା କଗ୍ଯାଏ ନାହିଁ, ତଥାତ ତାମସା ଦେଖିବା ବ୍ୟଗତ, ଉତ୍କଳୀସ୍ୱମାନଙ୍କର ସମ୍ମିଳନୀର ଉଦ୍ଦେଶ୍ୟ ସାଧନରେ ବ୍ରତ ହୋଇ ଅନ୍ତରର ସହତ ଚେଷ୍ଟା କରବା ଉଚତ ଥିଲ । ପ୍ରତ ଅଧିବେଶନରେ ଶତ ଶତ, ସହସ୍ର ସହସ୍ର ଲୋକ, କେବଳ ତାମସା ଦେଖିବା ନମନ୍ତେ ଉପସ୍ଥିତ ହୁଅନ୍ତ ଏବଂ ମୁଁ ସେହ ତାମସା ଦେଖିଅଛୁ । କନ୍ତୁ କଛୁ ପାଶନାହିଁ । ମୁଁ ଉତ୍କଳ ଜନନୀର ଅଧମ ପୁତ୍ର । ମୋ ଦ୍ୱାସ୍ୱ କଛୁ ହୋଇ ପାରବ ନାହିଁ । ସମସ୍ତଙ୍କର ଧାରଣା ଯେ ଉତ୍କଳ ସମ୍ମିଳନୀ ମଧୁବାବୁଙ୍କର, କନ୍ତୁ ତାହା ସହତ ମୋର ବଶେଷ କଛୁ ସମ୍ପର୍କ ନାହିଁ । ଆପଣମାନଙ୍କ ସହତ ଏହାର ଯେପର ସମ୍ପର୍କ, ମୋ ସହତ ସେହପର ସମ୍ପର୍କ । ଏହ ସମ୍ମିଳନୀ ପ୍ରତ୍ୟେକ ଉତ୍କଳୀସ୍ୱଙ୍କର, ଏପର ମନେ କରବା ଉଚତ । ଯେ ପର୍ଯ୍ୟନ୍ତ ସେ ଧାରଣା ହୋଇ ନାହିଁ, ସେ ପର୍ଯ୍ୟନ୍ତ ସମ୍ମିଳନୀର ଉଦ୍ଦେଶ୍ୟ ସାଧତ ହେବନାହିଁ ।"*

---

* ମଧୁ ବାବୁଙ୍କ ଓଡ଼ିଆ ବନ୍ତୃତା ଓ ଗୀତ (କଲାବଜ୍ଞାନ ପରପଦ)—ପୃ ୨୯

Digitized by srujanika@gmail.com

ଭାଷାସୂତ୍ରରେ ସମ୍ବଲପୁର ଜିଲ୍ଲା ଓଡ଼ିଶାକୁ ଆସିଥିଲେ ମଧ୍ୟ ଗଞ୍ଜାମ ଜିଲ୍ଲାକୁ ଯେପରି ଅନ୍ୟାସୂତ୍ରରେ ଓଡ଼ିଶାରୁ ଅଲଗା ରଖାଗଲା, ସେତେବେଳେ ଉତ୍କଳ ସମ୍ମିଳନୀ ଆଗରେ ତାହାହିଁ ଥିଲା ଏକମାତ୍ର ଚ୍ୟାଲେଞ୍ଜ । ମାତ୍ର ଏ ଅଧିବେଶନରେ ପ୍ରତିବାଦର କ୍ଷୀଣ ସ୍ୱରଟି ପୂରା ଶୁଣାଯାଇ ନ ଥିଲା । ସବୁ ଦୃଷ୍ଟିରୁ ଏ ଅଧିବେଶନ ଥିଲା ନୈରାଶ୍ୟଜନକ ।

ବଙ୍ଗଳାର ରାଜନୀତି ସେତେବେଳେ ବଙ୍ଗଭଙ୍ଗ ବିରୋଧୀ ଆନ୍ଦୋଳନରେ ଜମେ ଅଗ୍ନି ଗର୍ଭ ହୋଇ ଉଠୁଥିଲା । ବଙ୍ଗନେତା ସୁରେନ୍ଦ୍ରନାଥ ବାନାର୍ଜି ବରଷାଲଠାରେ ପୁଣି ଥରେ କନ୍‌ଟେମ୍ପଟ୍ ଅଫ୍-କୋର୍ଟ ଅଭିଯୋଗରେ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ଇଂ ୧୯୦୭ ମସିହାରେ ବଙ୍ଗଳା-ପ୍ରାଦେଶିକ ସମ୍ମିଳନୀ ଆହୂତ ହୋଇଥିଲା ପୂର୍ବବଙ୍ଗର ବରଷାଲ୍ ସହରରେ । ପ୍ରଥାରେ "ବନ୍ଦେ ମାତରମ୍" ସ୍ଲୋଗାନ୍ ଦେଇ, ପତାକାଟିଏ ଧରିବା ସେତେବେଳେ ସରକାର ଆଦେଶରେ ଥିଲା ନିଷିଦ୍ଧ । ମାତ୍ର ବରଷାଲ୍ ଅଧିବେଶନରେ ଯୋଗ ଦେଇଥିବା ପ୍ରତିନିଧିମାନେ ଏ ନିଷେଧ ଲଙ୍ଘନ କରି ରାଜପଥରେ "ବନ୍ଦେ ମାତରମ୍" ଧ୍ୱନି ଦେବା 'ଅପରାଧ'ରେ ସେଦିନ ସରକାର କର୍ମଚାରୀମାନଙ୍କଦ୍ୱାରା ଘୋର ଲାଞ୍ଛିତ ହୋଇଥିଲେ । ଏହି କାରଣରୁ ବରଷାଲ ସହରରେ ସୁରେନ୍ଦ୍ରନାଥ ମଧ୍ୟ ହୋଇଗଲେ ଗିରଫ । ସେଦିନ ସୁରେନ୍ଦ୍ର ନାଥଙ୍କ ବିଚାରାନୁଷ୍ଠାନ ଶେଷରେ ମାଜିଷ୍ଟ୍ରେଟ ଇମାରସନ୍ ସୁରେନ୍ଦ୍ର ନାଥଙ୍କୁ ଲକ୍ଷ୍ୟ କରି କହିଲେ, **"This is disgraceful."**

ଦୃପ୍ତକଣ୍ଠରେ ସୁରେନ୍ଦ୍ରନାଥ ଉତ୍ତର ଦେଲେ···**"I protest against such a remark—a remark of the kind ought not to come from the Court."**

ଇମାରସନ୍—**"Keep quiet, this is contempt of court. I draw up contempt proceedings against you"** ତା'ପରେ ସଙ୍ଗେ ସଙ୍ଗେ କାରାଦଣ୍ଡ ।

ଏହିପରି କନ୍‌ଟେମ୍ପଟ୍-ଅଭିଯୋଗରେ ସୁରେନ୍ଦ୍ରନାଥ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ସମ୍ବାଦପତ୍ରରେ ଏ ସମ୍ବାଦ ଲକ୍ଷ୍ୟ କରିବା ମାତ୍ରେ ରାମଶଙ୍କରଙ୍କୁ ଡାକି ମଧୁସୂଦନ କହିଲେ, "ଏହା ବିରୁଦ୍ଧରେ ଗୋଟିଏ ପ୍ରତିବାଦ ସଭା ଆୟୋଜନ କର ରାମଶଙ୍କର ।"

ବାର୍ତ୍ତାକ୍ୟ ହେରୁ, ଗୌରୀଶଙ୍କର ତେରଶ ବର୍ଷ କାଳ "ଉତ୍କଳ ସଭା"ର ସମ୍ପାଦକର ଦାୟିତ୍ୱ ବହନ କରିବା ପରେ ଏବେ ସେଥିରୁ ଅବ୍ୟାହତି ନେଇଥିଲେ । "ଉତ୍କଳ-ସଭା"ର ସମ୍ପାଦକ ରୂପେ ମନୋନୀତ ହୋଇଥିଲେ ରାମଶଙ୍କର ।

କିନ୍ତୁ ବନ୍ଦେ-ମାତରମ୍ ଆନ୍ଦୋଳନର ନେତା ସୁରେନ୍ଦ୍ରନାଥଙ୍କ କାରାଦଣ୍ଡର ପ୍ରତିବାଦ ପାଇଁ ସଭା ଆୟୋଜନ କରିବା ପ୍ରସ୍ତାବ ରାମଶଙ୍କରଙ୍କୁ ବିପଦ୍ଜନକ ଲଗିଲା । ରାମଶଙ୍କର କହିଲେ···"ବଙ୍ଗଭଙ୍ଗ ପାଇଁ କେବଳ ସମ୍ବଲପୁର ଓଡିଶାରେ ମିଶି ପାରିଲା । ଏହା ବିରୁଦ୍ଧରେ ଆନ୍ଦୋଳନକୁ ଆମେ ସମର୍ଥନ କରିବା କାହିଁକି ?"

Digitized by srujanika@gmail.com

ଅସନ୍ତୁଷ୍ଟ କଣ୍ଠରେ ମଧୁସୂଦନ ଉତ୍ତର ଦେଲେ···"ବଙ୍ଗଭଙ୍ଗ-ଏଠାରେ ସମସ୍ୟା ନୁହେଁ ବ୍ରହ୍ମଶଙ୍କର । ବସ୍ତୁତଃ ଗୋଟାଏ ପ୍ରହସନ କଣ୍ଠ ସୁରେନ୍ଦ୍ରନାଥଙ୍କୁ ଯେପରି ଜେଲ୍‌ଦଣ୍ଡ ଦିଆଯାଇଛୁ, ତାହାହିଁ ହେଉଛୁ ସଙ୍କଟ । ଏହାର ପ୍ରତିବାଦ କରୁ ନ ଗଲେ, ଆମର ଜାତୀୟ ଜୀବନ ନାହିଁ ବୋଲ ବୁଝିବା ପାଇଁ ପଡିବ । ବଙ୍ଗ-ଭଙ୍ଗ ଓଡ଼ଶାର ସ୍ୱାର୍ଥପ୍ରତି ଅନୁକୂଳ ଜଣାପୁ । ଆମେ ଏହାକୁ ସ୍ୱାଗତ କରୁଛୁ । କାରଣ ଏହା ଫଳରେ ସମ୍ବଲପୁର ଜିଲ୍ଲା ଓଡ଼ଶାକୁ ଆସି ପାରିଲ । ମାନ୍ଦ୍ରାଜ୍‌ଙ୍କ ଇମାରସନ୍ ସୁରେନ୍ଦ୍ରନାଥଙ୍କ ପଣ ଜଣେ ଜାତୀୟ ନେତାଙ୍କ ପ୍ରତି ଯେଉଁ ପ୍ରକାର ବ୍ୟବହାର କଲେ, ତାହାକୁ ତ ବରଦାସ୍ତ କରିଯାଇ ନ ପାରେ ।"

ସୁରେନ୍ଦ୍ରନାଥଙ୍କ ପ୍ରତି କାରାଦଣ୍ଡର ପ୍ରତିବାଦ ପାଇଁ ଯେଉଁ ସଭା କଟକରେ ଆହୂତ ହୋଇଥିଲା, ମଧୁସୂଦନ ସେଥିରେ ଇଂରାଜୀରେ ଭାଷଣ ଦେଇ କହିଲେ....

"Lord Bacon says, when any of the pillars of the Government is rudely shaken or weakened (which are religion, justice, counsel and treasure) men have to pray for fair weather."

ନ୍ୟାସ୍ୱବଧାନ ବୃକ୍ଷର ଏକ ସ୍ତମ୍ଭ । କିନ୍ତୁ ସୁରେନ୍ଦ୍ର ନାଥଙ୍କ ପ୍ରତି କାରାଦଣ୍ଡ ନ୍ୟାସ୍ୱବଧାନର ସେଇ ବୃକ୍ଷ ସ୍ତମ୍ଭ ଉପରେ କୁଠାରାଘାତ ହାଣିଥିଲା । ଆଇନ ଭଙ୍ଗ କରିବା ଏକ କଥା କିନ୍ତୁ ଆଇନର ମର୍ଯ୍ୟାଦା ରକ୍ଷାକରିବାର ଦାୟିତ୍ୱ ଯେଉଁମାନଙ୍କ ଉପରେ ନ୍ୟସ୍ତ, ସେମାନେ ଏହାକୁ ଅବମାନନା କରିବାର ଅର୍ଥ, ଆଇନର ବିଲୋପ ସାଧନ । ଏହା ପ୍ରାକୃତିକ ନ୍ୟାସ୍ୱବଧାନର ବିରୋଧାଚରଣ କରେ । ମଧୁସୂଦନ ତାଙ୍କ ଭାଷଣରେ ପୁଣି କହିଥିଲେ, "To break law is one thing, but a wilful disregard of law by one entrusted with the sacred duty of enforcing it amounts to suspension of law. The trial of S. N. Banerjee, so far as the procedure followed, as has been published in the newspapers, points to a state of things which suggests an analogy to suppression of Nature's Laws."

ଓଡ଼ଶାରେ ସେକାଳର ଜଣେ ସି. ଆଇ. ଇ. ଉପାଧିକାରୀଙ୍କ ପକ୍ଷେ ଏ ପ୍ରକାର କଠୋର ସମାଲୋଚନା ଅତ୍ୟନ୍ତ ଅସମ୍ଭବ ଥିଲା । ମଧୁସୂଦନ ରାଜନୈତିକ ଚନ୍ତା ଓ କାର୍ଯ୍ୟକ୍ରମରେ ବ୍ରିଟିଶ୍ ଶାସନ ସହିତ ଅସହଯୋଗ ଅଥବା ପ୍ରତ୍ୟକ୍ଷ ସଂଘର୍ଷରେ ବିଶ୍ୱାସ କରୁ ନ ଥିଲେ । ଉନବିଂଶ ଶତାବ୍ଦୀର ଲବରାଲଜମ୍ ତାଙ୍କର ରାଜନୈତିକ ଜୀବନକୁ ପ୍ରଭାବିତ କରିଥିଲା । ପୁଣି ଆତ୍ମମୁଖ୍ୟ ଦୃଷ୍ଟିରୁ ବଙ୍ଗଳାର "ବନ୍ଦେ ମାତରମ୍" ଆନ୍ଦୋଳନ ସହିତ ତାଙ୍କର ମଧ୍ୟ ମୌଳିକ ମତାନ୍ତର ରହିଥିଲା । ତଥାପି ଆଇନ ନାମରେ, ସୁରେନ୍ଦ୍ର ନାଥଙ୍କ ବିଚାର ପ୍ରସଙ୍ଗରେ ଯେପରି ସ୍ୱୈରାଚାର କରାଯାଇଥିଲା, ତାହାକୁ ବରଦାସ୍ତ କରିବା ମଧ୍ୟ

Digitized by srujanika@gmail.com

ପ୍ରତବାଦ ସତ୍ତ୍ୱର ପରଦ୍ଦନ, ମଧୁସୂଦନଙ୍କ ସହ୍ତ ସାକ୍ଷାତ ହେବା ମାନେ ଗ୍ମଣଙ୍କର କହ୍ଲେ···"କାଲ୍ ଆପଣଙ୍କ ବକ୍ତୃତା ଶୁଣି, କେହି କେହି କଡୁଛନ୍ତ, ମଧୁବାବୁ ଇଂରେଜ ଶାସନର ଏପର ସମାଲୋଚନା କରିବେ, ଆଶା କର୍ଯାଇ ନଥିଲ୍ ।"

ଲାଇବ୍ରେରୀ ଭିତରେ, ପିଠି ପଛରେ ଦୁଇହାତ ଛଡ, ପାଦଘୂରଣା କରୁ କରୁ ମଧୁସୂଦନ କହ୍ଲେ, "ବଙ୍ଗଭଙ୍ଗ ବରୁଦ୍ଧରେ ବଙ୍ଗାଲୀମାନେ ଆଇନ ଅମାନ୍ୟ କର ଘ୍ତାରେ ବନ୍ଦେ ମାତରମ୍ ଧ୍ୱନ ଦେଉଥିଲ୍ବେଳେ, ଆମ୍ଥିଲ୍ ଓଡ଼ିଶାରୁ ଗଙ୍ଗାମକୁ ଆମ୍ଟ୍ରେସନ କରଦେଲେ; ଅଥଚ ବାଲେଶ୍ୱର ଅଧିବେଶନରେ ତାହାର ଗୋଟାଏ ପ୍ରତବାଦ ସୁଦ୍ଧା ହୋଇ ପାରିଲ୍ନାହିଁ ।" କଣ୍ଠରେ ତାଙ୍କର ଅବଶୋସ !

ଗ୍ମଣଙ୍କର ମାରବ ରହ୍ଲେ ।

ମଧୁସୂଦନ ସ୍ୱତନ୍ତ୍ରୋତ୍ର କରବାପର ମନକୁ ମନ କହ୍ସ୍ଥଲେ "ଗଡ଼ଜାତ ଘ୍ଜା, ଜମିଦାର ଆଉ ମଠ ମହନ୍ତମାନେ କ ପ୍ରତବାଦ କରନ୍ତେ ? ବଙ୍ଗଳା ପର ଓଡ଼ିଶାରେ ସେପର ଇଂଘ୍ଜା ଶିକ୍ଷିତ, ମଧ୍ୟବତ୍ତ ଗୋଷ୍ଠୀ କାହାନ୍ତ ? ଯେଉଁମାନେ ଅଛନ୍ତ, ସେମାନଙ୍କର ଆମ୍ବିସନ୍ ତ ଡେପୁଟିମାଜିଷ୍ଟ୍ରେଟ୍ ପର୍ଯନ୍ତ । ମୁଁ ଜାଣେ ବ୍ରଜସୁନ୍ଦରଙ୍କ ବାଡ଼ପଟେ ଚନ ଘ୍ର ଜଣ ଯୁବକ 'ସ୍ୱଙ୍ଗ ଉତ୍କଳ ଆସୋସିଏସନ' ଗଢ଼ିଛନ୍ତ । ସେଥିରେ ଫଘ୍ସୀ-ବପ୍ତବର ମଧ୍ୟ ଖୁବ୍ ଚର୍ଚା ହେଉଛୁ । ମାନ ସେମାନଙ୍କ ଭିତରୁ ଦାଣ୍ଡକୁ ଆସି ଘ୍ତାରେ ବାଣଜେଡ୍ ବାଜ୍ଧବା ପାଇଁ ଭରସୁଛୁ ବା କଏ ? ସମସ୍ତଙ୍କର ତ ସେଇ ଏକା ସମସ୍ୟା—ପେଟ ଆଉ ହାଟ ।"

ଓଡ଼ଶାର ସାଧାରଣ ଜୀବନରେ ସେତେବେଳେ ଏକ ବଲିଷ୍ଠ ସ୍ୱାଧୀନ ମଧ୍ୟବତ୍ତ ଇଂଘ୍ଜା ଶିକ୍ଷିତ ଗୋଷ୍ଠୀ ରହ୍ଥିଲେ, ମଧୁସୂଦନଙ୍କ ନେତୃତ୍ୱର ତରଙ୍ଗ ସେପର ଅଲଗା ହୋଇଥାନ୍ତା, ଓଡ଼ଶାର ଘ୍ଜନୈତକ ଜୀବନର ଆଭମୁଖ୍ୟ ମଧ୍ୟ ସ୍ୱତନ୍ତ୍ର ପଥ ଧରଥାନ୍ତା । ମାନ ଓଡ଼ଶାରେ ସେତେବେଳେ ସେ ପ୍ରକାର ପରସ୍ଥିତ ନ ଥିଲ୍ ।

× × ×

ଇଂ ୧୯୦୭ ମସିହା ଡ଼ିସେମ୍ବର ୨୭ ତାରଖରେ ବ୍ରହ୍ମପୁରଠାରେ ଆହୂତ ହେଲ ସମ୍ମିଲନୀର ଦସ୍ତମିତ ଚରୁର୍ଥ ଅଧିବେଶନ । କନକ ଘ୍ଜା ଘ୍ଜେନ୍ଦ୍ର ନାଘ୍ସଣ ଭଞ୍ଜ ଦେଓ ବରତ ହେଲେ ସଭାପତ ରୂପେ । କେହି କେହି ଆଶା କରୁଥିଲେ, ଏ ଅଧିବେଶନରେ ଗଞ୍ଜାମ ମିଶ୍ରଣ ସମ୍ପର୍କରେ ଶାସନର ଅବସ୍ଥର ବରୁଦ୍ଧରେ କଛୁ ଗୋଟାଏ କଠୋର ପ୍ରତବାଦ ଲପିବଦ୍ଧ ହେବ; ପ୍ରତଘ୍ଧେର ଫଳଶ୍ରୁତ ପ୍ରକାଶ ପାଇବ । ମାନ ଲେଫ୍ଟନେଣ୍ଟ୍ ଗଭର୍ଣ୍ଣର ଲର୍ଡ଼ ଆମ୍ଥିଲ୍ଙ୍କ ଭସ୍ୱରେ ଘ୍ଜା, ଜମିଦାର, ମହନ୍ତ, ମହାଜନ ସମସ୍ତେ ଗ୍ରୁନଆଁ । ଓଲଟି ଅଧିବେଶନର ପ୍ରଥମ ପ୍ରସ୍ତାବରେ "ମାନ୍ରାଜ ଗଭର୍ଣ୍ଣମେଣ୍ଟ ମହୋଦସ୍ୱ"କୁ ଧନ୍ୟବାଦ ଦଆଗଲ—"କୃଷିର ଉନ୍ନତ ନମନ୍ତେ ମନୋଯୋଗୀ ହୋଇଥିବା ହେରୁ ।" ସୁରଙ୍ଗୀର ଘ୍ଜା ଆଣିଥିଲେ ଏ ପ୍ରସ୍ତାବ । ବଡ଼ମ୍ବନା ପୁଣି ଏହାକୁ ସମର୍ଥନ କରଥିଲେ ସ୍ୱୟଂ ମଧୁସୂଦନ ଦାସ, ସି. ଆଇ. ଇ. !

Digitized by srujanika@gmail.com

ଆଉ ଏକ ପ୍ରସ୍ତାବରେ ଗଞ୍ଜାମ ଜଜ୍‌ସାର କଲେକ୍ଟର ଜେ. ଓ. ପାଟ୍ରିଜ୍‌ଙ୍କୁ 'ଅନ୍ତରର ଧନ୍ୟବାଦ' ପ୍ରଦାନ କରାଯାଇଥିଲ— ସମ୍ମିଳନୀ ପ୍ରତି ତାଙ୍କର ସହାନୁଭୂତି ହେତୁ ।

ସମ୍ମିଳନୀ ଶେଷରେ ଅଭ୍ୟାଗତ କ୍ଲାନ୍ତ କଣ୍ଠରେ କହିଲେ···"କନ୍ତୁ ଗଞ୍ଜାମ କଥା ? କ'ଣ ହେବ ? ଗଞ୍ଜାମର ଓଡ଼ିଆମାନେ କିଂକର୍ତ୍ତବ୍ୟବିମୂଢ଼ ପରି ହାତ ବାନ୍ଧି ବସି ରହିଛନ୍ତି ଯେ ।"

ମଧୁସୂଦନ ତୀକ୍ଷ୍ଣ ଦୃଷ୍ଟିରେ ଅଭ୍ୟାଗତଙ୍କ ଦୁଇ ଆଖି ଭିତରକୁ ଗୂଢ଼ ଉତ୍ତର ଦେଲେ···"ସେମାନେ କରିବେ ଆଉ କ'ଣ ? ଗଭର୍ଣ୍ମେଣ୍ଟ ଦରବାରକୁ ଆଉ ଗୋଟାଏ ମେମୋରିଣ୍ଡମ୍ ପଠାଇବା ବ୍ୟତୀତ ସେମାନେ ଆଉ କରିପାରିବେ ବା କ'ଣ ?

(ଦୁଇ)

ବଙ୍ଗଳା-ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ନିର୍ବାଚନ ପାଇଁ ଓଡ଼ିଶାର ରାଜନୈତିକ ବାତାବରଣ କ୍ରମେ ବେଶ୍ ଉତ୍ତପ୍ତ ହୋଇ ଉଠୁଥିଲା । କାଉନ୍‌ସିଲକୁ ଏଥର ସଭ୍ୟ ପଠାଇବା ପାଇଁ ପଡ଼ିଥିଲା, ଓଡ଼ିଶା ଓ ହଜାରିବାଗ୍ ମୁନିସିପାଲିଟି ମାନଙ୍କର ପାଳି । ଅନ୍ତତରେ ଦୁଇଥର—୧୮୯୭ ଓ ୧୯୦୦ ମସିହା ନିର୍ବାଚନରେ—ମଧୁସୂଦନ ଥିଲେ ପ୍ରାୟ ଅପ୍ରତିଦ୍ୱନ୍ଦ୍ୱୀ । କିନ୍ତୁ ସେ ବେଳର ପରିସ୍ଥିତି ଏବେ ଆଉ ନ ଥିଲା । କିଏକରୁ ଶୁଣାଯାଉଥିଲା, ଗୋକୁଳାନନ୍ଦ ଚୌଧୁରୀଙ୍କ ନାମ । ସେହିପରି ବାଲେଶ୍ୱରରୁ ପ୍ରସ୍ତାବ ଉଠିଥିଲା, ସାମନ୍ତ ରାଧାଚରଣ ଦାସ ଅଥବା ରାଜା ବୈକୁଣ୍ଠନାଥ ଦେ'ଙ୍କ ମଧ୍ୟରୁ କାହାକୁ ନିର୍ବାଚିତ କରିବା ପାଇଁ ।

ମଧୁସୂଦନ କିନ୍ତୁ ନିଶ୍ଚୁପ୍ । ସ୍ୱେଚ୍ଛାର ଦୈନ୍ୟ ତାଙ୍କ ଆତ୍ମାଭିମାନକୁ ବାଧେ । ସେଥିରେ ପୁଣି ଏପରି ଠେଲପେଲ ଭିତରେ ଧାଡ଼ି ବାନ୍ଧି ଠିଆ ହେବା ତାଙ୍କର ଆତ୍ମସମ୍ମାନକୁ ଆହୁରି ବାଧୁଥିଲା । ଗୌରୀଶଙ୍କର "ଉତ୍କଳଦୀପିକା"ରେ ଲେଖିଥିଲେ....

"ଏପରିକ ଜଣେ ପ୍ରତିନିଧି ଓଡ଼ିଶାରୁ ବଙ୍ଗ-ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହେବେ । ବାଲେଶ୍ୱର କିମ୍ବା କେତେକ ବ୍ୟକ୍ତି ସାମନ୍ତ ରାଧାଚରଣ ଦାସଙ୍କ ନାମ ସୁପାରିଶ କରିଅଛନ୍ତି । ଆମ୍ଭେମାନେ ଅନ୍ୟ କେତେକ ବ୍ୟକ୍ତିଙ୍କଠାରୁ ମଧ୍ୟ ପତ୍ର ପାଇଅଛୁ ।···ଏ କଥା ଭାଗ୍ୟଗତ ନୁହେଁ । ମଧୁବାବୁଙ୍କୁ ପଚରା ଯିବାରେ ସେ କହିଲେ, "ଲୋକେ ଯେବେ ମୋତେ ଲୋଡ଼ିବେ, ମୁଁ ନାସ୍ତି କରିବ ନାହିଁ ।" ସେ ତାଙ୍କର ସ୍ୱାଭାବିକ ବିନମ୍ର ଓ ନିରହଙ୍କାର ସହକାରେ କହିଛନ୍ତି ଯେ, ସେ ଆପଣାକୁ ସେ ପଦର ଯୋଗ୍ୟ ମନେ କରନ୍ତି ନାହିଁ । ଓଡ଼ିଶାରେ ସମସ୍ତ ଗୁଣରେ ତାଙ୍କଠାରୁ ଅଧିକ ଯେ ଥିବ, ତାହାକୁ ସିନା ମନୋନୀତ କରିବାରୁ ହେବ । ସେ ଆପଣାକୁ ଅଯୋଗ୍ୟ କହିଲେ ବି ତାଙ୍କୁ ଛୁଡ଼ି ଆମ୍ଭେମାନେ ଅନ୍ୟ କାହାରକୁ ଲୋଡ଼ୁ ନାହିଁ । ତାଙ୍କୁ ଉପେକ୍ଷା କରି ଆଉ ଉର୍ଦ୍ଧ ହେବା ଉଚିତ ନୁହେଁ । ଦେଶପାଇଁ ଅକାତରେ ଧନ ପ୍ରାଣ ବିସର୍ଜନ କରିବା ବ୍ୟକ୍ତି ତାଙ୍କଠାରୁ ଅଧିକ କେହି ବାହାରି ନାହାନ୍ତି ।"*

---

* ଉତ୍କଳ ଦୀପିକା—ତା ୩ । ୧୧ । ୧୯୦୭

Digitized by srujanika@gmail.com

ମଧୁସୂଦନଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରି 'ଉତ୍କଳ ଦୀପିକା'ରେ ଏକାଧିକ ପତ୍ର ମଧ୍ୟ ପ୍ରକାଶ ପାଇଲା ।

ସେତେବେଳେ ଇମ୍ପିରିଆଲ୍—ଲେଜିସ୍‌ଲେଟିଭ୍ କାଉନ୍ସିଲ୍‌ରେ ମଧ୍ୟ ଗୋଟିଏ ସଭ୍ୟପଦ ଖାଲି ପଡ଼ିଥିଲା । ଏଥିପାଇଁ ମଧୁସୂଦନଙ୍କ ନାମ ପ୍ରସ୍ତାବ କରି ଖ୍ରୀସ୍ପେଦଚନ୍ଦ୍ର ରାୟଙ୍କ ସମ୍ପାଦିତ "ଷ୍ଟାର୍-ଅଫ୍-ଉତ୍କଳ" ଲେଖିଥିଲେ—

"There are few persons in Bengal and Orissa who may equal M. S. Das in his ability, public spirit and independence. If Bengal had a half a dozen men like him the rights of the people would have been recognised without much agitation and heart burning. With a singlehanded devotion to the fatherland he has sacrificed his all to the services of the country. He could have lived like a prince with the money he amassed, but every farthing he got, he has spent for the country. He is not satisfied with sacrificing himself." *

ମାତ୍ର ମଧୁସୂଦନଙ୍କ ସମ୍ପର୍କରେ ତତ୍କାଳୀନ ପ୍ରସିଦ୍ଧ ସମ୍ବାଦପତ୍ର ମାନଙ୍କରେ ଏପରି ସବୁ ଉଚ୍ଛ୍ୱସିତ ପ୍ରଶଂସା ତାଙ୍କ ପ୍ରତିପକ୍ଷମାନଙ୍କ ଉପରେ ବିଶେଷ ରେଖାପାତ କରିପାରି ନଥିଲା ।

ଗୋପବନ୍ଧୁ ସେତେବେଳେ ସଦ୍ୟ ଓକିଲତି ଶିକ୍ଷା ସମାପ୍ତ କରି ଗୋକୁଳାନନ୍ଦ ଚୌଧୁରୀଙ୍କ ସିରସ୍ତାରେ ଯୋଗ ଦେଇଥାନ୍ତି ତାଙ୍କ ଜୁନିୟର ରୂପେ ।

ପ୍ରତି ସନ୍ଧ୍ୟାରେ ଗୋକୁଳାନନ୍ଦଙ୍କ ମେଜାଜ୍‌ଟା ଟିକିଏ ଚଢ଼ା ଥାଏ—ଶନିବାର ସନ୍ଧ୍ୟାରେ କଥା ତାହାର ମାତ୍ରାଟା ଅଧିକ । ସେହିପରି ଏକ ଶନିବାର ସନ୍ଧ୍ୟାରେ, ଗୋପବନ୍ଧୁ ଅଫିସ୍‌ରେ କାର୍ଯ୍ୟ କରୁଥିବା ସମୟରେ ଗୋକୁଳାନନ୍ଦବାବୁ ପଚାରିଦେଲେ—"ଖ୍ରିସ୍ପେଦବାବୁ ମଧୁବାବୁଙ୍କ ସମ୍ପର୍କରେ ଯାହା ଲେଖିଛନ୍ତି, ପଢ଼ିଛ ଗୋପବନ୍ଧୁ ? ବଙ୍ଗଳାରେ ମିଷ୍ଟର ଦାସଙ୍କ ପରି ଅଧଡଜନ ଲୋକ ଖୋଜିଲେ କୁଆଡ଼େ ମିଳିବେ ନାହିଁ ।"

ଗୋପବନ୍ଧୁ ନୀରବ ରହିଲେ ।

ଗୋକୁଳାନନ୍ଦ ଆତ୍ମଗୌରବ ଉପରେ ପଡ଼ି ଦୁକା ଟାଣୁଥିଲେ । ଦୁକାନଳୀଟା ତଳକୁ ଫିଙ୍ଗିଦେଇ ଅସହ୍ୟ କଣ୍ଠରେ ସେ କହିଲେ "ଉତ୍କଳ ଦୀପିକାରେ ଗୌରଙ୍ଗଙ୍କର ବାବୁ ମଧ୍ୟ ସେହିପରି ଅନେକ ପ୍ରଶସ୍ତି କରିଛନ୍ତି । ଏସବୁ On His Majesty's Service Only ବୁଝି ପାରୁଛ ତ ଗୋପବନ୍ଧୁ !"

---

* Star of Utkal—3.11.1906—P. 107

Digitized by srujanika@gmail.com

ଗୋକୁଳାନନ୍ଦ ଝିଅଲ୍ ମଣିଷ । ମୁଣ୍ଡକୁ ଥରେ ଯାହା ଝିଅଲ୍ ଚଢ଼ିଲ୍ ସେଇଆ । ମଧୁସୂଦନଙ୍କ ବରୁଦ୍ଧରେ ପ୍ରତଯୋଗିତାରୁ ତାଙ୍କୁ ନବର୍ତ୍ତାଇବାର ଉଦ୍ୟମ ବୃଥା—ଗୋପବନ୍ଧୁ ବେଶ୍ ବୁଝିଥିଲେ ।

ଗୋକୁଳାନନ୍ଦ ଆତ୍ମଚୌକା ଉପରୁ ବଷ୍ଟୋରଣ କର ଉଠିଲେ—"ମଧୁବାବୁଙ୍କ ଛଡ଼ା ଓଡ଼ଶାରେ ଆଉ କ'ଣ ମଣିଷ ନାହାନ୍ତି ? ଷ୍ଟାର ଅଫ୍ ଉତ୍କଳ, ଉତ୍କଳଦୀପିକା ମଧୁ ବାବୁଙ୍କ ସପକ୍ଷରେ ଲେଖିଛନ୍ତି, ଅନ୍ୟ ସପକ୍ଷରେ 'ଉତ୍କଳ ଦର୍ପଣ' ମଧ୍ୟ ଅନେକ କଥା ଲେଖିଛନ୍ତି ।"···ଗୋକୁଳାନନ୍ଦଙ୍କ ପ୍ରାର୍ଥୀତ୍ୱ ସମ୍ପର୍କରେ 'ଉତ୍କଳ ଦର୍ପଣ' ବେଶ୍ ଭାଶଫ କର ଲେଖିଥିଲେ ।

ଏସବୁ ପ୍ରସ୍ତର-ଯୁଦ୍ଧ ମଧ୍ୟରେ ମଧୁସୂଦନ କନ୍ତୁ ସଂପୂର୍ଣ୍ଣ ଉଦାସୀନ । ତାଙ୍କର ସେଇ ଗୋଟିଏ କଥା—ଲୋକେ ଯାହାକୁ ଉପଯୁକ୍ତ ବବେଚନା କରବେ, ସେଇଆକୁ ପଠାନ୍ତୁ । ସମ୍ବଲପୁର, କେନ୍ଦ୍ରାପଡ଼ା, ଓ ଯାଜପୁର ମୁନସିପାଲଟିର ପ୍ରତନଧିମାନେ ସ୍ୱେଚ୍ଛାପ୍ରବୃତ୍ତ ଭବରେ ଆସି, ମଧୁସୂଦନଙ୍କ ପ୍ରତ, ସେମାନଙ୍କର ଅକୁଣ୍ଠ ସମର୍ଥନ ଜଣାଇ ଯାଇଥିଲେ । କଟକ ଓ ପୁରୀ ମୁନସିପାଲଟିରୁ ଗୋକୁଳାନନ୍ଦଙ୍କର କଟ୍ଟ କଟ୍ଟ ଭୋଟ୍ ପାଇବା ଆଶା ଥିଲ୍ ସତ୍ତ୍ୟ, ମାନ ଏ ଦୁଇ ମୁନସିପାଲଟିର ବହୁସଖ୍ୟକ ସଭ୍ୟ ଯେ ମଧୁସୂଦନଙ୍କ ସପକ୍ଷରେ ଥିଲେ ସେଥିରେ ସନ୍ଦେହ ନ ଥିଲ୍ । କନ୍ତୁ ବାଲେଶ୍ୱରର ଭୋଟ୍ ଥେନ୍ଦ ଥିଲ୍ ସନ୍ଦେହ । ବାଲେଶ୍ୱରରୁ ଗ୍ରଜା ବୈକୁଣ୍ଠନାଥ ଦେଙ୍କ ସାଙ୍କୁ ଠିଆ ହେଉଥିଲେ, ସାମନ୍ତ ଗ୍ରଧାଚରଣ ଦାସ । ବାଲେଶ୍ୱରର ଭୋଟ୍ ନ ମିଳିଲେ ଓଡ଼ଶାର କୌଣସି ପ୍ରାର୍ଥୀ ଜିତ୍ପୁଚ୍ତ ହେବାର ସମ୍ଭାବନା ନ ଥିଲ୍ ।

ବ୍ରହ୍ମପୁରରେ ଉତ୍କଳ-ସମ୍ମିଳନୀ ଅଧିବେଶନରୁ ଫେରବା ମାନେ ମଧୁସୂଦନ କଲ୍‌କତ୍ତା ବାହାରଥିଲେ ଇଣ୍ଡିଆନ୍ କନ୍‌ଫରେନ୍‌ସରେ ଯୋଗଦେବା ପାଇଁ । କନ୍ତୁ ଏଣେ ନବାଚନ ପରସ୍ଥିତି କ୍ରମେ ଜଟିଳରୁ ଜଟିଳତର ହୋଇ ଉଠୁଥିଲ । ରାମଶଙ୍କର ପରାମର୍ଶ ଦଲେ, "ଆପଣ ବରଂ ବାଲେଶ୍ୱର ଆଡ଼୍ ଥରେ ବୁଲ ଆସନ୍ତୁ ଦାଦା । ବାଲେଶ୍ୱର ମୁନସି-ପାଲଟି ବପିନ ବହାଗ୍ତ ଦେ'ଙ୍କୁ ଡେଲଗେଟ୍ ରୂପେ ମନୋନୀତ କରଛନ୍ତି । ବାଲେଶ୍ୱରରେ ଗ୍ରଜା ବୈକୁଣ୍ଠନାଥ ଦେ'ଙ୍କ ପାଇଁ ସମର୍ଥନ ପ୍ରବଳ । ସେଥିପାଇଁ ଆପଣଙ୍କର ଥରେ ବାଲେଶ୍ୱର ଯିବା ଉଚତ ।"

ମଧୁସୂଦନଙ୍କୁ ଏ ସମ୍ବାଦଟା ଯେ ଅଛପା ଥିଲ୍ ତାହା ନୁହେଁ । ତାଙ୍କୁ ଭୋଟ୍ ନ ଦେଇ ଗୋକୁଳାନନ୍ଦ ଚୌଧୁରୀ ଅଥବା ଗ୍ରଜା ବୈକୁଣ୍ଠନାଥ ଦେଙ୍କୁ କେହି ଯେ ସଙ୍କାନରେ ଭୋଟ୍ ଦେବେ, ଏ ଭାବନା ତାଙ୍କର ଅନ୍ତମିକାକୁ ବାଧୁଥିଲ୍ । ମଧୁସୂଦନ କହିଲେ, "ରାମଶଙ୍କର, ତୁମେ ଭୁଲଯାଉଛ କାହିଁକି, ୧୮୪୮ ରେ ବେଙ୍ଗଲ-କାଉନସିଲ୍ ନବାଚନ ପାଇଁ ବଙ୍ଗଳା ସରକାର ଯେତେବେଳେ ଓଡ଼ଶାକୁ ବର୍ତ୍ତମାନ ସହିତ ଏ ନବାଚନ ମଣ୍ଡଳୀରେ ଯୋଡ଼ୁଥିଲେ, ସେତେବେଳେ ମୋର ପ୍ରତରୋଧ ହେତୁ କେବଳ ଓଡ଼ଶା

Digitized by srujanika@gmail.com

ସେଥର ସେଇ ଗ୍ରହଣଠାରୁ ରକ୍ଷା ପାଇଥିଲା । ଓଡ଼ଶାକୁ ବ୍ରେଟ୍‌ନାଗପୁର ଡିଭିଜନ ସହିତ ମିଶାଇ ନିର୍ବାଚନମଣ୍ଡଳୀ କରୁଗଲା । ତା ନ ହେଲେ, ଓଡ଼ଶା ଡିଭିଜନ ବର୍ତ୍ତମାନ ସହିତ ମିଶି ରହିଥାଲେ, କାଲକାଳ ପାଇଁ କୌଣସି ଓଡ଼ଆ ବେଙ୍ଗଲ୍ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ଦୁଆରବନ୍ଧ ସୁଦ୍ଧା କେବେ ମଡ଼ ପାର ନ ଥାନ୍ତେ । ବାଲେଶ୍ୱରର ଲୋକେ ସେ କଥାଟା କ'ଣ ଭୁଲିଯିବେ ? ସେତେବେଳେ ରଜା ଥିଲେ କେଉଁଠି ?''

ସେହି ଇତିହାସ ବର୍ଣ୍ଣନା କରିବାରେ ମଧୁସୂଦନ ପ୍ରଗଲ୍ଭ ହୋଇ ଉଠିଥିଲେ । ଇତିହାସ ପଣ ଯାହା ସତ୍ୟ ତାହାକୁ ବର୍ଣ୍ଣନା କରିବା ତ ଆତ୍ମପ୍ରଶସ୍ତି ନୁହେଁ । ମଧୁସୂଦନ ତାହାର କେନ୍ଦ୍ର ବନ୍ଦୁ ଥିବା, କେବଳ ଆକସ୍ମିକ ଘିନା ! ମଧୁସୂଦନ କହିଲେ "ବୁଦ୍ଧିଷ୍ଟ ଗ୍ରମଣଙ୍କର, ଦିନେ କଥା ପ୍ରସଙ୍ଗରେ ବଙ୍ଗଳାର ଚଫ୍ ସେକ୍ରେଟାଣ୍ଟଙ୍କ ପାଖରୁ ଜାଣିଲି, ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ପ୍ରତିନଧିତ୍ୱ ପାଇଁ ଓଡ଼ଶାକୁ ବର୍ତ୍ତମାନ ଡିଭିଜନ ସହିତ ଯୋଡ଼ିବାର ମସୁଧା ସରକାର ସ୍ତରରେ ଗୃଲ୍ଟ ବଙ୍ଗଳାର ଭୂତପୂର୍ବ ଲେଫ୍‌ଟନେଣ୍ଟ ଗଭର୍ଣ୍ଣର ସାର ଷ୍ଟୁଆର୍ଟ ବେଲ୍ଲି, ସେତେବେଳେ ଇଣ୍ଡିଆ-କାଉନ୍‌ସିଲ୍‌ର ମେମ୍ବର । ତାଙ୍କ ପାଖକୁ ସଙ୍ଗେ ସଙ୍ଗେ ଲେଖିଲି ଏକ ଚିଠି, ଏ ପ୍ରସ୍ତାବର ପ୍ରତିବାଦ କର । ତେବେ ଯାଇଁ ଓଡ଼ଶାକୁ ବର୍ତ୍ତମାନ ସହିତ ଯୋଡ଼ିବାର ପ୍ରସ୍ତାବ ରଦ୍ଦ ହେଲ ।''

ସାର ଷ୍ଟୁଆର୍ଟ ବେଲ୍ଲି ମଧୁସୂଦନଙ୍କ ଏ ପତ୍ରର ଉତ୍ତରରେ ଲେଖିଥିଲେ.....
....."I have heard nothing of the project you mention of doubling up Orissa with one of the Bengal Divisions for the purpose of representation in the Legislative Council. I hope that it is not likely to be carried out for it is just the backward outlying provinces differing in language, race, caste and history from Bengal proper which must require separate representation."

ମଧୁସୂଦନ ଆତ୍ମସନ୍ତୁଷ୍ଟ ସ୍ୱରରେ ପଢ଼ିଶୁଣେଲ, 'ଓଡ଼ଶାର ମ୍ୟୁନିସିପାଲିଟି କାଉନ୍‌ସିଲରମାନେ କ'ଣ ଏ ଇତିହାସ ଭୁଲିଯିବେ ?

ନିର୍ବାଚନ ଟ୍ରଗ୍‌ର ପଟ୍ଟରେ ପଡ଼ିଲ ।

ମଧୁସୂଦନ ବାହାଶଲେ କଲିକତା ଇଣ୍ଡଷ୍ଟ୍ରିଆଲ୍ କନ୍‌ଫରେନସ୍‌ରେ ଯୋଗ ଦେବା ପାଇଁ ।

କନ୍ତୁ କଲିକତାରୁ ଫେରିବା ବେଲକୁ ତାଙ୍କ ବରୁଦ୍ଧରେ ନିର୍ବାଚନ ମଣ୍ଡଳୀର ମ୍ୟୁନିସିପାଲିଟି କମିସନର୍‌ମାନଙ୍କ ପାଖକୁ ପ୍ରେରିତ ହୋଇ ସାରିଥିଲ, ଇଂରାଜିରେ ମୁଦ୍ରିତ ଏକ ପ୍ରତ୍ୟର ପତ୍ର । ସେଥିରେ ଥିଲ ମଧୁସୂଦନଙ୍କ ବରୁଦ୍ଧରେ ପ୍ରବଳ କୁତ୍ସା ପ୍ରତ୍ୟର । ଏପରି ବହୁ ବେନାମୀ ପ୍ରତ୍ୟରପତ୍ର ସହିତ ମଧୁସୂଦନ ଇତି ମଧ୍ୟରେ ବେଶ୍ ପରିଚିତ ହୋଇ ସାରିଥାଲେ ସୁଦ୍ଧା, ଏହି ବେନାମୀ ଟ୍ରତ୍ୟର ପତ୍ରକୁ ଗୌରବରେ ଉପେକ୍ଷା କରିଯିବା, ତାଙ୍କ ପକ୍ଷରେ ସମ୍ଭବ ନ ଥିଲ ।

Digitized by srujanika@gmail.com

ସ୍ୱୟଂ ଗୌରୀଶଙ୍କରଙ୍କ ନାମ ଏକ ସମୟରେ ପ୍ରସ୍ତାବର୍ତ୍ତ ହୋଇଥିଲା କାଉନ୍ସିଲ୍ ପ୍ରାର୍ଥୀତ୍ୱ ପାଇଁ । ମାତ୍ର ମଧୁସୂଦନଙ୍କ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେ ପ୍ରସ୍ତୁତ ନ ଥିଲେ । ଗୌରୀଶଙ୍କର ଆସି କହିଲେ...“ତୁମକୁ କନ୍ଥା ଏହାର ଗୋଟାଏ ଜବାବ ଦେବା ପାଇଁ ପଡିବ ମଧୁ ।”

ମଧୁସୂଦନ ଉତ୍ତର ଦେଲେ, “ଆପଣଙ୍କ ସମସ୍ତ ବକ୍ତବ୍ୟରେ ଓ୍ୱାକବ୍‌ହାଲ୍ । ଆପଣ ଏହାର ଗୋଟାଏ ଉତ୍ତର ପାମ୍ପିକାରେ ପ୍ରକାଶ କରିପାରନ୍ତି ।”

ଗୌରୀଶଙ୍କର ଅସହିଷ୍ଣୁ କଣ୍ଠରେ କହିଲେ, “ସେପରି ବେନାମୀ ପ୍ରତିବାଦ ଛପାଇବା ପରିବର୍ତ୍ତେ ତମର ସ୍ୱନାମୀ ପ୍ରତିବାଦଟା ପ୍ରକାଶ କରିବା ଉଚିତ । ସେଥିପାଇଁ ମିଥ୍ୟା ଅଭିମାନରେ ତୁମେ କୁଣ୍ଠିତ ହେବା ଅନୁଚିତ ହେବ ।”

ବେନାମୀ ପ୍ରସ୍ତରପଟ୍ଟରେ ଗୋଟାଏ ସ୍ଥାନରେ ଆକ୍ଷେପ ଥିଲା, ମଧୁସୂଦନ ବଡ଼ ବେଶି “ଘଜଭକ୍ତ”; “ସବ୍‌ସର୍‌ଭ୍ସିୟେଣ୍ଟ୍” । ତାଙ୍କ ପର ବ୍ୟକ୍ତି, କାଉନ୍ସିଲ୍‌ରେ ଓଡିଶାର ଶକ୍ତିଶାଳୀ ପ୍ରତିନିଧିତ୍ୱ କରି ପାରିବା ସମ୍ଭବ ହେବନାହିଁ । “ସବ୍‌ସର୍‌ଭ୍ସିୟେଣ୍ଟ୍” ଆକ୍ଷେପଟା ମଧୁସୂଦନଙ୍କୁ ବଡ଼ ବାଧିଥିଲା । ସେ ବିସ୍ଫୋରଣ କରି ଉଠିଲେ, “ମିଷ୍ଟର ଦାସ୍ ସବ୍‌ସର୍‌-ଭ୍ସିୟେଣ୍ଟ୍ ? ଏ ବୃଦ୍ଧନ୍ତୁ, ମୁଁ ଏ ପର୍ଯ୍ୟନ୍ତ ଅବଶ୍ୟ କେଉଁଠି ପ୍ରକାଶ କରି ନ ଥିଲି । କନ୍ତୁ ବଙ୍ଗଲା-କାଉନ୍‌ସିଲ୍ ପ୍ରୋସିଡିଙ୍ଗସ୍ ଗେଜେଟରେ ଛପା ହୋଇଛୁ; ସେ କେହି ଦେଖି ପାରନ୍ତି । ମିଷ୍ଟର ବୋରଡାଲନ୍ ବଙ୍ଗଳାର ଲେଫ୍‌ଟେନ୍ଣ୍ଟ-ଗଭର୍ଣ୍ଣର ଥିବାବେଳେ, ମୋତେ ଥରେ ଉଲଜା କରିଥିଲେ ରେମାନ୍ ସିନେଟର କାଟୋ ସହିତ ।”*

ମଧୁସୂଦନ ପଚାରିଲେ ଏଥିରୁ କଅଣ ସରକାର ପ୍ରତି ମୋର ସବ୍‌ସର୍‌ଭ୍ସିୟେନସ୍‌ର ପ୍ରମାଣ ମିଳୁଛୁ ? ବଙ୍ଗଳା କାଉନ୍‌ସିଲର ନନ୍‌ଅଫିସିଆଲ ମେମ୍ବରମାନେ ଦୁଇ ବର୍ଷ ବାର୍ଷିକାଳ ମଧ୍ୟରେ ମୋତେ ଦୁଇ ଦିନ ସମୟ ପାଇଥିଲେ, ସେମାନଙ୍କ ମତାମତ ପ୍ରକାଶ କରିବା ପାଇଁ । କାଉନ୍‌ସିଲରରେ ମୁଁ ହିଁ ସର୍ବପ୍ରଥମେ ୧୯୦୬ ମସିହାରେ ଏହାର ପ୍ରତିବାଦ କରି ଏ ବ୍ୟବସ୍ଥାରେ ଆଣିଥିଲି ପରିବର୍ତ୍ତନ ।”

ସେତେବେଳେ ଖ୍ରୀଷ୍ଟନାଗପୁର ଜମିଜମା ଆଇନ ସମ୍ପର୍କରେ ବଙ୍ଗଳା କାଉନ୍‌-ସିଲରେ ଆଲୋଚନା ହୋଇଥିବା ଖ୍ରୀଷ୍ଟନାଗପୁର କ୍ରୀନାନ୍ସୀ ବିଲ୍‌ର ସାମାନ୍ୟ ଖଣ୍ଡେ କପି, ବେସରକାରୀ ସଭ୍ୟ ରୂପେ ମଧୁସୂଦନ ଗ୍ରହିଥିଲେ ବଙ୍ଗଳା ସରକାରଙ୍କଠାରୁ । ମାତ୍ର ସେତେ-ବେଳର ବ୍ୟବସ୍ଥାରେ ବେସରକାରୀ ସଭ୍ୟମାନଙ୍କୁ ପ୍ରସ୍ତାବିତ ଚଠା ଆଇନ ବା ବିଲ୍‌ର ଖଣ୍ଡେ

---

* ବୋରଡାଲନ ମଧୁସୂଦନଙ୍କ ପ୍ରସଙ୍ଗରେ କହିଥିଲେ—

“Hon'ble Member has well earned for himself the title of Cato of Bengal Council. You will remember that it was said of that great philosopher that the victorious cause pleases the gods, but the losing cause was dear to Cato.;”

Digitized by srujanika@gmail.com

କପି ସୁଦ୍ଧା ମିଳିପାରୁ ନଥିଲା । ଏହାର ପ୍ରତିବାଦରେ ମଧୁସୂଦନ ବଙ୍ଗଳା କାଉନ୍‌ସିଲ୍‌ରରେ ବେସରକାରୀ ସଭ୍ୟମାନଙ୍କର ସ୍ୱାଧିକାର ଦାବୀ କରି କହିଥିଲେ...

"During his two years of official life in this Council there are only two days Sir, when a non-official Member can express his views on matters of importance and on these two days his position is a source of bewilderment to him and Jisappointment to the people, whose interests he represents. × × × I believe it to be my duty, Sir, to say from my place here what I have considered the duties of a non-official Member to be and how I hold rhat position here. I have always considered myself here, as a humble interpreter between the Government and the people I represent.....It is really a useless waste of time to give a few minutes during a term of two years to the interpreter of the wishes and wants of the people. Should it not be the duty of a wise and sympathetic Government to know the wants and the wishes of the people, although it may not be in his power to grant ready and immediate relief ?"

ମଧୁସୂଦନଙ୍କ ଏକଦା ଗ୍ଲୁଫ, ଆଶୁତୋଷ—ଉତ୍ତର ଆଶୁତୋଷ ମୁଖାର୍ଜୀ—ସେତେବେଳେ ବଙ୍ଗଳା କାଉନ୍‌ସିଲର ଜଣେ ସଦସ୍ୟ ଥିଲେ । ବେସରକାରୀ ସଭ୍ୟମାନଙ୍କ ପାଇଁ ମଧୁସୂଦନଙ୍କ ପ୍ରଶସ୍ତତର ସ୍ୱାଧିକାର ଦାବୀକୁ ସମର୍ଥନ ଜଣାଇ ସେ କହିଥିଲେ :

"My Hon'ble friend has defined such status to that of an interpreter between the Government and the constituency he represents. I accept the definition as substantially correct and I venture to express the hope that non-official Members of the Council may in future have greater facilities offered to them for better discharging their duties as representatives of the people."

ସରକାରଙ୍କ ପକ୍ଷରୁ ମିଣ୍ଟର ବୋରଡ଼ିଲେନ, ଆଲୋଚନାର ଉତ୍ତର ଦେବାକୁ ଯାଇ ମଧୁସୂଦନଙ୍କ ଦାବୀ ପ୍ରତି ଅକୁଣ୍ଠ ସ୍ୱୀକୃତି ଜଣାଇ କହିଥିଲେ.....

"I can say for myself, and I am sure that I speak for my colleagues also, that, we shall be only too glad, if Members of the Council who wish to obtain any information about any action—past, present or prospective—that Government is about to take will freely and without formality consult me or my brother

Digitized by srujanika@gmail.com

Secretaries. I can assure them that if they do so, we will gladly place at their disposal all the information that we can properly give them."

ସେଦିନର ପରିସ୍ଥିତିରେ, କାଉନସିଲ୍‌ର ନନ୍-ଅଫିସିଆଲ୍ ସଭ୍ୟମାନଙ୍କ ପାଇଁ ଏହା ଯେ ଏକ ଉଲ୍ଲେଖଯୋଗ୍ୟ ପାର୍ଲିଆମେଣ୍ଟାରି ବିଜୟ ଥିଲା, ସେଥିରେ ସନ୍ଦେହ ନାହିଁ ।

× × ×

ମଧୁସୂଦନ କହିଲେ, "ନିଜର କୃତତ୍ୱକୁ ଅସ୍ୱୀକାର କରିବାର ମିଥ୍ୟା ବିନୟ ମୋଠାରେ ନାହିଁ ମାଷ୍ଟର ଦାଦା । କାଉନସିଲରେ ନନ୍ ଅଫିସିଆଲ ମେମ୍ବରମାନେ ଥିଲେ 'ଷ୍ଟାଚ୍ୟୁ' ପ୍ରତମୂର୍ତ୍ତି ପରି ! ଆଜି କନ୍ତୁ ସେମାନେ କାଉନସିଲରେ ଯାହା କିଛୁ ଅଧିକାର ବା କ୍ଷମତା ପାଇ ପାରିଛନ୍ତି, ତାହା ସମ୍ଭବ ହୋଇପାରିଛୁ କେବଳ ମୋର ଯୋଗୁଁ । ଏ କଥା କ'ଣ ଭୋଟରମାନେ ଭୁଲିଯିବେ ।"

ଗୌରୀଶଙ୍କର ଅସହିଷ୍ଣୁ ଭାବରେ ଉତ୍ତର ଦେଲେ, "ଏସବୁ ମୋତେ କ'ଣ ଅଜଣା ଅଛି ? କନ୍ତୁ ମ୍ୟୁନସିପାଲିଟି କାଉନସିଲରମାନେ ଏ ସବୁ ବୁଝିନ୍ତୁ ତ ଆଉ ଜାଣନ୍ତୁ ନାହିଁ । ସେମାନେ ତୁମ ବରୁଦ୍ଧରେ ଯେଉଁ ବେନାମୀ ପ୍ରସ୍ତରପତ୍ର ଛପାଇ ବାଣ୍ଟିଛନ୍ତି, ତାର ଉତ୍ତରରେ ତୁମେ ଏସବୁ ସାଧାରଣରେ ପ୍ରକାଶ କରିଦେବା ଉଚିତ୍ ।"

ମଧୁସୂଦନ ଅବଶେଷରେ ଏକ ଦୀର୍ଘ ଇସ୍ତାହାର ଇଂରାଜିରେ ପ୍ରକାଶ କରିଥିଲେ ତାଙ୍କ ବରୁଦ୍ଧରେ ସବୁ ଅପପ୍ରଚାର ଖଣ୍ଡନ କରି ।

"ଷ୍ଟାର-ଅଫ୍-ଉତ୍କଳ" ମଧୁସୂଦନଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ଲେଖିଥିଲେ.....

× × × **The man who has been tried and not found wanting, the trained warrior, the unflinching champion, the philosophic Cato, to whom a losing cause is always dear, the best and noblest is the man for whom the country should vote solidly."***

ମଧୁସୂଦନଙ୍କ ପ୍ରାର୍ଥୀତ୍ୱ ପ୍ରତି ସମ୍ବଲପୁର, ଯାଜପୁର ଓ କେନ୍ଦ୍ରାପଡ଼ା ମ୍ୟୁନସିପାଲିଟି-ମାନଙ୍କର ସମର୍ଥନ ସଂପୃକ୍ତ ଥିଲା । କଟକ ଓ ପୁରୀ ମୁନସିପାଲିଟିମାନଙ୍କର ଫଗ୍ୟାଗରଷ୍ଟ ସମର୍ଥନ ମଧ୍ୟ ଅବଶେଷରେ ମଧୁସୂଦନଙ୍କ ସପକ୍ଷରେ ପ୍ରକାଶ ପାଇଥିଲା । ପ୍ରତଯୋଗିତା ଅତ ଉତ୍କଟ ଥିଲେ ହେଁ, ମଧୁସୂଦନଙ୍କ ଅନ୍ତିମ ଜୟଲାଭରେ କାହାର ସନ୍ଦେହ ନଥିଲା ।

ମାତ୍ର ବାଲେଶ୍ୱର ମ୍ୟୁନସିପାଲିଟି ଶେଷ ମୁହୂର୍ତ୍ତରେ ଭୋଟ ଦେଲେ ଭ୍ରୋଟନାଗପୁର ପ୍ରାର୍ଥୀ କାର୍ଲପଦ ଘୋଷଙ୍କ ସପକ୍ଷରେ । ଭୋଟ ଗଣତିରେ କାଲୀପଦ ଘୋଷ ୧୪ ଭୋଟ

* Star of Utkal (1936) P. 350

Digitized by srujanika@gmail.com

ପାଇବା ସ୍ଥଳେ, ମଧୁସୂଦନ ୧୬ଟି ଭୋଟ ପାଇ ମାତ୍ର ଦୁଇଟି ଭୋଟରେ ହାରିଗଲେ । ରାଜା ବୈକୁଣ୍ଠନାଥ ଦେଙ୍କର ଏଥିରେ ବିଶେଷ ହାତ ରହିଥିଲା । ରାଜା ବୈକୁଣ୍ଠନାଥ ଦେଖିଲେ, ନିଜ କସ୍ଟଲଭର ଆଶା ତ ସମ୍ପୂର୍ଣ୍ଣେ ବିଲୁପ୍ତ । ଭୋଟନାଗପୁରର ପ୍ରାର୍ଥୀ ଜିତନ୍ତୁ ପଛେ; ମଧୁସୂଦନ ହାରନ୍ତୁ । ତେଣୁ ବାଲେଶ୍ୱର ଭୋଟ ଯେପରି ମଧୁସୂଦନଙ୍କୁ ନ ମିଳେ, ତାହା ହିଁ ଥିଲା ରାଜା ବୈକୁଣ୍ଠନାଥଙ୍କ କୌଶଳ । ଘର ପଛେ ପୋଡୁ ମୂତ୍ରା ମରିବା ନ୍ୟାୟ !

ଫଳରେ ଓଡ଼ିଶାରୁ କୌଣସି ପ୍ରାର୍ଥୀ ଜୟଯୁକ୍ତ ହୋଇପାରିଲେ ନାହିଁ । ଭୋଟ ନାଗପୁରର ପ୍ରାର୍ଥୀ ଶ୍ରୀ କେ. ପି. ଘୋଷ ଓଡ଼ିଶା ପକ୍ଷରୁ ବଙ୍ଗଳା କାଉନ୍‌ସିଲକୁ ନିର୍ବାଚିତ ହୋଇଗଲେ ।

କାଉନ୍‌ସିଲ ନିର୍ବାଚନରେ ମଧୁସୂଦନଙ୍କ ପରାଜୟ, ପୁଣି ଓଡ଼ିଶାର ଭୋଟ ଅଳ୍ପାଧିକ ଥିବାସ୍ଥଳେ ଭୋଟନାଗପୁର ପ୍ରାର୍ଥୀ କେ. ପି. ଘୋଷଙ୍କ ବିଜୟ ଓଡ଼ିଶାବାସୀଙ୍କୁ ଘୋର ମର୍ମାହତ କରିଦେଲା । ନିର୍ବାଚନ ଫଳାଫଳରେ ଦୁଃଖ ପ୍ରକାଶ ପାଇଁ ରାମଶଙ୍କର ରାସ୍ତଙ୍କ ସଭାପତିତ୍ୱରେ କଟକ ସହରରେ ଅହୂତ ହେଲା ଏକ ସାଧାରଣ ସଭା । ଓଡ଼ିଶାର ଜମିଜମା ଓ ସେଟେଲ୍‌ମେଣ୍ଟ ସମସ୍ୟା ପରି ବହୁ ଗୁରୁତ୍ୱର ସମସ୍ୟା ବଙ୍ଗଳା-କାଉନସିଲରେ ବିଚାରାଧୀନ ଥିବାବେଳେ, ଓଡ଼ିଶାରୁ ଜଣେ ସଭ୍ୟ ବିଶେଷତଃ ମଧୁସୂଦନ ନିର୍ବାଚିତ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଏଇ ସାଧାରଣ ସଭାରେ ବହୁ ବକ୍ତା ସେଦିନ ନିଃସଙ୍କୋଚରେ ପ୍ରକାଶ କରିଥିଲେ ।

ରାମଶଙ୍କର ପ୍ରସ୍ତାବ କଲେ, ଓଡ଼ିଶାରୁ ମଧୁସୂଦନଙ୍କୁ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ବରଂ ମନୋନୀତ କରନ୍ତୁ । ସେତେବେଳେ କାଉନ୍‌ସିଲ୍‌ରେ ଗୋଟିଏ ମନୋନୀତ ସଭ୍ୟପଦ ମଧ୍ୟ ଶୂନ୍ୟ ପଡ଼ିଥିଲା ।

ସାଧାରଣ ସଭାରେ ଉତ୍ଥାପିତ ଏ ପ୍ରସ୍ତାବର ସମ୍ବାଦ ପାଇ ମଧୁସୂଦନ ରାମଶଙ୍କରଙ୍କୁ କହିଲେ, "ରାମଶଙ୍କର ତୁମମାନଙ୍କର ଦାକ୍ଷିଣ୍ୟ ଓ ଅନୁଗ୍ରହରୁ ମୋତେ ବହୁତ କରିଥିଲେ, ମୁଁ ଯଥାର୍ଥରେ ଖୁସି ହୋଇଥାନ୍ତି । ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କୁ ବରଂ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ମନୋନୀତ କରନ୍ତୁ । ଏଡ଼ିଶାର ସେ ଯଥାର୍ଥ ପ୍ରତିନିଧିତ୍ୱ କରି ପାରନ୍ତେ; ଏ ବିଶ୍ୱାସ ମୋର ରହିଛି । ମହାରାଜାଙ୍କ ସହ ମୁଁ ଏ ସମ୍ପର୍କରେ ଏକ ଚିଠି ଲେଖି ସାରିଛି ।"

କନ୍ତୁ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଏ ପତ୍ରର ଉତ୍ତରରେ ଲେଖିଲେ; କାଉନ୍‌ସିଲକୁ ଓଡ଼ିଶାରୁ କେହି ସଦ୍ୟ ନିର୍ବାଚିତ ହେବା ଉଚିତ, ତା ହେଲେ ସେ ହେଉଛନ୍ତି ମିଷ୍ଟର୍ ଦାସ୍ । ତାଙ୍କ ପରିବର୍ତ୍ତେ ଅନ୍ୟ କେହି, ଏପରିକି ସେ ନିଜେ ପୁଣି କାଉନ୍‌ସିଲକୁ ନିର୍ବାଚିତ ହେବା, ତାଙ୍କର ବିବେକ-ସମ୍ମତ ହେବ ନାହିଁ । ମହାରାଜା ଶ୍ରୀ ରାମଚନ୍ଦ୍ର ଲେଖିଥିଲେ—

'I have read through your letters very carefully and wish to say after giving the matter very careful consideration that it is out of the question for me to stand for the election fot the reason

Digitized by srujanika@gmail.com

(a) that I do not feel competent to discharge the responsibility which a member of the Council ought to take upon himself, (b) that if any man from Orissa is at all to be elected, it is yourself and it is a matter of conscience with me not to countenance the election of any other man, including myself. If I had as easy and accomodating a conscience as unfortunately some of my prominent friends have, it would have been possible for me to stand as a candidate. But the case is otherwise and I must very thankfully and gratefully decline your kind offer. On my return from Cuttack, I mean to stay in Balasore for a few days and you may rest assured that I shall use all the influence over Raja B. N. De Bahadur and others to point out to them the meanness and the shabiness of which they have been guilty and to rescind their ways."

ନିର୍ବାଚନରେ ପରାଜୟ ଅପେକ୍ଷା, ଯେପରି ହୀନ କୌଶଳରେ ତାଙ୍କୁ ପରାସ୍ତ କରାଯାଇଥିଲା ସେଥିପାଇଁ ଜଣେ ପ୍ରାର୍ଥୀଙ୍କୁ ଜୟଲାଭରେ ସହାୟତା କରାଗଲା, ମଧୁସୂଦନଙ୍କୁ ତାହା ଯେତେ ବେଶି ଆହତ କରି ନଥିଲା ସେତେ ବେଶି ମର୍ମାହତ କରିଥିଲା ଓଡ଼ିଶାବାସୀଙ୍କୁ । ଏହାକୁ ସେମାନେ ନିଜର ଏକ ପରାଜୟ ରୂପେ ଗ୍ରହଣ କରିଥିଲେ । ଏହିପରି ଏକ ବ୍ୟାଧିତ ପରିବେଶରୁ ମୁକ୍ତ ପାଇବା ପାଇଁ, ମଧୁସୂଦନ ସ୍ଥିର କଲେ, କିଛିଦିନ ବାଲେଶ୍ୱର ଆଖପାଖରେ ବୁଲି ଆସିବା ପାଇଁ । ଓଡ଼ିଶାର ସେଟେଲ୍‌ମେଣ୍ଟ୍ ସମସ୍ୟା ସମ୍ପର୍କରେ ଓଡ଼ିଆ ଜନସାଧାରଣ ଅଞ୍ଚଳମାନଙ୍କର ଏକତ୍ରିକରଣ ସମସ୍ୟା ପରି ବହୁ ସମସ୍ୟା ସେତେବେଳେ ଇଣ୍ଡିଆ ଅଫିସରେ ନ ଯାଇଁ ନ ଛୁଇଁ ଅବସ୍ଥାରେ ପଡ଼ି ରହିଥିଲା । ପୁଣି ବାଲେଶ୍ୱରରେ ଶୈଳର ଅଭିଭାବକ ଲେଡ଼ି ୱାଇସର ଲେଖିଥିଲେ, ମାର୍ଚ୍ଚ ମାସରେ (୧୯୦୭), ସମ୍ରାଟ ଏଡ଼ୱାର୍ଡ଼ ଓ ସାମ୍ରାଜ୍ଞୀ ଆଲେକ୍‌ଜାଣ୍ଡ୍ରାଙ୍କ ଦରବାରରେ ଶୈଳର ପ୍ରେଜେଣ୍ଟେସନ ଉତ୍ସବ ଯଥାବଧି ସମ୍ପନ୍ନ ହୋଇ ଯାଇଛି ।

ବ୍ରିଟିଶ ସମ୍ରାଟଙ୍କ ଦରବାରରେ ଶୈଳବାଲାଙ୍କ 'ପ୍ରେଜେଣ୍ଟେସନ୍' ଉପଲକ୍ଷ ଯେପରି ମଧୁର, ରକ୍ଷଣଶୀଳ ଇଂରେଜ ସମାଜରେ ସେପରି ସୃଷ୍ଟି ହୋଇଥିଲା ଏକ ଆଲୋଡ଼ନ !

'ପ୍ରେଜେଣ୍ଟେସନ୍' ପାଇଁ ଆବେଦନ ଅନୁମୋଦିତ ହୋଇସିବା ପରେ, ମଧୁସୂଦନ ଶୈଳକୁ ନିର୍ଦ୍ଦେଶ ଦେଇଥିଲେ, ବଲ୍ଲଭ ପରିଚ୍ଛଦରେ ନୁହେଁ, ଜରିଦାସ୍ୱ ରମଣୀର ପାରମ୍ପରିକ ଜାତିସ୍ୱ ପରିଚ୍ଛଦରେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ନିକଟରେ ବଙ୍ଗନର ସେଣ୍ଟଜେମ୍ସ୍ ପ୍ରାସାଦରେ 'ପ୍ରେଜେଣ୍ଟେଡ୍' ହେବା ପାଇଁ ପଡିବ । କିନ୍ତୁ ତତ୍କାଳୀନ ସେକ୍ରେଟାରୀ ଅଫ୍-ଷ୍ଟେଟସ୍‌ଙ୍କ ଏ ଡି-କମ୍‌ଙ୍କ ସହଧର୍ମିଣୀ ଲେଡ଼ି କର୍ଜନ-ଓ୍ୱାଇଲି ଏ ଉଦ୍ଭଟ ପ୍ରସ୍ତାବରେ ତ ଅବାକ୍ । ସେଣ୍ଟ୍‌ଜେମ୍ସ ପ୍ରାସାଦରେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଦରବାରରେ 'ପ୍ରେଜେଣ୍ଟେସନ' ପରି ଏକ ଅତିଜାତ ଔପଚାରିକ ଉତ୍ସବରେ ଜରିଦାସ୍ୱା ରମଣୀର ଦେଶୀପରିଚ୍ଛଦ ସମ୍ପୂର୍ଣ୍ଣ କଳ୍ପନାତୀତ ଥିଲା । ଇତିପୂର୍ବରୁ ବ୍ରିଟିଶ୍ ସାମ୍ରାଜ୍ୟର ଅନ୍ୟ କୌଣସି ପ୍ରଜା ନିଜର ଜାତିସ୍ୱ

Digitized by srujanika@gmail.com

ପରଚ୍ଛଦରେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କୁ କେବେ ସାକ୍ଷାତ କରି ନ ଥିଲେ । ଲର୍ଡ଼ ସ୍ନମ୍ବରଲେନ୍ ଅଡ଼ ବସିଲେ, ପ୍ରଟୋକୋଲରେ ଏପରି ବ୍ୟବସ୍ଥା ନାହିଁ କମ୍ବା ଏହାର କୌଣସି ନଜିର ବା ପରମ୍ପରା ମଧ୍ୟ ନାହିଁ । ମାତ୍ର ଶୈଲର ଜିଦ, ସମ୍ରାଟ ଓ ସାମ୍ରାଜ୍ଞୀଙ୍କଠାରେ 'ପ୍ରେଜେଣ୍ଟେସନ୍ ପାଇଁ ସେ ଯିବେ ଯଦି, ତାହେଲେ ଯିବେ କେବଳ ଘରଓସ୍ତା ସ୍ୱଦେଶୀ ପରଚ୍ଛଦରେ ।..... ତାହା ହିଁ ମଧୁସୂଦନଙ୍କ ଅଲଂଘନୀୟ ନିର୍ଦ୍ଦେଶ ।

ଅଦଶେଷରେ ତାହାହିଁ ହେଲା । ଶୈଲ ଶାଢ଼ୀ ପିନ୍ଧି ସେଣ୍ଟ ଜେମ୍ସ ପ୍ରାସାଦର ଦରବାରରେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କୁ ଘରଓସ୍ତା ଘୋଡରେ ଅଭିବାଦନ କରି ପ୍ରେଜେଣ୍ଟେଡ୍ ହେଲେ । ସେତେବେଳେ ଏହି ଘଟଣା ଯେପରି ବଲ୍ଲଭର ସମ୍ବାଦପତ୍ର ଓ ଅଭିଜାତ ସମାଜରେ ଶୈଲ ବେଶ୍ କିଛି ଆଲୋଡ଼ନ ସୃଷ୍ଟି କରିଥିଲେ । *

ମଧୁସୂଦନ ସ୍ଥିର କଲେ, ଏହାପରେ ଶୈଲକୁ ବଲ୍ଲଭରୁ ଫେରିଯାଇ ଆଣିଲେ ଚଳିବ । ଇଭମେନ୍ସ-ଟ୍ରେନିଙ୍ଗ କଲେଜରେ ଶୈଲର ଶିକ୍ଷା ମଧ୍ୟ ଇତମଧ୍ୟରେ ସମାପ୍ତ ହୋଇଥିଲା ।

ଜୁନମାସ ଶେଷ ଆଡ଼କୁ ମଧୁସୂଦନ ବଲ୍ଲଭ ବାହାରପଡ଼ିଲେ । ଏଥର ସାଙ୍ଗରେ ଗଲେ ଜନକାର ପ୍ରିୟା ପ୍ରିୟେନ୍ଦ୍ରନାରାୟଣ ।

ଚଉଦ

ଲଣ୍ଡନରେ ପହଞ୍ଚି ଜନକାର ଉତ୍କଳ ପ୍ରିୟା ପ୍ରିୟେନ୍ଦ୍ରନାରାୟଣ ପ୍ରସ୍ତାବ କଲେ, ଓ୍ୱେଷ୍ଟ ଏଣ୍ଡରେ କୌଣସି ଗୋଟିଏ ଅଭିଜାତ ହୋଟେଲରେ ଉଠିବା ପାଇଁ । କିନ୍ତୁ ହୋଟେଲରେ ରହିବା ପାଇଁ ମଧୁସୂଦନଙ୍କର ଆପତ୍ତି···"ପ୍ରିୟେନ, ମୁଁ ଆସିଛୁ ଓଡ଼ିଆ ଜାତିର ପ୍ରତିନିଧି ରୂପେ, ସେକ୍ରେଟାରି-ଅଫ୍-ଷ୍ଟେଟ୍ ମରଲେଙ୍କଠାରେ ଓଡ଼ିଆ ଜାତିର ଦାବୀ ଉପସ୍ଥାପିତ କରିବା ପାଇଁ । ମୋତେ ପାର୍ଟି ଦେବାକୁ ପଡ଼ିବ; ଏମ୍. ପି. ମାନଙ୍କୁ ସାକ୍ଷାତ କରିବା ପାଇଁ ପଡ଼ିବ, ସାମ୍ବାଦିକ ସମ୍ମିଳନୀ ଡାକିବାକୁ ପଡିବ । ମୁଁ ହୁଣ୍ଟଷ ପରି ହୋଟେଲରେ ରହିଲେ ଚଳିବ କିପରି ? ତୁମେ ବରଂ ଗୋଟାଏ ଦାମୀ ହୋଟେଲ ଦେଖି ସେଠାରେ ରହିପାର ।"

ସେକ୍ରେଟାରି-ଅଫ୍-ଷ୍ଟେଟ୍ ମରଲେଙ୍କ ସହିତ ସାକ୍ଷାତ ପାଇଁ ଓଡ଼ିଶାର ସ୍ୱ-ନିର୍ବାଚିତ ପ୍ରତିନିଧି ରୂପେ ଆସିଥିଲେ ମଧୁସୂଦନ । କିନ୍ତୁ ଏହାକୁ ସେ ଦେଇଥିଲେ ପ୍ରତିନିଧିତ୍ୱର ଆନୁଷ୍ଠାନିକ ବ୍ୟଞ୍ଜନା । ଲର୍ଡ ମରଲେଙ୍କଠାରେ, ଓଡ଼ିଶା ସହିତ ଗଙ୍ଗାମର ମିଶ୍ରଣ ପ୍ରସଙ୍ଗ ଉଠିବ । ସେଥିପାଇଁ ଗଙ୍ଗାମବାସୀମାନେ ଏକ ସାଧାରଣ ସଭା କରି, ମଧୁସୂଦନଙ୍କୁ ସେମାନଙ୍କର "ବିଶ୍ୱାସ ଭାଜନ ପ୍ରତିନିଧି" ବୋଲି ଘୋଷଣା କରିଥିଲେ । ଉତ୍କଳ-ସମ୍ମିଳନୀ ମଧ୍ୟ ତାଙ୍କୁ ସ୍ୱୀକାର କରିଥିଲେ ଓଡ଼ିଆ ଜାତିର ପ୍ରତିନିଧି ରୂପେ । ବଙ୍ଗଳା ଲେଜିସ୍ଲେଟିଭ୍ କାଉନସିଲ୍‌ରେ ମଧୁସୂଦନ ଓଡ଼ିଶାର ପ୍ରତିନିଧିତ୍ୱରୁ ବହିଷ୍କୃତ ହେଲେ ସତ୍ୟ, ମାତ୍ର ବ୍ରିଟିଶ ସାମ୍ରାଜ୍ୟର ରାଜଧାନୀରେ ସେ ପରିଚିତ ହେଲେ ଓଡ଼ିଆ ଜାତିର ପ୍ରତିନିଧି ରୂପେ ।

* A Look Back and After—By S. B. Das, Chap VI P. 23—26

Digitized by srujanika@gmail.com

ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଥିଲା ସେହିପରି । ତାଙ୍କର ବଳିଷ୍ଠ ଆଶାବାଦ ଓ ଆତ୍ମପ୍ରତ୍ୟୟ ସବୁ ବିପର୍ଯ୍ୟୟ ମଧ୍ୟରେ ଆବିଷ୍କାର କରି ପାରୁଥିଲା ନୂତନ ବିଜୟର ଦିଗ୍‌ବଳୟ ।

ଲଣ୍ଡନରେ ଓଡ଼ିଆ ଜାତିର ପ୍ରତିନିଧି ରୂପେ ମର୍ଯ୍ୟାଦା ରକ୍ଷା କରିପାରିବା ଭଳି କାମ୍ବାଦାରେ ଚଳିବା ପାଇଁ ପଡ଼ିବ । ହୋଟେଲରେ ଉଠିଲେ ତାହା ତ ସମ୍ଭବ ହେବ ନାହିଁ ।

ସାଉଦରଲ୍ୟାଣ୍ଡ୍ ଆଭନ୍ୟୁରେ ସମ୍ଭ୍ରାନ୍ତ ସାହେବମାନଙ୍କର ପଡ଼ାରେ ଶେଷକୁ ଏକ ଭଡ଼ାଘର ମିଳିଲା । ଲ୍ୟାଣ୍ଡ୍, ବଟଲର୍, ଖାନସମାଠାରୁ ମେଡ୍ ପେଜବସ୍ତ ପର୍ଯ୍ୟନ୍ତ ପ୍ରାୟ ଅଧ ଡଜନ ପରଗୃହକ ପରଗୃହକା ସଙ୍ଗେ ସଙ୍ଗେ ନଯୁକ୍ତ ସହାଇଗଲେ । ଏପରି ଗୃହସ୍ଥଳୀ ଗଠନ କରିବାରେ ଶୀଳ ପୁଣି ବେଶ୍ ପ୍ରବୀଣା । ମଧୁସୂଦନଙ୍କ ପ୍ରବାସ-ଭବନରେ ସେ ହୋଇଗଲେ ହୋଷ୍ଟେସ୍ ।

ସାଉଦରଲ୍ୟାଣ୍ଡ-ଆଭନ୍ୟୁ ଘରେ ଆଜ ସାମ୍ବାଦିକ ସମ୍ମିଳନୀ ତ କାଲି ଡିନର-ପାର୍ଟି । ମଧୁସୂଦନ ଏଇଠାରେ **"Unrest in India"** ନାମରେ ଖଣ୍ଡେ ପୁସ୍ତିକା ଛପାଇ ସେଥିରେ ଓଡ଼ିଶାର ବିଭିନ୍ନ ସମସ୍ୟା ଆଲୋଚନା କରି ପାର୍ଲିଆମେଣ୍ଟ ସଭ୍ୟ ଓ ସାମ୍ବାଦିକ-ମାନଙ୍କ ମଧ୍ୟରେ ତାହାକୁ ବଣ୍ଟରଣ କରିଥିଲେ । ଓଡ଼ିଶା ସମ୍ପର୍କରେ ଏ ସବୁ ଉଦ୍ୟମ କ୍ଷୀଣ କୌତୂହଳ ସୃଷ୍ଟି କରି ପାରିଲା ସତ୍ୟ; ମାତ୍ର ବ୍ରିଟିଶ ଗୁପ୍ତଚରମାନଙ୍କ ଚକ୍ଷୁରେ ଏହା କୌଣସି ରେଖାପାତ କରି ପାରି ନଥିଲା । ମରୁଲେଙ୍ଗଠାରେ ଉପଚରିତ ସୌଜନ୍ୟ ନିବେଦନ କରି ବିଦାୟ ନେଇ ଆସିବା ପାଇଁ ତ କେବଳ ମଧୁସୂଦନ ଲଣ୍ଡନ ଆସି ନ ଥିଲେ !

ବ୍ରିଟିଶ କୌଲୀନ୍ୟର "ପୁଣ୍ୟପୀଠ" ସେଣ୍ଟ ଜେମ୍ସ୍ ପ୍ରାସାଦରେ, ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଦରବାରରେ ଶୈଳ 'ପ୍ରେଜେଣ୍ଟେଡ୍' ହେବା ପରେ ଲଣ୍ଡନର ଅଭିଜାତ ସମାଜରେ ତାହାର ପ୍ରବେଶପଥ ସୁଗମ ହୋଇ ଉଠିଥିଲା । କନ୍ୟା ଦରବାରରେ ପ୍ରେଜେଣ୍ଟେସନ୍-ଉତ୍ସବ ଯେପରି ସୃଷ୍ଟି ହୋଇଥିଲା, 'ପ୍ରୋଟୋକଲ୍' ଦୃଷ୍ଟିରୁ ଏକ ବିରାଟ ଆୟୋଜନ । ଇତି ପୂର୍ବେ ଏହାର ସମ୍ୟକ୍ ସୂଚନା ଦିଆଯାଇଛି । ଦରବାରର କର୍ମକର୍ତ୍ତାମାନଙ୍କ ନିର୍ଦ୍ଦେଶ—ବ୍ରିଟିଶ ପରିଧାନ ପରିପାଟୀରେ ଶୈଳଙ୍କୁ ପରିଶୋଭିତ ହେବା ପାଇଁ ପଡ଼ିବ । ଶୈଳଙ୍କ ବେଶବିନ୍ୟାସର ଦାୟିତ୍ୱ ନେଲେ ସେଣ୍ଟେଟ୍ସ ଅଫ୍ ଷ୍ଟେଟ୍‌ଙ୍କ ଏ. ଡି. କମ୍‌ଙ୍କ ସହଧର୍ମିଣୀ ଲେଡ଼ି କର୍ଜନ୍ ଓ୍ୱାଇଲ୍ଲା । ମାତ୍ର ମଧୁସୂଦନଙ୍କ ଜଦ୍ ଶୈଳ ଦରବାରକୁ ଯିବେ ଓଡ଼ିଆ ଟିଅ ପରି ଶାଢୀ ପିନ୍ଧି । ମଧୁସୂଦନଙ୍କ ଏ ପ୍ରକାର ଜଦ୍‌ର ସମ୍ବାଦ ପାଇ ଲଡ଼ି ଘ୍ରମ୍ବରଲେନ୍ ମହା ବିଚଳିତ । ବ୍ରିଟିଶ ରାଜଉତ୍ତର ପରମ୍ପରାରେ ଶାଢ଼ୀ ଦରବାର୍ଯ୍ୟ ପୋଷାକ ନୁହେଁ । ଶାଢ଼ୀ ପିନ୍ଧି ଶୈଳ ଦରବାରକୁ ଯାଇ ପାରିବେ କିପରି ? ଲେଡ଼ୀ ଓ୍ୱାଇଲ୍ଲାଙ୍କ ସବୁ ଅନୁରୋଧ ଉପଦେଶ ବ୍ୟର୍ଥ ହୋଇଗଲା । ଶୈଳ ଅଡ଼ିବସିଲେ, ଦରବାରରେ ସେ ଯଦି 'ପ୍ରେଜେଣ୍ଟେଡ୍' ହେବେ ତାହେଲେ ଶାଢ଼ୀ ପିନ୍ଧି, ନହେଲେ ପ୍ରେଜେଣ୍ଟେସନ୍ ସେପଟକ ! ଅବଶେଷରେ ଏକ ଅପ୍ରୀତିକର ପରିସ୍ଥିତି

Digitized by srujanika@gmail.com

ଏଡ଼ାଇବା ପାଇଁ ଶାଢ଼ୀ ପିନ୍ଧ ଶୈଲଜ୍ଞ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଦରବାରରେ ପ୍ରେଜେଣ୍ଟେଡ୍ ହେବା ପାଇଁ ଅନୁମତି ମିଳିଲା । ସେତେବେଳେ ଲଣ୍ଡନ୍‌ର ସମାଜ ଓ ସମ୍ବାଦପତ୍ରରେ ଏ ଘଟଣା ଯେ ଏକ ବପୁଳ ଆଲୋଡ଼ନ ସୃଷ୍ଟି କରିଥିଲା, ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ଶୈଲର ଏହି ନବଲବ୍ଧ ସାମାଜିକ ପ୍ରତିଷ୍ଠା ମାଧ୍ୟମରେ ଲଣ୍ଡନରେ କେତେକ ବୁଦ୍ଧିଜୀବୀ, ରକ୍ଷଣଶୀଳ, ସଦିଚ୍ଛାସମ୍ପନ୍ନ ବୃଦ୍ଧ ଭଦ୍ରଲୋକ ଓ ଅବସରପ୍ରାପ୍ତ ଭାରତୀୟ ସିଭିଲ୍-ଆନ୍‌ଙ୍କ ସହିତ ମଧୁସୂଦନଙ୍କର ପରିଚୟ ହୋଇ ପାରିଥିଲା । ଓଡ଼ିଆ ଜାତିର ସମସ୍ୟା ଓ ସଙ୍କଟ ପ୍ରତି ସେମାନଙ୍କ ସହାନୁଭୂତିର ଅଭାବ ନ ଥିଲା । ମାତ୍ର ଇଣ୍ଡିଆ ହାଉସର ଚନ୍ଦା ଓ ଭାବନା ଉପରେ ସେ ସବୁ କ୍ଷୀଣତମ ରେଖାପାତ କରିବା ଭଲ ନ ଥିଲା ।

ସାର୍ ଜର୍ଜ 'ଏକ୍‌ସେଣ୍ଟ୍ରିକ' । ଖିଆଲି ପ୍ରକୃତିର ମଣିଷ । ମଧୁସୂଦନଙ୍କ ସହିତ ସାକ୍ଷାତ ମାତ୍ରେ ସେ କହିଲେ, "ତୁମର "Unrest in India" ପାମ୍ପଲେଟ୍ ମୁଁ ବେଶ୍ ମନଯୋଗ ସହିତ ପାଠ କରିଛି ମିଷ୍ଟର ଦାସ୍ । ଭାରତର ଉପସ୍ଥିତି ସଙ୍କଟ ସମ୍ପର୍କରେ ମୁଁ ମଧ୍ୟ ଖୁବ୍ ଓ୍ୱାକ୍‌ବହାଲ । କିନ୍ତୁ ମୁଁ ତୁମକୁ କହିଦେଉଛି ମିଷ୍ଟର ଦାସ, ଭାରତରେ ଯେ ପର୍ଯନ୍ତ ଜାତିପ୍ରଥା ରହିଥିବ; ସେ ପର୍ଯନ୍ତ ଭାରତ ରକ୍ଷା କରି ପାରିବ ତାର ମୌଳିକ ସମ୍ପତ୍ତି । ଜାତି ପ୍ରଥା ଛାଡ଼ିଲେ ଭାରତ ଇଣ୍ଡିଆନ ଏମ୍ପାୟାରର ଇଷ୍ଟ-ଏଣ୍ଡ୍‌ରେ ପରିଣତ ହେବ ନିଜେ । ଭାରତ ଆଉ ଭାରତ ହୋଇ ରହି ପାରିବ ନାହିଁ ।"

ସେତେବେଳେ ଭାରତରେ ଘୃଣିତ ଜାତିପ୍ରଥା ବିଲୋପ ପାଇଁ ପ୍ରବଳ ଆନ୍ଦୋଳନ ।

ମଧୁସୂଦନ ଆସିଥିଲେ, ଓଡ଼ିଶାର ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ଆଲୋଚନା ପାଇଁ । କିନ୍ତୁ ସାର ଜର୍ଜ ଉଠାଇଲେଣି ଜାତିପ୍ରଥା ପ୍ରସଙ୍ଗ ।

ମଧୁସୂଦନ ଉତ୍ତର ଦେଲେ, "ଆପଣ ଯାହା କହୁଛନ୍ତି ତାହା ନିଷ୍ପ୍ରୟୋଜନୀୟ ବିଶ୍ଳେଷଣାପେକ୍ଷା । ଜାତିପ୍ରଥା ମଧ୍ୟରେ ଭାରତୀୟ ସମାଜ ତାହାର ମୌଳିକତା ଓ ସ୍ୱାତନ୍ତ୍ର୍ୟ, ବହୁ ବୈଦେଶିକ ଆକ୍ରମଣ ମଧ୍ୟରେ ରକ୍ଷା କରିପାରିଥିଲା—ସନ୍ଦେହ ନାହିଁ । କିନ୍ତୁ ଆଜି ଭାରତରେ ଯେଉଁ ଅସ୍ଥିରତା ଦେଖା ଦେଇଛି ତାହାର କାରଣ ସ୍ୱତନ୍ତ୍ର ଓ ଗଭୀରତର ।"

ମୋଟା ସଁବାଲୁଆ ପର ବହଳ ଆଖିପତା ଭଲେ, ସାର ଜର୍ଜଙ୍କ ଦୁଇ ଆଖି ଦପ୍ ଦପ୍ କରି ଜ୍ୱଳିଲା । 'ଅନ୍‌ରେଷ୍ଟ' କଥାଟା ଶୁଣି, ତାଙ୍କର ଲାଲ ରଙ୍ଗର ମୁହଁଟା ଆଉରି ଲାଲ ହୋଇଗଲା । ସେ ପଗ୍ଭରଲେ, "ଓ ! ତୁମେ ତାହାଲେ ସେଇ ବିଦେଶୀ-ବର୍ଜନ-ବାଲାଙ୍କ କଥା କହୁଛ ପରା ?" ସାର ଜର୍ଜଙ୍କ କଣ୍ଠରେ ତାତ୍ସଲ୍ୟ ।

ଇଷ୍ଟ-ଇଣ୍ଡିଆ-ଆସୋସିଏସନ୍ ଜରିଆରେ, ଓଡ଼ିଶା ପ୍ରତି ବଳଭର ବୁଦ୍ଧିଜୀବୀ ମହଲରେ କଟୁଟା ସହାନୁଭୂତି ସୃଷ୍ଟି କରିବାର ଅଭିପ୍ରାୟ ନେଇ ମଧୁସୂଦନ ଆସିଲେ ସାର ଜର୍ଜଙ୍କ ପାଖକୁ । ମାତ୍ର ଆଲୋଚନାଟା ଯେମିତି ଆକାର ଧାରଣ କରୁଥିଲା, ସେଥିରେ ସେ ଅଭିପ୍ରାୟ ସଫଳ ହେବାର ସମ୍ଭାବନା ନ ଥିଲା । ବଙ୍ଗ ଭଙ୍ଗକୁ କେନ୍ଦ୍ରକରି,

Digitized by srujanika@gmail.com

ସେତେବେଳେ ବଙ୍ଗଳାରେ ସନ୍ନ୍ୟାସବାଦ ସାଙ୍ଗକୁ ସ୍ୱଦେଶୀ-ବର୍ଜନ ଆନ୍ଦୋଳନ ଥିଲା ଜମେ ଯେପରି ଗାଢ଼ ହୋଇ ଉଠିଥିଲା ସେଥିରେ ଜର୍ଜ ବାର୍ଡଉଡ୍‌ଙ୍କ ପରି ରକ୍ଷଣଶୀଳ ସାମ୍ରାଜ୍ୟବାଦୀ ଗୋଷ୍ଠୀ ସ୍ୱରଚ୍ଛ ପ୍ରତ ଉଦାରପନ୍ଥୀ ମାନ ବରୁଛରେ ଖଡ଼ଗହସ୍ତ ହୋଇ ଉଠିଥିଲେ । ସାର ଜର୍ଜ ବାର୍ଡଉଡ୍‌ଙ୍କ ପରି ସିଆଳ ମଣିଷ ଯଦି ମଧୁସୂଦନଙ୍କୁ ସେହି ସନ୍ନ୍ୟାସବାଦୀଙ୍କ ଭିତରୁ ଜଣେ ବୋଲି ଧରି ନଅନ୍ତା, ତା'ହାଲେ କଥା ସରଲ ।

ମଧୁସୂଦନ କହିଲେ, "ସ୍ୱଦେଶୀ ବର୍ଜନ କଥାଟା ବଡ଼ ନେଗେଟିଭ୍ । ମାନେ ମୁଁ ଯେଉଁ ସ୍ୱଦେଶୀ କଥା କହୁଛୁ ତାହା ପଜିଟିଭ୍ । ମୁଁ ଗଢ଼ୁଁଛୁ ସ୍ୱରଚ୍ଛରେ ସ୍ୱଦେଶୀ ଶିଳ୍ପର ଅଭିବୃଦ୍ଧି; ବ୍ରିଟିଶ ଶାସନ ସମ୍ପର୍କରେ ଆସି ସ୍ୱରଚ୍ଛର ସମୃଦ୍ଧ ସ୍ୱଦେଶୀ ଶିଳ୍ପ ଧ୍ୱଂସ ପାଇଯାଇଛୁ । ଯେଉଁ ଓଡ଼ିଆ ସ୍ଥପତିଙ୍କର ସ୍ୱସ୍ଥର୍ଯ୍ୟ, ବତିଆଙ୍କର ଚାରୁକଳା, ତନ୍ତୀଙ୍କର କାର୍ପାସ ଶିଳ୍ପ, ପ୍ୟାରସ ଲଣ୍ଡନର ସୌଖୀନ ଇମ୍ପୋରଅମ୍ମାନଙ୍କର ଅତ୍ୟନ୍ତ ଆକର୍ଷଣୀୟ ଲେଭଲାସ୍ ପଣ୍ୟ; ସେହି ଓଡ଼ିଆ ଶିଳ୍ପୀ, କାରିଗରମାନେ ଏବେ ଦୁଇ ଓଳି, ଦୁଇ ମୁଠା ଅନ୍ନ ସୁଦ୍ଧା ଉପାର୍ଜନ କରିପାରୁ ନାହାନ୍ତି ।"

ସାର ଜର୍ଜଙ୍କ ମନକୁ ଏ କଥାଟା ଖୁବ୍ ପାଇଲା । ସେ କହିଲେ, "ମୁଁ ଆପଣଙ୍କ ସହିତ ଏଥିରେ ସମ୍ପୂର୍ଣ୍ଣ ଏକମତ ମିଷ୍ଟର ଦାସ । ବ୍ରିଟିଶ ଶାସନରେ ସ୍ୱରଚ୍ଛୀୟ ଶିଳ୍ପର ବିକାଶ ଘୋର ବାଧାପ୍ରାପ୍ତ ହୋଇଛୁ । ଆପଣ ଯଦି ଏ ସମ୍ପର୍କରେ ଆମ ଆସୋସିଏସନରେ ଗୋଟିଏ ପ୍ରବନ୍ଧ ବା ପେପର୍ ଏଇପରି କିଛୁ ପାଠ କରିବାକୁ ଗ୍ରହାନ୍ତି, ତାହେଲେ ମୁଁ ସ୍ୱଗୁଛୁ ତାହାର ବ୍ୟବସ୍ଥା କରିଯାଇ ପାରିବ ।"

ଲଣ୍ଡନର ରାଜନୈତିକ ସମାଜରେ ଅନୁପ୍ରବେଶ ପାଇଁ, ମଧୁସୂଦନଙ୍କ ପକ୍ଷରେ ଏ ମାହେନ୍ଦ୍ର ସୁଯୋଗ ଛାଡ଼ିବାର ନ ଥିଲା । ମଧୁସୂଦନ କହିଲେ, "ମୁଁ ଅତ୍ୟନ୍ତ ଅନୁଗ୍ରୀତ ହେବି ।"

ଇଷ୍ଟ-ଇଣ୍ଡିଆ-ଆସୋସିଏସନ ଆନୁକୂଲ୍ୟରେ, ମଧୁସୂଦନ ଯଥାସମୟରେ ସ୍ୱରଚ୍ଛରେ ସ୍ୱଦେଶୀ-ଶିଳ୍ପ ସମ୍ପର୍କରେ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ବ୍ରିଟିଶ-ଶାସନରେ ସ୍ୱରଚ୍ଛୀୟ ଶିଳ୍ପର ଅଧୋଗତି ସଙ୍ଗେ ସ୍ୱରଚ୍ଛୀୟ ଅର୍ଥନୀତିର କିପରି ଦୁର୍ଗତି ଘଟିଥିଲା—ମଧୁସୂଦନ ଏହି ପ୍ରବନ୍ଧରେ ତାହା ପ୍ରାମାଣିକ ସ୍ୱରରେ ଆଲୋଚନା କରିଥିଲେ । 'ଉତ୍କଳ ଦୀପିକା'ରେ ଏହାର ବିବରଣୀ ନିମ୍ନ ରୂପେ ପ୍ରକାଶ ପାଇଥିଲା :—

"ବଲ୍ଲଭର ପୂର୍ବ-ସ୍ୱରଚ୍ଛ-ସମିତି (East India Association)ର ଏକ ବୈଠକରେ ଆମ୍ଭମାନଙ୍କର ଶ୍ରଦ୍ଧାଷ୍ପଦ ମଧୁସୂଦନ ଦାସ, ସି. ଆଇ. ଇ. ସ୍ୱରଚ୍ଛୀୟ ଶିଳ୍ପ ସମ୍ବନ୍ଧରେ ଗୋଟିଏ ରଚନା ପାଠ କରିଥିବା ବିଷୟ ଆମ୍ଭେମାନେ ପାଠକମାନଙ୍କୁ ଜଣାଇ ଅଛୁ । ବର୍ତ୍ତମାନ ଉକ୍ତ ରଚନା ଆମ୍ଭମାନଙ୍କର (ଉତ୍କଳ ଦୀପିକା—୧୯୦୭-ପୃ ୫୩୬) ହସ୍ତଗତ ହୋଇଅଛୁ । ତହିଁରୁ ପ୍ରକାଶ ଯେ ଉକ୍ତ ସଭାରେ ବଲ୍ଲଭର ବଡ଼ ବଡ଼ ସାହେବମାନେ

Digitized by srujanika@gmail.com

ତର୍କ ବିତର୍କରେ ଯୋଗଦାନ କରିଥିଲେ । ସଭାପତି ସାର ଜର୍ଜ୍ ବାର୍ଡଉଡ୍ ମଧୁବାବୁଙ୍କୁ ସଭାରେ ପରିଚିତ କରାଇ ଦେବା ପରେ ମଧୁବାବୁ ରଚନା ପାଠ କଲେ ।"

ମଧୁସୂଦନଙ୍କ 'ରଚନା' ସମ୍ପର୍କରେ ଯେଉଁ ଆଲୋଚନା ହୋଇଥିଲା, ସେଥିରେ ଡକ୍ଟର ପୋଲ୍ଲେକ୍, ମିଷ୍ଟର କୋଲଡ଼ଷ୍ଟ୍ରିମ୍, ମିଷ୍ଟର ଓ୍ୱାଗଲେ ଓ ସାର୍ ଗ୍ରୀଫୀନ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପ୍ରାସ୍ୱ ସମସ୍ତଙ୍କ ଭାଷଣରେ ଥିଲା, ଭିତରେ ଇଂରେଜ ଶାସନର ଗୁଣାତ୍ମକ ଅଧୋଗତିର ପରୋକ୍ଷ ସମାଲୋଚନା । ସାର୍ ଲେପେଲ୍ ଗ୍ରୀଫୀନ୍ "ମଧୁବାବୁଙ୍କ ଭାଙ୍କର ସୁନ୍ଦର ଶିକ୍ଷାପ୍ରଦ ରଚନା ହେତୁ ଧନ୍ୟବାଦ ଅର୍ପଣ କରିଥିଲେ ।" ବ୍ରିଟିଶ ଶାସନରେ ଓଡ଼ିଶାର ଦୁର୍ଗତି ପାଇଁ ପ୍ରତିବାଦରେ ମଧୁସୂଦନ ନିମେ ସୋଚ୍ଚାର ହୋଇ ଉଠିଥିଲେ ।

ବିଲାତରେ ମଧୁସୂଦନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଏକ ବିବରଣୀ ଦେଇ "ଉତ୍କଳ ଦୀପିକା" ପୁଣି ଲେଖିଥିଲେ, "ଉତ୍କଳର ଶ୍ରଦ୍ଧେୟ ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ. ମହୋଦୟ ବର୍ତ୍ତମାନ ବିଲାତରେ ଥାଇ ଓଡ଼ିଶାର ଅବସ୍ଥା ବିଲାତବାସୀଙ୍କୁ ଜଣାଇ ଅଛନ୍ତି । ବିଲାତର ବିଖ୍ୟାତ ଟ୍ରିବ୍ୟୁନ୍ ନାମକ ଦୈନିକ ସମ୍ବାଦପତ୍ରରେ ଲେଖା ହୋଇଅଛୁ ଯେ ଓଡ଼ିଶାର ପ୍ରଜା ଓ ସାଧାରଣ ଲୋକଙ୍କର ଦାସିତ୍ୱ ଗୁହାରି ପ୍ରତି ଦୃଷ୍ଟି ଆକର୍ଷଣ କରିବା ନିମିତ୍ତ ଦାସ ମହାଶୟ ସମ୍ପ୍ରତି ବିଲାତରେ ଅଛନ୍ତି । ଓଡ଼ିଶା ବଙ୍ଗ-ପ୍ରଦେଶଭୁକ୍ତ ଥିଲେ ହେଁ ଏମାନଙ୍କର ଓଡ଼ିଆ ନାମକ ସ୍ୱତନ୍ତ୍ର ଭାଷା ଅଛୁ ଓ ସେଠା ଲୋକଙ୍କର ଇତିହାସ, ସାହିତ୍ୟ ଓ ପ୍ରାଚୀନତା ସ୍ୱତନ୍ତ୍ର । ଏଠା ଅଧିବାସୀଙ୍କୁ ବହୁକାଳ ଚିନ୍ତାଶୂନ୍ୟ କରି ରଖା ଯାଇଥିଲା । ଉହିଁ ଉତ୍ତାରୁ ସେମାନଙ୍କ ମଧ୍ୟରେ ଗୋଟିଏ ବୈଦେଶିକ ଭାଷା ଚଲାଇବାର ଚେଷ୍ଟା ହେଲା । ସେମାନଙ୍କୁ ଅନେକ ଜମିଦାରୀରୁ ବଞ୍ଚିତ କରାଗଲା ।

"ଦାସ ମହାଶୟଙ୍କ କଥାମତେ (ଉତ୍କଳ ଦୀପିକା-୧୯୦୭ ପୃ. ୫୩୨) ବଙ୍ଗଳାର ଶାସନକର୍ତ୍ତା ବ୍ରାଡଲେଣ୍ଡଙ୍କ ଘୋଷଣାପତ୍ର ନ ମାନି ଓଡ଼ିଆମାନଙ୍କ ଧର୍ମରେ ହସ୍ତକ୍ଷେପ କରି ସେମାନଙ୍କ ମନ୍ଦିର ଓ ଧର୍ମ ସମ୍ବନ୍ଧୀୟ ପାଣ୍ଡି ବୁଝା ସୁଝା କରୁଅଛନ୍ତି ଓ ତାହା ଏ ରୂପ କଠୋର ଭାବେ ହେଉ ଅଛୁ ଯେ ଜଣେ ପୋଲିସ କର୍ମଚାରୀ ଏକ ଗୋରକୁ ଯନ୍ତ୍ରଣା ଦେବା ଅପରାଧରେ ଦୋଷୀ ହେବାରେ ମାଲଜିର ପ୍ରଜାଙ୍କୁ ଗାଦରୁ ରହିତ କରି ଲୋକମାନଙ୍କ ଚକ୍ଷୁରେ ତାଙ୍କୁ ଅପମାନିତ କରାଇ ପ୍ରଜାଙ୍କୁ ନିବାସିତ କରାଇବାକୁ ବାଧ କରାଯାଇଛୁ । ଅବଶେଷରେ ୧୮୧୭ ସାଲରେ ସମ୍ପାଦିତ ହୋଇଥିବା ୫୦ ବର୍ଷର ପ୍ରଜସ୍ୱ ବନ୍ଦୋବସ୍ତକୁ ବଙ୍ଗଳା ସରକାର ବ୍ୟାପ୍ତ କରିବା ଆରମ୍ଭ କରି ଅଛନ୍ତି । ଗଭର୍ଣ୍ଣମେଣ୍ଟଙ୍କ ସମର୍ଥବାଦୀ କଲିକତାର "ଇଂଲିଶମ୍ୟାନ" ନାମକ ଦୈନିକ ପତ୍ରିକା ଏହାକୁ ବମ୍ବାଜା (ବମ୍ବୈ) ନକ୍ସେପ ରୂପେ ଉଲ୍ଲେଖ କରି, ଏଥିର ଫଳ ସମ୍ବନ୍ଧେ ଗଭର୍ଣ୍ଣମେଣ୍ଟଙ୍କୁ ସାବଧାନ କରି ଦେଇଛନ୍ତି । ଏହିପରି କଥାମାନ ଲେଖି ସେହି ସମ୍ବାଦପତ୍ର ଏହିପରି ମତ ପ୍ରକାଶ କରିଅଛନ୍ତି ଯେ, ବର୍ତ୍ତମାନ ପାର୍ଲାମେଣ୍ଟ ବନ୍ଦ ଥିବା ଯୋଗୁ ବ୍ରିଟିଶ ସଚିବ ମର୍ଲେ ସାହେବ (ଲର୍ଡ ମର୍ଲେ) ଓଡ଼ିଶାର ପ୍ରଜା ଓ ଲୋକମାନଙ୍କର ଗୁହାରି ବିଷୟ ପରୀକ୍ଷା କରିବାକୁ ଯଥେଷ୍ଟ ସମୟ ପାଇବେ ।" *

(* ଉତ୍କଳ ଦୀପିକା—ତା ୨୧।୧।୧୯୦୭ ପୃ. ୪୮୭)

Digitized by srujanika@gmail.com

ଶ୍ୱରଡ ସାମ୍ରାଜ୍ୟର ଏକ ଅବହେଳିତ ଅଞ୍ଚଳ କୋଣରେ ପଡ଼ିରହିଥିବା ଓଡ଼ଶାର ସମସ୍ୟା ଓ ସଙ୍କଟ ପ୍ରତି ମଧୁସୂଦନ ନଜ ହୃଦ୍ୟମରେ ବ୍ରିଟିଶ ସମ୍ବାଦପତ୍ର ଓ ଶ୍ରଜନୈତିକ ଗୋଷ୍ଠୀଙ୍କର ଦୃଷ୍ଟି କେତେକାଂଶରେ ଅବଶ୍ୟ ଆକର୍ଷଣ କରି ପାରିଥିଲେ । ତଥାପି ଶ୍ୱରଡ-ସଚୀବ ଲର୍ଡ଼ ମର୍ଲେଙ୍କ ସହିତ ସେ ପଥିନ୍ୟ ତାଙ୍କର ସାକ୍ଷାତ ହୋଇ ପାରି ନଥିଲ । ଓଡ଼ଶାର ପ୍ରତନଧି ରୂପେ ମଧୁସୂଦନଙ୍କୁ ସାକ୍ଷାତ ଦେବାପାଇଁ ଲର୍ଡ଼ ମର୍ଲେ ଥିଲେ କୃଣ୍ଠିତ । ବଙ୍ଗଳା କାଉନସିଲ୍‌ର ସଭ୍ୟ ପଦରେ ଥିଲେ, ମଧୁସୂଦନଙ୍କୁ କେଜାଣି, ଶ୍ୱରଡ-ସଚୀବ ଲର୍ଡ଼ ମର୍ଲେ ଓଡ଼ଆ ଜାତର ପ୍ରତନଧି ରୂପେ ସ୍ୱୀକୃତ ଦେଇ ପାରିଥାନ୍ତେ । ମାତ୍ର ସେତେବେଳେ ମଧୁସୂଦନ ବଙ୍ଗଳା କାଉନ୍‌ସିଲର ସଭ୍ୟ ପଦରେ ନଥିଲେ । ତଥାପି ବଲ୍ଲଭର ସମ୍ବାଦପତ୍ର, ସାମ୍ବାଦିକ ଓ ପାର୍ଲାମେଣ୍ଟ ସଦସ୍ୟମାନଙ୍କ ମହଲରେ ତାଙ୍କର ଲବିଙ୍ଗ୍ ଘୂଲିଥିଲ ଅକ୍ଲାନ୍ତ ଉତ୍ସାହରେ ।

ସ୍କାରବରୋ (Scarborough)ଠାରେ ମଧୁସୂଦନ ସେଦନ ଆହ୍ୱାନ କରିଥିଲେ ଏକ ସାମ୍ବାଦିକ ସମ୍ମିଳନୀ । ଏହି ସମ୍ମିଳନୀରେ ଲଣ୍ଡନର ବଶିଷ୍ଟ ସାମ୍ବାଦିକମାନଙ୍କ ଆଗରେ ମଧୁସୂଦନ ଉପସ୍ଥାପିତ କରିଥିଲେ ଓଡ଼ଆ ଜାତର ତ୍ରୁଟୀକୃତ ଅଭିଯୋଗ । କନ୍ତୁ ଇଂରେଜ ଶାସନର ନ୍ୟାସ୍ୱବୋଧ ସମ୍ପର୍କରେ ତାଙ୍କର ଦୃଢାର୍ଦ୍ଧ ପରମାଣରେ ସନେହ ନଥିଲ । ଉତ୍ତପନ୍ନୀ ସନ୍ତାସବାଦ ପରବର୍ତ୍ତେ, ସାମ୍ବିଧାନିକ ଆନ୍ଦୋଳନ ପ୍ରତି ସେ ପ୍ରକାଶ କରିଥିଲେ ଗଭୀର ନଷ୍ଠା ଓ ବଶ୍ୱାସ । ଲଣ୍ଡନର "ଷ୍ଟାଣ୍ଡ-ନ୍ୟୁଜ୍" ପତ୍ରିକା (ସେପ୍ଟେମ୍ବର ୧୧, ୧୯୦୭ ସଂଖ୍ୟା) ଏହାର ଏକ ବବରଣୀ ଦେଇ ଲେଖିଥିଲେ·····

"Mr. Das is satisfied that if the real state of things can be brought home to the government, reforms will be forthcoming and he is straining every effort to adopt this sane and constitutional course in order to avoid further trouble. The people of Orissa are full of loyalty to the king, but they are revolting against the oppression of local officialdom. It is the disloyalty of the officials, said Mr. Das, which is the cause of the troubles, and he hopes as the result of an intervierw with Mr, Morley to obtain the redress which is asked for".

ବ୍ରିଟିଶ ସମ୍ରାଟଙ୍କ ପ୍ରତି ଓଡ଼ଆ ଜାତର ଆନୁଗତ୍ୟ ବା ବଶ୍ୱସ୍ତତାର ଅଭବ ନାହିଁ । ମାତ୍ର ଓଡ଼ଶା ପ୍ରତି ବ୍ରିଟିଶ ଅମଲ ଗୋଷ୍ଠୀଙ୍କ ସହାନୁଭୂତର ଅଭବ ସେମାନଙ୍କୁ ଅଶାନ୍ତ କରି ଦେଇଛୁ । ଏହାହିଁ ଥିଲା ମଧୁସୂଦନଙ୍କ ଅଭିଯୋଗ ।

Digitized by srujanika@gmail.com

ସନ୍ଧିଲଗ୍ନ ଶେଷରେ, ଡିନର୍ ପରେ ଆମନ୍ତ୍ରିତ ସାମ୍ବାଦିକମାନେ ବିଦାୟ ନେଇଗଲେ । ରହିଥିଲେ କେବଳ ମାଞ୍ଚେଷ୍ଟର ଗାର୍ଡିଆନ୍, ଡେଲ୍ଲି ଟେଲିଗ୍ରାଫ୍ ଓ ଗ୍ଲାସ୍‌ଗୋ ହେରାଲ୍ଡ୍‌ର ପ୍ରତିନିଧି ମିଷ୍ଟର ନାଇନ୍‌ସନ୍ ।

ବିଲାତର ବସ୍ତ୍ରୋଦ୍ୟୋଗୀ, ଶୀର୍ଷସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟରେ ନାଇନସନ୍ ଥିଲେ ଅନ୍ୟତମ । ଯେଉଁଠାରେ ଯେତେବେଳେ ଦେଖା ଦେଇଛି ଅତ୍ୟାଶ୍ଚର୍ଯ୍ୟ ଓ ବହୁତର ସମ୍ମାନ, ସେଠାରେ ସେତେବେଳେ ନାଇନ୍‌ସନ୍ ଅନାହୂତ ଭାବରେ ପହଞ୍ଚି ଯାଇଛନ୍ତି, ତାହାର ବାର୍ତ୍ତା ପ୍ରଚୁର ପାଇଁ ।

ରୁଷିଆରେ ଜାର ଶାସନ ବିରୁଦ୍ଧରେ ଗଣବିପ୍ଳବ ବେଳେ ସେ ଉପସ୍ଥିତ ଥିଲେ ରୁଷିଆରେ । ପୁଣି ଦକ୍ଷିଣ ଆଫ୍ରିକାରେ ଜୀଚଦାସ ବ୍ୟବସାୟ ବିରୁଦ୍ଧରେ ସଂଗ୍ରାମ ଚାଲିଥିବା ବେଳେ, ନାଇନ୍‌ସନ୍ ପହଞ୍ଚିଥିଲେ ସେଠାରେ ମୁକ୍ତିସଂଗ୍ରାମର ସେହି ବାର୍ତ୍ତା ବିଶ୍ୱରେ ଘୋଷଣା କରିବା ପାଇଁ ।

ନାଇନ୍‌ସନ୍ ପ୍ରଚଳିତ ଅର୍ଥରେ ଥିଲେ ଆଡ଼ପାଗଲା, ଜାଙ୍କ ! ସେ ଥିଲେ ଜନ୍ମନିଶାଖୀ ପୁଣି ମଦ୍ୟ ତାଙ୍କ ଜନକରେ ଥିଲା ଅଷ୍ଟଶ୍ୟ । କଫି ପାଇଁ ତାଙ୍କର ଅବଶ୍ୟ ଆପତ୍ତି ନ ଥିଲା । କଫି କପ୍‌ରେ ଶେଷ ଚୁମୁକ୍ ଦେଇ, କପାଳ ଉପରୁ ଗୋଟ୍ରିଏ କଫିଗ୍ରାଲ ମୁଣ୍ଡ ଉପରକୁ ଗୁଣ୍ଠିଦେଇ ସେ କହିଲେ, "ମିଷ୍ଟର ଦାସ, ମୁଁ ଆଜି ଆପଣଙ୍କଠାରୁ ଜାଣିଲି, ବ୍ରିଟିଶ ସାମ୍ରାଜ୍ୟରେ ଓଡ଼ିଶା ବୋଲି ଗୋଟିଏ ଦେଶ ଅଛି । ଅଧିକାଂଶ ଇଂଲଣ୍ଡମାନଙ୍କ ପାଇଁ ଓଡ଼ିଶା କେବଳ ଗୋଟିଏ ଭୌଗୋଳିକ ନାମ ବ୍ୟତୀତ ଅନ୍ୟ କିଛି ନୁହେଁ ।"

ମଧୁସୂଦନ ଅପହୃଷ୍ଟ କଣ୍ଠରେ ଉତ୍ତର ଦେଲେ, "ଏହା କିନ୍ତୁ ସେମାନଙ୍କର ସାଧାରଣଜ୍ଞାନ ସମ୍ପର୍କରେ ଗୋଟିଏ ଭଲ ଧାରଣା ହବ ନାହିଁ ମିଷ୍ଟର ନାଇନ୍‌ସନ୍ ।"

ନାଇନ୍‌ସନ୍ ଚୁରୁଟ୍‌ରେ ନଆଁ ଲଗାଇ କହିଲେ, "କିନ୍ତୁ ଓଡ଼ିଶାର ଅସ୍ତିତ୍ୱ ସେମାନେ କପରି ଜାଣନ୍ତେ କୁହନ୍ତୁ ? ଓଡ଼ିଆମାନେ ତ ଆଜିକେଲିର ନୁହନ୍ତି । ସେମାନେ ସ୍ୱରାଜ ବା ସ୍ୱଦେଶୀ ନାମରେ ବୋମା ଫିଙ୍ଗୁ ନାହାନ୍ତି । ସେମାନଙ୍କ ଖବରକାଗଜ ବିରୁଦ୍ଧରେ ସରକାରଙ୍କ ତରଫରୁ ପ୍ରସିକ୍ୟୁସନ୍ ହେଉ ନାହାନ୍ତି । ଏଥିରୁ ଓଡ଼ିଆ କାଉର ଯେ କୌଣସି ସମସ୍ୟା ଅଛି, ତାହା ଜଣେ କପରି ବୁଦ୍ଧିବ କୁହନ୍ତୁ ?"

ସେତେବେଳେ ବଙ୍ଗଭଙ୍ଗ ପ୍ରତିବାଦରେ ବଙ୍ଗଳାର ସନ୍ତ୍ରାସବାଦୀ ଆନ୍ଦୋଳନ କ୍ରମେ ପଞ୍ଜାବ ଓ ମାଦ୍ରାଜ ପ୍ରଭୃତି ଅଞ୍ଚଳକୁ ପରିବ୍ୟାପ୍ତ ହେଉଥିଲା । ମାନ ଉଦାରତାବାଦୀ, ଜନବାଦୀ ମଧୁସୂଦନ ଥିଲେ ଏହାର ପ୍ରବଳ ବିରୋଧୀ ।

ମଧୁସୂଦନ ବଙ୍ଗଳା କାଉନ୍ସିଲର ସଭ୍ୟ ଥିବା ବେଳେ, ଥରେ ଲର୍ଡ କର୍ଜନଙ୍କ ପ୍ରାଣନାଶ ଉଦ୍ଦେଶ୍ୟରେ ତାଙ୍କ ଉପରେ ଯେଉଁ ଅତର୍କିତ ଆକ୍ରମଣ ହୋଇଥିଲା, କାଉନ୍ସିଲ୍‌ରେ ତାହାର କଠୋର ପ୍ରତିବାଦ ପାଇଁ ମଧୁସୂଦନ କୁଣ୍ଠିତ ହୋଇ ନ ଥିଲେ । ସେତେବେଳେ ମଧୁସୂଦନଙ୍କ ଜୀବନ ନାଶ ପାଇଁ ସନ୍ତ୍ରାସବାଦୀମାନଙ୍କ ପାଖରୁ ସେ ପାଇଥିଲେ

Digitized by srujanika@gmail.com

ଧମକପୁଣ୍ଡି ବହୁ "ରେଡ଼ ଲେଟର" । ଏହା ସତ୍ତ୍ୱେ, ସନ୍ଧାସବାଦ ବରୁଦ୍ଧରେ ସେ ଡାଙ୍କର ଦୃଷ୍ଟିକୋଣ ବଦଳାଇ ନ ଥିଲେ । ସାମ୍ବିଧାନିକ ପନ୍ଥା ଓ ପଛପଡରେ ମଧୁସୂଦନ ଥିଲେ ବଶ୍ୱାସୀ । ତାହାଙ୍କ ଥିଲା ଉନବଂଶ ଶତାବ୍ଦୀର ଗ୍ରଜନୈତିକ ମେଜାଜ୍ । ମଧୁସୂଦନ ସେଇଥିରେ ପରବର୍ତ୍ତିତ ହୋଇଥିଲେ । ତଥାପି ଓଡ଼ିଆ ଜାତିର ସଗ୍ରାମ-ବମୁଖତା ସପର୍କରେ ମଧୁସୂଦନ ଏକମତ ହୋଇ ପାରୁ ନ ଥିଲେ ।

ମଧୁସୂଦନ କହିଲେ, "ମ୍ୟୁଟିନୀର ଚଉଠେ ଶତାବ୍ଦୀ ପୁଂରୁ ଗ୍ରରତରେ କେହି ସଦ୍ଧ ବ୍ରିଟିଶ ଶତ୍ରୁ ବରୁଦ୍ଧରେ କାଁ ଭାଁ ଲୁଚ ଛପି, ଗୋଟାଏ ଦୁଇଟା ବୋମା ଫିଙ୍ଗିବା ପରବର୍ତ୍ତେ ଖୋଲ୍ ଖୋଲ୍ ଅସ୍ତ୍ର ଧାରଣ କରିଥିଲେ, ତା' ହେଲେ ସେମାନେ ହେଉଛନ୍ତି ଓଡ଼ିଆ ପାଇକ । ତାହାର ଶାସ୍ତି ସ୍ୱରୂପ, ଓଡ଼ିଆମାନେ ବ୍ରିଟିଶ ଶାସନରେ ଭୋଗିଛନ୍ତି ଚରମ ନର୍ଯାତନା ! ସେମାନଙ୍କର ପିତୃଭୂମିକୁ ଖଣ୍ଡ ବଖଣ୍ଡିତ କର ରଖାଯାଇଛୁ, ସେମାନଙ୍କ ଅର୍ଥନୈତିକ ମେରୁଦଣ୍ଡ ଉପରେ କସ୍ତାଯାଇଛୁ ଚରମ କୁଠାସ୍ତାଘାତ, ସେମାନଙ୍କର ମାତୃଭାଷାର ବଲୋପ ପାଇଁ ସୂଚ୍ଚା କମ୍ ଚେଷ୍ଟା ବା ଅପଚେଷ୍ଟା ହୋଇ ନାହିଁ । ଓଡ଼ିଶାରେ ବ୍ରିଟିଶ ଶାସନର ସନ୍ଧାସବାଦ ମଧ୍ୟରେ ଓଡ଼ିଆ ଜାତି ଆଜ ସନ୍ତସ୍ତ । ପରସ୍ଥିତିରେ ତାହାର ମୁକାବଲା ପାଇଁ ସାମ୍ବିଧାନିକ ପନ୍ଥା ଛଡ଼ା ଆମ ଆଗରେ ଆଉ ଅନ୍ୟ ପନ୍ଥା ନାହିଁ ।"

ନାଇନ୍‌ସନ୍ ଚୁରୁଟରୁ କଲେ ଧୂଆଁ ଛାଡ଼ି ପଗ୍ଭରଲେ, "ଦକ୍ଷିଣ ଆଫ୍ରିକାରେ ଗ୍ରରତସ୍ଥ ବାରଷ୍ଟର ମୋହନ ଦାସ କରମଗନ୍ଦ ଗାନ୍ଧୀଙ୍କ ନାମ ଶୁଣିଛନ୍ତ ଆପଣ ?" ମଧୁସୂଦନ ଉତ୍ତର ଦେଲେ "ତାଙ୍କୁ ମୁଁ ବ୍ୟକ୍ତିଗତ ଗ୍ରବରେ ଅବଶ୍ୟ ଜାଣେ ନାହିଁ । କନ୍ତୁ ତାଙ୍କ ବଷପ୍ଟରେ ଖବରକାଗଜରେ ଅନେକ ପଢ଼ିଛୁ, ଅନେକ ଶୁଣିଛୁ । ନାତାଲ୍, ଟ୍ରାନ୍‌ସ୍‌ଭାଲ ନୋହାନସ୍ ବର୍ଗରେ ଗ୍ରରତୀୟମାନଙ୍କ ଅବସ୍ଥା ଯାହା, ଓଡ଼ିଶାରେ ଓଡ଼ିଆମାନଙ୍କର ଅବସ୍ଥା ଆଜ ସେଇଆ ।"

ନାଇନ୍‌ସନ୍ କହିଲେ, "ଗତ ବର୍ଷ ଗାନ୍ଧୀ ମଧ୍ୟ ଆପଣଙ୍କ ପର ଲଣ୍ଡନ ଆସିଥିଲେ, ସେକ୍ରେଟାସ୍ତ-ଅଫ୍ ଷ୍ଟେଟ୍‌ଫର୍ କଲୋନିଜ୍, ଲର୍ଡ଼ ଏଲ୍‌ଗିନ୍, ସେକ୍ରେଟାସ୍ତ-ଅଫ୍-ଷ୍ଟେଟ ଫର୍-ଇଣ୍ଡିଆ, ଲର୍ଡ଼ ମର୍ଲେ ଓ ପ୍ରଧାନମନ୍ତ୍ରୀ ସାର୍ ହେନେସ୍ତ କାମ୍ପବେଲ୍ ବାନର୍‌ମାନ ପ୍ରମୁଖଙ୍କ ଦରବାରେ ଦକ୍ଷିଣ ଆଫ୍ରିକାରେ ଗ୍ରରତାସ୍ତମାନଙ୍କର ହାରଗୁହାର ପେଶ୍ କରିବା ପାଇଁ । ସେ ମଧ୍ୟ ଆପଣଙ୍କ ପର ସେଦିନ ଇଷ୍ଟ-ଇଣ୍ଡିଆ-ଆସୋସିଏସନ୍‌ରେ ଦକ୍ଷିଣ ଆଫ୍ରିକାରେ ଗ୍ରରତାସ୍ତଙ୍କ ସମସ୍ୟା ସମ୍ପର୍କରେ ଗ୍ରଷଣ ଦେଇଥିଲେ । ଏଇ ସାର୍ ଲେପେଲ୍, ସାର ଜର୍ଜ ବାଡ଼ ଉଡ଼ଙ୍କ ଦଳ, ସେଦିନ ଗାନ୍ଧୀଙ୍କ ମିସନ୍ ପ୍ରତ କଥାରେ ଅନ୍ତଃ ଶୁଭେଚ୍ଛା ଜ୍ଞାପନ କରିବା ପାଇଁ କୁଣ୍ଠିତ ନ ଥିଲେ । ମୁଁ ତାଙ୍କୁ ପଗ୍ଭରଥିଲ-ମିଷ୍ଟର ଗାନ୍ଧୀ ଆପଣ ଏଇ ସ୍ମାରକ ପତ୍ର ଚଠା, 'ଟାଇମସ୍' କାଗଜକୁ ଚଠି ଲେଖା, ଆଉ ବ୍ରିଟିଶ ଶାସନ-କର୍ତ୍ତାମାନଙ୍କ ଦରବାରରେ ଗୁହାର କରିବା ବ୍ୟତୀତ, ଅନ୍ୟ କୌଣସି ସନ୍ତିମ ପନ୍ଥା କଣ ଚନ୍ତା କରିପାରୁ ନାହାନ୍ତ ? ଦକ୍ଷିଣ ଆଫ୍ରିକାରେ ଗ୍ରରତାସ୍ତମାନଙ୍କୁ ବଦ୍ରୋହ କରିବା ପାଇଁ

Digitized by srujanika@gmail.com

ଆପଣ ନେତୃତ୍ୱ ନେଉ ନାହାନ୍ତି କାହିଁକି ? ମିଷ୍ଟର ଗାନ୍ଧୀ ଉତ୍ତର ଦେଇଥିଲେ-ବ୍ରିଟିଶ ଶାସନର ନ୍ୟାସ୍ୱବୋଧ ଉପରୁ ସେ ତଥାପି ଆସ୍ଥା ହରାଇ ନାହାନ୍ତି ।"

ମଧୁସୂଦନ ଚନ୍ତତ କଣ୍ଠରେ ଉତ୍ତର ଦେଲେ, "ବ୍ରିଟିଶ ଶାସନର ସୁବଶ୍ୱର ସପକ୍ଷରେ ଓଡ଼ିଆମାନଙ୍କର କନ୍ତୁ ଆଉ କୌଣସି ଇଲ୍ୟୁଜନ୍ ନାହିଁ । ବହୁ ଦନୁ ସେମାନଙ୍କର ମୋହଭଙ୍ଗ ଘଟି ସାରଛୁ । ମୁଁ କନ୍ତୁ ବଶ୍ୱାସ କରେ ସାମ୍ବିଧାନିକ ପନ୍ଥାରେ । ଏହି ପନ୍ଥା ବ୍ୟତୀତ, ଉପସ୍ଥିତ ପରସ୍ଥିତିରେ ଆମ ଆଗରେ ଅନ୍ୟ ପନ୍ଥା ନାହିଁ ।"

ନାଇନ୍‌ସନ ପରାମର୍ଶ ଦେଲେ, "ସାର ଉଇଲଅମ୍ ଓ୍ୱେଡ଼ରବର୍ଣ୍ଣ ଏମ୍. ପି. ଙ୍କ ଉଦ୍ୟମରେ, ଗାନ୍ଧୀ ସେକ୍ରେଟାରୀ-ଅଫ୍ ଷ୍ଟେଟ ଲର୍ଡ଼ ଏଲଗିନ୍ ପ୍ରମୁଖଙ୍କ ସହିତ ସାକ୍ଷାତ କରି ପାରିଥିଲେ ଆପଣ ବରଂ ତାଙ୍କର ସାହାଯ୍ୟପ୍ରାର୍ଥୀ ହୁଅନ୍ତୁ, ତା' ନହେଲେ ଲର୍ଡ଼ ମର୍‌ଲେଙ୍କ ସାକ୍ଷାତ ପାଇବାର ସମ୍ଭାବନା ବଢ଼ିଲା । ମର୍‌ଲେ ଲ୍ୟୋକଟି ଅଟର୍ ଇମ୍ପରଆଲିଷ୍ଟ ।"

ଗତଥର ଇଂଲଣ୍ଡ ଆସିଥିବାବେଳେ, ମଧୁସୂଦନ ଓଡ଼ିଶାର ବଉନ୍ନ ସମସ୍ୟା ସମ୍ପର୍କରେ ସାର ଉଇଲସ୍ମନ୍ ଓ୍ୱେଡ଼ରବର୍ଣ୍ଣଙ୍କ ସହାନୁଭୂତି ଆକର୍ଷଣ କରିପାରିଥିଲେ । ସାର ଉଇଲଅମ୍‌ଙ୍କ ସହିତ ତାଙ୍କର ସାମାନ୍ୟ ପରଚସ୍ୱ ଥିଲା । ଲର୍ଡ଼ ମରଲେଙ୍କ ସହିତ ସାକ୍ଷାତ ପାଇଁ, ମଧୁସୂଦନଙ୍କୁ ସାହାଯ୍ୟ କରିବାପାଇଁ ମଧ୍ୟ ସାର୍ ଉଇଲସ୍ମନ ଓ୍ୱେଡ଼ରବର୍ଣ୍ଣଙ୍କର କୌଣସି ଆପତ୍ତି ନ ଥିଲା ।

ପାର୍ଲିଅମେଣ୍ଟରେ ହାଉସ-ଅଫ-କମନସ୍-କମିଟି-ଅଫ୍-ଇଣ୍ଡିଆନ-ଅଫେସ୍ୱାର୍ସର ପ୍ରାସ୍ୱ ସତୁଲ୍ଲ ପର୍ଯ୍ୟନ୍ତ ଏମ୍. ପି. ଙ୍କୁ ଓ୍ୱେଡ଼ରବର୍ଣ୍ଣ ଦଳେ ଆମନ୍ତ୍ରଣ କଲେ, ମଧୁସୂଦନଙ୍କର ସହିତ ସାକ୍ଷାତ ପାଇଁ । ବ୍ରିଟିଶ ଏମ୍. ପି. ମାନଙ୍କ ଠାରେ ଓଡ଼ିଶାର ସମସ୍ୟା ଉପସ୍ଥାପିତ କରିବା ପାଇଁ ମଧୁସୂଦନଙ୍କୁ ହଠାତ୍ ମିଳିଗଲା ଗୋଟାଏ ବହୁ ପ୍ରତ୍ୟାଶିତ ଅବକାଶ ।

କନ୍ତୁ ଲର୍ଡ଼ ମରଲେଙ୍କ ସେକ୍ରେଟାରୀ କହିଲେ "ଜଣେ ବ୍ୟକ୍ତି ବଶେଷ ରୂପେ ମଧୁସୂଦନଙ୍କୁ ସାକ୍ଷାତ ଦେବାରେ ଲର୍ଡ଼ ମର୍‌ଲେଙ୍କ ଆପତ୍ତି ନାହିଁ । ମାତ୍ର ଓଡ଼ିଆ ଜାତିର ପ୍ରତନଧି ରୂପେ ତାଙ୍କୁ ସାକ୍ଷାତ ଦେବା ଲର୍ଡ଼ ମର୍‌ଲେଙ୍କ ପକ୍ଷରେ ସମ୍ଭବ ହେବ ନାହିଁ ।" ମଧୁସୂଦନଙ୍କର ସେଥିରେ ଆପତ୍ତି ନ ଥିଲା ।

ଅବଶେଷରେ ଭାରତ ଶାସନର ଦୈବବଧାତା ସେକ୍ରେଟାରୀ-ଅଫ୍-ଷ୍ଟେଟ ଲର୍ଡ଼ ମର୍‌ଲେଙ୍କ ସହିତ ସାକ୍ଷାତର ବହୁ ପ୍ରତୀକ୍ଷିତ ଅବକାଶ ଆସିଥିଲା ।

ମଧୁସୂଦନଙ୍କୁ ପ୍ରଥମେ ଦେଖିବା ମାତ୍ରେ ଅନାମଧେସ୍ୱ ଓଡ଼ିଶାର ଏହି କ୍ଷୀଣକାସ୍ୱ ବୃଦ୍ଧ, ତଥା ସ୍ୱେଚ୍ଛାନୁଯୁକ୍ତ ପ୍ରତନଧିଙ୍କୁ ସଂକ୍ଷିପ୍ତ ସୌଜନ୍ୟ-ବନମସ୍ୱ ପରେ ବଦାସ୍ୱ ଦେବା ପାଇଁ ଯେ ବଶେଷ ସମସ୍ୱ ଲଗିବ ନାହିଁ, ସେଥିରେ ଲର୍ଡ଼ ମର୍‌ଲେଙ୍କ ସନ୍ଦେହ ନ ଥିଲା ।

Digitized by srujanika@gmail.com

ଲର୍ଡ଼ ମର୍‌ଲେ ପୃଷ୍ଠପୋଷକ ସୁଲଭ କଣ୍ଠରେ ପଚାରିଲେ "ଆଫଗାନ୍ ଡେସ୍‌ପଟିଜମ୍ ତୁଳନାରେ ବ୍ରାଉନରେ ବ୍ରିଟିଶ ଶାସନ ଅଧିକ ଲୋକ ମଜାନୁସାରୀ ନୁହେଁ କ ?"

ଗହଳ ଭ୍ରୂଲତା ତଳେ ଲର୍ଡ଼ ମରଲେଙ୍କ ଦୁଇ ଧୂର୍ତ୍ତ ଆଖି ଉତ୍ତରକୁ ଚାହିଁ, ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ; "ଡେସପଟ୍ ହେବା ପାଇଁ ମଧ୍ୟ, ତାହାର ମାତ୍ର ନସ୍ୟମରେ ଆବଶ୍ୟକୀୟ ଶିକ୍ଷା ଥିବା ପ୍ରୟୋଜନ । କନ୍ତୁ ଆପଣଙ୍କ ସିଭିଲ ସରଭାଣ୍ଟ ମାନଙ୍କର ସେଥିରେ ପୂରା କୌଣସି ତାଲିମ ନାହିଁ । ସେଥିପାଇଁ ଆପଣଙ୍କ ସିଭିଲ ସରଭାଣ୍ଟମାନେ ଡେସପଟିକ୍ ହେବାକୁ ଚେଷ୍ଟା କଲ ପୂରା ବଫଳ ହେଉଛନ୍ତି । ଆପଣ ପ୍ରଥମେ ଏଇ ତରୁଣ ଆଇ. ସି. ଏସ. ମାନଙ୍କୁ ଡେସପଟିଜମ୍‌ରେ ତାଲିମ୍ ଦେବା ଆବଶ୍ୟକ ।"

ନଗ୍ନହ-ଦର୍ଶନ ଏହି ବଶମ୍ବଦ ବୃଦ୍ଧଙ୍କ ଠାରୁ ଲର୍ଡ଼ ମର୍‌ଲେଙ୍କ ପଣ ବ୍ରିଟିଶ ସାମ୍ରାଜ୍ୟର ଜଣେ ଶାସନ ମୁଖ୍ୟ ଏ ପ୍ରକାର ଉତ୍ତର ଆଶା କରୁ ନ ଥିଲେ । ବିସ୍ମିତ କଣ୍ଠରେ ସେ ପଚାରିଲେ, "ମାନେ ? କଣ କହିବା ପାଇଁ ଚାହୁଁଛନ୍ତି ଆପଣ ?"

ମଧୁସୂଦନ ଉତ୍ତର ଦେଲେ, "ଏହାର ଅର୍ଥ ଅତି ସହଜ । ଡେସପଟ୍ ହେବାପାଇଁ ଲୋକଚରିତ୍ର ସମ୍ପର୍କରେ ନବଡ଼ ପରିଚୟ ଥିବା ଆବଶ୍ୟକ । ମାତ୍ର ଆପଣଙ୍କ ତରୁଣ ଆଇ. ସି. ଏସ. ମାନଙ୍କଠାରେ ତାହାର ଘୋର ଅଭାବ । ସେମାନେ ଇଂଲଣ୍ଡର ପବ୍ଲିକ୍ ସ୍କୁଲ ଆଉ ସୁନଭରସିଟି ମାନଙ୍କରେ ସ୍ୱାଧୀନ ଦେଶର ସାଧାରଣ ନାଗରିକରୂପେ ଶିକ୍ଷାପ୍ରାପ୍ତ ହୋଇ ବ୍ରାଉନ ଶାସନ ପାଇଁ ସେଠାକୁ ଯାଉଛନ୍ତି । ବ୍ରାଉନକୁ ଆସିବା ପରେ କୌଣସି ନାଁ କୌଣସି ପ୍ରଦେଶରେ କୌଣସି କଲ୍ପାକଲେକ୍ଟର ଅଥବା ମାଜିଷ୍ଟ୍ରେଟଙ୍କ ନକଟରେ ସେମାନଙ୍କର ଆରମ୍ଭ ହେଉଛୁ ପ୍ରଥମ ତାଲିମ୍ । ତାଙ୍କଠାରୁ ସେମାନେ ପ୍ରଥମେ ଯେଉଁ ଶିକ୍ଷା ପାଉଛନ୍ତି— ତାହା ହେଲ ଏ ଦେଶ ସ୍ୱାଧୀନ ନୁହେଁ । ଏହାକୁ ଶାସନ କରିବା ପାଇଁ ହେଲେ ଡେସପଟ୍ ପରି ଶାସନ କରିବା ପାଇଁ ପଡ଼ିବ । All that he sees in his official guardian and all the instruction he receives from that guardian may be summed up in the following words—This is not a free country and you must rule over it as a despot କନ୍ତୁ ଡେସପଟ୍ ହେବା ପାଇଁ ଯେଉଁ ବଶେଷ ଶିକ୍ଷା ଓ ଯୋଗ୍ୟତା ଆବଶ୍ୟକ, ସେଥିରେ ତାଲିମ ନ ଥିବାରୁ ସେମାନେ ଭଲ ଡେସପଟ୍ ପୂରା ହୋଇ ପାରୁନାହାନ୍ତି । ଆପଣ ବ୍ରାଉନରେ ଯଦି ଡେସପଟିକ୍ ଶାସନ ପ୍ରଚଳନ କରିବା ପାଇଁ ପ୍ରକୃତରେ ଚାହୁଁଥାନ୍ତି, ତାହେଲେ ଆପଣଙ୍କର ସିଭିଲିଆନ୍‌ମାନଙ୍କୁ ବ୍ରିଆ କମ୍ବା ଆପଗାନସ୍ଥାନ ଯେ କୌଣସି ଗୋଟିଏ ଦେଶରେ ପ୍ରଥମେ ତାଲିମ୍ ଦେବା ଆବଶ୍ୟକ" । *

---

* ୧୯୩୩ ସାଲ ଫେବୃଆରୀ ୧୩ ତାରିଖରେ ଅନୁଷ୍ଠିତ ଓଡ଼ିଆ ନେତୃ ସମ୍ମିଳନୀ (Oriya Leaders' Conference) ରେ ଭାଷଣ ପ୍ରସଙ୍ଗରେ ମଧୁସୂଦନ ଲର୍ଡ଼ର ମରଲେଙ୍କ ସହିତ ଏହି ସାକ୍ଷାତର ବବରଣୀ ଦେଇ କହିଲେ × × × "I had to get up a meeting in one of the side rooms of Parliament with 40

Digitized by srujanika@gmail.com

ଭାରତରେ ବ୍ରିଟିଶ ଶାସନର ଏପର କଠୋର ଭର୍ତ୍ସନା ନଜ ମୁହଁ ଉପରେ ଜଣେ ଓଡ଼ିଆଠାରୁ ଶୁଣିବେ ବୋଲ ଲର୍ଡ଼ ମରଲେ କେବେ ଆଶା କର ନଥିଲେ ।

ଏହାପରେ ଧୈର୍ଯ୍ୟ ଓ ନମ୍ରତାର ସହିତ ଓଡ଼ିଶାର ସବୁ ଅଭିଯୋଗ ଶୁଣିବା ପାଇଁ ଲର୍ଡ଼ ମରଲେ ପ୍ରସ୍ତୁତ ହୋଇ ଉଠିଥିଲେ । ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ ଲର୍ଡ଼ ମରଲେଙ୍କ ସହିତ ମଧୁସୂଦନଙ୍କର ଯେଉଁସବୁ ଆଲୋଚନା ହୋଇଥିଲା "ଉତ୍କଳ ଦୀପିକା" ତାହାର ଏକ ସଂକ୍ଷିପ୍ତ ବିବରଣୀ ଦେଇ ଲେଖିଥିଲେ.....

"ଡେଲ୍ଲା ନଉଜର ପ୍ରତିନଧି ପ୍ରକାଶ କର ଅଛନ୍ତି, ମଧୁବାବୁ ଆମ୍ଭମାନଙ୍କର ଭାରତ-ସଚିବ (Lord Morley, Secretary of State for India) ମହୋଦୟଙ୍କ ସାକ୍ଷାତ ଲାଭ କର ସମୁଦାୟ ବିଷୟ ତାଙ୍କଠାରେ ଜଣାଇ ସନ୍ତୋଷଜନକ ସୂଚକ ଉତ୍ତର ପାଇ ଅଛନ୍ତି ଏବଂ ଅଲ୍ପଦିନ ମଧ୍ୟରେ ମଧୁବାବୁ ଭାରତବର୍ଷକୁ ଫେରିଆସି ଭାରତ ଗଭର୍ଣ୍ଣମେଣ୍ଟଙ୍କ ନକଟରେ.....

(୧) ଗଙ୍ଗାମ ପ୍ରଭୃତି ଉତ୍କଳ-ଭାଷା ପ୍ରଚଳିତ ଉପାନ୍ତ ଅଞ୍ଚଳମାନଙ୍କ ଓଡ଼ିଶା ସହିତ ଏକତ୍ରିକରଣ,

(୨) ଗଡ଼ଜାତ ରାଜାମାନଙ୍କ କ୍ଷମତାହ୍ରାସ,

(୩) ସକ୍ଷ ବଙ୍ଗଳକୁ ଉପେକ୍ଷା କର ମର୍ଯ୍ୟାଦାବନ୍ତ ଲୋକମାନଙ୍କର ଅକାରଣ ଅପମାନ,

(୪) ୧୮୬୭ ମସିହାରେ ହୋଇଥିବା ୩୦ ବର୍ଷ ମିଆଦରେ ବନ୍ଦୋବସ୍ତ ବରୁଟରେ ସାନ ବନ୍ଦୋବସ୍ତ, ଓ

(୫) ମହାରାଣୀ ଭାରତେଶ୍ୱରୀ ଭିକ୍ଟୋରିଆଙ୍କ ଘୋଷଣାପତ୍ରକୁ ନ ମାନ ମର୍ମ ବିଷୟରେ ହସ୍ତକ୍ଷେପ ଇତ୍ୟାଦି ବିଷୟରେ ଆବେଦନ କର ପୁନର୍ବାର ଆଗାମୀ ବର୍ଷ ବିଲାତକୁ

---

members of the House of Commons. I wanted to see Lord Morley. I had a remarkable interview with his Private Secretary. He said that Lord Morley would like to meet Madhusudan Das not as a representative of the Oriya race but as Madhusudan Das. Let this be. I said, when I met him, like an English man do not degrade yourself by ruling with despot's hand, Place the Queen Victoria on the throne of Russia, she will be useless. put the Czar in the British throne, he will bene asassinated in 24 hours."

(Madhusudan's Immortal Words, Edited by Nabakishore Das)

Digitized by srujanika@gmail.com

ଆସି ଏ ସବୁ ସମ୍ପର୍କରେ ଆଉ ଯାହା କରବାକୁ ହେବ କରବେ । ଶ୍ରୀଯୁକ୍ତ ଦାସ ଏହି ମାସ ୨୨ ତାରଖରେ ବଲ୍ତରୁ ପ୍ରତ୍ୟାଗମନ କରବେ ଏବଂ ଶୀଘ୍ର ଆମ୍ଭେ ତାଙ୍କୁ କୁଶଳରେ ଦେଖି ପାରବୁ ।" *

ଲଣ୍ଡନରେ ପ୍ରଧାନମନ୍ତ୍ରୀ ସାର୍ ହେନେଜ୍ କାମ୍ପ୍‌ବେଲ୍ ବାନରମାନଙ୍କ ସହିତ ସାକ୍ଷାତ ପାଇଁ ମଧୁସୂଦନଙ୍କର ମଧ୍ୟ ଅଭିଳାଷ ଥିଲା । ମାତ୍ର ଏହା ଥିଲା ସମସ୍ୟାପେକ୍ଷ ।

ଏଣେ ଅଗଷ୍ଟ ମାସରେ ଏକ ପ୍ରଳୟଙ୍କର ବନ୍ୟାରେ, କଟକ ଜିଲ୍ଲା ପ୍ରାୟ ଉଚ୍ଛନ୍ନ ହୋଇ ପଡ଼ିଥିଲା । ବନ୍ୟାପ୍ଲାବନରେ ବ୍ରାହ୍ମଣୀ, ବୈତରଣୀ, ମହାନଦୀ ଓ କାଠଯୋଡ଼ୀ ନଦୀ ସବୁ ପ୍ରାୟ ଏକାକାର ହୋଇଯାଇଥିଲା । ବନ୍ୟା ପରେ ପରେ ଦେଖା ଦେଇଥିଲା କରାଳ ଦୁର୍ଭିକ୍ଷ ।

୧୯୬୬ ସାଲ ନଅଙ୍କ ଦୁର୍ଭିକ୍ଷର ପୁନରାବୃତ୍ତି । ପ୍ରଶାସନିକ ସ୍ତରରେ ଠିକ୍ ସେହିପରି ଉଦାସୀନତା । ଯଥାଶୀଘ୍ର ଓଡ଼ିଶା ଫେରିଆସିବା ପାଇଁ ମଧୁସୂଦନ ପାଉଥିଲେ ଘନ ଘନ ଟେଲିଗ୍ରାମ୍ । ଲଣ୍ଡନରେ ଅପେକ୍ଷା କରି ରହିବା ପାଇଁ ଆଉ ସମୟ ନଥିଲା ।

ଇଂଲଣ୍ଡ ଛାଡ଼ିବା ପୂର୍ବରୁ ମଧୁସୂଦନ ନାଇନ୍‌ସନଙ୍କୁ ଅନୁରୋଧ କଲେ "ଘରଡର ସାହେବ ! କାଗଜମାନଙ୍କରେ ଓଡ଼ିଶାର ବନ୍ୟା ଓ ଦୁର୍ଭିକ୍ଷର ପ୍ରକୃତ ସମ୍ବାଦ ପ୍ରକାଶ ପାଉ ନ ଥିବା ମୁଁ ଶୁଣୁଛି । ସେଥିପାଇଁ ବଙ୍ଗଳାର ଲେଫ୍‌ଟେନାଣ୍ଟ୍ ଗଭର୍ଣ୍ଣରଙ୍କ କୁମ୍ଭକର୍ଣ୍ଣ ନଦ ଭାଙ୍ଗୁନାହିଁ । ଆପଣ ସ୍ୱତନ୍ତ୍ରରେ ଓଡ଼ିଶାର ପରିସ୍ଥିତି ଦେଖି ତାହାକୁ ପ୍ରକାଶ କରାଇ ପାରିଲେ, ଓଡ଼ିଶାର ଜୀବନ ଯନ୍ତ୍ରକୁ ପ୍ରତ ଇଂରେଜ ଶାସନକର୍ତ୍ତାମାନଙ୍କର ଦୃଷ୍ଟି ନିଶ୍ଚୟ ପଡ଼ିପାରନ୍ତା ।"

ଅତ୍ୟାଗ୍ରହତ ନିପୀଡ଼ିତ ଓଡ଼ିଶାର ମୌନ, ବଧିର ମୂର୍ତ୍ତି ନାଇନ୍‌ସନ୍‌ଙ୍କୁ ଯେପରି ଶତ ବ୍ୟଗ୍ର ବାହୁ ମେଲ ଆମନ୍ତ୍ରଣ କରୁଥିଲା ।

ତାଙ୍କର ସାମ୍ବାଦିକ ଜୀବନରେ ଏସ୍ତରର ଆକର୍ଷଣ ଥିଲା ଅପ୍ରତିରୋଧ୍ୟ । ମଧୁସୂଦନଙ୍କ କଥାରେ ଆସିବାକୁ ମଧ୍ୟ ପ୍ରସ୍ତୁତ ଥିଲେ ଡଲ୍ଟର ରଥରଫୋର୍ଡ଼ । ମାତ୍ର ତାଙ୍କର ଆସିବା ପାଇଁ ବିଳମ୍ବ ଥିଲା । ନାଇନ୍‌ସନ୍‌ଙ୍କ ସହିତ ମଧୁସୂଦନ ଫେରିଲେ ଓଡ଼ିଶା ।

ମଧୁସୂଦନଙ୍କ ଲଣ୍ଡନ ଛାଡ଼ିବା ପରେ "ଟ୍ରିବ୍ୟୁନ" ସମ୍ବାଦପତ୍ର ମଧୁସୂଦନଙ୍କ ସମ୍ପର୍କରେ ଏକ ଅଗ୍ରଲେଖାରେ ଲେଖିଲେ..... ଗତକାଲି ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଲଣ୍ଡନରୁ ବିଦାୟ ନେଇଗଲେ, ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି, ଓଡ଼ିଶାର ମିଷ୍ଟର ମଧୁସୂଦନ ଦାସ—ଜଣେ ବିଶିଷ୍ଟ ବିଦ୍ୱାନ ଓ ପ୍ରଶାସକ **(a distinguished scholar and administrator.)** ଟ୍ରିବ୍ୟୁନ ପୁଣି ଲେଖିଲେ—

---

* କଲ୍ୟାଣ ପତ୍ରିକା—ତା ୨୮।୧।୧୯୦୭

Digitized by srujanika@gmail.com

"Mr. Das is the first member of the Oriya race, who has ever crossed the "Kalapani" the Blackwater, and was the first member of that historic community to become a university graduate. He is an old man now, not so old as Mr. Dadabhai Naoroji, but at any rate something over 60. It is interesting to learn that his mission here has not been wholly unsuccessful. He has at any rate enlisted the sympathies of Mr. Morley, on behalf of his fellow Oriyas,"

"ମିଷ୍ଟର ଦାସ ହେଉଛନ୍ତି କଳାପାଣି ପାର ହୋଇଥିବା ପ୍ରଥମ ଓଡ଼ିଆ, ପୁଣି ସେହି ଐତିହାସିକ ଜାତିର ପ୍ରଥମ ବଶ୍ୱବିଦ୍ୟାଳୟ ଗ୍ରାଜୁଏଟ୍ ! ମିଷ୍ଟର ଦାଦାଭାଇ ନାଓରୋଜଙ୍କ ପରି ବୃଦ୍ଧ ନ ହେଲେହେଁ, ସେ ବର୍ତ୍ତମାନ ବୃଦ୍ଧ ଓ ତାଙ୍କର ବସ୍ତସ ହେବ ପ୍ରାସ୍ତ ପାଠିଏରୁ ବେଶୀ । ଏଠାକୁ ତାଙ୍କ ଆଗମନର ଉଦ୍ଦେଶ୍ୟ ବ୍ୟର୍ଥ ହୋଇନାହିଁ । ଓଡ଼ିଆମାନଙ୍କ ତରଫ; ମିଷ୍ଟର ମର୍‌ଲେଙ୍କ ସହାନୁଭୂତ ସେ ଆକର୍ଷଣ କରିପାରି ଅଛନ୍ତି ।"

(ପାଞ୍ଚ)

"ଆଃ ! କାନ୍ଦୁଛ କାହିଁକି ଗୋପବନ୍ଧୁ ? ଏଠାକୁ ନାଉନ୍‌ସନ୍ ସାହେବ ଆସିଛନ୍ତି । ମୁଁ ତାଙ୍କୁ ଆମନ୍ତ୍ରଣ କରି ଆଣିଥିଲି ଓଡ଼ଶାର ପରସ୍ଥିତି ସ୍ୱଚକ୍ଷୁରେ ଦେଖି ଯିବା ପାଇଁ । ସେ ଏହା ଭିତରେ ଜନାର୍ଦ୍ଦନ ପାଇ ଅଞ୍ଚଳ ବୁଲି ଅବସ୍ଥା ଦେଖି ଆସିଲେଣି । ବନ୍ୟା ପୀଡ଼ିତ ଅଞ୍ଚଳ ସମ୍ପର୍କରେ ତୁମର ଅନୁଭୂତି, ଅଭିଜ୍ଞତା ତାଙ୍କୁ କୁହ, ବ୍ରଜସୁନ୍ଦର କହୁ, ଅଭିଯୋଗ, ତୁମେ ବୋଧହୁଏ ଯାଇଥିଲ ବଖାରପୁର ଅଞ୍ଚଳକୁ । ନାଉନ୍‌ସନ୍ ତୁମମାନଙ୍କଠାରୁ ତଥ୍ୟ ସଗ୍ରହ ପାଇଁ ତ ଏଠାକୁ ଆସିଛନ୍ତି,"···ମଧୁସୂଦନ ଗୋପବନ୍ଧୁଙ୍କୁ ଆଶ୍ୱାସନା ଦେଉଥିଲେ । ଜନାର୍ଦ୍ଦନ ପାଇ ଅଞ୍ଚଳର ଦୁର୍ଦ୍ଦଶା ସ୍ମରଣ କରି ଗୋପବନ୍ଧୁଙ୍କ ଆଖିରୁ ଛୁଟିଥିଲା ଲେଉଚର ବନ୍ୟା । ମାଣିକପୋପ ବଜାରରେ ବ୍ରଜସୁନ୍ଦରଙ୍କ କୋଠା । ବ୍ରଜସୁନ୍ଦର ଚାଷାଣିଆ ପରଗନ୍ନାର ଚରୁଣ ଜମିଦାର । ଜମିଦାରୀ ଆସ୍ତଜନରେ ଆଠକୋଣ । ଅସ୍ତ ପ୍ରଚୁର । ପ୍ରଭୁତ୍ୱ ନରକ୍ତୁଶ ! ଆଠବର୍ଷ ବସ୍ତସରେ ପିତାଙ୍କ ମୃତ୍ୟୁ ଘଟିବାରୁ ବ୍ରଜସୁନ୍ଦର ପୁଣି ଏକ ପ୍ରକାର ମୁରବ୍ବୀଶୂନ୍ୟ । ଧନ, ଯୌବନ, ପ୍ରଭୁତ୍ୱ ଏକାଠି ହେଲେ ଯାହା ହୋଇଥାଏ, ବ୍ରଜସୁନ୍ଦରଙ୍କଠାରେ ତାହାର କମ୍ ବ୍ୟତିକ୍ରମ ଘଟିଥିଲା ।

ପିତାମହ ହରେକୃଷ୍ଣ ଦାସ ଥିଲେ କୋମ୍ପାନୀ ଅମଳର ଟ୍ରେଜୁରୀଙ୍କ ମାହାଲ ସୁପରଣ୍ଟେଣ୍ଡେଣ୍ଟ । ବ୍ରଜସୁନ୍ଦର ବ. ଏ. ପାଶ କରିବା ପରେ, ଗୋଟିଏ ଡେପୁଟୀ-ମାଜସ୍ତ୍ରେଟ ହେବା ବଡ଼କଥା ନଥିଲା । ମାନ ତାଙ୍କ ପ୍ରାଣରେ ବାଜିଥିଲା ଦେଶ ସେବାର ଆହ୍ୱାନ । ବହୁ ଉରୁଣଙ୍କୁ ସେ ଦୀକ୍ଷିତ କରାଇ ପାରିଥିଲେ ଦେଶ ସେବାର ମନ୍ତ୍ରରେ । ମାଣିକପୋପ ବଜାରରେ ତାଙ୍କ କୋଠା, ସେଣ୍ଟ୍ରାଲ୍ ସ୍ୱଙ୍ଗ୍-ଉକ୍ଲଲ-ଆସୋସିଏସନର କର୍ମ କେନ୍ଦ୍ରରେ ପରିଣତ ହୋଇଥିଲା ।

Digitized by srujanika@gmail.com

ଆପୋସ୍ଟିଏସନ୍‌ର ବୈଠକକୁ ସେଦିନ ମଧୁସୂଦନ ସଙ୍ଗରେ ନାଭନ୍‌ସନ୍‌ଙ୍କୁ ଧରି ଆସିଥିଲେ; କଟକ ଜଜ୍ଙ୍କାର ବନ୍ୟା ଓ ଦୁର୍ଭିକ୍ଷ ସଙ୍କଟର ଆଲୋଚନା ପାଇଁ । ବନ୍ୟାପୀଡ଼ିତ ଅଞ୍ଚଳରେ, ଶାସନର ନିଷ୍କରୁଣ ଉଦାସୀନତା ଓ ଚଉଲକ୍ଷ ଜନତାର ଜୀବନ ସଙ୍କଟ ବର୍ଣ୍ଣନା କରିବା ପାଇଁ ଗୋପବନ୍ଧୁ ପ୍ରଥମେ ଠିଆ ହୋଇଥିଲେ । ମାତ୍ର ଉଚ୍ଚୁ କହିବା ପୁଙ୍କରୁ ତାଙ୍କ କଣ୍ଠ ଲୋଡକ ଓ ଆବେଗରେ ବାଷ୍ପରୁଦ୍ଧ ହୋଇଗଲ୍ । ଅବୋଧ ଶିଶୁ ପରି ସେ କେବଳ କାନ୍ଦିବା ପାଇଁ ଲଗିଲେ ।

ବ୍ରଜସୁନ୍ଦର କହିଲେ, "ଗୋପବନ୍ଧୁ ଆଉ କିଛୁ କହି ପାରିବେ ନାହିଁ । କଲେକ୍ଟରଙ୍କ ପାଖକୁ ଯାଇଥିଲେ, କେତେଟା ଅନାହାର ମୃତ୍ୟୁର ସମ୍ବାଦ ଦେବ । ମାତ୍ର ସେଠାରେ ମଧ୍ୟ କନ୍ଦିବା ଛଡ଼ା, ସେ ଆଉ ବିଶେଷ କିଛୁ କହି ପାରିଲେ ନାହିଁ ।"

ମଧୁସୂଦନ କହିଲେ, "ନାଭନ୍‌ସନ୍ ଆଉ ମୁଁ ସ୍ୱତନ୍ତ୍ରରେ ଦେଖି ଆସିଛୁ ବହୁ ଅନାହାର ମୃତ୍ୟୁ । କିନ୍ତୁ ସେ ସବୁ ଅନାହାର ମୃତ୍ୟୁ ବୋଲି ସ୍ୱୀକାର କରିବା ପାଇଁ କଲେକ୍ଟର, କମିସନର୍ କେହି ପ୍ରସ୍ତୁତ ନୁହନ୍ତି । ସରକାର ଶପୋର୍ଟରେ ସେ ସବୁ ଯେଉଁ ଗୋଲମାଲ" ।

ଦୁର୍ଭିକ୍ଷ ସାଙ୍ଗକୁ ଦେଖାଦେଇଥିଲା ବସୂଚୀକାର ପ୍ରକୋପ । ପ୍ରତ୍ୟହ ଶହ ଶହ ଲୋକ ଖାଦ୍ୟାଭାବରେ ନାନା ଅଖାଦ୍ୟ ଖାଇ ବସୂଚୀକା ଆକ୍ରମଣରେ ମଣା ମାଛ ପରି ଗଡ଼ି ମରୁ-ଥିଲେ । ସରକାର ଶପୋର୍ଟରେ ଏ ମୃତ୍ୟୁ ସବୁ ଥିଲା କିନ୍ତୁ ଡ଼ିସେଣ୍ଟ୍ରୀ ଡାଇରିଆ ପରି ଉଦରାମୟ ବ୍ୟାଧି ଜନତ । ବେଡ଼ୀ ଉପରେ କୋରଡ଼ାମାଡ଼ ପରି ବନ୍ୟା, ଦୁର୍ଭିକ୍ଷ, ମହାମାରୀ ପୀଡ଼ିତ ଅଞ୍ଚଳରେ ଘୂରୁଥିଲା ପୁଣି ଚଉଙ୍କଦାର ଟିକସ ଓ ଖଜଣା ଆଦାୟର ଜୁଲମ୍ ।

ମଧୁସୂଦନ ଉଦ୍‌ବିଗ୍ନ କଣ୍ଠରେ ପଗ୍ଭରିଲେ, "କିନ୍ତୁ ଉପାୟ କଣ ? ଉପାୟ କଣ ? ବନ୍ୟାପୀଡ଼ିତ ଅଞ୍ଚଳରେ ଚଉଲକ୍ଷ ଲୋକଙ୍କୁ ବଞ୍ଚାଇବାର ଉପାୟ କଣ ? ଏ ପରିସ୍ଥିତିରେ ଆମେ କଣ କରି ପାରିବା ?"

ଗୋପବନ୍ଧୁ ଅଶ୍ରୁ ଓ ଆବେଗ ସମ୍ବରଣ କରି କହିଲେ, "ଆମେ ଆପୋସ୍ଟିଏସନ୍ ପକ୍ଷରୁ ବର୍ତ୍ତମାନ ମୁଠିଭିକ୍ଷା ସଂଗ୍ରହ କରି ବନ୍ୟାପୀଡ଼ିତ ଅଞ୍ଚଳକୁ ସ୍ୱେଚ୍ଛାସେବକମାନଙ୍କୁ ପଠାଇଛୁ, ଜମେ କଲେଜଛାତ୍ରମାନେ ମଧ୍ୟ ବାହାରୁଛନ୍ତି, ସ୍ୱେଚ୍ଛାସେବକ ଘକ୍କରେ କାର୍ଯ୍ୟ କରିବା ପାଇଁ ।"

ମଧୁସୂଦନ କହିଲେ—"ସରକାର ଶପୋର୍ଟ ଅନୁସାରେ ୪୭୦ ବର୍ଗମାଇଲ ଅଞ୍ଚଳରେ ଲୋକ, ଜନାର୍ଦ୍ଦନ ପାଇର ବନ୍ୟାଗ୍ରାସରେ ପଡ଼ିଛନ୍ତି । ବନ୍ୟା ଛାଡ଼ିବା ପରେ ଆରମ୍ଭ ହୋଇଛୁ ଦୁର୍ଭିକ୍ଷ, ବସୂଚୀକା, ଅନାହାର ମୃତ୍ୟୁ । ଜେନାପୁରଠାରେ ମୋଡେ ବୁଢ଼ା ବୁଢ଼ା ଲୋକେ କହିଲେ, ଏ ଅବସ୍ଥା ଦେଖି, ସେମାନଙ୍କ ଆଖି ଆଗରେ ୧୮୬୬ ମସିହା ନଅଙ୍କ

Digitized by srujanika@gmail.com

ବେଳର ଦୃଶ୍ୟ ଖସି ଉଠୁଛି । ନଅଙ୍କ ଦୁର୍ଭିକ୍ଷ ବେଳେ, ଓଡ଼ିଶାର ଶାସନକଳ ଯେପରି ଥିଲା ଉଦାସୀନ, ଏବେ ମଧ୍ୟ ସେଇପରି । କମିସନର, କଲେକ୍ଟର ଉପରଠାରୁଆ ଖବରେ କେବଳ ରପୋର୍ଟ ପଠାଉଛନ୍ତି ଉପରକୁ । ବଙ୍ଗଳା ସରକାରଙ୍କୁ ପ୍ରକୃତ ପରସ୍ଥିତି ସେଥିରେ ଜଣାଇ ହଆଯାଉ ନାହିଁ । ସରକାର ବର୍ତ୍ତମାନ ଏହି ବନ୍ୟାପୀଡ଼ିତ ଜନତାକୁ ବଞ୍ଚାଇବା ପାଇଁ ବଗ୍ଦ ଆକାରରେ ବ୍ୟବସ୍ଥା ନ କଲେ ମୁଠିଭିକ୍ଷା ଦେଇ ତୁମେ କାହାକୁ ବା କେତେଦିନ ବଞ୍ଚାଇ ପାରିବ ?"

ନାଉନ୍‌ସନ୍ ଏତେକ୍ଷଣ ଏସବୁ ଆଲୋଚନା ମନରେ ଶୁଣୁଥିଲେ । ସେ କହିଲେ, "କନ୍ତୁ ଏଠାରେ ସରକାର କହିଲେ ତ କମିଶନର । କମିଶନରଙ୍କ ସହିତ କଝଜ ଲୁକରେ ମୋର ସେଦିନ ଦେଖାହୋଇଥିଲା । ତାଙ୍କୁ ଦୁର୍ଭିକ୍ଷ କଥା ପଗ୍ଧରିଲି । ସେ ମୋତେ ଉତ୍ତର ଦେଲେ ଏ ସବୁ ଅନେକାଂଶରେ ଏକ୍‌ଜାଜରେଟେଡ୍, ଅତିରଞ୍ଜିତ, ବରଂ ସରକାଙ୍କ ରପୋର୍ଟ ଅନୁସାରେ ଏବର୍ଷ ଫସଲ ଭଲ ହେବାର ସମ୍ଭାବନା ରହିଛି । ତେଣୁ ଯେଉଁଠି ଯେତେ ମୃତ୍ୟୁ ଘଟିଛି ସେ ସବୁ ଅନାହାର ଜନିତ ନୁହେଁ । ଲୋକେ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଯେଉଁ ଗୋଲମାଲରେ ମରୁଛନ୍ତି । ଯେଉଁ ଗୋଲମାଲକୁ ସରକାର କରିବେ କଣ ?

ମଧୁସୂଦନ ଅସହିଷ୍ଣୁ କଣ୍ଠରେ ଟିପ୍‌ପଣୀ କଲେ "ତାପରେ ସେ ନିଶ୍ଚୟ ଚତ୍କାର କରିଥିବେ, 'କୋଇ, ହାସ୍ଟ ! ଦୋ ଗ୍ଲେଟ୍ସ' ।"

ନାଉନ୍‌ସନ୍ କହିଲେ "ସେ କଥା ମଧ୍ୟ ସତ୍ୟ; ନିଷ୍ଠୁର ଦାସ, ମାତ୍ର ସେଥିପାଇଁ ମୁଁ ସେମାନଙ୍କୁ ଦୋଷ ଦିଏ ନାହିଁ । ଏହି ଇଂରେଜ ସିଭିଲିଆନ୍‌ମାନଙ୍କ ଦୃଷ୍ଟିରେ ଏସବୁ କେବଳ ଷ୍ଟାଟିସ୍‌ଟିକ୍ସ୍ ଆଉ ଫର୍ମର ବ୍ୟାପାର । ବନ୍ୟା ସେମାନଙ୍କ ଦୃଷ୍ଟିରେ ଗୋଟାଏ ଆକସିଡ଼ିକ ନୁଇସାନସ୍ । ଦୁର୍ଭିକ୍ଷ ଆଉ ଅନାହାର ମୃତ୍ୟୁ ଗୋଟାଏ ଗୋଟାଏ ଅତିରଞ୍ଜନ । ମୋର ମନେ ହୁଏ ଖୋଦ୍ ଲେଫ୍‌ଟେନ୍ଣ୍ଟ ଗଭର୍ଣ୍ଣର, ଫ୍ରେଜର ଅବସ୍ଥା ସ୍ୱଚକ୍ଷୁରେ ନ ଦେଖିବା ପର୍ଯ୍ୟନ୍ତ—ଏ ଅବସ୍ଥା ସୁଧୁରିବାର କୌଣସି ସମ୍ଭାବନା ନାହିଁ ।"

ଗୋପବନ୍ଧୁଙ୍କର କଣ୍ଠ ପୁଣି ବାଷ୍ପରୁଦ୍ଧ ହୋଇ ଆସିଥିଲା । ସେ କୋହ ଚାପି ନଜକୁ ସଯତ କରି କହିଲେ "ବ୍ରାହ୍ମଣୀ ନଦୀରେ ଜନାର୍ଦ୍ଦନ ପାଇ ଯାଇଥିଲି ଅଗଷ୍ଟ ମାସ ୨୦ ତାରିଖ ବାଦରେ । ଆଜକୁ ହେଲିଣି ଅକ୍ଟୋବର ମାସ । ଏପର୍ଯ୍ୟନ୍ତ ତ ଲେଫ୍‌ଟେନ୍ଣ୍ଟ ଗଭର୍ଣ୍ଣର ଆସିଲେ ନାହିଁ । ଆଉ ଆସିବେ କେବେ ? ଲୋକେ ସେତେବେଳକୁ ପ୍ରାଣରେ ଥିଲେ ତ ?"

ପ୍ରକୃତରେ ସେତେବେଳେ ତାହାହିଁ ଥିଲା ସମସ୍ୟା । ବଙ୍ଗଳା କାଉନସିଲରେ ଓଡ଼ିଶାର କୌଣସି ପ୍ରତିନଧି ନ ଥିଲେ, ବନ୍ୟାକବଳିତ ମୁର୍ମୂଷ ଓଡ଼ିଆ ଜାତିର ପ୍ରତିବାଦର ଧ୍ୱନି ଉଠାଇବା ପାଇଁ । କେତେକଙ୍କ ଘରଭଙ୍ଗା, ଗୋଟିକଝା କାର୍ଯ୍ୟରେ କାଉନସିଲ ନିର୍ବାଚନରେ ମଧୁସୂଦନଙ୍କୁ ପଗ୍ଧୁତ କରାଇ ଗ୍ଲେଟ୍‌ନାଗପୁରର ଜଣେ ପ୍ରାର୍ଥୀଙ୍କୁ ନିର୍ବାଚିତ କରାଗଲା । ଓଡ଼ିଶାର ସମସ୍ୟା ଫକଟରେ ତାଙ୍କର ବା ଯାଏ ଆସେ କଣ ? ବଙ୍ଗଳା

Digitized by srujanika@gmail.com

ସରକାର ଉପରେ ମଧ୍ୟ ଓଡ଼ଶାର କୌଣସି ପ୍ରଭାବ ନ ଥିଲା । ଏଣେ ଓଡ଼ଶାର କମିସନର ମାମୁଲ ରପୋର୍ଟମାନଙ୍କର ଅଯତ୍ନ ଓ ଅର୍ଦ୍ଧସତ୍ୟରେ ନଷ୍ଟ ନ୍ତି । ଉପକୂଳବର୍ତ୍ତୀ କଟକ ଜଲ୍ଲାର ପ୍ରାୟ ଚଳଲକ୍ଷ ଆଦବାସୀ ଏହାର ମଧ୍ୟରେ ପଦେ ପଦେ ନଶ୍ଚିତ ମୃତ୍ୟୁ ପଥରେ ଅଗ୍ରସର ହେଉଥିଲେ ।

୧୯୦୭ ସାଲ୍ ଅଗଷ୍ଟ ୨୦ ତାରଖ ଗ୍ରତରେ ଜେନାପୁରଠାରେ ବ୍ରାହ୍ମଣୀର ଜନାର୍ଦ୍ଦନ ପାଇ ଗ୍ଭର୍ଜିଥିଲା ।

ଏ ପ୍ରଳସ୍ଙ୍କଣ୍ଡା ବନ୍ୟାର ବବରଣୀ ନାଉନସନ୍ ଲପିବଦ୍ଧ କର ଯାଇଛନ୍ତି—

"ତା ପର ଦନ ମୁଁ ଜେନାପୁରକୁ ଫେରଲ । ଏଣିକ ମୋର ବାହନ ହେଲ ଏକ ବଗ୍ଦକାସ୍ଥ ହାଡ଼ । ଜଣେ ହନ୍ଦୁର ଛଅ ସପ୍ତାହର ଖୋଗ୍ଦକ, ଏଇ ହାଡ଼ଟି ଅକ୍ଲେଶରେ ଦନକେ ଉଦରସ୍ଥ କର ପାରୁଥିଲା । ବ୍ରାହ୍ମଣୀ ଖରସୁଆଁର କଗ୍ଦଲ ବନ୍ୟାପ୍ଲାବତ ବସ୍ତୀଣ୍ଣ ଅଞ୍ଚଳରେ ଏହ ହାଡ଼ ଉପରେ ଚଢ଼ି ମୁଁ କେତେ ଦନ ବୁଲଥିଲ । ଯେଉଁ ଅଞ୍ଚଳମାନଙ୍କୁ ମୁଁ ଯାଇଥିଲ, ସେ ଅଞ୍ଚଳମାନଙ୍କରେ ବହୁ ବହୁ ବର୍ଷ ଧର ବନ୍ୟା ଓ ମରୁଡ଼ର ଆଉ କୌଣସି ବଶେଷ ଅର୍ଥ ରହବ ନାହିଁ । ଧାନକ୍ଷେତ, ପଡ଼ଆ ସୀମା, ସରହଦ୍, ଘର, ଗାଁ ବାଲଚର ତଳେ ସବୁ ନଶ୍ଚିହ୍ନ ହୋଇ, ସମୁଦ୍ର-ପନ୍ତାର ପର ଦେଖା ଯାଉଥିଲା । ଅସୁମାଣ୍ଡ ଜୋଡ଼ ଓ ପାଣି ନାଳ ପର ହୋଇ ମୁଁ ପ୍ରଥମେ ଯେଉଁ ଗ୍ରାମରେ ଆସି ପହଞ୍ଚଲ, ସେଠାରେ ଦେଖିଲ ପ୍ରାୟ ଦୁଇ କନ୍ଧା ଜନଶହ ଲୋକ, ମୁଠାଏ ମୁଠାଏ ଗ୍ଭଡ଼ଲ ବାଣ୍ଟୁଥିବା ଜଣେ ସରକାସ୍ଥ ଲୋକଙ୍କୁ ଘେର ଠିଆ ହୋଇ ଥିଲେ । ଚନମାସ ପୂର୍ବେ ପାଇ ଗ୍ଭର୍ଜିବା ପରେ, ଲୋକେ ଏଇପର କନ୍ଥ କନ୍ଥ ମୁଠି ଭକ୍ଷା ପାଇଥିଲେ । ମାତ୍ର ତାହା ପରଠାରୁ ଏକ "ପିଢ଼ୁ-ପ୍ରତମ" ସରକାରଙ୍କ ଠାରୁ ସେମାନଙ୍କୁ ଆଉ କନ୍ଥ ମିଳ ନଥିଲ । ସରକାସ୍ଥ ହସାବରେ ବର୍ତ୍ତା ଥିଲ ଆସନ୍ନପ୍ରାସ୍ଥ । ଭେଶୁ ବର୍ତ୍ତାପସ୍ଥ ଶଯ୍ୟରେ, ସେମାନେ ଅକ୍ଲେଶରେ ଏଣିକ ଜୀବନ ଧାରଣ କର ପାରବେ । ସରକାସ୍ଥ ଉଥ୍ୟରେ ଏହା ପୁନଶ୍ଚିତ ଥିଲ । ମାତ୍ର ସରକାସ୍ଥ ହସାବକୁ ଇନ୍ଦ୍ରଦେବତା ମାନଲେ ନାହିଁ । ବର୍ତ୍ତା ପରବର୍ତ୍ତେ ଆସିଗଲ ବସୂଚୀକା ଓ ମହାମାସ୍ଥ । ଲୋକେ ପଟାଳପର ଲେଟିଗଲେ, ମାତ୍ର ଏ ମୃତ୍ୟୁ ଅନାହାରରୁ ନୁହେଁ "ପେଟ ଗୋଲ-ମାଲରୁ" । ମୋତେ ହାଡ଼ ଉପରେ ଦେଖିବା ମାତ୍ରେ, ଲୋକେ ମୁଠି ଗ୍ଭଡ଼ଲ ଗ୍ଭଡ଼, ସେଇ ଉତଲ୍ଲବାଲ ଉପରେ ମୁହଁମାଡ଼ ଢଳେ ଲେଟି ପଡ଼ଲେ । କେହ କେହ କୋଡ଼ୀ, କୋଦାଲ ଆଣି ପ୍ରାୟ ଚନଫୁଟ ବାଲ ଖୋଳ ତା ତଳୁ—ମଲ୍ଲଧାନଗଛ ସବୁ କାଢ଼ି ମୋତେ ଦେଖା-ଇଲେ । ନଦୀକୂଳଆ ଅଞ୍ଚଳରେ ମାଇଲ ପରେ ମାଇଲ ଧର ଜମି ଉପରେ ଏହପର ବାଲଚର ହୋଇ ମାଡ଼ ଯାଇଥିଲ, ଲୋକେ ତାର ଉପରେ ସାଷ୍ଟାଙ୍ଗ ହୋଇ ପଡ଼ ସାହାଯ୍ୟ ଭକ୍ଷା କରୁ ଥିଲେ । ହାଡ଼ ଉପରେ, ମୁଣ୍ଡରେ ଟୋପି ପିନ୍ଧ ବସିଥିବା ଏଇ ଗୋଗ୍ସାହେବ, ନଷ୍ପ୍ଦ, ସେମାନଙ୍କ ପ୍ରାଣରକ୍ଷା କରପାରବେ । କନ୍ତୁ ମୁଁ ବା କରବ କଣ ? ଭକ୍ଷା କର ଜୀବନ ବଞ୍ଚାଇବା ପାଇଁ ସେତେବେଳେ ବୁଲୁଥିଲେ ଏଇପର ପନ୍ଦର ହଜାର ନରକଙ୍କାଳ; କନ୍ତୁ ମୋ ପକେଟରେ ଜମ୍ବା ପଇସା ଥିଲ ସାମାନ୍ୟ । ଆଉ ଗୋଟିଏ ଗାଁରେ କେହ ଜଣେ ଦନ

Digitized by srujanika@gmail.com

ମନୁଷ୍ୟ ମାଟିରେ ଗାତ ଖୋଳି, ତା' ଭିତରେ କଦଳୀପତ୍ର ଖଣ୍ଡେ ପକାଇ, କାହାଠାରୁ କିଛି ଭିକ୍ଷା ପାଇବା ଆଶାରେ ବସି ରହିଥିଲା । କିନ୍ତୁ ଉପରର ଆକାଶ ପରି, ମନୁଷ୍ୟର ଦାକ୍ଷିଣ୍ୟ ଓ ସମବେଦନା ସେଦିନ ଥିଲା ଶୂନ୍ୟ । ମୁଁ ଦେଖିବା ବେଳକୁ, କଦଳୀପତ୍ରଟି ତାହାର ବ୍ୟର୍ଥ ଆବେଦନ ପରି ସେହିପରି ସେଠାରେ ଶୂନ୍ୟ ପଡ଼ିଥିଲା । ସେଇଦିନ ମନୁଷ୍ୟଟିର ପ୍ରାଣବାୟୁ ମଧ୍ୟ କ୍ଷୁଧାରେ ସେତେବେଳକୁ ଉଡ଼ିଯାଇଥିଲା । ଆଉ ଏକ ଗାଁ'ରେ ଗୋଟିଏ ମୂର୍ଦ୍ଦାରକୁ ଲୋକେ ପୋତିବା ପାଇଁ କୋକେଇରେ ନେଉଥିଲେ । ମୋତେ ଦେଖାଇବା ପାଇଁ ସେହି ଉଲଗ୍ନ କଙ୍କାଳକୁ ସେମାନେ ମୋ ଆଗରେ ଉଲେ ରଖି ଦେଲେ । ମୂର୍ଦ୍ଦାରଟି ଗୋଟିଏ ସ୍ତ୍ରୀ ଲୋକର—କୌଣସି ଏକ ଦନମନୁଷ୍ୟର ଭଉଣୀ । କ୍ଷୁଧା ଓ ଅନାହାରରେ ତା'ର ଦେହ ଶୁଖି କଙ୍କାଳସାର ଦଶୁଥିଲା । ବନ୍ୟାରେ ଲୋକଙ୍କର ଘରଦ୍ୱାର ନଥିଲା । ପୁଣି କଂସା ବାସନ ଓ ଅନ୍ୟ ଆସବାବ ପତ୍ର ଯାହା କିଛି ବନ୍ୟା ତାଉରୁ ରକ୍ଷା ପାଇଥିଲା, ସେ ସବୁ ଲୋକେ ବନ୍ଧକ କରୁଥିଲେ ଜମିଦାରଙ୍କ ଖଜଣା ଦେବା ପାଇଁ । ଚଉକଦାସ୍ତ ଟିକସ ଆଦାସ୍ତର ଜୁଲୁମରେ ଲୋକେ କବାଟ ଚଉକାଠ ବନ୍ଧକ କରିବା ପାଇଁ ପୁଦ୍ଧା ବାଧ୍ୟ ହେଉଥିଲେ । ଏ ଅଞ୍ଚଳକୁ ମୁଁ ଆସିବାର ଅଳ୍ପ ପୁଂରୁ ଚଉକଦାସ୍ତ ଟିକସ ବନ୍ଦ ରଖିବା ସରକାର ଘୋଷଣା କରିଥିଲେ ପୁଦ୍ଧା, ଏହାର ସୁଫଳ ଆଦାସ୍ତ ହୋଇଥିଲା ।

ମଧୁସୂଦନ ବଲାଉରୁ ଫେରିବା ପରଠାରୁ, ରୁଗ୍ଣ ସ୍ୱାସ୍ଥ୍ୟ ଓ ଷାଠିଏ ବର୍ଷର ବସ୍ତ୍ରସ ସତ୍ତ୍ୱେ, ବନ୍ୟାପୀଡ଼ିତ ଅଞ୍ଚଳରେ ଗ୍ରାମେ ଗ୍ରାମେ ବୁଲି, ବନ୍ୟାଦୁର୍ଗତ, ଅତ୍ୟାସ୍ତରତ ଜନତାର ପରିତାଣ କାର୍ଯ୍ୟରେ ଲାଗି ପଡ଼ିଥିଲେ । ବନ୍ୟାକ୍ରିଷ୍ଟ ଅଞ୍ଚଳରୁ ପ୍ରକୃତ ତଥ୍ୟାବଳୀ ସଂଗ୍ରହ କରି ସରକାସ୍ତ ରିପୋର୍ଟମାନଙ୍କର ତ୍ରୁମାତ୍ମକ ତଥ୍ୟ, ସମ୍ବାଦପତ୍ରମାନଙ୍କରେ ଖଣ୍ଡନ କରିବା ସଙ୍ଗେ ସଙ୍ଗେ, ବଙ୍ଗଳା ସରକାରଙ୍କ ଦୃଷ୍ଟିକୁ ସେ ସବୁ ସେ ଆଣୁଥିଲେ । ଓଡ଼ିଶାରେ ସରକାସ୍ତ କର୍ମସ୍ତ୍ୱମାନେ ଜନଜୀବନର ଏ ଦୁର୍ଗତି ଓ ଦୁର୍ସ୍ଥିତି ପ୍ରତି ଯେପରି ଉଦାସୀନ ରହିଥିଲେ, ତାହା ନଅଙ୍କ ବେଳର ସ୍ମୃତି ଓ ଅଭିଜ୍ଞତା ଜାଗ୍ରତ କରି ଦେଇଥିଲା । ଲୋକେ ମରୁଥିଲେ ଅନାହାରରେ, କିନ୍ତୁ ସରକାସ୍ତ ରିପୋର୍ଟରେ ତାହାକୁ କୁହାଯାଇଥିଲା "ପେଟ ଗୋଲମାଳରେ" ମୃତ୍ୟୁ । *

ଲେଫ୍‌ଟେନ୍ଣ୍ଟ ଗଭର୍ଣ୍ଣର ପ୍ରେଜର ଓ ଶାସନର ସର୍ବୋଚ୍ଚ କର୍ତ୍ତାମାନେ ଏହିପରି ରିପୋର୍ଟ ପାଇ ବେଶ୍ ଆସ୍ପସନ୍ତୁଷ୍ଟ ହୋଇ ବସି ରହିଥିଲେ । କଟକ ଜିଲ୍ଲାରେ ଏତେବଡ଼ ପ୍ରଳସ୍ତଙ୍କସ୍ତ ବନ୍ୟା ଓ ତା ପରେ ପରେ ମରୁଡ଼ି ଦେଖା ଦେଇଥିଲେ ପୁଦ୍ଧା, ଲେଫ୍‌ଟେନ୍ଣ୍ଟ୍ ଗଭର୍ଣ୍ଣର, ପରସ୍ଥିତ ସ୍ୱଚକ୍ଷୁରେ ଦେଖିବା ପାଇଁ ଥରକ ପାଇଁ ପୁଦ୍ଧା ଓଡ଼ିଶା ଆସି ନ ଥିଲେ । କିନ୍ତୁ ଲେଫ୍‌ଟେନ୍ଣ୍ଟ୍ ଗଭର୍ଣ୍ଣରଙ୍କ ନିନ୍ଦା ନ ଉଚ୍ଚିବା ପର୍ଯ୍ୟନ୍ତ ଏ ଅବସ୍ଥା ପୁଧୁରବାର କୌଣସି ସମ୍ଭାବନା ନ ଥିଲା । ସେଥିପାଇଁ ମଧୁସୂଦନ ନାଭିନ୍‌ସନ୍‌ଙ୍କ ସହିତ ଗ୍ରାମେ ଗ୍ରାମେ ବୁଲି, ପରସ୍ଥିତିର ପ୍ରକୃତ ଚିତ୍ର ସଂଗ୍ରହ କରିବାରେ ଲାଗି ପଡିଥିଲେ ।

---

* Henry W. Navinsonଙ୍କ ଲିଖିତ "The News Spirit of India"ର ସପ୍ତମ ଅଧ୍ୟାସ୍ତ The Floods of Orissa (ପୃ ୧୩୪-୧୫୧) ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ନାଭନ୍‌ସନ୍ ପୁଣି ଲେଖିଛନ୍ତି. "ମଧୁସୂଦନଙ୍କ ଶ୍ରୀଷ୍ଟିଆନତା ଓ ସଜ୍ଜନୁବତ୍ତ ସୁଖ୍ୟାତ ସତ୍ତ୍ୱେ, ସରକାର୍ଯ୍ୟ କର୍ମକର୍ତ୍ତାମାନଙ୍କ ପ୍ରତି ସେ ଥିଲେ ଦ୍ୱିଜ ପର ଅସହିଷ୍ଣୁ । ଥରେ ଘତରେ ଆମେ ଗୋଟିଏ ଡାକବଙ୍ଗଲାରେ ପହଞ୍ଚିଲା ବେଳକୁ, ଜଣେ ବଙ୍ଗାଲୀ ମାଜଷ୍ଟ୍ରେଟ୍ ଓ ତାଙ୍କର ଜଣେ ସହକାର୍ଯ୍ୟ, ଦୁଇ ଚନଗୋଟି କୋଠରୀ ଦଖଲ କର ରହିଥିଲେ । ଆମେ ସ୍ଥିର କରନେଲୁ ମିଷ୍ଟର ଦାସ. ବାର୍ଦ୍ଧକ୍ୟ ଓ ଭଗ୍ନସ୍ୱାସ୍ଥ୍ୟ ଦୃଷ୍ଟିରୁ ଅବଶିଷ୍ଟ ସେ କୌଣସି ଗୋଟିଏ କୋଠରୀ ଭିତରେ ରହିବେ । ମୁଁ ମୋ ହାତ୍ତା ପର ମୁକ୍ତ ଆକାଶ ତଳେ, ଘତ୍ତା କଟାଇ ଦେବ । ଏହିପର ନଷ୍ପତ୍ତି କର ଆମେ ନଜ ନଜ ନାମ, ଡେପୁଟୀ ମାଜଷ୍ଟ୍ରେଟ୍‌ଙ୍କ ପାଖକୁ ପଠାଇବାରୁ ସେ ଆମକୁ ଭିତରକୁ ଡାକଲେ । ମିଷ୍ଟର ଦାସଙ୍କୁ ସେ ଭଲ ଘବରେ ବୋଧହୁଏ ଜାଣିଥିଲେ । ସେଥିପାଇଁ ଆମ ସହିତ ବ୍ୟବହାରରେ, ସୁଗ୍ରେପୀସ୍ୱ ମର୍ଯ୍ୟାଦାର ତ୍ରରୁ ସେ ଯେପର ତଲକୁ ଖସି ନ ପଡ଼ନ୍ତି, ସେଥିପାଇଁ ବଗ୍ରବର ସଚେତନ ଥିଲେ । ସେଥିପାଇଁ ବୋଧହୁଏ ଆମ୍ନଚୌକି ବାଡ଼ ଉପରେ ଦୁଇଗୋଡ଼ ଲମ୍ବାଇ ସେ ଆମକୁ ଅଭ୍ୟର୍ଥନା କଲେ । ସେତେବେଳେ ବୋଧହୁଏ ଇଂରେଜ କର୍ମଘ୍ଟମାନେ ଦେଶୀସ୍ୱ ଲେକମାନଙ୍କ ପ୍ରତି ଏଇପର ଘବରେ ଅଭ୍ୟର୍ଥନା କରବାର ରେଓ୍ୱାଜ୍ ଥିଲ । ଏ ମହାଶସ୍ୱ ସେପିରୁ ବାଦ ପଡ଼ଥାନ୍ତେ କପର ? ଡାକବଙ୍ଗଲା ବାହାରେ ଅନ୍ଧାରରେ ଚନ ଘ୍ରର ଜଣ ସ୍ତ୍ରୀ ଲେକ ବସ୍ତ୍ର ବେଳୁ ବାଡୁନ ବାଡୁନ ଜାହୁଥିଲେ । ମିଷ୍ଟର ଦାସ. ଡେପୁଟୀ ମାଜଷ୍ଟ୍ରେଟ୍‌ଙ୍କୁ ଅନୁରୋଧ କଲେ, ପ୍ରଥମେ ସେମାନଙ୍କ କଥା ବୁଝିବା ପାଇଁ । ସ୍ତ୍ରମ୍ମାନେ ସେମାନଙ୍କର ଅନାହାରରେ ପ୍ରାଣ ହଘ୍ଗଇଛନ୍ତି । ବର୍ତ୍ତମାନ ସେମାନେ ନଘ୍ଶସ୍ୱା । ମାନ୍ତ ଡେପୁଟୀ ମାଜଷ୍ଟ୍ରେଟ୍ ଆସ୍ନ ଚଉକ ଉପରେ ସେହିପର ଗୋଡ଼ ଲମ୍ବାଇ, ନରୁଦ୍‌ବଗ୍ନ କଣ୍ଠରେ ଉତ୍ତର ଦେଲେ, ସେମାନଙ୍କ "କେସ୍" ସେ ବହୁ ପୁଂରୁ ଫଏସଲା କରସାରଛନ୍ତି । ସେମାନଙ୍କ ସ୍ତ୍ରମ୍ମାନେ ଯେ ଅନାହାରରେ ମରନାହାନ୍ତି, ଏହାର ସାକ୍ଷ୍ୟ ପ୍ରମାଣରେ ତାଙ୍କର ଦୃଢ଼ବୋଧ ହୋଇଛି ।

ଏହାପରେ ଆଉ କେତେ ଘଟଣା ଯେନ, ମି. ଦାସ ସେହି ଡେପୁଟୀ ମାଜଷ୍ଟ୍ରେଟ୍‌ଙ୍କୁ ଯେପର ଜେରା କଲେ; ସେଥିରୁ ମନେହେଲା, ଡେପୁଟୀ ମାଜଷ୍ଟ୍ରେଟ ନଜ ତଥ୍ୟ ସମ୍ପର୍କରେ ଯେପର ନ୍ୟସନ୍ଦେହ ନୁହନ୍ତି । ଯାହାହେଉ ତାଙ୍କର ଘ୍ରସ୍ଥ ବାହେଲ ହେଲ—ସରକାର୍ଯ୍ୟ କର୍ମଘ୍ଟମାନଙ୍କ ସମ୍ପର୍କରେ ଅବହେଲା ଓ ଜୁଲମ୍‌ର ଅଭିଯୋଗ ସର୍ବୈବ ମିଥ୍ୟା । ପୁଣି ଜେରାର ଜବାବ୍ ଦେବା ତାଙ୍କର କର୍ତ୍ତବ୍ୟ ନୁହେଁ । ମିଷ୍ଟର ଦାସ, ଏଥିରେ ତଥାପି ନରସ୍ତ ନ ହୋଇ ତାଙ୍କର ଜେରା ପୁଂପର ଚଲାଇଥିଲେ । ଅବଶେଷରେ ଡେପୁଟୀ ମାଜଷ୍ଟ୍ରେଟ ପ୍ରଚଣ୍ଡ ବରଣ୍ଟରେ ଆଉ କୌଣସି ପ୍ରଶ୍ନର ଉତ୍ତର ଦେବେନାହିଁ ବୋଲ ଚରମ ନଷ୍ପତ୍ତି ଶୁଣାଇ ଦେଲେ । ଆମେ ତାଙ୍କର ରୁଖ୍ ଜୋତାକୁ ଶୁଭଘ୍ରତି ଜଣାଇ ସେଠାରୁ ଗ୍ଲି ଆସିଲୁ ।

ଦନେ ଦୁଇଦନ ପରେ, ଫେରିବା ବାଟରେ ଆମେ ଜାଣିଲୁ, ଆମ ସହିତ କୌଣସି ଗ୍ରାମବାସୀ ଯେପର ଦେଖା ସାକ୍ଷାତ ନ କରନ୍ତି, ସେଥିପାଇଁ ଚଉକଦାରମାନଙ୍କ ଜରିଆରେ କଡ଼ା ତାକଦ୍ ଜାର ହୋଇ ଯାଇଛି । ଆଦେଶ ଅମାନ୍ୟ କଲେ କଠୋର ଶାସ୍ତ୍ତିର ଧମକ ।

Digitized by srujanika@gmail.com

ଅମଲ୍ଗଭର୍ନ୍ମୀ ଶାସନରେ ସରକାର୍ଙ୍କ ହାକମ ଓ ପୋଲିସ ପ୍ରତି ଲୋକଙ୍କର ଏପର କୋକୁଆ ଭସ୍ମ ଯେ, ଲୋକେ ଯେଉଁଠି ଶହ ଶହ ସଙ୍ଖ୍ୟାରେ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ଜଣାଇବା ପାଇଁ ଅଥବା ସେମାନଙ୍କର ଜାତୀୟ ସଙ୍କେତ ହାତକୁ ଦେଖିବା ପାଇଁ, ଆମ ପାଖରେ ରୁଣ୍ଡ ହେଉଥିଲେ, ଡେପୁଟି ମାଜିଷ୍ଟ୍ରେଟଙ୍କ ଏ ହୁକୁମ ପରେ ଆଉ କେହି ଆମ ପାଖ ମାଡ଼ିଲେ ନାହିଁ । ଯେଉଁ କେତେଜଣ ଆସିଲେ—ସେମାନେ ଲୁଚ ଲୁଚ ଆସିଲେ ଭୀତ, ଶଙ୍କିତ ଭାବରେ ।"

ଏଇ ଥିଲା ସେତେବେଳର ଅବସ୍ଥା । ବ୍ରଜସୁନ୍ଦର ଓ ଗୋପବନ୍ଧୁ ପ୍ରମୁଖ କଟୁ କଟୁ ମୁଠିଭିକ୍ଷା ସଂଗ୍ରହ କରି, ଦୁର୍ଭିକ୍ଷକ୍ଲିଷ୍ଟ ଅଞ୍ଚଳରେ ଅବଶ୍ୟ ବଣ୍ଟନ କରୁଥିଲେ । ମାତ୍ର ସଙ୍କଟର ଗମ୍ଭୀରତା ଓ ବ୍ୟାପକତା ଦୃଷ୍ଟିରୁ, ତାହା ଥିଲା ଅତି ସାମାନ୍ୟ ।

ମଧୁସୂଦନ ବନ୍ୟାଞ୍ଚଳରୁ ଫେରିବା ପରେ ପରେ ରାମଶଙ୍କରଙ୍କୁ କହିଲେ "ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜର ଓଡ଼ିଶା ଆସି ଅବସ୍ଥା ସ୍ୱଚକ୍ଷୁରେ ନ ଦେଖିବା ପର୍ଯ୍ୟନ୍ତ କଂଗ୍ରେସର କଲେକ୍ଟର ବା କମିଶନରଙ୍କର ଜଦ୍ ବନ୍ଦ ହେଉଁବ ନାହିଁ ।"

ରାମଶଙ୍କର ଉତ୍ତର ଦେଲେ "କନ୍ତୁ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ତ କମିସନରଙ୍କ ରିପୋର୍ଟରେ ସନ୍ତୁଷ୍ଟ । ତାଙ୍କ ମତରେ ଦୁର୍ଭିକ୍ଷ ସମ୍ପର୍କରେ ଯେତେ ଯାହା ପ୍ରସ୍ତାବ ହୋଇଛି ସେ ସବୁ ଅତିରଞ୍ଜନ । ଏତେ କଷ୍ଟ କଣ ସେ ଓଡ଼ିଶାକୁ ଆସିବେ କାହିଁକି ?"

କଲିକତାର—ସାହେବୀ ପତ୍ରିକା 'ଷ୍ଟେଟ୍‌ସ୍‌ମାନ୍' ସୁଦ୍ଧା ତା ୧୬-୧୧-୧୯୦୭ ରିଖ ସଂଖ୍ୟାରେ ବନ୍ୟାଦୁର୍ଗତ ଓଡ଼ିଶାର ଜୀବନ ସଙ୍କଟ ପ୍ରତି, ଶାସନର ଚରମ ଉଦାସୀନତାର କଠୋର ପ୍ରତିବାଦ କରି ଏକ ଅଗ୍ରଲେଖାରେ ଲେଖିଥିଲେ.....

"× × Some of the afflicted districts have not once been visited by the Collector × × × and there has been no indication of a Government power except one, the collection of Chowkidari tax, while the people were selling their very door posts to buy rice and have been driven to their wit's end for food, the Goverment's minions have been busy upon distraining upon the starving."

ସାହେବୀ କାଗଜମାନଙ୍କରେ ଏପର ତୀବ୍ର ଭର୍ତ୍ସନା ଓ ସମାଲୋଚନା ସୁଦ୍ଧା, ବଙ୍ଗଳା ସରକାରଙ୍କ ଉଦାସୀନତା ଉପରେ କ୍ଷୀଣ ରେଖାପାତ କରିପାରି ନଥିଲା । ସେମାନଙ୍କ ଦୃଷ୍ଟିରେ ଏ ସବୁ ଥିଲା ଅତିରଞ୍ଜନ ଏକ୍‌ଜାଜରେସନ୍ ।

ମଧୁସୂଦନ କହିଲେ···"ଜନଶକ୍ତି ଜାଗ୍ରତ, ସଙ୍ଗଠିତ ନହେଲେ, ମୁଠିଭିକ୍ଷାରେ କେବଳ ଲୋକଙ୍କୁ ବଞ୍ଚାଇ ହେବ ନାହିଁ ।"

ମଧୁସୂଦନଙ୍କ ପରାମର୍ଶରେ ଏହି ଅଭିପ୍ରାୟରେ କଟକ କାଉନ୍‌ସିଲ୍‌ଭେଣ୍ଟ ହଲରେ ଆୟୋଜିତ ହେଲା ଦୁର୍ଭିକ୍ଷ-ସାହାଯ୍ୟ ସଭା । "ଉତ୍କଳ ଦୀପିକା" ଏହାର ବିବରଣୀ ଲିପିବଦ୍ଧ

Digitized by srujanika@gmail.com

କରଥିଲେ; "ବାବୁ ରାମଶଙ୍କର ଗୁପ୍ତ ସଭାର କାର୍ଯ୍ୟ ଆରମ୍ଭ କର କହିଲେ ବଲ୍ଲଭରୁ ଫେର ଆସିବା ସମସ୍ତଙ୍କୁ ମିଷ୍ଟର ମଧୁସୂଦନ ଦାସ, ଏ ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟରେ ବ୍ରତୀ ହୋଇ-ଥିବାରୁ ତାଙ୍କୁ ସଂ-ସମ୍ମତକ୍ରମେ ସଭାପତି ମନୋନୟନ କରିଯାଉ । କନକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହାକୁ ସମର୍ଥନ କଲେ । ସେହି ସଭାରେ ଉପସ୍ଥିତ ଥିବା ବଲ୍ଲଭ ସମ୍ବାଦପତ୍ରମାନଙ୍କର ପ୍ରତିନିଧି ନାଇନ୍‌ସନ ସାହେବଙ୍କୁ ସଭାପତି ଚୟନ କରାଇ ଦେଇ କହିଲେ ଯେ, ନାଇନ୍‌ସନ ସାହେବ ସୁଦୂରେ ସଂଜ୍ଞ ପରିଚିତ । ରୁଷିଆ ଦେଶର ବିପ୍ଳବ ବେଳେ ସେଠାରେ ସେ ଉପସ୍ଥିତ ଥିଲେ । କ୍ରୀତଦାସ ବ୍ୟବସାୟ (Slave-trade) ଉଠାଇ ଦେବା ଆନ୍ଦୋଳନ ସମୟରେ ସେ ଆଫ୍ରିକାରେ ଥିଲେ । ବଲ୍ଲଭର ଲୋକେ ଭୋରତ ଥିବା ଉତ୍କଳର ଅବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ଏଠାକାର ଅବସ୍ଥା ଦେଖି ବଲ୍ଲଭର ଲୋକମାନଙ୍କୁ ଜଣାଇବା କାରଣ, ନାଇନ୍‌ସନ୍ ସାହେବ ବହୁ କଷ୍ଟ ଓ ତ୍ୟାଗ ସ୍ୱୀକାର ପୂର୍ବକ ସାତ ହଜାର ମାଇଲ ଦୂରରୁ ଏଠାକୁ ଆସିଛନ୍ତି । ଅତୀତର ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଦୁରବସ୍ଥା ବିଷୟ ବିଶଦ ଭାବରେ ବୁଝାଇ ସେ ନିଜେ ଯାହା ଦେଖିଛନ୍ତି ବର୍ଣ୍ଣନା କଲେ ଏବଂ ଜଣ୍ଟା ମାଜିଷ୍ଟ୍ରେଟ ଓ ସବ୍‌ଡ଼ିଭିଜନାଲ ଅଫିସର ଯାଜପୁର, କେନ୍ଦ୍ରାପଡ଼ାରେ ଅନ୍ନକଷ୍ଟ ଭୋଗୁଥିବା ପ୍ରଜାଙ୍କୁ ସାହାଯ୍ୟ ବଦଳରେ ଯେଉଁ ସମସ୍ତ ଦୁର୍ବ୍ୟବହାର କରୁଛନ୍ତି; ଯଥା ଘରେ ପରେ ପଶି ଭୋଜନାର୍ଥି ଦେଖିବା ଓ ସ୍ତ୍ରୀ ଲୋକମାନଙ୍କର ଲୁଗା କାଢ଼ି ଅଳଙ୍କାର ଦେଖିବା ପ୍ରଭୃତି ଅଭିଯୋଗ କରିଥିଲେ । କଲିକତାର "ଷ୍ଟେଟସ୍‌ମାନ" ପତ୍ରିକାରେ ଏବ କ'ଣ ବର୍ଣ୍ଣନା କରିଥିଲ ଓ ତାହା ଉକ୍ତ ସମ୍ବାଦପତ୍ରର ପ୍ରତିନିଧି କିପରି ପ୍ରକାଶ କରିଥିଲେ, ତାହା କହିଥିଲେ ।

କେନ୍ଦ୍ରାପଡ଼ାର ସବ୍‌ଡ଼ିଭିଜନାଲ ମାଜିଷ୍ଟ୍ରେଟ କାହାକୁ ଗୁପୁଡ଼ା ମରିଥିଲେ, ଜଣେ ଭିକ୍ଷୁକକୁ କିପରି ଆଘାତ କରି ଜଖମ କରିଥିଲେ ଓ ଚୌକିଦାର ଟ୍ୟାକସ ଆଦାୟ ସମ୍ବନ୍ଧରେ ଲୋକେ ଯେଉଁ ଦୁରବସ୍ଥା ଭୋଗୁଛନ୍ତି, ତାହା ସେ ବର୍ଣ୍ଣନା କରିଥିଲେ । ଏହି ସଭାରେ ଏକ ଦୁର୍ଭିକ୍ଷ ସାହାଯ୍ୟ-ସମିତି ଗଠିତ ହେଲ । ତହିଁରେ ମଧୁସୂଦନ ଦାସ ସଭାପତି ରହିଲେ । ଦୁର୍ଭିକ୍ଷ ସାହାଯ୍ୟ ଓ ପ୍ରତିକାର ସମ୍ପର୍କରେ ଗଭର୍ଣ୍ଣମେଣ୍ଟକୁ ଏକ ସ୍ମାରକ ପତ୍ର ଦେବାର ସ୍ଥିର ହେଲ ।"

ଏହାପରେ ସାର୍ ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର୍ ସାର ଆଣ୍ଡ୍ରୁ ଫ୍ରେଜର୍‌ଙ୍କ ନଦ ଭ୍ରମଣ । ବନ୍ୟାର ଦୀର୍ଘକାଳ ପରେ ସାର ଆଣ୍ଡ୍ରୁ ଆସିଲେ, ବନ୍ୟା, ଦୁର୍ଭିକ୍ଷକ୍ଲିଷ୍ଟ ଅଞ୍ଚଳର ଅବସ୍ଥା ପରିଦର୍ଶନ ପାଇଁ । ମଧୁସୂଦନଙ୍କ ସହିତ ତାଙ୍କର ଦୀର୍ଘ ଆଲୋଚନା ହେଲ, ପ୍ରକୃତ ପରିସ୍ଥିତି ସଂପର୍କରେ । ଦୁର୍ଭିକ୍ଷକ୍ଲିଷ୍ଟ ଅଞ୍ଚଳରେ, ପରିତ୍ରାଣ ବ୍ୟବସ୍ଥା ପାଇଁ ଶାସନ କଲରେ ସାଜ ସାଜ ରବ ପଡ଼ିଗଲ୍ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର, କମିସନ କୋଠାରେ କ୍ୟାମ୍ପ କର ବଭନ୍ନ ଅଞ୍ଚଳରେ ଅବସ୍ଥା ସ୍ୱଚକ୍ଷୁରେ ପରିଦର୍ଶନ କରିବା ପାଇଁ ଲାଗିଲେ । ଦୁର୍ଭିକ୍ଷ

Digitized by srujanika@gmail.com

ପରିସ୍ଥିତି ଯେ ଏତେ ଉତ୍କଟ ସେ ସମ୍ପର୍କରେ ପ୍ରକୃତରେ ତାଙ୍କର କୌଣସି ଧାରଣା ନଥିଲା । ସରକାସ୍ଟ ରିପୋର୍ଟରେ ସେ ଥିଲେ ସନ୍ତୁଷ୍ଟ ।

ମଧୁସୂଦନ କେତେଦିନ ପରେ....ସେ ଦିନ ବାର୍ ଲାଇବ୍ରେରୀକୁ ଆସିବାମାତ୍ରେ ଗୋପାଳ ପ୍ରହରୀଜ ହଠାତ୍ ପଚାରିଲେ, "ଫ୍ରେଜର ସାହେବ ଆପଣଙ୍କୁ କୁଆଡ଼େ ଖୁବ୍ ଗାଳୀଗୁଲଜ କଲେ ? କନ୍ଥ କାହିଁକି ?"

ମଧୁସୂଦନ ବିସ୍ମିତ କଣ୍ଠରେ ପଚାରିଲେ···"ଫ୍ରେଜର ସାହେବ ମୋତେ ଗାଳିଗୁଲଜ କଲେ ? କଏ ଦେଲା ତୁମକୁ ଏ ଖବର ?"

ସରକାସ୍ଟ ଆଡ଼ଭୋକେଟ ଜାନକୀ ବୋଷ, ଇତ ପୂର୍ବେ ବାର୍-ଲାଇବ୍ରେରୀରେ ଚଲାଇ ନେଇଥିଲେ "ଆଜି ଲେଫ୍ଟନେଣ୍ଟ ଗଭର୍ଣ୍ଣର, କର୍ତ୍ତାଙ୍କୁ (ମଧୁସୂଦନ) ଯେପରି ଗାଳି ଗୁଲଜ କଲେନା, ମୋତେ ସେପରି ଗାଳି ଗୁଲଜ କରିଥିଲେ ମୁଁ ସରକାସ୍ଟ ଆଡ଼ଭୋକେଟ ଷ୍ଟୁକସ୍ଟରୁ ସେଇ ସଙ୍ଗେ ସଙ୍ଗେ ଇସ୍ତଫା ଦେଇଥାନ୍ତି ।"···ଜାନକୀ ବାବୁ ସରକାସ୍ଟ ଆଡ଼ଭୋକେଟ; ତାଙ୍କ କଥାକୁ କଏ ଅବିଶ୍ୱାସ କରିବ ବା କାହିଁକି ?

ଦୁର୍ଭିକ୍ଷ ପରିତାଣ ବ୍ୟବସ୍ଥା ସମ୍ପାନ୍ତରେ ଆଲୋଚନାବେଳେ କନ୍ଥା କଲେକ୍ଟର ଓ ସବ୍-ଡିଭିଜନାଲ ମାଜିସ୍ଟ୍ରେଟ୍‌ମାନଙ୍କ ଅବହେଳା ପ୍ରତି ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ଦୃଷ୍ଟି ଦୋଧ ହୋଇଥିଲେ ସୁଦ୍ଧା, ମଧୁସୂଦନ ଅନେକଟା ଅତିରଞ୍ଜନ କରିଛନ୍ତି ବୋଲି ସେ ଆକ୍ଷେପ କରିଥିଲେ ।

ଜାନକୀ ବାବୁ ଏଇଆକୁ ଚଲେଇ ଦେଇଥିଲେ, ମଧୁସୂଦନଙ୍କ ପ୍ରତି ଲେଫ୍‌ଟନେଣ୍ଟ-ଗଭର୍ଣ୍ଣରଙ୍କ କଠୋର ଭର୍ତ୍ସନା ।

ମଧୁସୂଦନ ସେଇଠି ବାର୍-ଲାଇବ୍ରେରୀରେ ବସି, ଲେଫ୍‌ଟନେଣ୍ଟ ଗଭର୍ଣ୍ଣରଙ୍କୁ ଚିଠି ଲେଖିଲେ,—"ମୋର ଅଭିଯୋଗ ଅତିରଞ୍ଜନ ବୋଲି ଆପଣଙ୍କ ସହିତ ସାକ୍ଷାତ ବେଳେ, ଆପଣ ମୋତେ ଭର୍ତ୍ସନା କରିଥିବା ଆପଣଙ୍କ ସରକାସ୍ଟ ଆଡ଼ଭୋକେଟ ବାର୍-ଲାଇବ୍ରେରୀରେ ପ୍ରଘୋଷ କରିଛନ୍ତି । ମୋର ଅଭିଯୋଗ ସବୁ ଅତିରଞ୍ଜିତ ବୋଲି ଆପଣ ଯଦି ଭାବୁଥାନ୍ତି, ତାହେଲେ ମୋତେ ତାହା ଜଣାଇ ଦେଲେ ଭଲ ହୁଅନ୍ତା । ତା'ହେଲେ ଲ୍ୟାଣ୍ଡସ୍ କ୍ୟାପେଟାଲ୍-ଅଫ୍-ଷ୍ଟେଟ ପ୍ରମୁଖଙ୍କ ପ୍ରକୃତ ପରିସ୍ଥିତି ଓ୍ୱାକିବହାଲ୍ କରିବା ପାଇଁ ମୁଁ ଚେଷ୍ଟା କରନ୍ତି ।"

ଯଥା ସମୟରେ ମଧୁସୂଦନଙ୍କ ପତ୍ର ଲେଫ୍‌ଟନେଣ୍ଟ-ଗଭର୍ଣ୍ଣରଙ୍କ ହସ୍ତଗତ ହୋଇଥିଲା ।

Digitized by srujanika@gmail.com

ସେଇଦିନ ରାତ—ଅନେକ ବଳମ୍ବ ହୋଇଥିଲା ।

ମଧୁସୂଦନ ତାଙ୍କ ଲାଇବ୍ରେରୀରେ ଏ ପାଖରୁ ସେ ପାଖ ପାଦଚାରଣ କରି କୌଣସି ମୋକଦ୍ଦମା ସମ୍ପର୍କରେ ପ୍ରସ୍ତୁତ ହେଉଥିଲେ । ଏଇଟା ତାଙ୍କର ଚଉଚଣ୍ଡ ଅଭ୍ୟାସ । ସେତେ ରାତରେ ହାତ ଭତରକୁ ଗୋଟାଏ ଘୋଡ଼ାଗାଡ଼ି ଆସି ପୋର୍ଚ୍ଚଟଲେ ରହିବା ଶବ୍ଦରେ ସେ ହଠାତ୍ ବିସ୍ମିତ ହୋଇଥିଲେ । ଘୋଡ଼ାଗାଡ଼ିରେ ଆସିଥିଲେ ସରକାସ୍ତ ଆଡ଼ଭୋକେଟ୍ ଜାନକୀନାଥ ।

ଲାଇବ୍ରେସ୍ତା ଭତରେ ହଠାତ୍ ଅସମୟରେ ଜାନକୀ ବାବୁଙ୍କୁ ଦେଖି, ମଧୁସୂଦନ ବିସ୍ମିତ ହୋଇ ଉଠିଲେ ।

ଜାନକୀ ବାବୁ ବିନା ଉପକ୍ରମଣିକାରେ କହିଲେ·····"ମୋତେ କ୍ଷମା କରନ୍ତୁ" ।

"କ୍ଷମା କେଉଁଥି ପାଇଁ ? ବ୍ୟାପାର କଣ ?" ମଧୁସୂଦନ ବିସ୍ମିତ କଣ୍ଠରେ ପଚାରିଲେ ।

ଲେଫ୍ଟନେଣ୍ଟ ଗଭର୍ଣ୍ଣରଙ୍କ ଠାରୁ ଜାନକୀନାଥଙ୍କୁ ମିଳିଥିଲା କଡ଼ା ନିର୍ଦ୍ଦେଶ, ମଧୁସୂଦନଙ୍କ ଠାରେ କ୍ଷମାଭିକ୍ଷା କରିବା ପାଇଁ ।

ଜାନକୀ ବାବୁ ଅପ୍ରତିଭ କଣ୍ଠରେ ଉତ୍ତର ଦେଲେ "କଥାଟା ବାସ୍ତବିକ ଏପରି ଆକାର ଧରିବ ବୋଲି ମୁଁ କେବେ ଭାବି ନ ଥିଲି ।"

ମଧୁସୂଦନ କଥାଟା ବୁଦ୍ଧିପାରି କହିଲେ·····"ଭାଇ ତ ବଲ୍ ଜାନକୀ, ତୁମି ଜାନ କି ? କେନୋ ମିଟ୍ଟୁ ମିଛ ଏ ସବୁଡେ ମାଥା ପୂରାଉ ?"

ଲେଫ୍ଟନେଣ୍ଟ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜର ଓଡ଼ିଶାରୁ ବଦାସ୍ତନେଇ ଘୁଲିଗଲେ । ଦୁର୍ଭିକ୍ଷକ୍ଲିଷ୍ଟ ଅଞ୍ଚଳରେ ପରିତାଣ କାର୍ଯ୍ୟ ପାଇଁ ସରକାସ୍ତ କଲ ଭଡ଼ା ମୋଡ଼ ଚେଇଁ ଉଠିଲା । କେନ୍ଦ୍ରାପଡ଼ାର ଡେପୁଟି ମାଜିସ୍ଟ୍ରେଟ ବଲରାମ ମଲ୍ଲିକଙ୍କପରି କେତେଜଣ ନବତ ଅଫିସର ଓଡ଼ିଶାରୁ ବଦଳୀ ହୋଇଗଲେ । ବଡ଼ ଦିନ ଉପଲକ୍ଷେ ସେଥର ସେକ୍ରେଟାରିଏଟ୍-ଅଫ୍-ଷ୍ଟେଟ୍ ଲର୍ଡ଼ଜନ୍ ମରଲେଙ୍କ ନିକଟକୁ ମଧୁସୂଦନ ଉପହାର ପଠାଇଲେ, ଆର୍. ଏଲ୍. ମିତ୍ରଙ୍କ "Antiquities of Orissa" ଗ୍ରନ୍ଥ ଆଉ ସେଥି ସହିତ, ଦୁର୍ଭିକ୍ଷର କେତେକ ଫଟୋଗ୍ରାଫ.... ଓଡ଼ିଶା ଦେନେ ଯାହାଥିଲା, ବ୍ରିଟିଶ ଶାସନରେ ଯାହା ହୋଇଛି—ତାହାର ପ୍ରାମାଣିକ ନିଦର୍ଶନ କୋଣାର୍କ ଓ ଜଙ୍ଗାଲ ।

Digitized by srujanika@gmail.com

(ଛଅ)

୧୯୦୭ ସାଲ ଡିସେମ୍ବରରେ ସେ ବର୍ଷ, ଉତ୍କଳ-ସମ୍ମିଳନୀର ଅଧିବେଶନ ଆଉ ହୋଇ ପାରିଲା ନାହିଁ । ଓଡ଼ିଶା ପ୍ରତି ବଙ୍ଗଳା ସରକାରର ସହାନୁଭୂତି ବର୍ଜିତ ମନୋଭାବ ଓ ଅବହେଳା ହେତୁ, ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ଉତ୍କଟତା କପରି ଭୟାବହ ହୋଇଥିବ, ମଧୁସୂଦନ ଅଙ୍ଗେ ଲଭିଇ ନ ଥିଲେ ସୁଦ୍ଧା ବର୍ତ୍ତମାନର ଅଭିଜ୍ଞତାରୁ କିଛି କିଛି ଅନୁମାନ କରି ପାରୁଥିଲେ । ୧୯୦୭ ସାଲ ବନ୍ୟା ଓ ଦୁର୍ଭିକ୍ଷରେ ଭାଙ୍ଗି ମିଳାଇଥିଲା ପ୍ରତ୍ୟକ୍ଷ ଅଭିଜ୍ଞତା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକୀକରଣ ଦ୍ୱାରା ଓଡ଼ିଶାବାସୀ ଏକ ଶାସନାଧୀନରେ ନ ରହିବା ପର୍ଯ୍ୟନ୍ତ, ସେମାନଙ୍କର ଯେ ପରିତ୍ରାଣ ନ ଥିଲା—ଏ ଧାରଣା ମଧୁସୂଦନଙ୍କ ଚିନ୍ତାରେ କ୍ରମେ ଦୃଢ଼ୀଭୂତ ହେଉଥିଲା ।

କିନ୍ତୁ ମାସ ଓ ବର୍ଷ ଯେତିକ ଅତିତ ହେଉଥିଲା, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକୀକରଣର ସମ୍ଭାବନା କ୍ରମେ ସେତିକ ଦୂରାହତ ହୋଇ ଉଠୁଥିଲା । ଉତ୍କଳ-ସମ୍ମିଳନୀର ପ୍ରାଣଶକ୍ତି ମଧ୍ୟ କ୍ରମେ ସିମିତ ହୋଇ ଆସୁଥିଲା । ଶିକ୍ଷୋନ୍ନତି ଓ ସମାଜ-ସଂସ୍କାର ପ୍ରଭୃତି କେତେକ ସର୍ବଜିଲ୍ଲାପୂର୍ତ୍ତି ଜନହିତ ବିଷୟବସ୍ତୁଠାରୁ, ଉତ୍କଳ-ସମ୍ମିଳନୀର ବାର୍ଷିକ ଆଲୋଚନା ଓ କର୍ମଯୋଜନା ଆଉ ବେଶୀ ଦୂର ଅଗ୍ରସର ହୋଇ ପାରୁ ନ ଥିଲା । ମଧୁସୂଦନ ମଧ୍ୟ ନିଜକୁ ସମ୍ମିଳନୀଠାରୁ ଏକ ପ୍ରକାର ସ୍ୱେଚ୍ଛାକୃତ ଦୂରତ୍ୱରେ ରଖୁଥିଲେ ।

ମାତ୍ର ଗନ୍ତାମର ଓଡ଼ିଆମାନେ ଓଡ଼ିଶା ସହିତ ମିଶିବା ପାଇଁ ସ୍ୱରତ ସରକାର ଓ ମାଦ୍ରାଜ ସରକାରଙ୍କ ନିକଟକୁ ସ୍ମାରକପତ୍ର, ଆବେଦନ, ନିବେଦନ ପଠାଇବାରେ ତଥାପି କ୍ଲାନ୍ତ ହୋଇ ନ ଥିଲେ । ବସ୍ତୁତଃ ସେହି ନିବେଦନଗୁଡ଼ିକ, ନିରୁତ୍ସାହଜନକ ପରିସ୍ଥିତିରେ, ପୂର୍ଣ୍ଣାଙ୍ଗ-ଉତ୍କଳ-ଗଠନର ସ୍ୱପ୍ନ ଓ ସମ୍ଭାବନା ବଞ୍ଚାଇ ରଖିଥିଲେ କେବଳ ଗନ୍ତାମର ଓଡ଼ିଆମାନେ ।

ଏଇ ସମୟରେ ୧୯୦୭ ସାଲ ଡିସେମ୍ବର ମାସରେ ସ୍ୱରତକୁ ଆସିଲେ ଶାସନ-ସଂସ୍କାର ସମ୍ପର୍କରେ ଲର୍ଡ଼ ଜର୍ଜଲଣ୍ଡଙ୍କ ଅଧ୍ୟକ୍ଷତାରେ ନିଯୁକ୍ତ ଡିସେଣ୍ଟ୍ରାଲାଇଜେସନ୍-କମିସନ୍ ।

କେନ୍ଦ୍ର ଶାସନରେ ପୁଞ୍ଜୀଭୂତ କ୍ଷମତା ପ୍ରାଦେଶିକ ସ୍ତରକୁ ଓ ପ୍ରାଦେଶିକ ସ୍ତରର କ୍ଷମତା ଜିଲ୍ଲା-ସ୍ତରକୁ ବିକେନ୍ଦ୍ରୀତ କରିବା ସମ୍ପର୍କରେ ପ୍ରସ୍ତାବ ଦେବା ପାଇଁ ଏହି କମିସନ୍ ଗଠିତ ହୋଇଥିଲା । କମିସନ୍ ଆଗରେ ସାକ୍ଷ୍ୟ ଦେବାପାଇଁ ଆମନ୍ତ୍ରିତ ହୋଇଥିଲେ ଉତ୍କଳ-ସଭା (ଓଡ଼ିଆ ଆସୋସିଏସନ୍) । ଉତ୍କଳ-ସଭାର ଏକ ବୈଠକ ଆହୂତ ହୋଇଥିଲା ଡିସେଣ୍ଟ୍ରାଲାଇଜେସନ୍ କମିସନ୍ ଆଗରେ ସାକ୍ଷ୍ୟର ବିଷୟବସ୍ତୁ ଓ ଆନୁମୁଖ୍ୟ ଆଲୋଚନା କରିବା ପାଇଁ ।

ମଧୁସୂଦନ କହିଲେ..."ବେଲ ପାଚିଲେ କାଉର କ ଯାଏ ? ଶାସନ ବିକେନ୍ଦ୍ରୀକରଣ ଫଳରେ ପ୍ରାଦେଶିକ ସରକାରମାନେ ଅବଶ୍ୟ ଅଧିକତର କ୍ଷମତା ପାଇବେ । କିନ୍ତୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ ଏକ ପ୍ରଦେଶ ରୂପେ ସ୍ୱୀକୃତ ନ ହେବା

Digitized by srujanika@gmail.com

ପର୍ଯ୍ୟନ୍ତ, ଶାସନ ବକେନ୍ଦ୍ରୀକରଣରେ ଓଡ଼ିଆମାନଙ୍କର ଯାଏ କେଡେ ଆସେ କେଡେ ? ସେମାନଙ୍କ ପାଇଁ କେନ୍ଦ୍ର ସରକାର, ପ୍ରାଦେଶିକ ସରକାର ସବୁ ସମାନ ।"

ମଧୁସୂଦନ ପ୍ରସ୍ତାବ ଦେଲେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ପାଇଁ କମିସନ୍‌ଙ୍କଠାରେ ପୁଣି ପ୍ରସ୍ତେ ସ୍ମାରକପତ୍ର ଦେବା ପାଇଁ ।

ଗୋକୁଳାନନ୍ଦ ଆପତ୍ତି ଉଠାଇଲେ...."କନ୍ତୁ ଏ ବିଷୟଟି ଏଠାରେ ପ୍ରସଙ୍ଗ ବହିର୍ଭୂତ ହେବ ନାହିଁ କ ?"

ଅସହିଷ୍ଣୁ କଣ୍ଠରେ ମଧୁସୂଦନ ଉତ୍ତର ଦେଲେ...."ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନ ହେଲେ, ଶାସନ-ବକେନ୍ଦ୍ରୀକରଣରୁ ଓଡ଼ିଆମାନେ କ ଲାଭଟା ପାଇବେ ? ଓଡ଼ିଆଭାଷୀ ଗଞ୍ଜାମ, ଜୟପୁର, ମାନ୍ଦ୍ରାଜ ମହକୁମାରେ; ଅବଶିଷ୍ଟ ଅଂଶ ବଙ୍ଗଳା ସରକାର ଅଧୀନରେ ରହିବ । ପ୍ରଥମେ ସମ୍ବଲପୁର ମଧ୍ୟପ୍ରଦେଶରେ ଥିବାବେଳେ ଆମେ ଥିଲୁ ତନ୍ନଥେଣ୍ଡିଆ କାକୁଡ଼-ବାଡ଼, ଏବେ ଦୁଇ ନାଆରେ ଗୋଡ଼ । କେଉଁ ପ୍ରଦେଶ କେଡେ ପରମାଣରେ କ୍ଷମତା ପାଇବେ ତାହା ପୁଣି ଏକ ସମସ୍ୟା । ଏ ପରସ୍ଥିତିରେ ଜଟିଳ ସ୍ତରକୁ କ୍ଷମତା ଦଆଗଲେ, ତାହା ଗଞ୍ଜାମରେ ଏକ ପ୍ରକାର ହେବ ତ, ମୋଗଲବନ୍ଦୀରେ ହେବ ଆଉ ଏକ ପ୍ରକାର । ସେଥିପାଇଁ ଆଗେ ଦେଶମିଶ୍ରଣ ହେଉ ତା'ପରେ ଉଠିବ ଶାସନ ବକେନ୍ଦ୍ରୀକରଣର ପ୍ରଶ୍ନ । ଓଡ଼ିଆଙ୍କ ପାଇଁ ଉଏଲ୍ କମିସନ୍‌ଙ୍କୁ ଶିଗ୍ରେନାସ୍ତି ଶିଗ୍ରେବ୍ୟଥା ପର କଥା ।"

ମଧୁସୂଦନଙ୍କ ଯୁକ୍ତି ସମସ୍ତଙ୍କ ମନକୁ ଟେକିଲା । ଉଏଲ୍‌ସ୍ମ କମିସନ୍ ଆଗରେ ସାକ୍ଷ୍ୟ ଦେବା ପାଇଁ ମଧୁସୂଦନଙ୍କ ସଭାପତିତ୍ୱରେ ଗଠିତ ହେଲା ଏକ ପ୍ରତିନଧି ଦଳ । ଏହି ପ୍ରତିନଧି ଦଳରେ ମଧୁସୂଦନଙ୍କ ବ୍ୟତୀତ ଅନ୍ୟ ସଭ୍ୟ ରହିଲେ. ଗୋକୁଳାନନ୍ଦ ଚୌଧୁରୀ, ଶ୍ୟାମଶଙ୍କର ଶ୍ରେଷ୍ଠୀ, ବୈକୁଣ୍ଠନାଥ ଦତ୍ତ ।

ମାନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ଦାବୀ ଯେନ କଲ୍‌କତା ଯାଇଥିବା ପ୍ରତିନଧି ଦଳକୁ ପତ୍ରପାଠେ ବଦାୟ ଦେବାପାଇଁ ଡ଼ିସେଣ୍ଟ୍ରାଲାଇଜେସନ୍ କମିସନ୍‌ର ଚେୟାରମେନ, ଲର୍ଡ଼ ଉଏଲସ୍‌ଙ୍କୁ ବିଶେଷ ବଲମ୍ବ ଲଗି ନ ଥିଲ୍ । ବସ୍ତୁତଃ କମିସନ୍ ଦୃଷ୍ଟିରେ ଏହା ଥିଲ ପ୍ରସଙ୍ଗ ବହିର୍ଭୂତ ।

ସାକ୍ଷ୍ୟ ଦେଇସାର ଫେରିବାବେଳେ, ଗୋକୁଳାନନ୍ଦ ଅନୁଯୋଗପୂର୍ଣ୍ଣ କଣ୍ଠରେ କହିଲେ "ମୁଁ ଜାଣିଥିଲି, ଫଳ ହେବ ଏଇଆ । ବୃଥାରେ ପଣ୍ଡଶ୍ରମ ହିଁ ସାର ହେଲ ।"

ମଧୁସୂଦନ ଶାଣିତ କଣ୍ଠରେ ଉତ୍ତର ଦେଲେ "ତୁମେ ଏକା ଜାଣିଥିଲ ? ଆଉ ମିଷ୍ଟର ଦାସ ଜାଣି ନ ଥିଲ ? ଆମର ଜାତୀୟତାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରିକରଣ ଦୁଏତ ହୋଇ ନ ପାରେ । ମାନ ସେହି ହଉ, ସେହି ଫଳରୁ ଆମକୁ ଜାଗ୍ରତ ରଖିବା ପାଇଁ ପଡ଼ିବ । ଯାଦୃଶୀ ଭାବନାର୍ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।"

Digitized by srujanika@gmail.com

(ସାତ)

୧୯୦୮ ମସିହା ଅପ୍ରେଲ ମାସ ୧୮ ଓ ୧୯ ତାରିଖ ପୁଟ୍ଟାରେ ଉତ୍କଳ ସମ୍ମିଳନୀର ପଞ୍ଚମ ଅଧିବେଶନ । ସୁରେନ୍ଦ୍ରନାଥ ଅଧିବେଶନର ସଭାପତି, ଅଭ୍ୟର୍ଥନା ସମିତିର ସଭାପତି ପାରକୁଦର ରାଜା ଗୌରଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାସ୍ଥ, ସମ୍ପାଦକ ବାବୁ ଜଗବନ୍ଧୁ ସିଂହ । ତରୁଣ ସମାଜସେବୀ ଗୋପବନ୍ଧୁ ଓ ଜଗବନ୍ଧୁଙ୍କଠାରୁ ରାଜା ଜମିଦାର ପର୍ଯ୍ୟନ୍ତ, ସମ୍ମିଳନୀ ମଣ୍ଡପରେ ସମସ୍ତଙ୍କର ସମାବେଶ । ସେଥିପାଇଁ ଏଥର ସମ୍ମିଳନୀରେ ଗୋଟାଏ ନୂତନ ଉତ୍ସାହ ଉଦ୍ଦୀପନା ଲକ୍ଷ୍ୟ କରାଯାଇଥିଲା । ସମ୍ମିଳନୀର କାର୍ଯ୍ୟକ୍ରମକୁ ସହର-ମାନଙ୍କରେ ସୀମିତ ନ ରଖି, ଗ୍ରାମାଞ୍ଚଳକୁ ତାହା ପ୍ରସାରିତ କରିବା ଉଦ୍ଦେଶ୍ୟରେ ଗ୍ରାମ୍ୟ ସମିତି ଗଠନ ପାଇଁ ଏହି ଅଧିବେଶନରେ ଗୃହୀତ ହୋଇଥିଲା ପ୍ରସ୍ତାବ ।

ସମ୍ମିଳନୀର ନୂତନ ଉତ୍ଜୀବନ ଲକ୍ଷ୍ୟ କରି, ସଭାପତି ତାଙ୍କ ଭାଷଣରେ କହିଲେ, "ଆଜି ସମ୍ମିଳନୀର ବିદ୍ୟାରମ୍ଭର ଦିନ ।"

କିନ୍ତୁ ବିદ୍ୟାରମ୍ଭର ମନ୍ତ୍ର କାହିଁ ? କିଏ ହେବ ତାର ମନ୍ତ୍ରଗୁରୁ ? କିଏ ଦେବ ତାକୁ ଦୀକ୍ଷା ?

ମଧୁସୂଦନ ତାଙ୍କ ଭାଷଣରେ କହିଲେ, "ବଡ଼ ଦେଉଳ ବାଲିରେ ପୋତି ହୋଇ ପଡିଥିଲା । ରାଜାଙ୍କ ଘୋଡ଼ା ଟାପୁ ବାଜିବାରୁ ରାଜା ତାକୁ ପୁନରୁଦ୍ଧାର କରିଥିଲେ । ଏହି ସ୍ଥାନରେ ବଡ଼ଦେଉଳକୁ ଗଢ଼ିବୁ ଓ ଜାତିର ପୁନରୁତ୍ଥାର କରି । ଏହା ଆମ୍ଭମାନଙ୍କର ସାଜନ୍ମ ହେବା ଆବଶ୍ୟକ । ଏହିଠାରେ ଆମ୍ଭେମାନେ ଉତ୍କଳଜନନୀ ତଥା ସ୍ୱରାଜନନୀଙ୍କର କୋଡ଼ରେ ବସିଥାଇଁ । ସମସ୍ତେ ଏହି କଥା ସ୍ମରି ଓ ପ୍ରତିଜ୍ଞା କର...."ମୁଁ ଏହି ସଭାରେ ଦୃଢ଼ ପ୍ରତିଜ୍ଞା କରୁଅଛି ଯେ, ମୁଁ ପ୍ରତିଦିନ ପାଞ୍ଚ ମିନିଟ୍ ସମସ୍ତ ଦେଶର କଥା ସ୍ମରିବି ଏବଂ ସମ୍ମିଳନୀ ସକାଶେ, ଉତ୍କଳ ନମନ୍ତେ ଓ ସ୍ୱରାଜ ନମନ୍ତେ ଅନ୍ତତଃ ପାଞ୍ଚ ମିନିଟ୍ ସମୟ ବ୍ୟୟ କରିବି । ଏ ମନ୍ତ୍ର ସମସ୍ତେ ପାଠି କର କୁହ ! ଏହା ସମ୍ମିଳନୀର ବିદ୍ୟାରମ୍ଭ ।"

ସମ୍ମିଳନୀରେ ଯୋଗ ଦେଇଥିବା ପାଞ୍ଚ ହଜାର ଜନତା ମନ୍ତ୍ରମୁଗ୍ଧ ପରି ଦଣ୍ଡାୟମାନ ହୋଇ ଏହି ମନ୍ତ୍ର ସେଦିନ ଉଚ୍ଚ କଣ୍ଠରେ ଆବୃତ୍ତି କରିଥିଲେ । ମଧୁସୂଦନ ସେଦିନ ଆସ୍ୱର୍ଗ ସ୍ୱରୂପ ଉତ୍କଳୀୟମାନଙ୍କୁ ଦେଶ ସେବାରେ ଏହି ଗାୟତ୍ରୀମନ୍ତ୍ରରେ ଦୀକ୍ଷିତ କରାଇଥିଲେ । କିନ୍ତୁ ମନ୍ତ୍ରପାଠ ମାତ୍ରେ ତାହାକୁ ଭୁଲିଯିବା ପାଇଁ ପ୍ରତିନିଧିମାନଙ୍କୁ ବୋଧହୁଏ ଗୋଟାଏ ମିନିଟ୍ ସୁଦ୍ଧା ବିଳମ୍ବ ଲାଗି ନ ଥିଲା ।

Digitized by srujanika@gmail.com

(ଆଠ)

୧୯୦୧ ମସିହାରେ ଆସିଲ ମର୍ଲେ-ମିଣ୍ଟୋ-ଶଫର୍ମସ୍ । ଭାରତରେ ସ୍ୱାୟତ୍ତ-ଶାସନ ପ୍ରତିଷ୍ଠାର ଅଳ୍ପସ୍ୱାକୁ କଥାହତ ସନ୍ତୁଷ୍ଟ କରିବା ପାଇଁ ଏହି ଶଫର୍ମସ୍‌ରେ ଥିଲ ଶାସନ-ସଂସ୍କାରର ଆଉ କେତେକ ପ୍ରତିଶ୍ରୁତି । ଭାଇସ୍‌ରୟ ଓ ଲେଫ୍‌ଟେନ୍ଣ୍ଟ-ଗଭର୍ଣ୍ଣରମାନଙ୍କର ଏକ୍‌ଜକ୍ୟୁଟିଭ କାଉନ୍‌ସିଲରେ ଭାରତୀୟ ସଦସ୍ୟମାନଙ୍କର ନିଯୁକ୍ତି ଓ ଲେଜସ୍‌ଲେଟିଭ-କାଉନସିଲମାନଙ୍କର ସମ୍ପ୍ରସାରଣ ଥିଲ ଏ ସଂସ୍କାରର ମୂଳକଥା । କାଉନସିଲମାନଙ୍କରେ ବେସରକାରୀ ସଦସ୍ୟମାନଙ୍କୁ ନିର୍ବାଚନାର୍ଥ ସମ୍ପର୍କିତ ପ୍ରସ୍ତାବ ଉତ୍ଥାପନ କରିବାର କ୍ଷମତା ମଧ୍ୟ ଏହି ଶଫର୍ମସ୍‌ରେ ପ୍ରଥମ ଥର ପାଇଁ ପ୍ରଦତ୍ତ ହୋଇଥିଲ । ବସ୍ତୁତଃ ଭାରତର ପାର୍ଲିଆମେଣ୍ଟାରୀ ଇତିହାସରେ, ଏହା ହିଁ ମର୍ଲେ-ମିଣ୍ଟୋ-ଶଫର୍ମସ୍‌ର ବୈଶିଷ୍ଟ୍ୟ । ମର୍ଲେ-ମିଣ୍ଟୋ-ଶଫର୍ମସ୍‌ର ନୂତନ ସମ୍ବିଧାନ ଅନୁସାରେ, ଓଡ଼ିଶାର ଜିଲ୍ଲା ବୋର୍ଡମାନଙ୍କ ପକ୍ଷରୁ, ବଙ୍ଗଳା କାଉନ୍‌ସିଲକୁ ସଭ୍ୟ ପଦ ଖାଲି ପଡ଼ିଲ । ଗୌରୀଶଙ୍କର ପ୍ରମୁଖ ଶୁଭାନୁଧ୍ୟାୟୀମାନେ ମଧୁସୂଦନଙ୍କୁ ଅନୁରୋଧ କଲେ ନିର୍ବାଚନରେ ଠିଆ ହେବା ପାଇଁ ।

ଗୌରୀଶଙ୍କର କହିଲେ—"ଓଡ଼ିଶା ପ୍ରଜାସ୍ୱତ୍ୱ ସମ୍ପର୍କରେ ଆଇନଟା ଏଥର ବଙ୍ଗଳା-କାଉନ୍‌ସିଲରେ ପେଶ୍ ହେବ ବୋଲି ଶୁଣାଯାଉଛି । ପୁଣି ଓଡ଼ିଶାରେ ସେଟଲମେଣ୍ଟ ଜୁଲୁମ ଯେପରି ଘଟିଛି ତାହା ତ ଆଖିରେ ଦେଖୁଚ । ତା' ଉପରେ ପ୍ରଜାସ୍ୱତ୍ୱ ଯେଉ ନାନା ଗୋଲମାଲ ! ଓଡ଼ିଶାର କୌଣସି ସମସ୍ୟା ବଙ୍ଗଳା-କାଉନ୍‌ସିଲରେ କେବେ ଉଠିପାରିଲ ନାହିଁ । ଏ ପରିସ୍ଥିତିରେ କେବେ ଯଦି ବଙ୍ଗଳା କାଉନ୍‌ସିଲରେ ତୁମ ପ୍ରତିନିଧିତ୍ୱର ପ୍ରୟୋଜନ ଥିଲ—ତା ହେଲେ ବର୍ତ୍ତମାନ, ଏଇ ସମୟରେ ।"

ମଧୁସୂଦନ ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ, "ସେଇପରି ଆହୁରି କେହି କେହି ମଧ୍ୟ କହୁଛନ୍ତି । କିନ୍ତୁ···?

"କିନ୍ତୁ ପୁଣି କଣ ?" ଗୌରୀଶଙ୍କର ଉଦ୍‌ବିଗ୍ନ କଣ୍ଠରେ ପଚାରିଲେ ।

ମଧୁସୂଦନ ଉତ୍ତର ଦେଲେ "ଗତ ନିର୍ବାଚନରେ ଯାହା ହେଲ, ଆପଣ ତ ଜାଣିଛନ୍ତି । ଏଥର ମଧ୍ୟ ସାମନ୍ତ ସ୍ୱାଧୀଚରଣ ଦାସ ନିର୍ବାଚନ ପାଇଁ ସଜବାଜ ହେଉଥିବା ଖବର ମୁଁ ପାଇଛି । ସ୍ୱର୍ଗତ ବୈକୁଣ୍ଠନାଥଙ୍କ କଥାରେ ଉଠିବା ବସିବା ଲୋକ ସାମନ୍ତ ସ୍ୱାଧୀଚରଣ । ଗଭର୍ଣ୍ଣମେଣ୍ଟ ପ୍ଲୀଡ଼ର ଜାନକୀନାଥ ବୋସ ମଧ୍ୟ କାଉନ୍‌ସିଲ ପାଇଁ ଲାଳାୟିତ । ଗୋକୁଳାନନ୍ଦର ଇଚ୍ଛା, ସେ ଯିବ ବଙ୍ଗଳା କାଉନସିଲକୁ । ଏଥର ବଙ୍ଗଳା କାଉନସିଲକୁ ଓଡ଼ିଶାର ଜିଲ୍ଲା ବୋର୍ଡ଼ ପକ୍ଷରୁ କଣେ ସଭ୍ୟ ନିର୍ବାଚିତ ହେଉଥିବାରୁ, ଗୋକୁଳାସନ୍ଦ କର୍ତ୍ତକ ଜିଲ୍ଲାର ଭାଇସ୍-ଚେୟାରମ୍ୟାନ୍ ଥିବା ହେତୁ, ତାହାର ଧାରଣା, ଏଥିପାଇଁ ତାହାର ଗୋଟାଏ ସ୍ୱତଃସିଦ୍ଧ ଦାବୀ ରହିଛି । ଗୋକୁଳାନନ୍ଦ ପଛରେ ରହିଛି ପୁଣି ଗୋଟିଏ ପ୍ରତିପତ୍ତିଶାଳୀ ଗୋଷ୍ଠୀର ସମର୍ଥନ ."

Digitized by srujanika@gmail.com

ଗୌରୀଶଙ୍କର ପଚାରିଲେ, "ଶୁଣିଲ, ଗୋକୁଳାନନ୍ଦକୁ ସମର୍ଥନ କରିବା ପାଇଁ, ତୁମେ ଜଜେ କାଲେ ତାକୁ କଥା ଦେଇଚ ?"

ମଧୁସୂଦନ ଉତ୍ତର ଦେଲେ—"ବଙ୍ଗଳା କାଉନ୍‌ସିଲକୁ ନିର୍ବାଚିତ ହେବା ନ ହେବା ତ ମୋର ପ୍ରତିଶ୍ରୁତି ଉପରେ ନିର୍ଭର କରୁନାହିଁ । ଗୋକୁଳାନନ୍ଦ ମୋର ସମର୍ଥନ ପାଇଁ ସେଦିନ ଅବଶ୍ୟ ଆସିଥିଲେ । ମୁଁ ତାଙ୍କୁ କହିଲି, ତୁମ ସପକ୍ଷରେ ସତ ବକ୍ତୃମତର ସମର୍ଥନ ଥାଏ, ତାହାହେଲେ ମୋର ସମର୍ଥନ ମଧ୍ୟ ତୁମ ପ୍ରତି ରହିଛି ।"

ଗୋକୁଳାନନ୍ଦ କନ୍ତୁ, "କରଣ-ସମାଜ" ଠାରୁ ଆରମ୍ଭ କରି ଡୋମିସାଇଲଡ୍ ବଙ୍ଗାଳୀ-ବିରୋଧୀ ଆନ୍ଦୋଳନ ପର୍ଯ୍ୟନ୍ତ ନାନା ବ୍ୟାପାର, ଅବ୍ୟାପାରରେ ସେତେବେଳେ ଯେପରି ଜଡିତ ରହିଥିଲେ, ସେଥିରେ ତାଙ୍କ ପ୍ରତି ସାଂଜଗାତ ସମର୍ଥନ ମିଳିବାର ସମ୍ଭାବନା ନ ଥିଲା । ଅପରପକ୍ଷରେ ମଧୁସୂଦନ ଗତ ନିର୍ବାଚନରେ ଯେପରି ଭାବରେ ପରାସ୍ତ ହୋଇଥିଲେ ଅଥବା ଯେପରି ତାଙ୍କୁ ପରାସ୍ତ କରି ଦିଆଯାଇଥିଲା, ତାହା ସମଗ୍ର ଓଡ଼ିଆ ଜାତିର ବିବେକକୁ ଗଭୀର ଭାବରେ ଦଂଶନ କରୁଥିଲା ।

ଗୌରୀଶଙ୍କର କହିଲେ, "ସମସ୍ତଙ୍କ ଇଚ୍ଛା ଏଥର ବଙ୍ଗଳା-କାଉନ୍‌ସିଲ୍-ପାଇଁ ନିର୍ବା-ଚୋର୍ଡମାନଙ୍କ ପକ୍ଷରୁ ତୁମେ ବରଂ ଠିଆ ହୁଅ । ତୁମେ ଠିଆ ନ ହୋଇ, ଗୋକୁଳାନନ୍ଦ ଠିଆ ହେଲେ କନ୍ତୁ ଜାନକୀନାଥ ନିର୍ବାଚିତ ହୋଇଯିବା ଅସମ୍ଭବ ନୁହେଁ ।"

ଅବଶେଷରେ ବହୁ ଦେଶହିତୈଷୀ ଓ ଶୁଭାକାଂକ୍ଷୀଙ୍କ ଅନୁରୋଧରେ ମଧୁସୂଦନ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ । ମଧୁସୂଦନଙ୍କୁ ନିର୍ବିବାଦରେ ଛାଡ଼ି ଦେବା ପାଇଁ ଗୋକୁଳାନନ୍ଦଙ୍କୁ ଅନେକ ବହୁ ଅନୁରୋଧ କଲେ । ମାତ୍ର ଗୋକୁଳାନନ୍ଦ ତାଙ୍କ ସିଦ୍ଧାନ୍ତରେ ଅଟଳ । ଭୋଟ ଗ୍ରହଣ ଦିନ ଘିର ଜଜ୍ଜିର ଦଶଜଣ ପ୍ରତିନିଧି ନିର୍ଦ୍ଦିଷ୍ଟ ଦିବସରେ ଭୋଟ ଦେବା ପାଇଁ ଆସିଲେ । କମିସନର ସେଦିନ କଟକରେ ନ ଥିବାରୁ କଲେକ୍ଟରଙ୍କ ଇଜ୍‌ଲାସରେ ଭୋଟ-ଗ୍ରହଣ ହେଲା । ଭୋଟର ଫଳାଫଳରେ ମଧୁସୂଦନ ପାଇଲେ ଆଠ ଓ ଜାନକୀନାଥ ଦୁଇ ! ଗୋକୁଳାନନ୍ଦ କମ୍ବା ବୃଧାଚରଣଙ୍କୁ ଗୋଟିଏ ହେଲେ ଭୋଟ ପୁରା ମିଳି ନଥିଲା ।

ଭୋଟ ଫଳାଫଳ ପ୍ରକାଶ ପାଇବାର କେତେ ଦିନ ପରେ ଦିନେ ସକାଳେ ମଧୁସୂଦନ କାଠଯୋଡ଼ି କୂଳ ଆଡେ ପ୍ରାତଃଭ୍ରମଣରେ ବାହାରିଥିବାବେଳେ ଓକିଲ ଧର୍ମାନନ୍ଦ ପଟ୍ଟନାୟକଙ୍କ ସହିତ ତାଙ୍କର ସାକ୍ଷାତ ହୋଇଗଲା । ଗୋକୁଳାନନ୍ଦଙ୍କ ପରାଜୟ ପେନ ମଧୁସୂଦନଙ୍କ ପ୍ରତି ସେ ବିଶେଷ କ୍ଷୁବ୍ଧ ରହିଥିଲେ ।

ଧର୍ମାନନ୍ଦ ସ୍ପଷ୍ଟ ଅଭିଯୋଗ କଲେ "ଗୋକୁଳାନନ୍ଦ ବାବୁଙ୍କୁ ଆପଣ ସାହାଯ୍ୟ କରିବେ ବୋଲି କଥା ଦେଇ, ଶେଷକୁ ଜଜେ ଠିଆ ହୋଇ ପଡ଼ିଲେ । କେବଳ ଆପଣଙ୍କ ଯୋଗୁଁ ଗୋକୁଳାନନ୍ଦ ବାବୁ ହାରିଲେ ସିନା ।"

Digitized by srujanika@gmail.com

ମଧୁସୂଦନ ଉତ୍ତର ଦେଲେ "ମୁଁ ତ ସ୍ପେଶ୍ୟର ନୁହେଁ ଧର୍ମାନନ୍ଦ । ମୁଁ କଥା ଦେବା ନ ଦେବାର କ ଵଶେଷ ଅର୍ଥ ଅଛୁ ? ତା'ଛଡ଼ା ଗୋକୁଳାନନ୍ଦଙ୍କୁ ମୁଁ ନିଶ୍ଚୟ ସମର୍ଥନ କରିବ ବୋଲ, ସେପରି ତ କୌଣସି ଅନ୍‌କଣ୍ଡିସନାଲ ପ୍ରତିଶ୍ରୁତି ଦେଇ ନ ଥିଲ ।"

ଧର୍ମାନନ୍ଦ କହିଲେ "ଇଏତ ଏକ ସୁନ୍ଦର ଓକାଲ ସୁତ୍ର ।"

ଧର୍ମାନନ୍ଦଙ୍କ ଆଡ଼େ ଶାଣିତ ଦୃଷ୍ଟିରେ ଘୂର୍ଣ୍ଣି ମଧୁସୂଦନ ବଙ୍ଗଳାରେ ଉତ୍ତର ଦେଲେ "ତୁମେ ଯେତେବେଳେ ଓକାଲତ ପାଇଁ ବାହାଶଛ ଧର୍ମାନନ୍ଦ, ଏପରି ଓକାଲ-ସୁତ୍ର ସବୁ ବୁଝିବା ପାଇଁ ମଧ୍ୟ ଚେଷ୍ଟା କର । ଭବିଷ୍ୟତରେ ତୁମର ପ୍ରୟୋଜନରେ ଆସିବ । ପିପଲ୍‌ସ୍ ଏପ୍ରେଜେଣ୍ଟେସନ୍ ଇଜ୍ ନାଇଦର୍ ଏ ଲକ୍‌ସସ୍ପ ନର୍ ଏ ସ୍ପ୍ରିଙ୍ଗ ! You must deserve before you demand."

(ନଅ)

ଡ଼ିସେମ୍ବର ଆସିଗଲ....ମାନ୍ଦ ଭଲ୍ଲଭ ସମ୍ମିଳନୀର ସପ୍ତମ ଅଧିବେଶନର କୌଣସି ସମ୍ଭାବନା ଦିଶୁ ନଥିଲ୍ । ୧୯୩୮ ମସିହା ଡ଼ିସେମ୍ବର ମାସରେ ହରିପୁରା କୌଣସି ପ୍ରକାରେ ଷଷ୍ଠ ଅଧିବେଶନ ସରାସାଇଥିଲ୍ । ସେହି ଅଧିବେଶନରେ ସମ୍ମିଳନୀ ପାଇଁ "ପ୍ରାଣପାତ" କରିବେ ବୋଲ, ଯେଉଁମାନେ ସେଦିନ "ମନ୍ତ୍ରପାଠ" ଓ ଶପଥ କରି ଯାଇଥିଲେ ତାହା ଭୁଲିଯିବା ପାଇଁ ସେମାନଙ୍କୁ ମୁହୂର୍ତ୍ତେ ମାନ୍ଦ ବଲମ୍ବ ଲଗି ନଥିଲ୍ । ଏପରି କ ଯେଉଁମାନେ ସମ୍ମିଳନୀର ପ୍ରଦତ୍ତ ବୃତ୍ତି ଓ ଆନୁଷ୍ଠାନିକ ବ୍ୟୟ ନିର୍ବାହ ପାଇଁ, ସ୍ୱେଚ୍ଛାରେ ଚନ୍ଦା ଦେବାର ପ୍ରତିଶ୍ରୁତି ଦେଇଥିଲେ, ସେ ଚନ୍ଦାରୁ କପର୍ଦ୍ଦକଟିଏ ସୁଦ୍ଧା ସେମାନେ ଦେଇ ନଥିଲେ । ଏ ପରିସ୍ଥିତିରେ, ସମ୍ମିଳନୀର ସପ୍ତମ ଅଧିବେଶନର ସମ୍ଭାବନା ଦୂରାହତ ହୋଇ ପଡ଼ିଥିଲା ।

ସମ୍ମିଳନୀର କାର୍ଯ୍ୟ ନିର୍ବାହକ ସମିତି ରୂପେ, ଯେଉଁ କେନ୍ଦ୍ର-ସମିତି ଗଠିତ ହୋଇଥିଲା, ଗୌରୀଶଙ୍କର ଥିଲେ ତାହାର ସଭାପତି । ବାର୍ଦ୍ଧକ୍ୟର ଘରରେ ସହଜେ ସେ ଏବେ ଅବଜଡ, ସେଥିରେ ପୁଣି ବଙ୍ଗୀୟ କାସ୍ଥମାନଙ୍କୁ ଯଜ୍ଞୋପବୀତ ପିନ୍ଧାଇ, କ୍ଷତ୍ରିୟ କରାଇବାରେ, ତାଙ୍କର ସବୁ କର୍ମଶକ୍ତି ସେତେବେଳେ ନିସ୍ପୋଜିତ ହେଉଥିଲା । ବଙ୍ଗୀୟ କାସ୍ଥମାନଙ୍କୁ କ୍ଷତ୍ରିୟ ରୂପେ ସମାଜରେ ପ୍ରତିଷ୍ଠିତ ନ କରିବା ପର୍ଯ୍ୟନ୍ତ, ତାଙ୍କର ଯେପରି ବିଶ୍ରାମ ନଥିଲ୍ । ତଥାପି ସମ୍ମିଳନୀର ଅଧିବେଶନ ପ୍ରସ୍ତୁତ ପାଇଁ, ହାଉନ୍‌ଲାଇବ୍ରେରୀ

Digitized by srujanika@gmail.com

ହଲରେ ସେ ଆହ୍ୱାନ କରିଥିଲେ, ପ୍ରସ୍ତୁତ-କମିଟିର ବୈଠକ । ରବିବାରଆ ଦେଖି ବୈଠକ ଡକା ଯାଇଥିଲା, ଯେପରି ସମିତିର ସଭ୍ୟମାନଙ୍କ ପକ୍ଷରେ ଉପସ୍ଥିତ ହେବା ସମ୍ଭବ ହୋଇ ପାରିବ । ମାତ୍ର ନିର୍ଦ୍ଦିଷ୍ଟ ସମୟ ଉତ୍ତୀର୍ଣ୍ଣ ହେବା ପରେ ଦୀର୍ଘ ସମୟ ଅପେକ୍ଷା କରି ସୁଦ୍ଧା, ବୈଠକରେ ସଭ୍ୟମାନଙ୍କର ଉପସ୍ଥାନ ସଂଖ୍ୟା ଗୌରୀଶଙ୍କରଙ୍କୁ ମିଶାଇ, ଆଠରୁ ବେଶୀ ହୋଇ ପାରି ନଥିଲା । ଅଥଚ କମିଟିର ସଭ୍ୟସଂଖ୍ୟା ଚରିଶି । ଯେଉଁମାନେ ପୂର୍ବି ଉପସ୍ଥିତ ଥିଲେ, ଅନ୍ୟମାନେ କାହିଁକି ଅନୁପସ୍ଥିତ ରହିଲେ, ସେହି ବିଷୟରେ ଯେତେ ଉତ୍ସାହ ସମ୍ମିଳନୀ ଅଧିବେଶନର ଆୟୋଜନ କରିବ, ସେ ସମ୍ପର୍କରେ ସେତେଟା ଉତ୍ସାହ ନଥିଲେ ।

ସମ୍ମିଳନୀର ପଞ୍ଚମ ଅଧିବେଶନରେ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ଚନ୍ଦ୍ରଶେଖର ବଜ୍ଞାନ ବୃତ୍ତି ସମ୍ମିଳନୀ ପକ୍ଷରୁ ସ୍ଥାପିତ ହୋଇଥିଲା । ଏଥିପାଇଁ ସ୍ୱେଚ୍ଛାକୃତ ଭାବରେ ଅର୍ଥଦାନ ପାଇଁ ଯେଉଁମାନେ ପ୍ରତିଶ୍ରୁତି ଦେଇଥିଲେ, ସେମାନେ ତାହା ପୁରାପୁରି ଭୁଲିଯାଇଥିଲେ । ସମ୍ମିଳନୀ ପକ୍ଷରୁ ଚନ୍ଦ ଶିଲାରେ ତାଲମ୍ ପାଇବା ପାଇଁ, ସାରଙ୍ଗଧର ଦାସ ପ୍ରେରିତ ହୋଇଥିଲେ ଜାପାନ, ବରଜମୋହନ ସେନାପତି କୃତିବଦ୍ୟା ଅଧ୍ୟୟନ କରୁଥିଲେ ଉତ୍କଳ-ସମ୍ମିଳନୀ ବୃତ୍ତିରେ । ମାତ୍ର ଏମାନଙ୍କୁ ନିୟମିତ ଭାବରେ ବୃତ୍ତି ଟଙ୍କା ପଠାଯାଇ ପାରୁ ନଥିଲା । ଏହା ବ୍ୟତୀତ ରହିଥିଲା ପୁରୀ ବ୍ରହ୍ମ ଓ ଶିବପୁର ଇଞ୍ଜିନିୟରିଙ୍ଗ୍ କଲେଜରେ ସମ୍ମିଳନୀ ପକ୍ଷରୁ ଛାତ୍ରବୃତ୍ତିର ପ୍ରସ୍ତାବ । ମାତ୍ର ସମ୍ମିଳନୀର ବିଗତ ଦୁଇ ବର୍ଷ ମଧ୍ୟରେ ଦାନ ଓ ଚନ୍ଦାରୁ ସଂଗୃହୀତ ଅର୍ଥର ମୋଟ ପରିମାଣ ଥିଲା ମାତ୍ର ଟ ୧୪୪୩ ।/୭୯ ପାଇ ।

କେନ୍ଦ୍ର ସମିତିରେ ଗୌରୀଶଙ୍କର ଏଇ ଚନ୍ଦା ପ୍ରସଙ୍ଗ ଉଠାଇବା ମାତ୍ରେ, ଯେଉଁ ସାତଜଣ ସଭ୍ୟ ସେଠାରେ ଉପସ୍ଥିତ ଥିଲେ, ସେମାନଙ୍କ ମଧ୍ୟରୁ ଜଣ ଜଣ ହୋଇ ନଃଶବ୍ଦରେ ଉଠି ବିଦାୟ ନେଇ ଚାଲିଗଲେ । ତାଳେ ଶେଷକୁ ଚନ୍ଦାଟା ଛୁଣ୍ଡିବ ସେମାନଙ୍କ ମୁଣ୍ଡରେ ।

ଗୌରୀଶଙ୍କର ଅଗତ୍ୟା ମଧୁସୂଦନଙ୍କ ପାଖକୁ ଆସିଲେ ସମ୍ମିଳନୀ ସମ୍ପର୍କରେ ପରାମର୍ଶ ପାଇଁ । ଗୌରୀଶଙ୍କରଙ୍କୁ ଦେଖିବା ମାତ୍ରେ ମଧୁସୂଦନ ପଚାରିଲେ···"ଅଧିବେଶନର ସମୟ କେବେ ଧାର୍ଯ୍ୟ ହେଲା ? ଏଥର ସଭାପତି ହେଉଛନ୍ତି କିଏ ?"

ଗୌରୀଶଙ୍କର କ୍ଲାନ୍ତ ଭାବରେ ଗୋଟାଏ ଚିତ୍କାର୍ ଉପରେ ବସିପଡ଼ି ଦୀର୍ଘଶ୍ୱାସ ପକାଇ କହିଲେ...."ଆଉ ଅଧିବେଶନ ? କେନ୍ଦ୍ର ସମିତି ବୈଠକରେ ଚାରିଣ ଜଣ ସଭ୍ୟଙ୍କ ମଧ୍ୟରୁ ମାତ୍ର ଆଠ ଜଣ ଉପସ୍ଥିତ । ପୂର୍ବି ଅସଲ ଟଙ୍କା ପଇସା କଥା ଉଠିବା ବେଳକୁ ଜଣ ଜଣ କରି ବିଦାୟ । ଏବର୍ଷ ସମ୍ମିଳନୀର ଅଧିବେଶନ ହେବାର ଆଉ କୌଣସି ଆଶା ନାହିଁ । ସମ୍ମିଳନୀର ଏପରି ଶୋଚନୀୟ ଅବସ୍ଥା ହେବ ବୋଲି କିଏ ବା ଭାବିଥିଲା କୁହ ?"

Digitized by srujanika@gmail.com

ମଧୁସୂଦନ ଡ୍ରଇଂ ରୁମ୍ ଭିତରେ ପାଦଚାରଣା କରୁ କରୁ କହିଲେ "କାହିଁକି ? ସେଇ ବାକ୍ୟବୀରମାନେ ଗଲେ କୁଆଡ଼େ ? ମିଷ୍ଟର ଦାସ, ଇକ୍ଲଲ-ସମ୍ମିଳନୀକୁ ହଜ୍‌ମାଜେଷ୍ଟି ସ୍ ସର୍ଭିସରେ ପରିଣତ କଲୁଣି, ତେଣୁ ତାକୁ ବଡାଡ଼ିତ କରିବା ଉଚିତ ବୋଲି ପ୍ରହ୍ଲାଦେ ଚଲାଇଥିଲେ ସ୍ତନାମୀ ବେନାମୀ ପ୍ରସ୍ତାବ । ମିଷ୍ଟର ଦାସ ତ ଆଲ୍ଲେ ସର୍ତ୍ତୀ, ଆପଣା ମହତ ଆପେ ରଖି ନ୍ୟାସ୍ୱରେ ସମ୍ମିଳନୀରୁ ଦୂରେଇ ଗଲ୍ଲ । ପ୍ରହ୍ଲାଦେ ଏଣିକ ନଷ୍ଟିନ୍ତୁ । ପୁଣ୍ଡରେ କପଣ ପିଲ୍ଲଙ୍କର ହେବେ, ସେଇଆ ବର୍ତ୍ତମାନ ଭାଙ୍ଗର ଅହୋରାତ୍ରର ଚିନ୍ତା । ଗୋକୁଳାନନ୍ଦ କହୁ ବୁଲିଲେ ସମ୍ମିଳନୀର ନେତୃତ୍ୱ ନେବା ପାଇଁ ମିଷ୍ଟର ଦାସଙ୍କ ଛଡ଼ା ଆଉ କଣ ମଣିଷ ନାହାନ୍ତି ? କନ୍ତୁ ଗୋକୁଳାନନ୍ଦ ଏବେ "କରଣ—ସମିତି" ଗଢ଼ିବାରେ ବ୍ୟସ୍ତ । ମାଷ୍ଟର୍ ଦାଦା ଓଡ଼ିଶାରେ ପବଲିକ୍-ଲାଇଫ୍ ଆରମ୍ଭ କରିଥିଲ ମୁଁ । ଏହାର ନାଡ଼ିନକ୍ଷତ୍ର ତେଣୁ ମୁଁ ଭଲ ଭିତରେ ଚହ୍ନେ । କ୍ଷୁଦ୍ର ଈର୍ଷା, ତୁଚ୍ଛ ସ୍ୱାର୍ଥ, ଅନ୍ୟକୁ ଟାଣି ତଳେ ପକାଇବା ପାଇଁ ଚରଣ-ଫହାର ଛଡ଼ା, ଆମ ପବଲିକ୍ ଲାଇଫ୍‌ରେ ଏପର୍ଯ୍ୟନ୍ତ ଆଉ କିଛି ସମ୍ଭବ ହୋଇପାରିଲା ନାହିଁ ।

ବସ୍ତୁତଃ ଯେଉଁ ଓଡ଼ିଆ ଜାତୀୟତା ବା ଇକ୍ଲଲୀୟତାର ନବଜନ୍ମୀଣ ଓ ଅଭ୍ୟୁଦୟ ପାଇଁ ମଧୁସୂଦନ ପ୍ରଗାଢ଼ ପ୍ରଯତ୍ନ କରି ଆସିଥିଲେ, ସେ ସବୁ ହଠାତ୍ ବ୍ୟର୍ଥ, ବଡ଼ମ୍ବିତ ହୋଇ ପଡ଼ିଥିଲା । ଗୌଡ଼ଜଙ୍କର ଆରମ୍ଭ କରିଥିଲେ—କାସ୍ୱିଷ୍ଟ ସଭା । ଗୋକୁଳାନନ୍ଦ ହୋଇଥିଲେ କାରଣ-ସମିତର ପୁରୋଧା । ପୁଣ୍ଡଆଡ଼ୁ ସୂତ୍ରପାତ ହୋଇଥିଲା ବ୍ରାହ୍ମଣସମିତ । ବଙ୍ଗାଳୀମାନେ ଆରମ୍ଭ କରିଥିଲେ ସେମାନଙ୍କର ଡୋମିସାଇଲଡ୍ ଫସ୍ଟା । ଦୀର୍ଘ ପଚିଶ ବର୍ଷ ପୂର୍ବେ ମଧୁସୂଦନ ଓଡ଼ିଶା ଆସିବା ବେଳେ ଜାତି ଓ ଜାତିଆଣର ଫଙ୍କୁଡ଼ିତା, ଗୋଷ୍ଠୀବିଦ୍ୱେଷ ପୁଣି ସାମାଜିକ ବିଭେଦ ମଧ୍ୟରେ ଓଡ଼ିଶାର ସାଧାରଣ ଜୀବନ ପଙ୍ଗୁ ହୋଇ ପଡ଼ିଥିଲା । ମାତ୍ର ସେଥିରେ ପ୍ରାଣସଞ୍ଚାର କରି, ତାହାକୁ ଉଜ୍ଜୀବିତ ଓ ସଙ୍ଗଠିତ କରିବା ପାଇଁ ମଧୁସୂଦନ କମ୍ ଉଦ୍ୟମ କରି ନଥିଲେ । କନ୍ତୁ ସମ୍ମିଳନୀ, ଥିଲା ତାହାର ପରିଣତ । କନ୍ତୁ ଚରଣ ଫହାରକାଙ୍କ ଦଳ ଏଥିପାଇଁ ମଧୁସୂଦନଙ୍କ ବିରୁଦ୍ଧରେ ଯେପରି ଶତ ପ୍ରକାଶ୍ୟ ଓ ପରୋକ୍ଷ ଆକ୍ରମଣ ଚଲାଇଥିଲେ, ତାର ମଧ୍ୟରେ ସମ୍ମିଳନୀ ଦାୟିତ୍ୱରୁ ଅବ୍ୟାହତ ନେବା ବ୍ୟତୀତ ଆତ୍ମସମ୍ମାନ ଦୃଷ୍ଟିରୁ ମଧୁସୂଦନଙ୍କର ସେତେବେଳେ ଅନ୍ୟ ପନ୍ଥା ନ ଥିଲା । ମାତ୍ର ମଧୁସୂଦନ ଇକ୍ଲଲ—ସମ୍ମିଳନୀରୁ ଦୂରେଇଯିବା ପରେ ସମ୍ମିଳନୀର ହୋଇଥିଲା ଏଇ ପରିଣତ । ଡୋକେ ପିଇ ଦଣ୍ଡେ ଜାଇ ଅବସ୍ଥା ।

ଇର୍ଗାରୁର ଚରଣ-ଫହାରକାଟ୍‌ମାନଙ୍କର ଶତ ପ୍ରତ୍ୟକ୍ଷ ଓ ପରୋକ୍ଷ ଆକ୍ରମଣ ମଧ୍ୟରେ ମଧୁସୂଦନଙ୍କ ନେତୃତ୍ୱ, ଓଡ଼ିଶା ଭିତରେ ଏତ୍ତପର ନଦ୍ଧତ ହେଉଥିବା ବେଳେ, କଲିକତାରୁ ପ୍ରକାଶିତ "ବନ୍ଦେମାତରମ୍" ପତ୍ରିକାରେ ଜାତୀୟତାବାଦ ନେତା (ପରବର୍ତ୍ତୀ କାଲରେ ଯୋଗୀ) ଅରବିନ୍ଦ, ମଧୁସୂଦନଙ୍କ ନେତୃତ୍ୱକୁ ଜାତୀୟତାବାଦୀ ପରିପ୍ରେକ୍ଷୀରେ misguided

Digitized by srujanika@gmail.com

(ଦଗ୍‌ଭ୍ରାନ୍ତ) ବୋଲି ଆକ୍ଷେପ କରିଥିଲେ ସୁଦ୍ଧା, ଓଡ଼ିଶା ପରି ଅବହେଳିତ ଓ ଅନଗ୍ରସର ପ୍ରଦେଶର ଅଭ୍ୟୁତ୍‌ଥାନ ପାଇଁ ମଧୁସୂଦନଙ୍କ ନେତୃତ୍ୱ ପ୍ରତି ଉଚ୍ଛ୍ୱସିତ ପ୍ରଶଂସା ଜଣାଇ ଲେଖି-ଥିଲେ....

"As with backward communities, so with backward provinces. It is vitally important to nationalism that these should be awake.....we welcome any signs that the awakening has begun. It is for instance a cause for gratification that Orissa is beginning to feel its separate consciousness and to attempt to grow into an organised life under a capable and highspirited leader. *

ଏହି 'ସୁଯୋଗ୍ୟ' 'ଶକ୍ତିଶାଳୀ' ନେତାଙ୍କ ନାମ, ଅରବିନ୍ଦ ଉଲ୍ଲେଖ କରି ନ ଥିଲେ ହେଁ ୧୯୧୮ ସାଲ ଓଡ଼ିଶାରେ ମଧୁସୂଦନଙ୍କ ବ୍ୟତୀତ ସେତେବେଳେ ଅନ୍ୟ ଜଣେ ନା ଥିଲେ। ମଧୁସୂଦନଙ୍କ ନେତୃତ୍ୱରେ ଓଡ଼ିଶାର ଉତ୍ଥାନ ପାଇଁ ସଂଗ୍ରାମ ଓ ସାଧନା, ତାଙ୍କର ଜଣେ ସମାଲୋଚକଙ୍କ ଦୃଷ୍ଟିରେ ଅଭିନନ୍ଦିତ ହେଉଥିବା ବେଳେ ଓଡ଼ିଶା ଭିତରେ ତାଙ୍କୁ ନନ୍ଦିତ କରିବାରେ ଗୋଟିଏ ଗୋଷ୍ଠୀ ଥିଲେ ଶତମୁଖ !

ସେଇଥିପାଇଁ ତ ମଧୁସୂଦନ, ନିଜର ସୃଷ୍ଟି ଉତ୍କଳ-ସମ୍ମିଳନୀରୁ ନିଜକୁ ସାରବରେ ଅପସାରିତ କରି ଦେଇଥିଲେ ।

× × ×

ସେ ବର୍ଷ ଆଗ୍ରାଠାରେ ଆହୂତ ହୋଇଥିଲା ନଖିଳ ଭାରତ ଖ୍ରୀଷ୍ଟୀୟ ମହାସଭା । ମଧୁସୂଦନ ଏହାର ସଭାପତି ରୂପେ ବରିତ ହୋଇଥିଲେ । ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରତିନିଧି ମାନଙ୍କ ବ୍ୟତୀତ ଆମେରିକା ଓ ଅଷ୍ଟ୍ରେଲିଆରୁ ମଧ୍ୟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇ-ଥିଲେ । ଏପରି ଏକ ଆନ୍ତର୍ଜାତିକ ସମ୍ମିଳନୀରେ ପୌରୋହିତ୍ୟ କରିବା, ଜଣେ ଉତ୍କଳୀୟ ପକ୍ଷରେ ନିଶ୍ଚୟ ଶ୍ଲାଘାପୂର୍ଣ୍ଣ ଥିଲା । ପୁଣି ମଧୁସୂଦନଙ୍କ ପକ୍ଷରେ ଗୋଟିଏ ଦୃଷ୍ଟିରୁ ଏହା ଥିଲା ଆଉର ତାତ୍ପର୍ଯ୍ୟପୂର୍ଣ୍ଣ । ଓଡ଼ିଶା ଭିତରେ ମଧୁସୂଦନଙ୍କ ନେତୃତ୍ୱକୁ ନନ୍ଦିତ କରିବା ପାଇଁ ଗୋଟିଏ ଇର୍ଷାଭୁର ଗୋଷ୍ଠୀ କୌଣସି ପ୍ରକାର ଚେଷ୍ଟା ଅଥବା ଅପଚେଷ୍ଟାରୁ ବିରତ ନ ଥିବା ବେଳେ, ତାଙ୍କ ନେତୃତ୍ୱ ପ୍ରତି ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଏପରି ଅକୁଣ୍ଠିତ ସ୍ୱୀକୃତି ମଧ୍ୟରେ ହେଉଥିଲା ଯେପରି ମଧୁସୂଦନଙ୍କ ବ୍ୟକ୍ତିତ୍ୱର ଯଥାର୍ଥ ମୂଲ୍ୟାୟନ । ଓଡ଼ିଶାର କ୍ଲୈବ୍ୟାନ୍ତ ପରିସ୍ଥିତିରୁ ଛୁଟି ପାଇବା ପାଇଁ ଏହା ମଧ୍ୟ ତାଙ୍କ ପକ୍ଷରେ ଥିଲା ଏକ ପର୍ଯାପ୍ତ ଅବସର ।

---

* Sri Aurobindo and the New Thought in Indian Politics by Haridas Mukherjee and Uma Mukherjee-pp. 255.

Digitized by srujanika@gmail.com

ମାତ୍ର ଆଗ୍ରା ଯାତ୍ରାର ଅବ୍ୟବହିତ ପୂର୍ବରୁ ମଧୁସୂଦନ, ତାଙ୍କର ସେଇ ପୂର୍ବତନ ଶୂଳବ୍ୟାଧିରେ ହଠାତ୍ ଆକ୍ରାନ୍ତ ହୋଇ ପଡ଼ିଥିଲେ ।

ନଭିଲ-ଜ୍ୱରତ ଖ୍ରୀଷ୍ଟିଆନ ସମ୍ମିଳନୀରେ ଯୋଗ ଦେବା ତାଙ୍କ ପକ୍ଷରେ ଆଉ ସମ୍ଭବ ହୋଇ ପାରି ନ ଥିଲା ।

(ଦଶ)

ବାବୁ ଗୋକୁଳାନନ୍ଦ ଚୌଧୁରୀ ହୁକା ନଳୀରୁ କଳେ ଧୁଆଁ ଛାଡ଼ି କହିଲେ....“କୁଆ ମଯୂର ଚୂଳ ପିଛ ନଜକୁ ମଯୂର ଜ୍ୱର ନାଚବା ପରି, ମିଷ୍ଟର ଦାସ ନଜକୁ ଓଡ଼ଆ ବୋଲ୍ ଯେତେ ପ୍ରସ୍ତର କରନ୍ତୁ ପଛେ ତାଙ୍କ ଅସଲ ରୂପଟା କପଟ ହାତେ ହାତେ ଧରା ପଡ଼ିଗଲା, ଦେଖିଲ ତ କଲ୍ୟତରୁ !”—ଗୋକୁଳାନନ୍ଦଙ୍କ କାଠଯୋଡ଼ା କୂଳ ଘର ବୈଠକ ଖାନାରେ ଆଲୋଚନା ଘୂଲଥିଲା ମଧୁସୂଦନଙ୍କୁ କେନ୍ଦ୍ର କରି ।

“ସେମାନେ କହୁଛନ୍ତି ମାତ୍ର ନଅ ଜଣ ସଭ୍ୟଙ୍କ ଗୋଟିଏ ଏକଦେଶୀୟ ପ୍ରସ୍ତାବରେ ଉତ୍କଳ-ସଭାର ଶତାଧିକ ସଭ୍ୟ କଦାପି ବାଧ ରହି ନ ପାରନ୍ତି । ପ୍ରିୟନାଥ ମୁଖୁର୍ଯ୍ୟା, କ୍ଷୀରୋଦଚନ୍ଦ୍ର ରାୟ ଚୌଧୁରୀଙ୍କ ଆପତ୍ତି, ମିଷ୍ଟର ଦାସଙ୍କୁ ନ ସୁହାଇବ କାହିଁକି ? ମିଷ୍ଟର ଦାସ ମନରେ ପ୍ରାଣରେ ତ ସେଇ କଲ୍‌କତ୍ତା ବଙ୍ଗାଲୀ । କନ୍ତୁ ସେମାନଙ୍କ ନଷ୍ପତ୍ତିକୁ ଆମେ କଦାପି ସ୍ୱୀକାର କରି ନ ପାରୁ । ଆପଣଙ୍କ ମତ କଣ ଧର୍ମାନନ୍ଦବାବୁ ?”—ବାବୁ କଲ୍ୟତରୁ ଦାସ ବେଶ୍ ଉତ୍ତେଜିତ ହୋଇ ଉଠିଲେ ।

ମଧୁସୂଦନଙ୍କୁ “ଉତ୍କଳ-ସଭା” ବା ଓଡ଼ିଶା-ଆସୋସିଏସନର ସଭ୍ୟପଦ ପଦରୁ ବତାଡ଼ିତ ନ କରିବା ପର୍ଯ୍ୟନ୍ତ, ଓଡ଼ଆ ଜାତିର ଯେ କଲ୍ୟାଣ ନାହିଁ, ସେଥିରେ ବାବୁ ଧର୍ମାନନ୍ଦ ପଞ୍ଚନାୟକଙ୍କର ମଧ୍ୟ ସନ୍ଦେହ ନ ଥିଲା ।

ଉତ୍କଳ-ସମ୍ମିଳନୀରୁ ସ୍ୱେଚ୍ଛାରେ ବିଦାୟ ନେବା ପରେ, ମଧୁସୂଦନଙ୍କ କାର୍ଯ୍ୟକଳାପ କେବଳ ଓଡ଼ିଶା-ଆସୋସିଏସନ ବା ଉତ୍କଳ-ସଭା ମଧ୍ୟରେ ସୀମିତ ରହିଥିଲା । ମଧୁସୂଦନ ଥିଲେ ଏହାର ସଭ୍ୟପତି । ମାତ୍ର ସେଥିରୁ ସୁଦ୍ଧା ତାଙ୍କୁ ଅପସାରିତ କରିବା ପାଇଁ ମଧୁସୂଦନଙ୍କ ପ୍ରତିପକ୍ଷ ଗୋଷ୍ଠୀ ଯେପରି ଦୃଢ଼ ସଙ୍କଳ୍ପ ହୋଇ ଉଠିଥିଲେ ।

ଓଡ଼ିଶା ପାଇଁ କେତେଟା ଗ୍ରନ୍ଥବୃତ୍ତି ବଣ୍ଟନ ସମସ୍ୟା, ସେତେବେଳେ କଟକର ସାମାଜିକ ଓ ରାଜନୈତିକ ଜୀବନକୁ ପୂରା ଅକର୍ମଣ୍ୟତା ଜ୍ୱରରେ କ୍ଲୋରାନ୍ତ କରି ଦେଇଥିଲା । ମଧୁସୂଦନ ହୋଇଥିଲେ ଏହାର ଶରବ୍ୟ ।

Digitized by srujanika@gmail.com

ଓଡ଼ିଶାରେ ଉଚ୍ଚଶିକ୍ଷା ପ୍ରସାର ନାମରେ, କମିସନର ଲେଉଞ୍ଚ, ଟେବୁଲ ଉପରୁ ଟୁକୁରାଏ ରୁଟି ଫିଙ୍ଗିବା ପର ଓଡ଼ିଶା ପାଇଁ ସାମାନ୍ୟ କେତେଟା ଛାତ୍ରବୃତ୍ତି ଘୋଷଣା କରିଥିଲେ । ସେଇ ଛାତ୍ରବୃତ୍ତିକୁ କେନ୍ଦ୍ର କରି ଓଡ଼ିଆ ଓ ବଙ୍ଗବାସୀଙ୍କ ମଧ୍ୟରେ ଲଗିଥିଲା କନ୍ଦଳ । ବଗଭ ଶତାବ୍ଦୀର ଓଡ଼ିଆ-ବଙ୍ଗାଳୀ ବଦ୍ୱେଷ ପୁଣି ଯେପରି ନବଜନ୍ମ ଲାଭ କରିଥିଲା ।

ଓଡ଼ିଆମାନଙ୍କ ଦାବୀ—ଯେଉଁମାନେ ନଟ୍ରେଲ ଓଡ଼ିଆ, ସେଇମାନେ କେବଳ ଏଇ ଛାତ୍ରବୃତ୍ତି ପାଇଁ ହକ୍‌ଦାର ! ଯେଉଁମାନେ ଆରନ୍ଧୁକ, ଅଥବା ଯେଉଁମାନେ କେବଳ ଗୁଳଖୁ ଅଥବା ବ୍ୟବସାୟ ଫନ୍ଧାନ୍ଧରେ ଓଡ଼ିଶା ଆସି, ଏଠାରେ ବସବାସ କରି ରହିଛନ୍ତି, ସେମାନେ ଏ ଛାତ୍ରବୃତ୍ତିରୁ ବଞ୍ଚିତ ହେବା ଆବଶ୍ୟକ । ଓଡ଼ିଶାର ଓଡଆମାନେ ଯେପରି ଅବହେଳିତ ସ୍ତରରେ ରହିଥିଲେ, ସେଥିରୁ ସେମାନଙ୍କର ଉନ୍ନୟନ ପାଇଁ କେତେକ ବଶେଷ ବ୍ୟବସ୍ଥାର ପ୍ରୟୋଜନ ଥିଲା ନଶ୍ଚୟ । କନ୍ତୁ ସେପରି ବଶେଷ ବ୍ୟବସ୍ଥାର ଉପକ୍ରେକ୍ତ । ଦୁଅନ୍ତ ସହ ଅପେକ୍ଷାକୃତ ଅଧିକ ଅଗ୍ରଗାମୀ ଓ ସୌଭାଗ୍ୟଶାଳୀ ଆରନ୍ଧୁକ ଗୋଷ୍ଠୀ ଭା ହେଲେ ଓଡ଼ିଶା ପାଇଁ ସେପରି ବଶେଷ ବ୍ୟବସ୍ଥାର କୌଣସି ସ୍ୱତନ୍ତ୍ର ଉପଯୋଗିତା ରହିବ ନାହିଁ । ସୀମିତ ଦୃଷ୍ଟିରୁ ଏପରି ପୁନ୍ତ ଓଡ଼ିଶାର ଉତ୍କୀବନ ପ୍ରତି କଲ୍ୟାଣାତ୍ମୁଖୀ ଥିଲା, ସନ୍ଦେହ ନାହିଁ । ମାତ୍ର ଓଡ଼ିଶାରେ ସାଧାରଣ ଜୀବନର ସୂନ୍ରପାତ କରିବା ଦନ୍ତୁ, ଯେଉଁ ସମନ୍ଦ୍ଧତ ଓଡଆ ଜାତୀସ୍ତ୍ତାର ବକାଶ ଓ ଅଭ୍ୟୁର୍ଦ୍ଧି ପାଇଁ, ମଧୁସୂଦନ ଏତେ ଉଦ୍ୟମ କରି ଆସିଥିଲେ, ଏହି କୁତ୍ସିତ ବାଦ ବସମ୍ବାଦ ମଧ୍ୟରେ, ତାହା ବନଷ୍ଟ ପ୍ରାସ୍ତ ହୋଇ ପଡ଼ିଥିଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମ୍ଭାବନା ତ ରହିଲା ଅନର୍ଦ୍ଧିଷ୍ଟତାର ଗର୍ଭରେ, କନ୍ତୁ ଇତମଧ୍ୟରେ ଓଡ଼ିଶାର ସାଧାରଣ ଜୀବନ ଯେପରି ନାନା ଗୁଚ୍ଛତା ଓ ଭୁଲ୍ ବୁଝା ମଧ୍ୟରେ ବପର୍ଯ୍ୟସ୍ତ, ବାଧାଗ୍ରସ୍ତ ହୋଇ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅଥବା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ସୁଦୂରପରାହତ ହୋଇ ଉଠୁଥିଲା, ମଧୁସୂଦନ ତାହା ସ୍ପଷ୍ଟ ଲକ୍ଷ୍ୟ କରି ପାରୁଥିଲେ । ନଜର ସ୍ୱତ୍ତ୍ୱ ସୂଲଭ ଅନମନୀସ୍ତ୍ୱ ଆତ୍ମବଶ୍ୱାସରେ, ମଧୁସୂଦନ ତାହାର ପ୍ରତରୋଧ ପାଇଁ, ଅପବାଦ ଓ ଉର୍ତ୍ସନାକୁ ଭ୍ରକ୍ଷେପ ନ କରି, ଅବଶ୍ୟ ବଇପରକର ହୋଇଥିଲେ । ଏହା କନ୍ତୁ ପ୍ରତପକ୍ଷମାନଙ୍କ ଶିବରରେ ତୀବ୍ର ପ୍ରତକ୍ରିସ୍ତ୍ୱା ସୃଷ୍ଟି କରିଥିଲା ।

ଗୋକୁଲାନନ୍ଦ କହିଲେ···"ପୂରସ୍ତ୍ତମ ସାହୀ ପର ଓଡ଼ିଶାକୁ ଦୁଇଜଣ ପାଇଁ ଆସି, ଓଡଆଙ୍କ ସଙ୍ଗରେ ସମାନ ସୁଯୋଗ ଅଧିକାର ଦାବୀ କରିବା ଗୋଟାଏ ବଡ଼ମୂନା ଛଡ଼ା ଆଉ କଣ ହୋଇପାରେ ?"

"ସେଥିପାଇଁ ତ ଓଡ଼ିଶା-ଆସୋସିଏସନର ନସ୍ତ୍ମାବଳୀ ପରବର୍ତ୍ତିନ କରିଗଲା ଯେ, କେବଳ ଓଡ଼ିଶାର ସ୍ଥାସ୍ତ୍ତୀ ଅଧିବାସୀଙ୍କ ବ୍ୟତୀତ ଆଉ କେହି ଓଡ଼ିଶା ଆସୋସିଏସନର ସଭ୍ୟ ହୋଇ ନ ପାରନ୍ତି । ଅନ୍ୟତ୍ର ସମ୍ପତ୍ତି ଅଥବା ବାସସ୍ଥାନ ଥାଇ, କେବଳ ବୃତ୍ତି ଅଥବା

Digitized by srujanika@gmail.com

ବ୍ୟବସାସ୍ଥ ଉପଲକ୍ଷେ, ଯେଉଁମାନେ ଓଡ଼ଶା ଆସି ଏଠାରେ ବସବାସ କର ରହିଥିଲେ, ଆସୋସିଏସନର ସମ୍ବିଧାନ ଅନୁସାରେ, ସେମାନେ ମଧ୍ୟ ଏହାର ସଭ୍ୟ ହେବାର କୌଣସି ପ୍ରତବନ୍ଧକ ନ ଥିଲ । ମାତ୍ର ଜସ୍ଥମାବଳୀରେ ଏହି ପରବର୍ତ୍ତନ ଫଳରେ, ସେମାନେ ସେହି ଅଧିକାରରୁ ବଞ୍ଚତ ହୋଇଥିଲେ । ଯିଏ ଓଡ଼ଶା-ଆସୋସିଏସନର ସଭ୍ୟ ନୁହନ୍ତ, ସିଏ ଓଡ଼ିଆ ନୁହନ୍ତ; କମ୍ବା ଓଡ଼ିଶାବାସୀଙ୍କ ପାଇଁ ଉଦ୍ଦିଷ୍ଟ ବଶେଷ ସୁଯୋଗରେ ସେମାନଙ୍କର କୌଣସି ଅଧିକାର ନାହିଁ । ମୂଳ ମାଇଲେ ଯିବ ସର, ଦେବଙ୍କ ସଙ୍ଗେ କମ୍ପା କଲ ?''—କଲ୍ଭରୁ ବାବୁ ଟିପ୍‌ପଣୀ କଲେ ।

ଧର୍ମାନନ୍ଦ ପଞ୍ଚନାସ୍ଥକ କହିଲେ, ''କନ୍ତୁ ପ୍ରିସ୍ଥନାଥ ସ୍ଥଟୁର୍ଫା ଆଉ ତାଙ୍କ ଗୋଷ୍ଠୀ ଏହାକୁ ମାନବା ପାଇଁ ତ ପ୍ରସ୍ତୁତ ନୁହନ୍ତ । ସେମାନେ କୁହନ୍ତ, ଓଡ଼ଶା ଆସୋସିଏସନର ଯେଉଁ ବୈଠକରେ ଏହି ପରବର୍ତ୍ତନ ଅନୁମୋଦତ ହେଲ, ସେଥିରେ କେବଳ ମାତ୍ର ନଅଜଣ ଉତ୍କଲୀସ୍ଥ ଉପସ୍ଥିତ ଥିଲେ । ଏପର ଏକ ଗୁରୁତର, ମୌଳକ ବଷସ୍ଥରେ ମାତ୍ର ନଅଜଣଙ୍କ ଏକତରଫା ସିଦ୍ଧାନ୍ତକୁ ସମସ୍ତ ଓଡ଼ଶା-ଆସୋସିଏସନର ସିଦ୍ଧାନ୍ତ ରୂପେ ଗ୍ରହଣ କର ହଆଯିବ କପର ? ସେଥିପାଇଁ ସେମାନେ ଓଡ଼ିଶା-ଆସୋସିଏସନର ଗୋଟିଏ ସାଧାରଣ ବୈଠକ ଡକାଇଛନ୍ତ ।''

ଗୋକୁଲାନନ୍ଦ ବସ୍ଫୋରଣ କର ଉଠିଲେ, ''କନ୍ତୁ ଓଡ଼ିଶା-ଆସୋସିଏସନର ପ୍ରେସିଡ଼େଣ୍ଟ୍ ମିଷ୍ଟର ଦାସ, ବର୍ତ୍ତମ୍ବ ବୈଠକ ପାଇଁ ସେମାନଙ୍କ ରକ୍ୱିଜସନ୍‌କୁ ମାନନେଲେ କପର ? ସେ ଇଚ୍ଛା କରଥିଲେ ସେମାନଙ୍କ ରକ୍ୱିଜସନ୍‌କୁ ବାତଲ କର ଦେଇ ପାରଥାନ୍ତେ । ସେଥିପାଇଁ ତ ମୁଁ କହେ, ମିଷ୍ଟର ଦାସ, ଜଜକୁ ଯେତେ ଓଡ଼ିଆ, ଓଡ଼ିଆ ବୋଲନ୍ତୁ ପଛେ, ତାଙ୍କ ଦରଦ ସେଇ କଲ୍‌କତ୍ତା ବଙ୍ଗାଲୀଙ୍କ ପାଇଁ । ସେଇ କଲ୍‌କତ୍ତାମାନଙ୍କୁ ସୁହାଇବା ପାଇଁ ସେ ଓଡ଼ିଶା ଉଚ୍ଚଜନକୁ ବଙ୍ଗଳା ସହତ ରଖାଇଲେ । ନୋହିଲେ ଆମର ତ ଦାବୀ ଥିଲ— ମଧ୍ୟପ୍ରଦେଶରେ ସାମିଲ୍ ହେବା ପାଇଁ ।''

ବଙ୍ଗଳା ଲେଜିସ୍‌ଲେଟିଭ କାଉନ୍‌ସିଲ ପାଇଁ ନର୍ବାଚନରେ ପର୍‌ଜସ୍ୱର ଜ୍ୱାଳା, ଗୋକୁଲାନନ୍ଦ ସେ ପର୍ଯ୍ୟନ୍ତ ତଥାପି ଭୁଲ ପାର ନ ଥିଲେ ।

କଲ୍ଭରୁ କହିଲେ....''ଠିକ୍ ଅଛ, ଆସୋସିଏସନ୍‌ର ଯେଉଁ ସାଧାରଣ ବୈଠକ ଡକା ଯାଇଛ, ସେଥିରେ ଯଦ ଆମର ପୂର୍ବ ପ୍ରସ୍ତାବ ଅନୁମୋଦତ ହୋଇଗଲ, ତା' ହେଲେ କାର୍ଯ୍ୟତଃ ମିଷ୍ଟର ଦାସଙ୍କ ପ୍ରତ ତାହା ହେବ ଏକ ଅବଶ୍ୱାସ-ପ୍ରସ୍ତାବ, ଭ୍ୱେଟ୍ ଅଫ୍ ନୋ କନ୍‌ଫିଡ଼େନସ୍ ।''

ଗୋକୁଲାନନ୍ଦ ହୁକାରୁ କଲେ ଧୂଆଁ ଛୁଡ଼ ଚନ୍ତ୍ରତ କଣ୍ଠରେ ପଗ୍ଭରଲେ···''କନ୍ତୁ ସାଧାରଣ ବୈଠକରେ ଏ କାର୍ଯ୍ୟ ଆମେ ନେଇଆସି ଥୋଇପାରବାକି ?

Digitized by srujanika@gmail.com

ଧର୍ମାନନ୍ଦ ପୋସ୍ତାହୁତ କଣ୍ଠରେ ଉତ୍ତର ଦେଲେ···"ସେମାନଙ୍କ ସଂଖ୍ୟା ବା କେତେ ? ଆମେ ନ ପାରିବା କାହିଁକି ?—ମିଷ୍ଟର ଦାସଙ୍କୁ ଓଡ଼ିଶା-ଆସୋସିଏସନ୍‌ରୁ ନ ଉଡ଼ିବା ପର୍ଯ୍ୟନ୍ତ ଓଡ଼ିଆମାନଙ୍କର କଲ୍ୟାଣ ନାହିଁ । ଏ କଥା ଜନ୍ମୁ ନିଶ୍ଚିତ ।"

ଗୋକୁଳାନନ୍ଦଙ୍କ ବୈଠକଖାନାରେ ସେଦିନ ଏଥିପାଇଁ ଗୋଟିଏ ସୂଚନ୍ତୁତ କର୍ମ-ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଗଲ୍ ।

ସାଧାରଣ ବୈଠକ ପୂର୍ବରୁ ମଧୁସୂଦନ ଓ ତାଙ୍କ ଶୁଭ୍ରକାଂକ୍ଷୀମାନେ ଏହାର ସୂଚନା ମଧ୍ୟ ପାଇ ସାରିଥିଲେ ଗୌରୀଶଙ୍କର ପରାମର୍ଶ ଦେଲେ, ବହୁ ମତରେ ଯାହା ସ୍ଥିର ହେଉଛୁ ହେଉ, ମଧୁସୂଦନ ଏଥିରେ ଚଢ଼ା ନ ପଡ଼ିବାଇ ଭଲ ।

କନ୍ତୁ ଚଢ଼ା ନ ପଡ଼ିବା ସ୍ୱତ୍ୱେ ମଧୁସୂଦନଙ୍କର ନିସ୍ତ୍ୱନ୍‌କାଳେ ନ ଥିଲା । ସେ ବଷ୍ଟୋରଣ କରି ଉଠିଲେ, "ଓଡ଼ିଆ ଜାତ ଯଦି ବହୁ ମତରେ ସ୍ଥିର କରେ ଆତ୍ମହତ୍ୟା କରିବା ପାଇଁ, ତା'ହେଲେ ମିଷ୍ଟର ଦାସ କଣ ତାର ପ୍ରତିରୋଧ ନ କରି ଚଢ଼ା ପଡ଼ିବା ଭସ୍ମରେ ମାରିବ ରହିଯିବ ? ସୁଅରେ ଭସିଯିବା ନେଉଟୁ ନୁହେଁ । ସେଥିପାଇଁ କାଠିକୁଟା ଯଥେଷ୍ଟ ।"

ନିର୍ଦ୍ଦିଷ୍ଟ ଦିବସରେ ଆଭୂତ ହୋଇଥିଲା, ଓଡ଼ିଆ ଆସୋସିଏସନ୍ ସାଧାରଣ ପରିଷଦର ବୈଠକ । ବୈଠକରେ ୫୧ ଜଣ ସଭ୍ୟଙ୍କ ବ୍ୟତୀତ, ବହୁ ସାଧାରଣ ଦର୍ଶକ ମଧ୍ୟ ବ୍ୟାପାରଟି ଉପଲବ୍ଧ କରିବା ପାଇଁ, ପ୍ରିନ୍ସିଙ୍ଗ-କୋମ୍ପାନୀ ହଲ୍ ବାରଣ୍ଡାରେ ଠୁଳ ହୋଇଥିଲେ । ବସ୍ତୁତଃ ସେ ଦିନ ଓଡ଼ିଶା-ଆସୋସିଏସନ୍ ସଭ୍ୟରେ ଯେତେ ଜନ ସମାଗମ ହୋଇଥିଲା, ଆସୋସିଏସନର ଇତିହାସରେ ତାହା ଥିଲା ଅଭୂତପୂର୍ବ । * ଘର ଗଢ଼ିବା ଅପେକ୍ଷା ଭାଙ୍ଗିବା ଦୃଶ୍ୟଟି ଓଡ଼ିଆଙ୍କ ପକ୍ଷରେ ଅଧିକତର ଉପଭୋଗ୍ୟ ! ଏ 'ଅଭୂତପୂର୍ବ' ଜନସମାଗମର ତାହାହିଁ ଥିଲା ତାତ୍ପର୍ଯ୍ୟ ।

ଉଭୟ ପକ୍ଷର ବାକ୍ ବିତଣ୍ଡା ମଧ୍ୟରେ ବୈଠକ ବେଶ୍ ସରଗରମ ହୋଇ ଉଠିଥିଲା । ସଭାରେ ସୌଜନ୍ୟ ଓ ଶୃଙ୍ଖଳା ରକ୍ଷା ପାଇଁ ସଧୁସୂଦନ ସଭାପତି ରୂପେ ଯେତେ ଅନୁରୋଧ କଲେ ସୁଦ୍ଧା, କେହି ସେଥିପ୍ରତି କର୍ଣ୍ଣପାତ କରିବା ଅବସ୍ଥାରେ ନ ଥିଲେ । ସାମାନ୍ୟ କେତେଟି ଶ୍ରୁତିବୃତ୍ତି ଯେନ ଯେଉଁ କନ୍ଦଳ ଜାତ ହୋଇଥିଲା, ତାହାର ଗତ୍ତବ୍ୟ ଯେପରି ଥିଲା ଅଶୋଭନୀୟ ସେହିପରି ଥିଲା ମଧ୍ୟ ଅବଶ୍ୟାସ୍ୟ ।

---

* ଉତ୍କଳ-ମାସିକା ତା ୧୬ । ୩ । ୧୨୧୦

Digitized by srujanika@gmail.com

ପ୍ରିସ୍ୱନାଥ ସ୍କୁଟର୍ସ ଇକ୍ୱଲ-ସଭ୍ୟ ବା ଓଡ଼ଣା ଆସୋସିଏସନ ଆରମ୍ଭ ଦନରୁ ଏହାର ସଭ୍ୟ । ଏହାର ପ୍ରତଷ୍ଠା ଓ ଅଭବୃଦ୍ଧିରେ ତାଙ୍କର ଅବଦାନ ସାମାନ୍ୟ ନ ଥିଲ । ଆଜ ସେହ୍ନ ଇକ୍ୱଲ-ସଭ୍ୟ, ଏପର ସଙ୍ଗଣ୍ଠିତା ଦ୍ୱାର୍ ଆନ୍ତାନ୍ତ ହୋଇଥିବାରୁ, ସେ ତାଙ୍କର ଜ୍ୱଷଣରେ ଗଭ୍ୱର ଦୁଃଖ ପ୍ରକାଶ କରଥିଲେ । ଓଡ଼ଣାରେ ସ୍ଥାସ୍ୱୀ ବସବାସ କର ରହ୍ନଥିବା ବ୍ୟକ୍ତମାନଙ୍କ ବ୍ୟତୀତ, ଅନ୍ୟ କେହ୍ନ ଓଡ଼ଣା-ଆସୋସିଏସନ୍ ବା ଇକ୍ୱଲ-ସଭ୍ୟର ସଭ୍ୟ ହୋଇ ପାରବେ ନାହିଁ ବୋଲ୍, ସେଠାରେ ଯେଉଁ ପ୍ରସ୍ତାବ ଆଲେଚତ ହେଇଥିଲ, ତାହା ଘୋର "ନବୋଧ" ବୋଲ୍ ଆକ୍ଷେପ କରବା ପାଇଁ ପ୍ରିସ୍ୱନାଥ ସ୍କୁଟାର୍ଙ୍କ ମଧ୍ୟ କୁଣ୍ଠାବୋଧ କର ନ ଥିଲେ ।

"ଓଡ଼ଆମାନେ ନବୋଧ ? ଆମେ ସବୁ ନବୋଧ ?"—ସଭ୍ୟର ଘୁଣଆଡ଼ ପ୍ରବଳ ପ୍ରତବାଦ ଯେପର ପ୍ରବଳ ହୋଇ ଉଠିଲ, ସେଥିରେ ପ୍ରିସ୍ୱନାଥ ବାବୁ "ନବୋଧ" ଶବ୍ଦ ବ୍ୟବହାର କରଥିବା ହେତୁ ଦୁଃଖ ପ୍ରକାଶ କରୁଥିବା, କୋଲାହଲ ମଧ୍ୟରେ ଶୁଣାଯାଉ ନ ଥିଲ୍ ।

ସଭ୍ୟପତ ଆସନରୁ ସଭ୍ୟରେ ଶୃଙ୍ଖଳା ରକ୍ଷା ପାଇଁ ମଧୁସୂଦନ ଅସହ୍ୟାସ୍ୱ ଭ୍ୱବରେ ଯେତକ "ଅର୍ଡର. ଅର୍ଡର" ଚତ୍କାର କରୁଥିଲେ, କୋଲାହଲ ଜମେ ସେତକ ବୃଦ୍ଧି ପାଇବାରେ ଲଗିଥିଲ୍ ।

ଗୋକୁଳାନନ୍ଦ କଛୁ କହ୍ନବା ପାଇଁ ଉଠିବା କେଲେ. ସଭ୍ୟଗହ୍ନ ହଠାତ୍ ମାରବ ହୋଇଗଲ୍ । ଗୋକୁଳାନନ୍ଦ କହ୍ନଲେ...."ଓଡ଼ଆମାନେ ଜ୍ୱରବାସ୍ସ ବୋଲ୍ ଦନେ ବାବୁ ଗ୍ରଜେନ୍ଦ୍ରଲାଲ୍ ଲେଖିଥିଲେ ସିନା, ପ୍ରିସ୍ୱନାଥ ବାବୁ ଏବେ ଓଡ଼ଆମାନଙ୍କୁ ନବୋଧ କହ୍ନ, ଗ୍ରଜେନ୍ଦ୍ରଲାଲ୍‌ଙ୍କୁ ସୁଦ୍ଧା ବଲ ପଡ଼ଲେ । ଦୁଇଦନଆ ପୂରସ୍ତମ ଯାତ୍ରୀ ପର ଯେଉଁମାନେ ଓଡ଼ଣା ଆସିଥିଲେ, ସେମାନେ ଓଡ଼ଆମାନଙ୍କୁ ନବୋଧ ନ କହ୍ନବେ କାହିଁକ ?"

ଗୋକୁଳାନନ୍ଦଙ୍କ ଭଙ୍ଗୀ ଓ ବକ୍ତବ୍ୟରେ ସଭ୍ୟସ୍ଥଳ ଘନ ଘନ କରତାଳରେ ଯେପର ପ୍ରକମ୍ପିତ ହେଲ, ଉପସ୍ଥିତ ବଙ୍ଗୀୟମାନେ ସେଥିରେ ଘୋର ଅସ୍ୱସ୍ତି ଅନୁଭବ କରୁଥିଲେ ।

ସଭ୍ୟରେ ଶୃଙ୍ଖଳା ଆଣିବା ପାଇଁ ମଧୁସୂଦନ ଠିଆ ହୋଇ ଚତ୍କାର କରୁଥିଲେ, 'ଅର୍ଡର, ଅର୍ଡର' ।

ସଭ୍ୟ ଭତରୁ ମଧୁସୂଦନଙ୍କ କଣ୍ଠସ୍ୱର ଅନୁକରଣ କର, କେତେ ଜଣ ଏକ ସଙ୍ଗରେ ବତ୍ରୂପ କର ଉଠିଲେ···"ଅର୍ଡର, ଅର୍ଡର ! ତୁମେ ବୃଦ୍ଧ ! ସଭ୍ୟକାର୍ଯ୍ୟ ପରଗ୍ଭଳନା ପାଇଁ ତୁମେ ଅଯୋଗ୍ୟ ! ବସିପଡ଼ !"

ଆଉ ଜଣେ ଟିପ୍‌ପଣୀ କାଟିଲେ...."ବାସ୍ନା ଚଡ଼େଇର କ ଆଏ, ନାଁ ବାଆ କଲେ ବସା ଦୋହଲୁଥାଏ ।" ବାସ୍ନା ଚଡ଼େଇ ଆକ୍ଷେପଟା ମଧୁସୂଦନଙ୍କ ପ୍ରତ ଥିଲ ଉଦ୍ଦିଷ୍ଟ ।

Digitized by srujanika@gmail.com

ଘନ ଘନ କରତାଳ ମଧ୍ୟରେ ଜାନକୀନାଥ ବୋଷ, ଠିଆହୋଇ କ'ଣ କହିବା ପାଇଁ ଚେଷ୍ଟା କରୁଥିଲେ । ମାତ୍ର କୋଳାହଳ ମଧ୍ୟରେ ତାହା କିଛି ଶୁଣା ଯାଉ ନ ଥିଲା ।

ଏସବୁ ତାତ୍ତ୍ୱିକ ପ୍ରତି କର୍ଣ୍ଣପାତ ନ କରି, ମଧୁସୂଦନ ଶାନ୍ତ କଣ୍ଠରେ କହିଲେ "ପ୍ରସ୍ତାବ ସମ୍ପର୍କରେ ସପକ୍ଷ ଓ ବିପକ୍ଷରେ ଯଥେଷ୍ଟ ଆଲୋଚନା ହୋଇ ସାରିଛି । ଓଡ଼ିଶା ଆସୋସିଏସନ୍‌ର ସଭ୍ୟପଦ ସମ୍ପର୍କରେ ମାନେଜିଙ୍ଗ କମିଟି ଯେଉଁ ନିୟମ ପ୍ରଣୟନ କରିଥିଲେ ଓ ଯାହା ଆସୋସିଏସନର ସାଧାରଣ ବୈଠକ ଦ୍ୱାରା ଅନୁମୋଦିତ ହୋଇଥିଲା, ତାହା ହେଲା—

"Any resident of Orissa or any person who owns property in Orissa or carries on any business in Orissa may be eligible for membership of the Association. ଯେଉଁମାନେ ଏହା ସପକ୍ଷରେ ସେମାନେ ହାତ ଉଠାନ୍ତୁ ।"

ସପକ୍ଷରେ ୨୫ ଜଣ ହାତ ଉଠାଇଲେ । ବିପକ୍ଷରେ ମତ ନଆସିବାରୁ ମାତ୍ର ୧୩ ଜଣଙ୍କର ଗ୍ରେଟ୍ ମିଳିଲା । କିନ୍ତୁ ମତରେ ପ୍ରସ୍ତାବଟି ଅନୁମୋଦିତ ହୋଇଗଲା । ଏହାର ତାତ୍ପର୍ଯ୍ୟ ହେଲା ଯେଉଁମାନେ ଓଡ଼ଶାର ସ୍ଥାୟୀ ବାସିନ୍ଦା ନ ହୋଇ ସୁଦ୍ଧା, କେବଳ ବୃତ୍ତି ଅଥବା ବ୍ୟବସାୟ ଉପଲକ୍ଷେ ଆସି ଓଡ଼ଶାରେ ବସବାସ କରି ରହିଥିଲେ, ସେମାନେ ମଧ୍ୟ ଓଡ଼ିଶା-ଆସୋସିଏସନର ସଭ୍ୟ ରୂପେ ଗଣ୍ୟ ହୋଇ ପାରନ୍ତି ।

ମାତ୍ର ଗୋକୁଳାନନ୍ଦ ପ୍ରମୁଖ ଥିଲେ ଏହାର ତୀବ୍ର ବିରୋଧୀ । ସାଧାରଣ ବୈଠକରେ ସେମାନଙ୍କ ପ୍ରସ୍ତାବିତ ସଂଶୋଧନ ବହୁ ମତରେ ଗୃହୀତ ହୋଇ ଯିବ ବୋଲି ସେମାନଙ୍କର ଦୃଢ଼ ପ୍ରତ୍ୟୟ ରହିଥିଲା । କିନ୍ତୁ ମତ ଗ୍ରହଣର ଫଳାଫଳ ଦେଖି, ଗୋକୁଳାନନ୍ଦ ବାବୁ ଓଡ଼ିଶା-ଆସୋସିଏସନରୁ ଇସ୍ତଫା ଦେଲେ ବୋଲି ଘୋଷଣା କରି ସଭାସ୍ଥଳ ତ୍ୟାଗ କରି ଚାଲିଗଲେ । ତାଙ୍କ ପଛେ ପଛେ ଆଉ କେତେକ ଓଡ଼ିଆ ସଭ୍ୟ ମଧ୍ୟ ସଭା ଛାଡ଼ି ଉଠି ଆସିଲେ ।

ସଭା ଶେଷରେ ଫେରିବା ବାଟରେ କ୍ଷୀରୋଦଚନ୍ଦ୍ର ଘୋଷ ଚୌଧୁରୀ କହିଲେ··· "ଓଡ଼ିଶା-ଆସୋସିଏସନ ସଭାରେ ଆଜି ଯେତେ ସଭ୍ୟ ଓ ସାଧାରଣ ବ୍ୟକ୍ତି ଯୋଗ ଦେଇଥିଲେ, ଆସୋସିଏସନ ଆରମ୍ଭ ହିନୁ ସେପରି ଜନ ସମାଗମ ଆଉ କେବେ ଦେଖା ଯାଇ ନ ଥିଲା ।"

ମଧୁସୂଦନ ଉତ୍ତର ଦେଲେ···"କ୍ଷୀରୋଦ ! ଆମ ଦେଶରେ ଆବାହନ ଅପେକ୍ଷା ବିସର୍ଜନ ବେଳର ପାଲଟା ବେଶୀ ! ଦେବୀ ମେଢ଼ ବିସର୍ଜନ ବେଳର ପଟୁଆର ଦେଖି ନାହଁ ?"

Digitized by srujanika@gmail.com

ଏହାପରେ ମଧୁସୂଦନ ମଧ୍ୟ, ଓଡ଼ିଶା-ଆସୋସିଏସନର ସଭାପତି ପଦରୁ ଇସ୍ତଫା ଦେଇ ଦେଲେ । ବସ୍ତୁତଃ, ସେଇଠାରେ ଓଡ଼ିଶାର ସର୍ବ ପ୍ରଥମ ରାଜନୈତିକ ଅନୁଷ୍ଠାନ ଓଡ଼ିଶା-ଆସୋସିଏସନର ଇତିହାସରେ ପୂର୍ଣ୍ଣଚ୍ଛେଦ ପଡ଼ିଲ ।

ଇତିହାସର ପରିହାସ ଏହାକି ଯେ, ୧୮୮୬ ସାଲରେ ମଧୁସୂଦନ କଲିକତା ଛାଡ଼ି କଟକ ଆସିବା ପରେ, ଓଡ଼ିଶାରେ ଏକ ବଳିଷ୍ଠ ରାଜନୈତିକ ସଙ୍ଗଠନର ଅଭାବ ଲକ୍ଷ୍ୟ କରି, ଅନ୍ୟମାନଙ୍କର ସହାୟତାରେ ଯେଉଁ ଓଡ଼ିଶା-ଆସୋସିଏସନ ବା ଉତ୍କଳ-ସଭାର ଭିତ୍ତି ସ୍ଥାପନ କରିଥିଲେ, ଏବେ ତାଙ୍କୁ ସେଇ ଓଡ଼ିଶା-ଆସୋସିଏସନରୁ ମଧ୍ୟ ବିଦାୟ ନେବା ପାଇଁ ପଡ଼ିଲ, ଏକ ଗ୍ଲାନିକର ପରିସ୍ଥିତି ମଧ୍ୟରେ ।

ଓଡ଼ିଶା-ଆସୋସିଏସନରୁ ଇସ୍ତଫା ସମ୍ପର୍କରେ "ଉତ୍କଳ ଦୀପିକା"କୁ ପ୍ରେରିତ ଏକ ଇଂରାଜୀ ପତ୍ରରେ, ମଧୁସୂଦନ ଲେଖିଥିଲେ,···ଓଡ଼ିଶାରେ ବନ୍ଧୁ ସଂପ୍ରଦାୟ, ଭାଷାଭାଷୀ ଓ ଜାତି ବସବାସ କରି ରହିଛନ୍ତି । କେତେକ କ୍ଷେତ୍ରରେ ସେମାନଙ୍କ ସ୍ୱାର୍ଥ ପରସ୍ପର-ବିରୋଧୀ ସତ୍ତ୍ୱେ, ତଥାପି ଅଧିକ ବନ୍ଧୁ କ୍ଷେତ୍ରରେ, ସେମାନଙ୍କ ସ୍ୱାର୍ଥ ଓଡ଼ିଶାବାସୀ ତଥା ସାରତବାସୀଙ୍କ ସାଧାରଣ ସ୍ୱାର୍ଥ ସହିତ ଘନିଷ୍ଠ ଭାବରେ ମଧ୍ୟ ଜଡ଼ିତ । ଓଡ଼ିଶା-ଆସୋସିଏସନ ବା ଉତ୍କଳ-ସଭା ଏକ ସମନ୍ୱିତ ସ୍ୱାର୍ଥର ଭିତ୍ତି ଉପରେ ସ୍ଥାପିତ ହୋଇଥିଲା । କିନ୍ତୁ ସାଂପ୍ରତିକ ବିସମ୍ବାଦ ମଧ୍ୟରେ ଓଡ଼ିଶା-ଆସୋସିଏସନର ସେହି ଉଦାର, ସାର୍ବଜନୀନ ଚରିତ୍ର ବାଧାଗ୍ରସ୍ତ ହୋଇଥିବା ହେତୁ, ସେ ଇସ୍ତଫା ଦେବା ପାଇଁ ବାଧ୍ୟ ହୋଇଛନ୍ତି । ମଧୁସୂଦନ ଲେଖିଥିଲେ·····

"ଓଡ଼ିଆ, ଅଣ-ଓଡ଼ିଆଙ୍କ ମଧ୍ୟରେ ସାମ୍ପ୍ରତିକ ବିଦ୍ୱେଷ ମୋର ଇସ୍ତଫାର କାରଣ ବୋଲି କେତେକ ପ୍ରକାଶ କରୁଥିବା, ଅପଣ ଉଲ୍ଲେଖ କରି ଅଛନ୍ତି । ଯେଉଁମାନେ ଜାତି ଅଥବା ଭାଷାରେ ଓଡ଼ିଆ ନୁହନ୍ତି ସେମାନଙ୍କୁ ଆପଣ ଅଓଡ଼ିଆ ଆଖ୍ୟା ଦେଇ ଅଛନ୍ତି । **.....I am an Oriya. God created me a man Local conditions of birth and the environment of life made me a man, but I am a man nevertheless. God made man after His image and to cease to be a man is to be deprived of that glorious nature."** *

ମଧୁସୂଦନଙ୍କ ଉତ୍କଳୀୟତା, ମହାତ୍ମରଙ୍ଗୀୟତା ଏପରିକ ବଣ୍ଟମାନବକତାର ଯେ ପରିପନ୍ଥୀ ନ ଥିଲା—ଉପରୋକ୍ତ ଉଦ୍‌ଘୋଷଣାରେ ତାହା ଥିଲା ସୁସ୍ପଷ୍ଟ । ବସ୍ତୁତଃ ମଧୁସୂଦନଙ୍କ ଦୃଷ୍ଟିରେ, ଉତ୍କଳୀୟତା ଥିଲା, ମହାତ୍ମରଙ୍ଗୀୟତାର ପରିପୂରକ । ସହଜ ଲୋକପ୍ରିୟତା ଅଥବା ଉତ୍କଳ-ପ୍ରୀତିର ପ୍ରଜ୍ଞାପନ ପାଇଁ ଶତ ଆନନ୍ଦମଣ ମଧ୍ୟରେ ସୁଦ୍ଧା ମଧୁସୂଦନ ତାଙ୍କର ଆଦର୍ଶବାଦ, ବିଶ୍ୱାସ ଓ ବିଶ୍ୱର ସେଦନ ଜଳାଞ୍ଜଳି ଦେଇ ପାରି ନ ଥିଲେ—ଦେଇପାରିଥିଲେ ଓଡ଼ିଶା-ଆସୋସିଏସନ ସମ୍ପର୍କରେ ସେଦନ ତାଙ୍କୁ ଅସଥା ଅପମାନିତ ହେବା ପାଇଁ ପଡ଼ିନଥାନ୍ତା ।

---

* ଉତ୍କଳ-ଦୀପିକା—ତା ୧୮ । ୬ । ୧୯୧୦—ପୃ ୫୮୭

Digitized by srujanika@gmail.com

ସେହିନ ଡାକରେ ଲଣ୍ଡନରୁ ଆସିଥିଲା "Universe Races Congress" (ବିଶ୍ୱ-ଜାତି-କଂଗ୍ରେସ) ନାମକ ଅନୁଷ୍ଠାନ ପକ୍ଷରୁ ଏହାର କାର୍ଯ୍ୟକାରୀ କମିଟିରେ ସଭ୍ୟ ରହିବା ପାଇଁ ମଧୁସୂଦନଙ୍କୁ ଅନୁରୋଧ କରି ଏକ ପତ୍ର !

ମଧୁସୂଦନ ସନ୍ଧ୍ୟାରେ ନିଜ ଘରମ୍ବରେ ବସି ସେଇ ଚିଠି ଖଣ୍ଡ ଦେଖୁଥିବାବେଳେ, ସୁଦାମଚରଣ (ନାସ୍ୱିକ) ଓ ଗୌରୀଶଙ୍କର ପ୍ରମୁଖ, ଓଡ଼ିଶା-ଆସୋସିଏସନ୍‌ର କେତେକ ହିତାକାଂକ୍ଷୀ, ଇସ୍ତଫାପତ୍ର ପ୍ରତ୍ୟାହାର ପାଇଁ ମଧୁସୂଦନଙ୍କୁ ପ୍ରାର୍ଥବତ କରିବା ଉଦ୍ଦେଶ୍ୟରେ, ସେଠାକୁ ଆସିଥିଲେ । ମଧୁସୂଦନ ନଗ୍ରେଲା ବଙ୍ଗଳାରେ କହିଲେ...."ଓଡ଼ିଶା ଆସୋସିଏସନ୍‌ର ଉତ୍କଳୀୟମାନଙ୍କ ଦୃଷ୍ଟିରେ ମୁଁ ବଙ୍ଗାଳୀପ୍ରେମୀ, ବଙ୍ଗାଳୀମାନଙ୍କ ନିମ୍ନରେ ମୁଁ ବଙ୍ଗବିଦ୍ୱେଷୀ, ଏବେ ସମସ୍ତ ସୁନାଉର୍ଯ୍ୟକୁ ଆଗ୍ରହ କରିବା ଛଡ଼ା ମୋର ଆଉ ଅନ୍ୟ କ ଉପାୟ ଅଛୁ ? ଏଇ ପଢ଼ି ଦେଖ ନା ଚିଠି !"—ମଧୁସୂଦନ ହସି ହସିଲେ ନିଜର ରସିକତାରେ ।

ମଧୁସୂଦନ ଚିଠିଖଣ୍ଡ ବଢ଼ାଇ ଦେଲେ ସୁଦାମଚରଣ ଓ ଗୌରୀଶଙ୍କରଙ୍କ ଆଡେ ।

ଗୌରୀଶଙ୍କର କହିଲେ...."କନ୍ତୁ ତୁମେ ଇସ୍ତଫାର ପୁର୍ନବିବେଚନା କଲେ ଭଲ ହୁଅନ୍ତା ମଧୁ ! ଉତ୍କଳ ସମ୍ମିଳନୀରୁ ତୁମେ ଅପସର ଆସିବା ପରେ, ଦେଖିଲ ତ ସମ୍ମିଳନୀର ଅବସ୍ଥା ! ଆରବର୍ଷ ଅଧିବେଶନ ସୁଦ୍ଧା ହୋଇପାରିଲା ନାହିଁ । ଏବର୍ଷ ମଧ୍ୟ ଅଧିବେଶନ ହୋଇ-ପାରିବ କି ନାହିଁ ସନ୍ଦେହଜନକ । ଓଡ଼ିଶା-ଅସୋସିଏସନ୍‌ର ଏବେ ସେହି ଦଶା ହେବ ସିନା ! ସମସ୍ତେ ବାକ୍ୟବୀର କନ୍ତୁ କର୍ମବୀର କାହାନ୍ତି" ?

"ଓଡ଼ିଶାର ଅଭ୍ୟୁଦୟ ପାଇଁ ମୁଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ କାର୍ଯ୍ୟ କରିବ ସତ୍ୟ; ମାତ୍ର ଓଡ଼ିଆ ନାମରେ ଏକ ଗୋଷ୍ଠୀବଦ୍ଧ ସଙ୍କୀର୍ଣ୍ଣତା ମଧ୍ୟରେ କାର୍ଯ୍ୟ କରିବା ଏଣିକି ମୋ ପକ୍ଷରେ କଠିନ," ମଧୁସୂଦନ ଉତ୍ତର ଦେଲେ ନମ୍ରନ୍ର କଣ୍ଠରେ ।

ଏଇ ଅନୁଦାନର ଗୋଷ୍ଠୀବଦ୍ଧ ମନୋଭାବ ଫଳରେ ଜପର ବହୁ ଜାତିର ପତନ ଘଟିଛୁ, ତାହା ଉଲ୍ଲେଖ କରି ମଧୁସୂଦନ କହିଲେ..."ହିନ୍ଦୁମାନେ ଅନ୍ୟମାନଙ୍କୁ କହୁଥିଲେ ମ୍ଲେଚ୍ଛ, ଗ୍ରୀକ୍‌ମାନେ ଆକ୍ଷେପ କରୁଥିଲେ ବାରବାରିଆନ୍, ଆର୍ଯ୍ୟମାନେ ବାସନ୍ତ କରି କହୁଥିଲେ ଜେଣ୍ଟାଇଲ୍, ମୁସଲମାନଙ୍କ ଦୃଷ୍ଟିରେ ଅନ୍ୟମାନେ ଥିଲେ କାଫେର୍ ! କନ୍ତୁ ଏପରି ସଙ୍କୀର୍ଣ୍ଣତା ମଧ୍ୟରେ ଏସବୁ ଜାତି ଓ ସଭ୍ୟତାମାନଙ୍କର ଯେପରି ପତନ ଘଟିଲ ଇତିହାସ ହିଁ ତାହାର ସାକ୍ଷ୍ୟ ଦେବ । ଆଜି ଇଂରେଜମାନେ ମଧ୍ୟ ସ୍ୱରାଜର ସେଇ ସଙ୍କୀର୍ଣ୍ଣତା ଦ୍ୱାରା ସଂରମିତ ହେବାରୁ, ଜନସାଧାରଣଙ୍କ ସହୃତ ଇଂରେଜ ଶାସନର ସମ୍ପର୍କଚ୍ୟୁତ ଘଟିଛୁ । ଉତ୍କଳୀୟତା ଦ୍ୱାହୁରେ ଇତିହାସର ଏହି ଶିକ୍ଷା କେହି ଭୁଲିଯିବା ଉଚିତ ନୁହେଁ ।"

ଉତ୍କଳୀୟତା ମଧୁସୂଦନଙ୍କ ଦୃଷ୍ଟିରେ ଥିଲା, ବିଶ୍ୱମାନବତାର ଏକ ସ୍ରୋତସ୍ୱିନୀ ଧାରା । ଏକ ସଙ୍କୀର୍ଣ୍ଣ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ରହି ତାହାକୁ ବଦ୍ଧ ପଲ୍ୱଲରେ ପରିଣତ କରିବା ମଧୁସୂଦନଙ୍କ ଅଭିପ୍ରେତ ନ ଥିଲା, ଅଥବା ତାହା ତାଙ୍କ ଉତ୍କଳୀୟତାର ମର୍ମ ନଥିଲା ।

Digitized by srujanika@gmail.com

ଚତୁର୍ଥ ପରିଚ୍ଛେଦ

ଉତ୍କଳ-ସମ୍ମିଳନୀରେ ମଧୁସୂଦନଙ୍କ ନେତୃତ୍ୱ ଓ ପ୍ରତିଷ୍ଠା ପ୍ରତି ଯେଉଁମାନେ ଈର୍ଷ୍ୟାନ୍ୱିତ ହୋଇ ରହିଥିଲେ ସେମାନଙ୍କ ଶତ ପ୍ରଚ୍ଛନ୍ନ ଆକ୍ରମଣ ଓ ଚରିତ୍ର-ସଂହାରରେ ମର୍ମାହତ ହୋଇ ମଧୁସୂଦନ ଉତ୍କଳ-ସମ୍ମିଳନୀ ଠାରୁ ନିଜକୁ ଦୂରେଇ ନେବା ଦ୍ୱାରା ଉତ୍କଳ ସମ୍ମିଳନୀ ପ୍ରାୟ ଜୀବନ୍ମୃତ ଅବସ୍ଥାରେ ପଡ଼ି ରହିଥିଲା । ଇଂ ୧୯୦୪ ସାଲରେ ଉତ୍କଳ-ସମ୍ମିଳନୀ ସପ୍ତମ ଅଧିବେଶନର ଦାୟିତ୍ୱ ନେଇଥିଲେ ଗୌରୀଶଙ୍କର । ମାତ୍ର ଉଦ୍ୟୋକ୍ତାମାନଙ୍କ ମଧ୍ୟରେ ଆନ୍ତରିକତାର ଅଭାବ ଓ ଛକାପଂଝା ମନୋଭାବ ହେତୁ ସେ ବର୍ଷ ଉତ୍କଳ-ସମ୍ମିଳନୀର ଅଧିବେଶନ ଆଉ ଅନୁଷ୍ଠିତ ହୋଇପାରି ନଥିଲା ।

ଇଂ ୧୯୧୦ ସାଲ ଡିସେମ୍ବର ଆସିଗଲା । ଅଧିବେଶନ ପାଇଁ ସମ୍ମିଳନୀର ଦ୍ୱିତୀୟାଂଶୀମାନେ ପୁଣି ମଧୁସୂଦନଙ୍କ ଦ୍ୱାରସ୍ଥ ହେଲେ । ମଧୁସୂଦନ ନେତୃତ୍ୱ ନ ନେଲେ ଏ ବର୍ଷ ମଧ୍ୟ ସମ୍ମିଳନୀ ଅଧିବେଶନ ସମ୍ଭାବନା ନଥିଲା ।

ମଧୁସୂଦନ କନ୍ୟା ସେମାନଙ୍କୁ ମୁହେଁ ମୁହେଁ ଶୁଣାଇ ଦେଲେ···"ଯେତକ ଗଙ୍ଗା ଗଲା; ସେତକ ଫଳ ପାଇଲି ! ଆଉ ନୁହେଁ ! ମିଷ୍ଟର ଦାସ, ସମ୍ମିଳନୀଙ୍କୁ ନିଜର ହସ୍ତମୁଦ୍ରା ମାହାଲ, On His Majesty's Service କର ରଖିଲ ପତ୍ର ! ପଢ଼ି ନାହଁ, କେତେ ସବୁ ବେନାମୀ ଲେଖା ପତ୍ରପତ୍ରିକା ମାନଙ୍କରେ ଛପା ହେଲା । ଏବେ ଉତ୍କଳ ସମ୍ମିଳନୀର ଦାୟିତ୍ୱ ତ ସେଇମାନଙ୍କର ।"

ଗୌରୀଶଙ୍କର ମଧ୍ୟ ଜମେ ସମସ୍ତଙ୍କ ଅଲକ୍ଷିତରେ ନିଜକୁ ସମ୍ମିଳନୀ ଠାରୁ ଦୂରଛଡ଼ା କର ନେଇଥିଲେ । ଏ ପରିସ୍ଥିତିରେ ସମ୍ମିଳନୀର ସପ୍ତମ ଅଧିବେଶନର ଭବିଷ୍ୟତ ମଧ୍ୟ ଅନିଶ୍ଚିତ ହୋଇପଡ଼ିଥିଲା । କନ୍ୟା ମିଷ୍ଟର ଦାସ ନିଜକୁ ଦୂରଛଡା କର ନେଲେ ସମ୍ମିଳନୀର ବାର୍ଷିକ ଅଧିବେଶନ ଯେ ହୋଇପାରିବ ନାହିଁ—ଗୋକୁଳାନନ୍ଦଙ୍କ ପ୍ରତି ଏହା ଥିଲା ଏକ ସ୍ଲୋଲ୍ଲ୍ଫ ! ଗୋକୁଳାନନ୍ଦ କହିଲେ...."ମିଷ୍ଟର ଦାସ ସଭାପତି ନହେଲେ କଣ ସମ୍ମିଳନୀ ଅଧିବେଶନ ହୋଇପାରିବ ନାହିଁ ? ଅଲବତ୍ ହେବ !"

"କନ୍ୟା ଅଧିବେଶନର ସଭାପତି ହେବ କଏ ?" ସୁଦାମଚରଣ ପଚାରିଲେ କିଂକର୍ତ୍ତବ୍ୟବିମୂଢ଼ କଣ୍ଠରେ !

ଗୋକୁଳାନନ୍ଦ ଉତ୍ତର ଦେଲେ···"ରାଜା ବୈକୁଣ୍ଠନାଥ ଦେ ବାହାଦୁର, ଅଧିବେଶନରେ ସଭାପତିତ୍ୱ କରିବା ପାଇଁ କଦାପି ଅମତ ହେବେ ନାହିଁ ।"

ରାଜା ବୈକୁଣ୍ଠନାଥଙ୍କର ଏ ପ୍ରସ୍ତାବରେ ଅବଶ୍ୟ ଉଲାର୍ଦ୍ଧ ପରିମାଣରେ ଆପତ୍ତି ନଥିଲା । କନ୍ୟା ସମ୍ମିଳନୀର ପ୍ରତିନିଧିମଣ୍ଡଳୀ ତାଙ୍କୁ ସଭାପତି ରୂପେ ନିର୍ବିବାଦରେ ଗ୍ରହଣ କରିବାରେ ସୁଦାମଚରଣଙ୍କର ସନ୍ଦେହ ରହିଥିଲା ।

Digitized by srujanika@gmail.com

ସେ କହିଲେ···"ରାଜା ବୈକୁଣ୍ଠନାଥ ୧୯୦୭ ସାଲରେ ବାଲେଶ୍ୱରଠାରେ ବୃଟିସ୍ ଅଧିବେଶନର ଦାୟିତ୍ୱ ନେଇଥିଲେ । କନ୍ତୁ ଦେଖିଲେ ତ, ସେ ଅଧିବେଶନର ଦାୟିତ୍ୱ ନେଇଥିବା ହେରୁ, ଅଧିକାଂଶ ପ୍ରତିନଧି କପର ସମ୍ମିଲନୀରେ ଯୋଗ ଦେଇ ନଥିଲେ ।"

ଗୋକୁଲାନନ୍ଦ ଉତ୍ତେଜିତ କଣ୍ଠରେ ଯେପର ଚରମ-ପନ୍ଥ ଘୋଷଣା କଲେ...."ରାଜା ବୈକୁଣ୍ଠନାଥଙ୍କ ସଭାପତିତ୍ୱରେ ଯେଉଁମାନଙ୍କର ଅମତ, ସେମାନେ ବରଂ ଅଧିବେଶନରେ ଯୋଗ ନ ଦେବେ । କନ୍ତୁ ସମ୍ମିଲନୀର ଅଧିବେଶନ ଅଲବଡ଼ ହେବ । ମଧୁପୁର ରାଜାଙ୍କୁ ଅଭ୍ୟର୍ଥନା ସମିତିର ସଭାପତି ହେବା ପାଇଁ ମୁଁ ରାଜି କରାଇ ସାରିଛି । ରାଜା ବୈକୁଣ୍ଠନାଥ ସଭାପତି ହେବାରେ ସେ ସମ୍ପୂର୍ଣ୍ଣ ଏକମତ । ପୁଣିରୁ ଜଗବନ୍ଧୁ ବାବୁ ମଧ୍ୟ ତାଙ୍କର ସମ୍ମତି ଜଣାଇ ଚିଠି ଲେଖିଛନ୍ତି ।"

ଅବଶେଷରେ ଗୋକୁଲାନନ୍ଦଙ୍କ ନେତୃତ୍ୱରେ ସମ୍ମିଲନୀର ସପ୍ତମ ଅଧିବେଶନ କଟକ ଠାରେ ଡିସେମ୍ବର ୩୦ ଓ ୩୧ ଦୁଇଦନ ଧରି ଅନୁଷ୍ଠିତ ହେଲା । ରାଜା ବୈକୁଣ୍ଠନାଥ ବରତ ସଭାପତି ରୂପେ ଅଧିବେଶନରେ ଯୋଗ ଦେଲେ । ବାବୁ ଜଗବନ୍ଧୁ ସିଂହ ଓ ସୁଦାମଚରଣ ନାୟକ ପ୍ରମୁଖ ସମ୍ମିଲନୀର ହିତାକାଂକ୍ଷୀମାନେ, ମଧୁପୁର ରାଜାଙ୍କ ସହିତ ମଧୁସୂଦନଙ୍କ ପାଖକୁ ଆସିଥିଲେ; ତାଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ନମନ୍ତ୍ରଣ କରି ସମ୍ମିଲନୀ ମଣ୍ଡପକୁ ନେବା ପାଇଁ ।

କନ୍ତୁ ମଧୁସୂଦନଙ୍କ ସେଇ ଏକ ଉତ୍ତର ! ସମ୍ମିଲନୀରୁ ସେ ବିଦାୟ ନେଇ ସାରିଥିଲେ, ଏବେ ଓଡ଼ିଶା ଆସୋସିଏସନରୁ ମଧ୍ୟ ବିଦାୟ ନେଇଗଲେ । "ଶୁଣି ନାହିଁ, ଓଡ଼ିଶା ଆସୋସିଏସନ ସଭାରେ କ ପାର୍ଟିଫିକେଟ୍ ଦିଆଗଲା ମୋତେ...'ତୁମେ ବୃଦ୍ଧ, ତୁମେ ବୃଦ୍ଧ, ସଭାକାର୍ଯ୍ୟ ଚଲାଇବା ପାଇଁ ତୁମେ ଅକ୍ଷମ !'—ମଧୁସୂଦନ ସେଦିନର ଉକ୍ତ ଅଭିଜ୍ଞତା ତଥାପି ଭୁଲି ନ ଥିଲେ, କମ୍ବା କ୍ଷମା ମଧ୍ୟ କରିପାରି ନଥିଲେ ।

କଟକରେ ଉପସ୍ଥିତ ଥାଇ ମଧୁସୂଦନ ଅଧିବେଶନରେ ଯୋଗ ଦେଇ ନଥିବା ଭରୁଣ ଗୋଷ୍ଠୀ ମଧ୍ୟରେ ପ୍ରବଳ ଆଲୋଡ଼ନ ସୃଷ୍ଟି କରିଥିଲା । ଅଧିବେଶନର ପ୍ରଥମ ଦିନ ରାଜା ବୈକୁଣ୍ଠନାଥ ସଭାପତି ଭାଷଣ ଦେବା ପାଇଁ ଉଠିବା ବେଳେ, ଦଳେ ଭରୁଣ ପ୍ରତିନଧି ଆରମ୍ଭ କରିଦେଲେ ଦକ୍ଷଯଜ୍ଞ-ଉଚ୍ଚ-ପାଲ୍ ।

ଗୋକୁଲାନନ୍ଦ ଓ ସୁଦାମ ଚରଣ ପ୍ରମୁଖଙ୍କ ବହୁ ଅନୁରୋଧ ଅନୁନୟ ଫଳରେ ଅବଶ୍ୟ। କୌଣସି ପ୍ରକାରେ ଶାନ୍ତ ପଡ଼ିଲା ସତ୍ୟ; ମାତ୍ର ସମ୍ମିଲନୀର ଶୃଙ୍ଖଳା, ମର୍ଯାଦା ଓ ଶୁଚିତା ଏହା ମଧ୍ୟରେ ପୁରାପୁରି ବିନଷ୍ଟ ହୋଇପଡ଼ିଥିଲା । *

ଅନମନୀୟ ଅଭିମାନରେ କେବଳ, ମଧୁସୂଦନ ଯେ ସମ୍ମିଲନୀଠାରୁ ନିଜକୁ ସେତେ-ବେଳେ ଦୂରେଇ ରଖିଥିଲେ ତାହା ନୁହେଁ । ଓଡ଼ିଶାର ଉତ୍କୀବନ ଓ ତାହାର ରାଜନୈତିକ, ସାମ୍ବିଧାନିକ, ଅର୍ଥନୈତିକ ଅଭ୍ୟୁତ୍ଥାନରେ ଉତ୍କଳ-ସମ୍ମିଲନୀ କମ୍ବା ଓଡ଼ିଶା-ଆସୋସିଏସନର ଭୂମିକା ବା ଉପଯୋଗିତା ସମ୍ପର୍କରେ ମଧୁସୂଦନ ମଧ୍ୟ କମେ ସଚେତନ ହୋଇ ଉଠୁଥିଲେ ।

* ଉତ୍କଳ ଦୀପିକା—ତା ୨ । ୧ । ୧୯୧୧ ଶକ

Digitized by srujanika@gmail.com

ଉତ୍କଳ ସମ୍ମିଳନୀରେ ଝଗଡ଼ା ନେତୃତ୍ୱ ପାଇଁ, ସାମାନ୍ୟ କେତେଟା ସ୍ଥଳସିଟ୍ ପାଇଁ ଓଡ଼ିଶା-ଆସୋସିଏସନ୍‌ରେ କୁରୁ-ପାଣ୍ଡବ ଯୁଦ୍ଧ ।

ଗୌରୀଶଙ୍କର କହିଲେ...."ଏଥିପାଇଁ ତୁମେ କଣ ପ୍ରକାରନ୍ତରରେ ଦାସ୍ଖୀ ନୁହଁ ମଧୁ ? ଆରମ୍ଭରୁ ଉତ୍କଳ-ସମ୍ମିଳନୀକୁ ତୁମେ ରଖିଲ ଏକ ଅଣରାଜନୈତିକ ଅନୁଷ୍ଠାନ ରୂପେ । ଉତ୍କଳ-ସମ୍ମିଳନୀର ପ୍ରଥମ ଅଧିବେଶନରେ ଘୋଷଣା କରାଗଲା, ରାଜନୀତି ସହିତ ଏହାର କୌଣସି ସମ୍ପର୍କ ରହିବ ନାହିଁ । ଓଡ଼ିଶା-ଆସୋସିଏସନ୍‌ର ପ୍ରକୃତ ଆରମ୍ଭରୁ ମଧ୍ୟ ଥିଲା ସେଇଆ । ତେଣୁ ଉତ୍କଳ-ସମ୍ମିଳନୀ ବା ଓଡ଼ିଶା-ଆସୋସିଏସନ୍‌ରେ ତୁମେ ରାଜନୈତିକ ଶୃଙ୍ଖଳା, ଆଦର୍ଶବାଦ ବା କର୍ମପ୍ରବଣତା ଆଣା କରୁଛ କପର ?"

ମଧୁସୂଦନ ଉତ୍ତର ଦେଲେ..."ଆପଣଙ୍କ ଅଭିଯୋଗ ମୁଁ ସ୍ୱୀକାର କରୁଛୁ ମାଷ୍ଟର ଦାଦା । ଲର୍ଡ଼ ରିପନ୍‌ଙ୍କ ଶାସନ-ସଂସ୍କାର ଅନୁସାରେ ସ୍ୱାୟତ୍ତ ଶାସନ ପ୍ରଣାଳୀ ପ୍ରବର୍ତ୍ତିତ ହେବା ବେଳେ ଆଜକୁ ବହୁ ବର୍ଷ ତଳେ, ୧୮୮୬ ସାଲରେ, ଆମେ ସ୍ଥାପିତ କରିଥିଲେ ଉତ୍କଳ-ସଭା ବା ଓଡ଼ିଶା-ଆସୋସିଏସନ୍ ! ସ୍ୱାୟତ୍ତ ଶାସନ ଓ ନିର୍ବାଚନ ପଦ୍ଧତି ସହିତ ଅପରିଚିତ ଦେଶ-ବାସୀଙ୍କୁ ସ୍ୱାୟତ୍ତ ଶାସନ ପ୍ରଣାଳୀ ପାଇଁ ଉପଯୁକ୍ତ ସ୍ତରରେ ସଂଗଠିତ କରିବା ଥିଲା ତାହାର ଉଦ୍ଦେଶ୍ୟ । ତା'ପରେ ନାନା ସରକାର ବେସରକାର ସମସ୍ୟା ସମ୍ପର୍କରେ ସୁଶିକ୍ଷିତ ଜନମତର ପ୍ରସ୍ତାବ ସୃଷ୍ଟି କରିବା ଦିଗରେ ଓଡ଼ିଶା ଆସୋସିଏସନ୍ ବେଶ୍ ସଫଳତାର ସହିତ କିଛିକାଳ କାର୍ଯ୍ୟ କରି ଆସିଥିଲା । ଏଥିରେ କିନ୍ତୁ ଚଳିତ ଅର୍ଥରେ ରାଜନୀତିର ସ୍ଥାନ ନ ଥିଲା । ତା'ପରେ ୧୯୦୩ ସାଲ ଶରତ୍‌ରେ-ସର୍କୁଲାରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକ ଶାସନାଧୀନରେ ଏକତ୍ରିକରଣର ସୂଚନା ପ୍ରକାଶ ପାଇବା ପରେ, ଯେତେବେଳେ, ଓଡ଼ିଶା-ଡିଭିଜନ୍ ଓ ବିଚ୍ଛିନ୍ନ ଅଞ୍ଚଳମାନଙ୍କରେ ବସବାସ କରି ରହୁଥିବା ଓଡ଼ିଆ ଭାଷାଭାଷୀମାନଙ୍କର ଏକ ମିଳନପୀଠର ପ୍ରୟୋଜନ ପଡ଼ିଲା, ସେତେବେଳେ ଓଡ଼ିଆ ଜାତିର ଜାତୀୟ ଅନୁଷ୍ଠାନ ରୂପେ ଗଢ଼ି ଉଠିଥିଲା ଉତ୍କଳ-ସମ୍ମିଳନୀ । ଓଡ଼ିଶା-ଡିଭିଜନ୍‌ରେ ବସବାସ କରି ରହୁଥିବା ଅଧିବାସୀମାନଙ୍କ ମଧ୍ୟରେ ଜାତି ବର୍ତ୍ତି ଧର୍ମ ଭିତ୍ତି ନିର୍ବିଶେଷରେ 'ଓଡ଼ିଆ ଜାତୀୟତାର ସେଇ ଜନ୍ମଭୂମି ଓଡ଼ିଶା-ଆସୋସିଏସନ୍ ଦ୍ୱାରା ନିର୍ମିତ ହୋଇଥିଲା, ପରବର୍ତ୍ତୀ କାଳରେ ତା'ର ଉପରେ ସ୍ଥାପିତ ହୋଇଥିଲା ଉତ୍କଳ-ସମ୍ମିଳନୀ, ଓଡ଼ିଶାରେ ଅର୍ଥନୈତିକ ବିକାଶ, ଶିକ୍ଷାର ପ୍ରସାର, ଶିଳ୍ପ ଓ କୃଷିର ଉନ୍ନତି ଓ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକ ଶାସନାଧୀନରେ ଏକତ୍ରି-କରଣ ପ୍ରଭୃତି ବ୍ୟାପକତର ଲକ୍ଷ୍ୟ ଯେନ । ଓଡିଶା-ଆସୋସିଏସନ୍ ଓ ଉତ୍କଳ-ସମ୍ମିଳନୀର ଉଦ୍ଦେଶ୍ୟ ଥିଲା ସିମୀତ—ସମନ୍ୱିତ ଉତ୍କଳୀୟ ଜାତୀୟତାର ଅଭ୍ୟୁଦୟ । ସେଥିପାଇଁ ବହୁ ପରାଣ୍ଟର ବରେ୍ଧୀ ଗୋଷ୍ଠୀ, ସ୍ୱାର୍ଥ, ସଂପ୍ରଦାୟ ଗୋଟିଏ ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ଏଥିରେ ଏକତ୍ରିତ ହୋଇପାରିଥିଲେ । ରାଜା ମହାରାଜାଙ୍କଠାରୁ ଆରମ୍ଭ କରି ଗାଁ ଗହଳର ଗୃହୀ, କମିସନରଠାରୁ ଆରମ୍ଭ କରି ଅଫିସର ଅମଳା, ବ୍ରାହ୍ମଣଠାରୁ ଆରମ୍ଭ କରି ଅସ୍ପୃଶ୍ୟ ଅସବର୍ତ୍ତି, ଉତ୍କଳ-ସମ୍ମିଳନୀ ପୀଠରେ ସମସ୍ତେ ସମବେତ ହୋଇଥିଲେ, ଦେଶମାତୃକାର ଆବାହନ ପାଇଁ । ସେଥିପାଇଁ ଅନେକ ଭାବଚନ୍ତ୍ର ଏଇ ଐକ୍ୟ ରକ୍ଷା ଉଦ୍ଦେଶ୍ୟରେ ସେଇ ଦୁଇ ଅନୁଷ୍ଠାନର କର୍ମପରିସର ଭିତରୁ ମୁଁ ପ୍ରତ୍ୟକ୍ଷ ରାଜନୀତିକୁ ବାଦ୍ ଦେଇଥିଲି ।"

Digitized by srujanika@gmail.com

ଗୌରୀଶଙ୍କର ଟିପ୍‌ପଣୀ କଲେ "ଉତ୍କଳ-ସମ୍ମିଳନୀକୁ On His Majesty's Service ବୋଲ ସେଥିପାଇଁ ତ ଗୋପାଳଚନ୍ଦ୍ର ଦେଇଥିଲେ ଦାସ୍ୱିକାମାଡ଼ ।"

ମଧୁସୂଦନ ଉତ୍ତେଜିତ କଣ୍ଠରେ ଉତ୍ତର ଦେଲେ···"କନ୍ତୁ ଉତ୍କଳ ସମ୍ମିଳନୀକୁ ଏକ ଲଡ଼ୁଆ ରାଜନୈତିକ ଅନୁଷ୍ଠାନ ରୂପରେ ଗଢ଼ି ତୋଳିବା ପାଇଁ ଗୋପାଲକୁ ବା ଅନ୍ୟମାନଙ୍କୁ ବାଧା ଦେଉଥିଲ କିଏ ? ମୁଁ ତ ଆଲେ ସିନି ଆପଣା ମହତ ଆପେ ରହି ନ୍ୟାସ୍ରରେ ଉତ୍କଳ-ସମ୍ମିଳନୀରୁ ଓହରି ଆସିଲ । କନ୍ତୁ ଆଜ ଗୋପାଳ କେଉଁଠି ? ତାର ଏକମାତ୍ର ଆମ୍ବିସନ, ସେ ଜପର ହେବ ଗଭର୍ଣ୍ଣମେଣ୍ଟ ପ୍ଲିଡ଼ର ! ସମ୍ମିଳନୀର ଏଇ ଅଧିବେଶନରେ ଗୋକୁଳାନନ୍ଦ ଅବଶ୍ୟ ନେଇଛନ୍ତି ସମ୍ପାଦକ ଦାସ୍ୱିତ୍ୱ, ମାତ୍ର ସେ'ତ କରଣ-ସତ୍ତ୍ୱରେ ବ୍ୟସ୍ତ, ଉତ୍କଳ-ସମ୍ମିଳନୀ ପାଇଁ ତାକୁ ସମସ୍ୟ କାହିଁ !"

ଗୌରୀଶଙ୍କର କହିଲେ...."ସେଥିପାଇଁ ମୋର ଅନୁରୋଧ ମଧୁ; ତୁମେ ପୁଣି ଉତ୍କଳ-ସମ୍ମିଳନୀ, ଓଡ଼ିଶା-ଆସୋସିଏସନ୍ ଭିତରକୁ ଫେରିଆସ । ଯେଉଁ ବାକ୍ୟବୀରମାନେ ପଛରେ ରହି ବେନାମୀ ଆକ୍ରମଣ ଖବରକାଗଜ ଜରିଆରେ ଚଲାଇବା ବ୍ୟତୀତ ଆଉ କେବେ କିଛି କରି ନଥିଲେ ବା କରିପାରିବେ ନାହିଁ; ଲୋକେ ସେମାନଙ୍କୁ ବେଶ୍ ଚିହ୍ନି ସରିଲେଣି ।"

ମଧୁସୂଦନ ଚଉକରୁ ଉଠି ବୈଠକଖାନା ଭିତରେ ପାଦଚାରଣା କରୁ କରୁ କହିଲେ···"ଉତ୍କଳ-ସମ୍ମିଳନୀ ସମ୍ପର୍କରେ ମୁଁ ଯେ ଏକାଥରେ ସମ୍ପର୍କ ଛିଣ୍ଡାଇ ଦେଇଛି ତା'ନୁହେଁ । ସିଏ ଯାହା କହୁ—ଉତ୍କଳ ସମ୍ମିଳନୀ One Man's idea; ମୋର ideaର ସୃଷ୍ଟି । ସମ୍ମିଳନୀକୁ ମୁଁ ଗୁଡ଼ି ପାଣିର କପର ? କନ୍ତୁ ବର୍ତ୍ତମାନ ପାଇଁ ସାମସ୍ୱିକ ଖାତିରେ ମୁଁ ସମ୍ମିଳନୀରୁ ବିଦାସ୍ୱ ନେଇଛି । ମୁଁ ଗୁଡ଼ୁଁଛି ଏପରି ଏକ ଅନୁଷ୍ଠାନ ଗଢ଼ିବା ପାଇଁ, ଯାହା ସହତ ଓଡ଼ିଶାର ଦରିଦ୍ରତମ ଗୃହୀର ସୁଦ୍ଧା ରହିବ ପ୍ରତ୍ୟକ୍ଷ ସମ୍ପର୍କ । ଯେଉଁଠାରେ ନେତୃତ୍ୱ ଆସିବ ଗାଁ ଗହଳରୁ, ଲୋକପ୍ରତିନିଧିତ୍ୱର ଭିତ୍ତିରେ, ଇର୍ଷ୍ୟାରୁର ବେନାମୀ ଆକ୍ରମଣ ବା ଷଡ଼ଯନ୍ତ୍ର ଜରିଆରେ ନୁହେଁ ।"

ମଧୁସୂଦନ ତାଙ୍କ ପରିକଳ୍ପିତ ନୂତନ ଅନୁଷ୍ଠାନର ଆଭିମୁଖ୍ୟ କହି ଗଲଗଲେ... "ଦଲେ ଲୋକ ଗୋସେବା ଦ୍ୱାରରେ ଗୋ-ରକ୍ଷଣୀସ୍ୱ ଗୁହ୍ୟ ଆଦାସ୍ୱ ଦର ବୁଲିବା ପରି, ଆମେ ସମସ୍ତେ ଗୃହୀକୁଳଙ୍କ ଦ୍ୱାର ଦେଇ ବୁଲୁଛୁ । କନ୍ତୁ ସେ ଗୃହିକୁଳ ଉତ୍କଳ-ସମ୍ମିଳନୀରେ କାହାନ୍ତି ? ଉତ୍କଳ-ସତ୍ତ୍ୱରେ କାହାନ୍ତି ? ବଙ୍ଗଳା-ଲେଜିସଲେଟିଭ୍ କାଉନସିଲ୍‌ରେ ବା କାହାନ୍ତି ସେମାନଙ୍କର ପ୍ରତିନଧି ? ସେଇ ମୂକ ଗୃହିକୁଳଙ୍କ ମୁହଁରେ ଭାଷା ଫୁଟାଇବା ପାଇଁ ନଆ ସଗଠନ ଆବଶ୍ୟକ । ତାହାହିଁ ବର୍ତ୍ତମାନ ମୋର ଏକମାତ୍ର ଚନ୍ତା ମାଷ୍ଟର ଦାଦା !"

କନ୍ତୁ ସେପରି ସଗଠନର ଲକ୍ଷ୍ୟ, କାର୍ଯ୍ୟକ୍ରମ ଓ ସ୍ୱରୂପ ସମ୍ପର୍କରେ ମଧୁସୂଦନଙ୍କର ସେ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଧାରଣା ନଥିଲ ।

ଇଂ ୧୯୧୧ ସାଲ ଜୁଲାଇ ମାସରେ ବଙ୍ଗଳା ଲେଜିସଲେଟିଭ୍ କାଉନସିଲ୍‌ରେ ଆଗତ ହୋଇଥିବା ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ଚଠା ଏଥିପାଇଁ ଏକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲ ।

Digitized by srujanika@gmail.com

ପଞ୍ଚମ ପରିଚ୍ଛେଦ

(ଏକ)

ଇଂରାଜୀ ୧୯୧୬ ସାଲ ଜାନୁଆରୀ ମାସ ଅଧାଅଧି । ବଙ୍ଗଳା-ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ଅଧିବେଶନ ଆରମ୍ଭ ହୋଇଥିବାରୁ ମଧୁସୂଦନ ପହଞ୍ଚିଥିଲେ କଲିକତାରେ । ବଙ୍ଗଳା କାଉନ୍‌ସିଲର ଏହା ଥିଲା ଶେଷ ଅଧିବେଶନ । ଘୋଇସ୍‌ରୟ ଲର୍ଡ ହାର୍ଡିଞ୍ଜଙ୍କ ଡିସ୍‌ପାଚ ଅନୁସାରେ ବଙ୍ଗଳା ପ୍ରେସିଡେନ୍‌ସୀରୁ ବିହାର ଓଡ଼ିଶା ବିଚ୍ଛିନ୍ନ ହୋଇ, ବିଖଣ୍ଡିତ ବଙ୍ଗଳା ପୁଣି ଏକ ହେବ । କିନ୍ତୁ ଏହା ହେବ ଏକ ପ୍ରଦେଶ—ଆଉ ପ୍ରେସିଡେନ୍‌ସୀ ନୁହେଁ, ତାପରେ ଗଠିତ ହେବ ସ୍ୱତନ୍ତ୍ର ବଙ୍ଗଳା ପ୍ରଦେଶ ପାଇଁ ନୂଆ କାଉନ୍‌ସିଲ୍ ।

ବଙ୍ଗଳା-ଲେଜିସଲେଟିଭ୍ କାଉନ୍‌ସିଲ୍‌ର ଏହା ଶେଷ ଅଧିବେଶନ ହେଲେହେଁ, ଓଡ଼ିଶା ପକ୍ଷରେ ଏହା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗତବର୍ଷ ଜୁଲାଇ ମାସରେ କାଉନ୍‌ସିଲ୍‌ରେ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ଯେଉଁ ଚଠା ମିଷ୍ଟର ଏଫ୍. ଏ. ସ୍ଲାକ୍ ପ୍ରବର୍ତ୍ତନ କରିଥିଲେ, ତାହାକୁ ଅନୁମୋଦନ କରାଇ ନେବା ପାଇଁ, ବଙ୍ଗୀୟ ଜମିଦାରମାନଙ୍କ ପକ୍ଷରୁ ପ୍ରବଳ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ଓଡ଼ିଶାରେ ସେମାନଙ୍କର ଥିଲା ବହୁତୀର୍ଣ୍ଣ ଚରସ୍ଥାୟୀ ସ୍ୱତ୍ୱ ବା ପକ୍କା-ମାହାଲ ଜମିଦାରୀ । ସେମାନଙ୍କର ଆଶଙ୍କା, ଓଡ଼ିଶା ବଙ୍ଗଳାରୁ ଅଲଗା ହୋଇଯିବା ପରେ, ବିହାର ଓଡ଼ିଶା କାଉନ୍‌ସିଲ୍‌ରେ ସେମାନଙ୍କ ପ୍ରତ୍ୱିବ ନଷ୍ଟ୍ରଭ ହୋଇ ପଡ଼ିବ । ସେଠାରେ ନିଜର ନ୍ୟସ୍ତ-ସ୍ୱାର୍ଥ ରକ୍ଷା କରି ପାରିବା ସେମାନଙ୍କ ପକ୍ଷରେ ଆଉ ସହଜ ହେବ ନାହିଁ ସଂଖ୍ୟା ଓ ପ୍ରତ୍ୱିବ ଦୃଷ୍ଟିରୁ ବଙ୍ଗଳା ଲେଜିସଲେଟିଭ କାଉନ୍‌ସିଲରେ ବଙ୍ଗୀୟ ଜମିଦାର ଗୋଷ୍ଠୀ ଅତ୍ୟନ୍ତ ଶକ୍ତିଶାଳୀ । ବଙ୍ଗଳା ପ୍ରେସିଡେନ୍‌ସୀ କାଉନସିଲ୍‌ର ବଲେପ ପୁଟରୁ ଛେଣ୍ଡୁ ଓଡ଼ିଆ ପ୍ରଜାସ୍ୱତ୍ୱ ଆଇନରେ ନିଜର ସ୍ୱାର୍ଥ ଅକ୍ଷତ ରହିବା ପାଇଁ ସେମାନଙ୍କ ଉଦ୍ୟମର ଅନ୍ତ ନ ଥିଲା । ଏହି ବଲ୍‌କୁ କାଉନ୍‌ସିଲରେ, ଅଶୋଭନୀୟ କ୍ଷିପ୍ରତାର ସହିତ ଅନୁମୋଦିତ କରାଇ ନେବା ଉଦ୍ଦେଶ୍ୟରେ ବଙ୍ଗଳା ସରକାରଙ୍କ ଉପରେ ସେମାନେ ପ୍ରବଳ ଚାପ ପକାଇବା ପାଇଁ ଆରମ୍ଭ କରିଥିଲେ ।

ବଙ୍ଗଳା କାଉନସିଲରେ ପ୍ରଜାସ୍ୱତ୍ୱର ସୁରକ୍ଷା ନାମରେ ଓଡ଼ିଶାର ପ୍ରଜା, ରୟତ ଓ ଭୂମ୍ୟାଧିକାରୀମାନଙ୍କୁ ସେମାନଙ୍କର ପାରମ୍ପରିକ ଆଇନସମ୍ମତ ସ୍ୱତ୍ୱରୁ ବଞ୍ଚିତ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଥିଲା, ତାହାର ଇସାରା ସେମାନେ ପାଇ ନଥିଲେ କମ୍ବା ତାହା ବୁଝି ମଧ୍ୟ ନ ଥିଲେ ଏହା ବରୁଦ୍ଧରେ ବକ୍ଷିପ୍ତ ଘୋଷରେ ସାମସ୍ୱିକ ସମାଲୋଚନା ବ୍ୟଙ୍ଗତ, ପ୍ରତିବାଦର ବଳିଷ୍ଠ ସ୍ୱର ଓଡ଼ିଶାରେ କୁତ୍ରାପି ଶୁଣାଯାଉ ନଥିଲା । ଏଇ ମୌନତାକୁ ଲକ୍ଷ୍ୟ କରି, ବଙ୍ଗଳା-କାଉନ୍‌ସିଲ୍‌ରେ ଓଡ଼ିଶା ପକ୍ଷରୁ ମନୋନୀତ ସଭ୍ୟ, ସରକାରୀ ଓକିଲ, ଜାନକୀନାଥ ବୋଷ, ପ୍ରଜାସ୍ୱତ୍ୱ ଆଇନର ଚଠା ପ୍ରତି ଓଡ଼ିଶାର ଜନସାଧାରଣଙ୍କ ଏହା ସମ୍ମତର ଲକ୍ଷଣ ବୋଲି ଘୋଷଣା କରିବା ପାଇଁ ସୁଦ୍ଧା କୁଣ୍ଠାବୋଧ କରି ନ ଥିଲେ । କିନ୍ତୁ ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ଯେଉଁ ଚଠା

Digitized by srujanika@gmail.com

କାଉନସିଲରେ ପ୍ରବର୍ତ୍ତିତ ହୋଇଥିଲା, ତାହା ଆଇନରେ ପରିଣତ ହେଲେ ଓଡ଼ିଶାର ପ୍ରଜାକୁଳଙ୍କର ଯେ ସର୍ବନାଶ ହେବ; ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା । ସେଥିପାଇଁ ଶୀଘ୍ରତର ଅସୁସ୍ଥତା ସତ୍ତ୍ୱେ ମଧୁସୂଦନ କଲିକତା ଆସିଥିଲେ, କାଉନସିଲର ଏଇ ଶେଷ ଅଧିବେଶନରେ ଯୋଗ ଦେବା ପାଇଁ । ଏହାର ଚରମ ପ୍ରତିରୋଧ ପାଇଁ ସେ ଥିଲେ ସକଲ୍ପବଦ୍ଧ ।

୧୭ ଡାଗଣ ଜାନୁୟାରୀ ୧୯୧୭ ମସିହା.....

ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ଚଠା ଯାଞ୍ଚ କମିଟିକୁ ପଠାଇବା ପାଇଁ, ସେଦନ ମିଷ୍ଟର ଏଚ୍. ମାକଫର୍‌ସନ୍ ସରକାରଙ୍କ ପକ୍ଷରୁ ଏକ ପ୍ରସ୍ତାବ କାଉନସିଲରେ ଆଗତ କରିବେ । କନ୍ତୁ ବଲ୍‌ର ଆଲୋଚନା ସ୍ଥଗିତ ରଖିବା ପାଇଁ ମଧୁସୂଦନ ଦେଇଥିଲେ ଏକ ବିକଳ୍ପ ପ୍ରସ୍ତାବର ନୋଟିସ୍ । ତାଙ୍କର ଯୁକ୍ତି—ସ୍ୱତନ୍ତ୍ର ବିହାର ଓଡ଼ିଶା ପ୍ରଦେଶ ଗଠନର ଘୋଷଣା ଜନକରେ ପ୍ରକାଶ ପାଇଥିବା ଦୃଷ୍ଟିରୁ, ବିହାର-ଓଡ଼ିଶା ପାଇଁ ସ୍ୱତନ୍ତ୍ର କାଉନସିଲ ଗଠିତ ହେବ । ଓଡ଼ିଶା ପାଇଁ ଉଦ୍ଦିଷ୍ଟ ପ୍ରଜାସ୍ୱତ୍ୱ ଆଇନକୁ ସେଠାରେ ବଗୁର ଆଲୋଚନା କରିବେ ଓଡ଼ିଶାର ଜନସାଧାରଣ ପ୍ରତିନିଧିମାନେ—ବଙ୍ଗଳାର ମୁଷ୍ଟିମେୟ ଚିରସ୍ଥାୟୀ ସ୍ୱତ୍ୱାଧିକାରୀ ଜମିଦାର ଓ ସେମାନଙ୍କ ଦ୍ୱାରା ପ୍ରଭାବିତ କେତେକ ଇଂରେଜ ସ୍ୱାର୍ଥକର୍ମଗୁଡ଼ିକ ନୁହନ୍ତି । ପୁଣି ଯେଉଁ କର୍ମଗୁଡ଼ିକ ଗୋଷ୍ଠୀ ନିରପେକ୍ଷ ବିହାର-ଓଡ଼ିଶା ପ୍ରଦେଶରେ, ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନକୁ କାର୍ଯ୍ୟକାରୀ କରିବେ ବା ଯେଉଁମାନଙ୍କ ଦ୍ୱାରା ଏହା ଓଡ଼ିଶାରେ ରୂପାୟିତ ହେବ, ସେମାନେ ମଧ୍ୟ ସେତେବେଳେ ବଙ୍ଗଳା-ସରକାରଙ୍କ ଅଧୀନରେ ନ ଥିବେ । ସେଥିପାଇଁ ବଙ୍ଗଳା କାଉନସିଲରେ ବଲ୍‌ର ଆଲୋଚନା ସ୍ଥଗିତ ରଖି, ଏହାକୁ ବିହାର-ଓଡ଼ିଶା କାଉନସିଲ୍ ହାତରେ ସମର୍ପଣ କରିଦେବା ଥିଲା, ମଧୁସୂଦନଙ୍କ ବିକଳ୍ପ ପ୍ରସ୍ତାବର ଉଦ୍ଦେଶ୍ୟ ।

ବସ୍ତୁତଃ ଠିକ୍ ଏହିପରି ଯୁକ୍ତିରେ ସେଦନ ବାର୍ଷିକ ବଜେଟ ପୂର୍ତ୍ତା କାଉନସିଲ୍‌ରେ ଆଲୋଚିତ କମ୍ବା ଅନୁମୋଦିତ ହୋଇ ପାରି ନ ଥିଲା । ମାସ ଦୁଇଟା ପରେ ସ୍ୱତନ୍ତ୍ର ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେବ । ସେହି ନୂତନ ପ୍ରଦେଶର ଆର୍ଥିକ ବ୍ୟବସ୍ଥା ବଙ୍ଗଳା-ବଜେଟରେ ବଗୁର କରାଯାଇ ପାରନ୍ତା କପରି ? ଅର୍ଥମନ୍ତ୍ରୀ ମିଷ୍ଟର ଗ୍ରୀସ୍ୱର୍ ତେଣୁ ବଜେଟ ବଗୁର ସ୍ଥଗିତ ରଖିବା ପାଇଁ ନିଜଆଡୁ ପ୍ରସ୍ତାବ କରିଥିଲେ ଓ ତାହା ବଙ୍ଗଳା କାଉନସିଲରେ ନିର୍ବିବାଦରେ ଅନୁମୋଦିତ ହୋଇଥିଲା । ମଧୁସୂଦନଙ୍କ ଦାବୀ—ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ସମ୍ପର୍କରେ ସେଇ ନୀତି ମଧ୍ୟ ପ୍ରଯୋଜ୍ୟ ହେବା ଆବଶ୍ୟକ । ବିହାର-ଓଡ଼ିଶା-ଲେଜିସଲେଟିଭ୍ କାଉନସିଲରେ ଓଡ଼ିଶାର ପ୍ରଜାକୁଳ ସେମାନଙ୍କ ଲୋକ ପ୍ରତିନିଧିଙ୍କଠାରୁ ଅନ୍ତତଃ ଅଧିକ ସୁବିଚାର ପାଇ-ପାରିବେ । ବଙ୍ଗଳା ଜମିଦାରମାନଙ୍କ ପ୍ରସ୍ତାବରେ, ସେମାନଙ୍କ ଉପରେ ଏକ ଅଯୌକ୍ତିକ, ଅତ୍ୟାବଶ୍ୟକ, ଶୋଷଣଧର୍ମୀ ଆଇନ୍ ପ୍ରଜାସ୍ୱତ୍ୱ ନାମରେ ଲଦି ଦିଆଯିବ ନାହିଁ ।

× × ×

ମଧୁସୂଦନଙ୍କ କାଲ୍‌କ୍ ବ୍ୟାଧିଟା ପୁଣି ଗତ କେତେଦନ ହେବ ଦେଖା ଦେଇଥିଲା । ମଧୁସୂଦନ କଲିକତା ବାସଭବନର ଅଫିସ ପ୍ରକୋଷ୍ଠରେ ଗୋଟିଏ ଗରମ ପାଣି ବୋତଲ୍

Digitized by srujanika@gmail.com

ଭଲପେଟରେ ଘୃପିଧର, ଓଡ଼ିଶା-ଟେନାନ୍ସୀ-ବଲ୍ ପର୍ଯ୍ୟାଲୋଚନା କରୁଥିଲେ । ଟେବୁଲ ଉପରେ ମାଡ଼କ୍ସ୍ ସେଟଲମେଣ୍ଟ ଶପୋର୍ଟଠାରୁ ଆରମ୍ଭ କଣ ବଉନ୍ସ ଶପୋର୍ଟ ଓ ଆଇନ ବହି ଗଦା ହୋଇଥିଲା ସ୍ତୂପ ଆକାରରେ । କନକା ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେଓଙ୍କ ଉପସ୍ଥିତି ସେତେବେଳେ ସେ ପ୍ରତ ମୁହୂର୍ତ୍ତରେ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରୁଥିଲେ ।

ଇତମଧ୍ୟରେ କନକା ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେଓ ବଙ୍ଗଳା-କାଉନସିଲ୍‌କୁ ନିର୍ବାଚିତ ହୋଇଥିଲେ, ଜମିଦାର ମଣ୍ଡଳୀର ପ୍ରତିନିଧି ରୂପେ ।

ମଧୁସୂଦନଙ୍କ ଅଫିସ ପ୍ରକୋଷ୍ଠ ଭିତରକୁ ସେ ଆସିବା ମାତ୍ରେ ମଧୁସୂଦନ କହିଲେ, "ରାଜେନ୍ ମୁଁ ଆଜ କାଉନ୍‌ସିଲକୁ ଆସି ପାରିବ ନାହିଁ ।"

ରାଜେନ୍ଦ୍ରନାରାୟଣ ଉତ୍କଣ୍ଠାଭରା କଣ୍ଠରେ ଉତ୍ତର ଦେଲେ...."ବଲ୍‌ର ଆଲୋଚନା ସ୍ଥଗିତ ରଖିବା ପାଇଁ ଆପଣ ଦେଇଛନ୍ତି ପ୍ରସ୍ତାବର ନୋଟିସ୍ । ଆପଣ ଅନୁପସ୍ଥିତ ରହିଲେ, ପ୍ରସ୍ତାବଟି ବାବଁ ବାବଁ ଉଡ଼ିଯିବ ନିଶ୍ଚୟ ।"

ମଧୁସୂଦନ ଇଷତ୍ ଉଷ୍ମ ଅପ୍ରସନ୍ନ କଣ୍ଠରେ କହିଲେ "ଡୋଣ୍ଟ କେୟାର୍ ମି ଦାଟ୍ ! କଲକତ୍ତା ପୁଣି ଘେଗେଇବା ପାଇଁ ଆରମ୍ଭ କରିଛୁ । କଲକତ୍ତା ସତ୍ୱେ କାଉନସିଲକୁ ମୁଁ ଯାଇ-ପାରିବି । କନ୍ତୁ କାଲି ରାତିରେ ମୋର ମନେ ହେଲା—ମୋ ପରିବର୍ତ୍ତେ ତୁମେ ବରଂ ସେଇ ପ୍ରସ୍ତାବଟି ମୁଭ୍ କଲେ ଷ୍ଟ୍ରାଟେଜୀ ଦୃଷ୍ଟିରୁ ଅଧିକ ଫଳପ୍ରଦ ହୁଅନ୍ତା ।"

"ଷ୍ଟ୍ରାଟେଜୀ ?" ରାଜେନ୍ଦ୍ରନାରାୟଣ ସୋଫା ଉପରେ ବସି ପଡ଼ି ବିସ୍ମିତ କଣ୍ଠରେ ପ୍ରଶ୍ନ କଲେ ।

ଭଲପେଟ ଉପରେ ଗରମ ପାଣି ଢୋଳଇଟା ଦୁଇ ହାତରେ ଘୃପି ଧରି, ମଧୁସୂଦନ ବେଦନାର୍ତ୍ତ କଣ୍ଠରେ କହିଲେ—"ଆଃ ରାଜେନ୍ ! ଡୋଣ୍ଟ୍ ଆର୍ଗୁ । ଷ୍ଟ୍ରାଟେଜୀଟା ପ୍ରଥମେ ବୁଝିବା ପାଇଁ ଚେଷ୍ଟା କର ! ବଙ୍ଗଳା ଜମିଦାରମାନେ ଓଡ଼ିଶା ଟେନାନ୍ସୀ ବଲ୍‌ର ସମର୍ଥନରେ ଶତଜନ୍ମ । ଓଡ଼ିଆ ଜମିଦାରମାନଙ୍କ ପକ୍ଷରୁ ତୁମେ ତାହାର ବିରୋଧ କଲେ, ବଙ୍ଗଳା ସରକାରଙ୍କ ଉପରେ ତାର କହୁଟା ପ୍ରଭାବ ପଡିବ । ବିଷସ୍ୟ ବିଷମୌଷଧି । ମୋ କଥାଗୁଡ଼ାକ ତ ମାକଫରସନ୍ ସାହେବକୁ ଶୁଭୁଛୁ କେବଳ ଓକିଲଆ ଯୁକ୍ତି ପରି !"

କାର୍ଯ୍ୟତଃ ତାହା ହିଁ ହେଲା । ସେଦିନ ମଧୁସୂଦନଙ୍କ ପକ୍ଷରୁ, ରାଜେନ୍ଦ୍ରନାରାୟଣ କାଉନସିଲରେ ପ୍ରସ୍ତାବ ଆଗତ କରିଥିଲେ, ଓଡ଼ିଶା-ପ୍ରଜାସ୍ୱତ୍ୱ ବଲ୍ ଯାଞ୍ଚ କମିଟିକୁ ନ ପଠାଇ ଏହାର ଆଲୋଚନା ସ୍ଥଗିତ ରଖିବା ପାଇଁ । ପ୍ରସ୍ତାବ ଆଗତ କରି ରାଜେନ୍ଦ୍ରନାରାୟଣ ଏକ ସୂଚନାତ୍ମକ ଯୁକ୍ତିଯୁକ୍ତ ଭାଷଣ ଦେଇଥିଲେ ।

କନ୍ତୁ ରାଜେନ୍ଦ୍ରନାରାୟଣଙ୍କ ପ୍ରସ୍ତାବ କାଉନ୍‌ସିଲରେ ବହୁମତରେ ଅଗ୍ରାହ୍ୟ ହୋଇ ଯାଇଥିଲା ।

ପ୍ରସ୍ତାବର ଏଇ ପରିଣତି ସମ୍ପର୍କରେ ମଧୁସୂଦନଙ୍କର କୌଣସି ସନ୍ଦେହ ନ ଥିଲା । ସେ କେବଳ ଉତ୍କଣ୍ଠିତ ଭାବରେ ରାଜେନ୍ଦ୍ରନାରାୟଣଙ୍କୁ ଅପେକ୍ଷା କରି ରହିଥିଲେ, ବିତର୍କର ବିବରଣୀଟା ଶୁଣିବା ପାଇଁ ।

Digitized by srujanika@gmail.com

କାଉନ୍ସିଲ୍‌ରୁ ଫେର ଗ୍ରଜେନ୍ଦ୍ରନାଗ୍‌ସ୍ୱଣ ସିଧା ଆସିଥିଲେ, ମଧୁସୂଦନ ବାସଭବନକୁ । ମଧୁସୂଦନ ତାଙ୍କୁ କଛ ପ୍ରଶ୍ନ କହିବା ପୁଙ୍ଗରୁ ଗ୍ରଜେନ୍ଦ୍ରନାଗ୍‌ସ୍ୱଣ କ୍ଲାନ୍ତ କଣ୍ଠରେ କହିଲେ—"ଉଇ ହାଭ ଲଷ୍ଟ୍ ଇଟ୍ । ବଲ୍ ପଠାଗଲ୍ ସିଲେକ୍ଟ-କମିଟୀକୁ ।"

"କମିଟୀରେ ମହାଗ୍ରଜା ପ୍ରଦ୍ୟୋତ କୁମାର ଟାଗୋର, ବର୍ଦ୍ଧମାନର ମହାଗ୍ରଜାଧିଗ୍ରଜ ବଜସ୍ୱଚନ୍ଦ୍ର ମହତାବ, ହରଣପୁର-ମରଚପୁର ଏଷ୍ଟେଟ୍‌ର ଜମିଦାର ହୃଷିକେଶ ଲହା ପ୍ରମୁଖ ଅଛନ୍ତି ନଷ୍ଟସ୍ୱ"···ମଧୁସୂଦନ ପଗ୍ଭରଲେ ବଦ୍ରୂପ ଓ ବରକ୍ତ ମିଶ୍ରିତ କଣ୍ଠରେ ।

ଗ୍ରଜେନ୍ଦ୍ରନାଗ୍‌ସ୍ୱଣ କହିଲେ—"ବଲ୍‌କୁ ଅତ ଉରବରରେ ପାସ୍ କଗ୍ଭଇ ନେବା ପାଇଁ ସେଇମାନଙ୍କର ଉତ୍ସାହ ତ ସବୁଠାରୁ ବେଶୀ । ସିଲେକ୍ଟ-କମିଟୀରେ ସେମାନେ ନ ରହିନ୍ତେ କପର ? ମୁଁ ଅବଶ୍ୟ ଯଥାଶକ୍ତ ବଗ୍ରେଧ କରିଛୁ । କନ୍ତୁ ମାକଫରସନ୍ ଉତ୍ତରରେ କଣ କହିଲ ଜାଣନ୍ତ ? ଓଡ଼ିଶା-ଟେନାନ୍ସୀ-ବଲ୍ "may well form parting gift from old Bengal" ! ମଧୁସୂଦନ ଗରମ ପାଣି ବୋଉଲଟା ସେଟ୍ ଉପରେ ଜୋରରେ ଗ୍ଲପିଧର ଶାଣିତ କଣ୍ଠରେ ଟିପ୍‌ପଣୀ କଲେ, "Parting kick I Parting kick" !

ମଧୁସୂଦନଙ୍କ ଭ୍ରୁତ୍ୟ ହାଡ଼ିଆ, ହୁକା ସଜାଇ ଆଣି ରଖି ଦେଇଗଲ । ଗ୍ରଜେନ୍ଦ୍ର-ନାଗ୍‌ସ୍ୱଣଙ୍କ ପାଇଁ ଟିପସ୍ୱ ଉପରେ ଶୌଲବାଲା ସଜାଇ ରଖିଦେଲେ ସ୍ୱ' ସରଞ୍ଜାମ ।

ପ୍ରଗଲ୍‌ଭ ଶୌଲ ପଗ୍ଭରଲେ "ପାର୍ଟିଙ୍ଗ୍ କକ୍ କାହିଁକି କହୁଛନ୍ତ ଦାଦା ? ବଙ୍ଗଳା ସହିତ ଓଡ଼ଶା ଏ ପର୍ଯନ୍ତ ତ ବେଶ୍ ଚଳ ଆସିଲ୍ ବନ୍ଧୁ ପ୍ରତବେଶୀ ପର ।"

ମଧୁସୂଦନ ଯନ୍ତ୍ରଣାଦଗ୍ଧ କଣ୍ଠରେ ଉତ୍ତର ଦେଲେ—"ଓଡ଼ିଆ ଗ୍ଲପ୍ତୀର କଥା ତୁ କଣ ବୁଝିବୁ ଶୌଲ ? ମେକ୍ ଟି ଫର୍ ଗ୍ରଜେନ । ଡୋଣ୍ଟ ମେକ୍ ଇଟ୍ ଟୁ ସୁଇଟ୍ !"

ହୁକାନଲୀରୁ କଲେ ଧୂଆଁ ଛୁଡ଼ି ମଧୁସୂଦନ ସ୍ୱଗତୋକ୍ତ କରିବା ପର କହିଲେ "ବଙ୍ଗଳା ସରକାରରେ ଯେଉଁ ପର୍ଣ୍ଡିତମାନେ, ଏ ବଲ୍ ଚଠା କରିଛନ୍ତ, ଓଡ଼ିଶାର ପ୍ରଜାସ୍ୱତ୍ୱ, ତାର ପରମ୍ପରା, ଇତିହାସ ବଷସ୍ୱରେ ସେମାନେ ଜାଣନ୍ତ କଣ ? ବୁଝନ୍ତ ବା କଣ ?"

ଗୋଟାଏ ବଗ୍ଧ "ଇଗ୍‌ନୋଗ୍‌ନସ୍"କୁ ଆଇନ ଆକାରରେ ଓଡ଼ିଆ ଗ୍ଲପ୍ତୀ ଉପରେ ଲଦ ଦଆଯାଉଛୁ । ସିମ୍ପ୍‌ଲ ରବ୍ରେଲ୍‌ଟିଙ୍ଗ୍ ।"

ତାପରେ ପୃଥୁଲକାସ୍ୱ ଓଡ଼ିଶା-ଟେନାନ୍ସୀ ବଲ୍‌ର ଆରମ୍ଭରୁ ଗୋଟାଏ ପୃଷ୍ଠା ଓଲଟାଇ ମଧୁସୂଦନ କହିଲେ—"ଦେଖୁଛ ଗ୍ରଜେନ, ବଲ୍‌ର ଆରମ୍ଭରୁ ପ୍ରଲମ୍ବ ଅଣୁଛ ! ଭୁଲ୍ ଥ୍ରୀରେ ଲେଖାରହିଛୁ···"agricultural year means the year commencing on the first day of Baisakh."—ପହିଲ ବୈଶାଖରୁ

Digitized by srujanika@gmail.com

କୃଷି ବର୍ଷ ଆରମ୍ଭ । ବଙ୍ଗଳାରେ ଅବଶ୍ୟ ସେଇଦିନୁ ନୂଆ କୃଷିବର୍ଷ ଆରମ୍ଭ ହୋଇଥାଏ । କିନ୍ତୁ ଐତିହାସିକ ଓଡ଼ିଆଜାତିର ଯେ ଗୋଟାଏ ସ୍ୱତନ୍ତ୍ର ବର୍ଷ-ଗଣନା ଅଛୁ, ସେ କଥା ଏ ପଣ୍ଡିତମାନଙ୍କୁ ବେମାଲୁମ୍ ! ଓଡ଼ିଆ-ପାଞ୍ଜିର ପହିଲ ବୈଶାଖ, ବଙ୍ଗାଳୀଙ୍କ ପହିଲ ବୈଶାଖ ଠାରୁ ଅଲଗା । ତଥାପି ସେମାନଙ୍କ ପହିଲ ବୈଶାଖକୁ ଲଦ ଦଆସିବ, ଓଡ଼ିଆ ପ୍ରଜାଙ୍କ ଉପରେ ତା ନହେଲେ ଜମିଦାରମାନଙ୍କ ସିରସ୍ତାରେ ହିସାବ ଗୋଲମାଲ ହୋଇଯିବ ଯେ ! କିନ୍ତୁ ଓଡ଼ିଶାର ପ୍ରଜାମାନେ ସେମାନଙ୍କ ପାଞ୍ଜି ଅନୁସାରେ ପହିଲ ବୈଶାଖ ଗଣନା କରିବେ ସିନା । ଅଥଚ ଆଶ୍ଚର୍ଯ୍ୟ ଓଡ଼ିଶାର ପ୍ରଜାସ୍ୱତ୍ୱ ଓ ତାର ପରମ୍ପରା ସମ୍ବନ୍ଧରେ ସୁପରିଚିତ, ମାଡ଼କ୍ସ୍‌ଙ୍କ ପରି ଜଣେ ଅଭିଜ୍ଞ ଅଫିସର ପୁଣା ଏପରି ଅଜ୍ଞତାର ପରିଚୟ ଦେଇ ବସିଲେ କିପରି ?"

କ୍ଲାନ୍ତ କଣ୍ଠରେ ରାଜେନ୍ଦ୍ରନାରାୟଣ କହିଲେ—"ସିଲେକ୍ଟ କମିଟୀରେ ଅଧିକାଂଶ ତ ବଙ୍ଗାଳୀ ଜମିଦାର । ବଙ୍ଗଳା-ସରକାରର ଅଫିସର ଗୋଷ୍ଠୀ ମଧ୍ୟ ସେମାନଙ୍କ ସପକ୍ଷରେ ! ସେଇମାନଙ୍କ ସ୍ୱାର୍ଥ ଓଡ଼ିଆଙ୍କ ପାଇଁ ହେବ ପ୍ରଜାସତ୍ୱ ଆଇନ ! ମାଡ଼କ୍ସ୍ ସାହେବ ତ ନିମିତ୍ତ ମାତ୍ର !"

ମଧୁସୂଦନ ହୁଙ୍କାନଳୀଟା ଫିଙ୍ଗି ଦେଇ ଅସହିଷ୍ଣୁ କଣ୍ଠରେ ଚିତ୍କାର କରି ଉଠିଲେ··· "ନୋ ! ନୋ ! ନେଭର୍ ମୁଁ ଜାଣେ, ବଙ୍ଗଳା-କାଉନ୍ସିଲରେ, **I am one against many** ! କିନ୍ତୁ ମିଷ୍ଟର ଦାସ ବହିଥିବା ପର୍ଯ୍ୟନ୍ତ, ଏତେବଡ଼ ଗୋଟାଏ ବଗ୍‌ଟ ଅନ୍ୟାୟକୁ ଓଡ଼ିଆ ସ୍ତ୍ରୀଙ୍କ ଉପରେ ଲଦ ଦେବାପାଇଁ ମିଷ୍ଟର ଦାସ କଦାପି ଗୁଡ଼ଦେଇ ପାରିବ ନାହିଁ । ୧୮୮୫ ସାଲରେ ବଙ୍ଗଳା-ଟେନାନ୍ସୀ-ଆକ୍ଟ ଓଡ଼ିଶା ପାଇଁ ପ୍ରବର୍ତ୍ତିତ ହେବାବେଳେ, ବଙ୍ଗଳା-କାଉନ୍‌ସିଲ୍‌ରେ ଓଡ଼ିଶାର କୌଣସି ପ୍ରତିନଧି ନଥିଲେ । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ଓଡ଼ିଶାରେ ପ୍ରବର୍ତ୍ତିତ ହେଉଥିବା ବେଳେ, ସେ ସମ୍ପର୍କରେ ଓଡ଼ିଶାର ମତାମତ ଜାଣିବା ପାଇଁ, ଓଡ଼ିଶାରୁ କାହାକୁ ମନୋନୀତ ପୁଣା କରାଯାଇ ନଥିଲା । ଏବେ କିନ୍ତୁ ଓଡ଼ିଶାର ପ୍ରଜାକୁଳଙ୍କ ଉପରେ, ରେକର୍ଡ-ଅଫ୍-ରାଇଟ୍ ନାମରେ "ରେକର୍ଡ-ଅଫ୍-ରଙ୍ଗ୍" ଚପାଇ ଦେବାପାଇଁ ମହାମହିମ ବଙ୍ଗଳା-ସରକାର ଓଡ଼ିଶାରୁ ମନୋନୀତ କରିଛନ୍ତି ପବଲକ୍ ପ୍ରସିକ୍ୟୁଟର୍ ଜାନକୀ ନାଥ ବୋପଙ୍କୁ ! ସିଲେକ୍ଟ-କମିଟିରେ ଜାନକୀନାଥଙ୍କ ମତ ହିଁ ଓଡ଼ିଶାର ସ୍ତ୍ରୀକୁଳଙ୍କ ମତ ବୋଲି ଜାହେର ହୋଇଯିବ । ସେଠାରେ ତୁମେ କିଏ ? ନାଁ ମୁଁ କିଏ !"

ରାଜେନ୍ଦ୍ରନାରାୟଣ କହିଲେ..."ଓ ! ସେଇଥିପାଇଁ ବଙ୍ଗଳା ସରକାରଙ୍କ ଷ୍ଟାଣ୍ଡିଙ୍ଗ୍-କାଉନ୍‌ସେଲ୍ ମିଷ୍ଟର୍ ମିତ୍ତର୍ କାଉନ୍‌ସିଲ୍‌ରୁ ଅନର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ନେଇଛନ୍ତି ପରା ।"

—"ସେଥିପାଇଁ ନୁହେଁ, ମିଷ୍ଟର୍ ମିତ୍ତର୍ ଲେକଟାର ଆଇନ ବିଷୟରେ କିଛୁ କାଣ୍ଡଜ୍ଞାନ ଅଛୁ । ମିଷ୍ଟର ମିତ୍ତର୍ ଜାଣେ ଆଇନ ଦୃଷ୍ଟିରୁ ବଲ୍‌କୁ ମୁଁ ଯେଉଁ ଦୃଷ୍ଟିକୋଣରୁ ଆକ୍ରମଣ କରିବ, ସେ ଅନ୍ତତଃ ସେଥିରେ ଏକମତ ହେବା ପାଇଁ ଯୁକ୍ତି ଦୃଷ୍ଟିରୁ ବାଧ ହେବ । ତା ଅପେକ୍ଷା

Digitized by srujanika@gmail.com

ଅନୁପସ୍ଥିତ ରହିଯିବା ଝାଟ ଭଲ । ସେଥିପାଇଁ ଜାନଙ୍କା ନାଥଙ୍କୁ ଇଣ୍ଡେଣ୍ଟ୍, କରିଯାଇଛୁ ପ୍ରଜାସ୍ୱତ୍ୱ ବଲ୍, ଓଡ଼ଶାର ପ୍ରଜାକୁଳଙ୍କ ପାଇଁ ଯେ ଗୋଟିଏ ଆଦର୍ଶ ଆଇନ, କାଉନ୍ସିଲରେ ତାହାର ଫଙ୍କାଡ଼ିନ କରିବା ପାଇଁ । କନ୍ତୁ ଓଡ଼ଶା ପ୍ରଜାସ୍ୱତ୍ୱ ନେଇ ଖେଳ ଖେଳିବା, ଯେ ନଆଁ ସହିତ ଖେଳିବା ସଙ୍ଗେ ସମାନ, ସେ କଥା ବଙ୍ଗଳା ସରକାର ଭୁଲିଗଲେ ମନ୍ତ୍ର ଭୁଲ କରିବେ ।"

ବସ୍ତୁତଃ ୧୮୫୯ ସାଲର ଦଶ-ଆଇନ (Act X of 1959) ନାମରେ ପରିଚିତ, ବଙ୍ଗଳା-ପ୍ରଜାସ୍ୱତ୍ୱ ଆଇନ, ସାନ୍ତାଳପ୍ରଗନ୍ନା ପାଇଁ ମଧ୍ୟ ଏକଦା ପ୍ରଯୋଜ୍ୟ ଥିଲ୍ । ଏଇ ପ୍ଲାନ୍, ମାକ୍‌ଫରସନ୍‌ଙ୍କ ପରି କେତେକ ଅତି ପଣ୍ଡିତ ଅଫିସରଙ୍କ ଅଳ୍ପତା ବଶତଃ, ଏ ଆଇନ ସେଠାରେ "ଭୁଲରେ" ଦଶବର୍ଷ ଚଲିଲ୍ । ତାହାର ପ୍ରତିକ୍ରିୟା ରୂପେ ଅସନ୍ତୋଷର ଯେଉଁ ବହ୍ନି ଜ୍ୱଳିଲ୍, ତାହା ସମଗ୍ର ସାନ୍ତାଳ ପ୍ରଗନ୍ନାକୁ କ୍ରମେ ବିଦ୍ରୋହରେ ଅଗ୍ନିଗର୍ଭ କରିଦେଲ୍ । ସରକାର ଅବଶେଷରେ ନିଜର ଭୁଲ ବୁଝି, ଏଇ ଆଇନକୁ ସେଠାରୁ ପ୍ରତ୍ୟାହାର କରିନେଲେ । ଏହି କାରଣରୁ ମଧ୍ୟ ଗ୍ରେଟ୍‌ନାଗପୁରରେ ଏହି ଆଇନ ପାର୍ଶ୍ୱ ୫୦ ବର୍ଷ ପାଇଁ ପ୍ରଚଳିତ କରିଯାଇ ନଥିଲ୍ ।

ଓଡ଼ଶାରେ ସେହିପରି ୧୮୮୫ ସାଲରେ ବଙ୍ଗଳା ପ୍ରଜାସ୍ୱତ୍ୱ ଆଇନ ପ୍ରଚଳିତ ହେବା ପରେ, ସେହି ପ୍ରକାର ପରିସ୍ଥିତି ଦେଖା ଦେଇଥିଲ୍ । ଏଠାରେ ସ୍ମରଣ କରିଯାଇ ପାରେ, ୧୭୬୫ ସାଲରେ, ଦେଓ୍ୱାନ୍ନି-ଗ୍ରାଣ୍ଟ୍ ବଳରେ, ବଙ୍ଗଳା ଓ ବିହାର ସୁବା, ଇଷ୍ଟ-ଇଣ୍ଡିଆ-କମ୍ପାନୀର ହସ୍ତଗତ ହେବାର ପାର୍ଶ୍ୱ ୪୦ ବର୍ଷ ପରେ, ଓଡ଼ଶା ଇଷ୍ଟଇଣ୍ଡିଆ କମ୍ପାନୀର ଅଧୀନତା ସ୍ୱୀକାର କରିଥିଲ୍ । କନ୍ତୁ ଏହା ପୂର୍ବରୁ ମରହଟ୍ଟାମାନଙ୍କର ଶାସନ କାଳରେ, ଓଡ଼ଶା ବଙ୍ଗଳା-ଠାରୁ ଭିନ୍ନ ରହିଥିବାରୁ ଓଡ଼ଶା ପାଇଁ ପ୍ରଜାସ୍ୱତ୍ୱ ଆଇନର ସ୍ୱରୂପ, ବଙ୍ଗଳାରେ ପ୍ରଚଳିତ ପ୍ରଜାସ୍ୱତ୍ୱ ଆଇନଠାରୁ ଥିଲ ସ୍ୱତନ୍ତ୍ର । ମୋଗଲମାନଙ୍କ ଶାସନକାଳରେ ମଧ୍ୟ ଓଡ଼ଶା ପ୍ରଜାସ୍ୱତ୍ୱ ଆଇନ ସହିତ ବଙ୍ଗଳା ପ୍ରଜାସ୍ୱତ୍ୱ ଆଇନର କୌଣସି ସାମଞ୍ଜସ୍ୟ ନଥିଲା । ମୋଗଲମାନଙ୍କ ପୂର୍ବରୁ ସ୍ୱାଧୀନ ଓଡ଼ଶାରେ ପ୍ରଜାସ୍ୱତ୍ୱର ସ୍ୱରୂପ ଓ ତତ୍ତ୍ୱ ମଧ୍ୟ ଥିଲା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ପୁଣି ମୌଳିକ ।

ଦେଓ୍ୱାନ୍ନି-ଗ୍ରାଣ୍ଟ୍ ବଳରେ ବିହାର ଓ ବଙ୍ଗଳା ଇଷ୍ଟ-ଇଣ୍ଡିଆ-କମ୍ପାନୀ ଅଧୀନକୁ ଆସିବା ପରେ, ସେହି ଦୁଇ ପ୍ରଦେଶରେ ପରମାନେଣ୍ଟ୍-ସେଟ୍‌ଲମେଣ୍ଟ୍ ବା ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଥା ପ୍ରବର୍ତ୍ତିତ ହୋଇଥିଲା । ଓଡ଼ଶାରେ ଦ୍ୱିତୀୟ ସେହି ପ୍ରଥା ମଧ୍ୟ ପ୍ରଚଳିତ ହୋଇଥାନ୍ତା । କନ୍ତୁ ବଙ୍ଗଳା ଓ ବିହାରରେ ଚିରସ୍ଥାୟୀ ବନ୍ଦୋବସ୍ତର ଅଭିଜ୍ଞତାରୁ ଇଷ୍ଟ-ଇଣ୍ଡିଆ-କମ୍ପାନୀର ଡିରେକ୍ଟରମାନେ ୧୮୬୯ ସାଲରେ ଅନ୍ୟତ୍ର ଏହାର ପ୍ରଚଳନ ବିରୁଦ୍ଧରେ ମତ ପୋଷଣ କଲେ । ସେହି କାରଣରୁ ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ ଆଦ୍ୟ ପ୍ରବର୍ତ୍ତିତ ନ ହୋଇ, ବରଞ୍ଚ ପର୍ଯ୍ୟାୟରେ ବଙ୍ଗଳା ପ୍ରଜାସ୍ୱତ୍ୱ ଆଇନ ପ୍ରବର୍ତ୍ତିତ ହେବା ପାଇଁ ଲାଗିଲା । ଏହି ପୃଷ୍ଠଭୂମିରେ ୧୮୮୫ ସାଲରେ ଓଡ଼ଶାରେ ପ୍ରବର୍ତ୍ତିତ ହୋଇଥିଲା—ଦଶ-ଆଇନ ନାମରେ ପରିଚିତ, ବଙ୍ଗଳା ପ୍ରଜାସ୍ୱତ୍ୱ ଆଇନ ।

Digitized by srujanika@gmail.com

ଓଡ଼ିଶାର ପ୍ରଜାସ୍ୱତ୍ୱ ଓ ପରମ୍ପରା ସହିତ ଏ ଆଇନର କୌଣସି ସମ୍ପର୍କ ନ ଥିବାରୁ, ଓଡ଼ିଶାର ପ୍ରଜାସ୍ୱତ୍ୱ କ୍ଷେତ୍ରରେ ଏହା ଏକ ବିପମସ୍ୱ ପରିସ୍ଥିତି ସୃଷ୍ଟି କରିଥିଲା । ୧୯୦୬ ସାଲରେ ଏହି ଆଇନ ବଳରେ ଯେଉଁ ଜଣେ ସେଟଲମେଣ୍ଟ ଗୁଲୁଲା, ତାହା ଏ ପରିସ୍ଥିତିକୁ ଆହୁରି ଉତ୍କଟ ଓ ବିସ୍ଫୋରକ କରିଦେଲା । ସେଟଲମେଣ୍ଟ ଯେନ ସଂଘର୍ଷ ଆରମ୍ଭ ହୋଇଗଲା, ଜମିଦାର-ପ୍ରଜା ସଂଘର୍ଷ । ବାଜ୍ୟାପ୍ତିଦାରମାନେ ହଠାତ୍ ହୋଇଗଲେ ପ୍ରଜା । ରାସ୍ୱତସ୍ୱତ୍ୱ ପରିଣତ ହୋଇଗଲା ପ୍ରଜାସ୍ୱତ୍ୱ, ଏହିପରି ନାନା କାରଣରୁ ଓଡ଼ିଶାରେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେବାରୁ, ଓଡ଼ିଶାର ପ୍ରଜାସ୍ୱତ୍ୱ ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଦନ୍ତ କରି, ରିପୋର୍ଟ ଦେବା ପାଇଁ ନିଯୁକ୍ତ ହେଲେ ଜଣେ ଅତିରିକ୍ତ ସେଟଲମେଣ୍ଟ ଅଫିସର, ମାଡ୍‌କସ୍ । ଛଅମାସ କାଳ ତଦନ୍ତ କରି, ମାଡ୍‌କସ୍ ଯେଉଁ ରିପୋର୍ଟ ଦେଇଥିଲେ ସେଇ ରିପୋର୍ଟର ଭିତ୍ତିରେ, ପ୍ରସ୍ତୁତ ହୋଇଥିଲା, ଓଡ଼ିଶା-ପ୍ରଜାସ୍ୱତ୍ୱ ଆଇନର ଚଠା । ସ୍ୱୟଂ ମାଡ୍‌କସ୍ ଥିଲେ ଏହାର ଜନକ ।

ମାଡ଼କସ୍ ରିପୋର୍ଟର ପୃଷ୍ଠା ଓଲଟାଉ ଓଲଟାଉ ମଧୁସୂଦନ କହିଲେ, "ଲେଫ୍‌ଟେନ୍ଣ୍ଟ-ଗଭର୍ଣ୍ଣରଙ୍କ ଡ୍ରାଫ୍‌ଟ୍‌ଙ୍କ ସହିତ ମୁଁ ସାକ୍ଷାତ କରିଥିଲି, ଏ ବିଲ୍‌କୁ ପୋଷ୍ଟପୋନ୍‌ଡ୍ ରଖିବା ପାଇଁ । କିନ୍ତୁ ତାଙ୍କ ମତରେ—ସ୍ୱୟଂ ମାଡ଼କସ୍ ସାହେବ ଯେତେବେଳେ ଏ ଆଇନ ଚଠା କରିଛନ୍ତି ଏହା ନିଶ୍ଚୟ ହୋଇଥିବ ବେଦବାକ୍ୟ·····model piece of legislation । ମିଷ୍ଟର ମାକଫରସନ୍‌ଙ୍କର ଧାରଣା ମଧ୍ୟ ସେଇପରି । କିନ୍ତୁ ମୋର ଆଶଙ୍କା ହେଉଛୁ ଗ୍ରେଜେନ୍, ସେମାନେ କେହି ମାଡ଼କସ୍-ରିପୋର୍ଟର ପୃଷ୍ଠା ପୁଛା ଭୁଲରେ ଓଲଟାଇ ନାହାନ୍ତି । ପୁଣି ମାଡ଼କସ୍ ପୁଛା ଏକଦା ଯେଉଁ ରିପୋର୍ଟ ଦେଇଥିଲେ ତାହାର ମର୍ମ ସେ ନିଜେ ହୁଏତ ବୁଝି ନାହାନ୍ତି । କିମ୍ବା ବୁଝିଥିଲେ ଭୁଲିଗଲେଣି । ବଙ୍ଗଳା-ଟେନାନ୍ସୀ-ଆକ୍ଟ ବିଷୟରେ ସ୍ୱୟଂ ମାଡ଼କସ୍ କଣ ଲେଖିଛନ୍ତି ପଢ଼ ଏଇଠି"...ଗ୍ରେଜେନ୍ଦ୍ରନାରାୟଣ ମାଡ଼କସ୍-ରିପୋର୍ଟରୁ ସେଇ ଅଂଶଟା ପଢ଼ିଲେ···

Though in the Bengal Tenancy Act power was taken to extend its provisions to Orissa the needs of Bihar and Lower Bengal were alone considered in framing that enactment. The peculiar conditions of Orissa were not taken into account.

ମଧୁସୂଦନ କହିଲେ.... "ମାଡ଼କସ୍‌ଙ୍କ ନିଜର ସ୍ୱୀକୃତ ଅନୁସାରେ ଓଡ଼ିଶାରେ ବଙ୍ଗଳା-ଟେନାନ୍ସୀ ଆକ୍ଟ ପ୍ରବର୍ତ୍ତିତ ହେବାବେଳେ, ବିହାର ଓ ଲୋଅର୍ ବେଙ୍ଗଲର ପରିସ୍ଥିତି କେବଳ, ବିଚାରକୁ ନିଆଯାଇଥିଲା । ଓଡ଼ିଶାର ବିଶେଷ ପରିସ୍ଥିତି ପ୍ରତି ସେତେବେଳେ ଦୃଷ୍ଟି ଦିଆଯାଇ ନଥିଲା । ଓଡ଼ିଶାର ଜମିଜମା ଓ ପ୍ରଜାସ୍ୱତ୍ୱ ପରିସ୍ଥିତି ବଙ୍ଗଳା ବା ବିହାର-ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ମାକଫରସନ୍‌ଙ୍କ କହିବା ଅନୁସାରେ ଓଡ଼ିଶା ପାଇଁ ସ୍ୱତନ୍ତ୍ରଭାବରେ ଢେଣ୍ଡୁ ଓଡ଼ିଶା ଟେନାନ୍ସୀ ବିଲ୍ ପ୍ରସ୍ତୁତ କରାଯାଇଅଛୁ ।

Digitized by srujanika@gmail.com

"କନ୍ଥ ଏଇ ବଲ୍ ଆଉ ବଙ୍ଗଲା-କେନାନ୍‌ସୀ ଆଉ ଉଉରେ ଚଫାଉଛ। କେଉଁଠି ?" ଗ୍ରଜେନ୍ଦ୍ରନାଗ୍ରସ୍ୱଣ ଟିପ୍‌ପଣୀ କଲେ । ସେଇ ବଙ୍ଗଲା କେନାନ୍‌ସୀ ଅଉକୁ କେବଳ ଉନ୍ନ ନାମରେ, ଉନ୍ନ ଗ୍ରବରେ, ଓଡ଼ଶା ଉପରେ ଚପାଇ ଦଆଯାଇଛୁ । ସେଥିପାଇଁ ମୋ ଉପଣରେ ମୁଁ ଆଜ ଖ୍ରିଷ୍ଟ ଗ୍ରବରେ କାଉନ୍‌ସିଲ୍‌ରେ କହୁଛୁ "This step would be looked upon as the last and perhaps the worst attempt of the Bengal government to deprive Orissa, of any opportunity for development." କନ୍ଥ ମାକଫଲସନ୍ ଆମ ଆପତ୍ତି ଶୁଣିଲେଉ ।"*

ମଧୂସୂଦନ ଗରମପାଣି ବୋଉଲଟା ଉଳପେଟ ଉପରେ ଗ୍ରପିଧର, ସନ୍ତୋଷଜନ୍ତ କଣ୍ଠରେ କହିଲେ...."ଇଚ୍ଛା କର କେହି ଶୁଣେ ନାହିଁ. ଗ୍ରଜେନ୍ । ଶୁଣାଇବାକୁ ପଡ଼େ, ଶୁଣାଇବାକୁ ପଡ଼େ ।"

(ଦୁଇ)

ଓଡ଼ଶା ପ୍ରଜାସ୍ୱତ୍ୱ-ଆଇନର ପଗ୍ରଷା ନଗ୍ରଷା ପାଇଁ ଯେଉଁ ଯାଞ୍ଚ-କମିଟୀ ଗଠିତ ହୋଇଥିଲ, ସେଥିରେ ବେସରକାଗ୍ର ସଭ୍ୟ ରୂପେ ବର୍ତ୍ତମାନର ମହାଗ୍ରଜାଧିଗ୍ରଜ ବଜସ୍ୱଚନ୍ଦ୍ର ମହତାବ, ଗ୍ରଜା ଦୃଷୀକେଶ ଲହା ଓ ମୌଲଗ୍ରି ସସ୍ୱଦ୍ ଜଖ୍ମର୍ ଉଦ୍ଦୀନ୍ ପ୍ରମୁଖ, ବଙ୍ଗଲା ଓ ବହାରର କେତେକ ବଶିଷ୍ଟ ଜମିଦାରଙ୍କ ସମେତ, ଓଡ଼ଶାରୁ ସ୍ଥାନ ପାଇଥିଲେ ଚନଜଣ ସଭ୍ୟ—ମଧୁସୂଦନ, ଗ୍ରଜେନ୍ଦ୍ରନାଗ୍ରସ୍ୱଣ ଓ ପବଲକ୍ ପ୍ରସିକ୍ୟୁଟର୍ ଜାନକ୍ଷନାଥ ବୋସ୍ ! ଜାନକ୍ଷନାଥ କନ୍ଥ କାର୍ଯ୍ୟଭାର ଥିଲେ ସରକାଗ୍ର ସଭ୍ୟ । ଅବସ୍ଥରଭ ଗ୍ରବରେ ବଲ୍‌କୁ ସମର୍ଥନ କରବାର ଉତ୍ସାହରେ ସେ ସରକାଗ୍ର ସଭ୍ୟମାନଙ୍କୁ ପୁତ୍ତା ବଳ ପଡ଼ଥିଲେ ।

କାଉନ୍‌ସିଲର ପିଲେକ୍ଟ-କମିଟୀ ଶପୋର୍ଟ ଉପସ୍ଥାପିତ ହେଲ ମାର୍ଚ୍ଚ ଛଅ ତାରଖ ଦନ । କେବଳ ମଧୁସୂଦନ ଓ ଗ୍ରଜେନ୍ଦ୍ରନାଗ୍ରସ୍ୱଣ ପିଲେକ୍ଟ-କମିଟୀ ଶପୋର୍ଟଠାରୁ ଉନ୍ନମତ ପୋଷଣ କର ସେଥିରେ ଦେଇଥିଲେ ମତାନ୍ତର-ପତ୍ର ! କନ୍ଥ ଶପୋର୍ଟ ଉପସ୍ଥାପିତ ହେବା ସଙ୍ଗେ ସଙ୍ଗେ, ମଧୁସୂଦନଙ୍କ ମିନଟ୍-ଅଫ୍-ଡସେଣ୍ଟରୁ କେତେକ ଅଂଶ ବାଦ୍ ଦେବାପାଇଁ, ମହାଗ୍ରଜାଧିଗ୍ରଜ ବଜସ୍ୱଚନ୍ଦ୍ର ମହତାବ ବଙ୍ଗଲା-କାଉନ୍‌ସିଲ୍‌ରେ ଉତ୍ଥାପିତ କଲେ ଶଙ୍ଖଲାଗତ ପ୍ରଶ୍ନ ।

ଓଡ଼ଶାରେ ବଙ୍ଗାଲୀ-ଜମିଦାରମାନଙ୍କର ପୁବପୁଲ ନ୍ୟସ୍ତ-ସ୍ୱାର୍ଥ ରହ୍ ଥିବା ଦୃଷ୍ଟିରୁ ଯାଞ୍ଚକମିଟୀରେ କେତେକ ପ୍ରଭାବଶାଳୀ ବଙ୍ଗାଲୀ ଜମିଦାରଙ୍କୁ ଯେପର ସ୍ଥାନ ଦଆଗଲ, ମତାନ୍ତର ପତ୍ରରେ ମଧୁସୂଦନ ତାହାର ତୀବ୍ର ସମାଲୋଚନା କରବା ପାଇଁ କୁଣ୍ଠିତ ହୋଇ ନଥିଲେ । ଏ ଆକ୍ରମଣ ଓ ସମାଲୋଚନା, ମତାନ୍ତର ପତ୍ରରେ କେବଳ ସମୀତ ନଥିଲ ।

---

* ବଙ୍ଗଲା-ଲେକ୍‌ସ୍‌ଲେଟିଭ-କାଉନ୍‌ସିଲ୍ ବବରଣୀ ପୃ ୫ ତା ୧୭।୩।୧୯୨୬ ।ରଖ

Digitized by srujanika@gmail.com

ମଧୁସୂଦନ ଡାଙ୍କର ସମସ୍ତ ମତାମତର ପତ୍ରିକୁ ପୁଙ୍ଖଦନ "ଅମୃତ ବଜାର ପତ୍ରିକା"ରେ ପୂର୍ବପୂର ପ୍ରକାଶ କରି ଦେଇଥିଲେ । ମହାତ୍ମଜାଧିତ୍ମଜ ଏଥିରେ ଷୁର୍ଣ୍ଣ ହୋଇ, ଶୃଙ୍ଖଳାଗତ ପ୍ରଶ୍ନ ଉଠାଇଲେ—ସିଲେକ୍ଟ-କମିଟୀର ବସ୍ତୁର ଆଲୋଚନା, ପାର୍ଲାମେଣ୍ଟାସ୍ତ୍ର ପଦ୍ଧତରେ ଗୋପନୀସ୍ୱ ଥିବା ଦୃଷ୍ଟିରୁ ମାନ୍ୟବର ମିଷ୍ଟର ଦାସ, ନିଜ ମତାମତର ପତ୍ର ଖବରକାଗଜରେ ପ୍ରକାଶ କରି, ପ୍ରତିଷ୍ଠିତ ନସ୍ୟମ ଲଙ୍ଘନ କରିଅଛନ୍ତି ।

ପ୍ରେସିଡ଼େଣ୍ଟ ମିଷ୍ଟର୍ ଡ୍ୟୁକ୍‌ରୁଲଙ୍ଗ୍ ଦେଲେ ସିଲେକ୍ଟ-କମିଟି-ରପୋର୍ଟ କାଉନ୍‌ସିଲରେ ଉପସ୍ଥାପିତ ହେବା ପୂର୍ବରୁ, ମାନ୍ୟବର ମିଷ୍ଟର ଦାସଙ୍କ ପରି ଜଣେ ଅଭିଜ୍ଞ ସଦସ୍ୟ, ତାହାକୁ ସମ୍ବାଦପତ୍ରରେ ପ୍ରକାଶ କରାଇ ନିଷ୍ପତ୍ତି ଖବରେ କାଉନ୍‌ସିଲ୍‌ର ନସ୍ୟମ ଓ ପଦ୍ଧତ ଲଙ୍ଘନ କରିଅଛନ୍ତି । ସିଲେକ୍ଟ-କମିଟୀ ଗଠିତ ହେବା ବେଳେ, କୌଣସି କୌଣସି ସଭ୍ୟଙ୍କୁ ସେଥିରେ ସ୍ଥାନ ଦେବା ନଦେବା ସମ୍ପର୍କରେ ମାନ୍ୟବର ସଭ୍ୟ ଡାଙ୍କର ମତାମତ ପ୍ରକାଶ କରିଥିଲେ ସମୀଚୀନ ହୋଇଥାନ୍ତା, କନ୍ତୁ ସିଲେକ୍ଟ-କମିଟୀ ଗଠିତ ହେବା ପରେ, ସେ ସମ୍ପର୍କରେ ମତାମତ ପୋଷଣ କରି, ତାହାକୁ ମିନଟ୍-ଅଫ୍-ଡ଼ିସେଣ୍ଟ୍‌ରେ ସ୍ଥାନ ଦେବା ଯେପରି ଅବାଞ୍ଛନୀସ୍ୱ, ସମ୍ବାଦ ପତ୍ରରେ ପ୍ରକାଶ କରିବା, ମଧ୍ୟ ତଦ୍ରୋଧକ ଅଶୋଭନୀସ୍ୱ । ଏହି କାରଣରୁ ମଧୁସୂଦନଙ୍କ ମତାମତର ପତ୍ରର କେତେକ ଅଂଶ କାଉନସିଲ୍‌ର ଅଧ୍ୟକ୍ଷ ମିଷ୍ଟର ଡ୍ୟୁକ୍‌ଙ୍କ ନିର୍ଦ୍ଦେଶରେ ସେଥିରୁ ବାଦ ଦିଆଗଲା ।

ଏହାପରେ ବଲ୍‌ର ପରବର୍ତ୍ତୀ ଆଲୋଚନା ସ୍ଥଗିତ ରଖିବା ପାଇଁ. ମଧୁସୂଦନ ଆଗତ କଲେ, ପୁଣି ଥରେ ସେଇ ପ୍ରସ୍ତାବ । ଏକ ଦୀର୍ଘ ଭାଷଣରେ ମଧୁସୂଦନ, ବଲ୍‌ର ବିଭିନ୍ନ ଧାରା ଓ ଓଡ଼ିଶାର ଜମିଜମା ତଥା ପ୍ରଜାସ୍ୱତ୍ୱ ସମ୍ପର୍କରେ, ଯେପରି ଆଲୋଚନା କଲେ ସେଥିରେ ଓଡ଼ିଶାର ପ୍ରଜାସ୍ୱତ୍ୱ ବିଷୟରେ ଡାଙ୍କର ଅଧ୍ୟୟନ, ଗବେଷଣା ଓ ଅଧିକାରୀସ୍ୱର ସ୍ପଷ୍ଟର ଅତି ସ୍ପଷ୍ଟ ଭାବରେ ପ୍ରତୀୟମାନ ହୋଇଥିଲା ।

ମଧୁସୂଦନ ଭାଷଣ ପ୍ରସଙ୍ଗରେ, ଓଡ଼ିଶା-ଟେନାନସୀ ବଲକୁ ନବଗୁମ୍ଫର ସହିତ ତୁଳନା କରି କହିଲେ, ମାନ୍ୟବର ସଭ୍ୟମାନେ ମହାଭାରତରେ ଶ୍ରୀକୃଷ୍ଣ ନବଗୁମ୍ଫର ବେଶ ସହିତ ପରିଚିତ ଥିବେ । ନବଗୁମ୍ଫରର ତଳପାଦ ମଧ୍ୟରୁ ଗୋଟିଏ ପାଦ ବାଘର. ଦ୍ୱିତୀସ୍ୱ ପାଦଟି ଘୋଡ଼ାର, ତୃତୀସ୍ୱ ପାଦଟି ହାତୀର ଓ ଲମ୍ବଟି ହେଉଛି ଏକ ବିଷଧର ନାଗର ଫଣା । ଦେହଟି ପୁଣି ସିଂହର । କଣ୍ଠଦେଶ କନ୍ତୁ ମସ୍ତୁରର କଣ୍ଠ ପରି ସୁନ୍ଦାଲ । ସବୋପରି ହାଉରେ ସୁଦର୍ଶନ ଚକ୍ର ।

ଓଡ଼ିଶା-ଟେନାନସୀ ବଲ୍‌କୁ ଭାଷଣ ପ୍ରସଙ୍ଗରେ "ବଲେଇତ ପାଣିଠାରୁ ଆରମ୍ଭ କରି" ନବଗୁମ୍ଫର ପର୍ଯ୍ୟନ୍ତ ଯେଉଁକ ବିଚିତ୍ର ଉପମା ଦେଇ ମଧୁସୂଦନ ବର୍ଣ୍ଣନା କରୁଥିଲେ, ସେଥିରେ ମହାତ୍ମଜାଧିତ୍ମଜଙ୍କର ସେଉଁକ ଧୈର୍ଯ୍ୟଚ୍ୟୁତ ଘଟୁଥିଲା । ମହାତ୍ମଜାଧିତ୍ମଜ, ପୁଣି ଶୃଙ୍ଖଳାଗତ ପ୍ରଶ୍ନ ଉଠାଇଲେ—"**May I say that Hon'ble Mr. Das should not**

Digitized by srujanika@gmail.com

discuss religious matters here" (ମାନ୍ୟବର ମଧୁସୂଦନ ଦାସ ଏଠାରେ ଧର୍ମ ସମ୍ପର୍କିତ କୌଣସି ବିଷୟ ଉତ୍ଥାପିତ କରିବା ଉଚିତ ହେବନାହିଁ ।) କନ୍ତୁ ପ୍ରେସିଡେଣ୍ଟ ଡ୍ୟୁକ୍ ଏଥର ମହାଗ୍ରାଧିଗ୍ରାଜଙ୍କ ଶୃଙ୍ଖଳାଗତ ପ୍ରଶ୍ନ ବାତିଲ୍ କରିଦେଇ କହିଲେ.... "He is citing this by way of illustration." (ସେ ଏହାକୁ ଏଠାରେ କେବଳ ଏକ ଉଦାହରଣ ରୂପେ ଉଲ୍ଲେଖ କରିଅଛନ୍ତି ।)

ନବଗୁଞ୍ଜର ବେଶ ସହିତ ଓଡ଼ିଶା-ଟେନାନ୍ସୀ ବଲ୍‌କୁ ତୁଳନା କରିବାର ତାତ୍ପର୍ଯ୍ୟ ଆଲୋଚନା କରି, ମଧୁସୂଦନ କହିଲେ....

"It was the combination of all the destructive powers available in creation, with an attractive front, as the peacock's neck has. That is the character of the Bill...why then this combination of all that is oppressive in Bombay, Madras, C. P., Bengal and East Bengal. The Bill contains all these. Is Orissa, a land where the worst parts of India find refuse ?"

ନବଗୁଞ୍ଜର ବେଶ ମଧ୍ୟରେ ନହିତ ରହିଛୁ ମସୁରକଣ୍ଠୀ ରମଣୀସ୍ୱଭାର ନେପଥ୍ୟରେ, ସୃଷ୍ଟିର ସବୁ ଧ୍ୱଂସମୂଳକ ଶକ୍ତିର ସମାହାର । ଏ ବଲ୍‌ର ଚରିତ୍ର ମଧ୍ୟ ସେଇଆ....ଏ ବଲ୍‌ରେ ବମ୍ବେ, ମାଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗଳା ଓ ପୁଅ-ବଙ୍ଗଳାର ପ୍ରଜାପୀଡ଼କ ସବୁ ବ୍ୟବସ୍ଥା ସ୍ଥାନ ପାଇଛୁ । ସ୍ୱରଡର ସବୁ ଆବର୍ଜନା ଠୁଳ କରିବାର ଏକମାତ୍ର ସ୍ଥାନ କଣ ଓଡ଼ିଶା ?

ଓଡ଼ିଶାରୁ ମନୋନୀତ ସଭ୍ୟ ପବଲିକ୍-ପ୍ରସିକ୍ୟୁଟର୍ ଜାନକୀନାଥ, ମଧୁସୂଦନ ନିଜ ଭାଷଣରେ ଯେଉଁସବୁ ଆଇନଗତ ପ୍ରଶ୍ନ ଉତ୍ଥାପନ କରିଥିଲେ, ତାହାର କୌଣସିଟିର ସଦୁତ୍ତର ଦେବା ତ ଦୂରର କଥା, ସେ ସବୁକୁ ସ୍ପର୍ଶ ପୁଦ୍ଧା କରିପାରି ନଥିଲେ । ତାଙ୍କର ବକ୍ତବ୍ୟାନୁଯାୟୀ ଓଡ଼ିଶାର ପ୍ରଜାକୁଳ ବଲ୍‌କୁ ଯେ ବିରୋଧ କରୁଛନ୍ତି, ତାହାର ପ୍ରମାଣ କାହିଁ ? ସେମାନେ ଉତ୍ତ୍ୟକ୍ତ ହୋଇ ଏ ବଲ୍‌କୁ ଯେ କୋଲାଘାତ କରିବେ, ସେଥିରେ ଜାନକୀନାଥଙ୍କର ସନ୍ଦେହ ନଥିଲା ।

ଓଡ଼ିଶା ସରକାରଙ୍କ ପବଲିକ୍-ପ୍ରସିକ୍ୟୁଟର ଜାନକୀନାଥଙ୍କର, ଯହି ବଲ୍ ବିପକ୍ଷରେ ଆପତ୍ତି ନାହିଁ, ତାହାହେଲେ କାଉନ୍‌ସିଲରେ ବଙ୍ଗୀୟ ଜମିଦାର ଓ ସରକାରୀ କର୍ମକର୍ତ୍ତା ଗୋଷ୍ଠୀଙ୍କର ବା କ ଆପତ୍ତି ଥାଇପାରେ ? ମଧୁସୂଦନଙ୍କ ପ୍ରସ୍ତାବ ବହୁ ମତରେ କାଟ ଖାଇଗଲା ସପକ୍ଷରେ—୯, ବିପକ୍ଷରେ—୩୧ । କାଉନ୍‌ସିଲ୍‌ରେ ମଧୁସୂଦନ ପରାସ୍ତ ହୋଇଥିଲେ ସତ୍ୟ, ମାତ୍ର ପରାଜୟ ସ୍ୱୀକାର କରି ନଇଁଲେ ।

Digitized by srujanika@gmail.com

(ଚଳ)

ଆରମ୍ଭ ହେଲା ବଲ୍‌ର ଦ୍ୱିତୀୟ ପାଠ—ସେକେଣ୍ଡ ରିଡିଙ୍ଗ୍ । "ଦାଦା, ୟୁ ଆର୍ ଫାଇଟିଙ୍ଗ୍ ଏ ଲୁଜିଙ୍ଗ୍ କଜ୍"···ଗୁଜେନ୍ଦ୍ରନାଗସ୍ୱାଣ ଅବସନ୍ନ କଣ୍ଠରେ କହିଲେ—ବ୍ୟର୍ଥତାର ଗ୍ଲାନି ତାଙ୍କ କଣ୍ଠସ୍ୱରରେ ଥିଲା ସୁସ୍ପଷ୍ଟ ।

ବଲ୍‌ର ଦ୍ୱିତୀୟ ପାଠ ପର୍ଯ୍ୟାୟରେ ପଦେ ପଦେ ମଧୁସୂଦନଙ୍କର ବରୋଧ—ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଧାରା ଉପରେ ସଂଶୋଧନ ପ୍ରସ୍ତାବ ପୁଣି ତାହାକୁ ଆଗତ କରି ସୁତନ୍ତ୍ରତ, ଯୁକ୍ତପୂର୍ଣ୍ଣ ଭାଷଣ ! ବସ୍ତୁତଃ ବହାର-ଓଡ଼ିଶା କାଉନ୍‌ସିଲ୍‌ରେ ସ୍ୱାୟତ୍ତ-ଶାସନ ସମ୍ପର୍କିତ ବଲ୍ ଆଲୋଚନାକୁ ଗୁଡ଼ିଦେଲେ, ବଙ୍ଗଳା ଲେଜିସ୍‌ଲେଟିଭ କାଉନ୍‌ସିଲ୍‌ରେ ଓଡ଼ିଶା-ଟେନାନ୍‌ସୀ ବଲ୍ ଉପରେ ମଧୁସୂଦନଙ୍କ ବତର୍କ ଓ ଆଲୋଚନା, ମଧୁସୂଦନଙ୍କ ବୈଧାନିକ ଜୀବନର ଶ୍ରେଷ୍ଠ କୃତତ୍ୱ ।

ମଧୁସୂଦନଙ୍କ ସବୁ ଯୁକ୍ତ, ବୁଦ୍ଧିଦୀପ୍ତ ବତର୍କ ଓ ସୁତନ୍ତ୍ରତ ଭାଷଣ ଗୋଟିଏ ପାଖରେ, କନ୍ତୁ ଅନ୍ୟ ପାଖରେ କାଉନ୍‌ସିଲ୍‌ରେ ଭୋଟ୍ । ଭୋଟ୍ ବଳରେ ମଧୁସୂଦନଙ୍କର ସବୁ ସଂଶୋଧନ ପ୍ରସ୍ତାବ ଗୋଟିକ ପରେ ଗୋଟିଏ ନଘ୍ୟାତ୍ ହୋଇ ଘୁଞ୍ଚିଥିଲା । ବଶେଷତଃ ବାଜ୍ୟାପ୍ତିଦାର ସ୍ୱତ୍ୱର ପରିଚ୍ଛିତ ଓ ପରମ୍ପରା ନ ଟୁଟି, ଏକା କଲମ ଗାରକେ ସେମାନଙ୍କ ସ୍ୱତ୍ୱକୁ ଯେପରି ରସ୍ୱତ୍ତ ସ୍ୱତ୍ୱର ସମୀକୃତ କରି ଦଆଗଲ, ତାହା ମଧୁସୂଦନଙ୍କୁ ଉତ୍‌କ୍ଷିପ୍ତ କରିଥିଲା । ଏଇଆକୁ ଲକ୍ଷ୍ୟ କରି ଗୁଜେନ୍ଦ୍ରନାଗସ୍ୱାଣ କହିଲେ..."ଆପଣ କେବଳ ହାରିବା କଥା ନେଇ ମାତିଛନ୍ତି ଦାଦା...."you are fighting a losing cause."

ମଧୁସୂଦନ ଓଡ଼ିଶା-ଟେନାନ୍‌ସୀ-ବଲ୍ ଓ ସେ ସମ୍ପର୍କିତ ନଥିପତ୍ରର ଗହଳ ଭିତରେ ନମଜ୍ଜିତ ଥିଲେ । ଗୁଜେନ୍ଦ୍ରନାଗସ୍ୱାଣଙ୍କ ମନ୍ତବ୍ୟ ଶୁଣି ସେ କହିଲେ..."ତୁମେ ନୂଆ କଥା ଆଉ କ'ଣ କହିଲ ଗୁଜେନ୍ ? ଏଇ ବଙ୍ଗଳା କାଉନ୍‌ସିଲର ଚଫ୍ ସେକ୍ରେଟାରୀ—ପରେ ହୋଇଥିଲେ ଅସ୍ଥାସ୍ୱୀ ଲେଫ୍‌ଟେନାଣ୍ଟ-ଗଭର୍ଣ୍ଣର,* ବୋରଡ଼ିଲନ୍—ମୋତେ ଥରେ ସେମାନ୍ ସିନେଟର କାଟୋଙ୍କ ସହିତ ତୁଳନା କରିଥିଲେ । ହାରିବା କଥା ମାନଙ୍କରେ କାଟୋଙ୍କର ଝୁଙ୍କ ଥିଲା ବେଶୀ । ଜିତିବା କଥାଗେ ତ ସମସ୍ତେ ମାତି ପାରନ୍ତି । କନ୍ତୁ ହାରିବା କଥାରେ ମାତି ପାରନ୍ତି ବା କେତେଜଣ ? ମାନ୍ୟ ଗୁଜେନ୍, ଗୋଟିଏ ଦୃଷ୍ଟିରୁ ବସ୍ତୁର କଲେ, ମର୍ଣ୍ଣିଷ ସଭ୍ୟତାର ଇତିହାସ, ପ୍ରକାଗ୍ରନ୍ତରେ ଏଇ ବ୍ୟର୍ଥତା ଆଉ ପସ୍ତାଜୟର ଇତିହାସ ନୁହେଁ କ ?

ଏସବୁ ତାତ୍ତ୍ୱିକ ଆଲୋଚନା ପାଇଁ ଗୁଜେନ୍ଦ୍ରନାଗସ୍ୱାଣଙ୍କ ଆଗହ ନଥିଲା । ମଧୁସୂଦନ କାଉନ୍‌ସିଲ୍‌ରେ ବେଳେ ବେଳେ ଯେପରି ଗୁଡ଼ୁକଲ, ବୈପ୍ଳବକ ମନୋଭାବର ପରିଚୟ ନେଉଛନ୍ତି, କନକା ଗଜା ଗୁଜେନ୍ଦ୍ରନାଗସ୍ୱାଣଙ୍କ ପକ୍ଷରେ ତାହା କ୍ରମେ ଉଦ୍‌ବେଗର କାରଣ ହୋଇ ଉଠୁଥିଲା ।

---

* ମଧୁସୂଦନଙ୍କ ନିର୍ବାଚନ ଇସ୍ତାହାର (୧୯୦୭)

Digitized by srujanika@gmail.com

ଗତକାଲି କାଉନ୍ସିଲରେ ଗ୍ରଜେନ୍ଦ୍ରନାଗସ୍ୱଣ ସ୍ପଷଣ ଦେବାବେଳେ ଚାକ୍ଷୁ ଇଙ୍ଗ୍ୟ ଓ ସୂଚନା ପ୍ରଭୃତ ଯୋଗାଇବା ପାଇଁ ମଧୁସୂଦନ ନଜ ସ୍ଥାନ ବଦଲାଇ ଗ୍ରଜେନ୍ଦ୍ରନାଗସ୍ୱଣଙ୍କ ପାଖ ସିଟ୍‌ରେ ବସିଥିଲେ । *'ମଧୁସୂଦନ ଜମିଦାର ଗୋଷ୍ଠୀଙ୍କ ସହ୍ତ ହାତ ମିଳାଇ ଦେଇଛନ୍ତି ବୋଲି କାଲେ କଏ ସନ୍ଦେହ କରବ, ସେଥିପାଇଁ ମଧୁସୂଦନ ସ୍ପଷଣ ଦେବାବେଳେ—ହଠାତ୍ ନଜ ଆସନ ପରବର୍ତ୍ତନକୁ ଲକ୍ଷ୍ୟ କର କହିଲେ—ଜଣେ ଜମିଦାରଙ୍କ ପାଖରେ ବସିଥିଲେ ସୁଦ୍ଧା, ରସ୍ୱତର ସୁରକ୍ଷା ପାଇଁ ସେ ସଦ୍ଦା ସଗ୍ରାମ କର ଆସିଛନ୍ତି.....

"I have always stood for the raiyats, although to-day by the kind permission of the Secretary, Mr. Watson, I am sitting here with a different and higher class of gentry."

ଉନ୍ମେଷ କରବା ନିମ୍ନପ୍ରସ୍ତୋଜନ ମଧୁସୂଦନଙ୍କ ଏ ଅବାନ୍ତର ପ୍ରରାଭ ଉଚ୍ଚା ଗ୍ରଜେନ୍ଦ୍ର-ନାଗସ୍ୱଣଙ୍କ ପକ୍ଷରେ ଆନନ୍ଦଦାସ୍ୱକ ନଥିଲ ।

କାଲି କାଉନ୍ସିଲରେ ଆରମ୍ଭ ହେବ ଗୁରୁତ୍ୱପୂର୍ଣ୍ଣ ୧୩ ଧାରା ଉପରେ ଆଲୋଚନା । ସେଥରେ ଥିଲ ଜମି ବନ୍ଦୀ ଖର୍ଦ୍ଦୀରେ ରେପମ୍‌ରୁ ଶତାଂଶ ୨୫ ସ୍ୱଗ, ଦାନସୂନ୍ରରେ ଜମିର ମାଲ୍‌କାନା ବଦଳ ହେଉଥିଲେ ବାର୍ଷିକ ଖଜଣାର ଛଅ ଗୁଣ ଓ ଖାଲ୍ଭାଙ୍ଗଡ଼ା ବାବଦରୁ ଜମିଦାରମାନେ ସଲ୍ଲମୀ ପାଇବାର ବଉନ୍ନ ବ୍ୟବସ୍ଥା । ମଧୁସୂଦନ ସବ ସଲ୍ଲମୀ ବ୍ୟବସ୍ଥାର ବରୋଧ କରନ୍ତି, ତାହେଲେ ଗ୍ରଜେନ୍ଦ୍ରନାଗସ୍ୱଣଙ୍କ ପକ୍ଷରେ ତାହା ଯେ ଅଭୀନ୍ତ ଅପ୍ରୀତକର ହେବ, ସେଥରେ ତାଙ୍କର ସନ୍ଦେହ ନଥିଲ । ସେହ ସନ୍ଦେହମୋଚନ ପାଇଁ ଗ୍ରଜେନ୍ଦ୍ରନାଗସ୍ୱଣ ପଗ୍ଧରଲେ—

"ଇନ୍ଦ୍ରୁ କୁଜ୍ ଆକ୍ଟିନ୍ ସମ୍ପର୍କରେ ଆପଣଙ୍କ ମତାମତ କ'ଣ ? ଶେଷ ମୁହୂର୍ତ୍ତରେ ଆପଣ ତାର ବରୋଧ କରବେ ନାହିଁତ ?" ଓଡ଼ଆ ଜମିଦାରମାନଙ୍କର ଦୁର୍ଗତ ଆଲୋଚନା ଉର ଗ୍ରଜେନ୍ଦ୍ରନାଗସ୍ୱଣ କହିଲେ "ଓଡ଼ଶାରେ ଓଡ଼ଆମାନଙ୍କ ହାତରେ ବାଣିଜ୍ୟ, ବ୍ୟବସାସ୍ୱ ତ କଛୁ ନାହିଁ । କେତେଜଣଙ୍କ ହାତରେ ଅଛୁ କେବଳ ମାନ କେତେଖଣ୍ଡି ଜମିଦାସ୍ୱ । ସେଥିରୁ ସେମାନଙ୍କର ଆସ୍ୱ ବା କେତେ ? ମାଡ଼କସ୍ ସେଟଲମେଣ୍ଟ୍ ରପୋର୍ଟରେ ଯେଉଁ ହିସାବ ଦେଇଛନ୍ତି, ସେଥିରୁ ଆପଣ ଲକ୍ଷ୍ୟ କରଥିବେ, ୧୮୭୭ ସେଟଲ୍‌ମେଣ୍ଟ୍‌ରେ ଜମିଦାରମାନଙ୍କର ବାର୍ଷିକ ଆସ୍ୱ ଯାହା ଥିଲ ଉତ ମଧରେ ସେଥିରୁ ୨ଲକ୍ଷ ୮୦ହଜାର ଟଙ୍କା, ଅର୍ଥାତ୍ ଶତକଡ଼ା ୧୪ ସ୍ୱଗ ହ୍ରାସ ପାଇଛୁ । ଗତ ସେଟଲ୍‌ମେଣ୍ଟ୍ ଅନୁସାରେ ଓଡ଼ଶାରେ ଜମିଦାରମାନଙ୍କର ମୋଟ ଜମାଥିଲ, ଟ ୫୮,୭୭,୭୫୭, ସେଥିରୁ ସରକାରଙ୍କୁ ପେସକସ୍ ଟ ୨୧,୦୫,୦୭୫ ଆଦାସ୍ୱ ଦେବା ପରେ, ଅବଶିଷ୍ଟ ଲଭ ରହିଲ ଟ ୧୭,୭୨,୫୮୪ । ଏଥରେ ଅଛୁ ମୋକଦ୍ଦମା ଆଉ ଖଜଣା ଆଦାସ୍ୱର ଖର୍ଚ୍ଚ ପୁଣି ଆଦାସ୍ୱର ସମ୍ଭାବନା ନ ଥିବା ବାଉଲ୍ ଖଜଣା ।

---

* ବଙ୍ଗଳା-ଲେଜିସ୍‌ଲେଟିଭ-କାଉନ୍ସିଲ୍ ବବରଣୀ—ଭା ୨୦।୩।୧୯୨୨ ଖ୍ରୀ

Digitized by srujanika@gmail.com

ମାଡ଼କସ୍‌ଙ୍କ ହ୍ୱାବ ଅନୁସାରେ ଓଡ଼ଶାରେ ଯେଉଁ ୪୬,୪୦୦ ଜମିଦାର ଅଛନ୍ତ, ସେମାନଙ୍କ ମଧ୍ୟରେ ଏଇ ନେଟ୍ ଲାଭ ଭାଗ କଲ୍‌ଗଲେ, ମୁଣ୍ଡପିଛୁ ୫୪୬ ପଡ଼ିବ କ ନାହିଁ ସନ୍ଦେହ । ସେଥପାଇଁତ ଜମିଦାର୍ଣ୍ଣ ସବୁ ଗୋଟିକ ପରେ ଗୋଟିଏ ବର୍ତ୍ତୀ ନଲ୍ଲମ ହୋଇ ଗ୍ଲଛନ୍ତ । ମାଡ଼କସ୍ ଶପୋର୍ଟ ଅନୁସାରେ ୧୯୦୦ ଠାରୁ ୧୯୦୪ ସାଲ ମଧ୍ୟରେ ଲ୍ଲଟବନ୍ଦା ବାଙ୍କ କାରଣରୁ ୨୦୩ ଜମିଦାର୍ଣ୍ଣ ବର୍ତ୍ତୀରେ ଉଠିଛନ୍ତ; ଅର୍ଥାତ୍ ବର୍ଷକୁ ୪୦ ହ୍ୱାବରେ ଜମିଦାର୍ଣ୍ଣ ବର୍ତ୍ତୀ ନଲ୍ଲମ ଗ୍ଲଛନ୍ତ । ଏଇ ହେଲ ଓଡ଼ଆ ଜମିଦାରମାନଙ୍କ ଅବସ୍ଥା । ଆସ୍ଥ ଭତରେ ଖାତାଫଡ଼ା ସଲ୍ଲମୀ ହେଲ ସେମାନଙ୍କର ଏକମାତ୍ର ସମ୍ବଲ । ସେତକ ଲେପ ପାଇଲେ ଜମିଦାରମାନେ ଦାଣ୍ଡର ଭକାର୍ଣ୍ଣ ହୋଇ ବୁଲବେ ସିନା ।''

ଗ୍ରଜେନ୍ଦ୍ରନାର୍ଣ୍ଣସ୍ୱଣଙ୍କ କଥାରେ ହ୍ରାତ୍ ବାଧାଦେଇ ମଧୁସୂଦନ କହଲେ—''ସେଇ ମାଡ଼କସ୍ ଶପୋଟର ହ୍ୱାବ ଅନୁସାରେ ମଧ୍ୟ ତନ ଏକର ଧାନଜମି ଥିବା ସ୍ତ୍ରୀର ବର୍ଷକୁ ନଅଣ୍ଟ ୧୧ ଟଙ୍କା ତନଅଣା । ମହାଜନ ଜମିଦାରମାନଙ୍କ ଦ୍ୱାରସ୍ଥ ହୋଇ ଋଣ କଶବା, ତାର ଯେପର ଲଲ୍ଲଟଲ୍ଲଖନ । ଋଣ ଭର ବଢି ଗ୍ଲଲେ. ଶେଷକୁ ଜମି ବର୍ତ୍ତୀ କର ଋଣମୁ କ୍ତ ହେବା ଛଡ଼ା ତାର ଅନ୍ୟ ପନ୍ଥା ନାହିଁ । ସେଥିରେ ସୁଦ୍ଧା ପ୍ରତବନ୍ଧକ ସୃଷ୍ଟି କରୁଛ, ଓଡ଼ଶା-ଟ୍ରେନାର୍ସୀ ବଲ୍ । ସେଥପାଇଁ ଗ୍ରଜେନ୍, ମୋତେ ଯଦ୍ ପଗ୍ଭରବ, ଖାତାଫଡ଼ା ସଲ୍ଲମୀ ସମ୍ପର୍କରେ ମୋର ମତ କଣ' ତାହେଲେ ମୁଁ ସ୍ପଷ୍ଟ କହବ ମୁଁ ତାହା ବରୁଦ୍ଧରେ । ଜମିଦାର୍ଣ୍ଣ ପ୍ରଥା ସ୍ୱରତର ସଂସ୍କୃତ କମ୍ଭା ପରମ୍ପରାରେ କେବେ ନ ଥିଲ । ଏବେ ଗ୍ରେଟ୍‌ନାଗପୁର ଅଞ୍ଚଲରେ ମୁଣ୍ଡାମାଣିକ-ମାନଙ୍କ ଦ୍ୱାର୍ ଖଜଣା ଆଦାସ୍ଥ କଶବାର ଯେଉଁ ପ୍ରଥା ରହଛ, ସେତେବେଳେ ସେହପର ଗ୍ରାମର ପ୍ରଧାନ, ମୁଣ୍ଡିଆଲମାନେ ଖଜଣା ଆଦାସ୍ଥ କଶ, ଏକ ନର୍ଦ୍ଦାଶତ ହାରରେ ପାଶ୍ରମିକ ପାଉଥିଲେ । ପ୍ରଜାର ଜମି ଉପରେ ଗାଁ ମୁଣ୍ଡିଆଲମାନଙ୍କର କୌଣସି ସ୍ୱତନ୍ତ୍ର ସ୍ୱତ୍ୱ ନ ଥିଲ । କନ୍ତୁ ମୋଗଲମାନଙ୍କ ଗ୍ରଜତ୍ୱ କାଳରେ ସୃଷ୍ଟି ହେଲେ ଜମିଦାର ଗୋଷ୍ଠୀ ।''

ଏସବୁ ପ୍ରାଥମିକ ତଥ୍ୟ ସହତ ଗ୍ରଜେନ୍ଦ୍ରନାର୍ଣ୍ଣସ୍ୱଣ ଅପରଚତ ନଥିଲେ । ସେ ଟିପ୍‌ପଣୀ କଲେ···''ଜମିଦାର ଶବ୍ଦଟା ଇ ତ ପାର୍ସୀ ଶବ୍ଦ । ତେଣୁ ମୋଗଲମାନଙ୍କ ଗ୍ରଜତ୍ୱ କାଳରେ ଜମିଦାର୍ଣ୍ଣ ପ୍ରଥାର ସୂତ୍ରପାତ ହୋଇଥିଲ—ଏହାକୁ କେହ ଅସ୍ୱୀକାର କରୁନାହିଁ । କନ୍ତୁ ସେମାନେ ଯେ ଏବେ ଦାଣ୍ଡର ଭକାର୍ଣ୍ଣ ହେବା ଅବସ୍ଥାକୁ ଆସିଗଲେଣି । ତାର ପ୍ରତକାର କଣ ?''

ମଧୁସୂଦନ କହଲେ ''କନ୍ତୁ ଗ୍ରଜେନ ତୁମେ କଣ ଏକଥା ଅସ୍ୱୀକାର କରବ, ଜମିଦାର-ମାନଙ୍କର ସେତେବେଳେ ସୁଦ୍ଧା କେବେ କୌଣସି ମାଲକାନା ସ୍ୱତ୍ୱ ନଥିଲ । ଖଜାଣା ଆଦାସ୍ଥ ପାଇଁ, ସେମାନେ ଅବଶ୍ୟ କଛ ଭୂସମ୍ପତ୍ତି ଜାଗିର୍ଣ୍ଣ ସ୍ୱରୂପ ଭୋଗ କରୁଥିଲେ । ୧୭୫୩ ସାଲରୁ ୧୮୦୩ ସାଲ ପର୍ଯ୍ୟନ୍ତ ମରହଟ୍ଟା ସୁବାଦାରମାନେ ନଜେ ସୁବଧା ଅନୁସାରେ ପୁରୁଣା ଜମିଦାରଙ୍କୁ ଅନ୍ତର କର, ନୂଆ ଜମିଦାରମାନଙ୍କୁ ବାହେଲ୍ କରୁଥିଲେ । ଇତହାସରେ ଏପର କୌଣସି ପ୍ରମାଣ ନାହିଁ ଯେ, ୧୭୫୩ ସାଲ ପୁଂରୁ ବଙ୍ଗଳାରେ ଏବଂ ୧୮୦୩ ସାଲ ପୁଂରୁ ଓଡ଼ଶାରେ ଜମିଦାରମାନଙ୍କର କୌଣସି ମାଲକାନା ସ୍ୱତ୍ୱ ଥିଲ । ୧୭୫୩ ସାଲର ଚରସ୍ଥାସ୍ଥୀ ବନ୍ଦୋବସ୍ତ ହଁ

Digitized by srujanika@gmail.com

କେବଳ, ଜମି ଉପରେ କୌଣସି ଆଇନସମ୍ମତ ଅଧିକାର ନଥିବା, ଏହିପରି ବହୁ ଦୃଷ୍ଟାନ୍ତ ଖଜଣା ଅସୁଲକାରୀଙ୍କୁ ଜମିଦାରଙ୍କର ମାଲିକାନା ସ୍ୱତ୍ୱ ଦେଇ, ଏକ ମଧ୍ୟ ସ୍ୱତ୍ୱାଧିକାରୀ ଗୋଷ୍ଠୀରେ ପରିଣତ କରିଦେଲା । କିନ୍ତୁ ସେମାନଙ୍କୁ ଯେଉଁ ସ୍ୱତ୍ୱ ଦିଆଗଲା ତାହା ଭୂମି ଉପରେ ନୁହେଁ । ବ୍ରିଟିଶ ସରକାର ଓ ଏହି ନୂତନ ଜମିଦାରଗୋଷ୍ଠୀଙ୍କ ମଧ୍ୟରେ ଯେଉଁ କବୁଲିୟତ୍ ହେଲା, ସେଥିରେ ସର୍ତ୍ତ ରହିଲା—ଜମିଦାରମାନେ ପୁରୁଷାନୁକ୍ରମେ ଖଜଣା ଆଦାୟ କରିବେ ସତ୍ୟ, ମାତ୍ର ପ୍ରଜାମାନଙ୍କ ଉପରେ ସେମାନେ କୌଣସି ପ୍ରକାର ଅତ୍ୟାଚାର କଲେ, କମ୍ବା ଜମିଦାରୀ ପରିଚାଳନାରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ, ସେମାନଙ୍କ ଜମିଦାରୀ ସରକାରଙ୍କ ଖାସ୍ ଦଖଲକୁ ଘୁଲିଆସିବ । ଖଜଣା ଆଦାୟ ବାବଦକୁ ଜମିରୁ ଉତ୍ପନ୍ନ ଏକପଞ୍ଚାଂଶ ଭୂସ୍ୱାମୀରୁ ପ୍ରଜା କେତେକ ଅଂଶ ଜମିଦାରଙ୍କୁ ଦେଉଥିଲେ । ଅବଶିଷ୍ଟ ପାଞ୍ଚଭାଗ ଥିଲା ରୟତର ପ୍ରାପ୍ୟ । ରୟତ ଭୋଗ କରୁଥିବା ଜମିର ସ୍ୱେଚ୍ଛା ଦଖଲ ଉପରେ କୌଣସି ବାଧା ବା ପ୍ରତିବନ୍ଧକ ନଥିଲା । ମାତ୍ର ୧୯୦୦ ସାଲ ବନ୍ଦୋବସ୍ତ ପରଠାରୁ ଜମିଦାରମାନେ ସେମାନଙ୍କ ନୂଆ କ୍ଷମତା ବଳରେ ରୟତମାନଙ୍କର ସେଇ ଅଲଙ୍ଘନୀୟ ସ୍ୱତ୍ୱ ଅପହରଣ କରିବା ପାଇଁ ଧାଡ଼ିବାନ୍ଧି ଚେଷ୍ଟା କରି ଆସୁଅଛନ୍ତି । ଓଡ଼ିଶା-ଟେନାନ୍ସୀ-ବିଲ୍ ଜମି ଉପରେ ରୟତ ବା ପ୍ରଜାର ସେଇ ସ୍ୱତ୍ୱକୁ ବନ୍ଧୀ, ଦାନ ଅଥବା ଅଦଳ ବଦଳ ସୂତ୍ରରେ ହସ୍ତାନ୍ତର କରିବାର ସ୍ୱାଧୀନତାକୁ ଜମିଦାରମାନଙ୍କର ଇଚ୍ଛାଧୀନ କରି ଦେଉଛୁ ।" ,

ମଧୁସୂଦନ କହିଲେ—"ମୋର ବିବେଚନାରେ ଏଇ ମୌଳିକ ପ୍ରଶ୍ନ ସହିତ ।"

ବ୍ରଜେନ୍ଦ୍ରନାରାୟଣ ଯୁକ୍ତି କଲେ, "ଏପରି ମଧ୍ୟ କେହି କେହି କହନ୍ତି ଯେ, ୧୮୮୫ ସାଲର ବଙ୍ଗଳା-ପ୍ରଜାସ୍ୱତ୍ୱ ଆଇନ ପୂର୍ବରୁ ଜମି ଉପରେ ରୟତ ବା ପ୍ରଜାମାନଙ୍କର ବିଶେଷ କୌଣସି ସ୍ୱତ୍ୱ ବା ସ୍ୱାଧୀନତା ନଥିଲା ।"

ମଧୁସୂଦନ ଉତ୍ତର ଦେଲେ···"ଯେଉଁମାନେ ସେପରି ଯୁକ୍ତି କରନ୍ତି, ତ୍ରାହ୍ମଣ୍ୟ ସମାଜ, ସ୍ମୃତି ସହିତ ସେମାନଙ୍କର କୌଣସି ପରିଚୟ ନାହିଁ । 'ମନୁସ୍ମୃତି'ରେ ଅଛି :

"ସ୍ଥାଣୁଚ୍ଛେଦସ୍ୟ କେଦାର ମାତ୍ମଃ
ଶଳ୍ୟବତୋ ମୃଗଂ ।"

ବ୍ୟାଧର ଶର୍ତ୍ତାଡରେ ନହିତ ମୃଗ ଉପରେ ବ୍ୟାଧର ଅଧିକାର ଯେପରି ଅପ୍ରତିରୋଧ, ଜଙ୍ଗଲ କାଟି ପ୍ରଜା ଯେଉଁ ଜମିକୁ କୃଷିଯୋଗ୍ୟ କରିଥାଏ, ସେ ଜମି ଉପରେ ତାହାର ଅଧିକାର ମଧ୍ୟ ସେହିପରି ଅନାପେକ୍ଷିକ । ଏହା ଉତ୍ତରକୁ ଜମିଦାର ଆସିଲେ କେଉଁଠୁ ?"

ବ୍ରଜେନ୍ଦ୍ରନାରାୟଣ ଅସହାୟ କଣ୍ଠରେ ପଚାରିଲେ—"ତାହେଲେ ୧୩ ଧାରାରେ, ଜମିଦାରମାନେ ବନ୍ଧୀ କ୍ଷେତ୍ରରେ ସ୍ୱେପମର ଶତକଡ଼ା ୨୫ ଭାଗ, ଦାନ କ୍ଷେତ୍ରରେ ଖଜଣାର

Digitized by srujanika@gmail.com

ଛଅଗୁଣ, ଖାଡାଫଡ଼ା ବାବଦକୁ ସଲ୍ମୀ ପାଇବେ ବୋଲ୍ ଯେଉଁ ବ୍ୟବସ୍ଥା ରହିଛୁ ଆପଣ କଣ ତା'ର ବରୋଧ କରିବେ ?"

ମଧୁସୂଦନ ହୁକାରୁ କଲେ ଧୂଆଁର କୁଣ୍ଡଳୀ ଭିତରେ ଉତ୍ତର ଦେଲେ···"ବର୍ତ୍ତମାନ ଅବସ୍ଥାରେ ମୁଁ ହୁଏତ ତା'ର ବରୋଧ କରୁନାହିଁ । କାରଣ ଏଇ ଜମି ବନ୍ଦୀ ଖର୍ଦ୍ଦୀ କାରବାରରୁ ଗ୍ରୋପମ୍ ଖାଡାଫଡ଼ା ବାବଦରେ ଆସୁ ବ୍ୟତୀତ, ଜମିଦାରମାନଙ୍କର ଅନ୍ୟ ଆସୁ ଉପାର୍ଜନ ନାହିଁ । କନ୍ତୁ ଜମିଦାରମାନେ ଶତକଡ଼ା ୬୫ ଭାଗ ଗ୍ରୋପମରେ ସୁଦ୍ଧା ସନ୍ତୁଷ୍ଟ ନୁହନ୍ତି । ଶତକଡ଼ା ୬୫ରୁ ଆହୁରି ଅଧିକ ଗ୍ରୋପମ୍ ପାଇବା ଲେଉରେ, ଜମି ବନ୍ଦୀ ଅଥବା ଅନ୍ୟ ସ୍ୱରୂପରେ ହସ୍ତାନ୍ତର "ଲେକାଲ କଣ୍ଟମ୍" ବା ଲେକାସ୍ତର ବରୋଧୀ ବୋଲ୍, ଅନେକ ଜମିଦାର ପ୍ରଜାମାନଙ୍କୁ ଜମିବନ୍ଦୀ ପାଇଁ ଅନୁମତ ଦେଉ ନଥିବା ଜଣା କଥା । ପ୍ରଜା ତାହେଲେ ବାଧ ହୋଇ ଶତକଡ଼ା ୬୫ରୁ ସୁଦ୍ଧା ଆହୁରି ଅଧିକା ଗ୍ରୋପମ ଗଣିବ । ଏକଆଡ଼େ ଜମିଦାର, ଅନ୍ୟଆଡ଼େ ମହାଜନ । ମୁକୁଳିବା ପାଇଁ ପ୍ରଜାର ଆଉ ବାଟ କାହିଁ ?"

ରାଜେନ୍ଦ୍ରନାରାୟଣ ଯୁକ୍ତି କଲେ "ସେପର ପ୍ରଜା ପାଇଁ ତ ଶଲଫ୍ର ବ୍ୟବସ୍ଥା ହୋଇଛୁ । ୧୩ (ଖ) (୩) ଧାରା ଅନୁସାରେ ପ୍ରଜା କଲେକ୍ତରଙ୍କୁ ଦରଖାସ୍ତ କରିପାରିବ ଓ କଲେକ୍ତର ସେପର ଦରଖାସ୍ତ ପାଇବା ପରେ ଜମିଦାରଙ୍କ ଅନୁମତ ନ ଦେବାର କାରଣ ଓ ସମୀଚୀନତା ତଦନ୍ତ କରିବେ ।"

ମଧୁସୂଦନ ଉତ୍ତର ଦେଲେ···"କନ୍ତୁ କୌଣସି ବନ୍ଦୀ ଖର୍ଦ୍ଦୀ, କଣ୍ଟମ୍ ବା ଲେକାସ୍ତର ବରୋଧୀ ନୁହେଁ ବୋଲ ପ୍ରମାଣ କରିବାର 'ଓନସ୍' ବା ଦାସ୍ୱିତ୍ୱ ଯେତେବେଳେ ଖର୍ଦ୍ଦୀ କରୁଥିବା ପ୍ରଜା (ମୂତ୍ତଗ୍ଧ) ଉପରେ ନ୍ୟସ୍ତ ରହିଛୁ, ତୁମେ କଣ ଜାଣୁଛ ରାଜେନ୍ ସେଥିରେ ପ୍ରଜାମାନେ କେବେ ତୁମମାନଙ୍କ ବରୁଦ୍ଧରେ ମୋକଦ୍ଦମା ଚଳାଇ ଜିତ ପାରିବେ ? ସେଥିପାଇଁ ମୁଁ ଏକ ଆମେଣ୍ଡମେଣ୍ଟ୍ର ନୋଟିସ୍ ଦେଇଛୁ···କଲେକ୍ତରଙ୍କ ତଦନ୍ତରେ ଯଦି ସାବ୍ୟସ୍ତ ହୁଏ ଯେ ଶତକଡ଼ା ୬୫ରୁ ଅଧିକ ରୋଖମ ପାଇବା ଲେଉରେ ଜମିଦାର ବନ୍ଦୀ ବା ହସ୍ତାନ୍ତର ପାଇଁ ଅନୁମତ ଦେଇନାହାନ୍ତି, ତାହେଲେ ଯେଉଁ ପରମାଣରେ ଅଧିକା ଟଙ୍କା ସେ ଦାବୀ କରିଛନ୍ତି ତାର ଦୁଇଗୁଣ ପରମାଣରେ ତାଙ୍କୁ ଜୋରମାନା ଗଣିବା ପାଇଁ ପଡ଼ିବ ।"

ଏହି ଆମେଣ୍ଡମେଣ୍ଟ୍ କାଉନସିଲରେ ତୁମୁଳ ବରୋଧର ସମ୍ମୁଖୀନ ହୋଇଥିଲା— ଉତ୍ସେଖ କରିବା ନଷ୍ପ୍ରୟୋଜନ । କନ୍ତୁ ସଂଶୋଧନ ପ୍ରସ୍ତାବର ଯୌକ୍ତିକତା, ମଧୁସୂଦନଙ୍କ ପ୍ରବଳ ବରୋଧୀ ମାକଫରସନଙ୍କୁ ସୁଦ୍ଧା ପ୍ରଭାବିତ କରି ପାରିଥିଲା । ମଧୁସୂଦନଙ୍କ ସଂଶୋଧନ ପ୍ରସ୍ତାବ ପ୍ରତି ତାଙ୍କର ପ୍ରଚ୍ଛନ୍ନ ସମର୍ଥନ ରହିଥିବା ଉତ୍ସେଖ କରି ମାକଫରସନ ସ୍ୱୀକାର କରିଥିଲେ···"**In this matter I have certain amount of sneaking sympathy with Hon'ble Mr. Das**" । ତଥାପି ସେ ଯଦି ତାହାର ବରୋଧ କରୁଥିଲେ, ତାହେଲେ ରାଜନୈତିକ ପ୍ରଭାବ ଉପରେ...."**for reasons of practical politics**" *

---

* ବଙ୍ଗଳା-ଲେଜିସଲେଟିଭ କାଉନସିଲ ବିବରଣୀ—ତା ୨୧।୩।୧୯୧୨

Digitized by srujanika@gmail.com

ମଧୁସୂଦନଙ୍କ ସଂଶୋଧନ ପ୍ରସ୍ତାବ ଉପରେ ବହୁତ ତର୍କ ଉଠିଥିବା ବେଳେ ଗୃହୀର ଦୟନୀୟ ଅସହାୟ ଅବସ୍ଥା ପ୍ରତି କୁମ୍ଭୀରଲୁହ ଗଡ଼ାଇବାରେ କନ୍ଥ ଜମିଦାର-ସଭ୍ୟମାନଙ୍କ ସହୃଦୟ ସରକାର ସଭ୍ୟମାନେ ସୂଦ୍ଧା ଯେପରି ଏକ ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ । ଏଇ ଶଠତା ପ୍ରତି ଆକ୍ଷେପ ହାଣି ମଧୁସୂଦନ କହିଲେ, ରଙ୍ଗମଞ୍ଚ ଉପରେ ହାମଲେଟ୍ ଚରିତ୍ରର ଅଭିନୟ କରିବା ସମ୍ଭବ ! କିନ୍ତୁ ହାମ୍‌ଲେଟ୍ ପରି ଜନ୍ମ ଲଭ କରି ହାମ୍‌ଲେଟ୍ ପରି ମୃତ୍ୟୁ ମୁଖରେ ପଡ଼ି କବରରେ ପୋତା ହୋଇ, ପୁଣି ସେଥିରୁ ଆଉ ଥରେ ଜନ୍ମଲଭ ନକଲେ କଣ କେହି ହାମ୍‌ଲେଟ୍‌ର ବେଦନା, ହାମଲେଟ୍‌ର ଅନ୍ତର୍ଦାହ ଅନୁଭବ କରି ପାରିବ ? "One can play Hamlet's ghost, But can one realise the feelings ? He must die like Hamlet, buried and then come out to feel like Hamlet."†

ମଧୁସୂଦନଙ୍କ ଯୁକ୍ତିର କୌଣସି ସଦୁତ୍ତର ତ ମାକଫରସନ ଦେଇ ପାରି ନ ଥିଲେ । ଏବେ ହାମଲେଟ୍‌ର ଭୂତ ପ୍ରସଙ୍ଗରେ ତଥ୍ୟଗତ ତ୍ରୁଟି ଦର୍ଶାଇ ସେ କେବଳ ଟିପ୍‌ଣୀ କଲେ— 'ଅରକ ପାଇଁ ମାନ୍ୟବର ସଦସ୍ୟଙ୍କ ଦ୍ୱାରା ପରିବେଷିତ ତଥ୍ୟରେ ଗୋଟିଏ ଭ୍ରାନ୍ତି ରହିଗଲା । ଯେଉଁ ଭୂତ (ghost) କଥା ମାନ୍ୟବର ମିଷ୍ଟର ଦାସ ଉଲ୍ଲେଖ କଲେ, ମୋ ଜାଣିବାରେ, ସେ ଭୂତ ହାମଲେଟ୍‌ଙ୍କର ନୁହେଁ । ତାଙ୍କ ବାପାଙ୍କର ।"*

ଗଳ

ଏହାର କେତେଦିନ ପରେ, ଦିନେ କନକା ରାଜା ରାଜେନ୍ଦ୍ରନାରାୟଣ ବେଶ୍ ବହୁତ ସ୍ୱରରେ ମଧୁସୂଦନଙ୍କୁ ପଚାରିଲେ—"ଦାଦା, ଆପଣ ପାଗଳ ହୋଇଗଲେ ନାଁ, କଣ ?"

ରାଜେନ୍ଦ୍ରନାରାୟଣ ଯୋଗା ଉପରେ ବସିପଡ଼ି କହିଲେ—"ଆପଣ କୁଆଡ଼େ କେତେ ଖବର ପଠାଇଛନ୍ତି, କେତେ ଆଡ଼ୁ ଯେତେ ଲୋକ କଲିକତା ଆସିବେ, ସମସ୍ତଙ୍କୁ ଘିବା ଆସିବା ବାବଦରେ ଦେବେ ବୋଲ । ସକାଳ ଏକସ୍‌ପ୍ରେସ୍ ଗାଡ଼ିରେ ପ୍ରାୟ ୪୦।୫୦ ଜଣ ଆସି କଲିକତାରେ ହାଜର; ମିଷ୍ଟର ଦାସ ଡକାଇଛନ୍ତି । ତାଙ୍କ ଭିତରୁ କେହି କେହି ଆପଣଙ୍କ ହାଣ୍ଡଲେଖା ପୋଷ୍ଟକାର୍ଡ ସୂଦ୍ଧା ଦେଖାଇଲେ, ଆପଣ ଲେଖିଛନ୍ତି—ସେମାନଙ୍କ ଘିବା ଆସିବା ରେଲଗାଡି ଆପଣଙ୍କର ।"

ମଧୁସୂଦନ ଉତ୍ତର ଦେଲେ—"ଠିକ୍ କଥା । ସେମାନେ କନ୍ଥ ରୁମ ପାଖରେ ପହଞ୍ଚିଲେ କାହିଁକି ? ସେମାନେ ପ୍ରଥମେ ଆସି ମୋ ସହିତ ସାକ୍ଷାତ କରିବା ଉଚିତ ଥିଲ ।

---

† ଭେଁବ

* ବଙ୍ଗଳା-ଲେଜିସଲେଟିଭ-କାଉନସିଲ୍ ବବରଣୀ-ଭା ୨୧।୩।୧୯୧୨ ଶକ

କଲ୍‌କତାରେ ସେମାନଙ୍କୁ କଣ କରିବା ପାଇଁ ପଡ଼ିବ, ସେ କଥା ସେମାନଙ୍କୁ ମୁଁ କହିବ ସିନା । ତୁମେ ବା ଜାଣିଛ କଣ ?"

ସମସ୍ତ ବ୍ୟାପାରଟା ଗ୍ରଜେନ୍ଦ୍ରନାଗ୍ସ୍ୱଣଙ୍କୁ ପ୍ରହେଳିକାପୂର୍ଣ୍ଣ ଲାଗୁଥିଲା । ସେ କହିଲେ... "କନ୍ତୁ ବ୍ୟାପାରଟା କଣ କହନ୍ତୁ ନା ଦାଦା, ହଜାର ହଜାର ଲୋକ ଗୁଡ଼ନ୍ତୁ, ଯଦି ଅନ୍ତତଃ କେତେଶହ ଲୋକ ପୁଛା କଟକ ବାଲେଶ୍ୱର ଆଡ଼ୁ ଘୁଲି ଆସନ୍ତି, ତାହେଲେ ସେମାନଙ୍କ ଗ୍ରାଣ୍ଡାଖର୍ଚ୍ଚ ବାବଦରେ ହଜାର ହଜାର ଟଙ୍କା ଖର୍ଚ୍ଚ ହୋଇଯିବ ।"

ମଧୁସୂଦନ ସେହିପରି ନିଶ୍ଚିନ୍ତ କଣ୍ଠରେ ଉତ୍ତର ଦେଲେ—"ତୁମର ଚିନ୍ତିତ ହେବା ଆବଶ୍ୟକ ନାହିଁ ଗ୍ରଜେନ୍ । ମୁଁ ଜାଣେ ସେମାନେ କେହି ଦୁଇଟ ମୋଟ ଟଙ୍କା ନେବେ ନାହିଁ, ତଥାପି ସେମାନେ ଯେତେବେଳେ ମୋ କଥାରେ କଲ୍‌କତା ଆସିଛନ୍ତି, ସେମାନଙ୍କ ଯିବା ଆସିବା ଖବର ବୁଝିବା ତ ମୋର କର୍ତ୍ତବ୍ୟ ।"

"କର୍ତ୍ତବ୍ୟ ନିଶ୍ଚୟ ! କନ୍ତୁ ସେମାନଙ୍କୁ ଏପରି ଖବରେ କଲ୍‌କତା ଡକାଇ ଆଣିବାର ଉଦ୍ଦେଶ୍ୟ କଣ ? ଚଡ଼ିଆଖାନା, ଯାଦୁଘର, ହାଉଡ଼ାପୋଲ ଦେଖିବା ବ୍ୟତୀତ ସେମାନେ ଏଠାରେ ଆଉ କରିବେ ବା କଣ ?"—ଗ୍ରଜେନ୍ଦ୍ରନାଗ୍ସ୍ୱଣ ପଚାରିଲେ ।

"ମୁଁ ଅଲଟିମାଟମ୍ ଦେଇଛି ସେମାନଙ୍କୁ ନେଇ ଠିଆ କରାଇବ ବେଲଭିଡ଼ିୟର୍ * ଦ୍ୱାରରେ—" ମଧୁସୂଦନ କହିଲେ, "ଲାଇସରାୟ ହାର୍ଡିଞ୍ଜଙ୍କୁ ମୁଁ ଲେଖି ଦେଇଛି—

ବିହାର ଓଡ଼ିଶା ପ୍ରଦେଶ ଗଠନର ବହୁ କେତେଟା ପୂର୍ବରୁ ଯେପରି ଉତ୍କଳିଆ ଖବରେ ବଙ୍ଗାଳୀ ଜମିଦାରମାନଙ୍କର ଗ୍ରଜନୈତିକ ପ୍ରଭାବରେ, ଓଡ଼ିଶା ଟେନାନସୀ ବଲକୁ ପାସ୍ କରାଇ ନଆ ଯାଇଛି, ସେଥିରେ ଓଡ଼ିଶାର କୃଷିକୁଳଙ୍କର ସର୍ବନାଶ ସୁନିଶ୍ଚିତ । ୧୮୫୭ ସାଲରେ ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣାରେ ପ୍ରଜାମାନଙ୍କର ସ୍ୱତ୍ୱ ଅକ୍ଷୁଣ୍ଣ ରହିବ ବୋଲି ସେମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦିଆଯାଇଥିଲା; ମାତ୍ର ଓଡ଼ିଶାରେ ପ୍ରଜାସ୍ୱତ୍ୱର ପ୍ରକୃତ ପରିସ୍ଥିତି ନବୁଝି ସେଇ ବଙ୍ଗଳା—ଟେନାନସୀ ଆକ୍ଟକୁ ଓଡ଼ିଆ—ଟେନାନସୀ ଆକ୍ଟ ନାମରେ ଓଡ଼ିଶାରେ ଚଳାଇ ଦେବାର ଯେଉଁ ଉଦ୍ୟମ ଘୁଲୁଛି, ସେଥିରେ ପ୍ରଜାମାନଙ୍କର ସ୍ୱତ୍ୱ ଘୋର ବାଧାଗ୍ରସ୍ତ ହେବ । ଏହା ବିରୁଦ୍ଧରେ ମତାମତ ଦେବା ପାଇଁ ଯଦି ତିନି ମାସର ନୋଟିସ୍ ଦିଆଯାଏ, ତାହେଲେ ଓଡ଼ିଶାରୁ ଦଶହଜାରରୁ କୋଡ଼ିଏ ହଜାର ପର୍ଯ୍ୟନ୍ତ ଲୋକ ଆଣି ମୁଁ ବେଲଭିଡ଼ିୟର ଦ୍ୱାରରେ ଠିଆ କରାଇ ଦେଇ ପାରିବି । ଲାଇସରାୟ ସେମାନଙ୍କୁ କଣ ଜଣ କଣ ପତ୍ର ବୁଝିନେଇ ପାରନ୍ତି—ଓଡ଼ିଶା ଟେନାନସୀ ବଲ୍ ସେମାନଙ୍କ ସ୍ୱାର୍ଥପାଇଁ ନା ସ୍ୱାର୍ଥରକ୍ଷା ବିରୁଦ୍ଧରେ ?"

"କନ୍ତୁ ଏଥିପାଇଁ ଏତେ ଲୋକଙ୍କୁ କଲ୍‌କତା ଡକାଇବା କଣ ଆବଶ୍ୟକ ଥିଲା ?"—ଗ୍ରଜେନ୍ଦ୍ରନାଗ୍ସ୍ୱଣ ପଚାରିଲେ ।

---

* କଲ୍‌କତାରେ ଲାଇସରାୟଙ୍କ ବାସଭବନ ।

Digitized by srujanika@gmail.com

ମଧୁସୂଦନ କହିଲେ—"ମିଷ୍ଟର୍ ଦାସର ଇଏ ଶେଷ ଅସ୍ତ୍ର । ମୋର ବିଶ୍ୱାସ ଶେଷ ଅମୋଘ ଅସ୍ତ୍ର ।"

ବସ୍ତୁତଃ ବଲ୍‌ର ଆଲୋଚନା ଘୁଞ୍ଚିଥିବା ବେଳେ, ସରକାରଙ୍କ ମନୋନୀତ ସଦସ୍ୟ ଜାନକୀନାଥ ବୋଷ, ଥରେ ମଧୁସୂଦନଙ୍କ ପ୍ରତି ଆକ୍ଷେପ କରି କହିଥିଲେ, "ସାଧାରଣ କଥା ମାନଙ୍କରେ ଓଡ଼ିଶାରେ ଏତେ ସଭା ସମିତି । କିନ୍ତୁ ଓଡ଼ିଶା ଟେନାନ୍‌ସୀ ବଲ୍ ବିରୁଦ୍ଧରେ ଗୋଟିଏ ହେଲେ ପ୍ରତିବାଦ ସଭା କେଉଁଠି ହେଇଥିବା ମିଷ୍ଟର ଦାସ କଦାପି କହି ପାରିବେ ନାହିଁ । ତେଣୁ ଓଡ଼ିଶା ଟେନାନ୍‌ସୀ ବଲ୍ ଯେ ପ୍ରଜାସ୍ୱାର୍ଥର ବିରୋଧୀ, ମଧୁସୂଦନ ଏକଥା ଏତେ ଦମ୍ଭର ସହିତ କହିପାରୁଛନ୍ତି କିପରି ?"

ସେହି କଥାରେ ନୁହେଁ, କାର୍ଯ୍ୟରେ, ଜାନକୀନାଥଙ୍କୁ ଗୋଟାଏ ଠିକଣା ଜବାବ ଦେବାପାଇଁ ମଧୁସୂଦନ ମନେ ମନେ ଚିନ୍ତା କରି ଆସୁଥିଲେ । ଟେନାନ୍‌ସୀ ବଲ୍ ଅନୁସାରେ ପ୍ରଜାମାନଙ୍କର ସ୍ୱତ୍ୱଲିପି ବା ସେଟଲ୍‌ମେଣ୍ଟ୍ ରେକର୍ଡ଼ ପ୍ରସ୍ତୁତ କରିବା ପାଇଁ ଯେଉଁ ବ୍ୟବସ୍ଥା ହୋଇଥିଲା, କାର୍ଯ୍ୟତଃ ପ୍ରଜାମାନଙ୍କ ପକ୍ଷରେ ତାହା ସ୍ୱତ୍ୱଲିପି ନ ହୋଇ ଉଚ୍ଛେଦ ଲିପିରେ ପରିଣତ ହୁଅନ୍ତା । ଏହା ବିରୁଦ୍ଧରେ ପ୍ରତିବାଦ ଜଣାଇବା ପାଇଁ, କଟକରେ ଏକ ପ୍ରତିବାଦ ସଭା ଆହ୍ୱାନ କରି, ହଜାର ହଜାର ପ୍ରଜାଙ୍କୁ ଦରକାର ପଡ଼ିଲେ, କଲିକତା ପଠାଇବା ପାଇଁ ମଧୁସୂଦନ ନିର୍ଦ୍ଦେଶ ଦେଇଥିଲେ । *

ସେଟଲମେଣ୍ଟ ରେକର୍ଡ଼ ପ୍ରସ୍ତୁତ ପାଇଁ ଉଦ୍ଦିଷ୍ଟ ଚୁକ୍ତିର ଆଲୋଚନା ଥିଲା—ଓଡ଼ିଶା ଟେନାନ୍‌ସୀ ବଲ୍‌ର ଶେଷପୃଷ୍ଠା । ବସ୍ତୁତଃ ଯେଉଁ ଭିତ୍ତିରେ ଓଡ଼ିଶାରେ ସ୍ୱତ୍ୱ ଲିପି ପ୍ରସ୍ତୁତ କରିଯିବାର ବ୍ୟବସ୍ଥା ହୋଇଥିଲା, ତାହାରି ଉପରେ ସେ ପର୍ଯ୍ୟନ୍ତ ଅନ୍ୟ କେଉଁଠି ତାହା ପ୍ରତିଷ୍ଠିତ ହୋଇ ନ ଥିଲା । ମାକ୍‌ଫରସନ୍ କାଉନ୍‌ସିଲରେ ତାଙ୍କ ବକ୍ତୃତା ପ୍ରସଙ୍ଗରେ କହିଥିଲେ, ଓଡ଼ିଶାକୁ ଏହି ଉଦ୍ଦେଶ୍ୟରେ "ଏକସ୍‌ପେରମେଣ୍ଟ" ରୂପେ ବ୍ୟବହାର କରିଯାଇଛୁ । କିନ୍ତୁ ଯେଉଁ ଭିତ୍ତିରେ ସ୍ୱତ୍ୱଲିପି ପ୍ରସ୍ତୁତ ହେବାର ବ୍ୟବସ୍ଥା, ଓଡ଼ିଶା ଟେନାନ୍‌ସୀ ବଲ୍‌ରେ ହୋଇଛୁ, ସେଥିରେ ହଜାର ହଜାର ପ୍ରଜାଙ୍କ ସ୍ୱତ୍ୱ ଯେ ଘୋର ବାଧାଗ୍ରସ୍ତ ହେବ, ସେଥିରେ ମଧୁସୂଦନଙ୍କର ତିଳାର୍ଦ୍ଧ ପ୍ରମାଣେ ସନ୍ଦେହ ନଥିଲା । ମଧୁସୂଦନ ବିସ୍ତାରିତ କରିଥିଲେ, "କିନ୍ତୁ ଏକସପେରିମେଣ୍ଟ୍ ପାଇଁ ଓଡ଼ିଶା ବ୍ୟତୀତ କଣ ଅନ୍ୟ କେଉଁଠି ଗିନାପିଗ୍ ମିଳିଲେ ନାହିଁ ?"

ମାକଫରସନ୍ ମଧୁସୂଦନଙ୍କ ପ୍ରତି ଆକ୍ଷେପ କରି କହିଲେ, "ବଲ୍‌ର ଅକାରଣ ବିରୋଧ ପାଇଁ ମିଷ୍ଟର ଦାସ ଗେଲଭଡ଼ା ଦେଇ କଟକରୁ ଲୋକ ମଗାଉଛନ୍ତି । ଏହା ଦ୍ୱାରା ସେ ଓଡ଼ିଶାର ପ୍ରକୃତ ବନ୍ଧୁ ରୂପେ କିନ୍ତୁ ପରିଚୟ ଦେଇ ନାହାନ୍ତି ।"

---

* ଉତ୍କଳ ଦୀପିକା—ତା ୧୬।୨୧୧

Digitized by srujanika@gmail.com

ମଧୁସୂଦନ ସ୍ତ୍ରପଣ ପ୍ରସଙ୍ଗରେ ଏଇ ଆକ୍ଷେପର ଉତ୍ତର ଦେଇ କହିଲେ··· ବେଲଭେଡ଼ିୟର ହାଉରେ ମିଠେଇ ବଣ୍ଟା ଲେଭରେ ଦଶହଜାରରୁ କୋଡ଼ଏ ହଜାର ପର୍ଯ୍ୟନ୍ତ ଲୋକ ଓଡ଼ଶାରୁ ଆସିବେ ନାହିଁ ।

"It would not require hot cakes to gather together about 10 or 20 thousand Oriyas in Calcutta—in the grounds of Belvedere, if the Hon'ble Member so likes...And I would ask Mr. McPherson to question them, as to what would be their condition under this Chapter. Are we to encourage Amins and touts ? If we are it is the ignorant raiyats will suffer. I may not be a friend of the Oriyas, but I will ask Mr. Mcpherson, to go and ask the poor Oriya Raiyat, whether he likes these maintenance provisions. But he must be told plainly what they are, for it should not be fair to prey on his credibility begotten of ignorance."

ମାକଫରସନ୍ ମଧୁସୂଦନଙ୍କୁ ଆହ୍ୱାନ କରିଥିଲେ, ଯେ ଯଦି ଓଡ଼ଶାର ପ୍ରକୃତ ବନ୍ଧୁ ହୋଇଥାନ୍ତି, ତାହେଲେ ତାଙ୍କର ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର କରନେବା ପାଇଁ । ମଧୁସୂଦନ ସେଇଆକୁ ଲକ୍ଷ୍ୟ କରି ତାଙ୍କ ସ୍ତ୍ରପଣର ଉପସଂହାର କଲେ.....

"If I withdraw my amendment, I would not be the friend of Orissa, as I consider myself to be."*

ସହୃ ପ୍ରତ୍ୟବୋଧ ସତ୍ତ୍ୱେ ବଙ୍ଗଳା—କାଉନ୍ସିଲ୍‌ରେ ଓଡ଼ଶା—ଟେନାନ୍ସୀ—ବଲ୍ ଯଥାବଧି ବହୁମତରେ ଗୃହୀତ ହୋଇଗଲ୍ ।

ଏହାପରେ ବଙ୍ଗଳା କାଉନ୍ସିଲର ପରମାୟୁ ପୂରଲ୍ଲ । ଲଣ୍ଡରେ ମଧୁସୂଦନଙ୍କୁ ଯେଉ ତାଙ୍କର କେତେଜଣ ସମର୍ଥକଙ୍କ ଭିଡ଼ । ସେମାନଙ୍କ ମଧ୍ୟରେ ଥିଲେ—ଉପେନ୍ଦ୍ରନାଥ ବସୁ, ସ୍ୱସ୍ୱ ବୈକୁଣ୍ଠନାଥ ସେନ୍ ବାହାଦୁର, ମହାରାଜ କୁମାର ଗୋପାଳ ନାରାୟଣ ସିଂହ, ସସ୍ୱଦ୍ ଓ୍ୱାସୀ ମହମ୍ମଦ୍ ଓ ମୌଲଭୀ ସରଫରାଜ ଖାଁ ପ୍ରମୁଖ କାଉନ୍ସିଲର କେତେଜଣ ସଦସ୍ୟ । ଏମାନେ ଅକୁଣ୍ଠିତ ସ୍ତ୍ରରରେ ଆଲୋଚନାର ପ୍ରତ୍ୟେକ ପର୍ଯାୟରେ ମଧୁସୂଦନଙ୍କ ବଭିନ୍ନ ସଂଶୋଧନ ପ୍ରସ୍ତାବର ସମର୍ଥନ କରିଥିଲେ । ଉଭୟଜନ୍ ବେଳେ ମଧୁସୂଦନଙ୍କ ସହୃତ ସେମାନେ ମଧ ସ୍ତ୍ରେଚ୍ଛ ଦେଇଥିଲେ ।

ସସ୍ୱଦ୍ ଓ୍ୱାସୀ ମହମ୍ମଦ୍ ମଧୁସୂଦନଙ୍କୁ କୁଣ୍ଢାଇ ପକାଇ କହିଲେ...."ଆପଣ ହାରସାଇ ପାରିଥାନ୍ତି ମିଷ୍ଟର ଦାସ, ବଟ୍ଟ you have fought bravely."

---

* ବଙ୍ଗଳା ଲେଜିସଲେଟିଭ କାଉନ୍ସିଲ୍ ବବରଣୀ—ତା ୬୩।୩।୧୯୧୨ ଶ୍ଲୋ

Digitized by srujanika@gmail.com

ମଧୁସୂଦନ ଉତ୍ତର ଦେଲେ—"I may have been defeated on the floor of the Council, but as yet, I have not lost the battle। ବଙ୍ଗଳା କାଉନ୍ସିଲରେ ପାସ୍ ହୋଇଗଲେ ହୋଇଗଲା ? ଗ୍ରଇସରସ୍ଟ ଆସେଣ୍ଟ୍ ଦେଲେ ତ !"

ଭୂପେନ୍ଦ୍ର ବସୁ ପଚାରିଲେ, "କନ୍ତୁ ଗ୍ରଇସରସ୍ଟ ଆସେଣ୍ଟ୍ ନ ଦେବେ କପଣ ? କାଉନ୍ସିଲରେ ପାସ୍ ହୋଇଥିବା କୌଣସି ବଲ୍‌କୁ ଗ୍ରଇସରସ୍ଟ ଆସେଣ୍ଟ୍ ଦେଇ ନ ଥିବାର ଉଦାହରଣ ତ ବରଳ ।"

ମଧୁସୂଦନ ସ୍ମିତ ହସି ରହସ୍ୟଜଡ଼ିତ କଣ୍ଠରେ ଉତ୍ତର ଦେଲେ "Wait and see."

ଲଣ୍ଡନରେ ସହକର୍ମୀମାନଙ୍କ ଗହଣରେ ସମ୍ବାଷଣ ବଦନସ୍ଥ ପାଇଁ ଆଉ ସମସ୍ଥ ନଥିଲା । ମଧୁସୂଦନ ପକେଟରୁ ଘଡ଼ି ବାହାର କରି ଦେଖିଲେ, ଗ୍ରଣ୍ଟା ବାଜିବା ଉପରେ । ଲର୍ଡ ସିହ୍ନା ରୋଡ୍‌ରେ ସଚ୍ଚିଦାନନ୍ଦ ସିହ୍ନାଙ୍କ ବାସଭବନରେ ଥିଲା ଘ' ପାଇଁ ଆମନ୍ତ୍ରଣ । ଗ୍ରଜେନ୍ଦ୍ରନାଗସ୍ଥଙ୍କ ବାହୁ ଧରି ମଧୁସୂଦନ କହିଲେ—"ଆସ ଗ୍ରଜେନ୍, ଗ୍ରଣ୍ଟା ବାଜିବା ଉପରେ । ସଚ୍ଚିଦାନନ୍ଦ ତେଣେ ଅପେକ୍ଷା କରିଥିବେ ।"

୧୯୧୦ ସାଲରେ ବଙ୍ଗଳା କାଉନ୍ସିଲରୁ ଇମ୍ପିରିଆଲ୍ କାଉନ୍ସିଲକୁ ସଚ୍ଚିଦାନନ୍ଦଙ୍କୁ ନିର୍ବାଚିତ କରାଇବାରେ, ମଧୁସୂଦନଙ୍କ ଅବଦାନ ସାମାନ୍ୟ ନ ଥିଲା । ସଚ୍ଚିଦାନନ୍ଦ ସେ ଋଣ ଭୁଲି ନ ଥିଲେ । ଗ୍ରଇସରସ୍ଟ ଲର୍ଡ ହାର୍ଡିଞ୍ଜ୍‌ଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ମଧୁସୂଦନ ଅବଶେଷରେ ଧରିଥିଲେ ସଚ୍ଚିଦାନନ୍ଦଙ୍କୁ । ସେହି ଅଭିପ୍ରାସ୍ଥରେ ସେଦିନ ସେଇ ଘ' ଆସରକୁ ଗ୍ରଇସରସ୍ଟଙ୍କ ଲ-ମେମ୍ବର ସାର୍ ଆଲ୍ଲା ଇମାମ୍ ମଧ୍ୟ ହୋଇଥିଲେ ଆମନ୍ତ୍ରିତ ।

ପୋର୍ଚ୍ଚରେ ମଧୁସୂଦନ ଗାଡ଼ୀରୁ ଓହ୍ଲାଇବା ମାତ୍ରେ ସଚ୍ଚିଦାନନ୍ଦ ମଧୁସୂଦନଙ୍କୁ କରମର୍ଦ୍ଦନ କରି ସାଦର ସମ୍ବାଷଣ ଜଣାଇଲେ । ସଚ୍ଚିଦାନନ୍ଦଙ୍କଠାରୁ ମଧୁସୂଦନ ବସ୍ଥସରେ ପୁଣି ବସ୍ଥୋଜ୍ୟେଷ୍ଠ ।

ଉପଚରିତ ସମ୍ବାଷଣ ବଦନସ୍ଥ ପାଇଁ ମଧୁସୂଦନଙ୍କର ସମସ୍ଥ ନ ଥିଲା, ଉଦ୍‌ବିଗ୍ନ କଣ୍ଠରେ ସେ ପଚାରିଲେ—"ସାର୍ ଆଲ୍ଲା ଇମାମ୍ ଆସିଛନ୍ତି ?"

ଆଲ୍ଲା ଇମାମ୍ ଓ ସଚ୍ଚିଦାନନ୍ଦ ସିହ୍ନା ଉଭସ୍ଥ ଥିଲେ ବିହାରର ପ୍ରତିନିଧି । ସମ୍ରାଟ ପଞ୍ଚମ ଜର୍ଜଙ୍କର ଦରବାର ଘୋଷଣା ଅନୁସାରେ, ସ୍ୱତନ୍ତ୍ର ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଉଥିବା ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ଅଲକ୍ଷ୍ୟରେ ଏକ ନିକଟତର ସମ୍ପର୍କ ସ୍ଥାପିତ ହୋଇ ସାରିଥିଲା ।

ଓଡ଼ିଶା-କେନାଜ୍‌ସୀ-ବିଲ୍‌କୁ ଅନୁମୋଦନ ନ ଦେବା ପାଇଁ ସାର୍ ଆଲ୍ଲା ଇମାମ୍ ଯଦି ଗ୍ରଇସରସ୍ଟ ହାର୍ଡିଞ୍ଜ୍‌ଙ୍କୁ ପ୍ରବର୍ତ୍ତାଇ ପାରନ୍ତି ! ସମ୍ଭାବନା ନଷ୍ଟସ୍ଥ ସୁଦୂର, ତଥାପି ଦୁଇହନ୍ତ ନୁହେଁ ।

Digitized by srujanika@gmail.com

ସଚ୍ଚିଦାନନ୍ଦ ଉତ୍ତର ଦେଲେ···"ଏଇ ପ୍ରାପ୍ତ ପାଞ୍ଚ ମିନଟ ପୂର୍ବେ ସେ ଆସି ପହଞ୍ଚିଲେ ।".

ମଧୁସୂଦନ ଡ୍ରଇଙ୍ଗ୍ ରୁମକୁ ଆସିବାମାତ୍ରେ ସାର୍ ଆଲ୍ଫ ଇମାମ୍ କହିଲେ.... "ବେଲଇଉଡ୍ସର ହତ୍ତାରେ ଅପଣ ୨୦ ହଜାର ଲୋକ ଜମା କରାଇ ଦେଇ ପାରିବେ ବୋଲ ଯେଉଁ ଆଲ୍ଟିମାଟମ୍ ଦେଇଥିଲେ, ଲର୍ଡ ହାର୍ଡିଞ୍ଜଙ୍କୁ ତାହା ବେଶ୍ ବଢଳାଇ କରି ଦେଇଛୁ ମିଷ୍ଟର ଦାସ । ମୁଁ ମଧ୍ୟ ହନ୍ ଏକ୍ସେଲେନ୍ସୀଙ୍କୁ ବୁଝାଇ ଦେଇଛୁ—ବଙ୍ଗାଳୀ ଜମିଦାରମାନଙ୍କ ପ୍ରତ୍ୟବରେ ଏ ବିଲ୍‌କୁ ଯେପରି ତରବରିଆ ଭାବରେ ବିହାର-ଓଡ଼ିଶା ପ୍ରଦେଶ ଗଠନର, ଦିନ କେତଟା ପୂର୍ବରୁ, ବଙ୍ଗଳା-କାଉନ୍ସିଲରେ ପାସ୍ କରାଇ ନଆ ହେଉଛୁ ସେଥିରେ ଓଡ଼ିଶାର ପ୍ରଜାମାନଙ୍କର ଲାଭ ପରିବର୍ତ୍ତେ କ୍ଷତ ହେବାହିଁ ସାର ହେବ । ଯେଉଁ ସ୍ୱତନ୍ତ୍ର ବିହାର-ଓଡ଼ିଶା ପ୍ରଦେଶ ସ୍ୱୟଂ ଲର୍ଡ୍ ହାର୍ଡିଞ୍ଜଙ୍କର ସୃଷ୍ଟି, ତାହାର ଅସ୍ତମାରମ୍ଭ ହେବ ପ୍ରବଳ ଅସନ୍ତୋଷ ମଧ୍ୟରେ ।" *

ଏହା ପରର ବବରଣୀ ଲର୍ଡ ହାର୍ଡିଞ୍ଜ ସ୍ୱୟଂ ନିଜ ସ୍ମୃତକଥାରେ ଲିପିବଦ୍ଧ କରିଯାଇ ଅଛନ୍ତି·····

"Just before I left Calcutta an awkward and unpleasant incident occurred. My carriage was at the door and I was saying good bye to my friends. When the Lieutenant Governor of Bengal brought me the Orissa Tenancy and the Mining Law passed by the Bengal Legislative Council on the previous day and asked my assent to it. Now in four days time, Orissa was to be separated from Bengal and embodied in the new Province of Bihar and Orissa and it was fairly evident that the Bill has been rushed through the Council with a view to getting it passed before the change of Provincial boundaries in order to meet the interest of the Bengali landowners, which I knew to be considerable. As it was contrary to my practice, to give my assent to a measure, which I had not had an opportunity to consider naturaly and in view of the objections mentioned above, I refused assent after consideration with my legal advisers.....There had been no instance of a Viceroy withholding his assents to a Bill for a great number of years."†

---

* ସଚ୍ଚିଦାନନ୍ଦ ସିହ୍ନା—ଲେଖକ ବାଗିଶ୍ୱର ପ୍ରସାଦ ସିହ୍ନା (ପବ୍ଲିକେସନ୍ ଡିଭିଜନ) ନବମ ଅଧ୍ୟାୟ ଦ୍ରଷ୍ଟବ୍ୟ ।

† My Indian Years—By Hardinge of Penhurst—ପୃ : ୬୮-୬୯

Digitized by srujanika@gmail.com

ସାର୍ ଆଲ୍ଫ୍ରେ ଇମାମ୍, ପରେ କଥା ପ୍ରସଙ୍ଗରେ ପ୍ରକାଶ କଲେ—ଏ ବଲ୍‌କୁ ଅନୁମୋଦନ ନଦେବା ଯେପ୍ତ, ଗ୍ଲାଡ୍‌ଷ୍ଟୋନ୍ ଲର୍ଡ଼ ହାର୍ଡ଼ିଞ୍ଜ୍ ଓ ବଙ୍ଗଳାର ଲେଫ୍‌ଟେନ୍ଣ୍ଟ ଗଭର୍ଣ୍ଣର ସାର୍ ଜୁଇଲସ୍ଲମ ଡ଼ଉକ୍‌ଙ୍କ ମଧ୍ୟରେ ସ୍ୱତନ୍ତ୍ର ବ୍ୟକ୍ତିଗତ ବିସମ୍ବାଦ ଘଟିଥିଲା । ଶେଷକୁ ବ୍ରିଟିଶ ଶାସନର ମର୍ଯ୍ୟାଦା ଓ ବଙ୍ଗଳା-ସରକାରର ଇଜ୍ଜତ୍ ଦ୍ୱାରରେ, ସାର୍ ଜୁଇଲସ୍ଲମ ବଲ୍‌କୁ ଅନୁମୋଦନ ଦେବା ପାଇଁ ଲର୍ଡ଼ ହାର୍ଡ଼ିଞ୍ଜ୍‌ଙ୍କୁ ନିବେଦନ କଲେ । ମାତ୍ର ହାର୍ଡ଼ିଞ୍ଜ୍ ଲୋକଟି ଏକଜଦିଆ । ଥରେ ଯାହା ବୁଝିଥିବେ, ସେଇଆ ! ଓଡ଼ଶା-ପ୍ରଜାସ୍ୱତ୍ୱ-ଆଇନକୁ ଶେଷ ପର୍ଯ୍ୟନ୍ତ ସେ ଅନୁମୋଦନ ଦେଲେ ନାହିଁ ।

ମୁଖରକ୍ଷା ପାଇଁ ସାର୍ ଜୁଇଲସ୍ଲମ୍ ଡ଼ଉକ ଅବଶେଷରେ କହି ବୁଲିଲେ....“ଓଡ଼ଶା ପ୍ରଜାସ୍ୱତ୍ୱର ବଧି ବ୍ୟବସ୍ଥା ସମ୍ପର୍କରେ ମୁଁ ତ ଆଉ ଏକସ୍‌ପର୍ଟ ନୁହେଁ !”

Digitized by srujanika@gmail.com

ଷଷ୍ଠ ପରିଚ୍ଛେଦ

(ଏକ)

"ଗୋପାଳ ! ଗୋପାଳ ! ବାଡ଼ିରେ ଅଛ ଗୋପାଳ ?"

ସକାଳେ କାଠଯୋଡ଼ୀକୂଳ ଆଡ଼େ ବୁଲି ବାହାରିଥିବା ବେଳେ, ମଧୁସୂଦନ ହଠାତ୍ ନୟଚୌଡ଼ୀ ଗଳୀରେ ପଶି ଚୌଧୁରୀ ନରସିଂହ ପ୍ରହରୀଜଙ୍କ କୋଠା ସାମନାରେ ଠିଆ ହୋଇ ଡାକୁଥିଲେ···"ଗୋପାଳ ! ଗୋପାଳ !"

ସେତେବେଳେ ସେଠାରେ ସେପରି ଅବସ୍ଥାରେ ମଧୁସୂଦନଙ୍କୁ ଦେଖିବା ଗୋପାଳ ପ୍ରହରୀଜଙ୍କ ଉଭୟତ୍ତମ କଲ୍ପନାର ପୁଚ୍ଛା ଅଙ୍ଗତ ଥିଲା । ଉତ୍କଳ-ସମ୍ମିଳନୀ ଓ ସାଧାରଣ ରାଜନୈତିକ ପ୍ରସଙ୍ଗ ଯେଉଁ ମଧୁସୂଦନ ଓ ଗୋପାଳଚନ୍ଦ୍ରଙ୍କ ମଧ୍ୟରେ ମତାନ୍ତର ହେମେ ମନାନ୍ତରରେ ପରିଣତ ହୋଇପଡ଼ିଥିଲା । ସେହି କାରଣରୁ ମଧୁସୂଦନଙ୍କ ସହିତ ଗୋପାଳଚନ୍ଦ୍ରଙ୍କ ସମ୍ପର୍କ ଥିଲା ଯେପରି ଦୂରର, ସେହିପରି ମଧ୍ୟ ଶୀତଳ । ଏ ପରିସ୍ଥିତିରେ ମଧୁସୂଦନ ଅନହ୍ୟ ହିତ, ସକାଳୁ ସକାଳୁ ଆସି, ତାକୁ ଏପରି ଅନ୍ତରଙ୍ଗ ସ୍ୱରରେ ଡାକିବେ, ଗୋପାଳଚନ୍ଦ୍ର ଏହା କେବେ ଆଶା କରିପାରି ନଥିଲେ ।

ଅପ୍ରତିଭ ସ୍ୱରରେ ଗୋପାଳଚନ୍ଦ୍ର ବାହାରକୁ ଆସି ପ୍ରଣାମ ଜଣାଇ କହିଲେ··· "ଆପଣ ଏପରି ସକାଳୁ ସକାଳୁ କୁଆଡ଼େ ? ମୋତେ ଖବର ପଠାଇଥିଲେ ମୁଁ ତ ଆପଣଙ୍କ ପାଖକୁ ଆସି ପାରିଥାନ୍ତି ।"

ସୌଜନ୍ୟାଲାପ ପାଇଁ ମଧୁସୂଦନଙ୍କର ସମସ୍ୟ ନଥିଲା । ସେ ସିଧା ପଚାରିଲେ.... "ତୁମେ ବହୁଛ ନଁ। ମଲଣି ଗୋପାଳ ?"

ମଧୁସୂଦନଙ୍କ ଏ ପ୍ରକାର ପ୍ରଶ୍ନ ଗୋପାଳଚନ୍ଦ୍ରଙ୍କୁ ପ୍ରହେଳିକା ପରି ଲାଗୁଥିଲା । ବିସ୍ମିତ କଣ୍ଠରେ ସେ ଉତ୍ତର ଦେଲେ "ଏଜ୍ଞତ ମୋତେ ଦେଖୁଛନ୍ତି ପୁରୁପୁର ସଶରୀରେ ଜୀବନ୍ତ, ଜଅନ୍ତା ମଣିଷ । ଆଉ ମଲ କେତେବେଳେ ?"

ମଧୁସୂଦନ କହିଲେ—"ନାଁ ନାଁ ତୁମର ଦୈହିକ ବହିବା କଥା ମୁଁ କହୁନାହିଁ ଗୋପାଳ । ଦୈହିକ ସ୍ୱରରେ ତୁମେ ନିଶ୍ଚୟ ବହୁଛ । କନ୍ତୁ ନାଡ ପାଇଁ ଆଉ ବହୁଛ କ ? ସେଇ ମୋର ପ୍ରଶ୍ନ । ଶୁଣିଲ ପୁରୁରେ ଗଭର୍ଣ୍ଣମେଣ୍ଟ ପ୍ଲୀଡ଼ର ହେଉଛ ତୁମେ ?"

ଗୋପାଳଚନ୍ଦ୍ର ନୀରବ ରହିଲେ । ସେ ପୁରୁରେ ଗଭର୍ଣ୍ଣମେଣ୍ଟ ପ୍ଲୀଡ଼ର ହେଉଥିବାର ସମ୍ବାଦ ଜନତାର ସ୍ତର ଅତିକ୍ରମ କରି ସେତେବେଳକୁ ସରକାରୀ ସିଦ୍ଧାନ୍ତ ସ୍ତରରେ ପହଞ୍ଚି ସାରିଥିଲା ।

Digitized by srujanika@gmail.com

ମଧୁସୂଦନ କହିଲେ—"ସରକାସ୍ର ପ୍ଲାଡ଼ର ଷ୍ଟବରେ ତୁମେ ଧନୀ ମାନୀ ହୋଇପାର୍ବ ଗୋପାଳ ! କନ୍ତୁ ଓଡ଼ଆ ଜାତ ପାଇଁ, ଉତ୍କଳ-ସମ୍ମିଳନୀ ପାଇଁ, ତୁମେ ଏଣିକ ମୃତ ଡାଲ୍‌କାରେ ।"

ମଧୁସୂଦନଙ୍କ କଠୋର ଶ୍ଳଷ୍ଟବାହଡା ସତ୍ତ୍ୱେ ଗୋପାଳଚନ୍ଦ୍ର ବେଶ୍ ସୁପଣ୍ଡିତ । ମଧୁସୂଦନଙ୍କ କଥାରେ ସେ ତେଣୁ ଆହତ ନ ହୋଇ, ମଧୁସୂଦନଙ୍କୁ ଆଘାତ ଦେବା ଉଦ୍ଦେଶ୍ୟରେ ପଗ୍ଧରିଲେ...."ଆପଣ କଣ ଷ୍ଟବୁଝନ୍ତି ଉତ୍କଳ-ସମ୍ମିଳନୀର ଆଉ ଭବିଷ୍ୟତ ଅଛୁ ? ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଆଉ କଣ ସମ୍ଭାବନା ଅଛୁ ?"

ମଧୁସୂଦନ ଚତ୍କାର କରିବା ପରି କଣ୍ଠରେ ଉତ୍ତର ଦେଲେ...."ଓଡ଼ଆ ଜାତର ଭବିଷ୍ୟତ ଯଦି ଥାଏ ତାହେଲେ ଉତ୍କଳ-ସମ୍ମିଳନୀର ଭବିଷ୍ୟତ ନଷ୍ଟସ୍ୱ ରହିଛୁ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସମ୍ଭାବନା ଅଛୁ । ଗଭର୍ଣ୍ଣମେଣ୍ଟ ପ୍ଲାଡ଼ର ଦେବା ପୁଂରୁ ମୋତେ ଥରେ ପଗ୍ଧରିଲ ନାହିଁ ଗୋପାଳ ? ତାହେଲେ ମୁଁ ନଷ୍ଟସ୍ୱ ବାରଣ କରିଥାନ୍ତି ତୁମକୁ ।"

ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ କଥୋପକଥନରେ ସେଇଠି ପୂର୍ଣ୍ଣଚ୍ଛେଦ ପଡ଼ିଲ ସେଦିନ । ଯେପରି ଆକସ୍ମିକ ଷ୍ଟବରେ ମଧୁସୂଦନ ଆସିଥିଲେ, ସେଇପରି ଆକସ୍ମିକ ଷ୍ଟବରେ ସେଠାରୁ ହଠାତ୍ ସେ ଗ୍ଧଲଗଲେ କାଠଯୋଡ଼ୀ ବନ୍ଧ ଆଡ଼େ । ସକାଳୁ ସକାଳୁ ମଧୁସୂଦନ ଆସିଥିଲେ ଯେପରି, ତାଙ୍କ ହୃଦସ୍ୱର ଉଦ୍‌ବେଳନ ଗୋପାଳଚନ୍ଦ୍ରଙ୍କୁ କେବଳ ଜଣାଇ ଦେବା ପାଇଁ ।

କନ୍ତୁ ପ୍ରକୃତରେ କଣ ଉତ୍କଳ-ସମ୍ମିଳନୀର ଭବିଷ୍ୟତ ଅଛୁ ? ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଆଉ ସମ୍ଭାବନା ଅଛୁ ? ସେଇ ସନ୍ଦେହ ଓ ଜିଜ୍ଞାସାରୁ ମଧୁସୂଦନ ନିଜକୁ ମୁକ୍ତ କରି ପାରୁ ନ ଥିଲେ । ଓଡ଼ଆ ଜାତର ଧମନୀରେ ପ୍ରାଣ ପ୍ରବାହର ମନ୍ଥରତା, ତାହାର ଗ୍ଲାନି, ମଧୁସୂଦନଙ୍କ ବ୍ୟଗ୍ରତ ଆଉ କେହି ତ ମର୍ମାନ୍ତିକ ଷ୍ଟବରେ ଉପଲବ୍ଧି କରୁ ନଥିଲେ । ମଧୁସୂଦନ ଗୋଟାଏ ଦୀର୍ଘଶ୍ୱାସ ପକାଇ ମନକୁ ମନ କହିଲେ···ବହାଦୁରମାନେ ଗୋଟାଏ ଲଢୁଆ ଜାତ, —fighting people—ବୋଲି ଖ୍ୟାତି ପୃଥିବୀରେ ପାଇଲେ ସ୍ୱତନ୍ତ୍ର ପ୍ରଦେଶ । କନ୍ତୁ ଓଡ଼ିଶା ସେଠାରେ ହେଲ ଗୁଜୁରାଟୁଆ । ଷ୍ଟଇସରସ୍ୱ ହାର୍ଡିଞ୍ଜଙ୍କର ଏ ଅବଗ୍ଧର ବରୁଦ୍ଧରେ ଓଡ଼ଆ ଜାତର ପ୍ରତିବାଦ କାହିଁ ? କାହିଁ ଏହାର ସକଲ୍ପବଦ୍ଧ ପ୍ରତିରୋଧ ?

୧୯୧୧ ସାଲ ଅଗଷ୍ଟ ୨୫ ତାରିଖ ଦିନ ପ୍ରକାଶ ପାଇଥିଲ ସେକ୍ରେଟାସ୍ଟ—ଅଫ୍-ଷ୍ଟେଟ୍‌ସଙ୍କୁ ପ୍ରେରିତ ଷ୍ଟଇସରସ୍ୱ ହାର୍ଡିଞ୍ଜଙ୍କ ପ୍ରସିଦ୍ଧ "ଡସ୍‌ପାଚ୍" । ଲର୍ଡ କର୍ଜନ ଷ୍ଟଇସରସ୍ୱ

---

* "Hence in dealing with a question of this kind it may be that the true criterion of territorial redistribution should be sought not in area but in language."—
ରସ୍‌ଲେ—ସର୍କୁଲର୍ ୩ ଡିସେମ୍ବର, ୧୯୦୩

Digitized by srujanika@gmail.com

ଥିବାବେଳେ, ୧୯୦୩ ସାଲରେ ଶସ୍‌ଲେ ସର୍‌କୁଲର୍‌ରେ ଭାଷା ହିଁ ପ୍ରଦେଶ ଗଠନର ଭିତ୍ତି ବା ନିର୍ଦ୍ଦାମକ ରୂପେ ଗୃହୀତ ହୋଇଥିଲା ।

ମାନ୍ଦ ଲର୍ଡ଼ ହାର୍ଡ଼ିଞ୍ଜଙ୍କ ଡ଼ସ୍‌ପାଚରେ ଏହା ମୂଳ ପରିବର୍ତ୍ତିତ ହୋଇ ପ୍ରଦେଶର ଗଠନର ଭିତ୍ତି ରୂପେ ଚାରଗୋଟି ନୂତନ ନିୟାମକ ନିର୍ଦ୍ଦେଶିତ ହେଲା (କ) ଶାସନତାନ୍ତ୍ରିକ ସ୍ୱାଚ୍ଛନ୍ଦ୍ୟ (ଖ) ରାଜନୈତିକ ସୁବିଧା (ଗ) ଜନମତ । ବିଭିନ୍ନ ପ୍ରଦେଶର ଭୌଗୋଳିକ ସୀମା ଏହି ଚାରଗୋଟି ନିୟାମକର ଭିତ୍ତିରେ ନିର୍ଦ୍ଦେଶିତ ହେବ ବୋଲି ହାର୍ଡ଼ିଞ୍ଜ ଡେସ୍‌ପାଚର ପୋଷଣା, ଯଥାବିଧି ସେକ୍ରେଟାରୀ-ଅଫ୍-ଷ୍ଟେଟ୍‌ସ୍‌ଙ୍କ ଅନୁମୋଦନ ଲାଭ କରିଥିଲା । ମାନ୍ଦ ଦୁଇ ବିଖଣ୍ଡିତ ବଙ୍ଗଳାର ମିଳିତାଠାରୁ ଆରମ୍ଭ କରି ସ୍ୱତନ୍ତ୍ର ବିହାର-ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ହାର୍ଡ଼ିଞ୍ଜଙ୍କ ଶାସନକାଳରେ ପ୍ରଦେଶ ଗଠନ ସମ୍ପର୍କିତ ଦୁଇଗୋଟି ପ୍ରଧାନ ଘଟଣାରେ, ହାର୍ଡ଼ିଞ୍ଜ୍ ଡେସ୍‌ପାଚର, ଉପରୋକ୍ତ ମୂଳସୂତ୍ରଗୁଡ଼ିକର ଆକୁଣ୍ଠ ବିପରୀତାଚରଣ କରିଯାଇଥିଲା । ବସ୍ତୁତଃ ଭାଷାଭିତ୍ତିରେ ବିଖଣ୍ଡିତ ଦୁଇ ବଙ୍ଗଳାର ମିଶ୍ରଣ ଓ ହିନ୍ଦୀ ଭାଷାଭାଷୀ ବିହାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବିହାର ପ୍ରଦେଶ ଗଠିତ ହୋଇଥିଲେ ସୁଦ୍ଧା ଓଡ଼ିଆଭାଷୀ ଓଡ଼ିଶା ପାଇଁ ତାହା ପ୍ରଯୋଜ୍ୟ ହୋଇ ନଥିଲା । ପୁଣି ଶାସନତାନ୍ତ୍ରିକ ସ୍ୱାଚ୍ଛନ୍ଦ୍ୟ ଦୃଷ୍ଟିରୁ ବିହାର ଓ ଛୋଟନାଗପୁର ସହିତ ଉପକୂଳବର୍ତ୍ତୀ ଓଡ଼ିଶାର ସଂଯୋଗ ସୁଗମ ନଥିଲେ ସୁଦ୍ଧା ଓଡ଼ିଶାବାସୀଙ୍କ ଜନମତ ତଥା ପରିସ୍ଥିତିର ବାସ୍ତବତା ପ୍ରତି ଭ୍ରୁକ୍ଷେପ ନ କରି ଏହାକୁ ବିହାର ସହିତ ମାଡ଼ମରିଚ ଯୋଡ଼ି ଦିଆ ଯାଇଥିଲା ।

ଲର୍ଡ଼ ହାର୍ଡ଼ିଞ୍ଜ୍‌ଙ୍କ ଡେସ୍‌ପାଚର ଉନବିଂଶ ଅନୁଚ୍ଛେଦରେ ଉଲ୍ଲେଖ ଥିଲା :—

"ଅଧୁନା ବଙ୍ଗଳା ପ୍ରଦେଶରେ ବସବାସ କରି ରହୁଥିବା ହିନ୍ଦୀଭାଷାଭାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଆବଶ୍ୟକ; ଏହି ଦାବୀ ପ୍ରତି ଆମ୍ଭମାନଙ୍କର ପୂର୍ଣ୍ଣ ସମର୍ଥନ ରହିଛି । ଏମାନଙ୍କୁ ବଙ୍ଗାଳୀମାନଙ୍କ ସହିତ ଯୋଡ଼ି ରଖାଯିବା ଫଳରେ, ଏମାନେ ବିକାଶର ସୁଯୋଗ ଲାଭ କରି ପାରି ନାହାନ୍ତି ।"

("We are satisfied that it is in the highest degree diesirable to give the Hindi-speaking people, now included within the Province of Bengal, a separate administration. These people have hitherto been unequally yoked with the Bengalis and have therefore never had a fair opportunity for development.")

ମାତ୍ର ଦୃଷ୍ଟିରୁ ଓଡ଼ିଆ ଭାଷାଭାଷୀମାନଙ୍କ ଏହି ନିୟାମକ ସମାନ ପରିମାଣରେ ପ୍ରଯୋଜ୍ୟ ହେବା ଲର୍ଡ଼ ହାର୍ଡ଼ିଞ୍ଜଙ୍କ ଡେସ୍‌ପାଚରେ ମଧ୍ୟ ଆକୁଣ୍ଠ ସ୍ୱୀକୃତ ଲାଭ କରିଥିଲା... **"The Oriyas like the Biharees have little in common with the Bengalees"** ତଥାପି ଏହା ସତ୍ତ୍ୱେ ଓଡ଼ିଶାକୁ ମାଡ଼ ମରିଚ ବିହାର ଓ ଛୋଟନାଗପୁର ସହିତ ଯୋଡ଼ି ଦିଆଗଲା । କଷ୍ଟା ପାଣିରେ ଲୁଣ ଢଳିଲା ପରି, ହାର୍ଡ଼ିଞ୍ଜ୍ ଡେସ୍‌ପାଚରେ ପୁଣି ଘୋଷଣା କରିଯାଇଥିଲା·····"ଆମ୍ଭମାନଙ୍କର ବିଶ୍ୱାସ ଏ ବ୍ୟବସ୍ଥା ଓଡ଼ିଶାରେ ବହୁଳାଂଶରେ

Digitized by srujanika@gmail.com

ସମଥିଁଚ ହେବ ଓ ଏହା ଫଳରେ ବହାର ପ୍ରଦେଶ ମଧ୍ୟ ଏକ ସମୁଦ୍ରୋପକୂଳବର୍ତ୍ତୀ ବେଳାଭୂମି ଲାଭ କର ପାରିବ ।"

(We believe that this arrangement will accord well with popular sentiment in Orissa and will be welcome to Bihar as providing a sea-board to the Province.)

ଭାଷା ଭିତ୍ତରେ ସ୍ୱତନ୍ତ୍ର ବହାର ପ୍ରଦେଶ ଗଠିତ ହେଉଥିଲେ ସୁଦ୍ଧା ଓଡ଼ଶାକୁ ବହାର ପାଇଁ ଏକ "ବେଳାଭୂମି" (Sea-board) ଯୋଗାଇବାର ଅଯୌକ୍ତିକ ଦାବୀର ଯୂପକାଠରେ ବଳି ଦଆ ଯାଇଥିଲା । ବହାରର ସାର୍ ଅଲ୍ଲା ଇମାମ୍ ଭାଇସରସ୍ୱ ଲର୍ଡ ହାର୍ଡିଞ୍ଜଙ୍କ ଏକ୍ଜିକ୍ୟୁଟିଭ୍ କାଉନସିଲରେ ସଦସ୍ୟ ଥିବା ଦୃଷ୍ଟିରୁ ଓଡ଼ଶା ପ୍ରତି ଏ ପ୍ରକାର ସଙ୍କୋଚହୀନ ଅବଜ୍ଞାରରେ ବସ୍ତୁତଃ କୌଣସି କାରଣ ନ ଥିଲା ।

ଏହାର ମୌନ ପ୍ରତିବାଦ ସ୍ୱରୂପ ଲର୍ଡ ହାର୍ଡିଞ୍ଜଙ୍କ ଦ୍ୱାରା ଦତ୍ତୀରେ ଆୟୋଜିତ "ଦରବାର"ରେ ମଧୁସୂଦନ ଯୋଗ ଦେଇ ନ ଥିଲେ । ଏହା ଥିଲା ଭାଙ୍ଗର ବ୍ୟଙ୍ଗଭରା ଅନୁଚ୍ଚାରିତ ପ୍ରତିବାଦ । ମାତ୍ର ଓଡ଼ଶା ପ୍ରତି ଏହି ଘୋର ଅବଜ୍ଞାର ବରୁଦ୍ଧରେ କୁତ୍ରାପି କ୍ଷୀଣ ସ୍ୱରଟିଏ ସୁଦ୍ଧା ଉତ୍ଥେଳିତ ହୋଇ ନ ଥିଲା । କନ୍ତୁ ବଲ୍ଲଭ ପାର୍ଲିଆମେଣ୍ଟର ଲର୍ଡ-ସଭାରେ (House of Lords) ଅର୍ଲ୍ କର୍ଜନ୍ ଅଫ୍ କେଡଲଷ୍ଟନ୍ (ଲର୍ଡ କର୍ଜନ୍)ଙ୍କ କଣ୍ଠରେ ଉଦ୍‌ଘୋଷିତ ହୋଇଥିଲା ଏହି ଅବଜ୍ଞାର ସୁକଠୋର ପ୍ରତିବାଦ...."ଓଡ଼ିଆମାନେ ଏକ ଆନ୍ଦୋଳନପ୍ରବଣ ଜାତି ହୋଇଥିଲେ, ସେମାନଙ୍କର ପ୍ରତିବାଦ ନିଶ୍ଚୟ ଶୁଣା ଯାଇଥାନ୍ତା । ସେମାନେ ଆନ୍ଦୋଳନପ୍ରବଣ ହୋଇ ନଥିବାରୁ ନିର୍ବିଘ୍ନରେ ସେମାନଙ୍କୁ ଏଇପରି ଭାବରେ ବଳି ଦଆ ଯାଇଅଛୁ ।" ଲର୍ଡ କର୍ଜନ୍ ଭାଙ୍ଗ ଭାଷଣ ପ୍ରସଙ୍ଗରେ କହିଥିଲେ....

"What is the good of Orissa being tied to the tail-end of Bihar, where there is no affinity of language or race, with which they have nothing in common and from which they are separated by a great belt of mountains and rivers over which we have never been able to carry a railway. I venture to prophesy that this is a blunder that can not remain permanent. If the Orissans were an agitating people, which they are not, they would soon make their protests heard. As it is they have been sacrificed without compunction".

ମଧୁସୂଦନ ଦୃଗଭୋନ୍ମ କରିବା ପରି ମନକୁ ମନ କହିଲେ..."ଓଡ଼ିଆ ଜାତି ଆନ୍ଦୋଳନ-ପ୍ରବଣ ନୁହନ୍ତି । ଓଡ଼ିଆମାନେ ଆନ୍ଦୋଳନ କରି ଜାଣନ୍ତି ନାହିଁ । ଏ ଲାଞ୍ଛନା, ଏ ଗ୍ଲାନ

---

* Parliamentary Debates (House of Lords)—Vol. II No. 4—2.12.1912.

Digitized by srujanika@gmail.com

ବୋଧହୁଏ ଓଡ଼ିଆ ଜାତର ଲକ୍ଷ୍ୟରୁ ଜଉଁବାର ନୁହେଁ । ସେଥିପାଇଁ ଓଡ଼ିଆ ଜାତର ଦାବୀ ଯେତେ ଯୁକ୍ତିଯୁକ୍ତ ହୋଇଥାଉ ପଛେ ଜବିଗ୍ଭରରେ ତାକୁ ବଳ ପକାଇ ଦେଲେ ଚଳିବ ।" କନ୍ତୁ ଯେଉଁ ଜାତ ଶେଷ ପର୍ଯ୍ୟନ୍ତ ବ୍ରିଟିଶ ବରୁଦ୍ଧରେ ଅସ୍ତ୍ରଧାରଣ କରିଥିଲା, ଯେଉଁ ଜାତର ରୁଦ୍ରମୂର୍ତ୍ତି ଦେଖି ଦିନେ ବ୍ରିଟିଶ କେଶରୀର ହୃତ୍କମ୍ପ ହୋଇଥିଲା, ଆଜି ସେ ଜାତ ଏପରି ଆତ୍ମପ୍ରତ୍ୟୟୁଜ୍ଜନ, ସ୍ପନ୍ଦନଲ କାହିଁକି ?....ମଧୁସୂଦନ ଏହାର ସଦୁତ୍ତର ଖୋଜି ପାଇନାହାନ୍ତି ! ମାତ୍ର ଗଣ ଆନ୍ଦୋଲନର ପ୍ରତ୍ୟବ ଓ ଶକ୍ତି ଓଡ଼ିଶା-କଂନାନ୍‌ସ୍ତୀ-ଆଭ୍ଭ୍ ବରୁଦ୍ଧରେ ଆନ୍ଦୋଲନ ବନ୍ଦୁ ମଧୁସୂଦନ ଭଲ ଭ୍ରବରେ ବୁଝି ପାରିଥିଲେ । ସେହିପରି ଆନ୍ଦୋଲନର ପ୍ରତ୍ୟବରେ ଲର୍ଡ଼ ହାର୍ଡ଼ିଞ୍ଜ୍ ବଙ୍ଗଳା-ଲେଜିସଲେଟିଭ୍ କାଉନସିଲ୍‌ରେ ଗୃହୀତ କଂନାନ୍‌ସ୍ତୀ-ଆଭ୍ଭକୁ ତ ସେଦିନ ଅନୁମୋଦନ ଦେଇ ନଥିଲେ ।

ଏବେ ହାର୍ଡ଼ିଞ୍ଜ୍-ଡେସପାଚରେ ଓଡ଼ିଶା ପ୍ରତି ଏହି ଅବଗୁର ବରୁଦ୍ଧରେ ଯଦି ସେହି-ପରି ଗୋଟାଏ ଗଣ ଆନ୍ଦୋଳନ ଛଡ଼ାକଣ୍ଠ ହୁଅନ୍ତା ! ମାତ୍ର ଉତ୍କଳ ସମ୍ମିଳନୀ ଦ୍ୱାରା ତାହାର କ୍ଷୀଣତମ ସମ୍ଭାବନା ପୂରା ନଥିଲା । ମଧୁସୂଦନ ଏବେ ୭୪ ବର୍ଷର ବୃଦ୍ଧ । ଅଧିକାଂଶଙ୍କ ପକ୍ଷରେ ସକ୍ରିୟ ଜୀବନରୁ ଅବସର ନେବାର ସମସ୍ତ ଠାରୁ ପୂରା ଅନ୍ତତ । ତଥାପି ସେ ନିଜ ଉପରୁ ଆତ୍ମପ୍ରତ୍ୟୟୁ ହରାଇ ନଥିଲେ । ସେ ଚିନ୍ତା କରୁଥିଲେ, ଓଡ଼ିଆ ଜାତର ଦାବୀକୁ ପ୍ରତିଷ୍ଠିତ କରିବା ପାଇଁ ଆଉ ଏକ ସଂଗ୍ରାମୀ ଅନୁଷ୍ଠାନର ସମ୍ଭାବନା ଓ ସ୍ୱରୂପ ।

(ଦୁଇ)

ଅପ୍ରେଲ ମାସରେ ବ୍ରହ୍ମପୁରରେ ଉତ୍କଳ-ସମ୍ମିଳନୀର ଅଷ୍ଟମ ଅଧିବେଶନ । ସମ୍ମିଳନୀର ଉଦ୍ୟୋକ୍ତାମାନେ ମଧୁସୂଦନଙ୍କୁ ଧରି ବସିଲେ ଅଧିବେଶନର ସଭାପତି ହେବା ପାଇଁ । କନ୍ତୁ ସମ୍ମିଳନୀର ସଭାପତିତ୍ୱ ଏବେ ନଲମ ଡାକର ବ୍ୟାପାର । ଗୋଟାଏ ବର୍ଷ ପାଇଁ ସିଏ ସମ୍ମିଳନୀର ବ୍ୟସ୍ତଜ୍ଞର ଭୂଲାଇ ପାରିବେ ସେଇ ହୋଇପାରିବେ କେବଳ ଅଧିବେଶନର ସଭାପତି । ଓଡ଼ିଶା ରାଜନୀତିର ଧାତୁରେ ରହିଛି ବୋଧହୁଏ ଏଇ ଅର୍ଥସଂସ୍ପର୍ଶୀତା । ଉଦ୍ୟୋକ୍ତାମାନଙ୍କୁ ମଧୁସୂଦନ କହିଲେ···"ପୁରୀର ରାଜାଙ୍କୁ ଧର । ସେ ପ୍ରତିଶ୍ରୁତି ଦେଇଛନ୍ତି ଗୋଟାଏ ବର୍ଷ ପାଇଁ ସମ୍ମିଳନୀର ଦାୟିତ୍ୱ ବହନ କରିବେ ।"

ସମ୍ମିଳନୀ କେବଳ ଭାଷଣ, ଉଦ୍‌ବୋଧନର ବ୍ୟାପାର ! କନ୍ତୁ ସେଇ ଭାଷଣ ଓ ଉଦ୍‌ବୋଧନକୁ କାର୍ଯ୍ୟରେ ରୂପାୟିତ କରିବା ପାଇଁ ଆବଶ୍ୟକ ଯେଉଁ ନିଷ୍ଠା ଓ କର୍ମଯୋଜନା, ତାହାର କ୍ଷୀଣତମ ସୂଚନା ଅବା କାହିଁ ।

କେହି ଜଣେ କହିଲେ...."ଅମୁକ ଲୋକ କୃପଣ । ସମ୍ମିଳନୀର ଦାୟିତ୍ୱ ଭୂଲାଇବା ପାଇଁ ସେ କଣ ପ୍ରସ୍ତୁତ ହେବେ ?"

Digitized by srujanika@gmail.com

ମଧୁସୂଦନ ଉତ୍ତର ଦେଲେ—"ଅତ କୃପଣକୁ ଲୋକେ ସ୍ୱାର୍ଥପର କହନ୍ତି । ମାତ୍ର ମୁଁ କହେ କୃପଣ ହିଁ ଏକା ସ୍ୱାର୍ଥତ୍ୟାଗ । ସେ ନିଜ ପାଇଁ ତ ସଞ୍ଚୟ କର ରଖୁନାହିଁ, ରଖୁଛୁ କେବଳ ପର ପାଇଁ । ଈଶ୍ୱର କହନ୍ତି, ତୁ ଖରଚ କଲୁ ନାହିଁ, ତୋ ପୁଅ, ନାତ ଖରଚ କରିବେ । ଘଣାରେ ବଲଦ ବୁଲୁଛୁ । ମାତ୍ର ତେଲ ଲଗାଉଛୁ, ଆଉ ଜଣେ । ସେଇ ବଲଦ ତ କୃପଣ" ।

ଅବଶେଷରେ ଇଂ ୧୯୧୬ ସାଲ ଅପ୍ରେଲ ୬ ଓ ୭ ତାରିଖ ଦିନ ବ୍ରହ୍ମପୁର ସହରରେ ଅନୁଷ୍ଠିତ ହେଲ ଉତ୍କଳ-ସମ୍ମିଳନୀର ଅଷ୍ଟମ ଅଧିବେଶନ । ବିଭିନ୍ନ ଅଞ୍ଚଳରୁ ପ୍ରାୟ ଆଠଶହ ପ୍ରତିନିଧି ଏହି ଅଧିବେଶନରେ ଯୋଗ ଦେଇଥିଲେ । ଅଧିବେଶନରେ ସେଇ ଧୂଳ ଧୂସରିତ, ଜଗ୍ଜର୍ଜ୍ଜର୍ଣ୍ଣ ଦାସ—ଓଡ଼ିଶା ସହଜ ଗମ୍ଭୀର ଜଲ୍ଦାର ମିଶ୍ରଣ । କନ୍ଥ ହାଉଣ୍ଡ-ଡେପ୍ୟୁଟାଚରେ ଓଡ଼ିଆ ଜାତ ପ୍ରତି ଘୋର ଅବଜ୍ଞାର କଟୁଯାଇ ବହାରର ସ୍ୱାର୍ଥରକ୍ଷା ପାଇଁ ଓଡିଶାକୁ ଯେପରି ଅମ୍ଳାନ ଭାବରେ ବଳି ଦିଆଗଲା ତାହା ବିରୁଦ୍ଧରେ ପ୍ରତିବାଦର କ୍ଷୀଣ ସ୍ୱରଟିଏ ସୁଦ୍ଧା ଶୁଭିଲା ନାହିଁ ସମ୍ମିଳନୀ ମଣ୍ଡପରୁ । କନ୍ଥ ବଲ୍ଲଭ ପାର୍ଲମେଣ୍ଟରେ ମାନ୍ୟବର ଲମ୍ ସ୍ମିଥ୍ ଏମ. ପି. ଓ ଅର୍ଲ କର୍ଜନ୍ ଓଡ଼ିଆ ଜାତର ଦାସ୍ୟ ଭାବରେ ଚିରସ୍ଥାପିତ କରିଥିବା ହେତୁ ସେମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଯାଇଥିଲ ଗଭୀର କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳି । ଏହାଇ ତ ସବୁଠାରୁ ନଗ୍ନତମ ଓ ନଗ୍ନପଦ ।

ଓଡ଼ିଆର ଜାତୀୟ ଜୀବନ ନାହିଁ । ଜାତ ପାଇଁ ସ୍ୱାର୍ଥତ୍ୟାଗର ଅଭ୍ୟସ ମନରେ ସେ ତଥାପି ଦୀକ୍ଷିତ ହୋଇପାରିଲା ନାହିଁ । ସେଥିପାଇଁ ତ ଜାତ ପାଇଁ ସେ ମନ ଶିଖିଲ ନାହିଁ । ଯିବ ମରିବା ପାଇଁ ପ୍ରସ୍ତୁତ ନୁହେଁ, ବଞ୍ଚିବା ପାଇଁ ସେ ସଂଗ୍ରାମ କରିପାରିବ କପଟ ? ତା କଣ୍ଠରେ କପଟ ବା ଫୁଟିବ ସଂଗ୍ରାମର ରଣଧ୍ୱନି ? ଉତ୍କଳ-ସମ୍ମିଳନୀର ଆରମ୍ଭରେ ମଧୁସୂଦନ ଯେଉଁ "ସ୍ୱାର୍ଥମେଧ ଯଜ୍ଞ"ର ମନ୍ତ୍ର ଉଚ୍ଚାରଣ କରିଥିଲେ, ତାହାର ପୁନରାବୃତ୍ତି କର ଏହି ଅଧିବେଶନରେ ଜ୍ୱଳନ୍ତ ପ୍ରସଙ୍ଗରେ ଉଦ୍‌ବୋଧନ ଦେଇଥିଲେ···

"ମାଲଟାଲତା ଆମ୍ବ ଗଛରେ ଉଠେ, ମୋଟା ହୁଏ । ଶେଷରେ ଆମ୍ବ ଗଛକୁ ମାରି ପକାଏ । ଆମ୍ବ କେବଳ କମ ଲୋକ ଖାଉଥିଲେ । ମାଲତାର ସୁଗନ୍ଧ ପୁଷ୍ପ ସହସ୍ର ଲୋକଙ୍କୁ ମୋହିତ କରୁଅଛୁ । ଜାତୀୟ ଜୀବନ ଯେତେବେଳେ ବ୍ୟକ୍ତିକୁ ମାଲତୀଲତା ପରି ବେଢ଼ି ଧରିବ ସେତେବେଳେ ସେ ମରିବ, କନ୍ତୁ ମାଲତୀର ସୁଗନ୍ଧ ଘରଆଡେ ମହକିବ । ନିଜ ସକାଶେ ଜୀବନ ଧାରଣ କରିବା ମନୁଷ୍ୟ ଜୀବନର କଦାପି ଉଦ୍ଦେଶ୍ୟ ନୁହେଁ । ଈଶ୍ୱର ଏ ଉଦ୍ଦେଶ୍ୟରେ ତାହାକୁ ସୃଷ୍ଟି କର ନାହାନ୍ତି । ତାହେଲେ ପଶୁ ଓ ମନୁଷ୍ୟ ମଧ୍ୟରେ ପ୍ରଭେଦ କଣ ? ପଶୁ ତାହାର ନିଜ ପାଇଁ ସବୁ କରେ । କନ୍ତୁ ବ୍ୟକ୍ତିଗତ ଜୀବନ ନ ଗଲେ ଜାତୀୟ ଜୀବନ ହେବ ନାହିଁ । ଆଣ୍ଠେ ଟାକୁଆ ପଡିଲେ ପଛେ ଗଛ ଉଠିବ । ନ ପଡିବା ପର୍ଯ୍ୟନ୍ତ ଗଛ ଉଠିବ ନାହିଁ । ସେହିପରି ଯନ୍ଦିରୁ ଜାତୀୟ ଜୀବନ ଉଠିବ, ସେ ମରିବ, ସେ ପଡିବ । ଗୋଟିଏ ଟାକୁଆ ପଲେ ଲକ୍ଷେ ଆମ୍ବ ଫଳିବ । ଆମ୍ବର ଜାତିରକ୍ଷା ହେଲ । କନ୍ତୁ ପ୍ରଥମେ ଟାକୁଆ ମଲ ।" •

• ମଧୁସୂଦନଙ୍କ ଓଡ଼ିଆ ବକ୍ତୃତା ଓ ଗୀତ···ସମ୍ପାଦକ—ନବକୃଷ୍ଣ ରାୟ

Digitized by srujanika@gmail.com

ସେଦିନ କନ୍ଥୁ କଣ ବା ପ୍ରସ୍ତୁତ ଥିଲା ଲୋକ ଲୋଚନର ନେପଥ୍ୟ ସେ ଝାଉଁଆ ହୋଇ ପଚରା ପାଇଁ ? ମଧୁସୂଦନଙ୍କ ଉଦ୍‌ବୋଧନ ଥିଲା ଏକ ଅରଣ୍ୟରୋଦନ । ତଥାପି ଲର୍ଡ କର୍ଜନଙ୍କ ପରି ତାଙ୍କର ମଧ୍ୟ ସନ୍ଦେହ ନ ଥିଲା ଯେ—ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଇତିହାସର ଗତରେ ଅବସ୍ଥାପିତ । କନ୍ଥୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଜାତିର ଅସ୍ତିତ୍ୱ ଘୋଷଣା ପାଇଁ ଏକ ପନ୍ଥା ସିନା—ଲକ୍ଷ୍ୟ ତ ନୁହେଁ । ଲକ୍ଷ୍ୟ—ଓଡ଼ିଆ ଜାତିର ଉତ୍ଥାନ, ଶତାବ୍ଦୀର ଅବସନ୍ନ ମୌନତା ଭିତ୍ତି ଓଡ଼ିଆର ଅସ୍ମିତା ଘୋଷଣା । ଉତ୍କଳ-ସମ୍ମିଳନୀ ସେଥିପାଇଁ ଯେ ଆଉ ପ୍ରଶସ୍ତ ନଥିଲା—ସେଥିରେ ମଧୁସୂଦନ ଥିଲେ ନାସ୍ତିତ୍ୱେହ ।

(ଚଳ)

—"ଆସ ଗୋପବନ୍ଧୁ । କ'ଣ କରିବ ସ୍ଥିରୀକୃତ ? ପ୍ରାକ୍‌ଟିସ୍ ?"

ସେଦିନ ସକାଳେ, ଗୋପବନ୍ଧୁଙ୍କୁ ନିଜ ଷ୍ଟଡୀରେ ଦେଖି ପ୍ରଶ୍ନ କଲେ ମଧୁସୂଦନ ।

ବାରପଦାରେ ସରକାରୀ ଓକିଲ ସୁକିସୁରୁ ଇସ୍ତଫା ଦେଇ, ଗୋପବନ୍ଧୁ (ଦାଶ) କଟକ ଆସିଥିଲେ ଓକିଲାତୀ ବ୍ୟବସାୟ ଆରମ୍ଭ କରିବା ପାଇଁ । ସୁକିସୁ ପାଇଁ ତାଙ୍କର ଆଉ ସ୍ପୃହା ନଥିଲା । ବସ୍ତୁତ ସେତେବେଳେ ଜାତି—ଦେଶସେବାର ସ୍ୱପ୍ନରେ ତରୁଣ ପ୍ରାଣ ଉଦ୍‌ବେଳିତ । ପ୍ରାକ୍‌ଟିସ୍ କରିବା ସେତିକି ଥିଲା, ଯେତିକି ଜୀବିକାର୍ଜନର ପନ୍ଥା, କନ୍ଥୁ ଲକ୍ଷ୍ୟ ନୁହେଁ ।

ଗୋପବନ୍ଧୁ ବମ୍ଭାଳ କଣ୍ଠରେ ଉତ୍ତର ଦେଲେ...."ଆପାତତଃ ସେଇଆ ତ ଉଦ୍ଦେଶ୍ୟ" ।

ମଧୁସୂଦନ କହିଲେ..."କନ୍ଥୁ ପାଟନାରେ ହାଇକୋର୍ଟ ରହିବା ପାଇଁ ବହୁତ ଓକିଲମାନଙ୍କର ଉଦ୍ୟମ ଚାଲିଛୁ । ସାର ଆଲ୍ଲା ଇମାମ୍‌ଙ୍କ ମତ ମଧ୍ୟ ସେଇଆଡେ । ପାଟନାରେ ହାଇକୋର୍ଟ ରହିଲେ, ତୁମେ ଏଠି କ ପ୍ରାକ୍‌ଟିସ୍ ବା କରିବ ଗୋପବନ୍ଧୁ ? ପାଟନା ହେଉ ବା ରାଞ୍ଚି ହେଉ, ଓଡ଼ିଆଙ୍କ ପକ୍ଷରେ ଦୁଇଟାଯାକ ସମାନ । ଦୂରତ୍ୱ ଓ ସୁଯୋଗ ଦୃଷ୍ଟିରୁ ଓଡ଼ିଶା ପାଇଁ ହାଇକୋର୍ଟ ବରଂ କଲିକତାରେ ରହିଲେ ସୁବିଧା ।"

ଗୋପବନ୍ଧୁ ଉତ୍ତର ଦେଲେ—"ଉତ୍କଳ ସଭା ଏଥିପାଇଁ କଉନ୍ସିଲ ଓ ସ୍ଟେଟ୍‌ସ୍‌ମ୍ୟାନ୍‌କୁ ଆବେଦନ କରିବା ପାଇଁକାରେ ଲକ୍ଷ୍ୟ କରିଥିଲ ।"

Digitized by srujanika@gmail.com

ମଧୁସୂଦନ ଅସହ୍ୟ ଯନ୍ତ୍ରଣା ସ୍ୱରରେ ଷ୍ଟ୍ରଚାଁ ଭିତରେ ପଦଗୁରଣ କରୁ କରୁ କହିଲେ.... "ଦରଖାସ୍ତ କରିବା, ମେମୋରିଆଲ୍ ପଠାଇବାରେ, ମୋ ଠାରୁ ବଳ ବୋଧହୁଏ କାହାର ବେଶୀ ବିଶ୍ୱାସ ନାହିଁ ବା ନ ଥିଲା । କନ୍ତୁ ଓ୍ୱେଷ୍ଟ-ପେପର୍ ବାସ୍କେଟ୍‌ର ଗର୍ଭ ସ୍ଫୀତ କରିବା ବ୍ୟତୀତ, ସେ ମେମୋରିଆଲ୍‌ଗୁଡ଼ିକର ବା ଅନ୍ୟ କ ପରିଣତି ହୋଇଛି ? ଇଂରେଜ ଜାତି ଗୋଟିଏ କଥା ବୁଝେ—ସଙ୍ଗଠିତ ଜନମତ । ପ୍ରତ୍ୟେକ ସମସ୍ୟାରେ ଆମକୁ ଆନ୍ଦୋଳନ ମାଧ୍ୟମରେ ସେଇ ଜନମତ ସଙ୍ଗଠିତ କରିବା ପାଇଁ ପଡ଼ିବ । ପଢ଼ି ନାହିଁ ବଲ୍ଡ ପାଲିଆମେଣ୍ଟ ଲର୍ଡ ସଭାରେ ଲର୍ଡ କର୍ଜନ ଓଡ଼ିଆ ଜାତିକୁ ଦେଇଛନ୍ତି ଯୋଉ ସାର୍ଟିଫିକେଟ୍ ?"

କନ୍ତୁ ଦୁର୍ଭିକ୍ଷ, ପେଷଣକ୍ଲିଷ୍ଟ ଓଡ଼ିଶାର ଜନଜୀବନ ବାତ୍ୟାହତ କଦଳୀବନ ପରି— ମୁଣ୍ଡଟେକ ଠିଆ ହେବା ପାଇଁ ଶକ୍ତି ନାହିଁ । ଏ ଦେଶରେ ଆନ୍ଦୋଳନ ମାଧ୍ୟମରେ ଜନମତ ସଙ୍ଗଠିତ ହୋଇପାରିବ କିପରି ? ସେଥିପାଇଁ ନେତୃତ୍ୱ ନେବ କିଏ ? ବଲେଜ ବେକରେ ଘଣ୍ଟି ବାନ୍ଧିବ କିଏ ? ୧୯୧୬ ସାଲରେ ସ୍ୱରାଜର ଜାତୀୟ ସ୍ତରରେ ସ୍ୱଜାତିର ଅବସ୍ଥା ଏହାଠାରୁ ଯେ ଗୁଣାତ୍ମକ, ମୌଳିକ ସ୍ତରରେ ସ୍ୱତନ୍ତ୍ର ଥିଲା, ତାହା ନୁହେଁ । କନ୍ତୁ ଓଡ଼ିଶାରେ ତାହା ଥିଲା ଅଧିକତର ଉତ୍କଟ ।

ମଧୁସୂଦନ ମନକୁ ମନ ଦୃଗଡୋକ୍ତି କରିବା ପରି କହିଲେ...."ଏଇ ଉଦ୍ଦେଶ୍ୟରେ ମୁଁ ସ୍ଥିର କରିଛି ଆଉ ଗୋଟାଏ ଅନୁଷ୍ଠାନ ଗଢ଼ିବା ପାଇଁ—ପ୍ରଜା ପ୍ରତିନିଧି ସଭା ! ସହରର ମୁଷ୍ଟିମେୟ ଶିକ୍ଷିତ ଓକିଲଙ୍କୁ ନେଇ ଏହା ଗଠିତ ହେବ ନାହିଁ । ଜିଲ୍ଲାରେ ଗାଁ ଗହଳର ନବାଚତ ପ୍ରତିନିଧିମାନଙ୍କୁ ନେଇ ଗଠିତ ହେବ ଏଇ ସଭା । ବର୍ତ୍ତମାନ ସମସ୍ୟା ସମ୍ପର୍କରେ ସେଇ ପ୍ରତିନିଧିମାନେ ପ୍ରକାଶ କରିବେ ସେମାନଙ୍କର ମତାମତ । ଶାସନ ଉପରେ ଚାପ୍‌ପେଲେ ଏହାର ପ୍ରଭାବ ପଡ଼ି ପାରିବ ! ଦରଖାସ୍ତ, ମେମୋରିଆଲ୍‌ଠାରୁ ଏହା ହେବ ଅଧିକ ଶକ୍ତିଶାଳୀ ।"

ଦୁଇଙ୍କ ମଧ୍ୟରେ ଏ ଆଲୋଚନା ସେଦିନ ସେଇଠାରେ ସମାପ୍ତ ହୋଇଥିଲା । ଏପରି ଏକ ସଙ୍ଗଠନ ପାଇଁ ଗୋପବନ୍ଧୁଙ୍କର ମଧ୍ୟ ଥିଲା ପ୍ରଚୁର ଆଗ୍ରହ । ମାତ୍ର ମୟୂରଭଞ୍ଜର ନଷ୍ଟନ୍ଦ ବାତାବରଣ ଭିତରୁ ଆସି, ଗୋପବନ୍ଧୁ ହଠାତ୍ ଏପରି ଏକ ସଙ୍ଗଠନର ପରିକଳ୍ପନା କରି ପାରୁ ନ ଥିଲେ ।

୭୪ ବର୍ଷ ବସ୍ୟସ୍କ ବୃଦ୍ଧ ମଧୁସୂଦନଙ୍କ ଧମନୀରେ କନ୍ତୁ ସେଦିନ ସ୍ପନ୍ଦିତ ହେଉଥିଲା । ନବତାରୁଣ୍ୟର ଉନ୍ମାଦନା ।

ସକାଳ ଡାକରେ ଆସିଥିଲା—ମାହାଙ୍ଗାରୁ ଜଗମୋହନ ମଲ୍ଲଙ୍କ ଚିଠି । ସିରସ୍ତାଦାର ପ୍ଲିକ୍ଟରୁ ଅବସର ନେବା ପରେ ସେ ସ୍ୱଗ୍ରାମ ମାହାଙ୍ଗାଠାରେ ରହୁଥିଲେ । ସରକାରୀ

Digitized by srujanika@gmail.com

ଶ୍ରୀକ୍ଷେତ୍ରରେ ଥାଇ ସୁଦ୍ଧା ଜଗମୋହନ ଥିଲେ ଦେଶବ୍ରତୀ । ଉତ୍କଳ-ସଭା ଓ ଉତ୍କଳ-ସମ୍ମିଳନୀ ପ୍ରତିଷ୍ଠା ବେଳେ ତାଙ୍କର ଉତ୍ସାହ, ସମର୍ଥନ ବଡ଼ ଜୋରରେ ଏହି ଅନୁଷ୍ଠାନମାନଙ୍କୁ ପରିପୁଷ୍ଟ କରିଥିଲା । ସାଧାରଣ କ୍ଷେତ୍ରରେ ସେ ଥିଲେ, ମଧୁସୂଦନଙ୍କର ଅନ୍ତରଙ୍ଗ ସହକର୍ମୀ । ପ୍ରଜା-ପ୍ରତିନିଧି ସଭା ଗଠନ ସମ୍ପର୍କରେ ମଧୁସୂଦନ ଜଗମୋହନଙ୍କୁ ଯେଉଁ ପତ୍ର ଲେଖିଥିଲେ, ତା'ର ଉତ୍ତରରେ, ସଭାର ଭିତ୍ତି ସ୍ଥାପନ ପାଇଁ ମଧୁସୂଦନଙ୍କୁ ଜଗମୋହନ ସ୍ୱଗ୍ରାମକୁ ଆମନ୍ତ୍ରଣ କରିଥିଲେ ।

"ଉତ୍କଳ-ଦୀପିକା" ଏଇ ପ୍ରତିନିଧି ସଭାର ବିବରଣୀ ପ୍ରକାଶ କରି ଲେଖିଥିଲେ....

"ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ. କଟକ ମ୍ୟୁନିସିପାଲଟୀ ହାଟ ଫଙ୍କାନ୍ସ ବର୍ତ୍ତ ସଭାରେ ବ୍ୟକ୍ତ କରିଥିଲେ କି, ସେ ଗୋଟିଏ ପ୍ରତିନିଧି-ସଭା ସ୍ଥାପନ କରିବାର ଚେଷ୍ଟାରେ ଥାଇ ମଫସଲର ନାନା ସ୍ଥାନକୁ ପତ୍ର ଲେଖି ଉତ୍ତର ପାଇଅଛନ୍ତି । ସେ ମାହାଙ୍ଗା ନିବାସୀ ବାବୁ ଜଗମୋହନ ଲଲ୍ ପେନସନ୍ଭା ସିରସ୍ତାଦାରଙ୍କୁ ଏଥିର ପତ୍ର ଲେଖିଥିଲେ । ପ୍ରଶଂସିତ ବାବୁ ମାହାଙ୍ଗା ସମାହାରର ପଞ୍ଚାସ୍ତ ପ୍ରେସିଡ଼େଣ୍ଟ ଅଟନ୍ତି । ସେ ଅସୁସ୍ଥ ଥିଲେ ହେଁ ଆପଣା ବଲ୍କା ୨୯ ମଉଜାର ପ୍ରଧାନ ପ୍ରଧାନ ଗ୍ରାମବାସୀଙ୍କୁ ଘେନ ନକଟରେ ଆପଣା ଗୃହଠାରେ ସଭା କରିଥିଲେ ଓ ସଭାରେ ଅନେକ ଲୋକ ଉପସ୍ଥିତ ହୋଇଥିଲେ । ବାବୁ ମହୋଦସ୍ୟ କହିଲେ କି, ଗଭର୍ଣ୍ଣମେଣ୍ଟଙ୍କୁ ଆମ୍ଭମାନଙ୍କର ଦୁଃଖ ଜଣାଇବାକୁ କିଛୁ ଉପାସ୍ୟ ନ ଥିବାରୁ ଭିନ୍ନର ପ୍ରତିକାର ହେଉ ନାହିଁ ।...ଗୋଟିଏ ଦୃଷ୍ଟାନ୍ତ ଏହି କି, ଜଳକର ପ୍ରଥମେ ମାଣେ ପ୍ରତି ଦେଢ଼ ଟଙ୍କା ଥିଲା । ଉପରେ ଟ ୯୯ ହେଲା । ବର୍ତ୍ତମାନ ଦୁଇଟଙ୍କା ହୋଇଅଛି । ଗଭର୍ଣ୍ଣମେଣ୍ଟ କିଛିକାଳ ପୂର୍ବେ ନୋଟିସ ଦେଲେ କି, ପ୍ରସ୍ତାବିତ ଟ ୨୯ ରେ ଆପତ୍ତି ଥିଲେ ଅମୁକ ତାରିଖ ପୂର୍ବେ ଜଣାଇବେ । କନ୍ତୁ କେହି ଆପତ୍ତି କଲେ ନାହିଁ । ଗଭର୍ଣ୍ଣମେଣ୍ଟ ପ୍ରଜାଙ୍କ ଆପତ୍ତି ନ ଥିବାର ମନେ କରି, କେତେକ ସ୍ଥାନରେ ଏହା ଜାରି କରିଅଛନ୍ତି । ପ୍ରଜାମାନେ ସଭା କରି ଏଥିରେ ଆପତ୍ତି କରିଥିଲେ ଅବଶ୍ୟ କିଛୁ ଫଳ ହୋଇଥାନ୍ତା । ଆପତ୍ତି କଲେ ଫଳ ପଡ଼ିବାର ଦୃଷ୍ଟାନ୍ତ ଏହି ଯେ, ଓଡ଼ିଶା ଦେଶ ପାଇଁ ଯେଉଁ ନୂତନ ପ୍ରଜାସ୍ୱତ୍ୱ-ଆଇନ ଷ୍ଟୋକ୍ସ ସାହେବ କରିଥିଲେ, ତହିଁରେ କେତେକ ଅନିଷ୍ଟକର ବିଧି ଥିବାରୁ କଟକରେ ଗତ ମାର୍ଚ୍ଚ ମାସରେ ପ୍ରାୟ ଦୁଇ ହଜାର ପ୍ରଜାଙ୍କର ସାଧାରଣ ସଭା ହୋଇ ମହାମାନ୍ୟ ବଡ଼ଲାଟ ସାହେବଙ୍କଠାରେ ଯଥାର୍ଥ କାରଣ ଦେଖାଇ ଆପତ୍ତି ହେବାରୁ ସେ ଉକ୍ତ ଆଇନକୁ ନାମଞ୍ଜୁର କଲେ । ଷ୍ଟୋକ୍ସ ସାହେବଙ୍କ କଥା ରହିଲା ନାହିଁ । ପ୍ରଜାଙ୍କ ଗୁହାରି ଘେନା ହେଲା··· ଏହେତୁ ମଧୁବାବୁ ପ୍ରସ୍ତାବ କରନ୍ତି ଯେ, ଓଡ଼ିଶାର ରାଜଧାନୀ କଟକ ନଗରରେ ଜନସାଧାରଣଙ୍କର ଗୋଟିଏ ସ୍ଥାୟୀ ପ୍ରତିନିଧି ସଭା ସ୍ଥାପିତ ହେବ ।"

ପ୍ରତିନିଧି-ସଭାର ଉଦ୍ଦେଶ୍ୟ ଓ ସମ୍ବିଧାନର ସୂଚନା ଦେଇ "ଦୀପିକା" ଲେଖି-ଥିଲେ.....

Digitized by srujanika@gmail.com

"ଏଥିରେ ଧର୍ମ ବା ଜାତ ମାଉର ଚର୍ଚ୍ଚା ନ ହୋଇ କେବଳ ସରକାର ଓ ପ୍ରଜା-ମାନଙ୍କ ମଧ୍ୟରେ ଶାସନ ପ୍ରଣାଳୀ ଓ ମ୍ୟୁନସିପାଲଟୀ, ଚୌକିଦାସ୍ତ ପଞ୍ଚାୟତ ଓ ଡ଼ିଷ୍ଟ୍ରିକ୍ଟ-ବୋର୍ଡ ଇତ୍ୟାଦି ସମ୍ବନ୍ଧ ସଂସାଧାରଣଙ୍କ ସମ୍ପର୍କ ସମ୍ବନ୍ଧୀୟ ବିଷୟର ହେବ । କୌଣସି ବିଷୟରେ କଷ୍ଟ ଅନଷ୍ଟ ଅବା ଅସୁବିଧା ଦେଖାଗଲେ ତହିଁର ପ୍ରତିକାର ସକାଶେ ସରକାରଙ୍କୁ ସେ ସଭା ଜଣାଇବେ ଓ ପ୍ରତ୍ୟେକ ଶ୍ରେଣୀର ଲୋକମାନଙ୍କ ସମ୍ବନ୍ଧରକ୍ଷା ପକ୍ଷରେ ବିଶେଷ ମନୋ-ଯୋଗୀ ହେବେ । ଏ ସଭାର ବୈଠକ ତିନମାସରେ ଥରେ ହେବ । ଏଥିରେ ମଫସଲର ଲୋକେ ଯୋଗ ଦେବାର ଜନ୍ୟମ ଏହି କି, ପ୍ରତି ବଡ଼ ବଡ଼ ଗ୍ରାମରେ ଗୋଟିଏ ଲେଖାଏଁ ସଭା ହେବ । ଏ ସଭାର କାର୍ଯ୍ୟ ଚଳାଇବା ପାଇଁ ପ୍ରତି ସଭାର ଜଣେ ଲେଖାଏଁ ସମ୍ପାଦକ ରହିବେ । ଯେଉଁମାନେ ଆପଣା କାର୍ଯ୍ୟ ଗୁରୁତର କଷ୍ଟ ସ୍ୱୀକାର ପୂର୍ବକ କଟକ ସଭାରେ ଉପସ୍ଥିତ ହୋଇ ସେ ଅଞ୍ଚଳର ହାଲଚାଲ ଓ ଦୁଃଖ ଜଣାଇ ପାରିବେ, ସେପରି ଦୁଇ ତିନ ବ୍ୟକ୍ତିଙ୍କୁ ସଭ୍ୟ ଶ୍ରେଣୀର ପ୍ରତିନିଧି ନିଯୁକ୍ତ କରିବେ । ସେମାନଙ୍କ ନାମ ଓ ସାକିନ ମଧୁବାବୁଙ୍କ ଠାକୁ ଲେଖି ପଠାଇଲେ ସେ ସେମାନଙ୍କୁ କଟକ ସଭାର ସଭ୍ୟ ରୂପେ ନିଯୁକ୍ତ କରିବେ ଓ ବୈଠକର ୧୫ ଦିନ ପୂର୍ବରୁ ନୋଟିସ୍ ପଠାଇବେ ।" •

ପ୍ରଜା ପ୍ରତିନିଧି ସଭା, ମଧୁସୂଦନଙ୍କର ଥିଲା ସମ୍ପୂର୍ଣ୍ଣ ମୌଳିକ ସୃଷ୍ଟି ! ଗ୍ରନ୍ଥ-ସମ୍ପର୍କିତ ଜନଜୀବନର ବିଭିନ୍ନ ସମସ୍ୟାରେ, ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଦାନ୍ତ ଗ୍ରାବରେ ପରିଚିତ କରିବା ଭଲି, ଏପରି ଏକ ପ୍ରତିନିଧିମୂଳକ ଅନୁଷ୍ଠାନର ପରିକଳ୍ପନା, ଗ୍ରାରତରେ ସେତେ-ବେଳେ ଯେ ଅଭୂତପୂର୍ବ ଥିଲା, ତାହା ଉଲ୍ଲେଖ କରିବା ନିସ୍ପ୍ରୟୋଜନ ! ବିହାର-ଓଡ଼ିଶା ପ୍ରଦେଶର ଅନ୍ୟତମ ଏକ୍‌ଜିକ୍ୟୁଟିଭ୍-କାଉନସିଲର ମିସ୍ଟର ଇ. ଭ. ଲେଭ୍ରୁଙ୍କୁ ପ୍ରଜା-ପ୍ରତିନିଧି-ସଭା ସମ୍ପର୍କରେ ମଧୁସୂଦନ ଏକ ପତ୍ରରେ (୧, ସେପ୍ଟେମ୍ବର, ୧୯୧୩) ଲେଖିଥିଲେ....

".....This Association is unique in India. I am not aware of the existence of another similar Association in any part of India. It is a representative Association. Each Member is an elected representative of a village or group of villages. The total number of members is 1169. The last meeting of the Association was attended by 450 Members, most of whom came from distant villages, some travelling 30 miles. So the Association represents the interests and voices, the feelings and wishes of several hundred villages.....

It is sometimes remarked that the ryots are illiterate. It is not so in Orissa. The percentage of literate population in Orissa in 1901 was the highest in British India.....The Sabha is composed of the

---

• ଉତ୍କଳ-ଦୀପିକା—ତା ୨୩-୬-୧୯୧୨ ଖଣ୍ଡ

Digitized by srujanika@gmail.com

representatives of the ryots. All the representatives are men who can read and write and form intelligent opinion on a subject referred to above".

ପ୍ରଜା-ପ୍ରତିନଧି ସଭ୍ୟର ବାଛିବା ପ୍ରଶ୍ନର ଓ ଗଠନ ପ୍ରସାରରେ ୭୪ ବର୍ଷ ବୟସ୍କ ବୃଦ୍ଧ ମଧୁସୂଦନ ହଠାତ୍ ଯେପରି ତରୁଣ ହୋଇ ଉଠିଥିଲେ ।

କେନ୍ଦ୍ରାପଡା ମହକୁମାଳ ହାଟ ପଡ଼ିଆରେ ସେତେବେଳେ ହୋଇଥିଲା ପ୍ରଜା-ପ୍ରତିନଧି ସଭ୍ୟର ଆଉ ଏକ ସାଧାରଣ ସଭା । "ଉତ୍କଳ-ଦୀପିକା" ଏହି ଅଧିବେଶନର ଏକ ବିବରଣୀ ପ୍ରଦାନ କରି ଲେଖିଥିଲେ—

"ଗତ ୧୩ ତାରିଖ ଅପରାହ୍ନ ୪ ଘଣ୍ଟାରେ କେନ୍ଦ୍ରାପଡ଼ା ମହକୁମାଳ ହାଟ ପଡ଼ିଆରେ କଟକ ଗ୍ରାଜୁଏଟ୍ଙ୍କ କେନ୍ଦ୍ରସଭ୍ୟର ଏକ ଶାଖା ସଭା ଏଠାରେ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ. ଙ୍କ ସଭାପତିତ୍ୱରେ ଏକ ବୃହତ୍ ସଭ୍ୟର ଅଧିବେଶନ ହୋଇଥିଲା । ସଭ୍ୟରେ ହାଜର ଓ ତଦୁପକଣ୍ଠବର୍ତ୍ତୀ ଗ୍ରାମମାନଙ୍କରୁ ପ୍ରାୟ ସହସ୍ରାଧିକ ଲୋକ ଉପସ୍ଥିତ ହୋଇଥିଲେ ଏବଂ ସଭାପତିଙ୍କ ଅଭିଭାଷଣ ବକ୍ତୃତା ସମସ୍ତେ ଉପସ୍ଥିତ ଜନମଣ୍ଡଳୀ ମଧ୍ୟରେ ଯେପରି ଉତ୍ସାହ ଓ ସଜୀବତା ପରିଲକ୍ଷିତ ହୋଇଥିଲା, ତାହା ସ୍ଥାୟୀ ହେଲେ ଅଚିରେ ଦେଶର ଯେ ପ୍ରଭୂତ ଉପକାର ହେବ, ତାହା ଅକୁଣ୍ଠିତ ଚିତ୍ତରେ କୋଲ୍ଲଯାଇପାରେ । ଏତଦ୍ ଅଞ୍ଚଳର ପନ୍ଦର ପଣ ଉଣାଇଶ ଗଣ୍ଡା ଲୋକ ଯେପରି ଧନ ଓ ବଦ୍ୟାଦାନ, ସଭ୍ୟ ସ୍ଥଳେ ହୃଦୟରେ ପ୍ରତିଭାତ ହୋଇଥିବା ଉତ୍ସାହ, ସ୍ୱଜନ ଓ ସ୍ୱଦେଶାନୁରାଗ "ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ" ପରି ମ୍ଳାନ ହେବାର ଆଶଙ୍କା ରହିଛି । ମାତ୍ର ସମସ୍ତେ ସମସ୍ତେ ଉତ୍ସାହ ପାଉଥିଲେ, ତାହା ଜାଗ୍ରତ ରହି କ୍ରମେ ବୃଦ୍ଧି ପାଉଥାଏ । ଯାହା ହେଉ, ଉତ୍କଳମାତାର ବରପୁତ୍ର ଦାସ ମହୋଦୟଙ୍କୁ ଏକାନ୍ତ ପ୍ରାର୍ଥନା ଯେ, ସେ ଏତତ୍ ସମ୍ବନ୍ଧେ ଅବଲମ୍ବ ସେପରି କୌଣସି ସୁବନ୍ଦୋବସ୍ତ କରିବେ ।" •

(୭୫)

ବିହାର-ଓଡ଼ିଶା କାଉନସିଲ ପାଇଁ ନିର୍ବାଚନ ପୁଣି ଆସନ୍ନ ହୋଇ ଆସିଲା । ଏଥର ଓଡ଼ିଶାରୁ ମାତ୍ର ଚାରିଜଣ ପ୍ରତିନଧି ନିର୍ବାଚିତ ହେବେ କାଉନସିଲ୍‌କୁ । ସେଥିମଧ୍ୟରୁ ଜଣେ ମୁସଲମାନ, ଜଣେ ଜମିଦାର ମଣ୍ଡଳୀର ପ୍ରତିନଧିତ୍ୱ କରିବେ, ଅନ୍ୟ ଦୁଇଜଣଙ୍କ ନିର୍ବାଚନ ମଣ୍ଡଳୀ ହେବ, ଯଥାକ୍ରମେ ମ୍ୟୁନସିପାଲଟୀ ଓ ଡିଷ୍ଟ୍ରିକ୍ଟବୋର୍ଡ । ଚାମ୍ବାହାଦୁର

• ଉତ୍କଳ-ଦୀପିକା ତା ୨୨-୭-୧୧୧୨

Digitized by srujanika@gmail.com

ପୂଦାମଚରଣ ନାସ୍ୱକ ଓ କନକା ଗ୍ରଜା ଗ୍ରଜେନ୍ଦ୍ରନାଗ୍ସ୍ୱଣ ଭଞ୍ଜ ଦେଓ ମଧୁସୂଦନଙ୍କ ନକଟକୁ ଆସିଥିଲେ ପ୍ରାର୍ଥୀ ମନୋନସ୍ୱନ ସମ୍ପର୍କରେ ଆଲୋଚନା ପାଇଁ ।

ଜମିଦାର ମଣ୍ଡଳୀର ପ୍ରତନଧିତ୍ୱ କରବେ ଗ୍ରଜେନ୍ଦ୍ରନାଗ୍ସ୍ୱଣ—ଓଡ଼ଶାର ବଶିଷ୍ଟ ଜମିଦାର ରୂପେ ତାଙ୍କର ନଙ୍ଗାଚନ ଏକପ୍ରକାର ସ୍ୱତଃସିଦ୍ଧ ଥିଲ୍ଲ । ମୁସଲମାନ ସପ୍ରଦାସ୍ୱର ପ୍ରତନଧି ରୂପେ ଶୁଣା ସାଉଥିଲ୍ଲ ମୌଲସ୍ୱୀ ଖାଜା ମହମ୍ମଦ ନୁରୁଙ୍କ ନାମ ।

ଗ୍ସ୍ୱବାହାଦୁର ପୂଦାମଚରଣ ନାସ୍ୱକ, ଓଡ଼ଶା-ମ୍ୟୁନସିପାଲଟୀମାନଙ୍କର ପ୍ରତନଧିତ୍ୱ କରବା ପାଇଁ ଆକାଂକ୍ଷିତ ରହିଥିଲେ । ବଙ୍ଗଲା କାଉନସିଲ୍‌କୁ ନଣ୍ଟା ବୋର୍ଡମାନଙ୍କ ପକ୍ଷରୁ ନଙ୍ଗାଚତ ହେବା ପାଇଁ ଗୋକୁଲାନନ୍ଦ ଚୌଧୁସ୍ତ ମନୋନୀତ ନ ହେବା ଫଳରେ ସେ ଯେପର କ୍ଷୁବ୍ଧ ହୋଇ ରହିଥିଲେ ଓ ସେହି କାରଣରୁ ମଧୁସୂଦନଙ୍କ ସହିତ ତାଙ୍କର ଯେପର ମନାନ୍ତର ଘଟିଥିଲ୍ଲ, ତାହା କାହାକୁ ଅବଦତ ନ ଥିଲ୍ଲ । ଏଥର ମଧ ବହାର କାଉନସିଲକୁ ନଣ୍ଟା ବୋର୍ଡ-ମାନଙ୍କ ପକ୍ଷରୁ ନଙ୍ଗାଚତ ହେବା ପାଇଁ ଗୋକୁଲାନନ୍ଦ ତାଙ୍କର ଇଚ୍ଛା ସାଧାରଣରେ ପ୍ରକାଶ କର ସାଇଥିଲେ । ମଧୁସୂଦନଙ୍କ ପାଇଁ ଆଉ କୌଣସି ନଙ୍ଗାଚନମଣ୍ଡଳୀ ନ ଥିଲ୍ଲ । ସେ ସଦ ନଙ୍ଗାଚତ ହୁଅନ୍ତା, ତା ହେଲେ ଦୁଏତ ମ୍ୟୁନସିପାଲଟୀ କମ୍ପା ଜଣ୍ଟା ବୋର୍ଡ଼ କୌଣସି ଗୋଟିଏ ନଙ୍ଗାଚନମଣ୍ଡଳୀ ତାଙ୍କୁ ଛୁଡ଼ି ଦେବା ପାଇଁ ପଡ଼ବ । କନ୍ତୁ ସେଥପାଇଁ ଆନ୍ତରକ ଗ୍ସ୍ୱରେ କେହି ପ୍ରସ୍ତୁତ ନ ଥିଲେ । ଅଥଚ ବହାର କାଉନସିଲ୍‌ରେ, ଓଡ଼ଶା ପ୍ରଜାସ୍ୱତ୍ୱ ଆଇନ ଗ୍ସ୍ୱତ ହେଉଥିବା ଦୃଷ୍ଟିରୁ ସେଠାରେ ମଧୁସୂଦନଙ୍କ ପ୍ରତନଧିତ୍ୱର ଅଲଙ୍ଘନୀସ୍ୱ ଆବଶ୍ୟକତା ରହିଥିଲ୍ଲ ।

ଗ୍ରଜେନ୍ଦ୍ରନାଗ୍ସ୍ୱଣ କହିଲେ···"ମିଷ୍ଟର ଦାସଙ୍କ ପାଇଁ ଜଣ୍ଟା ବୋର୍ଡ଼ ବ୍ୟତତ ଅନ୍ୟ କୌଣସି ନଙ୍ଗାଚନ ମଣ୍ଡଳୀତ ରନ୍ତୁ ନାହିଁ । ଗ୍ସ୍ୱବାହାଦୁର ଗୋକୁଲାନନ୍ଦ ଚୌଧୁସ୍ତ ଏଥରଟା ସଦ ଅପେକ୍ଷା କରଯାନ୍ତୁ....।"

ଗ୍ରଜେନ୍ଦ୍ରନାଗ୍ସ୍ୱଣଙ୍କ କଥା ଶେଷ ନ ହେଉଣୁ ମଧୁସୂଦନ ବସ୍ଫୋରଣ କର ଉଠିଲେ..."ମୋ ପାଇଁ ତୁମମାନଙ୍କର ଚନ୍ତା କରବାର କୌଣସି କାରଣ ନାହିଁ । ଗୋକୁଲାନନ୍ଦ ଜଣ୍ଟା ବୋର୍ଡ଼ ପକ୍ଷରୁ ସାଉ, ତାକୁ ବାଧା ଦେବା ଉଚତ ନୁହେଁ ।"

ପୂଦାମଚରଣ ପଗ୍ସ୍ୱରଲେ..."ଆପଣ ?"

ମଧୁସୂଦନ ଉତ୍ତର ଦେଲେ...."ମୋ କଥା ମୁଁ ବୁଝିବ । ଓଡ଼ଶାର ପ୍ରଜାମାନଙ୍କ ପକ୍ଷରୁ ମୁଁ ପ୍ରତନଧିତ୍ୱ କରବ, ବହାର-କାଉନସିଲ୍‌ରେ ।" କନ୍ତୁ ସେଥପାଇଁ ନଙ୍ଗାଚନମଣ୍ଡଳୀ କାହିଁ ?

ବସ୍ତୁତଃ ଏହି ଅନ୍ତର୍ନହିତ ଉଦ୍ଦେଶ୍ୟ ପ୍ରଜା-ପ୍ରତନଧି-ସଭାର ସଗଠନକୁ ବଡ଼ଲାଂଶରେ ପ୍ରଭାବତ କରଥିଲ୍ଲ—ସେଥିରେ ସନ୍ଦେହ ନାହିଁ । ବହାର-ଓଡ଼ଶା କାଉନସିଲ୍ ଗଠନ ପୂର୍ବରୁ

Digitized by srujanika@gmail.com

ମଧୁସୂଦନ ପ୍ରଜା-ପ୍ରତିନଧି ସଭାକୁ ଓଡ଼ିଶାର ପ୍ରଜାସାଧାରଣଙ୍କର ଅପୋତିତ କାଉନସିଲ୍ ରୂପେ ଗଠନ କଣ ସାଶ୍ଥିଲେ । ୧୯୧୨ ସାଲ ସେପ୍ଟେମ୍ବର ୧୭ ତାଶଖ ଦିନ ପୁଣ୍ଟାରେ ଅନୁଷ୍ଠିତ, ପ୍ରଜା ପ୍ରତିନଧି ସଭାର ଏକ ସାଧାରଣ ସଭାରେ "ପ୍ରଜା-ପ୍ରତିନଧି ସଭାର ପ୍ରତିନଧି" ପାଇଁ ଏକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇ ସାଶ୍ଥିଲା...

"That considering the peculiar circumstances in which Orissa is placed under the Government of Bihar and Orissa, His Honor the Lieutenant Governor be requested to assign a seat in the new Legislative Council to a representative of the ryots especially as the Orissa Tenancy Bill will be taken up by the Council soon after its formation and that the Prajapratinidhi Sabha being an Association of representatives elected by the residents of villages may be authorised to elect the ryot's representative." (Resolution adopted at a public meeting at Puri on 17th September, 1912.)

ଓଡ଼ିଶା ଉଭୟଜନର କମିସନର୍ ମିଷ୍ଟର ଜବଲ୍ୟୁ ମଧୁସୂଦନଙ୍କୁ ଇଗରଟନ୍ରୁ ଏକ ପତ୍ରରେ ମଧ୍ୟ ଲେଖିଥିଲେ....

"I am sending up your name as my nomination to the Council as a representative Oriya as you are the G. O. M. of Orissa now and must again enter the arena and help Government to promote the welfare and progress of Orissa." •

ମଧୁସୂଦନ ସେ ଦିନକୁ ଓଡ଼ିଶାର "କୁଳବୃଦ୍ଧ" (Grand Old Man)ରେ ପରିଣତ ହୋଇ ସାଶ୍ଥିଲେ ।

ରାଜେନ୍ଦ୍ରନାରାୟଣ କହିଲେ—"କନ୍ତୁ ପ୍ରଜାମାନଙ୍କର ପ୍ରତିନଧିତ୍ୱ ପାଇଁ ଇଣ୍ଡିଆନ କାଉନସିଲ୍ ଆଇନରେ ତ କୌଣସି ବ୍ୟବସ୍ଥା ନାହିଁ ।"

ମଧୁସୂଦନ ସଙ୍କେପରେ ଉତ୍ତର ଦେଲେ—"Wait and see."

ଓଡ଼ିଶାର ପ୍ରଜାମାନଙ୍କ ପକ୍ଷରୁ ଜଣେ ସଭ୍ୟଙ୍କୁ ମନୋନୀତ କରିବା ପାଇଁ ସରକାରଙ୍କର ଯେଉଁ ନିଷ୍ପତ୍ତି ହୋଇଥିଲା, ତାହା ସେ ପର୍ଯ୍ୟନ୍ତ ସଂସାଧାରଣରେ ଅଜ୍ଞାତ ଥିଲା । ମଧୁସୂଦନ ଓଡ଼ିଶାର ପ୍ରଜା-ସାଧାରଣଙ୍କ ପ୍ରତିନଧି ରୂପେ, ବିହାର ଲେଜିସ୍ଲେଟିଭ କାଉନସିଲକୁ ମନୋନୀତ ହୋଇ ୧୯୧୩ ସାଲ ୨୦ ତାଶଖ ଜାନୁସ୍ୱାସ୍ତ ଦିନ ସଭ୍ୟ ରୂପେ ଶପଥ ଗ୍ରହଣ କରିଥିଲେ ।

Digitized by srujanika@gmail.com

ଓଡ଼ଶାକୁ ଯେପଣ ସ୍ତବରେ ମାଡ଼ ମକତ ବହାର ସହୁତ ଯୋଡ଼ା ଯାଇଥିଲ ଓ ଏକ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଓଡ଼ଆସ୍ତାସ୍ତ୍ରୀମାନଙ୍କର ବହୁପୋଷିତ ଅଭିଳାଷକୁ ବହାର ଲଗି ଏକ ବେଳାଭୂମି (sea board) ଯୁକ୍ତରେ ଅବସ୍ଥଣତ ସ୍ତବରେ ବଳ ଦଆଯାଇଥିଲ; ତାହାର ଗାତ୍ର ପ୍ରତବାଦ ପାଇଁ ମଧୁସୂଦନଙ୍କ କଣ୍ଠରେ ସେ ଦନ ଦୁଏତ ସ୍ତଷା ନଥିଲ । ତାଙ୍କର ସ୍ୱର ବୈଧାନକ ପ୍ରତସ୍ତେଧ ସତ୍ତେ ସେ ଅଲଙ୍ଘନୀସ୍ୟ ସିଦ୍ଧାନ୍ତ ପଣବର୍ତ୍ତିତ ହୋଇ ନଥାନ୍ତା । ବରଂ ବହାର-ଓଡ଼ଶା ପ୍ରଦେଶର ପଣସର ମଧରେ, ଆଶାବାଦୀ ଦୃଷ୍ଟିରେ, ସେ ଖ୍ଷ ଦେଖି-ପାରୁଥିଲେ ସ୍ୱତନ୍ତ୍ର ଓଡ଼ଶା ପ୍ରଦେଶର ଅଭ୍ୟଦସ୍ୟ । ବହାର-ଓଡ଼ଶା କାଉନସିଲ୍‌ରେ ତାଙ୍କର ଆଦ୍ୟ ସ୍ତଷଣରେ ମଧୁସୂଦନ ସେହ୍ନ ବଳଷ୍ଠ ଆଶାବାଦ ପ୍ରକାଶ କର କହୁଥିଲେ—

"One of the Hon'ble Members has referred to the past grandeur of Bihar. Orissa also has a past which is not lacking in grandeur and like other parts of the Province. Orissa looks with eyes of hope and faith to the sun-lit-hills we are proceeding on to after passing through the dark valleys of the past."*

ଅଭକାଙ୍କ୍ଷନ୍ନ ଉପତ୍ୟକା ମଧରୁ ଆଲ୍ଲେକଦସ୍ତ ଗିରଶୃଙ୍ଗ ଆଡ଼େ ଓଡ଼ଶାର ଜୈତସାହା ଶତ ଫକଃ ଓ ବପର୍ଯସ୍ୟ ମଧରେ ଗତ କର ସ୍ତଲ୍ଛନ୍ତୁ । ମଧୁସୂଦନଙ୍କର ସେଥିରେ ସନ୍ଦେହ ନ ଥିଲ ।

(ପାଞ୍ଚ)

୧୯୧୬ ସାଲର କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଇଥିଲ, ବାଙ୍କୀପୁର-ପାଟନା ଠାରେ । ନବଗଠିତ ବହାର-ଓଡ଼ଶା ସ୍ୱତନ୍ତ୍ର ପ୍ରଦେଶରେ କଂଗ୍ରେସର ଏହା ଥିଲ ସଂ ପ୍ରଥମ ଅଧିବେଶନ ।

୧୯୦୬ ସାଲରେ ମଧୁସୂଦନ କଂଗ୍ରେସରୁ ଅଲଗା ହୋଇଯିବା ପରଠାରୁ, ଓଡ଼ଶାରେ କଂଗ୍ରେସର ସତ୍ତା ଆଉ ନଥିଲ । ଓଡ଼ଶାର ସ୍ତଜନୈତକ ଜୀବନ ଗତ କର ସ୍ତଲ୍ଛଥିଲ, ଉତ୍କଳ-ସମ୍ମିଳନୀର ଶୈବାଳାଚ୍ଛନ୍ନ ସ୍ରୋତରେ । କନ୍ତୁ ବହାର ଓଡ଼ଶା ପ୍ରଦେଶରେ, କଂଗ୍ରେସର ସଂପ୍ରଥମ ଅଧିବେଶନ ଅନୁଷ୍ଠିତ ହେଇଥିବା ଦୃଷ୍ଟିରୁ, ଓଡ଼ଶାରେ କଂଗ୍ରେସ ସଗଠନର ପ୍ରସାର ପାଇଁ ପାଟନାରୁ ଆସିଥିଲେ, ବହାରର କଂଗ୍ରେସ ନେତା ମିଷ୍ଟର୍ ହାସାନ୍ । ମସୁରଭଞ୍ଜରେ ସରକାସ୍ଥ ସ୍ତକିସ୍ଥରୁ ଇସ୍ତଫା ଦେଇ, ଗୋପବନ୍ଧୁ କଃକ ଫେରବା ଯାଏ, ସେ ପର୍ଯନ୍ତ ତଥାପି ସ୍ତଜନୈତକ ଜୀବନ ଆରମ୍ଭ କଣ ନଥିଲେ । ସତ୍ୟବାଦୀଠାରେ ଗୋଦିବ ଜାତୀସ୍ୟ-ବଦ୍ୟାଳସ୍ୟ ପ୍ରତଷ୍ଠା କରବା ବ୍ୟଗତ, ସେତେବେଳେ ତାଙ୍କର ଅନ୍ୟ କର୍ମଯୋଜନା ନ ଥିଲ ।

---

* ବହାର ଓଡ଼ଶା କାଉନସିଲ୍‌ରେ ସ୍ତଷଣ ତା ୨୦-୧-୧୯୧୩ ଖଷ

Digitized by srujanika@gmail.com

ବ୍ରଜସୁନ୍ଦର ଦାସ, ସେ ପରିସ୍ଥିତିରେ ନେଇଥିଲେ, କଂଗ୍ରେସର ସଂଗଠନ ସମ୍ପାଦକ ଦାୟୀତ୍ୱ । କନ୍ତୁ ମଧୁସୂଦନଙ୍କୁ ବାଦ୍ ଦେଇ, ଓଡ଼ିଶାରେ ସେତେବେଳେ କୌଣସି ରାଜନୈତିକ ସଂଗଠନର ପରିକଳ୍ପନା ଅସମ୍ଭବ ଥିଲା । ସେଥିପାଇଁ ମିଷ୍ଟର୍ ହାସାନ୍‌ଙ୍କୁ ସଙ୍ଗରେ ଧରି, ବ୍ରଜସୁନ୍ଦର ମଧୁସୂଦନଙ୍କ ନିକଟକୁ ସେଦିନ ଆସିଥିଲେ, ଓଡ଼ିଶାରେ କଂଗ୍ରେସ ସଂଗଠନ ସମ୍ପର୍କରେ ଆଲୋଚନା ପାଇଁ । ପାଟନା ଅଧିବେଶନ ପାଇଁ ଗଠିତ ଅଭ୍ୟର୍ଥନା-ସମିତିରେ ମଧୁସୂଦନଙ୍କୁ ସଭ୍ୟ-ଭୁକ୍ତ କରିବା ଥିଲା ବିହାରର କଂଗ୍ରେସ ନେତା ମିଷ୍ଟର ହାସାନ୍‌ଙ୍କ ଉଦ୍ଦେଶ୍ୟ ।

—"ତୁମେ ଭୁଲିଯାଉଛ ବ୍ରଜସୁନ୍ଦର, ୧୮୮୫ ସାଲରେ କଂଗ୍ରେସ ଅନୁଷ୍ଠାନର ଆରମ୍ଭ ଦିନୁ ମୁଁ ଥିଲି ଏହାର ପ୍ରତିନିଧି ! ଓଡ଼ିଶାର ପ୍ରଥମ କଂଗ୍ରେସ କମିଟି ମୁଁ ଓ ଗୌରୀଶଙ୍କର ସ୍ଥାପିତ କରିଥିଲୁ ବନ୍ଧୁବର୍ଗ ଭଲେ । କନ୍ତୁ ୧୯୦୩ ସାଲ ମାଦ୍ରାଜ ଅଧିବେଶନରେ ଓଡ଼ିଶା ସହିତ ଗଞ୍ଜାମ ଜିଲ୍ଲାର ସାନ୍ନିଧ୍ୟକ ମିଶ୍ରଣକୁ ଯେପରି ବିରୋଧ କରିଥିଲି, ସେଥିରୁ ମୋର ଖ୍ୟାତି ଧାରଣା ହୋଇଗଲା, କଂଗ୍ରେସ ଅନୁଷ୍ଠାନ ମଧ୍ୟରେ ରହି ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ସେଥିପାଇଁ ତ ମୁଁ ଆଉ ଗୌରୀଶଙ୍କର କଂଗ୍ରେସରୁ ଅଲଗା ହୋଇ ରହିଗଲି ।"

—ମଧୁସୂଦନ ଅନ୍ତରରେ କଂଗ୍ରେସ ସହିତ ନିଜ ସମ୍ପର୍କର ସ୍ମୃତିରୋମନ୍ଥନ କରୁଥିଲେ ।

ମିଷ୍ଟର୍ ହାସାନ୍ କହିଲେ—"ବିହାର-ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିବାରୁ, ଦୁଇ ଅଞ୍ଚଳର ରାଜନୈତିକ ଜୀବନଧାରାକୁ ଆମେ ଗୋଟିଏ ସ୍ରୋତରେ ପ୍ରବାହିତ ନ କଲେ, ବିହାର କମ୍ବା ଓଡ଼ିଶା, କାହାର ଉନ୍ନତି ସମ୍ଭବ ନୁହେଁ ।"

ମଧୁସୂଦନ ଉତ୍ତର ଦେଲେ···"କନ୍ତୁ କଂଗ୍ରେସରେ ଆଜି ରାଜନୈତିକ ନେତୃତ୍ୱ କାହିଁ ? ବଙ୍ଗଭଙ୍ଗ ବିରୋଧୀ ଆନ୍ଦୋଳନ ଦିନୁ, ସ୍ୱଦେଶୀ ନାମରେ ଯେଉଁ ବୋମା ଫିଙ୍ଗା, ସନ୍ତ୍ରାସବାଦ କାଁ ଭାଁ ଘଟୁଛୁ, ସେଥିରେ ଯେ ନିରନ୍ତର କେବେ କୌଣସି ଉନ୍ନତି ହେବ, ସେଥିରେ ବ୍ୟକ୍ତିଗତ ଭାବରେ ମୋର ଘୋର ସନ୍ଦେହ । ପୁଣି ବିଦେଶୀ ବର୍ଜନ ଓ ସ୍ୱଦେଶୀ ନାମରେ ଯେତେ ଯାହା ସବୁ କରିଯାଉଛୁ, ତା ଫଳରେ ନିରନ୍ତରେ ସ୍ୱଦେଶୀ ଶିଳ୍ପର ବିକାଶ ପରିବର୍ତ୍ତେ ବଳସ୍ୱ ଯେ ଅବଧାରିତ, ସେଥିରେ ମଧ୍ୟ ମୁଁ ନିଃସନ୍ଦେହ । ସୁରେନ୍ ବାନାର୍ଜୀଙ୍କ ଉଦ୍ଦେଶ୍ୟ ମହତ୍, କନ୍ତୁ ଶିଳ୍ପକଥା ସେ ବୁଝନ୍ତି କି'ଣ ? ଜାଣନ୍ତି ବା କଣ ? "ଓଡ଼ିଶା—ଟାନେସ୍ସି ହେଉଛୁ ପ୍ରକୃତ ସ୍ୱଦେଶୀ ଶିଳ୍ପର ଉଦାହରଣ । ରାଜନୈତିକ ବକ୍ତୃତାରେ କେବଳ ତ ସ୍ୱଦେଶୀ ଆସିଯିବ ନାହିଁ ।"

ବ୍ରଜସୁନ୍ଦର ଏ ପର୍ଯ୍ୟନ୍ତ ଦୁହିଁଙ୍କ ମଧ୍ୟରେ ଆଲୋଚନା ନୀରବରେ ଶୁଣୁଥିଲେ । ସେ କହିଲେ...."କଂଗ୍ରେସ ଓ ଉତ୍କଳ-ସମ୍ମିଳନୀ ମଧ୍ୟରେ ତ କୌଣସି ବିରୋଧ ନାହିଁ । ବିହାରର ନେତାମାନେ ଯେ ଓଡ଼ିଶା-ସ୍ୱାର୍ଥର ବିରୋଧୀ, ଏପରି ମଧ୍ୟ କୁହାଯାଇ ନ ପାରେ । ଅପର ପକ୍ଷରେ ବିହାରର କଂଗ୍ରେସ ସଂଗଠନ ସହିତ ବର୍ତ୍ତମାନ ସହଯୋଗ ସମ୍ପର୍କ ରକ୍ଷା କଲେ, ଓଡ଼ିଶା ପକ୍ଷରେ ତାହା ମଙ୍ଗଳ ବ୍ୟତୀତ ଅମଙ୍ଗଳର କାରଣ ହେବ ନାହିଁ ।"

Digitized by srujanika@gmail.com

କଂଗ୍ରେସକୁ ପୁଣି ଫେରି ଆସିବା ପାଇଁ ମଧୁସୂଦନଙ୍କର ଆପତ୍ତି ନଥିଲା । ବସ୍ତୁତଃ କଂଗ୍ରେସର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ସହିତ ତାଙ୍କର କୌଣସି ବିରୋଧ ନଥିଲା । ବାଙ୍କୀପୁର—ପାଟନାରେ ଅନୁଷ୍ଠିତ ହେଉଥିବା କଂଗ୍ରେସ ଅଧିବେଶନର ଅଭ୍ୟର୍ଥନା ସମିତିର ସଦସ୍ୟ ରୂପେ ସେଥର ସେ ନିର୍ବାଚିତ ହୋଇଗଲେ । ପାଟନା ଅଧିବେଶନରେ ଓଡ଼ିଶାର ବିଭିନ୍ନ ସମସ୍ୟା ଆଲୋଚନା କରିବା ପାଇଁ, କଟକ ଟାଉନ୍ ହଲ୍‌ରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଗୃହୀତ ସଭ୍ୟ ମନୋନୀତ ହେଲେ:—ମଧୁସୂଦନ ଦାସ, ଘୁଦାମଚରଣ ନାସ୍କର, ଏସ୍. ପି. ଗ୍ରେ ଓ ବ୍ରଜସୁନ୍ଦର ଦାସ (ସଂଗଠନ ସମ୍ପାଦକ) ।*

କଂଗ୍ରେସ ସହିତ ବିହାର-ଛାତ୍ର-ସମ୍ମିଳନୀ ଅବକାଶରେ ମଧୁସୂଦନଙ୍କ ପରିଚୟ ହୋଇଥିଲା, କଂଗ୍ରେସ-ନେତା ରାଜେନ୍ଦ୍ରପ୍ରସାଦଙ୍କ ସହିତ । ରାଜେନ୍ଦ୍ରପ୍ରସାଦ ସେହି ସ୍ମୃତି କଥା ଉଲ୍ଲେଖ କରିଛନ୍ତି···

"I first met Mr. M. S. Das, when he came to Preside over the Bihar Students Conference, which was held in Motihari. We travelled together on our way to Champaran and the conversation I had with him in the train and on the steamer left an indelible impression on my mind about his personality, intellectual depth, fearlessness and love and devotion to the country." †

କିନ୍ତୁ କଂଗ୍ରେସ ସହିତ ମଧୁସୂଦନଙ୍କ ସମ୍ପର୍କ ଦୀର୍ଘସ୍ଥାୟୀ ହୋଇ ପାରି ନଥିଲା । ବିଶେଷତଃ ବିହାରର ମୋତିହାରୀଠାରେ ଅନୁଷ୍ଠିତ, ବିହାର-ଷ୍ଟୁଡେଣ୍ଟସ୍-କନ୍‌ଫରେନସ୍‌ରେ ସ୍ୱଦେଶୀ ଆନ୍ଦୋଳନର ଆଭ୍ୟନ୍ତରୀଣ ସମ୍ପର୍କରେ ମଧୁସୂଦନଙ୍କ କଠୋର ସମାଲୋଚନା, ସ୍ୱଦେଶୀ-ପ୍ରମୁଖ କଂଗ୍ରେସ ଗୋଷ୍ଠୀରେ ମଧୁସୂଦନଙ୍କୁ ଏକ ପ୍ରକାର ଅପାଙ୍‌କ୍ତେୟ କରି ଦେଇଥିଲା ।

ବାବୁ ରାଜେନ୍ଦ୍ରପ୍ରସାଦ ବିହାର-ଛାତ୍ର-ସମ୍ମିଳନୀର ଉଦ୍ଯୋକ୍ତା, ମଧୁସୂଦନ ଅଧିବେଶନର ବିରାଟ ସଭାପତି । ନର୍ଥ-ବେଙ୍ଗଲ ଏକ୍‌ସ୍‌ପ୍ରେସ୍‌ର ଗୋଟିଏ ଫାଷ୍ଟ୍‌କ୍ଲାସ କମ୍ପାର୍ଟମେଣ୍ଟ୍‌ରେ ହାଓଡ଼ା ଠାରୁ ମଧୁସୂଦନଙ୍କୁ ମୋତିହାରୀ ପାଠେଇ ନେଇଥିଲେ, ରାଜେନ୍ଦ୍ରପ୍ରସାଦ ।

କମ୍ପାର୍ଟମେଣ୍ଟ୍ ଭିତରେ, ମଧୁସୂଦନ ତାଙ୍କ ଅଭିଭାଷଣର ଶେଷଚିଠା ସଂଶୋଧନ କରୁ କରୁ, ଗୋଟାଏ ସ୍ଥାନରେ ହଠାତ୍ ଅଟକି ଯାଇଁ ପଚାରିଲେ....."ସ୍ୱଦେଶୀ ଆନ୍ଦୋଳନ ସମ୍ପର୍କରେ ଆପଣଙ୍କର ମତ କଣ ରାଜେନ ବାବୁ ?"

---

* ଷ୍ଟାର୍-ଅଫ୍-ଉତ୍କଳ—ତା ୬୭ । ୯ । ୧୯୦୬ (ପୃ. ୫୬୯)

† Life of Madhusudan Das—As Seen by Many Eyes—P. 1.

Digitized by srujanika@gmail.com

ବ୍ରଜେନ୍ଦ୍ରପ୍ରସାଦ ବ୍ରଜମାଉ କ୍ଷେତ୍ରରେ ନବାଗତ ! କନ୍ତୁ ମଧୁସୂଦନ ସେଦିନକୁ ବ୍ରଜମାଉ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ସମ୍ମାନିତ ନାମ ! ସ୍ୱଦେଶୀ ସମ୍ପର୍କରେ ବ୍ରଜେନ୍ଦ୍ରପ୍ରସାଦଙ୍କର ଗୋଟିଏ ସ୍ପଷ୍ଟ ଚନ୍ତା ବା ସିଦ୍ଧାନ୍ତ ସେତେବେଳେ ଥିଲ ବୋଲ କୁହା ଯାଇ ନ ପାରେ । ସେ କହିଲେ···"ସ୍ୱଦେଶୀ ଓ ବଦେଶୀ-ବର୍ଜନ ଆନ୍ଦୋଳନ ମାଧ୍ୟମରେ, ଭାରତୀୟ ସମସ୍ୟା ପ୍ରତି ବ୍ରିଟିଶ ସରକାରଙ୍କ ଦୃଷ୍ଟି ବୈଧାନିକ ଭାବରେ ଆକର୍ଷଣ କରାଯାଇ ପାରିବ; ଏଇଟ ହେଉଛୁ କଂଗ୍ରେସର ପ୍ରସ୍ତାବ ।"

ମଧୁସୂଦନ କହିଲେ—"ଏ ସବୁ ଅତି ଏକାଡେମିକାଲ୍ କଥା । ୧୯୦୫ ସାଲରେ ନାଗପୁର-ବନାରସ କଂଗ୍ରେସ ଅଧିବେଶନରେ ବଙ୍ଗଭଙ୍ଗ ରଦ କରିବା ପାଇଁ ଯେଉଁ ପ୍ରସ୍ତାବ ଗୃହୀତ ହୋଇଥିଲ, ସେଥିରେ ବଦେଶୀ ବର୍ଜନକୁ ଆନ୍ଦୋଳନର ଏକମାତ୍ର ଆତ୍ମମୁଖ୍ୟ ରୂପେ ଗ୍ରହଣ କରାଯାଇଥିଲ । ବଦେଶୀ ବର୍ଜନ ବଙ୍ଗଦେଶରେ ଅବଶ୍ୟ କିଛି ଦିନ ଘୁରିଲ । କନ୍ତୁ ସ୍ୱଦେଶ-ଶିଳ୍ପର ବିକାଶ ହେଲ କି ?"

ବ୍ରଜେନ୍ଦ୍ରପ୍ରସାଦ ଉତ୍ତର ଦେଲେ—"୧୯୦୭ ସାଲରେ ସୁରଟ—ଅଧିବେଶନରେ କଂଗ୍ରେସ—ବଯୋଜନ ପରେ ଚରମପନ୍ଥୀମାନେ କଂଗ୍ରେସରୁ ଅଲଗା ହୋଇଯିବା ପରଠାରୁ ମଡରେଟ୍‌ମାନେ ବସ୍ତୁତଃ ଗୁଡ଼ି ସ୍ୱଦେଶୀର ପନ୍ଥା ଧରିଛନ୍ତି ।"

ମଧୁସୂଦନ ଅସନ୍ତୁଷ୍ଟ କଣ୍ଠରେ କହିଲେ···"କନ୍ତୁ ମଡରେଟ୍‌ମାନଙ୍କର ସ୍ୱଦେଶୀ କେବଳ ଗୋଟାଏ ସ୍ଲୋଗାନ୍ ବ୍ୟତୀତ ଏ ପର୍ଯନ୍ତ ଆଉ କଣ ହୋଇ ପାରିଛୁ ? ମୁଁ ମଡରେଟ୍ ନୁହେଁ ବା ସ୍ୱଦେଶୀ ନାମରେ ସ୍ଲୋଗାନ୍ ଦେଇନାହିଁ; କନ୍ତୁ ବ୍ରଜେନ୍‌ବାବୁ, ବଙ୍ଗଦେଭାମାନେ ସ୍ୱଦେଶୀ ଆନ୍ଦୋଳନ ଚନ୍ତା କରିବାର ଦଶ ବର୍ଷ ପୁଙ୍ଗରୁ ଓଡ଼ିଶାରେ ସ୍ୱଦେଶୀ ଶିଳ୍ପ ପାଇଁ ମୁଁ କାର୍ଯ ଆରମ୍ଭ କରିଥିଲ । ସ୍ୱଦେଶୀ ନାମରେ କଂଗ୍ରେସର ସବୁ ସ୍ଲୋଗାନ ସତ୍ତେ, ମୋର "ଉତ୍କଳ-ଟାନେଜ୍" ପରି ଗୋଟାଏ କାରଖାନା, ସ୍ୱଦେଶୀ ଉଦ୍ୟମରେ ତଥାପି କେଉଁଠି ସ୍ଥାପିତ ହୋଇ ପାରିଲ ନାହିଁ । ସ୍ୱଦେଶୀ ସହିତ ମୋର ବିରୋଧ ନାହିଁ, ମୋର ବିରୋଧ ସ୍ଲୋଗାନ ସହିତ ।"

ବ୍ରଜେନ୍ଦ୍ରପ୍ରସାଦ ନୀରବ ରହିଲେ ।

---

* ୧୯୦୭ ସାଲରେ ବଦେଶୀ-ବର୍ଜନ ଆନ୍ଦୋଳନକୁ ସ୍ପଷ୍ଟଭାବରେ କରି ଏକ ପ୍ରସ୍ତାବରେ କୁହା ଯାଇଥିଲ "...having regard to the fact that the people of this country have little or no voice in its administration and that their representations to the Government do not receive due consideration, the Congress is of opinion that the Boycott Movement inaugurated in Bengal by way of protest against partition was and is legitimate."

Digitized by srujanika@gmail.com

ମଧୁସୂଦନ କହୁ ଥିଲେ···"ଯେଉଁ ଦେଶରେ ଜାତଆଣ ପ୍ରଥା ବଢ଼ି ବଢ଼ି ଯାଇଛୁ, ସେ ଦେଶର ସ୍ୱଦେଶୀର ବକାଶ ହେବ କପଣ ?"

ବହାର ଯୁବ-ସମ୍ମିଳନୀ ଅଧିବେଶନରେ ମଧୁସୂଦନଙ୍କ ଭାଷଣର ସାରଭତ୍ତ ଥିଲା— ସ୍ୱଦେଶୀର ବକାଶ ଓ ଜାତଆଣ ପ୍ରଥାର ବଲୋପ । କନ୍ତୁ ସ୍ୱଦେଶୀ ସ୍ଲୋଗାନ୍ ବରୁଦ୍ଧରେ ଏହି ଅଭିଭାଷଣରେ ମଧୁସୂଦନ ସେ ଦିନ ଯେଉଁ ସ୍ୱର ଉତ୍ତୋଳନ କରିଥିଲେ, ତାହା ସେ କେଲର ପ୍ରତିଷ୍ଠିତ ଜାତୀୟତାବାଦୀ ଚନ୍ତାଧାରାକୁ ଗମ୍ଭୀର ଭାବରେ ଆହତ କରିଥିଲା । ମଧୁସୂଦନଙ୍କ ଅଭିଭାଷଣ ଯେନ ଭାରତର ସମ୍ବାଦପତ୍ରମାନ ସପକ୍ଷ ଓ ବପକ୍ଷରେ ହୋଇ ଉଠିଥିଲେ, ଶତମୁଖ ।

ପେ୍ରନ ସକାଲ ଡାକରେ ବହାରର ଜନନେତା, "ବନ୍ଦୁସ୍ଥାନ ଶତ୍ରୁ"ର ସମ୍ପାଦକ ସଚ୍ଚିଦାନନ୍ଦ ସିହ୍ନାଙ୍କଠାରୁ ଚିଠି ଆସିଥିଲା, ମଧୁସୂଦନଙ୍କ ମୋତହାରି—ଅଭିଭାଷଣର ପ୍ରତିକି୍ରୟା ସପର୍କରେ । ସଚ୍ଚିଦାନନ୍ଦ ଲେଖିଥିଲେ···

"I am enclosing here 3 cuttings from the three Bengali Dailies of Calcutta—The Mirror, The Patrika and the Bengalee. The two latter have assailed you for your views on Swadeshi. This was quite expected of them. I shall send you other cuttings in due course."

ମଧୁସୂଦନଙ୍କ ଭାଷଣରେ ଥିଲା ଯୁବମାନଙ୍କ ପ୍ରତି ସାସ୍କୃତିକ ଉତ୍ତୀବନ ପାଇଁ ଉଦ୍‌ବୋଧନ—

"ପାଶ୍ଚାତ୍ୟର ଯୋଗ୍ୟତା ଓ କୃତତ୍ୱ ସହିତ, ତୁମମାନଙ୍କୁ ମନରେ, ପ୍ରାଣରେ ଭାରତୀୟ ହେବା ପାଇଁ ପଡ଼ିବ । "You will be Indians with Western attainments, Orientals with occidental accomplishments."

ପ୍ରଗତି ଓ ସଂସ୍କୃତି କ୍ଷେତ୍ରରେ ସ୍ୱଦେଶୀ ବଦେଶୀର ମଧ୍ୟ ବସ୍ତୁର ରହିବା ଉଚିତ ନୁହେଁ । ପ୍ରଗତିଶୀଳ ପାଶ୍ଚାତ୍ୟର କୃତତ୍ୱ ଓ ମୂଲ୍ୟବୋଧରେ, ଭାରତକୁ ଉତ୍ତୀବିତ ହେବା ପାଇଁ ପଡ଼ିବ । ଏ କ୍ଷେତ୍ରରେ ବଦେଶୀ-ବର୍ଜନର ଧ୍ୱନି ଅତ୍ୟନ୍ତ ମାତ୍ମକ !

—ଏହାହିଁ ଥିଲା ମଧୁସୂଦନଙ୍କ ଭାଷଣର ସାରଭତ୍ତ ! ମଧୁସୂଦନ ଭାଷଣ ପ୍ରସଙ୍ଗରେ କହିଥିଲେ—

Digitized by srujanika@gmail.com

"× × × Unfortunately in regard to Swadeshism Mr. Das made observations which will be read with disappointment not unmixed with indignation all over the country. He said, 'I believe the Swadeshi has done a good deal more injury than good to the cause of indigenous industry in India. It was the convulsion of a misguided and feverish patriotism, and collapse is the sequel of convulsion. Do not be led away by mere impulses. Do not mistake potential capabilities for actual power available for practical work."

(ଦୁର୍ଭାଗ୍ୟବଶତଃ ସ୍ୱଦେଶୀ ସମ୍ପର୍କରେ ମଧୁସୂଦନ ଏପରି କେତେକ ମନ୍ତବ୍ୟ ପ୍ରକାଶ କରିଛନ୍ତି, ଯାହା ସମଗ୍ର ଦେଶରେ ନୈରାଶ୍ୟ ଓ ବିରକ୍ତି ସୃଷ୍ଟି କରିବ । ସେ କହିଛନ୍ତି— "ସ୍ୱଦେଶୀ ଫଳରେ ଦେଶରେ ସ୍ୱଦେଶୀ—ଶିଳ୍ପର ଅଭିବୃଦ୍ଧି ପରିବର୍ତ୍ତେ ଅଧିକତର କ୍ଷତି ସାଧିତ ହୋଇଅଛି ବୋଲି ମୋର ଧାରଣା । ବିପଥଗାମୀ ଦେଶାତ୍ମବୋଧର ଏହା ଏକ ବ୍ୟାଧିତ କମ୍ପନ ଓ ସ୍ୱଦେଶୀ ଶିଳ୍ପମାନଙ୍କର ବଳସ୍ୱ ଏହି କମ୍ପନର ସ୍ୱାଭାବିକ ପରିଣତି ମାତ୍ର ! କେବଳ ଝିଅାଲ୍ ଦ୍ୱାରା ପରିଚାଳିତ, ପ୍ରଭାବିତ ହୁଅ ନାହିଁ ! ସମ୍ଭାବିତ ପ୍ରଚ୍ଛନ୍ନ ଶକ୍ତିକୁ, ପ୍ରକୃତ କାର୍ଯ୍ୟକାରୀ ଶକ୍ତି ବୋଲି ଭୁଲ୍ କର ନାହିଁ ।)"

ମଧୁସୂଦନଙ୍କ ଏହି ମନ୍ତବ୍ୟର ତୀବ୍ର ସମାଲୋଚନା କରି ସାର୍ ସୁରେନ୍ଦ୍ରନାଥଙ୍କ ସମ୍ପାଦିତ "ଦ ବେଙ୍ଗଲି" ଲେଖିଥିଲେ·····

"Observations—like Mr. Das's do not indeed merit serious examination and can only be treated with the silence of contempt. The man who at this time of day can condemn a comprehensive and widespread movement having its origin in mere impulses and not in deeplying social forces is not entitled to a hearing."

(ମଧୁସୂଦନ ଦାସଙ୍କ ଏପରି ମନ୍ତବ୍ୟ ଗୁରୁତ୍ୱର ସହିତ ବିଚାରଯୋଗ୍ୟ ନୁହେଁ । ନୀରବରେ ଏହାକୁ ଉପେକ୍ଷା କରିଗଲେ ମଧ୍ୟ ଚଳିବ । ଆଜିର ଏହି ଦିନରେ, ବହୁ ପରିବ୍ୟାପ୍ତ ଓ ପ୍ରସାରିତ ସ୍ୱଦେଶୀ—ଆନ୍ଦୋଳନକୁ ଯିଏ କେବଳ ଝିଅାଲ୍ ପ୍ରଣୋଦିତ ବୋଲି ଆଖ୍ୟା ଦେଇ, ଗମ୍ଭୀରତର ସାମାଜିକ ଶକ୍ତି ମଧ୍ୟରେ ଏହାର ଉତ୍ସ ନିହିତ ନାହିଁ ବୋଲି ଆକ୍ଷେପ କରିପାରନ୍ତି, ତାଙ୍କ ବକ୍ତବ୍ୟ କର୍ଣ୍ଣପାତର ପୂତା ଅଯୋଗ୍ୟ ।)

"ଅମୃତ ବଜାର ପତ୍ରିକା" କିମ୍ବା "ଦ ବେଙ୍ଗଲି" ଠାରୁ ଆଉରି ହାତେ ଆଗେଇ ଯାଇଁ ମଧୁସୂଦନ ତାଙ୍କ ଅଭିଭାଷଣରେ ଜାତିଆଣ ପ୍ରଥାର ନିନ୍ଦା କରିଥିବାରୁ, ତାଙ୍କୁ ଭର୍ତ୍ସନା କରି, ଏକ ଅଗ୍ରଲେଖାରେ ଲେଖିଥିଲେ···

Digitized by srujanika@gmail.com

"× × We can not understand why the learned President in the course of his address flew off at a tangent and lectured the boys on the baneful influences of the caste-system × × × was it then fair of becoming on the part of Mr. Das to have allured the youths into such dangerous waters by his specious eloquence ?"

ଅଭିଭାଷଣ ପ୍ରସଙ୍ଗରେ ଜାତିଆଣ ପ୍ରଥାକୁ ସମାଲୋଚନା କରିଥିବା ହେତୁ, ମଧୁସୂଦନଙ୍କୁ ତୀବ୍ର ଭର୍ତ୍ସନା କରି "ଅମୃତ ବଜାର ପତ୍ରିକା" ଏପରି ଅଭିମତକୁ ଆଙ୍ଗ୍ଲୋ-ଇଣ୍ଡିଆନ୍ ଗୋଷ୍ଠୀର ମତାମତ ରୂପେ ସୁଦ୍ଧା ଉଲ୍ଲେଖ କରିଥିଲେ ।

କନ୍ତୁ "ଇଣ୍ଡିଆନ୍ ମିରର୍" ପତ୍ରିକା ମଧୁସୂଦନଙ୍କୁ ସମର୍ଥନ ଜଣାଇ ଲେଖିଥିଲେ—

"The Hon'ble Mr. Das's presidential speech in the Behari Students' Conference will be read with different feelings by different sections of the community. His denunciation of the "Swadeshi" rage for example, may be resented by the forward school of politicians. But Mr. Das spoke with the full support of facts. His espousal of the cause of the depressed classes and female education were quite to the point."

(ଦେଶର ବଭନ୍ନ ସମ୍ପ୍ରଦାୟ ବା ଗୋଷ୍ଠୀ, ବହାର୍ସ୍ଥ-ଗ୍ରନ୍ଥ-ସମ୍ମିଳନୀରେ, ମାନ୍ୟବର ଦାସଙ୍କ ସଭାପତି—ଅଭିଭାଷଣକୁ ବଭନ୍ନ ଦୃଷ୍ଟିକୋଣରୁ ବଭନ୍ନ ଭାବାବେଗରେ ପାଠ କରିବେ, ସନ୍ଦେହ ନାହିଁ । ତାଙ୍କ ଭାଷଣରେ ସ୍ୱଦେଶୀର ନନ୍ଦାବାଦ, ଅଗ୍ରଗାମୀ ରାଜନୈତିକ ବ୍ୟକ୍ତିମାନଙ୍କୁ ଆହତ କରିବା ସ୍ୱାଭାବିକ; କନ୍ତୁ ମିଷ୍ଟର ଦାସଙ୍କ ଭାଷଣ ଥିଲା ତଥ୍ୟଭିତ୍ତିକ । ଅନୁନ୍ନତ ସମ୍ପ୍ରଦାୟର ବିକାଶ ଓ ନାରୀଶିକ୍ଷାର ପ୍ରସାର ପାଇଁ ସେ ଯେଉଁ ସବୁ ଉଦ୍‌ବୋଧନ ଦେଇଛନ୍ତି; ତାହା ଅତ୍ୟନ୍ତ ସମୀଚୀନ ।)

ସ୍ୱଦେଶୀ ସମ୍ପର୍କରେ ମଧୁସୂଦନଙ୍କ ସମାଲୋଚନା ହୋଇପାରିଥାଏ ଅନମନୀୟ, ତଥ୍ୟଭିତ୍ତିକ ଓ ହେତୁବାଦୀ, ମାତ୍ର ତାହାକୁ ସେ ବେଳର ଆବେଗ ପ୍ରବଣ ରାଜନୈତିକ ପୃଷ୍ଠ ଭୂମିରେ, ଅଉରଙ୍ଗଜେବ ରାଜତନ୍ତ୍ର ରୂପେ ଭୁଲ୍ ବୁଝିବା ପାଇଁ ଯଥେଷ୍ଟ ଅବକାଶ ରହିଥିଲା । ଏକ ବଳିଷ୍ଠ ବଳ୍ପନାରେ ସ୍ୱଦେଶୀ ଭାବନା ଓ କର୍ମଯୋଜନାର ଅଗ୍ରପାରିଥୀ ମଧୁସୂଦନ, ସ୍ୱଦେଶୀର ବିରୋଧୀ ରୂପେ ପରିଗଣିତ ହୋଇ ପଡ଼ିଲେ ଏହି କାରଣରୁ । ୧୯୧୭ ସାଲ କଂଗ୍ରେସ ଅଧିବେଶନ ପରଠାରୁ, ଜାତୀୟ କଂଗ୍ରେସ ସହିତ ମଧୁସୂଦନଙ୍କ ସମ୍ପର୍କ ପୂର୍ଣ ସୁଦୂର ହୋଇ ପଡ଼ିଲା । କନ୍ତୁ ରାଜନୈତିକ ଭାବଧାରା ପୂର୍ଣ ପ୍ରବୃତ୍ତି ଦୃଷ୍ଟିରୁ କଂଗ୍ରେସ ଯେ ସେଦିନ ମଧୁସୂଦନଙ୍କଠାରୁ ବିଶେଷ ଦୂରବର୍ତ୍ତୀ ଥିଲା—ସେପରି କଦାପି କୁହାଯାଇ ନ ପାରେ । ବରଂ ମଧୁସୂଦନଙ୍କ ଚିନ୍ତାଧାରା ଓ କର୍ମଯୋଜନା ଥିଲା ଅଧିକ ଗଠନମୂଳକ ।

Digitized by srujanika@gmail.com

ସପ୍ତମ ପରିଚ୍ଛେଦ

(ଏକ)

—"ଆଲ୍‌ହାବାଦ୍‌ର 'ଲିଡ଼ର'ରେ ସେଇ ସମ୍ବାଦଟା ଦେଖିଛନ୍ତ ମିଷ୍ଟର ଦାସ ?"
—"ଷ୍ଟାର-ଅଫ୍-ଉତ୍କଳ"ର ସମ୍ପାଦକ କ୍ଷୀରୋଦ ରସ୍ମ ଚୌଧୁରୀ, ମଧୁସୂଦନଙ୍କ ବୈଠକଖାନାକୁ ଆସିବା ମାତ୍ରେ ପ୍ରଶ୍ନ କଲେ ଉତ୍ସୁକିତ କଣ୍ଠରେ । *

ମଧୁସୂଦନ ଉତ୍ତର ଦେଲେ—"ଲିଡ଼ର୍ ତ ଦେଖି ନାହିଁ, କନ୍ତୁ ସେଇ ସମ୍ବାଦଟା, ଯେଉଁ କଥା କହୁଛ—ତୁମ 'ଷ୍ଟାର-ଅଫ୍-ଉତ୍କଳ'ରେ ପ୍ରକାଶ ପାଇଥିବା ଦେଖିଛୁ ।" ... "ଲିଡ଼ର୍"ରେ ପ୍ରକାଶ ପାଇଥିଲା, ଇମ୍ପିରିଆଲ୍-କାଉନ୍‌ସିଲ୍‌କୁ ମଧୁସୂଦନ ନିର୍ବାଚିତ ହେଇଥିବାର ସମ୍ବାଦ ।

କ୍ଷୀରୋଦ ରସ୍ମ କହିଲେ—"ଇମ୍ପିରିଆଲ୍ କାଉନସିଲ୍‌ରେ ଏ ପର୍ଯ୍ୟନ୍ତ ମର୍ଲେ-ମିଣ୍ଟୋ-ରିଫର୍ମସ୍ ଅନୁସାରେ, ବଙ୍ଗ-ବିହାର-ଓଡ଼ିଶାର ପ୍ରତିନିଧିତ୍ୱ କରୁଥିଲେ, ଉପେନ୍ଦ୍ରନାଥ ବସୁ ଆଉ ସଚ୍ଚିଦାନନ୍ଦ ସିଂହ । ଏ ପରିସ୍ଥିତିରେ କାଉନସିଲ୍‌ରେ, ପ୍ରଥମ ଓଡ଼ିଆ ପ୍ରତିନିଧି ରୂପେ ଆପଣ ଓଡ଼ିଶାର ପ୍ରତିନିଧିତ୍ୱ କରିବା ଓଡ଼ିଶା ପକ୍ଷରେ କମ୍ ସୌଭାଗ୍ୟର ବିଷୟ ହେବ ନାହିଁ ।"

ସେଥର ମଧୁସୂଦନଙ୍କ ବ୍ୟତୀତ ବିହାରରୁ ଅନ୍ୟ ଦୁଇଜଣ କାଉନସିଲ୍‌କୁ ମଧ୍ୟ ନିର୍ବାଚିତ ହୋଇଥିଲେ—ମହମ୍ମଦ କୁନରୁଲ ହୁଦା ଓ ଝିକାଗଡ଼ର ମହାରାଜ କୁମାର । ଏମାନଙ୍କ

---

* "ଷ୍ଟାର-ଅଫ୍-ଉତ୍କଳ"ର ତା ୨୩ । ୧୧ । ୧୯୨୨ ଖଣ୍ଡ ସଂଖ୍ୟାରେ "ଲିଡ଼ର୍"ର ପୂର୍ବୋକ୍ତ ସମ୍ବାଦଟି ଉଦ୍ଧୃତ ହୋଇଥିଲା...

"Our information however is that it is probable that Mr. M. S. Das, C. I. E. of Cuttack, the foremost commissioner of Orissa will be elected by the non-official Members of the Bihar and Orissa Legislative Council. Nothing can be urged against the election of Mr. M. S. Das, who had experience as a Member of the old and new conditions."

Digitized by srujanika@gmail.com

ବ୍ୟଗ୍ର, ସେତେବେଳେ କାଉନସିଲ୍‌ରେ ଅନ୍ୟ ବଶିଷ୍ଟ ପ୍ରତନଧିମାନେ ଥଲେ—ବଙ୍ଗଳାରୁ ସୁରେନ୍ଦ୍ରନାଥ ବାନାର୍ଜ୍ଜି, ଉତ୍ତର-ପ୍ରଦେଶରୁ ପଣ୍ଡିତ ମଦନମୋହନ ମାଲବ୍ୟ, ମାଦ୍ରାଜରୁ ପି. ବଜସ୍ୱ ଘୁଦ୍ଦବାଗ୍ଭରଅର୍, ବମ୍ବେରୁ ଗୋପାଲକୃଷ୍ଣ ଗୋଙ୍ଖଲେ ଓ ମହମ୍ମଦ ଅଲ୍ଲୀ ଜନ୍ନା। କାଉନସିଲ୍‌ର ଅଧଷ ଥଲେ ସ୍ୱୟଂ ଘାଇସରସ୍ୱ ଲର୍ଡ ହାର୍ଡିଞ୍ଜ୍।

ମଧୁସୂଦନ କହିଲେ—"ଏଥିପାଇଁ ପ୍ରକୃତରେ ଯଦି କାହାକୁ ଧନ୍ୟବାଦ ଦେବା କଥା ତାହେଲେ ସେ ହେଉଛନ୍ତି ସଚ୍ଚିଦାନନ୍ଦ ସିଂହ। ବଙ୍ଗଳା-କାଉନ୍‌ସିଲ୍‌ରୁ ୧୯୧୦ ସାଲ୍‌ରେ ସେ ଇମ୍ପିରିଆଲ୍-କାଉନସିଲ୍‌କୁ ପ୍ରତଦ୍ୱନ୍ଦ୍ୱତା କରବାକେଲେ, ମୁଁ ତାଙ୍କୁ ସେଥିରେ ସାହାଯ୍ୟ କରଥିଲି। ଏଥର ମଧ୍ୟ ସେ ବହାର-ଓଡ଼ିଶା କାଉନସିଲ୍‌ରୁ ପ୍ରତଯୋଗିତା କରବା ପାଇଁ ପ୍ରସ୍ତୁତ ହେଉଥିଲେ। କନ୍ତୁ ଇମ୍ପିରିଆଲ୍ କାଉନସିଲ୍‌କୁ ଯିବା ପାଇଁ ମୁଁ ଇଚ୍ଛା ପ୍ରକାଶ କରବାରୁ, ସେଥିରୁ ସେ ଓହରି ଗଲେ। ତା ନହେଲେ ମୋର ଇମ୍ପିରିଆଲ୍ କାଉନସିଲ୍‌କୁ ଯିବାର କୌଣସି ସମ୍ଭାବନା ନ ଥିଲା।" *

୧୯୧୩ ସାଲ ଜାନୁଘାରୀ ୨୭ ତାରଖ ଦନ ଇମ୍ପିରିଆଲ-କାଉନସିଲ୍‌ରେ ମଧୁସୂଦନ ସଭ୍ୟ ରୂପେ ଶପଥ ଗ୍ରହଣ କରଥିଲେ। ଓଡ଼ିଶାର ଅନ୍ୟାନ୍ୟ ସବୁ କ୍ଷେତ୍ର ପର ପ୍ରଦେଶ ଠାରୁ କେନ୍ଦ୍ର ପର୍ଯ୍ୟନ୍ତ ନବାଚତ ଲେକପ୍ରତନଧିତ୍ୱ କ୍ଷେତ୍ରର ମଧ୍ୟ ମଧୁସୂଦନ ଥଲେ ଅଗ୍ରସୂଘ।

ବୈଧାନକତାର ଇତହାସରେ ମଧୁସୂଦନ ଥଲେ ଓଡ଼ିଶାର ସଂପ୍ରଥମ ଲେକନଂାଚତ ପ୍ରତନଧି। ୧୯୧୩ ସାଲ ଠାରୁ ୧୯୧୬ ସାଲ ପର୍ଯ୍ୟନ୍ତ, ମଧୁସୂଦନ ଇମ୍ପିରିଆଲ୍ ଲେଜସଲେଟିଭ କାଉନସିଲ୍‌ରେ ସଭ୍ୟ ରହିଥିଲେ। ଏହି ସଷିପ୍ତ କାର୍ଯ୍ୟକାଳ ମଧ୍ୟରେ, ଇମ୍ପିରିଆଲ କାଉନସିଲ୍‌ର ପ୍ରାସ୍ୱ ପ୍ରତ୍ୟେକ ଉଲ୍ଲେଖଯୋଗ୍ୟ ବତର୍କରେ ମଧୁସୂଦନ ତର୍କ-କୁଶଳତା, ବାଗ୍ମୀତା ଓ ଚନ୍ତାଶୀଳତାର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଯାଇଛନ୍ତି। ତାଙ୍କ ଭାଷଣରେ ଉଚ୍ଚ୍ୱସିତ ପ୍ରଗଲ୍‌ଭତା ନଥିଲା। ସେସବୁ ଥିଲା ଯେପର ତଥ୍ୟଭତ୍ତିକ, ସେହିପର ଯୁକ୍ତନିଷ୍ଠ। ମଧୁସୂଦନ ଘୁଜନୈତକ ଚନ୍ତା ଓ ଆଦର୍ଶରେ ଥଲେ ସମ୍ବିଧାନବାଦୀ—ବ୍ରିଟିଶ ଡୋମିନିଅନ୍‌ର ସାମ୍ବିଧାନକ ପରସର ମଧ୍ୟରେ ଘରତର ଆତ୍ମପ୍ରତଷ୍ଠା ତାଙ୍କର ଲକ୍ଷ୍ୟ ଥିଲା। ସେ ବେଳର ଅନ୍ୟ କାତୀସ୍ୱତାବାଦୀ, ଉଦାରପନ୍ଥୀ ଘୁଜନୈତକ ନେତା ଓ ଚନ୍ତକ ମାନଙ୍କ ପର ମଧୁସୂଦନ ବ୍ରିଟିଶ ଶାସନ ପ୍ରତ ଅନୁରକ୍ତ ଥଲେ। ବ୍ରିଟିଶ ଶାସନର ପରସର ମଧ୍ୟରେ ଘରତ ତାହାର ଘୁଜନୈତକ ଲକ୍ଷ୍ୟ ସାଧନ କର ପାରବ—ଏଥିରେ ତାଙ୍କର ସନ୍ଦେହ ନଥିଲା। ପ୍ରସଙ୍ଗତଃ ଏଠାରେ ଉଲ୍ଲେଖ

* ସଚ୍ଚିଦାନନ୍ଦ ସିଂହ (ପବ୍‌ଲକେସନ୍ ଡିଭିଜନ୍—ପୃ. ୬୫)

Digitized by srujanika@gmail.com

କରିଯାଇପାରେ, ତାହାହିଁ ଥିଲା ସେତେବେଳର ରାଜନୈତିକ ଚଳାଧାରାର ଏକ ସ୍ପଷ୍ଟ ଆଭମୁଖ୍ୟ । ତଥାପି ବ୍ରିଟିଶ ଶାସନର ନାନା ଗତ ଓ ଦୁର୍ଗତ ପ୍ରତି ତୀବ୍ର ଆକ୍ଷେପ ଓ ସମାଲୋଚନା ପାଇଁ ମଧୁସୂଦନ କଦାପି କୁଣ୍ଠିତ ନଥିଲେ ।

୧୯୧୪ ସାଲରେ, ସରକାର ପ୍ରେସ୍ ଆକ୍ଟ (୧୯୧୦)ରେ ଏକ ସଂଶୋଧନ ଆଣି, ଏହାକୁ କଠୋରତର କରିବା ଅଭିପ୍ରାୟରେ କାଉନସିଲ୍‌ରେ ଏକ ପ୍ରସ୍ତାବ ଆଣିଥିଲେ । ଆଲୋଚନା ପ୍ରସଙ୍ଗରେ ପ୍ରେସ୍-ଆକ୍ଟର ପ୍ରଯୋଗବଧି ଓ ଏହାର ଅର୍ଥ ଅର୍ଥାନ୍ତରରେ ବସ୍ତୁର ବସ୍ତୁଗର କୌଣସି ପ୍ରକାର ନିସ୍ପତ୍ତି ନରଖିବା ଉଦ୍ଦେଶ୍ୟରେ ବ୍ୟବସ୍ଥା ହେବା ଉଚିତ ବୋଲି, ସରକାଙ୍କ ପକ୍ଷରୁ ଦାବୀ ହୋଇଥିଲା । କିନ୍ତୁ ଏହାର ତୀବ୍ର ବିରୋଧ କରି ମଧୁସୂଦନ କହିଥିଲେ...''କେତେକ ବିଶେଷ ପରିସ୍ଥିତିରେ ବସ୍ତୁଗତସ୍ୱମାନଙ୍କର ପରସର ବହିର୍ଭୂତ, କେତେକ ବିଶେଷ କ୍ଷମତା ଆହରଣ କରିବା ସରକାରଙ୍କ ପକ୍ଷରେ ନିତାନ୍ତ ଆବଶ୍ୟକ ପଡ଼ିପାରେ । × × ସେ ପ୍ରକାର ପରିସ୍ଥିତିରେ ସରକାର ଦେଶରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ସୁଶାସନ ପାଇଁ ସେପରି କ୍ଷମତା ପ୍ରଯୋଗ କରିପାରନ୍ତି । ସେଥିପାଇଁ କିନ୍ତୁ ବିଧାନ ସଭାରେ ଆଇନ ପ୍ରଣୟନ କରିବାର ପ୍ରଯୋଜନ ନାହିଁ । ସରକାର ଯଦି ଏପରି କ୍ଷମତା ଆହରଣ ପାଇଁ ବିଧାନ ସଭାର ଅନୁମୋଦନ ଆଶା କରନ୍ତି; ତାହେଲେ ବିଧାନସଭାରେ ଗୃହୀତ ବ୍ୟବସ୍ଥାର ଆଇନସମ୍ମତ ଅର୍ଥ-ନିଷ୍ପତ୍ତି ଓ ଅର୍ଥାନ୍ତର ପ୍ରତିଲତ ପରମ୍ପରାନୁସାରୀ ହେବା ଆବଶ୍ୟକ ।'' ମଧୁସୂଦନ ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ.....

"× × × But when the Executive government, which takes the initiative in every piece of legislation, comes to the Legislative Department and takes its arms from the armoury of legislature, then certainly the provisions of the Act, which arms the Government with the power must be interpreted according to accepted rules of interpretation and construction."

୧୯୧୪ ସାଲର ରାଜନୈତିକ ପରିସ୍ଥିତିରେ ଜଣେ ଜଣେ ସମାଲୋଚକ ମାନଙ୍କର ଏହାହିଁ ଥିଲା ଭାଷାନ୍ତର । ଏଥିରେ ଚରମପନ୍ଥୀ ବିରୋଧର ପ୍ରଖର ସ୍ୱର ବା ତୀବ୍ର ଝଙ୍କାର ଅବଶ୍ୟ ନଥିଲା; କିନ୍ତୁ ଯୁକ୍ତି ଓ ପ୍ରାସଙ୍ଗିକତା ଦୃଷ୍ଟିରୁ ଏ ପ୍ରକାର ସମାଲୋଚନା ଥିଲା ଯେପରି ବଳିଷ୍ଠ ଓ ପ୍ରଭାବକ, ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ।

ଇମ୍ପିରିଆଲ କାଉନସିଲ୍‌ରେ ମଧୁସୂଦନଙ୍କ ଆଦ୍ୟ ଅନୁଭୂତି ମୋଟେଇ ପ୍ରୀତି-ପ୍ରଦ ନଥିଲା । ସରକାରଙ୍କ କମର୍ସ-ମେମ୍ବର (ବାଣିଜ୍ୟ ମନ୍ତ୍ରୀ) ମିଷ୍ଟର କ୍ଲାର୍କ୍, ଭାରତୀୟ ବାଣିଜ୍ୟଓ ଉଦ୍ୟୋଗାନୁଷ୍ଠାନ ମାନଙ୍କର ପରିସ୍ଥିତିକୁ ଆଇନଗତ ଭିତ୍ତିରେ ନିୟୋଜିତ କରିବା ଅଭିପ୍ରାୟରେ କାଉନସିଲ୍‌ରେ ଆଣିଥିଲେ, ଇଣ୍ଡିଆନ୍-କମ୍ପାନିଜ୍-ବିଲ୍ । ମଧୁସୂଦନ

Digitized by srujanika@gmail.com

ସଭ୍ୟତୂପେ ଶପଥ ଗ୍ରହଣ କରିବାର ସ୍ମରଣ ପରେ, ଏହି ବଲ୍ ଆନ୍ଥେଚଡ ହେବା ପାଇଁ କାଉନସିଲ୍‌ର କର୍ମସୂଚୀରେ ସ୍ଥାନ ପାଇଥିଲା । କନ୍ତୁ ଏ ବଲ୍‌ର କେତେକ ବ୍ୟବସ୍ଥା ଓଡ଼ିଶା ପରି ଅନଗ୍ରସର ଅଞ୍ଚଳମାନଙ୍କ ପ୍ରତି ଲାଗୁ କରୁଗଲେ, ଦେଶୀୟ ଉଦ୍ୟମରେ ବାଣିଜ୍ୟ ଓ ଉଦ୍ଯୋଗର ସଙ୍ଗଠନ ବାଧାପ୍ରାପ୍ତ ହେବ ବୋଲ ଓଡ଼ିଶା ଆସୋସିଏସନ୍ ବା ଉତ୍କଳ ସଭା ପକ୍ଷରୁ ମଧୁସୂଦନ କଃକରୁ ଏକ ସ୍ମାରକପତ୍ର ସରକାରଙ୍କ ନକଃକୁ ପଠାଇଥିଲେ । ମିଷ୍ଟର କ୍ଲାର୍କ ସେଦନ ଓଡ଼ିଶା-ଆସୋସିଏସନ୍‌ର ଏହି ଆପତ୍ତି ବା ପ୍ରତିବାଦ ପ୍ରତି ଆକ୍ଷେପ ହାଣି କହିଥିଲେ···"ଓଡ଼ିଶାର ନୈସର୍ଗିକ ଅରଣ୍ୟକୁଞ୍ଜ ମଧରେ ସୁଦ୍ଧା ପରସ୍ଥିତ ନଗ୍ନପଦ ନୁହେଁ । ସେଠାରେ ଏପରି ଦସ୍ୟୁ ଦରାବାଜ ମଧ୍ୟ ରହିଛନ୍ତି, ଯେଉଁମାନେ ନଗ୍ନ ଜନସାଧାରଣଙ୍କୁ ନିର୍ବିଘ୍ନରେ ଲୁଣ୍ଠନ କରିବା ସମ୍ଭବ ; ଏ ବଲ୍‌ର କେତେକ ନସ୍ତନ୍ତ୍ରଣମୂଳକ ବ୍ୟବସ୍ଥା ଅପେକ୍ଷା ସେପରି ଲୁଣ୍ଠନ, ଓଡ଼ିଶାର ଔଦ୍ୟୋଗିକ ବକାଶ ପକ୍ଷରେ ଯେ ଅଧିକତର ପ୍ରତିବନ୍ଧକ ସୃଷ୍ଟି କରିବ, ଏହା ନଃସନ୍ଦେହ । ···ମୁଁ ଦୁଃଖିତ, ଓଡ଼ିଶା-ଆସୋସିଏସନ୍‌କୁ ନଗ୍ରଶ ହୋଇ ଫେରିବା ପାଇଁ ପଡ଼ିବ ।"

ମିଷ୍ଟର କ୍ଲାର୍କ୍‌ଙ୍କ ଭାଷାରେ···"But society is not yet perfect, even in the Arcadian groves of Orissa, there are rogues probably and swindlers who are able to rob the ignorant with impunity and are a far greater impediment to industrial progress than the trivial amount of trouble and expense in complying with formalities, imposed by the Bill..... I fear the Orissa Association must go disappointed."

କ୍ଲାର୍କ୍‌ଙ୍କ ଉତ୍ତର ପରେ ସେଦନ କାଉନସିଲ୍ ଗୃହରୁ ମଧୁସୂଦନ କେବଳ ନଗ୍ରଶ ନୁହେଁ, ମର୍ମାହତ ହୋଇ ମଧ୍ୟ ଫେରିଥିଲେ । କନ୍ତୁ ଓଡ଼ିଶା ପ୍ରତି ମିଷ୍ଟର କ୍ଲାର୍କ୍‌ଙ୍କର ଅନୁଦାର ଓ ଅଶୋଭନୀୟ ଆକ୍ଷେପର ଜ୍ୱାଳା ମଧୁସୂଦନ ଭୁଲି ନଥିଲେ; କମ୍ବା କ୍ଷମା ମଧ୍ୟ ଦେଇ ନ ଥିଲେ ।

ଦୁଇମାସ ପରେ, ମାର୍ଚ୍ଚ ମାସ ୭ ତାରିଖ ଦିନ କାଉନସିଲ୍‌ରେ ଭାଷଣ ଦେବା ପାଇଁ ମଧୁସୂଦନଙ୍କୁ ମିଳିଥିଲା ଆଉ ଏକ ସୁଯୋଗ । ବହାର-ଓଡ଼ିଶାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ବକାଶ ପାଇଁ ଅଧିକତର ପରମାଣରେ ଆର୍ଥିକ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ମଧୁସୂଦନ ଏକ ବେସରକାରୀ ପ୍ରସ୍ତାବ ଆଗତ କରିଥିଲେ । ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସହିତ ମିଷ୍ଟର କ୍ଲାର୍କ୍‌ଙ୍କର ଅବଶ୍ୟ କୌଣସି ସମ୍ପର୍କ ନ ଥିଲା । କନ୍ତୁ ସେହି ଅବକାଶରେ ମଧୁସୂଦନ ସେଦନ, ସମୂଳ ସୁଧରେ ମିଷ୍ଟର କ୍ଲାର୍କ୍‌ଙ୍କୁ ପରଶୋଧ କରିଥିଲେ, ଓଡ଼ିଶା ପ୍ରତି ଅକାରଣ ଲାଞ୍ଛନା ଓ ଆକ୍ଷେପର ଦାନ ! ମଧୁସୂଦନ କହିଥିଲେ, ଓଡ଼ିଶାର ସେହି ଶାନ୍ତ ଅରଣ୍ୟମାନଙ୍କରେ ଅରଣା (rogue) ହାଡ଼ମାନେ ରହିଛନ୍ତି, ସନ୍ଦେହ ନାହିଁ । କନ୍ତୁ ମାନ୍ୟବର ସଦସ୍ୟ (ମିଷ୍ଟର କ୍ଲାର୍କ୍) କେବେ

Digitized by srujanika@gmail.com

ଯଦି ମୃଗୟା-ବିଳାସରେ ସେଇ ଅରଣ୍ୟ କୁଞ୍ଜମାନଙ୍କୁ ଯାଆନ୍ତି, ତାହେଲେ ସେଇ ଅରଣ୍ୟ ଦନ୍ତୀକୁଳମାନଙ୍କର ଆକ୍ରମଣରେ ତାଙ୍କର ଜୀବନ ଯୁଏତ ବିପନ୍ନ ହୋଇପାରେ । କିନ୍ତୁ ତାଙ୍କର ପକେଟ୍‌ଟି ରହିବ ନିରାପଦ । ମାନ୍ୟ ଲଣ୍ଡନ୍‌ର ପିକାଡ଼ିଲ୍ଲି-ସରକସ୍‌ରେ ପରିସ୍ଥିତ ଔଲଟ୍‌—, ଜୀବନ ସେଠାରେ ଯୁଏତ ନିରାପଦ ରହିପାରେ, ମାନ୍ୟ ପକେଟ୍ ଖାଲି ହୋଇଯିବ, ପକେଟମାର୍‌ମାନଙ୍କର ହାତ ସଫେଇରେ ।

ମଧୁସୂଦନଙ୍କ ଭାଷାରେ···"Had the Hon'ble Member acquainted himself with facts showing to what extent and with what result the Indian Companies Act has been worked in Orissa, he would have come to a different conclusion. No doubt, there are rogue elephants in the jungles of Orissa. If the Hon'ble Member ever visits those Arcadian groves on a sporting excursion, he may find his life in danger, from those rogue elephants, but the contents of his pocket will be safer than they would be in Picadilly Circus". ଶାସନ ନାମରେ ସୌଦାଗର୍ଦ୍ଦୀ ବ୍ରିଟିଶ ଉପନିବେଶବାଦର ଶୋଷଣ ଓ ଲୁଣ୍ଠନ ପ୍ରତି ଏଥିରେ ଯେଉଁ ତୀବ୍ର ବ୍ୟଙ୍ଗୋକ୍ତି ଓ ଆକ୍ଷେପ ପ୍ରଚ୍ଛନ୍ନ ରହିଥିଲା, ତାହାର ଜ୍ୱାଳା ସେଦିନ କେହି ଯଦି ମର୍ମାନ୍ତିକ ଭାବରେ ଉପଲବ୍ଧି କରିଥିଲେ, ତାହେଲେ ସେ ଥିଲେ ପିକାଡିଲ୍ଲି ସର୍କସ୍‌ର ପ୍ରତିନଧି ସ୍ୱୟଂ ମିଷ୍ଟର୍ କ୍ଲାର୍କ୍ ।

ପ୍ରତ୍ୟୁତ୍ତର ଓ ବ୍ୟଙ୍ଗୋକ୍ତିରେ ମଧୁସୂଦନ ଥିଲେ ଅପ୍ରତିରୋଧ । ତାଙ୍କୁ ଆଘାତ କରି, କେହି ନିଜେ ଅନାହତ ରହିବା ସମ୍ଭବ ନଥିଲା ।

ମଧୁସୂଦନ କେତେକାଂଶରେ "ରାଜଭକ୍ତ" (loyal) ଥିଲେ, ସନ୍ଦେହ ନାହିଁ । ସେଦିନ ଜାତୀୟ-କଂଗ୍ରେସ ମଞ୍ଚରୁ ପୁରା ବ୍ରିଟିଶ ରାଜଶକ୍ତି ପ୍ରତି ଆନୁଗତ୍ୟର କମ୍ ଉଦ୍‌ଘୋଷଣା ପ୍ରକାଶ ପାଉ ନ ଥିଲା । କିନ୍ତୁ ରାଜଭକ୍ତି ସତ୍ତ୍ୱେ ରାଜଶକ୍ତିର କଠୋର ସମାଲୋଚନା ଓ ସାମ୍ବିଧାନିକ ବିରୋଧ ପାଇଁ ମଧୁସୂଦନ କଦାପି କୁଣ୍ଠିତ ନଥିଲେ । ୧୯୧୩ ସାଲ ମାର୍ଚ୍ଚ ୬୫ ତାରିଖ ଦିନ, କାଉନସିଲ୍‌ରେ ମଧୁସୂଦନଙ୍କ ବକ୍ତୃତା-ଭାଷଣ ଶୋଷଣପୁଷ୍ଟ ବ୍ରିଟିଶ ରାଜଶକ୍ତି ପ୍ରତି ଥିଲା ଏକ ପ୍ରଚଣ୍ଡ ଆଘାତ । ବ୍ରିଟିଶ ଶାସନରେ ଭାରତରେ ଶିଳ୍ପବାଣିଜ୍ୟର କିପରି ଚରମ ଅଧୋଗତି ଘଟିଛି ତାହା ଆଲୋଚନା କରି ମଧୁସୂଦନ କହିଥିଲେ :

"As a study of the history of the past has led the people to believe that the decadence, decline and the present wretched condition of the industries in India, are due to a great extent to the insalutary influence of the British rule.....That is the

Digitized by srujanika@gmail.com

feeling of the weaver, who has taken to the plough leaving his loom, that is the feeling of the artisan, whose hand stands paralysed to-day, that is the feeling of the artisan's son, who took to English education, with a view to get employment as a clerk, but failed to secure such employment, that is the feeling of an oldman (referring to himself) who has associated intimately with the artisans, during the last quarter of a century and has noticed their struggle for existence. I do not wish to go into the details as to how and under what circumstances British influence exercised an insalutary influence over Indian industries.....That may lead me to exhume the bones of people in authority who exercised their influence and position and authority to bring about injury to the interests of India and such dead bones turn living human beings into dogs."

ମଧୁସୂଦନ ଚନ୍ଦ୍ରା ଓ ଜୀବନାରେ ଲକ୍ଷ୍ୟଭ୍ରଷ୍ଟ ଥିଲେହେଁ, ତାଙ୍କର ଅର୍ଥନୈତିକ ଚନ୍ଦ୍ରାଧାରାର ପରସର ଥିଲ ସୁଦୂରପ୍ରସାରୀ ଓ ବୈପ୍ଲବିକ ଜୀବନରେ ମୌଳିକ । ବ୍ରିଟ୍ରାପୃତ୍ତ ଉଦ୍ୟୋଗ ଓ ଅର୍ଥନୀତିର ଉତ୍ତୁ ଜୀବନ୍ତରେ କ୍ଷୀଣତମ କଣ୍ଠରେ ଉଚ୍ଚାରିତ ହେବାର ବହୁ ପୂର୍ବରୁ ପୂତ୍ତା, ଜୀବନ୍ତପ୍ତ ରେଲପଥକୁ ବ୍ୟଙ୍ଗଚିତ ପରସ୍ପଳନା ଓ ମାଲ୍ଲକାନାରୁ ମୁକ୍ତ ରଖି, ତାହାକୁ ବ୍ରିଟ୍ରାସ୍ପତ୍ତ କରିବା ପାଇଁ ମଧୁସୂଦନ କାଉନସିଲ୍‌ରେ ଦାବୀ କରିଥିଲେ । ଜନସାଧାରଣଙ୍କ ପୂଖ ସ୍ୱାଚ୍ଛନ୍ଦ୍ୟ ବା ଜନକଲ୍ୟାଣ ବସ୍ତୁରକୁ ନେବା ବେଳେ କେବଳ ଆର୍ଥିକ ଲାଭ କ୍ଷତିର ବସ୍ତୁର ଏକମାତ୍ର ନିୟାମକ ହେବା ଉଚିତ ନୁହେଁ—ଏହା ଥିଲ ମଧୁସୂଦନଙ୍କ ଯୁକ୍ତି । ମଧୁସୂଦନ କହିଥିଲେ.....

"I ask Sir, is the Railway system in India, to be managed merely on the grounds of profit and loss ? Is it actually a commercial business ? Have the Railways no other purpose to serve ? We have been told that to remove the present system of management would kill competition. Is the management of Railways in India to be thrown open to world competition ? What would be if a German Company undertakes to work it on cheapest lines ? Sir, mere financial considerations should not outweigh other considerations, for which it is the duty of the State to maintain Railways. The dominant motive ought to be something other than commercial. We have had experience of commercial motive dominating over other more

Digitized by srujanika@gmail.com

important motives, in the care of the East India Company and we know, how objects of a nobler nature, which are more befitting the position of a Government were sacrificed to commercial motives."

ଜିଲ୍ଲାବୋର୍ଡ଼ ଓ ମ୍ୟୁନସିପାଲଟୀମାନଙ୍କୁ ଅମଲଦାରୀ ନିୟନ୍ତ୍ରଣରୁ ମୁକ୍ତ କରି, ସ୍ୱାୟତ୍ତଶାସନର ଯଥାର୍ଥ ଭିତ୍ତିରେ ଏହି ଅନୁଷ୍ଠାନମାନଙ୍କର ସଙ୍ଗଠନ, ମଧୁସୂଦନଙ୍କ ରାଜନୈତିକ ଜୀବନର ଅନ୍ୟ ଏକ ପ୍ରଧାନ କାର୍ଯ୍ୟକ୍ରମ ଥିଲା । ଜିଲ୍ଲାବୋର୍ଡ଼ ଓ ମ୍ୟୁନସିପାଲଟୀ-ମାନଙ୍କ ପାଇଁ ନିର୍ବାଚିତ ଚେୟାରମାନ୍ ପ୍ରଥା ଦାବୀ କରି ୧୯୧୪ ସାଲ ମାର୍ଚ୍ଚ ୧୯ ତାରିଖ ଦିନ ମଧୁସୂଦନ ଇମ୍ପିରିଆଲ୍ କାଉନସିଲ୍‌ରେ ଭାଷଣ ପ୍ରସଙ୍ଗରେ କହିଥିଲେ···

"These District Boards send their elected representatives to the Council, yet in District Boards standing mid-way between the Provincial Councils and Local Boards have not the power to elect their own Chairman. As a matter of fact, the Vice-Chairman very often does the duty and while he actually takes the burden of work, the Chairman, the Magistrate gets the credit for it and it is not likely that non-official gentlemen will find sufficient inducement to take up the work."

ଏହାପରି ତାତ୍ତ୍ୱିକ ରାଜନୈତିକ ପ୍ରସଙ୍ଗ ବ୍ୟତୀତ, ଓଡ଼ିଶାର ବିଶେଷ ସ୍ୱାର୍ଥ ଓ ସମସ୍ୟା ସମ୍ପର୍କିତ ପ୍ରଶ୍ନ, କାଉନସିଲ୍‌ରେ ଉତ୍ଥାପନ କରିବାରେ ମଧୁସୂଦନ ଶତମୁଖ ଥିଲେ । ପୁରୀ, ଫଲସ୍-ପଏଣ୍ଟ ଓ ବୃନ୍ଦାବାଲ୍ଲା ବନ୍ଦରମାନ ସେତେବେଳେ ଜମେ ଅକାମୀ ହୋଇ ପଡୁଥିବା ହେତୁ, ବୃନ୍ଦାବାଲ୍ଲ ଓ ଧାସଘ ମୁହାଣର ସର୍ଫସ୍-ଆଇଲଣ୍ଡ୍‌ର ମଧ୍ୟବର୍ତ୍ତୀ କୌଣସି ଏକ ସ୍ଥାନରେ, ଗୋଟିଏ ନୂତନ ବନ୍ଦର ନିର୍ମାଣ ପାଇଁ, ମଧୁସୂଦନ ୧୯୧୩ ସାଲ ମାର୍ଚ୍ଚ ୮ ତାରିଖ ଦିନ, କାଉନ୍ସିଲ୍‌ରେ ଏକ ପ୍ରସ୍ତାବ ଆଗତ କରିଥିଲେ । ମଧୁସୂଦନ ଏହି ପ୍ରସ୍ତାବ ଆଗତ କରି ଭାଷଣ ପ୍ରସଙ୍ଗରେ କହିଥିଲେ...."ଓଡ଼ିଶାରେ ବର୍ତ୍ତମାନ ଚାରିଗୋଟି ବନ୍ଦର ରହିଛୁ । ପୁରୀ, ଫଲସ୍-ପଏଣ୍ଟ ଓ ବୃନ୍ଦାବାଲ୍ଲା । କନ୍ତୁ ଏ ଚାରିଗୋଟିଯାକ ବନ୍ଦର ଖରାପରେ ଚଳୁଛୁ । ପୁରୀ ନାମକୁ ମାତ୍ର ଏକ ବନ୍ଦର । ଏହା ଅତ୍ୟନ୍ତ ଅଗଭୀର ଓ ଏହି କାରଣରୁ ଏଠାରୁ ବହୁ ମାଇଲ ଦୂରରେ ଷ୍ଟୀମରମାନଙ୍କୁ ଅପେକ୍ଷା କରିବାକୁ ପଡ଼ୁଛୁ । ସେଥିପାଇଁ ଏ ବନ୍ଦର ଦ୍ୱାରା କୌଣସି ବାଣିଜ୍ୟିକ ଉଦ୍ଦେଶ୍ୟ ସାଧନ ସମ୍ଭବ ନୁହେଁ ।" ପୁରୀ ବନ୍ଦର ପ୍ରତି ବ୍ୟଙ୍ଗ କରି ମଧୁସୂଦନ କହିଲେ·····"ଏହାର ଏକମାତ୍ର ଆମଦାନୀ ନୂଆ ନୂଆ ବ୍ୟାଧି ଓ ରପ୍ତାନୀ ତୀର୍ଥଜଳସ୍ନାନାର୍ଥୀ ହିନ୍ଦୁମାନଙ୍କର ଘୃଣି ଘୃଣି ପାପ !" (At present it imports only diseases and exports the sins of the Hindus who go and bathe there.

Digitized by srujanika@gmail.com

Doctors consider it a sanatorium and recommend Puri to most patients and all that we import are microbes and they will never pay Government.")

ସ୍ୱପ୍ନରେ ଏପର ଆପାତ ଚଞ୍ଚଲତା ସତ୍ତ୍ୱେ, ବ୍ରିଟିଶ ଶାସନରେ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟରେ ଯେଉଁ ଚରମ ଅଧୋଗତି ଘଟିଥିଲା, ତାହାର କଠୋର ସମାଲୋଚନା କର ମଧୁସୂଦନ କହିଲେ—"ଓଡ଼ିଶାର ଅତୀତ ଇତିହାସ ପ୍ରତି ଦୃଷ୍ଟିପାତ କଲେ ଦେଖାଯିବ, ବୈଦେଶିକ ସାମୁଦ୍ରିକ ବାଣିଜ୍ୟ ପାଇଁ ଏକଦା ଓଡ଼ିଶା ଉପକୂଳରେ ବହୁ ପୋତାଶ୍ରୟ ବା ବନ୍ଦର ରହିଥିଲା । ମାତ୍ର ବ୍ରିଟିଶ ଆଗମନ ପରେ, ସେ ସବୁ ଗୋଟିକ ପରେ ଗୋଟିଏ ବନ୍ଦ ହୋଇ ଯାଇଛି ।" "The ancient history of Orissa, if referred to will show that Orissa had several ports to carry on trade with foreign countries, long before the advent of the British Government". ଓଡ଼ିଶାରେ ରେଲପଥର ପ୍ରସାର ଦାବୀ କର ମଧୁସୂଦନ ଇମ୍ପିରିଆଲ କାଉନସିଲ୍‌ରେ କହିଥିଲେ..."not to open up a country is to keep the people in confinement, shutting out the light of heaven from them...And not only the Railways promote trade, but they also serve the purpose of circulation and what circulation of blood is to the system, that Railways are to the prosperity and growth of a country. If a part of the body does not share in the circulation, of course, that part suffers from atrophy or paralysis."

ସ୍ୱରଚିତ ଶବ୍ଦରେ ଓଡ଼ିଶା ଯେପରି ରକ୍ତ-ସଞ୍ଚାଳନହୀନ ଏକ ପ୍ରତ୍ୟଙ୍ଗ; ସେଥିପାଇଁ ଏହା ପକ୍ଷାଘାତଗ୍ରସ୍ତ ! ଆଜକୁ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପୂର୍ବେ, ଓଡ଼ିଶା ସମ୍ପର୍କରେ ମଧୁସୂଦନଙ୍କର ଏହି ମନ୍ତବ୍ୟ ଆଜି ସୁଦ୍ଧା ତାହାର ପ୍ରାସଙ୍ଗିକତା ହରାଇ ନାହିଁ । ସେଦିନ ପରି ଆଜି ମଧ୍ୟ ସ୍ୱରଚିତ ଶବ୍ଦରେ ଓଡ଼ିଶା କୌଣସି ମତେ ଲଗି ରହିଛି, ରକ୍ତସଞ୍ଚାଳନ ହୀନ, ପକ୍ଷାଘାତଗ୍ରସ୍ତ ଏକ ପ୍ରତ୍ୟଙ୍ଗ ପରି ।

ଓଡ଼ିଶାର ସାମ୍ପ୍ରତିକ, ରାଜନୈତିକ ଓ ଅର୍ଥନୈତିକ ଅଭ୍ୟୁଦୟ ମଧୁସୂଦନଙ୍କ ରାଜନୈତିକ ସାଧନାର ଚରମ ଲକ୍ଷ୍ୟ ଥିଲା । ୧୯୧୩ ସାଲ ମାର୍ଚ୍ଚ ୭ ତାରିଖ ଦିନ ମଧୁସୂଦନ ଇମ୍ପିରିଆଲ୍-କାଉନସିଲ୍‌ରେ ସ୍ୱପ୍ନଣ ପ୍ରସଙ୍ଗରେ କହିଥିଲେ—"ଓଡ଼ିଶାର ପ୍ରାଚୀନ ଶିଳ୍ପ ଓ ସ୍ଥାପତ୍ୟରୁ ଓଡ଼ିଆ ଜାତିର କଳାପ୍ରବଣତାର ନିଦର୍ଶନ ମିଳିଥାଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେଉଁ ହାତ ଦିନେ ଭୁବନେଶ୍ୱର ମନ୍ଦିର ଗାତ୍ରରେ ପଥର ଦେହରେ ସୁନ୍ଦର ଅନୁପମ ଲାବଣ୍ୟ ସୃଷ୍ଟି କର ପାରିଥିଲା, ତାହା ଆଜି ଦିନକୁ ଦୁଇଅଣା ମଜୁରୀରେ ହଳ ବୁଲୁଛି । ସେଦିନର ଦୃଢ ଗୌରବର ପୁନରୁଦ୍ଧାର ପାଇଁ କଣ କିଛି କରିଯାଇ ପାରିବ ନାହିଁ ?"

Digitized by srujanika@gmail.com

ମଧୁସୂଦନଙ୍କ କ୍ଷୋଭରେ...."The ancient architecture of Orissa shows the Oriya's capabilities in the direction. But alas, the hand that carved out of rough sandstones the beautiful figures in the temple of Bhubaneswar—figures referring to which a Lieutenant Governor once remarked, that if he had the time he could gaze on those figures for days—the hands which carved these figures now drives the plough for two annas daily wages. Can't anything be done to restore to that hand its original value ?"

ଆଜ ସୁଦ୍ଧା ଏହା ରହୁଛୁ, ଶତାବ୍ଦୀର ଏକ ଜ୍ୱଳନ୍ତ ଅସମାଧିତ ଜିଜ୍ଞାସା !

କନ୍ତୁ ତାହାର ଉତ୍ତର ଦେବ କଏ ?

(ଦୁଇ)

୧୯୧୩ ସାଲ ଡ଼ିସେମ୍ବର ଆସିଗଲ୍ । ଉତ୍କଳ-ସମ୍ମିଳନୀପ୍ରେମୀମାନେ ସମ୍ମିଳନୀର ଅଧିବେଶନ ପାଇଁ ଚଞ୍ଚଳ ହୋଇ ଉଠିଲେ । କନ୍ତୁ ସମ୍ମିଳନୀର ସେତେବେଳକୁ ଛୋକେ ପି ଦଣ୍ଡେ ଜ ଅବସ୍ଥା । ବସ୍ତୁତଃ ୧୯୦୭ ସାଲରେ ମଧୁସୂଦନ ଉତ୍କଳ-ସମ୍ମିଳନୀ ପ୍ରତି ଏକପ୍ରକାର ଉଦାସୀନ ରହୁବା ପରଠାରୁ, ପ୍ରତିବର୍ଷ ଡ଼ିସେମ୍ବର ମାସରେ ସମ୍ମିଳନୀର ନିୟମିତ ଅଧିବେଶନ ଆଉ ସମ୍ଭବ ହୋଇ ପାରୁନାହିଁ । ଡ଼ିସେମ୍ବର ମାସରେ ଅଧିବେଶନର ଆୟୋଜନ ହୋଇ ନ ପାରଲେ, ପରବର୍ତ୍ତ ଅପ୍ରେଲ ମାସରେ, କୌଣସି ପ୍ରକାରେ ଅଧିବେଶନ ଚଳାଯାଉଛୁ । ୧୯୦୭ ସାଲର ତୃତୀୟ ଅଧିବେଶନ, ୧୯୦୮ ସାଲର ପଞ୍ଚମ ଅଧିବେଶନ, ୧୯୧୬ ସାଲର ସପ୍ତମ ଅଧିବେଶନ—ଡ଼ିସେମ୍ବର ପରବର୍ତ୍ତୀ ଅପ୍ରେଲ ମାସରେ ହିଁ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀ—ଅଧିବେଶନର ନିୟମିତତା ଆଉ ନଥିଲା । ଉତ୍କଳ ସମ୍ମିଳନୀକୁ ମଧୁସୂଦନ ନିଜର "ହୃତ୍ପୁଣ୍ଡ ମାହାଳ"—"ଅନ୍ ହୁଜ୍‌ମାଜେଷ୍ଟିସ୍ ସର୍ଭିସ୍"—ରେ ପରିଣତ କଲେ ବୋଲ ଯେଉଁମାନେ ତାଙ୍କୁ ଆକ୍ଷେପ, ଆକ୍ରମଣ ଓ ବେନାମୀ ସମାଲୋଚନାରେ ଶତମୁଖ ଥିଲେ, ଏବେ ସେମାନଙ୍କ ପତ୍ତା ସୁଦ୍ଧା ମିଳୁ ନଥିଲା ।

ଗତବର୍ଷ ୧୯୧୬ ସାଲରେ, ପ୍ରାୟ ୧୭ ମାସ ବ୍ୟବଧାନ ପରେ, ବ୍ରହ୍ମପୁରଠାରେ ସମ୍ମିଳନୀର ଅଷ୍ଟମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ବର୍ଷର ଦାୟିତ୍ୱ ଗ୍ରହଣ କରିବା ପାଇଁ ଚକ୍ରଧରପୁର ପ୍ରବାସୀ ସମ୍ପାଦକ ରୂପେ ମନୋନୀତ ହୋଇଥିଲେ । ମାତ୍ର ବର୍ଷ ଶେଷ ନହେଉଣୁ ସମ୍ପାଦକ ପଦରୁ ସେ ଦେଇ ବସିଲେ ଇସ୍ତଫା । ଏ ପରିସ୍ଥିତିରେ ୧୯୧୩ ସାଲ ଡ଼ିସେମ୍ବରରେ ସମ୍ମିଳନୀର ନବମ ଅଧିବେଶନର ସମ୍ଭାବନା ସୁଦୂର ହୋଇ ପଡ଼ିଲ୍ ।

Digitized by srujanika@gmail.com

ସମ୍ମିଳନୀପ୍ରେମୀମାନେ ପୁଣି ଧର ବସିଲେ ମଧୁସୂଦନଙ୍କୁ । ମଧୁସୂଦନଙ୍କୁ ବାଦ ଦେଇ ସମ୍ମିଳନୀର ପରିକଳ୍ପନା ଯେପରି ଅସମ୍ଭବ ! ମଧୁସୂଦନ ସେତେବେଳେ ଉତ୍କଳସ୍ଥ ବିହାର-ଓଡ଼ିଶା କାଉନ୍ସିଲ୍ ତଥା ଇଣ୍ଡିଆନ୍-କାଉନ୍ସିଲ୍‌ର ସଦସ୍ୟ । ଏମାନ ମହନ୍ତ ଘଦାଧର ସ୍ମାନୁଜ ଦାସ, ନେଇଥିଲେ ପୁରୀ ଠାରେ ଅଧିବେଶନ—ଆୟୋଜନର ଦାୟିତ୍ୱ । କନ୍ତୁ ମଧୁସୂଦନଙ୍କୁ ଅଧିବେଶନରେ ସଭାପତିତ୍ୱ କରିବା ପାଇଁ ପଡ଼ିବ—ଉଦ୍ୟୋକ୍ତାମାନଙ୍କର ଏହି ଅନୁରୋଧ ଯେନ ପୁରୀରୁ ଆସିଥିଲେ ଜଗବନ୍ଧୁ ସିଂହ ।

ମଧୁସୂଦନ ଏବେ ବୋଧହୁଏ ନିଃଶେଷିତ । ୧୯୦୩ ସାଲରେ ସମ୍ମିଳନୀ ଆରମ୍ଭ ବେଳର ପ୍ରେରଣା ଓ ଉଦ୍ଦୀପନା ତାଙ୍କର ଆଉ ନ ଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକ ଶାସନାଧୀନରେ ଏକତ୍ରିକରଣ ଅଥବା ସ୍ୱତନ୍ତ୍ର ପ୍ରଦେଶ ଗଠନ, ଉତ୍କଳ-ସମ୍ମିଳନୀର ପନ୍ଥା ଥିଲା ସିନା—ଲକ୍ଷ୍ୟ ନ ଥିଲା । ଲକ୍ଷ୍ୟତ ଥିଲା ଉତ୍କଳନ୍ତର୍ଗତ, ବଙ୍ଗଭୁକ୍ତ—ବ୍ରିଟିଶଶାସିତ ଭାରତ ଉପନିବେଶ ମଧ୍ୟରେ, ଉପେକ୍ଷିତ, ଲୁଣ୍ଠିତ ଆଉ ଏକ ଉପନିବେଶ ପରି ପଡ଼ି ରହିଥିବା ଓଡ଼ିଶା ଓ ଓଡ଼ିଆ ନାତର ସଂଜ୍ଞାତୀତ ଅଭ୍ୟୁଦୟ ! କନ୍ତୁ ସମ୍ମିଳନୀର ସେସବୁ ଆକାଂକ୍ଷା ଓ ଉଦ୍‌ଘୋଷଣା, ରହିଗଲା କେବଳ ବାକ୍ୟୀଶମାନଙ୍କର ବକ୍ତୃତା ଓ ପ୍ରସ୍ତାବ ମଧ୍ୟରେ । ଓଡ଼ିଶାରେ ଜାତୀୟଜୀବନର ବିକାଶ ରହିଗଲା, ସୁଦୂର ପରାହତ ହୋଇ । ସମ୍ମିଳନୀର ଆନ୍ଦୋଳନ ଫଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ କେବେ ଯେ ଆଉ ଏକତ୍ରିତ ହୋଇପାରିବ, ତାହାର ସମ୍ଭାବନା ମଧ୍ୟ ସେତେବେଳେ ଉଜ୍ଜ୍ୱଳ ନଥିଲା । ଗଣ୍ଡାମର ଓଡ଼ିଆମାନେ ଅବଶ୍ୟ ସେ ଆଶା ତଥାପି ତ୍ୟକ୍ତ ନ ଥିଲେ । ଗ୍ରେଟ୍‌ଲ୍ୟାଣ୍ଡ, ବଡ଼ଲାଟ ମାନଙ୍କ ଠାରେ ସ୍ମାରକପତ୍ର ନିବେଦନ କରିବାରେ, ସେମାନଙ୍କର କାର୍ପଣ୍ୟ ନ ଥିଲା । କନ୍ତୁ ସ୍ମାରକପତ୍ରର ଦାବୀକୁ ପ୍ରତିଷ୍ଠିତ କରିବା ପାଇଁ ଯେଉଁ ଆନ୍ଦୋଳନ ପ୍ରୟୋଜନ, କୁତ୍ରାପି ତାହାର କ୍ଷୀଣତମ ସଙ୍କେତ ପୂତା ନଥିଲା । ସର୍ବତ୍ର ଏକ ଉଦାସୀନ ମୌନତା । ଲର୍ଡ଼ କର୍ଜନଙ୍କ ଆକ୍ଷେପୋକ୍ତି ଠିକ୍—ଓଡ଼ିଆ ଜାତି ଆନ୍ଦୋଳନପ୍ରବଣ ନୁହେଁ, ସେଥିପାଇଁ ବନା ଦ୍ୱିଧାରେ ଅନ୍ୟର ସ୍ୱାର୍ଥସିଦ୍ଧି ପାଇଁ ଓଡ଼ିଶାକୁ ବଳି ଦିଆଯାଇପାରେ । କନ୍ତୁ ଓଡ଼ିଆ ଜାତି ଯେ ଆନ୍ଦୋଳନଶୂନ୍ୟ, ତାହାତ ନୁହେଁ । ଓଡ଼ିଆଜାତି ଆନ୍ଦୋଳନ-ଶୂନ୍ୟ ହୋଇ ଥିଲେ, ଓଡ଼ିଆ ପାଇକମାନେ ବ୍ରିଟିଶ ବନ୍ଦୁକରେ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଲଢ଼ି ନ ଥାନ୍ତେ ! କନ୍ତୁ ଓଡ଼ିଆଜାତିର ନେତୃତ୍ୱ ଏବେ ପକ୍ଷାଘାତଗ୍ରସ୍ତ । ସୀମିତ ସ୍ୱାର୍ଥସିଦ୍ଧି ଓ ଖଣ୍ଡବୁଦ୍ଧିର ଉର୍ଦ୍ଧ୍ୱକୁ ତାହା ତଥାପି ଉଠି ପାରିଲା ନାହିଁ ।

ମଧୁସୂଦନ କହିଲେ...."ମୋତେ ତା ଉତ୍ତରକୁ ଆଉ କାଣ ନାହିଁ ଜଗବନ୍ଧୁ । ସମ୍ମିଳନୀ-ମଞ୍ଚରୁ ଅନେକ ଭାଷଣ ଦିଆଯାଇଛୁ, ଅନେକ ପ୍ରସ୍ତାବ ଗୃହୀତ ହୋଇସାଇଛୁ । କନ୍ତୁ ସେଥିରୁ କେଉଁ ଗୋଟିଏ କଥା କାର୍ଯ୍ୟରେ ପରିଣତ ହୋଇଛୁ, ମୋତେ କହି ପାରିବ ?"

ଜଗବନ୍ଧୁ ବା ଏହାର କ ଉତ୍ତର ଦେବେ ? ସେ ନୀରବ ରହିଲେ ।

Digitized by srujanika@gmail.com

ମଧୁସୂଦନ ସ୍ୱଗତୋକ୍ତି କରିବା ପରି କହି ଘଲ୍ଲେ...“ଓଡ଼ିଶାର ସାଧାରଣ ଜୀବନରେ ଆଦର୍ଶବାଦର ଅଭାବ । ଆଦର୍ଶବାଦ ଅଭାବରୁ କର୍ମନିଷ୍ଠା ପ୍ରକାଶ ପାଉ ନାହିଁ । କର୍ମନିଷ୍ଠା ନ ଥିବାରୁ ବାକ୍ୟବୀର ମାନଙ୍କ ଭାଷଣ ଓ ପ୍ରସ୍ତାବରେ ସବୁ କଥା ଶେଷ ହୋଇ ଯାଉଛୁ । ଜୀବନକୁ ନୂଆ ଭାବରେ ପୁଣି ଥରେ ଆରମ୍ଭ କରିବା ପାଇଁ ମୋର ଯଦି ବସ୍ୱାସ ଥାନ୍ତା, ତାହେଲେ ଗୋପବନ୍ଧୁ ଜଣା ଯାହା କରୁଛନ୍ତି ମୁଁ ଠିକ୍ ସେଇଆ ଆରମ୍ଭ କରିଥାନ୍ତି । ମୁଁ ପ୍ରଥମେ ଆରମ୍ଭ କରିଥଲି ସଭା, ସମ୍ମିଳନୀ, ଅନୁଷ୍ଠାନ । ମୋର ବିଶ୍ୱାସ ଥିଲା ଏହି ସବୁ ଅନୁଷ୍ଠାନ ମଧ୍ୟରୁ ଗଢ଼ି ଉଠିବେ ନୂଆ ଆଦର୍ଶବାଦୀ ଦେଶଭକ୍ତ ନଗିପ, ଦେଶସେବା ଯେଉଁମାନଙ୍କ ପକ୍ଷରେ ହେବ ସ୍ୱାର୍ଥମେଧ ଯଜ୍ଞ । ଦେଶସେବା ଯେଉଁମାନଙ୍କର ହେବ ନାହିଁ କ୍ଷମତାଭିଳାଷ ବା ସ୍ୱାର୍ଥସିଦ୍ଧିର ମୁଖା । ଆଜି କନ୍ଧୁ ବୁଝୁଛୁ, ମଣିଷ ଅନୁଷ୍ଠାନ ଗଢ଼ି ପାରେ, ମାତ୍ର ଅନୁଷ୍ଠାନ ମଣିଷ ଗଢ଼ିବା ସମ୍ଭବ ନୁହେଁ । ଗୋପବନ୍ଧୁ ସଭ୍ୟବାଦୀରେ ଜାତୀୟ-ବିଦ୍ୟାଳୟ ମାଧ୍ୟମରେ ଆଜି ମଣିଷ ଗଢିବାର ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ମୁଁ ତାହାକୁ ପୂର୍ଣ୍ଣପ୍ରାଣରେ ସ୍ୱାଗତ କରୁଛୁ । କନ୍ଧୁ ତାଙ୍କ ଉଦ୍ୟମ ସଫଳ ହେବ ତ ?”

“ସେ କଥା ଠିକ୍ ।” ଜଗବନ୍ଧୁ କହିଲେ, “କନ୍ଧୁ ବିହାର-ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଛୁ । ଉତ୍କଳ-ସମ୍ମିଳନୀ ଏତେବେଳେ ଯଦି ଯଥାର୍ଥ ଭାବରେ ଜନ ଦାବୀ ଉପସ୍ଥାପିତ କରି ନ ପାରେ, ତାହେଲେ ଆମ ପକ୍ଷରେ ମହର୍ଗରୁ ଯାଇଁ କାନ୍ଦାରରେ ପଡ଼ିବା ଭଳି ହେବ । ଏଥିର ସମ୍ମିଳନୀ ସେହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ସମସ୍ତଙ୍କର ଇଚ୍ଛା, ଆପଣ ଟିଅନ୍ତୁ ଏଥିର ଅଧିବେଶନର ସଭାପତି ।”

ଜଗବନ୍ଧୁଙ୍କୁ ନାସ୍ତି କରିଦେବାର ଉପାୟ ନ ଥିଲା । ଅଧିବେଶନର ସଭାପତିତ୍ୱ ପାଇଁ ମଧୁସୂଦନ ଅବଶେଷରେ ସମ୍ମତ ହେଲେ ।

ଜଗବନ୍ଧୁ ପୁଣି କହିଲେ....“ଆପଣଙ୍କର ଅଭିଭାଷଣ ଏଥର କନ୍ଧୁ ଲିଖିତ ଅଭିଭାଷଣ ହେବା ଆବଶ୍ୟକ । ଆପଣଙ୍କ ବାଣୀ ପ୍ରତ୍ୟୁତ୍ତରରେ ତାହା ସହାୟକ ହେବ ।”

ମଧୁସୂଦନ ଉତ୍ତର ଦେଲେ...“ମୋର ସବୁ ଭାଷଣ ଏକ୍‌ସ୍‌ଟେମ୍ପୋର—ମୁହଁକୁ ଯାହା ଆସେ କହିଯାଏ । ଆଗରୁ ଲେଖି ଭାଷଣ ଦେବା ଅଭ୍ୟାସଟ ମୋର ନାହିଁ । ତଥାପି ତୁମ କଥାରେ ଆପତ୍ତି ନାହିଁ ! ଭାଷଣଟା ଆଗରୁ ଲେଖା ଯାଇଁ ମୁଦ୍ରିତ ହୋଇଥିଲେ, ସମ୍ମିଳନୀରେ ଯୋଗ ଦେଇ ନ ଥିବା ଲୋକେ ପୁରା ତାହା ପଢି ସମ୍ମିଳନୀର ଉଦ୍ଦେଶ୍ୟ, କାର୍ଯ୍ୟକ୍ରମ ବୁଝି ପାରିବେ । ତୁମ ପ୍ରସ୍ତାବ ମନ୍ଦ ନୁହେଁ ।”

Digitized by srujanika@gmail.com

ସେଇ ଅଭିଭାଷଣ ଲେଖିବା ପାଇଁ ଜୁନଅର୍ ପାରେଶ୍ୱର ମହାନ୍ତ୍ରିଙ୍କୁ ଡିକ୍ଟେସନ ଦେଇ ଘୁଣ୍ଟିଥିଲେ ମଧୁସୂଦନ !

ଡିକ୍ଟେସନ୍ ଆରମ୍ଭ କଣ, ମଧୁସୂଦନ ହଠାତ ଅଟକିଯାଇଁ କହିଲେ....''ପାରେଶ୍ୱର ବନ୍ଧୁଟାଏ। ତୁମେ ଲେଖିଯାଉଛ ଠିକ୍ । କିନ୍ତୁ ଭାଷଣ ଦେବାବେଳେ ଗ୍ରାମୋଫୋନ ପରି ମୁଁ ତ ଅବିକଳ ତାକୁ ବଜେଇ ପାରିବ ନାହିଁ ! ଅତଏବ ସବୁ ଖବର କାଗଜମାନଙ୍କରେ ଛପା ଏବଂ ମୁଁ କହିବା କଥା ମଧ୍ୟରେ କିଛି ପ୍ରଭେଦ ଘଟେ, ତାହେଲେ ମୋତେ ଦୋଷ ଦେବ ନାହିଁ । କାରଣ ମୁଁ ଜୀବନ୍ତ ମନୁଷ୍ୟ, ଗ୍ରାମୋଫୋନ୍ ରେକର୍ଡ ନୁହେଁ ।''*

ପାରେଶ୍ୱର ଉତ୍ତର ଦେଲେ—''ସେ କଥା ଠିକ୍ । କିନ୍ତୁ ସମସ୍ତଙ୍କର ଇଚ୍ଛା ଆପଣଙ୍କ ଅଭିଭାଷଣଟି ଏଥର ଲିଖିତ, ମୁଦ୍ରିତ ହେବା ଆବଶ୍ୟକ ।''

ଉତ୍କଳ-ସମ୍ମିଳନୀର ଉପସ୍ଥିତି ଅବସ୍ଥା ବର୍ଣ୍ଣନା କଣ, ମଧୁସୂଦନ କହି ଘୁଣ୍ଟିଲେ.... ''ସମ୍ମିଳନୀ ପ୍ରତି ଉତ୍କଳବାସୀଙ୍କର ଯେ ପ୍ରକାର ଶ୍ରଦ୍ଧା, ସ୍ନେହ ଓ ଭକ୍ତି ପ୍ରଥମାବସ୍ଥାରେ ଥିଲା, ତାହା ବର୍ତ୍ତମାନ ଆଉ ନାହିଁ । ପୂର୍ବେ ସଭାପତିର ଆସନ ସମ୍ମାନସୂଚକ ଥିଲା । ବର୍ତ୍ତମାନ ତାହା ଅସମ୍ମାନର ସ୍ଥାନ ହୋଇଛି ।''

ହଠାତ୍ ଗୋଟାଏ ସ୍ଥାନରେ ଅଟକି ଯାଇଁ, ମଧୁସୂଦନ ଖଡ଼ୀ ଉପରେ ପାଦଘୃଣା କରୁ କରୁ ପଚାରିଲେ···''ସମ୍ମିଳନୀର ଅର୍ଥ କଣ ପାରେଶ୍ୱର ? **Can you define Sammilani ?**''

ଅଭିଭାଷଣ ଲେଖିବା ପାଇଁ ଚନ୍ଦ୍ରାଧାର୍ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ, ମଝିରେ ମଝିରେ ଆଲୋଚନା ଆବଶ୍ୟକ । ସେହି ଅଭିପ୍ରାୟରେ ଏହି ପ୍ରଶ୍ନ !

ପାରେଶ୍ୱର ଉତ୍ତର ଦେଲେ....''ସମ୍ମିଳନୀ ହେଉଛି ମିଳନର ପୀଠ ।''

ମଧୁସୂଦନ ଉଚ କଣ୍ଠରେ ଚିତ୍କାର କରି ଉଠିଲେ....''ନୋ ! ନୋ ! ନେଭର୍ ! ମିଳନ ଓ ସମ୍ମିଳନୀ ଏକ ଶବ୍ଦ ନୁହେଁ, କମ୍ବା ଏକ ଅର୍ଥ ବୁଝାଏ ନାହିଁ । କାଠ ଦୁଇଖଣ୍ଡ

---

* ପୁରୀଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ନବମ ଅଧିବେଶନରେ ପ୍ରଦତ୍ତ ମଧୁସୂଦନଙ୍କ ଅଭିଭାଷଣ ଭିତରେ ଏହି ଅଧ୍ୟାୟଟି ଲିଖିତ ।

Digitized by srujanika@gmail.com

ଏକାଠି ଜଣବାକୁ ବଢ଼େଇ କଣ୍ଢା ମାରେ କମ୍ବା ଶିଖିଷ ଲଗାଏ । ଦୁଇଟି ଗଛ ଏକ ଦେଖା ଉଲେ ମଧ୍ୟ, ଭିନ୍ନ ଭିନ୍ନ ପ୍ରକାର ଫଳ ଫଳନ୍ତି । ପଶୁମାନଙ୍କର ମିଳନ ଶବ୍ଦ ଉପରେ ହୋଇଥାଏ ।···ଏହା ମିଳନ ହୋଇପାରେ, କିନ୍ତୁ ଏହାକୁ ଗୁମେ ସମ୍ମିଳନ ବା ସମ୍ମିଳଣ କହି ପାରବ ନାହିଁ । ଯେଉଁ ମିଳନ ମଧ୍ୟରେ ବସ୍ତୁ ବା ବ୍ୟକ୍ତିର ଗୁଣଗତ ପ୍ରକୃତଗତ ପରିବର୍ତ୍ତନ ହୁଏ, ତାହାହିଁ ସମ୍ମିଳଣ ।"

ଚନ୍ଦ୍ରାଧାତ୍ୟଃ। ଏଥର ସ୍ପଷ୍ଟ ହୋଇଗଲ୍ । ମଧୁସୂଦନ ପୁଣି ଡ଼େମ୍ଫେସନ୍ ଦେଇ ବୁଝଲେ....

"ରସାୟନ ଶାସ୍ତ୍ରରୁ ଆପଣମାନେ ଜାଣନ୍ତି ଯେ, ଏ ପ୍ରକାର ପଦାର୍ଥ ଅଛୁ, ଯାହିଁରୁ ଦୁଇଗୋଟି ମିଶାଇ ଦେଲେ ଯେ ପଦାର୍ଥ ଉତ୍ପନ୍ନ ହୁଏ, ତାହାର ଗୁଣ ଓ ପ୍ରକୃତ ସମ୍ପୂର୍ଣ୍ଣ ପୃଥକ୍ । ଯେଉଁ ଦୁଇ ପଦାର୍ଥ ମିଳନରେ ତାହା ଉତ୍ପନ୍ନ ହୋଇଅଛୁ, ସେ ଦୁଇ ପଦାର୍ଥର ଗୁଣ ଓ ଲକ୍ଷଣ ଏକ ପ୍ରକାର ଏବଂ ଉକ୍ତ ମିଳନ ଦ୍ୱାରା ଯେଉଁ ପଦାର୍ଥ ଜାତ ହୁଏ ତାହାର ଗୁଣ ସମ୍ପୂର୍ଣ୍ଣ ରୂପେ ଅନ୍ୟ ପ୍ରକାର । ଉଦାହରଣ ସ୍ୱରୂପ ଉଲ୍ଲେଖ କରୁଛୁ, ପାଣି ଦୁଇଗୋଟି ବାଷ୍ପରୁ ଉତ୍ପନ୍ନ ହୁଏ । ବାଷ୍ପକୁ ଏକ ପ୍ରକାର ବସ୍ତୁ କୁହାଯାଇ ପାରେ, ମାତ୍ର ଦୁଇଗୋଟି ବାଷ୍ପର ସମ୍ମିଳନରେ ଯାହା ଉତ୍ପନ୍ନ ହେଲା, ତାହା ପାଣି । ବାଷ୍ପ ଦୃଷ୍ଟିରୁ ଅଗୋଚର, ପାଣି ଦୃଶ୍ୟମାନ । ବାଷ୍ପ ଉଡ଼ିଯାଏ । ପାଣି ଜମାଯାଏ । ଏହିପରି ଦୁହିଁଙ୍କର ଗୁଣ ଓ ଲକ୍ଷଣ ସମ୍ପୂର୍ଣ୍ଣ ରୂପେ ପୃଥକ୍ । ଅତଏବ ସମ୍ମିଳନର ଅର୍ଥ ଏ ପ୍ରକାର ମିଳନ—ଯେଉଁଥିରେ ମିଳିତ ପଦାର୍ଥମାନଙ୍କର ପୃଥକ୍ ଅସ୍ତିତ୍ୱ ଓ ଗୁଣ ଲୋପ ପାଇ ଏକ ନୂତନ ପଦାର୍ଥ ଉତ୍ପନ୍ନ ହେବ । ନ୍ୟୁନତମ ଜୀବନ ଲୋପ ପାଇ ଜାତୀୟ ଜୀବନରେ ପରିଣତ ନ ହେବା ପର୍ଯ୍ୟନ୍ତ ପ୍ରକୃତ ମିଳନ ଅସମ୍ଭବ ।"

ଉଚ୍ଚଳ-ସମ୍ମିଳନ ସ୍ଥାପିତ ହୋଇଥିଲା, ଓଡ଼ିଆ ଜାତର ଗୁଣଗତ ଓ ପ୍ରକୃତଗତ ପରିବର୍ତ୍ତନ ଆଣି, ଏକ ନୂତନ ଓଡ଼ିଆ ଜାତର ଅଭ୍ୟୁଦୟ ପାଇଁ । ବ୍ୟକ୍ତିଗତ ଜୀବନ ଓ ଜାତୀୟ ଜୀବନ ମଧ୍ୟରେ ପ୍ରଭେଦ ଓ ଜାତୀୟ ଜୀବନର ବିକାଶ ପାଇଁ ବ୍ୟକ୍ତିଗତ ଜୀବନର ବଳିଦାନ—ଥିଲା ମଧୁସୂଦନଙ୍କ ଅଭିଭାଷଣର ସାରକଥା । ଅଭିଭାଷଣରେ ଜ୍ୱାଳାମୟୀ ଭାଷାର ଝଙ୍କାର ନଥିଲା, ଆବେଗତାଡ଼ିତ ଉଦ୍‌ବୋଧନର ଚମତ୍କାରତା ନଥିଲା । ତାହା ଥିଲା ନୂତନ ଚିନ୍ତା, ଭାବନା ଓ ଦୃଗ୍‌ଦର୍ଶନର ଶାନ୍ତ ପ୍ରବାହ । ସେଥିରେ ପ୍ରଖରତା, ପ୍ରଗଲ୍‌ଭତା ନଥିଲା, ମାତ୍ର ଥିଲା ରମ୍ଭୀରତା ।

ଜାତୀୟ ଜୀବନର ବିକାଶ ପାଇଁ ମଧୁସୂଦନ ତାଙ୍କ ଭାଷଣରେ କହି ଶୁଣାଇଲେ... "ଶତ ଶତ ନଦନଦୀର ଜଳରାଶି ନାନାରଙ୍ଗ ଧାରଣ କରି ସମୁଦ୍ର ନଜରରେ ପହଞ୍ଚିଲେ ସମୁଦ୍ର କହେ, ତୁମର ନଜ ନଜ ରଙ୍ଗ ଛାଡ, ଏହି ଏକ ରଙ୍ଗ ଧାରଣ କର, ତାହା ହେଲେ ମୋ ଅଙ୍ଗରେ ମିଶି ପାରିବ ଏବଂ ମୋ ସାଙ୍ଗରେ ମିଶିଲେ ମୋର ବଳ ପରାକ୍ରମ ଲାଭ କରିବ ।

Digitized by srujanika@gmail.com

ସମ୍ମିଳନୀ ହେଉଛି ଜାତିର ସମୁଦ୍ର । ଯଦି କେହି ଉଚ୍ଚ ପଦର ଅଭିମାନ ନେଇ ଏଠାରେ ଉପସ୍ଥିତ ହୋଇଥାଅ, ସମ୍ମିଳନୀ କହୁଛି, "ତୁମର ଅଭିମାନ ଛାଡ଼, ନହେଲେ ମୋ ସଙ୍ଗରେ ତୁମେ ମିଶି ପାରିବ ନାହିଁ ।" ଯଦି ବ୍ରାହ୍ମଣ କି କରଣ ବୋଲି ଜାତି ଅଭିମାନ ସେହି ଏଠାରେ କେହି ଉପସ୍ଥିତ ହୋଇଥାଅ ଏ ଉତ୍କଳ ଜାତିର ସମୁଦ୍ର ତୁମ୍ଭମାନଙ୍କୁ କହୁଛି, ଏକ ରଙ୍ଗ ନ ହେଲେ ମୋ ସଙ୍ଗରେ ମିଶି ପାରିବ ନାହିଁ ଏବଂ ମୋହର ପ୍ରତାପ ଓ ଗମ୍ଭୀର ପରିଚୟ ପାଇବ ନାହିଁ ।"

କନ୍ତୁ ଓଡ଼ିଶାରେ ସେତେବେଳେ ସେପରି ଉଦ୍‌ବୁଦ୍ଧ ଜାତୀୟଜୀବନର କ୍ଷୀଣତମ ସଙ୍କେତ ସୂଚନା ନ ଥିଲା । ଜାତୀୟତା ଆସି ପହଞ୍ଚିଥିଲା, ଜାତିଆଣ ସ୍ତରରେ । ଜାତୀୟଜୀବନର ପରିଖା ଗଭୀରତର ହେବା ପରିବର୍ତ୍ତେ ଏମେ ସେପରି ସଙ୍କୁଚିତ ଶୂନ୍ୟଗର୍ଭ ହୋଇ ଆସୁଥିଲା । ସେଇଥିପାଇଁ ଦେଶମିଶ୍ରଣ ପ୍ରସ୍ତାବ ଏ ପର୍ଯ୍ୟନ୍ତ ରହିଗଲା, କେବଳ ପ୍ରସ୍ତାବ ଓ ମେମୋରିଆଲ ଲେଖିବାରେ ! ମଧୁସୂଦନ ଡାକ ଛାଡିଲେ···

"ଜାତୀୟ ଜୀବନର ସଞ୍ଚାର ହେଲେ ଦେଶମିଶ୍ରଣ ନମନ୍ତ୍ରେ ପ୍ରସ୍ତାବ କରିବା, ମେମୋରିଆଲ୍ ପଠାଇବା ଆବଶ୍ୟକ ହେବ ନାହିଁ । ଜାତୀୟଜୀବନ ଦ୍ୱାରା କି ଆଶ୍ଚର୍ଯ୍ୟ କାର୍ଯ୍ୟମାନ ହୋଇପାରେ, ତାହା ଜାପାନ ଦେଶର ଇତିହାସ ଠାରୁ ଶିକ୍ଷା କର । ଜାତୀୟ-ଜୀବନକୁ ସବଳ କରିବାକୁ ସଦା ଚେଷ୍ଟା କର । କେହି ସେ ଜୀବନର ଗତିକୁ ରୋଧ କରି ପାରିବ ନାହିଁ ।"

ପାରେଣ୍ଟର ହଠାତ ପଚାରିଲେ···"ଓଡ଼ିଶାର ଦାରିଦ୍ର୍ୟ ଓ ସେଥିରୁ ମୁକ୍ତିର ଉପାୟ ସମ୍ପର୍କରେ ଅଭିଭାଷଣରେ କିଛି କହିବେ ନାହିଁ ?"

ମଧୁସୂଦନ ଚିତ୍କାର କରି ଉଠିଲେ...."କିଏ କହେ ଓଡ଼ିଶା ଦରିଦ୍ର ? ଓଡ଼ିଆ-ମାନଙ୍କର ଧନବଳ ଥାଇ ନ ପାରେ, ମୂଳଧନ ପୁଞ୍ଜି ଥାଇ ନ ପାରେ, କନ୍ତୁ ବୁଦ୍ଧିବଳ, ବାହୁବଳ ତ ରହିଛି । ଯେଉଁଦିନ ଓଡ଼ିଆମାନେ ସେମାନଙ୍କର ବୁଦ୍ଧିବଳ ବାହୁବଳକୁ ପୁଞ୍ଜିରେ ପରିଣତ କରିବାର କୌଶଳ ଶିକ୍ଷା କରିବେ, ସେଦିନ ଓଡ଼ିଶା ହେବ ଭାରତରେ ଧନଶାଳୀ । ସେ ପର୍ଯ୍ୟନ୍ତ ଓଡ଼ିଶାର ଅର୍ଥନୀତି କେବଳ ଭୂମି ଉପରେ ନିର୍ଭର କରି ରହିଥିବ, ସେ ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ରହିବାକୁ ବାଧ୍ୟ । ଓଡ଼ିଶାର ଆବଶ୍ୟକ ଶିଳ୍ପର ପ୍ରସାର । କନ୍ତୁ ସମସ୍ତେ ତ ବର୍ତ୍ତମାନ ଭୂମି ନେଇ ବ୍ୟସ୍ତ ।"

Digitized by srujanika@gmail.com

ଗୋପବନ୍ଧୁଙ୍କ ସତ୍ୟବାଦୀ-ବଦ୍ୟାଳସ୍ୱ ସମ୍ପର୍କରେ ଉତ୍କଳ-ସମ୍ମିଳନୀର ଏହି ଅଧିବେଶନରେ ଏକ ପ୍ରସ୍ତାବ ଆଗତ କରିଥିଲେ, ସ୍ୱସ୍ୱଂ ମଧୁସୂଦନ । ପ୍ରସ୍ତାବ ସମ୍ପର୍କରେ, ଜ୍ୱଳଣ ପ୍ରସଙ୍ଗରେ ମଧୁସୂଦନ କହିଥିଲେ "× × × ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢ଼ି ପାରବେ । କନ୍ତୁ ତା ଭିତରେ ଯେଉଁ ବ୍ରହ୍ମ ଅଛୁ, ତାହା କେହି ଗଢ଼ିପାରନ୍ତି ନାହିଁ । ଯେତେବେଳେ ଆମ୍ଭମାନଙ୍କ ଦେଶର ଯୁବକମାନଙ୍କ ହୃଦସ୍ୱରେ ପ୍ରାଣବ୍ରହ୍ମ ପ୍ରତିଷ୍ଠିତ ହୋଇ, ସେମାନଙ୍କୁ ପବନ୍ତ ମନୁଷ୍ୟତାରେ ଜାଜ୍ୱଲ୍ୟମାନ କରିଦେବ, ସେତେବେଳେ ସେମାନଙ୍କୁ ଗଭର୍ଣ୍ଣମେଣ୍ଟ୍ ବା ଅନ୍ୟ ଯେ କେହି ଅବଶ୍ୟ ସମ୍ମାନ କରିବେ । ଆମ୍ଭସାହାଯ୍ୟ ଇଚ୍ଛା ଫଳ ଅତି ଉଚ୍ଚ । ନାଉଙ୍କୁ ଭଡ଼ା ନଦେଇ, ପାଣିରେ ଡେଇଁ ପଡ଼ିଲେ, ସେହି ନାଉସ୍ଥ ଲୁଗା ପକାଇ ତାହାକୁ ପାଣିରୁ ଓଟାରି ଆଣି, ପିନ୍ଧିବାକୁ ଲୁଗା ଦେଇ, ତାତ୍ପର୍ଯ୍ୟ କରି ମନକୁ ପାରି କରି ଦିଏ । ଗୋପବନ୍ଧୁ, ମାଲକଣ୍ଠ ନିଜ ଗୋଡ଼ରେ ଛିଡ଼ା ହୋଇ ଅଛନ୍ତି । ସେମାନଙ୍କ କାର୍ଯ୍ୟ ଦେଖି ଦେଶବାସୀ ଯଥା ସମସ୍ୱରେ ସେମାନଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହେବେ, ସନ୍ଦେହ ନାହିଁ ।" ମଧୁସୂଦନଙ୍କ ଆବେଦନ ଫଳରେ ସତ୍ୟବାଦୀ ବଦ୍ୟାଳସ୍ୱ ପାଇଁ ସମ୍ମିଳନୀ ମଣ୍ଡପରେ ଆଦାସ୍ୱ ହୋଇଥିଲା ୫ ୭,୨୫୨ ଙ୍କା । କେତେକ ଗୃଜାଙ୍କ ଠାରୁ ମଧ୍ୟ ସ୍ପୃହା ମିଳିଥିଲା, ମୋଟ ୫ ୨,୨୪୦ ଙ୍କା ।

ସତ୍ୟବାଦୀ-ବଦ୍ୟାଳସ୍ୱ ପାଇଁ ଏ ସାହାଯ୍ୟ ସେ ପରିସ୍ଥିତିରେ ସାମାନ୍ୟ ନ ଥିଲା ।

× × ×

୧୯୧୪ ସାଲ ଡିସେମ୍ବର ୨୭ ଓ ୨୭ ତାରିଖରେ ପାରଳାଖେମଣ୍ଡୀରେ ଉତ୍କଳ-ସମ୍ମିଳନୀର ଦଶମ ଅଧିବେଶନ,—ଏକ ଇତିହାସ କାଣ୍ଡ । ପାରଳାଖେମଣ୍ଡୀର ରାଜପଣ୍ଡ ମହାରାଜା ସ୍ୱସ୍ୱଂ ଉଦ୍ୟୋକ୍ତା ! ସମ୍ମିଳନୀ ଆସ୍ୱୋଜନ ପାଇଁ ଦଶ ହଜାର ଟଙ୍କାର ଅଟକଳ । ପ୍ରତିନିଧିମାନଙ୍କ ପାଇଁ ପୁରୀ ପରାରାଖେମଣ୍ଡୀ ପର୍ଯ୍ୟନ୍ତ ଷ୍ପେସାଲ-ଟ୍ରେନ୍‌ର ବ୍ୟବସ୍ଥା । ସମ୍ମିଳନୀ ଆରମ୍ଭ ଦିନୁ କୌଣସି ଅଧିବେଶନ ପାଇଁ ଆଉ କେବେ ଏପରି ବିପୁଳ ଆସ୍ୱୋଜନ ହୋଇ ନ ଥିଲା । ଜସ୍ୱପୁରର ମହାରାଜା ବିକ୍ରମ ବର୍ମା ଅଧିବେଶନର ବରିତ ସଭାପତି ।

ଅଧିବେଶନର ଉଦ୍‌ଘାଟନ ପୁଣ୍ଟରୁ, ଡିସେମ୍ବର ୨୫ ତାରିଖ ଦିନ' କନ୍ୟାକୁମାରୀଠାରୁ ଗୋପାଳବନ୍ଧୁଙ୍କ ପରଲୋକ ଘଟିଥିଲା । ଗୋପାଳବନ୍ଧୁ ଥିଲେ ରେଭେନ୍‌ସା କଲେଜର ପ୍ରଥମ ଏମ୍. ଏ. । ୧୮୮୪ ଖ୍ରୀ:ଅ:ରେ ସେ ରେଭେନ୍‌ସା କଲେଜରୁ ଏମ୍. ଏ. ପାସ କରିଥିଲେ । ଗୋପାଳବନ୍ଧୁ ଦେଶସେବା ଛଡ଼ା ସରକାରୀ ସ୍କୁଲରେ ଯୋଗ ଦେଇଥିବା ହେତୁ, ତାଙ୍କ ପ୍ରତି ମଧୁସୂଦନ ମନେ ମନେ ଅବଶ୍ୟ ଷୁର୍ଣ୍ଣ ରହିଥିଲେ । ତଥାପି ଗୋପାଳବନ୍ଧୁଙ୍କୁ ସେ ପୁତ୍ରବତ୍ ସ୍ନେହ କରୁଥିଲେ । ଶିକ୍ଷା ଠାରୁ ଗୃଜାସ୍ୱ ଆଡ଼ମ୍ବରରେ ବିବାହ ଦେବା ପର୍ଯ୍ୟନ୍ତ

Digitized by srujanika@gmail.com

ଗୋପାଳବନ୍ଧୁଙ୍କ ସମସ୍ତ ଦାସ୍ୱିତ୍ୱ ସେ ପୁତ୍ରଚୁର ପରମାଣରେ ବହନ କରିଥିଲେ । ସେଥିପାଇଁ ଗୋପାଳବନ୍ଧୁଙ୍କ ଅକାଳ ମୃତ୍ୟୁରେ ମଧୁସୂଦନ ଘୋର ମୁହ୍ୟମାନ ହୋଇ ପଡ଼ିଥିଲେ । ଗଜପତି ଓ ଉତ୍କଳ-ସମ୍ମିଳନୀର ଉଦ୍ୟୋକ୍ତାମାନଙ୍କର ସନିର୍ବନ୍ଧ ଅନୁରୋଧ କଲୁ, ପାରଲାଖେମଣ୍ଡୀ ଅଧିବେଶନରେ ଯୋଗ ଦେବା ପାଇଁ ।

ଗୋପାଳବନ୍ଧୁଙ୍କ ମୃତ୍ୟୁ ପରଦିନ ମଧୁସୂଦନ ବାହାରଲେ ପାରଲାଖେମଣ୍ଡୀ ।

ଶୈଳବାଳା ବସୁସ୍ୱରେ ପଚାରିଲେ....''ଗୋପାଳକାକାଙ୍କର ଶୁଦ୍ଧିକ୍ରିୟା ଶେଷ ନ ହେଉଣୁ ଆପଣ ପାରଲାଖେମଣ୍ଡୀ ଯିବେ କିପରି ? ଲୋକେ କହିବେ କଣ ?''

ମଧୁସୂଦନ ବସ୍ଫୋରଣ କରି ଉଠିଲେ—''ଆଃ ରୁ ଚୁପ୍ କର ଶୈଳ ।'' ତା'ପରେ ଗୋଟାଏ ଦୀର୍ଘଶ୍ୱାସ ପକାଇ କହିଲେ....''ଗୋପାଳ ତା ବାଟରେ ସ୍କୁଲଗଲ । ମୋତେ ମୋ ବାଟରେ ତ ଯିବା ପାଇଁ ପଡ଼ିବ ।''

ପାରଲାଖେମଣ୍ଡୀ—ଅଧିବେଶନରେ ମଧ୍ୟ ସେଇ ଦେଶମିଶ୍ରଣ ଦାବୀର ପୁନରାବୃତ୍ତି ! କେବଳ ଗଞ୍ଜାମ ନୁହେଁ, ସିଂହଭୂମି, ଜସ୍ପୁର, ଫୁଲଝର ଓ ଚନ୍ଦ୍ରପୁର—ପଦ୍ମପୁର ପ୍ରଭୃତ ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଓଡ଼ିଆ ଭାଷାକୁ କୋର୍ଟ କଚେରୀର ଭାଷା ରୂପେ ଘୋଷଣା କରିବା ପାଇଁ ମଧ୍ୟ ଏ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡ଼ିଆଭାଷୀ ଅଞ୍ଚଳମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବଶ୍ୱବଦ୍ୟାଳୟ ପ୍ରତିଷ୍ଠାର ଦାବୀ ମଧ୍ୟ ଘୋଷିତ ହେଲା ଏହି ଅଧିବେଶନରେ । ସତ୍ୟ ଦୃଷ୍ଟିରୁ ଏ ଅଧିବେଶନ ଯେପରି ସାର୍ଥକ ସେହିପରି ସଫଳ ହୋଇଥିଲା ।

କଲୁ ସମ୍ମିଳନୀର ଅସଲ ଉଦ୍ଦେଶ୍ୟ ଥିଲା, ପ୍ରଥମ ମହାଯୁଦ୍ଧରେ ବ୍ରିଟେନ୍‌ର ଜସ୍ୱଲାଭ ପାଇଁ ଓଡ଼ିଆ ଜାତର ପ୍ରାର୍ଥନା ଓ ବଶ୍ୱସ୍ତତା ଘୋଷଣା । ଏହାଫଳରେ ଯଦି ଓଡ଼ିଶା ଓ ଓଡ଼ିଆ ଜାତି ପ୍ରତି, ବ୍ରିଟିଶ ସ୍ରାଜଶକ୍ତିର ଅନୁଦାର ଦୃଷ୍ଟିକୋଣ ପରବର୍ତ୍ତିତ ହୋଇପାରେ ! ସମ୍ମିଳନୀ ପ୍ରସ୍ତାବ କଲେ, ମହାଯୁଦ୍ଧରେ ବ୍ରିଟିଶ ସୈନ୍ୟବାହିନୀ ପ୍ରତି ଓଡ଼ିଆ ଜାତର ସାହାଯ୍ୟ ଓ ସହଯୋଗର ସଙ୍କେତ ସ୍ୱରୂପ, ଜଣେ ଓଡ଼ିଆ ଡାକ୍ତର ପଠାଇବା ପାଇଁ । ଡାକ୍ତରଙ୍କ ବେତନ ବ୍ରିଟିଶ ସରକାର ବହନ କରିବାର ପ୍ରସ୍ତାବ ନାହିଁ । ସେ ବ୍ୟୟ ବହନ କରିବେ ଉତ୍କଳ-ସମ୍ମିଳନୀ । ଏଥିପାଇଁ ସମ୍ମିଳନୀ ମଣ୍ଡପରେ ସ୍ୱେଚ୍ଛାସେବକ ରୂପେ ବାହାରିଲେ ଡାକ୍ତର ଘନମୂର୍ତ୍ତି ପଟ୍ଟନାୟକ—ମାସିକ ବେତନ ଚଳିଶହ ଟଙ୍କା ।

ଅଧିବେଶନରେ ସାମରିକ ଉଦ୍ଦୀପନା ସୃଷ୍ଟି କରିବା ଅଭିପ୍ରାୟରେ ଉଦ୍ୟୋକ୍ତାମାନେ ମଣ୍ଡପର ପୃଷ୍ଠଭୂମିରେ, ଓଡ଼ିଆ ପାଇକର ଖଣ୍ଡା, ନଳି ଓ ଢାଲ ପ୍ରଭୃତି ଅସ୍ତ୍ରଶସ୍ତ୍ର ସୁସଜ୍ଜିତ କରି ରଖିଥିଲେ । ସେହି ଅସ୍ତ୍ରସଜ୍ଜା ମଧ୍ୟରେ ଯେପରି ଜହ୍ନିତ ଥିଲା, ଓଡ଼ିଆ ଜାତିର ସ୍ୱାଧୀନତା ଘୋଷଣା । ହାୟ ଦୁର୍ଭାଗ୍ୟ ! ଅସ୍ତ୍ର-ଆଇନ ବଳରେ ଯେଉଁ ଜାତର ହାତ ପଙ୍ଗୁ, କ୍ଷୁଧା ଓ

Digitized by srujanika@gmail.com

ଦାରିଦ୍ର୍ୟ ମଧ୍ୟରେ ମାଂସପେଶୀ ଲୋଳଚ୍ଛ, ସେ ଜାତିର ପୁଣି ଏଇ ବଳିଷ୍ଠ ଅସ୍ତ୍ର-ପ୍ରଦର୍ଶନା ! ଏପରି ବଡ଼ମ୍ବନା କ୍ୱଚିତ ଦେଖିବା ପାଇଁ ମିଳିଥାଏ ସିନା !

ପ୍ରଥମ ମହାଯୁଦ୍ଧ ସମ୍ପର୍କରେ ଭାଷଣ ଦେବାବେଳେ, ସେଇ ବଡ଼ମ୍ବନା, ମଧୁସୂଦନଙ୍କ ଦୃଷ୍ଟି ଏଡ଼ାଇ ନଥିଲା । ଭାଷଣ ପ୍ରସଙ୍ଗରେ ମଧୁସୂଦନ କହିଲେ...

"ଏହି ମଣ୍ଡପ ପଛପଟରେ ଦେଖ, ଖଣ୍ଡା, ଢାଲ, ଛାଲ ସବୁ ହୋଇଅଛୁ । ମାନ ଅସ୍ତ୍ର ଧାରଣ କରିବାକୁ ଆମ୍ଭର ଅଧିକାର ନାହିଁ । ଆମ୍ଭେ ଶୂନ୍ୟହସ୍ତ । ଓଡ଼ିଆ ଜାତିର ଅସ୍ତ୍ର ମଧ୍ୟରେ ଅଛୁ ପନଙ୍କା । ଅତଏବ ଆମ୍ଭେମାନେ କେବଳ ସହାନୁଭୂତି ପ୍ରକାଶ କରିବା, ଆମ୍ଭମାନଙ୍କର ଗୁଜବକ୍ତ ପ୍ରକାଶ କରିବା ଏବଂ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରିବା ।"

ସ୍ୱରାଜ୍ୟ ଜାତୀୟ କଂଗ୍ରେସ ମଧ୍ୟ ସେତେବେଳେ, ଗୁଜବକ୍ତ ଘୋଷଣା କରିବାରେ ଉତ୍କଳ-ସମ୍ମିଳନୀଠାରୁ ଉଣା ନଥିଲା ।

Digitized by srujanika@gmail.com

ଅଷ୍ଟମ ପରିଚ୍ଛେଦ

(ଏକ)

ଲଣ୍ଡନରୁ ଏମ୍. ପି. ମାକ୍‌କାଲମ୍ ଷ୍ଟ୍ଲଙ୍ଗ୍ ଲେଖିଥିଲେ ଚିଠି···ସ୍ୱରାଜସ୍ୱ ଶାସନତନ୍ତ୍ରରେ ଗୁରୁତ୍ୱ ପରିବର୍ତ୍ତନର ସମ୍ଭାବନା ଆସନ୍ନ । ନୂତନ ସେକ୍ରେଟାରୀ-ଅଫ୍-ଷ୍ଟେଟ୍, ଇ. ଏସ୍. ମଣ୍ଟେଗୁ କମନସ୍-ସଭାରେ ଘୋଷଣା କରିଛନ୍ତି, ନୂତନ ଶାସନତନ୍ତ୍ର ସମ୍ପର୍କରେ ସ୍ୱରାଜର ଜନମତ ବୁଝିବା ପାଇଁ, ବ୍ରିଟିଶ ସରକାରଙ୍କ ପକ୍ଷରୁ ଏଥର ଉଦ୍ୟମ ହେବ । ବସ୍ତୁତଃ ପରିବର୍ତ୍ତିତ ଶାସନତନ୍ତ୍ରର ଦିଗଦର୍ଶନ ବା ପରିକଳ୍ପନା ସୁଦ୍ଧାରୁ, ବଲ୍ଲଭର ଶାସନତନ୍ତ୍ରୀୟପକ୍ଷ ଓ ପ୍ରତିବନ୍ଧ ମୂଳକ ସ୍ୱରାଜସ୍ୱ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ମତାମତ ବିନିମୟ ହେବ, ଏକ ଅଲଂଘନୀୟ ପର୍ଯ୍ୟାୟ । ଏହି ଉଦ୍ଦେଶ୍ୟରେ ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ଇ. ଏସ୍. ମଣ୍ଟେଗୁ ସ୍ୱୟଂ ଆସିବେ ସ୍ୱରାଜ । ତାଙ୍କ ସହିତ ସହଯୋଗିତା କରିବେ, ବଡ଼ଲାଟ ଚେମସ୍‌ଫୋର୍ଡ । ସେମାନେ ସ୍ୱରାଜରେ ପ୍ରତିନିଧିମୂଳକ ସଂସ୍ଥା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଠାରୁ ସାକ୍ଷ୍ୟ ମଧ୍ୟ ଗ୍ରହଣ କରିବେ । ୧୯୧୯ ସାଲର ମର୍ଲେ-ମିଣ୍ଟୋ ରିଫର୍ମ ପରିବର୍ତ୍ତିତ ସ୍ୱରାଜସ୍ୱ ପରିସ୍ଥିତିରେ ଅକାମୀ ହୋଇ ଉଠିଥିବା ଦୃଷ୍ଟିରୁ, ନୂତନ ଶାସନତନ୍ତ୍ର ବା 'ରିଫର୍ମସ୍' ପାଇଁ ବ୍ରିଟିଶ ସରକାରଙ୍କର ଏ ଫକଲ୍ଟ ।*

ପ୍ରଦେଶମାନଙ୍କର ପୁର୍ନଗଠନ ପ୍ରଶ୍ନ ଶାସନ-ସଂସ୍କାର ପରାନ୍ନରେ, ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ବମ୍ବର କର ଦେଖିବେ ବୋଲ ମାକ୍‌କାଲମ୍ ଷ୍ଟ୍ରଙ୍କ ଚିଠିରେ ମଧ୍ୟ ରହିଥିଲ ଉଲ୍ଲେଖ । ଯଥା ସମୟରେ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇଥିଲ, ଶାସନ-ସଂସ୍କାର ଅନୁପ୍ରାସ୍ୱରେ ମଣ୍ଟେଗୁଙ୍କ ସ୍ୱରାଜ ଆଗମନର ସମ୍ବାଦ । ସ୍ୱରାଜସ୍ୱ ଶାସନବ୍ୟବସ୍ଥା ଜନେ ଜନମତ ଠାରୁ ବିଚ୍ଛିନ୍ନ ହୋଇ ପଡ଼ୁଥିବା ଯେନ, ବ୍ରିଟିଶ ପାର୍ଲିଆମେଣ୍ଟ ତଥା ସରକାର ବେଶ ଉଦ୍‌ବିଗ୍ନ ହୋଇ ଉଠିଥିଲେ । ସ୍ୱରାଜର ରାଜନୈତିକ ମହଲରେ ସାଜ ସାଜ ରବ ପଡ଼ିଗଲ । ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ମଣ୍ଟେଗୁଙ୍କ ସ୍ୱରାଜ ଆଗମନ ବିଚ୍ଛିନ୍ନ ଓଡ଼ିଆସ୍ୱାସ୍ଥୀ ଅଞ୍ଚଳମାନଙ୍କର ଏକ ଶାସନାଧୀନରେ ଏକତ୍ରିକରଣ, ଅଥବା ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ, ଏକ ନୂତନ

---

* ହାଉସ୍-ଅଫ୍-କମନସ୍‌ରେ ନୂତନ ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ମଣ୍ଟେଗୁ, ତା ୨୦-୮-୧୯୧୭ ରିଖ ଦିନ ଘୋଷଣା କରିଥିଲେ.... × × × and that it is of the highest importance as a preliminary to considering what these steps should be a free and informal exchange of opinion between those in authority at Home and in India."

Digitized by srujanika@gmail.com

ଆଶା ପୂରଣପାଇ କରଦେଲ୍ । ମଧୁସୂଦନ କାଲ ବଲମ୍ବ ନ କରି ଆହ୍ୱାନ କଲେ—ଦେଶମିଶ୍ରଣ ପାଇଁ ପୁଂବର୍ଷ, ବାଲେଶ୍ୱର ଅଧିବେଶନରେ ଗଠିତ କାର୍ଯ୍ୟନିର୍ବାହକ କମିଟିର ଏକ ଜରୁରୀ ବୈଠକ । ଏଥିରେ ସଭ୍ୟ ଥିଲେ—ମଧୁସୂଦନ ଦାସ, କନକ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ, ଗଞ୍ଜାମ ଓଡ଼ିଆ ସମାଜର ସମ୍ପାଦକ ହରହର ପଣ୍ଡା, ବ୍ରଜସୁନ୍ଦର ଦାସ, ଗୋପବନ୍ଧୁ ଦାସ, ରାୟବାହାଦୁର ସୂଦାମ ଚରଣ ନାୟକ ଓ ସେରଗଡ଼ର ରାଜା ଶୋଭାଚନ୍ଦ୍ର ସିଂହ ଦେଓ ।

୧୯୧୭ ସାଲ ଉତ୍କଳ-ସମ୍ମିଳନୀ ବିଶେଷ ଅଧିବେଶନରେ ଏହି ସ୍ୱତନ୍ତ୍ର କମିଟି ଗଠିତ ହେବା ବେଳେ, ମଣ୍ଟେଗୁଙ୍କ ଘୋଷଣା ବା ଶାସନ ସଂସ୍କାର ସମ୍ପର୍କରେ ବ୍ରିଟିଶ ରାଜନୀତିଜ୍ଞ ମାନଙ୍କର ସ୍ୱାଗତ ଆଗମନର ଛାଣଭମ ସୂଚନା ସୁଦ୍ଧା ନ ଥିଲା । ସମ୍ମିଳନୀର ପ୍ରାୟ ପ୍ରତ୍ୟେକ ଅଧିବେଶନରେ ଦେଶମିଶ୍ରଣ ପାଇଁ ସେହି ବହୁ ରୋମନ୍ଥିତ ଦାବୀରେ ଆଉ କୌଣସି ନୂତନ ଆସ୍ୱାଦନ ଅଥବା ଉତ୍ତେଜନା ମଧ୍ୟ ନ ଥିଲା । ଉତ୍କଳ-ସମ୍ମିଳନୀର ଅଧିବେଶନ ଯେତେବେଳେ ଅନୁଷ୍ଠିତ ହେଉଛି, ବଧିରତା ପରି ସେଥିରେ ଦେଶମିଶ୍ରଣ ପାଇଁ ଗୋଟାଏ ପ୍ରସ୍ତାବ ଗ୍ରହଣ, ପ୍ରାୟ ଏକ ଉପଚରିତ ବ୍ୟାପାରରେ ପରିଣତ ହୋଇପଡ଼ିଥିଲା । ସେଇ ପରିସ୍ଥିତିରେ, ଜଡ଼ୀଭୂତ ଅବସ୍ଥାରେ ପଡ଼ି ରହିଥିବା ଦେଶମିଶ୍ରଣ ଆନ୍ଦୋଳନକୁ ପୁଣି ଉତ୍ଥାପିତ କରିବା ପାଇଁ ଏକ କମିଟି ଗଠନର ସାର୍ଥକତା, ଅନେକ ଅନୁଭବ କରିପାରିନଥିଲେ । କିନ୍ତୁ ମଧୁସୂଦନ ଦୂର-ଦୃଷ୍ଟିରେ ସ୍ପଷ୍ଟ କଳ୍ପନା କରିଥିଲେ—ଶୀଘ୍ର ହେଉ ବା ବଲମ୍ବରେ ହେଉ, ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କର ଏକତ୍ରିକରଣ ପ୍ରଶ୍ନ ପୁଣି ଥରେ ଉତ୍ଥାପିତ ହେବା ଅବଶ୍ୟମ୍ଭାବୀ । ବସ୍ତୁତଃ ଭାଷା ସୂତ୍ରରେ ପ୍ରଦେଶମାନଙ୍କର ପୁର୍ନଗଠନର ଯେଉଁ ଦାବୀ, ସର୍ବପ୍ରଥମେ ଓଡ଼ିଶାରୁ, ଉତ୍କଳ-ସମ୍ମିଳନୀ ମଞ୍ଚରୁ ଉଚ୍ଚାରିତ ହୋଇଥିଲା, ତାହା ଜମେ ସ୍ୱରତର ଅନ୍ୟ ଅଞ୍ଚଳମାନଙ୍କ ମଧ୍ୟ ସଞ୍ଚରିତ ହୋଇଥିଲା । ୧୯୧୧ ସାଲରେ ହିନ୍ଦୀଭାଷୀ ବନ୍ଧୁମାନେ ଏଇ ଦାବୀରେ ଆନ୍ଦୋଳନ କରି, ସ୍ୱତନ୍ତ୍ର ବିହାର ପ୍ରଦେଶ ପାଇବା ପରି ଠାରୁ ତେଲୁଗୁ ଭାଷାଭାଷୀ ଅନ୍ଧ୍ରମାନେ ମଧ୍ୟ ମାଦ୍ରାଜ ପ୍ରେସିଡେନ୍ସୀରୁ ଅଲଗା ହୋଇ, ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆରମ୍ଭ କରି ଦେଇଥିଲେ ଆନ୍ଦୋଳନ । ବମ୍ବେ ପ୍ରେସିଡେନ୍ସୀ ମଧ୍ୟରେ ରହିଥିବା ଗୁଜରାଟୀ, ମରାଠୀ, ସିନ୍ଧୀ ଓ କନ୍ନଡ଼ ଭାଷାଭାଷୀମାନେ ମଧ୍ୟ ଭାଷାସୂତ୍ରରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀରେ ହୋଇ ଉଠିଥିଲେ ଶତମୁଖ । ଭାଷା ସୂତ୍ରରେ ପ୍ରଦେଶ ମାନଙ୍କର ପୁର୍ନଗଠନ ଦାବୀ ଓ ଆନ୍ଦୋଳନ ଜମେ ବହୁତ ଅଞ୍ଚଳରେ ପ୍ରସାରିତ ହୋଇ ଯେପରି ଶକ୍ତ ସଞ୍ଚୟ କରୁଥିଲା, ଶୀଘ୍ର ହେଉ ଅଥବା ବଲମ୍ବରେ ହେଉ, ଏହା ଯେ ଦିନେ ବାସ୍ତବତାରେ ରୂପାୟିତ ହେବ, ସେଥିରେ ମଧୁସୂଦନଙ୍କର ଅନ୍ତତଃ ସନ୍ଦେହ ନ ଥିଲା ।

ସେହି ଅଧିବେଶନରେ ମଧୁସୂଦନ କହିଥିଲେ···"ଦେଶମିଶ୍ରଣ ଆନ୍ଦୋଳନ ଏପର୍ଯ୍ୟନ୍ତ କେବଳ ଭାଷଣ ଆଉ ପ୍ରସ୍ତାବରେ ସୀମିତ ରହି ଆସିଛି । ସମ୍ମିଳନୀରେ ଆଉର ଅନେକ ପ୍ରସ୍ତାବ ମଧ୍ୟରେ, ଦେଶମିଶ୍ରଣ ପାଇଁ ମଧ୍ୟ ଗୋଟାଏ ପ୍ରସ୍ତାବ ପ୍ରତିବର୍ଷ ଗୃହୀତ ହେଉଛି । ମାତ୍ର କାର୍ଯ୍ୟତଃ ତାହା ରହିଯାଉଛି, କେବଳ ସେହି ପ୍ରସ୍ତାବ ଆକାରରେ । କିନ୍ତୁ ଏଣିକି କେବଳ ପ୍ରସ୍ତାବ

Digitized by srujanika@gmail.com

ଗ୍ରହଣରେ ଆଉ ଚଳିବ ନାହିଁ । ଏ ଉଉରେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରିବା ପାଇଁ ଏକ କମିଟୀ ଆବଶ୍ୟକ । ମଧୁସୂଦନଙ୍କ ସେହି ପ୍ରସ୍ତାବ ଅନୁସାରେ ବାଲେଶ୍ୱର ଅଧିବେଶନରେ ଉପରୋକ୍ତ କମିଟି ଗଠିତ ହୋଇଥିଲା ।

କମିଟିରେ ସ୍ଥିର ହେଲା, ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ମଣ୍ଟେଗୁଙ୍କୁ ସମ୍ମିଳନୀ ପକ୍ଷରୁ ଏକ ସ୍ମାରକପତ୍ର ଦେବା ପାଇଁ ପଡ଼ିବ । ସ୍ମାରକପତ୍ର ପ୍ରସ୍ତୁତର ଦାୟିତ୍ୱ ସ୍ୱାଭାବିକ ଭାବରେ ପଡ଼ିଥିଲା ମଧୁସୂଦନଙ୍କ ଉପରେ ।

ମଧୁସୂଦନ ସ୍ମାରକପତ୍ରର ଡ୍ରାଫ୍ଟିଂ ଦେଇ ଗଲିଥିଲେ ଅଦ୍ଭୁତ ପତ୍ର... "ଓଡ଼ିଆ ଜାତିର ପ୍ରତିଷ୍ଠା—ତାହାର କଳାଗୌରବ, ସ୍ଥାପତ୍ୟ, ଆଧ୍ୟାତ୍ମିକତା, ଗଜମୁକ୍ତ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ଅବଦାନ ଓ ଦକ୍ଷତା ତାହାକୁ ଏକ ପ୍ରାଚୀନ ଜାତି ରୂପେ ଚିହ୍ନିତ କରୁଅଛୁ । ପୁରୀର ମନ୍ଦିର ଓ ଗନ୍ତାମର ସାହିତ୍ୟ ସମ୍ପଦ ମଧ୍ୟରେ ଏହାର ସ୍ପଷ୍ଟର ଏବେ ପୂଜା ରହିଛୁ ଅମଳନ । ସାମ୍ବଭୌମ ଓଡ଼ିଆ ସମ୍ରାଟମାନଙ୍କ ଅଧୀନରେ ଏହି ଜାତିର ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବସ୍ତ ପର୍ଯନ୍ତ ବିସ୍ତୃତ ରହିଥିଲା ଓ ଶ୍ରୀ ଜଗନ୍ନାଥଙ୍କ କେନ୍ଦ୍ର କରି ପୁରୀଠାରେ ସ୍ଥାପିତ ହୋଇଥିଲା, ସମଗ୍ର ଭାରତର ଆଧ୍ୟାତ୍ମିକ ସାଂସ୍କୃତିକ କେନ୍ଦ୍ର ।"

ଅତୀତ ଇତିହାସର ଏଇ ସବୁ ରୋମନ୍ଥନ, କେଉଁ ପରିମାଣରେ ଓଡ଼ିଶାର ଦାବୀକୁ ପ୍ରତିବନ୍ଧ ଅଥବା ପ୍ରତିଷ୍ଠିତ କରିବ, ତାହା ଅଲଗା କଥା; ମାତ୍ର ତାହାର ବର୍ଣ୍ଣନାରେ ମଧୁସୂଦନ ଯେପରି ପ୍ରଗଲଭ ହୋଇ ଉଠିଥିଲେ ।

ବ୍ରଜସୁନ୍ଦର ଡ୍ରାଫ୍ଟିଂ ଲେପି ଲେପି କ୍ଲାନ୍ତ ହୋଇ ପଡ଼ିଥିଲେ । କାନ୍ଥଘଣ୍ଟାରେ ବାଜିଲା ଗତ ଦଶଟା । ବ୍ରଜସୁନ୍ଦର କହିଲେ—'ଅତୀତର ଏ ସବୁ ଇତିହାସ ମଣ୍ଟେଗୁ ସାହେବକୁ ପଢ଼ାଇ କ'ଣ ଲାଭ ଅଛୁ ? ବରଂ ଉପସ୍ଥିତ ସମସ୍ୟା ଓ ସମାଧାନ ଆଲୋଚନା କଲେ ଭଲ ହୁଅନ୍ତା ।"

ମଧୁସୂଦନ ଉତ୍ତର ଦେଲେ, "ବ୍ରଜସୁନ୍ଦର, ଓଡ଼ିଆ ଏକ ଆତ୍ମବିସ୍ମୃତ ଜାତି ହୋଇ ପାରେ । କିନ୍ତୁ ଇଂରେଜ ଜାତି ତାର ବର୍ତ୍ତମାନ ଅପେକ୍ଷା ଅତୀତକୁ ଚାହେଁ ବେଶୀ । ଅତୀତରୁ ସେ ପାଏ ବର୍ତ୍ତମାନ ପାଇଁ ପ୍ରେରଣା । ସେଥିର ଲଣ୍ଡନରେ ଏକ ଲର୍ଡ ପରିବାରକୁ ଆମନ୍ତ୍ରିତ ହୋଇଯାଇଥିଲି ଡିନର ପାଇଁ । ମୋର ହୋଷ୍ଟ୍ ଗୋଟାଏ କାଚ ସେଲଫ୍‌ରେ ଗୋଟାଏ ପାଇପ୍ ଦେଖାଇ ମୋତେ କହିଲେ, ଜାଣନ୍ତି ମିଷ୍ଟର ଦାସ, ଆମର ଜଣେ ସୁଦ୍ଧ ପୁରୁଷଙ୍କ ଏ ପାଇପ୍‌ଟା ଚଳିଶହ ବର୍ଷ ପୁରୁଣା । ମୁଁ କହିଲି—ଏଇଟା କେଉଁ ବଡ଼ କଥା ? ମୋ ଓଡ଼ିଶାରେ

Digitized by srujanika@gmail.com

ସାମାନ୍ୟ ଗୋଟାଏ ଗୋଷ୍ଠୀର ସୁଦ୍ଧା ଅନନ୍ତକାଳର ବର୍ତ୍ତର ଇତିହାସ ରହିଛି । ମଣ୍ଟେଗୁ ସାହେବଙ୍କୁ ଓଡ଼ିଆ ଜାତିର ଅସ୍ତିତ୍ୱ ସମ୍ପର୍କରେ ଧାରଣା ନ ଦେଲେ, ବ୍ରିଟିଶ ଶାସନରେ ଓଡ଼ିଆ ଜାତିର ଉପସ୍ଥିତି ଦୁରବସ୍ଥା ସେ ଧାରଣା କରିପାରିବେ କିପରି ?"

ମଧୁସୂଦନ ପୁଣି ଡ଼ିକ୍ଟେସନ୍ ଦେଇ ଗଲେ । ହଠାତ୍ ଗୋଟାଏ ସ୍ଥାନରେ ଅଟକି ଯାଇ ମଧୁସୂଦନ କହିଲେ..."ଗ୍ରିୟର୍‌ସନ୍‌ଙ୍କ ଲଙ୍ଗୁଇଷ୍ଟିକ୍-ସର୍ଭେ-ଅଫ୍-ଇଣ୍ଡିଆର ଭଲ୍ୟୁମ୍ ଫାଇଭ୍‌ଟା କାଉଚ । ଗ୍ରିୟର୍‌ସନ୍ ସାହେବ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଯେଉଁ ମାନଚିତ୍ର ତାଙ୍କ ଲଙ୍ଗୁଇଷ୍ଟିକ୍ ସର୍ଭେରେ ରଖିଯାଇଛନ୍ତି. ମଣ୍ଟେଗୁ ତାହାକୁ କଣ ଅସ୍ୱୀକାର କରିବେ ? ଗ୍ରିୟର୍‌ସନ୍‌ଙ୍କ ପରି କେତେଜଣ ଭାଷାତତ୍ତ୍ୱବିତ୍ ପଣ୍ଡିତ ବା ଅନ୍ୟନ୍ୟ ବ୍ରିଟିଶ ସାମ୍ରାଜ୍ୟରେ ?"

ମଧୁସୂଦନଙ୍କ ଲାଇବ୍ରେରୀ ସହିତ ବ୍ରଜସୁନ୍ଦର ପରିଚିତ ନ ଥିଲେ । କିନ୍ତୁ ତାଙ୍କ ବାରଟା ଲାଇବ୍ରେରୀର କେଉଁ ସେଲଫ୍‌ରେ କେଉଁଠି କେଉଁ ବହି ରହିଛି, ସେସବୁ ମଧୁସୂଦନଙ୍କ ନଖଦର୍ପଣରେ । ମଧୁସୂଦନ କହିଲେ..."ସେଇ ବାଁ ପାଖ ସେଲଫ୍‌ର ତୃତୀୟ ଥାକରେ··· ହଁ, ସେଇ ଖଣ୍ଡ ।"

ବ୍ରଜସୁନ୍ଦର ସେଲଫ୍‌ରୁ କାଢି ଆଣିଲେ ଗ୍ରିୟର୍‌ସନ୍‌ଙ୍କ ଲଙ୍ଗୁଇଷ୍ଟିକ୍ ସର୍ଭେର ପଞ୍ଚମ ଭଲ୍ୟୁମ୍ !

ସର୍ଭେର ପରିଶିଷ୍ଟରେ ସନ୍ନିବିଷ୍ଟ ଥିବା, ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ମାନଚିତ୍ରକୁ ଟେବୁଲଲ୍ୟାମ୍ପ୍‌ର ଆଲୋକରେ ଖୋଲି ଧରି ମଧୁସୂଦନ ପୁଣି ଡ଼ିକ୍ଟେସନ୍ ଦେଇ ଗଲେ··· "ସର୍ଭେ ଅଫ୍ ଇଣ୍ଡିଆର ପଞ୍ଚମ ଖଣ୍ଡରେ ଗ୍ରିୟର୍‌ସନ୍ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଯେଉଁ ମାନଚିତ୍ର ସନ୍ନିବିଷ୍ଟ କରିଛନ୍ତି, ସେ ସବୁକୁ ପ୍ରଥମେ ବିହାର-ଓଡ଼ିଶା ପ୍ରଦେଶ ପରି ଏକ ସ୍ୱତନ୍ତ୍ର ପ୍ରଦେଶ ଅଧୀନରେ ରଖାଯାଉ...

"That the Oriya-speaking tracts, outlined by Dr. Grierson in his Linguistic Survey of India, Vol. V (a sketch map of which is attached hereto in the Appendix A) be brought together under one separate Administration of the type which Bihar and Orissa now has."

ମଧୁସୂଦନ ଦଣ୍ଡେ ଅଟକି ଯାଇ ସ୍ୱଗତୋକ୍ତି କରିବା ପରି କଣ୍ଠରେ କହିଲେ.... "ନଚେତ୍...." !

ବ୍ରଜସୁନ୍ଦର ବିସ୍ମିତ କଣ୍ଠରେ ପଚାରିଲେ...."ଆଉ ନଚେତ୍ କ'ଣ ?"

ମଧୁସୂଦନ କହିଲେ...."ସବ୍-ପ୍ରଭିନ୍ସ୍" !

Digitized by srujanika@gmail.com

"ସବ୍-ପ୍ରଭିନସ୍ ପୁଣି କଣ ?"—ବ୍ରଜସୁନ୍ଦର ପଚାରିଲେ । ମଧୁସୂଦନ ପୁଣି ଡିକ୍ଟେସନ୍ ଦେଇ ଚାଲିଲେ—

"ଉପସ୍ଥିତ ପରିସ୍ଥିତିରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନରେ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ଯଦି ସମ୍ଭବପର ନ ହୁଏ, ତାହେଲେ ସେସବୁ ଅଞ୍ଚଳକୁ ଏକାଠି କଣ, ବର୍ତ୍ତମାନ ପାଇଁ ବିହାର-ଓଡ଼ିଶା ପ୍ରଦେଶ ଅଧୀନରେ ଅନ୍ତତଃ ରଖାଯାଉ । ତାହେଲେ ଭବିଷ୍ୟତରେ ଦିନେ, ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହୋଇ ପାରିବ ।"

ବ୍ରଜସୁନ୍ଦର କହିଲେ—"କନ୍ତୁ ଆପଣଙ୍କର ଏ ସବ୍-ପ୍ରଭିନସ୍ ଆଇଡ଼ିଆକୁ କମିଟିରେ ଅନେକେ ହୁଏତ ପସନ୍ଦ କରିବେ ନାହିଁ ।"

ମଧୁସୂଦନ ଉତ୍ତର ଦେଲେ·····"ମୁଁ ଜାଣେ, ବ୍ରଜସୁନ୍ଦର । ଭାଷଣ ଦେବାରେ ସମସ୍ତେ ଧୁରନ୍ଧର । କନ୍ତୁ ପ୍ରକୃତ ପରିସ୍ଥିତି ବୁଝିଛନ୍ତି ବା କେତେଜଣ ? ମଣ୍ଟେଗୁଙ୍କୁ ପୁଣି ଗୋଟାଏ ଅଲଟର୍‌ନେଟିଭ୍ ଦେବା ପାଇଁ ତ ପଡ଼ିବ ।"

(ଦୁଇ)

କଲିକତାରେ ମଣ୍ଟେଗୁ-ଚେମସ୍‌ଫୋର୍ଡ କମିଟି ଠାରେ ସାକ୍ଷ୍ୟ ଦେବା ପାଇଁ, ସମ୍ମିଳନୀ ପକ୍ଷରୁ, ପୁରୀ-ଏକସପ୍ରେସ୍‌ରେ କଲିକତା ଚାଲିଥିଲେ, ମଧୁସୂଦନ ଓ ଜଜିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ । କେବଳ ଉତ୍କଳ-ସମ୍ମିଳନୀର ପ୍ରତିନିଧି ହିସାବରେ ନୁହେଁ, ସାମ୍ବିଧାନିକ କ୍ଲେଜପ୍ରତିନିଧିତ୍ୱ କ୍ଷେତ୍ରରେ ମଧ୍ୟ ସେମାନେ ସେତେବେଳେ ଥିଲେ ସୁପ୍ରତିଷ୍ଠିତ !

ରାଜେନ୍ଦ୍ରନାରାୟଣ କହିଲେ···"ଆପଣଙ୍କ ସବ୍-ପ୍ରଭିନସ୍ ଆଇଡ଼ିଆଟା ଅନେକଙ୍କ ମନକୁ ଖଟ୍‌କା ଲାଗୁଛି । ସେମାନେ ଭାବୁଛନ୍ତି—ଆପଣ ଯେପରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପରିକଳ୍ପନାକୁ ଚିରକାଳ ପାଇଁ ବିସର୍ଜନ ଦେଇ ଦେଲେ । ଅନେକ ହୁଏତ ମୁହଁ ଫିଟାଇ ଆପଣଙ୍କର ପ୍ରତିବାଦ କରିପାରୁ ନାହାନ୍ତି । କନ୍ତୁ ସମସ୍ତଙ୍କ ମନରେ ଏଇପରି ଗୋଟାଏ ସନ୍ଦେହ ।"

କମ୍ପାର୍ଟମେଣ୍ଟ ଝରକା ବାହାରେ ବାହାର ଅନ୍ଧାର ଭିତରକୁ ଘୁଚି ମଧୁସୂଦନ କଣ ଯେପରି ଗମ୍ଭୀର ଭାବରେ ଚିନ୍ତା କରୁଥିଲେ । କିଛିକ୍ଷଣ ମୌରବ ରହିବା ପରେ, ସେ ଉତ୍ତର

Digitized by srujanika@gmail.com

ଦେଲେ···"କନ୍ତୁ ଓଡ଼ିଶା ବର୍ତ୍ତମାନ ତ ବହାର-ଓଡ଼ିଶା ପ୍ରଦେଶରେ ଗୋଟାଏ ସବ୍‌ପ୍ରଭିନସ୍ ! କାହିଁ କେହି ତ ତାର ପ୍ରତିବାଦ କରୁ ନାହାନ୍ତି ? କର୍ଜନ୍ ବରଂ ହାଉସ୍-ଅଫ୍-ଲର୍ଡସ୍‌ରେ ଓଡ଼ିଆ ଜାତି ପକ୍ଷରୁ ପ୍ରତିବାଦ କଣ କହି ପାରିଲେ, ଓଡ଼ିଆମାନେ ଆନ୍ଦୋଳନପ୍ରବଣ ନୁହନ୍ତି ବୋଲ୍ କାଲେ କାଲେ ସେମାନଙ୍କୁ ଅବଜ୍ଞାଚ୍ଛଳ ଭାବରେ ବଳ ଦିଆଯାଇ ଆସିଛୁ । ତଥାପି କୌଣସି ଓଡ଼ିଆ ମୁହଁରେ ତ ଦିନେ ହେଲେ ଶୁଣିଲି ନାହିଁ, ପ୍ରତିବାଦ ବା ପ୍ରତିରୋଧର ସେପରି ବଳିଷ୍ଠ ସ୍ୱର ! ହଁ—ମୋତେ ସନ୍ଦେହ କରିବା ପାଇଁ ଅଛନ୍ତି ଅନେକ । ଅସରପା କାଣି ବାଘୁଡ଼ି ଉପରେ ଟାଣ, କଥାଟାତ ଆଉ ମିଛ ନୁହେଁ ।"

ରାଜେନ୍ଦ୍ରନାରାୟଣ କହିଲେ..."ଆପଣ ଏହାକୁ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ବିଚାର କରିବା ଉଚିତ ହେବ ନାହିଁ ଦାଦା ! ମୁଁ ନିଜେ ପୁଚ୍ଛା, ସବ୍-ପ୍ରଭିନସ୍ କଥାଟା ଠିକ୍ ବୁଝିପାରୁ ନାହିଁ ।"

ମଧୁସୂଦନ ଉତ୍ତେଜିତ କଣ୍ଠରେ ଉତ୍ତର ଦେଲେ—"ବହାର-ଓଡ଼ିଶା ପ୍ରଦେଶରେ ଓଡ଼ିଶା ଏବେ ଗୋଟାଏ ସବ୍-ପ୍ରଭିନସ୍ ଛଡ଼ା ଆଉ ବା କଣ ? ଇଲିଶିଆଲ-କାଉନସିଲ୍ ବକ୍ତୃତାମାନଙ୍କରେ ମୁଁ ତ ସବୁବେଳେ ଓଡ଼ିଶାକୁ ଗୋଟାଏ ସବ୍-ପ୍ରଭିନସ୍ ବୋଲି କହି ଆସୁଛୁ ।"

ରାଜେନ୍ଦ୍ରନାରାୟଣ ପ୍ରଶ୍ନ କଲେ—"ଓଡ଼ିଶା ଥିଲ, ବଙ୍ଗଳା ପ୍ରେସିଡେନ୍‌ସୀର ଗୋଟାଏ ଡିଭିଜନ, ବର୍ତ୍ତମାନ ହେଲ ବହାର ଓଡ଼ିଶା ପ୍ରଭିନସ୍‌ର ଗୋଟାଏ ସବ୍-ପ୍ରଭିନସ୍ । ଆପଣ ବା ଚାହୁଁଛନ୍ତି ସେଇଆ । ଏଥିରେ ଲାଭ ?"

ମଧୁସୂଦନ କହିଲେ—"ବ ପ୍ରାଗ୍‌ମାଟିକ୍ ରାଜେନ : ଓଡ଼ିଶା ଡିଭିଜନ୍‌ରେ ଗଞ୍ଜାମ, ଜୟପୁର, ଚନ୍ଦ୍ରପୁର, ଫୁଲଝର, ମେଦନୀପୁର ପ୍ରଭୃତି ଓଡ଼ିଆଭାଷୀ ଅଞ୍ଚଳତ ଆଉ ମିଶି ନ ଥିଲା । କାମ୍ବା ଏବେ ବହାର-ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ପୁଚ୍ଛା ସେସବୁ ଅଞ୍ଚଳ ଓଡ଼ିଶାରେ ମିଶି ନାହିଁ । ଆମର ଦାବୀ, ଯେ କୌଣସି ପ୍ରଦେଶରେ ହେଉ ଆପତ୍ତି ନାହିଁ, ଏକ ସବ୍-ପ୍ରଭିନସ ରୂପେ, ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପ୍ରଥମେ ଏକାଠି ହେବା ଆବଶ୍ୟକ । ତା'ପରେ ଯେତେବେଳେ ଓଡ଼ିଶା ଅଲଗା ହେବ, ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସ୍ୱତଃ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଅଲଗା ହୋଇ ଆସିବ । ମୋର ମନେ ହେଉଛୁ, ଓଡ଼ିଶାର ଏଇ ନ୍ୟୁନତମ ଦାବୀକୁ ମଣ୍ଟେଗୁ ଅନ୍ତତଃ ଅସ୍ୱୀକାର କରିବେ ନାହିଁ ।" "କନ୍ତୁ ମଣ୍ଟେଗୁଙ୍କ ସମ୍ପର୍କରେ ଆପଣ ଏତେ ଆଶାବାଦୀ କାହିଁକି ?—ପ୍ରଶ୍ନ କଲେ ରାଜେନ୍ଦ୍ରନାରାୟଣ ।

ମଧୁସୂଦନ ଉତ୍ତର ଦେଲେ—"ଓଡ଼ିଶା ପ୍ରତି ମଣ୍ଟେଗୁଙ୍କର ଚିରନ୍ତନ ସହାନୁଭୂତି ରହିଥିବା ମୁଁ ଜାଣିଛୁ । ୧୯୧୭ ସାଲରେ ବ୍ରିଟିଶ ପାର୍ଲାମେଣ୍ଟରେ ଓଡ଼ିଶା ସହିତ ଗଞ୍ଜାମର ପ୍ରଶ୍ନ ଉଠିବାବେଳେ, ମଣ୍ଟେଗୁ ସରକାରଙ୍କ ପକ୍ଷରୁ ଉତ୍ତର ଦେଇଥିଲେ—**The proposed transfer of Ganjam to Orissa might be made out any time if accumulated evidence be forthcoming for the change.—**

Digitized by srujanika@gmail.com

ଗଞ୍ଜାମର ମିଶ୍ରଣ ସପକ୍ଷରେ ଯଥେଷ୍ଟ ପରମାଣରେ ସାକ୍ଷ୍ୟ ପ୍ରମାଣ ମିଳିଲେ, ଭବିଷ୍ୟତରେ ଗଞ୍ଜାମ ଓଡ଼ିଶା ସହିତ ମିଶିବ । ମଣ୍ଟେଗୁ ସେତେବେଳେ ଥିଲେ ଅଣ୍ଡର-ସେକ୍ରେଟାରୀ-ଅଫ୍-ଷ୍ଟେଟ୍ ଫର୍ ଇଣ୍ଡିଆ । ଆଜ ସେ ପୂର୍ବଦୁୟର ସେକ୍ରେଟାରୀ-ଅଫ୍-ଷ୍ଟେଟ୍ । ନଜର ଅଟକିତ ପ୍ରଶ୍ନଟିକୁ ସେ କଣ ଅସ୍ୱୀକାର କରିବେ ?"

ବସ୍ତୁତଃ ମଣ୍ଟେଗୁଙ୍କ ବକ୍ତୃତାପରୁ ଲର୍ଡ କର୍ଜନ୍ ଘୋଷଣାରେ ଘୋଷଣା ହୋଇଥିବା କାଳରେ, ୧୯୦୩ ସାଲରେ ସେହି ଶିୟଲ୍-ସର୍କୁଲର୍ ପ୍ରକାଶ ପାଇଥିଲା, ସେଥିରେ ମଧ୍ୟ ଥିଲା ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ବଙ୍ଗଳା ଶାସନ ଅଧୀନରେ ଏକତ୍ର କରିବାର ପ୍ରଶ୍ନଟିଏ ...**"On the grounds above stated the Government of India are disposed to unite the whole of the Oriya speaking peoples, both hill and plain, under one administration and to make that administration, Bengal"** କିନ୍ତୁ ଓଡ଼ିଶାର ଦୁର୍ଭାଗ୍ୟକୁ ବଙ୍ଗଭଙ୍ଗ ଆନ୍ଦୋଳନର ଅଗ୍ନିଗର୍ଭ ପରିସ୍ଥିତି ମଧ୍ୟରେ ଲର୍ଡ କର୍ଜନଙ୍କୁ ଘୋରତରୁ ବିଦାୟ ନେବା ପାଇଁ ପଡ଼ିଲା । ସମ୍ବଲପୁର ଜିଲ୍ଲା କେବଳ ଓଡ଼ିଶା ଡ଼ିଭିଜନରେ ମିଶିଲା; ମାଳ ଅନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଓଡ଼ିଶାରୁ ବର୍ତ୍ତିମ ରହିଗଲା, କାଳ କାଳ ପାଇଁ ।

ସେ ଇତିହାସ ସହିତ ଘନେନ୍ଦ୍ରନାଗସ୍ୱଣ ସୁପରିଚିତ ଥିଲେ । ତାହାର ପୁନରୁକ୍ତି ପାଇଁ କୌଣସି ପ୍ରୟୋଜନ ନଥିଲା ।

ମଧୁସୂଦନ କହିଲେ...."କିନ୍ତୁ ଘନେନ୍, ଯୁଦ୍ଧ ଅପେକ୍ଷା ବ୍ରିଟିଶ ଜାତି ଯାହା ବେଶୀ ବୁଝେ, ତାହା ହେଉଛି ଜନମତ । ଶଫର୍ମସ୍ ସମ୍ପର୍କରେ ସେଇ ଜନମତର କଳନା ପାଇଁ ମଣ୍ଟେଗୁ ଆସୁଛନ୍ତି ଘରତକୁ । କମିସନ୍ ଆଗରେ ଆମେ କେବଳ ସାକ୍ଷ୍ୟ ଦେଇଦେଲେ ଚଳିବ ନାହିଁ । ଆମ ସାକ୍ଷ୍ୟ ସପକ୍ଷରେ ଯେ ବପୁଳ ଜନସମର୍ଥନ ରହିଛି ତା'ର ସ୍ପଷ୍ଟ ପ୍ରମାଣ ମଧ୍ୟ ଦେବା ପାଇଁ ପଡ଼ିବ । ସେଥିପାଇଁ କଲିକତାର ଓଡ଼ିଆମାନଙ୍କୁ ମୁଁ ଖବର ପଠାଇଛି, ମଣ୍ଟେଗୁ କଲିକତାରେ ଥିବାବେଳେ ବିରାଟ ଜନସଭା ଆୟୋଜନ କରିବା ପାଇଁ । ଦେଖାଯାଉ ସେମାନେ କଣ କରୁଛନ୍ତି !"

୧୯୧୭ ସାଲ ଡ଼ିସେମ୍ବର ମାସରେ, ମଣ୍ଟେଗୁ ଓ ଚେମସଫୋର୍ଡଙ୍କ କଲିକତା ଅବସ୍ଥାନ କାଳରେ କଲିକତାର ଓଡ଼ିଆ ଶ୍ରମିକମାନେ ଆୟୋଜନ କରିଥିଲେ ଏକ ବିରାଟ ଜନସଭା । "ଅମୃତ ବଜାର ପତ୍ରିକା" ଏହି ସଭାର ବିବରଣୀ ପ୍ରକାଶ କରି ଲେଖିଥିଲେ...

"It was a mass meeting in every sense unprecedented in the history of the Oriyas of Calcutta, the special feature being the active and enthusiastic support with which the labouring classes carried the resolution for the amalgamation of Oriya speaking tracts."

Digitized by srujanika@gmail.com

ସବ୍-ପ୍ରଭିନ୍ସ ପାଇଁ ମଧୁସୂଦନଙ୍କ ଦାବି, ମଣ୍ଟେଗୁ ଓ ଚେମସ୍‌ଫୋର୍ଡଙ୍କ ଚକ୍ଷାରେ ରେଖାପାତ କରିଥିଲା; ସନ୍ଦେହ ନାହିଁ । ଭାଷାସୂତ୍ରରେ ପ୍ରଦେଶ ଗଠନ ମାଉଗତ ଦୃଷ୍ଟିରୁ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ରପୋର୍ଟରେ ଅନୁମୋଦନ ଲାଭ କରିଥିଲେ ହେଁ ପରବର୍ତ୍ତୀ ସମସ୍ତରେ ପ୍ରାଦେଶିକ ସରକାରମାନେ ଏ ସମ୍ପର୍କରେ ଜନମତ କଳନା କଣ, ସମୀଚୀନ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ସୂପାରିସ କରିଯାଇଥିଲା । କିନ୍ତୁ ଭାଷାସୂତ୍ରରେ ପ୍ରଦେଶ ଗଠନର ବୃହତ୍ତର ସମସ୍ୟାଠାରୁ ଓଡ଼ିଶାର ସମସ୍ୟା ଥିଲା ସ୍ୱତନ୍ତ୍ର । ସେଥିପାଇଁ ଓଡ଼ିଶା ସମ୍ପର୍କରେ ମଣ୍ଟେଗୁ-ଚେମସ୍‌ଫୋର୍ଡ ରପୋର୍ଟରେ ପରାମର୍ଶ ଦିଆଯାଇଥିଲା....**"in Orissa and Bihar at all events it seems to us that the possibility of instituting sub-provinces need not be excluded from consideration at a very early date."** *

ଆଣା ନରାଣାର ଦ୍ୱନ୍ଦ୍ୱ ମଧ୍ୟରେ ଓଡ଼ିଆ ଜାତି ଗଲାଧଃକରଣ କରିଥିଲା—ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ରପୋର୍ଟ ।

(୭୭)

କିନ୍ତୁ ସେଇ "at an early date"—'ଯଥାଶୀଘ୍ର'ଟା କେବେ ?.....ଏକ ଉତ୍ପାଡ଼ିକ ପ୍ରଶ୍ନବାଚକ !

ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ରପୋର୍ଟରେ "ସବ୍-ପ୍ରଭିନ୍ସ" ରୂପେ ଓଡ଼ଶାର ପୂର୍ଣ୍ଣଗଠନ ପାଇଁ ସୂପାରିସରେ ଉତ୍ଥାପିତ ହୋଇ, ବିହାର-ଓଡ଼ିଶା କାଉନସିଲ୍‌ର ବେସରକାରୀ ଓଡ଼ିଆ ସଦସ୍ୟମାନେ ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମଧୁସୂଦନଙ୍କ ନେତୃତ୍ୱରେ ୧୯୧୮ ସାଲ ସେପ୍ଟେମ୍ବର ୯ମ ତାରିଖ ଦିନ କାଉନସିଲ୍‌ରେ ଆଣିଥିଲେ ଏକ ପ୍ରସ୍ତାବ । ମାନ୍ୟ ସେଦିନ କାଉନସିଲ୍‌ର ଅଧ୍ୟକ୍ଷ ବିହାରର ନେତା ସାର୍ ଅଲି ଇମାମଙ୍କ ଏକା ବୁଲଙ୍ଗ୍ ସ୍ପେଚରେ ପ୍ରସ୍ତାବଟି ଅବୈଧାନିକ ରୂପେ ଘୋଷିତ ହୋଇ, ଆଲୋଚନାର ପରିସର ଭିତରକୁ ପୁରା ଆସିପାରିଲା ନାହିଁ । ଶିର ଥିଲେ ସିନା ଶିରୋବ୍ୟଥା ! ଶିର ନ ଥିଲେ ଶିରୋବ୍ୟଥା ଆସିବ କାହିଁ ? ବଙ୍ଗଳାର ନେତାମାନଙ୍କ ପରି ବିହାରର ନେତାମାନେ ମଧ୍ୟ ନିଜ "ସାମ୍ରାଜ୍ୟ"ରୁ ଓଡ଼ଶାକୁ ଅଲଗା କରିବା ପାଇଁ ଥିଲେ ଘୋର କୁଣ୍ଠିତ ! ଓଡ଼ଶାକୁ ଏକ ସବ୍-ପ୍ରଭିନ୍ସର ସ୍ୱୀକୃତି ଦେବା ପାଇଁ ସୁଦ୍ଧା ସେମାନେ ଥିଲେ ପରାଙ୍ମୁଖ ।

ବ୍ରଜେନ୍ଦ୍ରନାରାୟଣ କହିଥାରେ ଲୁଣ ଛିଞ୍ଚିବା ପରି କହିଲେ—"ଦେଖିଲେତ ଦାଦା, ଶେଷ ପର୍ଯ୍ୟନ୍ତ ସବ୍-ପ୍ରଭିନସ୍‌ର କଣ ହେଲା ଅବସ୍ଥା ?"

ମଧୁସୂଦନ ସଙ୍କେପରେ ଉତ୍ତର ଦେଲେ..."ତା'ର ଉଲଗ୍ଭରେ ଦେଖିପାରୁଛୁ । ତା' ହେଲେ....?"

---

* ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ରପୋର୍ଟ—ପାରାଗ୍ରାଫ୍ ୨୫୬ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ସେଇ ପ୍ରଶ୍ନର ପୁନରାବୃତ୍ତି କରିବା ବ୍ୟତୀତ ଗୋପବନ୍ଧୁଙ୍କର ଅନ୍ୟ ଉତ୍ତର ନ ଥିଲା !

ମଧୁସୂଦନ ଆଉ କାଳ ବିଳମ୍ବ ନ କରି ପାଟଣାରୁ କଟକ ଫେରି ଆସିଲେ ।

ମଣ୍ଟେଗୁ-ଚେମସଫୋର୍ଡ୍ ରିପୋର୍ଟରେ ଜନମତର ଦ୍ୱାନ୍ଦ୍ୱ ଉଠାଯାଇଥିଲା । ସେଥିପାଇଁ ରିପୋର୍ଟର ସୁପାରିସ ସମ୍ପର୍କରେ ଓଡ଼ିଆ ଜାତର ଜନମତ ଏବେ ନିଷ୍ପତ୍ତି ସ୍ତରରେ ଘୋଷଣା କରିବା ପାଇଁ ପଡ଼ିବ । ପ୍ରସ୍ତାବିତ ମଣ୍ଟେଗୁ-ଚେମସଫୋର୍ଡ୍ ଶାସନ-ସଂସ୍କାର କାର୍ଯ୍ୟକାରୀ ହେବା ପୂର୍ବରୁ ବିଚ୍ଛିନ୍ନ ଓଡ଼ିଆଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ ରହି ଏକତ୍ରିତ ନ ହୁଏ, ତାହେଲେ ଓଡ଼ିଆମାନଙ୍କ ପ୍ରତି ଶାସନ-ସଂସ୍କାରର କୌଣସି ତାତ୍ପର୍ଯ୍ୟ ରହିବ ନାହିଁ । ଆଉ ସବ୍-ପ୍ରଭିନସ୍ ନୁହେଁ । ସବ୍-ପ୍ରଭିନସ୍ ଶବ୍ଦକୁ ଏକ ମଜ୍ଜାଚକା ହେବା ହିଁ ସାର ହେଲା । ସମ୍ମିଳନୀର ନେତୃବୃନ୍ଦଙ୍କ ଦାବୀ—ଜଣେ ଗଭର୍ଣ୍ଣର-ଇନ୍-କାଉନସିଲ୍‌ଙ୍କ ଶାସନାଧୀନରେ, ଓଡ଼ିଶା ହେବ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ।

ଏ ଦାବୀକୁ ପ୍ରତିଷ୍ଠିତ କରିବା ପାଇଁ ଯଥାଶୀଘ୍ର ଉତ୍କଳ-ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ କରିବା ଆବଶ୍ୟକ । କିନ୍ତୁ ଅଧିବେଶନର ଦାୟିତ୍ୱ ନେଉଛନ୍ତି କିଏ ? ପୂର୍ବବର୍ତ୍ତ ସମ୍ମିଳନୀର ଦ୍ୱାଦଶ ଅଧିବେଶନ ପାଇଁ, ଅଭ୍ୟର୍ଥନା ସମିତିର ସଭାପତି ରୂପେ କନକା ରାଜା ଗୋପବନ୍ଧୁଦାସଙ୍କୁ ଯତ୍ପରୋନାସ୍ତି ଅର୍ଥ ସାହାଯ୍ୟ ଦେଇଥିଲେ । ଏଥର ତାଙ୍କଠାରୁ ସାହାଯ୍ୟର ଆଶା ନାହିଁ । ଅଭ୍ୟର୍ଥନା ସମିତିର ସଭାପତି ରୂପେ ଅଧିବେଶନର ବ୍ୟୟ ବହନ କରିବା ପାଇଁ, ମଧୁସୂଦନଙ୍କୁ ମଧ୍ୟ କିଛି ଋଣ କରିବା ପାଇଁ ପଡ଼ିଥିଲା । ଇମ୍ପିରିଆଲ୍-କାଉନସିଲ୍‌ଠାରୁ ବିହାର-ଓଡ଼ିଶା କାଉନସିଲ୍ ପର୍ଯ୍ୟନ୍ତ କାଉନସିଲ୍ ଗଠନରେ ବ୍ୟସ୍ତ ରହିବା ଫଳରେ ମଧୁସୂଦନଙ୍କ ଓକିଲତି ବ୍ୟବସାୟ ଓ ସେହି ସୂତ୍ରରେ ଉପାର୍ଜନ ବହୁପରିମାଣରେ ବାଧାଗ୍ରସ୍ତ । ପୂର୍ଣ୍ଣ ଉତ୍କଳ-ଷ୍ଟାନେସ୍ତା, ଓଡ଼ିଶା-ଆର୍ଟ୍-ଓ୍ୱେ ଆର୍‌ସ୍‌ର ପରସ୍ପରିକ ଫଳାଫଳରେ ମଧୁସୂଦନଙ୍କ ଋଣଭାର ଦିନୁଦିନ ବଢ଼ି ବଢ଼ି ଚାଲିଥିଲା । ଏ ପରିସ୍ଥିତିରେ ଉତ୍କଳ-ସମ୍ମିଳନୀର ବିଶେଷ ଅଧିବେଶନ ଆୟୋଜନ କରିବା ପାଇଁ ତାଙ୍କର ସମ୍ବଳ ନ ଥିଲା, କାମ୍ୟ ଉତ୍ସାହ ବୃତ୍ତି ଧରି ସେଥିପାଇଁ ପାଣି ପରହ ପାଇଁ ମଧ୍ୟ ମନୋବୃତ୍ତି ନ ଥିଲା ।

ଅଥଚ ଉପସ୍ଥିତ ପରିସ୍ଥିତିରେ ସମ୍ମିଳନୀର ବିଶେଷ ଅଧିବେଶନ ଅବିଳମ୍ବେ ଆହ୍ୱାନ ନକଲେ ନଚଳେ ।

ମଧୁସୂଦନ ନିଜ ଷ୍ଟଡ଼ୀ ଭିତରେ ଏପାଖରୁ ସେପାଖ, ସେପାଖରୁ ଏପାଖ, ଉଦ୍‌ବିଗ୍ନ ଭାବରେ ପାଦଚାରଣା କରି, ସମାଧାନର ଗୋଟାଏ ଉପାୟ ଚିନ୍ତା କରୁଥିଲେ ।

Digitized by srujanika@gmail.com

"ବ୍ରଜୁ"—ତାଙ୍କ ପର୍ସନାଲ୍ ଆସିଷ୍ଟାଣ୍ଟ୍‌କୁ ମଧୁସୂଦନ ପାଖକୁ ଡାକଲେ ।

ବ୍ରଜକଶୋର ମହାନ୍ତ, ବେଣ୍ଟକାରଆ କରଣ—ଯେପର ଚତୁର, ସେହିପର କର୍ମଠ ଓ ବୁଦ୍ଧିମାନ । ବଶେଷତଃ ମଧୁସୂଦନଙ୍କ ପ୍ରୟୋଜନ ପଡ଼ଲେ ଗତ ଅଧରେ ସୁଦ୍ଧା ଋଣ ସଂଗ୍ରହ କରବାରେ ବ୍ରଜକଶୋର ସିଦ୍ଧହସ୍ତ ।

ବ୍ରଜକଶୋର ଆସିବା ମାତ୍ରେ, ମଧୁସୂଦନ କହଲେ···"କହୁଗାମର ଜଗଦବନ୍ଧୁ ବୋପଙ୍କ ଠାରୁ ଦୁଣ୍ଡୀ ରଖି, ଟଙ୍କା ଦୁଇ ଚନ ହଜାର କାଲ ଭତରେ ଯୋଗାଡ କରପାରବ ବ୍ରଜୁ ?"

ହଠାତ୍ ଏକ ଅସ୍ତ୍ରିକର ପରସ୍ଥିତରେ ପଡ଼ଥିବା ପଣ, ବ୍ରଜକଶୋର ସଙ୍କୁଚତ ସ୍ୱରରେ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହଲେ···"ବୋସ୍-ଇଷ୍ଟେଟ୍‌ର ଅନେକ ଦେଣା ହୋଇ ଗଲଣି ଆମ ଉପରେ । ପରଶୋଧ ପାଇଁ ଜଗତ୍ ବାବୁ ତାଗଦା ପରେ ତାଗଦା ପଠାଉଛନ୍ତ । ତାଉପରେ ପୁଣି ଋଣ ସ୍ୱିଧିଲେ....."

ବ୍ରଜକଶୋରଙ୍କ କଥା ଶେଷ ନ ହେଉଣୁ ମଧୁସୂଦନ ଅସହିଷ୍ଣୁ କଣ୍ଠରେ କହଲେ··· "ହେଲ୍ ହେଲ୍, ଯେତେ ସବୁ ନନ୍‌ସେନ୍ସ, ଏକାଠି ହୋଇଛନ୍ତ ଏଇଠି । ଋଣସ୍ୱର ବଢ଼ି ବଢ଼ି ସ୍ୱାସ୍ଥ୍ୟ ତ କଣ ହୋଇଗଲ୍ ? ତା ବୋଲ କଣ ଆଉ ଋଣ ମିଳବ ନାହିଁ ! ସୁଧ ତ ପୁଣି ସେଇ ପରମାଣରେ ବଢୁଛୁ !"

ବ୍ରଜକଶୋରଙ୍କ ଉପରେ ହଠାତ୍ ବସ୍ଫୋରଣର କୌଣସି କାରଣ ନ ଥିଲ । କନ୍ତୁ ହାତରେ ଟଙ୍କା ନ ଥିଲେ ମଧୁସୂଦନ କାରଣ ଅକାରଣରେ ଏଇପର ବସ୍ଫୋରଣ କରଥାନ୍ତ । ମଧୁସୂଦନଙ୍କ ଏ ଆଚରଣ ସହ୍ୟ ବ୍ରଜକଶୋର ବେଶ ଅଭ୍ୟସ୍ତ । ଏହ ସମସ୍ତରେ ଷ୍ଟଡ଼ୀ ଭତରକୁ ବ୍ୟସ୍ତ ସମସ୍ତ ସ୍ୱରରେ ପଶି ଆସିଲେ ବ୍ରଜସୁନ୍ଦର । ସ୍ୱହାର-ଓଡ଼ଶା କାଉନସିଲ୍‌ରେ ଓଡ଼ଶାର ପୁର୍ନଗଠନ ପ୍ରସ୍ତାବ ଉପେକ୍ଷିତ ହେବା ସମ୍ବାଦ, ଭରୁଣ ବ୍ରଜସୁନ୍ଦରଙ୍କୁ ଉଦ୍‌ବଗ୍ନ, ଚନ୍ତ୍ରତ କରଥିଲ ।

ବ୍ରଜସୁନ୍ଦରଙ୍କୁ ଦେଖି ମଧୁସୂଦନ ଚତ୍କାର କର ଡାକଲେ, "ବ୍ରଜୁ ! ବ୍ରଜୁ ! କୁଆଡ଼େ ଗଲ ତୁମେ ?"

ବ୍ରଜକଶୋର ପୁଣି ଫେର ଆସିବା ମାତ୍ରେ, ମଧୁସୂଦନ କହଲେ, "ଭଗବାନ ଅଛନ୍ତ, ଏଥିରେ କଣ ତୁମର ଆଉ ସନ୍ଦେହ ଅଛୁ ବ୍ରଜୁ ?"

ହଠାତ୍ ଏହ ବ୍ୟାପାର ମଧ୍ୟରେ, ଭଗବାନଙ୍କର କେଉଁଠି କପଣ ଆବିର୍ଭାବ ଘଟିଲ ବ୍ରଜକଶୋର ବୁଦ୍ଧି କପାଳ କଂକର୍ତ୍ତବ୍ୟବମୂଢ଼ ପଣ ଏମେ ଚେମେ ସ୍ୱିଧିଲେ । ବ୍ରଜସୁନ୍ଦର ମଧ୍ୟ ଭଗବାନଙ୍କ ଅସ୍ତିତ୍ୱ ସମ୍ପର୍କରେ ମଧୁସୂଦନଙ୍କ ଏ ଆକସ୍ମିକ ପ୍ରଗଲଭ ଉଚ୍ଚ୍ୱାସର କୌଣସି କାରଣ ଅନୁମାନ କର ନ ପାର, ବସ୍ମିତ କଣ୍ଠରେ ପଚ୍ଚାରଲେ....."ମାନେ ?"

Digitized by srujanika@gmail.com

ମଧୁସୂଦନ ଉତ୍ତର ଦେଲେ···"ଏଇ ସପ୍ତାହକ ମଧ୍ୟରେ ଉତ୍କଳ-ସମ୍ମିଳନୀର ଗୋଟିଏ ବିଶେଷ ଅଧିବେଶନ କେଉଁଠି ହେବ, କିଏ ବା ଏହାର ସଭାପତି ହେବ, ସେଥିପାଇଁ ପାଣି କେଉଁଠୁ ଆସିବ, କିଏ ବା ଋଣ ଦେବ, ମୁଁ ସ୍ଥିର କରି ପାରୁ ନ ଥିଲି । ଏଇ ସମସ୍ତଙ୍କର ଦେବ-ପ୍ରେରିତ ପରି ହଠାତ୍ ତୁମର ଆବିର୍ଭାବ ହେଲା । ଏହାପରେ ଭଗବାନ ଅଛନ୍ତି ବୋଲି କିଏ ଅବିଶ୍ୱାସ କରିବ କେଉଁ ପରି ?"

ଏହାର ନିହିତାର୍ଥ ବୁଝି ବ୍ରଜସୁନ୍ଦର ମାଗିବ ରହିଲେ ।

ମଧୁସୂଦନ କହିଲେ..."ମୋ ହାତରେ ଟଙ୍କା ଥିଲେ, ତୁମ ଉପରେ ଏ ବୋଝ ଲଦି ନ ଆନ୍ତି ବ୍ରଜସୁନ୍ଦର । କିନ୍ତୁ ଏଇ ସପ୍ତାହକ ମଧ୍ୟରେ ସମ୍ମିଳନୀର ବିଶେଷ ଅଧିବେଶନ ଆହ୍ୱାନ କର, ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ପ୍ରସ୍ତାବର ବିରୋଧ ନ କଲେ, ଓଡ଼ିଶାର ଜନମତ ଏହାକୁ ସମର୍ଥନ କରୁଛି ବୋଲି ଧରଣଆସିବ । ତୁମକୁ ଏହାର ଦାୟିତ୍ୱ ନେବା ପାଇଁ ପଡ଼ିବ ବ୍ରଜସୁନ୍ଦର ।" ମଧୁସୂଦନ ଜାଣନ୍ତି, ତାଙ୍କ ନିର୍ଦ୍ଦେଶ ବ୍ରଜସୁନ୍ଦରଙ୍କ ପକ୍ଷରେ ଥିଲା ବେଦବାକ୍ୟ ପରି ଅଲଙ୍ଘନୀୟ । ସେଇ ସୁଯୋଗ ସେ ନେଇଥିଲେ ସେତେବେଳେ । ୧୯୧୮ ସାଲ ସେପ୍ଟେମ୍ବର ୨୧ ଓ ୨୨ ତାରିଖ ଶନିବାର ଓ ରବିବାର ଦିନ କଟକ ମ୍ୟୁନିସିପାଲିଟୀ ହଲ୍ ଥିଏଟର-ପେଣ୍ଡାଲରେ ଉତ୍କଳ-ସମ୍ମିଳନୀର ଏହି ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ସମସ୍ତ ଅଞ୍ଚଳରୁ ବିଧିବଦ୍ଧ ଭାବରେ ଅଭ୍ୟର୍ଥନା-ସମିତି ଗଠିତ ହୋଇ ପାରି ନଥିଲା କାମ୍ୟା ଓଡ଼ିଆଭାଷାଭାଷୀ ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିମାନେ ଏଥିରେ ଯୋଗଦେଇ ପାରି ନଥିଲେ । ବ୍ରଜସୁନ୍ଦରଙ୍କ ଅକ୍ଲାନ୍ତ ଉଦ୍ୟମ ଓ ବ୍ୟସ୍ତତାରେ ଅଧିବେଶନର ଆୟୋଜନ ସମ୍ଭବ ହୋଇପାରିଥିଲା । ସ୍ୱୟଂ ମଧୁସୂଦନ ହୋଇଥିଲେ ଏହି ବିଶେଷ ଅଧିବେଶନର ସଭାପତି ।

ଓଡ଼ିଶା ପାଇଁ 'ସବ୍-ପ୍ରଭିନସ୍' ଗଠିତ ହେବା ଦ୍ୱାରା, ଓଡ଼ିଶା ଓ ଓଡ଼ିଆ-ସମସ୍ୟାର ସନ୍ତୋଷଜନକ ସମାଧାନ ହୋଇ ପାରିବ ନାହିଁ; ଏଥିପାଇଁ ଜଣେ ଲେଫ୍‌ଟେନ୍ଟ ଗଭର୍ଣ୍ଣରଙ୍କ ଅଧୀନରେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦାବୀ କର, ମଧୁସୂଦନ ଏହି ଅଧିବେଶନରେ ଏକ ପ୍ରସ୍ତାବ ଆଗତ କରିଥିଲେ । ପୂର୍ଣ୍ଣ ପ୍ରସ୍ତାବିତ ଶାସନ-ସଂସ୍କାର ପୂର୍ବରୁ ଅଥବା ସେହି ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନ ଏକ ଶାସନାଧୀନରେ ଏକତ୍ରିତ ନ ହେଲେ, ଓଡ଼ିଶା-ବାସୀଙ୍କ ପକ୍ଷରେ ପ୍ରସ୍ତାବିତ ଶାସନ-ସଂସ୍କାରର ମଧ୍ୟ କୌଣସି ବାସ୍ତବ ଉପଯୋଗିତା ରହିବ ନାହିଁ ବୋଲି ଏହି ପ୍ରସ୍ତାବରେ ଉଲ୍ଲେଖ କରିଯାଇଥିଲା ।

ମଧୁସୂଦନ ଭାଷଣ ପ୍ରସଙ୍ଗରେ କହିଥିଲେ—" × × ସବୁଠାରେ ଓଡ଼ିଆଙ୍କ ଉପରେ ଆଉ ଗୋଟିଏ ଭାରତୀୟ ଜାତି ମଧ୍ୟବର୍ତ୍ତୀ ଶାସନକର୍ତ୍ତା ରୂପେ ରହିଛନ୍ତି; ଫଳରେ ଇଂରେଜ ଶାସନର ଉପକାରରୁ ଓଡ଼ିଆଙ୍କ କପାଳରେ ଏ ପର୍ଯ୍ୟନ୍ତ ଘଟିଲା ନାହିଁ....ପୂର୍ତ୍ତଂ ଶାସନ-ସଂସ୍କାର ମାଉର ଉଦ୍ଦେଶ୍ୟ ଭଲ ହେଲେ ହେଁ ଓଡ଼ିଆମାନେ ଏକତ୍ରିତ ନ ହେବା ପର୍ଯ୍ୟନ୍ତ, ଇଂରେଜ ଶାସନର ସୁଫଳ ସେମାନେ ପାଇବେ ନାହିଁ, ଏହା ଧ୍ରୁବ ସତ୍ୟ । ମଧ୍ୟବର୍ତ୍ତୀ ଶାସନକର୍ତ୍ତାମାନଙ୍କ ଶାସନାଧୀନରେ ରହିବାର ଅପକାରରୁ, ଶାସନ-ସଂସ୍କାର ପ୍ରବର୍ତ୍ତନ ପୂର୍ବରୁ

Digitized by srujanika@gmail.com

ଓଡ଼ଆମାନେ ସ୍ୱେଗ କରୁଥିଲେ, ଶାସନସଂସ୍କାର ପ୍ରବର୍ତ୍ତନ ପରେ ମଧ୍ୟ ସ୍ୱେଗ କରିବେ । ସମଗ୍ର ସ୍ୱରଡ ନାଡ ଉଦାର ସଂସ୍କାର ନାଡ ପ୍ରବର୍ତ୍ତନ ଫଳ ସ୍ୱରୂପ ଗୋଟିଏ ଅଧେ ମନ୍ତ୍ରୀ ପାଇବେ; କନ୍ତୁ ସମଗ୍ର ସ୍ୱରଡର ମଡ ଯେ ମନ୍ତ୍ରୀ ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ମନୋନୀଡ ନ ହୋଇ ବ୍ୟବସ୍ଥାପକ ସଭାର ବେସରକାରୀ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତୁ ।"

କନ୍ତୁ ଉଚ୍ଚଳ-ସମ୍ମିଳନୀର ଏହି ଦାବୀ ବହାର-ଓଡ଼ିଶା ସରକାର କମ୍ବା କେନ୍ଦ୍ରସରକାର, କାହାର ଉପରେ କ୍ଷୀଣଭମ ରେଖାପାଡ କରିପାରି ନଥିଲ ।

ଓଡ଼ିଶା ପାଇଁ ନଜଝ ଭବିଷ୍ୟତରେ ପିଲଙ୍କୁ ଝାକୁଆ ଭର୍ତ୍ତି ବା ପର, ସେଇ 'ସବ୍-ପ୍ରଭିନସ୍' ଗଠନର ସମ୍ଭାବନା ସୁଦ୍ଧା ଜମେ ସୁଦୂର ହୋଇ ଉଠୁଥିଲ ।

୧୯୧୯ ସାଲ ମାର୍ଚ୍ଚ ୭ ତାରିଖ ଦିନ ଇମ୍ପିରିଆଲ୍ କାଉନସିଲ୍‌ରେ 'ସବ୍-ପ୍ରଭିନସ୍' ଗଠନ ସମ୍ପର୍କରେ, କନକାଗ୍ଲା ବ୍ରଜେନ୍ଦ୍ରନାଗ୍ସ୍ୱଣ, ଏକ ପ୍ରଶ୍ନ ଉତ୍ଥାପନ କରିଥିଲେ । ତାହାର ଉତ୍ତରରେ ସରକାରଙ୍କ ପକ୍ଷରୁ ସାର ଭିନସେଣ୍ଟ୍ ସ୍ମିଥ୍ ସ୍ପଷ୍ଟୀକରଣ ଦେଇ କହିଥିଲେ ...."ରିପୋର୍ଟର ୨୪୬ ପାରାଗ୍ରାଫ୍‌ର ଅର୍ଥ ମାନ୍ୟବର ସଦସ୍ୟ ଯଥାର୍ଥ ଭାବରେ ହୃଦୟଙ୍ଗମ କରି ନାହାନ୍ତି । ଶାସନ-ସଂସ୍କାର ପ୍ରବର୍ତ୍ତିତ ହେବା ପରେ, ବହାର-ଓଡ଼ିଶା ସରକାର, ଓଡ଼ିଶା ପାଇଁ 'ସବ୍-ପ୍ରଭିନସ୍' ଗଠନର ପ୍ରସ୍ତାବ ବିଚାର କରି ଦେଖିବେ—ତାହା ପୂର୍ବରୁ ନୁହେଁ" ।*

ଓଡ଼ିଶା ପାଇଁ 'ସବ୍-ପ୍ରଭିନସ୍'ର ସେଇ ସାମାନ୍ୟ ପ୍ରତିଶ୍ରୁତି ସୁଦ୍ଧା, ଦିନୁଦିନ କ୍ଷୀଣତର ହୋଇ ଉଠୁଥିଲ ।

●

---

* Sir Vincent Smith—

"The Hon'ble Member seems to have misunderstood the recommendation in paragraph 246 of the Report which is that, the possibility of constituting Orissa as a separate sub-province should be considered by the local Government, after the introduction of the Reforms. The Government of India have adviced the local Government that this question should not be considered until the reformed provincial-Government has been constituted."

(Imperial Council proceedings—7-3-1919)

Digitized by srujanika@gmail.com

ନବମ ପରିଚ୍ଛେଦ

(ଏକ)

୧୯୧୯ ସାଲ ଜାନୁଆରୀ.....

"ଉତ୍କଳ-ଦୀପିକା"ର ନବନିଯୁକ୍ତ ସମ୍ପାଦକ ଗୁପ୍ତବାହାଦୁର ସୁଦାମଚରଣ ନାସ୍ମକ, ଏକ ସମ୍ପାଦକୀୟ ଅଗ୍ରଲେଖାରେ ଲେଖିଥିଲେ—

"The Grand Old Man has laid down his arms. The young veteran to whom Orissa owes the special meeting of the Utkal Conference has laid aside his portfolio and the "The Oriya" is now to go rudderless."

(କୁଳବୃଦ୍ଧ ଅସ୍ତ୍ରସମ୍ବରଣ କଲେ । ଯେଉଁ ଯୁବନେତାଙ୍କ ପାଇଁ ଉତ୍କଳ-ସମ୍ମିଳନୀର ବଶେଷ ଅଧିବେଶନ ସମ୍ଭବ ହୋଇ ପାରିଲା, ସେ ମଧ୍ୟ ତାଙ୍କର ଦାୟିତ୍ୱ ପରିହାର କଲେ । "ଦ ଓଡ଼ିଆ" ପତ୍ରିକା ମଧ୍ୟ ବର୍ତ୍ତମାନ ନାବଳକ୍ଷନ ।)

"ଦ ଓଡ଼ିଆ" ଇଂରେଜୀ ସାପ୍ତାହିକ ପତ୍ରିକାର ସମ୍ପାଦକ ପଦରୁ ମଧୁସୂଦନ ହଠାତ୍ ତାଙ୍କର ସବୁ ସମ୍ପର୍କ ଛିନ୍ନ କରି ଦେଇଥିଲେ । ସେଥି ସଙ୍ଗେ ସଙ୍ଗେ ବ୍ରଜସୁନ୍ଦର ଉତ୍କଳ-ସମ୍ମିଳନୀର ସମ୍ପାଦକ ଦାୟିତ୍ୱରୁ ମଧ୍ୟ ନେଇଥିଲେ ଅବ୍ୟାହତି । ଏହାର ପୂର୍ବବର୍ଷ, ମଧୁସୂଦନ ଉତ୍କଳ-ସମ୍ମିଳନୀର ସମ୍ପାଦକତ୍ୱରୁ ନେଇଥିଲେ ବିଦାୟ । ଉତ୍କଳ-ସମ୍ମିଳନୀର ଏଇ ବଡ଼ମ୍ବିତ ପରିସ୍ଥିତିକୁ ଲକ୍ଷ୍ୟ କରି, ସୁଦାମଚରଣ "ଉତ୍କଳ-ଦୀପିକା"ର ସମ୍ପାଦକୀୟ ସ୍ତମ୍ଭରେ ଉପରୋକ୍ତ ମନ୍ତବ୍ୟ ପ୍ରକାଶ କରିଥିଲେ । ସ୍ୱତନ୍ତ୍ର-ଓଡ଼ିଶା ପ୍ରଦେଶ-ଗଠନ ଆନ୍ଦୋଳନର ଏକ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ସମ୍ମିଳନୀରୁ ମଧୁସୂଦନ ଓ ବ୍ରଜସୁନ୍ଦରଙ୍କ ବିଦାୟ, ଉତ୍କଳ-ସମ୍ମିଳନୀର ଶୁଭ୍ରକାଂକ୍ଷୀମାନଙ୍କୁ ବ୍ୟଥିତ କରିଦେଲା । ସମ୍ମିଳନୀର ଅବସ୍ଥା ଏବେ ଜାବନ୍ତ । ମଧୁସୂଦନ "ଦ ଓଡ଼ିଆ"ର ସମ୍ପାଦକତ୍ୱରୁ ଇସ୍ତଫା ଦେବା ପରେ କେତେକ ଯୁବକ ନେଇ ଥିଲେ ଏହାର ପରିଚାଳନା ଦାୟିତ୍ୱ । ମାତ୍ର ମଧୁସୂଦନଙ୍କ ବଳିଷ୍ଠ ଲେଖନୀ ଓ ସମ୍ପାଦନା, "ଦ ଓଡ଼ିଆ"କୁ ଯେପରି ଓଡ଼ିଆ-ଆନ୍ଦୋଳନର ଏକ ଶକ୍ତିଶାଳୀ ମୁଖପତ୍ରରେ ପରିଣତ କରି ପାରିଥିଲା, ଏବେ ଆଉ ତାହାର ସେପରି ଶକ୍ତ କମ୍ବା ପ୍ରଭାବ ନ ଥିଲା । "ଦ ଓଡ଼ିଆ"

Digitized by srujanika@gmail.com

ସମ୍ପାଦନା ଦାୟିତ୍ୱ ପୁଣି ଗ୍ରହଣ କରିବା ପାଇଁ ମଧୁସୂଦନଙ୍କୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ସୁଦାମଚରଣ ସେଦିନ ସକାଳେ ଆସିଥିଲେ ମଧୁସୂଦନଙ୍କ ନକଟକକୁ ।

ସୁଦାମଚରଣଙ୍କୁ ଦେଖିବାମାତ୍ରେ ମଧୁସୂଦନ କହିଲେ—"ତୁମର ସମ୍ପାଦକୀୟ ମନ୍ତବ୍ୟ ମୁଁ ପଢ଼ିଛି ଘସ୍ୱବାହାଦୁର । କନ୍ତୁ..."

ମଧୁସୂଦନଙ୍କ କଥା ଶେଷ ନ ହେଉଣୁ, ସୁଦାମଚରଣ କହିଲେ, "ଆପଣ ଅନ୍ତତଃ "ଦ ଓଡ଼ିଆ"ର ସମ୍ପାଦନା ଦାୟିତ୍ୱ ନ ନେଲେ, ପତ୍ରିକା ଯେ ଆଉ ଚଲପାଇବ ନାହିଁ, ସେଥିରେ କାହାର ସନ୍ଦେହ ନାହିଁ । କ୍ଷୀରୋଦ ବାବୁଙ୍କ "ଦ ଷ୍ଟାର୍ ଅଫ୍ ଉତ୍କଳ" ବନ୍ଦ ହୋଇଯିବା ପରେ, "ଦ ଓଡ଼ିଆ"ହିଁ ଥିଲା, ଓଡ଼ିଶା ବାହାରେ ଓଡ଼ିଆ ଜାତିର ଏକମାତ୍ର ମୁଖପତ୍ର ।"

୧୯୦୫ ସାଲରେ "ଦ ଷ୍ଟାର୍ ଅଫ୍ ଉତ୍କଳ" ଠାରୁ ଶାସନ-ବିରୋଧୀ କେତେକ ଲେଖା ପ୍ରକାଶ ଅଭିଯୋଗରେ, ସରକାର ଯେଉଁ ଅମାନତ ଦାବୀ କରିଥିଲେ, "ଷ୍ଟାର ଅଫ୍ ଉତ୍କଳ" ତାହା ଦେବା ପାଇଁ ନାସ୍ତି କରି ଦେଇଥିଲେ । ଫଳରେ ପତ୍ରିକାର ପ୍ରକାଶନ ବନ୍ଦ ହୋଇ ଯାଇଥିଲା ।

ମଧୁସୂଦନ ପଚାରିଲେ...."ମୋତେ ବିଶ୍ୱାସ କେତେଦୂର ଭାର ଦୁସାବ ରହିତ ଘସ୍ୱବାହାଦୁର ?"

ସୁଦାମଚରଣ ସ୍ମିତ ହସି ଉତ୍ତର ଦେଲେ...."ଆପଣ ଅବଶ୍ୟ ଓଡ଼ିଶାର କୂଳବୃତ୍ତ । କନ୍ତୁ ଆମମାନଙ୍କ ଦୃଷ୍ଟିରେ ଆପଣ ତ ଏକତ୍ରିଶ ବର୍ଷର ଯୁବକ !"

ମଧୁସୂଦନ କହିଲେ···"ଭଗବାନଙ୍କ ଅଶେଷ କରୁଣାରୁ ମୁଁ ତଥାପି କର୍ମଶକ୍ତ ହରାଇ ନାହିଁ ସୁଦାମ । କନ୍ତୁ ଏ ବିଷୟରେ କୌଣସି ଦାୟିତ୍ୱ ମୁଣ୍ଡାଇବା ପାଇଁ ମୁଁ ଆଉ ପ୍ରସ୍ତୁତ ନୁହେଁ । ଉତ୍କଳ-ସମ୍ମିଳନୀରେ ଜ୍ୱଳନ୍ତ ଦେବା ପାଇଁ, ପ୍ରସ୍ତାବର ଚଠା କରିବା ପାଇଁ, ବାକ୍ୟ-ବୀରମାନଙ୍କର ଅଭାବ ନାହିଁ । କନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ କ୍ଷୀଣତମ ନିଷ୍ଠା ବା ଧୈର୍ଯ୍ୟ ମୁଁ କେଉଁଠି ଲକ୍ଷ୍ୟ କରି ପାରିଲି ନାହିଁ । "ଦ-ଓଡ଼ିଆ" ପ୍ରକାଶ କରିବାର ପ୍ରସ୍ତାବ, ୧୯୧୭ ସାଲ କଟକ ଉତ୍କଳ ସମ୍ମିଳନୀ ଅଧିବେଶନରେ ଉତ୍ଥାପିତ ହେବାବେଳେ, ଏହାର ପରିପ୍ରେକ୍ଷୀ ପାଇଁ ଅନେକ ଧନୀମାନୀ ଲୋକ, ଜନ୍ମିତ ରାଶି ଦେବାର ପ୍ରତିଶ୍ରୁତି ଦେଇଥିଲେ । କନ୍ତୁ ସେମାନଙ୍କ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଗଲା । ଉତ୍କଳ-ଟାନେଲ୍ ପାଇଁ ଋଣଭରରେ ମୁଁ ଆଜି ବୁଡ଼ିଗଲିଣି । ତା'ପରେ "ଦ-ଓଡ଼ିଆ" ଚଲାଇବା ପାଇଁ ଆଉ ଋଣ କରିବାକୁ ମୋର ଶକ୍ତି ନାହିଁ ।"

ମଧୁସୂଦନ ଗୋଟାଏ ଢୋକ ବୋଲିଲେ·····

"ଗଙ୍ଗେଇ ଖଟୁଆ, ଗୁଆ ନାହିଁ, ପାନ ନାହିଁ, ଖାଲି ବଟୁଆ ।"

Digitized by srujanika@gmail.com

ଓଡ଼ିଶାର ସାଧାରଣ ଜୀବନରେ ନଷ୍ଟାର ଏ ଅଭ୍ୟୁଦ୍ଧ ଅସ୍ୱୀକାର କରିବା, ସୁଦାମଚରଣଙ୍କ ପକ୍ଷରେ ସମ୍ଭବ ନଥିଲା । ଅପଗ୍ରଧ ସ୍ୱୀକାର କରିବା ପରି ଅସ୍ୱସ୍ତିରେ ସେ ଜାରବ ରହିଲେ ।

ଷ୍ଟଡ଼ୀ ଭିତରେ ଇତସ୍ତତ ପାଦଘୂରଣା କରି, ମଧୁସୂଦନ ସ୍ୱରତୋଳି କରିବା ପରି କହିଲେ....''ଉତ୍କଳ-ସମ୍ମିଳନୀର ବିଶେଷ ଅଧିବେଶନ ଆୟୋଜନ କରିବାରେ ବ୍ରଜସୁନ୍ଦର ମଧ୍ୟ ଋଣଗ୍ରସ୍ତ । ସମସ୍ତେ ଜାଣୁଛନ୍ତି—ବ୍ରଜସୁନ୍ଦର ସମ୍ମିଳନୀର ସମ୍ପାଦକ । ତେଣୁ ସମ୍ମିଳନୀର ଦାୟିତ୍ୱ ଏକା ଭାଙ୍ଗର । ସତେ ଯେପରି ଏଇଟା ଗୋଟାଏ ପିତୃକାର୍ଯ୍ୟ ! କିନ୍ତୁ ଦେଶକାର୍ଯ୍ୟ ତ ସେପରି ଚଳିବ ନାହିଁ !''

ସମ୍ମିଳନୀ କଥା ଉଠିବାରୁ, ସୁଦାମଚରଣ କହିଲେ—''ଅପ୍ରେଲ ମାସରେ କଟକରେ ସମ୍ମିଳନୀର ଚତୁର୍ଦ୍ଦଶ ଅଧିବେଶନ ପାଇଁ ଆୟୋଜନ ଚାଲିଛି । କେହି କେହି ପ୍ରସ୍ତାବ କରୁଛନ୍ତି ଏ ଅଧିବେଶନରେ ଆପଣ ଅନ୍ତତଃ ସଭାପତିତ୍ୱ କରନ୍ତୁ ।''

ମଧୁସୂଦନ ଚିତ୍କାର କରି ଉଠିଲେ....''ମୋତେ ଆଉ ଭା' ଭିତରକୁ ଟାଣ ନାହିଁ ସୁଦାମ । ବରଂ ଗୋପବନ୍ଧୁଙ୍କୁ ଅନୁରୋଧ କର, ଚତୁର୍ଦ୍ଦଶ ଅଧିବେଶନର ସଭାପତିତ୍ୱ ପାଇଁ । ସମ୍ମିଳନୀ ଆଜି ଅପେକ୍ଷା କରୁଛି, ନୂତନ ନେତୃତ୍ୱ, ନୂତନ ରକ୍ତ । ଆମ ହାତରେ ଆଉ କିଛି ହୋଇ ପାରିବ ନାହିଁ ।''

ଷ୍ଟଡ଼ୀ ଭିତରେ ଅସ୍ୱସ୍ତିକର ଜାରବତା ।

ମଧୁସୂଦନ ସ୍ୱରତୋଳି କରିବା ପରି କଣ୍ଠରେ କହିଲେ—''ଆଜି ମୋର ବିଶ୍ୱାସ ଥିଲେ, ଗୋପବନ୍ଧୁ ସତ୍ୟବାଦୀରେ ଯାହା ଆରମ୍ଭ କରିଛି, ମୁଁ ସେଇଆଇ କରିଥାନ୍ତି । ଏହା ଭିତରେ ମୁଁ କେତେଥର ସତ୍ୟବାଦୀ ଚାଲିଣି । ଗୋପବନ୍ଧୁ ସେଠାରେ ଆରମ୍ଭ କରିଛି, ଦେଶବ୍ରତୀ ମଣିଷ ତିଆରି କରିବାର ଅନୁଶୀଳନ । ମୁଁ କିନ୍ତୁ ଏ ପର୍ଯ୍ୟନ୍ତ ପ୍ରଥମେ ମଣିଷ ତିଆରି ନ କରି, ଗୋଟିକ ପରେ ଗୋଟିଏ ଅନୁଷ୍ଠାନ କେବଳ ଗଢି ଚାଲିଲି । ମାତ୍ର ମଣିଷ ଅଭାବରୁ ସେଥି ମଧ୍ୟରୁ କୌଣସି ଗୋଟିକ ଅନୁଷ୍ଠାନ ସୁଦ୍ଧା ଉଣ୍ଟି ରହି ପାରିଲା ନାହିଁ । ମୋ ଦ୍ୱାରା କିଛି ହୋଇ ନାହିଁ; କିଛି ହୋଇ ପାରିବ ନାହିଁ ସୁଦାମ !''

ମଧୁସୂଦନଙ୍କ କଣ୍ଠରେ ନୈରାଶ୍ୟ ଓ ଗ୍ଲାନି ।

''କିନ୍ତୁ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟ ଅଲଗା''—ସୁଦାମଚରଣ କହିଲେ । ତାଙ୍କର ଉଦ୍ଦେଶ୍ୟ ସମ୍ମିଳନୀକୁ କଂଗ୍ରେସ ସହିତ ମିଶାଇ ଦେବା ପାଇଁ । ତାଙ୍କ ମତରେ ସ୍ୱରାଜ୍ୟ ଜାତୀୟ କଂଗ୍ରେସ ପ୍ରୋତରୁ, ଓଡ଼ିଶାକୁ ବିଚ୍ଛିନ୍ନ ରଖିବା ଆଉ ଉଚିତ ନୁହେଁ ।''

ମଧୁସୂଦନ ଉତ୍ତର ଦେଲେ....''ଏକା ଗୋପବନ୍ଧୁ କାହିଁକି, ସମ୍ମିଳନୀରେ ଆଉଣ ଅନେକଙ୍କର ଇଚ୍ଛା ଜାତୀୟ-କଂଗ୍ରେସର ଲକ୍ଷ୍ୟ ଆଉ ଉଦ୍ଦେଶ୍ୟକୁ ଉତ୍କଳ-ସମ୍ମିଳନୀ ଗ୍ରହଣ

Digitized by srujanika@gmail.com

କରନେବା ଆବଶ୍ୟକ । ବହୁମତ ଯଦି ସେଇପରି ହୁଏ, ତାହେଲେ ମୁଁ ବା ତୁମେ ସେଥିରେ ବାଧାଦେଇ ଲାଭ କ'ଣ ? କିନ୍ତୁ ସୁଦାମ, ଜାତୀୟ କଂଗ୍ରେସର ଉଦ୍ଦେଶ୍ୟ ଆକାଂକ୍ଷା ସହିତ ଉତ୍କଳ-ସମ୍ମିଳନୀର ତ କେବେ କୌଣସି ବିରୋଧ ନ ଥିଲା । ମୁଁ ଆଉ ମାଷ୍ଟର ଦାଦା, ଓଡ଼ିଶାରେ ପ୍ରଥମେ ସ୍ଥାପନ କରିଥିଲୁ ଜାତୀୟ-କଂଗ୍ରେସର ପ୍ରାଦେଶିକ ଶାଖା । କିନ୍ତୁ ୧୯୦୩ ସାଲ ମାଦ୍ରାଜ କଂଗ୍ରେସ ଅଧିବେଶନରେ, ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ପ୍ରସ୍ତାବକୁ ଆନୁଷ୍ଠାନିକ ଭାବରେ କଂଗ୍ରେସ ବିରୋଧ କରିବା ଦିନୁ, ଆମେ କଂଗ୍ରେସରୁ ଅଲଗା ହୋଇ ଗଠନ କରିଥିଲୁ ଉତ୍କଳ-ସମ୍ମିଳନୀ । ତଥାପି ଉତ୍କଳ-ସମ୍ମିଳନୀ ମଣ୍ଡପରେ ମୁଁ ବାରମ୍ବାର କହି ଆସିଛି, ଉତ୍କଳ-ସମ୍ମିଳନୀର ଉଦ୍ଦେଶ୍ୟ ଜାତୀୟ-କଂଗ୍ରେସର ଉଦ୍ଦେଶ୍ୟ ଓ ଆକାଂକ୍ଷାର କଦାପି ପରିପନ୍ଥୀ ନୁହେଁ ।"

—"ତାହେଲେ ଆପଣ ସେ ଦିଗରେ ନେତୃତ୍ୱ ନେଇ ନାହାନ୍ତି କାହିଁକି ?"—ସୁଦାମ ତରଣ ପ୍ରଶ୍ନ କଲେ ।

ମଧୁସୂଦନ ଉତ୍ତର ଦେଲେ—"କିନ୍ତୁ କଂଗ୍ରେସର ଅସହଯୋଗ ପନ୍ଥାରେ ମୋର ବିଶ୍ୱାସ ନାହିଁ । ଆଜି ଏକତ୍ରିଶ ବତ୍ସରେ ସେ ସିଦ୍ଧାନ୍ତ ବଦଳାଇବା ପାଇଁ ମୋର ସମସ୍ତ ମଧ୍ୟ ନାହିଁ । ବିଗତ ଶତାବ୍ଦୀରେ ଆମେ ଯେତେବେଳେ ସାଧାରଣ କ୍ଷେତ୍ରରେ ରାଜନୈତିକ ଜୀବନ ଆରମ୍ଭ କରିଥିଲୁ, ବ୍ରିଟିଶ ଶାସନ ସହିତ ସହଯୋଗ ଥିଲା, ସେତେବେଳର ରାଜନୈତିକ ଆଭିମୁଖ୍ୟ ? ସାମ୍ବିଧାନିକ ପନ୍ଥାକୁ ଆମେ ରାଜନୈତିକ ଆନ୍ଦୋଳନର ପନ୍ଥା ରୂପେ ଗ୍ରହଣ କରିନେଇଥିଲୁ । ଅସହଯୋଗ ଏହାର ମୌଳିକ ବିରୋଧୀ । କିନ୍ତୁ କାଳର ଗତିରେ, ଉତ୍କଳ-ସମ୍ମିଳନୀ ଯଦି ଜାତୀୟ-କଂଗ୍ରେସର ସେଇ ଅସହଯୋଗ ନୀତିକୁ ଗ୍ରହଣ କରେ, ତାହେଲେ ମୁଁ ସେଥିରେ ବାଧା ଦେବା ଉଚିତ ହେବ ନାହିଁ । ସେଇଥିପାଇଁ ତ ମୋର ଇଚ୍ଛା, ଗୋପବନ୍ଧୁ ଆସନ୍ତା ଅଧିବେଶନରେ ସଭାପତି ହୁଅନ୍ତୁ ।"

ଅପ୍ରେଲ ମାସ ୧୯ ତାରିଖ ଦିନ, କଟକ ମ୍ୟୁନସିପାଲଟୀ ପଡ଼ିଆରେ ଉତ୍କଳ-ସମ୍ମିଳନୀର ତତ୍ରୀୟ ଦଶମ ଅଧିବେଶନ, ଗୋପବନ୍ଧୁଙ୍କ ସଭାପତିତ୍ୱରେ ଯଥାବଧି ଅନୁଷ୍ଠିତ ହେଲା । ଗୋପବନ୍ଧୁଙ୍କ ଆବେଗମୟୀ ଭାଷଣରେ ଥିଲା, ଉତ୍କଳ-ମାତୃକାର ସେବାରେ ଅକୁଣ୍ଠିତ ଆତ୍ମୋତ୍ସର୍ଗ ପାଇଁ ଉଦ୍‌ବୋଧନ । ଜାତୀୟ ଆନ୍ଦୋଳନର ଆକାଂକ୍ଷା ଓ ସ୍ପନ୍ଦନ ସହିତ ଓଡ଼ିଶାର ଜୀବନ ସ୍ପନ୍ଦନକୁ ମିଶାଇ ଦେବା ପାଇଁ, ସେଥିରେ ଥିଲା ଅବଶ୍ୟ କ୍ଷୀଣ ଇଙ୍ଗିତ । ତାହା ସେତେ ସୁସ୍ପଷ୍ଟ ନ ଥିଲା କିମ୍ବା ଅସହଯୋଗର ଆହ୍ୱାନ ମଧ୍ୟ ସେଥିରେ ଘୋଷାର ନ ଥିଲା । ଗୋପବନ୍ଧୁ ସମ୍ମିଳନୀର ନେତୃତ୍ୱରେ ଅଭିଷିକ୍ତ ହୋଇଥିଲେ ହେଁ, ତାହାର ପୃଷ୍ଠଭୂମିରେ ମଧୁସୂଦନଙ୍କ ପ୍ରସ୍ତାବ ତଥାପି ଅତ ଗମ୍ଭୀର ଭାବରେ ରହିଥିଲା ଉତ୍ତୀର୍ଣ୍ଣ ।

Digitized by srujanika@gmail.com

ମଧୁସୂଦନ କମ୍ବଳ ଛୁଡ଼ଲେ—କନ୍ତୁ କମ୍ବଳ ଛୁଡ଼ି ପାରଲ୍ନାହିଁ ମଧୁସୂଦନଙ୍କୁ !

୧୯୧୯ ସାଲ ଡ଼ିସେମ୍ବର ମାସରେ ପୁରୀ ଠାରେ ଅନୁଷ୍ଠିତ ହେଉଥିଲା, ଉତ୍କଳ-ସମ୍ମିଳନୀର ପଞ୍ଚଦଶ ଅଧିବେଶନ । ସମ୍ମିଳନୀପ୍ରେମୀମାନେ ମଧୁସୂଦନକୁ ଧଣ ବସିଥିଲେ ଏଇ ଅଧିବେଶନରେ ଯୋଗ ଦେବା ପାଇଁ । ମାତ୍ର ମଧୁସୂଦନଙ୍କର ସେଇ ଏକ କଥା—

"ମୋତେ ଆଉ ତା ଭିତରକୁ ଟାଣ ନାହିଁ । ମଧୁସୂଦନଙ୍କ ନେତୃତ୍ୱର ପ୍ରଭାବ ନମେ କ୍ଷୀଣତର ହୋଇ ଆସୁଥିବା, ସେ ସ୍ପଷ୍ଟ ଉପଲବ୍ଧି କରି ସାରିଥିଲେ । ସେଥିପାଇଁ "ଆଲ୍ସେସ୍ଟି ଆପଣା ମହତ ଆପେ ଗେଟି" ନ୍ୟାସ୍ୱରେ ସେ ନିଜକୁ ରଖିଥିଲେ ଯଥାସମ୍ଭବ ସମ୍ମାନଜନକ ଦୂରତ୍ୱରେ ।

ଜଗବନ୍ଧୁ ସିଂହଙ୍କୁ ମଧୁସୂଦନ ପଚାରିଲେ...."ଏଥର ପୁରୀ ଅଧିବେଶନରେ ସଭାପତି ହେଉଛନ୍ତି କିଏ ?"

ଜଗବନ୍ଧୁ ଉତ୍ତର ଦେଲେ···"ସମ୍ବଲପୁରର ଚନ୍ଦ୍ରଶେଖର ବେହେରାଙ୍କୁ ସମ୍ମିଳନୀର ଉଦ୍ୟୋକ୍ତାମାନେ ଏଥିପାଇଁ ବରଣ କରି ସାରିଛନ୍ତି ।"

ଚନ୍ଦ୍ରଶେଖର, ଗୋପବନ୍ଧୁଙ୍କ ଗୋଷ୍ଠୀର—ବୋଧହୁଏ ଗୋପବନ୍ଧୁଙ୍କ ପରମର୍ଶରେ ସେ ବରଣ ହୋଇଛନ୍ତି ସଭାପତି ରୂପେ । ଜାତୀୟ-କଂଗ୍ରେସର ଉଦ୍ଦେଶ୍ୟ, ଆକାଂକ୍ଷା ଓ କର୍ମପନ୍ଥା ସହିତ, ଉତ୍କଳ-ସମ୍ମିଳନୀକୁ ସମନ୍ୱିତ କରିବା, ଚନ୍ଦ୍ରଶେଖରଙ୍କର ମଧ୍ୟ ଅଭିପ୍ରାୟ ।

ମଧୁସୂଦନ କିଛିକ୍ଷଣ ନୀରବ ରହି କହିଲେ···"ମୋ ପକ୍ଷରେ ଅଧିବେଶନରେ ଯୋଗ ଦେବା ସମ୍ଭବ ନୁହେଁ ଜଗବନ୍ଧୁ । ଡ଼ିସେମ୍ବର ୨୯,୩୦,୩୧ ତାରିଖରେ କଟକରେ ମୁଁ ଆହ୍ୱାନ କରିଛି—ନଖିଲ-ଉତ୍କଳ-ଖ୍ରୀଷ୍ଟିଆନ ସମ୍ମିଳନୀର ଷଷ୍ଠ ଅଧିବେଶନ ! ବୁଝିପାରୁଥିବ ତ ଜଗବନ୍ଧୁ, ଏଥିପାଇଁ ଚଣ୍ଡୀପାଠ ଠାରୁ କୋଡା ସୀଲ୍ଇ ପର୍ଯନ୍ତ ସବୁ କିଛି ମୋତେ ଇ କରିବା ପାଇଁ ପଡ଼ିବ ।"

କନ୍ତୁ ମଧୁସୂଦନଙ୍କୁ ବାଦ୍ ଦେଇ ସମ୍ମିଳନୀର ଅଧିବେଶନ ଚଳା କରିବା ପୁରା ଜଗବନ୍ଧୁଙ୍କ ପକ୍ଷରେ ସମ୍ଭବ ନଥିଲା । ସେ କହିଲେ···"ଆପଣ ଅନ୍ତତଃ ଅଧିବେଶନରେ ଉପସ୍ଥିତ ହୋଇ ଘୁରି ଆସିଲେ ଚଳନ୍ତା । ଉଦ୍ୟୋକ୍ତା ଓ ପ୍ରତିନିଧିମାନେ ଉତ୍ସାହିତ ହୁଅନ୍ତେ !"

Digitized by srujanika@gmail.com

ମଧୁସୂଦନ ଆଜ କଣ ହୋଇ ପଡ଼ିଛନ୍ତି ଏପର ଅବାନ୍ତର ? ଶାଣିତ ଦୃଷ୍ଟିରେ ଜଗବନ୍ଧୁଙ୍କ ଆଡ଼େ ଘୂହଁ ମଧୁସୂଦନ ଉତ୍ତର ଦେଲେ....''ମୁଁ କେବଳ ହାଜର୍ ପକାଇ ଦେଇ ଘରକୁ ଆସିଲେ ଯଦି ସମ୍ମିଳନୀ ଘରପାରେ, ତାହେଲେ ମୋର ଅନୁପସ୍ଥିତିରେ ସମ୍ମିଳନୀ ଘରବାରେ ବାଧା କେଉଁଠି ଜଗବନ୍ଧୁ ?''

ଖ୍ରୀଷ୍ଟିଆନ୍-ସମ୍ମିଳନୀ ଆଳରେ, ମଧୁସୂଦନ ପୁଣି ଅଧିବେଶନରେ ଯୋଗ ଦେଲେ ନାହିଁ । କାଲସ୍ରୋତର ଆଘାତରେ ବନଝଉର ପାଦତଳୁ କ୍ରମେ ମୃତ୍ତିକାକ୍ଷୟ ଘଟୁଥିବା, ମଧୁସୂଦନ ଅନୁଭବ କରି ପାରୁଥିଲେ । ସମ୍ମିଳନୀର ଦିନକାଳ ଯେ କ୍ରମେ ନଃଶେଷିତ ହୋଇ ଆସୁଥିଲା, ସେଥିରେ ମଧ୍ୟ ମଧୁସୂଦନଙ୍କର ସନ୍ଦେହ ନ ଥିଲା ।

ସମ୍ମିଳନୀ ଅଧିବେଶନରେ ମଧୁସୂଦନ ଅବଶ୍ୟ ଯୋଗ ଦେଲେ ନାହିଁ । କନ୍ତୁ ପୁଣ୍ଡରେ ସମ୍ମିଳନୀ ଅଧିବେଶନ ସହିତ ଅନୁଷ୍ଠିତ ଉତ୍କଳ-ଖ୍ରୀଷ୍ଟ-ସମ୍ମିଳନୀର ୭ମ ଅଧିବେଶନରେ, ତାଙ୍କୁ ଦିନକ ପାଇଁ ଯୋଗ ଦେବା ପାଇଁ ପଡ଼ିଲ । ଖ୍ରୀଷ୍ଟ ସମାଜରେ ସେତେବେଳେ ନବଯୁଗର ଯେଉଁ ଆହ୍ୱାନ ବାଜୁଥିଲା, ସେଥିପ୍ରତି ଲକ୍ଷ୍ୟ କରି ମଧୁସୂଦନ ତାଙ୍କ ଭାଷଣରେ କହୁଥିଲେ...

''ପ୍ରତ୍ୟେକ ବ୍ୟକ୍ତି ନିଜକୁ ଖ୍ରୀଷ୍ଟ ଭାବିବା ଆବଶ୍ୟକ । ପାଶ୍ଚାତ୍ୟ ଶିକ୍ଷା ଓ ନବଶକ୍ତି ଖ୍ରୀଷ୍ଟ ସମାଜକୁ ଆନ୍ଦୋଳିତ କରୁଛି ସତ୍ୟ; ଏହା ସତ୍ତ୍ୱେ ଆମ୍ଭେମାନେ ଆମ୍ଭମାନଙ୍କର ପ୍ରାଚ୍ୟ ସ୍ୱଭାବକୁ ତ୍ୟାଗ ନ କରି ଆଦର୍ଶ ପରିବର୍ତ୍ତନ କରି ପାରୁ ।''

× × ×

୧୯୧୨ ଡିସେମ୍ବର ୨୯, ୩୦ ଓ ୩୧ ତାରିଖରେ ତିନିଦିନ ବ୍ୟାପି କଟକରେ ଅନୁଷ୍ଠିତ ହେଲା, ମହାଖ୍ରରତୀୟ ଖ୍ରୀଷ୍ଟିଆନ୍-ସମ୍ମିଳନୀର ଷଷ୍ଠ ଅଧିବେଶନ । ଏହି ସମ୍ମିଳନୀ ସହିତ କେବଳ ଖ୍ରରତର ନୁହେଁ, ଖ୍ରରତ ବାହାରର ବହୁ ବଶିଷ୍ଟ ଖ୍ରୀଷ୍ଟିଆନ୍ ନେତା ଓ ମନୀଷୀ ମଧ୍ୟ ସଂପୃକ୍ତ ଥିଲେ । ଇତ ପୂର୍ବରୁ ମଧୁସୂଦନ ଦୁଇଥର ଏହି ମହାଖ୍ରରତୀୟ ଛଥା ଆନ୍ତର୍ଜାତିକ ସମ୍ମିଳନୀର ସଭାପତି ରୂପେ ବରତ ହୋଇ ସାରିଥିଲେ ।

ଖ୍ରୀଷ୍ଟଧର୍ମ ଖ୍ରରତରେ ସେତେବେଳେ ବିଜାତୀୟ ଥିବାରୁ, ଖ୍ରୀଷ୍ଟିଆନ୍-ମାନସ ଖ୍ରରତୀୟ ଜାତୀୟ-ମାନସ ଠାରୁ କେତେକ ପରମାଣରେ ବିଚ୍ଛିନ୍ନ ରହିଥିଲା । ଖ୍ରରତୀୟ ଖ୍ରୀଷ୍ଟିଆନ୍ ମାନସକୁ ଜାତୀୟ ଚେତନା ସହିତ ସମନ୍ୱିତ କରିବା ଖ୍ରୀଷ୍ଟିଆନ୍ ମହାସଭାରେ ଥିଲ ମଧୁସୂଦନଙ୍କ ନେତୃତ୍ୱର ଉଦ୍ଦେଶ୍ୟ ଓ ଆତ୍ମମୁଖ୍ୟ । ମାଦ୍ରାଜ ସହରରେ ୧୯୧୭ ସାଲରେ ଅନୁଷ୍ଠିତ ନଷିଲ ଖ୍ରରତ-ଖ୍ରୀଷ୍ଟିଆନ୍ ସମ୍ମିଳନୀରେ ମଧୁସୂଦନ ସଭାପତି ରୂପେ ଅଭ୍ୟର୍ଥନାରେ କହୁଥିଲେ.... ''ଆମେ ଖ୍ରରତୀୟ । ଖ୍ରରତୀୟ ରକ୍ତ ଆମ୍ଭମାନଙ୍କ ଧମନୀରେ ପ୍ରବାହିତ ହେଉଅଛି । ଖ୍ରରତୀୟ ଇତିହାସ, ଖ୍ରରତୀୟ ଐତିହ୍ୟ ହିଁ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ । ଖ୍ରରତର ଜାତୀୟତିକ ପ୍ରଗତି କଲେ ଉଦ୍ଦିଷ୍ଟ ପ୍ରତ୍ୟେକ ଆନ୍ଦୋଳନର ସଫଳତା ପାଇଁ ଆମ୍ଭମାନଙ୍କର

Digitized by srujanika@gmail.com

ବନମ୍ର ସେବା ଉତ୍ସର୍ଗୀତ ହେବ ।" ୧୯୧୭ ସାଲ ନାଗପୁର ଅଧିବେଶନରେ ମଧ୍ୟ ମଧୁସୂଦନଙ୍କ ଅଭିଭାଷଣରେ ଥିଲା ଜାତୀୟ ଜୀବନର ଅଭ୍ୟୁଦୟ ପାଇଁ ଉଦ୍‌ବୋଧନ । କେତେକ ଐତିହାସିକ ପରିସ୍ଥିତିର ପ୍ରକୋପରେ ଓଡ଼ିଶାର ଅଭ୍ୟୁତ୍‌ଥାନ ପାଇଁ, ମଧୁସୂଦନ ଉତ୍କଳ-ସମ୍ମିଳନୀର ପ୍ରତିଷ୍ଠାତା ରୂପେ, ଓଡ଼ିଶାର ରାଜନୈତିକ ଜୀବନ-ପ୍ରବାହକୁ ମହାଜାତୀୟ ଜାବଧାରାଠାରୁ ବିଚ୍ଛିନ୍ନ ରଖିଥିଲେ ସୁଦ୍ଧା ତାଙ୍କ ଦୃଷ୍ଟିକୋଣ ଓ ଅଗ୍ନିସ୍ପା ମହାଜାତୀୟ ଜାବନାରେ ଯେପରି ଅନୁପ୍ରେରିତ ଥିଲା, ଏହି ଅଭିଭାଷଣମାନଙ୍କରେ ତାହାର ସ୍ପଷ୍ଟର ଥିଲା ସୁସ୍ପଷ୍ଟ ।

ଏଥର "ଖ୍ରୀଷ୍ଟିଆନ ସମ୍ମିଳନୀ"ର ଷଷ୍ଠ ଅଧିବେଶନ ମଧୁସୂଦନଙ୍କ ଆମନ୍ତ୍ରଣରେ କଟକଠାରେ ଅନୁଷ୍ଠିତ ହେଉଥିଲା । ଓଡ଼ିଶାର ବିଭିନ୍ନ ସମସ୍ୟା ସହିତ ଜାତୀୟର ବିଭିନ୍ନ ପ୍ରାନ୍ତ ତଥା ବିଦେଶାଗତ ପ୍ରତିନିଧିମାନଙ୍କୁ, ଏହି ସମ୍ମିଳନୀ ଅକାଶରେ ପରିଚିତ କରାଇବା ମଧୁସୂଦନଙ୍କର ଅଭିପ୍ରାୟ ଥିଲା । ମାଦ୍ରାଜର ରାୟବାହାଦୁର ଶ୍ରୀ କୋଚିଲିଙ୍ଗମ୍ ବରିତ ହୋଇଥିଲେ ଏହି ଅଧିବେଶନରେ ସଭାପତି ରୂପେ ।

ସମ୍ମିଳନୀର ଆୟୋଜନ ଥିଲା ବ୍ୟୟସାପେକ୍ଷ । କିନ୍ତୁ ଏଥିପାଇଁ ସ୍ଥାନୀୟ ଖ୍ରୀଷ୍ଟିଆନ ସମାଜରୁ ପାଣି ସଂଗ୍ରହର ସମ୍ଭାବନା ନ ଥିଲା । ଅବଶେଷରେ ସେଇ "ଋଣଂକୃତ୍ୱା" ପନ୍ଥାରେ ମଧୁସୂଦନଙ୍କୁ ସଂଗ୍ରହ କରିବା ପାଇଁ ପଡିଥିଲା, ଅଧିବେଶନର ପାଣି ।

ଇତି ମଧ୍ୟରେ ଅତ୍ୟଧିକ ପରିଶ୍ରମ ଓ ବିଶ୍ରାମର ଅଭାବ ଫଳରେ, ମଧୁସୂଦନ ପୁରୁଣା ଶୂଳ ବ୍ୟାଧିରେ ପୁଣି ଶଯ୍ୟାଶାୟୀ ହୋଇ ପଡ଼ିଥିଲେ । ତାଙ୍କର ସେତେବେଳେ ପ୍ରୟୋଜନ ଥିଲା ବିଶ୍ରାମ । ଡାକ୍ତରମାନଙ୍କର ପରାମର୍ଶରେ ୧୯୨୦ ସାଲ ଫେବୃୟାରୀ ୧୫ ତାରିଖ ଦିନ ମଧୁସୂଦନ କାହାକୁ କିଛି ନ ଜଣାଇ ପୁରୀ ଗୃହ ଆସିଲେ ବିଶ୍ରାମ ପାଇଁ ।

କଟକ—ଗୁଜବ୍, ଜନରବର ସହର.....ହଠାତ କଟକରେ ଏନେ ଜନରବ ବ୍ୟାପିଗଲ···ମଧୁସୂଦନ ଗୃହଗଲେ । କୁଆଡ଼େ ଗୃହଗଲେ, ସେ କଥା ଅନୁସନ୍ଧାନ କରିବା ପାଇଁ କାହାର ଧୈର୍ଯ୍ୟ ନଥିଲା, କାମ୍ୟ। ପ୍ରବୃତ୍ତି ନଥିଲା । ସବୁଆଡ଼େ ଗୋଳାଏ ହାସ୍ୟ ହାସ୍ୟ ରବ...ଆତ୍ମୀୟ ପ୍ରିୟଜନର ବୟୋଭାରରେ ଶୋକଚ୍ଛାୟା ବ୍ୟାପିଯିବା ପରି, ସହରରେ ଘନୀଭୂତ ଶୋକଚ୍ଛାୟା । ସାପ୍ତାହିକ "ସମାଜ" ଏ ସମ୍ପର୍କରେ ଲେଖିଥିଲେ :—

"କଟକରେ କିଏ ସ୍ପର କରିଦେଲା କି ମଧୁବାବୁ ଗୃହଗଲେ, ଗୃହଁ ଗୃହଁ ବଜାର ମଧ୍ୟରେ ସହର ଭମାମ ଏ ଖବର ବ୍ୟାପିଗଲା । କିଛି ଶୁଣା ନାହିଁ । ହଠାତ ଏ ପରିଣା ହେଲା କିପରି ? ଯେ ଶୁଣିଲା ତାର ବସ୍ପୁସ୍ପ ଏବଂ ବେଦନା । କେତେ ସ୍କୁଲ କଲେଜ ପିଲା ଓ ସାଧାରଣ ଲୋକ ମଧୁବାବୁଙ୍କ ଘରଠାକୁ ଦଉଡ଼ିଲେ । ଏ ଖବର ମିଛ ହେବ ବୋଲି, କେତେ ଜଣଁ ଦେବତାଙ୍କୁ ସ୍ତୋତ୍ର ଯାଚିଲେ । ସନ୍ଧ୍ୟା ବେଳଭଳକ ଘରଆଡ଼େ ଏହି ଚହଲ ପଡ଼ିଲା । ଶେଷକୁ ତଥ୍ୟ ମିଳିଲା ଯେ, ମଧୁବାବୁ ଏଠାରୁ ପୁରୀକୁ ଗୃହଗଲେ । କବି କହୁଛନ୍ତି—

Digitized by srujanika@gmail.com

"ପ୍ରାଣୀର ଭଲ ମନ୍ଦ ବାଣୀ, ମରଣକାଳେ ତାହା ଜାଣି ।"

ମଧୁବାବୁଙ୍କ ଲେକେ କେତେ ସ୍ନେହ, ଭକ୍ତି, ଆଦର କରନ୍ତି, ତାହା ରବିବାର ଦିନ ଦୁଇ ଘଣ୍ଟଘଣ୍ଟା ମଧ୍ୟରେ ଜଣକରେ ସଫା ଦେଖାଗଲ୍ । ଆମ୍ଭମାନଙ୍କର ବିଶ୍ୱାସ, ଓଡ଼ଆଙ୍କ କୂଳବୃଦ୍ଧଙ୍କର ଏଥିରେ ଗୋଟିଏ ଶତ୍ରୁ ଖଣ୍ଡନ ହୋଇଗଲ୍ ।"*

ମଧୁସୂଦନଙ୍କ ଆତ୍ମୁପରେ ଶତ୍ରୁ ଖଣ୍ଡନ ହେଲ୍ ସତ୍ୟ; ମାନ୍ତ ଜମେ ତାଙ୍କ ସ୍ୱଜନୈତିକ ନେତୃତ୍ୱ ଉପରେ ମାଡ଼ ଆସୁଥିଲ୍, ନୂଆନ ଶତ୍ରୁଗ୍ରାସ ।

(ଦୁଇ)

ମଧୁସୂଦନ ସ୍ୱେଚ୍ଛାକୃତ ସ୍ୱରରେ ଉତ୍କଳ-ସମ୍ମିଳନୀର ନେତୃତ୍ୱରୁ ବିଦାୟ ନେଇଥିଲେ ସୁଦ୍ଧା ତାଙ୍କୁ ବିଦାୟ ଦେବା ପାଇଁ ସମ୍ମିଳନୀପ୍ରେମୀ ଓ ଶୁଭେଚ୍ଛୁମାନେ ଆଦୌ ପ୍ରସ୍ତୁତ ନଥିଲେ । ମଧୁସୂଦନଙ୍କୁ ବାଦ୍ ଦେଇ ଉତ୍କଳ-ସମ୍ମିଳନୀର ପରିକଳ୍ପନା ସୁଦ୍ଧା ସେମାନଙ୍କ ପକ୍ଷରେ ଥିଲ୍ ସ୍ୱପ୍ନାର ଅତୀତ । ୧୯୨୦ ସାଲ୍ ମେ ମାସ ୧୬ ତାରିଖ ଦିନ ପୁରୀଠାରେ ଅନୁଷ୍ଠିତ ଉତ୍କଳ-ସମ୍ମିଳନୀ-କାଉନସିଲ୍‌ର ଅଧିବେଶନରେ ଏ ସମ୍ପର୍କରେ ଏକ ପ୍ରସ୍ତାବ ସୁଦ୍ଧା ସଂଘସ୍ଥିତ ଜମେ ଗୃହୀତ ହୋଇଥିଲ୍—"ଉତ୍କଳଭାଷୀ ଅଞ୍ଚଳ ମାନଙ୍କର ଏକୀକରଣ ସମ୍ବନ୍ଧରେ ଅଧିକ ଆନ୍ଦୋଳନ ଓ ଆଲୋଚନା କାର୍ଯ୍ୟ ମାନ୍ୟବର ଏମ୍. ଏସ୍. ଦାସ ପି. ଆଇ. ଇ.ଙ୍କ ପରାମର୍ଶମତେ କରିଯାନ୍ତୁ ।"

ସେଇ ବର୍ଷ ଅଗଷ୍ଟ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସିଂହଭୂମି ଜିଲ୍ଲାର ଚକ୍ରଧରପୁର ଠାରେ ଉତ୍କଳ-ସମ୍ମିଳନୀର ଷୋଡ଼ଶ ଅଧିବେଶନ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଥିଲ୍ । ଏ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ପାରଲାଖେମଣ୍ଡୀ ବ୍ୟତୀତ, ଅନ୍ୟ କୌଣସି ବର୍ତ୍ତିଷ୍ଣୁ ଅଞ୍ଚଳରେ ଉତ୍କଳ-ସମ୍ମିଳନୀର କୌଣସି ଅଧିବେଶନ ଅନୁଷ୍ଠିତ ହୋଇ ପାରି ନ ଥିଲ୍ । ସେହି କାରଣରୁ ଏଥର ଚକ୍ରଧରପୁର ଠାରେ ଉତ୍କଳ-ସମ୍ମିଳନୀର ଆୟୋଜନ ଥିଲ୍ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସମ୍ମିଳନୀର ଉଦ୍ୟୋକ୍ତାମାନେ ମଧୁସୂଦନଙ୍କୁ ଧରି ବସିଲେ ଏହି ଅଧିବେଶନର ସଭାପତିତ୍ୱ ପାଇଁ । ମଧୁସୂଦନ ମଧ୍ୟ ଏଥିପାଇଁ ସ୍ୱୀକୃତି ଦେଇଥିଲେ । ମଧୁସୂଦନ ସମ୍ମିଳନୀରେ ଯୋଗ ଦେଉଥିବା ଜାଣି ସିଂହଭୂମିବାସୀ ଓଡ଼ିଆ ମାନଙ୍କ ମଧ୍ୟରେ ଯେପରି ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ସଞ୍ଚାରିତ ହୋଇଥିଲ୍; ତାହା ଅଭ୍ୟର୍ଥନା ସମିତି ସମ୍ପାଦକଙ୍କ ନମ୍ନୋକ୍ତ ବିଜ୍ଞପ୍ତିରୁ ସ୍ପଷ୍ଟ ହେବ :

---

* ସାପ୍ତାହିକ ସମାଜ-ତା ୨୧ । ୬ । ୧୯୨୦ ଶକ

ସମ୍ମିଳନୀ ଅଫିସ୍
ଚନ୍ଦ୍ରଧରପୁର
ତା ୧ । ୧୦ । ୬୦

ମହାଶୟ !

ଉତ୍କଳ-ସମ୍ମିଳନୀର ସଭାପତି ହେବା ସକାଶେ ଉତ୍କଳର ବରେଣ୍ୟ ବୃଦ୍ଧ ମାନ୍ୟବର ଶ୍ରୀ ମଧୁସୂଦନ ଦାସଙ୍କ ପାଖକୁ ଅନୁରୋଧ କରି ପତ୍ର ଲେଖିଥିଲୁ । ଦାସ ମହୋଦୟ ଅତ୍ୟନ୍ତ ଉଦାରତାର ସହିତ ସିଂହଭୂମିବାସୀଙ୍କ ପ୍ରତି ପ୍ରଗାଢ଼ ପ୍ରୀତି ଓ ଅନୁରାଗର ପରିଚୟ ଦେଇ ସିଂହଭୂମିବାସୀଙ୍କ ଦ୍ୱାରା ନୂତନ ଉତ୍ସାହରେ ଅନୁଷ୍ଠିତ ଚନ୍ଦ୍ରଧରପୁର ଠାରେ ସମ୍ମିଳନୀର ଷୋଡ଼ଶ ଅଧିବେଶନର ସଭାପତି ହେବା ସକାଶେ ସ୍ୱୀକୃତ ହୋଇ ଅଛନ୍ତି । ସିଂହଭୂମିବାସୀମାନେ ମାନ୍ୟବର ଦାସ ମହୋଦୟଙ୍କୁ ସିଂହଭୂମି ବକ୍ଷରେ ସେମାନଙ୍କର ଅଗ୍ରଣୀ ରୂପରେ ଦେଖି ଗୌରବାନ୍ୱିତ ହେବେ । ମାନ୍ୟବର ଦାସ ମହୋଦୟ ସିଂହଭୂମିବାସୀଙ୍କର ସୁପ୍ତ ପ୍ରାଣରେ ମୃତସଞ୍ଜିବନୀ ମନ୍ତ୍ର ଦେବେ ବୋଲି ସମସ୍ତଙ୍କର ଆଶା ।

ବଶମ୍ବଦ
ଶ୍ରୀ କାନ୍ତୁଚରଣ ପାଣି
ସଂପାଦକ ଅଭ୍ୟର୍ଥନା ସମିତି

ଏହି ଅଧିବେଶନର ଅବ୍ୟବହିତ ପୂର୍ବରୁ କାନ୍ତୁଚରଣ ହଠାତ୍ ସମ୍ବାଦ ଦେଲେ "ଡିସେମ୍ବର ଶେଷକୁ ଅଧିବେଶନ ପଡ଼ିଗଲା । ସେହି ଅନୁସାରେ ଆପଣଙ୍କ କାର୍ଯ୍ୟକ୍ରମ ସ୍ଥିର କରିବାକୁ ପଡ଼ିବ ।"

ମଧୁସୂଦନ ବିସ୍ମୟ କରି ଉଠିଲେ—"ପଡ଼ିଲା କାହିଁକି ? ପଡ଼ାଇଲା କିଏ ?"

"ଡିସେମ୍ବର ଶେଷ ସପ୍ତାହରେ ନାଗପୁର ଠାରେ କଂଗ୍ରେସ ଅଧିବେଶନ ବସୁଛି ଓଡ଼ିଶାରୁ ଅନେକ ପ୍ରତିନିଧି ସେଥିରେ ଯୋଗ ଦେବାର ରହିଛନ୍ତି । ଗୋପବନ୍ଧୁ ବାବୁଙ୍କ ଇଚ୍ଛା, ସେମାନେ ନାଗପୁର କଂଗ୍ରେସ ଅଧିବେଶନରେ ଯୋଗ ଦେଇ ଫେରିବା ବାଟରେ ଚନ୍ଦ୍ରଧରପୁର ସମ୍ମିଳନୀ ଅଧିବେଶନରେ ଯୋଗ ଦେବେ । ସେଥିପାଇଁ ସମ୍ମିଳନୀର ଅଧିବେଶନ ଡିସେମ୍ବର ଶେଷକୁ ପଡ଼ାଇବା ପାଇଁ ପଡ଼ିଛି ।"

ମଧୁସୂଦନ କହିଲେ...."ତାହେଲେ ତୁମକୁ ଅନ୍ୟ ସଭାପତି ସ୍ଥିର କରିବା ପାଇଁ ପଡ଼ିବ । ଅଧିବେଶନର ତାରିଖ ପଡ଼ିଲେ, ସେଥିରେ ସଭାପତିତ୍ୱ କରିବା ପାଇଁ ମୁଁ ପ୍ରସ୍ତୁତ ନୁହେଁ ।"

Digitized by srujanika@gmail.com

କନ୍ତୁ ଏହି ଅଧିବେଶନରେ ମଧୁସୂଦନ ସଭାପତିତ୍ୱ ନ କଲେ—ସିଂହଭୂମିବାସୀ ଓଡ଼ିଆମାନେ କେବଳ ଯେ ହତାଶ ହେବେ ତା ନୁହେଁ, ଅଧିବେଶନର ଗୁରୁତ୍ୱ ଅନେକାଂଶରେ ହ୍ରାସ ପାଇଯିବ । କାଳ୍ଲୁଚରଣଙ୍କ ଅନୁରୋଧରେ, ବ୍ରଜସୁନ୍ଦର ମଧୁସୂଦନଙ୍କୁ ଧରିବସିଲେ, ଅଧିବେଶନରେ ଯୋଗ ଦେବା ପାଇଁ ।

ମଧୁସୂଦନ ବ୍ରଜସୁନ୍ଦରଙ୍କ ଆଡ଼େ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ପଚାରିଲେ··· "ଅଧିବେଶନର ସମସ୍ତ ପୁଞ୍ଜାଇବା ପାଇଁ ଗୋପବନ୍ଧୁଙ୍କ ପ୍ରସ୍ତାବର ଉଦ୍ଦେଶ୍ୟ ବୁଝିପାରୁଚ ବ୍ରଜସୁନ୍ଦର ?"

ବ୍ରଜମାଟର ଗୂଢ଼ ବ୍ୟାପାର ମାନଙ୍କରେ ବ୍ରଜସୁନ୍ଦର ଜଣାସୁଣା । ସେ ଉତ୍ତର ଦେଲେ— "ଉଦ୍ଦେଶ୍ୟ ଆଉ କଣ ? ନାଗପୁର କଂଗ୍ରେସ ଅଧିବେଶନ ଲେଉଟାଣି ସେମାନେ ଚନ୍ଦ୍ରଧରପୁର ସମ୍ମିଳନୀରେ ଯୋଗଦେବେ । ଏଇଆଡ ଉଦ୍ଦେଶ୍ୟ ।"

"ଉତ୍କଳ-ସମ୍ମିଳନୀକୁ କଂଗ୍ରେସ ସହିତ ମିଶାଇ ଦେବା ପାଇଁ, ଏ ପର୍ଯ୍ୟନ୍ତ ଗୁପ୍ ଚୁପ୍ ରେ ଘୁଲଘୁଲ ଉଦ୍ୟମ । ଚନ୍ଦ୍ରଧରପୁର ଅଧିବେଶନରେ ସେ ଉଦ୍ୟମଟା ଖୋଲ୍‌ଖୋଲ ଭାବରେ ଘୁଲବ !" ମଧୁସୂଦନ କହିଲେ—"ସେଇଆ ଯଦି ସମସ୍ତଙ୍କର ଇଚ୍ଛା ହୁଏ, ତାହେଲେ, ସେଥିରେ ବାଧା ଦେବା ମୋ ପକ୍ଷରେ ମଧ୍ୟ ଉଚିତ ହେବ ନାହିଁ ।" କାଳ୍ଲୁଚରଣ ପଚାରିଲେ...."କନ୍ତୁ ଭାଷାସୂତ୍ରରେ ପ୍ରଦେଶ-ଗଠନ ନୀତି କଂଗ୍ରେସ ସ୍ୱୀକାର କରିନେବା ପରେ, କଂଗ୍ରେସ ସହିତ ଉତ୍କଳ-ସମ୍ମିଳନୀର ଆଉ ବିରୋଧ ରହିଲା କେଉଁଠି ? ମୁଁ ଶୁଣୁଛୁ ଭାଷାସୂତ୍ରରେ ପ୍ରଦେଶ ଗଠନ ପାଇଁ ଏଥର ନାଗପୁର କଂଗ୍ରେସ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଯିବ ।"

ମଧୁସୂଦନ ଉତ୍ତର ଦେଲେ—"ସଂଗଠନ ଶୃଙ୍ଖଳା ଦୃଷ୍ଟିରୁ କଂଗ୍ରେସ ଅବଶ୍ୟ ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତି ଘୋଷଣା କରିଛୁ । କନ୍ତୁ ଶାସନ କ୍ଷେତ୍ରରେ ସେପରି ଘୋଷଣାର କୌଣସି ଅର୍ଥ ନାହିଁ । ଶାସନ କ୍ଷେତ୍ରରେ ଏ ନୀତି କାର୍ଯ୍ୟକାରୀ ହେଲା ବେଳେ ବିହାର, ମଧ୍ୟପ୍ରଦେଶ, ମାଦ୍ରାଜ ଆଉ ବଙ୍ଗଳାର କଂଗ୍ରେସ ନେତାମାନେ ଓଡ଼ିଶା ଦାବିର ବିରୋଧ କରିବେ । ସେଥିରେ ମୁଁ ନିଃସନ୍ଦେହ । ୧୯୩୩ ସାଲ ମାଦ୍ରାଜ-ଅଧିବେଶନ କଥା ମୋ ମନରୁ ପାଶୋରି ଯାଇ ନାହିଁ । କଂଗ୍ରେସ ସହିତ ଉତ୍କଳ-ସମ୍ମିଳନୀର ବିରୋଧ ଏଇଠାରେ, ଏଇଥିପାଇଁ । ତାଛଡ଼ା ତୁମେ କଣ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ବିଶ୍ୱାସ କର, ବ୍ରଜସୁନ୍ଦର "

ମଧୁସୂଦନ କହିଯାଇଲେ...."ଅସହଯୋଗ ପ୍ରତି ମୋର ଆସ୍ଥା ନାହିଁ ।" ବ୍ରଜସୁନ୍ଦର ନୀରବ ରହିଲେ ।

Digitized by srujanika@gmail.com

"ସ୍ୱୟଂ ଗାନ୍ଧିଜୀ ପୁଣି ମଣ୍ଟେଗୁ-ଚେମସ୍‌ଫୋର୍ଡ ଶଫର୍ମସ୍‌ର ପଶ୍ଚାତ୍ପଟରେ, ବୈଧାନକ-ପନ୍ଥାରେ ସ୍ୱାୟତ୍ତ-ଶାସନ ପ୍ରତିଷ୍ଠା ପାଇଁ, ଗତବର୍ଷ ଅମୃତସର କଂଗ୍ରେସ ଅଧିବେଶନରେ ଆଶା ପ୍ରକାଶ କରିଥିଲେ । ଅସହଯୋଗ ତ ଏହାର ମୌଳିକ ବିରୋଧୀ । କଂଗ୍ରେସରେ ବହୁ ଲବ୍ଧପ୍ରତିଷ୍ଠ ନେତା କଂଗ୍ରେସର କଲିକତା ଅଧିବେଶନ ଦିନୁଁ ଅସହଯୋଗ ବିରୁଦ୍ଧରେ ଖୋଲ୍‌ଖୋଲ୍ ପ୍ରସ୍ତୁତ ଚଲାଇ ଆସୁଅଛନ୍ତି । ଯେଉଁମାନେ ଆଜି ଅସହଯୋଗର ଧ୍ୱଜ ଉଠାଉଛନ୍ତି, ସେଇମାନେଇ ଦେଖିବ, ବର୍ଷ କେତେଟା ପରେ ବାହାରିବେ ସହଯୋଗୀ ସାଜି ! ଗୋପବନ୍ଧୁଙ୍କର ଇଚ୍ଛା ଉତ୍କଳ ସମ୍ମିଳନୀ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ମତ ଗ୍ରହଣ କରୁ । ଗତବର୍ଷ ପୁଣି ଅଧିବେଶନରେ ପଦ୍ମପତି ଚନ୍ଦ୍ରଶେଖର ବେହେରୁ ଏଥିପାଇଁ ଷ୍ଟେଜ ପ୍ରସ୍ତୁତ କରି ସାରିଛନ୍ତି ।"

ମଧୁସୂଦନ କହିଲ୍ଲେ...."ବିରୋଧର କୌଣସି ଫଳ ମଧ୍ୟ ହେବ ନାହିଁ ବ୍ରଜସୁନ୍ଦର । ପୁଅ ଆଜି ଉନ୍ନ ଆଡ଼େ । ସେ ପୁଅ ମୁହଁରେ ଠିଆ ହେବା ପାଇଁ ଏ ବସ୍ତିରେ ମୋର ଶକ୍ତି ନାହିଁ । ତା ଛଡ଼ା ବଡ଼ମଡରେ ଉତ୍କଳ-ସମ୍ମିଳନୀ ଯଦି ସ୍ଥିର କରେ, କଂଗ୍ରେସ ସହିତ ମିଶିଯିବା ପାଇଁ, ତାହାର ବିରୋଧ କରିବା ମଧ୍ୟ ମୋର ଅଭିପ୍ରାୟ ନୁହେଁ । ଚକ୍ରଧରପୁର ଅଧିବେଶନରେ ତେଣୁ ମୋ ପକ୍ଷରେ ଯୋଗ ନଦେବା ସବୁ ଦୃଷ୍ଟିରୁ ଭଲ ।"

ଅବଶେଷରେ ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ, ଉତ୍କଳ-ସମ୍ମିଳନୀର ଷୋଡ଼ଶ-ଅଧିବେଶନ ଚକ୍ରଧରପୁରଠାରେ ଅନୁଷ୍ଠିତ ହେଲ । ପଣ୍ଡିତ ଗୋପବନ୍ଧୁ ଦାଶ ପ୍ରମୁଖ କଂଗ୍ରେସ ନେତାମାନେ ନାଗପୁର କଂଗ୍ରେସ ଅଧିବେଶନରେ ଯୋଗ ଦେଇ ଫେରିବା ବାଟରେ ଚକ୍ରଧରପୁରରେ ଉତ୍କଳ-ସମ୍ମିଳନୀ ଅଧିବେଶନରେ ଯୋଗ ଦେଇଥିଲେ ।

୧୯୨୦ ସାଲ ସ୍ମରଣୀୟ ରାଜନୈତିକ ଇତିହାସରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚଲକଙ୍କ ଉତ୍ଥାନ ପରେ, ଏହି ବର୍ଷଠାରୁ ଆରମ୍ଭ ହୋଇଥିଲା, ଗାନ୍ଧୀଯୁଗର ଅଗ୍ନିଗର୍ଭ ଅଧ୍ୟାୟ । ଖିଲ୍‌ଫତ୍-ଆନ୍ଦୋଳନର ପୃଷ୍ଠଭୂମିରେ ନନ୍-କୋଅପରେସନ୍ ବା ଅସହଯୋଗ କଂଗ୍ରେସର ଆନ୍ଦୋଳନାତ୍ମକ ଆତ୍ମମୁଖ୍ୟ ରୂପେ ଗାନ୍ଧିଜୀଙ୍କ ଦ୍ୱାରା ଘୋଷିତ ହୋଇଥିଲା । ଗାନ୍ଧିଜୀଙ୍କ ଭାଷାରେ...."Non-co-operation is therefore the only remedy left to us.... It is the clearest remedy, as it is the most effective, when it is free from all violence."—ବର୍ଷକ ପୂର୍ବେ ଯେଉଁ ଗାନ୍ଧିଜୀ ଅମୃତସର କଂଗ୍ରେସ ଅଧିବେଶନରେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ଶଫର୍ମସ୍‌ର ପ୍ରଶଂସାରେ ଥିଲେ ଶତମୁଖ, ସେ ଏବେ ହୋଇଥିଲେ ଅସହଯୋଗର ଉଦ୍‌ଗାତା ! ନାଗପୁର କଂଗ୍ରେସ-ଅଧିବେଶନରେ ଅସହଯୋଗ, କଂଗ୍ରେସର କାର୍ଯ୍ୟପନ୍ଥା ରୂପେ ଅନୁମୋଦିତ ହୋଇ ଥିଲ ।

Digitized by srujanika@gmail.com

ଅସହଯୋଗ ଆନ୍ଦୋଳନର ସ୍ରୋତରେ ଓଡ଼ଶାକୁ ମିଶାଇଦେବା ପାଇଁ ଗୋପବନ୍ଧୁ ଚଳଧରପୁର ଉତ୍କଳ-ସମ୍ମିଳନୀ ଅଧିବେଶନରେ ଆଣିଲେ ପ୍ରସ୍ତାବ—"ସମ୍ମିଳନୀର ବର୍ତ୍ତମାନ ଯେଉଁ ଉଦ୍ଦେଶ୍ୟ ନରୂପିତ ହୋଇଅଛୁ, ତାହା ସ୍ଥିର ରଖି, ସ୍ୱରାଜସ୍ୱ ଜାତୀୟ ମହାସମିତି (କଂଗ୍ରେସ)ର ଯେଉଁ ଉଦ୍ଦେଶ୍ୟ ଓ ଆକାଂକ୍ଷା ତାହା ଏହି ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ରୂପେ ଗୃହୀତ ହେଉ" । ଚନ୍ଦ୍ରଶେଖର ବେହେରାଙ୍କ ଦ୍ୱାରା ଏହି ପ୍ରସ୍ତାବ ଯଥାବଧି ସମର୍ଥିତ ହେବା ପରେ, ଏହାର ବରୋଧ କରି ବ୍ରଜସୁନ୍ଦର ଦାସ କହିଲେ—"ସମ୍ମିଳନୀର ନିୟମାନୁସାରେ ଏପରି ପ୍ରସ୍ତାବ ବର୍ତ୍ତମାନ ଆଗତ କରାଯାଇ ନପାରେ । ସମ୍ମିଳନୀର ଉଦ୍ଦେଶ୍ୟ ପରିବର୍ତ୍ତନ କରି ତାହାକୁ ସ୍ୱରାଜ ଜାତୀୟ ମହାସଭାର ଅନୁଯୋଗୀ କରାଇବାକୁ ହେଲେ, ଜାତୀୟ ମହାସମିତିର ସ୍ୱିକୃତି ପନ୍ଥା, ଅର୍ଥାତ୍ ଅସହଯୋଗ ମତ ଅବଲମ୍ବନ କରିବାକୁ ହେବ । ମାତ୍ର ଉତ୍କଳ ଦେଶରେ ଏହି ଅସହଯୋର ଆନ୍ଦୋଳନ ହୋଇ ନ ଥିବାରୁ ବର୍ତ୍ତମାନ ଏ ବିଷୟ ଆଲୋଚନା କରିବା ଉଚିତ ନୁହେଁ ।"

ପ୍ରସ୍ତାବ ସପକ୍ଷରେ ଶ୍ରୀ ଚନ୍ଦ୍ରଶେଖର ବେହେରା, ପଣ୍ଡିତ ମାଲକଣ୍ଠ ଦାସ, ଶ୍ରୀ ଲାଲମୋହନ ପଟ୍ଟ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ବପକ୍ଷରେ ଶ୍ରୀ ବ୍ରଜସୁନ୍ଦର ଦାସ, ଶ୍ରୀ ମୁକୁନ୍ଦ ପ୍ରସାଦ ଦାସ, ଶ୍ରୀ ଚନ୍ତାମଣି ଆସ୍ତର୍ଯ୍ୟ, ଶ୍ରୀ ବଶ୍ୱନାଥ କର, ଶ୍ରୀ ଶିରପ ଚନ୍ଦ୍ର ଘୋଷ ଓ ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ପ୍ରମୁଖ ପ୍ରବଳ ଯୁକ୍ତିତର୍କ ଉପସ୍ଥାପିତ କରିଥିଲେ ।

"ଉତ୍କଳ-ସେବକ"ର ବବରଣୀ ଅନୁସାରେ :—

"ଏ ସମସ୍ୟରେ ସଭାରେ ମହାତାଣ୍ଡବ ଉପସ୍ଥିତ ହେଲ । ଗୋପବନ୍ଧୁବାବୁଙ୍କ ଦଳର ବକ୍ତୃତା ସମସ୍ୟରେ ସଭାସ୍ଥଳ କରତାଳ ଦ୍ୱାରା ଉତ୍ତୁଳ ପଡ଼ୁଥିଲ । କନ୍ତୁ ବ୍ରଜସୁନ୍ଦର ବାବୁଙ୍କ ଦଳର ବକ୍ତୃତା ସମସ୍ୟରେ ଘୋର ବାଦ ପ୍ରତିବାଦ, ଧିଲ୍ଲାମାନଙ୍କର ଦୌବାଡ଼ କରତାଳରେ, ଗାଦ୍ର ନିଷେଧ ଦେଖା ପଡ଼ିଲ ।"*

ଅବଶେଷରେ ଭୋଟ ଗ୍ରହଣରେ ଦେଖାଗଲ, ପ୍ରସ୍ତାବ ସପକ୍ଷରେ ୧୬୭ ଓ ବପକ୍ଷରେ ମାତ୍ର ୬୭ ଗୋଟି ଭୋଟ ମିଳିଲ । ଚଳଧରପୁର ଅଧିବେଶନ ସମ୍ପର୍କରେ "ଉତ୍କଳ-ସେବକ" ଏକ ଅଗ୍ରଲେଖାରେ ଲେଖିଲେ :—

"ଏଥରର ଉତ୍କଳ-ସମ୍ମିଳନୀରେ ଜାତୀୟ ଜାଗରଣର ପୂର୍ଣ୍ଣ ସଙ୍କେତ ଦେଖା ଯାଇଥିଲ । ଆଜି ପର୍ଯ୍ୟନ୍ତ ଉତ୍କଳ-ସମ୍ମିଳନୀ ରାଜନୈତିକ ଆନ୍ଦୋଳନରୁ କରଛଡ଼ା ଦେଇ ରହୁଥିଲ । କଂଗ୍ରେସ ସହିତ ଏହି ସମ୍ମିଳନୀର ସମ୍ବନ୍ଧ ନ ଥିଲ । ବରଂ କଂଗ୍ରେସ ବରୁଦ୍ଧରେ ଉତ୍କଳ-ସମ୍ମିଳନୀର ସୃଷ୍ଟି ହୋଇଅଛୁ ବୋଇଲେ ଚଳେ । କନ୍ତୁ ଚତୁର୍ଦ୍ଦଶ ଅଧିବେଶନରେ ସଭାପତି ଶ୍ରୀ ଗୋପବନ୍ଧୁ ଦାଶଙ୍କର ଅଭିଭାଷଣରେ ରାଜନୈତିକ ବାଦର ଅଙ୍କୁର ଉଦ୍‌ଗତ ହୁଏ । ସେହି ଅଙ୍କୁର ଗତ ପୁଣ୍ଡ ଅଧିବେଶନରେ

* ଉତ୍କଳ ସେବକ—ତା ୬ । ୧ । ୧୯୨୧ ଖ୍ରୀ

Digitized by srujanika@gmail.com

ସଭାପତି ଶ୍ରୀ ଚନ୍ଦ୍ରଶେଖର ବେହେରାଙ୍କର ଅଭିଭାଷଣରେ ପୁଷ୍ଟ ହୋଇଥିଲା । ଏ ବର୍ଷ ପୂର୍ବ ଦୁଇ ସଭାପତିଙ୍କର ପ୍ରସ୍ତାବ, ଅନୁମୋଦନ ଏବଂ ବର୍ତ୍ତମାନ ସଭାପତିଙ୍କ ଅଭିଭାଷଣର ସଯୋଗରେ ମୃତ୍ତିକା, ଜଳ, ବାସ୍ତୁ ଲଭକର ଫୁଟି ଉଠିଅଛୁ । ଏଣିକ ଉତ୍କଳ-ସମ୍ମିଳନୀ କଂଗ୍ରେସର ଉଦ୍ଦେଶ୍ୟ ଓ ଆକାଂକ୍ଷା ଅନୁସରଣରେ ପରଗ୍ଭଳିତ ହେବ । ବର୍ତ୍ତିନ୍ନ ଓ ଅବନତ ଓଡ଼ିଆ ଜାତି ସ୍ୱରଗାସ୍ୱ ମହାଜାଗାସ୍ୱ ସମିଶ୍ରଣରେ ମିଶି ଯାଇଁ ଏକ ପକ୍ଷରେ ଯେପରି ନଜର ମର୍ଯ୍ୟାଦା ରକ୍ଷା କରିଅଛୁ, ଅନ୍ୟ ପକ୍ଷରେ ସେହିପରି ସ୍ୱରଗାସ୍ୱ ଜାଗାସ୍ୱତାକୁ ପରପୁଷ୍ଟ କରିଅଛୁ ।'' *

ପରବର୍ତ୍ତୀ କାଲର ଅଭିଜ୍ଞତାରୁ ଦେଖାଯିବ—ଅସହଯୋଗ ପନ୍ଥାରେ ସ୍ୱରଚ ଯେ ସ୍ୱାଧୀନତା ଲଭ କରିଛୁ ତାହା ନୁହେଁ, ଅପରପକ୍ଷରେ ମହାଜାଗାସ୍ୱ ସ୍ରୋତରେ ସମ୍ମିଳନର ନମଙ୍କନ, ଓଡ଼ିଶାର ବଶେଷ ସମସ୍ୟା ଗୁଡ଼ିକର ନ୍ୟାସ୍ୱୋଚିତ ସମାଧାନରେ ସହାସ୍ୱକ ହେବା ପରବର୍ତ୍ତେ, ତାହାକୁ ବରଂ ଦୂରଗ୍ଭତ କରିଅଛୁ । ତଥାପି ୧୯୨୦ ସାଲରେ ଜାଲିଓ୍ୱାନାବାଗ୍ ହତ୍ୟାକାଣ୍ଡ ଓ ସିଲଫତର ପୃଷ୍ଠଭୂମିରେ ସେହିନ ଚନ୍ଦ୍ରଧରପୁର ଅଧିବେଶନରେ, ମଧୁସୂଦନଙ୍କ ସଂଗସ୍ୱ ନେତୃତ୍ୱ ଓଡ଼ିଶାରେ ଅଗ୍ରଗାମୀ ହୋଇ, ଗୋପବନ୍ଧୁଙ୍କ ନେତୃତ୍ୱର ଅଭ୍ୟୁଦସ୍ୱ ଘୋଷିତ ହୋଇଥିଲା । ଉତ୍କଳ-ସମ୍ମିଳନୀ ମଣ୍ଡପରେ ଶୁଣା ଯାଇଥିଲା, ସେହି ନୂତନ ନେତୃତ୍ୱର ମାଙ୍ଗଳିକ....''ମହାତ୍ମା ଗାନ୍ଧୀ କି ଜସ୍ୱ'' ''ଗୋପବନ୍ଧୁ ବାବୁ କି ଜସ୍ୱ'' !

ମଧୁସୂଦନ ଚନ୍ଦ୍ରଧରପୁର-ଅଧିବେଶନରେ ସଭାପତି ରୂପେ ଯୋଗ ଦେଇ, କଂଗ୍ରେସର ଉଦ୍ଦେଶ୍ୟ ଓ ଆକାଂକ୍ଷାକୁ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆକାଂକ୍ଷା ରୂପେ ସ୍ୱୀକାର କରିଥିଲେ କଂଗ୍ରେସର ଜଣେ ତୃଚ୍ଛ ନେତା ରୂପେ ଗଣ୍ୟ ହୋଇଥାନ୍ତେ—ସନ୍ଦେହ ନାହିଁ । ମାତ୍ର ମଧୁସୂଦନଙ୍କ ଠାରେ ଦୌର୍ବଲିକ ଶଠତା ବା ବ୍ୟକ୍ତିଗତ ପ୍ରବଞ୍ଚନା ନ ଥିଲା । ଯେଉଁଥିରେ ତାଙ୍କର ପ୍ରତ୍ୟସ୍ୱ ବା ବଶ୍ୱାସ ନାହିଁ, ସହଜ ଲୋକପ୍ରିସ୍ୱତା ପାଇଁ ତାହାକୁ ସ୍ୱୀକାର କରିନେବା ତାଙ୍କର ଦୌର୍ବଲିକ ଅଭିମାନ ଓ ଅନମନୀସ୍ୱ ଆତ୍ମଜାତ୍ୟକୁ ଆହତ କରୁଥିଲା । ସେତେବେଳକୁ ପୂରି ସେ ୭୪ ବର୍ଷର ବୃଦ୍ଧ । ସେଇ ପରିଣତ ବସ୍ୱସରେ ପ୍ରତିଷ୍ଠିତ ସ୍ୱବଧାସ୍ୱ ଓ ବସ୍ୱର ବଦଳାଇବା ତାଙ୍କ ପକ୍ଷରେ ସହଜ ବା ସମ୍ଭବ ନ ଥିଲା ।

ସମ୍ମିଳନୀର ରୂପାନ୍ତରରେ ମଧୁସୂଦନ ଅବଶ୍ୟ ଅନାସକ୍ତ ଓ ନିରୁଦ୍ବିଗ୍ନ ରହିଲେ । ମାତ୍ର "ଉତ୍କଳ-ଦୀପିକା" ସ୍ତମ୍ଭରେ ଜଣେ ପତ୍ରପ୍ରେରକ ଏହାର କଠୋର ପ୍ରତିବାଦ କରି ଲେଖିଥିଲେ.....

"ବର୍ତ୍ତମାନ ସ୍ୱରଚବର୍ଷରେ ଚରମପନ୍ଥୀ ମାନଙ୍କ ମଧ୍ୟରୁ କେତେକଙ୍କ ମଧ୍ୟରେ ଅସହଯୋଗ ମାତର ସ୍ରୋତ ପ୍ରବାହିତ ହେଉଥିବା ବେଳେ, ଆମ ଉତ୍କଳର କେତେକଙ୍କ ଠାରେ ସେ ସ୍ରୋତର ଧକ୍କା ଯେ ନ ବାଜିଛୁ ନୁହେଁ ! ତେଣୁ ଷେତ୍ର ବଶେଷରେ ତାହାର ଫଳାଫଳ ନିର୍ଭର କରିବ । ମହାତ୍ମା ଗାନ୍ଧୀ ଯେଉଁ ଅସହଯୋଗ ମାତର-ଜନ୍ମଦାତା, ତାହାର

* ଉତ୍କଳ-ସେବକ—ତା ୭ । ୧ । ୧୯୨୧

Digitized by srujanika@gmail.com

ଅର୍ଥ ସେ ଯେପର ବୁଝିଛନ୍ତି, ଯେଉଁମାନେ ଗାନ୍ଧୀଙ୍କର ଅସହଯୋଗ ମାଡର ଶିଷ୍ୟ ହେବାକୁ ବସିଛନ୍ତି, ଆମ୍ଭେମାନେ ସେମାନଙ୍କୁ ଥରେ ପଗ୍ଭରୁ, ସେମାନେ ଜଜର ଅନ୍ତର ଆଡକୁ ଅନାଇଁ କହିପାରବେକ, ସେମାନେ କେତେଦୂର ତାହା ପାଳନ କରୁ ଅଛନ୍ତି ?

ଆଜକୁ ଷୋଳବର୍ଷ ହେଲ୍ ଉତ୍କଳ-ସମ୍ମିଳନୀର ଗଡ ଭିନ୍ନ ପ୍ରକାର ଥିଲ । ବର୍ତ୍ତମାନ ତାହାକୁ ଯେଉଁ ମାର୍ଗରେ ଚଳାଇବାକୁ ହେଲ୍ ତଦ୍ଦ୍ୱାରା ଉତ୍କଳ-ସମ୍ମିଳନୀର ଅସ୍ତିତ୍ୱ ଲୋପ ପାଇବାକୁ ବସିଲ୍ କହିଲେ ଚଳେ··· । ଯେଉଁମାନେ ଉତ୍କଳ-ସମ୍ମିଳନୀର ସ୍ରଷ୍ଟା, ଯେଉଁମାନେ ଉତ୍କଳ-ସମ୍ମିଳନୀର ଜନ୍ମଦାତା, ସେମାନେ ସମ୍ମିଳନୀର ବର୍ତ୍ତମାନ ଦୁରବସ୍ଥା ଦେଖି ଅବଶ୍ୟ ଲେଉଚକ ବିସର୍ଜ୍ଜନ କରିବେ । ସମ୍ମିଳନୀର କାଣ୍ଡକାରଖାନାରୁ ଜଣା ଯାଉଅଛୁ, ତାହା ମାତୃପୂଜାର ସ୍ଥାନ ନୁହେଁ । ତାହା କେତେକ ଖେସ୍ଲାଲବାଜ ଆତ୍ମପ୍ରାଧାନ୍ୟ ପ୍ରସ୍ତାବେଛୁ ବ୍ୟକ୍ତିଙ୍କର ଲୀଳାଭୂମି ହୋଇଅଛୁ ।···ଏଥର ସମ୍ମିଳନୀର ସଭାପତି ବାବୁ ଜଗବନ୍ଧୁ ସିଂହ ଯେ କେବଳ ନାମମାତ୍ର ସଭାପତି ଥିଲେ ତାହା ସମସ୍ତେ ସ୍ୱୀକାର କରିବେ । ···ବାବୁ ଗୋପବନ୍ଧୁ ଦାଶ ସଭାପତିଙ୍କର ଚଳନ୍ତିପ୍ରତିମା ସ୍ୱରୂପ ସମସ୍ତ କାର୍ଯ୍ୟ ନିର୍ବାହ କରୁଥିବାର ସ୍ପଷ୍ଟ ପ୍ରକାଶ ପାଇଲ୍ । ଏହି କାରଣରୁ ଆମ୍ଭେମାନେ ଅନୁମାନ କରୁ ଯେ ଏଥର ଉତ୍କଳ-ସମ୍ମିଳନୀ ଜାତୀୟ-ସମ୍ମିଳନୀ ନଥିଲ୍ । ଏଥର ସମ୍ମିଳନୀ ଗୋପବନ୍ଧୁ ବାବୁ ଓ ତାଙ୍କର ଶିଷ୍ୟବର୍ଗଙ୍କର ସମ୍ମିଳନୀ ଥିଲ୍ ।....ଗୋପବନ୍ଧୁ ବାବୁଙ୍କୁ ତାଙ୍କର ଶିଷ୍ୟବର୍ଗ ମହାତ୍ମା ଗାନ୍ଧୀଙ୍କର ଉତ୍କଳାବତାର ବା ଉତ୍କଳ-ସଂସ୍କାରଣରେ ପରିଣତ କରି ସାରି ଅଛନ୍ତି ବୋଲି ଆମ୍ଭେମାନେ ମନେକରୁ । ତା ନ ହେଲେ ଉତ୍କଳ-ସମ୍ମିଳନୀ ମଣ୍ଡପରେ "ମହାତ୍ମା ଗାନ୍ଧୀ କି ଜସ୍ୱ" "ଗୋପବନ୍ଧୁ ବାବୁ କି ଜସ୍ୱ" ଏ ଜସ୍ୱଧ୍ୱନି ଉଠି ନ ଥାନ୍ତା ବା ଗୋପବନ୍ଧୁ ବାବୁ ଏଥିର ପ୍ରତିବାଦ ନ କରି, ଏକଥା ଶୁଣି ଆପଣାକୁ ଗୌରବାନ୍ୱିତ ମନେକରି ନ ଥାନ୍ତେ । କାହିଁ ମହାତ୍ମା ଗାନ୍ଧୀ, କାହିଁ ଗୋପବନ୍ଧୁ ବାବୁ "···* କନ୍ତୁ, ଚକ୍ରଧରପୁର ସମ୍ମିଳନୀ ଅଧିବେଶନ ପରେ, ଗୋପବନ୍ଧୁ ଯେ ଉତ୍କଳର ମାନ୍ୟତାପ୍ରାପ୍ତ ନେତା ରୂପେ ଅଭିଷିକ୍ତ ହୋଇଥିଲେ, ଇତିହାସ ଦୃଷ୍ଟିରୁ ତାହାକୁ ଅସ୍ୱୀକାର କରିବାର ଉପାସ୍ୱ ନାହିଁ । ୧୯୨୧ ସାଲ, ସ୍ମରଣ ପଣ ଓଡିଶାର ସ୍ୱଜନୈତିକ ଇତିହାସରେ ମଧ୍ୟ ଥିଲ୍, ଏକ ଜଳ-ବିଭାଜିକା-ରେଖା ।

ଚକ୍ରଧରପୁର ଅଧିବେଶନରୁ ଫେରିବା ପରେ, ବ୍ରଜସୁନ୍ଦର ଓ ଚିନ୍ତାମଣି ପ୍ରମୁଖ ମଧୁସୂଦନଙ୍କ କେତେକ ଅନୁଗତ ସହକର୍ମୀ ମଧୁସୂଦନଙ୍କ ନିକଟକୁ ଆସିଥିଲେ, ସେହି ଚରମ ଦୁଃସମ୍ବାଦ ଦେବ । ମଧୁସୂଦନଙ୍କ ସ୍ତବ୍ଧୀରେ ସେମାନେ ନୀରବରେ ବସିଥିଲେ ବଜ୍ରାହତ ପରି । ଉତ୍କଳ-ସମ୍ମିଳନୀର ବଲସ୍ୱ, ସେମାନଙ୍କ ପ୍ରାଣରେ ଆଣିଥିଲ ଯେପରି ପୁତ୍ରଶୋକର ବ୍ୟଥା । ମଧୁସୂଦନ ମଧ୍ୟ ମନେ ମନେ ଘୋର ବ୍ୟଥିତ ହୋଇଥିଲେ ସୁଦ୍ଧା, ଉତ୍କଳ-ସମ୍ମିଳନୀର ବଲ୍ଲେପରେ ସେ ଆଦୌ ବିସ୍ମିତ ହୋଇ ନଥିଲେ । କାରଣ ମଧୁସୂଦନଙ୍କ ରକ୍ତରେ ତଳେ ତଳେ ଗଢ଼ା ଉତ୍କଳ-ସମ୍ମିଳନୀ ମଣ୍ଡପରେ "ଗୋପବନ୍ଧୁ ବାବୁ କି ଜସ୍ୱ" ଧ୍ୱନି ତାଙ୍କୁ ବିଚଳିତ ବା ବିବ୍ରତ କରି ନ ଥିଲ୍ ।

---

* ଉତ୍କଳ-ଦୀପିକା ତା ୮ । ୧ । ୧୯୨୧

Digitized by srujanika@gmail.com

ମଧୁସୂଦନ ସ୍ମିତ ହସି କହିଲେ···"ଅସହଯୋଗ ପନ୍ଥାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଯଦି ଗଠିତ ହୋଇପାରେ, ତାହେଲେ ମୋଠାରୁ ବଳ ବୋଧହୁଏ ଆଉ କେହି ବେଶୀ ଖୁସୀ ହେବେ ନାହିଁ । କନ୍ତୁ ବ୍ରଜସୁନ୍ଦର ଓଡ଼ିଶା ଯଦି କେବେ ସ୍ୱତନ୍ତ୍ର ପ୍ରଦେଶ ହୁଏ, ତାହେଲେ ଅସହଯୋଗ ପନ୍ଥାରେ ନୁହେଁ, ତାହା ହେବ କେବଳ ଶଫର୍ମସ୍‌ର ବୈଧାନକ ପନ୍ଥାରେ ।" ···ମଧୁସୂଦନଙ୍କ ସେହି ଭବିଷ୍ୟତବାଣୀ ପରବର୍ତ୍ତୀକାଲରେ ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଥିଲା ।

ଅପରପକ୍ଷରେ ଅସହଯୋଗପୃଷ୍ଟ କଂଗ୍ରେସ ଶାସନାଧୀନରେ କେତେକ ନଗ୍ନେଲା ଓଡ଼ିଆତ୍ୱାତ୍ୱାସୀ ଅଞ୍ଚଳ ଯେପରି ଓଡ଼ିଶାରୁ କାଳ କାଳ ପାଇଁ ଅଲଗା ରହିଗଲା—ଓଡ଼ିଶାର ରାଜନୈତିକ ଇତିହାସରେ ତାହା ଏକ ଦୁଃଖପ୍ରଦ ବିଡ଼ମ୍ବିତ ଅଧ୍ୟାୟ !

ସକାଳ ଡାକରେ ଆସିଥିଲା, ବିହାର-ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର ଲେଫ୍‌ଟେନେଣ୍ଟ-ଗଭର୍ଣ୍ଣର ଲର୍ଡ଼ ସିହ୍ନାଙ୍କଠାରୁ ଚିଠି···ଯଥାଶୀଘ୍ର ରାଜଧାନୀରେ ତାଙ୍କୁ ସାକ୍ଷାତ କରିବା ପାଇଁ ସନିବନ୍ଧ ଆମନ୍ତ୍ରଣ ।

ମଧୁସୂଦନ କହିଲେ···"ମୁଁ ଭାବିଲି ରାହୁ ! ଲର୍ଡ଼ ସିହ୍ନା ଲେଖିଛନ୍ତି, ଯଥାଶୀଘ୍ର ତାଙ୍କୁ ସାକ୍ଷାତ କରିବା ପାଇଁ ।"

ଏ ଆମନ୍ତ୍ରଣର ଉଦ୍ଦେଶ୍ୟ କ'ଣ ହଠାତ୍ କେହି ଅନୁମାନ କରି ପାରିଲେ ନାହିଁ ।

ଶଫର୍ମସ୍ ଅନୁସାରେ ବିହାର-ଓଡ଼ିଶା ପ୍ରଦେଶରେ ଜଣେ ମନ୍ତ୍ରୀ ରୂପେ ମଧୁସୂଦନ ନିଯୁକ୍ତ ହୋଇ ପାରନ୍ତି ବୋଲି ଏ ପର୍ଯ୍ୟନ୍ତ ଯେଉଁ ଜନରବ ଶୁଣାଯାଉଥିଲା, ଏ ଆମନ୍ତ୍ରଣ କ'ଣ ତାହାର ପୂର୍ବ ସୂଚନା ? ବ୍ରଜସୁନ୍ଦର ଓ ଚନ୍ଦ୍ରାମଣି ପ୍ରମୁଖଙ୍କ ମ୍ଳାନ, ବିଷଣ ଆଖିର ଦୃଷ୍ଟି, ଅନାଗତର ସମ୍ଭାବନାରେ ଇଷତ୍ ଉଜ୍ଜ୍ୱଳ ହୋଇ ଉଠିଲା ।

Digitized by srujanika@gmail.com

ଦଶମ ପରିଚ୍ଛେଦ

(ଏକ)

ରୁଣ୍ଡ ବାଇଦ ସହସ୍ର କୋଣ ପର, ସହରରେ ବ୍ୟାପି ଯାଇଥିଲ ଜନରବ...ମଧୁବାବୁ ମନ୍ତ୍ରୀ ହେଲେ....ମଧୁବାବୁ ମନ୍ତ୍ରୀ ହେବେ....ବହାର-ଓଡ଼ିଶାର ଗ୍ରେଟ୍‌ଲ୍ୟ ଲର୍ଡ଼ ସିନ୍ହା ମଧୁବାବୁଙ୍କୁ ଆମନ୍ତ୍ରଣ କରିଛନ୍ତି ଗୃହ !...ଓଡ଼ିଶାର ସୌଭାଗ୍ୟ ! ଜଣେ ଓଡ଼ିଆ ମନ୍ତ୍ରୀ ହୋଇପାରିବ ବୋଲ କେ ବା ଭାବିଥିଲ, କେ ବା ଆଶା କରିଥିଲ, ସ୍ୱପ୍ନରେ ପୁଚ୍ଛା ? ମନ୍ତ୍ରୀ ପଦରେ ମଧୁସୂଦନଙ୍କ ନଯୁକ୍ତ ମଧ୍ୟରେ ନପୀଡ଼ିତ ଓଡ଼ିଆ ଜାତିର ଗୌଣ ମନୋଭାବ ପ୍ରତିଫଳିତ ହୋଇଥିଲ—ଓଡ଼ିଆ ଜାତି ଫେର ପାଇଥିଲ ଦୃଢ଼ ଆତ୍ମବିଶ୍ୱାସ ଓ ସ୍ୱାଭିମାନ ! କନ୍ତୁ କଂଗ୍ରେସ ଶିବିରରେ, ବଙ୍ଗେଷଜ୍ଞ ଭରୁଣ ଗୋଷ୍ଠୀରେ ପ୍ରବଳ ବିଷ୍ଫୋରଣ ଓ ବିରୁଦ୍ଧ.....ଗାନ୍ଧିଜଙ୍କ ଆହ୍ୱାନରେ ଆକୁମାସ୍ତ ହ୍ୱମାଚଲ, ଅସହଯୋଗ ଆନ୍ଦୋଳନରେ ଅଗ୍ନିଗର୍ଭ ହୋଇ ଉଠିଥିବା ବେଳେ, ମଧୁସୂଦନ ବ୍ରିଟିଶ ଦମନ-ଯନ୍ତ୍ରରେ ହେଲେ ସ୍ୱୀକରିଆ !

୧୯୨୧ ସାଲ ଜାନୁୟାରୀ ୪ ତାରିଖ...

ପୁରୀ-ଏକ୍ସପ୍ରେସ୍‌ରେ ମଧୁସୂଦନ ବାହାରିଥିଲେ ଗୃହ ଅଭିମୁଖରେ । ଡାକ୍ତର ବିଦାୟ ଦେବା ପାଇଁ ଷ୍ଟେସନ୍‌ରେ ସରକାରୀ ଓ ବେସରକାରୀ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଭିଡ଼ ! ମଧୁସୂଦନଙ୍କ ପରିଧାନରେ ପ୍ୟାଣ୍ଟ୍, ବେକରୁଜା କୋଟ, ମୁଣ୍ଡରେ ସ୍ପିଲଙ୍ଗା ପଗଡ଼ି, ହାତରେ 'ଗ୍ଲାଡ୍‌ଷ୍ଟୋନ୍' ବାଗ୍ ଆଉ ଓଣ୍ଠେ ଚୁରୁ....ଏଇ ଶୀର୍ଣ୍ଣକାୟ ବ୍ୟକ୍ତିଟି, ସେତେବେଳେ ହଠାତ୍ ଯେପରି ଓଡ଼ିଆ ଜାତିର ସ୍ୱାଭିମାନର ସଙ୍କେତରେ ପରିଣତ ହୋଇ ପଡ଼ିଥିଲ ! ବିଦାୟ ନେବା ବେଳେ ମଧୁସୂଦନ କହିଲେ..."ଶରୀରରେ ପ୍ରାଣ ଥିବାଯାଏ ଦେଶର ସେବା କରିବାକୁ ମୁଁ କର୍ମମୟ ଜୀବନର ଆରମ୍ଭରୁ ଯେଉଁ ପ୍ରତିଜ୍ଞା କରିଛୁ, ତାହା ମୋ ପ୍ରତି ଜନସାଧାରଣଙ୍କର ଏହି ସ୍ନେହ ପ୍ରଦର୍ଶନ ଦ୍ୱାରା ଅଧିକ ଦୃଢ଼ ହେବ ।"

ଜାନୁୟାରୀ ୮ ତାରିଖ ଦିନ, ମଧୁସୂଦନଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ଓ ବିହାର-ଓଡ଼ିଶା ପ୍ରଦେଶର ନବନିଯୁକ୍ତ ଲାଟ ତଥା ମନ୍ତ୍ରୀମାନଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ଜ୍ଞାପନ ଉଦ୍ଦେଶ୍ୟରେ, କଟକ ଟାଉନହଲ୍ ପଡ଼ିଆରେ ଆସ୍ତୋଜିତ ହେଲ ଏକ ବିରାଟ ଜନସଭା । କନ୍ତୁ ସମ୍ପୂର୍ଣ୍ଣତା ସତ୍ତ୍ୱର ଅବ୍ୟବହିତ ପୂର୍ବରୁ ସହରରେ କଂଗ୍ରେସ ପକ୍ଷରୁ ବିତରିତ ହୋଇଥିଲ ଇଂରାଜୀ ଓ ଓଡ଼ିଆରେ ଏକ ବେନାମୀ ଟ୍ରାକ୍ଟରପତ୍ର....

"Atlast Mr. Das, a Government Servant drawing Rs. 60,000 from Malaria of Balasore, famine of Puri and floods of Cuttack."

Digitized by srujanika@gmail.com

ଏହି ପ୍ରଶ୍ନପତ୍ରରେ ମଧ୍ୟ ଥିଲା କବି ଟେନସନ୍ 'ପୋଏଟ୍-ଲରେଟ୍' ରୂପେ ବରଣ ହେବା ପରେ, ତାଙ୍କ ଉଦ୍ଦେଶ୍ୟରେ ସମସାମୟିକ କବି ବ୍ରାଉନିଙ୍ଗ୍‌ଙ୍କ "Lost Leader" କବିତାରୁ ଖେଦୋକ୍ତି :

> "Just for a handful of silver he left us,
> Just for a ribbon to stick in his coat"

ଓଡ଼ିଆ ପ୍ରଶ୍ନର ପତ୍ରରେ ଲେଖାଥିଲା :

> "ଅଶି ବରଷରେ ମଧୁବାବୁ ଗ୍ଲାଡଷ୍ଟୋନ—ସ୍ୱପ୍ନ କି ସତ୍ୟ ?
>
> ପାଇବେ ବର୍ଷରେ ଷାଠିଏ ହଜାର—କାହାଠାରୁ ?
>
> ଆମର ଅନ୍ନକଷ୍ଟିଆ ପୁଣ୍ୟିଆ ଗ୍ଲାଇ, ଧୋଇଆ କଟକ୍ଷା, ସମ୍ବଲପୁରିଆ, କରୁଆ ବାଲେଶ୍ୱରିଆ ଗ୍ଲାଇ !
>
> ଆମର ଟିକସରେ ସରକାରଙ୍କ ଓ ପାଣ୍ଠି !"•

ଏହି ପ୍ରଶ୍ନପତ୍ରକୁ ଲକ୍ଷ୍ୟ କରି "ଉତ୍କଳ-ଦୀପିକା" ଲେଖିଥିଲେ....

"ଏହି ଆଜ୍ଞାପତ୍ର କାହା ଆଜ୍ଞାରେ ବାହାରିଲା ? ଏକଥା ମନରେ ଗ୍ଲଲୁ ଗ୍ଲଲୁ ପିଲ୍ଲାବନର ଗୋଟିଏ ମାତ କଥା ଗ୍ଲପ ମନେ ପଡ଼ିଗଲା । ବଲୁଆ ପହଲ୍ଲା ଅଙ୍ଗୁର ଗଛମୂଳେ । ଦେଖିଲା ଲାଲ ଟହଟହ ଅଙ୍ଗୁର ଫଳ ପାଚିଛି । ବଲୁଆ ପାଟିରୁ ଲାଳ ବୋହି ପଡ଼ିଲା । ଫଳ ଖାଇବାକୁ ଗଛ ଉପରକୁ ଉଡୁଁଜଲା । ୨।୪ ଉଡୁଁକା ମାର ବିଗୁର୍ ଥକିଲା । ଦେଖିଲା, ତା କପାଳକୁ ଏପର ଲାଲ ଟହଟହ ପାଚିଲା ଅଙ୍ଗୁର ମିଳିବାର ନୁହେଁ । କଣ କରିବ ! ବିଗୁର୍ ମନକୁ ବୋଧ ଦେବାକୁ କହିଲା "ଦୂର୍ କର୍ ଏହି ଖଟା

• ଶ୍ରୀ ହରେକୃଷ୍ଣ ମହତାବ ତାଙ୍କ ଆତ୍ମଜୀବନୀ "ସାଧନାର ପଥେ"ରେ ଲେଖିଛନ୍ତି..... "× × ମାନ ସେତେବେଳେ ମଧୁବାବୁ ଓଡ଼ିଶାର ଅଦ୍ୱିତୀୟ ନେତା । ତାଙ୍କର ପ୍ରଭାବ ଆଗରେ ସମସ୍ତେ ନତମସ୍ତକ । ତାଙ୍କ ବିରୋଧରେ କିଛି କହିବା ଅସମ୍ଭବ ପ୍ରାୟ ଥିଲା । ତଥାପି ଗ୍ଲରଙ୍ଗା-ମନ୍ତ୍ରରର ଆମେ କେତେଜଣ ଯୁବକ ପ୍ରାଣ ପଣେ ଚେଷ୍ଟା କଲୁ । ଓଡ଼ିଆ ଓ ଇଂରାଜୀରେ ଓଡ଼ିଶା ପାଇଁ ପ୍ରଶ୍ନର ପତ୍ର ବଣ୍ଟାଇବାର ବ୍ୟବସ୍ଥା କଲୁ ।...ଏ ଦୁଇ ପ୍ରଶ୍ନପତ୍ରକୁ କୌଣସି ପ୍ରେସ ଛାପିବାକୁ ରାଜି ହେଲେ ନାହିଁ । ଶେଷରେ ଏକ ଭଙ୍ଗା ପ୍ରେସରେ ମୁଁ ଖୁବ୍ ଗୋପନରେ ପ୍ରେସ୍ ନାଁ ନ ଦେଇ ପ୍ରଶ୍ନପତ୍ର ଛପାଇ ଆଣିଥିଲି । ପ୍ରଶ୍ନପତ୍ରମାନଙ୍କରେ କାହାର ସ୍ୱାକ୍ଷର ନଥିଲା ।" (ପୃ. ୩୧-୩୨)

Digitized by srujanika@gmail.com

ଅଙ୍ଗୁର ଗୁଡ଼ାକ କଏ ଖାଉଛୁ ।" ମାତକଥା ଗପ ତେଣିକି ଥାଉ ! × × × କାଲ୍ ରୁମ୍ଭେ ସମସ୍ତେ ମଧୁବାବୁଙ୍କୁ ଓଡ଼ିଶାର ବରପୁତ୍ର ବୋଲ୍ ଧେଣ୍ଡୁଗ୍ ପିଟିଥିଲ । ନୂତନ ଶାସନ-ସଂସ୍କାର ଆଇନରେ ମନ୍ତ୍ରୀମାନଙ୍କୁ ଲାଟ୍‌ମାନେ ଜଘାଚଡ ସଭ୍ୟ ମଧ୍ୟରୁ ମନୋନୀତ କରନେବେ, ଏପରି ତ ଆଇନ ହେଲ୍ ! ନୂତନ ଲାଟ ଓଡ଼ଶାର ବରପୁତ୍ରଙ୍କୁ ମନୋନୀତ କଲେ—ଏଥିରେ ମଧୁବାବୁଙ୍କର କ ପାପ ବା ମହାପାପ ହେଲ ?....ମନେ କର, ମଧୁବାବୁଙ୍କୁ ମନ୍ତ୍ରୀ ନ କର ଆଉ କଣେ କେହ୍ନ ଓଡ଼ିଆକୁ ବା ବେହାରୀକୁ ଲାଟ ମନ୍ତ୍ରୀ ମନୋନୀତ କରଥାନ୍ତେ ! ସେ ଯେଉଁ ଷାଠିଏ ହଜାର ଟଙ୍କା ଜଅନ୍ତା, ଏହ୍ନ ଧୋସ୍ତା କଟଙ୍କା ବା ସମ୍ବଲପୁରିଆ ଧୋସ୍ତା ବା ପୁଣ୍ଡ ଟାଙ୍ଗାକସ୍ତା ବା ବାଲେଶ୍ୱର ଜରୁଆ ଗୁଇମାନଙ୍କର ପଇସାରୁ ତ ଜଅନ୍ତା ! ମଧୁବାବୁଙ୍କ ପକେଟକୁ ଷାଠିଏ ହଜାର ଟଙ୍କା ଗଲ୍ ବୋଲ୍ ଏତେ ଦୁଃଖ କଅଁ ? ଏତେ ଶୋଚନା କଅଁ ?.....ଏ ସଂସାରରେ ସ୍ୱକର କଏ ନୁହେଁ ? ଖୋଦ୍ ସ୍ୱଜା ସମ୍ରାଟଙ୍କ ଠାରୁ ମେହେନ୍ତର ପର୍ଯ୍ୟନ୍ତ ସମସ୍ତେ ସ୍ୱକର । ସ୍ୱଜା ପ୍ରଜାଙ୍କ ସ୍ୱକର । ଯେ ଓକିଲ ମୋକ୍ତାର କରୁଛୁ ସେ ମହ୍ନକଲର ସ୍ୱକର । ଯେ ଡାକ୍ତର୍ଗି କରୁଛୁ, ସେ ରୋଗୀର ସ୍ୱକର । ଯେ ମୂଲ୍‌ଆଗିର କରୁଛୁ ସେ ମୁନିବର ସ୍ୱକର । ଯେ ଦୋକାନଦାର୍ଗି କରୁଛୁ ସେ ଖାହ୍ନକର ସ୍ୱକର । ରୁଷିଆରେ ଯେଉଁ ବଲ୍‌ସେଭିକ୍ ଦଳ ବାହାର ସଂସାରର ଲୋକମାନଙ୍କୁ ଏକା କର ଦେବାକୁ ବସି ଅଛନ୍ତି, ସେମାନେ ମଧ୍ୟ ସମାଜର ସ୍ୱକର ! ଏ ସ୍ୱକର-ମୁନିବ ସ୍ତ୍ରବ ସଂସାରରେ ସଦଂ ବଦ୍ୟମାନ ; ସଂସାର ଥିବାଯାକ ଏହ୍ନ ସ୍ତ୍ରବ ଥିବ । ମହାତ୍ମାଗାନ୍ଧୀ କ ଉପଦେଶ ଦେଉ ଅଛନ୍ତି ? ସମାଜର ସ୍ୱକର ହୁଅ, ଦେଶର ସ୍ୱକର ହୁଅ, ଆତ୍ମତ୍ୟାଗ କର, ତେବେ ସମାଜକୁ ଓଲଟାଇ ପାରିବ ।..."*

ମଧୁସୂଦନଙ୍କ ମନ୍ତ୍ରୀତ୍ୱ ପ୍ରେମ ଏହ୍ନପରି ସଂଘର୍ଷ । ତାହା କନ୍ତୁ କେବଳ ବେନାମୀ ପ୍ରସ୍ତରପତ୍ର କମ୍ବା ସମ୍ବାଦପତ୍ରର ସମ୍ପାଦକୀୟ ଟିପ୍‌ପଣୀ ମଧ୍ୟରେ ସୀମାବଦ୍ଧ ରହ୍ନ ପାଣ ନଥିଲ୍ । ସେଦିନ ଟାଉନହଲ୍ ପଡ଼ଆରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ତାହା ପ୍ରାସ୍ତ ହାତାହାତି ସ୍ତରକୁ ଆସି ଯାଇଥିଲ୍ । କେତେକ ଗାନ୍ଧୀଟୋପିଧାରୀ ଯୁବକ ଓ ଛାତ୍ର ସେ ଦିନ ସେହ୍ନ ସମ୍ବର୍ଦ୍ଧନା ସଭାକୁ ପଣ୍ଡ କରିବା ପାଇଁ ଆରମ୍ଭ କରିଥିଲେ ଦକ୍ଷ ଯଜ୍ଞଭଙ୍ଗ କାଣ୍ଡ !

ସଭାରେ ସଭାପତିତ୍ୱ କରିବା ପାଇଁ ପ୍ରୌଢ ଓକିଲ ବାବୁ କଲ୍ୟାଣରୁ ଦାସଙ୍କ ନାମ ପ୍ରସ୍ତାବିତ ହେବା ମାତ୍ରେ, ଏହ୍ନ ଯୁବକମାନଙ୍କ ପକ୍ଷରୁ ପ୍ରସ୍ତାବ ହେଲ୍—ବାଲେଶ୍ୱରର ମୁକ୍ତାର ମୁକୁନ୍ଦ ପ୍ରସାଦ ଦାସ ହେବେ ସଭାପତି ! ଚନ୍ଦ୍ରଧରପୁର ଉତ୍କଳ-ସମ୍ମିଳନୀରେ ମୁକୁନ୍ଦପ୍ରସାଦ ଥିଲେ ଅସହଯୋଗର ବରୋଧୀ; ମାନ୍ର ଏବେ ସେ ହଠାତ୍ ହୋଇ ଉଠିଲେ ଅସହଯୋଗର ପ୍ରବକ୍ତା ! ବକ୍ଷୋଭକାରୀ ଯୁବକମାନଙ୍କ ପକ୍ଷରୁ ଯୁକ୍ତି—ଯେହେତୁ ଏହା ଏକ ସାଧାରଣ ସଭା;

* ଉତ୍କଳ-ଦୀପିକା—ତା ୧୫ । ୧ । ୧୯୨୧ ଖ୍ରୀ

Digitized by srujanika@gmail.com

ଏ ସତ୍ତ୍ୱର ସତ୍ତ୍ୱପତ୍ତ ମନୋନୟନ ବା ନିର୍ବାଚନ ପାଇଁ ସାଧାରଣ ଜନତାଙ୍କର ମଧ୍ୟ ଅଧିକାର ରହିଛି ! ସତ୍ତ୍ୱରେ ତୁମୁଳ ହଟ୍ଟଗୋଳ ! କନ୍ତୁ ବହୁମତର ସମର୍ଥନ ଅତ୍ତ୍ୱବରେ ବିକ୍ଷୋଭକାରୀମାନେ ସତ୍ତ୍ୱ ଛାଡ଼ି ଗ୍ଲଲଗଲେ । ସେମାନଙ୍କ ମଧ୍ୟରୁ କେହି କେହି ଆସ୍ଫାଲନ କରୁଥିଲେ.... "ତୁମେ ବୁଢ଼ାମାନେ କଣ କରୁଛ କର, ପରେ ଦେଖାଯିବ ।"

ଏହାପରେ ସମ୍ବର୍ଦ୍ଧନା ସତ୍ତ୍ୱ ହାଉନହଲ୍ ଭିତରେ ଯଥାବଧି ଅନୁଷ୍ଠିତ ହୋଇଥିଲା । ଏହି ସତ୍ତ୍ୱରେ ନମ୍ନୋକ୍ତ ପ୍ରସ୍ତାବଗୁଡ଼ିକ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା :—

(୧) "କଟକର ଜନସାଧାରଣଙ୍କ ଏହି ସତ୍ତ୍ୱ, ବିହାର-ଓଡ଼ିଶା ପ୍ରଦେଶରେ ସର୍ବପ୍ରଥମେ ଜଣେ ସ୍ୱରାଜପ୍ତକୁ ଗଭର୍ଣ୍ଣର ରୂପେ ନିଯୁକ୍ତ କରିବାରୁ ଆନନ୍ଦ ପ୍ରକାଶ କରୁଅଛନ୍ତି ଏବଂ ମାନ୍ୟବର ଲାଟ ଲର୍ଡ ଏସ୍. ପି. ସିଂହ ଲାଟ ରୂପେ ନିଯୁକ୍ତ ହୋଇ ଥିବାରୁ ତାଙ୍କୁ ସମ୍ମାନ ସମ୍ଭାଷଣ ଜଣାଇ ଆନନ୍ଦ ପ୍ରକାଶ କରୁଅଛନ୍ତି ଓ ଆଶା କରୁଅଛନ୍ତି କି ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଘୋଷିତ ଆରମ୍ଭରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ନିମାଗତ ଯେ ଉଦାସୀନତା ପ୍ରଦର୍ଶିତ ହୋଇ ଆସୁଅଛୁ ତାହା ଲର୍ଡ ସିଂହଙ୍କ ଅମଳରେ ଦୂର ହେବ ।"

(୨) "ସ୍ୱରାଜସ୍ୱ ନୂତନ ଶାସନ ଆଇନାନୁସାରେ ସ୍ୱାସ୍ୱତ୍ତ ଶାସନ ଓ ସ୍ୱାସ୍ଥ୍ୟବତ୍ତ୍ୱର ନମନ୍ତ୍ରୀ ମାନ୍ୟବର ମିଃ ଏମ୍. ଏସ୍. ଦାସ, ସି. ଆଇ. ଇ. ମନ୍ତ୍ରୀ ନିଯୁକ୍ତ ହୋଇଥିବାରୁ ଏ ସତ୍ତ୍ୱ ଆନନ୍ଦ ପ୍ରକାଶ କରୁଅଛନ୍ତି ଓ ଓଡ଼ିଶାର ଯେ ସବୁ ଅତ୍ତ୍ୱବ ମୋଚନ ନମନ୍ତ୍ରେ ମି. ଦାସ ତାଙ୍କର ଜୀବନ ଉତ୍ସର୍ଗ କରିଛନ୍ତି, ସେହିସବୁ ଅତ୍ତ୍ୱବ ବର୍ତ୍ତମାନ ତାଙ୍କ ଦ୍ୱାରା ବଦୂରତ ହୋଇ ପାରିବ ବୋଲି ଏହି ସତ୍ତ୍ୱ ଆଶା କରୁଅଛନ୍ତି ।"

(୩) "କଟକର ଜନସାଧାରଣ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ଜଣାଇ ଅଛନ୍ତି ଯେ ଦେଶରେ ବର୍ତ୍ତମାନ ଯେ ଅସନ୍ତୋଷ-ଅଗ୍ନି ଜଳୁଅଛୁ ସେଥି ନମନ୍ତ୍ରେ ଗଭର୍ଣ୍ଣମେଣ୍ଟ ପ୍ରଧାନତଃ ଦାସ୍ୱୀ । ସ୍ୱାମାସ୍ୱ ଓ ସାଧାରଣ ଅତ୍ତ୍ୱବମାନ ଦୂସ୍ୱଭୂତ ନ ହେବା ପର୍ଯନ୍ତ ଏହି ଅସନ୍ତୋଷ ଅଗ୍ନି ଲିଭିବ ନାହିଁ—ଉଭୟ ଜନସାଧାରଣ ଓ ସରକାରଙ୍କୁ ଲକ୍ଷ୍ୟରଖି କରିଦେବ ।"

ଅସହଯୋଗ ଆନ୍ଦୋଳନର ଅଗ୍ନିଗର୍ଭ ପୃଷ୍ଠଭୂମିରେ ମଧୁସୂଦନଙ୍କ ମନ୍ତ୍ରୀତ୍ୱ ଗ୍ରହଣ, ସେଦିନ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତାହା ଥିଲା ପରସ୍ଥିତିର ଏକ ସ୍ୱାତ୍ତ୍ୱବିକ ବସ୍ଫୋରଣ । କନ୍ତୁ ଇତିହାସର ପରିହାସ ବିଚିତ୍ର ! ସେଦିନ ଯେଉଁ ଅସହଯୋଗୀମାନେ

Digitized by srujanika@gmail.com

ମଧୁସୂଦନଙ୍କ ବନ୍ଦାବଦ ଓ ଚରନ୍ତସଂହାରରେ ଶତମୁଖ ଥିଲେ. ଛବିଶ ବର୍ଷ ପରେ ଅସହଯୋଗର ସେଇ ଉକ୍ତମାନେଇ ମନ୍ତ୍ରୀତ୍ୱ ଓ ଖ୍ୟାତି ଆହରଣ ମୋହରେ ବ୍ରିଟିଶ ସାମ୍ରାଜ୍ୟର ସହଯୋଗର ହସ୍ତ ପ୍ରସାରିତ କଣ କେବଳ ଛାଡ଼ି ରହି ନଥିଲେ, ସ୍ୱରାଜ-ସ୍ୱପ୍ନର ସ୍ରୀକାର କଣ ସ୍ୱାଧୀନତାକୁ ଅନୁଗ୍ରହଲବ୍ଧ "ଦାନ" ରୂପେ ଗ୍ରହଣ କରିବା ପାଇଁ ମଧ୍ୟ କୁଣ୍ଠିତ ହୋଇ ନଥିଲେ । ସେ କାହାଣୀ ସ୍ୱତନ୍ତ୍ର । ଆଜ ପୂରା ସ୍ୱରାଜର ସାମ୍ରାଜ୍ୟିକ ଇତିହାସରେ ସେ ବାଦ ବସମ୍ବାଦର ପରସମାପ୍ତି ଘଟିନାହିଁ ।

କନ୍ତୁ ତଥ୍ୟନିଷ୍ଠ ଇତିହାସ ଦୃଷ୍ଟିରୁ ବିଚାର କଲେ ଦେଖାଯିବ, ସେତେବେଳେ ମଧୁସୂଦନ ଯେ କେବଳ ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ, ତାହା ନୁହେଁ । ଅଗତ୍ୟାରେ ଏକାଧିକବାର କଂଗ୍ରେସର ସଭାପତି ଓ ବଙ୍ଗଳାର "ଜନସମ୍ରାଟ" "ଦେଶବନ୍ଧୁ" ଆଖ୍ୟାରେ ଭୂଷିତ ସୁରେନ୍ଦ୍ରନାଥ ବାନାର୍ଜୀ ମଧ୍ୟ ମଣ୍ଟେଗୁ-ଚେମସ୍‌ଫୋର୍ଡ ରିଫର୍ମସ୍ ଅନୁସାରେ, ବଙ୍ଗଳାରେ ସ୍ୱାୟତ୍ତଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ରୂପେ ନଯୁକ୍ତ ପାଇ ନାଇଟ୍ ଉପାଧିରେ ଭୂଷିତ ହୋଇଥିଲେ । ଏଲ୍‌ହାବାଦ 'ଲିଡ଼ର' ପତ୍ରିକାର ସଂପାଦକ ସି. ୱାଇ. ଚିନ୍ତାମଣି ଯୁକ୍ତପ୍ରଦେଶରେ ଓ ଲାଲ ହରକିଷାଣ ଲାଲ୍ ଜାଲଓ୍ୱାନାବାଗ୍ ରକ୍ତସ୍ନାତ ପଞ୍ଜାବରେ ମନ୍ତ୍ରୀ ପଦରେ ମଧ୍ୟ ନଯୁକ୍ତ ହୋଇଥିଲେ ।

ସି. ୱାଇ. ଚିନ୍ତାମଣି ଥିଲେ ସ୍ୱରାଜ୍ୟର ଆଦ୍ୟ ପ୍ରବକ୍ତାମାନଙ୍କ ମଧ୍ୟରୁ ଅନ୍ୟତମ । ୧୯୧୦ ସାଲ ଏଲ୍‌ହାବାଦ କଂଗ୍ରେସ ଅଧିବେଶନରେ ସ୍ୱଦେଶୀ ସମ୍ପର୍କରେ ଏକ ପ୍ରସ୍ତାବ ଆଣତ କରିଥିଲେ ଏଇ ସି. ୱାଇ. ଚିନ୍ତାମଣି । ପୁଣି ଯେଉଁ ଲାଲ ହରକିଷଣ ଲାଲ୍, ଗ୍ରାଣ୍ଡଲାଟ୍ ଆଉ ବ୍ରୋଧୀ ଆନ୍ଦୋଳନ ବେଳେ ଆଳ୍ଦମାନ ଦ୍ୱୀପାନ୍ତର ଦଣ୍ଡାଦେଶ ପ୍ରାପ୍ତ ହୋଇଥିଲେ, ସେ ପୁରା ପଞ୍ଜାବରେ ନଯୁକ୍ତ ହୋଇଥିଲେ ମନ୍ତ୍ରୀ ରୂପେ ! ଏମାନେ ସମସ୍ତେ ସ୍ୱାଧୀନତା ଆନ୍ଦୋଳନର ବିରୋଧୀ, ଅର୍ଥାତ୍‌ଲପ୍ସୁ ଅଥବା ବ୍ରିଟିଶ ସାମ୍ରାଜ୍ୟର ବଚ୍ଚର ଥିଲେ ବୋଲ କହିବା ଇର୍ଷ୍ୟାପ୍ରଣୋଦିତ ମତାନ୍ଧତା ବ୍ୟତୀତ ଅନ୍ୟ କିଛୁ ହେବ ନାହିଁ ! ବସ୍ତୁତଃ ସେତେବେଳେ ଯେଉଁମାନେ ଥିଲେ 'ମଡ଼ରେଟ୍' ମନୋଭାବାପନ୍ନ, ସେମାନେ ସମସ୍ତେ ମଣ୍ଟେଗୁ ଚେମସ୍‌ଫୋର୍ଡ ରିଫର୍ମସ୍‌କୁ ଅଭିନନ୍ଦନ ଜଣାଇ, ଏହାର ସଫଳତା ପାଇଁ ନୂତନ ଶାସନ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିଥିଲେ । ଅସହଯୋଗରେ ସେମାନଙ୍କର ବିଶ୍ୱାସ ନଥିଲ । ମଧୁସୂଦନ ସହଜେ ତ ଥିଲେ ଏଇ 'ମଡ଼ରେଟ୍' ଗୋଷ୍ଠୀର ।

ସୁରେନ୍ଦ୍ରନାଥଙ୍କ ଜୀବନୀକାରେ ଲେଖିଛନ୍ତି, ମନ୍ତ୍ରୀତ୍ୱ ଗ୍ରହଣ କରିବା ପରେ "ସୁରେନ୍ଦ୍ରନାଥ ଆଉ ଜନସମ୍ରାଟ ସୁରେନ୍ଦ୍ରନାଥ ରୂପେ ରହିପାରିଲେ ନାହିଁ । ଉଦ୍ଭାସିତ ଖ୍ୟାତିର ପ୍ରାଙ୍ଗଣରୁ ସେ ହେଲେ ନିର୍ବାସିତ, ତାଙ୍କର ଜୀବନ ଆଚ୍ଛନ୍ନ ହେଲା ଅଗୌରବରେ ।"* କନ୍ତୁ ମଧୁସୂଦନଙ୍କ ମନ୍ତ୍ରିତ୍ୱ ଦ୍ୱୈତ ଶାସନର ଇତିହାସରେ କେବଳ ଯେ ଏକ ଗୌରବୋଜ୍ଜ୍ୱଳ

* ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ—ଲେ: ମଣି ବାଗ୍‌ଚି—ପୃ ୧୧୯

Digitized by srujanika@gmail.com

ଅଧ୍ୟାସ୍ୱ ଉନ୍ମୋଚତ କରଥିଲ୍, ତାହା ନୁହେଁ, ଏକ ଆଦର୍ଶଗତ ପ୍ରଶ୍ନ ଉପରେ ମଧୁସୂଦନ ମନ୍ତ୍ରିତ୍ୱ ପ୍ରତ ପଦାଘାତ କର ତାଙ୍କର ଜନ୍ମଜ, ସମାଲୋଚକ ତଥା ସମଗ୍ର ଦେଶବାସୀଙ୍କ ଦୃଷ୍ଟିରେ ବନ୍ଦନୀସ୍ୱ ହୋଇ ପାରଥିଲେ ।

ବସ୍ତୁତଃ ଅର୍ଥଲୋଭରେ ମଧୁସୂଦନ ଯେ ମନ୍ତ୍ରିତ୍ୱ ଗ୍ରହଣ କରଥିଲେ, ବା 'ଗୃଜରଆ' ହୋଇଥିଲେ, ଏହା ତାଙ୍କର ଘୋର ଶତ୍ରୁମାନେ ପୂତ୍ତା ଅସ୍ୱୀକାର କରବେ । ଅର୍ଥଲୋଭ ତାଙ୍କର କୌଣସି ଦତ ନଥିଲ୍ । ଉଦାରପନ୍ଥୀ ରୂପେ ମଧୁସୂଦନ ବଶ୍ୱାସ କରୁଥିଲେ, ନୂତନ ଶାସତ ସଂସ୍କାର ଦ୍ୱାସ୍ୱ ପ୍ରବର୍ତ୍ତିତ ଦ୍ୱୈତଶାସତରେ ଖ୍ରୀରତ୍ତସ୍ୱମାନେ ଅଭିଜ୍ଞତା ଓ କୃତତ୍ୱ ଅର୍ଜତ କର ପାରଲେ, ଭବିଷ୍ୟତରେ ବୃହତ୍ତର ବ୍ୟାପକତର ସଂସ୍କାରର ପଥ ସୁଗମ ହୋଇପାରବ । ପୁତ୍ତି ମନ୍ତ୍ରୀ ପଦରେ ରହ୍ୱ ଅବହେଳିତ ଓଡ଼ିଶାର ଦୁର୍ଦ୍ଦଶା ମୋଚତ କରବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠତ ଅଥବା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଦଗରେ ସେ ସହାସ୍ୱକ ହୋଇ ପାରବେ ବୋଲ ତାଙ୍କର ମଧ୍ୟ ଆଶା ଓ ବଶ୍ୱାସ ରହଥିଲ୍ । ମଧୁସୂଦନଙ୍କ ମନ୍ତ୍ରିତ୍ୱ ଗ୍ରହଣରେ ଏହାହିଁ ଥିଲ୍ ପୃଷ୍ଠଭୂମି ।

ପାଟନାରେ ପୂତ୍ତା ମଧୁସୂଦନ ବେନାମୀ ପ୍ରତ୍ୟାରପନ୍ଥର ଆକ୍ରମଣରୁ ରକ୍ଷା ପାଇ ନଥିଲେ । ଡାକରେ ଆସିଥିଲ୍ ସେହି ପ୍ରତ୍ୟାରପନ୍ଥ ମଧୁସୂଦନଙ୍କ ନାମରେ ।

ବେନାମୀ ଆକ୍ରମଣ ମଧୁସୂଦନଙ୍କ ଜୀବନରେ ପ୍ରଥମ ନୁହେଁ । କନ୍ତୁ ବର୍ତ୍ତକୁ ଷାଠିଏ ହଜାର ଟଙ୍କା ଦରମା ଲେଖରେ ମଧୁସୂଦନ ମନ୍ତ୍ରିତ୍ୱ ଗ୍ରହଣ କରଛନ୍ତ ବୋଲ ତାଙ୍କ ନାମରେ ଯେ ପ୍ରତ୍ୟର ଚଳ ପାରଲ୍, ତାହା ତାଙ୍କ ଅନ୍ଧମାନକୁ ଘୋର ଆହତ କରଥିଲ୍ ।

ଶୈଳବାଲାଙ୍କୁ ଡାକ ମଧୁସୂଦନ କହିଲେ...."ଏଇ ଦେଖ ଶୈଲ, ଡାକରେ ଆସିଛୁ ବେନାମୀ ପ୍ରତ୍ୟାରପନ୍ଥ ! ବର୍ତ୍ତକୁ ଷାଠିଏ ହଜାର ଟଙ୍କା ଲେଖରେ ମିଷ୍ଟର ଦାସ୍ କୁଆଡ଼େ ନେଇଛୁ ମନ୍ତ୍ରୀ ଗୃକସ୍ତ !"

ପ୍ରଗଲ୍ଭା ଶୈଳ ଉତ୍ତର ଦେଲେ···"ଆପଣ ତାର ଗୋଟାଏ ଜବାବ ଦଅନ୍ତୁ ଦାଦା, ସେପର ସେଇ ବେନାମୀ ପ୍ରତ୍ୟାରକମାନଙ୍କ ମୁହଁ କଳା ପଡ଼ିଯିବ ।"

ମଧୁସୂଦନ ସେଇଦତ ମନେ ମନେ ଶପଥ ଗ୍ରହଣ କରଥିଲେ—ଏଥର ଉତ୍ତର ସେ ଦେବେ, କଥାରେ ବା ଲେଖାରେ ନୁହେଁ—କାର୍ଯ୍ୟରେ ! ବର୍ତ୍ତକୁ ଷାଠିଏ ହଜାର ଟଙ୍କା ବେତନ ସେ ଅକ୍ଳେଶରେ ମୁଠାଏ ଧୂଳ ପର ଫିଙ୍ଗି ଦେଇ ପାରନ୍ତ । ମଧୁସୂଦନ ସ୍ୱଗତୋକ୍ତ କରବା ପର କଣ୍ଠରେ କହିଲେ..."I have always looked upon gold as a handful of dust which a man might throw from his hands and still be a man."

Digitized by srujanika@gmail.com

(ଦୁଇ)

ପାଟନାରେ ମଧୁସୂଦନଙ୍କ ମନ୍ତ୍ରୀ-ନିବାସର ପରଗ୍ଭଣକା ରୂପେ କଟକରୁ ଆସିଥିଲେ ଶୈଲବାଳା—ନୂଆନ ଗୃହସ୍ଥାଳୀ ସଜାଡ଼ିବା ପାଇଁ, କନ୍ତୁ ନୂଆନ ମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାଣ୍ଡ ବାସଭବନଟି ଯେପରି ଫଙ୍କାଣ୍ଡି, ତାହାର ପରପର ମଧ୍ୟ ସେହିପରି ଅପ୍ରଶସ୍ତ । ଟ୍ରାନ୍‌ସଫର୍ଡ଼ ସବ୍‌ଜେକ୍‌ଟର ମନ୍ତ୍ରୀ ରୂପେ ସ୍ୱାସ୍ଥ୍ୟଶାସନ, ସ୍ୱାସ୍ଥ୍ୟ ଓ ପୁର୍ତ୍ତବଗ୍ଭର ମଧୁସୂଦନଙ୍କ ଦାସ୍ତିତ୍ୱରେ ।

ଶୈଲବାଳା ପି. ଡବ୍ଲ୍ୟୁ. ଡ. ସେକ୍ରେଟାଣ୍ଡଙ୍କୁ ଅନୁଯୋଗ କଲେ—ଯଥାଯୋଗ୍ୟ ବାସଭବନ ପାଇଁ ! ସେକ୍ରେଟାଣ୍ଡଙ୍କର ଚଳାର୍ଚ୍ଚ ପରମାଣରେ ଆପତ୍ତି ନାହିଁ । ନୂଆନ ମନ୍ତ୍ରୀଙ୍କ ପାଇଁ ବାସଭବନର ନକ୍‌ସା, ଅଟକଳ ସବୁ ପ୍ରସ୍ତୁତ ହୋଇ ରହିଛୁ । ପଚଚ୍ଚିଶ ହଜାର ଟଙ୍କା ବ୍ୟୟରେ ଏକ ସୁରମ୍ୟ ଅଟ୍ଟାଳିକା ଯଥାଶୀଘ୍ର ନର୍ମିତ ହୋଇ ପାରିବ । ମାତ୍ର ତାହା ପୁର୍ତ୍ତବଗ୍ଭର ମନ୍ତ୍ରୀଙ୍କ ଅନୁମୋଦନସାପେକ୍ଷ ।

ମନ୍ତ୍ରୀ କନ୍ତୁ ସେଥିପାଇଁ ଅନଚ୍ଛୁକ ।

ସେକ୍ରେଟାଣ୍ଡଙ୍କ ପାଖରୁ ଶୈଲବାଳା ଦିନେ ଧରଆସିଲେ, ପ୍ରସ୍ତାବିତ ସରକାଣ୍ଡ ବାସଭବନର ନକ୍‌ସା ଓ ଅଟକଳ, ମଧୁସୂଦନଙ୍କ ଅନୁମୋଦନ ପାଇଁ ।

ବହାରର ଗସ୍ତା ଜାଗାରେ ସେତେବେଳେ ପ୍ଲେଗ୍‌ର ପ୍ରାବଲ୍ୟ । ସେଇ ସମ୍ପର୍କରେ ସମ୍ବାଦପତ୍ରମାନଙ୍କରେ କେତେକ ରିପୋର୍ଟ ମଧୁସୂଦନ ତାଙ୍କ ବାସଭବନ ଫଲଗ୍ଭ ଅଫିସରେ ଅଧ୍ୟୟନ କରୁଥିଲେ । ଟେବୁଲ୍ ଉପରେ ଇତସ୍ତତ ବିକ୍ଷିପ୍ତ ହୋଇ ପଡ଼ିଥିଲା, ପ୍ଲେଗ୍-ବ୍ୟାଧି ସମ୍ପର୍କରେ କେତେଖଣ୍ଡ ଡାକ୍ତର ବହି । ଇତମଧ୍ୟରେ ପ୍ଲେଗ୍ ବ୍ୟାଧି ଓ ତାହାର ଚକସ୍ତା ପ୍ରଣାଳୀ ସହିତ ଜନକୁ ସେ କେତେକାଂଶରେ ପରିଚିତ କରାଇ ସାରିଥିଲେ । ପ୍ରାଥମିକ ଅବସ୍ଥାରେ ପ୍ଲେଗ୍ ରୋଗୀମାନଙ୍କ ପାଇଁ ଚକସ୍ତାର ବ୍ୟବସ୍ଥା କଣ ପାରିଲେ, ସେମାନଙ୍କର ପ୍ରାଣରକ୍ଷା ସମ୍ଭବ; ସେଥିରେ ମଧୁସୂଦନଙ୍କର ସନ୍ଦେହ ନ ଥିଲା । କନ୍ତୁ...ପ୍ଲେଗ୍‌ର ଫଡ଼ମଣ ଉପରେ, ପ୍ଲେଗ୍ ପୀଡ଼ିତ ଅଞ୍ଚଳକୁ କୌଣସି ସରକାଣ୍ଡ ଡାକ୍ତର ପୁରା ସାଉନାହାନ୍ତି; ସମ୍ବାଦପତ୍ରମାନଙ୍କରେ ସେହି ପ୍ରକାର ଅଭିଯୋଗ । ବଗ୍ଭଗୀସ୍ଥ ଆଇ. ସି. ଏସ୍. ସେକ୍ରେଟାଣ୍ଡ ହାଲେଇ ଅସହାପ୍ରତା, ଜରୁରୀପ୍ରତାର ଯୁକ୍ତି ଦେଖାଇ ସନ୍ତୁଷ୍ଟ । କନ୍ତୁ ସ୍ୱାସ୍ଥ୍ୟ ବଗ୍ଭଗର ମନ୍ତ୍ରୀ ତଥା ଲୋକପ୍ରତିନଧି ରୂପେ ମଧୁସୂଦନ ଏହି ପ୍ରକାର ଯୁକ୍ତିରେ ସନ୍ତୁଷ୍ଟ ରହିପାରିବେ କିପରି ?

ଏହି ସମସ୍ୟାରେ ଶୈଲବାଳା ପରକାଳ୍‌ପିତ ସରକାଣ୍ଡ ମନ୍ତ୍ରୀଭବନର ନକ୍‌ସା ଓ ଅଟକଳ ଧରି ସେଠାକୁ ଆସି କହିଲେ....“ଦାଦା, ଏ ଘରଟା କଣେ ମନ୍ତ୍ରୀଙ୍କ ପକ୍ଷରେ ଫସ୍ପୁଣ୍ଡି ଅନୁପଯୁକ୍ତ । ଏ ଫଙ୍କାଣ୍ଡି ଘରକୁ ଇଂରେଜ ଅଫିସରମାନଙ୍କ ସ୍ତ୍ରୀମାନଙ୍କୁ ଆମନ୍ତ୍ରଣ କରିବା ତ ଦୂରର କଥା, ପର୍ଦ୍ଦା-ପାର୍ଟି ପାଇଁ ଘରଡାସ୍ଥ ଲେଡ଼ୀଜ୍‌ମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ପୁରା ମନେ ସଙ୍କୋଚ ଲଗୁଛୁ । ଅଥଚ ଆପଣଙ୍କ ସହକର୍ମୀ ମନ୍ତ୍ରୀ ଫକରୁଦ୍ଦିନଙ୍କ ବଙ୍ଗଳାଟା କ

Digitized by srujanika@gmail.com

ଚମତ୍କାର ! କେଡ଼େ ବଡ଼ ! ଗଜଭର୍ତ୍ତ ସବଜେକ୍ଟର ମନ୍ତ୍ରୀମାନଙ୍କ ଘର ସବୁ ତ ଗୋଟାଏ ଗୋଟାଏ ପାଲେସ୍ ।"

ମଧୁସୂଦନ ଶବ୍ଦ କଣ୍ଠରେ ଉତ୍ତର ଦେଲେ···"ପାଟନାରେ ଗୁମର ରହିବା ପାଇଁ ମନମୁତାବକ ଯେ କୌଣସି ଘର ନେଇ ପାର ଗୁମେ । ଭାର ଭଡ଼ା ଦେବା ପାଇଁ ମୁଁ ପ୍ରସ୍ତୁତ । ମୋ ପକ୍ଷରେ ଏଇ ଘର କନ୍ଥୁ ଯଥେଷ୍ଟ ।"

ଶୈଳବାଳା ଘରର ନକ୍ସା ଆଉ ଅଟକଳ ମଧୁସୂଦନଙ୍କ ଆଗରେ ଖୋଲି ଧର କହିଲେ···"ଏଇ ଦେଖନ୍ତୁ ଦାଦା; ପି. ଡବଲ୍ୟୁ. ଡ. ସେକ୍ରେଟାରି୍ଟ ଅପଣଙ୍କ ପାଇଁ କ ଚମତ୍କାର ଘରର ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ କରି ରଖିଛନ୍ତି । ଏଷ୍ଟିମେଟ୍ ମାତ୍ର ପଚତ୍ରିଶ ହଜାର ଟଙ୍କା । ଆପଣ ଆପ୍ରୁଭ୍ କରିଦେଲେ, ସେମାନେ ମାସ ଦୁଇଟାରେ ଘର ଠଅର କରି ଦେଇ ପାରିବେ ।"

ଘୋର ବିରକ୍ତରେ ମଧୁସୂଦନ ସେଇ ବ୍ଲୁ-ପ୍ରିଣ୍ଟ୍, ଏଷ୍ଟିମେଟ୍ ଟେକୁଲ ଉପରୁ ଫିଙ୍ଗି ଦେଇ ଚତ୍କାର କରି ଉଠିଲେ···"ବହାର ବର୍ତ୍ତମାନ ପ୍ଲେଗ୍ ଆଉ କାଲଜ୍ୱରରେ ଉଚ୍ଛନ୍ନ । ରୋଗୀମାନଙ୍କର ଚିକତ୍ସା ପାଇଁ ସୁଦ୍ଧା ପଇସା ନାହିଁ ! ଏତେବେଳେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ହୋଇ ନିଜ ଘର ପାଇଁ ମୁଁ ଖର୍ଚ୍ଚ କରିବ ପଚତ୍ରିଶ ହଜାର ଟଙ୍କା ? ପାଟନାରେ ଏ ଘର ଭଲ ନ ଲାଗୁଛି ତ ଆଜ ସନ୍ଧ୍ୟା ଟ୍ରେନ୍‌ରେ ଗୁମେ କଟକ ଫେରିଯାଅ ଶୈଲ ! ଗୋ···ଗେଟ୍ ଆଉଟ୍ !"

ବେଚାହୁଡ ପରି ଶୈଳ ସେଦିନ ସେଠାରୁ ଫେରି ଆସିଲେ ।

ଏଇ ନୂଆନ ମନ୍ତ୍ରୀଟି ଅଦ୍ଭୁତ !

ଗଙ୍ଗାର ଅପରପାର୍ଶ୍ୱ ଜିଲ୍ଲାମାନଙ୍କରେ ପ୍ଲେଗ୍‌ର ପ୍ରକୋପ; ମହାମାରି ପରି ବ୍ୟାପିଛି । ପ୍ରତିଷେଧକ ବ୍ୟବସ୍ଥା ସନ୍ତୋଷଜନକ ନୁହେଁ ! ପ୍ଲେଗ୍ ପୀଡିତ ଅଞ୍ଚଳମାନଙ୍କୁ ଡାକ୍ତରମାନେ ଯିବା ପାଇଁ ସୁଦ୍ଧା ଭରସା ନାହାନ୍ତି । ସେଇ ପରିସ୍ଥିତିରେ ମଧୁସୂଦନ ସଙ୍ଗରେ ଦୁଇଜଣ ଆସିଷ୍ଟାଣ୍ଟ୍ ସର୍ଜନ୍ ଆଉ କେତେଜଣ ଷ୍ଟେଚର-ବଆରର୍ ଧରି ବାହାର ପଡିଲେ, ପ୍ଲେଗ୍ ରୋଗୀମାନଙ୍କୁ ଚିକତ୍ସା କେନ୍ଦ୍ରମାନଙ୍କୁ ଅପସାରଣ କରିବା ପାଇଁ ।

ଗାଁ ଗହଳକୁ ଯିବା ପାଇଁ ରାସ୍ତା ଘାଟର ଅଭାବ । ବଳ ବାଟ ଗୋଟି ପାଦରେ ଚାଲିଛନ୍ତି ମଧୁସୂଦନ ଆଉ ତାଙ୍କ ପଛେ ପଛେ ଦୁଇଜଣ ଆସିଷ୍ଟାଣ୍ଟ୍ ସର୍ଜନ ଓ ଷ୍ଟେଚର-ବଆରର୍‌ମାନେ ।

ଏକ ଅପଳ୍ଲାର ଗାଁରେ ଗୋଟିଏ ଘର ଭିତରୁ ଶୁଭିଥିଲା, କେହି ଜଣେ ପରିତ୍ରାହି ପ୍ଲେଗ୍ ରୋଗୀର ମର୍ମନ୍ତୁଦ ଚତ୍କାର....ପ୍ଲେଗ୍ ଭୟରେ ଘରର ଅନ୍ୟମାନେ ଦୂରେଇ ଗାଁ ଛାଡ଼ି ପଳାଇଛନ୍ତି । ଗାଁ ଦାଣ୍ଡ ନିର୍ଜନ । ଘରେ ଘରେ ବାହାରୁ ଦରଜା ବନ୍ଦ ।

Digitized by srujanika@gmail.com

ମଧୁସୂଦନ ସେଇ ଘର ଭିତରକୁ ପଶି ଆସିଲେ । ରୋଗୀର ସେତେବେଳକୁ ପ୍ରାଣାନ୍ତକ ଅବସ୍ଥା । ତଥାପି ଚକଶ୍ରା କେନ୍ଦ୍ରକୁ ସିବା ପାଇଁ ତାର ଅନଚ୍ଛା । ପ୍ଲେଗ୍ ରୋଗୀ ପକ୍ଷରେ ଚକଶ୍ରା-କେନ୍ଦ୍ରକୁ ସିବା ମଶାଣୀକୁ ସିବା ସଙ୍ଗେ ସମାନ....ଗାଁ ଗହଳରେ ସେଇପର ଧାରଣା ! ସେଥପାଇଁ ରୋଗୀମାନେ ବନା ଚକଶ୍ରାରେ ମରୁଛନ୍ତି ସିନା; ଚକଶ୍ରା-କେନ୍ଦ୍ର ମାନଙ୍କୁ ସାଉନାହାନ୍ତି ।

ଷ୍ଟ୍ରେଚର୍-ବଅରର୍ମାନେ ଆଶ୍ୱାସନା ଦେଲେ...."ଖୋଦ୍ ମନ୍ତ୍ରୀ ଆସିଛନ୍ତି । ତୁମର ଇଲ୍ଜତ୍ରେ ଅବହେଳା ହେବ ନାହିଁ । ତୁମେ ବଞ୍ଚିବ ।"

ମନ୍ତ୍ରୀ ଆସିଛନ୍ତି ? ପୁଣି ପ୍ଲେଗ୍ ରୋଗୀ ପାଖକୁ ? ଯାହାକୁ ତାର ନଜର ଆତ୍ମୀୟ-ସ୍ୱଜନମାନେ ପୂରା ଛୁଞ୍ଚି ପଳାଇଲେ ?

ମୂର୍ମୂଷୁ ରୋଗୀର ପ୍ରାଣରେ ଜୀବନର କ୍ଷୀଣ ଆଶା ପୁଣି ସଞ୍ଚାରିତ ହେଲା । ଚକଶ୍ରା-କେନ୍ଦ୍ରକୁ ସିବା ପାଇଁ ତାର ଆଉ ଆପତ୍ତି ନଥିଲା । ରୋଗୀକୁ ଷ୍ଟ୍ରେଚର୍‌ରେ ପଠାଇ, ମଧୁସୂଦନ ପୁଣି ବାହାରଗଲେ ଅନ୍ୟ ଘର, ଅନ୍ୟ ଗ୍ରାମମାନଙ୍କୁ ।

ଏହା ପରେ ସ୍ୱାସ୍ଥ୍ୟବଭାଗର ବଡ଼ ବଡ଼ କର୍ତ୍ତାମାନେ ପାଟନାରେ, ଜଭାପଲ୍ଲି ମଧ୍ୟରେ, ସରକାସ୍ଥ ଫାଇଲ୍ ଆଉ ରପୋର୍ଟ ଧରି ବସି ରହିବା ସମ୍ଭବ ନ ଥିଲା । ସେମାନେ ଅଗତ୍ୟା ବାହାରଗଲେ ବିଭିନ୍ନ ପ୍ଲେଗ୍‌ପୀଡ଼ିତ ଅଞ୍ଚଳମାନଙ୍କୁ । ସ୍ୱାସ୍ଥ୍ୟ ବଭାଗର ଆଇ. ସି. ଏସ୍. ସେକ୍ରେଟାସ୍ଥ ସ୍ୱତ୍ୱଂ ହାଲେଟ୍ ସୂରା ବାଦ୍ ପଡ଼ିଲେ ନାହିଁ । ସରକାସ୍ଥ କଲରେ ସର୍ତ୍ତିଯୁକ୍ତା ଫଲରେ ପ୍ଲେଗ୍‌ର ମହାମାସ୍ଥ ପ୍ରକୋପ ଜମେ ଜସ୍ତର୍ହିତ ହୋଇ ଆସିଲ ।*

---

* ସ୍ୱତ୍ୱଂ Mr. M. G. Hallet, C. I. E., I. C. S. (ତତ୍କାଳୀନ ସେକ୍ରେଟାସ୍ଥ, ପରବର୍ତ୍ତୀ କାଳରେ ବିହାରର ଗଭର୍ଣ୍ଣର ଲେଖିଛନ୍ତି···

× × "He never spared himself and dealt with the greatest care with the problems which came before him. × × × I will quote one instance. Plague was a disease from which Mr. Das's native land of Orissa has fortunately been free; he realised however, it was still a meanace in Bihar though not to the same extent as 10 to 15 years earlier, and he set himself to become personally acquianted with the problem of how to deal that disease which was still prevalent, in particular in parts of Gaya district. In the middle of the hot weather, he visited plague-stricken villages in that district and thereby got first hand knowledge of that epidemic and also of the step which were being taken to deal with it."

(The Life of Madhusudan Das—As Seen By Many Eyes. Ed. by Sailabala Das pp 162)

Digitized by srujanika@gmail.com

ଗ୍ରୀଷ୍ମ ଋତୁରେ ପାଟନା ସହରର ହାଇକୋର୍ଟ ଅଞ୍ଚଳରେ ପଡ଼ିଲା ଜଳାଭାବ । ସରକାର ଓ ମ୍ୟୁନିସିପାଲଟୀ ପକ୍ଷରୁ ଜନସାଧାରଣଙ୍କ ପାଇଁ ପାଣି-କଳର ବ୍ୟବସ୍ଥା ଥିଲା ଅତି ସାମାନ୍ୟ, ଅସନ୍ତୋଷଜନକ ! ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ଆପତ୍ତି, ଅସନ୍ତୋଷର ଉତ୍ତରରେ ସ୍ୱାସ୍ଥ୍ୟବିଭାଗର ଚଟ୍‌ଚଟନ ଜୈଫିସ୍ମତ୍...ଅଭିଯୋଗ ସବୁ ଅତରଞ୍ଜିତ । ମଧୁସୂଦନ ବନେ ବାହାଣ ପଡ଼ିଲେ, ସହରର ସେଇ ଜଳକଷ୍ଟ ପୀଡ଼ିତ ଅଞ୍ଚଳକୁ ପାଗସ୍ୱ ଜଳର ବ୍ୟବସ୍ଥା ସପର୍କରେ ଚକ୍ଷୁକର୍ଣ୍ଣର ବବାଦ ଭଞ୍ଜନ ପାଇଁ । ମୁଣ୍ଡରେ ସୋଲ ଟୋପି, ହାତରେ ଛତା, ପିଛାରେ ପାଇକାମା ଆଉ ବେକବୁକା କୋଟ···ହଠାତ୍ ଦେଖିଲେ ଇଏ ଲେକଟି ମନ୍ତ୍ରୀ ବୋଲ ଅନୁମାନ କରବାର କୌଣସି ଉପାସ୍ୱ ନଥିଲା । ମୁଣ୍ଡଫଟା ଖଗ୍ରରେ ଗ୍ରନ୍ଥାଧାରରେ ଗୋଟିଏ ପାଣିକଳ ପାଖରେ ପାଣି ନେବା ପାଇଁ ସ୍ତ୍ରୀ ପୁରୁଷଙ୍କ ଧାଡ଼ି । କୃପଣର ଦାନ ପରି, ପାଣିକଳରୁ ଯେଉଁକ ପାଣି କ୍ଷୀଣ ଧାରରେ ବାହାରୁଥିଲା, ମଧୁସୂଦନ ଘଣ୍ଟା ମିଳାଇ ଦେଖିଲେ, ସେଥିରେ କଳସୀଟିଏ ପାଣି ପାଇଁ ଜଣକୁ ଅପେକ୍ଷା କରବା ପାଇଁ ପଡ଼ୁଛି ଅନ୍ୟୂନ ପ୍ରାସ୍ୱ ଦଶ ମିନଟ୍ ! ମଧୁସୂଦନ ସେଠାରୁ ଫେର ଫାଇଲ୍‌ରେ ଅର୍ଡର ଦେଲେ, ହାଇକୋର୍ଟ୍ ଅଞ୍ଚଳରେ ଜଳାଭାବ ପ୍ରକୃତରେ ଅତି ଉତ୍କଟ ! ଯଥାଶୀଘ୍ର ଅଧିକ ପାଣିକଳର ବ୍ୟବସ୍ଥା କରବା ପାଇଁ ପଡ଼ିବ ! ମଧୁସୂଦନଙ୍କ ମନ୍ତ୍ରୀତ୍ୱ ସପର୍କରେ ଏହିପରି ବଡ଼ ପଟଣା, ଏବେ କମ୍ବଦନ୍ତୀରେ ପରଣତ ହୋଇଛି !

ମଣ୍ଟେଗୁ-ଚେମସଫୋର୍ଡ ଶାସନ ସଂସ୍କାର ଅନୁସାରେ, ଲେକପ୍ରତନିଧିମାନଙ୍କୁ ସ୍ୱାସ୍ତ୍ତ-ଶାସନର ଯେଉଁକ ସୀମିତ ସୁଯୋଗ ମିଳିଥିଲା, ତାହାର ଯଥାର୍ଥ ବନଯୋଗ ଦ୍ୱାସ୍ ସ୍ୱାସ୍ତ୍ତ-ଶାସନର ପରସର ବୃଦ୍ଧି ଓ ବୃହତ୍ତର ଅନୁଶୀଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରବା ଥିଲା ମଧୁସୂଦନଙ୍କ ଅହୋରାତ୍ରର ଚନ୍ତା । ସେଥିପାଇଁ କୌଣସି ପରଶ୍ରମ ତାଙ୍କ ପକ୍ଷରେ କଠିନ ନଥିଲା, କମ୍ବା କୌଣସି କାର୍ଯ୍ୟ ଦୂରୂହ ନଥିଲା । ମଧୁସୂଦନ ନଜେ ଯେପରି ଦେଇଥିଲେ ଶାସନସଂସ୍କାରର ପରୀକ୍ଷା । ସେଥି ସଙ୍ଗେ ସଙ୍ଗେ ନଜର ସ୍ୱାଧିକାର ସପର୍କରେ ମଧ୍ୟ ସେ ଥିଲେ ଯେପରି ସଚେତନ, ସେହିପରି ଖର୍ଣ୍ଣକାତର !

ସେହି ସମସ୍ତରେ ମି. ଡନ୍‌ବାର୍ ନାମକ ଜଣେ ଇଂରେଜ କର୍ମଚାରୀ ଅସ୍ତାସ୍ୱୀ ଭାବରେ ଚନବର୍ଷ ପାଇଁ ପି. ଡବ୍ଲ୍ୟୁ. ଡ଼. ବିଭାଗରେ ନଯୁକ୍ତ ପାଇଥିଲେ । ତାଙ୍କର କାର୍ଯ୍ୟକାଳ ନକଟରେ ଶେଷ ହୋଇ ଯାଉଥିବାରୁ—ରିଜର୍ଭଡ୍ (Reserved) ସବ୍‌ଜେକ୍ଟର କୌଣସି ଇଂରେଜ ସେକ୍ରେଟାସ୍ଙ୍କ ସୁପାରିସ ବଳରେ ତାଙ୍କର ଅନୁସାରେ ଆଉର ବାର ବର୍ଷ ବଢ଼ାଇ ଦିଆଯାଇଥିଲା । ଏହା ଫଳରେ ସେହି ବିଭାଗରେ କାର୍ଯ୍ୟ କରୁଥିବା ଅନ୍ୟ ସ୍ତରୀସ୍ୱ ଅଫିସରମାନଙ୍କର ପଦୋନ୍ନତିର ସମ୍ଭାବନା ଯେପରି ବାଧାସ୍ତ୍ତ ହୋଇଥିଲା; ତାହା ଏଠାରେ ଉଲ୍ଲେଖ କରବା ନିଷ୍ପ୍ରୟୋଜନ । ପି. ଡ଼ବ୍ଲ୍ୟୁ. ଡ. ବିଭାଗର ମନ୍ତ୍ରୀ ଥିଲେ ସୁଦ୍ଧା, ଏହା ମଧୁସୂଦନଙ୍କ ଅଜ୍ଞାତସାରରେ ଘଟିଥିଲା; ଅନୁମୋଦନ ତ ଦୂରର କଥା !

ମଧୁସୂଦନ ସେତେବେଳକୁ ମୁଜାଫରପୁର ଜିଲ୍ଲା ଗସ୍ତରେ । ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ କେତେକ ସମାଲୋଚନା ମୂଳକ ଟିପ୍‌ପଣୀରୁ ମଧୁସୂଦନ ଏ ସମ୍ବାଦ ପ୍ରଥମେ ଅବଗତ

Digitized by srujanika@gmail.com

ହେଲେ । ପି. ଡବ୍ଲ୍ୟୁ. ଡ. ଏକ 'ଟ୍ରାନସ୍‌ଫର୍ଡ' ସର୍‌ଜେଣ୍ଟ । ମଧୁସୂଦନ ଏଇ ବଙ୍ଗଗର ମନ୍ତ୍ରୀ ! ଅଥଚ ତାଙ୍କର ବଦା ଅନୁମୋଦନରେ, ପୂର୍ଣି ଅଙ୍ଗଚପାରରେ ମିଷ୍ଟର ଡନ୍‌ବାର୍ ବାରବର୍ଷ ପାଇଁ ନ୍ୟୁନ୍ତ ପାଇବା, ମଧୁସୂଦନଙ୍କ ପ୍ରତ ଥଲ୍ଲ ଯେପର ଏକ ଦୁଦ୍ଦାର ଆହ୍ୱାନ, ତାଙ୍କର କ୍ଷମତା ଓ ପଦବୀ ପ୍ରତ ସେହିପର ଅଶୋଭନୀୟ ଏକ ଅପମାନ !

ବଙ୍ଗଗୀୟ ସେକ୍ରେଟାର୍ଯ୍ୟ ମି. ହାଲେଟ୍‌ଙ୍କୁ ମଧୁସୂଦନ କଲ୍‌ଗାମରେ ଆଦେଶ ପଠାଇଲେ, ଯଥାଶୀଘ୍ର ଡନ୍‌ବାରଙ୍କ ନ୍ୟୁନ୍ତ ସମ୍ପର୍କିତ ଫାଇଲ୍ ସୁଦ୍ଧା ପନ୍ଦରାହୁକ ଦ୍ୱୀପରେ ପଠାଇବା ପାଇଁ । ଫାଇଲ୍ ଆଦ୍ୟୋପ୍ରାନ୍ତ ପାଠ କରିବା ପରେ, ମଧୁସୂଦନଙ୍କ ଆଦେଶ ପନ୍ଦରାଠେ ଡନମାସ ପରେ କମ୍ବା ବନମସ୍ଥରେ ଡନମାସର ବେତନ ଦେଇ, ଡନ୍‌ବାର୍‌ଙ୍କ ନ୍ୟୁନ୍ତ ରଦ କରିବା ପାଇଁ । ଏ ଆଦେଶ ଯେପର ଏକ୍‌ସଟ୍ରାଡିନାର୍ଯ୍ୟ ଗେଜେଟ୍‌ରେ ସଙ୍ଗେ ସଙ୍ଗେ ପ୍ରକାଶିତ ହୁଏ, ସେଥିପାଇଁ ମଧ୍ୟ ହାଲେଟ୍‌ଙ୍କ ପ୍ରତ, ମଧୁସୂଦନଙ୍କ ଆଦେଶରେ ଥଲ୍ଲ କଡ଼ା ତାଳଦ !

ମୁଜାଫରପୁର ଗନ୍ତରୁ ଫେର ମଧୁସୂଦନ ପାଟନାରେ ପହଞ୍ଚିବା ମାନ୍ତେ, ହାଲେଟ୍ ବ୍ୟସ୍ତ ବବ୍ରତ ଭ୍ୱବରେ ଆସିଲେ ମଧୁସୂଦନଙ୍କୁ ପ୍ରକୃତ ପରସ୍ଥିତି ବୁଝାଇଦେବା ପାଇଁ । ସ୍ୱୟଂ ଲେଫନେଣ୍ଟ୍-ଗଭର୍ଣ୍ଣରଙ୍କ ଆଦେଶରେ ମିଷ୍ଟର୍ ଡନ୍‌ବାରଙ୍କ କାର୍ଯକାଳ ବୃଦ୍ଧି କରିଯାଇଛୁ । ସେ ସମ୍ପର୍କରେ ମିଷ୍ଟର୍ ହାଲେଟ୍ ମଧୁସୂଦନଙ୍କୁ ଦେଖାଇଲେ, ଫାଇଲ୍‌ରେ ଲେଫନେଣ୍ଟ-ଗଭର୍ଣ୍ଣର ଲର୍ଡ ସିହ୍ନାଙ୍କ ଆଦେଶ । ମାନ୍ତ ମଧୁସୂଦନ ନିଜ ସିଦ୍ଧାନ୍ତରେ ଅଟଳ !

ଅସହିଷ୍ଣୁ କଣ୍ଠରେ ସେ କହିଲେ……"ଗଭର୍ଣ୍ଣରଙ୍କ ସେ ଆଦେଶ ମୁଁ ଦେଖିଛୁ । କନ୍ତୁ ମିଷ୍ଟର ହାଲେଟ୍, ବଙ୍ଗଗୀୟ ସେକ୍ରେଟାର୍ଯ୍ୟ ରୂପେ ଆପଣ ମୋର ଆଦେଶ ପାଳନ କରିବା ପାଇଁ ବାଧ । ଡନ୍‌ବାର୍‌ଙ୍କ ନ୍ୟୁନ୍ତ ରଦ ପାଇଁ ମୋର ଆଦେଶ ଯଥାଶୀଘ୍ର ଗେଜେଟ୍-ଏକ୍‌ସଟ୍ରାଡିନାର୍ଯ୍ୟରେ ପ୍ରକାଶ ପାଇବା ଆବଶ୍ୟକ । ଲେଫନେଣ୍ଟ୍-ଗଭର୍ଣ୍ଣରଙ୍କ ସହିତ ମୁକାବଲ୍ଲ କରିବାର ଦାସିତ୍ୱ ମୋର । ସେଥିରେ ଆପଣଙ୍କର ମୁଣ୍ଡ ଖେଲାଇବା ପ୍ରସ୍ନୋଜନ ନାହିଁ ।"

ଏହାପରେ ନିଜର ଇସ୍ତଫାପତ୍ର ପକେଟରେ ରଖି, ମଧୁସୂଦନ ପହଞ୍ଚିଲେ ଲେଫନେଣ୍ଟ୍-ଗଭର୍ଣ୍ଣରଙ୍କ ପାଖରେ !

ଲେଫନେଣ୍ଟ-ଗଭର୍ଣ୍ଣର ଲର୍ଡ ସିହ୍ନା, ବସ୍ମିତ କଣ୍ଠରେ ପଚାରିଲେ…"ହଠାତ୍ ଏ ଇସ୍ତଫାପତ୍ର କାହିଁକ ?"

ମଧୁସୂଦନ ଉତ୍ତର ଦେଲେ—"ମନ୍ତ୍ରୀ ରୂପେ ମୁଁ ଆପଙ୍କ ଆଦେଶରେ ପ୍ରତକୂଲାଚରଣ କରିଛୁ । ସେଥିପାଇଁ ନ୍ୟାସ୍ୱତଃ ମୁଁ ଇସ୍ତଫା ଦେବା ପାଇଁ ବାଧ ।"

ସମସ୍ତ ବ୍ୟାପାରଟି ଲେଫନେଣ୍ଟ୍-ଗଭର୍ଣ୍ଣରଙ୍କ ପକ୍ଷରେ ଥଲ୍ଲ ପ୍ରହେଳକା-ପୂର୍ଣ୍ଣ ।

Digitized by srujanika@gmail.com

ମଧୁସୂଦନଙ୍କ ଅନୁଯୋଗ କଲେ...."ପି. ଡବ୍ଲ୍ୟୁ. ଡ଼. ଏକ ଟ୍ରାନସ୍‌ଫର୍ଡ ସବଜେକ୍ଟ । ଏହି ବଜ୍ଞଗ ସମ୍ପର୍କିତ ବ୍ୟାପାରମାନଙ୍କରେ ଶଜର୍ଭର୍ଡ-ସବଜେକ୍ଟର ଦୌଡ଼ରି ସେବେଟାଣ୍ଟ ହସ୍ତକ୍ଷେପ କରିବା ଓ ବଜ୍ଞଗୀସ୍ଥ ମନ୍ତ୍ରୀଙ୍କ ଅଜ୍ଞଡସାରରେ ଡାଙ୍କର ସୁପାରସ୍ଥ ଲେଫନେଣ୍ଟ୍-ଗଭର୍ଣ୍ଣର ଅନୁମୋଦନ କରିବା, ଶଫର୍ମସ୍‌ର ଖ୍ଷ୍ଟ ପ୍ରଡକୂଲାଚରଣ କରୁଛୁ ।" ଯେପରି ପ୍ରବଞ୍ଚନାପୁର୍ଣ୍ଣ ଭ୍ରବରେ ମି. ଡନ୍‌ବାରଙ୍କ ନ୍ୟୁନ୍ତକାଳ ବାରବର୍ଷ ବୃଦ୍ଧି କଗ୍ଯାଇଛୁ ଓ ଏହା ଫଳରେ ଭ୍ରରଷ୍ଟୀସ୍ଥ ଅଫିସର୍‌ମାନେ ଯେପରି ଷତଗ୍ରସ୍ତ ହୋଇଛନ୍ତି; ମଧୁସୂଦନ ଏ ସମ୍ପର୍କରେ ଲେଫନେଣ୍ଟ୍-ଗଭର୍ଣ୍ଣରଙ୍କଠାରେ ଡାହା ବର୍ଣ୍ଣନା କରିଥିଲେ ।

ଲର୍ଡ଼ ସିହ୍ନା ମଧୁସୂଦନଙ୍କ ଅନୁଯୋଗର ଗୁରୁତ୍ୱ ଉପଲବ୍ଧି କରି, ନଜର ଆଦେଶ ପ୍ରତ୍ୟାହାର କରି, ଫାଇଲ୍‌ରେ ଲିପିବଦ୍ଧ କରିବା ପାଇଁ ବାଧ ହେଲେ···

"This file should never have been brought to me as this is a transferred subject. The Minister knows his subject better than me. Hence also cancell my order."*

ସ୍ୱାସ୍ତ୍ତ-ଶାସନର ଗୁଣାତ୍ମକ ପରିସର ବୃଦ୍ଧି ଦିଗରେ ମଧୁସୂଦନଙ୍କ ଏ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଅସହଯୋଗୀ ଶିବିରରେ ଡାଙ୍କ ପ୍ରତି ଡାସ୍ଥଲ୍ଲ, ଭର୍ତ୍ସନା ଓ ନନ୍ଦାବାଦର ଅନ୍ତ ନଥିଲ୍ । ଅସହଯୋଗର ମୁଖପତ୍ର "ସମାଜ" ମଧୁସୂଦନଙ୍କ ସମ୍ପର୍କରେ ଏକ ଅଗ୍ରଲେଖାରେ ଲେଖିଥିଲେ···

"ଆଜ ମଧୁବାବୁଙ୍କର ନୂଆ ଢଙ୍ଗ ରଙ୍ଗ ଦେଖି ପୁଣ୍ଡା ଯେବେ କହନ୍ତି କ

"ଭନ୍ନେ ଆଜ ଡୋ ଘରେ" ସେଥିରେ ଦୋଷ ଦେବାର କଣ ଅଛୁ ?"**

କନ୍ତୁ ମଧୁସୂଦନଙ୍କ "ଭନ୍ନେ ଆଜ ଡୋ ଘରେ" ଭ୍ରରଡରେ ଲୋକପ୍ରତନଧ୍ୟମୂଳକ ଶାସନ ଓ ସାନ୍ନିଧାନକ ପ୍ରଗତର ଭତ୍ତିଭୂମି ପ୍ରସ୍ତୁତ କରିଥିଲ୍ଲ—ଏହା ଅସ୍ୱୀକାର କରିବାର ଉପାସ୍ଥ ନାହିଁ । ଏ ସମ୍ପର୍କରେ ପୂର୍ବୋକ୍ତ ମିଷ୍ଟର ହାଲେଟ୍ ଲେଖିଛନ୍ତି :—

"...Political critics tend to overlook and to depreciate the work of the Councils set up by the British Government, as the first step towards responsible Government and the services of the Ministers who undertook the duty of administering the transferred department have often not received adequate

---

* ଶୈଳବାଳା ଦାସଙ୍କ ପାଣ୍ଡୁଲିପିରୁ ଉଦ୍ଧୃତ ।

** "ସମାଜ" ତା ୬୩ । ୪ । ୧୯୬୧

Digitized by srujanika@gmail.com

recognition. Historians of the future will, I feel sure, see the events of these years in this true perspective and will recognise that it was not those who followed the barren and sterile policy of non-cooperation who paved the way for further advance, but those who like Mr. Das and his supporters, recognised the great opportunities which they had of furthering the political progress of India."

ଇତିହାସର ପରପ୍ରେକ୍ଷୀରେ ମି. ହାଲେଟ୍‌ଙ୍କ ଏ ମୂଲ୍ୟାୟନ ଅନସ୍ୱୀକାର୍ଯ୍ୟ ।

(ଚଉ)

ମଧୁସୂଦନଙ୍କ ଅବସ୍ଥା···ମୁଦଙ୍ଗ ଦୁଇ ମୁଣ୍ଡରେ ପିଟ। ଖାଇବା ପରି ! ଅସହଯୋଗୀ ଶିବିରରେ ଚରମ ବ୍ରିଜଭକ୍ତ ରୂପେ ବବେଚତ ହେଲେ ସୁଦ୍ଧା, ଇଂରେଜ ଅଫିସର ଗୋଷ୍ଠୀରେ ମଧୁସୂଦନଙ୍କ ସମ୍ପର୍କରେ ନାନା ସନ୍ଦେହ ମଧ୍ୟ ନାନା ଅବଶ୍ୱାସ ! ଆପାତ ଲଘୁଚାଲ୍‌ଟୀ—ବ୍ରିଜଭକ୍ତର—ନେପଥ୍ୟରେ ଲୋକଟି ଯେ କଟର୍-ଜାତୀୟତାବାଦୀ, ସେଥିରେ ସେମାନଙ୍କର ସନ୍ଦେହ ନଥିଲ ।

ମଧୁସୂଦନ ସ୍ୱୟଂ ମନ୍ତ୍ରୀ ହୋଇ ସୁଦ୍ଧା କାଉନସିଲ୍‌ରେ ଦନେ ଦ୍ୱୈତ-ଶାସନର ବେସରକାରୀ ମନ୍ତ୍ରୀମାନଙ୍କୁ "ପେଚା" ସହିତ ସେପର ତୁଳନା କରିଥିଲେ; ତାହା ସେତେବେଳେ ଅସହଯୋଗୀ ଶିବିରରେ ସୁଦ୍ଧା କମ୍ ଆଲୋଡ଼ନ ସୃଷ୍ଟି କର ନଥିଲ ।*

---

* ପାଟନା ବଶ୍ୱବଦ୍ୟାଳୟର ପୂଟ୍‌ଚ୍ଚନ ଉପାଧ୍ୟାୟ ସଚ୍ଚିଦାନନ୍ଦ ସିଂହ ଲେଖିଛନ୍ତି....

"Although as Minister he never concealed his dislike for the system of dyarchy and on one occasion he ended a speech in the Legislative Council, by quoting a Persian verse which said that no one would care to come under the shadow of an owl, even though the auspicious word "Huma" were to become extinct. This reference to a Minister under dyarchy, as an owl was a standing joke for years."

(Life of Madhusudan—As Seen By Many Eyes—Ed. by Shailabala Das, pp. 13.)

Digitized by srujanika@gmail.com

ସେଦନ ପାଟନାର ସ୍ୱୁଗ୍ରେପିଆନ୍ କ୍ଲବରେ ଜଣେ ବୃଦ୍ଧ ଇଂରେଜ ଅଫିସର, ମଧୁସୂଦନଙ୍କୁ କହିଲେ....“ଆପଣ ଜାଣନ୍ତୁ ତ ମିଷ୍ଟର ଦାସ, ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ଯା'ନ୍ତୁ ନାହିଁ !”—ଚଟୁଳ ପ୍ରଗଲ୍‌ଭତା; ଦୁଏତ ଅନ୍ୟ ଉଦ୍ଦେଶ୍ୟ ନ ଥିଲା ।

“ହଁ, ମୁଁ ଜାଣେ”—ମଧୁସୂଦନ ଉତ୍ତର ଦେଇଥିଲେ, “କାରଣ ଅନ୍ଧାରରେ ଇଂରେଜ ଜାତକୁ ସୂର୍ଯ୍ୟଦେବ ସୁଦ୍ଧା ବିଶ୍ୱାସ କରି ପାରନ୍ତି ନାହିଁ !”

ମଧୁସୂଦନଙ୍କର ଏହି ଶାଣିତ ବାକ୍ୟାଘାତ ସେଇ ଇଂରେଜ ଅଫିସର ଜଣକ ସେଦନ ଅବଶ୍ୟ ମାରବରେ ହଜମ୍ କରିଥିଲେ; ମାତ୍ର ଏମେ ଏଇ ମନ୍ତ୍ରୀଟି ସେମାନଙ୍କ ପକ୍ଷରେ ଯେ ଘୋର ଉଦ୍‌ବେଗର କାରଣ ହୋଇ ଉଠିଥିଲେ—ସେଥିରେ ସନ୍ଦେହ ନଥିଲା ।

ଏଣେ ଅସହଯୋଗୀମାନଙ୍କର ଶିବିରରେ ମଧ୍ୟ ମଧୁସୂଦନ ଥିଲେ ଚରମ ନିନ୍ଦା ଓ ଭର୍ତ୍ସନାର ପାତ୍ର । ମଧୁସୂଦନ ଅର୍ଥଲୋଭରେ, ପଶୁତ ବାର୍ଦ୍ଧକ୍ୟରେ ସୃଜସ୍ତ କଲେ—ଏଇପର ଅପବାଦ, ଭାଗ୍ୟଲ୍ୟପୁଣ୍ଡି ଆକ୍ଷେପ ଓ ଚରିତ୍ରହରାର ତଥାପି ଅନ୍ତ ନଥିଲା ।

ଜନୈକ ସେଦନ “ସମାଜ” ପତ୍ରିକାରେ ଏକ ସମ୍ପାଦକୀୟ ଟିପ୍‌ପଣୀ ମଧୁସୂଦନଙ୍କୁ ରାଜାର ସ୍ୱରରେ ଆହ୍ୱାନ କରିଥିଲା । “ସମାଜ” ଲେଖିଥିଲେ....

> “× × ଶୁଣାଯାଏ, ତାଙ୍କ ମତରେ ସେ (ଜମାପଡ଼ା) ସଡ଼କ ପକ୍କା ହେବା ଦରକାର ନାହିଁ । ସଡ଼କ ପକ୍କା ହେଲେ ଅନେକ ଟଙ୍କା ଖର୍ଚ୍ଚ ହେବ । ସରକାରଙ୍କର ବର୍ତ୍ତମାନ ଆୟ ବ୍ୟୟ ନେଇ ଯେପରି ଟଣା ଓଟରୁ ଲଗିଛି ସେଥିରେ ଏ ସଡକ ବ୍ୟୟ ବୋଝ ଉପରେ ନଳଚା ବଡ଼ା ହୋଇପାରେ । ବାସ୍ତବିକ କଥା, ମନ୍ତ୍ରୀମାନଙ୍କ ଦରମା ରୋହିଣ ଶକ୍ତ ବୋଝ । ଏହା ଲୋକଙ୍କ ଉପରେ ନଗଦ ଲଦା ହୋଇଛୁ ।”

ଏଥିରେ ମନ୍ତ୍ରୀ ରୂପେ ମଧୁସୂଦନଙ୍କ ମାସିକ ବେତନ ପାଞ୍ଚହଜାର ଟଙ୍କା ପ୍ରତି ଏକ ଅନୁଦାର ଆକ୍ଷେପ ପୁଞ୍ଜିଷ୍ଟ ଥିଲା; ତାହା ମଧୁସୂଦନ କେଶ ବୁଝିପାରିଥିଲେ ।

ଏହି ସମ୍ପାଦକୀୟ ଟିପ୍‌ପଣୀର ପୃଷ୍ଠଭୂମି ଥିଲା ଏହିପରି·····ପୁରୁଳିଆର ଜମାପଡ଼ା ଅଞ୍ଚଳରେ ସେତେବେଳେ ଅନାବୃତ୍ତି ସାଙ୍ଗକୁ ମାଲେରିଆର ପ୍ରକୋପ ଅତି ଉତ୍କଟ । ମଧୁସୂଦନ ସ୍ୱାସ୍ଥ୍ୟ-ଶାସନ ବିଭାଗର ମନ୍ତ୍ରୀ ରୂପେ ଜମାପଡ଼ା ଗସ୍ତରେ ଆସିଥିଲେ, ଅବସ୍ଥା ପର୍ଯ୍ୟବେକ୍ଷଣ କରି ପ୍ରତିକାର ବ୍ୟବସ୍ଥା ପାଇଁ । ସେପ୍‌ଟେମ୍ବର ମାସ ବର୍ଷାଋତୁର ଶେଷ ।

---

* “ସମାଜ”—ତା ୧ । ୧୦ । ୨୧

Digitized by srujanika@gmail.com

ଅତଶକ୍ତ ବର୍ଷା । ଫଳରେ ଭୁବନେଶ୍ୱର ଠାରୁ ନମାପଡା ପର୍ଯ୍ୟନ୍ତ ନାଲଗୋଡ଼ ସଡକଟି କର୍ଦ୍ଦମପୂର୍ଣ୍ଣ ଓ ସ୍ଥାନେ ସ୍ଥାନେ ଦୁର୍ଗମ । ସେଇ କର୍ଦ୍ଦମପଙ୍କ ମଧ୍ୟରେ ମଧୁସୂଦନ ମୋଟରରେ ଯାଉଥିଲେ ନମାପଡ଼ା ଅଭିମୁଖରେ । ମଧୁସୂଦନ ମୋଟରରେ ଯିବା ବେଳେ ସ୍ଥାନେ ସ୍ଥାନେ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ଗ୍ରାମବାସୀ ଜନତାଙ୍କ ଭିଡ଼ । ମାନ ସଂଜ୍ଞ ଅଭିନନ୍ଦନ ଆଳରେ ସେଇ ନାଲମାଟି ସଡକକୁ ପକ୍କା କରିବା ପାଇଁ ଦାବୀ ! ସଡ଼କଟି ପକ୍କା ହେବା ଅବଶ୍ୟକ—ସେଥିରେ ମଧୁସୂଦନଙ୍କର ଦ୍ୱିମତ ନଥିଲା, କିନ୍ତୁ ସଡ଼କକୁ ପକ୍କା କରିବା ପାଇଁ ଏଇ ଆଶାସ୍ୱୀ ଜନତାକୁ ସେ ପ୍ରତଶ୍ରୁତି ଦେଇ ପାରିବେ ତ ? ସଡ଼କ ପକ୍କା କରିବା ବ୍ୟସ୍ତ ଅନୁମୋଦନ କରିବା ପୁର୍ତ୍ତ-ବତ୍ତଗ ମନ୍ତ୍ରୀ ମଧୁସୂଦନଙ୍କ ହାତରେ ତ ନାହିଁ ! ଦ୍ୱୈତ-ଶାସନରେ ଲୋକନନ୍ଦାଚତ ବେସରକାସ୍ତ ମନ୍ତ୍ରୀମାନଙ୍କର ସେଇ ତ ଦୁର୍ଦ୍ଦଶା ! ଏକଙ୍କ୍ୟୁଟିଭ କାଉନସିଲ୍ ପୂଣି ଲେଫଟେନେଣ୍ଟ୍ ଗଭର୍ଣ୍ଣର, ସଡ଼କ ତଆଣ ପ୍ରସ୍ତାବ ଅନୁମୋଦନ କଲା, ସେଥିପାଇଁ ଅର୍ଥର ବ୍ୟବସ୍ଥା ନକଲେ, ଗମନାଗମନ ଯେତେ ଦୁଷ୍କର, ଜନସାଧାରଣଙ୍କ ଦାବୀ ଯେତେ ଯୁକ୍ତିଯୁକ୍ତ ହେଉ ପଛେ, କୌଣସି ପ୍ରତଶ୍ରୁତି ବତ୍ତଗୀସ୍ୱ ମନ୍ତ୍ରୀ ମଧୁସୂଦନଙ୍କ ପକ୍ଷରେ ସୁଦ୍ଧା ସମ୍ଭବ ନ ଥିଲା । ମାନ ମନ୍ତ୍ରୀ ହୋଇ ନଜର ଅସ୍ୱହାସ୍ୱତା ଆଶାସ୍ୱୀ ଜନତା ଆଗରେ ପ୍ରକାଶ କରିବା ତ ଆଉ ସମ୍ଭବ ନଥିଲା !

ମଧୁସୂଦନ ସ୍ୱତ୍ତବସୁଲଭ କଣ୍ଠ ଓ ମେଜାଜ୍‌ରେ ଉତ୍ତର ଦେଇଥିଲେ···"ସରକାରଙ୍କର ଯେପର ଅର୍ଥାତ୍ତବ; ସେଥିରେ ବର୍ତ୍ତମାନ ଏ କାର୍ଯ୍ୟ ହୋଇ ପାରିବା ସମ୍ଭବ ନୁହେଁ !"

ଶ୍ରୁତମଧୁର ପ୍ରତଶ୍ରୁତି ଦେଇ, ତାହାକୁ ଅବଶେଷରେ ପ୍ରତାରଣାରେ ପରିଣତ କରିବା, ମନ୍ତ୍ରୀ ରୂପେ ମଧୁସୂଦନଙ୍କ ଅଭ୍ୟାସ କମ୍ବା ଆଚରଣ ନ ଥିଲା । ଏହା ହିଁ ଲୋକଦୃଷ୍ଟିରେ ଥିଲା ତାଙ୍କ ତରତର ଆପାତ ରୁଢ଼ତା ! ପ୍ରଲୋଭିତ ହୋଇ ପ୍ରତାରିତା ହେବା ଲୋକଙ୍କ ପକ୍ଷରେ ବରଂ ଶ୍ରେସ୍ୱସ୍କର; କିନ୍ତୁ ଅକପଟ ନାସ୍ତିବାଣୀ ନୁହେଁ । ସେଥିପାଇଁ ଶହ ଶହ ଲୋକଙ୍କୁ ମଧୁସୂଦନଙ୍କ ନାସ୍ତିବାଣୀ ସେ ଦିନ, ତାଙ୍କ ବରୁଦ୍ଧରେ ପ୍ରତକୂଳ ସମାଲୋଚନା ପାଇଁ, ଅସହଯୋଗୀ ମାନଙ୍କୁ ନୂତନ ଖୋତ୍ତକ ଯୋଗାଇ ଦେଉଥିଲା । "ସମାଜ" ସ୍ତମ୍ଭରେ ପୂର୍ବୋକ୍ତ ଟିପ୍‌ପଣୀ ଏହି ଘଟଣା ଦ୍ୱାରା ଥିଲା ଅନୁପ୍ରେରତ ।

"ସମାଜ"ର ଏହି ଟିପ୍‌ପଣୀ ମଧୁସୂଦନ ପାଠ କରି, ଯେତେ ଆହତ ହୋଇ ନଥିଲେ; ତା'ଠାରୁ ବେଶୀ ହୋଇଥିଲେ ଦୁଃଖିତ ।

•

ସେ ଦିନ ସକାଳେ ବ୍ରେକ୍‌ଫାଷ୍ଟ୍ ପାଇଁ ମଧୁସୂଦନଙ୍କ କ୍ଷୁଧା କମ୍ବା ରୁଚି ନଥିଲା । ମଧୁସୂଦନ ସ୍ୱତ୍ତବତଃ ଅଳ୍ପାହାସ୍ତ । ବ୍ରେକ୍‌ଫାଷ୍ଟ କହିଲେ ଦୁଇ ସ୍ଲାଇସ୍ ବ୍ରେଡ୍, ଗୋଟିଏ ଅଣ୍ଡା, ଆଉ କେତେଖଣ୍ଡ ପାଚଲ ଅମ୍ବୁତଭଣ୍ଡା ! ପେଟବ୍ୟାଧିରେ ସ୍ତେଗିବା ଦିନୁ ପାଚଲ

Digitized by srujanika@gmail.com

ଅମୃତଭଣ୍ଡା ତାଙ୍କ ପକ୍ଷରେ ଥିଲା ଉତ୍ତମ ଖାଦ୍ୟ ଓ ପଥ୍ୟ । ମାତ୍ର ସେଦିନ ବ୍ରେକ୍‌ଫାଷ୍ଟ୍ ଟେବୁଲ୍‌ରେ ବସି, ଖଣ୍ଡେ ପାଚିଲା ଅମୃତଭଣ୍ଡା ପୁଦ୍ଦା ସେ ମୁହଁକୁ ନେଇ ପାରୁ ନଥିଲେ । ଚମ୍ଚତ ଦ୍ୱାରରେ ମଧୁସୂଦନ ଅମୃତଭଣ୍ଡାରୁ ଖଣ୍ଡେ ଫର୍କ୍‌ରେ ଉଠାଇଥିଲେ—ମାତ୍ର ତାହା ପୁଣି ସେଇପରି ପ୍ଲେଟ୍‌ରେ ପଡ଼ିରହିଲା; ଅଭୁକ୍ତ ।

ମଧୁସୂଦନ ଜୀବନରେ ଅନେକ ଅନୁଦାରତା, ଅନେକ ଆଘାତ, ଅନେକ ଈର୍ଷ୍ୟାପ୍ରଣୋଦିତ ସମାଲୋଚନା ସହ୍ୟ କରିଛନ୍ତି । ମାତ୍ର ତାଙ୍କ ଅହଙ୍କାର ଓ ଅଭିମାନ ଉପରେ ଆଜି କେହି ଇତପୂର୍ବେ ଏପରି ଆଘାତ ହାଣି ନଥିଲେ । "ସମାଜ"ର ସେଇ ଘପାଦଙ୍ଘସ୍ୱ ଆଲୋଚନା ଗୋଟାଏ ବିଷାକ୍ତ ବ୍ରଣ ପରି ତାଙ୍କୁ ବାରମ୍ବାର ଯନ୍ତ୍ରଣାଦଗ୍ଧ କରୁଥିଲା । ମନୁଷ୍ୟର ସବୁ ମନୋଯୋଗ ଓ ଦୃଷ୍ଟି ସେଇ ଛତ ପ୍ରତ ଯେପରି ବାରମ୍ବାର ସ୍ତମ୍ଭୀ-ଆକର୍ଷିତ ହୋଇଥାଏ; "ସମାଜ" ସ୍ତମ୍ଭରେ ସେଇ ଆକ୍ଷେପ ଓ ସମାଲୋଚନା ପ୍ରତ ତାଙ୍କର ଚନ୍ତା ଓ ଭାବନା ବାରମ୍ବାର ଆକୃଷ୍ଟ ହେଉଥିଲା । ଡ୍ରେସିଙ୍ଗ—ଗାଉନ୍ ପକେଟରୁ "ସମାଜ" କାଗଜ ଖଣ୍ଡକ କାଢ଼ି ଲାଲ୍ ପେନ୍‌ସିଲ୍‌ରେ ସେଇ ଚର୍ଚ୍ଚିତ ଅଂଶଟା ସେ ପୁଣି ଆଖି ଆଗରେ ଖୋଲି ଧରିଲେ । ପ୍ଲେଟ୍‌ରେ ଅଭୁକ୍ତ ବ୍ରେକ୍‌ଫାଷ୍ଟ୍ ସେଇପରି ପଡ଼ିରହିଲା ।

ସମ୍ବାଦଙ୍ଘସ୍ୱ ଝିପ୍‌ପଣୀର ଲେଖକ ଗୋପବନ୍ଧୁ ନଷ୍ଟସ୍ୱ । ଗୋପବନ୍ଧୁଙ୍କ ଲେଖାର ଶୈଳୀ ସମ୍ବନ୍ଧରେ ମଧୁସୂଦନ ବେଶ୍ ପରିଚତ । ସେଥିରେ ଦଂଶନ ନାହିଁ ମାତ୍ର ଜ୍ୱାଳା ଅଛି । ଅସହଯୋଗୀ ଗୋପବନ୍ଧୁଙ୍କ ସମାଲୋଚନାରେ ସେ ବ୍ୟଥିତ ନୁହନ୍ତି । ବ୍ୟଥିତ କନ୍ତୁ ଗୋପବନ୍ଧୁଙ୍କ ଅନୁଦାର ଆକ୍ଷେପରେ ! ଟଙ୍କା ଲୋଭରେ ମଧୁସୂଦନ ମନ୍ତ୍ରୀତ୍ୱ ଗ୍ରହଣ କରିଛନ୍ତି;—ଏହାର ଛାଣତମ ଇଙ୍ଗିତ ପୁଦ୍ଦା ତାଙ୍କୁ ଗଳ୍ପର ଛଳରେ ଆହତ କରୁଥିଲା । ମନ୍ତ୍ରୀ ରୂପେ ବର୍ଷକୁ ଷାଠିଏ ହଜାର ଟଙ୍କା ବେତନ ଅବଶ୍ୟ ସାମାନ୍ୟ ନୁହେଁ—କନ୍ତୁ ସେଇ ଆକର୍ଷଣରେ କଣ ଏଇ ପରିଣତ ବାର୍ଦ୍ଧକ୍ୟରେ ସେ ମନ୍ତ୍ରୀତ୍ୱ ଗ୍ରହଣ କରିଛନ୍ତି ? ପ୍ରାକ୍‌ଟିସ୍‌ରେ ବର୍ଷକୁ ଏହାଠାରୁ ଢେର ବେଶୀ ଟଙ୍କା ସେ ଆସ୍ୱ କରିପାରନ୍ତି—ଗୋପବନ୍ଧୁ ବା ତାଙ୍କ ସମାଲୋଚକମାନେ କଣ ଜାଣନ୍ତି ନାହିଁ ? ଏଇ ତ ସେଦିନ ଉତ୍କଳ-ଟାନେଜ୍ୱର ମ୍ୟାନେଜର୍ ଅଚ୍ୟୁତାନନ୍ଦ ମିଶ୍ର ଲେଖିଥିଲେ ଚଠି....ଟାନେଜ୍ୱର ଅବସ୍ଥା ଦିନୁ ଦିନ ଶୋଚନୀସ୍ୱ ହେବାରେ ଲଗିଛୁ । ଗତ ଗୋଟାଏ ବର୍ଷରେ ଛତର ପରମାଣ କୋଡ଼ିଏ ହଜାର ଟଙ୍କା ! ଋଣ ପରେ ଋଣ କରି ଟାନେଜ୍ୱା ଆଉ ଓଡ଼ିଆ ଆର୍ଟ୍-ଓ୍ୱାର କାରଖାନା ଘୁଲୁଛୁ । ମଧୁସୂଦନଙ୍କ ପକ୍ଷରେ ତେଣୁ ବର୍ଷକୁ ଷାଠିଏ ହଜାର ଟଙ୍କାର ଆକର୍ଷଣ ବା କଣ ?

ନେପଥ୍ୟରୁ ଶୈଳବାଳା ବ୍ୟସ୍ତ, ବ୍ରତ ସ୍ୱରରେ ଆସି ପଚାରିଲେ...."ବାବା ଆପଣଙ୍କ ଦେହ ଅସୁସ୍ଥ ନାଁ କଣ ? ବ୍ରେକ୍‌ଫାଷ୍ଟ୍ ସେଇପରି ପଡ଼ିରହିଲା ଯେ !"

ମଧୁସୂଦନ ଅକାରଣରେ ବସ୍ଫୋରଣ କରି ଉଠିଲେ...."ସୁ ବେଟର୍ ଗେଟ୍ ଆଉଟ୍ ! ମୋ ସ୍ୱାସ୍ଥ୍ୟର ଖବର ମୁଁ ବେଶ୍ ରଖିପାରିବ !"

Digitized by srujanika@gmail.com

ଶୈଳ ନଃଶବ୍ଦ ସନ୍ତର୍ପଣରେ ଫେର ଯାଉଥିଲେ; ମଧୁସୂଦନ ଡାକଲେ....''ଶୈଳ, ଶୁଣିଯାଅ !"

ଶୈଳ ପୁଣି ଟେବୁଲ୍ ପାଖକୁ ଆସିବା ମାତ୍ରେ, ମଧୁସୂଦନ କହିଲେ··· "ଅଚ୍ୟୁତାନନ୍ଦକୁ ଆଜ ଗୋଟାଏ ଟେଲଗ୍ରାମ କର, ମୋର ଲ'ବହି ସବୁ ସେ ପାଟ୍ନା ପଠାଇଦେବ ।"

"କନ୍ତୁ ଏଠି ଆପଣଙ୍କ ଲ' ଲାଇବ୍ରେରୀ ରଖିବେ କେଉଁଠି ? ପୁଣି ବହି ସବୁ ଆଣି ଏଠି କରବେ ବା କଣ ?"—ଶୈଳ ବସ୍ତିତ କଣ୍ଠରେ ପଚାରିଲା !

ମଧୁସୂଦନ ଅନ୍ୟମନସ୍କ କଣ୍ଠରେ ସ୍ୱଗତୋକ୍ତି କରିବା ପରି କହିଲେ, "ପାଟ୍ନାରେ ମୁଁ ପ୍ରାକ୍ଟିସ୍ ଆରମ୍ଭ କରିବ ।"

"ପ୍ରାକ୍ଟିସ୍ ?"—ଶୈଳ ପ୍ରାୟ ଚତ୍କାର କରି ଉଠିବା ପରି କଣ୍ଠରେ ପଚାରିଲେ— "କନ୍ତୁ ଆପଣ ଯେ ମନ୍ତ୍ରୀ !"

ମଧୁସୂଦନ ଉତ୍ତର ଦେଲେ···"କନ୍ତୁ ମନ୍ତ୍ରୀ ହେଲେ କଣ ପ୍ରାକ୍ଟିସ୍ କରିବା ପାଇଁ ମନା ? ଗଭର୍ଣ୍ଣମେଣ୍ଟ୍ ଟ୍ରେଜେରୀରୁ ମୁଁ ଗୋଟିଏ ପଇସା ସୁଦ୍ଧା ନେବା ପାଇଁ ଗୁହେଁ ନାହିଁ । ବରଂ ମୋର ଯେଉଁ ପର୍ସନାଲ୍ ସେକ୍ରେଟାରୀ ଆଉ ଷ୍ଟାଫ୍ ଅଛନ୍ତି; ସେମାନଙ୍କ ବେତନ ମୁଁ ଦେବ ମୋ ନିଜ ଉପାର୍ଜନରୁ ।"

ଶୈଳବାଳା କହିଲେ···"କନ୍ତୁ ବର୍ତ୍ତକ ପୂର୍ବେ ଗଣେଶ ଦତ୍ତ ସିଂହ, ମନ୍ତ୍ରୀମାନଙ୍କର ବେତନ ମାସିକ ପାଞ୍ଚ ହଜାର ଟଙ୍କାରୁ ଦୁଇ ହଜାରେ ଟଙ୍କାକୁ କମାଇବା ପାଇଁ, କାଉନସିଲ୍‌ରେ ପ୍ରସ୍ତାବ ଆଣିବା ବେଳେ; ଆପଣ ତାର ପ୍ରବଳ ବିରୋଧ କରିଥିଲେ । ଆପଣଙ୍କ ବିରୋଧ ଫଳରେ ଗଣେଶ ଦତ୍ତ ସିଂହଙ୍କ ପ୍ରସ୍ତାବ କାଟ ଖାଇଗଲା । ଏବେ ପୁଣି, ଆପଣ ପଇସାଟିଏ ସୁଦ୍ଧା ବେତନ ନେବେ ନାହିଁ ବୋଲ କହୁଛନ୍ତି କିପରି ?"

"Consistency is the virtue of little minds".....ମଧୁସୂଦନ ବିଷ୍ଫୋରଣ କରି ଉଠିଲେ...."ବର୍ତ୍ତକ ପୂର୍ବେ ଯାହା କହିଥିଲି, ଆଜି ତାହା ଧ୍ରୁବ ସତ୍ୟ, ଅପରିବର୍ତ୍ତନୀୟ ହୋଇ ନପାରେ ! ଆମେ ସବୁ ଗୋଟିଏ ବନ୍ଦରେ ଅଟକି ରହିପାରୁ; ମାନବ କାଳ ଗତିଶୀଳ ।"

ଶୈଳ ଜାଣନ୍ତି, ଯୁକ୍ତି ତର୍କ କରି ଲାଭ ନାହିଁ । ପରିଣାମରେ ଅଯଥା ବିଷ୍ଫୋରଣ, ଅକାରଣ ଗାଳୀ ଛଡ଼ା ଆଉ କିଛି ମିଳିବ ନାହିଁ । ଶୈଳ ସନ୍ତର୍ପିତ ପାଦରେ ସେଠାରୁ ସ୍ଖଳିତଲେ । ମଧୁସୂଦନ ଡାକୁ ପୁଣି ଥରେ ପୂରଣ କରାଇଦେଲେ....''ଟେଲଗ୍ରାମ୍ଟି ଆଜ ଯାଏ ଯେପରି ।"

Digitized by srujanika@gmail.com

ଶୈଳର ଯୁକ୍ତି ଅବଶ୍ୟ ସଥାର୍ଥ ! ବର୍ଷକ ପୂର୍ବେ ମନ୍ତ୍ରୀମାନଙ୍କ ବେତନ ମାସିକ ପାଞ୍ଚ ହଜାର ଟଙ୍କାରୁ ଏକ ହଜାର ଟଙ୍କାକୁ କମାଇବା ପାଇଁ ଗଣେଶ ଦତ୍ତ ସିଂହ ପ୍ରସ୍ତାବ ଆଣିଥିବା ବେଳେ ସେ ତୀବ୍ର ବରୋଧ କରିଥିଲେ । ସେତେବେଳେ ତାଙ୍କର ଯୁକ୍ତି ଥିଲା—ମନ୍ତ୍ରୀମାନଙ୍କୁ ଯେବେ ବେତନ ଦେବା କଥା; ତାହେଲେ ମାସିକ ପାଞ୍ଚ ହଜାର ଟଙ୍କାରୁ ପାରୁଲଟିଏ ପୂରା କମ୍ ହେଲେ ଚଳିବ ନାହିଁ । ଟଙ୍କା ମୋହରେ ମଧୁସୂଦନ ବେତନ କମାଇବା ପ୍ରସ୍ତାବ ବରୁଦ୍ଧରେ ବୋଲି, ସେତେବେଳେ କମ୍ ତୀବ୍ର ସମାଲୋଚନା ଓ ଆକ୍ଷେପ ମଧୁସୂଦନଙ୍କୁ ଶୁଣିବା ପାଇଁ ପଡିଥିଲା ! କିନ୍ତୁ ତାହାହିଁ ଥିଲା ମଧୁସୂଦନଙ୍କ ବଜୁର-ସଙ୍କଳ୍ପ ସିଦ୍ଧାନ୍ତ ।

ଏବେ କିନ୍ତୁ ମଧୁସୂଦନ ଅବୈତନିକ ମନ୍ତ୍ରୀତ୍ୱ ପାଇଁ ଉଦ୍‌ବଗ୍ନ ହୋଇ ଉଠିଥିଲେ । ବଶେଷତଃ ଯେଉଁ ସ୍ୱାସ୍ଥ୍ୟ-ଶାସନ ବଲ୍ଲଗରେ, ମ୍ୟୁନସିପାଲଟୀ ଓ ଜିଲ୍ଲାବୋର୍ଡ଼ର ସଭ୍ୟ ମାନଙ୍କ ଠାରୁ ଆରମ୍ଭ କର ଚେଆରମେନ୍ ମାନଙ୍କ ପର୍ଯ୍ୟନ୍ତ, ସମସ୍ତେ ଅବୈତନିକ, ମନ୍ତ୍ରୀ ସେଇ ବଲ୍ଲଗର ସଦ୍ୟୋଜ କର୍ତ୍ତା ରୂପେ, ବେତନ ନେବେ କପଣ ? ସ୍ୱାସ୍ଥ୍ୟ-ଶାସନ ବଲ୍ଲଗରେ ଅନ୍ୟମାନଙ୍କୁ ତ୍ୟାଗବରଣ ପାଇଁ ଉଦ୍‌ବୋଧନ ଦେଇ ସେ ନଜେ ମାସିକ ପାଞ୍ଚ ହଜାର ଟଙ୍କା ବେତନ ଓ ସ୍ୱାଚ୍ଛନ୍ଦ୍ୟ ଉପଲୋଗ କରିବା, ମଧୁସୂଦନଙ୍କୁ ମନେ ହେଉଥିଲା ବୌଦ୍ଧିକ ଶଠତା ପରି ! ସ୍ୱାସ୍ଥ୍ୟ-ଶାସନ-ବଲ୍ଲଗରେ ଏହା କେବଳ ଏକ ବରୋଧାଲ୍ଲସ ନୁହେଁ; ସ୍ୱାସ୍ଥ୍ୟ-ଶାସନର ମର୍ଯ୍ୟାଦା ଓ ଆଦର୍ଶକୁ ମଧ୍ୟ ଏହା କ୍ଷୁର୍ଣ୍ଣ କରିଥାଏ ।

ଏହି ପୃଷ୍ଠଭୂମିରେ ୧୯୨୨ ସାଲ ୨୧ ତାରଖ ଫେବୃୟାରୀ ଦିନ ମଧୁସୂଦନ ବଜେଟ୍ ଭାଷଣରେ ଅବୈତନିକ ମନ୍ତ୍ରିତ୍ୱ ପ୍ରସଙ୍ଗ ଉତ୍ଥାପନ କର କହିଥିଲେ....

"I have always looked upon gold as a handful of dust which a man might throw from his hands and still be a man—a being with a divine spark in him. He must inspire the members of the Municipalities and District Boards, all local bodies, local authorities and the villagers with a patriotic spirit, inculcate in them a genuine spirit of selfsacrifice, a genuine desire of nation building and with their co-operation discharge the responsibilities of his office. In an organisation in which all the workers are honorary, a salaried Minister marks the symmetry and harmony of the organisation. The Office of the Local Self Government ought to be honorary."

ମଧୁସୂଦନଙ୍କ ଏଇ ଭାଷଣର ଉଦାତ୍ତ ସ୍ୱର ଓ ସ୍ୱାସ୍ଥ୍ୟ-ଶାସନ ବଲ୍ଲଗର ମନ୍ତ୍ରୀତ୍ୱକୁ ଅବୈତନିକ କରିବା ପାଇଁ ଅକାଟ୍ୟ ଯୁକ୍ତି; ତାଙ୍କର ସମାଲୋଚକମାନଙ୍କୁ ସ୍ତବ୍ଧ କର ଦେଇ ଥିଲା ।

Digitized by srujanika@gmail.com

ଲଣ୍ଡରେ ଗଣେଶ ଦତ୍ତସିଂହ ମଧୁସୂଦନଙ୍କୁ ଅଭିନନ୍ଦନ ଜଣାଇଥିଲେ, ତାଙ୍କର ସ୍ୱାସ୍ଥ୍ୟ ପାଇଁ; କନ୍ତୁ ତାଙ୍କର ସହକର୍ମୀ ଶିକ୍ଷା ବଜ୍ଞଗର ମନ୍ତ୍ରୀ ଫକ୍‌ରୁଦ୍ଦିନ ଅପ୍ରସନ୍ନ କଣ୍ଠରେ କହିଲେ....''ମୋତେ କନ୍ତୁ ଆପଣ ଏକ ଅସ୍ତ୍ରିକର ପରିସ୍ଥିତିରେ ପକାଇଲେ ମିଷ୍ଟର ଦାସ୍ ।''

ଅବୈତନିକ ମନ୍ତ୍ରୀତ୍ୱ ପାଇଁ ଫକ୍‌ରୁଦ୍ଦିନ ପ୍ରସ୍ତୁତ ନଥିଲେ ।

ମଧୁସୂଦନ ଉତ୍ତର ଦେଲେ....''ସ୍ୱାସ୍ଥ୍ୟ-ଶାସନ ମନ୍ତ୍ରୀ, ଏକ ଅବୈତନିକ ସଙ୍ଗଠନର ସଙ୍କୋଚ କର୍ତ୍ତାରୂପେ, ଅବୈତନିକ ଭିତ୍ତିରେ କାର୍ଯ୍ୟ କରିବେ ସିନା—ଶିକ୍ଷାମନ୍ତ୍ରୀଙ୍କ ପ୍ରତି ସେ ନୀତି ପ୍ରଯୋଜ୍ୟ ହେବ କିପରି ? ଶିକ୍ଷା ବଜ୍ଞଗର କର୍ମଜ୍ଞମାନେ ତ ଆଜି ଅବୈତନିକ ଭିତ୍ତିରେ କାର୍ଯ୍ୟ କରୁନାହାନ୍ତି !''

ଫକ୍‌ରୁଦ୍ଦିନ ଅପ୍ରସନ୍ନ କଣ୍ଠରେ ଟିପ୍‌ପଣୀ କଲେ....''ତଥାପି !''

ବାଷ୍ପସୃଷ୍ଟି ସେତକରେ ସେଇଠି ସ୍ତବ୍ଧ ପଡ଼ିଥିଲା ।

(ଗଣ୍ଡ)

ସାର୍ବିକ ଦୃଷ୍ଟିରୁ ସ୍ୱାସ୍ଥ୍ୟ-ଶାସନର ସଫଳ ଅନୁଶୀଳନ ଥିଲା ମଧୁସୂଦନଙ୍କ ଭିତ୍ତି-ନୈତିକ ଓ ବୈଧାନିକ ଜୀବନର ଇପ୍‌ସିତ ଲକ୍ଷ୍ୟ । ମଧୁସୂଦନଙ୍କ ଦୃଷ୍ଟିରେ ସ୍ୱାସ୍ଥ୍ୟ-ଶାସନ ଥିଲା ସ୍ୱରାଜର ସ୍ୱରାଜ୍ୟପ୍ରାପ୍ତିର ଉଦ୍‌ଯୋଦ୍‌ଘାଟ ବା ଭୂମିକା ସଦୃଶ । ସେଥିପାଇଁ ଭିତ୍ତିନୈତିକ ଜୀବନ ଆରମ୍ଭରୁ, ପୁରୀର ମର୍ଲେ-ମିଣ୍ଟୋ ରିଫର୍ମସ୍ ଦ୍ୱାରା ସ୍ୱାସ୍ଥ୍ୟ-ଶାସିତ ସଂସ୍ଥାମାନଙ୍କର ଯଥାର୍ଥ ଗଣତାନ୍ତ୍ରିକ ଅଭିବ୍ୟକ୍ତି ପାଇଁ ସେ ନାନା କ୍ଷେତ୍ରରେ, ନାନା ଭିତ୍ତିରେ କାର୍ଯ୍ୟ କରି ଆସୁଥିଲେ । ମଣ୍ଟେଗୁ ଚେମସ୍‌ଫୋର୍ଡ଼ ରିଫର୍ମସ୍ ପୁଙ୍କରୁ ଜିଲ୍ଲାବୋର୍ଡ଼ମାନ ଯେପରି ଅମଲତନ୍ତ୍ରୀ ଶାସନର ଏକ ଅସହ୍ୟ ଜୀଡ଼ନକ ସଦୃଶ ଥିଲା; ମଧୁସୂଦନ ଥିଲେ ତାହାର କଠୋର ସମାଲୋଚକ । ଜିଲ୍ଲାବୋର୍ଡ଼ମାନଙ୍କରେ ଚେଆରମେନ୍ ନିର୍ବାଚନର ଅଧିକାର ପୁରା ନଥିଲା ! କଲେକ୍ଟରମାନେ ଥିଲେ ଏହାର ସର୍ବେସର୍ବା ! ନାମରେ ସ୍ୱାସ୍ଥ୍ୟ-ଶାସନ ଥିଲେହେଁ; କାର୍ଯ୍ୟତଃ ଏହା ଥିଲା ଅନ୍ତଃସାରଶୂନ୍ୟ ପୂର୍ତ୍ତି ସେଇ ଅମଲତନ୍ତ୍ରୀ ଶାସନର ଏକ ରୂପାନ୍ତର ମାତ୍ର ! ମଧୁସୂଦନ ଇମ୍ପିରିଆଲ କାଉନସିଲର ସଭ୍ୟ ଥିବାବେଳେ ଜିଲ୍ଲାବୋର୍ଡ଼ମାନଙ୍କ ପାଇଁ ଚେଆରମେନ୍ ନିର୍ବାଚନର ବ୍ୟବସ୍ଥା ଦାବୀ କରି ଏକ ଭାଷଣ ପ୍ରସଙ୍ଗରେ କହିଥିଲେ—ଲୋକାଲ ବୋର୍ଡ଼ ଓ ପ୍ରାଦେଶିକ କାଉନସିଲ ମାନଙ୍କର ଅନ୍ତର୍ବର୍ତ୍ତୀ ସ୍ଥାନରେ ଥାଇ ପୁରା ଜିଲ୍ଲାବୋର୍ଡ଼ମାନ ନିଜ ନିଜ ଚେଆରମେନ ନିର୍ବାଚନର ଅଧିକାରରୁ ବଞ୍ଚିତ ହେବା ଏକ ବଡ଼ମ୍ବନା ବ୍ୟତୀତ ଅନ୍ୟ କିଛି ନୁହେଁ । ମଧୁସୂଦନଙ୍କ ଭାଷାରେ....

Digitized by srujanika@gmail.com

"These District Boards send their elected representatives to the Council. Yet the District Boards standing mid-way between the Provincial Councils and the Local Boards have not the power to elect their own Chairman. As a matter of fact, the Vice-Chairman very often does the duty of Chairman and while he actually bears the burden of work of the Chairman, the Magistrates gets the credit for it and it is not likely that non-official gentleman will find sufficient inducement to take up the work."•

ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ରଫର୍ମସ୍ ଅନୁସାରେ, ମଧୁସୂଦନ ବହାର-ଓଡ଼ିଶା ପ୍ରଦେଶରେ ସ୍ୱାସ୍ଥ୍ୟ-ଶାସନ-ବିଭାଗର ମନ୍ତ୍ରୀ ରୂପେ ନିଯୁକ୍ତ ହେବା ପରେ, ମ୍ୟୁନିସିପାଲିଟୀ ଓ ଜିଲ୍ଲାବୋର୍ଡ଼ ପ୍ରଭୃତି ସ୍ୱାସ୍ଥ୍ୟ-ଶାସିତ-ସଂସ୍ଥାମାନଙ୍କ ପାଇଁ ଏକ ଆଦର୍ଶ ବିଧାନ ପ୍ରଣୟନ କରିବାରେ ମନୋନିବେଶ କରିଥିଲେ । ବସ୍ତୁତଃ ସ୍ୱାସ୍ଥ୍ୟ-ଶାସନ ମନ୍ତ୍ରୀ ରୂପେ, ବହାର-ଓଡ଼ିଶା ମ୍ୟୁନିସିପାଲିଟୀ ଆଇନ ଓ ବିହାର-ଓଡ଼ିଶା ଏଲ୍. ଏସ୍. ଜି. (ସଂଶୋଧନ) ଆଇନ ଥିଲା ମଧୁସୂଦନଙ୍କ ବୈଧାନିକ ଜୀବନର ଶ୍ରେଷ୍ଠ କୃତିତ୍ୱ । ଏହି ସଂସ୍ଥାମାନଙ୍କରେ କୌଣସି ନିର୍ବାଚିତ ଲୋକ-ପ୍ରତିନିଧି, ନିର୍ବାଚନମଣ୍ଡଳୀର ଆସ୍ଥା ହରାଇଲେ, ନିର୍ବାଚିତ ପଦବୀରୁ ଓହରି ଆସିବାର (recall) ଯେଉଁ ବ୍ୟବସ୍ଥା ଏଥିରେ ଥିଲା; ଆଜି ସୁଦ୍ଧା ତାହା ଲୋକଶାସନର ଏକ ଦୃଗ୍‌ହତ ଆଦର୍ଶ ହୋଇ ରହିଛି ।

ସ୍ୱାସ୍ଥ୍ୟ-ଶାସନର ବୃହତ୍ତର ଅଭିବ୍ୟକ୍ତି ଓ ଗୁଣାତ୍ମକ ଅଭିବୃଦ୍ଧି ଦିଗରେ ମଧୁସୂଦନଙ୍କ ଅବଦାନ ପ୍ରତି ଅକୁଣ୍ଠ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି, ବିହାର-ଓଡ଼ିଶା କାଉନସିଲ୍‌ରେ ମଧୁସୂଦନଙ୍କ ଅନ୍ୟତମ କଠୋର ସମାଲୋଚକ ସାର୍ ଗଣେଶ ଦତ୍ତ ସିଂହ ଲେଖିଛନ୍ତି...

"Both the Municipal and Local self-Government Acts are monuments of his work in the Council and of his ideas of the liberty of the people. They were the first liberal Acts passed in India in the Reformed Council. I have had as a Minister to deal with both the Acts for a number of years. No doubt, there are defects and sometimes considerable difficulty is felt in dealing with local bodies which do not observe the provisions of law, still I must admit that the liberal spirit of Mr. Das is noticed everywhere."†

• ଇମ୍ପିରିଆଲ୍-କାଉନସିଲ୍-ଡ଼ିବେଟସ୍, ତା ୧୧ ମାର୍ଚ୍ଚ, ୧୯୧୪

† Life of Madhusudan Das—As Seen By Many Eyes—ପୃ-୩୭

Digitized by srujanika@gmail.com

କନ୍ଥ ଭବିତବ୍ୟର ପରିହାସ—ମନୁଷ୍ୟର ଚରମ ସଫଳତା ମଧ୍ୟରେ ହିଁ ନିହିତ ଥାଏ ତାର ପରମ ବିପର୍ଯ୍ୟୟ ! ବୌଦ୍ଧ ଜୀବନ-ଦର୍ଶନଠାରୁ ମାର୍କସବାଦୀ ଇତିହାସ-ସମୀକ୍ଷା ପର୍ଯ୍ୟନ୍ତ, ସର୍ବତ୍ର ଏଇ ପ୍ରତ୍ୟକ୍ଷତ୍ୱ ହିଁ ଅଲଂଘନୀୟ ତ୍ରୁବରେ ସତ୍ୟ !

ମଧୁସୂଦନଙ୍କ କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଥିଲା । ଏଇ ସ୍ୱାୟତ୍ତ-ଶାସନ (ସଂଶୋଧନ) ଆଇନ ପାଇଁ, କାଉନସିଲ୍‌ରେ ତାଙ୍କୁ ଚରମ ନର୍ଯ୍ୟାତନାର ସମ୍ମୁଖୀନ ହେବା ପାଇଁ ପଡ଼ିଥିଲା ।

(ପାଞ୍ଚ)

୧୯୨୩ ସାଲ୍ ଫେବୃୟାରୀ ୬ ତାରିଖ...ବିହାର-ଓଡ଼ିଶା କାଉନସିଲ୍‌ର ବଜେଟ୍ ଅଧିବେଶନ ଆରମ୍ଭ ।

କାଉନସିଲ୍ ଲାଗରେ ମଧୁସୂଦନଙ୍କ ସମ୍ମତ ପ୍ରଥମ ସାକ୍ଷାତ ମାତ୍ରେ, ବାବୁ ଗଣେଶ ଦତ୍ତସିଂହ ପୃଚ୍ଛ ହସି ପଚାରିଲେ....''ଗତ ବର୍ଷର ବଜେଟ୍ ବକ୍ତୃତା ମନେ ଅଛୁ ତ ମିଷ୍ଟର୍ ଦାସ୍ ?''

ଗଣେଶ ଦତ୍ତସିଂହଙ୍କ ଅଭିଜାତ-ଓଷ୍ଠରେ ବିଦ୍ରୂପର ଇଙ୍ଗିତ ! ଗଣେଶ ଦତ୍ତସିଂହ କନ୍ଥ ବିଦ୍ରୂପାଘାତ କରିବା ଅଭିପ୍ରାୟରେ ମଧୁସୂଦନଙ୍କୁ ଏ ପ୍ରଶ୍ନ ପଚାରି ନଥିଲେ । ବାବୁ ଗଣେଶ ଦତ୍ତସିଂହଙ୍କଠାରେ ଅନ୍ୟ ଯାହା ଦୋଷ ବୁର୍ଗୁଣ ଥାଉ ପଛେ, ବିଦ୍ରୂପ କମ୍ବା ପରିହାସର ଲଘୁ ଚପଳତା ନଥିଲା । ଯେଉଁ ସମସ୍ୟାରେ ସେ ମନୋନିବେଶ କରୁଥିଲେ ତାହାର ଚରମ ସମାଧାନ ନ ହେବା ପର୍ଯ୍ୟନ୍ତ; ତାଙ୍କର ସ୍ୱସ୍ତି ଅଥବା ଅବସର ନଥିଲା । ସେ ଥିଲେ ଗମ୍ଭୀର ଓ ଗମ୍ଭୀର ପ୍ରକୃତିର । ନିଜ ପାଇଁ କାଉନସିଲ୍‌ରେ ସେ ଏକ ସମ୍ମାନାସ୍ପଦ ସ୍ଥାନ ଆହରଣ କରି ପାରିଥିଲେ । ମଣ୍ଟେଗୁ-ଚେମସ୍‌ଫୋର୍ଡ ଶଫର୍ମସ୍‌ର 'ଡାସ୍ୱାର୍କୀ' ବା ଦ୍ୱୈତଶାସନ ବରୁଦ୍ଧରେ ସେଇ ହୋଇଥିଲେ ଆକ୍ରମଣର ଉଦ୍ୟତ ଖଡ୍‌ଗ । ଆକ୍ରମଣ ଆରମ୍ଭ ହୋଇଥିଲା— ମନ୍ତ୍ରୀମାନଙ୍କର ବେତନ ପ୍ରସଙ୍ଗରୁ ।

ମଧୁସୂଦନ ଉତ୍ତର ଦେଲେ....''ଅନେକ ବକ୍ତୃତା ତ ଦେଇଥିଲ ଗତବର୍ଷ ! କେଉଁ ବକ୍ତୃତା କଥା ପଚାରୁଛନ୍ତି ଆପଣ ?''

''ସେଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ", ବାବୁ ଗଣେଶ ଦତ୍ତସିଂହ କହିଲେ....''ଏ ବର୍ଷର ବଜେଟ୍‌ରେ ଅବୈତନିକ ସ୍ୱାୟତ୍ତ-ଶାସନ-ମନ୍ତ୍ରୀଙ୍କର ବ୍ୟବସ୍ଥା କରିବା ପାଇଁ !''

Digitized by srujanika@gmail.com

ମଧୁସୂଦନ. କହିଲେ....“କନ୍ତୁ ମୁଁ ମଧ୍ୟ କହିଥିଲି ‘God helping’—ଭଗବାନ ସହାୟକ ହେଲେ ।”

ବସ୍ତୁତଃ ଗତବର୍ଷ ବଜେଟ୍-ଅଧିବେଶନରେ ୬୧ ଜଣ ଫେବୃୟାରୀ ଦିନ, ମଧୁସୂଦନ ଭାଷଣ ପ୍ରସଙ୍ଗରେ କହିଥିଲେ—“I hope when this Council meets next year to discuss the Budget (God helping) to place before the Council a scheme in which an honorary Minister of L. S. G. finds a place.”

ବାବୁ ଗଣେଶ ଦତ୍ତସିଂହଙ୍କ ପ୍ରଶ୍ନରେ ଥିଲା, ସେଇ ଭାଷଣ ପ୍ରତି ଇଙ୍ଗିତ ।

ଗଣେଶ ଦତ୍ତସିଂହ ଶ୍ଲେଷ କଣ୍ଠରେ ଟିପ୍‌ପଣୀ କଲେ....“କନ୍ତୁ ଏ ପ୍ରଶ୍ନ ଉତ୍ତରକୁ ଆପଣ ଭଗବାନଙ୍କୁ ଆଣୁଛନ୍ତି କାହିଁକି ମିଷ୍ଟର୍ ଦାସ୍ ?”

“ଭଗବାନ ବିନା ହୁଜ୍ ଏକ୍‌ସେଲେନ୍‌ସୀଙ୍କ ହୃଦସ୍ପନ୍ଦନ ବଦଳାଇ ପାରିବେ ! ମୋର ସବୁ ଚେଷ୍ଟା ତ ଏ ପର୍ଯ୍ୟନ୍ତ ବ୍ୟର୍ଥ ହୋଇଗଲା ! ଯଦି ଭଗବାନଙ୍କୁ ଏହା ଉତ୍ତରକୁ ଆଣିବା ପାଇଁ ଆପଣଙ୍କର ଆପତ୍ତି; ତା ହେଲେ ଆପଣ ନଜେ ତ ଜଣେ ପ୍ରତିନିଧି ଓକଲ । ଆପଣଙ୍କୁ ମୁଁ ଓକାଲତନାମା ଦେଉଛି; ସ୍ୱାସ୍ଥ୍ୟ ଶାସନ-ବିଭାଗର ଅବୈତନିକ ମନ୍ତ୍ରୀତ୍ୱ ପାଇଁ ଲେଫ୍‌ଟେନ୍ଣ୍ଟ-ଗଭର୍ଣ୍ଣରଙ୍କୁ ରାଜି କରାଇ ପାରିଲେ; ମୋ ପକ୍ଷରୁ ଆପଣ କୌଣସି ପ୍ରତିରୋଧ ପାଇବେ ନାହିଁ”—ମଧୁସୂଦନ ଉତ୍ତର ଦେଲେ ।

ଗଣେଶ ଦତ୍ତସିଂହ ଅପ୍ରସନ୍ନ କଣ୍ଠରେ କହିଲେ....“ଆପଣ ତ ଓକିଲ ହିସାବରେ ମୋ ଠାରୁ ଆହୁରି ପ୍ରତିଭ ! ସେଇଥିପାଇଁ ସତ୍ୟ ଏ କୈଫିୟତ !”

ମଧୁସୂଦନ ଶାଣିତ କଣ୍ଠରେ ଉତ୍ତର ଦେଲେ...“ମିଷ୍ଟର୍ ଦାସ୍, କାହାକୁ କେବେ କୌଣସି କୈଫିୟତ ଦିଏ ନାହିଁ; ବାବୁ ଗଣେଶ ଦତ୍ତସିଂହ !”

ସେ ଦିନ ସେଇ ଅପ୍ରୀତିକର ପରିସ୍ଥିତିରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା, ସେଇଠାରେ !

ବସ୍ତୁତଃ କେବଳ ବିହାର-ଓଡ଼ିଶା କାଉନସିଲ୍‌ରେ ନୁହେଁ; ସ୍ୱରାଜରେ ଅନ୍ୟ ପ୍ରଦେଶ ମାନଙ୍କରେ ମଧ୍ୟ, ମଣ୍ଟେଗୁ-ଚେମସଫୋର୍ଡ଼-ସଂସ୍କାର ପ୍ରବର୍ତ୍ତିତ ଦ୍ୱୈତ-ଶାସନ ପ୍ରଣାଳୀ ବିରୁଦ୍ଧରେ ଆକ୍ରମଣ ତେଜ ଉଠିଥିଲା; ମନ୍ତ୍ରୀ ମାନଙ୍କର ବେତନକୁ କେନ୍ଦ୍ର କରି । ବ୍ରିଟିଶ-ଶାସନର କୃଟନୀତି, ଏକ ପକ୍ଷରେ ନଟାଚତ ବା ମନୋନୀତ ମନ୍ତ୍ରୀ ମାନଙ୍କର ସହାୟତାରେ ମଣ୍ଟେଗୁ-ଚେମସଫୋର୍ଡ଼ ଶାସନ-ସଂସ୍କାରକୁ ସାର୍ଥକ ଓ ସଫଳ କରିବା ପାଇଁ ଯେପରି ବ୍ୟାକୁଳ ଥିଲା; ଅପର ପକ୍ଷରେ ସେହି ମନ୍ତ୍ରୀମାନଙ୍କୁ ସାଧାରଣରେ ସମାଲୋଚିତ ଓ ଭର୍ତ୍ସିତ କରିବା ପାଇଁ ମଧ୍ୟ ସେହିପରି ଥିଲା ଅଭିପ୍ରେତ । ସେଥିପାଇଁ ଗଭର୍ଣ୍ଣମେଣ୍ଟ-ଅଫ୍-ଇଣ୍ଡିଆ ଆକ୍ଟ୍‌ର ୫୨ ଧାରାରେ ଲେଜିସଲେଟିଭ-କାଉନସିଲ୍‌ର (ସରକାରୀ ମନ୍ତ୍ରୀ)

Digitized by srujanika@gmail.com

ମାନଙ୍କର ବେତନ ସହିତ ସମତୁଲ୍ୟ ହେବ ବୋଲି ବ୍ୟବସ୍ଥା ରହିଥିଲେ ସୁଦ୍ଧା, ସେକ୍ରେଟାରୀ-ଅଫ୍ ଷ୍ଟେଟ୍‌ଙ୍କ ନିଷ୍ପତ୍ତି ଅନୁସାରେ, ଏକଜକ୍ୟୁଟିଭ-କାଉନସିଲ୍‌ରମାନଙ୍କର ବେତନ ଥିଲା 'ନନ୍-ସ୍ପେଣ୍ଡେଡ୍' (କାଉନସିଲ୍ ବଜେଟ ବା ସ୍ପେଣ୍ଡର ପରିସୀମା ଉଦ୍ଧ୍ୱର୍ରେ) କିନ୍ତୁ ମନ୍ତ୍ରୀ ମାନଙ୍କର ବେତନ ଥିଲା "ସ୍ପେଣ୍ଡେଡ୍" । ସମ୍ବିଧାନର ଏହି ବ୍ୟବସ୍ଥାକୁ ଆଲ କରି, ମନ୍ତ୍ରୀମାନଙ୍କର ବେତନ ବୃଦ୍ଧିରେ ସ୍ୱରଭରେ ସ୍ୱଦଳ ଆରମ୍ଭ ହୋଇଥିଲା ପ୍ରବଳ ଆନ୍ଦୋଳନ । ଏହି ଆନ୍ଦୋଳନର ନେପଥ୍ୟରେ, ଇର୍ଷ୍ୟାଭୁର, ମନ୍ତ୍ରୀପଦାକାଂକ୍ଷୀ ମାନଙ୍କର ନୈରାଶ୍ୟ ମଧ୍ୟ ଯେ ଇନ୍ଧନ ଯୋଗାଇ ନଥିଲା, ନୁହେଁ ! ବଙ୍ଗଳା-ପ୍ରଦେଶର ତତ୍କାଳୀନ ସ୍ୱାୟତ୍ତ-ଶାସନ ମନ୍ତ୍ରୀ (ଏକାଧିକବାର କଂଗ୍ରେସ ସଭାପତି ମଧ୍ୟ) ସୁରେନ୍ଦ୍ର ନାଥ ବାନାର୍ଜୀ ଏହି ପ୍ରତି ଆକ୍ଷେପ କରି ନିଜ ଆତ୍ମ-ଚରିତରେ ଲେଖିଛନ୍ତି...

"Almost from the very moment that the Bengal Legislative Council was constituted, the Extremist Press raised the cry for a reduction of the salaries of the Ministers. It was taken up with greedy avidity by disappointed ministerial office bearers."•

କିନ୍ତୁ ଏ ଆନ୍ଦୋଳନ ଅନେକାଂଶରେ ପୂର୍ବଧାବାପା ଗୁଜୁଗାତ ଦ୍ୱାରା ପ୍ରଣୋଦିତ ଥିଲା, ସନ୍ଦେହ ନାହିଁ । ୧୯୧୮ ସାଲ ସେପ୍‌ଟେମ୍ବର ମାସରେ ବମ୍ବେ ଠାରେ, ହାସାନ୍ ଇମାମ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ, କଂଗ୍ରେସର ବିଶେଷ ଅଧିବେଶନରେ, ମନ୍ତ୍ରୀମାନଙ୍କର ବେତନ ଓ ପଦବୀ, ଏକଜକ୍ୟୁଟିଭ୍-କାଉନସିଲ୍‌ରମାନଙ୍କର ସମତୁଲ୍ୟ ହେବା ଉଚିତ ବୋଲି ଦାବି କରି ଏକ ପ୍ରସ୍ତାବରେ ଘୋଷଣା କରାଯାଇଥିଲା ।

"The status and salary of the Minister shall be the same as those of the Members of the Executive Council."

୧୯୧୮ ସାଲ ନଭେମ୍ବର ମାସରେ ବମ୍ବେଠାରେ ଅନୁଷ୍ଠିତ, 'ମଡରେଟ୍-ପାର୍ଟି' (Moderate Party)ର ପ୍ରଥମ ବାର୍ଷିକ ଅଧିବେଶନରେ ମଧ୍ୟ ଅନୁରୂପ ସିଦ୍ଧାନ୍ତ ଗୃହୀତ ହୋଇଥିଲା ।

"That the status and emoluments of the Ministers should be identical with those of the Executive Councillors."

ମୁସଲମ୍ ଲିଗ୍ ୧୯୧୮ ସାଲ ସେପ୍‌ଟେମ୍ବର ମାସରେ, ମହମ୍ମଦାବାଦ୍ ରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ, ବିଶେଷ ଅଧିବେଶନରେ ଉପରୋକ୍ତ ପ୍ରସ୍ତାବ ପ୍ରତି ଅକୁଣ୍ଠ ସମର୍ଥନ

• "A Nation in the Making"—By S. N. Banerjee-ପୃ. ୩୫୨

Digitized by srujanika@gmail.com

ଜ୍ଞାପନ କରିଥିଲେ । ସଙ୍ଗୋପରି ଇମ୍ପିରିଆଲ୍-ଲେଜସ୍‌ଲେଟିଭ କାଉନସିଲ୍‌ର "କମିଟି ଅଫ୍ ଦ ନନ୍-ଅଫିସିଆଲ୍ ମେମ୍ବରସ୍" ମନ୍ତ୍ରୀ ଓ ଏକଜକ୍ୟୁଟିଭ କାଉନସିଲ୍‌ର ବେତନ ଭଳି ପଦବୀରେ ସମତୁଲ୍ୟ ହେବା ଉଚିତ ବୋଲି ପରାମର୍ଶ ଦେଇ ନିଜ ରିପୋର୍ଟରେ ଲେଖିଥିଲେ...

"...that the Ministers be placed as regards pay and emoluments on a footing of equality with the Members of the Executive Councils."*

ଏସବୁ ପ୍ରାମାଣିକ ସିଦ୍ଧାନ୍ତ ଓ ଘୋଷଣା ସତ୍ତ୍ୱେ, ଖର୍ଚ୍ଚକାଟ ବା ରେଟ୍ରେଞ୍ଚମେଣ୍ଟ ନାମରେ, କେବଳ ମନ୍ତ୍ରୀମାନଙ୍କ ବେତନ କମାଇବା ପାଇଁ, ଭାରତରେ ସଂଜ୍ଞ ସେତେବେଳେ ଏକ ଆନ୍ଦୋଳନ ଆରମ୍ଭ ହୋଇ ଯାଇଥିଲା । ମାତ୍ର ଶାସନବ୍ୟୟ-ହ୍ରାସ ସମ୍ବନ୍ଧ ଏ ଦାବୀର ଯୁକ୍ତିସମ୍ପର୍କ ସେତେ ବେଶୀ ନଥିଲା । ବମ୍ବେ ପ୍ରଦେଶର ବଜେଟରେ ଓପନଙ୍ଗ ବାଲ୍ଲନସ୍ ବା ବଲକା ୩ କୋଟି ୨୫ ଲକ୍ଷ ଟଙ୍କା ଥିଲେ ହେଁ; ସେଠାରେ ମଧ୍ୟ ମନ୍ତ୍ରୀମାନଙ୍କର ବେତନ ହ୍ରାସ ପାଇଁ କମ୍ ଦାବୀ ଓ ସମାଲୋଚନା ଶୁଣାଯାଇ ନଥିଲା । ବିହାରରେ ସେତେବେଳେ ମନ୍ତ୍ରୀମାନଙ୍କର ବେତନ ଥିଲା ବାର୍ଷିକ ଷାଠିଏ ହଜାର ! ମାଦ୍ରାଜ, ବମ୍ବେ, ବଙ୍ଗଳା ଓ ଯୁକ୍ତପ୍ରଦେଶରେ ଏହାର ପରିମାଣ ଥିଲା ଚଉଷଠି ହଜାର ! କନ୍ତୁ ଆନ୍ଦୋଳନ ଓ ସମାଲୋଚନା ପ୍ରତି ଲକ୍ଷ୍ୟ ରଖି, ଉତ୍ତର-ପ୍ରଦେଶ ଓ ମାଦ୍ରାଜର ମନ୍ତ୍ରୀମାନେ ସ୍ୱେଚ୍ଛା-ପ୍ରଣୋଦିତ ଭାବରେ ନିଜ ବେତନ ମାସିକ ପୁର ହଜାର ଟଙ୍କା ବା ବାର୍ଷିକ ଅଠଉଣଶ ହଜାର ଟଙ୍କାକୁ କମାଇ ଆଣିଥିଲେ । ବିହାର-ଓଡ଼ିଶା କାଉନସିଲ୍‌ରେ ବ୍ୟୟହ୍ରାସ ପ୍ରସ୍ତାବରେ ବାବୁ ରଣେଶ ଦତ୍ତସିଂହଙ୍କ ଦାବୀ ମଧ୍ୟ ଥିଲା ସେଇଆ—ଯୁକ୍ତପ୍ରଦେଶ ଓ ମାଦ୍ରାଜ ପରି, ବିହାର-ଓଡ଼ିଶାରେ ମଧ୍ୟ ମନ୍ତ୍ରୀମାନେ ନିଜ ବେତନ ମାସିକ ଏକ ହଜାର ଟଙ୍କା ଉଣା କରନ୍ତୁ । କନ୍ତୁ ମଧୁସୂଦନଙ୍କ ବକ୍ତବ୍ୟ—ସେ ବିନା ବେତନରେ ମନ୍ତ୍ରୀ ହେବା ପାଇଁ ପ୍ରସ୍ତୁତ...କନ୍ତୁ ବେତନ ନେବାକୁ ପଡ଼େ ଯଦି, ତା ହେଲେ ଏକ୍‌ଜକ୍ୟୁଟିଭ କାଉନସିଲ୍ ମେମ୍ବରମାନଙ୍କ ବେତନଠାରୁ କାଣି କଉଡ଼ିଏ ପୂରା କମ୍ ନୁହେଁ ! ତାଙ୍କ ଦୃଷ୍ଟିରେ ଏହା ଥିଲା ମର୍ଯ୍ୟାଦାଗତ ପ୍ରଶ୍ନ ।

ଗତବର୍ଷର କାଉନସିଲ୍-ଭାଷଣରେ ମଧୁସୂଦନଙ୍କ ସେଇ ସଂକଳ୍ପ ଥିଲା ସୁସ୍ପଷ୍ଟ ! ୧୯୨୩ ସାଲ ବଜେଟରେ ଅବୈତନିକ ସ୍ୱାସ୍ଥ୍ୟ-ଶାସନ-ମନ୍ତ୍ରୀଙ୍କର ବ୍ୟବସ୍ଥା "ଭଗବାନଙ୍କ ଇଚ୍ଛାରେ" ହୋଇ ପାରିବ ବୋଲି, ସେ ଏକ ପ୍ରକାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସେଥିରେ ଆନ୍ତରିକତାର ଅଭାବ ଅବଶ୍ୟ ନଥିଲା—ମାତ୍ର ଆନ୍ତରିକତା ଅପେକ୍ଷା ଭାବୋଚ୍ଛ୍ୱାସ ଥିଲା ଅଧିକ ।

ଏବର୍ଷ ବଜେଟ ଅଧିବେଶନରେ ସେଇ ପ୍ରତିଶ୍ରୁତିକୁ କେନ୍ଦ୍ରକରି ବିପକ୍ଷରେ ସମାଲୋଚନା ଓ ଆନ୍ଦୋଳନ ପ୍ରବଳ ହୋଇ ଉଠିବା ସୁନିଶ୍ଚିତ । ଫଳାରୁଦ୍ଦୀନ ଶିକ୍ଷାମନ୍ତ୍ରୀ; ତାଙ୍କ ବିଭାଗରେ କର୍ମଚାରୀମାନେ ସ୍ୱାସ୍ଥ୍ୟ-ଶାସନ-ବିଭାଗର କର୍ମୀମାନଙ୍କ ପରି ତ ଅବୈତନିକ ନୁହନ୍ତି;—

* ଡେସ୍‌ପ୍ୟାଚ—ପୃ-୩୬୦

Digitized by srujanika@gmail.com

ସେଥପାଇଁ ସେ ଯାହା ଇଚ୍ଛା କରନ୍ତୁ । କନ୍ତୁ ଅବୈତନିକ କର୍ମୀମାନଙ୍କୁ ଯେନ ଗଠିତ ସ୍ୱାୟତ୍ତ-ଶାସନ ବତ୍ତ୍ୱରର ମନ୍ତ୍ରୀ ରାଜକୋଷରୁ ନଜେ ବେତନ ଗ୍ରହଣ କରିବା, ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ବତ୍ତ୍ୱମାସ୍ପ ସଦ୍ଦତଶ୍ଚଙ୍ଗଲାକୁ ଏହା ବନାସ କରେ; ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲ ।

ଏହା ପରଦନ (ଫେବୃସ୍ମାସ୍ପ ୭-୮, ୧୯୬୩) ମଧୁସୂଦନ ଲେଫନେଣ୍ଟ୍ ଗଭର୍ଣ୍ଣର ସାର୍ ଡବଲ୍ୟୁ ଷ୍ଟିଲରଙ୍କୁ ଲେଖିଲେ ଏକ ଦୀର୍ଘ ଚଠି । ଅବୈତନିକ ଭିତ୍ତରେ ମନ୍ତ୍ରୀତ୍ୱ ପାଇଁ ସେ ପ୍ରସ୍ତୁତ; ମାତ୍ର ଓକାଲତୀ ବ୍ୟବସାସ୍ପ ପାଇଁ ତାଙ୍କୁ ଅନୁମତି ମିଳିବା ଆବଶ୍ୟକ । ଓଡ଼ିଆ ଜାତିର ସେ ପ୍ରଥମ ଗ୍ରାଜୁଏଟ୍ ହୋଇ ଥିବାରୁ ଓଡ଼ିଶାର ସାଧାରଣ କ୍ଷେତ୍ରରେ ସବୁ କାର୍ଯ୍ୟ ପାଣ୍ଠି ଯୋଗାଇବାର ଦାସ୍ପିତ୍ୱ ତାଙ୍କର....ସେଇଥିପାଇଁତ ତାଙ୍କର ଅର୍ଥ ଆବଶ୍ୟକ··· ଏ କଥା ମଧ୍ୟ ଲେଫନେଣ୍ଟ-ଗଭର୍ଣ୍ଣରଙ୍କୁ ସ୍ମରଣ କରାଇ ଦେବାକୁ ସେ ଭୁଲ୍ ନଥିଲେ । ମଧୁସୂଦନ ସେଇ ଚଠିରେ ଲେଖିଥିଲେ···

"I am willing to work honorary, provided I am allowed to earn a living by practising as a Vakil. I shall not allow any professional work to interfere with my duties as a Minister. If I had private means to keep me above the ordinary needs of life, I would not have asked for permission to practice. I have been in public life for nearly forty years and being the first graduate of the Oriya race, my public life meant financing all public movements. I gave a small portion of my time to my professional work as my public duties took the greater portion of my time."

ମଧୁସୂଦନଙ୍କ ଏ ପତ୍ରଟି ନାତ ଦୃଷ୍ଟିରୁ ଯେପରି ଥିଲ ଯୁକ୍ତିସମ୍ପତ୍ତି, ତ୍ତିବ ଦୃଷ୍ଟିରୁ ସେହିପରି ଥିଲ ଆଦର୍ଶ ପ୍ରଣୋଦକ ! ମଧୁସୂଦନ ଆଉରି ପୁଣି ଲେଖିଥିଲେ,—ତ୍ତିରତାସ୍ପ ରାଜନୀତରେ ବ୍ୟକ୍ତିତ୍ୱର ପ୍ରତ୍ତିବ ଅନସ୍ପୀକାର୍ଯ୍ୟ । 'ଜନସମର୍ଥନ ଓ ସହଯୋଗ' ନେତୃତ୍ୱ ଓ ବ୍ୟକ୍ତିତ୍ୱର ପ୍ରତ୍ତିବରେ ହିଁ ସମ୍ଭବ ହୋଇପାରେ । ତ୍ୟାଗ ମଧ୍ୟରେ କେବଳ ସେପରି ନେତୃତ୍ୱ ଓ ବ୍ୟକ୍ତିତ୍ୱ ଆହରଣ କରାଯାଇ ପାରିବ । ଏ ସମ୍ପର୍କରେ ମହାତ୍ମାଗାନ୍ଧୀଙ୍କ ଉଦାହରଣ ଉଲ୍ଲେଖ କରି ମଧୁସୂଦନ ଏହି ପତ୍ରରେ ଲେଖିଥିଲେ.....

"In India personal influence is an important factor when we have to secure the active sympathy and co-operation of the people. Gandhi's activities in India have proved to demonstrate the value of sacrifice, as the price of personal influence."

Digitized by srujanika@gmail.com

ହୁଇଲର୍‌ଙ୍କୁ ପତ୍ର ଲେଖିବାର ଚଉଦଦିନ ପରେ……

ମଧୁସୂଦନ ଉଦ୍‌ବିଗ୍ନ ଚିତ୍ତରେ, ଅଫିସପ୍ରକୋଷ୍ଠରେ ପାଦଚାରଣା କରୁଥିଲେ । ହୁଇଲର୍‌ଙ୍କୁ ପତ୍ର ଲେଖିବାର ଚଉଦ ଘଣ୍ଟା ଦିନ ଅତୀତ ହୋଇଗଲା ! ତଥାପି ଏ ପର୍ଯ୍ୟନ୍ତ ଭାଙ୍ଗଠାରୁ କୌଣସି ଉତ୍ତର ମିଳିଲା ନାହିଁ । ପ୍ରସ୍ତାବରେ ହୁଇଲର୍ ରାଜି ହୋଇଗଲେ ମଧୁସୂଦନ ଏଇ ଅସ୍ୱସ୍ତିକର ପରିସ୍ଥିତିରୁ ରକ୍ଷା ପାଇଯାନ୍ତେ,—ଅରାଜି ହେଲେ ଭେଣ୍ଟିକ ବାବୁ ଗଣେଶ ଦତ୍ତ ସିଂହ ଓ ହୁଇଲର୍‌ଙ୍କ ମଧ୍ୟରେ ବୁଝାବୁଝି ! ଅନ୍ତତଃ ମଧୁସୂଦନଙ୍କ ଆଡ଼ୁ ପ୍ରତିଶ୍ରୁତିଭଙ୍ଗ ହେଲା ଅଥବା ପ୍ରତିଶ୍ରୁତି ପାଳନ ଦିଗରେ କୌଣସି ଉଦ୍ୟମ ହେଲା ନାହିଁ ବୋଲି, ଭାଙ୍ଗର କଠୋର ସମାଲୋଚକ ମାନେ ପୁଙ୍ଖା ଆକ୍ଷେପ କରି ପାରନ୍ତେ ନାହିଁ !

ଏହି ସମୟରେ ମଧୁସୂଦନଙ୍କ ପର୍ସନାଲ୍ ସେକ୍ରେଟାରୀ ଗଭର୍ଣ୍ଣରଙ୍କ ହୁଇଲର୍‌ଙ୍କ ଏକ ଜରୁରୀ ଚିଠି ଧରି ଆସି ଜଣାଇଲେ…"ଗଭର୍ଣ୍ଣମେଣ୍ଟ-ହାଉସ୍‌ରୁ ଏଇ ଚିଠିଟା ବର୍ତ୍ତମାନ ଆସିଛୁ ସାର୍ !"

ହୁଇଲର୍‌ଙ୍କ ଚିଠି ସଂକ୍ଷିପ୍ତ…ମଧୁସୂଦନଙ୍କ ପ୍ରସ୍ତାବିତ ଅବୈଚାରିକ ମନ୍ତ୍ରୀତ୍ୱ ପାଇଁ କୌଣସି ନାଜାର୍ ନଥିବା ଦୃଷ୍ଟିରୁ, ସେ ତାହା ପ୍ରତ୍ୟାଖ୍ୟାନ କରି ଲେଖିଥିଲେ…"I know of no precedent for such a position. I will be happy to discuss the matter should you wish to do so, but I regret that I do not see my way to accept your proposition."

ସ୍ୱତନ୍ତ୍ର ବାର୍ତ୍ତାବହ ହାତରେ ଗଭର୍ଣ୍ଣମେଣ୍ଟ-ହାଉସ୍‌ରୁ ଚିଠି ଆସିଛୁ ଶୁଣି, ଶୈଳବାଳା ଉଦ୍‌ବିଗ୍ନ ଚିତ୍ତରେ ଅଫିସ ଭିତରକୁ ପଶି ଆସି ପଚାରିଲେ…"ହୁଇଲର୍ କଣ ଲେଖିଛନ୍ତି ବାବା ?"

ମଧୁସୂଦନ ଚିନ୍ତିତ କଣ୍ଠରେ ଉତ୍ତର ଦେଲେ…"ମୋ ପ୍ରସ୍ତାବ ଗ୍ରହଣ କରିବା ପାଇଁ ତାଙ୍କ ପାଖରେ କୌଣସି ନଜର୍ ନାହିଁ ! ପୁଣି ମନ୍ତ୍ରୀ ସରକାରଙ୍କ କୌଣସି ଅଧସ୍ତନ ମାନ୍ଦ୍ରେଜ୍ କୋର୍ଟ୍‌ରେ ଠିଆ ହେବା ମଧ୍ୟ ଯଥାର୍ଥ ଅଯୌକ୍ତିକ !"

ସ୍ତବ୍ଧିର ଗୋଟାଏ ଦୀର୍ଘଶ୍ୱାସ ପକାଇ ଶୈଳବାଳା କହିଲେ…"ମୁଁ ଠିକ୍ ଜାଣିଥିଲି ବାବା, ହୁଇଲର୍ ଏଇପରି କିଛି ଗୋଟାଏ ଉତ୍ତର ଦେବେ !"

ମଧୁସୂଦନ ବସ୍ଫୋରଣ କରି ଉଠିଲେ…"ତୁ ଜାଣିଥିଲୁ ! ଆଉ ମୁଁ ଜାଣି ନଥିଲି ? ମୁଁ କଣ ତାହେଲେ ଆନ୍ତରିକତା ନଥାଇ ଗଭର୍ଣ୍ଣରଙ୍କୁ ଲେଖିଥିଲି ଏ ଚିଠି ?"

ବସ୍ଫୋରଣ ଆହୁରି ଉତ୍କଟ ହେବା ପୂର୍ବରୁ ଶୈଳବାଳା ସେଠାରୁ ସ୍କୁଲ୍ ଆସିଲେ ! ମଧୁସୂଦନ ଚିନ୍ତିତ ଚିତ୍ତରେ ଅଫିସ ପ୍ରକୋଷ୍ଠରେ ପାଦଚାରଣା କରି, ଗୋଟିଏ ପ୍ରଶ୍ନ କେବଳ ନିଜକୁ ନିଜେ ବାରମ୍ବାର ପଚାରୁଥିଲେ…ଏହାପରେ ? ଏହାପରେ ?

କିନ୍ତୁ ସେ ତାହାର କୌଣସି ଉତ୍ତର ଖୋଜି ପାଉ ନଥିଲେ !

●

Digitized by srujanika@gmail.com

ଏକାଦଶ ପରିଚ୍ଛେଦ

(ଏକ)

ବିହାର-ଓଡ଼ିଶା କାଉନସିଲ୍‌ରେ ଲୋକାଲ୍-ସେଲଫ୍-ଗଭର୍ଣ୍ଣମେଣ୍ଟ (ଆମେଣ୍ଡ୍ ମେଣ୍ଟ୍) ବଲ୍‌ର ଗୋଟିଏ ବିବାଦାସ୍ପଦ ଧାରା ଯେଉଁ ସରକାରୀ ପକ୍ଷ ଓ ବିରୋଧୀ ପକ୍ଷଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ତୁମୁଳ ତର୍କଯୁଦ୍ଧ ! ଜିଲ୍ଲାବୋର୍ଡର ଚେଆରମେନ ନିଯୁକ୍ତ ଯେଉଁ ଏ ବିତର୍କର ସୂତ୍ରପାତ । ସ୍ୱାସ୍ଥ୍ୟ-ଶାସନ-ବିଭାଗର ସେକ୍ରେଟାରୀ ମିଷ୍ଟର୍ ହାଲେଟ୍ ସ୍ୱାସ୍ଥ୍ୟ-ଶାସନ ଆଇନର ୧୯ ଧାରା (୫) ଉପଧାରାରେ ଗୋଟିଏ ନୂତନ ବ୍ୟବସ୍ଥା ଗର୍ଭି ପ୍ରସ୍ତାବ ଆଣିଥିଲେ....

"If the Members of the District Board fail to elect a Chairman within a period prescribed by sub-section (2) the Local Government may appoint a Chairman either by name or by virtue of his office."

ଏହାର ତାତ୍ପର୍ଯ୍ୟ—ଜିଲ୍ଲାବୋର୍ଡର ସଭ୍ୟମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କଣେ ଚେଆରମେନ୍ ନିର୍ବାଚିତ କରିବାରେ ବିଫଳ ହେଲେ, ସରକାର ସେପରି କ୍ଷେତ୍ରରେ କୌଣସି ବ୍ୟକ୍ତିବିଶେଷ ଅଥବା ସରକାରୀ ପଦାଧିକାରୀଙ୍କୁ ଚେଆରମେନ୍ ରୂପେ ନିଯୁକ୍ତ କରି ପାରିବେ ।

ନିରୂପିତ ସମୟ ମଧ୍ୟରେ ଜିଲ୍ଲାବୋର୍ଡର ସଭ୍ୟମାନେ କଣେ ଚେଆରମେନ୍ ନିର୍ବାଚିତ କରିବାରେ କି ପ୍ରତିବନ୍ଧକ ଥିଲା ବା ଥାଇପାରେ—ତାହା ଥିଲା ଅସ୍ପଷ୍ଟ । କିନ୍ତୁ ବିରୋଧୀ ପକ୍ଷର ଆଶଙ୍କା—କଲେକ୍ଟର ମାନଙ୍କ ପ୍ରଭାବରେ, ମନୋନୀତ ସରକାରୀ ସଭ୍ୟମାନଙ୍କୁ ଅଡ଼ୁଆର କରି; ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେଆରମେନ୍ ନିର୍ବାଚନ କରିବା ହୁଏତ ସମ୍ଭବ ହୋଇ ନପାରେ—ସେପରି କ୍ଷେତ୍ରରେ ସରକାର ନିଜ ସମ୍ପର୍କ ଥିବା ଅଥବା ନିଜକୁ ସୁହାଉଥିବା ଭଲ ବ୍ୟକ୍ତିବିଶେଷ ଅଥବା ପଦାଧିକାରୀଙ୍କୁ ଚେଆରମେନ୍ ରୂପେ ଗୋରୁମୁଣ୍ଡ ଆପିବା ଅସମ୍ଭବ ହେବ ନାହିଁ ! ସେଥିପାଇଁ ଗଣେଷ ଦତ୍ତସିଂହ, ବ୍ରଜ ବାହାଦୁର ଦ୍ୱାରକାନାଥ ଓ ନିରଞ୍ଜନ ନାରାୟଣ ସିଂହ ପ୍ରମୁଖ ବିରୋଧୀ ଦଳର ସଭ୍ୟମାନେ, ଏ ସଂଶୋଧନ ବିରୋଧରେ ତୀବ୍ର ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ । ଏକ ବାକ୍ୟରେ ସେମାନେ ଦାବୀ କରୁଥିଲେ—ଏ ବ୍ୟବସ୍ଥାର ବିଲୋପ ପାଇଁ ! ହାଲେଟ୍‌ଙ୍କ ଯୁକ୍ତି, କୈଫିୟତରେ ସେମାନେ ଆସ୍ତ ହୋଇ ପାରୁନଥିଲେ !

Digitized by srujanika@gmail.com

କନ୍ତୁ ମଧୁସୂଦନଙ୍କ ହେତୁବାଦୀ ଚନ୍ଦ୍ରାରେ, ବଗ୍ରେଧୀ ପକ୍ଷର ବଡର୍କ ବା ଯୁକ୍ତ କୌଣସି ରେଖାପାତ କରି ପାରୁ ନଥିଲ୍ । ଜଣ୍ଡାବୋର୍ଡ଼ମାନଙ୍କରେ କଲେଜ୍ଟରଙ୍କ ଦ୍ୱାରା କେତେକ ମନୋନୀତ ସଭ୍ୟ ରହିବେ ସତ୍ୟ । ଏପର ମନୋନୀତ ସଭ୍ୟମାନେ କଲେଜ୍ଟରଙ୍କ ଦ୍ୱାରା ପ୍ରଭାବିତ ହୋଇ, ନିର୍ଦ୍ଦିଷ୍ଟ ସମସ୍ତ ମଧ୍ୟରେ ଚେୟାରମେନ୍ ନିର୍ବାଚନ କରାଇ ନଦେବା ମଧ୍ୟ ତର୍କ ଦୃଷ୍ଟିରୁ ଅସମ୍ଭବ ନୁହେଁ ! କନ୍ତୁ ଜଣ୍ଡାବୋର୍ଡ଼ମାନଙ୍କରେ ଲୋକନିର୍ବାଚିତ ସଭ୍ୟମାନେ ତ ପୁଣି ରହିଛନ୍ତି । କଲେଜ୍ଟରଙ୍କ ପ୍ରଭାବରେ ସେମାନେ ପ୍ରଭାବିତ ହେବାକୁ ସିବେ କାହିଁକ ? ବା ହେବେ କପର ? ତାହେଲେ ସ୍ୱାସ୍ୱତ୍ତ-ଶାସନର ସଫଳତା କେଉଁଠି ରହିଲ ?

ବଗ୍ରେଧୀ ପକ୍ଷର ପ୍ରତ୍ୟୁତ୍ତର—ଯୁକ୍ତି ନୁହେଁ ।

ନିର୍ଜଳା ଆକ୍ଷେପ—ସେକ୍ରେଟାରିମାନଙ୍କ କଥାରେ "ହୁଁ ଜ" ନମାର ମନ୍ତ୍ରୀମାନଙ୍କର ଅନ୍ୟ ଗତ୍ୟନ୍ତର କାହିଁ ?

ସେମାନେ ମଧୁସୂଦନଙ୍କ କୌଣସି ବକ୍ତବ୍ୟ ଅନାସକ୍ତ ଭାବରେ ଗ୍ରହଣ କରି ପାରୁ-ନଥିଲେ । ସେମାନଙ୍କ ଯୁକ୍ତି—ଯୁକ୍ତପ୍ରଦେଶ ସ୍ୱାସ୍ୱତ୍ତ-ଶାସନ-ଆଇନରେ ଏପର ବ୍ୟବସ୍ଥା ନଥିବା ସ୍ଥଳେ ଏଠାରେ ଏପର ପ୍ରସ୍ତାବ କାହିଁକ ?

ଏପର ଆକ୍ଷେପପୂର୍ଣ୍ଣ ବଡର୍କ ମଧୁସୂଦନଙ୍କ ସ୍ୱାଭିମାନ ଓ ଅହଙ୍କାରକୁ ଘୋର ଆହତ କରିଥିଲ; ସନ୍ଦେହ ନାହିଁ ! ବଗ୍ରେଧୀ ପକ୍ଷର ଦାବୀ, ପୁଣି କାଉନସିଲ୍‌ରେ ବହୁ ପକ୍ଷ ମତକୁ ସେ ଗ୍ରହଣ କରି ନେଇଥିଲେ; ତାଙ୍କୁ ହୁଏତ ବିପର୍ଯ୍ୟସ୍ତ ସମ୍ମୁଖୀନ ହେବା ପାଇଁ ପଡ଼ି ନଥାନ୍ତା । ବସ୍ତୁତଃ କାଉନସିଲ୍‌ରେ ବହୁ ପକ୍ଷ ମତ ଯେପର ପ୍ରକାଶ ପାଇଥିଲ—ସେଥିରେ ଏ ସଂଶୋଧନ ଗୃହୀତ ହେବାର କୌଣସି ସମ୍ଭାବନା ନଥିଲ । କନ୍ତୁ ମଧୁସୂଦନଙ୍କ ଅନମନୀୟ ମନୋବୃତ୍ତିରେ ସାଲିସର ସ୍ଥାନ ମଧ୍ୟ ନଥିଲ । କାଉନସିଲ୍‌ରେ ଏ ସଂଶୋଧନ ଗୃହୀତ ନହେବା ବା ହୋଇ ନ ପାରିବା—ସ୍ୱାସ୍ୱତ୍ତ-ଶାସନ ବଗ୍ରର ମନ୍ତ୍ରୀଙ୍କ ପ୍ରତି ସନ୍ଦେହ ଓ ଅନାସ୍ଥା ଛଡ଼ା ଆଉ କ'ଣ ହୋଇପାରେ ? କନ୍ତୁ ନିର୍ବାଚିତ ମନ୍ତ୍ରୀମାନଙ୍କ ପ୍ରତି ଯଦି ଜନସାଧାରଣଙ୍କ ଆସ୍ଥା ଓ ପ୍ରତ୍ୟସ୍ଥ ନରହେ; ତାହେଲେ ଗଣତନ୍ତ୍ର-ପରିକଳ୍ପିତ ଦାସ୍ୱିତ୍ୱମୂଳକ ଶାସନ ସଫଳ ହୋଇ ପାରିବ କପର ?

ଯଦି ମନ୍ତ୍ରୀଙ୍କ ପ୍ରତି କାଉନସିଲ୍ ସଭ୍ୟମାନଙ୍କର ପ୍ରତ୍ୟସ୍ଥ ନଥାଏ ବା ସେ ଯଦି ସେମାନଙ୍କର ଆସ୍ଥା ହରାଇଥାନ୍ତି; ତାହେଲେ ଅନ୍ତତଃ ଏକ ତୃତୀୟାଂଶ ସଭ୍ୟ ତାହା ସ୍ପଷ୍ଟ ଜଣାଇଦେବା ଉଚିତ—ତା' ହେଲେ ଛଅ ପନ୍ଦର ମଧ୍ୟରେ ମନ୍ତ୍ରୀତ୍ୱରୁ ସେ ଇସ୍ତଫା ଦେଇ ପାରିବେ ! କନ୍ତୁ ସେ ପର୍ଯ୍ୟନ୍ତ ସେ ମନ୍ତ୍ରୀ ରୂପେ ରହିଛନ୍ତି; ସେ ପର୍ଯ୍ୟନ୍ତ ତାଙ୍କ ବାକ୍ୟରେ ସଭ୍ୟମାନଙ୍କୁ ଆସ୍ଥା ସ୍ଥାପନ କରିବା ପାଇଁ ପଡିବ । ସେଠାରେ ସାଲିସର ସ୍ଥାନ ନାହିଁ ! —ଏଇ ଥିଲ ମଧୁସୂଦନଙ୍କ ମନୋଭାବ ।

Digitized by srujanika@gmail.com

କୁହାଯାଇ ପାରେ—ଏପରି ଅନମନୀୟ ମନୋଭାବ ଅଗଣତାନ୍ତ୍ରିକ ଅହଙ୍କାର ବ୍ୟତୀତ ଅନ୍ୟ କିଛି ନୁହେଁ । କିନ୍ତୁ ଗଣତନ୍ତ୍ରର ଦ୍ୱାହି ଦେଇ, ନିଜର ଆସନ ରକ୍ଷାପାଇଁ ଅନେକ ସମୟରେ ଯେପରି ନିଜର ବଜ୍ରରସ୍ପିଚ୍ଛ ସିଦ୍ଧାନ୍ତ ଓ ବିବେକ ସହିତ ସାଲସ୍ କରିବା ପାଇଁ ପଡିଥାଏ; ତାହାର ଜୀବନ୍ତ ଓ ସଜ୍ଜୀବନ୍ତ ଦୈନ୍ୟ ତୁଳନାରେ, ଏପରି ଅନମନୀୟତା ଯେ ବହୁ ଗୁଣରେ ଶ୍ରେୟସ୍କର—ସେଥିରେ କଣ ଦ୍ୱିମତ ଥାଇପାରେ ? ବସ୍ତୁତଃ ଗଣତନ୍ତ୍ରର ଅଭିବ୍ୟକ୍ତ ପ୍ରତି ଲକ୍ଷ୍ୟ ରଖିଲେ, ଦେଖାଯିବ,—ଏହିପରି ଅନମନୀୟତା ମଧ୍ୟରେ ହିଁ କାଳେ କାଳେ ଗଣତାନ୍ତ୍ରିକ ଶାସନାଦର୍ଶ ପରପୁଷ୍ଟ ହୋଇ ଆସିଛୁ । ସୁବିଧାବାଦୀ ସାଲସ୍ ମଧ୍ୟରେ ନୁହେଁ ।

ବିତର୍କର ଉତ୍ତର ଦେବାକୁ ଯାଇଁ ମଧୁସୂଦନ ଜ୍ୱଳନ୍ତ ପ୍ରସଙ୍ଗରେ ବକ୍ଷୁବ୍ଧ କାଉନସିଲ୍ ପ୍ରତି ନିକ୍ଷେପ କଲେ ଏକ ଦୁର୍ବୀନତ ଚ୍ୟାଲେଞ୍ଜ୍…

"Well if you want let me tell you in right earnest that if the country wants to develop a responsible Government, they must trust their Ministers. If they cannot trust their Ministers, let one third of the elected Members send a requisition to him saying "We have no confidence in you", you will find the resignation here within six hours."*

ମଧୁସୂଦନଙ୍କ ଏ ଚ୍ୟାଲେଞ୍ଜ୍‌କୁ ବିରୋଧୀପକ୍ଷ ମାନବରେ ଗଲାଧଃକରଣ କରିବା ଅବସ୍ଥାରେ କିନ୍ତୁ ନଥିଲେ ! ବିତର୍କିତ ଧାଡ଼ି ଉପରେ ବିରୋଧୀ ପକ୍ଷରୁ ଦାବି ହେଲା ଭୋଟ୍‌ଜନ । ଭୋଟ୍‌ଜନରେ ଦେଖାଗଲା ସପକ୍ଷରେ ୧୯ ଓ ବିପକ୍ଷରେ ୬୭ ଭୋଟ ! ମଧୁସୂଦନ ଭୋଟ୍‌ଜନବେଳେ ସପକ୍ଷରେ ଭୋଟ ନଦେଇ, ବସି ରହିଲେ ଅନାସକ୍ତ ପରି ! ନିଜ ସପକ୍ଷରେ ନିଜେ ଭୋଟ ଦେବା ତାଙ୍କ ଆତ୍ମସମ୍ମାନ ବୋଧକୁ ଆହତ କରୁଥିଲା ।

ଭୋଟ୍‌ଜନର ଫଳାଫଳ ଘୋଷିତ ହେବା ମାତ୍ରେ ବିରୋଧୀ ପକ୍ଷର ଆସନରୁ ଲମ୍ଫ ଦେଇ ନରସୁନାଗ୍ସ୍ୱଣ ସିହ୍ନା ଚତ୍କାର କରି ଉଠିଲେ

…"Now resign"

ମନ୍ତ୍ରୀଙ୍କ ପ୍ରତି ଆସ୍ଥାର ଅଭାବ, ଏଇ ଭୋଟ୍‌ଜନରେ ତ ହାତେ ହାତେ ପ୍ରମାଣିତ ହୋଇଗଲା !

ମଧୁସୂଦନ ଅବିଚଳିତ ଭାବରେ ଆସନରୁ ଉଠି ଉତ୍ତର ଦେଲେ…ଠିକ୍ ଅଛୁ; କାଲି ସକାଳେ ପାଇବ ମୋର ରିଜିଗ୍ନେସନ… "Very well, I shall send in my resignation, you shall have my resignation tomorrow."*

---

* Bihar and Orissa Legislative Council Debates of 23.2.1923.

* ଭବିଷ୍ୟତ ।

Digitized by srujanika@gmail.com

ମଧୁସୂଦନଙ୍କ ଏ ନଶ୍ୱନ ଘୋଷଣା ପରେ, କାଉନସିଲ୍ ପ୍ରକୋଷ୍ଠରେ ସବୁ କୋଲାହଳ ମୁହୂର୍ତ୍ତିକ ମଧ୍ୟରେ ନୀରବ ହୋଇଗଲା । ମଧୁସୂଦନ କଥା କଥାକେ ଯେ ଏପରି ଇସ୍ତଫା ଦେଇ ବସିବେ; ଏହା ତାଙ୍କର କଠୋରତମ ସମାଲୋଚକମାନେ ସୁଦ୍ଧା ଆଶା କରି ନଥିଲେ । ବନ୍ଧୁ ସହକର୍ମୀ ଓ ସମର୍ଥକମାନେ ତ ସ୍ତବ୍ଧ ହୋଇ ଯାଇଥିଲେ ।

ମଧୁସୂଦନଙ୍କ ସହକର୍ମୀ ମନ୍ତ୍ରୀ ଫକ୍‌ରୁଦ୍ଦୀନ ପ୍ରାସ୍ନ ଆର୍ତ୍ତନାଦ କରି ଉଠିଲେ....“ଏ ଆପଣ କଣ କଲେ ମିଷ୍ଟର୍ ଦାସ ?”

ହାଲେଣ୍ଟ୍ ଉଦ୍‌ବଗ୍ନ କଣ୍ଠରେ ପଗ୍ଭରିଲେ....“ଏଇ ଓଉଜନର ଫଳାଫଳ କଣ ଅନାସ୍ଥାର ପରସ୍ପ୍ୟକ ?”

ଏହପରି ଗୁଞ୍ଜରଣ ଓ ଉତ୍ତେଜନା ମଧ୍ୟରେ କାଉନସିଲ୍‌ର ଅଧ୍ୟକ୍ଷ ଘୋଷଣା କଲେ.... ଅଧିବେଶନ ୨୭ ତାରଖ ସୋମବାରକୁ ମୁଲତ୍ତବା ରହିଲା ।

ଲଗାରେ ମଧୁସୂଦନଙ୍କୁ ଯେଉ ସମର୍ଥକ ପୁଣି ବିପକ୍ଷରେ ଭୋଟ୍ ଦେଇଥିବା ବନ୍ଧୁ ସଭ୍ୟଙ୍କ ଭିଡ଼ ! ସମସ୍ତଙ୍କ କଣ୍ଠରେ ସେଇ ଏକ ଉଦ୍‌ବଗ୍ନ ଜିଜ୍ଞାସା....

“ଏ କଣ କଲେ ମିଷ୍ଟର ଦାସ୍ ?”

ମଧୁସୂଦନ କିନ୍ତୁ ନିରୁତ୍ତର ।

ବସ୍ୱର ସ୍ତରରେ ଆଗକୁ ଅଳ୍ପ ଝୁଙ୍କି ପଡ଼ିଥିବା ମଧୁସୂଦନଙ୍କ ଶୀର୍ଣ୍ଣ ମୂର୍ତ୍ତି, ସେଇ କୋଲାହଳ ଏଡ଼ାଇ, ନଶ୍ୱନ ପାଦରେ ଅଦୃଶ୍ୟ ହୋଇଗଲା । କାଉନସିଲ୍‌ର ଅନେକ ସଭ୍ୟ, ଯେଉଁମାନେ ଓଉଜନ ବେଳେ ସଂଶୋଧନ ବିରୁଦ୍ଧରେ ସୁଦ୍ଧା ରେଡ଼ ଦେଇଥିଲେ; ମଧୁସୂଦନଙ୍କ ନୀରବ ଉପେକ୍ଷା ମଧ୍ୟରେ, ସେମାନେ ପ୍ରତ୍ୟେକେ ଅନୁଭବ କରୁଥିଲେ ଅବଶ୍ୟ ଗ୍ଲାନି ଓ ଅନୁଶୋଚନା । ସବୁ ଅନୁଦାର ସମାଲୋଚନା ସତ୍ତ୍ୱେ ମଧୁସୂଦନଙ୍କ ଅନମନୀୟ ଆଦର୍ଶବାଦୀ ବ୍ୟକ୍ତିତ୍ୱ ପ୍ରତି ସେମାନଙ୍କର ଶ୍ରଦ୍ଧା ଥିଲା ଯେପରି ନବଡ଼, ଭଦ୍ର ମଧ୍ୟ ଥିଲା ସେଇପରି ପ୍ରଗାଢ଼ ।

କିନ୍ତୁ ମଧୁସୂଦନ ଏମିତି ହଠାତ୍ ଇସ୍ତଫା ଦେଇଦେବେ ବୋଲି ସେମାନେ କେହି କଣ ଆଶା କରିଥିଲେ କେବେ ?

ମଧୁସୂଦନ କାଉନସିଲ୍‌ରେ ଇସ୍ତଫା ଘୋଷଣା କରିଥିବାର ସମ୍ବାଦ ଲୋକମୁଖରେ ପ୍ରସ୍ତୁତ ହୋଇଯିବା ପାଇଁ ବିଳମ୍ବ ଲାଗି ନଥିଲା ! ଅଫିସରେ କେତେକ ଜରୁରୀ ଫାଇଲର ଲେଖା ଟୁଣ୍ଡେଇ ମଧୁସୂଦନ ବାସଭବନକୁ ଫେରିବା ମାନେ, ବିଶ୍ରାମ ନନେଇ, ପୁଣି ଘଣ୍ଟ ଆପିଲେ ଅଫିସ ପ୍ରକୋଷ୍ଠ ଭିତରକୁ ।

Digitized by srujanika@gmail.com

ଶୈଳବାଳା ଅନ୍ତଃପୁରରୁ ଧାଇଁ ଆସି ଉଦ୍‌ବିଗ୍ନ କଣ୍ଠରେ ପଚାରିଲେ···"ଆପଣ କୁଆଡ଼େ କାଲି ଇସ୍ତଫା ପଠାଇ ଦେବେ ବୋଲି କାଉନସିଲ୍‌ରେ କହି ଆସିଲେ ବାବା ?"

ମଧୁସୂଦନ ବିସ୍ମୟାବିଷ୍ଟ ହୋଇ ଉଠିଲେ...."ମୁଁ ଇସ୍ତଫା ଦେବି; ସେଥିରେ ତୋର ଯାଏ କେଉଁ, ଆସେ କେଉଁ ଶୈଳ ?"

ଆଉ ବେଶୀ ପ୍ରଶ୍ନ କଲେ, ଲଜ୍ଜିତା ବ୍ୟଙ୍ଗତ ଅନ୍ୟ ଫଳ ନାହିଁ ! ଶୈଳବାଳା ବେଦାହତ ପରି ସେଠାରୁ ଘରକୁ ଆସିଲେ ।

ଶୈଳବାଳା ପଳାଇ ଆସିଲେ ସତ୍ୟ—ମାତ୍ର ଟେଲିଫୋନ ତ ଆଉ ମଧୁସୂଦନଙ୍କ ବିସ୍ମୟାବିଷ୍ଟ ପ୍ରତ କଣ୍ଠିପାତ କରିବ ନାହିଁ ! ଘନ ଘନ ଟେଲିଫୋନରେ ମଧୁସୂଦନଙ୍କ ପ୍ରତ ବହୁ ବନ୍ଧୁ ଓ ସମର୍ଥକଙ୍କର ସେଇ ଜିଜ୍ଞାସା ଓ ଅନୁରୋଧ—ଇସ୍ତଫା ପ୍ରତ୍ୟାହାର ପାଇଁ !

ଦୁକାରେ ସୁଦ୍ଧା ପରିତୃପ୍ତି ନଥିଲା । ମଧୁସୂଦନ ଦୁକାନଲୀଟା ଫିଙ୍ଗି ଦେଇ ଅସ୍ଥିର ଭାବରେ ଇତସ୍ତତ ପାଦଚାରଣା କରି ସ୍ୱଗତୋକ୍ତି କରିବା ପରି ନିଜକୁ ନିଜେ ପଚାରୁଥିଲେ··· "ଇସ୍ତଫା ଦେବାଟା ମୋ ପକ୍ଷରେ କେଉଁ ବଡ଼ କଥା ?"

କେଉଁ କୁକ୍ଷଣରେ ସେ ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ କେଜାଣି, ସେଇ ଦିନୁ କେତେ ଶୀଘ୍ର ଜପରି ସେ ଇସ୍ତଫା ଦେବେ; ତାହା ହିଁ ହୋଇଥିଲା ତାଙ୍କର ଦିବା ସ୍ୱପ୍ନର ଚିନ୍ତା ! ଅସହଯୋଗୀ ମାନଙ୍କର ଅପପ୍ରଚାର ଫଳରେ ମନ୍ତ୍ରୀରୂପେ ସେ ଜନସାଧାରଣଙ୍କ ଆସ୍ଥା ହରାଇଥିଲେ ପୁଣି ଅନମନୀୟ ମନୋଭାବ ହେତୁ, ତାଙ୍କ ପ୍ରତ ସରକାସ୍ଥ କର୍ତ୍ତା ମାନଙ୍କର ମଧ ବିଶ୍ୱାସ ନଥିଲା । ମଣ୍ଟେଗୁ ଚେମସ୍‌ଫୋର୍ଡ଼ ଶିଫର୍ମସରେ ମନ୍ତ୍ରୀତ୍ୱର ଅନୁଭୂତ ମଧ ତାଙ୍କ ପକ୍ଷରେ ଥିଲା ଅତ୍ୟନ୍ତ ଅସ୍ୱସ୍ତିପୂର୍ଣ୍ଣ । ମନ୍ତ୍ରୀମାନଙ୍କର କ୍ଷମତା ଏଥିରେ ଥିଲା ଯେପରି ସାମାନ୍ୟ—ଅଧିକାର ମଧ ଥିଲା ସେହିପରି ସଙ୍କୁଚିତ । ସେ ନିଜେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ—ମାତ୍ର ତାଙ୍କ ଅଧୀନସ୍ଥ ଆଇ. ଏମ୍. ଏସ୍. ଅଫିସରମାନଙ୍କ ଉପରେ ତାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ ! ଅଥଚ ସ୍ୱାସ୍ଥ୍ୟ ବିଭାଗରେ ଯେଉଁ ସବୁ ତ୍ରୁଟି ବିଚ୍ୟୁତି ଘଟୁଛି; ସେଥିପାଇଁ ଯୁକ୍ତ ବିଭାଗର ଏହି ଆଇ. ଏମ୍. ଏସ୍. କର୍ତ୍ତା ମାନେହିଁ ଦାସ୍ୱୀ ! ସେମାନଙ୍କ ଦରମା ପୁଣି 'ନନ-ପ୍ରେକ୍ଟେଡ୍' ! ମନ୍ତ୍ରୀମାନଙ୍କ ଦରମା ପଚ୍ଛେ କାଉନସିଲ୍ ପ୍ରେକ୍ଟରେ ହ୍ରାସ ବୃଦ୍ଧି ହୋଇ ପାରିବ; କିନ୍ତୁ ଏଇ ଆଇ. ଏମ୍. ଏସ୍. ଅଫିସର ମାନଙ୍କର ପଦବୀ ଓ ବେତନ ସେକ୍ରେଟାସ୍ୱି ଅଫ୍ ଷ୍ଟେଟଙ୍କ ଦ୍ୱାସ୍ୱ ସୁରକ୍ଷିତ । ଜନ-ସାଧାରଣ ମନ୍ତ୍ରୀଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି; ମାତ୍ର ସେମାନଙ୍କ ଆଶା ଚରିତାର୍ଥ କରିବା ପାଇଁ ମନ୍ତ୍ରୀଙ୍କ ହାତରେ ସମ୍ବଳ ନାହିଁ; କିମ୍ୱା ତାଙ୍କଠାରେ କ୍ଷମତା ମଧ ନାହିଁ । ଏଇ ପରି ଗ୍ଲାନିକର ଅନୁଭୂତିରୁ ସେତ ସେଦିନ, କାଉନସିଲ୍‌ରେ ମନ୍ତ୍ରୀମାନଙ୍କୁ 'ପେସ୍ୱି' ସହିତ ତୁଳନା କରି ଗୋଟାଏ ଫାରସି ପଦ (ଶେର) ଆବୃତ୍ତି କରିଥିଲେ...

"କସ୍ ନା ଆସ୍ୱାଦ୍ ବଜେର ସାସ୍ୱ ଇ ବୁମ୍
ଓ୍ୱର ଦୁମା ଅଜ୍ ଯାହାଁ ସବଦ ମାଦୁମ୍ ।"

Digitized by srujanika@gmail.com

ଲୋକଦୃଷ୍ଟିରେ ମନ୍ତ୍ରୀମାନେ ସେଇ ଅମିତ କ୍ଷମତାଶାଳୀ "ହୁମା" ବା ଭୈରବ ପକ୍ଷୀ ଯିଏ ଦୁଇ ଦୁଇଟା ହାତୀକୁ ଗୋଡ଼ରେ ଧରି ନେଇପାରେ ଆଉ କେତେଟା ବଡ଼ ବଡ଼ ଜନ୍ତୁକୁ ମଧ୍ୟ ଅନ୍ତରୀକ୍ଷରେ ଉଠାଇ ନେଇ ପାରେ ! ମାତ୍ର ମନ୍ତ୍ରୀମାନଙ୍କର ପ୍ରକୃତରେ ସେପରି କୌଣସି କ୍ଷମତା ନାହିଁ । ମନ୍ତ୍ରୀ 'ହୁମା' (ଭୈରବ ପକ୍ଷୀ) ନୁହନ୍ତି, ମନ୍ତ୍ରୀ ହେଉଛନ୍ତି ପ୍ରକୃତରେ 'ବୁମ୍' (ପେଟ୍ରୁ) । ହାତୀ ବା ଜନ୍ତୁକୁ ଧରିବାତ ଦୂରର କଥା, ଗୋଟାଏ ଚିଡ଼ିଟିକିକୁ ଧରିବା ପାଇଁ ସୁଦ୍ଧା ସେମାନଙ୍କର କ୍ଷମତା ନାହିଁ !

ମନ୍ତ୍ରୀତ୍ୱ ପ୍ରତି ମଧୁସୂଦନଙ୍କର ଆଉ କୌଣସି ମୋହ ବା ଆକର୍ଷଣ ନଥିଲା ! କନ୍ତୁ ତାଙ୍କ ପ୍ରତି ଆପାତ ଅନାସ୍ଥା ମଧ୍ୟରେ ସେ କଣ ଦେବେ ଇସ୍ତଫା ? ଏହାର ଗ୍ରହଣା ସୁଦ୍ଧା ମଧୁସୂଦନଙ୍କ ଆତ୍ମମର୍ଯ୍ୟାଦାକୁ ପ୍ରବଳ ଗ୍ରବରେ ଆହତ କରୁଥିଲା । ଇସ୍ତଫା ଦେବାକୁ ପଡ଼େ ଯଦି, ତା'ହେଲେ ଗୋଟାଏ ମାତ ବା ଆଦର୍ଶବାଦର ପ୍ରତିଷ୍ଠା ପାଇଁ ଇସ୍ତଫା ନଦେଇ, ନରସୁ ନାଗ୍ୟୁଣ ସିଂ ଅଥବା ଗଣେଶ ଦତ୍ତସିଂହଙ୍କ ପରି କେତେଜଣଙ୍କର ଈର୍ଷାତୁର ଅଭିଯୁକ୍ତପୂର୍ଣ୍ଣ ଦାମ୍ଭରେ ସେ ଇସ୍ତଫା ଦେବାକୁ ଯିବେ କାହିଁକି ?

କାଉନସିଲ୍‌ରେ ସ୍ୱାସ୍ୱତ୍ତ-ଶାସନ (ଫଶୋଧନ) ବଲର ଗୋଟାଏ ଧାରା ବହୁ ମତରେ ଆସିଛି ହୋଇଯିବା, ବ୍ୟକ୍ତିଗତ ଗ୍ରବରେ କଣ ତାଙ୍କ ପ୍ରତି ଅନାସ୍ଥାର ପରିଘ୍ୟକ ? ମଧୁସୂଦନ ଅବଶ୍ୟ ଘୋଷଣା କରିଛନ୍ତି—କାଉନସିଲ୍‌ର ଏକ ତୃତୀୟାଂଶ ନଟାଚତ ସଭ୍ୟ ତାଙ୍କ ପ୍ରତି ଅନାସ୍ଥା ଜ୍ଞାପନର ନୋଟିସ ଦେଲେ ଛଅ ଘଣ୍ଟା ମଧ୍ୟରେ ସେ ଇସ୍ତଫା ଦେଇ ପାରନ୍ତେ କନ୍ତୁ ବଲ୍‌ର ଗୋଟିଏ ଧାରା ଉପରେ ଭୋଇଜନ୍‌ର ଫଳାଫଳ କଣ ଅନାସ୍ଥାଜ୍ଞାପନର ସେପରି ପ୍ରସ୍ତାବ ବୋଲ୍ ବବେଚତ ହୋଇପାରେ ?

ଇସ୍ତଫା ଦେବାର ପ୍ରତିଶ୍ରୁତି ଏଡ଼ାଇ ଦେବାପାଇଁ ମଧୁସୂଦନଙ୍କ ପକ୍ଷରେ ଏ କଣ ମାନସିକ ପ୍ରସ୍ତୁତି ? କୈଫିସ୍ୱତର ଚଠା ?....କନ୍ତୁ ମୁଷ୍ଟିମେସ୍ୱ କେତେଜଣଙ୍କ ଅପୂସ୍ୱାପୂର୍ଣ୍ଣ ସମାଲୋଚକଙ୍କୁ ତୃଷ୍ଟ କରିବାପାଇଁ ସେ ଇସ୍ତଫା ଦେବାକୁ ଯିବେ କାହିଁକି ? ଇସ୍ତଫା ସେ ଦେବେ ଯଦି; ତାହେଲେ ଦେବେ ତାଙ୍କ ଦ୍ୱାରା ନରୂପିତ ସମସ୍ତରେ ଓ ଏକ ନର୍ଦ୍ଦିଷ୍ଟ ମାତରତ ପ୍ରଶ୍ନ ଉପରେ.....କନ୍ତୁ କାଲ୍ ନୁହେଁ ! ଯେପରି ଅବଗ୍ରତ ଗ୍ରବରେ ସେ କାଉନସିଲରେ ଘୋଷଣା କରି ଆସିଲେ ଆସନ୍ତାକାଲି ଇସ୍ତଫାପତ୍ର ପଠାଇ ଦେବାପାଇଁ, ସେପରି ପଠାଇ ଦେଲେ ତ ପ୍ରତିଶ୍ରୁତି ହୋଇଯିବ—ମିଷ୍ଟର ଦାସ ଇସ୍ତଫା ଦେଲ୍ ଅନାସ୍ଥା ହେରୁ !

କନ୍ତୁ ଏ ପରସ୍ଥିତି ସ୍ୱୀକାର କରିବାପାଇଁ ମଧୁସୂଦନଙ୍କ ଅନମନୀୟ ବଦ୍ରୋହୀ ବ୍ୟକ୍ତିତ୍ୱ ପ୍ରସ୍ତୁତ ନଥିଲା ।

ପ୍ରଥମେ ଗଭର୍ଣ୍ଣର ଫ୍ଲାଇଲର୍‌ଙ୍କ ସହିତ ଆଲୋଚନା କରିବାପାଇଁ ପଡ଼ିବ—ଭୋଇଜନର ଫଳାଫଳ ସମ୍ପର୍କରେ ତାଙ୍କର କ ମତାମତ ? ସେ କଣ ବସ୍ତୁର କରନ୍ତି ?—ଏହା ବ୍ୟକ୍ତିଗତ ଗ୍ରବରେ ମଧୁସୂଦନଙ୍କ ପ୍ରତି କଣ ଅନାସ୍ଥାର ପରିଘ୍ୟକ ? ତା' ହେଲେ.....

Digitized by srujanika@gmail.com

ମଧୁସୂଦନ ଗଭର୍ଣ୍ଣର ହୁଇଲବ୍ରୁଙ୍କ ସେକ୍ରେଟାରୀଙ୍କୁ ଟେଲଫୋନ କଲେ, ସାକ୍ଷାତରେ ଗୋଟାଏ ଆପଏଣ୍ଟମେଣ୍ଟ ପାଇଁ । ସମୟଟା ଅବଶ୍ୟ ଅସମୟ; ତଥାପି ବିପତ୍ତି ଅତି ଗୁରୁତର ।

୬୭ ତାରିଖ ସୋମବାର ଦିନ କାଉନସିଲ୍‌ର ଅଧିବେଶନ ପୁଣି ଯଥାବଧି ଆରମ୍ଭ ହେଲା । ମନ୍ତ୍ରୀତ୍ୱରୁ ମଧୁସୂଦନଙ୍କ ଇସ୍ତଫା ଘୋଷଣା ଶୁଣିବା ପାଇଁ କାଉନସିଲ୍ ହଲ୍‌ରେ କେତ୍ୱ କେତ୍ୱ ଉଦ୍‌ବଗ୍ନ, ଆଉ କେତ୍ୱବା ଉତ୍କଣ୍ଠିତ ।

ପ୍ରଶ୍ନୋତ୍ତର ସମସ୍ତ ଉତ୍ତୀର୍ଣ୍ଣ ହେବା ପାଇଁ ସମସ୍ତଙ୍କର ପ୍ରତୀକ୍ଷା ।

ପ୍ରଶ୍ନୋତ୍ତର ସମସ୍ତ ଉତ୍ତୀର୍ଣ୍ଣ ହେବା ମାତ୍ରେ, ମଧୁସୂଦନ ଆସନରୁ ଉଠି କହିଲେ.... ତାଙ୍କର ଏକ ବକ୍ତବ୍ୟ ଅଛୁ....

"Sir on a point of personal explanation, I want to make a statement with reference to the vote....."

କନ୍ତୁ ଇସ୍ତଫା ଦେବା ବ୍ୟତୀତ ମଧୁସୂଦନଙ୍କର ପୁଣି ଆଉ କ ବକ୍ତବ୍ୟ ଥାଇପାରେ ? ....କାଉନସିଲ୍ ପ୍ରକୋଷ୍ଠରେ ଅଶାନ୍ତ ଗୁଞ୍ଜରଣ ।

ନରସୁ ନାଗ୍ୱଣ ସିଂ ଆସନରୁ ଲମ୍ଫ ଦେଇ ଉଠି, କାଉନସିଲ୍‌ର ପ୍ରେସିଡ଼େଣ୍ଟଙ୍କୁ ପଚାରିଲେ...."ମହାଶୟ ମାନ୍ୟବର ମନ୍ତ୍ରୀଙ୍କ ବକ୍ତବ୍ୟ କଣ ତାଙ୍କ ଇସ୍ତଫା ସମ୍ପର୍କିତ ? ଆଜ୍ଞ ସେ ଇସ୍ତଫା ଦେବେ ବୋଲ ପ୍ରତିଶ୍ରୁତି ଦେଇଥିଲେ ଯେ !"

ପ୍ରେସିଡ଼େଣ୍ଟ—"ବକ୍ତବ୍ୟ ଉପସ୍ଥାପିତ କରବାପାଇଁ ମନ୍ତ୍ରୀଙ୍କୁ ମୁଁ ଅନୁମତି ଦେଇଛୁ ! କନ୍ତୁ ବକ୍ତବ୍ୟର ବିଷୟବସ୍ତୁ ମୁଁ ବା ଜାଣିଛୁ କଣ ? ମନ୍ତ୍ରୀ ପ୍ରଥମେ ତାଙ୍କ ବକ୍ତବ୍ୟ ପ୍ରକାଶ କରି ସାରନ୍ତୁ...."

ମଧୁସୂଦନ ଶାନ୍ତ, ଅବଚଳିତ କଣ୍ଠରେ ନିଜର ବକ୍ତବ୍ୟ ପ୍ରକାଶ କଲେ....

"With reference to the Vote which was taken in Council on the 23rd instant on an amendment moved by Mr. Hallett affecting clause 5 of the Local-Self Government (amendment) Bill, I wish Sir, with your permission to make a personal statement. That, amendment was defeated and in consequence as Minister

Digitized by srujanika@gmail.com

in charge of Local Self Government I have seriously considered my position. Were it the case that I felt I had forfeited the confidence of the non-official members, I shall, as I have said before, at once resign. But I have since received the assurance of 16 out of 27 members who voted against the amendment that they intended nothing by this vote, beyond an expression of their opinion upon the amendment before the council and that they did not regard it as an expression of want of Confidence in myself personally. I have also consulted His Excellency the Governor as to the view taken by him of the incident and he authorises me to say that in his opinion there is no adequate evidence that the vote in question constitutes an expression of the wish of the non-official Members that I shall cease to serve in the capacity of Minister. In these circumstances, I feel that I still possess the confidence of the Council and I am honoured by the expression of it that they conveyed to me."•

ମଧୁସୂଦନଙ୍କ ବକ୍ତବ୍ୟର ତାତ୍ପର୍ଯ୍ୟ ହେଲା—ସ୍ୱାସ୍ଥ୍ୟ-ଶାସନ (ସଂଶୋଧନ) ବଲର ପୂର୍ବୋକ୍ତ ଧାରା କାଉନସିଲ୍‌ରେ ନାକଚ୍ ହୋଇଯିବା ପରେ ବର୍ତ୍ତମାନ ମନ୍ତ୍ରୀ ରୂପେ, ସେ ନିଜର ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ପ୍ରସ୍ତାବିତ ସଂଶୋଧନର ବିପକ୍ଷରେ ଭୋଟ୍ ଫଳରେ ସେ ବେସରକାରୀ ସଭ୍ୟମାନଙ୍କର ଆସ୍ଥା ହରାଇଛନ୍ତି ବୋଲି ତାଙ୍କର ଦୃଢ଼ବୋଧ ହୋଇଥିଲେ, ପୂର୍ବ ପ୍ରତିଶ୍ରୁତି ରକ୍ଷା କରି ଆଜି ସେ ଇସ୍ତଫା ଦେଇଥାନ୍ତେ । କିନ୍ତୁ ଇତିମଧ୍ୟରେ ସଂଶୋଧନ ପ୍ରସ୍ତାବ ବିରୁଦ୍ଧରେ ଯେଉଁ ୨୭ ଜଣ ସଭ୍ୟ ଭୋଟ୍ ଦେଇଥିଲେ ସେମାନଙ୍କ ମଧ୍ୟରୁ ୧୬ ଜଣ ତାଙ୍କୁ ଜଣାଇ ଦେଇ ସାରିଲେଣି ଯେ, ସଂଶୋଧନ ପ୍ରସ୍ତାବ ବିରୁଦ୍ଧରେ ସେମାନଙ୍କର ଭୋଟ୍ ବ୍ୟକ୍ତିଗତ ଭାବରେ ମଧୁସୂଦନଙ୍କ ପ୍ରତି ଅନାସ୍ଥାଜ୍ଞାପକ ନୁହେଁ । ଏ ସମ୍ପର୍କରେ ଭୂତ୍ ଏକ୍‌ସେଲେନ୍‌ସୀ ଗଭର୍ଣ୍ଣରଙ୍କ ସହିତ ମଧ୍ୟ ସେ ପରାମର୍ଶ କରିସାରିଛନ୍ତି । ଗଭର୍ଣ୍ଣରଙ୍କ ମତରେ—ଡ଼ିଭିଜନ୍‌ର ଫଳାଫଳ ବ୍ୟକ୍ତିଗତ ଭାବରେ ମନ୍ତ୍ରୀଙ୍କ ପ୍ରତି ଅନାସ୍ଥାସୂଚକ ନୁହେଁ । ଏହି ପୃଷ୍ଠ-ଭୂମିରେ କାଉନସିଲ୍‌ର ଆସ୍ଥା ସେ ହରାଇଛନ୍ତି ବୋଲି ତାଙ୍କର ଦୃଢ଼ବୋଧ ହେଉନାହିଁ । ଅପରପକ୍ଷରେ କାଉନସିଲ୍‌ର ବହୁପକ୍ଷ ସଭ୍ୟ ତାଙ୍କ ପ୍ରତି ଆସ୍ଥା ଜ୍ଞାପନ କରିଥିବାରୁ ସେ କୃତଜ୍ଞତା ପ୍ରକାଶ କରୁଅଛନ୍ତି ।

ମଧୁସୂଦନଙ୍କ ବକ୍ତବ୍ୟ ଶେଷ ହେବା ମାତ୍ରେ, ନରସିଂହ ନାରାୟଣ ସିଂ ପ୍ରମୁଖଙ୍କ ପକ୍ଷରୁ କାଉନସିଲ୍ ପ୍ରକୋଷ୍ଠରେ ଆରମ୍ଭ ହୋଇଗଲା ବହୁ ବାଦାନୁବାଦ ପ୍ରଶ୍ନର ଝଡ଼ । ସେମାନଙ୍କର

• ବିହାର-ଓଡ଼ିଶା ଲେଜିସଲେଟିଭ୍ କାଉନସିଲ ବିବରଣୀ—ତା ୨୭-୨-୧୯୬୩

Digitized by srujanika@gmail.com

ଚାଖି, ମଧୁସୂଦନଙ୍କ ବକ୍ତବ୍ୟ ଉପରେ ଆଲୋଚନା ପାଇଁ । କନ୍ତୁ ପ୍ରେସିଡେଣ୍ଟ୍ ରୁଲିଙ୍ଗ୍ ଦେଲେ, ମନ୍ତ୍ରୀଙ୍କ ବବୃତ୍ତି ଉପରେ ଆଲୋଚନା କରିବା ପାଇଁ ହେଲେ; ନର୍ଦ୍ଦିଷ୍ଟ 'ମୋସନ୍' (motion) ଆସିବା ଆବଶ୍ୟକ ।

କନ୍ତୁ ମଧୁସୂଦନଙ୍କ ପ୍ରତି ଅନାସ୍ଥା ଘୋଷଣାରେ ଯେଉଁମାନେ ଥିଲେ ଶତମୁଖ— ସେମାନେ ପ୍ରେସିଡେଣ୍ଟ୍‌ଙ୍କ ନର୍ଦ୍ଦେଶ ମତେ, କୌଣସି ନର୍ଦ୍ଦିଷ୍ଟ 'ମୋସନ୍' ଆଣି ନଥିଲେ, ଅଥବା ଆଣି ପାରି ନଥିଲେ ! ମଧୁସୂଦନଙ୍କ ପ୍ରତି ଏହା ସେମାନଙ୍କ ଉଦାରତା ନଥିଲା— ବସ୍ତୁତଃ ଏହା ଥିଲା, ସେମାନଙ୍କ ଦୁର୍ବଳତାର ପରିଚୟ ! ମଧୁସୂଦନଙ୍କ ବରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଅଣା ଯାଇଥିଲେ, ତାହା ଯେ ବହୁ ଭୋଟରେ ନସ୍ୟାତ୍ ହୋଇଥାନ୍ତା; ସେଥିରେ ସେମାନଙ୍କର ସନ୍ଦେହ ନଥିଲା ! ସେଇଥିପାଇଁତ ନର୍ଦ୍ଦିଷ୍ଟ 'ମୋସନ୍' ଆଣିଲେ ନାହିଁ ସେମାନେ !

ମଧୁସୂଦନଙ୍କ ବରୁଦ୍ଧରେ ଅନାସ୍ଥାର ଘନଘଟା ମଧ୍ୟରେ, ତାଙ୍କ ପ୍ରତି କାଉନସିଲ୍‌ର ଆସ୍ଥା ଦ୍ୱିଂ ପ୍ରକାଶ୍ୟରେ ପ୍ରମାଣିତ ହୋଇଗଲା ।

ସେଦିନ ସନ୍ଧ୍ୟାରେ ମଧୁସୂଦନଙ୍କ ବାସଭବନରେ ପାଟ୍‌ନା-ପ୍ରବାସୀ ବହୁ ଓଡ଼ିଆଙ୍କ ଭିଡ଼ । ମଧୁସୂଦନ ଅବଶେଷରେ ମନ୍ତ୍ରୀତ୍ୱରୁ ଇସ୍ତଫା ଦେଇ ନଥିବାରୁ ସମସ୍ତେ ଆଶ୍ୱସ୍ତ; ସମସ୍ତେ ଉତ୍‌ଫୁଲ୍ଲ ! ଗୋଟିଏ ଦୁଃସ୍ୱପ୍ନର ଘର ଯେପରି ସ୍ମୃତିରୁ ଓହ୍ଲାଇ ଯାଇଛି ! ସେମାନଙ୍କ ମଧ୍ୟରେ ସେଦିନ ଥିଲେ, ପାଟ୍‌ନା ହାଇକୋର୍ଟରେ ନୂଆ ପ୍ରାକ୍‌ଟିସ୍ ଆରମ୍ଭ କରିଥିବା ତରୁଣ ଆଡ଼ଭୋକେଟ୍, ଗଜେନ୍ଦ୍ର ପ୍ରସାଦ ଦାସ !

—''ପ୍ରାକ୍‌ଟିସ୍ କିପରି ଚାଲୁଛି ଗଜେନ୍ଦ୍ର" ?—ସ୍ୱାଭାବିକ, ଲଘୁ କଣ୍ଠରେ ପଚାରିଲେ ମଧୁସୂଦନ ! ଆଜି ତାଙ୍କ ମୁଣ୍ଡରୁ ଗୋଟାଏ ଗୁରୁଭାର ଯେପରି ଓହ୍ଲାଇ ଯାଇଛି ! ଏଣିକି ସେ ମୁକ୍ତ ! ମନ୍ତ୍ରୀତ୍ୱରୁ ଇସ୍ତଫା ଦେବାର ପଥ ବର୍ତ୍ତମାନ ପରିଷ୍କାର ଓ ଅନାପେକ୍ଷିକ ! ଅନ୍ୟର ଦାବି ବା ପ୍ରସ୍ତାବରେ ନୁହେଁ ! ନିଜ ଇଚ୍ଛାରେ ନିଜ ବିଶ୍ୱାସ କରୁଥିବା ପ୍ରଶ୍ନ ଉପରେ ସେ; ଏଣିକି ଦେଇ ପାରିବେ ଇସ୍ତଫା ! ତା'ପରେ ଏଇ ପାଟ୍‌ନା ହାଇକୋର୍ଟରେ ସେ ଆରମ୍ଭ କରିବେ ପ୍ରାକ୍‌ଟିସ୍···ସଧୁସୂଦନଙ୍କ ମୁଣ୍ଡରେ ଏଇପରି ନାନା କଳପନା, ଯୋଜନାର ଭିଡ଼ !

ଗଜେନ୍ଦ୍ର ପ୍ରସାଦ ଉତ୍ତର ଦେଲେ···"ଏଠାରେ ବଡ଼ ବେଶୀ କମ୍ପିଟିସନ୍ ! ଓଡ଼ିଶାରୁ କେତେ କେସ୍ ବା ଆସୁଛି ପାଟ୍‌ନା ହାଇକୋର୍ଟକୁ ?"

''ହାଡ଼ଆ—ଟୁକା । ବସ, ବସ ଗଜେନ୍ଦ୍ର; ତୁମ ସହିତ ଅନେକ କଥାବାର୍ତ୍ତା ଅଛି ! ଟୁକା ଧୂଆଁର କୁଣ୍ଡଳୀ ଭିତରେ ମଧୁସୂଦନ ହଠାତ୍ ପ୍ରଗଲ୍‌ଭ ହୋଇ ଉଠିଲେ....''ଆଜି

Digitized by srujanika@gmail.com

କାଲର ଯୁବକମାନଙ୍କ ମଧ୍ୟରେ ଆଡ଼ଭେଞ୍ଚର୍ ନାହିଁ, ଷ୍ଟ୍ରଗଲ୍ ନାହିଁ ! ୧୮୮୧ରେ ମୁଁ ଯେତେବେଳେ କଂଜକ ଆସେ ପ୍ରାକ୍‌ଟିସ୍ କରିବା ପାଇଁ, ଗଜେନ୍ଦ୍ର ସେତେବେଳେ ଜାଣିଛ, ବାର-ଲାଇବ୍ରେଞ୍ଚରେ ବସିବା ପାଇଁ ମୋତେ ଖଣ୍ଡେ ଚଉକି ସୁଦ୍ଧା ସେଦିନ ମିଳ ନଥିଲା ! ସେ ଗ୍ଲୋଞ୍ଜ୍‌ର ମୁକାବଲା କରିଛୁ ଏଇ ମିଷ୍ଟର ଦାସ....ପାଟ୍‌ନାରେ ତ ତମ ପାଇଁ ସେପରି ପରିସ୍ଥିତି ନାହିଁ !"

ଗଜେନ୍ଦ୍ରପ୍ରସାଦ ଆସିଥିଲେ ମଧୁସୂଦନଙ୍କୁ ସାକ୍ଷାତ କରି, ସେ ଇସ୍ତଫା ଦେଇ ନଥିବା ସମ୍ବାଦରେ ଆସ୍ୱସ୍ତି ଓ ଅଭିନନ୍ଦନ ଜ୍ଞାପନ ପାଇଁ ! ମାତ୍ର ମଧୁସୂଦନ ହଠାତ୍ ଯେପରି ପ୍ରାକ୍‌ଟିସ୍, ଓକାଲତି ବ୍ୟବସାସ୍ୱ କଥା ଆରମ୍ଭ କରି ବସିଲେ; ତାହା ତାଙ୍କୁ ପ୍ରହେଳିକାପୂର୍ଣ୍ଣ ମନେ ହେଉଥିଲା ।

ମଧୁସୂଦନ ଆତ୍ମଚୌକି ଉପରୁ ଉଠିପଡ଼ି କହିଲେ...."ଅପେକ୍ଷା କର ଗଜେନ୍ଦ୍ର, ମୁଁ ଏଠାରେ ପ୍ରାକ୍‌ଟିସ୍ ଆରମ୍ଭ କଲେ, ମୋ ଘ୍ମ୍ବର୍‌ରେ ରୁମେଇ ହେବ କୁନ୍ଥଅର୍ !"

ଗଜେନ୍ଦ୍ରପ୍ରସାଦ ବସ୍ମିତ କଣ୍ଠରେ ପ୍ରଶ୍ନ କଲେ..."କନ୍ତୁ ଆପଣ ଯେ ମନ୍ତ୍ରୀ ? ପ୍ରାକ୍‌ଟିସ୍ କରିବେ କିପରି ?"

ମଧୁସୂଦନ ହସି ହସି ଉତ୍ତର ଦେଲେ...."ଚିଙ୍କୀ ସ୍ୱର୍ଗକୁ ଗଲେବି ସେଇ ଧାନକୁଟା ! ...ନାଁ। କଣ କହୁଛ ଗଜେନ୍ଦ୍ର ?"

ନିଜର ରସିକତାରେ ମଧୁସୂଦନ ଅଟ୍ଟହାସ କରି ଉଠିଲେ ।

(ଦୁଇ)

କାଉନସିଲ୍‌ରେ ବଜେଟ୍ ଡିମାଣ୍ଡ ଉପରେ ଆରମ୍ଭ ହୋଇଛୁ ଆଲୋଚନା....ବଜେଟ୍ ଡିମାଣ୍ଡ ସବୁ ଅନୁମୋଦିତ ହୋଇସିବା ପରେ ଅଧିବେଶନର ସମାପ୍ତି ! କନ୍ତୁ ମନ୍ତ୍ରୀରୂପେ, ମଧୁସୂଦନଙ୍କର ଏହାହିଁ ହେବ, ଶେଷ ବଜେଟ୍ ଅଧିବେଶନ ! ଜମେ ଅଧିବେଶନର ସମାପ୍ତି ଯେତିକି ନିକଟତର ହେଉଥିଲା, ମନ୍ତ୍ରୀତ୍ୱ ବନ୍ଧନରୁ ଅବ୍ୟାହତି ନେବା ପାଇଁ ତାଙ୍କର ଫଳତ୍ ସେତିକି ହେଉଥିଲା ଦୃଢ଼ତର । ଅପେକ୍ଷା କେବଳ ଉପଯୁକ୍ତ ସୁଯୋଗ ଓ ଅବକାଶ.....

୭ ତାରିଖ ମାର୍ଚ୍ଚ ୧୯୨୩...ଘଣ୍ଟି ପ୍ରାସ୍ୱ ଆଠଟା ! ଆସନ୍ତା କାଲି ସ୍ୱାସ୍ୱ୍ୟ-ଶାସନ ବଜେଟର ଡିମାଣ୍ଡ ଆଲୋଚନା ବେଳେ ଗଣେଶ ଦଉସିଂହ, ପୁଣି ଉଠାଇବେ, ମନ୍ତ୍ରୀମାନଙ୍କର ବେତନ-ହ୍ରାସର ସେଇ ପୁରୁତନ ବତର୍କ । ସେଥିପାଇଁ ଗଣେଶ ଦଉସିଂହ ଦେଇ

Digitized by srujanika@gmail.com

ସାଣ୍ଡଲେଣି କଂ୍ରେସ-ମୋସନ୍‌ର ନୋଟିସ୍ ! ମଧୁସୂଦନଙ୍କୁ ଗଣେଶ ଦର୍ତ୍ତସିଂହ ପୁଣି ଇର୍ଜିତପୂର୍ଣ୍ଣ ଆହ୍ୱାନ ଦେବେ, ଗତ ବଜେଟ୍ ଅଧିବେଶନରେ ପ୍ରତଶ୍ରୁତ ଅବୈତନିକ ସ୍ୱାସ୍ଥ୍ୟ-ଶାସନ ମନ୍ତ୍ରୀତ୍ୱ ଯୋଜନାର ପ୍ରସ୍ତାବ ଚଳତ ଅଧିବେଶନରେ ଆଗତ କରିବା ପାଇଁ ! ସେତେବେଳେ ତାହା ହିଁ ହେବ ଇସ୍ତଫା ପାଇଁ ଉପଯୁକ୍ତ ଅବକାଶ—ମଧୁସୂଦନଙ୍କ ସୋଚ୍ଚାର ଫକଲ୍ଟ ଗାରବ ଶପଥରେ ପରିଣତ ହୋଇଥିଲା । ମନ୍ତ୍ରୀତ୍ୱରୁ ଅବ୍ୟାହତ ନେବା ପୂର୍ବରୁ କେତେଟା ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ର ଜଞ୍ଜାଳ ମଧୁସୂଦନ ଗୋଟି ଗୋଟି କରି ଶେଷ କରି ନେଉଥିଲେ ।

"ଫକ୍‌ରୁଦ୍ଦୀନ୍ ସାହେବ, ଏତେ ଘଡିରେ ଆସିଛନ୍ତି ବାବା"—

ଶୈଳବାଳା ହଠାତ୍ ଅଫିସ ଭିତରକୁ ବ୍ୟସ୍ତ ସ୍ୱରରେ ପଶି ଆସି ଉଦ୍‌ବିଗ୍ନ କଣ୍ଠରେ ଘୋଷଣା କଲେ ! "କଣ କହିବ ତାଙ୍କୁ"?—ଶୈଳବାଳା ପଚାରିଲେ ।

ଅଳ୍ପ ପରେ ପୋର୍ଚ୍‌ରେ ଗୋଟିଏ ଗାଡ଼ୀ ରହିବାର ଶବ୍ଦ ଶୁଣି, ମଧୁସୂଦନ ସ୍ୱୀକାର କଲେ —ଡ୍ରିଏଡ ହ୍ୱାଲେଣ୍ଟ୍ ଆସିଛନ୍ତି । ହ୍ୱାଲେଣ୍ଟ୍‌ଙ୍କର ଆସିବାର ସମ୍ଭାବନା ଥିଲା ସକାଳେ, କେତେଟା ଫାଇଲ ସମ୍ପର୍କରେ ଆଲୋଚନା ପାଇଁ । କନ୍ତୁ ସହକର୍ମୀ ଫକ୍‌ରୁଦ୍ଦୀନ ଏଇ ଅସମୟରେ, ଏପରି ଆକସ୍ମିକ ସ୍ୱରରେ ଆସିବେ ବୋଲି, ମଧୁସୂଦନ ତ ଆଶା କରୁନଥିଲେ ।

ମଧୁସୂଦନ ଅପ୍ରସନ୍ନ କଣ୍ଠରେ କହିଲେ...."ଆସିବା ଆଗରୁ ଟେଲଫୋନ୍ କରି ଗୋଟାଏ ଆପଏଣ୍ଟ୍‌ମେଣ୍ଟ୍ ସ୍ଥିର କରିବାରେ କଣ ଅସୁବିଧା ଥିଲା ?"

କନ୍ତୁ ଶୈଳବାଳା ବା କଣ ଦେବେ ତାର ଉତ୍ତର ? ପୃଥୁଲକାୟ ଫକ୍‌ରୁଦ୍ଦୀନ୍‌ଙ୍କ ବର୍ତ୍ତୁଳ ଉଦରଟି ସେତେବେଳକୁ ପର୍ଦ୍ଦା ଆଡୁଆଳରେ ଉର୍ଦ୍ଧି ମାରି ଆସିଥିଲା । ଉପଚରିତ ଶୀତଳ ପୌଜନ୍ୟରେ ମଧୁସୂଦନ ଚଉଙ୍କାରୁ ଉଠି ଆମନ୍ତ୍ରଣ ଜଣାଇଲେ...."ଉସରଫ୍ ଲାଇଫ୍ଟେ ଫକ୍‌ରୁଦ୍ଦୀନ ସାହେବ :"

ପୌଜନ୍ୟ-ବନ୍ଧନସ୍ଥ ପାଇଁ ଫକ୍‌ରୁଦ୍ଦୀନଙ୍କର କନ୍ତୁ ସମସ୍ୟ ନଥିଲା । ସେ ଆସିଥିଲେ ଏକ ଉଦ୍‌ବେଗଜନକ ସମ୍ବାଦ ଘେନି..."ଏଇ ମାତ୍ର ମାକ୍‌ଫରସନ୍ ସାହେବଠାରୁ ଶୁଣି ଆସିଲି, ବାବୁ ଗଣେଶ ଦର୍ତ୍ତସିଂହ କଂ୍ରେସନ୍ ଆଣିଛନ୍ତି, ମନ୍ତ୍ରୀମାନଙ୍କର ବେତନ ମାସିକ ଏକ ହଜାର କମାଇ ଦେବା ପାଇଁ !"

ଅମ୍ଳାନ ଭମାଖୁ ଧୂଆଁର କୁଣ୍ଡଳୀ ଭିତରେ ମଧୁସୂଦନ ସ୍ମିତ ହସି ଉତ୍ତର ଦେଲେ···"ମୋତେ ଆପଣ ପଚାରିଥିଲେ; ମାକଫରସନ୍ ସାହେବଠାରୁ ଏ ଖବର ପାଇଁ ଆପଣଙ୍କୁ ଅପେକ୍ଷା କରିବାକୁ ପଡିନଥାନ୍ତା ଫକ୍‌ରୁଦ୍ଦୀନ ସାହେବ !....କନ୍ତୁ ଏଇ ସମ୍ବାଦଟା ଦେବା ପାଇଁ କେବଳ ଆପଣ ଏତେ ଘଡିରେ ଆସି ନାହାନ୍ତି ନିଶ୍ଚୟ !"

"ତାହେଲେ ଆମେ କରିବା କଣ ? ଆମର କର୍ତ୍ତବ୍ୟ କଣ ?" ଫକ୍‌ରୁଦ୍ଦୀନ୍ ପ୍ରଶ୍ନ କଲେ ଉଦ୍‌ବିଗ୍ନ କଣ୍ଠରେ ।

Digitized by srujanika@gmail.com

ମଧୁସୂଦନ ଉତ୍ତର ଦେଲେ···"ଏକହଜାର ଟଙ୍କାତ ଦୂରର କଥା; ଗୋଟାଏ ପଇସା ସୁଦ୍ଧା କମାଇବା ପାଇଁ ମୁଁ ପ୍ରସ୍ତୁତ ନୁହେଁ ! ମୋର ମନୋଭାବ ଆପଣ ତ ଜାଣନ୍ତି ଫକରୁଦ୍ଦୀନ ସାହେବ !"

ଫକରୁଦ୍ଦୀନ୍—"କନ୍ତୁ ଇଣ୍ଡିଆଇଟେଡ୍ ପ୍ରଭିନ୍ସେସ୍, ମାଦ୍ରାଜ, ବମ୍ବେ ପ୍ରଭୃତ ପ୍ରଦେଶମାନଙ୍କର ମନ୍ତ୍ରୀମାନେ ସ୍ୱେଚ୍ଛାରେ ନିଜ ନିଜର ବେତନ ମାସିକ ଏକ ହଜାର ଟଙ୍କା କମାଇଥିବା ବେଳେ, ଆପଣ ବା ମୁଁ ତାର ବରୋଧ କଲେ, ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବା ନାହିଁକ ?"

ମଧୁସୂଦନ—"ମୁଁ ତ କନ୍ତୁ ସେଇ ସମାଲୋଚକ ମାନଙ୍କଠାରୁ ଆହୁରି ଅନେକ ଦୂର ଆଗେଇ ଯିବା ପାଇଁ ପ୍ରସ୍ତୁତ ! ଗଣେଶ ଦତ୍ତସିଂହ ପ୍ରସ୍ତାବ କରିଛନ୍ତି ମନ୍ତ୍ରୀମାନଙ୍କର ବେତନ ମାସିକ ଏକହଜାର ଟଙ୍କା କମାଇବା ପାଇଁ; ମୋର ଦାବୀ କନ୍ତୁ ଅବୈତନିକ ଏଲ୍. ଏସ୍. ଡି. ମିନିଷ୍ଟର ! ଗତବର୍ଷ ତ ଏଥିପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି ! ସେଥିରେ ଆପତ୍ତି କାହିଁକ ?"

ଫକରୁଦ୍ଦୀନ୍ ଅପ୍ରସନ୍ନ କଣ୍ଠରେ ଟିପ୍‌ପଣୀ କଲେ···"ଇଏତ ହେବ ଘରୁ ଖାଇ ଘୋଡ଼ା ଆଗରେ ଡେଇଁବା କାରବାର !"

ମଧୁସୂଦନ—"ସେଥିପାଇଁ ମୁଁ ହଜ୍ ଏକ୍‌ସେଲେନ୍ସୀଙ୍କ ଠାରୁ ସ୍ୱତନ୍ତ୍ର ଓକାଲତି ପାଇଁ ଅନୁମତି ! ଚଫ୍ ସେକ୍ରେଟାରୀ ମାକଫରସନ୍‌ଙ୍କ ଯୁକ୍ତି, ମନ୍ତ୍ରୀ ଆଇଁ ଓକାଲତି କଲେ ମନ୍ତ୍ରୀଙ୍କ ଦାସିତ୍ୱର ସୁପରିଚାଳନା ପାଇଁ, ଜଣେ ଅଧିକ ଅଫିସର ନିଯୁକ୍ତ କରିବାର ପ୍ରୟୋଜନ ପଡ଼ିପାରେ ! ମୁଁ ତାଙ୍କୁ କହିଲି, ଯଦି ସେପରି ପରିସ୍ଥିତି ଦେଖାଦିଏ, ତାହେଲେ ସେଇ ଜେତେଜଣ ଅଧିକ କର୍ମଚାରୀ ନିଯୁକ୍ତ କରିବା ଆବଶ୍ୟକ ପଡ଼ିବ, ସେମାନଙ୍କ ବେତନ ମୁଁ ମୋ ନିଜ ପକେଟରୁ ଦେବାକୁ ପ୍ରସ୍ତୁତ ! ଆଉ ତାହେଲେ ଆପତ୍ତି କଣ ?"

ଫକରୁଦ୍ଦୀନ୍—"ଇଏ ଏକ ଯୁକ୍ତି ହୋଇପାରେ; କନ୍ତୁ ସମାଧାନ ତ ନୁହେଁ !"

ମଧୁସୂଦନ ଇତିହାସ ରୁକ୍ଷ କଣ୍ଠରେ ଉତ୍ତର ଦେଲେ···"ମାନ ମନ୍ତ୍ରୀମାନଙ୍କ ବେତନ ହ୍ରାସ କରିବା, କେଉଁ ଯୁକ୍ତି ଦ୍ୱାରା ସମର୍ଥିତ ଫକରୁଦ୍ଦୀନ୍ ସାହେବ ? ବ୍ରିଟିଶ ପାର୍ଲିଆମେଣ୍ଟ କଏଣ୍ଟ କମିଟି ରିପୋର୍ଟରେ ସ୍ୱୀକାର କରିସାଇଛନ୍ତି, ଏକଜକ୍ୟୁଟିଭ କାଉନସିଲର୍ ମାନଙ୍କର ବେତନ ତୁଳନାରେ ମନ୍ତ୍ରୀ ମାନଙ୍କର ବେତନ ଉଣା ହେବା ଉଚିତ ନୁହେଁ ! ଏଇ କମିଟୀରେ ସାକ୍ଷ୍ୟ ଦେଇ ସାର୍ ହାଭିଲଣ୍ଡ୍ ଲ'ମେସିୟର୍ (Sir Havilland Le Mesurier) ଯେଉଁ ଅଭିମତ ପ୍ରକାଶ କରିଥିଲେ, ଯୁକ୍ତି ଦୃଷ୍ଟିରୁ ତାହା ଯେପରି ଅକାଟ୍ୟ, ଲୋକପ୍ରତିନିଧିମୂଳକ ଶାସନର ଶୁଚିତା ଦୃଷ୍ଟିରୁ ସେହିପରି ମଧ୍ୟ ଅଲଂଘନୀୟ ! ସାର୍ ହାଭିଲଣ୍ଡ୍ କମିଟୀ ଆଗରେ ସାକ୍ଷ୍ୟଦେଇ କହିଥିଲେ, ଦୁଃବେତନଭୋଗୀ ପେଶାଦାର ଷ୍ଟ୍ରଦ୍ରମନା ବ୍ୟକ୍ତିତ୍ୱ ମାନଙ୍କ

Digitized by srujanika@gmail.com

ହାତରେ ପଡ଼ିବାଠାରୁ ବଳ ଦେଶର ଅନ୍ୟ ଦୁର୍ଭାଗ୍ୟ ନାହିଁ ! ସେମାନେ ନାଁ। ରଖି। କରିପାରନ୍ତେ ନିଜ ପଦବୀର ମର୍ଯ୍ୟାଦା, ନାଁ। ଅବସର ନେଇ ପାରନ୍ତେ ନିର୍ଲିପ୍ତ ଭାବରେ ।"*

ଫକରୁଦ୍ଦୀନ୍ ଅପ୍ରସନ୍ନ କଣ୍ଠରେ କହିଲେ···"ଆପଣ କଣ ଭାବୁଛନ୍ତି ମୁଁ ଏସବୁ ତଥ୍ୟ ସମ୍ବନ୍ଧରେ ସଚେତନ ନୁହେଁ; ମି. ଦାସ୍ ? ବର୍ତ୍ତମାନ ପ୍ରଶ୍ନ ହେଉଛି; ଆମର କର୍ତ୍ତବ୍ୟ କଣ ? ଯୁଦ୍ଧ ତ ସବୁ ବେଳେ ବାସ୍ତବତା ନୁହେଁ ।"

ମଧୁସୂଦନ ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ...."ଆପଣ ଯଦି ଚାହାନ୍ତି, ଏକ୍‌ଜକ୍ୟୁଟିଭ-କାଉନସିଲର୍ ମାନଙ୍କ ତୁଳନାରେ ଲେକନଙ୍କାଚଭ ମନ୍ତ୍ରୀମାନଙ୍କୁ ନ୍ୟୂନ ପ୍ରମାଣିତ କରିବା ପାଇଁ, ତାହେଲେ ବାବୁ ଗଣେଶ ଦତ୍ତସିଂହଙ୍କ ପ୍ରସ୍ତାବକୁ ଆପଣ ସ୍ୱୀକାର କରି ଯାଇପାରନ୍ତି···ମୁଁ କନ୍ଥୁ ସେଥିପାଇଁ ପ୍ରସ୍ତୁତ ନୁହେଁ ."

ମଧୁସୂଦନଙ୍କ ଆଡେ ଘୂରି, ଫକରୁଦ୍ଦୀନ୍ ମନେ ମନେ ଭାବୁଥିଲେ, ଏଇ ଲୋକଟା କ ଭସ୍ମଙ୍କର ଜଦ୍ଦବାଜ ! ଯାହା ଥରେ ଠିକ୍ ବୋଲି ବୁଝିଛି, ତାହା ଯେତେ ଭୁଲ ହେଉପଛେ ସେଥିରୁ ତାକୁ ନବର୍ତ୍ତାଇବା କଠିନ । ମଧୁସୂଦନଙ୍କୁ ପ୍ରବର୍ତ୍ତାଇବାର ଆଶା ଫକ୍‌ରୁଦ୍ଦୀନ ତଥାପି ଛାଡ଼ି ନ ଥିଲେ । ଫକରୁଦ୍ଦୀନ ପଚାରିଲେ...କନ୍ଥୁ ଆପଣ ଯେ କହୁଛନ୍ତି, ମନ୍ତ୍ରୀ ରୂପେ ଓକାଲତି କରିବା ପାଇଁ; ତାହା ସମ୍ଭବ ହୋଇ ପାରିବ କିପରି ? ମନ୍ତ୍ରୀ ତାଙ୍କ ଅଧସ୍ତନ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ କୌଣସି ମୋକଦ୍ଦମାରେ ହାଜର ହେଲେ, ମାଜିଷ୍ଟ୍ରେଟ୍ ମନ୍ତ୍ରୀଙ୍କ ପ୍ରତି ସମ୍ଭ୍ରମ ପ୍ରଦର୍ଶନ କରିବେ ନାହିଁ କି ?"

ମଧୁସୂଦନ—"ଜମିଦାରମାନେ ଏକ୍‌ଜକ୍ୟୁଟିଭ କାଉନସିଲର୍ ହେବାର ନଜୀର୍ ତ ଆପଣ ଜାଣିଥିବେ ! ଦରଭଙ୍ଗାର ମହାରାଜାଧିରାଜ ଏଇ ବିହାର-ଓଡ଼ିଶା ପ୍ରଦେଶର ଏକ୍‌ଜକ୍ୟୁଟିଭ୍ କାଉନସିଲ୍‌ରେ ପ୍ରଥମ ଇଣ୍ଡିଆନ୍ ମେମ୍ବର୍ ଥିଲେ । ସେଦିନ ଖବରକାଗଜରେ ଦେଖିଲି ଇଭ୍‌ନାଇଟେଡ୍—ପ୍ରଭିନସେସ୍ ଏକ୍‌ଜକ୍ୟୁଟିଭ୍ କାଉନସିଲ୍‌ରେ ମହମ୍ମଦାବାଦର ରାଜା ମଧ୍ୟ ସ୍ଥାନ ପାଇଛନ୍ତି । ଶାନ୍ତିରକ୍ଷା 'ଶଜର୍ଭଡ୍—ସବଜେକ୍ଟ୍' ହୋଇଥିବାରୁ, ଏହା ଏକ୍‌ଜକ୍ୟୁଟିଭ-କାଉନସିଲର୍ ମାନଙ୍କର ପ୍ରତ୍ୟକ୍ଷ ଦାୟିତ୍ୱାଧୀନରେ ଏକ ବିଷୟ । ବର୍ତ୍ତମାନ ବିବେଚନା କରନ୍ତୁ, ଜମିଦାର ପ୍ରଜା ସଘର୍ଷ ଫଳରେ ଶାନ୍ତିଭଙ୍ଗ ହେଲା । ପୋଲିସ ପକ୍ଷରୁ କୋର୍ଟରେ ପ୍ରଜାମାନଙ୍କ ବିପକ୍ଷରେ ରୁଜୁ ହେଲା ମୋକଦ୍ଦମା ! ସେଇ ମୋକଦ୍ଦମାରେ ଦୁଏତ ଜମିଦାର-ଏକ୍‌ଜକ୍ୟୁଟିଭ୍ କାଉନସିଲର୍‌କୁ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ

---

* ସାର୍ ହାଭଲକ୍ ଙ୍କ ଭାଷାରେ "The worst thing that can befall the country is to fall into the hands of underpaid petty professional politicians who are neither able to live in comfort and dignity on their official position nor to contemplate the possibility of retirement with equanimity."

Digitized by srujanika@gmail.com

ସାକ୍ଷ୍ୟ ଦେବା ପାଇଁ ପଡ଼ିଲା । ସେ ପରିସ୍ଥିତିରେ ସଦ୍ୟ ଏକ୍‌ଜକ୍ୟୁଟିଭ କାଉନସିଲରଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ନହେଲା; ଅଥବା ମାଜେଷ୍ଟ୍ରେଟ ଏକ୍‌ଜକ୍ୟୁଟିଭ୍-କାଉନସିଲ୍‌ରଙ୍କ ଉପସ୍ଥିତି ଦ୍ୱାରା ପ୍ରଭାବିତ ନ ହେଲେ, ତାହେଲେ ମନ୍ତ୍ରୀ ଓକଲଣ୍ଡ ପାଇଁ କୌଣସି ମାଜେଷ୍ଟ୍ରେଟଙ୍କ କୋର୍ଟରେ ହାଜର ହେଲେ, ମନ୍ତ୍ରୀଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ କାହିଁକି ? ଅଥବା ମାଜେଷ୍ଟ୍ରେଟ୍ ପ୍ରଭାବିତ ହେବେ କପରି ?"

ଫକ୍‌ରୁଦ୍ଦୀନ୍ ଏ ଯୁକ୍ତିର କୌଣସି ଉତ୍ତର ହଠାତ ଖୋଜି ପାଇନଥିଲେ । ସେ ଉତ୍ତର ଦେଲେ...."କନ୍ତୁ ମନ୍ତ୍ରୀ କୌଣସି ପକ୍ଷଠାରୁ ଫିଜ୍ ଆଦାୟ କରିବା ଉତ୍କୋଚ ନେବା ସହିତ ସମାନ ହେବ ନାହିଁକି ?"

ମଧୁସୂଦନ କହିଲେ...."ଗଭର୍ଣ୍ଣମେଣ୍ଟ୍ ଅଫ୍ ଇଣ୍ଡିଆ ଆକ୍ଟ୍ ସେକସନ୍ ୧୨୫ର ପଞ୍ଚମ ଧାରାରେ ଅବଶ୍ୟ ଲେଖାଅଛି, ଜାଉନ୍-ଇନ୍-ଇଣ୍ଡିଆଙ୍କ ଅଧୀନରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି, ଯାହାଠାରୁ କୌଣସି ଉପଢ଼ୌକନ ଗ୍ରହଣ କରି ପାରିବେ ନାହିଁ ! କନ୍ତୁ ସେଥିରେ ବାରିଷ୍ଟରମାନେ ପକ୍ଷମାନଙ୍କଠାରୁ ଫିଜ୍ ନେବାରେ ତ କୌଣସି ପ୍ରତିବନ୍ଧକ ରଖାଯାଇ ନାହିଁ ! ତାହେଲେ ମନ୍ତ୍ରୀ ଓକଲଣ୍ଡ କଣ ଫିଜ୍ ନେବାରେ ବାଧା ରହିଲା କେଉଁଠି ?"

ମଧୁସୂଦନଙ୍କ ଏସବୁ ଅକାଟ୍ୟ ଯୁକ୍ତିର ଉତ୍ତର ଦେବା ପାଇଁ ଫକ୍‌ରୁଦ୍ଦୀନ୍‌ଙ୍କଠାରେ କୌଣସି ତଥ୍ୟ ନଥିଲା । ସେ ପଡ଼ିଥିଲେ ଏକ ସଙ୍କଟ ମଧ୍ୟରେ । ଏକ୍‌ଜକ୍ୟୁଟିଭ୍ କାଉନସିଲ୍-ମାନଙ୍କ ଚାଲନାରେ ମନ୍ତ୍ରୀମାନଙ୍କୁ ଅପେକ୍ଷାକୃତ ନ୍ୟୂନ ପ୍ରମାଣିତ କରିବା ପାଇଁ ଫକ୍‌ରୁଦ୍ଦୀନ ଏକ ପକ୍ଷରେ ଯେପରି ସ୍ୱୀକୃତ ନଥିଲେ, ଅପର ପକ୍ଷରେ ଏଇ ବେତନ ଯେନ ବରୋଧୀ ପକ୍ଷର ଅନୁଦାର ସମାଲୋଚନାର ସମ୍ମୁଖୀନ ହେବା ପାଇଁ ମଧ୍ୟ ସେହିପରି ପ୍ରସ୍ତୁତ ନଥିଲେ । ସିଦ୍ଧାନ୍ତ-ସଙ୍କଟର ଏହି ପୂର୍ଣ୍ଣାବସ୍ଥା ମଧ୍ୟରେ ଫକରୁଦ୍ଦୀନ୍ ଅସହାୟ କଣ୍ଠରେ ପଚାରିଲେ... "ତାହେଲେ ?"

ମଧୁସୂଦନ ଉତ୍ତର ଦେଲେ···"ପ୍ରଥମ ବେତନ ନେଲେ ଅବୈତନିକ ମନ୍ତ୍ରୀତ୍ୱ ବ୍ୟତୀତ ମୋ ପକ୍ଷରେ ଅନ୍ୟ ସମାଧାନ ନାହିଁ; ଫକ୍‌ରୁଦ୍ଦୀନ୍ ସାହେବ !"

"ତାହେଲେ ଆପଣ ଗଣେଶ ଦତ୍ତସିଂହଙ୍କ କଟ୍ ମୋସନ୍‌ର ବରୋଧ କରିବେ ?"

"ନିଶ୍ଚୟ"....ମଧୁସୂଦନ ଉତ୍ତର ଦେଲେ; ଦୃଢ଼ କଣ୍ଠରେ ! ଫକ୍‌ରୁଦ୍ଦୀନ୍ କହିଲେ···"ତାହେଲେ ମୁଁ ମଧ୍ୟ ବରୋଧ କରିବାରେ ଆପତ୍ତି କଣ ? ଚଫ୍ ହ୍ୱିପ୍ ମାକଫରସନ୍ ମୋତେ ନର୍ଭର ସ୍ପଷ୍ଟତ ଦେଇଛନ୍ତି, କାଉନସିଲ୍‌ରେ ଆମର ଯେପରି ମେଜରଟୀ ରହିଛୁ; ଆମେ ମିଳିତ ଭାବରେ ଗଣେଶ ଦତ୍ତସିଂହଙ୍କ ପ୍ରସ୍ତାବର ବରୋଧ କଲେ. ତାହା କାଟ ଖାଇଯିବା ସୁନିଶ୍ଚିତ !" ଅବଶେଷରେ ଦୁହିଙ୍କ ମଧ୍ୟରେ ତାହାହିଁ ହେଲା ନିଷ୍ପତ୍ତି ।

Digitized by srujanika@gmail.com

ଫକ୍‌ରୁଦ୍ଦୀନ୍ ବଦାସ୍ୟ ନେବା ପାଇଁ ଉଠିଲେ । ପୋର୍ଟ୍‌ରେ ବଦାସ୍ୟ ନେବା ବେଳେ ମଧୁସୂଦନ ତାଙ୍କୁ ପଚାରିଲେ...."ଇଏ ଆପଣଙ୍କର ଶେଷ ସିଦ୍ଧାନ୍ତ ତ ?"

ଫକ୍‌ରୁଦ୍ଦୀନ୍ ଉତ୍ତର ଦେଲେ···"ନିଶ୍ଚୟ ! ଆପଣ ବେଫିକର୍ ଥାନ୍ତୁ ମିଷ୍ଟର ଦାସ !"

ପରଦିନ କାଉନସିଲ୍‌ରେ ବାବୁ ଗଣେଶ ଦତ୍ତସିଂହ କଟ୍-ମୋସନ୍ ଆଗତ କଲେ— ମନ୍ତ୍ରୀମାନଙ୍କର ବେତନ ମାସିକ ଏକ ହଜାର କମାଇବା ପାଇଁ । ବହୁତ ଓଡ଼ିଶା ପ୍ରଦେଶରେ ମନ୍ତ୍ରୀମାନଙ୍କର ବେତନ ସେତେବେଳେ ଥିଲ, ବାର୍ଷିକ ଷାଠିଏ ହଜାର ବା ମାସିକ ପାଞ୍ଚହଜାର ଟଙ୍କା ! ଶଟ୍ରେଞ୍ଚ୍‌ମେଣ୍ଟ୍-କମିଟି ରପୋର୍ଟର ନଜାର୍ ଦେଇ ଶାସନର ବ୍ୟୟବାହୁଲ୍ୟ ଯୁକ୍ତିରେ ଗଣେଶ ଦତ୍ତସିଂହ, ଏହୁ ପ୍ରସ୍ତାବ ଆଗତ କର କହିଲେ···ଗତ ବର୍ଷ ଜଣେ ମନ୍ତ୍ରୀ ସମ୍ପୂର୍ଣ୍ଣ ଅବୈତନିକ ଭିତ୍ତିରେ କାର୍ଯ୍ୟ କର ପାରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଦୃଷ୍ଟିରୁ, ଏ ପ୍ରସ୍ତାବ ଅନୁମୋଦନ କରିବା କାଉନସିଲ୍ ପକ୍ଷରେ ସୁଗମ ହେବ ନିଶ୍ଚୟ ! ଗଣେଶ ଦତ୍ତସିଂହଙ୍କ ଭାଷାରେ...

"...but when I found that one of the Hon'ble Ministers is so kind as to be willing to take up the work honorarily, it will be much easier to bring in a motion and ask the Council to reduce it by Rs. 1,000/- a month."

ଗଣେଶ ଦତ୍ତସିଂହଙ୍କ ପୁତ୍ର ଅଜାତ୍ୟ । ବସ୍ତୁତଃ ଗତବର୍ଷ ବଜେଟ୍ ଅଧିବେଶନ ବେଳେ କାଉନସିଲ୍‌ରେ ମଧୁସୂଦନ ଏକ ପ୍ରଗଲ୍‌ଭ ମୁହୂର୍ତ୍ତରେ ନକ୍ଷେପ କରିଥିଲେ ଏଇପରି ଏକ ପ୍ରତିଶ୍ରୁତି !

ପ୍ରସ୍ତାବ ସପକ୍ଷରେ ବିରୋଧୀ ଦଳର ଭାଷଣ ସବୁ ଉଦାତ୍ତ, ଅନର୍ଗଳ ଓ ଅକୁଣ୍ଠିତ ! ବିପକ୍ଷରେ ସରକାରୀ ଦଳର ମାକଫର୍‌ସନ୍ ପ୍ରମୁଖଙ୍କ ଭାଷଣ ଯୁକ୍ତିସମ୍ମତ ହେଲେହେଁ, କେତେକାଂଶରେ କୁଣ୍ଠିତ ! ସମସ୍ତଙ୍କ ଦୃଷ୍ଟି ମଧୁସୂଦନଙ୍କ ଉପରେ ନିବଦ୍ଧ !

ମଧୁସୂଦନ କନ୍ଥା ସ୍ଥାଣୁ ପ୍ରତିମୂର୍ତ୍ତି ପରି ବିତର୍କର ପୂର୍ଣ୍ଣୀ ମଧ୍ୟରେ ବସି ରହିଥିଲେ—ଯେପରି ଏସବୁ ତାଙ୍କୁ ଆଦୌ ସ୍ପର୍ଶ କରି ପାରୁ ନଥିଲ । ମଧୁସୂଦନ ଅପେକ୍ଷା କରୁଥିଲେ, ଫକ୍‌ରୁଦ୍ଦୀନ୍ ପୁଙ୍ଖାନୁପୁଙ୍ଖ ପ୍ରତିଶ୍ରୁତି ଅନୁସାରେ ଦୁଏତ ଖୋଲଖୋଲ ଏହାର ବିରୋଧ କରିବେ । ମାତ୍ର ଫକ୍‌ରୁଦ୍ଦୀନ ମଧ୍ୟ ଦମିରହିଥିଲେ ମାରବରେ ! ତାଙ୍କ ପକ୍ଷରେ ମୌନତା ଥିଲ ସମ୍ମତିର ଲକ୍ଷଣ !

Digitized by srujanika@gmail.com

ଅବଶେଷରେ ମଧୁସୂଦନ ଉଠିଲେ ପ୍ରସ୍ତାବର ବିରୋଧ କରିବାପାଇଁ ! ସେ ନିଜ ବକ୍ତବ୍ୟ ପ୍ରସଙ୍ଗରେ କହିଲେ....

"I offered to sacrifice five thousand and why should I object to sacrifice one thousand ?"

"ମୁଁ ସ୍ୱେଚ୍ଛାରେ ମାସିକ ପାଞ୍ଚହଜାର ଟଙ୍କା ତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିଲି, ଏବେ ମାତ୍ର ଏକ ହଜାର ଟଙ୍କା ତ୍ୟାଗ କରିବା ପାଇଁ ମୁଁ କୁଣ୍ଠିତ ହେବ କାହିଁକି ? କନ୍ୟା ତ୍ୟାଗର ସ୍ୱରୂପ କଣ ? ଯିଏ ତ୍ୟାଗ କରେ ତାର ପରିତୃପ୍ତି ମଧ୍ୟରେ ଥାଏ, କେବଳ ତ୍ୟାଗର ମହତ୍ୱ; କନ୍ୟା ଅନ୍ୟର ପରିତୃପ୍ତି ପାଇଁ ବଳି ପଡିବା ସମ୍ପୂର୍ଣ୍ଣ ନିରର୍ଥକ ! ଏପରି ତ୍ୟାଗର କୌଣସି ମୂଲ୍ୟ ନାହିଁ '....ଆପଣମାନେ କଣ ଭାବନ୍ତି କାଳୀଙ୍କ ଆଗରେ ବୋଦା ବଳି ପଡିବା-ଦେଲେ ବୋଦାର ଥାଏ ଆତ୍ମୋତ୍ସର୍ଗର ପରିତୃପ୍ତି ବା ସନ୍ତୋଷ ? ଅପର ପକ୍ଷରେ ଯେଉଁ ଯଜମାନ ବଳି ପକାଏ, ସେଇ କେବଳ ଏଥିରୁ ପାଇଥାଏ ଚରିତାର୍ଥତା !...ବାବୁ ଗଣେଶ ଦତ୍ତ ସିଂହ ସେଇ ଯଜମାନ ପରି ମନ୍ତ୍ରୀମାନଙ୍କୁ ବଳି ପକାଇବା ପାଇଁ ଚାଆନ୍ତି ! ମନ୍ତ୍ରୀମାନଙ୍କର ତ୍ୟାଗର ବିନିମୟରେ ସେ ସୁହାନ୍ତି ନିଜ ପାଇଁ ଚରିତାର୍ଥତା !"

"ମୋ ନିଜର ସନ୍ତୋଷ ପାଇଁ ସମସ୍ତ ପ୍ରକାର ତ୍ୟାଗ କରିବାକୁ ମୁଁ ପ୍ରସ୍ତୁତ ! କନ୍ୟା ଗଣେଶ ଦତ୍ତ ସିଂହଙ୍କ ସନ୍ତୋଷ ବିଧାନ ପାଇଁ ନୁହେଁ ! ଏପରି କାହିଁ ପ୍ରସ୍ତାବର ଭାଡ଼ନାରେ ମନ୍ତ୍ରୀମାନଙ୍କୁ ପ୍ରକାଶ୍ୟ ପାଇଁ ଅନୁରୋଧ କରିବା, ଯେ କୌଣସି ଆତ୍ମ-ମର୍ଯ୍ୟାଦାଜ୍ଞାନସମ୍ପନ୍ନ ବ୍ୟକ୍ତି ପକ୍ଷରେ ପୂଣି ସମ୍ପୂର୍ଣ୍ଣ ଅସହ୍ୟ ଓ ବିରକ୍ତିକର ।" ମଧୁସୂଦନଙ୍କ ଭାଷାରେ :

..."Sacrifice has its compensation in the satisfaction which it brings to the man who makes the sacrifice. A sacrifice must be voluntary in order to deserve the name; the reward of sacrifice must be of a kind which brings satisfaction to the author of the sacrifice. The satisfaction must be of his and not the satisfaction of another person. The mother's sacrifice for her offspring is the brightest illustration of sacrifice. She builds the body of her child with her blood; but do you think it will give her satisfaction if her blood, were transfused into another person's sick child in order to save such sick child ? Do you think the poor goat that is sacrificed, before the Goddess Kali feels any satisfaction in being sacrificed ? The man who sacrifices the poor goat enjoys the satisfaction. The poor goat dies but the man who arranges for its being beheaded pleases the Goddess Kali. Babu Ganesh Dutta Singh is in the position of the man who offers the goat as sacrifice. He wants

Digitized by srujanika@gmail.com

to force the Ministers to a sacrifice and expects to secure to himself the credit of sacrifice. I am ready to sacrifice the whole salary, if I am allowed to serve my country and my King, in a way that will bring satisfaction to me; but I am not prepared to make a sacrifice of one pice to give satisfaction to the mover of the motion or his colleauges in this campaign against the Ministers. The idea of asking the Ministers to accept a reduced pay with a vote of censure hanging over their heads like a Damocles' sword is extremely revolting to any one having a sense of self-respect."*

ବାବୁ ଗଣେଶ ଦତ୍ତସିଂହଙ୍କ ବଲୀଦତ୍ତ ତ୍ୟାଗଲ ହେବା ପାଇଁ ମଧୁସୂଦନ ପ୍ରସ୍ତୁତ ନଥିଲେ । ବେତନ ହ୍ରାସରେ ଫରୁଦ୍ଦୀନ୍‌ଙ୍କର କନ୍ୟା ଆପତ୍ତି ନାହିଁ ! ଦୁଇ ମନ୍ତ୍ରୀଙ୍କ ମଧ୍ୟରେ ମତଦ୍ୱୈଧ ଯେଜ ସରକାର୍ଯ୍ୟ ଦଳରେ କଂକର୍ତ୍ତବ୍ୟ ବମୂଢ଼ତା ! କାଉନସିଲ୍ କକ୍ଷରେ ଉତ୍କଣ୍ଠା-ପୂର୍ଣ୍ଣ ଉତ୍ତେଜନା ! ଏହାପର ବକ୍ତାମାନ୍ତ ମଧ୍ୟରେ କାଉନସିଲ୍‌କୁ ଏକ ଘଣ୍ଟା ମୁଲତୁବୀ ରଖାଗଲ— ସରକାର୍ଯ୍ୟ ପକ୍ଷର ନଷ୍ପତ୍ତି ପାଇଁ ।

ଲବ୍ଧାରେ ଉତ୍ତେଜନାପୂର୍ଣ୍ଣ କୋଲାହଳ ମଧ୍ୟରେ ମଧୁସୂଦନ ଘ୍ମର୍‌କୁ ଉଠି ଆସିଲେ ।

ମଧୁସୂଦନ ଘ୍ମର୍‌କୁ ଆସିବା ମାନେ ତାଙ୍କ ସହତ ଆଲୋଚନା ପାଇଁ ଆସିଲେ, ସରକାର୍ଯ୍ୟ ଦଳର ଚଫ୍‌ର୍ଲିପ୍, ହୋମ-ମେମ୍ବର୍, ସାର୍ ହ୍ୟୁ ମାକଫର୍‌ସନ୍ । ଘ୍ମର୍ ଦ୍ୱାରରେ ଶୈଲବାଲାଙ୍କୁ ଦେଖି, ମାକଫରସନ୍ ଉଦବଗ୍ନ କଣ୍ଠରେ ପଚ୍ଛାଣଲେ...

"ମିଷ୍ଟର ଦାସ୍ କଣ ନଷ୍ପତ୍ତି କଲେ ?"

ନଲିପ୍ତ କଣ୍ଠରେ ଶୈଲବାଲା ଉତ୍ତର ଦେଲେ···"ମିଷ୍ଟର ଦାସ୍, ଫରୁଦ୍ଦୀନ୍‌ଙ୍କ ସମ୍ମାନରକ୍ଷା ପାଇଁ ମାସିକ ସେଇ ଘ୍ଣହଜାର ଟଙ୍କା ବେତନ ପାଇଁ ପ୍ରସ୍ତୁତ !"

କନ୍ୟା ଏପର ଆର୍ଥି-କ୍ଲାଇମାକ୍‌ସ୍ ପାଇଁ ମାକଫରସନ୍ ପ୍ରସ୍ତୁତ ନଥିଲେ । ମାକଫରସନ୍ ଘ୍ମର ଭତରକୁ ଆସି ମଧୁସୂଦନଙ୍କୁ କହିଲେ...."ମନ୍ତ୍ରୀମାନଙ୍କର ବେତନ ହ୍ରାସ ନ କରବା ସପକ୍ଷରେ ଆପଣଙ୍କ ସହତ ହ୍ୱନ୍ ଏକସେଲେନ୍‌ସୀ ସମ୍ପୂର୍ଣ୍ଣ ଏକମତ ! କନ୍ତୁ ସେ ଘ୍ହାନ୍ତ ଆପଣଙ୍କର ଶେଷ ସିଦ୍ଧାନ୍ତ ଜାଣିବା ପାଇଁ !"

---

* Bihar and Orissa Council Debates, dated 7-3-1922.

Digitized by srujanika@gmail.com

ସ୍ଥିର, ନିଷ୍ପଳକ ଦୃଷ୍ଟିରେ, ସାର୍ ଷ୍ଟ୍ୟା ମାକଫରସନ୍‌ଙ୍କ ଦୂଇ ପିଙ୍ଗଳ ଆଖି ଉତ୍ତରକୁ ଗୃହିଁ, ମଧୁସୂଦନ ଭ୍ଲାନ୍ତ କଣ୍ଠରେ ଉତ୍ତର ଦେଲେ....**"Please tell His Excellancy I accept the Resolution."**•

ଲୋକଟି ଅଦ୍‌ଭୁତ । ବେତନହ୍ରାସ ବରୁଦ୍ଧରେ ଏତେ ଭାଷଣ, ଏତେ ଉତ୍ତେଜନା ସୃଷ୍ଟି କରିବା ପରେ, ବର୍ତ୍ତମାନ ମାସିକ ଗୁଣ ହଜାର ଟଙ୍କା ବେତନ ପାଇଁ ପ୍ରସ୍ତୁତ ! ମାକଫରସନ୍ କଂକର୍ତ୍ତବ୍ୟବିମୂଢ଼ ଭାବରେ ମଧୁସୂଦନଙ୍କ ଗୃହରୁ ଉଠି ଆସିଲେ, ହଜ୍-ଏକ୍‌ସେଲେନ୍‌ସୀଙ୍କୁ ସେଇ ସମ୍ବାଦ ଜଣାଇଦେବା ପାଇଁ !

ଏତେ ବିରୋଧ ବିତର୍କ ପରେ, ଅବଶେଷରେ ବାବୁ ଗଣେଶ ଦାସ୍‌ସିଂହଙ୍କ ପ୍ରସ୍ତାବରେ ସ୍ୱୀକୃତ ହେବା, ମଧୁସୂଦନଙ୍କ ପକ୍ଷରେ ପରାଜୟବରୋଧୀ, ଏକ ଆର୍ଣ୍ଡି-କ୍ଲାଇମାକସ୍ ନଣ୍ଟସ୍ ! କନ୍ତୁ ମାସିକ ଗୁଣହଜାର ଟଙ୍କା ବେତନର ପ୍ରସ୍ତାବ ସେ ଅବଶେଷରେ ସ୍ୱୀକାର କଲେ ପିନା, ସହକର୍ମୀ ଫଜ୍‌ରୁଦ୍ଦୀନ୍‌ଙ୍କୁ ଅଧସ୍ତନିକର ପରସ୍ଥିତରେ ନ ପକାଇବା ପାଇଁ ! କନ୍ତୁ ସେହି କଳ୍ପିତ ବେତନରେ ମନ୍ତ୍ରୀ ପଦରେ ରହିବା ପାଇଁ ପ୍ରତିଶ୍ରୁତି ସେ ତ କେବେ ଦେଇ ନାହାନ୍ତି କାହାକୁ ! ଫଜ୍‌ରୁଦ୍ଦୀନ କଥା ଦେଇଥିଲେ, କଟ୍-ମୋସନ୍‌ର ବିରୋଧ କରିବା ପାଇଁ ! କନ୍ତୁ କାର୍ଯ୍ୟତଃ ମୌନତା ମଧ୍ୟରେ ସେ ସେଥିପ୍ରତି ଜଣାଇଲେ ସମ୍ମତି ! ଫଜ୍‌ରୁଦ୍ଦୀନ୍ ତାଙ୍କ ପ୍ରତି ବିଶ୍ୱାସଭଙ୍ଗ କରିଛନ୍ତି । ଯାହା ହେଉ ଫଜ୍‌ରୁଦ୍ଦୀନ୍ ଏବେ ନଣ୍ଟିନ୍ତୁ । ମଧୁସୂଦନ ମଧ୍ୟ ମୂକ । ମନ୍ତ୍ରୀତ୍ୱରୁ ଇସ୍ତଫାର ପଥ ତାଙ୍କ ପାଇଁ ବର୍ତ୍ତମାନ ପ୍ରତିବନ୍ଧକଶୂନ୍ୟ ! ଅପେକ୍ଷା କେବଳ ଉପଯୁକ୍ତ ମୁହୂର୍ତ୍ତ ପାଇଁ !

●

• A Look Back and After—By Shailabala Das-pp. 59

Digitized by srujanika@gmail.com

ଦ୍ୱାଦଶ ପରିଚ୍ଛେଦ

(ଏକ)

ମଧୁସୂଦନ ମନ୍ତ୍ରୀତ୍ୱ ଗ୍ରହଣର ଅଳ୍ପ କେତେମାସ ପରେ ଦନେ ପାଟ୍ନା ହାଇକୋର୍ଟରେ ଗୋଟିଏ ଆପିଲ୍ ଆବେଦନରେ ଶୁଣାଣି ଯେନ ସହରରେ ସୃଷ୍ଟି ହୋଇଥିଲ ପ୍ରବଳ କୌତୂହଲ ଓ ଘୃଣା । ଆବେଦନକାରଣୀ, ବିହାର-ଓଡ଼ିଶାର ଅନ୍ୟତମ ମନ୍ତ୍ରୀ ମଧୁସୂଦନଙ୍କ ପାଳତା କନ୍ୟା ରୂପେ ପରିଚତା ସୁଧାଂଶୁବାଳା ହାଲ୍ଦର । ଆପିଲର ପ୍ରାର୍ଥନା ପୁଣି ଆହୁର ଘୃଣାଜନକର—ପ୍ଲୀଡ଼ର ରୂପେ କୋର୍ଟରେ ପ୍ରାକ୍ଟିସ୍ କରବା ପାଇଁ ଅନୁମତ ! ସ୍ତ୍ରୀ ଲୋକେ ପୁଣି କୋର୍ଟ-କଚେରୀରେ ଓକାଲତି କରବେ ? ଏହାର ଚନ୍ତା ସୁଦ୍ଧା ସେତେବେଳେ ଯେପର ଥିଲ ଦୁଃସାହସିକ, ପରିକଳ୍ପନା ମଧ୍ୟ ଥିଲ ସେହିପର ଦୁଃସାହସିକ ! କେତେବର୍ଷ ତଳେ ୧୯୧୭ ସାଲରେ, କଲିକତା ହାଇକୋର୍ଟ ମିସ୍ ରେଜନା ଗୁହ ନାମ୍ନୀ ଜନୈକା ମହିଳାଙ୍କର ଏହିପର ଏକ ଆବେଦନ ଅଗ୍ରାହ୍ୟ କର ଦେଇଥିଲେ । କଲିକତା ହାଇକୋର୍ଟର ସେଇ ସୁବିଦିତ ସିଦ୍ଧାନ୍ତ ଦୃଷ୍ଟିରୁ, ସୁଧାଂଶୁବାଳାଙ୍କ ଆପିଲ୍ ଖାରଜ ହେବା ଅବଧାରତ ଥିଲ, ସନ୍ଦେହ ନାହିଁ । ତଥାପି ଆପିଲ୍‌ର ଶୁଣାଣି ପାଇଁ ପାଟ୍ନା ହାଇକୋର୍ଟର ଫୁଲ୍-ବେଞ୍ଚ ଗଠିତ ହୋଇଥିଲ; ପୁଣି ମନ୍ତ୍ରୀ ପଦରେ ଥାଇ "ଶୁଣାଣି ବେଳେ ସ୍ୱୟଂ ମଧୁସୂଦନଙ୍କ କୋର୍ଟରେ ଉପସ୍ଥିତ ସମ୍ବାଦରେ ସୃଷ୍ଟି-ହୋଇଥିଲ ଆଲୋଡ଼ନ ଓ କୌତୂହଲ । ହାଇକୋର୍ଟ ବାର୍‌ର ଓକିଲ, ଆଡ଼ଭୋକେଟ ପ୍ରଭୃତିଙ୍କଠାରୁ ଆରମ୍ଭ କରି, ସାଧାରଣ କୌତୂହଳୀ ଜନତା, ବୃଦ୍ଧିଜୀବୀ; ଏପରିକ ପର୍ଦ୍ଦାନସିନ୍ ମହିଳାମାନଙ୍କ ଭିଡ଼ ମଧ୍ୟରେ ସେଦନ, ପ୍ରଧାନ ବିଚାରପତିଙ୍କ ଇଜଲାସ୍‌ରେ ତିଳଧାରଣ ପାଇଁ ସ୍ଥାନ ନଥିଲ ।

ମଧୁସୂଦନଙ୍କ ବହୁ ଚାଡ଼ନାରେ ସୁଧାଂଶୁବାଳା ୧୯୨୨ ସାଲରେ କଲିକତା ବିଶ୍ୱ-ବିଦ୍ୟାଳୟରୁ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ, ଓକିଲତି ଲାଇସେନସ୍ ପାଇଁ ଅନୁମତ ପ୍ରାର୍ଥନା କର ପାଟ୍ନାର ତତ୍କାଳିନ ଜଜ୍‌ଙ୍କଠାରେ ଆବେଦନ କରିଥିଲେ । କିନ୍ତୁ ସେ ପର୍ଯ୍ୟନ୍ତ ବିହାରରେ ଆଇନ ବ୍ୟବସାୟରେ ମହିଳାମାନଙ୍କର ପ୍ରବେଶାଧିକାର ନଥିଲ । ବସ୍ତୁତଃ ଏହାର ତନବର୍ଷ ପୂର୍ବରୁ ୧୯୧୯ ସାଲରେ ଇଂଲଣ୍ଡରେ ନାଗରିକମାନଙ୍କ ପ୍ରତି ପ୍ରଥମେ ସବୁ ପ୍ରକାର ଅଯୋଗ୍ୟତା, ନିଷେଧ ଓ କଟକଣା ଏକ ସ୍ୱତନ୍ତ୍ର ଆଇନ **(Sex Disqualifications Removal Act)** ଦ୍ୱାରା ବିଦୂରିତ ହୋଇଥିଲେ ହେଁ; ବ୍ୟବହାରରେ ସେସବୁ ତଥାପି ପ୍ରଚଳିତ ରହି, ନାଗ୍ନ ସମାଜର ବିକାଶ ଓ ଅଗ୍ରଗତି ପୁଣି ପୁରୁଷ ସହିତ ସମାନ ଅଧିକାର ପ୍ରାପ୍ତି ପଥରେ ଅଲଙ୍ଘନୀୟ ପ୍ରତିବନ୍ଧକ ସୃଷ୍ଟି କରୁଥିଲ ।

Digitized by srujanika@gmail.com

ଏହାର ସମାଜ-ତାତ୍ତ୍ୱିକ ଦଗ ଯାହା ହେଉ, ନଗ୍ରେଲ ଆଇନ ଦୃଷ୍ଟିରୁ "ଲଗାଲ-ପ୍ରାକ୍ଟିସନର୍ସ ଆକ୍ଟ"ରେ ସେ ପର୍ଯ୍ୟନ୍ତ ନାଟ୍ୟମାନଙ୍କର ସ୍ଥାନ ନଥିବାରୁ, ଡ଼ିକ୍ରୁଜ୍ ଜଜ୍ ସୁଧାଂଶୁ ବାଲାଙ୍କ ଆବେଦନ ପାଟନା ହାଇକୋର୍ଟକୁ ପଠାଇ ଦେଇଥିଲେ ଶେଷ ସିଦ୍ଧାନ୍ତ ପାଇଁ। ଏଥି ପାଇଁ ପାଟନା ହାଇକୋର୍ଟରେ ପ୍ରଧାନ ବଗ୍ଚରପତ ସାର୍ ଡ଼ସନ ମିଲରଙ୍କ ସମେତ ମିଷ୍ଟର ଜଷ୍ଟିସ ମଣ୍ଡିକ, ମିଷ୍ଟର ଜଷ୍ଟିସ ଜ୍ୱାଲା ପ୍ରସାଦଙ୍କୁ ଯେନ୍ଚ ଗଠିତ ହୋଇଥିଲ ଫୁଲବେଞ୍ଚ୍।

ମିସ୍ ସୁଧାଂଶୁବାଲା ହାଜଗ୍ଙ୍କ ପକ୍ଷରୁ ସେଦନ କୋର୍ଟରେ ଉପସ୍ଥିତ ଥିଲେ, ମିଷ୍ଟର ପି. ପି. ମାନକ ବାଶଷ୍ଟରଙ୍କ ସମେତ ମିଷ୍ଟର ଏସ. ପି. ସେନ, ମିଷ୍ଟର ବ. ଏନ· ମିନ୍ର, ମିଷ୍ଟର ଡ଼. ପି. ସିହ୍ନା ଓ ମିଷ୍ଟର ଏସ. ଏମ. ମଣ୍ଡିକ ପ୍ରମୁଖ ପ୍ରବାଣ ଆଡ଼ଭୋକେଟ ମଣ୍ଡଳୀ। ଅପିଲ ପାଇଁ ପାଟନା ହାଇକୋର୍ଟର ବଶିଷ୍ଟ ବାଶଷ୍ଟର ଓ ଆଡଭୋକେଟମାନଙ୍କୁ ନଯୁକ୍ତ କରବାରେ ମଧୁସୂଦନ କୌଣସି କାର୍ପଣ୍ୟ କର ନଥିଲେ। ମନ୍ତ୍ରୀତ୍ୱର ବନ୍ଧନ ନଥିଲେ ସେ ନଜେ ଦୃଏତ କରଥାନ୍ତେ ଆର୍ଗୁମେଣ୍ଟ। ମାନ୍ର ଆର୍ଗୁମେଣ୍ଟ ତ ଦୂରର କଥା, ମନ୍ତ୍ରୀ ଆଇଁ ହାଇକୋର୍ଟକୁ ଆସିବା ପାଇଁ ସୁଦ୍ଧା ବପକ୍ଷେ ଟାଣ୍ସ ମାକଫରସନ ନାନା ଆପତ୍ତି ଓ ପ୍ରତବାଦ ଉଠାଇଥିଲେ। ଏକ ପକ୍ଷରେ ଏହା ଯେପର ମନ୍ତ୍ରୀଙ୍କ ମର୍ଯାଦା ହାନକାରକ, ହାଇକୋର୍ଟର ବଗ୍ଚରପତମାନଙ୍କ ପକ୍ଷରେ ମଧ୍ୟ ସେହିପର ଅସ୍ତ୍ରିକର ବୋଲ୍ ମାକଫରସନ ଯୁକ୍ତ କରଥିଲେ। ମାନ୍ର ମାକଫରସନ କୁଆଡ଼ୁ ବୁଝିବେ ଏହି ପ୍ରଶ୍ନ ସହିତ ମଧୁସୂଦନଙ୍କ ଆବେଗତ୍ମକ ସମ୍ପର୍କ ଥିଲ କପର ନବଡ଼।

ସୁଧାଂଶୁବାଲା ତ ଏଥିରେ କେବଳ ନମିତ୍ତ ମାନ୍ର ! ସେ କଣ କେବେ ବୁଝିଥିଲେ ରେଭେନସା ଗାର୍ଲସ୍ ହାଇସ୍କୁଲ-କଣ୍ଡରଗାର୍ଟନ୍‌ରେ ହେଡ଼ମିଷ୍ଟ୍ରେସ ସୁକଘର ନଗ୍ପର୍ଣ୍ଣା ଗୁଡ଼ଆଇନ ଓ ଓକଲତର ଏଇ ପୃଣ୍ଠୀ ଭତରକୁ ଲମ୍ଫ ଦେବାପାଇଁ ? ଓକଲତ ପାଇଁ ସୁଧାଂଶୁ ବାଲାଙ୍କର ପ୍ରବୃତ୍ତି ନଥିଲ। କମ୍ବା ସେଥିପାଇଁ ତାଙ୍କର ବ୍ୟକ୍ତତ୍ୱ ମଧ୍ୟ ନଥିଲ।

କନ୍ତୁ ମଧୁସୂଦନଙ୍କ ମୁଣ୍ଡରେ ହଜେ ଝଟୁଙ୍କ ଉଠିଲ ସୁଧାଂଶୁ ହେବ ବ୍ୟରତର ପ୍ରଥମ ମହିଳା ଆଡ଼ଭୋକେଟ !

"ରକ୍ଷା କର ଦାଦା, ଏଇ ମାସ୍କଟ୍ଟ ନେଇ ମୁଁ ବେଶ୍ ଅଛୁ। ଓକଲତ ପଶିବ ନାହିଁ ମୋ ମୁଣ୍ଡରେ ! ପୁଣି ଏ ଦେଶରେ ଆମମାନଙ୍କୁ କଏ ବା ଦେବ ଓକଲତ ପାଇଁ ଲାଇସେନସ୍ ?" ମଧୁସୂଦନଙ୍କ ପ୍ରସ୍ତାବରେ ସୁଧାଂଶୁବାଲା ପ୍ରାସ୍ୱ ଆର୍ତ୍ତନାଦ କର ଉଠିଥିଲେ !

"ମୁଁ ଯଦ ବନା ସାହାଯ୍ୟରେ ହୋଇ ପାରଲ ଓଡ଼ଆ ଜାତର ପ୍ରଥମ ଗ୍ରାଜୁଏଟ୍ ପ୍ରଥମ ବଧବଜ୍ଞ ଆଡ଼ଭୋକେଟ୍ ବୁ କାହିଁକ ବ୍ୟରତର ପ୍ରଥମ ଲେଡ଼ୀ ଆଡ଼ଭୋକେଟ୍ ହୋଇ ନପାରବୁ ଶୁଣେ ?"....ମଧୁସୂଦନ ବସ୍ଫୋରଣ କର ଉଠିଥିଲେ। ଆଇ. ଏ. ପାସ କରବାପରେ ମଧୁସୂଦନଙ୍କ ତାଡ଼ନାରେ ସୁଧାଂଶୁ ଯୋଗ ଦେଇଥିଲେ ରେଭେନସା କଲେଜର ଆଇନ କ୍ଲାସରେ ! ୧୯୧୫ ସାଲରେ ତାକୁ ମିଳଥିଲ ପ୍ଲୀଡ଼ରସିପ ଡ଼ପ୍ଲୋମା ! କନ୍ତୁ ଏଇ ଡପ୍ଲୋମା

Digitized by srujanika@gmail.com

ଧର୍ କେଦ୍ୱଡ ଆଉ ଆଡ଼ୱେକେଟ୍ ହୁଏ ନାହିଁ ।....''ତୋତେ ବ.ଏ. ତାପରେ ବ.ଏଲ୍. ପଗ୍ଷା ଦେବାକୁ ପଡ଼ିବ ସୁଧାଂଶୁ''—ମଧୁସୂଦନଙ୍କ ଜିଦ । ୧୯୧୭ ସାଲରେ ସୁଧାଂଶୁ ବ.ଏ. ପଗ୍ଷାରେ ଯଥାର୍ଥ ଉତ୍ତୀର୍ଣ୍ଣ ହୋଇଗଲେ ।

ଏହାପରେ ମଧୁସୂଦନଙ୍କ ନର୍ଦ୍ଦେଶ—ପାଟନା ବଶ୍ୱବଦ୍ୟାଲସ୍ୱର ବ.ଏଲ୍. ପଗ୍ଷାରେ ପଗ୍ରେଇ ଗ୍ରୁପୀ ଭ୍ୱରେ ପଗ୍ଷା ଦେବା ପାଇଁ । କନ୍ତୁ ପାଟନା ବଶ୍ୱବଦ୍ୟାଲସ୍ୱର କୌଣସି ଆଇନ ଶ୍ରେଣୀରେ ସେ ଯୋଗ ଦେଇ ନଥିବା ଯୁକ୍ତରେ ପାଟନା ବଶ୍ୱବଦ୍ୟାଲସ୍ୱ ପଗ୍ରେଇ ଗ୍ରୁପୀ ରୂପେ ପଗ୍ଷା ଦେବା ପାଇଁ ସୁଧାଂଶୁବାଲାଙ୍କର ଆବେଦନ ଯେଉଁଦନ ପ୍ରତ୍ୟାଖାନ କଲେ ସେଦନ ଅଦୃଷ୍ଟ ବଧାତାଙ୍କ ଉଦ୍ଦେଶ୍ୟରେ ଅଜସ୍ର ପ୍ରଣାମ ଜଣାଇ ସୁଧାଂଶୁବାଲା ସ୍ୱସ୍ତିରେ ଦୀର୍ଘଶ୍ୱାସ ଗ୍ରୁଡ଼ିଥିଲେ ।

ଅଦୃଷ୍ଟ ଗ୍ରୁଡ ଦେଇପାରେ....କନ୍ତୁ ମଧୁସୂଦନ ତ ଗ୍ରୁଡବାର ପାନ୍ର ନୁହନ୍ତ । ତାଙ୍କର ନର୍ଦ୍ଦେଶ—ପାଟନା ବଶ୍ୱବଦ୍ୟାଲସ୍ୱ ଅନୁମତ ନଦେଲେ ଭ୍ୱସିଗଲ୍ ! କଲ୍ଲକତା ବଶ୍ୱ-ବଦ୍ୟାଲସ୍ୱକୁ ଦରଖାସ୍ତ କର, ପଗ୍ରେଇ ଗ୍ରୁପୀ ରୂପେ ପଗ୍ଷା ଦେବାପାଇଁ ।....

ସୁଧାଂଶୁବାଲାଙ୍କର ଆବେଦନ ପତ୍ର ଚଠା କରଦେଇଥିଲେ ସ୍ୱୟଂ ମଧୁସୂଦନ ! କଲ୍ଲକତା ବଶ୍ୱବଦ୍ୟାଲସ୍ୱ ସିଣ୍ଡିକେଟ୍ ସୁଧାଂଶୁବାଲାଙ୍କର ଆବେଦନ ପତ୍ର ବଗ୍ୱର କର ୧୯୧୮ ସାଲ ଜୁନ୍ ମାସରେ ଅନୁଷ୍ଠିତ ହେଉଥିବା ପ୍ରିଲିମିନାଗ୍ଜ ଲ' ପଗ୍ଷା ଦେବା ପାଇଁ ତାଙ୍କୁ ଦେଇଥିଲେ ଅନୁମତ !

ପଗ୍ଷା ଦେବା ପାଇଁ କଲ୍ଲକତା ଯିବା ଦନର ଦୃଶ୍ୟ ସୁଧାଂଶୁବାଲା ଏ ପର୍ଯନ୍ତ ପୂଲା ଭୁଲ ନାହାନ୍ତ । କଲ୍ଲକତା ଯିବା ବେଳେ ସୁଧାଶୁବାଲାଙ୍କ ଅବସ୍ଥା, ବଲୀ ମୁଁହକୁ ଛେଳ ଯିବା ପର ! ପଗ୍ଷା ପୁଣି ଆଇନ ପଗ୍ଷାର ନାମ ଶୁଣି ସୁଧାଂଶୁବାଲା ଘର୍ମକ୍ତ । ମଧୁସୂଦନ ସେତେବେଳେ ହଠାତ୍ କଲ୍ଲକ୍ ବ୍ୟାଧିରେ ଅସୁସ୍ଥ ହୋଇ ପଡ଼ିଥିଲେ । ସୁଧାଂଶୁବାଲାଙ୍କୁ ମିଳଗଲ୍ ଗୋଟିଏ ସୁଯୋଗ ! ସେ ମଧୁସୂଦନଙ୍କ ଶଯ୍ୟା ପାଖକୁ ଆସି, ସହାନୁଭୂତପୂର୍ଣ୍ଣ କଣ୍ଠରେ କହିଲେ...''ଦାଦା ଆପଣଙ୍କ ଦେହ ବର୍ତ୍ତମାନ ଏପର ଅସୁସ୍ଥ ! ଏତେବେଳେ ଆପଣଙ୍କୁ ଗ୍ରୁଡ଼ ପଗ୍ଷା ଦେବା ପାଇଁ ମୁଁ ତ କେବେ କଲ୍ଲକତା ଯାଇ ପାରିବ ନାହିଁ ।''

ରୋଗଶଯ୍ୟାରେ ପଡ଼ି ମଧୁସୂଦନ ବସ୍ଫୋରଣ କର ଉଠିଲେ—''କେଉଁଟା ତୋର କର୍ତ୍ତବ୍ୟ ? ମୋର ନର୍ସିଙ୍ଗ୍ କରିବା ନାଁ ପଗ୍ଷା ଦେବା ? କନ୍ତୁ ଜାଣିରଖ ସୁଧାଂଶୁ ତୁ ଯଦି ପଗ୍ଷା ଦେବା ପାଇଁ ଆଜ କଲ୍ଲକତା ନଯାଉ, ତାହେଲେ ଏ ଘରେ ତୋର ଗ୍ରୁଇ ଯେପର ଆଉ କେବେ ନପଡ଼େ !''

ଏ ବସ୍ଫୋରଣର ଗୁରୁତ୍ୱ ବୁଝିବା ପାଇଁ ସୁଧାଂଶୁବାଲାଙ୍କୁ ବଳମ୍ବ ଲଗି ନଥିଲ୍ । ଉଭୟଙ୍କ—କର୍ତ୍ତବ୍ୟ, ମଧୁସୂଦନଙ୍କ ଦୃଷ୍ଟିରେ ଥିଲ ଧର୍ମଗୁର ପର ଅଲଙ୍ଘନୀୟ । ମଧୁସୂଦନ ଥରେ

Digitized by srujanika@gmail.com

ସୁଧାଂଶୁବାଲାଙ୍କୁ କୌଣସି ଜନ୍ମଦିନ ଉପଲକ୍ଷେ ସେଇ ବାଇବଲ୍ ଉପହାର ଦେଇଥିଲେ, ତାର ପ୍ରଥମ ପୃଷ୍ଠାରେ ସେ ନିଜ ହାତରେ ଲେଖି ଦେଇଥିଲେ ସେଇ ଅନୁଶାସନ :

"Life is a race. The world is a race course. Birth is the starting point, Death the goal, and Duty is fence to keep us straight in the way to that Goal."

ସୁଧାଂଶୁବାଲା ଏକ ଦୁର୍ବଳ ମୁହୂର୍ତ୍ତରେ ସେଇ କର୍ତ୍ତବ୍ୟ ଭୁଲିଯିବା ମଧୁସୂଦନ ବରଦାସ୍ତ କରି ପାରନ୍ତେ କିପରି ?

ଅଗତ୍ୟା ପଗ୍ଭଷା ଦେବା ପାଇଁ ସୁଧାଂଶୁବାଲାଙ୍କୁ ସେଇ ଗୃହରେ କଲ୍‌କତା ଯିବା ପାଇଁ ପଡ଼ିଲା । ୧୯୨୦ ସାଲରେ ସେ ଯଥାବଧି ଇଣ୍ଟରମିଡ଼ିଏଟ୍ ଲ' ପଗ୍ଭଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଗଲେ ।

ଏହାପରେ ୧୯୨୧ ସାଲରେ ଫାଇନାଲ୍ ଲ' ପଗ୍ଭଷା !

ପ୍ରଥମ ସତ୍ୟାଗ୍ରହ ଆନ୍ଦୋଳନରେ କଲ୍‌କତା ସେତେବେଳେ ଅଗ୍ନିଗର୍ଭ ! ପଗ୍ଭଷା ହଲ୍ ଆଗରେ ସତ୍ୟାଗ୍ରହୀମାନଙ୍କର ଧାରଣା, ପିକେଟିଙ୍ଗ୍ । ସୁଧାଂଶୁବାଲା, ସତ୍ୟାଗ୍ରହୀମାନଙ୍କୁ ପାଦରେ ମାଡ଼ ମଳିତ ହଲ୍ ଭିତରକୁ ପଗ୍ଭଷା ଦେବା ପାଇଁ ଯିବେ ବା କିପରି ? ଫାଟକ ପାଖରେ, ହଲ୍ ସାମନାରେ ମୁହଁ ମାଡ଼ ଶୋଇଛନ୍ତି ଦଳ ଦଳ ସତ୍ୟାଗ୍ରହୀ....ସେମାନଙ୍କର ସ୍ଲୋଗାନ୍ "ଗୋଲ୍‌ମଖାନା ବର୍ଜନ କର !" ପ୍ରଥମ ଦୁଇଦିନ କୌଣସି ଉପାୟରେ ସୁଧାଂଶୁବାଲା ହଲ୍ ଭିତରକୁ ଯାଇ ପଗ୍ଭଷା ଦେଇ ପାରିଲେ ! କିନ୍ତୁ ତୃତୀୟ ଦିନ ପରିସ୍ଥିତି ଥିଲା ଅତି ବିଷମ !

"ଦାଦା, ସତ୍ୟାଗ୍ରହୀମାନଙ୍କୁ ପାଦରେ ଦଳି ମୁଁ ପଗ୍ଭଷା ହଲ୍ ଭିତରକୁ ଆଜି ଯାଇ ପାରିବି କିପରି ?"....ସୁଧାଂଶୁବାଲାଙ୍କର ଝିରୁ କୁଣ୍ଠିତ ପ୍ରଶ୍ନ ! ସତ୍ୟାଗ୍ରହ ଆଲରେ ସେ ଯଦି ପଗ୍ଭଷାର ଏଇ ଅଗ୍ନିପଗ୍ଭଷାରୁ ବଞ୍ଚି ଯାଇ ପାରନ୍ତା !

ସୁଧାଂଶୁବାଲାଙ୍କର ଲ' ପଗ୍ଭଷା ପାଇଁ, ମଧୁସୂଦନ ସେତେବେଳେ ଆସି ରହିଥିଲେ, କଲ୍‌କତାର ଭଡ଼-ଷ୍ଟ୍ରୀଟ୍‌ରେ, ତାଙ୍କ ବାସଭବନରେ !

ମଧୁସୂଦନ ଶାନ୍ତ କଣ୍ଠରେ ଉତ୍ତର ଦେଲେ...."ସତ୍ୟାଗ୍ରହୀମାନେ ଯଦି ଅବଚଳିତ ଚିତ୍ତରେ ସେମାନଙ୍କର କର୍ତ୍ତବ୍ୟ କରି ପାରୁଛନ୍ତି; ତାହେଲେ ତୁ ତୋର କର୍ତ୍ତବ୍ୟରୁ ଓହରି ଯିବୁ କିପରି ? ସତ୍ୟାଗ୍ରହୀମାନେ ପଗ୍ଭଷା ଦେଉଛନ୍ତି ଦେଶର ସ୍ୱାଧୀନତା ପାଇଁ; ତୁ ପଗ୍ଭଷା ଦେଉଛୁ ନାସ୍ତା ଜାତିର ମୁକ୍ତି ପାଇଁ ! ସତ୍ୟାଗ୍ରହୀମାନେ ଗୁଳି ନଦେଲେ ସେମାନଙ୍କ ପାଦରେ ଦଳି ହଲ୍ ଭିତରକୁ ଯିବା ତୋର ଭିତ୍ତି, କର୍ତ୍ତବ୍ୟ !"

Digitized by srujanika@gmail.com

ସୁଧାଂଶୁବାଲା ଅକ୍ଷରେ ଅକ୍ଷରେ ପାଳନ କରିଥିଲେ, ମଧୁସୂଦନଙ୍କ ସେଇ କଠୋର ନିର୍ଦ୍ଦେଶ ! ସଭ୍ୟାଗ୍ରହୀମାନଙ୍କୁ ପାଦରେ ମାଡ଼ି ମକଚ, ପଙ୍କ୍ଷା ହଲ୍ ଭିତରକୁ ଯିବା ପାଇଁ ସେ କୁଣ୍ଠିତା ହୋଇ ନଥିଲେ । ଏଥିପାଇଁ ସେତେବେଳେ ଉଗ୍ର ଜାତୀୟତାବାଦୀ ସମ୍ବାଦପତ୍ର ମାନଙ୍କରେ, ସୁଧାଂଶୁବାଲା ଓ ସେହି ସୂତ୍ରରେ ମଧୁସୂଦନଙ୍କୁ କମ୍ କଠୋର ସମାଲୋଚନାର ସମ୍ମୁଖୀନ ହେବା ପାଇଁ ପଡ଼ି ନଥିଲା ! ମାତ୍ର ମଧୁସୂଦନ ସେଥିରେ ବିଚଳିତ ହୋଇ ନଥିଲେ ! ତାଙ୍କ ଦୃଷ୍ଟିରେ ସୁଧାଂଶୁବାଲାଙ୍କ ଓକିଲତି ପଙ୍କ୍ଷା ଥିଲା, ନାସ୍ତି-ମୁନ୍ତର ଏକ ଅର୍ଗଳ ପଙ୍କ୍ଷା ! ସଭ୍ୟାଗ୍ରହଠାରୁ ଏହାର ଗୁରୁତ୍ୱ ଓ ଗୌରବ କୌଣସି ଗୁଣରେ ଉଣା ନଥିଲା ।

ଅନ୍ତତଃରେ ଏହିପରି ବହୁ ଫକଡ଼ ଓ ଫଜାମ ମଧ୍ୟରେ ସୁଧାଂଶୁବାଲା ଆଇନ ପଙ୍କ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ, ଏବେ ଯଦି ଓକିଲତି ପାଇଁ ଅନୁମତିରୁ ବଞ୍ଚିତା ହୁଅନ୍ତୁ, ତାହେଲେ କେଉଁଠି ରହିବ, ସେଇସବୁ ଫକଡ଼ ଓ ଫଜାମର ସାର୍ଥକତା ?

ମଧୁସୂଦନଙ୍କ ଦୃଷ୍ଟିରେ ଏହା ସେତେବେଳେ କେବଳ ଏକ ଆଇନଗତ ସମସ୍ୟା ନଥିଲା—ଏହା ମଧ୍ୟ ଥିଲା ଏକ ଆବେଗତାଡ଼ିତ ପ୍ରଶ୍ନ ! ସେଥିପାଇଁ ମନ୍ତ୍ରୀ ପଦରେ ଥାଇ ସୁଦ୍ଧା, ମିଷ୍ଟର ମାନକ୍ ବାରଷ୍ଟରଙ୍କ ପାଖରେ ଜୁନିଅର୍ ପରି ବସି ଆରଗୁମେଣ୍ଟବେଳେ ତାଙ୍କୁ ସୂଚନା ଓ ପରାମର୍ଶ ଦେବା ଓ ସ୍ଲିପ୍ ପରେ ସ୍ଲିପ୍ ଲେଖି ତାଙ୍କ ଆଡ଼େ ବଢ଼ାଇ ଦେବା ଲଗି ମଧୁସୂଦନ ତଳେ ମାତ୍ର କୁଣ୍ଠିତ ଜମ୍ବା ସଙ୍କୁଚିତ ହୋଇ ନଥିଲେ ।

ମିଷ୍ଟର ମାନକ୍‌ଙ୍କ ଆର୍ଗୁମେଣ୍ଟ ଥିଲା....୧୭୯୩ ଖ୍ରୀ: ଅ: ପର୍ଯ୍ୟନ୍ତ ଇଂରଜରେ ଆଇନ ବ୍ୟବସାୟ ବୋଲ କୌଣସି ନିର୍ଦ୍ଦିଷ୍ଟ ବୃତ୍ତି ନଥିଲା । କୋର୍ଟ କଚେରୀରେ ଯିଏ ପକ୍ଷମାନଙ୍କର ପ୍ରତିନିଧିତ୍ୱ କରି ପାରୁଥିଲେ, ସିଏ ବେବେଚିତ ହେଉଥିଲେ ଓକିଲ ରୂପେ । ସେଥିରେ କୌଣସି ବାଧା ନଥିଲା । ଆଇନ ବ୍ୟବସାୟରେ, ସେ ପରିସ୍ଥିତିରେ, ସ୍ତ୍ରୀ ପୁରୁଷ ଭେଦ ନଥିଲା; କମ୍ବା ଆଇନ ବ୍ୟବସାୟରେ ନାରୀମାନଙ୍କର ପ୍ରବେଶାଧିକାର ମଧ୍ୟ ନିଷିଦ୍ଧ ନଥିଲା । ମାତ୍ର ଏବେ ସେ କ୍ଷେତ୍ରରେ ଦେଖା ଦେଇଛି ପରସ୍ପରବିରୋଧୀ ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି । ଇଂଲଣ୍ଡରେ ମହିଳା ମାନେ କୋର୍ଟ କଚେରୀରେ ପ୍ରାକଟିସ୍ କରିବାରେ କୌଣସି ବାଧା ନଥିଲେ ବି, ଇଂରଜରେ ସେଥିପାଇଁ ଅଧିକାର ଓ ସୁଯୋଗରୁ ସେମାନେ ବଞ୍ଚିତା ।

ମିଃ ମାନକ୍ କହିଲେ...."At present there is the astounding anomaly of women called to the Bar in England being unable to practice in India."

ପ୍ରଧାନ ବିଚାରପତି ମି. ମିଲର ଏ ଯୁକ୍ତି ସହିତ ଏକମତ ହୋଇ ଟିପ୍‌ପଣୀ କଲେ... "ଏପରି ପ୍ରଶ୍ନ ଉତ୍ଥାପିତ ହେବା ସ୍ୱାସ୍ଥ୍ୟକର ।"

ମିଷ୍ଟର ମାନକ୍ ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟରେ ଉତ୍ସାହିତ ହୋଇ କହିଲେ.... "ଇଂଲଣ୍ଡରେ ପ୍ରାକଟିସ୍ କରୁଥିବା କୌଣସି ମହିଳା ବାରଜର କୌଣସି କୋର୍ଟ କଚେରୀକୁ

Digitized by srujanika@gmail.com

ଆପ୍ତି ପ୍ରାକଟିସ କଲେ, ତାଙ୍କ ପାଇଁ ସଦ୍ୟ କୌଣସି ଆପତ୍ତି ବା ପ୍ରତିବନ୍ଧକ ନରହେ; କ୍ଷତ୍ରୀୟସ୍ତ୍ରୀ ମହିଳା ଆଡ଼ଭୋକେଟ ମାନଙ୍କ କ୍ଷେତ୍ରରେ ସେପରି ପ୍ରତିବନ୍ଧକ ସୃଷ୍ଟି କରିଯିବ କାହିଁକି ? କେଉଁ ଯୁକ୍ତିରେ ?"

କନ୍ସ୍ଟ ଜଗାଲ-ପ୍ରାକଟିସନର୍ସ୍-ଆକ୍ଟ୍‌ରେ, ଓକିଲ ବା ଆଡ଼ଭୋକେଟମାନଙ୍କ ସମ୍ପର୍କରେ ଯେଉଁ ସର୍ବନାମ ସର୍ବତ୍ର ବ୍ୟବହୃତ ହୋଇଛି, ତାହା ହେଲା "His" ବ୍ୟାକରଣ ଦୃଷ୍ଟିରୁ ଏହା କଣ ସ୍ପଷ୍ଟ ନୁହେଁ ଯେ, ମହିଳାମାନଙ୍କୁ ଓକିଲତ କ୍ଷେତ୍ରରେ ପ୍ରବେଶାଧିକାର ନଦେବା, ଏହି ଆଇନର ପ୍ରଣେତାମାନଙ୍କର ଅଭିପ୍ରେତ ଥିଲା ?—ବସ୍ତ୍ରାବୃତ ମାନଙ୍କର ପ୍ରଶ୍ନ ।

ମିଷ୍ଟର୍ ମାନକ୍ ଏହି ବକ୍ତାମାନଙ୍କର ପ୍ରଶ୍ନର ହଠାତ୍ କୌଣସି ଉତ୍ତର ଖୋଜି ପାଇ ନଥିଲେ ।

ମଧୁସୂଦନ ଅନୁଚ କଣ୍ଠରେ ମି. ମାନକଙ୍କୁ ସୂଚନା ଦେଲେ—

"ସେ ବେଳର ପରିସ୍ଥିତିରେ ମହିଳାମାନେ ଓକିଲ, ଆଡ଼୍‌ଭୋକେଟ ହେବାର ସମ୍ଭାବନା ଥିଲା, କଳ୍ପନାତୀତ ! ଆରମ୍ଭରେ ଓକିଲତ ବ୍ୟବସାୟ କେବଳ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ଥିଲା ଅନୁମୋଦିତ । ପରେ "all natives of India" ସମ୍ପ୍ରଦାୟ, ଧର୍ମ, ଗୋଷ୍ଠୀ ନିର୍ବିଶେଷରେ ସବୁ ଶ୍ରେଣୀର କ୍ଷତ୍ରୀୟସ୍ତ୍ରୀଙ୍କ ପାଇଁ ଏହାର ପରିସର ସମ୍ପ୍ରସାରିତ ହୋଇଗଲା । ତାହାର ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ସେ କୌଣସି ଧର୍ମ ବା ସମ୍ପ୍ରଦାୟର ଉପଯୁକ୍ତ ଶିକ୍ଷାପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ଓକିଲତର ଦ୍ୱାର ହେଲା ଉନ୍ମୁକ୍ତ...."all persons of any nationality or religion duly qualified"....ଏହି ପୃଷ୍ଠଭୂମିରେ ମହିଳାମାନଙ୍କୁ ଓକିଲତ ପାଇଁ ସାର୍ଟିଫିକେଟ୍ ନଦେବାର ପ୍ରଶ୍ନ ଉଠି ପାରିବ କିପରି ?"

ଲଞ୍ଚ୍-ବିରତି ପରେ ସୁଦ୍ଧା, "His" ଓ "Her", "He" ଓ "She" ଯେନ ଆଉ କେତେ ସମସ୍ତ ଧରି ଆଲୋଚନା ଘୁଲିଥାନ୍ତା କଣା ନାହିଁ, ଅପରାହ୍ଣରେ ବାର୍ ଆସୋସିଏସନ୍‌ର କନିଷ୍ଠ ନର୍ମକର୍ତ୍ତା ମିଷ୍ଟର ଏ. ସି. ସିହ୍ନା କୋର୍ଟକୁ ଆସି ନିବେଦନ କଲେ....ବାର୍-ଆସୋସିଏସନ୍‌ର ବହୁପକ୍ଷ ସଭ୍ୟ, ମିସ୍ ହାଜରାଙ୍କ ଆବେଦନର ବିରୋଧ କରିବା ପାଇଁ ଇଚ୍ଛୁକ । ମହିଳାମାନଙ୍କୁ ଓକିଲତ ପାଇଁ ଅନୁମତି ଦେବା ପ୍ରସ୍ତାବର ସେମାନେ ବିରୋଧୀ ।*

ଏଇଠାରେ ସେଦିନ ଶୁଣାଣି ସମାପ୍ତ ହୋଇ ଆଦେଶ କେବଳ ରହିଲା ସ୍ଥଗିତ । ଫୁଲବେଞ୍ଚ୍‌ର ନିଷ୍ପତ୍ତି ସମ୍ପର୍କରେ ମିଷ୍ଟର ମାନକ୍ ପ୍ରମୁଖ ଥିଲେ ଖୁବ୍ ଆଶାବାଦୀ—କନ୍ତୁ ଆପିଲରେ ସେ ଯେ ହାରିଛନ୍ତି, ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା ।

---

* "ଷ୍ଟେଟସମାନ"ର ତା ୩୦-୧୧-୧୯୬୧ ଖଣ୍ଡ ସଂଖ୍ୟାରେ ପ୍ରକାଶିତ ସମ୍ବାଦ ।

Digitized by srujanika@gmail.com

(ଦୁଇ)

ନଭେମ୍ବର ୨୮ ତାରିଖ ଦିନ ଜଜ୍‌ମେଣ୍ଟ ! ଉତ୍କଣ୍ଠା ଓ ଉଦ୍‌ବେଗ ମଧ୍ୟରେ ସୁଧାଂଶୁ ମିତ୍ରମାଣ ! ମଧୁସୂଦନ ସେଦିନ ସେକ୍ରେଟାରିୟେଟ୍‌କୁ ବାହାରିବା ବେଳେ ପ୍ରଗଲ୍‌ଭ ଶୈଳ ପଚାରିଲେ....''ଆଜକେ ହବେ ଜଜ୍‌ମେଣ୍ଟ ! ଆମରି ହାଇକୋର୍ଟ ଯାବ ?''

ମଧୁସୂଦନଙ୍କ ଚନ୍ଦ୍ରାରେ ହଠାତ୍ ବାଧା ପଡିବାରୁ ସେ ବିସ୍ମୟାରଣ କରି ଉଠିଲେ.... ''କେନୋ ଯାବେ ? ଗିସ୍ଟେ କୋନୋ ଲଭ ନେଇଁ ।''

ମଧୁସୂଦନଙ୍କ ଆଶଙ୍କା ସତ୍ୟ ହୋଇଥିଲା ।

ଫୁଲବେଞ୍ଚର ତିନିଜଣ ବସୁରାପତ ପ୍ରତ୍ୟେକେ ନିଜ ନିଜର ସ୍ୱତନ୍ତ୍ର ବସୁରାଲିପିରେ ଇଣ୍ଡିଆନ୍ ଲଗାଲ ପ୍ରାକଟିସନର୍ସ ଆକ୍ଟର ବ୍ୟବସ୍ଥା ଦୃଷ୍ଟିରୁ ମହିଳାମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ସତ୍ତ୍ୱେ ଓକାଲତ ପାଇଁ ସାର୍ଟିଫିକେଟ ଦେବା ସମ୍ଭବ ନୁହେଁ ବୋଲି ସିଦ୍ଧାନ୍ତ ଦେଇଥିଲେ । ବସୁରାପତ ସାର୍ ଜ୍ୱାଲାପ୍ରସାଦ ତାଙ୍କ ବସୁରାଲିପିରେ ଉଲ୍ଲେଖ କରିଥିଲେ; ଆଇନର ଉପସ୍ଥିତ ବ୍ୟବସ୍ଥା ଦୃଷ୍ଟିରୁ ମହିଳାମାନଙ୍କୁ ଓକାଲତ ପାଇଁ ସାର୍ଟିଫିକେଟ ଦେବା ସମ୍ଭବ ନହେଲେ ବି ଆଇନର ଆବଶ୍ୟକୀୟ ସଂଶୋଧନ ପାଇଁ ଏହା ଏକ ଅଲଙ୍ଘନୀୟ ଯୁକ୍ତି ହୋଇପାରେ । ସାର୍ ଜ୍ୱାଲାପ୍ରସାଦ ଲେଖିଥିଲେ....

"In England the legislation has solved the question and has removed the disqualification of sex and thereby has admitted females to the legal profession. Consequently it has been urged that females would now be entitled to practice in the Indian Courts, in as much as the Legal Practitioners Act does not apply to them and they will be entitled to plead in the courts of India as Barristers. This may be an argument for the amendment of the Legal Practitioner's Act but we are chiefly concerned with the construction of the Act as it stands at present."

୧୯୧୭ ସାଲରେ କଲିକତା ହାଇକୋର୍ଟ* ମିସ୍ ରେଜନା ଗୁହଙ୍କ ଆବେଦନ ସମ୍ପର୍କରେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ, ଏହି ଜଜ୍‌ମେଣ୍ଟରେ ଥିଲା କେବଳ ତାହାର ପୁନରାବୃତ୍ତି ।

---

* I. L. R. Vol : I Page 101.

Digitized by srujanika@gmail.com

ଅପିଲ୍ ଖାରଜ ହୋଇଛୁ ଶୁଣି ଯୁଗପତ୍ ଆସ୍ପର୍ଦ୍ଧି ଓ ନୈରାଶ୍ୟ ମଧ୍ୟରେ ସୁଧାଂଶୁବାଲାଙ୍କ କଂକର୍ତ୍ତବ୍ୟବମୂଢ଼ ହୋଇ ପଡ଼ିଲେ । ଆସ୍ପର୍ଦ୍ଧି—ଓକଲତର ମହାର୍ଘ ବହୁଦଶଟାରୁ-ଟାଙ୍କୁ ପରହାଣ ମିଳିଲା; କନ୍ତୁ ନୈରାଶ୍ୟ—ଏତେ ଗୁଡ଼ାଏ ପରଶ୍ରମ ବ୍ୟର୍ଥ ହୋଇଗଲା ।

କନ୍ତୁ ମଧୁସୂଦନଙ୍କ ଅଭିଧାନରେ ତ ନୈରାଶ୍ୟ ଓ ବ୍ୟର୍ଥତା ଏ ଶବ୍ଦ ଦୁଇଟା ନଥିଲା ! ସେ ଚିନ୍ତା କରୁଥିଲେ ପରବର୍ତ୍ତୀ ପଦକ୍ଷେପ ।

ସେଦିନ ସନ୍ଧ୍ୟାରେ ମଧୁସୂଦନ ଷ୍ଟଡୀ ଭିତରେ ପାଦଚାରଣା କରୁ କରୁ ସୁଧାଂଶୁବାଲାଙ୍କୁ ପଚାରିଲେ···"ଏହାପରେ କଣ କରିବୁ ଭାବୁଛୁ ସୁଧାଂଶୁ ?"

ସୁଧାଂଶୁ ଗୋଟାଏ ଦୀର୍ଘଶ୍ୱାସ ପକାଇ ଉତ୍ତର ଦେଲେ···"ଏହାପରେ ଫେରିଯିବ ସେଇ ରେଭେନ୍‌ସା ଗାର୍ଲସ୍ ସ୍କୁଲକୁ ! ଭାବୁଛୁ ଯେତେ ଶୀଘ୍ର ଫେରିଯାଏ ସେତେ ଭଲ !"

ମଧୁସୂଦନ ଚିତ୍କାର କରି ଉଠିଲେ···"ଯେତେ ସବୁ ଅପଦାର୍ଥ ଭଡ଼ ବାନ୍ଧିଛନ୍ତି ଏଇଠି ! ତୁଇ ଆର୍ ଓଇ କଣ୍ଡରଗାର୍ଟେନ୍‌ର ଉର୍ଦ୍ଧ୍ୱେ ଉଠିବେ ପାର୍‌ଲି ନା ସୁଧାଂଶୁ ! ଏଇ ଜନ୍ୟେ ଆମ୍ଭି ଏତେ। ପରଶ୍ରମ କରେ ଛୁଲମ୍ ?"

ମଧୁସୂଦନଙ୍କ ବସ୍ତୋରଣରୁ ସୁଧାଂଶୁକୁ ବଞ୍ଚାଇବା ଉଦ୍ଦେଶ୍ୟରେ ଶୈଳବାଲା କହିଲେ...."କନ୍ତୁ ବଉଦ୍ଦା ସୁଧାଂଶୁର ଏଥିରେ ଦୋଷ କଣ ? ଫୁଲବେଞ୍ଚ ତ ତାକୁ ଓକଲତ ପାଇଁ ଅନୁମତି ଦେଲେ ନାହିଁ । ରେଭେନ୍‌ସା ଗାର୍ଲସ୍ ସ୍କୁଲକୁ ସେ ଫେରି ନ ଯାଇଁ ପାରନାରେ ଆଉ କରିବ ବା କଣ ?"

"ତୋକେ କେ ବଲେଛେ ଏ ବ୍ୟାପାରେ ମାଥା ଘାମାତେ ? ବେସ୍ଟ୍ ବେସ୍ଟ୍ ଏଖାନ ଥେକେ !"....ମଧୁସୂଦନ ବସ୍ତୋରଣ କରି ଉଠିଲେ !

ପରାଜୟର ସେହି ଗ୍ଲାନିପୂର୍ଣ୍ଣ ମୁହୂର୍ତ୍ତରେ, ମଧୁସୂଦନ ଆଶା କରୁଥିଲେ, ଅପରାଜେୟତାର ସକଳ, ଏପରି ନିସ୍ପୃହ ଆତ୍ମସମର୍ପଣ ନୁହେଁ !

ଶୈଳବାଲା ସେଠାରୁ ବେହାତ୍ତ ପରି, ଆତ୍ମରକ୍ଷା ପାଇଁ ପ୍ରାସ୍ତ ପଲାୟନ କରୁଥିଲେ—ମଧୁସୂଦନ ତାଙ୍କୁ ଡାକ କହିଲେ···"ଯାଉଛୁ କୁଆଡ଼େ ? ଦାଶଙ୍କର ହାସାନ୍ ଇମାମଙ୍କର ଆସିବା କଥା ଥିଲା ସନ୍ଧ୍ୟାରେ; ଟେଲିଫୋନ କର, ମୁଁ ଅପେକ୍ଷା କରିଛୁ ତାଙ୍କୁ ।"

କିଛି ସମୟ ପରେ ହାସାନ୍ ଇମାମ୍ ସେଠାରେ ଆସି ଉପସ୍ଥିତ ହେଲେ । ପାଟନାର ବର୍ତ୍ତମାନ ବାଶିନ୍ଦାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ ! ଏଇ ମୋକଦ୍ଦମା ସମ୍ପର୍କରେ ଆଲୋଚନା ପାଇଁ ସେଦିନ ସନ୍ଧ୍ୟାରେ ମଧୁସୂଦନ ଆମନ୍ତ୍ରଣ କରିଥିଲେ ତାଙ୍କୁ ।

"ଏହାପରେ କଣ କରାଯାଇପାରେ ଇମାମ୍ ସାହେବ ?—ମଧୁସୂଦନ ବନା ଭୂମିକାରେ ପ୍ରଶ୍ନ କଲେ ହାସାନ୍ ଇମାମ୍‌କୁ ।

Digitized by srujanika@gmail.com

ହାସାନ୍ ଇମାମ୍ ଉତ୍ତର ଦେଲେ—"ଜଜ୍‌ମେଣ୍ଟ୍ ବେଳେ ମୁଁ କୋର୍ଟରେ ଉପସ୍ଥିତ ଥିଲି । ଇତମଧ୍ୟରେ ମୁଁ ତାହାକୁ ମଧ୍ୟ ଆମୂଳଚୂଳ ପଢ଼ି ସାରିଛି ! ଫୁଲ୍ ବେଞ୍ଚ୍ ବସ୍ତୁଗତ୍ୟାଧୀନ ପ୍ରଶ୍ନର ନ୍ୟାଯ୍ୟୋଚିତ, ଯୁକ୍ତିସିଦ୍ଧ ସମାଧାନ ଦେବା ପରବର୍ତ୍ତେ ତାହାକୁ ଏଡ଼ାଇ ଯିବାପାଇଁ ଚେଷ୍ଟା କରିଛନ୍ତି । କଲିକତା ହାଇକୋର୍ଟର ଜଜ୍‌ମେଣ୍ଟ୍ ସେଥିପାଇଁ ଦେଇଛି ଯେପରି ଏକ ସୁଯୋଗ ।"

ମଧୁସୂଦନ ପଚାରିଲେ, "ଇନ୍ସ ପ୍ରିନ୍ସ କାଉନସିଲ୍‌ଙ୍କୁ ଏ ଜଜ୍‌ମେଣ୍ଟ ବିରୁଦ୍ଧରେ ଅପିଲ କଲେ କିପରି ହୁଅନ୍ତା ?"

"ଅପିଲ ତ ଏତେ ସହଜ ନୁହେଁ ! ସେଥିପାଇଁ ପ୍ରଥମେ ହାଇକୋର୍ଟର ଷ୍ପେସାଲ୍ ଲିଭ୍ ଆବଶ୍ୟକ ! ଇନ୍ସ କେଉଁ ଯୁକ୍ତିରେ ଆମେ ଷ୍ପେସାଲ୍ ଲିଭ୍ ପାଇଁ ଆବେଦନ କରିବା ? ହାଇକୋର୍ଟ ଜଜ୍‌ମେଣ୍ଟରେ କହିଛନ୍ତି, ଏହା ଯେତେ ଆଇନଗତ ପ୍ରଶ୍ନ ନୁହେଁ, ସେତେ ହେଉଛି ହାଇକୋର୍ଟର ପ୍ରଶାସନିକ ବ୍ୟାପାର **administrative Act** ! ଏହା ବିରୁଦ୍ଧରେ ଅପିଲ ପାଇଁ ହାଇକୋର୍ଟ ମଞ୍ଜୁରୀ ଦେଲେ ତ ?"

ମଧୁସୂଦନ କହିଲେ...."ତଥାପି ଲଗଲ୍-ପ୍ରାକ୍‌ଟିସନର୍ସ-ଆକ୍ଟ ଭର୍ଜମା କରିବା, ହାଇକୋର୍ଟର ମଧ୍ୟ ଏକ ଜୁଡ଼ିସିଆଲ ଆକ୍ଟ୍ । ଏହା ବିରୁଦ୍ଧରେ ଅପିଲ ପାଇଁ ଆପଣ ହାଇକୋର୍ଟର ଷ୍ପେସାଲ ଲିଭ୍ ପାଇଁ ବ୍ୟବସ୍ଥା କରନ୍ତୁ ।"

ପ୍ରିନ୍ସ କାଉନସିଲ୍‌ରେ ଅପିଲ ପାଇଁ ହାଇକୋର୍ଟ ଠାରୁ ଯଥାବଧି ଅନୁମତି ପାଇଁ ଆବେଦନ କରାଗଲା । ମାନ୍ୟ ହାଇକୋର୍ଟ ଏ ଆବେଦନକୁ ମଧ୍ୟ ଅଗ୍ରାହ୍ୟ କରିଦେଲେ । ଏଥିରେ ମଧ୍ୟ ଥିଲା—ଏକ ଆଇନଗତ ପ୍ରଶ୍ନର ନ୍ୟାଯ୍ୟୋଚିତ ସମାଧାନ ଓ ସେ ସମ୍ପର୍କରେ ସ୍ପଷ୍ଟ ନିସ୍ପତ୍ତି ପରବର୍ତ୍ତେ ସୁଲଭ ଯୁକ୍ତିରେ ତାହାକୁ ଏଡ଼ାଇ ଯିବାର ପ୍ରଚେଷ୍ଟା *

---

* ପ୍ରଧାନ ବସ୍ତୁରପଡ ମିଷ୍ଟର ଡସନ୍ ମିଲର୍, ଅପିଲ ପାଇଁ ଆବେଦନ ନାମଞ୍ଜୁର କରି ୧୯୨୨ ଅପ୍ରେଲ ତାରିଖର ଆଦେଶଲିପିରେ ଲେଖିଥିଲେ....

"× × × The decision we arrived at was one which was necessary to come to before we could determine whether or not Miss Hazra could be admitted as a pleader. It was all part and parcel of an Administrative Act and that being so, I cannot see, how we can grant leave in this case, because it is a matter which lies solely within the jurisdiction of their Lordships of the Privy Council and this Court has no power to make the order. I request that this should be so, but I think that Miss Hazra would have been better advised had she proceeded immediately to their Lordships of the Judicial Committee to ask for special leave."

(A Woman At Law—P. 12)

Digitized by srujanika@gmail.com

ଏହାପରେ ?

ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ହାସାନ୍ ଇମାମ୍‌ଙ୍କ ସହିତ ମଧୁସୂଦନଙ୍କର ଘଣ୍ଟାଏ ଦିନ ପରେ ଦିନ ଧରି ଘୋର ଆଲୋଚନା । ଅବଶେଷରେ ନିଷ୍ପତ୍ତି ହେଲା, ସ୍ପେସାଲ୍ ଲିଭ୍ (ଆପିଲ୍ ପାଇଁ ଅନୁମତି) ପ୍ରାର୍ଥନା କରି, ପ୍ରିଭି କାଉନସିଲ୍‌କୁ ଆବେଦନ କରିବା ପାଇଁ ।

ହାସାନ୍ ଇମାମ୍ କହିଲେ..."ଲଣ୍ଡନରେ ମୋର ଜଣେ ବନ୍ଧୁ ମିଷ୍ଟର ଦୁବେ ପ୍ରିଭି କାଉନସିଲ୍‌ରେ ଓକିଲତି କରୁଛନ୍ତି । ତାଙ୍କୁ ମୁଁ ଚିଠି ଲେଖିଦେବି, ସେ ଏ ମୋକଦ୍ଦମାରେ ସାହାଯ୍ୟ କରିବେ । ଆପିଲ ଦାଖଲ କରିବା ପାଇଁ କେବଳ, ଗୋଟିଏ ସଲିସିଟର ଫାର୍ମ ଜୁଟିଲେ ହେଲା ।"

ମଧୁସୂଦନ :—"କଙ୍ଗ୍ସ୍ କାଉନସେଲ୍ ସାର୍ ଜର୍ଜ ଲଣ୍ଡସ୍‌ଙ୍କ ସହିତ ମୋର ବେଶ୍ ପରିଚୟ ଅଛି । ଅତୀତରେ କେତେଟା ମୋକଦ୍ଦମା ମଧ୍ୟ ମୁଁ ଦେଇଛି ତାଙ୍କୁ । ଆପଣଙ୍କ ବନ୍ଧୁ ମିଷ୍ଟର ଦୁବେ ସାହାଯ୍ୟ କରିବେ ତାଙ୍କୁ । ମେସର୍ସ ଓ୍ୱାଟ୍‌କିନସ୍ ଆଣ୍ଡ ହଣ୍ଟର୍ ସଲିସିଟର ଫାର୍ମ ସହିତ ଅତୀତରେ କେତେକ ମୋକଦ୍ଦମାରେ ମୋର ସମ୍ପର୍କ ଥିଲା । ତେଣୁ ପ୍ରିଭି-କାଉନସିଲ୍‌ରେ ଆପିଲ୍ କରିବାରେ ଅସୁବିଧା ହେବନାହିଁ । କିନ୍ତୁ ଏ ସମ୍ପର୍କରେ ପ୍ରିଭି-କାଉନସିଲ୍ କି ଦୃଷ୍ଟିଭଙ୍ଗୀ ପୋଷଣ କରିବେ, ସେଇଆ ହେଉଛି ସମସ୍ୟା !"

ପ୍ରିଭି କାଉନସିଲ୍ ଯଦି ସୁଧାଂଶୁଙ୍କ ଆପିଲ ନାମଞ୍ଜୁର କରି ଦିଅନ୍ତି; ତାହେଲେ ଲଗାଲ-ପ୍ରାକ୍‌ଟିସନର୍ସ-ଆକ୍ଟର ସଂଶୋଧନରେ ପ୍ରତିବନ୍ଧକ ସୃଷ୍ଟି ହେବା ସୁନିଶ୍ଚିତ । ବସ୍ତୁତଃ ପ୍ରିଭି କାଉନସିଲ୍‌ରେ ଆପିଲ ଫାଇଲ କରିବା କଷ୍ଟସାଧ୍ୟ ନଥିଲେହେଁ; ଏଇ ସନ୍ଦେହ ଯେପରି ମଧୁସୂଦନ ଥିଲେ ଚିନ୍ତିତ !

କିନ୍ତୁ ସେତେବେଳେ ଦ୍ୱିଧା କରିବା ପାଇଁ ଆଉ ସମୟ ନଥିଲା । ବ୍ରିଟିଶ ସାମ୍ରାଜ୍ୟର ସର୍ବୋଚ୍ଚ ବିଚାରାଳୟରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇବା ପାଇଁ, ମଧୁସୂଦନଙ୍କ ମୁଣ୍ଡକୁ ଯେପରି ରକ୍ତ ଚଢିଥିଲା ।

ସୁଧାଂଶୁବାଲାଙ୍କ ପକ୍ଷରୁ ପ୍ରିଭି କାଉନସିଲ୍‌ରେ ଯଥାବଧି ଆପିଲ ଦାଖଲ ହୋଇଗଲା । ଓ୍ୱାଟ୍‌କିନସ୍ ଆଣ୍ଡ ହଣ୍ଟର୍ ସଲିସିଟର ଜମାନା, ଜଣାଇ ଦେଲେ ୧୯୨୨ ସାଲ ନଭେମ୍ବର ୨୨ ତାରିଖ ଦିନ ହେବ, ଆପିଲ ପାଇଁ ଅନୁମତି ଆବେଦନର ଶୁଣାଣି ।

(ଚଉଦ)

ପ୍ରିଭି କାଉନସିଲ୍‌ରେ ଆପିଲ ପାଇଁ ଆବେଦନ କରି କେବଳ, ମଧୁସୂଦନ ନିଶ୍ଚିନ୍ତ ରହି ନଥିଲେ । ପାଟନା ହାଇକୋର୍ଟର ଅନ୍ୟତମ ବରିଷ୍ଠ ପଣ୍ଡିତ ସାର୍ ଜ୍ୱାଲାପ୍ରସାଦ, ସୁଧାଂଶୁବାଲାଙ୍କ

Digitized by srujanika@gmail.com

ଆବେଦନ ନାମଞ୍ଜୁର କର ଲଗାଲ-ପ୍ରାକ୍ଟିସନର୍ସ-ଆକ୍ଟରେ ଆବଶ୍ୟକସ୍ଥଳେ ସଂଶୋଧନ ବାଞ୍ଛନୀୟ ବୋଲ୍ ନଜ ବସ୍ତୁରଲିପିରେ ଉଲ୍ଲେଖ କରବା ଦରୁ, ଲଗାଲ-ପ୍ରାକ୍ଟିସନର୍ସ ଆକ୍ଟର ସଂଶୋଧନ ପାଇଁ ମଧୁସୂଦନ ଚେଷ୍ଟିତ ହୋଇ ଉଠିଥିଲେ । କନ୍ତୁ ସେଣ୍ଟ୍ରାଲ ଲେଜିସଲେଟିଭ ଆସେମ୍ବ୍ଲିରେ କେବଳ ଏହା ସମ୍ଭବ । ଆଃ ! ଆଜ ସେ ଲେଜିସଲେଟିଭ ଆସେମ୍ବ୍ଲି ରେ ସଭ୍ୟ ଯଦି ଥାନ୍ତେ !

ଏହି ସମୟରେ ଦନେ ସମ୍ବାଦପତ୍ରରେ ଗୋଟିଏ ସମ୍ବାଦ ପାଠ କର ମଧୁସୂଦନ ବଦ୍ୟୁତ ଷ୍ପୃଷ୍ଟ ପର ଚଞ୍ଚଳ ହୋଇ ଉଠିଥିଲେ । ଲେଜିସଲେଟିଭ ଆସେମ୍ବ୍ଲିର ନବାଚନ ଆଇନରେ ସଂଶୋଧନ ଆଣି ନାଗ୍ମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଭୋଟାଧିକାର ଦେବା ପାଇଁ, ଆସେମ୍ବ୍ଲିର ଜନୈକ ସଭ୍ୟ, ଏନ୍. ଏନ୍. ଯୋଷୀ ଆଣିଥିଲେ ଏକ ପ୍ରସ୍ତାବ । ୧୯୨୨ ସାଲ ପହିଲା ଫେବୃୟାରୀ ଦନ ଆସେମ୍ବ୍ଲିରେ ଏହା ଆଲୋଚିତ ହେବା ପାଇଁ ଦବସ ନର୍ଦ୍ଦିଷ୍ଟ ହୋଇଥିଲା ।

ଏହି ତ ସେହି ବହୁ ପ୍ରତୀକ୍ଷିତ ଅବକାଶ ! ଭାରତରେ ନାଗ୍ମାନେ ଯଦି ପୁରୁଷମାନଙ୍କ ସହିତ ସମାନ ଭୋଟ ଅଧିକାର ପାଇପାରନ୍ତି, ତା' ହେଲେ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ନାଗ୍ମାନେ, ପୁରୁଷମାନଙ୍କ ପର ଓକଲତି ଅଧିକାରରୁ ବଞ୍ଚିତ ହେବେ କେଉଁ ଯୁକ୍ତିରେ ? ଯୋଷୀଙ୍କ ପ୍ରସ୍ତାବ ଆଲୋଚନାର ଅବକାଶରେ ଏହି ଲକ୍ଷ୍ୟରେ ଯଦି ଆସିପାରନ୍ତା। ଏକ ସଂଶୋଧନ ପ୍ରସ୍ତାବ ! କନ୍ତୁ କାହା ଦ୍ୱାରା ଏହା ସମ୍ଭବ ହୋଇ ପାରବ ? କଏ ବା ଦେବ ଏପର ସଂଶୋଧନ ପାଇଁ ନୋଟିସ ?

ବହୁ ଚନ୍ତା ପରେ ମଧୁସୂଦନ ଏଥିପାଇଁ ଡକ୍ଟର ହରି ସିଂହ ଗୌରଙ୍କୁ ମନୋନୀତ କର ତାଙ୍କୁ ଏକ ପତ୍ର ଲେଖିଥିଲେ । ଡକ୍ଟର ଗୌରଙ୍କ ସହିତ ମଧୁସୂଦନଙ୍କ ପରିଚୟ ବହୁ ଦନର । ମଧୁସୂଦନ ଇମ୍ପିରିଆଲ ଲେଜିସଲେଟିଭ କାଉନସିଲ୍‌ରେ ସଭ୍ୟ ଥିବା ବେଳେ ଡକ୍ଟର ଗୌରଙ୍କ ସହିତ ତାଙ୍କର ସମ୍ପର୍କ ଥିଲା ଘନିଷ୍ଠ ଓ ଅନ୍ତରଙ୍ଗ । ସମାଜ-ସଂସ୍କାର ବିଶେଷତଃ ନାରୀଜାତି ନାଗ୍ ସମାଜର ସାମାଜିକ ମୁକ୍ତି ଦଗରେ ଡକ୍ଟର ଗୌରଙ୍କ ଉତ୍ସାହ ଥିଲା ଯେପର ପ୍ରଚୁର, ଉଦ୍ୟମ ମଧ୍ୟ ଥିଲା ସେହିପର ଅପ୍ରତିହତ ।

ଡକ୍ଟର ଗୌରଙ୍କଠାରୁ ଉତ୍ତର ଆସିଥିଲା···ସଂଶୋଧନ ପ୍ରସ୍ତାବ ଆଗତ କରବା ପାଇଁ ସେ ପ୍ରସ୍ତୁତ । ପ୍ରସ୍ତାବର ଏକ ନକଲ ମଧ୍ୟ ଡକ୍ଟର ଗୌର ପଠାଇ ଦେଇଥିଲେ...

"And the Government be further pleased to remove the sex bar held to disqualify women from enrolment as legal practitioners in the Courts of the country."

କନ୍ତୁ ଏହି ସହିତ ଡକ୍ଟର ଗୌର ମଧ୍ୟ ଲେଖିଥିଲେ, ଆସେମ୍ବ୍ଲିର ପ୍ରେସିଡେଣ୍ଟ ସାର୍ ଫ୍ରେଡେରିକ ହ୍ୱାଇଟ ମତ ନସ୍ୟମ ବଷୟରେ ବଡ଼ କଠୋର । ଏନ . ଏନ୍. ଯୋଷୀଙ୍କ ମୂଳ

Digitized by srujanika@gmail.com

ପ୍ରସ୍ତାବ ସହିତ ଏହି ସଂଶୋଧନ ପ୍ରସ୍ତାବର କୌଣସି ସମ୍ପର୍କ ନଥିବା ଦୃଷ୍ଟିରୁ, ଏହାକୁ ସେ ଯଦି ଆଜ୍ଞଃ-ଅଫ୍-ଅର୍ଡର ବୋଲି ଘୋଷଣା କରନ୍ତୁ, ତାହେଲେ ସବୁ ଉଦ୍ୟମ ପଣ୍ଡ ହୋଇଯିବ । ପୁଣି ସାର ଫ୍ରେଡ୍ରେରକ ଯଦି ବା ଏ ବଚ୍ୟୁଏଟ ପ୍ରତି ଆସ୍ଥି ବୁଜ କରନ୍ତି, ସରକାରଙ୍କ ପକ୍ଷରୁ ହୋମ୍ ମେମ୍ବର, ସାର ଜନସେଣ୍ଟ ସ୍ମିଥ୍ ଆକସ୍ମିକ ଭାବରେ ଆଗତ ହୋଇଥିବା ଏପରି ସଂଶୋଧନ ପ୍ରସ୍ତାବର ବରୋଧ କରିବା ଅସମ୍ଭବ ନୁହେଁ ! ହୋମ ମେମ୍ବର ଯଦ୍ୟପି ବା ନୀରବ ରହନ୍ତି, ଏହାର ତୀବ୍ର ବରୋଧ କରିବା ପାଇଁ ଆସେମ୍ବ୍ଲିରେ ଅନ୍ୟ ସଭ୍ୟଙ୍କ ଅଭାବ ହେବ ନାହିଁ । ଏ ପରସ୍ଥିତିରେ ଉଦ୍ୟମର ସଫଳତା ଲାଭଙ୍କ ଆବଶ୍ୟକ । ଏହି ଉଦ୍ଦେଶ୍ୟରେ ସୁଧାଂଶୁବାଲାଙ୍କୁ ଦିଲ୍ଲୀ ପଠାଇବା ପାଇଁ ଡକ୍ଟର ଗୌର ମଧୁସୂଦନଙ୍କୁ ଚିଠିରେ ପରାମର୍ଶ ଦେଇଥିଲେ । ସୁଧାଂଶୁବାଲା ଯଦି ଆସେମ୍ବ୍ଲିରେ କେତେକ ସଭ୍ୟ, ପ୍ରେସିଡେଣ୍ଟ ସାର ଫ୍ରେଡ୍ରେରକ୍ ହ୍ୱାଇଟ୍ ଓ ହୋମ ମେମ୍ବର ସାର ଜନସେଣ୍ଟ ସ୍ମିଥ୍ ପ୍ରମୁଖଙ୍କ ମଧ୍ୟରେ ଲାବଙ୍କ କରି ସଂଶୋଧନ ପ୍ରସ୍ତାବ ପ୍ରତି ସେମାନଙ୍କର ସହାନୁଭୂତି ଆକର୍ଷଣ କରିପାରନ୍ତି—ତାହେଲେ ଉଦ୍ଦେଶ୍ୟର ସଫଳତା ବିଷୟରେ ତାହା ନିଃସନ୍ଦେହ ଭାବରେ ସହାୟକ ହେବ !

ଡକ୍ଟର ଗୌରଙ୍କ ପରାମର୍ଶ ଯଥାର୍ଥ । ମଧୁସୂଦନ କହିଲେ···

···"ସୁଧାଂଶୁ ଆଜି ଶୈଳ, ତୁମେ ଦୁହେଁ ଆଜ ବାହାର ଯାଅ ଦିଲ୍ଲୀ । ଡକ୍ଟର ଗୌର ତୁମମାନଙ୍କୁ ଯେଉଁପରି ନର୍ଦ୍ଦେଶ ଦେବେ, ସେହିପରି କାର୍ଯ୍ୟ କରିବ ।"

କନ୍ୟା ବନା ଭୂମିକାରେ ହଠାତ୍ ଦିଲ୍ଲୀ ଯିବାପାଇଁ ମଧୁସୂଦନଙ୍କ ନର୍ଦ୍ଦେଶ ଉତ୍ସୁକ ସୁଧାଂଶୁ ଓ ଶୈଳବାଲାଙ୍କୁ ବସ୍ମିତ କରିଦେଲା । ସୁଧାଂଶୁ ଧୀରୁ, କୁଣ୍ଠିତ କଣ୍ଠରେ ପ୍ରଶ୍ନ କଲେ...."କନ୍ୟା ଆମର ହଠାତ୍ ଦିଲ୍ଲୀ ଯିବାର ପ୍ରୟୋଜନ କଣ ? ଡକ୍ଟର ଗୌରଙ୍କ ସହିତ ଆମର ବା କ କାର୍ଯ୍ୟ ଅଛୁ ?"

ମଧୁସୂଦନ ଚତୁରାର କରି ଉଠିଲେ..."ନନସେନସ୍ । ଯେତେ ସବୁ ଅପଦାର୍ଥ ଏଇଠି ! ନାଟ୍ୟମାନଙ୍କୁ ପୁରୁଷମାନଙ୍କ ସହିତ ଓକାଲତି ପାଇଁ ସମାନ ସୁଯୋଗ ଦେବାପାଇଁ ଡକ୍ଟର ଗୌର ଏକ ପ୍ରସ୍ତାବ ଆସେମ୍ବ୍ଲିରେ ଆଣିଛନ୍ତି, ଜାଣ ନାହିଁ ତୁମେମାନେ ? ଏଥି ପାଇଁ ଦିଲ୍ଲୀରେ ଲାବଙ୍କ ଆବଶ୍ୟକ । ଏଇ ମୁଁ ଚିଠି ଆଜି ବ୍ରଫ୍ ପ୍ରସ୍ତୁତ କରି ରଖିଛି; ଡକ୍ଟର ଗୌରଙ୍କ ପାଇଁ । ତୁମେମାନେ ଦିଲ୍ଲୀ ବାହାରଯାଅ ଆଜ ସନ୍ଧ୍ୟା ଟ୍ରେନରେ ।"

ସୁଧାଂଶୁ ପକ୍ଷରେ ଏସବୁ ବ୍ୟାପାର ବଳ ମୁହଁକୁ ଛେଳି ଯିବା ପରି...କନ୍ୟା ଶୈଳବାଲାଙ୍କର ଏପରି କାର୍ଯ୍ୟରେ ଉତ୍ସାହ ପ୍ରଚୁର !

ସେଇ ଦିନ ସନ୍ଧ୍ୟାରେ ସେ ଦୁହେଁ ବାହାର ଆସିଲେ ଦିଲ୍ଲୀ !

ନର୍ଦ୍ଦିଷ୍ଟ ଦିବସରେ ସେଣ୍ଟ୍ରାଲ-ଲେଜିସଲେଟିଭ-ଆସେମ୍ବ୍ଲିରେ ଡକ୍ଟର ଗୌର, ସଂଶୋଧନ ପ୍ରସ୍ତାବ ଆଗତ କରି ସ୍ୱପକ୍ଷ ପ୍ରସଙ୍ଗରେ କହିଲେ :

Digitized by srujanika@gmail.com

"I say, sir, the removal of the sex disqualification, which is entirely within the competence of this House will not be complete unless you stamp out of the Statute Book, if it is necessary a blot which shuts out the female folk from the practice of profession of law. In 1921, a lady from Orissa, Miss Hazra filed a petition before the Hon'ble Judges of the Patna High Court and I have before me the judgment of their Lordships. They said that there was no legal impediment to the enrolment of Miss Hazra as a legal practitioner, but in view of the fact that the Calcutta High Court in 1916 has held that such enrolment was limited and confined only to persons of the male sex, they could not make a deviation. I say, Sir, that the whole question is a question of justice and not a question of favour as some of the other members of this House seem to think. Are you prepared to give justice to your female folk ?"

ମଧୁସୂଦନଙ୍କର ବକ୍ତବ୍ୟପୋଷିତ ଏକ ଆବେଗିକ ପ୍ରଶ୍ନ ସେଦନ ସେପର ଉତ୍ତର ଗୌରଙ୍କ କଣ୍ଠରେ ସେଣ୍ଟ୍ରାଲ୍-ଲେଜିସଲେଟିଭ୍ ଆସେମ୍ବ୍ଲିରେ ପ୍ରତିଧ୍ୱନିତ ହୋଇଥିଲା !

ଉତ୍ତର ଗୌରଙ୍କ ପ୍ରସ୍ତାବିତ ସଂଶୋଧନ ମୂଳ ପ୍ରସ୍ତାବର ପୃଷ୍ଠଭୂମିରେ ଅପ୍ରାସଙ୍ଗିକ ଥିଲେହେଁ, ତାହାର ଆଲୋଚନା ପାଇଁ, ହୋମ୍ ମେମ୍ବର ସାର୍ ଉଇଲିଅମ ଭିନ୍‌ସେଣ୍ଟ୍ କମ୍ବା ଆସେମ୍ବ୍ଲିର ପ୍ରେସିଡେଣ୍ଟ୍ ସାର ଫ୍ରେଡେରିକ୍ ହ୍ୱାଇଟ୍‌ଙ୍କର କୌଣସି ଆପତ୍ତି ନଥିଲା । ଏହା ନିର୍ଦ୍ଦିଷ୍ଟ ରୂପରେ ଥିଲା ଶୈଳବାଳାଙ୍କର ସେଇ ଲବଙ୍ଗର ଫଳଗ୍ରୁତ ।

ଢାକାର ଜନୈକ ମୁସଲ୍ମାନ ସଭ୍ୟ ମୌଲଭୀ ଅବଦୁଲ୍ କାଶୀମ ପୁଣା ଏଇ ସଂଶୋଧନ ପ୍ରସ୍ତାବକୁ ସ୍ୱାଗତ ଜଣାଇ, ଏହା ସପକ୍ଷରେ ଆଉ ଏକ ଅକାଟ୍ୟ ଯୁକ୍ତି ଦର୍ଶାଇ କହିଲେ, ଏହି ଆଲୋଚିତ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ, ମୁସଲ୍ମାନ ସମାଜର ପର୍ଦ୍ଦାନସିନ ମହିଳାମାନଙ୍କ ପକ୍ଷରେ ମାଲ୍‌ମୋକଦ୍ଦମା ସମ୍ପର୍କିତ ଆଲୋଚନା ସହଜ ଓ ସୁଗମ ହେବ..."Ladies who pass their examinations are as competent as males to practice at the Bar, and it will be a great advantage, specially to my community, because they will be of great assistance to perdanshin ladies, since they could take up their cases, and fight them out, without the intervention of a male and a tout."

ସେଦନ ବ୍ରିଟିଶ ଶାସକ ଗୋଷ୍ଠୀଙ୍କ ଦୃଷ୍ଟିରେ, ପ୍ରତ୍ୟେକ ସିଦ୍ଧାନ୍ତର ଜନ୍ମାନକ ଥିଲା— ସାଂପ୍ରଦାୟିକ ଜ୍ୱରସାମ୍ୟ ।

Digitized by srujanika@gmail.com

ଉତ୍କଳର ଗୌରଙ୍କ ଆଲୋଚ୍ୟ ପ୍ରସ୍ତାବ, ଉଭୟ ସମ୍ପ୍ରଦାୟର ପ୍ରତିନିଧିଙ୍କ ଦ୍ୱାରା ସମର୍ଥିତ ହୋଇଥିବା ଦୃଷ୍ଟିରୁ, ଏହାକୁ ଗ୍ରହଣ କରିବାରେ ସରକାରଙ୍କ ପକ୍ଷରୁ ସାର୍ ଉଇଲିଅମ ଇନ୍‌ସେଣ୍ଟ୍‌ଙ୍କର କୌଣସି ଆପତ୍ତି ନଥିଲା । ତାଙ୍କର ଏକମାତ୍ର ଆପତ୍ତି କେବଳ, ସଂଶୋଧନ ପ୍ରସ୍ତାବଟି ଜରୁରୀ ଆକସ୍ମିକ ଭିତ୍ତିରେ ଆଗତ ହୋଇଥିବାରୁ, ଏ ସମ୍ପର୍କରେ ବିଭିନ୍ନ ପ୍ରାଦେଶିକ ସରକାର ଓ ହାଇକୋର୍ଟମାନଙ୍କ ସହିତ ଆଲୋଚନା ପାଇଁ ଅବକାଶ ମିଳନାହିଁ ! ତଥାପି ଏ ସମ୍ପର୍କରେ ଜନମତ ସଂଗଠିତ ହେବା ପରେ ଯେ କୌଣସି ସଭ୍ୟ ଏପର ପ୍ରସ୍ତାବ ଆଣିଲେ; ସେ ତାହାକୁ ସ୍ୱାଗତ କରିବେ । ସେତେବେଳେ ମାନ୍ୟବର ପ୍ରସ୍ତାବକ "କୋମଳାଙ୍ଗୀ" ନାମ୍ନୀ ସମାଜର 'ସ୍ୱର୍ମିଅନ୍' ରୂପେ, ସେମାନଙ୍କର ସ୍ୱାଧିକାର ପାଇଁ ଦାବୀ କରିପାରିବେ—ଏହି ମର୍ମରେ ସାର୍ ଉଇଲିଅମ ଇନ୍‌ସେଣ୍ଟ୍ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେଇଥିଲେ :

"...I suggest that a way out of the difficulty would be that the Government should give an assurance that they will consult the High Courts and the Local Governments on this question and then, when public opinion has been sounded, it will be open to any member of the Assembly to move a fresh resolution on the point. (Hear ! Hear !) In that way the Hon'ble mover's object will be secured and he will be entitled to stand before the Assembly as the champion of the fair sex, and as an eloquent advocate of their rights."

ଏହି ପ୍ରତିଶ୍ରୁତି ଦୃଷ୍ଟିରୁ ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର କରିବା ପାଇଁ, ସାର୍ ଉଇଲିଅମ, ଉତ୍କଳର ଗୌରଙ୍କୁ ନିବେଦନ କରିଥିଲେ । ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର ପାଇଁ ଉତ୍କଳର ଗୌରଙ୍କ ଆପତ୍ତି ନଥିଲା ! "କୋମଳାଙ୍ଗୀ ନାମ୍ନୀ ସମାଜ"ର ସ୍ୱର୍ମିଅନ୍‌ସିପ୍ ସେ ସର୍ତ୍ତିକ ସାର୍ ଉଇଲିଅମ୍ ଇନ୍‌ସେଣ୍ଟ୍‌ଙ୍କ ଉପରେ ଛାଡ଼ିଦେଲେ ବୋଲି ଘୋଷଣା କରି ଉତ୍କଳର ଗୌର କହିଲେ—

"Sir, in view of the assurance given by the Hon'ble Home Minister, I not only accept his assurance, but resign my championship of the fair sex in his favour." (ହାସ୍ୟରୋଳ)

କୌଣସି କାର୍ଯ୍ୟକୁ ଅଧାପନ୍ଥୀରଆ ଭିତରେ ଅସମାପ୍ତ ଛାଡ଼ିଦେବା ମଧୁସୂଦନ ପ୍ରକୃତିରେ ନଥିଲା । ସାର୍ ଉଇଲିଅମ୍ ଇନ୍‌ସେଣ୍ଟ୍‌ଙ୍କ ପ୍ରତିଶ୍ରୁତି ଉପରେ କେବଳ ନିର୍ଭର କରି,

Digitized by srujanika@gmail.com

ସେ ସନ୍ତୁଷ୍ଟ ରହି ପାର ନଥିଲେ । ପୁଣି କୌଣସି ପ୍ରାଇଭେଟ ମେମ୍ବର କାହିଁକି ବା ଆଣିବେ ଏପର ଏକ ଗୁରୁତ୍ୱପୂର୍ଣ୍ଣ ବଲ୍ ? ସରକାରଙ୍କ ପକ୍ଷରୁ ଏପର ବଲ୍ ଆଣତ ହେବା ଆବଶ୍ୟକ ! କନ୍ତୁ ଖୋଦ୍ ଗ୍ୱଇସଗ୍ୱସ୍ଙ୍କୁ ଏଥିପାଇଁ ସମ୍ମତ କରାଇ ନପାରଲେ, ଅବଲମ୍ବେ ଏପର ବଲ୍ ସେଣ୍ଟ୍ରାଲ-ଲେଜସଲେଟିଭ-ଆସେମ୍ବ୍ଲିରେ ଆଣତ ହୋଇପାରବାର ସମ୍ଭାବନା ଜନ୍ମିଲା ବରଲ ! ସେହି ଉଦ୍ଦେଶ୍ୟରେ ଗ୍ୱଇସଗ୍ୱସ୍ଙ୍କ ଲର୍ଡ ରଣ୍ଡଙ୍କ୍ଙ୍କୁ ଏକ ସୁଦୀର୍ଘ ମେମୋରଆଲ୍ ଚଠା କର ବସିଲେ ମଧୁସୂଦନ । ଲଗାଲ୍ ପ୍ରାକ୍ଟିସନର୍ସ ଆଇନର ସଂଶୋଧନ ପାଇଁ ସରକାରଙ୍କ ପକ୍ଷରୁ ଆଂଶୁ ଉଦ୍ୟମ ହେବା ଆବଶ୍ୟକ ବୋଲି ଦର୍ଶାଇ ମେମୋରଆଲ୍‌ର ଉପସଂହାରରେ ମଧୁସୂଦନ ଲେଖିଥିଲେ···

"The memorialist respectfully submits that as the question concerns mainly a class of suitors who labour under disabilities due to a peculiar custom, it ought to be the duty of Government to take the initiative in the amendment of the Legal Practitioners' Act as it did in enacting laws to raise the status of women in India, in the past in abolishing sati rite, in enacting the Hindu Widow Re-marriage Act. etc."

ତଥ୍ୟ, ପୁରା ଓ ଉପସ୍ଥାପନା ଦୃଷ୍ଟିରୁ ମେମୋରଆଲ୍ ଲେଖିବାରେ ମଧୁସୂଦନ ଥିଲେ ସିଦ୍ଧହସ୍ତ । ଲର୍ଡ ରଣ୍ଡଙ୍କ୍ଙ୍କ ଉଦ୍ଦେଶ୍ୟରେ ଏହା ଦୀର୍ଘ ସ୍ମାରକପତ୍ରଟି ଥିଲା ତାହାର ଅନ୍ୟତମ ଉଦାହରଣ !

ଶୈଳବାଳା କହିଲେ...."କନ୍ତୁ ବାବା, ଆପଣଙ୍କର ଏଇ ଲମ୍ବା ମେମୋରଆଲ୍ ଗ୍ୱଇସଗ୍ୱସ୍ଙ୍କ ଆଖିରେ ପଡ଼ିଲେ ତ ?"

ଶୈଳର ଆଶଙ୍କା ମିଥ୍ୟା ନୁହେଁ ! ଗ୍ୱଇସଗ୍ୱସ୍‌ମାନଙ୍କ ପାଖକୁ ପ୍ରେରିତ ଅଧିକାଂଶ ମେମୋରଆଲ୍ ପର ଏ ମେମୋରଆଲ୍‌ଟି ମଧ୍ୟ ଯାଏ ଯହ ବାତିଲ-କାଗଜର ଝୁଡ଼ୀ ଗର୍ଭକୁ ? ଗ୍ୱଇସଗ୍ୱସ୍ଙ୍କ ସେ ଝୁଡ଼ୀଟି ପୁଣି ଯେପର ଅତଲସ୍ପର୍ଶୀ, ସେଇପର ବଶ୍ୱଗର୍ଭ ! କନ୍ତୁ ଏ ମେମୋରଆଲ୍‌ଟି ଗ୍ୱଇସଗ୍ୱସ୍ ଥରେ ଯେପର ଅନ୍ତତଃ ଆମୂଲଚୂଳ ପାଠ କରନ୍ତା ସେହି ଅଭିପ୍ରାୟରେ ମଧୁସୂଦନ ସେଣ୍ଟ୍ରାଲ ଆସେମ୍ବ୍ଲିର ପ୍ରେସିଡେଣ୍ଟ ସାର୍ ଫ୍ରେଡେରିକ ହ୍ୱାଇଟ୍‌ଙ୍କୁ ମଧ୍ୟ ଏକ ପତ୍ର ଲେଖିଥିଲେ । ଏହାର ଭୂମିକାରେ ଥିଲା ଏପର ଏକ ଆଷେପ; ମେମୋରଆଲଟିକୁ ଆମୂଲଚୂଳ ପାଠ କରିବା ପାଇଁ ଗ୍ୱଇସଗ୍ୱସ୍ଙ୍କୁ ଯାହା ଏକପ୍ରକାର ବାଧ୍ୟ କରିଥିଲା । ପତ୍ରର ଆରମ୍ଭରେ ସାଧାରଣ ସ୍ୱାର୍ଥ ସମ୍ପୃକ୍ତ ମେମୋରଆଲମାନଙ୍କ ପ୍ରତି ଗ୍ୱଇସଗ୍ୱସ୍ ମାନଙ୍କ ସ୍ୱାଭାବିକ ବଦ୍ଧନ୍ତା ଉଲ୍ଲେଖ କର ମଧୁସୂଦନ ଲେଖିଥିଲେ :

"The people believe that memorials affecting public interest are very seldom seen by the Viceroy himself. Lord Morley, then known as "Honst John", when he was Secretary of

Digitized by srujanika@gmail.com

State, asked me whether memorials on public matters found their way to the Viceroy. My reply was that this depended on the social and financial position of the memorialists and not on the inherent importance of the subject matter of the memorial. Mr. Morley remarked : this would not be so in Lord Minto's time in the present case, the memorial represents the grievances of a class of women, who live in seclusion of their cause and has been taken up by one of their sex whose social position is merely of an ex-student of the University. But admittedly the memorialist spent years of labour in attaining the qualification by which she would be in a position to remove the grievances of her sex. This is proof of her earnest endeavours in the cause. This is eminently a case, in which the public naturally expect the personal attention of the Viceroy, who is also an eminent lawyer."•

ଏହାପରେ ସେହ୍ନ ମେମୋରଆଲଟିକୁ ପାଠ କଣ, ଲଣ୍ଡାଲ ପ୍ରାକ୍‌ଟିସନର୍ସ ଆକ୍ଟର ସଂଶୋଧିତ ବଲ୍ ଆଣତ କରବା ପାଇଁ ନର୍ଦ୍ଦେଶ ଦେବା ବ୍ୟତୀତ ଲ୍ୟୁସ୍‌ଗ୍ରସ୍ଟ୍ ଲର୍ଡ଼ ଶଙ୍ଗଙ୍କର ଉପାସ୍ଥାନ୍ତର ନଥିଲ । ଲର୍ଡ଼ ମିଣ୍ଟୋଙ୍କ ସମ୍ପର୍କରେ ଲର୍ଡ଼ ମର୍‌ଲେ ମଧୁସୂଦନଙ୍କୁ କେବେ କଣ ପ୍ରତଶ୍ରୁତି ଦେଇଥିଲେ, କେଉଁ ଇତହାସରେ ବା ତାହା ଲିପିବଦ୍ଧ ରହିଛୁ ? କବ ବା ଦେବ ତାର ସାକ୍ଷ୍ୟ ? ସାର ଫ୍ରେଡ଼େରକ୍‌ଙ୍କୁ ଲିଖିତ ପତରେ ପ୍ରଚ୍ଛନ୍ନ ଥିଲ ମଧୁସୂଦନଙ୍କ ସ୍ୱଭାବସୁଲଭ ଆସ୍ଫାଳନ ଓ ପ୍ରୌଢ଼ି; ମାତ୍ର ଲ୍ୟୁସ୍‌ଗ୍ରସ୍ଟ୍ ଲର୍ଡ଼ ଶଙ୍ଗ ବା ପ୍ରେସିଡ଼େନ୍ସି ସାର୍ ଫ୍ରେଡ଼େରକଙ୍କ ପର ବ୍ୟକ୍ତିମାନଙ୍କର ମୁକାବଲ ପାଇଁ ଏହାଦ୍ଵି ଯେ ଏକମାତ୍ର ଅସ୍ତ୍ର, ସେଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲ ।

(ଗ୍ଵ)

ଓକଲତି ପାଇଁ ସୁଧାଂଶୁବାଲା ଲଣ୍ଡାଲ୍-ପ୍ରାକ୍‌ଟିସନର୍ସ ଆକ୍ଟ (୧୮୭୫) ଅନୁସାରେ ସାର୍ଟିଫିକେଟ୍ ବା ଲାଇସେନ୍ସ ନ ପାଇବା, ମଧୁସୂଦନଙ୍କ ପ୍ରତ ଏକଦା ନକ୍ଷେପ କରଥିଲ ଯେଉଁ ଆହ୍ୱାନ; ତାହାର ଗୁରୁତ୍ୱ। ଆଉ ଏବେ ନ ଥିଲ । ଦିଲ୍ଲୀରୁ ସାର୍ ଫେଡେରିକ୍ ହ୍ୱାଇଟ୍ ଆଶ୍ୱାସନା ଦେଇ ଚଠି ଲେଖିଥିଲେ, ମିସ୍ ହାଜରାଙ୍କ ମେମୋରଆଲ୍ ଲ୍ୟୁସ୍‌ଗ୍ରସ୍ଟ୍‌ଙ୍କ ଦୃଷ୍ଟଗତ ହୋଇଛୁ ଓ ସେଥପ୍ରତ ତାଙ୍କର ସହାନୁଭୂତପୂର୍ଣ୍ଣ ଦୃଷ୍ଟି ଆକୃଷ୍ଟ ହେବା ସୁନିଶ୍ଚିତ···

• A Woman at Law—By Sudhansubala Hazra ପୃ ୨୫-୨୬

Digitized by srujanika@gmail.com

"I have no doubt, however, that the memorial has duly reached Excellency's hands and what I know of his previous political interest, I am sure that he will deal it with sympathy."

ସେଣ୍ଟ୍ରାଲ୍-ଆସେମ୍ବ୍ଲିର ଡକ୍ଟର ଗୌର ଓ ଦେବପ୍ରସାଦ ସର୍ବାଧିକାରୀ ପ୍ରମୁଖ ବନ୍ଧୁ ମାନେ ପନ୍ଥ ଲେଖିଥିଲେ, ଆସନ୍ତା ବଜେଟ୍ ଅଧିବେଶନ ବେଳେ ସରକାର ଏକ ସଂଶୋଧନ ବିଲ୍ ଆଣିବ କରିବାର ସମ୍ଭାବନା ରହିଛି । ପ୍ରିଭି-କାଉନସିଲ୍‌ର ଜୁଡିସିଆଲ୍ କମିଟି ମଧ୍ୟ ଅପିଲ୍ ପାଇଁ ଇତମଧ୍ୟରେ ସୁଧାଂଶୁବାଲାଙ୍କ ଆବେଦନ ମଞ୍ଜୁର କରି ସାରିଥିଲେ ।* କନ୍ତୁ ପ୍ରିଭି-କାଉନସିଲର ଅପିଲ୍‌ର ବିରୁଦ୍ଧର ପୁଙ୍କରୁ ଇତମଧ୍ୟରେ ସେଣ୍ଟ୍ରାଲ-ଆସେମ୍ବ୍ଲିରେ ବିଲ୍‌ଟି ଯଦି ଗୃହୀତ ହୋଇଯାଏ, ତାହେଲେ ଅପିଲ୍‌ର ପ୍ରସ୍ନୋଜନ ଆଉ ପଡନ୍ତା ନାହିଁ ! ଏ ସମ୍ପର୍କରେ ଭେଣୁ ମଧୁସୂଦନଙ୍କର ଆଉ ଚନ୍ତା ବା ଉଦ୍‌ବେଗ ନ ଥିଲା । ସେ କେବଳ ଅପେକ୍ଷା କରି ରହିଥିଲେ, ଏକ ଦୀର୍ଘ ସଂଗ୍ରାମ ଶେଷରେ, ସଫଳତାର ସେଇ ଚରମ ମୁହୂର୍ତ୍ତଟିକୁ !

ଇତମଧ୍ୟରେ କନ୍ତୁ ମଧୁସୂଦନଙ୍କ ବ୍ୟକ୍ତିଗତ ଓ ସ୍ୱଜନୈତିକ ଜୀବନରେ ଧୀରେ ଧୀରେ ଓହ୍ଲାଇ ଆସୁଥିଲା, ଦୁର୍ଦ୍ଦିନର ଛାୟା ! ତାହାର ପଦଧ୍ୱନି ମଧୁସୂଦନ ସ୍ପଷ୍ଟ ଶୁଣି ପାରୁଥିଲେ । ଉତ୍କଳ-ଟାନେର ପାଇଁ କଙ୍ଗ୍ରସ୍-ଆଣ୍ଡ-କୋମ୍ପାନୀରୁ ଦେଣାର ପରମାଣ ପ୍ରାପ୍ତ ତଳ ଲକ୍ଷରେ ପହଞ୍ଚିଥିଲା । ଦେଣା ପରଶୋଧ ପାଇଁ କଙ୍ଗ୍ରସ-କୋମ୍ପାନୀରୁ ବାରମ୍ବାର ଆସୁଥିଲା ତାଗିଦା । ସକାଳ ଡାକରେ ମଧ୍ୟ ଆସିଥିଲା କଙ୍ଗ୍ରସ-ଅଣ୍ଡ୍-କୋମ୍ପାନୀଠାରୁ ଆଉ ଏକ କଡ଼ା ତାକିଦ୍ ! ଟାନେସ୍ସରେ ଅବସ୍ଥା ଏମିତି ଦିନୁ ଦିନ କ୍ରମେ ଶୋଚନୀୟ ହେଉଥିଲା ! ଟାନେସ୍ସର ପରସ୍ଥିତି ପାଇଁ ଆଉର ଲକ୍ଷାଧିକ ଟଙ୍କା ଆବଶ୍ୟକ । କନ୍ତୁ—ପାଣି କାହିଁ ?

---

* "ଇଂଲିଶ୍ ମ୍ୟାନ" ପତ୍ରିକାର ତା ୨୪-୧୧-୧୯୨୨ ଖଗାରେ ଏହି ସମ୍ବାଦ ପ୍ରକାଶ ପାଇଥିଲା "Indian Lady's Appeal against Patna Decision" ଶିରୋନାମାରେ ।

"The Judicial Committee of the Privy Council has granted special leave of appeal on the petition of Sudhansubala Hazra, B. L., (Calcutta) whose application for enrolment as a pleader was refused by the High Court at Patna on grounds of sex."
(Reuter's Special Service).

Digitized by srujanika@gmail.com

ଟାନେସ୍ସୀ ମାନେଜର ଗୋପୀ ମିଶ୍ରେ ଲେଖିଥିଲେ ପୋଲିସ ଡିପାର୍ଟମେଣ୍ଟର ଅନେକ ଅର୍ଡ଼ର ପଡ଼ିରହିଛି; ମାତ୍ର ଆଉ ମାଲ୍ ମସଲା କିଣିବା ପାଇଁ ଟଙ୍କା କାହିଁ ? ମଧୁସୂଦନ ବା ଟଙ୍କା ଆଣି ଦେବେ କେଉଁଠୁ ? ଟାନେସ୍ସୀ ପାଇଁ ସେ ଯେପରି ନାକ ପର୍ଯ୍ୟନ୍ତ ବୁଡ଼ି ରହିଛନ୍ତି ଦେଣାରେ, ଆଉ ଦେଣା କରିବା ପାଇଁ ତାଙ୍କର ଶକ୍ତି ନାହିଁ, ଶକ୍ତି ଥିଲେ ବି ପୁଣି ଋଣ ଦେଉଛି କିଏ ?……

ମଧୁସୂଦନ ଗୋଟାଏ ଦୀର୍ଘଶ୍ୱାସ ପକାଇ, ସ୍ୱଗତୋକ୍ତି କରିବା ପରି କହିଲେ..... "ଦୁର୍ଭାଗ୍ୟ ! ଦୁର୍ଭାଗ୍ୟ ! ଜମିଦାର ମହାଜନମାନେ ମହାଜନ କାରବାରରେ ଟଙ୍କା ଖଟାଇ ଦରିଦ୍ରର ସମ୍ପତ୍ତି ନଲମ ଧରିବା ପାଇଁ ତିଆର, ମାତ୍ର କଳକାରଖାନାରେ ମୂଳଧନ ଖଟାଇ, ଦେଶର ସମ୍ପଦ ବୃଦ୍ଧି ପାଇଁ ପ୍ରସ୍ତୁତ ନୁହନ୍ତି !" ମୂଳଧନ ମିଳିଲେ ବି କଣ ହେବ ? ମାନେଜ୍‌ମେଣ୍ଟ କାହିଁ ? ଟାନେସ୍ସୀ ଆରମ୍ଭ ଦିନୁ ଏହା ମଧ୍ୟରେ ଆଠ-ଆଠ ଜଣ ମାନେଜର ଗଲେଣି ! ଏବେ ଟାନେସ୍ସୀ ବୁଡ଼ିଲା ବେଳକୁ ଗୋପୀବାବୁ ମାନେଜର ! ଲୋକଟି କର୍ମଠ ବଶ୍ୱାସୀ; କିନ୍ତୁ ଶୁଝିଲା କର୍ମଠତାରେ ତ ଖାଲି କାରଖାନା ଚଳିବ ନାହିଁ ! ଗୁଜନେଓ୍ଟକ ଜୀବନରେ ମଧ୍ୟ ଝଡ଼ ଝଞ୍ଜ୍ୟାର ସୂତ୍ରପାତ ହୋଇ ଗଲାଣି । ଅବୈଚ୍ଛନିକ ମନ୍ତ୍ରୀତ୍ୱ ପାଇଁ ମଧୁସୂଦନ ଗଭର୍ଣ୍ଣର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ବହାର କାଉନସିଲ୍‌ରେ ବାବୁ ଗଣେଶ ଦତ୍ତସିଂହଙ୍କ ପରି ନାସନାଲିଷ୍ଟ୍ ସଭ୍ୟମାନେ ସେଇଆକୁ ଆଲ କଣ, ବର୍ତ୍ତମାନ ମଧୁସୂଦନଙ୍କ ରକ୍ତ ପାଇଁ ତୃଷାର୍ତ୍ତ ! ମଧୁସୂଦନଙ୍କୁ ମନ୍ତ୍ରୀତ୍ୱରୁ ତଡ଼ି ପାରିଲେ ଯେପରି ସେମାନଙ୍କର ସ୍ୱସ୍ତି ! ଏ ପରସ୍ଥିତିରେ ନିଜର ଆତ୍ମମର୍ଯ୍ୟାଦା ବିସର୍ଜନ ଦେଇ ମନ୍ତ୍ରୀତ୍ୱରେ ଆଉ ରହିବା ମଧ୍ୟ ସମ୍ଭବ ନୁହେଁ ! ତା'ପରେ ? ତା'ପରେ ?……ମଧୁସୂଦନ ନିଜକୁ ନିଜେ କହିଲେ, "ମଧୁ ଦାସ ! ତୁମି ଏବାର ଡୁବେଛ !"

୧୯୬୩ ସାଲ ଫେବୃୟାରୀ……ବଜେଟ୍ ଅଧିବେଶନ ଆରମ୍ଭ । ମଧୁସୂଦନ ତାଙ୍କ ଷ୍ଟଡ଼ୀ ଭିତରେ ବସି, ଅନ୍ୟମନସ୍କ ଭାବରେ କାଉନସିଲ୍‌ର କାଗଜପତ୍ର ଓଲଟାଇବା ବେଳେ, ଦୁଶ୍ଚିନ୍ତା ମଧ୍ୟରେ ନିମଜ୍ଜିତ ଥିଲେ । ଝରକା ବାହାରେ କୁହୁଡ଼ିଆ ସକାଳ । ଦିନ କ୍ରମେ ଯେତିକି ବଢ଼ୁଥିଲା; କୁହୁଡ଼ିର ଆସ୍ତରଣ ସେତିକି ଗାଢ଼ୀର ହୋଇ ଆସୁଥିଲା ! ମଧୁସୂଦନ ଅନୁଭବ କରି ପାରୁଥିଲେ; ତାଙ୍କ ଜୀବନରେ ମଧ୍ୟ ଓହ୍ଲାଇ ଆସୁଛି ଏଇପରି ରାଜନୈତିକ କୁହୁଡ଼ିର ଏକ ଘନ ଆସ୍ତରଣ ।

କିନ୍ତୁ ପର ମୁହୂର୍ତ୍ତରେ ତାଙ୍କର ଫରାମୀ ବ୍ୟକ୍ତିତ୍ୱ ବଦ୍ରୋହ କରି ଉଠୁଥିଲା—ଏଇପରି ନୈରାଶ୍ୟ ଓ ଅବସାଦ ବରୁଦ୍ଧରେ ! ତାଙ୍କ ଜୀବନରେ ଏପରି ଘଟଣା ତ ପ୍ରାତ୍ୟହିକ ବ୍ୟାପାର ! ସେଥିରେ ଅବସନ୍ନ ହେବାର କଣ ଅଛି ? ଅନେକ ଝଡ଼ର ଆଘାତରେ ଏଇ ବନ୍ଦରଟି ନଇଁ ପଡ଼ିଛି ସିନା; କିନ୍ତୁ କେବେ ତ ଭାଙ୍ଗି ପଡ଼ି ନାହିଁ ! ଏବେ ଭାଙ୍ଗି ପଡ଼ିବ କାହିଁକି ? ଭଗବାନଙ୍କର ଯଦି ଇଚ୍ଛା ଥିବ ବୁଡ଼ାଇ ମାରିବାକୁ, ତାଙ୍କେ କିଏ ବା ରକ୍ଷା କରି ପାରିବ ମଧୁଦାସ ? ସେଇ ଭଗବତ୍ ବଶ୍ୱାସ ଓ ଆତ୍ମସମର୍ପଣ ମଧ୍ୟରେ ମଧୁସୂଦନ ଫେରି ପାଇଲେ ମାନସିକ ପ୍ରଶାନ୍ତି ଓ ସ୍ଥିରତା ।

Digitized by srujanika@gmail.com

ମଧୁସୂଦନଙ୍କର ମନେ ହେଲା, କାହାର ଐନ୍ଦ୍ରଜାଲିକ ସ୍ପର୍ଶରେ ସବୁ ଦୁଶ୍ଚିନ୍ତାର ବୋଝ ହଠାତ୍ ଯେପରି ଓହ୍ଲାଇ ଯାଇଛି । ଷ୍ଟଡ଼ୀ ଭିତରେ ସେ ପାଦଚାରଣା କରି ମନକୁ ମନ ଗୁଣୁ ଗୁଣୁ କଣ୍ଠରେ ଆବୃତ୍ତି କରି ଲଗିଲେ, ତାଙ୍କର ସେଇ ପ୍ରିୟ ପଦାବଳୀ.....

"ଚଲେ ମୁସାଫିର ବାନ୍ଧୋ ଗଣ୍ଠରିଆ
ମଲ୍ ମଲ୍ ରହେଗା ନେଇ
ରୁମ୍ ବ ଯାଏଗା ହାମ୍ ବ ଯାଏଗା
ରହେଗା ନେଇଁ କୋଇ !"

ତା'ହେଲେ କେଉଁଥିପାଇଁ ଏ ଦୁଶ୍ଚିନ୍ତା ? ଏ ଅପବାଦ ?

ମଧୁସୂଦନ ସେଦିନ ସକାଳେ, ଏଇପରି ଭାବନା ମଧ୍ୟରେ ଆତ୍ମମଗ୍ନ ଥିବା ବେଳେ ଅନ୍ଦରମହଲରେ, ଶୈଳବାଳା ଓ ସୁଧାଂଶୁବାଳା, ଦୁଇ ଭଗିନୀଙ୍କ ମଧ୍ୟରେ ଘଣ୍ଟାଧରି ପ୍ରବଳ ବତ୍ତର୍କ—ସଲ୍ସିଟର୍ର ମେସର୍ସ ଓ୍ୱାଟ୍କନସ୍ ଆଣ୍ଡ୍ ହଣ୍ଟରଙ୍କ ପାଖରୁ ଆସିଥିବା ଚିଠିକୁ କେନ୍ଦ୍ର କରି !

ଶୈଳବାଳାଙ୍କ ଯିଦ୍, ମଧୁସୂଦନଙ୍କ ମାନସିକ ଅବସ୍ଥା ବର୍ତ୍ତମାନ ଯେପରି, ସେଥିରେ ଏ ଚିଠି ତାଙ୍କୁ ଆଦୌ ବିଚଳିତ କରିବେ ! ସଲ୍ସିଟରମାନେ ଲେଖିଛନ୍ତି ଆପିଲ ଶୁଣାଣି ପାଇଁ ଘୁଣହ ପାଉଣ୍ଡ ଡିପୋଜିଟ୍ ଦେବାକୁ ପଡ଼ିବ । କାରଣ ସେଟ୍ଟେଡ୍ଟାସ୍ଟ୍ସ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ ଏଥିରେ ହେବେ ପକ୍ଷଭୁକ୍ତ । ଡିପୋଜିଟ୍ ଯଥାଶୀଘ୍ର ଦାଖଲ ହେବା ଆବଶ୍ୟକ । ମଧୁସୂଦନଙ୍କ ଉପସ୍ଥିତ ଆର୍ଥିକ ପରିସ୍ଥିତିରେ ଘୁଣହ ପାଉଣ୍ଡ ସେ ହଠାତ୍ ଯୋଗାଡ଼ କରିପାରିବେ କୁଆଡୁ ?

ଶୈଳବାଳା—"ଘୁଣହ ପାଉଣ୍ଡ ମାନେ ଛଅ ହଜାର ଟଙ୍କା ! ବାବା ଏ ଟଙ୍କା ଆଣିବେ କୁଆଡୁ ? ଆପିଲ ପାଇଁ ଲଭ୍ ଦରଖାସ୍ତ ବେଳେ ସେ ତ ଏଇ ସେଦିନ ପଠାଇଥିଲେ ଦୁଇଶହ ପାଉଣ୍ଡ !"

ସୁଧାଂଶୁ ଅସହାୟ କଣ୍ଠରେ ପଚାରିଲେ....."ତାହେଲେ ?"

ଶୈଳବାଳା—"ତାହେଲେ ଆଉ କଣ ? ବାବାଙ୍କୁ ବର୍ତ୍ତମାନ ଏ ଚିଠି ନ ଦେଖାଇବା ଭଲ ! ସେଣ୍ଟ୍ରାଲ ଆସେମ୍ବ୍ଲିରେ ତ ବଲ୍ ପାସ୍ ହୋଇ ଯାଉଛି ! ଏ ଆପିଲରେ ଆଉ ଲାଭ କ'ଣ ?"

ସୁଧାଂଶୁ—"କନ୍ତୁ ଦାଦାଙ୍କୁ ଏ ଚିଠି ନ ଦେଖାଇବା ମୋ ପକ୍ଷରେ ତାଙ୍କ ପ୍ରତି ବଞ୍ଚେଅଲ୍ ହେବ । ଆପିଲରେ ଆଉ ଅବଶ୍ୟ ପ୍ରୟୋଜନ ନାହିଁ । ତଥାପି ତାଙ୍କୁ ଦେଖାଇବି ଏ ଚିଠି ! ତା' ନହେଲେ ମୋତେ ଦିନେ ସେ ନିଶ୍ଚୟ ପଚାରିବେ, ଚିଠି ଲୁଚାଇ ରଖି ତାଙ୍କ ପ୍ରତି

Digitized by srujanika@gmail.com

ମୁଁ ବଶ୍ୱାସଘାତକତା କଲି କାହିଁକି ? ସେଦିନ ମୁଁ ତାର କ ଉତ୍ତର ଦେବି ଦଦ ?"....
ମଧୁସୂଦନଙ୍କୁ ସେଇ ଚିଠି ଦେଖାଇବା ପାଇଁ ସୁଧାଂଶୁ କୁଣ୍ଠିତକଣ୍ଠ ହୋଇ ଉଠିଲେ ।

ମଧୁସୂଦନ ତାଙ୍କ ଷ୍ଟଡ଼ୀରେ କନ୍ଥୁ ସେଇ ସକାଲେ, ସୁଧାଂଶୁବାଲାକୁ ଆକସ୍ମିକ ଜ୍ୱରରେ ହଠାତ୍ ଦେଖିବେ ବୋଲି, ଆଶା କରିନଥିଲେ । ବାସଭବନରେ ଏଇ ସରକାରୀ ଅଫିସ ପ୍ରସ୍ତକୁ ଉତ୍ତପ୍ତ ଶୈଲବାଲା ଓ ସୁଧାଂଶୁବାଲାଙ୍କ ପ୍ରବେଶ ସାଧାରଣତଃ ନିଷିଦ୍ଧ । ସେପରି କୌଣସି ଗୁରୁତର ପ୍ରୟୋଜନ ନଥିଲେ ଅଥବା ମଧୁସୂଦନ ସେମାନଙ୍କୁ ଡକାଇ ନଥିଲେ ସେମାନେ କେହି ଏ ପ୍ରସ୍ତକୁ ସାଧାରଣତଃ ଆସି ନଥାନ୍ତି ।

ପର୍ଦ୍ଦା ଅନ୍ତରାଳରେ ସୁଧାଂଶୁବାଲାଙ୍କୁ ଦେଖି ମଧୁସୂଦନ ପଚାରିଲେ...."କ ବ୍ୟାପାରରେ ସୁଧାଂଶୁ ?"

ଖୁବ୍ ଶଙ୍କିତ କଣ୍ଠରେ ସୁଧାଂଶୁ ଉତ୍ତର ଦେଲେ...."ସଲିସିଟରମାନଙ୍କ ପାଖରୁ ଲଣ୍ଡନରୁ କାଲି ଡାକରେ ଆସିଥିଲା ଏଇ ଚିଠି ।"

"କାଲି ଆସିଥିଲା ? କାଲି ମୋତେ ଦେଖାଇଲୁ ନାହିଁ କାହିଁକି ?"—ମଧୁସୂଦନ ରୁଷ କଣ୍ଠରେ ପ୍ରଶ୍ନ କଲେ ! ଏହାର ଉତ୍ତର ଦେବାପାଇଁ, ସୁଧାଂଶୁବାଲାଙ୍କର କୌଣସି ବକ୍ତବ୍ୟ ନଥିଲା ! ଦଦ କାରଣ କଲା କହିଲେ, ଶୈଲବାଲା ଅବସ୍ଥା କାହିଲ୍ ହୋଇଯିବ ! ସୁଧାଂଶୁ ନୀରବ ରହିଲା ।

ଚିଠିଟି ଆଦ୍ୟୋପାନ୍ତ ପାଠ କରି ମଧୁସୂଦନ ଚତ୍କାର କରି ଉଠିଲେ....ମୁଣ୍ଡ ଖସ୍ପ ନାଁ। କଣ ? ଏଇ ଆପିଲ୍ ପାଇଁ ସିକ୍ୟୁରିଟୀ ଡିପୋଜିଟ୍ ସ୍ୱରୂପ ପାଉଣ୍ଡ ? ଛଅ ହଜାର ଟଙ୍କା ! ସମ୍ପତ୍ତି ବବାଦ ପେନ ମୁଁ ଅନେକ ଆପିଲ୍ କରିଛୁ, ସେଉଁଠି ସିକ୍ୟୁରିଟୀ ମାନ ସ୍ୱରୂପ ହଜାର ଟଙ୍କା ! ଓକିଲଙ୍କ ପାଇଁ ଲାଇସେନ୍ସଧାରୀ କାହାର କେଉଁ ବ୍ୟକ୍ତିଗତ ସମ୍ପତ୍ତି ? ସେଥିପାଇଁ ପୁଣି ସ୍ୱରୂପ ପାଉଣ୍ଡ ଡିପୋଜିଟ୍ ଦରକାର ?

ସୁଧାଂଶୁ ସାହସ ସଞ୍ଚୟ କରି କହିଲେ...."ଆପିଲରେ ଆଉ ଲାଭ ନାହିଁ ଦାଦା ! ଓକିଲଙ୍କ ମୋ ହାତରେ ହେବ ନାହିଁ; କମ୍ସା ଓକିଲ ହେବା ପାଇଁ ଇଚ୍ଛା ନାହିଁ ମୋର ।"

ବାରୁଦ ସ୍ତୂପରେ ନଆଁ ଲଗିବା ପରି ମଧୁସୂଦନ ବସ୍ଫୋରଣ କରି ଉଠିଲେ··· "କଣ କହିଲୁ ହତଭାଗା ? ଓକିଲଙ୍କ ପାଇଁ ତୋର ଇଚ୍ଛା ନାହିଁ ? ସେଥିପାଇଁ ଆଉ ଆପିଲ ଚଲାଇବା ଉଚିତ ନୁହେଁ ? ତୋର ଓକିଲଙ୍କ ପାଇଁ କଣ ମୁଁ ଏତେ ପରିଶ୍ରମ କରିଥିଲି ? ମୁଁ କଣ ଜାଣେନା, ସେଇ କଣ୍ଡରଫାର୍ଟନ୍‌ର ସ୍ତରରୁ ତୁ ଆଉ ଉପରକୁ ଉଠିପାରୁ ନାହିଁ କେବେ ? ମୁଁ ଗୁହିଁଥିଲି, ଓଡ଼ିଶାର ଜଣେ ଝିଅ ହେବ ଜ୍ୱରଙ୍ଗର ପ୍ରଥମ ଲେଡ଼ୀ ଆଡ଼ଭୋକେଟ୍ ! ଓକିଲଙ୍କ ପାଇଁ ଯଦି ଇଚ୍ଛା ନାହିଁ ତୋର; ତାହେଲେ ଗେଟ୍ ଆଉଟ୍ ଫ୍ରମ୍ ହିଅର୍....ବେରିଏ ଯାଉ, ଏଣ୍ଟୁନ ବେରିଏ ଯାଉ ଆମାର ବାଡ଼ୀଥିକେ ।"

Digitized by srujanika@gmail.com

ଶୈଳ ପଚାରିଲେ···"କନ୍ଥା ବାବା ଆପିଲ ଯେ ଚଲାଇବେ; ସ୍ୱରଶହ ପାଉଣ୍ଡ ବର୍ତ୍ତମାନ ପଠାଇବେ କୁଆଡୁ ?"

ମଧୁସୂଦନ ଚତ୍କାର କରି ଉଠିଲେ...."ଝଙ୍କା ! ଝଙ୍କା ! ସେଇ ଝଙ୍କା ଛଡ଼ା ତୁ ଆଉ କଛୁ ବର୍ତ୍ତି ପାରିଲୁ ନାହିଁ ଶୈଳ । କନ୍ଥା ଏ ଆପିଲ ପାଇଁ ଝଙ୍କା ଡ଼ପୋଜଟ୍ କଣ ଦରକାର ? ସେକ୍ରେଟାରି-ଅଫ୍-ଷ୍ଟେଟ୍ ଏ ଆପିଲ୍‌ରେ ପାର୍ଟି ହେବେ ବା କାହିଁକ ? ପ୍ରତବାଦୀ କେହି ନରହିଲେ ଡ଼ପୋଜଟ୍ କେଉଁଥିପାଇଁ ? ସାର୍ ଉଇଲିଅମ୍ ଡଉକ୍ ରହିଛନ୍ତି ଇଣ୍ଡିଆ ଅଫିସରେ । ତାଙ୍କୁ ମୁଁ ଆଜ ଲେଖୁଛୁ ଚଠି । ବନା ଡ଼ପୋଜଟ୍‌ରେ ଘୁଲିବ ଏ ଆପିଲ୍ !"

ମଧୁସୂଦନ ସ୍ୱଗତୋକ୍ତି କରିବା ପର କଣ୍ଠରେ କହିଲେ..."ଡଉକ୍ ସହିତ ମୋର ବନ୍ଧୁତ୍ୱ ସେଇ ବେଙ୍ଗଲ କାଉନସିଲ୍ ଦିନୁ ! ଜାଣିଛ ସବୁ ଉମେ, ଡଉକ୍ ସହିତ ମୋର ବନ୍ଧୁ ମତ୍ତାନ୍ତର ସତ୍ତେ, କଲିକତା ଛୁଡ଼ିବା ପୂର୍ବରୁ ସେ ମୋତେ ଚଠିରେ ଲେଖିଥିଲ...."ମୁଁ ଜଣେ ପାର୍ଟିଅଟ୍ !" ଓଡ଼ିଶା ପାଇଁ ତାର ସହାନୁଭୂତି ମଧ୍ୟ ପ୍ରଚୁର ! ମୁଁ ଜାଣେ, ଡଉକ୍ ଏଥିର କଛୁ ଗୋଟିଏ ବ୍ୟବସ୍ଥା କରିବ ନିଶ୍ଚୟ !'

ମଧୁସୂଦନ ଡଉଙ୍କଣାଡ୍ ଚଠିର ଡ଼ିକ୍ଟେସନ୍ ଦେଇ ବସିଲେ; ଚଠି ଆରମ୍ଭରେ ମଧ୍ୟ ସେଇ ଗ୍ରୌଢ଼, ସେଇ ଆନ୍ତାଲନ···

Patna
8th February, 1923

Dear Sir William Duke;

You will be surprised to receive this note from me. You might have noticed, that I have been the Minister of Local Self Government in the Baby Province, as I call it, since the beginning of 1921.

Before you left Calcutta, you wrote to me a letter in which you said that though you did not see eye to eye with me, you always believed me to be a true patriot. Knowing your feelings towards me, I have taken the liberty to write this long note to you. Orissa has a special claim on your sympathy for you know the country and the people so well.

The Province wants your active sympathy in a matter detailed below :

The question relates to permission to lady lawyers to practice in Courts. If there is any country, where lady practi-

Digitized by srujanika@gmail.com

tioners are necessary, it is India and specially in those Provinces in which the purdah system is stringent and purdah ladies are often parties to suits involving decision of rights to properties of immense value. They can not instruct lawyers of the other sex; consequently they become victims to the dishonesty of unprincipled Gomastas.

Miss Sudhansubala Hazra passed the Bachelor of Law Examination which entitles a man to be a Pleader. She applied to the High Court at Patna to be enrolled as a Pleader. The Judges rejected her application on the ground of sex disqualification. They held that the law should be amended and that as it stands now, the High Court has not the power to allow her application. Miss Hazra got Messrs. Watkins and Hunter, Solicitors and Mr. B. Dubey, counsel to take up her appeal to the Privy Council. Her application in the High Court here was not opposed by the Local Government. There was no opposite Party or respondent here, but their Lordships of the Privy Council ordered that a notice of their Lordships' orders should be given to the Secretary of State for India. They have directed that the applicant should deposit £ 400 as security for costs of the Secretary of State.

In ordinary cases of Appeal to the Privy Council where there is an opposite Party contesting the appellant's claim to the property in suit the security is 4,000 which is nearly 50 per cent less than £ 400. I do not know, whether the Secretary of State will engage councel to oppose the Appeal but even if he does the cost would not amount to £ 400. The amount of security fixed by the Privy Council is not the same in all cases. It varies and I have found precedents where the amount was less. This was so in the Privy Council Appeal No. 72 of 1921, though in that case there was a contesting respondent. This is a case in which the Secretary of State ought not to appear, much less oppose the Appeal.

Miss Hazra has submitted a memorial to the Viceroy. I am sending you a copy of her memorial which will show the necessity of having female lawyers in India. You will be

Digitized by srujanika@gmail.com

rendering help in a just cause, if you can see your way to reduce the deposit, if not do away with it altogether.

I trust this will find you in good health and spirits.

Yours Sincerely

M. S. Das

ସାର୍ ଜଇଲଅମ୍ ଡ଼ଉକ୍ଙ୍କ ମଧୁସୂଦନଙ୍କର ଏହି ପତ୍ର ଫଳପ୍ରଦ ହୋଇଥିଲା; ସନ୍ଦେହ ନାହିଁ । ମାସକ ପରେ ଲଣ୍ଡନ ସଲିସିଟରମାନେ ଚଠି ଲେଖିଥିଲେ, ଆପିଲ ପାଇଁ ଡ଼ପୋଜିଟ୍‌ର ପ୍ରୟୋଜନ ନାହିଁ । ବନା ଡ଼ପୋଜିଟ୍‌ରେ ଘୁଲବ ଆପିଲର ଶୁଣାଣି !

କନ୍ତୁ ସେତେବେଳକୁ ଆପିଲର ଆଉ ପ୍ରୟୋଜନ ନଥିଲା । ୧୯୬୩ ସାଲ ୬୮ ଡାଶଖ ଫେବୃୟାସ୍ତ ଦିନ, ସେଣ୍ଟ୍ରାଲ୍ ଆସେମ୍ବ୍ଲିରେ ଲଗାଲ-ପ୍ରାକ୍ଟିସନର୍ସ-ଆକ୍ଟର ସଂଶୋଧନ ପାଇଁ ଏକ ବଲ୍ ଆଗତ ହୋଇ, ଯଥାବଧି ଗୃହୀତ ହୋଇ ଯାଇଥିଲା ।

ମଧୁସୂଦନ ଏ ସମ୍ବାଦ ପାଇବା ମାତ୍ରେ, ସେଦିନ କାଉନସିଲ୍‌ରୁ ଫେରି ସୁଧାଂଶୁକୁ ଅଭିନନ୍ଦନ ଜଣାଇ କହିଲେ....“ସୁଧାଂଶୁ, ଆଜିଠାରୁ ତୁ ହେଲୁ ବ୍ୟରଭର ପ୍ରଥମ ଲେଡ଼ୀ ଆଡ଼ଭୋକେଟ୍ ! ସେଣ୍ଟ୍ରାଲ ଆସେମ୍ବ୍ଲିରେ ବଲ୍ ପାସ୍ ହୋଇଗଲା ।”

ସୁଧାଂଶୁ ଉଚ୍ଛ୍ୱସିତ ଆବେଗରେ ମଧୁସୂଦନଙ୍କ ପାଦ ଛୁଇଁ କହିଲେ....“ଆପଣଙ୍କ ପାଇଁ ସିନା ! ମୁଁ ତ ନମିନି ମାତ୍ର !”

ମଧୁସୂଦନ କହିଲେ....“ବାସ୍ ! ବାସ୍ ! ନାଟକରେ ଆଉ ପ୍ରୟୋଜନ ନାହିଁ ! ମୋର ଦରକାର ଥିଲା, ଜଣେ ଜୁନିଅର୍ !”

ଶୈଳବାଳା ପଚାରିଲେ....“ମନ୍ତ୍ରୀ ଆଇଁ, ଓକିଲତି ପାଇଁ ଗଭର୍ଣ୍ଣର୍ ଆପଣଙ୍କୁ ଅନୁମତି ଦେଲେ ନାଁ କଣ ?”

ମଧୁସୂଦନ ରୁକ୍ଷ କଣ୍ଠରେ ଉତ୍ତର ଦେଲେ....“ପର କଥାରେ ତୋର ମୁଣ୍ଡ ଏତେ ବଥାଏ କାହିଁକି ଗୈଲ ?”

Digitized by srujanika@gmail.com

ଓକାଲତ ପାଇଁ ଗଭର୍ଣ୍ଣର ଅନୁମତ ନ ଦେଲେ ତ ରକ୍ଷା !

୧୯୨୩ ସାଲ ମାର୍ଚ୍ଚ ୮ ତାରିଖ···ବହାର-ଓଡ଼ିଶା କଉନସିଲରେ ପ୍ରତପକ୍ଷଙ୍କ ଆକ୍ରମଣ—ଅବୈତନିକ ସ୍ୱାସ୍ଥ୍ୟଶାସନ ମନ୍ତ୍ରୀଙ୍କ ପାଇଁ ଯୋଜନା କାଉନସିଲରେ ଉପସ୍ଥାପିତ କରବାପାଇଁ ମନ୍ତ୍ରୀ ଗତ ବର୍ଷ ଦେଇଥିଲେ ପ୍ରତଶ୍ରୁତି । ଏ ବଜେଟରେ କାହିଁ ତାର ସୂଚନା ?

ବାବୁ ଗଣେଶ ଦତ୍ତସିଂହ ତାଲେ ତାଲେ ଗଲେ ମଧୁସୂଦନ ପନ୍ଥେ ପନ୍ଥେ ସିବା ଲେକ । ଏହପର ପରସ୍ଥିତ ଆଶଙ୍କା କର ମାସକ ପୁଣେ ମଧୁସୂଦନ ଗଭର୍ଣ୍ଣର ହିଲରଙ୍କୁ ଏକ ପତ୍ର ଲେଖି, ଅବୈତନିକ ମନ୍ତ୍ରୀ ରୂପେ କାର୍ଯ୍ୟ କରବାପାଇଁ, ଜାବକାର୍ଜନ ଉଦ୍ଦେଶ୍ୟରେ ଓକାଲତ ପାଇଁ ଅନୁମତ ଗ୍ଭିଁ ଏକ ପତ୍ର ପ୍ରସଙ୍ଗରେ ଲେଖିଥିଲେ....

".....Hostile criticism in the Legislative Council, in the Press and elsewhere regarding the salary of the Minister show that the public want an honorary Minister of Local Self Government. I am willing to work honorary provided I am allowed to earn a living by practising as a vakil. I shall not allow any professional work to interfere with my duties as a Minister.....A practising lawyer as a Minister would lend harmony and sympathy to the scheme."

ହୁଇଲର୍ ଏ ପ୍ରସ୍ତାବ ଯେ ପ୍ରତ୍ୟାଖ୍ୟାନ କରବେ, ସେଥିରେ ମଧୁସୂଦନଙ୍କର ଉଲାର୍ଦ୍ଧ ପ୍ରମାଣେ ସନ୍ଦେହ ନଥିଲ । ତଥାପି ସେ ନଜ ଆଡ଼ୁ ଗ୍ଭିଁଥିଲେ ବାଟ ପଶ୍ଚାର କରବା ପାଇଁ । ହୁଇଲର୍ ଏ ଚଠି ପାଇ ମଧୁସୂଦନଙ୍କୁ ଫେରୁସ୍ୱାସ୍ଥ ୧୧ ତରଖ ଦନ ପତ୍ର ଲେଖିଥିଲେ, ଏ ସମ୍ପର୍କରେ ତାଙ୍କ ସହତ ବ୍ୟକ୍ତଗତ ଆଲୋଚନା ପାଇଁ ।

ଆଉ ଆଲୋଚନାରେ ଲାଭ କଣ ? ଇଏ ତ ମଧୁସୂଦନଙ୍କ ଶେଷ ନଷ୍ପତ୍ତି !

ତେଣୁ ଗଣେଶ ଦତ୍ତସିଂହ ଯେତେବେଳେ ମଧୁସୂଦନଙ୍କୁ ନସ୍ୟାତ୍ କରବା ପାଇଁ କଟ୍-ମୋସନ ଆଣି ଆକ୍ରମଣ ଆରମ୍ଭ କଲେ...ଅବୈତନିକ ସ୍ୱାସ୍ଥ୍ୟ-ଶାସନ-ବଗ୍ଧର—ମନ୍ତ୍ରୀ-ଯୋଜନା କାହିଁ ?—ମଧୁସୂଦନ ନମ୍ର କଣ୍ଠରେ ଉତ୍ତର ଦେଲେ, "ସେ ଯୋଜନା ମୁଁ

Digitized by srujanika@gmail.com

ଦେଇଛୁ କ ନାହିଁ, ମୋର ସମାଲୋଚକମାନେ ହୁନ୍ ଏକ୍‌ସେଲେନସୀ ଗଭର୍ଣ୍ଣରଙ୍କ ଠାରୁ ପତ୍ର ବୁଝିପାରନ୍ତୁ ।....ମୋର ଜଣଜଣ ସମାଲୋଚକ ପ୍ରତ୍ୟେକେ ତ ଜଣେ ଜଣେ ବଶିଷ୍ଟ ଆଇନଜ୍ଞ । ମୁଁ ସେମାନଙ୍କୁ ଓକାଲତନାମା ଦେଉଛୁ । ଅବୈତନିକ ମନ୍ତ୍ରୀତ୍ୱ ପାଇଁ ମୋର ପ୍ରସ୍ତାବ ସମ୍ପର୍କରେ ସେମାନେ ହୁନ୍ ଏକ୍‌ସେଲେନସୀଙ୍କୁ ବୁଝା କରୁନ୍ତୁ ।···ମନ୍ତ୍ରୀତ୍ୱର ଦାୟିତ୍ୱ ତୁଲାଇବା ଶପଥ ନେଇଥିବା ବେଳେ ମୁଁ ତ ଆଉ ଇଚ୍ଛାମତେ ମନ୍ତ୍ରୀତ୍ୱ ଛାଡ଼ି ପାରିବ ନାହିଁ !"

ସେଇ ଦିନ ସନ୍ଧ୍ୟାରେ ମଧୁସୂଦନ ଗଭର୍ଣ୍ଣରଙ୍କ ପାଖକୁ ପଠାଇ ଦେଇଥିଲେ, ତାଙ୍କର ଇସ୍ତଫା । ଦୋଷ ଲଦି ଦେଲେ ଗଭର୍ଣ୍ଣରଙ୍କ ମୁଣ୍ଡ ଉପରେ—ଅବୈତନିକ ମନ୍ତ୍ରିତ୍ୱ ପାଇଁ ପ୍ରସ୍ତାବରେ ଗଭର୍ଣ୍ଣର ରାଜି ନହେବାରୁ ସେ ଦେଉଛନ୍ତି ଇସ୍ତଫା....

"I beg to resign my office as Minister of Local Self Government. I still believe that the office ought to be honorary, but as your Excellency rejected my proposal on the subject, I do not think I should continue in this office."

ମଧୁସୂଦନଙ୍କ ଇସ୍ତଫାପତ୍ର ପାଇ ଗଭର୍ଣ୍ଣର ହୁଇଲର ସ୍ତମ୍ଭୀଭୂତ । କନ୍ତୁ ଇସ୍ତଫା ପ୍ରତ୍ୟାହାର ପାଇଁ ମଧୁସୂଦନଙ୍କୁ ପ୍ରବର୍ତ୍ତାଇବାର ଉଦ୍ୟମ ମଧ୍ୟ ବୃଥା ।

ମଧୁସୂଦନଙ୍କ ଇସ୍ତଫା ଗ୍ରହଣ କରିବା ବ୍ୟତୀତ ତାଙ୍କ ଆଗରେ ଅନ୍ୟ ପଥ ନଥିଲ୍ ।

ବାସ୍, ଏଥର ଛୁଟୀ !

ମଧୁସୂଦନ ଏଣିକି ମୁକ୍ତ...."ଚଲେ ମୁସାଫିର୍ ବାନ୍ଧୋ ଗଠରିଆ !"

ବାବୁ ଗଣେଶ ଦତ୍ତସିଂହଙ୍କ ବଳୀ-ଦତ୍ତ ଛୁଗଳ ରୂପେ ସେ ନିଜକୁ ବଳି ଦେଇ ନାହାନ୍ତି—ଗୋଟିଏ ଶ୍ରେଷ୍ଠ ଆଦର୍ଶ ପାଇଁ, ସାଧକ ରୂପେ ସେ ଦେଲେ ଆତ୍ମବଳି !

ଇତିହାସର ପରିହାର ବଚନ !

ମନ୍ତ୍ରୀତ୍ୱରୁ ମଧୁସୂଦନଙ୍କ ଇସ୍ତଫା ପରେ, ପଟ୍ଟଣାଚକ୍ରରେ ମନ୍ତ୍ରୀମାନଙ୍କର ସମାଲୋଚନାରେ ଶତମୁଖ ବାବୁ ଗଣେଶ ଦତ୍ତସିଂହ ହେଲେ, ବିହାର-ଓଡ଼ିଶାର ମନ୍ତ୍ରୀ । ଶାସନର ଶୁଚିତା ପାଇଁ ଶତ ଉଦ୍‌ବୋଧନରେ ଯେଉଁ ଗଣେଶ ଦତ୍ତସିଂହ ଥିଲେ ଘୋଷାର, ଶେଷକୁ ତାଙ୍କର ବରୁଦ୍ଧରେ ସ୍ୱଜନତୋଷଣ ପ୍ରଭୃତ ଦୁର୍ନୀତିର ଅଭିଯୋଗ କରି ଆସିଲ୍

Digitized by srujanika@gmail.com

ଅନାସ୍ଥା ପ୍ରସ୍ତାବ । କାଉନସିଲ୍‌ରେ ଦାବୀ ଉଠିଲା, ତାଙ୍କର ଇସ୍ତଫାଯାଉ ! ମାନ୍ୟ ବାବୁ ଗଣେଶ ଦତ୍ତସିଂହ ସେହୁ ସ୍ତୁପୀକୃତ ଗ୍ଲାନର ବୋଝ ମୁଣ୍ଡାଇ ମନ୍ତ୍ରୀ ଆସନକୁ ଯାବୁଡ଼ ବସି ରହିଲେ ମାରବରେ ! ଯେଉଁ "ସମାଜ" ପତ୍ରିକା, ମଧୁସୂଦନଙ୍କ ମନ୍ତ୍ରୀତ୍ୱ ଗ୍ରହଣ ପ୍ରତି ଅନୁଦାର ଆକ୍ଷେପ ହାଣି, ଦୁଇ ବର୍ଷ ତଳେ ସମ୍ପାଦକୀୟ ସ୍ତମ୍ଭରେ ପୁଷ୍ପ ପଣ୍ଡାମାନଙ୍କ ମୁହଁରେ କୁହାଇଥିଲେ, "ଭନ୍ନେ ଆଜ ତୋ ଘଉରେ"; ସେଇ "ସମାଜ" ଗଣେଶ ଦତ୍ତସିଂହଙ୍କ ବରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ସଂପର୍କରେ ମଧୁସୂଦନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି "ମନ୍ତ୍ରମୁଗ୍ଧ ମନ୍ତ୍ରୀ" ଶିରୋନାମାରେ ଲେଖିଥିଲେ.....

" × × ଅଧିକାଂଶ ବେସରକାରୀ ମେମ୍ବର ତାଙ୍କ (ଗଣେଶ ଦତ୍ତସିଂହ)ଠାରେ ଅବିଶ୍ୱାସ ପ୍ରକାଶ କରି ଭୋଟ ଦେଲେ । ଗଣେଶ ଦତ୍ତଙ୍କର କନ୍ତୁ ସେଥିରେ ପୂର୍ବଗୁରୁ ଆସିଲା ନାହିଁ । ଓଡ଼ିଶାର ମଧୁବାବୁ ମନ୍ତ୍ରୀ ଥିଲବେଳେ ସେ ସ୍ୱାଧୀନ ଭାବରେ ତାଙ୍କର ମତ ବ୍ୟକ୍ତ କରୁଥିଲେ ଏବଂ ଦରମା ସମ୍ପର୍କରେ ସମାଲୋଚନା ହେବାରୁ ମନ୍ତ୍ରୀ ପକ୍ଷରେ ତାହା ଅପମାନ ବୋଲି ନଜେ ବଗୁର କରି ଇସ୍ତଫା ଦେଇ ଦେଲେ । ଏହି ଗଣେଶ ଦତ୍ତସିଂହ ସେତେବେଳେ ମେମ୍ବର ଥାଇ କେତେ କଟୁ ସମାଲୋଚନା କରିଛନ୍ତି, ମଧୁବାବୁଙ୍କ ପ୍ରତି କେତେ କଟାକ୍ଷ କରିଛନ୍ତି; ପ୍ରକାଶ୍ୟରେ ତାଙ୍କର ଇସ୍ତଫା ମଧ୍ୟ ଦାବୀ କରିଛନ୍ତି ! ମଧୁବାବୁ ମାନ୍ୟ ଲୋକ । ସେ ମୁହୂର୍ତ୍ତେ ଅପେକ୍ଷା କଲେ ନାହିଁ । ମାନରେ ତଳେ ବାଧା ପଡ଼ିବାରୁ ଇସ୍ତଫା ଦେଇ ଚାଲି ଆସିଲେ ।....."

ମଧୁସୂଦନ ଏହି ଅଗ୍ରଲେଖା ପାଠ କରି ମଧ୍ୟ ଟିପ୍‌ପଣୀ କରି ପାରିଥାନ୍ତେ...."ଭନ୍ନେ ଆଜ ତୋ ଘଉରେ !"

କନ୍ତୁ ସମସାମୟିକ ବ୍ୟକ୍ତି ଓ ଚରନ୍ତର ବଗୁର କାଳର ପରିହାସରେ ଏଇପରି ବଡ଼ମ୍ବିତ ହୋଇଥାଏ ! ଆଜିର ଘୃଜଉକ୍ତ ଭିନ୍ନ ପରିସ୍ଥିତିରେ କାଲି ବିବେଚିତ ହୋଇଥାନ୍ତି ବିଦ୍ରୋହୀ ରୂପେ; ପୁଣି ଆଜିର ଘୃଜଦ୍ରୋହୀର ଅଗ୍ନିଗର୍ଭ ବିଦ୍ରୋହ, କାଲି ପରିଣତ ହୋଇଥାଏ ନଜର ଷ୍ଟୁଡ଼ି ଆସନ ଓ ସ୍ଥିତାବସ୍ଥା ରକ୍ଷା କରିବାର ସଙ୍କୁଚିତ ଦୈନ୍ୟରେ !

ଇତିହାସ, କାଳର ସେଇ ବଡ଼ମ୍ବନା ଓ ପରିହାସର କାହାଣୀ ।

Digitized by srujanika@gmail.com

ଦ୍ୱାଦଶ ପରିଚ୍ଛେଦ

ନଦୀର ମଧ୍ୟଭାଗର ଉଷ୍ଣତା, ଅପରାହ୍ଣର ଦୀର୍ଘାୟିତ ଛାୟା ମଧ୍ୟରେ କମେ ଶୀତଳ ହୋଇ ଆସେ ସତ୍ୟ; ତଥାପି ତାର ପ୍ରଖର ତୀବ୍ରତା ହରାଇ ନଥାଏ ।

ମନ୍ତ୍ରୀଚ୍ୟୁତି ପରେ, ବ୍ୟକ୍ତିଗତ ତଥା ରାଜନୈତିକ ଜୀବନର ନାନା ଘାତ ପ୍ରତିଘାତ ମଧ୍ୟରେ, ମଧୁସୂଦନଙ୍କ ମେଜାଜ ତୀବ୍ରତା କମେ ହ୍ରାସ ପାଇ ଆସିଥିଲା ଓ କେହ ତାଙ୍କ କଥାର ସାମାନ୍ୟ ପ୍ରତିବାଦ ଅଥବା ପ୍ରତିରୋଧ କଲେ କ୍ଷଣକୋପୀ ମଧୁସୂଦନ ହଠାତ୍ ବୋଧୋନ୍ମତ୍ତ ହୋଇ ଉଠୁଥିଲେ । ତାଙ୍କର ମନୋତ୍ସବ ଓ ମାନସିକ ପ୍ରତିଦ୍ୱନ୍ଦ୍ୱିତା, ମାରବ ଆତ୍ମସମର୍ପଣ ମଧ୍ୟରେ କମେ ପ୍ରଶାନ୍ତ ହୋଇ ଆସୁଥିଲା । କନ୍ଥ ଶତ ନବୃତ୍ତି ଓ ନଗ୍ରହ ମଧ୍ୟରେ ମଧୁସୂଦନଙ୍କ ଜୀବନର ଅଭିବ୍ୟକ୍ତି ପଡିଥିବାରୁ, ବେଳେ ବେଳେ ଏଇପରି ସାମୟିକ ବିସ୍ଫୋରଣ ମଧ୍ୟରେ ସେ ସେପରି, ଆବେଗିକ ନିର୍ଗମନର ଏକ ପଥ ଫେରି ପାଉଥିଲେ । ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ସବୁ ନମ୍ରତା ଓ କୋମଳତା ସତ୍ତ୍ୱେ, କ୍ଷଣକୋପୀ ମିଜାଜ୍‌ର ଏହାହିଁ ଥିଲା କାରଣ । ସେଥିପାଇଁ ମଧୁସୂଦନଙ୍କ ଆକସ୍ମିକ ବିସ୍ଫୋରଣ ଓ କ୍ଷଣକୋପୀ ମିଜାଜ୍‌କୁ ଓଡ଼ିଶାବାସୀ କେବେ ମଧୁସୂଦନଙ୍କର ଔଦ୍ଧତ୍ୟ, ଅଥବା ଅଶୋଭନୀୟ ଉତ୍ତତ୍ତା ରୂପେ ଗ୍ରହଣ କରୁନଥିଲେ । ସେମାନଙ୍କ ଦୃଷ୍ଟିରେ, ମଧୁସୂଦନଙ୍କ ଏପରି ସବୁ ବିସ୍ଫୋରଣ ଥିଲା ସ୍ୱାସ୍ଥ୍ୟକର । ମାରବରେ ସମସ୍ତେ କୁଳବୃଦ୍ଧଙ୍କର ସେଇ ମେଜାଜ ତୀକ୍ଷ୍ଣତାକୁ ଏକ ସ୍ୱାସ୍ଥ୍ୟକର ବ୍ୟାପାର ରୂପେ ଗ୍ରହଣ କରି ନେଇଥିଲେ । ମଧୁସୂଦନଙ୍କ ପ୍ରତି ଓଡ଼ିଶାବାସୀଙ୍କ ଶ୍ରଦ୍ଧାର ତାହାହିଁ ଥିଲା ରହସ୍ୟାତ୍ମକ !

ଏବେ ମଧୁସୂଦନଙ୍କର ସେଇ କ୍ଷଣକୋପ ହ୍ରାସ ପାଇ ଆସିଥିଲେ ମଧ୍ୟ, ବେଳେ ବେଳେ ସେଇ ନଦ୍ୟାପିତ ଆଗ୍ନେୟଗିରି ଯେତେବେଳେ ହଠାତ୍ ବିସ୍ଫୋରଣ କରି ଉଠୁଥିଲା; ସେତେବେଳେ ତାଙ୍କୁ ଶାନ୍ତ କରିବା, ଆତ୍ମୀୟସ୍ୱଜନ ଓ ସହକର୍ମୀମାନଙ୍କ ପକ୍ଷରେ କଠିନ ହୋଇ ପଡୁଥିଲା ।

ସେଦିନ, କଟକ ବାସଭବନରେ, ମଧୁସୂଦନ ସେଇ ପରି ଏକ ମୁହୂର୍ତ୍ତରେ ତାଙ୍କ ଅଫିସ ଭିତରେ ଏ ପାଖରୁ ସେପାଖ ଉତ୍ତେଜିତ ଭାବରେ ପାଦଚାରଣା କରି, ଚିତ୍କାର କରୁଥିଲେ....''ଆମି ବୃଦ୍ଧ ? ଆମି ବୃଦ୍ଧ ?''

Digitized by srujanika@gmail.com

ବହାର-ଓଡ଼ଶା କାଉନସିଲ୍ ନିର୍ବାଚନ ସମ୍ପର୍କରେ ମଧୁସୂଦନ ପାଟ୍‌ନାରୁ ଆସିଥିଲେ କଟକ । ୧୯୬୩ ସାଲ ଶେଷ ବେଳକୁ ହେଉଥିଲା, କାଉନସିଲ୍ ପାଇଁ ପୁଣି ନିର୍ବାଚନ । ମଧୁସୂଦନ ଏଇ ପରିପ୍ରେକ୍ଷୀରେ ସୁଦ୍ଧା କାଉନସିଲ୍‌କୁ ପୁଣି ନିର୍ବାଚିତ ହେବାର ଆଶା ପୋଷଣ କରିଥିଲେ ।

ଅଫିସରେ ମଧୁସୂଦନଙ୍କ ବ୍ୟସ୍ତତା ଆଉ କେହି ନଥିଲେ । ଅଫିସ ବାରଣ୍ଡାରେ ସର୍ଦ୍ଦାର-ବେହେରା ହାଡ଼ଆ ହୁକା ସଜାଡ଼ୁଥିଲା । ସେ ବା କଣ ଦେବ ଏ ପ୍ରଶ୍ନର ଉତ୍ତର ? ବରଂ ଏତେବେଳେ ମଧୁସୂଦନଙ୍କ ଦୃଷ୍ଟିରେ ପଡ଼ିଗଲେ, ତାହାର ପରିଚିତ ଚନ୍ଦ୍ରା କର, ମନେ ମନେ ସେ ଶଙ୍କିତ ହୋଇ ଉଠୁଥିଲା ।

ମଧୁସୂଦନ ଚିତ୍କାର କଲେ···"ହାଡ଼ଆ"

"ହଜୁର"

"ମିସି ବାବା କୋ ସଲ୍ଲମ୍ ଦୋ !"

ମିସି ବାବା ଅର୍ଥାତ୍ ଶୈଳବାଳା, ସଜ୍ଜିତ ପାଦରେ ଅଫିସ ଭିତରକୁ ଆସିବା ମାତ୍ରେ, ମଧୁସୂଦନ ଅପସ୍ମାରଗ୍ରସ୍ତ ରୋଗୀ ପରି, କ୍ରୋଧରେ କମ୍ପି କମ୍ପି ଚିତ୍କାର କଲେ··· "ଆମି ବୃଦ୍ଧ ? ଆମି ?"

ଉତ୍ତେଜିତ ଶିଶୁକୁ ଶାନ୍ତ କରିବା ପରି କଣ୍ଠରେ, ଶୈଳବାଳା କହିଲେ···"କଣ ହୋଇଛୁ ବାବା ? ଆପଣ ଏପରି ଉତ୍ତେଜିତ କାହିଁକି ?"

"ଉତ୍ତେଜିତ ହେବ ନାହିଁ ? ମୁଁ ବୃଦ୍ଧ ? ମୁଁ ବୃଦ୍ଧ ?"....ମଧୁସୂଦନଙ୍କ ଚିତ୍କାରରେ ବିଘ୍ନ ନଥିଲା..."ଏଇ ପଢ଼ି ଦେଖ "ଉତ୍କଳ-ଦୀପିକା"ରେ କଣ ଲେଖିଛନ୍ତି, ପୁଅର କେତେଜଣ ମଠ ମହନ୍ତ ଆଉ ମ୍ୟୁନସିପାଲଟୀ କାଉନସିଲ୍‌ର ! ଶେଷକୁ ଜଗବନ୍ଧୁ, ଶିଶୁପ, ଏମାନେ ସୁଦ୍ଧା, ମୋ ବିରୁଦ୍ଧରେ ନିବେଦନ ଗ୍ରୁପିଲେ ! ନିବେଦନ ଗ୍ରୁପିଛନ୍ତି, ମୁଁ ବୃଦ୍ଧ ଅକର୍ମଣ୍ୟ ହୋଇ ରହିଣି ! ମନ୍ତ୍ରୀ ଥାଇଁ ମାଲେରିଆ ନିବାରଣ ଛଡ଼ା ମୁଁ କୁଆଡ଼େ ଓଡ଼ଶା ପାଇଁ ଆଉ ଅଧିକ କିଛୁ କାର୍ଯ୍ୟ କରି ନାହିଁ ! ଯାହାହେଉ ମୁଁ ତ ହେଲେ ସେଇ ମାଲେରିଆ ନିବାରଣ ପାଇଁ କାର୍ଯ୍ୟ କରିଛି ! କିନ୍ତୁ ଏଇ ବାକ୍ୟବାଣମାନେ କେବଳ ପରନିନ୍ଦା, ପରଚର୍ଚ୍ଚା। ବ୍ୟସ୍ତତା ଆଉ କରିଛନ୍ତି ବା କଣ ?"

"ଉତ୍କଳ-ଦୀପିକା"ର ଓଡ଼ଆ ଲେଖା ପଢିବା ଶୈଳବାଳାଙ୍କ ପକ୍ଷରେ ସମ୍ଭବ ନଥିଲା । ଶୈଶବରୁ ତାଙ୍କ ଜୀବନ ଓଡ଼ଶାରେ ଅତିବାହିତ ହୋଇଥିଲେ ସୁଦ୍ଧା, ଓଡ଼ଆ ହରଫ ସହିତ ତାଙ୍କର କେବେ ପରିଚୟ ଘଟି ନଥିଲା ।

Digitized by srujanika@gmail.com

ସେ ବଙ୍ଗଳାରେ କହିଲେ....''ଏଥିରେ କ ନୂଆ କଥା ଅଛୁ ସେ ବାବା, ଆପଣ ଏପର ଉତ୍ତେଜିତ ହେଉଛନ୍ତି ? ଆପଣ ଓଡ଼ଶା ପାଇଁ ଏତେ କାର୍ଯ୍ୟ କଲେ; କନ୍ତୁ ଓଡ଼ିଆ ମାନେ ଆପଣଙ୍କ ନନ୍ଦା ଓ ଅପବାଦ ବ୍ୟତୀତ ଆଉ କଣ ବା କରଥାନ୍ତି କେବେ ?''

ଶୈଳବାଲାଙ୍କର ଏଇ କଥା, ଅଗ୍ନିରେ ଯେପର ଇନ୍ଧନ ଯୋଗାଇ ଦେଲା । ଚତ୍କାର କରିବା ପର କଣ୍ଠରେ ମଧୁସୂଦନ କହିଲେ....''ମୋର ସ୍ତ୍ରୀମାନେ ମୋର ନନ୍ଦା ଅପବାଦ କଲେ; ସେଥିରେ ତୋର ଯାଏ ଆସେ କଣ ? ମୁଁ ସେମାନଙ୍କ କୂଳବୃକ୍ଷ ! ତଥାପି ମୁଁ ବଙ୍ଗଳାରେ କଥାବର୍ତ୍ତା କରେ ଏଥିରେ ସେମାନେ ଆହତ ହେବାଇ ସ୍ୱାଭାବିକ ! ଓଡ଼ଶାରେ କଣ ଆଉ ଦ୍ୱିଅ ନଥିଲେ ? ତୁମମାନଙ୍କ ପାଇଁ ଏତେ ଟଙ୍କା ଖର୍ଚ୍ଚ କଲି; ସୁଧାଂଶୁକୁ କଲ୍ କ୍ସରତର ପ୍ରଥମ ଲେଡୀ ଅଡ଼ୱେକେଟ୍ । ତୋତେ ପଠାଇଲି ବଲତ, ଚନ୍ଦ୍ର ବଲତ ପାଇଁ ହେଲା ବାଶ୍ଟର୍ ! କନ୍ତୁ ତୁମେମାନେ ଓଡ଼ଶା ପାଇଁ କଣ କରଛ ? ଏଥିରେ ଓଡ଼ଶା ଲୋକେ ମୋତେ ନନ୍ଦା ଦେବେ ନାହିଁ ତ ଆଉ କଣ ମୋର ପ୍ରଶଂସା କରିବେ ?···ସେମାନେ ଠିକ୍ ଲେଖିଛନ୍ତି ! ମଧୁବାସ ଗୋଟାଏ ଅପଦାର୍ଥ !''

ଶୈଳବାଲା କଣ ବା ଦେବେ ଏଇ ଅଦ୍ଭୁତ ଯୁକ୍ତିର ଉତ୍ତର କଂକର୍ତ୍ତବ୍ୟବମୂଢ଼ ସ୍ତ୍ରବରେ ସେ ସେଠାରୁ ପଲାସ୍ତନ ପାଇଁ ପଥ ଖୋଜୁଥିଲେ ! ମାନ ମଧୁସୂଦନଙ୍କ ବସ୍ତୋରଣ ତଥାପି ବନ୍ଦ ହୋଇ ନଥିଲା । ସେ ସେଇପର କହି ଚାଲିଥିଲେ....''କନ୍ତୁ ତା'ବୋଲ ମୁଁ ବୃଦ୍ଧ ? ମୋର ବାଳ ପାଚରାଲିଣି ? କାଉନସିଲ୍ ପାଇଁ ମୁଁ ଏଣିକ ଅଯୋଗ୍ୟ ?''

ବହାର-ଓଡ଼ଶା ଲେଜସ୍‌ଲେଟିଭ୍ କାଉନସିଲ୍ ପାଇଁ ନିର୍ବାଚନରେ, ମଧୁସୂଦନ ଓଡ଼ଶା ମ୍ୟୁନସିପାଲଟୀ ନିର୍ବାଚନମଣ୍ଡଳୀରୁ ପ୍ରତଯୋଗିତା କରୁଥିଲେ । ତାଙ୍କ ବପକ୍ଷରେ ପ୍ରାର୍ଥୀ ଥିଲେ, ତରୁଣ ବାଶ୍ଟର୍ ବଶ୍ୱନାଥ ମିଶ୍ର । ଏଇ ପ୍ରତଯୋଗିତାକୁ ଲକ୍ଷ୍ୟ ରଖି ''ଉତ୍କଳ ଦୀପିକା''ର ୧୯୨୩ ସାଲ୍, ନଭେମ୍ବର ୩ ତାରଖ ସଂଖ୍ୟାରେ, ପୁଷ୍ଟର ଏମାର, ଉତ୍ତରପାର୍ଶ୍ୱ ଓ ଲକ୍ଷ୍ମୀଉତ୍ର ମଠ ପ୍ରଭୃତ କେତେକ ମଠର ମହନ୍ତ, ଜଣେ ଦୁଇଜଣ ଓକ୍ଲାଲ, ମୁକ୍ତ୍ୟାର୍ ପୂର୍ତ୍ତି କେତେଜଣ ମ୍ୟୁନସିପାଲ୍‌ଟୀ କାଉନସିଲ୍‌ର ଏକ ନିବେଦନ ପ୍ରକାଶ କରଥିଲେ···

''× × × ମଧୁବାବୁ ବହୁକାଳ ହେଲା ବହୁତଥର ପ୍ରାଦେଶିକ କାଉନସିଲ୍‌କୁ ଯାଇଁ ତାଙ୍କର ବାଳ ପାଚରାଲିଣି । ସେ ମଧ୍ୟ ବହାର-ଓଡ଼ଶା ବ୍ୟବସ୍ଥାପକ ସଭାରେ ମନ୍ତ୍ରୀପଦ ଗ୍ରହଣ କରି କାର୍ଯ୍ୟ କରଥିଲେ । ଏବେ ମନ୍ତ୍ରୀପଦ ତ୍ୟାଗ ଓଡ଼ଶାରୁ ଯାଇଁ ପାଟ୍‌ନାରେ ଓକାଲତି କରୁଛନ୍ତି । ପ୍ରାଦେଶିକ ସଭାରେ ଏତେ ଥର ସଭ୍ୟ ହୋଇ ସେ ଯାହା କରବାର କରି ପାରଛନ୍ତି । ଆଉ ଅଧିକ ତାଙ୍କ ଠାରୁ କଣ ଆଶା କରିଯାଏ ? × × × ମଧୁବାବୁ ଉତ୍କଳ ସମ୍ମିଳନୀର ଜନ୍ମଦାତା । ଉତ୍କଳ-ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଓଡ଼ଶା ଦେଶପ୍ରେମ ! ସେଭଳ କରାଇ ପାରିଲେ ମଧୁବାବୁ ତାଙ୍କ ଜୀବନରେ ଗୋଟାଏ କାର୍ଯ୍ୟ କରି ପାରଛନ୍ତି ବୋଲି ତାଙ୍କ ମନରେ ସାନ୍ତ୍ୱନା ହେବ ଏବଂ ଦେଶବାସୀ ତାଙ୍କ ଠାରେ ଋଣୀ ରହିବେ । ଉତ୍କଳଦୀପିକାଙ୍କ ମତାନୁସାରେ ମାଲେରିଆ ବନାଶ କରିବା ଲାଗି ମଧୁବାବୁ ଆଦୌ ବ୍ୟସ୍ତ ହେବା ଉଚତ

Digitized by srujanika@gmail.com

ନୁହେଁ । ଉତ୍କଳର ପ୍ରଧାନ ଶତ୍ରୁ ଉତ୍କଳର ଅଙ୍ଗଚ୍ଛେଦ । ଆମ୍ଭେମାନେ ଅନୁରୋଧ କରୁଁ, ମଧୁବାବୁ ଦେଶ ମିଶ୍ରଣ କରାଇ ପାରିଲେ ଉତ୍କଳରୁ ମାଲେରିଆ ଗଲ୍ଲ ବୋଲ୍ କୁହାଯିବ । ସୁତରାଂ ମଧୁବାବୁ ଆଉ ପ୍ରାଦେଶିକ ସଭାକୁ ସଭ୍ୟ ହେବା ପାଇଁ ଲଣ୍ଡଭଣ୍ଡ ନହୋଇ ଉପର ପାହାଚକୁ ଯାନ୍ତୁ ! ସେଠାରେ ତାଙ୍କର ଉପସ୍ଥିତି ଆବଶ୍ୟକ !···ମଧୁବାବୁ ଯୁବକମାନଙ୍କୁ ସ୍ଥାନ ଛାଡ଼ଦେବା ଉଚିତ । ସେ ଅନେକ ସମୟରେ କହନ୍ତି ଯେ, କେହି ଯୁବକ ବାଁହାରୁ ନାହାନ୍ତି । ମାଟ୍ର ଯେତେବେଳେ କେହି ଯୁବକ ବାହାରିବ, ସେତେବେଳେ ସେ ତାହାର ପ୍ରତିଦ୍ୱନ୍ଦ୍ୱୀ ହେବା ଅସୁନ୍ଦର । ନୂତନ ଯୁବକମାନେ ଆଉ କାର୍ଯ୍ୟ ଶିଖିବେ କେପରି ? ମଧୁବାବୁ କଣ ସବୁ ବେଳେ ବସିଥିବେ ? ତାଙ୍କ ପଛକୁ ଲୋକ ଠିଆର ହେବେ କେଉଁଦିନ ? କେବଳ ମଧୁବାବୁ ଗଲେ ଯେ ଆମ୍ଭମାନଙ୍କୁ ସ୍ୱର୍ଗର ଗ୍ଲୁନ ଆଣି ଦେବେ, ଆଉ କେହି କିଛୁ କରି ପାରିବେ ନାହିଁ; ଏକଥା କୁହାଯାଇ ନପାରେ ।...କାହିଁ ବନ୍ଦୋବସ୍ତ ତ ବନ୍ଦ ହେଲ୍ଲ ନାହିଁ ? ଚୌଳିଦାସ୍ତ ଟିକସ ତ ଉଠିଲ୍ଲ ନାହିଁ ? ମଧୁବାବୁ ତ କାଉନସିଲ୍‌ରେ ଥିଲେ ! ଆମ୍ଭେମାନେ ମଧୁବାବୁଙ୍କ ନନ୍ଦା କରୁନାହୁଁ ! ପ୍ରକୃତ କଥା କହିଲେ ମଧୁବାବୁ ସ୍ୱୀକାର କରିବେ ! ମଧୁବାବୁ କିଛୁ କରି ପାରିବେ ନାହିଁ ବୋଲ୍ ମନ୍ତ୍ରୀପଦ ଛାଡ଼ଦେଲେ । ତାଙ୍କ କାଉନସିଲ୍ ବକ୍ତୃତା ଯେ ପଢ଼ିଥିବ, ସେ ବୁଝିପାରିଥିବ ଯେ, ମଧୁବାବୁ ନରାଶ ହୋଇ ମନ୍ତ୍ରୀପଦ ଛାଡ଼ିଲେ । ତେବେ ଆଉ କେଉଁ ଆଶା ଭରସାରେ ସେ ପୁଣି ସଭ୍ୟ ହେବାକୁ ପ୍ରାର୍ଥୀ ହେବେ ?" ଇତ୍ୟାଦି ।

ନିବେଦନରେ ପ୍ରକାଶିତ ମତାମତ ଯେ ଅନେକାଂଶରେ ସଠାର୍ଥ, ସେଥିରେ ମଧୁସୂଦନଙ୍କର ନିଜର ସନ୍ଦେହ ନଥିଲ୍ଲ ! ପୁଣି ବାରଷ୍ଟର୍ ବଶ୍ୱନାଥ ମିଶ୍ରଙ୍କ ପ୍ରତି ତାଙ୍କର ଶ୍ରଦ୍ଧା କମ୍ବା ସଦଭିପ୍ରାୟ ମଧ୍ୟ ଅଳ୍ପ ନଥିଲ୍ଲ । ବଶ୍ୱନାଥ କୃତବିଦ୍ୟ ଯୁବକ, ବାରଷ୍ଟର୍ ! ଦେଶସେବା ପାଇଁ ଉତ୍ସାହ, ଉଦ୍ଦୀପନା ପ୍ରଚୁର ! ସେଣ୍ଟ୍ରାଲ୍ ଆସେମ୍ବ୍ଲିର ସଭ୍ୟ ଥାଇ ସେଠାରେ ନାନା କାର୍ଯ୍ୟକଲାପ ଫଳରେ, ସେ ଓଡ଼ିଶାବାସୀଙ୍କ ମନରେ ରେଖାପାତ କରି ପାରିଥିଲେ । କିନ୍ତୁ ବଶ୍ୱନାଥ ପୁଣି ସେଇ ସେଣ୍ଟ୍ରାଲ୍-କାଉନସିଲ୍‌କୁ ଯାଇ ନାହାନ୍ତି କାହିଁକି ? ବିହାର-ଓଡ଼ିଶାର ମନ୍ତ୍ରୀ ରୂପେ, ଓଡ଼ିଶା ପାଇଁ ସେ ଯେଉଁ କେତେକ କର୍ମଯୋଜନା ଆରମ୍ଭ କରିଥିଲେ, ସେସବୁ ଏବେବି ତ ଅସମାପ୍ତ ପଡ଼ିଛି ! ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ବିଷୟରେ କେନ୍ଦ୍ର ଆସେମ୍ବ୍ଲି ଅପେକ୍ଷା, ବିହାର-ଓଡ଼ିଶା କାଉନସିଲ୍‌ରେ ହିଁ ଅନେକ କାର୍ଯ୍ୟ କରିବାର ଅଛି ! ପୁଣି ସବୋପରି ଉତ୍କଳ-ଷ୍ଟାନେଟ୍‌କୁ ରକ୍ଷା କରିବାକୁ ହେଲେ, ବିହାର-ଓଡ଼ିଶା କାଉନସିଲ୍‌ରେ କେବଳ, ସେ ସରକାରଙ୍କୁ ପ୍ରଭାବିତ କରି ପାରିବେ ! ଷ୍ଟାନେଟ୍‌ର ପରିସ୍ଥିତି ସମ୍ପର୍କରେ ବଙ୍ଗଳା ସରକାରଙ୍କ ଜଣେ ବିଶେଷଜ୍ଞ ବି. ଏମ୍. ଦାସଙ୍କ ରିପୋର୍ଟ ପାଇବା ଦିନୁ, ଉତ୍କଳ-ଷ୍ଟାନେଟ୍‌କୁ ସରକାର ପରିସ୍ଥିତିରେ ଛାଡ଼ି ଦେବା ପାଇଁ ସୁଦ୍ଧା ସେ ଚନ୍ଦା କରି ଆସୁଅଛନ୍ତି । ହାଟ ବଜାରରେ ଥିଲେ ବି ରାଜାଙ୍କର ! ଏହି ସବୁ କାରଣରୁ ବିହାର-ଓଡ଼ିଶା କାଉନସିଲ୍ ସଭ୍ୟ ପଦ ପ୍ରତି ମଧୁସୂଦନ ଥିଲେ ଅଧିକତର ଆକୃଷ୍ଟ !

ଏଇ ପରିସ୍ଥିତିରେ ବଶ୍ୱନାଥଙ୍କ ପ୍ରତିଦ୍ୱନ୍ଦ୍ୱିତା, ତାଙ୍କୁ ଯେତେ ଆହତ କରୁନଥିଲ; ମିଷ୍ଟର୍ ଦାସର ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ତଥାପି ଓଡ଼ିଶାରେ ଯେ କେହି ପ୍ରସ୍ତୁତ; ଏହା

Digitized by srujanika@gmail.com

ତାଙ୍କର ପ୍ରଚଣ୍ଡ ଅଭିମାନ ପ୍ରତି ଜକ୍ଷେପ କରିଥିଲ୍ୟ ଏକ ଆହ୍ୱାନ ! ତା ଉପରେ ତାଙ୍କର ବାର୍ଦ୍ଧକ୍ୟ ଓ ଅକର୍ମଣ୍ୟତା ପ୍ରତି ଆକ୍ଷେପ, ମଧୁସୂଦନଙ୍କ ପକ୍ଷରେ ସହ୍ୟାତୀତ ହୋଇ ଉଠିଥିଲ୍ୟ ।

ମଧୁସୂଦନଙ୍କ ବସ୍ୱସ ସେତେବେଳକୁ ୭୭···ଅଧିକାଂଶ ପକ୍ଷରେ ଇହଲୋକରୁ ବିଦାସ୍ୱ ନେବାର ବସ୍ୱସ ! ତଥାପି ସେଇ ବସ୍ୱସରେ, ନିର୍ବାଚନ-ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବା ପାଇଁ ତାଙ୍କଠାରେ ସକଲ୍ପ ଅଥବା ଶକ୍ତିର ଅଭ୍ୱବ ନଥିଲ୍ୟ !

ସେଇଦିନ ମଧୁସୂଦନ ଆସିଲେ ପୁରୀ !

ଓକିଲ ଜଗବନ୍ଧୁ ସିଂହଙ୍କ ନାମ ପୁର୍ବୋକ୍ତ ନିବେଦନରେ ପ୍ରକାଶ ପାଇବା ପରେ, ସ୍ୱସଂ ମଧୁସୂଦନ ଯେ ନିଜେ ପୁରୀ ଆସି ପ୍ରଥମେ ତାଙ୍କର ଦ୍ୱାରସ୍ଥ ହେବେ, ଜଗବନ୍ଧୁ ଏହା ଆଶା କରି ନଥିଲେ ! କିନ୍ତୁ ମଧୁସୂଦନ ନିଜେ ଆସିଲେ କାହିଁକି ? ପୁରୀ ଗୃଜରାଟୀରେ ରହି ଡକାଇ ପଠାଇଥିଲେ, ଜଗବନ୍ଧୁ କଣ ସେଠାକୁ ଆସି ନଥାନ୍ତେ ?

"ଜଗବନ୍ଧୁ ! ଘରେ ଅଛ ଜଗବନ୍ଧୁ !"···ମଧୁସୂଦନ ଗାଡ଼ୀରୁ ଓହ୍ଲାଇ କ୍ଷିପ୍ର ପାଦରେ ବାରଣ୍ଡା ଉପରକୁ ଉଠି ଆସୁଥିଲେ !

ଜଗବନ୍ଧୁ ପ୍ରଣାମ କରିବା ପୁର୍ବରୁ, ମଧୁସୂଦନ ତାଙ୍କୁ କୁଣ୍ଢାଇ ପକାଇ କହିଲେ··· "ସତରେ ବୁଢ଼ା ହୋଇ ଗଲ୍ଣି ଜଗବନ୍ଧୁ ! ଆଉ ବସ୍ୱସ ନାହିଁ ! ଶକ୍ତି ବି ନାହିଁ ! ବସ୍ୱସ କେତେ ହେଲ୍ୟ ଜାଣିଛୁ ତ ? ଇଅସ୍ତ୍ତ ନାଁ ସତ୍ତସ୍ତ ? ହାଲ ଗଲ୍ୟ ଝୁଲିଆ ଗଲ୍ୟ, ମୁଖରୁ ଗଲ୍ୟ ନାଲ୍ୟ ! କିନ୍ତୁ ମିଷ୍ଟର ଦାସ୍ ଯେଉଁ କାମ ସବୁ ଆରମ୍ଭ କରିଥିଲ୍ୟ; ସେସବୁ କଣ ଶେଷ ହେଲ୍ଣି ? ମିଷ୍ଟର ଦାସ୍, ଇକ୍ୱଲ-କାନେସ୍ସ, ଓଡ଼ିଶା-ଆର୍କେଓ୍ୱଲରସ୍ କାରଖାନା ବସାଇ ଓଡ଼ିଶା ଆଉ ଓଡ଼ିଆଙ୍କୁ ସୁ୍ରପରେ ପରିଣତ କରିଇଲ୍ୟ । ମିଷ୍ଟର ଦାସ୍ ଫଙ୍କର ହୋଇଗଲ୍ୟ ! ଇକ୍ୱଲ-କାନେସ୍ସ ବନ୍ଦ ହେବା ଉପରେ ! ମାନ୍ଦ ଓଡ଼ିଆ ଜାତ ଶୁ୍ରଛୁ; ସେଥିପ୍ରତି ତାର ଯେପରି କୌଣସି କର୍ତ୍ତବ୍ୟ ନାହିଁ ! ଓଡ଼ିଶା ଜାତର କର୍ତ୍ତବ୍ୟ ଆଇ ନପାରେ; କିନ୍ତୁ ବହିବା ପର୍ଯ୍ୟନ୍ତ ଏଇ ବୁଢ଼ାର ତ କର୍ତ୍ତବ୍ୟ ରହିଛୁ !"

ଜଗବନ୍ଧୁ ଅପ୍ରତିଭ କଣ୍ଠରେ କହିଲେ..."ଆଉ ଲଜ୍ଜା ଦେବେ ନାହିଁ ଆଜ୍ଞା ! ନିବେଦନରେ ସେମାନେ ଜୋର କରି ମୋ ପାଖରୁ ଦସ୍ତଖତ ନେଇଗଲେ ! ଆପଣ ଏଥିର କାହିନସିଲ୍‌କୁ ଯାନ୍ତୁ, ବଶିନାଥର ବସ୍ୱସ କଣ ଘଟି ଯାଉଛୁ ?"

ଶିସ୍ପ ଚନ୍ଦ୍ର ଘୋଷ ମ୍ୟୁନସିପାଲ କମିସନର୍, ସେଇପରି ନିବେଦନରେ ଦେଇଥିଲେ ଦସ୍ତଖତ !..."ଓହେ ଶିସ୍ପ ! ଏଇ ବୁଢ଼ୋ ଏସେଛେ !"

Digitized by srujanika@gmail.com

ଶିଙ୍ଗପଚନ୍ଦ୍ର ଲଜ୍ଜିତ ସ୍ୱରରେ କହିଲେ···"ଆଉ ଲଜ୍ଜ୍ୟା ଦେବେ ନାହିଁ ଆଜ୍ଞା ! ବଶ୍ୱନାଥ ବାବୁଙ୍କୁ ମୁଁ ବୁଝାଇ ଦେବ ଏଥରକାର ସ୍ୱେଚ୍ଛ ମଧୁବାବୁଙ୍କର !"

ମଧୁସୂଦନଙ୍କର କ୍ଲାନ୍ତ ନାହିଁ, ଅବସାଦ ନାହିଁ । ଶିଙ୍ଗପ ବାବୁଙ୍କ ଘରୁ ସେ ଆସି ପହଞ୍ଚିଲେ ଜମିଦାର ମିଚ୍ଛୁ ମିଶ୍ରଙ୍କ ଘରେ ! ମିଚ୍ଛୁ ମିଶ୍ରେ ଜମିଦାର, ପୂଣି ମ୍ୟୁନସିପାଲ୍ କାଉନସିଲର୍ । ସେ ମଧ୍ୟ ମଧୁସୂଦନଙ୍କ ବପକ୍ଷରେ ନବେଦନରେ ସ୍ୱାକ୍ଷର ଦେଇଥିଲେ । ମଧୁସୂଦନ କହିଲେ...."କଣ ମିଶ୍ରେ, ବୁଢ଼ାକୁ ଏଇ ଶେଷ ଥର ସ୍ୱେଚ୍ଛ ଦେବ ନାହିଁ ?"

ମିଚ୍ଛୁ ମିଶ୍ରେ ଅପ୍ରତିଭ କଣ୍ଠରେ ଉତ୍ତର ଦେଲେ...."ଆପଣ ଡ଼କାଇ ପଠାଇଥିଲେ, ମୁଁ କଣ କଟକ ଆସି ନଥାନ୍ତି ?"

ମଧୁସୂଦନ କହିଲେ···"କନ୍ୟୁ ଚୁମ ପାଖକୁ ଆସିବା ତ ବୁଢ଼ାର କର୍ତ୍ତବ୍ୟ !"··· ପୁଣିରୁ ମଧୁସୂଦନ ଆସିଲେ ବାଲେଶ୍ୱର, ବାଲେଶ୍ୱରରୁ ସମ୍ବଲପୁର ! ସେଥର ନିର୍ବାଚନରେ ଓଡ଼ିଶା ମ୍ୟୁନସିପାଲଟୀ ନିର୍ବାଚନମଣ୍ଡଳୀରୁ ମଧୁସୂଦନ ଅକ୍ଲେଶରେ ନିର୍ବାଚିତ ହୋଇ ଆସିଲେ । ଉତ୍ତର-କଟକ ନିର୍ବାଚନମଣ୍ଡଳୀରୁ ମଧୁପୁର ଗୁଜା, ଦକ୍ଷିଣକଟକରୁ ଲକ୍ଷ୍ମୀଧର ମହାନ୍ତି ଓ ଦକ୍ଷିଣ ବାଲେଶ୍ୱରରୁ ଜଗବନ୍ଧୁ ପ୍ରସାଦ ମହାପାତ୍ର ମଧ୍ୟ, ବହାର-ଓଡ଼ିଶା କାଉନସିଲ୍‌କୁ ସେଥର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । କେବଳ ମଧୁସୂଦନଙ୍କୁ ପଡ଼ିଥିଲା ନିର୍ବାଚନର ସମ୍ମୁଖୀନ ହେବା ପାଇଁ ! ଅନ୍ୟମାନେ ନିର୍ବାଚିତ ହୋଇଥିଲେ ବିନା ପ୍ରତିଦ୍ୱନ୍ଦ୍ୱିତାରେ । ଏହି ବିଜୟ ମଧ୍ୟରେ କନ୍ୟୁ କାଲର ଚେତାବନୀ ମଧୁସୂଦନ ସ୍ପଷ୍ଟ ଶୁଣି ପାରୁଥିଲେ ।

କନ୍ୟୁ ସେଇ କଙ୍କାଳସାର ଦେହରେ ତଥାପି ଯେ ଏତେ ପ୍ରାଣଶକ୍ତି ଲୁଚି ରହିଥିଲା; ସେଇ ନିର୍ବାପିତ ଆତ୍ମସ୍ଫୁରିର ମଧ୍ୟରେ ଏତେ ଅଗ୍ନି, ଏତେ ଦାହ, ବସ୍ତୋରଣ ତଥାପି ସଞ୍ଚିତ ରହିଥିଲା; କିଏ ବା କରିଥିଲା ତାର ଇସ୍ତ୍ରୀ ? କିଏ ବା କଳନା କରିଥିଲା, ଆପାତ ଗୁଜତନ୍ତ୍ରର ନେପଥ୍ୟରେ ପ୍ରଚ୍ଛନ୍ନ ରହିଥିଲା; ଏକ ଚରବତ୍ରୋତ୍ସ ଅଶାନ୍ତ ଆତ୍ମା ?

୧୯୨୫ ସାଲ ୨୦ ତାରଖ ଫେବୃୟାରୀ ଦିନ, ବହାର-ଓଡ଼ିଶା କାଉନସିଲ୍‌ରେ କନକା ପ୍ରଜା-ଆନ୍ଦୋଳନ ସମ୍ପର୍କରେ ଗୋପବନ୍ଧୁ ପ୍ରମୁଖ ଗୁଜନେତିକ ବନ୍ଦୀମାନଙ୍କର ମୁକ୍ତି ଦାବୀ କରି ମଧୁସୂଦନଙ୍କ ସ୍ୱପକ୍ଷ, ଜାତୀୟତାବାଦୀ ସଭ୍ୟମାନଙ୍କୁ ଯେତିକ ଚମତ୍କୃତ କରିଥିଲା; ସରକାରୀ ପକ୍ଷର ସଭ୍ୟମାନଙ୍କୁ ସେତିକ କରିଥିଲା ବସ୍ମିତ ଓ ବଭ୍ରାନ୍ତ ! ଜାତୀୟତାବାଦୀ ସ୍ୱପ୍ନର ଦ୍ୱାର୍ତ୍ତ ମଧୁସୂଦନଙ୍କ ଗୁଜନେତିକ ଚର୍ଯ୍ୟା ଜମେ ଯେପରି ପ୍ରସ୍ତୁତ ହୋଇ ଆସୁଥିଲା,

Digitized by srujanika@gmail.com

ଏହି ଶ୍ରପଣରେ ତାହାର ସୂଚନା ଥିଲା ସୁସ୍ପଷ୍ଟ ! ପୁଣି ତାଙ୍କର ସମସାମୟିକ ଓ ସେ ସମସ୍ତଙ୍କୁ ଓଡ଼ଶାରେ ଅସଫଳ ବ୍ରଜନୈତିକ ନେତୃତ୍ୱରେ ପ୍ରତିଷ୍ଠିତ, ଗୋପବନ୍ଧୁଙ୍କୁ ମଧୁସୂଦନ ଯେପରି ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ; ଏହି ଶ୍ରପଣଟି ତାହାର ସାକ୍ଷ୍ୟ ମଧ୍ୟ ବହନ କରିଥିଲା ।

ବ୍ରିଟିଶ ଶାସନର କଠୋର ଦମନନୀତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ମଧୁସୂଦନ ସେଦିନ କହିଥିଲେ....

"କନ୍ତୁ ଏପରି ଦମନନୀତି ଦ୍ୱାରା ଜନତାର ପ୍ରାଣକୁ, ତାର ଇଚ୍ଛାଶକ୍ତିକୁ ତୁମେ ଜସ୍ତ କରି ପାରିବ ନାହିଁ । ଯେତେ ବିପଦର ସମ୍ମୁଖୀନ ହେଲେ ମଧ୍ୟ ଲୋକେ ଜାଗ୍ରତ ହେବେ, ବିପ୍ଳବ କରିବେ । ଜନତା ଯେଉଁ ଦିନ ତୁମ ବିରୁଦ୍ଧରେ ଜାଗ୍ରତ ହେବ, ସେଦିନ ତୁମେ ତାହାକୁ ସମ୍ଭାଳି ପାରିବ ନାହିଁ । ସୁଯୋଗରେ ଜନବିକ୍ଷୋଭ ଦିନେ ଯେପରି ଗଣବିପ୍ଳବର ଆକାର ଧାରଣ କରିଥିଲା; ଏଠାରେ ମଧ୍ୟ ତାହାର ପୁନରାବୃତ୍ତି ହେବ । ଏହା ଫଳରେ କୌଣସି ବ୍ୟକ୍ତି ବିଶେଷ ବିନଷ୍ଟ ହେବ ନାହିଁ; ଏହା ତୁମର ଶାସ୍ତ୍ରସତ୍ତ୍ୱା ଓ ସମ୍ବିଧାନକୁ ଧ୍ୱଂସ କରିଦେବ !"

ଲକ୍ଷରେ କଲାକୋଟ ଓ ପାଣ୍ଟ୍‌ଲୁନ୍ ପରିହିତ, ଜରୁଜାଣ୍ଡି, କଙ୍ଗାଲସାର ମଧୁସୂଦନଙ୍କୁ ଘେରି ସେଦିନ ଉତ୍ତ୍ୱେଜିତ ସମ୍ବର୍ଦ୍ଧନାର ଢୋଲାହଲ ! ଶାସନର ଦମନନୀତି ବିରୁଦ୍ଧରେ କଠୋର ପ୍ରତିବାଦର ହୁଙ୍କାର ସ୍ୱର, କାହ୍ନପିଲ୍ ପ୍ରକୋଷ୍ଠରେ ଜଣେ ଲବଗ୍ରାଲ୍ କଣ୍ଠରେ ଯେପରି ଆଗରୁ କେବେ ଆଉ ଶୁଣାଯାଇ ନଥିଲା ! ସେତେବେଳେ ପାଟ୍‌ନା ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ରଜନୈତିକ ମହଲରେ ମଧୁସୂଦନଙ୍କର ସେଇ ଶ୍ରପଣ, ସଂଜ୍ଞ ଆଲୋଚନାର ବିଷୟବସ୍ତୁ ହୋଇ ଉଠିଥିଲା ।

କନ୍ତୁ ଏ ସମ୍ପର୍କରେ, ଜଗତସିଂହପୁର ଅଞ୍ଚଳର ଜଣେ କଂଗ୍ରେସ କର୍ମୀ, ମଧୁସୂଦନଙ୍କୁ ତାତ୍ସଲ୍ୟ କରି କଟକରେ କହୁ ବୁଲିବାର ଶୁଣାଗଲା,..."ବୁଢ଼ା କଂଗ୍ରେସରେ ମିଶିବା ପାଇଁ ଗୋଡ଼ ଟେକି ବସିଲାଣି ! ସେଥିପାଇଁ ଗୋପବନ୍ଧୁଙ୍କର ଏତେ ସ୍ତବ ସ୍ତୁତି ! କନ୍ତୁ ଟାନେସ୍ସି କଣ, କଣ ସ୍ୱର୍ଗଜ୍ୟ ମିଳିବ ? ଟାନେସ୍ସି ଓଡ଼ିଶାର ଗୋଟାଏ କଳଙ୍କ !"

ମଧୁସୂଦନ ଏହା ଶୁଣି ମନେ ମନେ କହିଥିଲେ...."ପିତା ! ସେମାନଙ୍କୁ କ୍ଷମାକର । ସେମାନେ କଣ କରୁଛନ୍ତି ନିଜେ ବୁଝନ୍ତି ନାହିଁ ।"

Digitized by srujanika@gmail.com

ମଧୁସୂଦନ କଂଗ୍ରେସରେ ଯୋଗ ଦେଉଥିବାର ସମ୍ବାଦ, ଜମେ ଜନରବର ସ୍ତରରୁ ଗଡ଼ ଜଣ ଗୃଲଥିଲା ସମ୍ଭାବନା ପଥରେ ! ୧୯୨୪ ସାଲ ଜୁନ୍ ମାସ ୨୮ ଓ ୨୯ ତାରିଖରେ କଟକଠାରେ. ଉତ୍କଳ-ପ୍ରଦେଶ-କଂଗ୍ରେସ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରାଦେଶିକ ସମ୍ମିଳନୀରେ ମଧୁସୂଦନ, କଂଗ୍ରେସରେ ଯୋଗଦାନ ଘୋଷଣା କରିବେ—ଓଡ଼ିଶାର ବଭିନ୍ନ ଗ୍ରାମଜେଡଳ ମହଲରେ ଏ ସମ୍ବାଦ ସୃଷ୍ଟି କରିଥିଲା ଗୋଟାଏ ଗୃଞ୍ଜନ !

ସେଦିନ ସନ୍ଧ୍ୟାରେ, ଅଭ୍ୟର୍ଥନା-ସମିତିର ସଭ୍ୟପତି, ଗୋପବନ୍ଧୁ ବ୍ଧେ ମଧୁସୂଦନଙ୍କ ପାଖକୁ ଆସିଥିଲେ, ଗୃହା ଆଦାସ୍ୱ ପାଇଁ ।

"କହୋ ଗୋପବନ୍ଧୁ; ଶୁଣିଲ ଚତ୍ତରଞ୍ଜନ ଆସୁନାହାନ୍ତି ତମର ସମ୍ମିଳନୀକୁ ?"

ଗୋପବନ୍ଧୁ ଉତ୍ତର ଦେଲେ...."ଅସୁସ୍ଥତା ହେତୁ, ଦେଶବନ୍ଧୁ ଯୋଗ ଦେଇ ପାରୁ ନାହାନ୍ତି । ସଭ୍ୟପତି ହେବେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ।"

"ଓ ପ୍ରଫୁଲ୍ଲ ! ବଙ୍ଗଳାରେ ଶିଲ୍ପୋନ୍ନତ ଆଉ ଯନ୍ତ୍ରଶିଳ୍ପର ପ୍ରସାର ହେଉରେ ପ୍ରଫୁଲ୍ଲ ଚନ୍ଦ୍ରର ଅଧବସାୟରୁ ଆମର ଅନେକ କଛୁ ଶିଖିବାର ଅଛୁ । ପ୍ରଫୁଲ୍ଲ ସଙ୍ଗରେ ମୋର ସାକ୍ଷାତ ହୋଇଥିଲା, ପ୍ରାସ୍ ବୋଡ଼ିଏ ବର୍ଷ ତଳେ, ଏଇ କଟକରେ । ଡ. ପି. ଆଇ. ଅର୍ସଡ଼େଲ୍ ଆର୍ଲ୍ ସାହେବ ତାଙ୍କୁ ଆମନ୍ତ୍ରଣ କରିଥିଲା, କୁନଆର୍ ଟିଚର୍ମାନଙ୍କୁ କେତେଟା ଲେକ୍ଚର ଦେବା ପାଇଁ । ସେତେବେଳେ ମୋର "ଓଡ଼ିଶା ଆର୍ଟ ଓ୍ୱାର୍କ୍ସ" କାରଖାନା ଦେଖି ସେ ମୁଗ୍ଧ ହୋଇ ଯାଇଥିଲା । ଏବେ ପୁଣି ବୋଡ଼ିଏ ବର୍ଷ ପରେ, ସେ କଟକ ଆସୁଛୁ । ତାର ବେଙ୍ଗଲ୍ କେମିକାଲ୍ ଆଣ୍ଡ୍ ଫର୍ମାସ୍ୟୁଟିକାଲ୍ ଓ୍ୱାର୍କ୍ସ୍ ଆଜ ଏକ ସୁପ୍ରତଷ୍ଠିତ ଅନୁଷ୍ଠାନ । କନ୍ତୁ ମୋର ଆର୍ଟ୍ଓ୍ୱାର୍କ୍ସ୍ କାରଖାନା ବନ୍ଦ୍ । ଟାନେଷ୍ଟ ବନ୍ଦ ହେବା ଉପରେ !....ସେଇତ ଟ୍ରାଜେଡ଼ୀ ।"

ମଧୁସୂଦନଙ୍କ କଣ୍ଠରେ ପୁତ୍ରଶୋକର ବେଦନା ଯେପରି ଆକୁଳତ ହୋଇ ଉଠିଲା ।

ନଜରୁ ସଯତ କରି, ମଧୁସୂଦନ କହିଲେ...."ଗୃହା ଦେବା ପାଇଁ ତମକୁ ଡାକିଥିଲ ଗୋପବନ୍ଧୁ । କଣ ବା ଦେବ ? ଆଜ ତ ମୁଁ ନାସ୍ୱ...ଗୁଜୁ ଗୃବଟା ଦାଓ ତ !"

ଗୃଜକଣୋର ଗୃବ ନେଇ ଆସିବା ମାତ୍ରେ, ମଧୁସୂଦନ କହିଲେ···"ଖୁଲେ ଦେଖ ତ କ ଆଛେ ! ମାଗୀର ଶନ୍ଦଦୃଷ୍ଟି ଥେକେ ବେତେ ଆଲ୍ଲେ ହସ୍ୱ !...ରମା କେମନ୍ ଆଛେ ଗୋପବନ୍ଧୁ ?

Digitized by srujanika@gmail.com

ଆଇରନ୍ ସେଫ୍ ଭିତରୁ ଗୋଟାଏ ଥଳି କାଢି, ସୁଜକଗୋର ଟେବୁଲ୍ ଉପରେ ରଖିଦେଲେ । ମଧୁସୂଦନ କହୁଲେ..."ଟାକା ଦୁ'ଶ ଗାଣକ୍ ଥାକ୍‌ବେ ! ଏଇ ନାଓ ଗୋପବନ୍ଧୁ !" ଟଙ୍କା ଥଳିଟା ମଧୁସୂଦନ ଠେଲି ଦେଲେ ଗୋପବନ୍ଧୁଙ୍କ ଆଡ଼େ !

ଗୋପବନ୍ଧୁ କହୁଲେ...."କନ୍ତୁ ମୁଁ ତ କେବଳ ଗୁଦା ପାଇଁ ଆସି ନଥିଲି, ଆପଣଙ୍କ ପାଖକୁ !"

"କୁହ, କୁହ, ଅସଙ୍କୋଚରେ କୁହ ଗୋପବନ୍ଧୁ, ଆଉ କଣ କରିପାରେ ମୁଁ ?"

"ଆପଣ ଏଣିକ କଂଗ୍ରେସରେ ଯୋଗ ଦିଅନ୍ତୁ ।" ଗୋପବନ୍ଧୁ ସଙ୍କୁଚିତ କଣ୍ଠରେ କହୁଲେ !

"ଏଇ କଂଗ୍ରେସର ଅନ୍ୟତମ ପ୍ରତିଷ୍ଠାତା ତ ମୁଁ ! କଂଗ୍ରେସରେ ଥାଇଁ ସୁରେନ୍ ବାନାର୍ଜୀ ଆରମ୍ଭ କଲେ ବେଙ୍ଗଲ ପ୍ରଭିନସିଆଲ୍ କନଫରେନସ୍, ବଙ୍ଗଳାର ବିଶେଷ ସମସ୍ୟା ମାନଙ୍କର ସମାଧାନ ପାଇଁ । ସେତେବେଳେ ମୁଁ ମଧ୍ୟ ଚେଷ୍ଟା କରିଥିଲି, ଓଡ଼ିଶାରେ ସେଇପରି ଏକ ସଂଗଠନ ପାଇଁ ! କନ୍ତୁ ୧୯୦୨ ସାଲରେ ବେଙ୍ଗଲ-ପ୍ରଭିନସିଆଲ୍ କନଫରେନସ୍‌ରେ ଏହାର ବିରୋଧ କରିଯିବାରୁ, ୧୯୦୫ ସାଲ ଠାରୁ ମୁଁ କଂଗ୍ରେସରୁ ଅଲଗା ହୋଇ, ଗଠନ କରିଥିଲି ଉଦାର-ସମ୍ମିଳନୀ । ସେ ଉଦାର-ସମ୍ମିଳନୀ ମଧ୍ୟ ଲୋପ ପାଇଲାଣି ୧୯୨୦ ସାଲଠାରୁ । ଏବେ ତୁମେମାନେ କଂଗ୍ରେସରେ ଥାଇଁ ସୁଦ୍ଧା ଯେତେବେଳେ ଓଡ଼ିଶା ପାଇଁ କିଛୁ କରିବାକୁ ବାହାରିଛ; ମୁଁ ତୁମମାନଙ୍କଠାରୁ ଅଲଗା ରହି ପାରିବ କିପରି ?"

ଗୋପବନ୍ଧୁ କହୁଲେ...."ମାଲକଣ୍ଠ ଆପଣଙ୍କୁ କହିଥିବେ, ଏଥର ଏଇ ପ୍ରାଦେଶିକ ସମ୍ମିଳନୀରେ ଦେଶମିଶ୍ରଣ ସମ୍ପର୍କରେ ଆମେ ଗୋଟିଏ ପ୍ରସ୍ତାବ ଗ୍ରହଣ କରିଛୁ । ଏ ପ୍ରଶ୍ନର ମୀମାଂସା ତାର ସ୍ୱୟଂ ମହାତ୍ମା ଗାନ୍ଧୀଙ୍କ ଉପରେ ଛାଡ଼ି ଦେବା ପାଇଁ ସଂସଦ୍‌ଗତଭାବେ ଆମର ସ୍ଥିର ହୋଇଛୁ ।"

"ବେଶ୍ ବେଶ୍, ମୋର ସେଥିରେ ଆପତ୍ତି ନାହିଁ ଗୋପବନ୍ଧୁ ! ମହାତ୍ମା ଗାନ୍ଧୀ ଏ ପ୍ରଶ୍ନର ମୀମାଂସା କରିବା ସବୁ ଦୃଷ୍ଟିରୁ ଭଲ । କନ୍ତୁ ଟାନେସ୍ସି ପ୍ରତି କଂଗ୍ରେସର କଣ କୌଣସି କର୍ତ୍ତବ୍ୟ ନାହିଁ ଗୋପବନ୍ଧୁ ? ଯେଉଁ ସ୍ୱଦେଶୀ-ଶିଳ୍ପର କଥା, କଂଗ୍ରେସ କହି ଆସୁଛୁ ଏଇ ଶତାବ୍ଦୀ ଆରମ୍ଭରୁ, ମୁଁ ତ ପ୍ରଥମେ ତାହାକୁ ପରିଣତ କରିଥିଲି କାର୍ଯ୍ୟରେ ! ଏଇ ଟାନେସ୍ସି ଜରିଆରେ । ଏଇ ଟାନେସ୍ସି ପାଇଁ ମଧୁଦାସ ଏବେ ଫଙ୍କାର ! କାରଖାନା କିଣି ନେବା ପାଇଁ କଲ୍‌କତାର ସାହେବମାନେ ଗୋଡ଼ ଟେକି ବସିଛନ୍ତି ! କନ୍ତୁ ଓଡ଼ିଶାର ଅନୁଷ୍ଠାନ, ଓଡ଼ିଶାର ଇଚ୍ଛାରୁ ଓଡ଼ିଆଙ୍କ ହାତରେ ରହୁ, ସେଥିପାଇଁ ସେମାନଙ୍କୁ କାରଖାନା ବନ୍ଦୀ ପାଇଁ ମୁଁ ନାରାଜ ! କନ୍ତୁ କାରଖାନାର ଆର୍ଥିକ ଅବସ୍ଥା ବର୍ତ୍ତମାନ ଯେପରି, ସେଥିରେ ଏ କାରଖାନାକୁ ଚଳାଇ ପାରିବା ମୋ ପକ୍ଷରେ ଆଉ କଣ ସମ୍ଭବ ? କାରଖାନାକୁ ବଞ୍ଚାଇବା ପାଇଁ ମୁଁ ଏହାକୁ କରିଛୁ ଏକ

Digitized by srujanika@gmail.com

ଲମିଟେଡ୍ କମ୍ପାନୀ ! ବ. ଏମ୍. ଦାସ ରିପୋର୍ଟରେ ସେଥିପାଇଁ ଥିଲା ମଧ୍ୟ ସୁପାରିସ । କିନ୍ତୁ ଦେଶବାସୀ ଶେଆରୁ ନ କିଣିଲେ, ଖାଲି ଲମିଟେଡ୍ କମ୍ପାନୀ କରିବାରେ କ ଲାଭ ଅଛି ? କଂଗ୍ରେସର କଣ ଏଇ ସ୍ୱଦେଶୀ ଶିଳ୍ପକୁ ରକ୍ଷା କରିବା ଦିଗରେ କୌଣସି କର୍ତ୍ତବ୍ୟ ନାହିଁ ? ଜରତ୍ତସିଂହପୁର ଅଞ୍ଚଳର ଜଣେ କଂଗ୍ରେସ କର୍ମୀ ତ କୁଆଡ଼େ କହି ବୁଲୁଛନ୍ତି, ଟାନେଷ୍ଟ ଓଡ଼ିଶାର ଗୋଟାଏ କଳଙ୍କ !"

ଗୋପବନ୍ଧୁ କହିଲେ...."କେତେକ ସ୍ଥାନରେ ସେ ସେଇପରି କହିଥିବା ମୁଁ ମଧ୍ୟ ଜାଣିଛି ! ସେ ନଡାନ୍ତ ସରଲଲୋକ ! ସେ ବା କଣ ବୁଝିଛନ୍ତି ଟାନେଷ୍ଟର ଭାସ୍ପର୍ଶ ? ସ୍ୱୟଂ ମହାତ୍ମା ଗାନ୍ଧୀ ସୁଦ୍ଧା ଆଧଣଙ୍କ ଟାନେଷ୍ଟ ପ୍ରତି ଆକୃଷ୍ଟ ହୋଇ ପାରନ୍ତି ! କାରଣ ଗୋହତ୍ୟା ନିବାରଣ ସହିତ ଆପଣଙ୍କ ଟାନେଷ୍ଟର ଅଛି ଏକ ପ୍ରତ୍ୟକ୍ଷ ସମ୍ପର୍କ ! ଆପଣଙ୍କ କାରଖାନାରେ ମଲ୍ଲ ଗୋରୁଙ୍କ ଚମଡାରୁ ସବୁ ଉତ୍କୃଷ୍ଟ ଜୋତା ତିଆର କରିଯାଇ ପାରୁଛି, ତାହେଲେ ସେଥିପାଇଁ କଟାଗୋରୁଙ୍କ ଚମଡ଼ାର ପ୍ରୟୋଜନ କଣ ? ସେହି ଦୃଷ୍ଟିରୁ ଟାନେଷ୍ଟ ସମ୍ପର୍କରେ ପ୍ରାଦେଶିକ ସମ୍ମିଳନୀରେ ଗୋଟାଏ ପ୍ରସ୍ତାବ ଗ୍ରହଣ କରିବାରେ ମଧ୍ୟ କୌଣସି ବାଧା ନାହିଁ ।"

ଦୁଇଟି ଇପ୍ସିତ ଲକ୍ଷ୍ୟ—ଦେଶମିଶ୍ରଣ ଓ ଟାନେଷ୍ଟର ପରିତ୍ୟଜନା—ପ୍ରତି କଂଗ୍ରେସ ଯଦି ସହାନୁଭୂତି ସମ୍ପନ୍ନ; ତା'ହେଲେ ମଧୁସୂଦନ କଂଗ୍ରେସ ଠାରୁ ଆଉ ଅଲଗା ରହିବେ କାହିଁକି ?

ମଧୁସୂଦନ କହିଲେ...."୧୮୮୭ ସାଲରୁ ଜ୍ୱରନ୍ତସ୍ୱ ଜାତୀୟ କଂଗ୍ରେସ ସହିତ ମୋର ସମ୍ପର୍କ ! ସେତେବେଳେ ଗୌରୀଶଙ୍କର ଆଉ ମୁଁ, ଆମେ ବରିବର ଯୋଗଦେଇ ଆସୁଥିଲୁ କଂଗ୍ରେସର ପ୍ରତ୍ୟେକ ଅଧିବେଶନରେ !"...

ଗୋପବନ୍ଧୁ ଉତ୍ତର ଦେଲେ..."ଆପଣ ଏପର୍ଯ୍ୟନ୍ତ କଂଗ୍ରେସରେ ରହିଥିଲେ, ସୁରେନ୍ ବାନାର୍ଜୀଙ୍କ ପରି କେତେଥର କଂଗ୍ରେସ ସଭାପତି ସୁଦ୍ଧା ହୋଇ ପାରନ୍ତେଣି !" ଗୋପବନ୍ଧୁ କିନ୍ତୁ ସେହି ସଙ୍ଗେ ସଙ୍ଗେ ମଧ୍ୟ ଚେତାଇ ଦେଲେ, ସେ ଦିନର କଂଗ୍ରେସ ଆଜି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିତ୍ୟକ୍ତ କଂଗ୍ରେସ ଠାରୁ ଥିଲା ସ୍ୱତନ୍ତ୍ର ! କଂଗ୍ରେସର ସେଇ ପରିବର୍ତ୍ତିତ ସ୍ୱରୂପ ମଧୁସୂଦନ ମଧ୍ୟ ଚହିଁଥିଲେ । କଂଗ୍ରେସର ଅସହଯୋଗ ମତ ସହିତ ମଧୁସୂଦନଙ୍କର ବୌଦ୍ଧିକ ଓ ରାଜନୈତିକ ବିରୋଧ । କିନ୍ତୁ ୧୯୨୪ ସାଲରେ କଂଗ୍ରେସ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିଥିବାରୁ, କଂଗ୍ରେସରେ ଯୋଗ ଦେବାରେ ମଧୁସୂଦନଙ୍କର କୌଣସି ବ୍ୟକ୍ତିଗତ ଅଥବା ମତଗତ ପ୍ରତିବନ୍ଧକ ନଥିଲା ।

ମଧୁସୂଦନ କହିଲେ...."ସେଇ ପ୍ରାଦେଶିକ ସମ୍ମିଳନୀ ମଣ୍ଡପରେ ମୁଁ କଂଗ୍ରେସର ସଭ୍ୟ ଫର୍ମରେ ଦସ୍ତଖତ କରି କଂଗ୍ରେସରେ ଯୋଗ ଦେବି ! ସମସ୍ତେ ଜାଣିବେ, ମିଷ୍ଟର ଦାସ

Digitized by srujanika@gmail.com

କଂଗ୍ରେସରେ ଯୋଗ ଦେଲ୍ଲ ! ଘର ଭିତରେ ବସି ଏମିତି କଂଗ୍ରେସ ଫର୍ମରେ ଦସ୍ତଖତ ଦେଇ ଲଭ କଣ ?''

୧୯୨୪ ସାଲ୍ ଜୁନ ୨୮ ତାରିଖ ଦିନ, କଟକ ମ୍ୟୁନସିପାଲଟୀ ହଲ୍‌ରେ ନମିତ ଏକ ସ୍ୱତନ୍ତ୍ର ମଣ୍ଡପରେ ଆରମ୍ଭ ହେଲ୍ଲ ଦୁଇଦିନବ୍ୟାପୀ ପ୍ରାଦେଶିକ ସମ୍ମିଳନୀ । ସେଥି ସହିତ ଖଦ୍ଦା ଓ ଶିଳ୍ପ ପ୍ରଦର୍ଶନୀ । ପ୍ରତିନଧି ହେବା ପାଇଁ କୌଣସି ବଶେଷ ଯୁଦ୍ଧା ନଥିବାରୁ ଦୂର ଦୂରାନ୍ତରୁ ବହୁ କଂଗ୍ରେସକର୍ମୀଙ୍କ ସମାଗମ ହୋଇଥିଲ୍ଲ । ଏହାର ଦୁଇଦିନ ପୂର୍ବରୁ ଜୁନ ମାସ ୨୬ ତାରିଖ ଦିନ ହଜାରିବାଗ୍ ଜେଲ୍‌ରୁ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରମୁଖ ମୁକ୍ତି ହୋଇ ଥିଲେ ।

ପଣ୍ଡିତ ଗୋପବନ୍ଧୁ, ଆଘ୍ୟର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କ ଗହଣରେ ସମ୍ମିଳନୀ ମଣ୍ଡପକୁ ଆସିବେ ! ସେଥିପାଇଁ ସମବେତ ପ୍ରତିନଧି ଓ ସ୍ୱଚ୍ଛାସେବକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାଦନା ! ଗୋପବନ୍ଧୁଙ୍କ କାର୍‌ମୁନ୍ର ପାଇଁ ବହାର-ଓଡ଼ିଶା କାଉନସିଲରେ ମଧୁସୂଦନଙ୍କ ବଲଷ୍ଟ ଦାବୀ ଏ ସମ୍ପର୍କରେ ସରକାର୍ଙ୍କ ନଷ୍ଟତ୍ୱିକୁ ପ୍ରଶ୍ନବତ ଓ ଦ୍ୱନ୍ଦ୍ୱିତ କରଥିଲ୍ଲ; ସନ୍ଦେହ ନାହିଁ ! କନ୍ତୁ ସେଇ ଉତ୍ସାଦନାପୂର୍ଣ୍ଣ ମୁହୂର୍ତ୍ତରେ ସମସ୍ତେ ଭୁଲ ଯାଇଥିଲେ, ସମ୍ମିଳନୀ ମଣ୍ଡପରେ ସେଇ ମଧୁସୂଦନଙ୍କ ଉପସ୍ଥିତି । ମଣ୍ଡପର ଗୋଟିଏ ଅନାମଧେୟ କୋଣରେ; ଭଜାରିବୁଣା ଖଦ୍ଦା ଓ ସେଇ କଳାର ପଞ୍ଜାବୀ ପିନ୍ଧି, କାନ୍ଧରେ ଖଣ୍ଡେ ଖଦ୍ଦା ସୁନ୍ଦର ପକାଇ ମଧୁସୂଦନ ବସି ରହିଥିଲେ ଆଘ୍ୟର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପ୍ରମୁଖଙ୍କ ପ୍ରତୀକ୍ଷାରେ ! କାର୍ଯ୍ୟନର୍ଘଣ୍ଟ ଅନୁସାରେ ଆଘ୍ୟର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ତ ବହୁ ବେଳୁ ସମ୍ମିଳନୀ ମଣ୍ଡପକୁ ଆସିବା କଥା ! ଆଃ....ଏତି ମଧ୍ୟ ସମସ୍ୱାନୁବର୍ତ୍ତିତାର ଅଭାବ—ମଧୁସୂଦନଙ୍କ ସ୍ୱାଗତ ଖେଦୋକ୍ତି ।

ମଣ୍ଡପର ପ୍ରଥମ ଧାଡ଼ିରେ ଗଣ୍ୟମାନ୍ୟ ବ୍ୟକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନକୁ ଆସିବା ପାଇଁ ଉଦ୍ୟୋକ୍ତାମାନେ ଇତି ମଧ୍ୟରେ ମଧୁସୂଦନଙ୍କୁ ଅନେକ ଅନୁରୋଧ କର ସାରିଲେଣି ! କନ୍ତୁ ତାଙ୍କର ସେଇ ଏକ ଉତ୍ତର....ଏଇ ସମ୍ମିଳନୀରେ ତାଙ୍କର ସ୍ଥାନ କେଉଁଠି, ସେ ତାହା ବେଶ ବୁଝନ୍ତି !

ଏଇ ସମ୍ମିଳନୀରେ ଆଘ୍ୟର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର, ପଣ୍ଡିତ ଗୋପବନ୍ଧୁଙ୍କୁ ''ଉତ୍କଳମଣି'' ପଦବୀରେ ସମ୍ମାନିତ କରବେ, ଏ ସମ୍ବାଦ ଜଣା ପଡିବା ମାତ୍ରେ, ସମବେତ କଂଗ୍ରେସ କର୍ମୀ ଓ ସ୍ୱେଚ୍ଛାସେବକମାନଙ୍କ ମଧ୍ୟରେ ପ୍ରକାଶ ପାଇଥିଲ୍ଲ ପ୍ରବଳ ଉତ୍ତୀପନା । ସମସ୍ତଙ୍କ କଣ୍ଠରେ ଅନୁଚ ସ୍ୱରରେ ଗୋଟିଏ ପ୍ରଶସ୍ତି···''ଉତ୍କଳମଣି ! ଉତ୍କଳମଣି !''

କନ୍ତୁ ତୁମେ କଣ ମଧୁ ଦାସ ? ତୁମେ କଣ ? ତୁମେ କୁଳବୃଦ୍ଧ ! କୁଳବୃଦ୍ଧ ! ସେଥିରେ ଅନ୍ୟଭଃ ପ୍ରତିବାଦ ନାହିଁ ! ବାଦ ବସମ୍ବାଦ ନାହିଁ ! ତାହା ଚଳ୍ଯ ! ତାହାକୁ ଅସ୍ୱୀକାର କରବାର ଉପାସ୍ୱ ନାହିଁ ! ଏଇ ଯେ ପ୍ରଥମ ଧାଡ଼ିରେ ବସି ରହିଛନ୍ତି, ଶଶିଭୂଷଣ ରଥ, ଲଙ୍କାଗ୍ରଜ ପାଣିଗ୍ରାହୀ ନରଞ୍ଜନ ପଟ୍ଟନାସ୍ୱକ, ମାଲକଣ୍ଠ ଦାସ ଏମାନେ ସମସ୍ତେ ତାଙ୍କ ପୂର୍ବ ବସ୍ୱସର । ନୂଆ ଯୁଗର ନୂଆ ଜାତର ପ୍ରତିନଧି ସେମାନେ । ଆଜ ତ ଅନେକ ଶିକ୍ଷିତ ଯୁବକ ବାହାରିଲେଣି, ଦେଶକଥା ଚନ୍ତା

Digitized by srujanika@gmail.com

କରିବା ପାଇଁ । କନ୍ତୁ ତୁମେ ସେଦିନ କଲିକତା ଗ୍ରୁପ ଓଡ଼ିଶା ଆସିଥିଲ ? ସେଦିନ କେବଳ **bones, bones, all the way !**...କବ ବା ଥିଲ ସେଦିନ ?

ଏମାନଙ୍କ ମଧ୍ୟରେ ତୁମେ କୁଳବୃଦ୍ଧ ନୁହଁନ୍ତ ଆଉ କ'ଣ ? କନ୍ତୁ କୁଳବୃଦ୍ଧଦ୍ୱୟରେ ମଧ୍ୟ ନମ୍ବର ଥିଲ ଯେପଣ ବସର୍ଜନ୍ତ ଘଣ୍ଟର ବ୍ୟଞ୍ଜନା ! ଓଡ଼ିଆ ନାଟ ଚାକ୍ଷୁ "କୁଳବୃଦ୍ଧ" କହି ଏବେ ଯେପର ନରୁସ୍ତ୍ରବ ଜ୍ୱବରେ ବସର୍ଜନ ଦେଇଥିଲ, ଇତିହାସର ସ୍ରୋତରେ ! କନ୍ତୁ ସେଇ ମାରବ ଉପେକ୍ଷା ସହ୍ୟ କରିବା ପାଇଁ, ମଧୁସୂଦନ ତ ପ୍ରସ୍ତୁତ ନଥିଲେ ! ଏବେ ସୁଦ୍ଧା ତାଙ୍କର ଅନେକ କାର୍ଯ୍ୟ ଅସମାପ୍ତ ପଡ଼ିରୁ ! ଏବେ ସୁଦ୍ଧା ଦିନକୁ ଅଠର ଘଣ୍ଟା ପରିଶ୍ରମ କରିବାର ଶକ୍ତ ତାଙ୍କଠାରେ ରହିରୁ ! ମଧୁ ଦାସ ତୁମେ ଏଠି କାହିଁକ ? ଏମାନେ ସମସ୍ତେ କଂଗ୍ରେସ କର୍ମୀ । ତୁମେ ଏମାନଙ୍କ ମଧ୍ୟରେ କପର ? ତୁମେ ଏଠି କେବଳ ମାନ ଦର୍ଶକ କୁଳବୃଦ୍ଧ ! କନ୍ତୁ ସେଇ ସବୁ ଅସମାପ୍ତ କାର୍ଯ୍ୟ ପାଇଁ ତୁମେ ଏଠାକୁ ଆସିଛ; ସେ କଥା 'କାହିଁକ ଭୁଲ୍ ଯାଉଛ ମଧୁ ଦାସ ? ନଜ ସହିତ ଗୁଲଖିଲ ମଧୁସୂଦନଙ୍କ ସ୍ୱଗତ ଫଲାପ !

ଅଭ୍ୟର୍ଥନା ସମିତର ସଭାପତି ଗୋପବନ୍ଧୁ ଚୌଧୁସ୍ତ ବ୍ୟସ୍ତ ବତ୍ରତ ଭାବରେ ମଧୁସୂଦନଙ୍କ ପାଖକୁ ଆସି କହିଲେ···"ଆସ୍ତର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଆସି ପହିଞ୍ଚିଗଲେଣି, ବର୍ତ୍ତମାନ ଖଦା ଓ ଶିଳ୍ପ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି । ଆପଣ ମଣ୍ଡପ ଉପରକୁ ନ ଆସି ଏଠି ବସିଲେ କାହିଁକ ?"

ମଧୁସୂଦନଙ୍କର ଆପତ୍ତି—ସେ ତଥାପି କଂଗ୍ରେସ ସଭ୍ୟ ନୁହନ୍ତି ! ମଣ୍ଡପ ଉପରକୁ ଯିବେ କପର ? କନ୍ତୁ ଏଇ ଅଳ୍ପବେଳନରେ ଆପଣ କଂଗ୍ରେସରେ ଯୋଗ ଦେବା ପରେ ଚଢ଼ା ବ୍ରାହ୍ମଣର ପଇତା କଣ ? ଏହାପରେ ସଭ୍ୟ ହେବାରେ ଆପଣଙ୍କର ଆଉ କ ବାଧା ଅଛି ?" ···ମଧୁସୂଦନଙ୍କୁ ବୁଝାଇବା ପାଇଁ ଚେଷ୍ଟା କଲେ ଗୋପବନ୍ଧୁ ଚୌଧୁସ୍ତ !

ମଧୁସୂଦନ କହିଲେ...."ନାଁ, ନାଁ, ଆସ୍ତର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଏଠାକୁ ଆସିବା ପୂର୍ବରୁ, ମୁଁ କଂଗ୍ରେସ ସଭ୍ୟ ହେବା ପାଇଁ ଗୁହେଁ ! କାହିଁ ତମର ମେମ୍ବରସିପ ଫର୍ମ ? ତା ନହେଲେ ଏଠାରେ ମୋର ସ୍ଥିତି, ମୋର *locus standi*—କେଉଁଠି ?"

ତର୍କ ବତର୍କ ବୃଥା ! ଗୋପବନ୍ଧୁ ଚୌଧୁସ୍ତ ଘୋଷଣା କଲେ, "ଉତ୍କଳଜନ କୁଳବୃଦ୍ଧ ବର୍ତ୍ତମାନ କଂଗ୍ରେସ ସଭ୍ୟ ଫର୍ମରେ ଦସ୍ତଖତ କରିବେ !"

ମଧୁସୂଦନ ଅକମ୍ପିତ ପାଦରେ ଉଠିରଲେ, ମଣ୍ଡପ ଉପରକୁ ପ୍ରତନଧ୍ୟମାନଙ୍କ ଉପସ୍ଥିତିରେ କଂଗ୍ରେସ-ଆବେଦନ ପତ୍ରରେ ସ୍ୱାକ୍ଷର ଦେଇ, କଂଗ୍ରେସରେ ଯୋଗଦାନ ଘୋଷଣା କରିବା ପାଇଁ !

ମଧୁସୂଦନ କଂଗ୍ରେସରେ ଯୋଗ ଦେଇଥିବାର ସମ୍ବାଦ, ରୁଦ୍ଧ ନେତୃତ୍ୱ ସ୍ତରରେ ସୃଷ୍ଟି କରିଥିଲ ଅବଶ୍ୟ, ଉତ୍ସାହ,ଉଦ୍ଦୀପନା; ମାନ କର୍ମୀସ୍ତରରେ, ଜଗତସିଂହପୁରର ସେଇ କଂଗ୍ରେସ

Digitized by srujanika@gmail.com

କର୍ମୀଙ୍କ ପରି ବହୁ କର୍ମୀ, ସେମାନଙ୍କ ସରଳ ନିଷ୍ଠା ଓ ମଭାନ୍ତ ଆନ୍ତରିକତାରେ, ମଧୁସୂଦନଙ୍କ କଂଗ୍ରେସରେ ଯୋଗଦାନ ଘୋଷଣାକୁ ଅଭିନନ୍ଦନ ଜଣାଇ ପାରୁନଥିଲେ । ସେମାନେ କିପରି ବା ଭୁଲିଯିବେ, ଏଇ ମଧୁସୂଦନ ଅସହଯୋଗର ବିରୋଧୀ ? ସେମାନେ କିପରି ବା ଭୁଲି ପାରିବେ, ଏଇ ମଧୁସୂଦନଙ୍କ ବିରୁଦ୍ଧରେ ସେମାନଙ୍କ ସବୁ ପ୍ରସ୍ତୁତି ବା ଅପପ୍ରସ୍ତୁତି—ଗ୍ରେଜଭକ୍ତି ଓ ସରକାର ଗୋଡାଣିଆ ବୋଲି ନିନ୍ଦା ଓ ସମାଲୋଚନା ? କଂଗ୍ରେସକର୍ମୀମାନେ, ଅସହଯୋଗ ଆନ୍ଦୋଳନରେ କାରାବରଣ କରୁଥିବା ବେଳେ, ଇଏ ହୋଇଥିଲେ ପରି ମନ୍ତ୍ରୀ ?

ସେତେବେଳେ କିନ୍ତୁ କଂଗ୍ରେସ, ଅସହଯୋଗରୁ ଫେରି ଆସିଥିଲା ସହଯୋଗ ଉତ୍ତରକୁ । ଉତ୍ତରପ୍ୟତରେ ମଧ୍ୟ ସେଇ ସହଯୋଗ ହିଁ ଶେଷକୁ ହେବ, କଂଗ୍ରେସ ଗ୍ରେଜମାତର ସ୍ୱାଜମନ୍ତ୍ର; କାରଣ ତରନ୍ତନ ଅସହଯୋଗ ପ୍ରାକୃତିକ ନିୟମର ବିରୋଧୀ । କିନ୍ତୁ ସେଦିନ, ସେଇ କଂଗ୍ରେସକର୍ମୀମାନେ, କଣ ବା ବୁଝିଥିଲେ, ଏଇ ଭାବ୍ତିକ ଦିନ ? ଅସହଯୋଗ ବିରୋଧୀ ମଧୁସୂଦନ, କଂଗ୍ରେସରେ ଯୋଗ ଦେଇଥିବା ସେମାନଙ୍କୁ ଉଚ୍ଚସ୍ୱରରେ ବିସଦୃଶ ଲାଗୁଥିଲା । ଏହା ସେମାନଙ୍କ ଦୃଷ୍ଟିରେ ଥିଲା ଏକ ବିରୋଧାଭାସ ।

କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଅସନ୍ତୁଷ୍ଟ, ଆଲୋଚନା ଉପହାସ ରୂପେ ସୋଚାର ହୋଇ ଉଠିଲା···"ଚରୁର୍ଥାବସ୍ଥାରେ ବୁଦ୍ଧି ବଶିଲା ପରି ´ ! କଂଗ୍ରେସରେ ମିଶିବା ପାଇଁ କ ଅଡଉଚ୍ଚ ?" ଜଗତସିଂହପୁର ଅଞ୍ଚଳର ସେଇ କଂଗ୍ରେସ କର୍ମୀ ଜଣକ ଟିପ୍ପଣୀ କଲେ··· "ଟାନେଲ୍ର କାରଖାନା ପାଇଁ !"

କୁତ୍ସିତ ଦୃଷ୍ଟିରେ, ଉପହାସ-ମୁଖରତ ସେଇ ଜନତା ଆଡ଼େ ଘୃଣି, ମଧୁସୂଦନ ଗାଉଥିଲେ....ଏସବୁ ଆକ୍ଷେପ, ଉପହାସ ପ୍ରତି କର୍ଣ୍ଣପାତ କର ନାହିଁ ମଧୁଦାସ୍ ! ଭଗବାନଙ୍କର ଯହି ଇଚ୍ଛା ଥାଏ; ତମକୁ ଅପମାନିତ, ଲାଂଛିତ କରିବା ପାଇଁ; କିଏ ସେଥିରେ ବାଧା ଦେଇ ପାରିବ ? ତୁମେ ସେଥିରେ ବାଧା ଦେଇ ପାରିବ ମଧୁଦାସ୍ ? ଟାନେଲ୍ର ପାଇଁ ଲଜ୍ଜିତ ନା, ଅପମାନର ଇଏତ ଆରମ୍ଭ ମାତ୍ର !

ମଣ୍ଡପ ବାହାରେ ଶୁଭୁଥିଲା...."ଆଗ୍ନେୟ ପ୍ରଫୁଲ୍ଲ ଚନ୍ଦ୍ର କି ଜୟ ! ଗୋପବନ୍ଧୁ ଦାସ କି ଜୟ !"

ମଣ୍ଡପ ଉପରେ, ଆବେଦନ ପତ୍ରରେ ସ୍ୱାକ୍ଷର ଦେଇ, ମଧୁସୂଦନ ମଣ୍ଡପ ଉପରୁ ତାଙ୍କର ପୂର୍ବ ସ୍ଥାନକୁ ଫେରି ଆସିଲେ !

"ମାଲକଣ୍ଠ । ଆଉ ନୋ ମାଇ ପ୍ଲେସ୍, ଆଗରେ ବସିବା ପାଇଁ ମୋତେ ବାଧ କର ନାହିଁ ! କଂଗ୍ରେସରେ ମୋର ବସ୍ୱସ ତ ମାତ୍ର ଦଳକର ସୁଦ୍ଧା ନୁହେଁ ।" ଜନର ରସିକତାରେ ମଧୁସୂଦନ ହସି ଉଠିଲେ ।"

Digitized by srujanika@gmail.com

ପ୍ରଶଂସା ସମ୍ବର୍ଦ୍ଧନା ମୋହରେ ତ ମଧୁସୂଦନ, ସମ୍ମିଳନୀକୁ ଆସି ନଥିଲେ । ସେ ଆସିଥିଲେ, ତାଙ୍କର ଦୁଇଟି ଉଦ୍ଦେଶ୍ୟର—ଦେଶମିଶ୍ରଣ ଓ ଧ୍ୱଂସମୁଖରୁ ଟାନେଜ୍ୱର ସୁରକ୍ଷା—ସଫଳତା ଉପରେ କଂଗ୍ରେସର ସହାନୁଭୂତି ଓ ସହାନୁଭୂତି ରକ୍ଷା କର !

ମଧୁସୂଦନଙ୍କ ସେ ବାସନା ମଧ୍ୟ ପୂର୍ଣ୍ଣ ହୋଇଥିଲା । ସମ୍ମିଳନୀରେ ଗୃହୀତ ଦେଶମିଶ୍ରଣ ପ୍ରସ୍ତାବରେ କୁହାଯାଇଥିଲା....

"ବଙ୍ଗଳା, ଗ୍ରେଟ୍‌ନାଗପୁର, ମଧ୍ୟପ୍ରଦେଶ ଓ ମାଦ୍ରାଜ ପ୍ରଦେଶମାନଙ୍କରେ ଓଡ଼ିଆ ଜାତୀମାନେ ବହୁକାଳରୁ ଭିନ୍ନ ଓ ବିଚ୍ଛିନ୍ନ ହୋଇ ରହିଥିବାରୁ, ଉତ୍କଳ ଜାତିର ସର୍ବନାଶ ହୋଇଅଛୁ । ସମଗ୍ର ଉତ୍କଳଜାତୀ ପ୍ରଦେଶ ଏକ ଶାସନାଧୀନ ନହେବା ପର୍ଯ୍ୟନ୍ତ, ଉତ୍କଳ ଜାତୀସ୍ୱତ୍ତାର ପୂର୍ଣ୍ଣ ବିକାଶ ହୋଇ ପାରିବ ନାହିଁ ! ଅତଏବ ସମସ୍ତ ଓଡ଼ିଆଜାତୀଙ୍କ ମଧ୍ୟରେ ଜାତୀସ୍ୱତ୍ତା ଜାଗ୍ରତ ରଖିବା ନିମନ୍ତେ ସର୍ବପ୍ରକାର ଉପାୟ ବିଧାନ ଉଦ୍ଦେଶ୍ୟରେ (କେତେକ) ସଭ୍ୟଙ୍କୁ ନେଇ ଗୋଟିଏ ସ୍ଥାସ୍ୱୀ କମିଟୀ ଗଠିତ ହେଉ ଏବଂ ଏହା ସୂତ୍ରରେ ଶୀଘ୍ର ଶୀଘ୍ର ମହାସମିତିର ସ୍ୱାସୂତ୍ରରେ ପ୍ରଦେଶ ଗଠନ ନିମନ୍ତ, ଏ ପର୍ଯ୍ୟନ୍ତ ଏ ପ୍ରଦେଶ ସମ୍ପର୍କରେ କାର୍ଯ୍ୟରେ ପରିଣତ ହୋଇ ନଥିବାରୁ, ଏହା ସମ୍ମିଳନୀ ଗଭୀର ଆକ୍ଷେପ କରୁଅଛନ୍ତି ଏବଂ ନଖିଳ ଶୀଘ୍ର ଜାତୀସ୍ୱ ସମିତିକୁ ଅନୁରୋଧ କରୁଅଛନ୍ତି ଯେ, ଏ ପ୍ରସଙ୍ଗରେ ମୀମାଂସା ଶୀଘ୍ର ମହାତ୍ମା ଗାନ୍ଧୀଙ୍କ ଉପରେ ଅର୍ପଣ କରନ୍ତୁ ।"

୧୯୦୩ ସାଲ ମାଦ୍ରାଜ ଅଧିବେଶନରେ କଂଗ୍ରେସ ଯଦି ଏଇପରି ପ୍ରସ୍ତାବ ଗ୍ରହଣ କରିଥାନ୍ତା; ଅନ୍ୟତଃ ଓଡ଼ିଶା ସହିତ ଗଞ୍ଜାମ ମିଶ୍ରଣର ଯଦି ଅହେତୁକ ବିରୋଧ କରିନଥାନ୍ତା; ତାହେଲେ ମଧୁସୂଦନ କାହିଁକି ବା ଶୀଘ୍ରାସ୍ୱ ଜାତୀସ୍ୱ କଂଗ୍ରେସ ପ୍ରୋଭରୁ ବଞ୍ଚିତ ରହିଥାନ୍ତେ ? ମଧୁସୂଦନ ଯେପରି ଏକ ଯୁଗାନ୍ତରର ଶିହରଣ ସ୍ପଷ୍ଟ ଅନୁଭବ କରି ପାରୁଥିଲେ !

ଟାନେଜ୍ୱ ସମ୍ପର୍କରେ ମଧ୍ୟ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା—"ଓଡ଼ିଶାରେ ପ୍ରତିଷ୍ଠିତ ମଧୁବାବୁଙ୍କ ଉତ୍କଳ ଟାନେଜ୍ୱକୁ ଯୌଥ କାରବାରରେ ପରିଣତ କରି ଏହାକୁ ଉତ୍କଳବାସୀ ବିଦେଶୀଙ୍କ ହାତରୁ ରକ୍ଷା କରି, ଦେଶର ଉପକାର କରି ପାରିବେ । ଏଥିପାଇଁ ଏ ସମ୍ମିଳନୀ ଉତ୍କଳ-ଟାନେଜ୍ୱ ଯୌଥ କମ୍ପାନୀ ପ୍ରତି ସହାନୁଭୂତି ପ୍ରକାଶ କରୁଛନ୍ତି ଓ ଦେଶବାସୀ ଏଥିରେ ସାହାଯ୍ୟ କରିବେ ବୋଲି ଆଶା କରୁଅଛନ୍ତି ।"

କଂଗ୍ରେସର ଏଇ ଆହ୍ୱାନ ଫଳରେ ଦେଶବାସୀଙ୍କ ଦୃଷ୍ଟି ଯଦି ଟାନେଜ୍ୱ ପ୍ରତି ଆକୃଷ୍ଟ ହୋଇପାରେ !....ମଧୁସୂଦନ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇଲେ !

"କିନ୍ତୁ ଅସହଯୋଗର ପ୍ରଶ୍ନ ଉଠିବା ମାନ୍ତେ, ନୀରବ ଦର୍ଶକ ରୂପେ ଆଉ ବେଶୀକ୍ଷଣ ବସିବା ମଧୁସୂଦନଙ୍କ ପକ୍ଷରେ ସମ୍ଭବ ନଥିଲା । ନିରଞ୍ଜନ ପଟ୍ଟନାୟକ ଅସହଯୋଗ ସମ୍ପର୍କରେ ଏକ ପ୍ରସ୍ତାବ ଆଗତ କଲେ...."

Digitized by srujanika@gmail.com

"ଏହି ସମ୍ମିଳନୀ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରବର୍ତ୍ତିତ ଅସହଯୋଗର ମତ, କାର୍ଯ୍ୟକ୍ରମ ଓ କଂଗ୍ରେସର ଗଠନ ମୂଳକ କାର୍ଯ୍ୟରେ ବଶ୍ୱାସ ଥିବାର ଘୋଷଣା କରୁଅଛନ୍ତି ଏବଂ ଅସହଯୋଗ ମତ ଉପରେ ପ୍ରତିଷ୍ଠିତ କଂଗ୍ରେସ କାର୍ଯ୍ୟକ୍ରମକୁ ନଜେ ନଜେ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ପ୍ରଦେଶର କଂଗ୍ରେସ ପ୍ରତିଷ୍ଠାତାମାନେ ପ୍ରତ୍ୟେକ ସଭ୍ୟଙ୍କୁ ପରାମର୍ଶ ଦେଉଅଛନ୍ତି !"

ମଧୁସୂଦନ ସାମ୍ନା ଧାଡ଼ିକୁ ଆସି ବସିଥିଲେ ଗୋଦାବରୀଶ ଓ ଶଶିଭୂଷଣ ପ୍ରମୁଖଙ୍କ ସହିତ । ମଧୁସୂଦନ କହିଲେ···"ପୁଣି ସେଇ ଅସହଯୋଗ ? ଅସହଯୋଗ ପ୍ରାକୃତିକ ନିୟମର ବରୋଧୀ ! ଅସହଯୋଗ ଏକ ସାମୟିକ ଅସ୍ତ୍ର ହୋଇପାରେ, କିନ୍ତୁ ପ୍ରତ୍ୟେକ କଂଗ୍ରେସ ସଭ୍ୟ ଏହାକୁ ଦୈନନ୍ଦିନ ଜୀବନରେ କାର୍ଯ୍ୟରେ ପରିଣତ କରିବେ କିପରି ? ମୁଁ ଅନ୍ତତଃ ପାରିବ ନାହିଁ ଗୋଦାବରୀଶ ।" ମଧୁସୂଦନଙ୍କ ଭାବିକ ମନ ବଦ୍ରୋହ କରି ଉଠିଲା ।

ତାହେଲେ ନିଜର ସ୍ୱାର୍ଥସିଦ୍ଧି ପାଇଁ ତୁମେ କଣ ଏଠାକୁ ଉଷୁକ ପରି ଆସିଥିଲ ମଧୁ ଦାସ ? ଅନେକ ଉପହାସ ପରିହାସ, ତ ମଝିରେ ହଜମ କରି ଗଲ ! କିନ୍ତୁ ଯେଉଁ ମତରେ ତୁମେ ଆଜୀବନ ବଶ୍ୱାସ କରି ଆସିଛ, ସେଥି ସମ୍ବନ୍ଧ ମଧ୍ୟ କଣ ସାଲସ କରିଥିବ ମଧୁ ଦାସ ? ଯାହାହେଉ ଏଠାରେ ତମେ ଏକାଙ୍କୀ ନୁହଁ । ଏଠାରେ ଅନ୍ତତଃ ତୁମର ସମଦର୍ଶୀ ଅଛନ୍ତି ! ବଶ୍ୱନାଥ ଦାସ "ଅସହଯୋଗ ମତ ଉପରେ ପ୍ରତିଷ୍ଠିତ" ବାକ୍ୟାଂଶକୁ ଉଠାଇ ଦେବା ପାଇଁ ଆଗତ କଲେ ଏକ ସଂଶୋଧନ ପ୍ରସ୍ତାବ...."ଠିକ୍ କରିଛ ବଶ୍ୱନାଥ" । ଟିପ୍‌ପଣୀ କଲେ ମଧୁସୂଦନ !

ଗୋଦାବରୀଶ (ମିଶ୍ର) ଅଝଲ ବହ୍ମାଣ୍ଡ (ଆଗ୍ନେୟ) ଲଙ୍ଗଜ୍ଞ (ପାଣିଗ୍ରାହୀ) ଓ ଶଶିଭୂଷଣ (ରଥ) ପ୍ରମୁଖ ସଂଶୋଧନ ସପକ୍ଷରେ ଦେଲେ ତର୍କନିଷ୍ଠା ଭାଷଣ ।

ମଧୁସୂଦନ ଏଇ ମୁହୂର୍ତ୍ତିକ ପୁଙ୍କେ, କଂଗ୍ରେସରେ ଯୋଗଦାନ କରି, ଅସହଯୋଗ ପ୍ରସ୍ତାବର ଖୋଲଖୋଳ ବରୋଧ କରି ନଥିଲେ ମଧ୍ୟ ଚଳିଥାନ୍ତା ! କିନ୍ତୁ ପ୍ରିନ୍‌ସପ୍‌ଲ ! ପ୍ରିନ୍‌ସପ୍‌ଲ ! ଯେଉଁ ପ୍ରିନ୍‌ସପ୍‌ଲରେ ସେ ଆଜୀବନ ବଶ୍ୱାସ କରି ଆସିଛନ୍ତି; ଏଠାରେ ତାହାକୁ ସେ ବସର୍ଜନ ଦେବେ କିପରି ? କଣ ନିଜର ସିମୀତ ସ୍ୱାର୍ଥ ପାଇଁ ?

ମଧୁସୂଦନ ମଞ୍ଚ ଉପରକୁ ଉଠି ସଂଶୋଧନ ସପକ୍ଷରେ ମତ ଭାଷଣ ଦେଲେ.... "ଅସହଯୋଗ ଏକ ଚରନ୍ତନ, ସଂକାଳୀନ ମତ ହୋଇ ନପାରେ; କମ୍ବା ଏଇ ଜଉମୂଳକ ଭିତ୍ତି ଉପରେ କଂଗ୍ରେସ କାର୍ଯ୍ୟକ୍ରମ ପର୍ଯ୍ୟବସିତ ହୋଇ ନପାରେ ! ପୁଣି କଂଗ୍ରେସ ଅସହଯୋଗ ମତରେ ବଶ୍ୱାସ ସ୍ଥାପନ କରୁଥିବା ତ ପ୍ରସ୍ତାବ ଆରମ୍ଭରେ କୁହାଯାଇଛୁ ! ତା ହେଲେ ପୁଣି ଅସହଯୋଗର ଦ୍ୱରୁସ୍ତ କାହିଁକି ?"

କିନ୍ତୁ ସେଇ ଆବେଗାପ୍ଲୁତ ମୁହୂର୍ତ୍ତରେ ଯୁକ୍ତି ବା ହେତୁବାଦୀ ଚନ୍ତାର ସ୍ଥାନ ନଥିଲ । ଅସହଯୋଗ ସେତେବେଳେ ନିଜ ପାଇଁ ସୃଷ୍ଟି କରିଥିଲ, ଯେପରି ଏକ ଧାର୍ମିକ ଆବେଦନ !

Digitized by srujanika@gmail.com

ମୁଣ୍ଡିମେସ୍ ଲବଗ୍ଲାଲ୍‌ଙ୍କ ମତାମତ ତାହାର ବରୋଧ କରପାରନ୍ତା କପର ? ସଂଶୋଧନ ପ୍ରସ୍ତାବଟି ବନ୍ଧୁ ମଉରେ ନାକଚ୍ ହୋଇଗଲ୍ !

ମଧୁ ଦାସ ଏହାପରେ ବ କଣ ଉମେ ବସି ରହିବ ଏଠି ? ଉମେ ଏଠାକୁ ଆସିଥିଲ କଂଗ୍ରେସର ସହାନୁଭୂତ ଭକ୍ଷା କର ! କନ୍ତୁ ସେଥିପାଇଁ କଣ ନଜର ପ୍ରିନ୍‌ସିପ୍‌ଲ ବସର୍ଜନ ଦେଇ, ଏଠାରେ ଘୋସଣା କରବ, ଉମର ଆନ୍ତରକତାସ୍ପନ, ବଶ୍ୱାସସ୍ପନ ବଶମ୍ବଦତା ! ନୋ-ନେଭର !

ଗୋଦାବରୀଶ ପ୍ରମୁଖ ପଚ୍ଛରଲେ···"ଆପଣ କଣ ଉଠି ଚାଲିଯାଉଛନ୍ତ ?"··· ମଧୁସୂଦନ କୌଣସି ଉତ୍ତର ଦେଲେ ନାହିଁ । ବାଡ଼ୀ ଖଣ୍ଡକ ଉପରେ ଭର୍ ଦେଇ, ମଧୁସୂଦନ ମଣ୍ଡପ ବାହାରକୁ ଉଠି ଆସିଲେ !

କଂଗ୍ରେସ ସହିତ ସେଇ ତାଙ୍କର ଶେଷ ସମ୍ପର୍କ !

ସମ୍ମିଳନୀ ଶେଷରେ ସ୍ୱୟଂ ଆଘ୍ୟର୍ଜ ପ୍ରଫୁଲ୍ଲଚନ୍ଦ୍ର ଆସିଥିଲେ, ଂ୍ୟାନେସ୍ତା ବୁଲ୍ ଦେଖିବା ପାଇଁ, ଗୋପବନ୍ଧୁ ଘ୍ରୌଧୁଣ୍ଡ ପ୍ରମୁଖଙ୍କ ଗହଣରେ । ସହରର ଉପାନ୍ତରେ କଂକ ଷ୍ଟେସନକୁ ଲଗି, ବାବୁଲ, ସୋନାଲ, କର୍ଣ୍ଣି ଓ ଡ଼ବଡ଼ବ ପ୍ରଭୃତ ବୃକ୍ଷର ଅରଣ୍ୟ ପରବେଷ୍ଟିତ, ୩୧ ଏକର ଜମି ଉପରେ ମଧୁସୂଦନଙ୍କ ଉଜ୍ଜଳ-ଂାନେସ୍ତା କାରଖାନା ! ଆଧୁନକ ପଦ୍ଧତରେ କାରଖାନା ନର୍ମିତ ହୋଇଥିବାରୁ, ଉତ୍ପାଦନ ପାଇଁ ଆୟୋଜନ ପ୍ରଚୁର । ମାନ କଞ୍ଚାମାଲ ଅଳ୍ପବରୁ କାରଖାନାର ଅଧିକାଂଶ ବଭାଗ ଅଚଳ । ବାର୍କଂାନଙ୍କ ଓ କେମ୍‌ଂାନଙ୍କ ପ୍ରଭୃତ ସେକସନ୍ ଫପୁର୍ଣ୍ଣ ପରତ୍ୟକ୍ତ ! ଜୋଡା ପାଇଁ ଅନେକ ଅର୍ଡ଼ର ଆସି ପଡ଼ରହିଛ ! ମାନ ଚମଡ଼ା ଓ ଅନ୍ୟ ମାଲ ମସଲ୍ଲା କଣିବା ପାଇଁ ଟଙ୍କା ନାହିଁ !

ମଧୁସୂଦନ କହିଲେ···"ଆଘ୍ୟର୍ଜ ମହାଶୟ, ଏହି ଂାନେସ୍ତା ପ୍ରତ ମୁଁ ଦୃଷ୍ଟି ଦେଇ ପାରଲ୍ ନାହିଁ ! ମନ୍ତ୍ରୀ ଥଲ୍ ବେଳେ ତ ଂାନେସ୍ତା ସହିତ ମୋର କୌଣସି ସମ୍ପର୍କ ନଥଲ୍ ! ପରସ୍ଥଳନା ଅଳ୍ପବରୁ ଂାନେସ୍ତା ଆଜ ବନ୍ଦ ହେବା ଉପରେ ! ଏହାକୁ ରକ୍ଷା କରବା ପାଇଁ ସରକାରଙ୍କ ଲେଦର ଏକସ୍‌ପର୍ଟ ବ. ଏମ୍. ଘୁସ୍ ୧୯୬୧ ସାଲରେ ତାଙ୍କ ରପୋର୍ଟରେ ପରାମର୍ଶ ଦେଇଥିଲେ, ଏକ ଜଏଣ୍ଟ-ଷ୍ଟକ-କମ୍ପାନୀ କରବା ପାଇଁ ! ତାଙ୍କର ପରାମର୍ଶ ଅନୁସାରେ ଂାନେସ୍ତାକୁ ଏକ ଜଏଣ୍ଟ-ଷ୍ଟକ-କମ୍ପାନୀ କରାଯାଇଛ ! କଲ୍ସ-କମ୍ପାନୀର ଦେଣା ପ୍ରାସ୍ ଚନ୍ଦ ଲକ୍ଷ ଟଙ୍କା ପରଶୋଧ ହେବା ପରେ, ପାଣ୍ଠି ସହ ଆଉ ଲକ୍ଷେ ଖଣ୍ଡେ ଟଙ୍କା ମିଳେ, ତାହେଲେ ଏଇ ଂାନେସ୍ତା କେବଳ ପୁଂଜରତ୍ତରେ ନୁହେଁ ସମଗ୍ର ଜରତ୍ତରେ ହୋଇ ପାରବ ଏକ ନ୍ନତ କାରଖାନା !···ଏଠାରେ ଗୋଂାର ଲେଦର-ଂେକ୍‌ନୋଲଜି ସ୍କୁଲ ଖୋଲବା ପାଇଁ ମଧ ଜ୍ଞବନ୍ତ ଆଘ୍ୟର୍ଜ ମହାଶୟ !"

Digitized by srujanika@gmail.com

ଆଣାବାଦା ମଧୁସୂଦନଙ୍କ ଦୃଷ୍ଟିରେ ଟାନେଶ୍ୱର ସ୍ୱପିଲ ସମ୍ଭାବନା...ମାତ୍ର ଓଡ଼ଶାରେ ଶେଆର୍ କଣୁଛ କଏ ?

ଗୋଟାଏ ଶେଡ୍‌ରେ ଅନେକ ଜୋଡା ଗଦା ହୋଇ ପଡ଼ିଥିଲା । ଆଶ୍ଚର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପଚାରିଲେ..."ଏ ଜୋଡା ସବୁ ଷ୍ଟୋର୍‌ରେ ନରଖି ଏଠାରେ ଏପରି ଫିଙ୍ଗା ଯାଇଛୁ କାହିଁକି ?"

କାରଖାନା ମାନେଜର ଗୋପୀ ମିଶ୍ରଙ୍କୁ ମଧୁସୂଦନ ପଚାରିଲେ..."ଗୋପୀ, ଏ ଜୋଡା ସବୁ ପୋଡ଼ା ନଯାଇଁ, ଏଠାରେ ପଡ଼ରହିଛୁ କାହିଁକି ?"

"ଏ ଜୋଡା ସବୁ ପୋଡ଼ାଯିବ ?"....ଆଶ୍ଚର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ରଙ୍କ କଣ୍ଠରେ ବସପ୍ !

ମଧୁସୂଦନ କହିଲେ...."ଏ ଜୋଡା ସବୁ ସବ୍‌ଷ୍ଟାଣ୍ଡାର୍ଡ" !

"ତଥାପି ଏସବୁ ବଜାରରେ ଚ ବେଶ୍ କମ୍ ଦରରେ ବିକ୍ରୀ ହୋଇ ପାରନ୍ତା !"... ଆଶ୍ଚର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ଉତ୍ତର ଦେଲେ ।

ମଧୁସୂଦନ—"ଉତ୍କଳ-ଟାନେଶ୍ୱର ସୁନାମ ନଷ୍ଟ ହେବାକୁ ମୁଁ ଦେବ ନାହିଁ ଆଶ୍ଚର୍ଯ୍ୟ ମହାଶୟ ! ଏପରି ଜୋଡା ବଜାରକୁ ଗଲେ, ଟାନେଶ୍ୱର ସୁନାମ ଆଉ ରହିବ ନାହିଁ ! ଓଡ଼ଶାର ସୁନାମ ମଧ୍ୟ ରହିବ ନାହିଁ !"

ଆଶ୍ଚର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର କହିଲେ..."ସାରଇର ଦୁର୍ଭାଗ୍ୟ କଣ କାଶନ୍ତୁ ମିଷ୍ଟର ଦାସ ? ଏଠାରେ ଯେଉଁମାନେ ବର୍ତ୍ତମାନ ଇଣ୍ଡଷ୍ଟ୍ରୀଜ୍‌ରେ ହାତ ଦେଇଛନ୍ତି, ସେମାନେ ସମସ୍ତେ ଆପଣଙ୍କ ପରି ଉଚ୍ଚଶିକ୍ଷିତ, ବିବେକବାନ୍ ଲୋକ । ସେମାନେ କେହି ପକ୍କା ବ୍ୟବସାୟୀ ନୁହନ୍ତି ! କନ୍ତୁ ଆମେରିକାର ହେନେଜ୍ସ ଫୋର୍ଡ, ଇଷ୍ଟମାନ କୋଡ଼ାକ୍, ଇଂଲଣ୍ଡର ଉଇଲିଅମ୍ ହାସ୍‌କଟ୍ ଲିଭର୍, ସାର୍ ଅମାସ୍ ଲପ୍‌ଟନ୍ ପ୍ରଭୃତି ବଡ଼ ବଡ଼ ଇଣ୍ଡଷ୍ଟ୍ରୀଆଲିଷ୍ଟ ମାନେ ସୁନଭର୍‌ସିଟୀ ଚ ଦୂରର କଥା; ସେକେଣ୍ଡାରୀ ସ୍କୁଲ ସୁଦ୍ଧା ମାଡ଼ ନାହାନ୍ତି ! ସେଥିପାଇଁ ବ୍ୟବସାସ୍ପୃହିକା ଦୃଷ୍ଟିରେ ବ୍ୟବସାସ୍ପୃ ଚଲାଇବା ସେମାନଙ୍କ ପକ୍ଷରେ ଯେପରି ସମ୍ଭବ ହୋଇ ପାରୁଛୁ, ସାରଇରେ ଉଚ୍ଚଶିକ୍ଷିତ ଆଦର୍ଶବାଦୀ ଇଣ୍ଡଷ୍ଟ୍ରିଆଲିଷ୍ଟ ମାନଙ୍କ ପକ୍ଷରେ ତାହା ସମ୍ଭବ ହୋଇ ପାରୁ ନାହିଁ ! ସ୍ୱଦେଶୀ ଶିଲ୍ପର ବିପର୍ଯ୍ୟୟର ତାହାହିଁ ପ୍ରଧାନ କାରଣ !"

ମଧୁସୂଦନ ପ୍ରତିବାଦ କଲେ..."କନ୍ତୁ ମୁଁ ତ କାର୍ଯ୍ୟରେ ଦେଖାଇ ଦେଇଛୁ, ଶିକ୍ଷିତ ଲୋକମାନେ ଇଚ୍ଛା କଲେ ଟାନେଶ୍ୱ ପରି ପ୍ରସିଦ୍ଧ କାରଖାନା ମଧ୍ୟ ଚଲାଇ ପାରନ୍ତି !"

ଆଶ୍ଚର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ଉତ୍ତର ଦେଲେ...."ମାତ୍ର ଜୋଡା ତଆର କଣ, ସେ ସବୁ ଗୋଟାଏ ଖିଆଲରେ ପୁଣି ପୋଡ଼ ବସିଲେ, ଇଣ୍ଡଷ୍ଟ୍ରୀ ତ ଆଉ ଚଳିବ ନାହିଁ !"

Digitized by srujanika@gmail.com

ଆଗ୍ଲର୍ଫ ପ୍ରଫୁଲ୍ଲଚନ୍ଦ୍ର, ପ୍ରଥମ ଥର ପାଇଁ ମଧୁସୂଦନଙ୍କୁ ଯେ ଏପରି ପରାମର୍ଶ ଦେଇଥିଲେ, ତାହା ନୁହେଁ ! ଆଗ୍ଲର୍ଫ ପ୍ରଫୁଲ୍ଲଚନ୍ଦ୍ରଙ୍କ ପୂର୍ବରୁ ବହୁ ବନ୍ଧୁ ଓ ଶୁଭାକାଂକ୍ଷୀ ମଧୁସୂଦନଙ୍କୁ ଦେଇଛନ୍ତି ଠିକ୍ ଏଇପରି ପରାମର୍ଶ । କିନ୍ତୁ ତାହା ସତ୍ତ୍ୱେ ଅନେକ ଥର, ଅନେକ ମୂଲ୍ୟବାନ ଜୋତା ଓ ଚମଡ଼ା ଗୁଣାତ୍ମକ ଦୃଷ୍ଟିରୁ ସାମାନ୍ୟ ଉଣା ପଡ଼ିଥିବାରୁ, ଅଥବା ଉପଯୁକ୍ତ ନ ଥିବାରୁ ସେ ସବୁ ଜାଳ ପାଉଁଶ କରି ଦିଆ ଯାଇଛୁ ।

ମଧୁସୂଦନ କହିଲେ "ମାନ ଗଲେ ନାମ ଗଲା । ନାମ ଗଲେ ସବୁ ଗଲା ! ଓଡ଼ିଶାର ସୁନାମ ବଜାରରେ ନଷ୍ଟ କରିବାକୁ ମୁଁ କଦାପି ଦେବ ନାହିଁ ! କଂଗ୍ରେସ ଯଦି ଜାତିର ଏ ସମ୍ପଦକୁ ରକ୍ଷା କରିବା ପାଇଁ ଆନ୍ତରିକତା ସହ ଚେଷ୍ଟା କରିବ, ତାହେଲେ ମୁଁ ଆପଣଙ୍କୁ ଦେଖାଇ ଦେବ, ଆଗ୍ଲର୍ଫ ମହାଶୟ; ମାନକୁ ବିସର୍ଜନ ନଦେଇ ମଧ୍ୟ ଲାଭ କରିବା ସମ୍ଭବ ।"

●

Digitized by srujanika@gmail.com

ଚତୁର୍ଦ୍ଦଶ ପରିଚ୍ଛେଦ

(ଏକ)

ପଣତ ବାର୍ତ୍ତାକ୍ୟରେ ମଧୁସୂଦନଙ୍କ ପ୍ରତି ଉଦ୍ଦିଷ୍ଟ ଅକ୍ଷେପ କରିଥିଲା ଯେଉଁ ଦୁର୍ଘଟଣା ଆହ୍ୱାନ—ଉତ୍କଳ କାନେଗ୍ରସ ଥିଲା ଯେପରି ତାହାର ସଙ୍କେତ । ଜୀବନବ୍ୟାପୀ ଦୀର୍ଘ ସଂଗ୍ରାମ ମଧ୍ୟରେ, ମଧୁସୂଦନ ନିଜର ଏକକ ହୃଦ୍ୟମରେ, ଯେତେ ଯାହା ସବୁ ଅନୁଷ୍ଠାନ ଗଢ଼ି ଥିଲେ; ସେ ସବୁ ଗୋଟି ଗୋଟି ହୋଇ ନିଜ ଆଖି ଆଗରେ ଏବେ ଜୀବନ ସାୟାହ୍ନରେ ହିଁ ଭୁସ୍ତୁଡ଼ି ପଡ଼ିଲା । ଓଡ଼ିଶାର ସର୍ବପ୍ରଥମ ରାଜନୈତିକ ଅନୁଷ୍ଠାନ, ଉତ୍କଳସଭା ସେ ଦିନକୁ ଇତିହାସର ସାମଗ୍ରୀ....ଉତ୍କଳ ସମ୍ମିଳନୀ ଇଂ ୧୯୨୦ ସାଲରୁ ବଲୁସ୍ତ...ପ୍ରଜା ପ୍ରତିନିଧି ସଭା ବସୁଛ···ଓଡ଼ିଶା ଆର୍ଟର୍ଓ୍ୱେଆରସ୍ ଗଡାସ୍ୟୁ....ଜୀବନ୍ମୃତ ଅବସ୍ଥାରେ ପଡ଼ି ରହିଥିଲା କେବଳ ଉତ୍କଳ କାନେଗ୍ରସ; ବଙ୍ଗଳା ସରକାରଙ୍କ କାନେଗ୍ରସ ବିଶେଷଜ୍ଞ ବି. ଏମ୍. ଦାସ ଯାହାକୁ ନିଜ ରିପୋର୍ଟରେ (ଇଂ ୧୯୨୧ ସାଲ) ଅଭିହିତ କରିଥିଲେ—" ବଙ୍ଗଳା, ବିହାର ଓ ଓଡ଼ିଶାରେ ସ୍ୱଦେଶୀ ଶିଳ୍ପ-ଆନ୍ଦୋଳନର ଏକ ପରିକୃତ ପ୍ରତିଷ୍ଠା ରୂପେ ! ସବୁ ଗଡ଼ି ପଡ଼ିଥିଲା !" ସବୁ ଭୁସ୍ତୁଡ଼ି ପଡ଼ିଥିଲା—ଉଦ୍ଦିଷ୍ଟର ମୁକାବିଲା ପାଇଁ ତଥାପି ଅନମନୀୟ ରହିଥିଲା, କେବଳ ମଧୁସୂଦନଙ୍କ ଅବଚଳିତ ଆତ୍ମପ୍ରତ୍ୟୟ....ଦୁଃସାହସିକ୍ୟର ଏକ ବନ୍ୟତ ପଣ !

ସେଇ ଆତ୍ମପ୍ରତ୍ୟୟକୁ ପୁଞ୍ଜିକର, ମଧୁସୂଦନ ଛଅତ୍ରିଶ ବର୍ଷ ବୟସ ସତ୍ତ୍ୱେ, କାନେଗ୍ରକୁ ପୁଣି ଥରେ ପାଦରେ ଠିଆ କରାଇବା ପାଇଁ ଆରମ୍ଭ କରିଥିଲେ, ଆପ୍ରାଣ ଉଦ୍ୟମ ! କଂଗ୍ରେସର ଉଦାସୀନତା ସତ୍ତ୍ୱେ କାନେଗ୍ରକୁ ବଞ୍ଚାଇବା ପାଇଁ ସେ ଏହାକୁ ଏକ ପଦ୍ଧତିକ ଲିମିଟେଡ୍ କମ୍ପାନୀରେ ପରିଣତ କରିଥିଲେ । କମ୍ପାନୀ ଚଳାଇବା ପାଇଁ ଅନ୍ୟୂନ ଆଠଲକ୍ଷ ଟଙ୍କା ପାଣ୍ଠି ଆବଶ୍ୟକ । ଏଥିପାଇଁ ଦୁଇ ପ୍ରକାର ଶେୟାର ହୋଲଡିଙ୍ଗ୍ ବା ଅଂଶ କିଣିବାର ବ୍ୟବସ୍ଥା । ଫାଉଣ୍ଡେସନ୍ ସେୟାର୍ ହୋଲଡ଼ରମାନେ ଅଂଶ ପ୍ରତି ଦେବେ ଦଶ ଟଙ୍କା, ଅର୍ଡିନାରୀ ସେୟାର ହୋଲଡ଼ରମାନଙ୍କ ପାଇଁ ଅଂଶ ପ୍ରତି ପଞ୍ଚଟଙ୍କା ! ସର୍ବନିମ୍ନ ଡିଭିଡେଣ୍ଡ ବା ଲଭ୍ୟାଂଶ ଶତକଡ଼ା ପୋଳ ଟଙ୍କା ବାରଅଣା ମିଳିବ ବୋଲି ଘୋଷଣା କରାଯାଇଥିଲା; କମ୍ପାନୀର ପ୍ରସ୍ପେକ୍ଟସ୍‌ରେ ।

Digitized by srujanika@gmail.com

"ଗୋପାଳ—ତୁମେ କେବଳ ପ୍ରସାଦ ଓକିଲ ହୁଅ, ସୁବକ୍ତା, ସୁଲେଖକ, ସୁରସିକ । ଦେଶବାସୀଙ୍କ ନକଟରେ ତୁମେ ସୁପରଚିତ । ଟାନେଶ୍ୱର ପ୍ରସ୍ତର ପାଇଁ ତୁମେ ବାହାଣଲେ ଦେଶଲୋକେ ତୁମ କଥା ନଶ୍ଚସ୍ୱ ଶୁଣିବେ, ନଶ୍ଚସ୍ୱ ସେଆର୍ ଜିତିବେ ।"

ମଧୁସୂଦନ-ଅଙ୍ଗୀକାର ସବୁ ଉକ୍ତା ଭ୍ୱଲ, ବୃଦ୍ଧଗଲ୍ଲ ଲୋକ ବୁଟାସିଅକୁ ଆଜ୍ଞା କଲ୍ଲ ପଣ, ସେଦନ ଗୋପାଲଚନ୍ଦ୍ରଙ୍କୁ ଅନୁରୋଧ କଣଥିଲେ ।

ଗୋପାଲଚନ୍ଦ୍ର ଅଙ୍ଗୀକାରରେ ମଧୁସୂଦନଙ୍କର ଅନେକ ବରୋଧାଚରଣ କଣଛନ୍ତି, ଅନେକ ଚଣବଙ୍ଗହାର କଣଛନ୍ତି....କନ୍ତୁ ପଣଶେଷ ବାର୍ଦ୍ଧକ୍ୟରେ ମଧୁସୂଦନଙ୍କର ଅବାଣଚ ସଗ୍ରାମ, ଗୋପାଲଚନ୍ଦ୍ରଙ୍କର ସହାନୁଭୂତି ଉଦ୍ରକ କଣଥିଲ ! ମଧୁସୂଦନଙ୍କ ସଗ୍ରାମ, ତାଙ୍କ ଦୃଷ୍ଟିରେ ଓଡ଼ଆ ଜାତିର ଜୀବନସଗ୍ରାମରେ ପଣଣତ ହୋଇଥିଲ ।

ଗୋପାଲ ପ୍ରଦ୍ୟୁମ୍ନ ସ୍ୱେଚ୍ଛାପ୍ରଣୋଦିତ ସ୍ୱରରେ ନଜକୁ ନସ୍ୱୋଜିତ କରଦେଲେ, ଉତ୍କଳ-ଟାନେଶ୍ୱର ଅଂଶ ବଶସ୍ୱ ପାଇଁ ପ୍ରସ୍ତୁତ କରବାରେ ! "ମୋର ସ୍ୱଇମାନଙ୍କ ନବେଦନ" ଶୀର୍ଷକ ଏକ ପ୍ରସ୍ତୁର ପୁସ୍ତିକାରେ ଗୋପାଲଚନ୍ଦ୍ର ଲେଖିଥିଲେ—

"କଟକରେ ମଧୁବାବୁ (ମିଷ୍ଟର ଦାସ) କରଥିବା "ଉତ୍କଳ-ଟାନେଷ୍ଟ" ଚମଡ଼ା କାରଖାନାକୁ ଆଜଯାଏ ମଧୁବାବୁ ଚଳାଇ ଆସିଲେ । ଆମର ଦେଶରୁ ଗୋରୁ ମଇଁଷି ଗ୍ଭଲ ଯାକ ବଦେଶକୁ ଯାଏ । ସେ ଗ୍ଭଲ ସବୁକୁ କସାକସି କର ବାଶକ୍ ଚମଡ଼ା କରବାକୁ ଯାହା ଯାହା ପଦାର୍ଥ (ଯଥା—ସୁନାର ଛେଣ, ହରଡା) ଲୋଡ଼ା ତାହା ସବୁ ମଧ ଆମର ଦେଶରେ ମିଳେ । ସେ ପଦାର୍ଥ ଯାକ ଆମର ଦେଶରୁ ବଦେଶକୁ ଯାଏ । ଆମର ଦେଶର ମାଲ୍, ଆମର ଦେଶର ମସଲ୍ଲା, ଏ ଦୁଇ ଜନକୁ ଆମେ ମୁଣ୍ଡରେ ବୋହି ବଦେଶୀଙ୍କ ପାଖରେ ପହଞ୍ଚେଇ ଦେଉଛୁଁ ଓ ଖାଲ ମୂଳ ରଣ୍ଡାକ ପାଉଛୁଁ । ଆମେ ଯେଉଁ ମୂଲ୍ୟକୁ ସେହି ମୂଲ୍ୟ ହୋଇ ପଡ଼ି ରହିଛୁଁ । ଆମ ଦେଶଲୋକେ ଆମ ଦେଶରେ ଥାଇଁ ଆପଣା ପେଟ ପୋତି ନପାରବାରୁ ଘର ଦ୍ୱାର ଗ୍ଭଡ଼ି ପେଟବକଲରେ କଲକତା, ରେଙ୍ଗୁନ, କାଇମାଟି ଯାଇଁ ମୂଲ ଲଗୁଛନ୍ତି । ଏଣେ ଦେଶିଲ୍ଲ ବେଲକୁ ଆମର ଏଇ ଖଣ୍ଡେ ଚମଡ଼ାକୁ ଘୁରଣାରେ ନେଇ ବଦେଶୀମାନେ ଆପଣା ବୁଦ୍ଧି, ଧନ ଓ ମିହନ୍ତ ଖରଚ କର, କଲକାରଖାନା ବସାଇ ସେହି ଚମକୁ କସାକସି ପାଲସ କର ଭଲ ଭଲ ଜନମାନ ତଆର କର ସସାରଯାକ ଦଶ ଟଙ୍କାରେ ବକୁଛନ୍ତି; ଆମକୁ ମଧ ବକୁଇନ୍ତି । ଏକଥା ବସ୍ତୁତଲ୍ଲ ବେଲକୁ ମନୁଷ୍ୟର ହଂସା ଉଡ଼ିଯିବାର କଥା; "ମୋହର ମାଲ୍ ମୋତେ ଦେଇ, ମହିଁରେ ମଧସ୍ତ ବୋଲଇ" । ସେହିପର ମୋହର ଚମଡ଼ା ମୋତେ ଆଣି ଦେଇ ମହିଁରେ ଲଭଯାକ ଭୁତ ଖାଉଛନ୍ତି । ମୁଁ ଯେଉଁ କାଙ୍ଗାଲକୁ ସେହି କାଙ୍ଗାଲ । × × ×

Digitized by srujanika@gmail.com

ମଧୁବାବୁଙ୍କ ପର ଛଅଜନ୍ମା ପୁରୁଷ ଆମ କର୍ମକୁ ଆମ ଦେଶରେ ଜନ୍ମ ହୋଇ ଦୃଢ଼ ଭାବରେ ଦେଖିଲେ ଯେ ଚମଡ଼ା କାରଖାନା କଲେ, ଉପର ପଇସା ଆମକୁ ମିଳିବ । କାରଣ ଏହି ଭାରତବର୍ଷରୁ ପୃଥିବୀରେ ଲେଡ଼ା ଚମଡ଼ାର ଅଧେ ବିଦେଶକୁ ରପ୍ତାନ ହୋଇଯାଉଛି ଓ ତେଣୁ ତଆର ଛପଡକଣିଆ ମାଲ ମାନ ସସାରଯାକ ଆସି ବିକାଯାଉଛି । × × × ଏହି କଥା ଭାବି ଭାବି ମଧୁବାବୁ ଚମଡ଼ା କାରଖାନା ଟାଏ ଆରମ୍ଭ କଲେ । ନୂଆ କଥା ଟାଏ କଲେ ପ୍ରଥମେ ପରଖ କରୁ କରୁ ଏ ବାଟ ନହେଲ୍ଲ ସେ ବାଟ କଣିବା, ଇମିତ କରୁ କରୁ ପହିଲେ ପହିଲେ ଯେତକ ଲୋକସାନ ହେଲ୍ଲ, ସେତକ ମଧୁବାବୁ ନଜେ ସହିଲେ । ଅର୍ଥାତ୍ ମଧୁବାବୁ ପରୁ ଖାଇ ପୋଡ଼ା ଆଗରେ ଢେଇଁଲେ । ବଲ୍ଲଭରୁ ହଜାର ହଜାର ଟଙ୍କାଖରଚ କଣ ଚମଡ଼ା କସିବାର ଓ ତଆର କଣବାର ବାଣ୍ଡ ବାଣ୍ଡ କଲମାନ ଅଣାଇଲେ । ଚମଡ଼ା ତଆର କରବାର ଭେଦ ତ ବିଦେଶୀମାନେ ଜାଣନ୍ତି । ଆମେ ସେ ଭେଦ ତକ ଜାଣିଲେ ତାଙ୍କ ଲାଭ ତକ ବୁଡ଼ିଯିବ । ଏଥିପାଇଁ ସେ ଭେଦଯାକ ମଧୁବାବୁଙ୍କୁ କେହି କଡେଇଲେ ନାହିଁ । କଡାନ୍ତେ ବା କେମିତ ? ସେଥିପାଇଁ ମଧୁବାବୁ ଓକଲତ ଛୁଡ଼ି ଅନେକ ସାହେବ କାରଗରଙ୍କୁ ହଜାର ହଜାର ଟଙ୍କା ଦରମା ଦେଇ ଆଣି ଆପଣା କାରଖାନାରେ ଚୁକର ରଖାଇ ଓ ନଜେ ପଗ୍ଧାଷା କର କର, ନାନା ଦେଶର ନାନା ପୋଥି ଦେଖି, ସେଥିର ଫେଉଯାକ ଶିଖିଥିଲେ । ଏହି କଥାରେ ଜୀବନର ୨୧ ବର୍ଷ ବିତଗଲ୍ଲ ଓ ଏହା କରୁ କରୁ ତାଙ୍କର ତନଲକ୍ଷ ଟଙ୍କା ଲୋକସାନ ହେଲ୍ଲ । ଏତକ ମଧୁବାବୁ ନଜେ ସହିଲେ । ଯେବେ ଗୋଟାଏ ଚମଡ଼ାର ତଆର ଜନପ କିଏ କଛୁ ସାମାନ୍ୟରେ ବିଗିଡ଼ିଗଲ୍ଲ ତେବେ ସେ ଜନପକୁ ବକ ଦେଲେ ଅବଶ୍ୟ କଛୁ ଦାମ୍ ମିଳିଥାନ୍ତା । କନ୍ତୁ ଏ ଜରସା ଜନପ ମଧୁବାବୁଙ୍କ କାରଖାନାରୁ ବାହାରୁଛୁ ବୋଲ ଯେବେ ପହିଲୁ ବିଦେଶୀ ଲୋକଙ୍କ ମନରେ ଗୋଟାଏ ଧାରଣା ହୋଇଯିବ; ତେବେ ଏ କାରଖାନାର ଗୋଟାଏ ବଦନାମ ରଟନା ହୋଇଯିବ । ଏଥିପାଇଁ ଯେଉଁ ତଆର ଜନପ, ବଲ୍ଲଭ ଜନପ ସଙ୍ଗେ ସମକକ୍ଷ ନହେଲ୍ଲ ବୋଲ ମଧୁବାବୁଙ୍କ ମନକୁ ନପାଇଲ୍ଲ, ମଧୁବାବୁ ତାକୁ ପୋଡ଼ ପୋତ ପକେଇଲେ । କଥାରେ କହନ୍ତି "ପରୁ ଖାଇ ବଣିକ ଶିଖିବା ନ୍ୟାସ୍ୟ" । ସତକୁ ସତ ମଧୁବାବୁ ଏହା ତା କରିଅଛନ୍ତି । × × ଆମ ବିହାରର ଲଟସାହେବ ବଙ୍ଗଲା ଲଟଙ୍କି କହିବାରୁ ବଙ୍ଗସରକାରଙ୍କ ତରଫରୁ ଚମଡ଼ା ବିଷୟ ଜାଣିବାବାଲ୍ଲ, ଅନୁଭବୀ କର୍ମଘ୍ନ, କଲ୍ଲକତାର ସରକାରୀ ଚମଡ଼ା କାରଖାନାରୁ ମୁଡଏନ୍ ହୋଇ ଏ କାରଖାନାକୁ ଆସି ଭନ୍ନ ଭନ୍ନ ଭଦାରଖ ଓ ମାଇନା କରି ଗତ ୧୫ ବରଷର କାଗଜପତ୍ର, ହିସାବ ଓ ଆୟବ୍ୟୟ ସବୁ ଲେଖି ପାଲଟ କରି ସରକାରଙ୍କୁ ରପୋର୍ଟ ଦେଇଅଛନ୍ତି ଯେ, ଏ କାରଖାନାରେ ଯଦି ୮ ଲକ୍ଷ ଟଙ୍କା ମୂଳଧନ ପଶନ୍ତା, ତେବେ ଏଥିରୁ ବର୍ଷକୁ ନଣ୍ଟେ ଫି ଟଙ୍କାରେ ଏଥାର ପଇସା ଲାଭ ମିଳନ୍ତା । × × ପରପୁଅ ମାନେ ମଧ ଏଥିପାଇଁ ଟାକ ରହୁଛନ୍ତି । ଅନ୍ୟଦେଶର ବଡ଼ ବଡ଼ ଶେଠମାନେ ଯେଉଁମାନେ କ ବଣିଜ ବେପାର କଲକାରଖାନାର ମିଠା ଥରେ ଘୁସିଛନ୍ତି, ସେମାନେ ମଧୁବାବୁଙ୍କ କହୁଛନ୍ତି, ଏ କାରଖାନାକୁ କଣିନେବେ ବୋଲ । ଆମର ଦେଶର ଆମର ଭିତରୁ ଜଣେ ଯୋଗ୍ୟ ପୁଅ ତନଲକ୍ଷ ଟଙ୍କା ଲୋକସାନ ସହି, ଗୋଟିଏ ଲାଭବାନ କାରଖାନାକୁ ଆଣି ଆମଆଗରେ ଛଡ଼ା କରିଦେଲେ । ସେଥିରେ ଲାଭ ଛଡ଼ା ଲୋକସାନ ନାହିଁ, ବୋଲ ଆମେ ଦେଖୁଥାଇଁ । କନ୍ତୁ ସେ କାରଖାନାକୁ

Digitized by srujanika@gmail.com

ଆମେ ଆଦରବା ନାହିଁ, ପରପୁଅ ତାକୁ ଆଦର କଣ, ସେଥିର ଲାଭ ପରପୁଅ ଖାଇବେ, ଆମେ ବକ ବକ କଣ ଗୁହାଁଥିବା । ସ୍ୱା'ଠାରୁ ବଳ ଦେଶ ଓ ଜାତ ପ୍ରତ ଆଉ ଦୁର୍ଭାଗ୍ୟ କଣ ହୋଇପାରେ ? × × × ମୁଁ କେବଳ ମୁହଁରେ ତାରଫ କର କହୁଛୁ ଏହା ନୁହେଁ । ମୁଁ ଧର୍ମତଃ କହୁଛୁ ଯେ, ଯେବେ ଈଶ୍ୱର ମୋତେ ଧନ ଦେଇଥାନ୍ତେ ତେବେ ମୁଁ ଆଜ ଏ କମ୍ପାନୀରେ ହଜାରେ ଅଂଶ ଦଶହଜାର ଟଙ୍କାରେ ନଷ୍ଟେ କଣନ୍ତ । କନ୍ତୁ ଟଙ୍କା ନଥିବାରୁ ମୋ ମନକଥା ମନେ ରହୁଛୁ, ତଥାପି ମୁଁ ଏ କମ୍ପାନୀରେ ୧୦୦ ଗୋଟି ଅଂଶ ଟ୧୦୦୦ରେ ନେବାକୁ ପ୍ରସ୍ତୁତ ଅଛୁ ଓ ଏ ଅଂଶର ଦେୟ ଟଙ୍କା ଆଠଦନେ ଦାଖଲ କରୁଅଛୁ × × × ମୁଁ ଏହି ୪।୬ ଦନ ମଧ୍ୟରେ ମୋର ପୂଜାହାଣ, ଗୁକର, ମୋହରର, ଗୁମାସ୍ତା ଓ ପଡ଼ଶାମାନଙ୍କୁ ଏ ସମସ୍ତ ବିଷୟ ବୁଝାଇବାରୁ ସେମାନେ ୨୦ ଜଣ ପର୍ଯ୍ୟନ୍ତ ୫୦ ଅଂଶ କିଣିବାକୁ ପ୍ରସ୍ତୁତ ହୋଇ ଅଛନ୍ତ । କନ୍ତୁ ଯାହା କରବାକୁ ହେବ ତାହା ଅତଶୀଘ୍ର ଏଇ ମାସକ ମଧ୍ୟରେ କରବାକୁ ହେବ । କାରଣ ମଧୁବାବୁ ନାନା କାରଣରୁ ଆଉ ଅପେକ୍ଷା କର ପାରବେ ନାହିଁ । × × × ମଧୁବାବୁ ଆସି ବୃଦ୍ଧ ହେଲେଣି । ଏ କାରଖାନା ଯୋଗୁଁ ସେ ଯେତେ ଲୋକସାନ ସହିଛନ୍ତ, ସେଥିପାଇଁ କାଙ୍ଗାଳ ହେବାକୁ ବସି ଅଛନ୍ତ । ଏ ଅବସ୍ଥାରେ ଏ କମ୍ପାନୀକୁ ଆମ ଦେଶରେ ଚରସ୍ଥାସ୍ୱୀ କରବା ପାଇଁ ସେ ଦନରାତ ଯେଉଁ ପରଶ୍ରମ ଓ ଚନ୍ତା କରୁଅଛନ୍ତ ଓ ବଦେଶୀ, ଦେଶୀ, ବଡ଼ଲୋକ, ସ୍ଲୋକଲୋକ, ଧନୀ, ଗରବ, ଶିକ୍ଷିତ, ଅଶିକ୍ଷିତ ସମସ୍ତଙ୍କୁ ଯେଉଁ ପ୍ରାର୍ଥନା କରୁଅଛନ୍ତ ଓ ଆମ ଦେଶର ପୁରାମ ଜରତରେ ଉଠାଇ ଅଛନ୍ତ; ଏ ଉପକାର ଉକ୍ତଳୀସ୍ୱ ଜାତ ଜନ୍ମଜନ୍ମରେ ପାଶୋରବ ନାହିଁ । × × × ଏ କମ୍ପାନୀକି କପଣ ଆମ ଦେଶର ଲୋକଙ୍କ ସ୍ନେହ ଆକର୍ଷଣ କରପାରବ; ଏଥିପାଇଁ ମଧୁବାବୁ ବର୍ତ୍ତମାନ ବାସ୍ତା ହୋଇ ଅଛନ୍ତ । ଏଭକ ଯେବେ ସ୍ଥାସ୍ୱୀ ହୋଇ ନପାରବ, ତେବେ ଆମ କଥା ପୂଧୁରବାକୁ ଯାଏ ଆଉ ପୁରୁଷ କେତେ ! ଯେ ଚେଇଁକର ଶୋଇବ; ତାକୁ ଉଠାଇବ କିଏରେ ବାପା ! ଆଉ କଥା ବାଗ୍ଦନ୍ତରେ । ଇତ ।

କଟକ
ପୋ: ଗୁଡମାର୍ଗେକ
ତା ୨ । ୧ । ୧୯୬୪ ସାଲ

} ଆପଣଙ୍କର ବଶମ୍ବଦ
ଗୋପାଲଚନ୍ଦ୍ର ପ୍ରହ୍ରଜ
ଓକଲ

କନ୍ତୁ ଗୋପାଲଚନ୍ଦ୍ରଙ୍କ ମୋହରର, ଗୁମାସ୍ତା, ପୂଜାହାଣ, ଗୁକରଙ୍କୁ ଶେଆର ବନ୍ଧୀ କର ତ ଆଉ ଆଠ ଲକ୍ଷ ଟଙ୍କା ଉଠାଇ ହେବ ନାହିଁ । କକସ୍ କମ୍ପାନୀର ଦେଣାର ପରମାଣ ଜମେ ବଢ଼ି ବଢ଼ି ଚଳ ଲକ୍ଷ ଟଙ୍କା ହେଲଣି । ଋଣ ପରଶୋଧ ପାଇଁ ପ୍ରତ ମୁହୂର୍ତ୍ତରେ ତାଗିଦା, ଓକଲ ନୋଟିସ ! ମଧୁସୂଦନଙ୍କ ଉଦ୍ଦେଶ୍ୟ, ଶେଆର୍ ବନ୍ଧୀ ଟଙ୍କାରୁ ପ୍ରଥମେ କକସ୍ କମ୍ପାନୀର ଋଣ ପରଶୋଧ କର ଅବଶିଷ୍ଟ ପାର୍ଣ୍ଟିରେ ଟାନେଜ୍ଞ ଚଲାଇବେ ! ମାତ୍ର ଆଶାନୁରୂପ ପରମାଣରେ ଶେଆର୍ ବନ୍ଧୀ ହେଲେ ତ ? ପୁଣି ଓଡ଼ଶାରେ କମ୍ପାନୀ-ଶେଆର କିଣିବା ପାଇଁ କେତେଜଣ ଗୁଜା, ଜମିଦାରଙ୍କୁ ଗ୍ରୁଡ ଦେଲେ ଆଉ କାହାର ବା ସମ୍ବଳ

Digitized by srujanika@gmail.com

ଅଛ ? ପ୍ରାୟ ୧୫ ବର୍ଷ ତଳେ ଷ୍ଟାନେସ୍ଲାକୁ ଏକ ଲମିଟେଡ୍ କମ୍ପାନୀରେ ପଣତ କଲ୍ ବେଳେ, କନକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ, ମଧୁପୁର ରାଜା, ଶ୍ରୀ ୱାରବର ନାରାୟଣ ଚନ୍ଦ୍ର ଧୀର ନରେନ୍ଦ୍ର ଓ ଜମିଦାର ଶ୍ରୀ ରାୟ ନାରାୟଣଚନ୍ଦ୍ର ନାୟକ ବାହାଦୂର ପ୍ରମୁଖ ଶେଆର୍ କଣି କମ୍ପାନୀର ଡାଇରେକ୍ଟର୍ ହୋଇଥିଲେ । ମାନ୍ଦ କମ୍ପାନୀ ଧାରାବାହିକ ଭାବରେ କ୍ଷତଗ୍ରସ୍ତ ହେଉଥିବାରୁ ସେମାନେ ଷ୍ଟାନେସ୍ଲା ପ୍ରତ ଏବେ ୱାତଶ୍ରଦ୍ଧ । କେବଳ ମଧୁପୁରର ରାଜା ୱାରବର ନାରାୟଣ ଧୀର ନରେନ୍ଦ୍ରଙ୍କ ବ୍ୟତୀତ ଅନ୍ୟ କେହି ଆଉ କପର୍ଦ୍ଦକିଏ ସୁଦ୍ଧା ଷ୍ଟାନେସ୍ଲାରେ ଖଟାଇବା ପାଇଁ ନାରାଜ ! ଗୋପାଳଚନ୍ଦ୍ରଙ୍କ ଭାବୋଚ୍ଛ୍ୱାସ ସତ୍ତେ ସେମାନେ ବୁଝିଲେଣି—ଷ୍ଟାନେସ୍ଲାରେ ଟଙ୍କା ଖଟାଇବା ପାଣିରେ ପକାଇବା ସହତ ସମାନ !

ରାଉଲଆଗଞ୍ଜରେ କମ୍ପାନୀର ରେଜଷ୍ଟାର୍ଡ଼ ଅଫିସ । ପ୍ରତ୍ୟହ ସେଠାକୁ ଯାଇଁ ଶେଆର୍ ବଜାର ଅଗ୍ରଗତ ଅନୁଧାନ କରିବା, ମଧୁସୂଦନଙ୍କ ଏକ ନୈମିତ୍ତିକ କାର୍ଯ୍ୟରେ ପଣତ ହୋଇ ପଡିଥିଲ । ଶେଆର୍ ବଜାର ଅବସ୍ଥା ଲକ୍ଷ୍ୟ କର, ଡ଼ାରେକ୍ଟର ମଣ୍ଡଳୀ ଓ କର୍ମକର୍ତ୍ତା ମାନେ କମ୍ପାନୀର ଭବିଷ୍ୟତ ସମ୍ପର୍କରେ ସଚେତ୍ତ ।

ଦନେ କମ୍ପାନୀର ଅନ୍ୟତମ ଡାରେକ୍ଟର ଓ ଅବୈତନିକ ସେକ୍ରେଟାରୀ ଅହମଦ୍ ବକସ୍ କହିଲେ....“ଷ୍ଟାନେସ୍ଲା ପାଇଁ ଶେଆର୍ ବଜାର କର ଓଡ଼ିଶାରୁ ପାଣ୍ଠି ଉଠାଇବାର ଆଶା ମୁଁ ଆଉ ଦେଖି ପାରୁନାହିଁ । ଯେଉଁମାନଙ୍କର ଧନ ଅଛ, ସେମାନଙ୍କର ମନ ନାହିଁ; ଯେଉଁମାନଙ୍କର ମନ ଅଛ ସେମାନଙ୍କର ପତଆର୍ ନାହିଁ ।”

କନ୍ତୁ ପରସ୍ଥିତ ଯେତେ ନରୁତ୍ସାହଜନକ ହେଲେ ସୁଦ୍ଧା, ତାହା ମଧୁସୂଦନଙ୍କୁ ନରସ୍ତ କରିପାରୁ ନଥିଲ । ବୁଢ଼ୀ ମରୁଡ଼ର ନତ୍ୟ ଲାଲାଭୂମି ଓଡ଼ିଶାରେ ଶେଆର୍ କଣିବା ପାଇଁ କାହାର ବା ଧନ ଅଛ ? ତେଣୁ ବହାରର ଜମିଦାର ଓ ଧନୀକ ଗୋଷ୍ଠୀକୁ ଷ୍ଟାନେସ୍ଲା ପ୍ରତ ଆକୃଷ୍ଟ କରିବା ଅତ୍ୟନ୍ତ ସେଇ ଛଅନ୍ତ ବର୍ଷ ବସ୍ୱସରେ, ମଧୁସୂଦନ ବାହାରଲେ ପାଟ୍ନା !

ଷ୍ଟାନେସ୍ଲାର ବାର୍ତ୍ତା ପ୍ରସ୍ଫୁର ଉଦ୍ଦେଶ୍ୟରେ ପାଟ୍ନା ସହରରେ ୧୯୬୪ ସାଲ ୧୭ ଜାରଖ ଫେବୃସ୍ୱାରୀ ଦନ “ବହାର-ସ୍ପଙ୍ଗ-ମାନସ୍-ଇନ୍ସ୍ଟିଚ୍ୟୁଟ୍” ହଲ୍‌ରେ ଆସ୍ୱୋଜତ ହେଲ ଏକ ସାଧାରଣ ସଭ୍ୟ । ମଧୁସୂଦନଙ୍କ ଭାଷଣର ବଷସ୍ୱବସ୍ତୁ—“ଶ୍ରମର ମର୍ଯ୍ୟାଦା” (Dignity of Labour) । ପାଟ୍ନା ହାଇକୋର୍ଟର ବଗ୍ତରପତ, ସାର୍ ଜନ୍. ଏ. ଏସ୍. ବକ୍‌ନଲ ସଭ୍ୟପତ । ସେଦନ ସଭ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ, ପାଟ୍ନା ହାଇକୋର୍ଟର ଅନ୍ୟତମ ବଗ୍ତରପତ କୁଲବନ୍ତ ସହାସ୍ୱ, ବହାର-ଓଡ଼ିଶାର ମନ୍ତ୍ରୀ ସାର୍ ସସ୍ୱଦ୍

Digitized by srujanika@gmail.com

ମହମ୍ମଦ ଫକ୍‌ରୁଦ୍ଦୀନ୍ ଓ ପାଟ୍‌ନା ବଶ୍ୱବଦ୍ୟାଳସ୍ୱର ଭ୍ୱାଇସ୍-ଭ୍ୱାନସେଲର୍ ସୁଲତାନ୍ ଅହମ୍ମଦ ପ୍ରମୁଖ ବନ୍ଧୁ ମାନ୍ୟଗଣ୍ୟ ବଶିଷ୍ଟ ବ୍ୟକ୍ତ । ସଭାପତି ସାର୍ ଜନ୍ ପ୍ରାରମ୍ଭିକ ଭାଷଣରେ, ସୂଚନା ଦେଇ କହିଲେ...."ବଲ୍ଲଭରେ ପ୍ରଥମ ଶ୍ରମିକ-ସରକାର ଗଠିତ ହେବାର ମାସକ ମଧ୍ୟରେ "ଶ୍ରମର ମର୍ଯ୍ୟାଦା" ସମ୍ପର୍କରେ ଭାଷଣର ବ୍ୟବସ୍ଥା ଅତ ସମୀଚୀନ ଭାବରେ ସମସ୍ତୋପଯୋଗୀ ହୋଇଛୁ ।" ତା'ପରେ ବକ୍ତା ମଧୁସୂଦନଙ୍କୁ ଭାଷଣର ସୂଚନାରେ ପରିଚିତ କରାଇ, ସାର୍ ଜନ୍ କହିଲେ···

"...he is one man who by his own energy and perseverance has built up an industrial concern which I have had the pleasure and the honour of seeing, what I may really call with astonishing eyes. He is one of those who knows what labour is. He had done it himself, and he has, as I say, all the qualifications which is the "Dignity of labour". In his own person he has himself dignified it."

କେବଳ ଭାଷଣ ବା ଉଦ୍‌ବୋଧନରେ ନୁହେଁ, ମଧୁସୂଦନଙ୍କ ଜୀବନଚର୍ଯ୍ୟାରେ ଶ୍ରମର ମର୍ଯ୍ୟାଦା ଯେପରି ଅନୁଶୀଳିତ ହୋଇଥିଲା; ସାର୍ ଜନ୍‌ଙ୍କ ପ୍ରାରମ୍ଭିକ ଭାଷଣରେ ସେଥିପ୍ରତି ଥିଲା, ଅକୁଣ୍ଠିତ ସ୍ୱୀକୃତି !

"ଶ୍ରମର ମର୍ଯ୍ୟାଦା" ଶୀର୍ଷକ ମଧୁସୂଦନଙ୍କ ଏଇ ଭାଷଣ, କାନେପୁର ଅଂଶ ବଶେଷ ଉଦ୍ଦେଶ୍ୟରେ ମୁଖ୍ୟତଃ ଉଦ୍ଦିଷ୍ଟ ଥିଲେ ହେଁ ମଧୁସୂଦନଙ୍କ ରାଜନୈତିକ ଚନ୍ତାଧାରାର ବଶ୍ଳେଷଣ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମଧୁସୂଦନ ସାଧାରଣତଃ ନନ୍-କୋଅପରେସନ୍‌ର ବରୋଧୀ ରୂପେ ଚର୍ଚ୍ଚିତ ହୋଇଆନ୍ତି । ମାତ୍ର ନନ୍-କୋଅପରେସନ୍‌ର ରାଜନୈତିକ ଦଗ ଅପେକ୍ଷା, ଏହାର ଅର୍ଥନୈତିକ ଦଗ ମଧୁସୂଦନଙ୍କୁ ଅଧିକତର ପ୍ରଭାବିତ କରିଥିଲା । ବସ୍ତୁତଃ ମଧୁସୂଦନ ନନ୍-କୋଅପରେସନ୍ ଓ ସ୍ୱରାଜର ରାଜନୈତିକ ଦଗ ଅପେକ୍ଷା ଏହି ଅର୍ଥନୈତିକ ତଥା ସାମାଜିକ ଦଗଟି ପ୍ରତି ଅଧିକ ସଚେତନ ଥିଲେ ।

ଇଂ ୧୯୨୪ ସାଲ୍ ବେଳକୁ ସ୍ୱରାଜର ଫଙ୍କା ଓ ଏହାର ଆଭ୍ୟନ୍ତରୀଣ ତଥାପି ସ୍ପଷ୍ଟ ହୋଇନଥିଲା । କନ୍ତୁ ମଧୁସୂଦନ ସେଦିନ ତାଙ୍କ ଭାଷଣ ପ୍ରସଙ୍ଗରେ ନନ୍-କୋଅପରେସନ୍‌କୁ ଏକ ବରାଟ ସମାଜ-ବପ୍ଳବ ରୂପେ ଅଭିହିତ କରି, କହିଥିଲେ···

"ଏହି ସମାଜ-ବକ୍ଷୋଭ ଜନଜୀବନକୁ କପରି ପ୍ରଭାବିତ କରିଛୁ, ଦେଖାଯାଉ । ଯେଉଁ ଦରିଦ୍ର କୃଷକ ଦିନକୁ ଦୁଇଓଳି ଦୁଇମୁଠା ଅନ୍ନ ପାଏ ନାହିଁ; ସେ ପୂଜା ସ୍ୱରାଜ ପାଇଁ ଯଥାଶକ୍ତି

Digitized by srujanika@gmail.com

ଦାନ କରୁଛ । କନ୍ତୁ ତା ପକ୍ଷରେ ସ୍ୱରାଜର ଅର୍ଥ କଣ ? ତା ଦୃଷ୍ଟିରେ ସ୍ୱରାଜ ଏକ ସୁଚ୍ଛନ୍ଦ ଜୀବନର ନବପ୍ରଭାତ....ତାର ଅର୍ଥନୈତିକ ଅବସ୍ଥାର ଉନ୍ନୟନ ।"*

ଅର୍ଥନୈତିକ ଦୃଷ୍ଟିରୁ ଅବଦମିତ ଓ ଦଳିତ ଜନତାର ଅର୍ଥନୈତିକ ଉତ୍ଥାନ ପାଇଁ ଏଇ ପ୍ରୋଗ୍ରାମରେ ଶ୍ରମଶିଳ୍ପ ହିଁ ତାର ଏକମାତ୍ର ଆସୁଧ ! ମଧୁସୂଦନ କହିଲେ···

"Culture of land is agriculture, Culture of hand is industry"— ଭୂମିର କୃଷ୍ଟି ହେଉଛୁ କୃଷି, ହାତର ସଂସ୍କୃତି ହେଉଛୁ ଶିଳ୍ପ ! କନ୍ତୁ କାରିଗରର ସେ ହାତର ଆଜ ମୂଲ୍ୟ ବାହିଁ ?

ସାମ୍ନାରେ ଟେବୁଲ୍ ଉପରେ ରହିଥିଲା, ଓଡ଼ିଶା-ଆର୍ଟ୍ସ-ଓ୍ୱାର୍କସ କାରଖାନାରେ ପ୍ରସ୍ତୁତ ଏକ ରୂପା ଅତରଦାନ୍ । ମଧୁସୂଦନ ଶ୍ରୋତୃମଣ୍ଡଳୀଙ୍କୁ ସେଇ ଅତରଦାନ୍ ଦେଖାଇ କହିଲେ...."ଏଇ ଅତରଦାନ୍ ଦେଖନ୍ତୁ । ପୃଥିବୀରେ ଏଇପରି ଅତରଦାନ୍ ମଧ୍ୟରୁ ଏହା ହେଲା ଚତୁର୍ଥ । ଏହା ନବଷ୍ଟ ଶତକରେ ପ୍ରସ୍ତୁତ କଲେ, ଆପଣମାନେ ଏଥିରେ ଲକ୍ଷ୍ୟ କରି ପାରିବେ, ହାତର ସୂକ୍ଷ୍ମ କାରିଗରି । ଏହା ହେଉଛୁ ହାତର ସଂସ୍କୃତି-ସାଧନା ବା କୃଷ୍ଟିର ପରିଣତି ! କନ୍ତୁ ଆପଣମାନେ ଭୁଲିଯିବା ଉଚିତ ନୁହେଁ; ଏଥିପାଇଁ ମୋତେ ବହୁ ସମସ୍ୟ, ବହୁ ଅର୍ଥ ବ୍ୟୟ କରିବା ପାଇଁ ପଡ଼ିଛୁ । ଶିଳ୍ପର ଅଭିବୃଦ୍ଧି ଦିଗରେ ଏସବୁକୁ ମୁଁ ମୋର ତ୍ୟାଗ ରୂପେ ସ୍ୱୀକାର କରି ଆସିଛୁ ।"

ମଧୁସୂଦନ ସେଦିନ ସେହି ଜନସଭାକୁ ଅସି ନଥିଲେ କେବଳ ଉତ୍କଳ-ଟାନେଘର ଅଂଶ ବିଭସ୍ୱ ପାଇଁ ବାକ୍-ଚତୁର ସେଲସ୍‌ମାନ୍ ରୂପେ—ସେ ଥିଲେ ଯେପରି ସ୍ୱରାଜସ୍ୱ ଶିଳ୍ପ-ବସ୍ତୁକର ପ୍ରବକ୍ତା ଓ ଦିଗ୍‌ଦର୍ଶକ !

ସ୍ୱରାଜସ୍ୱ ଅର୍ଥନୀତିର ସ୍ୱରୂପ ବିଶ୍ଳେଷଣ କରି ମଧୁସୂଦନ କହିଲେ...."ସ୍ୱରାଜରେ ଶତାଂଶ ୪୮ରୁ ଅଧିକ ଲୋକ ଏବେ ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ । କନ୍ତୁ ଭୂମିର ପରିମାଣ ସିମିତ ଥିଲେ ହେଁ, ଜନସଂଖ୍ୟା ବୃଦ୍ଧି ଅବାରିତ । ଯେଉଁ ଜମି ଉପରେ ନିର୍ଭର କରି ୫୦ ବର୍ଷ ତଳେ ୫ ଜଣ ଚଳୁଥିଲେ; ବର୍ତ୍ତମାନ ସେ ଜମି ଉପରେ ୧୫ ଜଣ ନିର୍ଭରଶୀଳ ।"

---

* ମଧୁସୂଦନଙ୍କ ଭାଷାରେ...

"Then let us see how this social upheaval affected the masses. The poor peasant who does not get two proper meals a day paid his mite for getting Swaraj. What does Swaraj mean to him ? It means to him the dawn of an era, when he would live more comfortably, when he would earn higher wages in a word to him Swaraj means an improved economic condition."

Digitized by srujanika@gmail.com

ଏ ପରିପ୍ରେକ୍ଷିତରେ ଅର୍ଥନୈତିକ ଉତ୍ଥାନ ପାଇଁ ଯନ୍ତ୍ରଶିଳ୍ପର ବିକାଶ ଓ ବିସ୍ତାର ବ୍ୟତୀତ ଅନ୍ୟ ପନ୍ଥା ନଥିବା ସୂଚିତ କରି, ମଧୁସୂଦନ କହିଲେ..."ଦୁର୍ଭାଗ୍ୟର ବିଷୟ ଏହାହିଁ ଯେ ଇଷ୍ଟ-ଇଣ୍ଡିଆ କମ୍ପାନୀର ପ୍ରଥମ ଫାକ୍ଟରୀ ସବୁ ଓଡ଼ିଶାରେ ସ୍ଥାପିତ ହୋଇଥିଲେ ହେଁ, ବ୍ରିଟିଶ ଶାସନର ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଅତିବାହିତ ହେବା ପରେ ସୁଦ୍ଧା ଓଡ଼ିଶାରେ ଗୋଟିଏ କାରଖାନା ସ୍ଥାପିତ ହୋଇ ପାରିଲା ନାହିଁ ।"*

ଏଇ ପୃଷ୍ଠଭୂମିରେ ଉତ୍କଳ-ଟାନେରୀ ପ୍ରସଙ୍ଗ ଉଲ୍ଲେଖ କରି, ମଧୁସୂଦନ ବଙ୍ଗଳା ସରକାରର ବିଶେଷଜ୍ଞ ବି. ଏମ୍. ଦାସଙ୍କର ରିପୋର୍ଟର୍ କେତେକ ଅଂଶ ସେଦନ ସଭାରେ ପାଠ କରି ଶୁଣାଇଥିଲେ···

"ସମଗ୍ର ସ୍ୱରଡରେ ଉତ୍କଳ-ଟାନେରୀ ଏକ ପଥିକୃତ ଉଦ୍ୟମ । ଏହାକୁ ସଗଠନ କରିବାରେ ଅଜସ୍ର ଅର୍ଥ ଓ ଶକ୍ତି ବ୍ୟୟିତ ହୋଇଅଛୁ । ଗୋଧଚମଡ଼ା ସାଧାରଣତଃ ଦୁଷ୍ପ୍ରାପ୍ୟ ଓ ଅନ୍ୟ ଚତୁଷ୍ପାଦତ ଜନ୍ତୁଙ୍କ ଚମଡ଼ା ପରି ଏହା ସେତେ ସୁଲଭ ନୁହେଁ । ଗୋଧମାନେ ସାଧାରଣତଃ ଓଡ଼ଶାର ପାହାଡ଼ ଜଙ୍ଗଲ ମଧ୍ୟରେ ମିଳଥାନ୍ତି । ଟାନେରୀର ସ୍ୱତ୍ୱାଧିକାରୀ ମିଷ୍ଟର ଦାସ, ଅରଣ୍ୟ ଅଧିବାସୀମାନଙ୍କୁ ସଗଠିତ କରି, ପାହାଡ଼ ଜଙ୍ଗଲରୁ ଏଇ ଗୋଧଚମଡ଼ା ସଗ୍ରହ କରୁଥିଲେ । ଆରମ୍ଭରେ ଏଥିପାଇଁ ମିଷ୍ଟର ଦାସ୍ ସେମାନଙ୍କୁ ପ୍ରଚୁର ପାରିଶ୍ରମିକ ଦେଉଥିଲେ । ପ୍ରତି ଚମଡ଼ା ପାଇଁ ଦୁଇଟଙ୍କା ହିସାବରେ ମୂଲ୍ୟ ଦିଆଯାଉଥିଲା । ଏହିପରି ସ୍ୱବରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଲକ୍ଷାଧିକ ଗୋଧଚମଡ଼ା ସଗୃହୀତ ହୋଇ ପାରିଛୁ । × × × ଗୋଧଚମଡ଼ାର ସଗ୍ରହ ଯେପରି ଦୁରୂହ, ତାହାର ଟାନିଙ୍ଗ୍ ମଧ୍ୟ ସେହିପରି କଠିନ । ଛେଳି ବା ମେଣ୍ଢା ଚମଡାର ଟାନିଙ୍ଗ୍ ପାଇଁ ଯେଉଁ ପଦ୍ଧତି ଅନୁସୃତ ହୋଇଥାଏ, ଏ କ୍ଷେତ୍ରରେ ତାହା ଉପଯୋଗୀ ନୁହେଁ । ଏଥିପାଇଁ ବିଶେଷ ପଦ୍ଧତି ଉଦ୍ଭାବନ କରିବାରେ ଅଜସ୍ର ଅର୍ଥ ବ୍ୟୟ କରିବା ପାଇଁ ପଡ଼ିଛୁ । × × × ଉତ୍କଳ-ଟାନେରୀର ଗୋଧ ଚମଡ଼ା ବର୍ତ୍ତମାନ କେବଳ ସ୍ୱରଡରେ ନୁହେଁ, ଇଂଲଣ୍ଡ ଓ ଆମେରିକାରେ ସୁଦ୍ଧା ବିକ୍ରୀ ହେଉଛୁ । ୟୁରୋପ ଓ ଆମେରିକାରେ ସୌଖୀନ ଚମଡ଼ାଦ୍ରବ୍ୟନିର୍ମାତା ମାନେ, ଗୋଧ ଓ କୁମ୍ଭୀର ଚମଡ଼ା ଆବଶ୍ୟକ କରିଥାନ୍ତି । କିନ୍ତୁ ଅସଲ ଗୋଧ ଓ କୁମ୍ଭୀର ଚମଡ଼ା ଅଭାବରେ ସେମାନେ ନକଲ ଚମଡ଼ା ବ୍ୟବହାର କରିଥାନ୍ତି । ସେମାନଙ୍କୁ ଏହା ଯୋଗାଇ ଦେଇ ପାରିଲେ, ସେମାନେ ଭଲ ଦରରେ ସବୁ କିଣିନେବେ, ସନ୍ଦେହ ନାହିଁ । × ×"

---

* ମଧୁସୂଦନଙ୍କ ଭାଷାରେ....

"The East India Company's First factories were started in Orissa and though Orissa has been more than a century under British rule, Government has not done anything to help the people in the establishment of a single manufacturing Factory."

Digitized by srujanika@gmail.com

ଟାନେଶ୍ୱରେ କପଡ଼ ବଉନ୍ଧ ପ୍ରକାର ଓ ରଙ୍ଗର ଗୋଧ ଚମଡ଼ା ପ୍ରସ୍ତୁତ କରିଯାଇଛୁ, ମଧୁସୂଦନ ସଭାରେ ତାହାର କେତେକ ନମୁନା ଦେଖାଇଲେ । ଅବଶେଷରେ ତାଙ୍କ ଭାଷଣର ଉପସଂହାରରେ ଥଲ୍ଲ, ଟାନେଶ୍ୱର ଅଂଶ କଣିବା ପାଇଁ ଆବେଦନ ।

ବହାର-ଓଡ଼ଶାର ମନ୍ତ୍ରୀ ସାର ସମ୍ବଦ୍ ମହମ୍ମଦ ଫକ୍‌ରୁଦ୍ଦୀନ୍ ଟାନେଶ୍ୱର ଅଂଶ କଣିବାପାଇଁ ସମବେତ ଶ୍ରୋତାମଣ୍ଡଳୀଙ୍କୁ ଅନୁରୋଧ କଣ ତାଙ୍କ ଭାଷଣ ପ୍ରସଙ୍ଗରେ କହିଲେ....

'I think every one of us should make strenuous efforts to purchase as many shares as possible. We ought to try our best to keep the industry alive.''

ମଧୁସୂଦନଙ୍କ ଅକ୍ଲାନ୍ତ ଉଦ୍ୟମ ଓ ପ୍ରଚ୍ଚର ଫଲରେ ବହାରରେ କେତେକ ଶେଆର ବନ୍ଦୀ ହୋଇ ପାରିଥିଲ୍ଲ । ବହାର-ଓଡ଼ଶା ଏକଜକ୍ୟୁଟିଭ କାଉନସିଲ ସଦସ୍ୟ ସଚ୍ଚିଦାନନ୍ଦ ସିନ୍ହା, ଶିକ୍ଷାମନ୍ତ୍ରୀ ସାର ସମ୍ବଦ୍ ମହମ୍ମଦ ଫକ୍‌ରୁଦ୍ଦୀନ୍, ସାହାଜାହାନପୁରର ଡ଼ିଷ୍ଟ୍ରିକ୍ଟ ଜଜ୍‌ଙ୍କ ପତ୍ନୀ ମିସେସ୍ ଏଲ୍. ଏମ୍. ମୁଣ୍ଡଲ୍, ମୁଙ୍ଗେରର ମାଜଷ୍ଟ୍ରେଟ ସି. ଏନ. ଦେଓ ବହାରର କେତେକ ଜମିଦାର ଟାନେଶ୍ୱକୁ ରକ୍ଷା କରିବା ପାଇଁ ଶେଆର୍ କଣିଥିଲେ ।

ଏହା ସତ୍ତ୍ୱେ ଶେଆର୍ ବନ୍ଦୀର ପରମାଣ ଆଶାନୁରୂପ ହୋଇପାରୁ ନଥିଲ୍ଲ ! ମାର୍ଚ୍ଚ ମାସରେ ସାର୍ ଆଶୁତୋଷ ମୁଖାର୍ଜୀ କେତେକ କାଫୋପଲକ୍ଷେ ଆସିଥିଲେ ପାଟନା । ଆଶୁତୋଷ ଇଉସୁଫ୍‌ରୁ ନଜେ ଅବଶ୍ୟ ଟାନେଶ୍ୱର ପାଞ୍ଚ ଶହ ଫାଉଣ୍ଡେସନ ଶେଆର୍ କଣିଥିଲେ । ପାଟନାରେ ତାଙ୍କ ସହିତ ସାକ୍ଷାତ ହେବା ମାନେ, ମଧୁସୂଦନ କହିଲେ... "କନ୍ତୁ ଆଶୁ ! ତୁମେ ନଜେ ଏକା ପାଞ୍ଚ ଶହ ଶେଆର୍ କଣିଲେ କଣ ହେବ ? ବଙ୍ଗଳାରେ ତୁମକୁ କନ୍ତୁ ଶେଆର୍ ବନ୍ଦୀ କରାଇବାପାଇଁ ପଡ଼ିବ !"

ଆଶୁତୋଷଙ୍କର ସେଥିରେ ଆପତ୍ତି ନଥିଲ୍ଲ । ଗୁରୁଙ୍କ ଆଦେଶ, ବଙ୍ଗଳାର ଗୁରୁକୁଳାସ୍ତର୍ଗ ଆଶୁତୋଷ ଅମାନ୍ୟ କରନ୍ତେ କପର ?

ପ୍ରଗଲ୍‌ଭ ପର ମଧୁସୂଦନ କହି ଘୁଲ୍ଲେ...."ଆଜ ମୋଡଲ୍ଲଲ ବହିଥିଲେ ଟାନେଶ୍ୱର ପ୍ରଚ୍ଚର ପାଇଁ ମୋତେ ଏତେ ପରଶ୍ରମ କରିବାକୁ ପଡ଼ୁ ନଥାନ୍ତା, ଆଶୁ !"

"କେଉଁ ମୋଡଲ୍ଲଲ୍ ?"—ଆଶୁତୋଷ ପ୍ରଶ୍ନ କଲେ ।

Digitized by srujanika@gmail.com

ମଧୁସୂଦନ କହିଲେ···"ଅମୃତ ବଜାର ପତ୍ରିକାର ସମ୍ପାଦକ ମୋତଲ୍ଲଲ୍ ଘୋଷ ! ଶୁଣ ଆଶୁତୋଷ ଗୋଟାଏ ମଜା ଗପ କହୁଛୁ—କାନଭ୍ୱସ ଯୋତା ପିନ୍ଧବା ଥିଲା, ମୋତଲ୍ଲଲର ଏକ ବାଉକ୍ ! ଥରେ ମୁଁ ତାଙ୍କ ବୈଠକଖାନାରେ ବସିଛୁ, ତାଙ୍କର ନାତ ପରମାନନ୍ଦ ହଲେ ନୂଆ ଚମଡ଼ା ଯୋତା ପିନ୍ଧି ସେଇ ବାରଣ୍ଡାରେ ଗୁଲିଯାଉଥିଲା । ମୋତଲ୍ଲଲ ସଙ୍ଗେ ସଙ୍ଗେ ପଗ୍ଭଶଲେ; ଏ ଯୋତା କେଉଁଠୁ କେତେ ଦାମ୍ ଦେଇ କଣିଲୁ ପରମାନନ୍ଦ ? ପରମାନନ୍ଦ ଉତ୍ତର ଦେଲ—"ନାସନାଲ ଟାନେଣ୍ଟରୁ, ଦାମ୍ ତେର ଟଙ୍କା" ।

"ତେର ଟଙ୍କା ? ମୋର ଏଇ କାନଭ୍ୱସ୍ ଯୋତା ହଲର ଦାମ୍ ତ ମୋଟେ ଦୁଇ ଟଙ୍କା ଗୁରଅଣା ! ଅଥଚ କେତେ ଭଲ, କେତେ ନରମ !" ତେର ଟଙ୍କା ଅପବ୍ୟୟ ପାଇଁ ମୋତଲ୍ଲଲଙ୍କ କଣ୍ଠରେ ବଉତ୍ତର ସ୍ୱର ! ଅଜା ନାତଙ୍କ କଲହ୍ରେ ମୁଁ ସେ ଦନ ମଧସ୍ଥତା କର କହିଥିଲ···"ମୋତ, ଭୁଲ ଯାଉଛ କାହିଁକ, ତମ ବାଳ ପାଚ ଧଳା ହୋଇ ଗଲ୍ଣି ! ଅଥଚ ଏ ଟାକାର ମୁଣ୍ଡକୁ ଗୁହିଁ ଦେଖ ! କଞ୍ଚା ବସ୍ୱସର ସଉକ !" ମୋତଲ୍ଲଲ ଦୁଃଖ କର କହିଲେ "କନ୍ତୁ ମୁଁ ଚମଡା ଜୋତା ଆଦୌ ପିନ୍ଧ ପାରୁନାହିଁ, ମିଷ୍ଟର ଦାସ ! ଏହା ଭଗ୍ସ ଟାଣ ଲାଗୁଛୁ ! ଅଥଚ ଲଣ୍ଡସାହେବ କାରମାଇକେଲ୍ଙ୍କ ପାଖକୁ କାନଭ୍ୱସ୍ ଜୋତା ପିନ୍ଧ ଉଲ୍ ବେଳେ, ମୋତେ ଭ୍ୱସ୍ତ ସକ୍ତ୍ରତ ଲଗେ ! କାରମାଇକେଲ୍ର ଜୋତା ସଉକ ଦାରୁଣ ! ମୁଁ ପଗ୍ଭଶଲ···"ତମେ ଉଲ୍ଲଲ-ଟାନେଣ୍ଟର ଜୋତା ବ୍ୟବହାର କଣ୍ଛ କେବେ ?" ସେ ମନା କରବାରୁ, ମୁଁ କହିଲ, "ଠିକ୍ ଅଛୁ, ତମ ମାପ ଅନୁସାରେ ମୁଁ ହଲେ ଉଲ୍ଲଲ ଟାନେଣ୍ଟ ଜୋତା ପଠାଇ ଦେବ ।"

"ଜୋତା ପାଇ ମୋତଲ୍ଲଲ ମହାଆନନ୍ଦତ ! ସେଇ ଦନୁ ଉଲ୍ଲଲ-ଟାନେଣ୍ଟ ଜୋତା ବ୍ୟତ୍ତତ ଅନ୍ୟ ଜୋତା ବା ଚଟ୍ଟୀ ମୋତଲ୍ଲଲ କେବେ ବ୍ୟବହାର କରୁନଥିଲେ ! ଟାନେଣ୍ଟ ଜୋତା ପିନ୍ଧ କାରମାଇକେଲଙ୍କ ପାଖକୁ ଯିବାବେଳେ, ତାଙ୍କର ଆଉ ପୁଣ ସଙ୍କୋଚ ନଥିଲ ! ମୋତଲ୍ଲଲ ହୋଇ ପଡ଼ଥିଲେ ଉଲ୍ଲଲ ଟାନେଣ୍ଟର ଚଳମାନ ବଜ୍ଞପନ '....ଟାନେଣ୍ଟ ପାଇଁ ତୁମକୁ କଛୁ କରବା ପାଇଁ ପଡ଼ବ ଆଶୁ ! ବଙ୍ଗଲାରେ ତୁମେ ଆଜ ଜ୍ଞାତ୍ରିମାନ ପୁରୁଷ ! ତୁମେ ଚେଷ୍ଟା କଲେ ଟାନେଣ୍ଟର ବହୁ ଉପକାର ହୋଇ ପାରବ ! ତୁମେ ମୋର ଗ୍ରୁତ । ସେଇ ହସାବରେ ତୁମ ଉପରେ ଟାନେଣ୍ଟର ଗୋଟାଏ ଦାସ୍ୱ ଅଛୁ—ନା' କଣ କହୁଛ ଆଶୁ ?"

ଆଶୁତୋଷ ହସି ହସି ଉତ୍ତର ଦେଲେ..."ମୋତେ କଣ କରବାକୁ ହେବ, ଆଦେଶ ଦଅନ୍ତୁ । ଟାନେଣ୍ଟକୁ ବଞ୍ଚାଇବା ପାଇଁ ମୋ ଦ୍ୱାର ଯାହା ସମ୍ଭବ, ତାହା କରବା ପାଇଁ ମୁଁ କଦାପି କୁଣ୍ଠିତ ହେବ ନାହିଁ ।"

ମଧୁସୂଦନ କହିଲେ...ବଙ୍ଗଲା ହେଲଥ୍ ଡ଼ପାର୍ଟମେଣ୍ଟ୍ର ଆଇ. ଜ. ମେଜର ପୂର୍ବବର୍ତ୍ତୀ ଆଇ. ଏମ୍. ଏସ.ଙ୍କ ପାଖକୁ ଖଣ୍ଡେ ଚଠି ଲେଖ ଆଣୁ । ବଙ୍ଗଲା ସରକାରଙ୍କ ପୋଲସ ବଭ୍ଗର ଜୋତା ଅର୍ଡର, ମୁଁ ଗୁହେଁ ଯୋଗାଇବା ପାଇଁ ! ଏ ସବୁ ଚଠିରେ

Digitized by srujanika@gmail.com

ଲେଖିବା ଦରକାର ନାହିଁ । ଖାଲି ଗୋଟାଏ ଇଣ୍ଟ୍ରୋଡ଼କସନ ଲେଟର ଲେଖିଦେଲେ ଚଳିବ ।''

ସେଇଠାରେ ସେଇଠି ଆଶୁତୋଷ ଚଠି ଡ଼ିକ୍ଟେସନ ଦେବାପାଇଁ ପ୍ରସ୍ତୁତ । ମଧୁସୂଦନ କହିଲେ....''ସେଥିରେ କଣ୍ଟୁ ଲେଖିଦେବ ମୁଁ ଥିଲ ବୁମର ଗୁରୁ । ଜଭାନ୍ୟ ମାମୁଲ ଗ୍ଭବରେ କଥାଟାକୁ ନ ନେଇ ସେ ଆନ୍ତରିକତା ସହିତ ଯେପରି କିଛି କରନ୍ତି; ସେଇପରି ଲେଖିବ, ଆଶୁ !''

ଗୁରୁଭକ୍ତ ଶିଷ୍ୟ ପରି ଆଶୁତୋଷ ମେଜର୍ ସୁରାବର୍ଦ୍ଦୀଙ୍କ ଜଜଟକୁ ଲେଖିଲେ....

Exhibition Road
Patna
19th March, 1924

Dear Dr. Suhrawardy;

May I introduce to you Mr. M. S. Das, C. I. E. of whom you have no doubt heard. He is my Guru and I want you to take an interest in which he and I are both deeply interested. I hope you will exert your best to see that the matter is so handled as to lead to good practical result.

Yours Sincerely,
Asutosh Mookherjee

ଆଶୁତୋଷଙ୍କ ଉଦ୍ୟମ ଫଳରେ, ବଙ୍ଗଳାର କେତେକ ବଶିଷ୍ଟ ଜମିଦାର ଓ ଧନାଢ୍ୟ ବ୍ୟକ୍ତି, ଉତ୍କଳ ଟାନେଲ୍ସର କିଛି ଅଂଶ ମଧ୍ୟ କିଣିଥିଲେ । କିନ୍ତୁ ଏତେ ପ୍ରଗାଢ଼ ଉଦ୍ୟମ ସତ୍ତ୍ୱେ, ଉତ୍କଳ ଟାନେଲ୍ସ ପାଇଁ ପ୍ରୟୋଜନ ପଡ଼ୁଥିବା ପାଣ୍ଠି ଦୂରର କଥା; କମ୍ପାନୀର ଦେଣା ପରିଶୋଧ ପାଇଁ ମଧ୍ୟ ଅର୍ଥ ସଂଗୃହୀତ ହୋଇପାରୁ ନଥିଲ !

(ଦୁଇ)

ଟାନେଲ୍ସକୁ ବଞ୍ଚାଇବା ପାଇଁ ବନ୍ଧୁପ୍ରେରିତ ପରି ହଠାତ୍ ଆସିଥିଲ ଏକ ଅପ୍ରତ୍ୟାଶିତ ସୁଯୋଗ । କଲିକତାର ପ୍ରସିଦ୍ଧ ସାହେବୀ-କମ୍ପାନୀ ହ୍ୟାଇଟ୍ଓ୍ୱେ-ଲେଡ୍ଲ ଉତ୍କଳ ଟାନେଲ୍ସ ଜୋତା ପ୍ରତି ଆକୃଷ୍ଟ ହୋଇଥିଲେ, ଏହାର ଦ୍ୱାଲଟୀ, ଗୁଣାତ୍ମକ ଉତ୍କର୍ଷ ପାଇଁ ।ୟୁରୋପରେ

Digitized by srujanika@gmail.com

ପ୍ରସ୍ତୁତ ହେଉଥିବା ଜୋତା ତୁଳନାରେ ଉତ୍କଳ-ଷ୍ଟାନେଜ୍ଜ ଜୋତା ଥିଲା ଅପେକ୍ଷାକୃତ ଉନ୍ନତ ଅଧିକ । ଦାମ୍ ମଧ୍ୟ ଥିଲା ବଦେଶୀ ଜୋତା ତୁଳନାରେ ଉଣା । ଦେଶୀୟ, ପାରମ୍ପରିକ ପଦ୍ଧତିରେ ଚମଡ଼ା ଷ୍ଟାନ୍ଡିଙ୍ଗ୍ ହେଉଥିଲେ ସୁଦ୍ଧା ଗୁଣାତ୍ମକ ଦୃଷ୍ଟିରୁ ବଦେଶରେ ଷ୍ଟାନ୍ଡିଙ୍ଗ୍ ହେଉଥିବା ଚମଡ଼ା ତୁଳନାରେ ଏହା ଥିଲା ଉତ୍କୃଷ୍ଟ । ପୁଣି ମଇଁଷି ଚମଡ଼ାରେ ପ୍ରସ୍ତୁତ ସୋଲ୍ (Sole) ଥିଲା ଯେପରି ମନ୍‌ବୁତ, ଉପର ଚମଡ଼ା ଥିଲା ସେହିପରି କୋମଳ ଓ ମସୃଣ । ଷ୍ଟାନେଜ୍ଜ ଜୋତାର ଗୁଣାତ୍ମକ ଉତ୍କର୍ଷ ହେତୁ, ବଲ୍ଲଭ ଓ ସୁତ୍ରୋପର ବଜାରରେ ଏହାର ଗ୍ରହଣୀୟତା ବୃଦ୍ଧି ପାଇଥିବାରୁ, ହ୍ୱାଇଟ୍‌ଓ୍ୱେ-ଲେଡ୍‌ଲ କମ୍ପାନୀ ଉତ୍କଳ-ଷ୍ଟାନେଜ୍ଜ ସହିତ ବ୍ୟବସାୟିକ ସମ୍ପର୍କ ପ୍ରତିଷ୍ଠା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ବଦେଶକୁ ଷ୍ଟାନେଜ୍ଜ ଜୋତା ରପ୍ତାନୀ କରିବା ହ୍ୱାଇଟ୍‌ଓ୍ୱେ-ଲେଡ୍‌ଲ କମ୍ପାନୀର ଅଭିପ୍ରାୟ ଥିଲା । ସେଥିପାଇଁ କମ୍ପାନୀର ମାନେଜର ମିଷ୍ଟର୍ ସ୍ମିଥ୍‌ଲଣ୍ଡ କେତେ ହଲ ଜୋତାର ନମୁନା ପଠାଇ, ସେଇପରି ଜୋତା ପ୍ରସ୍ତୁତ କରିବା ପାଇଁ ଷ୍ଟାନେଜ୍ଜକୁ ବରାଦ ଦେଇଥିଲେ ।

ଷ୍ଟାନେଜ୍ଜର ଅବସ୍ଥା ସେତେବେଳେ, ବୁଡ଼ଉଛୁ ଲୋକ କୁଟାଖିଅକୁ ଆଶ୍ରା କରିବା ପରି ! ମିଷ୍ଟର୍ ସ୍ମିଥ୍‌ଲଣ୍ଡଙ୍କଠାରୁ ଏହି ଅପ୍ରତ୍ୟାଶିତ ଅନୁଗ୍ରହ ପାଇବା ମାତ୍ରେ, ଷ୍ଟାନେଜ୍ଜ ମାନେଜର ଗୋପୀ ମିଶ୍ରଙ୍କୁ ମଧୁସୂଦନ ବରାଦ ଦେଲେ···"ଦାମ୍ ଯାହା ପଡୁ ପଛେ । ତୁମେ ଜଲ୍‌ଦି ଏଇ କେତେ ହଲ ଜୋତା ଅଆର କରିଅ । ଷ୍ଟାନେଜ୍ଜକୁ ରକ୍ଷା କରିବା ପାଇଁ ଇଏ ଏକ ବଧ୍‌ପ୍ରେରିତ ସୁଯୋଗ ।"

ଯଥାସମୟରେ ହ୍ୱାଇଟ୍‌ଓ୍ୱେ କମ୍ପାନୀର ବରାଦ ଅନୁସାରେ ଜୋତା ପ୍ରସ୍ତୁତ ହେବା ପରେ, ମଧୁସୂଦନ ଷ୍ଟାନେଜ୍ଜ ମାନେଜର ଗୋପୀ ମିଶ୍ରଙ୍କ ସହିତ ସଙ୍ଗରେ ଜୋତା ସବୁ ଧରି ପହଞ୍ଚିଲେ, କଲିକତାରେ ମିଷ୍ଟର୍ ସ୍ମିଥ୍‌ଲଣ୍ଡଙ୍କ ଦପ୍ତରରେ ।

ଜୋତାର ଉତ୍କର୍ଷ ଓ ବାହାର୍ ଦେଖି ସ୍ମିଥ୍‌ଲଣ୍ଡ ବମୁଗ୍ଧ । ଜୋତା ଏପରି କୌଶଳରେ ପ୍ରସ୍ତୁତ ହୋଇଥିଲ ଯେ, କେଉଁଟି କେଉଁ ଗୋଡ଼ର ଜୋତା, ତାହା ସ୍ଥିର କରିବା କଠିନ ଥିଲା । ଡାହାଣ ଗୋଡ଼ର ଜୋତା ଦେଖାଯାଉଥିଲା ବାଁ ଗୋଡ଼ର ଜୋତା ପରି, ଆଉ ବାଁ ଗୋଡର ଜୋତା ଡାହାଣ ଗୋଡ଼ର ଜୋତା ବୋଲି ମନେ ହେଉଥିଲା । ଓଡ଼ିଆ କାରିଗର ମାନଙ୍କର ପ୍ରଶଂସାରେ ସ୍ମିଥ୍‌ଲଣ୍ଡ ଶତମୁଖ ହୋଇ ଉଠିଥିଲେ । ଓଡ଼ିଆ କାରିଗର ମାନଙ୍କର ହସ୍ତପାରଦର୍ଶିତାରେ ଯାହା ସମ୍ଭବ ହୋଇ ପାରିଲା, ସୁତ୍ରୋପରେ ଯାନ୍ତ୍ରିକ ପଦ୍ଧତିରେ ତାହା ସମ୍ଭବ ନଥିଲା । ସ୍ୱୀକାର କରିବା ପାଇଁ ସ୍ମିଥ୍‌ଲଣ୍ଡ, କୁଣ୍ଠିତ ନଥିଲେ ।

ସ୍ମିଥ୍‌ଲଣ୍ଡ କହିଲେ...."ଦୈନିକ ଶହେ ହଲ ଜୋତା ହିସାବରେ ଚୁକ୍ତି କରିବା ପାଇଁ ମୁଁ ପ୍ରସ୍ତୁତ । ସେଥିପାଇଁ ଆପଣଙ୍କୁ ପଚାଶ ହଜାର ଟଙ୍କା ଆଡ୍‌ଭାନ୍ସ ଦେବାରେ ମଧ୍ୟ ଆମର ଆପତ୍ତି ନାହିଁ !"

ପଚାଶ ହଜାର ଟଙ୍କାରେ ତ ଅଳ୍ପର ମେଣ୍ଟିବ ନାହିଁ ! ମଧୁସୂଦନ କହିଲେ···

Digitized by srujanika@gmail.com

"ଆପଣ ବରଂ କର୍ତ୍ତିଓ୍ୱାଙ୍କରେ ୫ଟନେଜ୍‌କୁ ଲକ୍ଷେ ୫ଙ୍କା ଅଗ୍ରୀମ ଦଅନ୍ତୁ, ମିଷ୍ଟର ସ୍ମଲ୍‌ଣ୍ଡ ! ମୁଁ ପ୍ରତ ସପ୍ତାହରେ ଆପଣଙ୍କୁ ଛଅଶହ ହଲ ବଉନ୍ନ ପ୍ରକାରର ଜୋଡା ଜୋଗାଇ ଦେବ ।"

ସ୍ମଲ୍‌ଣ୍ଡ ଗୋଟିଏ ପେପର୍‌ଓ୍ୱେଟ୍ ଉତ୍ତରରୁ ନବଷ୍ଟ ଭାବରେ ଘୂହଁ, ଯେପର ମଧୁସୂଦନଙ୍କ ପ୍ରସ୍ତାବର ବ୍ୟବସାୟିକ ସମୀଚୀନତା ବଶ୍ଳେଷଣ କରୁଥିଲେ । ୫ଟନେଜ୍‌କୁ ଏକଲକ୍ଷ ୫ଙ୍କା ଅଗ୍ରୀମ ଦେବାରେ ତାଙ୍କର ଆପତ୍ତି ନଥିଲା । ମାତ୍ର ଏଥିପାଇଁ ଗୋ୫ାଏ ସର୍ତ୍ତ ଆରୋପ କଣ, ମିଷ୍ଟର ସ୍ମଲ୍‌ଣ୍ଡ କହିଲେ...."କନ୍ତୁ ସେ ଜୋଡାରେ ଆମ କମ୍ପାନୀର ମାନୁଫାକ୍‌ଚରଙ୍ଗ୍ ସିଲ୍ ରହିବ !"

ମଧୁସୂଦନ ଗାରବ ରହିଲେ....ଭିତରେ ଦ୍ୱନ୍ଦ୍ୱ !

ସ୍ମଲ୍‌ଣ୍ଡ କହି ଘୂଲଲେ...."ଏପର ହେଲେ, ବାଲ୍ଟରୁ ଆପଣ ପ୍ରଚୁର ଅର୍ଡର ପାଇ ପାରିବେ ।"

କନ୍ତୁ ଓଡ଼ିଆ କାରିଗରର କୃତତ୍ୱ ଓ ସୁନାମ ବଜନସ୍ଥରେ କେତେ ଶହ ବା କେତେ ହଜାର ହଲ ଜୋଡା, ସ୍ମୁଗ୍ଲେପର ବଜାରରେ ବଜୀ କରିବା ମଧୁସୂଦନଙ୍କ ଆତ୍ମସମ୍ମାନକୁ ପ୍ରବଳ ଭାବରେ ଆହତ କରୁଥିଲା । ମଧୁସୂଦନ କହିଲେ...."ବାଲ୍ଟର, ସ୍ମୁଗ୍ଲେପରୁ ଯଦି ଜୋଡା ପାଇଁ ଅର୍ଡର ଆସେ, ତାହେଲେ ସେ ସବୁ ଆପଣଙ୍କ କମ୍ପାନୀ ଜରିଆରେ, ଆପଣଙ୍କ ନର୍ଦ୍ଦାରିତ ଦର ଅନୁସାରେ ରପ୍ତାନୀ କରିବା ପାଇଁ ମୁଁ ପ୍ରସ୍ତୁତ । କନ୍ତୁ ସେଥିରେ କେବଳ ଉତ୍କୃ୫-୫ାନେଜ୍ଜର ମାନୁଫାକ୍‌ଚରଙ୍ଗ୍ ସୀଲ୍ ହିଁ ରହିବ । ଆପଣଙ୍କ କମ୍ପାନୀକୁ ଉତ୍କଲ-୫ାନେଜ୍ଜର ସୋଲ୍ ସେଲଙ୍ଗ୍ ଏଜେନ୍ସୀ ଦେବାରେ ମଧ୍ୟ ମୋର ଆପତ୍ତି ନାହିଁ ."

ସ୍ମଲ୍‌ଣ୍ଡ ଯିଦ୍ ଧରି କହିଲେ..."ମିଷ୍ଟର ଦାସ୍, ପ୍ରାକ୍‌ଟିକାଲ୍ ଦୃଷ୍ଟିରୁ ଆପଣ ମୋର ୫ର୍ମସ୍ ରୁଟିବା ପାଇଁ ଚେଷ୍ଟା କରନ୍ତୁ । ସ୍ମୁଗ୍ଲେପରେ ଆମ କମ୍ପାନୀର ବଜ୍ଞାପନ ପାଇଁ ମୁଁ ଘୂହେଁ ୫ାନେଜ୍ଜ ଜୋଡାରେ ହ୍ୱାଇ୫ଓ୍ୱେ-ଲେଡ୍‌ଲର ମାନୁଫାକ୍‌ଚରଙ୍ଗ୍ ସିଲ୍ । ଏଥିରେ ଆପଣଙ୍କର ଲାଭ ଛଡ଼ା କ୍ଷତ ହେବ ନାହିଁ ! ଆପଣଙ୍କ କାରଖାନା ପାଇବ ପ୍ରଚୁର ଅର୍ଡର ! ଜୋଡା ପାଇଁ ଅଗ୍ରୀମ ବ୍ୟତୀତ, କେବଳ ଗୁଡ୍‌ଉଲ୍ ବାବଦକୁ ପଚାଶ ହଜାର ୫ଙ୍କା ରସ୍ୱାଲ୍‌ଟୀ ଦେବା ପାଇଁ ମୁଁ ମଧ୍ୟ ପ୍ରସ୍ତୁତ ! କନ୍ତୁ ଜୋଡାରେ ଆମ କମ୍ପାନୀର ମାନୁଫାକ୍‌ଚରଙ୍ଗ୍ ସିଲ୍ ଦେବା ପାଇଁ ପଡ଼ିବ ! ଦାଟ୍ ଇଜ୍ ଏ ମଷ୍ଟ୍ !"

ଶାଣିତ, ତୀକ୍ଷ୍ଣ ଦୃଷ୍ଟିରେ ମଧୁସୂଦନ, ମିଷ୍ଟର ସ୍ମଲ୍‌ଣ୍ଡଙ୍କ ଦୁଇ ଆଖି ଭିତରକୁ ଘୂହିଁ ଯେପର ମନେମନେ କହୁଥିଲେ...."ଆଜି ଏଇ ଦୁଃସ୍ଥିତିରେ ପଡ଼ିଛୁ ବୋଲି, ତୁମେ ସୌଦାଗସ୍ତ ବୁଦ୍ଧିରେ ଘୂଡୁଁଛ ମିଷ୍ଟର ସ୍ମଲ୍‌ଣ୍ଡ ୫ଙ୍କା ଦେଇ ଓଡ଼ିଶାର ଇଜ୍ଜତ୍ କଣିବା ପାଇଁ ?"

ମଧୁସୂଦନ ବସ୍ଫୋରଣ କରି ଉଠିଲେ...."Impossible ! ୫ାନେଜ୍ଜ manufacturing seal ଥାଇଁ ଆପଣ ଜୋଡା ନେବା ପାଇଁ ଯଦି ପ୍ରସ୍ତୁତ ନଥାନ୍ତୁ, ତାହେଲେ ଏ ସମ୍ପର୍କରେ ଆଉ ଆଲୋଚନା କରି ଲାଭ ନାହିଁ ! ଗୁଡ୍-ବାସ୍ !"

Digitized by srujanika@gmail.com

ମିଷ୍ଟର୍ ସ୍କଟ୍‌ଲାଣ୍ଡ୍‌ଙ୍କ ଅଫିସ କକ୍ଷ ଛୁଡ଼ି ସେଇ ମୁହୂର୍ତ୍ତରେ ଘରକୁ ଆସିଲେ ମଧୁସୂଦନ···ପଛରେ ଫିଙ୍ଗି ଦେଇ ଆସିଲେ କନ୍ଥା ଏକ ବଗ୍‌ଡ଼ ସମ୍ଭାବନା !

ଗୋପୀମିଶ୍ରେ ମନେ ମନେ କ୍ଷୁବ୍ଧ, ଅସନ୍ତୁଷ୍ଟ ! ଅଡୁମାନରେ ଦୁର୍ଯୋଧନ ବନଷ୍ଟ ହେବା ପର ଏ ବ୍ୟାପାର ! ମିଷ୍ଟର୍ ସ୍କଟ୍‌ଲାଣ୍ଡ୍‌ଙ୍କ ସତ୍ତ୍ୱି ମାନଥିଲେ, ଗୁଡ୍-ଉଇଲ୍ ଆଉ ଆଡ୍‌ଭାନ୍‌ସ୍ ବାବଦକୁ ଯେଉଁ ଦେଢ଼ଲକ୍ଷ ଟଙ୍କା ମିଳଥାନ୍ତା, କକସ୍-କୋମ୍ପାନୀର ଋଣ ପରଶୋଧ କରବାରେ ତାହା ଯେ କେବଳ ସହାୟକ ହୋଇଥାନ୍ତା, ତାହା ନୁହେଁ; ଦ୍ୱାଇଟ୍‌ଏ—ଲେଡ଼ଲ୍ କୋମ୍ପାନୀକୁ ନସ୍ୱମିତ ଖବରେ ଜୋଡା ଯୋଗାଇ ଟାନେଟ୍ସର ମଧ୍ୟ ପ୍ରଚୁର ଲାଭ ହୋଇଥାନ୍ତା ! ଏଇ ସୁଯୋଗରେ ଟାନେଟ୍ସ ଧ୍ୱଂସ ମୁଖରୁ ରକ୍ଷା ପାଇପାରଥାନ୍ତା !

ଗୋପୀନାଥ ସଙ୍କୁଚିତ କଣ୍ଠରେ ପଚାରିଲେ....''ଆପଣ କନ୍ଥା ଏପର ଏକ ସୁଯୋଗ ହାତଛଡ଼ା କଲେ କାହିଁକି ?''

ମଧୁସୂଦନ ବଙ୍କାରଣ କର ଉଠିଲେ···''ମଧୁଦାସ ଟଙ୍କା ଲୋଭରେ ଓଡ଼ଆ ଜାତର ମାନଇଜ୍ଜତ୍ ଇଂରେଜ ଜାତ ପାଖରେ କଦାପି ବନ୍ଧୀ କର ପାରବ ନାହିଁ ! ଘଡ ପଚାଶ ବର୍ଷ ପରେ, ଓଡ଼ିଶାର ଏ ଇତିହାସ କେବେ ଲେଖାଯାଏ, ତାହାହେଲେ ଓଡ଼ଆ ଜାତ ମୋତେ ଘୃଣା କର କହିବ, ମଧୁଦାସ ଟଙ୍କାଲୋଭରେ ଇଂରେଜ ବେପାରୀ ପାଖରେ ତାର ମୁଣ୍ଡକୁ ବନ୍ଧୀ କର ଦେଇଥିଲ !''

ଏହା ପରେ ମଧୁସୂଦନଙ୍କ ସହତ ଯୁକ୍ତ କରବା ଫପୂର୍ତ୍ତି ଅର୍ଥହୀନ—ଗୋପୀ ମିଶ୍ରେ ନୀରବ ରହିଲେ ।

ମଧୁସୂଦନ କହି ଚାଲିଲେ....''୧୯୧୯ ସାଲରେ ଏଇ ସାହେବମାନଙ୍କୁ ଧର ଅରେ ଗଢ଼ା ହୋଇଥିଲ ଉତ୍କଳ-ଟାନେଟ୍ସ-ଆଣ୍ଡ୍-ବୁଟ୍-ମାନୁଫାକ୍‌ଚରିଙ୍ଗ୍ କମ୍ପିଟେଡ୍ ! ତାର ବୋର୍ଡ ଅଫ୍ ଡ଼ିରେକ୍ଟର୍ସରେ ଥିଲେ ସି. ଏଫ୍. ଗ୍ରେଜର୍ସ, ଆର୍. ଇ. ବାରୁଲେ, ସି. ଡବ୍ଲ୍ୟୁ ଫୋଲେ, ଏ. ଇ. ମିଚେଲ୍, ଏଚ୍. ଗିଭନ୍-ଉଇଲସନ୍, ବି. ଇ. ଟି. ପୋଲ୍ଡର୍ଡ, ସି. ପି. ଇଭେନେଡ୍ ପ୍ରମୁଖ ଧୁରନ୍ଧର ଇଂରେଜ ବ୍ୟବସାୟୀ ଓ ସଲସିଟର୍ ମାନେ ! ମୋତେ ମାନେଜିଙ୍ଗ୍ ଡ଼ିରେକ୍ଟର୍ ପଦରେ ଗ୍ରହଣ କରବା ପାଇଁ ମଧ୍ୟ ସେମାନେ ଥିଲେ ପ୍ରସ୍ତୁତ ! କନ୍ଥା ସେମାନେ ସାଇଲକ୍‌ର ''ପାଉଣ୍ଡ୍ ଅଫ୍ ଫ୍ଲେଶ୍'' ପର ସେତେବେଳେ ଘୃଣିଲେ, କମ୍ପାନୀର ହେଡ୍-ଅଫିସ କଲ୍‌କତାକୁ ଉଠାଇ, ଏହାର ପରଘ୍ଟଳନା ନିଜ ଅକ୍ତିଆର୍‌ରେ ରଖିବା ପାଇଁ ! ମାନ ସେମାନଙ୍କ ଏ ପ୍ରସ୍ତାବରେ ମୁଁ ରାଜି ନହେବାରୁ କମ୍ପାନୀ ସେତେବେଳେ ରେଜଷ୍ଟାର୍ଡ ହୋଇ ସୁଦ୍ଧା ଛାଡ଼ି ଯାଇଥିଲ ! ଏବେ ଟାନେଟ୍ସ ଗୁଡ଼-ଉଇଲ, ସମାନ୍ୟ ପଚାଶ ହଜାର ଟଙ୍କା ରସ୍ୱାଲ୍‌ଟି ପାଇଁ ମୁଁ ବନ୍ଧୀ କର ଦଅନ୍ତି କପର ?''

ଏହାର ଉତ୍ତର ଦେବା ପାଇଁ ଗୋପୀ ମିଶ୍ରଙ୍କର କୌଣସି ବକ୍ତବ୍ୟ ନଥିଲ ! ଅସ୍ତ୍ରିକର ନୀରବତା ମଧ୍ୟରେ କେବଳ, ସେ ଟାନେଟ୍ସର ଆସନ୍ନ ଦୁର୍ଦ୍ଦିନ ଚନ୍ତା କରୁଥିଲେ ।

Digitized by srujanika@gmail.com

ମଧୁସୂଦନ ଅତ ମାନରେ, ମିଷ୍ଟର୍ ସ୍ମଲ୍‌ଲଣ୍ଡ୍‌ଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରଦେଲେ ସିନା; ମାତ୍ର ଏଣେ ଟାନେସ୍ସି ଅବସ୍ଥା ଦନୁଦନ ଦୁର୍ଗତ ହେବାରେ ଲଗିଥିଲ । ଆରମ୍ଭରେ ସେଇ ପ୍ରାପ୍ୟ ଦେଢ଼ଲକ୍ଷ ଟଙ୍କା ଶେଆର୍ ବଜୀ ପରେ, ଆଉ ଶେଆର୍ ବଜୀ ହୋଇ ପାରୁନଥିଲ । ମାତ୍ର ଜକସ୍ କମ୍ପାନୀ ଦେଣାର ଅର୍ଦ୍ଧାଂଶ ସୁଦ୍ଧା, ସେଥିରେ ପରଶୋଧ ହେବାର ସମ୍ଭାବନା ନଥିଲ । ଟାନେସ୍ସିକୁ ବଞ୍ଚାଇବା ପାଇଁ ମଧୁସୂଦନ କଂଗ୍ରେସର ଦ୍ୱାରସ୍ଥ ହେବା ବେଳେ ଆଣା କରଥିଲେ, ଟାନେସ୍ସି ପାଇଁ ମୂଲଧନ ଉଠାଇବାରେ କଂଗ୍ରେସ ଆନୁଷ୍ଠାନିକ ଭବରେ ହୁଏତ ସହାୟକ ହେବ । ମାତ୍ର ଆଶ୍ରମ ଚଲାଇବା ପାଇଁ, କଂଗ୍ରେସ ସେତେବେଳେ ପଞ୍ଚୁବର୍ଷି ଯୋଜନା ସଂଗ୍ରହରେ ବ୍ୟସ୍ତ । ନଜ ରକ୍ଷଣ ଅସମ୍ଭବ । ସେ ପରସ୍ଥିତିରେ ଟାନେସ୍ସିର ଶେଆର୍ ବଜୀ ପାଇଁ କଂଗ୍ରେସ ଠାରୁ ସର୍ବିସ୍ୱ ସହଯୋଗ ଆଣା କରବା ବଡ଼ମ୍ବନା । ସେଥିରେ ପୁଣି ମଧୁସୂଦନଙ୍କ ଟାନେସ୍ସି ସମ୍ବନ୍ଧ ପ୍ରାଦେଶିକ-କଂଗ୍ରେସର ସମ୍ପର୍କ ଘେନ, ସୃଷ୍ଟି ହୋଇଥିଲ ଅହେରୁକ ବାଦ ବସମ୍ବାଦ ! ଗୋଟିଏ ଗୋଷ୍ଠୀର କଂଗ୍ରେସକର୍ମୀ ସେମାନଙ୍କର ସରଳ ଚନ୍ତାରେ, କଂଗ୍ରେସ, ସତ୍ୟାଗ୍ରହ ଓ ସ୍ୱଜ ସମ୍ବନ୍ଧ ଟାନେସ୍ସି ପର ଏକ ବସ୍ତୁର ସପର୍କ କଲ୍ପନା କର ପାରୁ ନଥିଲେ ! ସ୍ୱଜ, ସେମାନଙ୍କ ଦୃଷ୍ଟିରେ ସେତେବେଳେ ଥିଲ ଏକ ଆବେଗିକ ଉଚ୍ଛ୍ୱାସ । ସ୍ୱଜର ଅର୍ଥନୈତିକ ଆଭିମୁଖ୍ୟ ଥିଲ, ସେମାନଙ୍କର ଚନ୍ତାର ବାହାରେ ! ସ୍ୱଦେଶୀ-ଶିଲ୍ପର ଭବନା ତ ଆଉର ଦୂରରେ ! ସେମାନଙ୍କ ମଧ୍ୟରୁ କେହି କେହି ପୁଣି ସତ୍ତ୍ୱ ଆପ୍ରେପ କରଥିଲେ—କଂଗ୍ରେସ ଯଦି ଟାନେସ୍ସି ସମ୍ବନ୍ଧ ଜଡ଼ତ ହେବ; ତାହେଲେ ସଂମାନ୍ୟ କଂଗ୍ରେସ-ନେତା ଗୋପବନ୍ଧୁ ଦାଶ ଟାନେସ୍ସି ପରସ୍ଥଳନାର ଦାସ୍ୱିତ୍ୱ ଗ୍ରହଣ କରନ୍ତୁ । ଗୋପବନ୍ଧୁ ଆଉ କୋତା କାରଖାନା !

ଟାନେସ୍ସିର କେତେଜଣ ଶୁଭ୍ରକାଂକ୍ଷୀ ମଧୁସୂଦନଙ୍କୁ ପରାମର୍ଶ ଦେଲେ, ପରସ୍ଥଳନା ଦାସ୍ୱିତ୍ୱ ଗୋପବନ୍ଧୁଙ୍କୁ ଅର୍ପଣ କରଦେବା ପାଇଁ । ମଧୁସୂଦନଙ୍କର ସେଥିରେ ମଧ୍ୟ ଆପତ୍ତି ନଥିଲ ! କନ୍ତୁ ସତ୍ୟାଗ୍ରହର ନେତୃତ୍ୱ ଆଉ ଟାନେସ୍ସି ପର ଏକ ଯୌଥ-କମ୍ପାନୀର ପରସ୍ଥଳନା ମଧ୍ୟରେ ଆକାଶ ପାତାଳ ପ୍ରଭେଦ ! ଗୋପବନ୍ଧୁଙ୍କ ପର ବ୍ୟବସାସ୍ୱ-ବୁଦ୍ଧି-ବର୍ଜିତ, ଜଣେ ଆଦର୍ଶବାଦୀ ଜନନେତା, ସଫଳ ଭବରେ ଟାନେସ୍ସିର ପରସ୍ଥଳନା ଦାସ୍ୱିତ୍ୱ ଯେ ବହନ କର ପାରବେ, ସେଥରେ ଥିଲ ମଧୁସୂଦନଙ୍କର ସନ୍ଦେହ । ପୁଣି ଯେଉଁମାନେ ଏ ପ୍ରକାର ପ୍ରସ୍ତାବ ଦେଇଥିଲେ ଯୌଥକମ୍ପାନୀର ପରସ୍ଥଳନା ସପର୍କରେ ସେମାନଙ୍କର ଧାରଣା ଇ ନଥିଲ । ପରସ୍ଥଳନା ଦାସ୍ୱିତ୍ୱ କାହାଠାରେ ନ୍ୟସ୍ତ ରହିବ, ତାହା ସ୍ଥିର କରବାର କ୍ଷମତା ମଧୁସୂଦନଙ୍କର ନାହିଁ । ଶେଆର୍ ହୋଲଡ଼ର୍‌ମାନେ କେବଳ ସେ ସମ୍ପର୍କରେ ନଷ୍ପତ୍ତି ନେଇ ପାରବେ । ସେଥିପାଇଁ ସେମାନେ ଯଦି ଗୋପବନ୍ଧୁଙ୍କୁ ମନୋନୀତ କରନ୍ତି, ତାହେଲେ ମଧୁସୂଦନ ତାହାକୁ ସ୍ୱାଗତ କରବେ ! କନ୍ତୁ ଗୋପବନ୍ଧୁଙ୍କୁ ପରସ୍ଥଳନାର ଦାସ୍ୱିତ୍ୱ ଦେଇ ଦେଲେ, ଟାନେସ୍ସି ଅବସ୍ଥା ସୁଧୁରିଯିବ ନାହିଁ, ଟାନେସ୍ସିକୁ ବଞ୍ଚାଇବା ପାଇଁ ଆବଶ୍ୟକ ପାଣ୍ଠି ! ଶେଆର୍-ବଜୀ ଦ୍ୱାରା ତାହା କେବଳ ସମ୍ଭବ

Digitized by srujanika@gmail.com

ହୋଇ ପାରବ । ଶେଆର୍ କଣିବାର ଶକ୍ତ ପୁଣି, ଗାଁ ଗହଳର ସ୍ତ୍ରୀ ମନୁଷ୍ୟଆଙ୍କଠାରେ ନାହିଁ । ଧମାଲେକେ ହିଁ କେବଳ ଶେଆର୍ କଣି ପାରବେ । ଏହା ଉଦ୍ଦେଶ୍ୟରେ ମଧୁସୂଦନ ଏକ ବବୃତ୍ତି ପ୍ରସଙ୍ଗରେ ଲେଖିଥିଲେ;

"× × × ବର୍ତ୍ତମାନ ୫୦ ହଜାର ଶେଆର୍ ବନ୍ଦୀ ନହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ପାରେ ନାହିଁ । ଏ ଅଂଶମାନ ଶୀଘ୍ର ବନ୍ଦସ୍ତ ନହେଲେ ବର୍ତ୍ତମାନ ଡାଇରେକ୍ଟର ମାନେ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବେ ଯେ, କମ୍ପାନୀ ଆଇନାନୁସାରେ ଗଠିତ ହୋଇ ପାରିଲା ନାହିଁ; ଅତଏବ ଆମ୍ଭେମାନେ ବ୍ୟାଙ୍କ୍‌ରେ ଅମାନତ୍ ଥିବା ୫ଙ୍କା ଦରଖାସ୍ତକାରୀମାନଙ୍କୁ ଫେରାଇବା ନମନ୍ତେ ଆଦେଶ ଦେଲୁ ଏବଂ ଯେଉଁମାନେ ୫ଙ୍କା ଜମା ଦେଇଥିଲେ ସେମାନଙ୍କୁ ୫ଙ୍କା ଫେରସ୍ତ ଦେବା ନମନ୍ତେ ନୋଟିସ୍ ଦେଲୁ । ଏ କାର୍ଯ୍ୟ ଯେପରି ଅଳ୍ପ ସମୟ ମଧ୍ୟରେ ହୋଇପାରେ, ନମ୍ନରେ ବାଖ୍ୟା କଲ୍ :—

୫୦ ଜଣ ଧନୀ, ଯେ ପ୍ରତ୍ୟେକେ ଆଠହଜାର ୫ଙ୍କା ଦେଇ ପାରନ୍ତି, ସେମାନେ ପ୍ରତ୍ୟେକେ ହଜାରେ ଅଂଶ ବନ୍ଦସ୍ତ କରନ୍ତୁ । ଏ ହଜାରେ ଅଂଶ ମଧ୍ୟରୁ ଯାହା ସେମାନେ ନଜେ ରଖିବାକୁ ନ ଗ୍ରହାନ୍ତି, ତାହା ଆପଣାର ବନ୍ଧୁ ବାନ୍ଧବମାନଙ୍କୁ ପଶ୍ଚାତ୍ ବନ୍ଦସ୍ତ କରି ପାରନ୍ତି । ମୁଁ ବଶ୍ୱାସ କରେ ଆଠ ହଜାର ୫ଙ୍କା ଦେବାର ଶକ୍ତ ଅଛୁ, ଏ ପ୍ରକାର ୫୦ ଜଣ ଲୋକ ଓଡ଼ଶାରେ ଅଛନ୍ତି ଏବଂ ସେମାନେ ଇଚ୍ଛା କଲେ ସମସ୍ତ ଅଂଶ ଆଠ ଦନ ମଧ୍ୟରେ ବନ୍ଦସ୍ତ ହୋଇପାରେ । ଏ ପ୍ରକାର ଲୋକମାନଙ୍କର କେବଳ ସନ୍ଦେହ—ଆଠ ହଜାର ୫ଙ୍କା ମୋର ବୁଡ଼ିଯିବ କ ନା ? କନ୍ତୁ ଏ ସମ୍ବନ୍ଧରେ ଡାଙ୍କର ସ୍ମରଣ ରଖିବା ଉଚତ, ସେମାନଙ୍କର ନଜ ହସ୍ତରେ ପଶଗ୍ଭଲନାର ଭର ନ୍ୟସ୍ତ ହେଲ୍ଲ । ସେମାନେ ଆପଣା ମଧ୍ୟରେ ଡାଇରେକ୍ଟର ଇତ୍ୟାଦ ନଯୁକ୍ତ କର ପାରନ୍ତି କମ୍ବା ବାହାରର ଲୋକ ନଯୁକ୍ତ କର ପାରନ୍ତି । ମୁଁ ଜାଣେ ଯେ ମକଦମା ଚଲାଇବା ନମନ୍ତେ ଲୋକେ ମୁରବ୍ବିଙ୍କ କର ଲକ୍ଷ ଲକ୍ଷ ୫ଙ୍କା ଖରଚ କରି ଅଛନ୍ତି । ଏପରି ସ୍ଥଳେ ସେମାନେ କ କାରଣରୁ ୫ଙ୍କା ଦଅନ୍ତି, ତାହା ବୁଝାଯାଏ ନାହିଁ । ରୋଟିଏ ସମ୍ପତ୍ତିକୁ ଯେ ସମ୍ପତ୍ତିର ମାଲକ ଏକ ଜଣକୁ ବନ୍ଦସ୍ତ କରି, ଜବଲ୍ଲ ଲେଖିଦେଇ, ପୁନଶ୍ଚ ସେହ ସମ୍ପତ୍ତି ଅନ୍ୟ ଜଣକୁ ବନ୍ଦୀ କରବାକୁ ପ୍ରସ୍ତୁତ ହେଲେ, ସେଥିରେ ମଧ୍ୟ ଲୋକେ ୫ଙ୍କା ଦେଇ ଅଛନ୍ତି । ସାଧାରଣତଃ ଲୋକଙ୍କର ବଶ୍ୱାସ ଯେ, କୋର୍ଟ-ଅଫ୍-ଓ୍ୱାର୍ଡସରେ ସମ୍ପତ୍ତି ରହିଲେ, ଉତ୍ତମ ପ୍ରଣାଳୀରେ ପରଗ୍ଭଲନା ହବ ଏବଂ ଜମିଦାରଙ୍କ ମୁନାଫାରୁ ୫ଙ୍କା ଜମା ହବ । ମୁଁ ଜାଣେ ଏହି ଓଡ଼ଶାରେ ଅନେକ ଜମିଦାରଙ୍କର ଫତତ ଧନରେ କୋର୍ଟ-ଆଫ୍-ଓ୍ୱାର୍ଡ଼ସ, କମ୍ପାନୀ—କାଗଜ କଣିଥିଲେ । କେହି କେହି ଲକ୍ଷ ଲକ୍ଷ ୫ଙ୍କାର କମ୍ପାନୀ—କାଗଜ କୋର୍ଟ-ଅଫ୍-ଓ୍ୱାର୍ଡ଼ସ ହାତରୁ ପାଇଥିଲେ । ବର୍ତ୍ତମାନ ଲକ୍ଷେ ୫ଙ୍କାର କାଗଜର ମୂଲ୍ୟ ଷାଠିଏ ହଜାରରୁ ଅଧିକ ନୁହେଁ—ଏକ ସମୟରେ (ଏହା) ପଘ୍ଭଶ ହଜାର ହୋଇ ଯାଇଥିଲ୍ଲ । ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ୧୫ କୋଟି କରଜ କରବା ନମନ୍ତେ ପ୍ରସ୍ତୁତ ହୋଇ ବଜ୍ଞପନ ଦେଇଛନ୍ତି । ମୁଁ ନଶ୍ଚୟ ଜାଣେ ଯେ ଏ ୫ଙ୍କା ସମସ୍ତ ସାଧାରଣ ଲୋକ ଦେଇ କମ୍ପାନୀ-କାଗଜ କଣିବେ । ଏ ୫ଙ୍କା ଓ ଏହାର ସୁଧ ଦେବ କିଏ ? ଲୋକଙ୍କଠାରୁ

Digitized by srujanika@gmail.com

ଆଦାୟ କର ଗଭର୍ଣ୍ଣମେଣ୍ଟ ସୁଧ ଦେବେ ଏବଂ ଅବଶେଷରେ ଅସଲ ପରିଶୋଧ କରିବେ । ଏଥିରେ ଲୋକଙ୍କ ବିଶ୍ୱାସ ପାଉଛୁ, କିନ୍ତୁ ଆଠ ହଜାର ଟଙ୍କା ଦେଇ ନିଜ ହାତରେ ସେ ଟଙ୍କା ବ୍ୟବହାର କରିବାର କ୍ଷମତା ଥିଲେ ମଧ୍ୟ ଅବିଶ୍ୱାସ ହେଉଛୁ । ନିଜ ପ୍ରତି ଯାହାର ଅବିଶ୍ୱାସ ତାହାର ଅନ୍ୟ କାହା ପ୍ରତି ବିଶ୍ୱାସ ହେବାର ସମ୍ଭବ କୁହେଁ !"

ଟାନେସ୍ସର ଶେଆର୍ କଣି, ଏହି ସ୍ୱଦେଶୀ ପ୍ରତିଷ୍ଠାନକୁ ବଞ୍ଚାଇବା ପାଇଁ ମଧୁସୂଦନଙ୍କ ଏହି ବିବୃତ୍ତିରେ ଥିଲା ବ୍ୟାକୁଳ ନିବେଦନ ! ମଧୁସୂଦନ ଇଚ୍ଛା କରିଥିଲେ, ଟାନେସ୍ସର ଗୁଡ୍-ଇଲ୍ ଡ୍ରାଇଟ୍ଓ୍ୱେ-ଲେଡ୍ଲ୍ କମ୍ପାନୀକୁ ବନ୍ଦୀ କରି ଦେଇ, ଅଜ୍ଞେଣରେ ଏହାକୁ ବଞ୍ଚାଇ ପାରିଥାନ୍ତେ ! ମାନ୍ଦ ଓଡ଼ିଶାର "ମୁଣ୍ଡ ନ ବିକ" ଓଡ଼ିଆ କାରିଗରମାନଙ୍କର ଇଜ୍ଜତ ରକ୍ଷା ପାଇଁ, ମଧୁସୂଦନ ଡ୍ରାଇଟ୍ଓ୍ୱେ-ଲେଡ୍ଲ୍ କମ୍ପାନୀର ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଦେଲେ । ଯେଉଁ ଓଡ଼ିଶାର ମାନରକ୍ଷା ପାଇଁ ମଧୁସୂଦନ ଅବଲୀଳା କ୍ରମେ ଏ ତ୍ୟାଗ ସ୍ୱୀକାର କଲେ, ଏବେ ଟାନେସ୍ସର ଅସ୍ତିତ୍ୱ ରକ୍ଷା ପାଇଁ ସେ ଆଶା କରୁଥିଲେ ସେହି ଓଡ଼ିଶାର ଜନସାଧାରଣଙ୍କ ଠାରୁ ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ।

କିନ୍ତୁ ଓଡ଼ିଶାବାସୀଙ୍କ ପ୍ରାଣରେ ମଧୁସୂଦନଙ୍କ ନିବେଦନ କ୍ଷୀଣତମ ରେଖାପାତ ସୁଦ୍ଧା କରି ପାରି ନଥିଲା ।

ଆରପକ୍ଷରେ କଂଗ୍ରେସର ଗୋଟିଏ ଗୋଷ୍ଠୀ ମଧୁସୂଦନଙ୍କ ବ୍ୟକ୍ତିଗତ ତଥା ରାଜନୈତିକ ଜୀବନର ନାନା ଉକ୍ତ ସମାଲୋଚନାରେ ହୋଇ ଉଠିଥିଲେ ଶତମୁଖ ! ଟାନେସ୍ସି ସେମାନଙ୍କ ଦୃଷ୍ଟିରେ ଥିଲା ଯେପରି ବ୍ରିଟିଶ-ଉପନିବେଶବାଦର ସଙ୍କେତ ! ଟାନେସ୍ସର ଅଂଶ ବା ଶେଆର୍ ଜନସାଧାରଣଙ୍କ ମଧ୍ୟରେ ଯେପରି ବିତରି ନଦୁଏ ବା ଲୋକେ ତାହା ଯେପରି ନ କିଣନ୍ତି, ସେଥିପ୍ରତି ସେମାନେ ବରଂ ଥିଲେ ଅଧିକତର ସଚେଷ୍ଟ । କର୍ମୀସ୍ତରରେ ଏ ପ୍ରକାର ଆତ୍ମମୁଖ୍ୟ ପ୍ରକାଶ ପାଇଥିଲେ ହେଁ; କଂଗ୍ରେସର ନେତୃମଣ୍ଡଳୀ କିନ୍ତୁ ଟାନେସ୍ସି ପ୍ରତି ସହାନୁଭୂତିସମ୍ପନ୍ନ ରହିଥିଲେ । ଆଗ୍ରଫ୍ ହରିହର ଦାଶ, ଏ ପ୍ରକାର ସମାଲୋଚକମାନଙ୍କୁ ଉତ୍ତର ଦେଇ ସେତେବେଳେ "ସମାଜ"ର ସମ୍ପାଦକୀୟ ସ୍ତମ୍ଭରେ ଲେଖିଥିଲେ;

"ଜଗତସିଂହପୁର ଅଲକାଶ୍ରମର ଶ୍ରୀ ପ୍ରାଣକୃଷ୍ଣ ପଡ଼ିହାସ୍ତ ମଧୁବାବୁ ଓ ଉତ୍କଳ-ଟାନେସ୍ସି ବିଷୟରେ ଗୋଟିଏ ବଡ଼ ପ୍ରବନ୍ଧ ଲେଖି ପଠାଇଛନ୍ତି । ସେ ମଧୁବାବୁଙ୍କ ଜୀବନର ବହୁ ଦୋଷର ସମାଲୋଚନା କରି କହିଛନ୍ତି କି—ମଧୁବାବୁ ଅରଟ କରି, ସୂତାକାଟ ପ୍ରଭୃତି କହିଲେ ପୁରା ଓଡ଼ିଶାର ଲୋକେ ଶୁଣି ନଥିଲେ । କିନ୍ତୁ ମହାତ୍ମା ଗାନ୍ଧୀ କହିବାରୁ ଲୋକେ ତାହା କରୁଛନ୍ତି ଓ ଏଣିକି ବେଶୀ କରିବେ । ଏଥିରୁ ଜଣାଯାଉଛୁ ମଧୁବାବୁଙ୍କ କଥା ପ୍ରତି ଓଡ଼ିଶା ଲୋକଙ୍କର ଆସ୍ଥା ନାହିଁ । ମଧୁବାବୁ ମନ୍ତ୍ରୀ ପଦକୁ ଗ୍ରହଣ କଲେ; ଏହି ମନ୍ତ୍ରୀପଦ ପାଇ ପୁଲିଶ ରେଜେଟରେ ନିଜର ପ୍ରଶଂସା ଗାଇଲେ । କିନ୍ତୁ କୋଲମାଲ ବେଳେ ସେ କିଛି କହିଲେ ନାହିଁ । ଏବେ କାଉନସିଲ୍‌ରେ ମେମ୍ବର ଥାଇ ସେ କିଛି କରୁନାହାନ୍ତି; ବର୍ତ୍ତମାନର

Digitized by srujanika@gmail.com

କନକା ଗ୍ରଜାଙ୍କୁ ସେ ଗଢ଼ିଛନ୍ତି; ଓଡ଼ିଶାରେ ଦମନନୀତ ଚଳୁଥିବା ବେଳେ ସେ ତାହାର ପ୍ରତିକାର କଣ ନାହାନ୍ତି, ସରକାରଙ୍କୁ ଏ ଦେଶରେ ଚିରକାଳ ରଖିବା ପାଇଁ ସେ ମୂଳଦୁଆରେ ମାଟି ପକାଇଛନ୍ତି, ଇତ୍ୟାଦି ।"

"ଏହାଛଡ଼ା ପଣ୍ଡିତ ଗୋପବନ୍ଧୁ ଦାଶ, ନୀଳକଣ୍ଠ ଦାଶ, ବାବୁ ଗୋପବନ୍ଧୁ ଗ୍ରୌଧୁଘ୍ନ, ଭାଗିରଥୀ ମହାପାତ୍ର, ସଦୁମଣି ମଙ୍ଗରାଜ, ବାବାଜୀ ରାମଦାସ ପ୍ରଭୃତି କଂଗ୍ରେସ କର୍ମୀମାନେ ଷ୍ଟାନେସ୍ତ କାର୍ଯ୍ୟରେ ସାହାଯ୍ୟ କରୁଥିବାରୁ ସେ ଲେଖିଛନ୍ତି..."ମଧୁବାବୁ ପ୍ରାଦେଶିକ କଂଗ୍ରେସ ସମ୍ମିଳନୀକୁ ପାଞ୍ଚ ଟଙ୍କା ଗୁଣ୍ଡା ଦେଇ କଂଗ୍ରେସର ଉଦ୍ଦେଶ୍ୟ ଗ୍ରହଣ କଲ, ଦୁଇ ଦିନ ଖଦଡ଼ ପିନ୍ଧିଲେ ବୋଲ ଏମାନେ ମଧୁବାବୁଙ୍କ ଭକ୍ତ ହୋଇ ପଡ଼ ଉତ୍କଳ-ଷ୍ଟାନେସ୍ତ ବିଷୟରେ ଗୋଟିଏ ପ୍ରସ୍ତାବ ସମ୍ମିଳନୀରେ ପାସ୍ କରାଇନେଲେ । ଏହାଦ୍ୱାରା ଆମ ଜାତର ନୈତିକ ଜୀବନରେ କଛ କ୍ଷତି ହେଉନାହିଁ କ ? ଏମାନେ ବର୍ତ୍ତମାନ ଉତ୍କଳ-ଷ୍ଟାନେସ୍ତର ଅଂଶ ବନ୍ଧୁତ୍ୱର ଚେଷ୍ଟା କରୁଅଛନ୍ତି । ମୁଁ ସେହିମାନଙ୍କୁ ପଗ୍ଭରୁଛୁ ଉତ୍କଳ-ଷ୍ଟାନେସ୍ତ ଉପରେ ବର୍ତ୍ତମାନ ଲୋକମାନଙ୍କର ବଶ୍ୱାସ ଜନ୍ମିଲଣି, ନାଁ ଲୋକମାନେ ଆପଣଙ୍କୁ ଗାନ୍ଧିଙ୍କ ପକ୍ଷର ଲୋକ ବୋଲ ବଶ୍ୱାସ କରୁଥିବାରୁ, ଆପଣମାନେ ତାଙ୍କ ଉପରେ ଏହା ଜବରଦସ୍ତ କରୁଅଛନ୍ତି ? ଆଉ ମଧ ଷ୍ଟାନେସ୍ତ ଦ୍ୱାରା ଓଡ଼ଆ ଜାତର ଅର୍ଥ (ନୈତିକ) ସମସ୍ୟା ପୂହିବାର ବଶ୍ୱାସ କଣ, ନାଁ ମଧୁବାବୁଙ୍କ ମୋହନ କଥାରେ ପଡ଼ ଆପଣମାନେ ଷ୍ଟାନେସ୍ତର ଅଂଶ ବନ୍ଧୁତ୍ୱ ନମିତ୍ତ ଚେଷ୍ଟା କରୁଅଛନ୍ତି ? ଏହାଦ୍ୱାରା କେତେକ ପଇସାବାଲାଙ୍କର ଉପକାର ହେବା ଛଡ଼ା ଦେଶର ଦରଦ୍ର ଜନସାଧାରଣଙ୍କର କଛ ଉପକାର ହେବ ବୋଲ ଆପଣମାନେ ବଶ୍ୱାସ କରୁଅଛନ୍ତି କ ? ଆପଣମାନଙ୍କ ମାଠ ସହଜ ଏହା ଖାପ୍ ଖାଉଅଛୁ କ ? ଯଦି ତା ନ ହୁଏ ତେବେ ତାହା ପାଇଁ କାମଧେନୁ ଉତ୍କଳର ଦରଦ୍ର ଓ ମଧ୍ୟବର୍ତ୍ତ ଜନସାଧାରଣକୁ ଦୂହିବା ପାଇଁ ଆପଣମାନେ ବ୍ୟସ୍ତ କାହିଁକ ?

"ପତ୍ରିକାସ୍ତଙ୍କର ଏ ସମାଲୋଚନା ପତ୍ରିକାରେ ସ୍ଥାନ ଦେଇ ସେ ବିଷୟରେ ବାରମ୍ବାର ଲେଖାଲେଖି ଘୃଣ୍ୟ ଆତ୍ମମାନଙ୍କର ମତ ନୁହେଁ । ସେ ମଧୁବାବୁଙ୍କୁ ବ୍ୟକ୍ତିଗତ ଭାବରେ ଅନେକ ଦୋଷ ଦେଇଛନ୍ତି । ମଧୁବାବୁଙ୍କଠାରେ ଲୋକଙ୍କର ବଶ୍ୱାସ ଅଛୁ କି ନାହିଁ, ସେ କାଉନସିଲ୍‌ରେ ଥାଇ ଲୋକପ୍ରତିନଧି ଭାବରେ ତାଙ୍କର କର୍ତ୍ତବ୍ୟ କରଛନ୍ତି କ ନାହିଁ; ଏ ବିଷୟରେ ସମାଲୋଚନା କରବାର ବର୍ତ୍ତମାନ ସମସ୍ୟ ନୁହେଁ । ମଧୁବାବୁ ଯେ ଓଡ଼ିଶା ପକାଶେ ଅନେକ କାର୍ଯ୍ୟ କରଛନ୍ତି, ଏହା ଅସ୍ୱୀକାର କରିଯାଇ ନପାରେ; ଇତ୍ୟାଦି ।"*

ସ୍ୱୟଂ ଗୋପବନ୍ଧୁ ମଧ ଏକ ସ୍ୱାକ୍ଷରିତ ବବୃତ୍ତିରେ ଲେଖିଥିଲେ :—

"ଉତ୍କଳ-ଷ୍ଟାନେସ୍ତ ଓଡ଼ିଶାରେ ଏକ ବଡ଼ କାର୍ଯ୍ୟ । ଆଜିକାଲି ଅନେକ ଲୋକଙ୍କ ମନ ବ୍ୟବସାସ୍ତ ଆଡ଼କୁ ଘୂଲୁଛୁ ସତ; ମାତ୍ର ଯେ ବ୍ୟବସାସ୍ତରେ ଦେଶର ବହୁ ଫଙ୍ଗ୍ୟକ ଲୋକଙ୍କର ଜୀବକାନବାହ ହେବ, ଦେଶର ଲୋକେ ଦେଶରେ ରହିବେ ଏବଂ ଦେଶର

* "ସମାଜ"—ତା ୨ । ୮ । ୧୨୨୪ ଶକ

Digitized by srujanika@gmail.com

ଶିଳ୍ପ ଉନ୍ନତ ହେବା ସଙ୍ଗେ ସଙ୍ଗେ ବଦେଶର ଧନ ଦେଶକୁ ଆସିବ, ସେପଣ ବ୍ୟବସାୟରେ ଅତ ଅଳ୍ପ ଲୋକ ଉଦ୍ୟମୀ ହେବାର ଦେଖାଯାଏ । ଉତ୍କଳ-ଟାନେଷ୍ଟ ଦ୍ୱାରା ଦେଶର ଶ୍ରେୟ ସାଧତ ହେବ । ମଧୁବାବୁ ବହୁ ଅର୍ଥ, ସମୟ ଓ ଶକ୍ତି ବ୍ୟୟ କରି ଉତ୍କଳ-ଟାନେଷ୍ଟକୁ ଦେଶ ବଦେଶରେ ବଖ୍ୟାତ କରାଇଛନ୍ତି । ଏହା ଓଡ଼ିଶା ପକ୍ଷେ ଏକ ଗୌରବ । ଓଡ଼ିଶାର ବୁଦ୍ଧିବା ସୁଦ୍ଧିବା ଲୋକେ ଟାନେଷ୍ଟକୁ ଓଡ଼ିଶା ଲୋକଙ୍କ ହାତରେ ରଖିବାକୁ ଗୁହିଁବେ, ସନ୍ଦେହ ନାହିଁ । ଏହା ମୋର ଏକାନ୍ତ ଇଚ୍ଛା । ଉତ୍କଳ-ଟାନେଷ୍ଟ ବଦେଶୀ ବ୍ୟବସାୟୀଙ୍କ ହାତକୁ ଯିବା, ଉତ୍କଳବାସୀଙ୍କ ପକ୍ଷରେ ବଡ଼ ନନ୍ଦାର ବଷୟ ହେବ । ତେଣୁ ପ୍ରସ୍ତାବିତ ଉତ୍କଳ-ଟାନେଷ୍ଟ କମ୍ପାନୀରେ ଅଂଶ ନେବା ଲାଗି ମୁଁ ପ୍ରତ୍ୟେକ ଉତ୍କଳବାସୀଙ୍କୁ ଅନୁରୋଧ କରୁଅଛୁ । ଏଥିମଧ୍ୟରେ ମୁଁ ଯେଉଁ ମାନଙ୍କୁ କହିଅଛୁ, ତାଙ୍କ ମଧ୍ୟରୁ ଅନେକେ ଟାନେଷ୍ଟର ପରଗୃଲନାରେ ମୋର ସମ୍ପର୍କ ରହିବା ଗୁହାନ୍ତି । ମାତ୍ର ବର୍ତ୍ତମାନ ମୁଁ ନାନା କାର୍ଯ୍ୟରେ ବ୍ୟସ୍ତ । ଏଣୁ ଟାନେଷ୍ଟ ଲାଗି ଯାହା କରିବାର ଇଚ୍ଛା ତାହା କରି ପାରୁ ନାହିଁ । ନିର୍ଦ୍ଦିଷ୍ଟ ସଂଖ୍ୟକ ଅଂଶ ଉଠିବା ପରେ ଟାନେଷ୍ଟ ପରଗୃଲନାରେ ମୋର ସମ୍ପର୍କ ରହିବା ସହ ଅଂଶୀଦାରମାନେ ଗୁହାନ୍ତି ତାହାହେଲେ ସେମାନଙ୍କ ଇଚ୍ଛା ଅନୁଯାୟୀ ଯେ କୌଣସି କାର୍ଯ୍ୟଭାର ନେବା ନମନ୍ତେ ମୁଁ ପ୍ରସ୍ତୁତ ଅଛୁ ।"

ଗୋପବନ୍ଧୁଙ୍କ ନବେଦନ ଓ "ସମାଜ"ର ସମ୍ପାଦକୀୟ ଅଗ୍ରଲେଖା ସତ୍ତେ, କଂଗ୍ରେସର ସାଧାରଣ ଗ୍ରାମ୍ୟ କର୍ମୀମାନଙ୍କ ସ୍ତରରେ, ଉତ୍କଳ-ଟାନେଷ୍ଟକୁ କେନ୍ଦ୍ର କରି ଯେଉଁ ଅହେତୁକ ବାଦ ବସମ୍ବାଦ ସୃଷ୍ଟି ହୋଇଥିଲା, ତା ଫଳରେ ଓଡ଼ିଶାରେ ଟାନେଷ୍ଟର ଅଂଶ ବନ୍ଧୁ ଆଦ୍ଦ ଅଗ୍ରଗତ କରି ପାର ନଥିଲା । କଂଗ୍ରେସର ନେତୃବୃନ୍ଦ ଇଚ୍ଛା କରିଥିଲେ, ଟାନେଷ୍ଟ ପାଇଁ ଅନେକ କଛୁ କରି ପାରିଥାନ୍ତେ, ଏଥିରେ ସନ୍ଦେହ ନାହିଁ । ମାତ୍ର ସେମାନଙ୍କର ସେଥିରେ ତ୍ରୁଟତ ସେପରି ଗୁରୁତ୍ୱ ପ୍ରତ୍ୟୁତ୍ପନ୍ନ ନଥିଲା । ଏ ପରସ୍ଥିତିରେ ଟାନେଷ୍ଟର ଅବସ୍ଥା ଦିନୁଦିନ ସଙ୍କଟାପନ୍ନ ହେବାରେ ଲାଗିଥିଲା । ବହୁ ଚେଷ୍ଟାରେ ଯେଉଁ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଅଂଶ ବନ୍ଧୁ ବାବଦକୁ ଉଠିଥିଲା; କଳସ୍ କମ୍ପାନୀକୁ ପରଶୋଧ ଦଆଯିବା ପରେ ସୁଦ୍ଧା, ଆଦ୍ଦର ପ୍ରାୟ ଲକ୍ଷେ ପନ୍ଦର ହଜାର ନଅଶହ ଚଉଦ ଟଙ୍କା ପଇଁତିଶ ପଇସା ଋଣ ବାବଦକୁ ଅବଶିଷ୍ଟ ରହିଥିଲା । ଏହାର ଆଦାୟ ପାଇଁ ଟାନେଷ୍ଟ କେତେବେଳେ ଯେ ନଲ୍ମରେ ଉଠିବ, ତାହାର କୌଣସି ସ୍ଥିରତା ନଥିଲା !

ଏଣେ ଭୋଲମିଆଁ ବଜାରରେ ତାଙ୍କର ଦ୍ୱିତଳ ବାସଗୃହ ଓ କଟକ ସହରରେ ଥିବା ଅନ୍ୟାନ୍ୟ ଭୂସମ୍ପତ୍ତି ଉପରେ ଦେଣାଦାରମାନଙ୍କର ଡ଼ିଗ୍ରୀଜାରି-ପରୱାନା ଜାରି ହେବାର ସମ୍ଭାବନା ଦିନୁ ଦିନ ସ୍ପଷ୍ଟ ହୋଇ ଉଠୁଥିଲା । ପାରଳାଖେମଣ୍ଡୀର ରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କଠାରୁ ଆରମ୍ଭ କରି, ବହୁଗ୍ରାମର ନନ୍ଦକୁମାର ଏଷ୍ଟେଟ୍ ପର୍ଯ୍ୟନ୍ତ ଦେଣାଦାରମାନଙ୍କର ସଂଖ୍ୟା ଥିଲା ଏକାଧିକ ! ଋଣ ପରଶୋଧ ପାଇଁ ସେମାନଙ୍କର ଭାଉଦା ଓ ଓକିଲ-ନୋଟିସ୍ ଶତ ବୃଶ୍ଚିକ ଦଂଶନରେ ମଧୁସୂଦନଙ୍କ ପ୍ରତିଟି ମୁହୂର୍ତ୍ତକୁ ଅକଥନୀୟ ଜ୍ୱାଳାରେ ଅସହ୍ୟ ପୂର୍ଣ୍ଣ କରି ଦେଇଥିଲା ।

Digitized by srujanika@gmail.com

ସ୍ତ୍ରୀକୃତ ନୈଘୃଣ୍ୟ ଓ ସଙ୍କଟ ମଧ୍ୟରେ ସୁଦ୍ଧା, ଟାନେଙ୍କୁ ରକ୍ଷା କରିବାର ସକଳ ମଧୁସୂଦନ ଚଥାପି ହୃତ୍ତି ନଥିଲେ । ଅବଶେଷରେ ଏହି ଉଦ୍ଦେଶ୍ୟରେ ସେ ମହାତ୍ମା ଗାନ୍ଧୀଙ୍କ ପୃଷ୍ଠପୋଷକତା ଓ ଆଶୀର୍ବାଦ ପାଇଁ ତାଙ୍କର ଦ୍ୱାରସ୍ଥ ସୁଦ୍ଧା ହୋଇଥିଲେ । ମହାତ୍ମା ଗାନ୍ଧୀଙ୍କ ଗୋରକ୍ଷା-ଆନ୍ଦୋଳନ ସହିତ ଟାନେଙ୍କର ଏକ ପ୍ରତ୍ୟକ୍ଷ ସମ୍ପର୍କ ରହିଥିଲା । ଉତ୍କଳ-ଟାନେଙ୍କରେ କଟା ଗୋରୁ ଗୁଲ ପରିବର୍ତ୍ତେ ମଲା ଗୋରୁ ଗୁଲରୁ ଉନ୍ନତ ଚମଡା ପ୍ରସ୍ତୁତ କରିଯାଇ ପାରୁଥିବାରୁ, ଟାନେଙ୍କ ଗୋରକ୍ଷା-ଆନ୍ଦୋଳନ ପକ୍ଷରେ ଗୋଟିଏ ଦୃଷ୍ଟିରୁ ସହାୟକ ଥିଲା । ବସ୍ତୁତଃ ମହାତ୍ମା ଗାନ୍ଧୀ ଏ ଅନୁଶୀଳନ ଆରମ୍ଭ କରିବାର ବହୁ ପୂର୍ବରୁ ମଧୁସୂଦନ ଉତ୍କଳ-ଟାନେଙ୍କରେ ତାହା ଆରମ୍ଭ କରି ସାରିଥିଲେ । ଅକୁଣ୍ଠିତ ଚିତ୍ତରେ ଏହା ସ୍ୱୀକାର କରି, ମହାତ୍ମା ଗାନ୍ଧୀ ୧୯୨୭ ସାଲ ନଭେମ୍ବର ମାସର "ୟଙ୍ଗ୍ ଇଣ୍ଡିଆ"ରେ ଲେଖିଥିଲେ···

"× × × ଟାନେଙ୍କ ବିଶେଷଜ୍ଞମାନେ ମୋତେ କହିଛନ୍ତି ଯେ କଟା ଗୋରୁ ଗୁଲରୁ ଯେପରି ସୁନ୍ଦର ଚମଡ଼ା ପ୍ରସ୍ତୁତ ହୁଏ, ମଲା ଗୋରୁ ଗୁଲରୁ ମଧ୍ୟ ସେହିପରି ହୋଇପାରିବ । × × କଟକରେ ଶ୍ରୀ ମଧୁସୂଦନ ଦାସ ବହୁ ବର୍ଷ ହେଲା ଏହା କରିଇଛନ୍ତି ଓ ମୋତେ କହିଛନ୍ତି ଯେ ଏହା, ସଫଳ ହୋଇଛି । କଲିକତାରେ ସରକାରଙ୍କ ଗବେଷଣା କେନ୍ଦ୍ର ମଧ୍ୟ ଏ ପ୍ରକାର ପରୀକ୍ଷା ଚଳାଇଛନ୍ତି ।"

ମହାତ୍ମା ଗାନ୍ଧୀଙ୍କ ଏକ ପ୍ରିୟ କାର୍ଯ୍ୟକ୍ରମ ସହିତ, ଉତ୍କଳ-ଟାନେଙ୍କର ପ୍ରତ୍ୟକ୍ଷ ସମ୍ପର୍କ ଦୃଷ୍ଟିରୁ ସେ ଏହାର ସ୍ଥାସ୍ଥିତ୍ୱ ସମ୍ପର୍କରେ ଆଗ୍ରହାନ୍ୱିତ ହୋଇଥିବା ସ୍ୱାଭାବିକ । ଏହି ଉଦ୍ଦେଶ୍ୟରେ କେବଳ, ମଧୁସୂଦନଙ୍କ ଅନୁରୋଧ କ୍ରମେ, ୧୯୨୫ ସାଲ ଅଗଷ୍ଟ ମାସରେ ମହାତ୍ମା ଗାନ୍ଧୀ କଟକ ଆଗମନ କରିଥିବା, ମଧୁସୂଦନଙ୍କୁ ଲିଖିତ ନିମ୍ନୋକ୍ତ ପତ୍ରରୁ ସ୍ପଷ୍ଟ ହେବ ।

148, Russa Road
Calcutta
12-8-25

Dear friend,

I have your prompt reply to my wire. I have been constantly thinking of you. But till I was in Jamshedpur I could not make up my mind to pay a special visit to Cuttack merely to see your undertaking. Having, however, gone to Jamshedpur my conscience pricked me and told me that I must likewise go to Cuttack and

Digitized by srujanika@gmail.com

see your tannery. I leave on Tuesday by the Puri Express—is it not ? It reaches Cuttack. I understand 4' O'clock in the morning. I shall stay two days, I know you can not keep my visit secret, but I do not want a burdensome programme. I want thoroughly to study the Tannery and your requirements, and discover whether I can give you any help.

I would love to put up with you, but I am bringing Messrs Rangalal and Satish Chandra Das Gupta with me. The first friend is a Marwari gentleman, whom I am trying to interest in tanneries as an item in cow protection. The second you know and there will be a third with me probably Mahadev Desai, whom you also know. Now, you may put me up, wherever you like.

I must collect from the Bengali friends there for the Deshabandhu Memorial; and you will of course, teach me how to spread the message of the spinning wheel in Utkal. Though the Congress has spent money like water there, it has made very little headway in Utkal. I have not, however, despaired.

Yours Sincerely,
M. K. Gandhi

ଗାନ୍ଧୀ-ବିରୋଧୀ ରୂପେ ପରିଚିତ ମଧୁସୂଦନଙ୍କ ଆମନ୍ତ୍ରଣ ରକ୍ଷା କରି ମହାତ୍ମା ଗାନ୍ଧୀ ଉତ୍କଳ-ଟାନେଣ୍ଟ ପରିଦର୍ଶନ ପାଇଁ ସ୍ୱତନ୍ତ୍ର ଟ୍ରେନରେ କଟକ ଆସୁଥିବା ଓଡ଼ିଶାର କଂଗ୍ରେସ ମହଲରେ ଏକ ଆଲୋଡ଼ନ ସୃଷ୍ଟି କରିଦେଲା ! ଉତ୍କଳ-ଟାନେଣ୍ଟ ଇଂରେଜ ଶାସନର ଏକ "ଶୋଷଣ-ଯନ୍ତ୍ର" ବୋଲି ଚିହ୍ନଣ କରି ଯେଉଁ କଂଗ୍ରେସ କର୍ମୀମାନେ ଏହାର ଅଂଶ ବନ୍ଦୀ ବରୁଚ୍ଛରେ ପ୍ରସ୍ତର ଚଲାଇ ଆସିଥିଲେ, ସ୍ୱୟଂ ମହାତ୍ମା ଗାନ୍ଧୀ ଏବେ ସେଇ ଟାନେଣ୍ଟ ପ୍ରତି ଆକୃଷ୍ଟ ହିବା ଓ ତାହାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଟ୍ରେନରେ କଟକ ଆସୁଥିବା ଜାଣି ସେମାନେ କଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । ସ୍ୱାର୍ଥନୈତିକ ଅଥବା ବ୍ୟକ୍ତିଗତ କାରଣର ବଶବର୍ତ୍ତୀ ହୋଇ ସେମାନେ ଯେ ଟାନେଣ୍ଟ ବରୁଚ୍ଛରେ ଅପପ୍ରସ୍ତର ଚଲାଇଥିଲେ—ଏହାଦ୍ୱାରା ତାହା ସ୍ପଷ୍ଟ ହୋଇଗଲା । ପୂର୍ତ୍ତି ଓଡ଼ିଶାରେ କଂଗ୍ରେସ ନେତୃବୃନ୍ଦ ଟାନେଣ୍ଟ ପ୍ରତି ସକଳ ସଦିଚ୍ଛା ସତ୍ତ୍ୱେ, ଏହାର ସୁରକ୍ଷା ପାଇଁ ଆଙ୍ଗିକୃଶିଆ ସ୍ୱରରେ କିଛି କରି ପାରି ନଥିବା ହେତୁ, ମହାତ୍ମାଙ୍କ ଠାରୁ ଭର୍ତ୍ସନା ଉପରେ ମନେ ମନେ ଆଶଙ୍କିତ ହୋଇ ପଡ଼ିଥିଲେ ।

ବଙ୍ଗଳା ଭ୍ରମଣ ପରେ ୧୯୨୫ ସାଲ ଅଗଷ୍ଟ ୧୧ ତାରିଖ ଗୁରୁବାର ସେର ୪ଟା ବେଳେ, ପୁରୀ-ଏକସ୍‌ପ୍ରେସ ଯୋଗେ ମହାତ୍ମା ଗାନ୍ଧୀ କଟକରେ ପହଞ୍ଚିଲେ । ସଙ୍ଗରେ ଆସିବେ

Digitized by srujanika@gmail.com

ସେନ୍ଦ୍ରୋଷ୍ଟାସ୍ମ ମହାଦେବ ଦେଶାଇ, କଲ୍‌କତା ଖଦୀ ପ୍ରତିଷ୍ଠାନର ଅଧ୍ୟକ୍ଷ ସପ୍ତଶ ଚନ୍ଦ୍ର ଦାସଗୁପ୍ତ ଓ ଗୋରକ୍ଷାବ୍ରତୀ ଜଣେ ମାରୱାଡ଼ୀ ମହାଜନ ରଙ୍ଗଲ୍‌ଲ୍ । ଷ୍ଟାନେସ୍ମ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ, ମହାତ୍ମା ଗାନ୍ଧୀ ତାଙ୍କୁ ସଙ୍ଗରେ କଂକ ଆଣିଥିଲେ ।

ଗୋପବନ୍ଧୁ ସ୍ପୈଧୁସ୍ମ ବ୍ୟସ୍ତ ଜବ୍ରତ ସ୍ୱରରେ ମଧୁସୂଦନଙ୍କ ନକଂକୁ ଆସି ପଗ୍ଧରଲେ....''ମହାତ୍ମା ଯେପର ଅସ୍ୱନକ ସ୍ୱରରେ କୌଣସି ଗସ୍ତନ୍ତମ ନଥାଏଁ କଂକ ଆସୁଛନ୍ତ, ତାଙ୍କୁ କେଉଁଠି ରଖାଯିବ, ତାହାହିଁ ବର୍ତ୍ତମାନ ଏକ ସମସ୍ୟା । ସେ ତ ପୁଣି ଏକା ନୁହନ୍ତ, ସଙ୍ଗରେ ତାଙ୍କର ମହାଦେବ ଦେଶାଇ, ସପ୍ତଶ ଦାସଗୁପ୍ତ ଆଉ ରଙ୍ଗଲ୍‌ଲ୍ !''

ସ୍ପେଲ୍ଲମିଆଁ ଦଜାରରେ ମଧୁସୂଦନଙ୍କ ବାସଗୃହ ଉପରେ ସେତେବେଳେ ଝୁଲୁଥିଲ ଡ଼ଗ୍ରୀଜାସ୍ମର ପରଓ୍ୱାନା ! ୧୯୨୨ ସାଲରେ ମଧୁସୂଦନ ବନ୍ଧୁଗ୍ରାମର ନନ୍ଦକୁମାର ଏସ୍ଟେଟରୁ ଷ୍ଟାନେସ୍ମ ପାଇଁ ଯେଉଁ ଋଣ କରିଥିଲେ, ତାହା ଏକ ସମୂଳ ସୁଧରେ ପ୍ରାସ୍ମ ୩୫ ହଜାର ଟଙ୍କାରେ ପହଞ୍ଚିଥିଲ । ଋଣ ଆଦାସ୍ମ ପାଇଁ ନନ୍ଦକୁମାର ଏସ୍ଟେଟ୍ ମଧୁସୂଦନଙ୍କ ବାସଗୃହ ଉପରେ ଜାସ୍ମ କରିଥିଲେ ଡ଼ଗ୍ରୀଜାସ୍ମ ପରଓ୍ୱାନା ! କେଉଁ ମୁହୂର୍ତ୍ତରେ ମଧୁସୂଦନ ବାସସ୍ଥନ ହୋଇ ଦାଣ୍ଡରେ ଠିଆ ହେବେ; ତାହାର କୌଣସି ସ୍ଥିରତା ନଥିଲ୍ !

ମଧୁସୂଦନ ପ୍ରଗଲ୍‌ଭ ଉତ୍ସାହରେ ଉତ୍ତର ଦେଲେ....ମହାତ୍ମାଙ୍କ ନଜ ବ୍ୟବସ୍ଥା ନଜେ କର ସାରିଛନ୍ତ । ସେଥିପାଇଁ ତୁମେ ଚନ୍ତ୍ରତ ହେବାର ପ୍ରସ୍ନୋଜନ ନାହିଁ ଗୋପବନ୍ଧୁ । ସେ ମୋତେ ଲେଖିଛନ୍ତ, ମୋର ଅତଥି ହେବେ ବୋଲି ! ଉପର ମହଲ୍‌ରେ ସେଥିପାଇଁ ବନ୍ଦୋବସ୍ତ କରୁଛୁ !''

ଗୋପବନ୍ଧୁ ଉଦ୍‌ବଗ୍ନ କଣ୍ଠରେ କହିଲେ···''କନ୍ତୁ ଆପଣ ତ ଜାଣନ୍ତ, ମହାତ୍ମାଙ୍କଙ୍କ ପାଇଁ ପର୍ଦ୍ଦାଠାରୁ ଆରମ୍ଭ କର କାର୍ପେଟ୍, ଟେବୁଲ କ୍ଲଥ୍ ପର୍ଯ୍ୟନ୍ତ ସବୁ ଖଦଡ଼ ହେବା ଆବଶ୍ୟକ ! ତା'ନହେଲେ ମୁହୂର୍ତ୍ତକ ଭିତରେ ସୃଷ୍ଟି ହୋଇଯିବ ପ୍ରଳସ୍ନ !''

ମଧୁସୂଦନ ଅସହିଷ୍ଣୁ କଣ୍ଠରେ ଉତ୍ତର ଦେଲେ....''ସେ କଥା ମୋତେ ସ୍ମରଣ କସ୍ନାଇ ନଦେଲେ ଚଳିବ ଗୋପବନ୍ଧୁ ! ତୁମେମାନେ ସ୍ୱୀକାର କର ନପାର, କନ୍ତୁ ମହାତ୍ମାଙ୍କ ଏଇ ଭାଙ୍ଗ ଚିଠିରେ ସ୍ୱୀକାର କରିଛନ୍ତ···''and you will of course teach me how to spread the message of the spinning wheel in Utkal.'' ପଢ଼ି ଦେଖନା ! ଓଡ଼ିଶାରେ ଅଜସ୍ର ଅର୍ଥ ପାଣି ପର ଖର୍ଚ୍ଚ କସ୍ନାଇଥିଲେ ସୁତା ଖଦା-କାର୍ଯ୍ୟକ୍ରମ ବଶେଷ ଅଗ୍ରଗତ କର ପାର ନାହିଁ ବୋଲି ସ୍ୱୀକାର କରିବା ପାଇଁ ଗାନ୍ଧୀଙ୍କ କୁଣ୍ଠିତ

Digitized by srujanika@gmail.com

ହୋଇନାହାନ୍ତି ! ମହାତ୍ମାଜୀ ଖଦ୍ଦା-ଆନ୍ଦୋଳନ ଆରମ୍ଭ କରିବାର ବହୁ ପୂର୍ବରୁ ଓଡ଼ିଶାରେ ମୁଁ ଆରମ୍ଭ କରିଥିଲି ଅରୁଣ, ସୂତାକଟା ଆନ୍ଦୋଳନ, ସେ କଥା ଭୁଲି ଯାଉଛ କାହିଁକି ?"

ମହାତ୍ମାଜୀଙ୍କ ଆଗମନ ଉପଲକ୍ଷରେ ମଧୁସୂଦନଙ୍କ ବାସଭବନ ଖଦଡ଼ ପର୍ଦ୍ଦା ପ୍ରଭୃତିରେ ସୁସଜ୍ଜିତ ହୋଇ ସେଦିନ ଏକ ଖଦ୍ଦା-ପ୍ରଦର୍ଶନୀର ଭ୍ରମ ସୃଷ୍ଟି କରିଥିଲା ।

ନିର୍ଦ୍ଦିଷ୍ଟ ଦିବସରେ ମହାତ୍ମା ଗାନ୍ଧୀ, ସହକର୍ମୀମାନଙ୍କ ସହିତରେ କଟକ ଷ୍ଟେସନରେ ପହଞ୍ଚିବା ମାତ୍ରେ ମଧୁସୂଦନ ଓ ଟାନେଶ୍ୱର କେତେକ ଭଲେଣ୍ଟିୟର ସେମାନଙ୍କୁ ପୁଷ୍ପମାଲା ଦେଇ ଅଭ୍ୟର୍ଥିତ କଲେ । ଷ୍ଟେସନରେ ମହାତ୍ମାଙ୍କ ଅଭ୍ୟର୍ଥନା ପାଇଁ ଉପସ୍ଥିତ ଥିଲେ— ଗୋପବନ୍ଧୁ ଦାଶ ଓ ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଅନ୍ୟ କଂଗ୍ରେସ ନେତୃବୃନ୍ଦ । ମହାତ୍ମାଜୀ ଷ୍ଟେସନରୁ ସିଧା ଆସିଲେ ମଧୁସୂଦନଙ୍କ ବାସଭବନକୁ ।

ସକାଳ ସାଢ଼େ ଆଠଟାରେ ଥିଲା ଟାନେଶ୍ୱର ପରିଦର୍ଶନ କାର୍ଯ୍ୟକ୍ରମ । ଏହା ପୂର୍ବରୁ ମହାତ୍ମା ଗାନ୍ଧୀ ଓ ମଧୁସୂଦନଙ୍କ ମଧ୍ୟରେ ଘଣ୍ଟାଏ ଯନ୍ତ୍ରଣିଲ୍ପ ଓ ଉଦ୍ୟୋଗ ସମ୍ପର୍କେ ଆଲୋଚନା ।

ମଧୁସୂଦନ କହିଲେ···"ମନୁଷ୍ୟର ଅଙ୍ଗ ପ୍ରତ୍ୟଙ୍ଗର ଉପଯୋଗ ସମ୍ପର୍କରେ ପ୍ରତ୍ୟେକ ଦେଶ ଓ ଜାତିର ଥାଏ ଗୋଟିଏ ଗୋଟିଏ ବୈଶିଷ୍ଟ୍ୟ ! ଉଦାହରଣ ସ୍ୱରୂପ ଆଖି ଓ ଜଭର ପ୍ରୟୋଗ କୁଶଳତା ଫରାସୀ ଜାତିର ଏକ ବିଶେଷତ୍ୱ । ସେଥିପାଇଁ ପୃଥିବୀର ସବୁ ଫେସନ ଓ ଶାଦ୍ୟରୁଚିର ପ୍ରବର୍ତ୍ତକ ଏଇ ଫରାସୀ ଜାତି । ଜର୍ମାନ ଜାତିର ଶ୍ରବଣ ଶକ୍ତି ବଡ଼ ମାର୍ଜିତ । ଏଥିପାଇଁ ପୃଥିବୀର ସବୁ ଉତ୍କୃଷ୍ଟ ବାଦ୍ୟଯନ୍ତ୍ରର ଜନ୍ମଦାତା ଜର୍ମାନ ଜାତି । ଇଟାଲୀର ଲୋକ-ମାନଙ୍କର କଣ୍ଠ ଶକ୍ତି ସୁମାର୍ଜିତ ! ସେଥିପାଇଁ ଇଟାଲୀରେ ହିଁ ମିଳଥାନ୍ତି ପୃଥିବୀର ଶ୍ରେଷ୍ଠ କଣ୍ଠ —ସ୍ୱର ଶିଳ୍ପୀ ! ଜାପାନର ଲୋକେ ନଜ ହାତର କୌଶଳତ ଜଥାପି ଶିକ୍ଷା କରିବାର ଅଛୁ । ଜାପାନୀମାନଙ୍କର ବିଶେଷତ୍ୱ ସେମାନଙ୍କର ହାତ । ଏଇ ହାତର କୌଶଳରେ ସେମାନଙ୍କୁ ଯଥାର୍ଥ ଭାବରେ ଦେଇ ପାରିଲେ ମିଳ ପାରିବ ଜାପାନର ଦାରିଦ୍ର୍ୟ ସଙ୍କଟରୁ ପରିତ୍ରାଣ ! ସେହି ଉଦ୍ଦେଶ୍ୟରେ ସ୍ୱଦେଶୀ ଆନ୍ଦୋଳନର ବହୁ ପୂର୍ବରୁ ମୁଁ ଆରମ୍ଭ କରିଥିଲି ଓଡ଼ିଶା ଆର୍ଟ୍‌ଓ୍ୱାର୍କ ଆଉ ଉତ୍କଳ-ଟାନେଶ୍ୱ କାରଖାନା ।"*

---

*ଡେଲ୍‌ଲିଙ୍କରେ ଗାନ୍ଧୀ-ସେବା-ସଘର ଖଦ୍ଦା ଓ କୁଟୀର ଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରି ମହାତ୍ମା ଗାନ୍ଧୀ ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ...."ନାନା ଦିବରେ ମନୁଷ୍ୟ ପଶୁଠାରୁ ସ୍ୱତନ୍ତ୍ର । ମଧୁସୂଦନ ଦାସ ମୋତେ ଥରେ କହିଥିଲେ, ଦୁହିଙ୍କ ଶରୀର ଗଠନରେ ବହୁ ପାର୍ଥକ୍ୟ ରହିଛୁ । ମନୁଷ୍ୟର ହାତ ଓ ଗୋଡ଼ରେ ଆଙ୍ଗୁଠି ଥିବାରୁ ହାତର କଳାକୁଶଳ ଉପଯୋଗ କେବଳ ମନୁଷ୍ୟ ପକ୍ଷରେ ହିଁ ସମ୍ଭବ । ମନୁଷ୍ୟ ତେଣୁ କେବଳ କୃତି ଉପରେ ନିର୍ଭର କଲେ, ବିଧାତାର ଏ ସବୁ ଦାନ ବ୍ୟର୍ଥ ହୋଇଯିବ !"

Digitized by srujanika@gmail.com

ଏ ଆଲୋଚନା ଶିଳ୍ପୋଦ୍ୟୋଗ ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାରେ ଏକ ନୂତନ ପଥ ଉନ୍ମୋଚିତ କରିଥିଲା—ଏହା ସ୍ୱୀକାର କରିବା ପାଇଁ ମହାତ୍ମା ଗାନ୍ଧୀ କୁଣ୍ଠିତ ହୋଇ ନାହାନ୍ତି ।

ଗାନ୍ଧୀଜୀଙ୍କ ଭାଷାରେ....

"Man differs from the beasts in several ways. As Madhusudan Das said one of the distinctions is differing anatomy of both. Man has feet and hands with fingers that he can use intelligently and artistically. If man depended wholly and solely on agriculture, he would not be using fingers that God has specially endowed him with."

ସକାଳ ସାଢ଼େ ଆଠଟାରେ, ମହାଦେବ ଦେଶାଇ, ସତୀଶ ଚନ୍ଦ୍ର ଦାସଗୁପ୍ତ, ରାଙ୍ଗଲାଲ୍ ଓ ଅନ୍ୟ କଂଗ୍ରେସ ନେତୃବୃନ୍ଦଙ୍କ ଗହଣରେ, ମହାତ୍ମା ଗାନ୍ଧୀ ପହଞ୍ଚିଲେ ଷ୍ଟାନେଜ୍ଜରେ । ସୋନାରି, ବାବୁରି ଓ ଜିବଡ଼ିବ ପ୍ରଭୃତି ବୃକ୍ଷଗୁଳ୍ମର ଶ୍ରୁସ୍ନାସ୍ନିଗ୍ଧ ପରିବେଶ ମଧ୍ୟରେ ଷ୍ଟାନେଜ୍ଜ କାରଖାନା ମଧୁସୂଦନଙ୍କର ଶିଳ୍ପସାଧନାର ପ୍ରସୂତିଶାଳା କେବଳ ନୁହେଁ; ସ୍ୱଦେଶୀ ଶିଳ୍ପ-ଆନ୍ଦୋଳନର ଗବେଷଣାଗାର ! ତାଙ୍କ ଜୀବନର ସମସ୍ତ ଉପାର୍ଜନ ଓ ସଞ୍ଚୟ, ସ୍ତୂପୀକୃତ ସମସ୍ତ ଋଣ ଓ ପରିଶତ ବାର୍ଦ୍ଧକ୍ୟ ସତ୍ତ୍ୱେ ଅପରିଜେୟ ପ୍ରାଣଶକ୍ତି, ଏଇଠାରେ ଯେପରି ନ୍ୟଶେଷିତ ହୋଇ ପଡ଼ିଥିଲା !

ବିଭିନ୍ନ ଶେଡ୍ ମାନଙ୍କରେ ଆଧୁନିକ ଧରଣର ନାନା ପ୍ରକାରର ଯନ୍ତ୍ରପାତି । ମାନ୍ଧ ସେଥିମଧ୍ୟରୁ ଅଧିକାଂଶ ବିଭିନ୍ନ, କାର୍ଯ୍ୟ ଅଭିବରେ ପ୍ରାସ୍ତ ଅଚଳ । କେବଳ ଷ୍ଟାନ୍ଜ୍-ସେକ୍ସନ୍‌ରେ କିଛି କିଛି କାର୍ଯ୍ୟ ଚାଲିଥିଲା । ମହାତ୍ମା ଗାନ୍ଧୀ ସହକର୍ମୀମାନଙ୍କ ସହିତ ପ୍ରତ୍ୟେକ ବିଭାଗ ଭିନ୍ନ ଭିନ୍ନ କରି ପ୍ରାସ୍ତ ଘଣ୍ଟାଏ କାଳ ବୁଲି ଦେଖିଲେ । ପ୍ରତ୍ୟେକ ଯନ୍ତ୍ରପାତି ଓ ତାର ପ୍ରୟୋଗ ପଦ୍ଧତି ସମ୍ପର୍କରେ ବିଭିନ୍ନ ତଥ୍ୟ ମହାତ୍ମା ଗାନ୍ଧୀଙ୍କୁ ବୁଝାଇବାରେ ମଧୁସୂଦନଙ୍କ କ୍ଲାନ୍ତ କମ୍ବା ଅବସାଦ ନଥିଲା ।

ମଧୁସୂଦନ କହିଲେ, "ମହାତ୍ମାଜୀ, ଯେଉଁ ଅଷ୍ଟୃଶ୍ୟତା ଦୂରୀକରଣ ପାଇଁ ଏବେ ଆପଣ ଆନ୍ଦୋଳନ କରୁଛନ୍ତି; ଏଇ ଷ୍ଟାନେଜ୍ଜରେ ମୁଁ ତାହା ଆରମ୍ଭ କରିଥିଲି ବହୁ ବର୍ଷ ପୂର୍ବେ । ପାଣି, କଣ୍ଡର, ଶିଅଳି ପ୍ରଭୃତି ଯେଉଁ ଜାତିମାନେ ବିବେଚିତ ହୁଅନ୍ତି ଅଷ୍ଟୃଶ୍ୟ ରୂପେ, ସବର୍ଣ୍ଣମାନଙ୍କ ସହିତ ମିଶି ଏଇ କାରଖାନାରେ କାର୍ଯ୍ୟ କରିବା ଦ୍ୱାରା, ସେମାନେ ଆଉ ଅଷ୍ଟୃଶ୍ୟ ରୂପେ ବିବେଚିତ ହେଉ ନାହାନ୍ତି. । ପୁଣି ଏଇ କାରଖାନାରେ ସେମାନଙ୍କର ଉପାର୍ଜନ ଶକ୍ତି ବୃଦ୍ଧି ପାଇବା ଦ୍ୱାରା ସମାଜରେ ସେମାନେ ଅଷ୍ଟୃଶ୍ୟ ବୋଲି ଆଉ ମଧ୍ୟ ଅବହେଳିତ ନୁହନ୍ତି ।"

Digitized by srujanika@gmail.com

ଯେଉଁ ଅଶ୍ପୃଶ୍ୟତା ଦୂରୀକରଣ ପାଇଁ ଆନୁଷ୍ଠାନିକ ଭାବରେ ଏତେ ଆନ୍ଦୋଳନ କରା ଯୁଦ୍ଧା, ତାହା ତଥାପି ସମ୍ଭବ ହୋଇ ପାରିଲା ନାହିଁ; ମଧୁସୂଦନଙ୍କ ଏକକ, ବ୍ୟକ୍ତିଗତ ଉଦ୍ୟମରେ ତାହାର ଆଂଶିକ ସଫଳତା ମହାତ୍ମା ଗାନ୍ଧୀଙ୍କୁ ମୁଗ୍ଧ କରିଥିଲା ।

ୟାନେଶ୍ୱ ପରିଦର୍ଶନ ପରେ ସେଠାରେ କାର୍ଯ୍ୟ କରୁଥିବା ଅଶ୍ପୃଶ୍ୟ ଜାତିର ଶ୍ରମିକମାନେ ଏକ ଅଭିନନ୍ଦନପତ୍ର ପାଠ କରି ମହାତ୍ମା ଗାନ୍ଧୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହାର ରଚୟିତା ସ୍ୱୟଂ ମଧୁସୂଦନ । ଅଭିନନ୍ଦନପତ୍ରରେ ଥିଲା ଉତ୍କଳର ପତିତପାବନ-ସଂସ୍କୃତିର ବଳିଷ୍ଠ ଉଦ୍‌ଘୋଷଣା ! ଦାରିଦ୍ର୍ୟ ଓ ଦୁର୍ଭାଗ୍ୟର ସେଇ ଚରମ ବିଡ଼ମ୍ବିତ ମୁହୂର୍ତ୍ତରେ ମଧୁସୂଦନ ଓଡ଼ିଶାର ମହତ୍ତ୍ୱ ଓ ବୈଶିଷ୍ଟ୍ୟ ଘୋଷଣା କରିବାରେ, ଅଭିନନ୍ଦନପତ୍ରର ସଂକ୍ଷିପ୍ତ ପରିସର ମଧ୍ୟରେ ସୁଦ୍ଧା ଯେପରି ହୋଇ ଉଠିଥିଲେ ଶତମୁଖ ! ପୁଣି ଏହାର ନେପଥ୍ୟରେ ମଧ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ ଅଶ୍ପୃଶ୍ୟତା ନିବାରଣ ଆନ୍ଦୋଳନ ସହିତ ଉତ୍କଳ-ୟାନେଶ୍ୱକୁ ଜଡ଼ିତ କରି, ଏଥି ପ୍ରତି ମହାତ୍ମା ଗାନ୍ଧୀଙ୍କ ସହାନୁଭୂତି ଆକର୍ଷଣର ପ୍ରଚେଷ୍ଟା । ଆଦର୍ଶବାଦ ସହିତ ବ୍ୟବସାୟିକା ବୁଦ୍ଧିର ଏହା ଥିଲା ଏକ ବିଚିତ୍ର ସମ୍ମିଶ୍ରଣ—ମଧୁସୂଦନଙ୍କ ଦ୍ୱିଧାକ୍ରାନ୍ତ ବ୍ୟକ୍ତିତ୍ୱର ସଙ୍କେତ । ଅଭିନନ୍ଦନ ପତ୍ରରେ ଉଲ୍ଲେଖ ଥିଲା···"ଆପଣ ଏହି ଓଡ଼ିଶାକୁ ଆଜି ଆସି ଆଗରେ ଯେପରି ଦେଖୁଛନ୍ତି, ବାସ୍ତବିକରେ ଏହା ଏପରି ନଥିଲା । ଓଡ଼ିଶାରେ ଜାତି ଧର୍ମର ବିଚାର ନଥିଲା । ଓଡ଼ିଶା ବୌଦ୍ଧଧର୍ମର ଲୀଳାଭୂମି ଥିଲା । ଆଜି ମଧ୍ୟ ଲୀଳାଚଳଧାମ ଶ୍ରୀ ଜଗନ୍ନାଥ କ୍ଷେତ୍ରରେ ବ୍ରାହ୍ମଣ ଶୂଦ୍ର ଏକ ପାତ୍ରରେ ବସି ଭୋଜନ କରୁଅଛନ୍ତି । ଓଡ଼ିଶା ସମସ୍ତ ହିନ୍ଦୁଙ୍କ ଶ୍ରୀକ୍ଷେତ୍ରରେ ଏଭଳି ରହିପାରୁଛୁ ବୋଲି ହିନ୍ଦୁମାନେ ଜଗତରେ ପୂଜ୍ୟ ହୋଇ ଅଛନ୍ତି ସତ୍ୟ; କିନ୍ତୁ ସେଠାରେ ମଧ୍ୟ ଆମ୍ଭମାନଙ୍କର ସ୍ଥାନ ନାହିଁ ।

ଆମ୍ଭେମାନେ ବର୍ତ୍ତମାନ ମାନବଜାତିର ହେଲେ ମଧ୍ୟ ଅଶ୍ପୃଶ୍ୟ ଓ ଘୃଣ୍ୟ । ଜଗନ୍ନାଥ ପତିତପାବନ ନାମରେ ବିଶେଷ ରୂପେ ଲୋକରେ ପରିଚିତ । ଦୀନ ଦୁଃଖୀମାନଙ୍କୁ ଉଦ୍ଧାର କରିବା ତାଙ୍କର ପ୍ରିୟ କାର୍ଯ୍ୟ । ବୁଦ୍ଧ, କୃଷ୍ଣ, ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ଧର୍ମ ସଂସ୍ଥାପନ କାଳରେ ଏହି ଉତ୍କଳ ଖଣ୍ଡକୁ ସେମାନଙ୍କର ଲୀଳାଭୂମି ରୂପରିତ କରିଥିଲେ । ଆମ୍ଭେମାନେ ଆପଣଙ୍କୁ ସେହି ପଥର ପଥିକ ଦେଖି ହୃଦୟରେ ବହୁ ଆଶା ପୋଷଣ କରିଅଛୁ । ଆପଣ କାତରର କନ୍ଦନ ସହି ନପାର ଜୀବନର ସମସ୍ତ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ଅଛନ୍ତି । ସେମାନଙ୍କୁ ରକ୍ଷା କରିବା ପାଇଁ ଈଶ୍ୱର ଶକ୍ତି ହୃଦୟରେ ଧରି କେତେ ମହା ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ବହୁ ସାଧନା ପରେ ଶେଷରେ (ଆପଣ) ଦେଶୀୟ ଶିଳ୍ପର ଉନ୍ନତିରେ ମନପ୍ରାଣ ଢାଳି ଦେଇ ଅଛନ୍ତି ।

ଏହି ନବଦୀକ୍ଷାରେ ଅନୁପ୍ରାଣିତ ହୋଇ ଆଜି ଆପଣ କଟକକୁ ଉତ୍କଳ-ୟାନେଶ୍ୱ ଦେଖିବା ପାଇଁ ଆସିଅଛନ୍ତି । ଗତ ୩୦ ବର୍ଷ ମଧ୍ୟରେ ଏ ଉତ୍କଳ-ୟାନେଶ୍ୱ ଆମ୍ଭମାନଙ୍କର ହସ୍ତ ଓ ଚକ୍ଷୁର ଶିଳ୍ପ-ନୈପୁଣ୍ୟ ଶକ୍ତି ବଢ଼ାଇଅଛୁ ଏବଂ ଆମ୍ଭେମାନେ ଅଧିକ ଉପାର୍ଜନ କରିବାର କ୍ଷମତା ଲାଭ କରିଅଛୁ । ଆମ୍ଭମାନଙ୍କର ବିଶ୍ୱାସ ଯେ, ଉତ୍କଳ-ୟାନେଶ୍ୱର ଉନ୍ନତ

Digitized by srujanika@gmail.com

ଦ୍ୱାର ଗୋମାତାର ରକ୍ଷା ହେବ; ଦେଶର ଆର୍ଥିକ ଅବସ୍ଥା ବଦଳିବ ଏବଂ ଶିଳ୍ପର ଉନ୍ନତ ସଙ୍ଗେ ସଙ୍ଗେ ଅସ୍ପୃଶ୍ୟତା ମଧ୍ୟ ଲୋପ ପାଇବ । ଆପଣ ଶିଳ୍ପର ଉନ୍ନତ ସ୍ଥଳେ ଆସି କଟକ ତଥା ସମସ୍ତ ଉତ୍କଳଖଣ୍ଡର ପତିତମାନଙ୍କ ପ୍ରତି ଯେ ଦୟା ଦେଖାଇ ଅଛନ୍ତି, ସେଥି ନମନ୍ତେ ଆମ୍ଭେମାନେ ହୃଦସ୍ୱର ଭକ୍ତି ଓ ଶ୍ରଦ୍ଧା ଅର୍ପଣ କରୁଅଛୁ । ବଶମ୍ବଦ—ଉତ୍କଳ-କାନେଷ୍ଟା ଶ୍ରମିକ ଗଣ । କଟକ ୧୯ । ୮ । ୧୯୨୫ ।"

ଗୋରକ୍ଷାଠାରୁ ଆରମ୍ଭ କରି, ଅସ୍ପୃଶ୍ୟତା ନିବାରଣ ଓ ସ୍ୱଦେଶୀ ଶିଲ୍ପୋନ୍ନୟନ ପର୍ଯ୍ୟନ୍ତ, ଗାନ୍ଧିଜୀଙ୍କର ସମସ୍ତ ପ୍ରିୟ କାର୍ଯ୍ୟକ୍ରମ ସହିତ ଉତ୍କଳ-କାନେଷ୍ଟାକୁ ସଂଶ୍ଳିଷ୍ଟ କରି, ଏଥି ପ୍ରତି ମହାତ୍ମା ଗାନ୍ଧୀଜୀଙ୍କର ସର୍ବିସ୍ୱ ସହାନୁଭୂତି ଆକର୍ଷଣ କରିବା ଏହି ଅଭିନନ୍ଦନପତ୍ରର ଉଦ୍ଦେଶ୍ୟ ଥିଲା ।

ଅଭିନନ୍ଦନର ଉତ୍ତରରେ ମହାତ୍ମାଜୀ କାନେଷ୍ଟା ପ୍ରତି ଉପଚରିତ ଶୁଭେଚ୍ଛା ଜ୍ଞାପନ କରିଥିଲେ ସତ୍ୟ; ମାତ୍ର କାନେଷ୍ଟାକୁ ରକ୍ଷା କରିବା ବିଷୟରେ କୌଣସି ନିଶ୍ଚିତ ପ୍ରତିଶ୍ରୁତି ତାଙ୍କ ଭାଷଣରେ ନଥିଲା ।

ମହାତ୍ମାଜୀ କଟକ ଛାଡ଼ିବା ପୂର୍ବରୁ, ଗୋପବନ୍ଧୁ (ଗ୍ଲୋଧୁଣ୍ଡା) ମଧୁସୂଦନଙ୍କୁ କହିଲେ... "କଲିକତାର ବ୍ୟବସାୟୀ ରଙ୍ଗଲାଲ୍ କାନେଷ୍ଟାର ବ୍ୟବସ୍ଥା ଦେଖି, ଏଥିପ୍ରତି ଆକୃଷ୍ଟ ହୋଇ ଅଛନ୍ତି । ମହାତ୍ମାଜୀଙ୍କ ଅନୁରୋଧରେ, କାନେଷ୍ଟାର ପରିଚାଳନା ଦାୟିତ୍ୱ ସେ ନେବା ପାଇଁ ପ୍ରସ୍ତୁତ । କାନେଷ୍ଟାର ଆର୍ଥିକ ଦାୟିତ୍ୱ ସେ ବହନ କରିବେ । ମୋର ମନେ ହୁଏ ଏହା ଫଳରେ କାନେଷ୍ଟାର ଗୋକାଏ ପୁରୁହା ହୋଇ ପାରିବ ।"

କନ୍ତୁ ଉତ୍କଳ-କାନେଷ୍ଟାର ପରିଚାଳନା ଦାୟିତ୍ୱ ଓ ସ୍ୱତ୍ୱ ଓଡ଼ିଶା ବାହାରେ କୌଣସି ବ୍ୟକ୍ତିଙ୍କ ହାତକୁ ଯିବା, ମଧୁସୂଦନଙ୍କ ଅଭିପ୍ରେତ ନଥିଲା ।

ମଧୁସୂଦନ କହିଲେ...."କାନେଷ୍ଟାର ପରିଚାଳନା ତ ଦୂରର କଥା ! ଏହାର ଗୁଡ୍-ଉଇଲ୍ ପାଇଁ କେବଳ ହାଇଟ୍‌ଓ୍ୱେ-ଲେଡ଼ଲ କମ୍ପାନୀର ଜେନେରାଲ ମାନେଜର ମୋତେ ଅରେ ପଚାଶ ହଜାର ଟଙ୍କା, ପୁଣି ଅର୍ଡର ସପ୍ଲାଇ ପାଇଁ ଅଗ୍ରୀମ ଲକ୍ଷେ ଟଙ୍କା ଦେବାକୁ ପ୍ରସ୍ତୁତ ଥିଲେ ! ଫ୍ଲଟଲଣ୍ଡର ପ୍ରସ୍ତାବରେ ସେଦିନ ମୁଁ ରାଜି ହୋଇଥିଲେ ଆଜି ରଙ୍ଗଲାଲ୍‌ଙ୍କ ସହାନୁଭୂତି ଉପରେ ମୋତେ ନିର୍ଭର କରିବାକୁ ପଡ଼ୁନଥାନ୍ତା !"

ଗୋପବନ୍ଧୁ ଅସହାୟ କଣ୍ଠରେ ପଚାରିଲେ···"ତା ହେଲେ ?"

ମଧୁସୂଦନ ଉତ୍ତର ଦେଲେ"....ଉତ୍କଳ-କାନେଷ୍ଟା ଓଡ଼ିଶାବାସୀଙ୍କର ଅନୁଷ୍ଠାନ । ମୋର ବନ୍ଧୁ ବନ୍ଧୁ ରକ୍ତ ଦେଇ ଏହାକୁ ମୁଁ ନିଜ ହାତରେ ଗଢିଛି । ଏହାର ଅସ୍ତିତ୍ୱ ଥିବା ପର୍ଯ୍ୟନ୍ତ ଏହା ଓଡ଼ିଶାବାସୀଙ୍କ ହାତରେ ରହିବ ! ରଙ୍ଗଲାଲ୍‌ଙ୍କୁ ତାଙ୍କର ସହାନୁଭୂତି ପାଇଁ

Digitized by srujanika@gmail.com

ଅଶେଷ ଧନ୍ୟବାଦ । ମାତ୍ର ତାଙ୍କର ପ୍ରସ୍ତାବରେ ମୁଁ ରାଜି ନୁହେଁ । ଓଡ଼ିଶାବାସୀ ଏହାକୁ ରଖି ନପାରନ୍ତେ, କାନେସ୍ତା ନଲ୍ଲମରେ ଯାଉ କି ଚୁଲ୍ଲିକୁ ଯାଉ; ସେଥିରେ ମଧୁ ଦାସର କିଛି ଯାଏ ଆସେ ନାହିଁ !"

ମଧୁସୂଦନ ଆଶା କରିଥିଲେ, ମହାତ୍ମାଜୀଙ୍କ ମଙ୍ଗଳ ସ୍ପର୍ଶରେ କାନେସ୍ତା ପୁଣି ସଜୀବନ୍ତ ହୋଇ ଉଠିବ; କାନେସ୍ତାର ଶେଆର ବଜାର ଦଖରେ ଉତ୍କଳ କଂଗ୍ରେସ ଅଧିକ ତତ୍ପର ହେବ— କାନେସ୍ତା ଧ୍ୱଂସ ମୁଖରୁ ରକ୍ଷା ପାଇ ପାରିବ । ମାତ୍ର ମଧୁସୂଦନଙ୍କର ସେ ସବୁ ଆଶା ବୃଥା ହୋଇଗଲା । କାନେସ୍ତା ସହିତ କଂଗ୍ରେସର କୌଣସି ଆବେଗଗତ ସମ୍ପର୍କ ନଥିଲା । ଶେଆର ବଜାରୁ ଆଉ କଙ୍କା ଉଠାଇବାର ମଧ୍ୟ ସମ୍ଭାବନା ନଥିଲା ।

କଜସ୍-କମ୍ପାନ୍ନ ମଧ୍ୟ ଆଉ ଅପେକ୍ଷା କରିବା ପାଇଁ ପ୍ରସ୍ତୁତ ନଥିଲେ । କଙ୍କ ସବଜନ୍ କୋର୍ଟରେ ସେମାନେ ଡ଼ିଗ୍ରୀ ପାଇ ସାରିଥିଲେ । କେବଳ ଡ଼ିଗ୍ରୀଜାସ୍ତି ପାଇଁ ଥିଲା ଅପେକ୍ଷା । ୧୯୨୭ ସାଲରେ ସେମାନେ ଡ଼ିଗ୍ରୀଜାସ୍ତି ପାଇଁ କୋର୍ଟରେ ଆବେଦନ କଲେ । ଏହାପରେ କାନେସ୍ତା ନଲ୍ଲମରେ ଉଠିବା ବ୍ୟତୀତ ଗତ୍ୟନ୍ତର ନଥିଲା !

ମଧୁସୂଦନଙ୍କର ସମସ୍ତ ଆସ୍ଥା, ସମସ୍ତ ସଞ୍ଚୟ, ସମସ୍ତ ଋଣ ନସ୍ୱୋଜତ ହୋଇଥିଲା ଏଇ କାନେସ୍ତାରେ । ଏହା କେବଳ ତାଙ୍କର ଏକ ସ୍ୱପ୍ନ ନଥିଲା, ଏହା ମଧ୍ୟ ଥିଲା ତାଙ୍କର ଅହଙ୍କାର; ଓଡ଼ିଆ ଜାତର ଅହଙ୍କାର ! ମାତ୍ର ତାହା ଏବେ ଉଠୁଥିଲା ନଲ୍ଲମରେ !

କାନେସ୍ତାର ସୃଜି ଓ ପରଗ୍ଭଳନା ଓଡ଼ିଶାବାସୀଙ୍କ ହାତରେ ରଖିବା ପାଇଁ, ମଧୁସୂଦନ ଏତେ ପ୍ରସ୍ୱାସ କରିଥିଲେ; ଏତେ ଲୋଭନୀସ୍ୱ ସର୍ତ୍ତି ଅବତୋଳା ଜମେ ଫିଙ୍ଗି ଦେଇଥିଲେ । ମାତ୍ର ଏବେ ନଲ୍ଲମ ଫଳରେ ସେଇ କାନେସ୍ତା ସଦ୍ୟ ଓଡ଼ିଶା ବାହାରର ଲୋକଙ୍କ ହାତକୁ ଗ୍ଭଲିଯାଏ ? ଓଡ଼ିଆ ଜାତ ତାର ନଜର ସମ୍ପଦ, ନଜର ଇଜ୍ଜତ୍ ରକ୍ଷା କର ଜାଣେ ନାହିଁ ବୋଲ, ଏଥିରୁ ପ୍ରମାଣିତ ହେବ ସିନା ! କାନେସ୍ତାର ନଲ୍ଲମ ଅପେକ୍ଷା ଏହା ଦୁଃଖିନ୍ତା ମଧୁସୂଦନଙ୍କ ପକ୍ଷରେ ହୋଇଥିଲା, ଅଧିକ ଉତ୍ପୀଡ଼କ !

ଶେଷ ଚେଷ୍ଟା ପାଇଁ ମଧୁସୂଦନ ଦ୍ୱାରସ୍ଥ ହୋଇଥିଲେ ବଳ୍ଦୀବଜାରର ଜଣେ ମହାଜନଙ୍କ ପାଖରେ ତାଙ୍କର ପୁଞ୍ଜି ଦେଣା ଅନେକ । ତଥାପି କାନେସ୍ତାକୁ ନଲ୍ଲମରୁ ରକ୍ଷା କରିବା ପାଇଁ ଏତେବେଳେ ସଦ୍ୟ ଆଉ କିଛି ଋଣ ସେ ଦେଇ ପାରନ୍ତି !

ଦେହରେ ଜର ଭଉଁ ! ସେହ୍ନ ଜରରେ ସେ ବାହାରିଥିଲେ ଗୋକାଏ କଲା ଉଲେନ ଓଭରକୋଟ ପିନ୍ଧି ।

ତାଙ୍କ ବାସଭବନରେ ଅପେକ୍ଷା କରି ବସିରହିଥିଲେ ହରହର (ପରବର୍ତ୍ତୀ କାଳରେ ବସ୍ତୁରପତ ହରହର ମହାପାତ୍ର) ଓ ତାଙ୍କର ଅନ୍ୟ ଦୁଇଜଣ ସହାର୍ଥି । ମଧୁସୂଦନଙ୍କ ସହିତ ସାକ୍ଷାତ ଓ ଆଲାପର ଆକର୍ଷଣ ତରୁଣମାନଙ୍କ ପ୍ରାଣରେ ସେତେବେଳେ ଥିଲା ଅପ୍ରତ୍ୟେଧ !

Digitized by srujanika@gmail.com

କ୍ଷଣକ ପରେ ମଧୁସୂଦନଙ୍କ ଘୋଡ଼ାଗାଡ଼ି ଆସି ପୋର୍ଚ୍ଚରେ ରହିଲା । କମ୍ପିତ ପାଦରେ ସିଢ଼ି ଉପରେ ଖଡ୍ଗ ରଖି ଓହ୍ଲାଇ ଆସିଲେ ମଧୁସୂଦନ ।

—ବାଡ୍ୟାହୁଡ ମାରବଡା । ମହାଜନ ଦୁଆରୁ ମଧୁସୂଦନ ଫେରଛନ୍ତି ଜଗ୍ଦଣ ହୋଇ । ଚେହେରା ଉପରେ କଳା ଓଉରକୋଟର ରଙ୍ଗ ।

"ସାର୍ ଆମେ ଆସିଥିଲୁ....."

କ୍ଲାନ୍ତ କଣ୍ଠରେ ମଧୁସୂଦନ କହିଲେ—"My life is a failure."

ହରହର ଉତ୍ତର ଦେଲେ—"Failures are pillars of success"

"That is a myth"....ମଧୁସୂଦନ ଶିଡ଼ୀ ଦେଇ କମ୍ପିତ ପାଦରେ ଉଠିଗଲେ ଉପରକୁ । ...ସେସବୁ କଡାପର କଥା !

ଆଲାପ ଆଲୋଚନା ପାଇଁ ସମସ୍ତ ନାହିଁ । ତଥାପି ଶେଷ ଚେଷ୍ଟା କରିବା ପାଇଁ ପଡ଼ିବ ।

ଟାନେସ୍ସି ଜଲ୍ଦମର ଦିବସ ନିର୍ଦ୍ଦିଷ୍ଟ ହୋଇଥିଲା, ସେପଟେମ୍ବର ୧୫ ତାରଖକୁ । ମାନ୍ଦ୍ରାଜୀନାସ୍ଥ ଟଙ୍କା ପରଶୋଧ ଦେଇ ପାରିବେ ବୋଲି ମଧୁସୂଦନ ତଥାପି ପ୍ରତ୍ୟସ୍ଥ ହୁଏଇ ନଥିଲେ । କୁଆଡ଼ୀକ ଶେଷ ଡାକ ପରି ସେ ନେଇଥିଲେ, ଦୁଇ ମାସ ମହଲତ୍ । ସେପ୍ଟେମ୍ବର ୧୫ ତାରଖକୁ ଜଲ୍ଦମ ପୁହ୍ନ ଯାଇଥିଲା ।

୭୮ବର୍ଷ ବୟସରେ ମଧୁସୂଦନ ଏ ଆଘାତ ଆଶା କରି ନଥିଲେ । ଏ ପ୍ରହାର ଯେତେ ତାଙ୍କ ଆର୍ଥିକ ସ୍ଥିତି ଉପରେ ପଡ଼ି ନଥିଲା; ସେତେ ପଡ଼ି ଥିଲା ତାଙ୍କ ଅହଙ୍କାର ଉପରେ । ଏଥିରେ ମଧୁସୂଦନ ଆହତ ହୋଇଥିଲେ ସତ୍ୟ; ତଥାପି ପରାଜିତ ହୋଇ ନଥିଲେ ।

ଜଲ୍ଦମ ପୁଙ୍ଦନ, ମଧୁସୂଦନ ଆସିଲେ ପୁଣା । ଶେଷ ଆଶା—ବର୍ତ୍ତମାନ ପୁଣା ରାଜା ରାମଚନ୍ଦ୍ର ଦେବ । ପୁଣା ରାଜବଂଶ ସହିତ ମଧୁସୂଦନଙ୍କ ସମ୍ପର୍କ ଅତି ପ୍ରାଚୀନ । ବହୁ ବଶଦରୁ ଏହି ଐତିହାସିକ ରାଜବଂଶକୁ ମଧୁସୂଦନ ନାନା ଭାବରେ, ନାନା ସ୍ତରରେ ରକ୍ଷା କରି ଅସିଛନ୍ତି । ପୁଣି···ରାମଚନ୍ଦ୍ର ଦେବଙ୍କ ଉତ୍ତରାଧିକାର ପେନ, ମୋକଦ୍ଦମା ଯେପରି ଆକାର ଧାରଣ କରିଥିଲା, ମଧୁସୂଦନ ସହାସ୍ଥ ହୋଇ ନଥିଲେ, ରାମଚନ୍ଦ୍ର ଦେବ ପୁଣା ରାଜଗାଦୀ ପାଇବା ଥିଲା ସନ୍ଦେହଜନକ ! ଏଇ ପୃଷ୍ଠଭୂମିରେ, ମଧୁସୂଦନ ରାମଚନ୍ଦ୍ର ଦେବଙ୍କ ଦ୍ୱାରସ୍ଥ ହୋଇଥିଲେ, ଟାନେସ୍ସିକୁ ଜଲ୍ଦମରେ ଧରିବା ପାଇଁ ଅନୁରୋଧ ପେନ । ରାମଚନ୍ଦ୍ର ଦେବଙ୍କ ହାତରେ ଟାନେସ୍ସି ରହିଲେ, ଭବିଷ୍ୟତରେ ଏହାର ପୁନରୁଦ୍ଧାର ସମ୍ଭବ ହୋଇ ପାରିବ—ଏହା ଥିଲା, ମଧୁସୂଦନଙ୍କ ଆଶା ଓ ଅଭିଳାଷ ।

Digitized by srujanika@gmail.com

ରାମଚନ୍ଦ୍ର ଦେବ ଥିଲେ ସଙ୍ଗୀତପ୍ରିୟ । ସଙ୍ଗୀତ ଆସରର ବଲମ୍ବିତ ସନ୍ଧ୍ୟାରେ ସଙ୍ଗୀତ ଆମୋଦରେ ରାମଚନ୍ଦ୍ର ଦେବ ମସଗୁଲ । ସେପଟ ଅସମସ୍କରେ ସେଠାରେ ହଠାତ୍ ଓଭରକୋଟ ପରିହିତ ଶୀର୍ଣ୍ଣ, ଶୁଶ୍ରୁଳ ମଧୁସୂଦନଙ୍କୁ ଦେଖି, ରାମଚନ୍ଦ୍ର ଦେବ ପ୍ରଥମେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ ।

ରାମଚନ୍ଦ୍ର ଦେବ ବିସ୍ମିତ କଣ୍ଠରେ ପ୍ରଶ୍ନ କଲେ···"ଆପଣ ? ହଠାତ୍ !"

ମଧୁସୂଦନ ଶାନ୍ତ କଣ୍ଠରେ କହିଲେ..."ତୁମେ ଗଜପତି, ଓଡ଼ିଆ ଜାତିର ମହାରତ୍ନ ! ଓଡ଼ିଆ ଜାତିର ଗୌରବ ରକ୍ଷା ନେଇ, ତୁମ ପାଖକୁ ଆସିଛୁ ମୁଁ, ରାମଚନ୍ଦ୍ର ଦେବ ! ରକ୍ଷା କରିବ ତ ?"

ରାମଚନ୍ଦ୍ର ଦେବ ଉତ୍ତର ଦେଲେ···"ରକ୍ଷା କାହିଁକି ? ଆଦେଶ ଦିଅନ୍ତୁ, ମୋର ସାଧ୍ୟ ଥିଲେ ମୁଁ ନିଶ୍ଚୟ ତାହା ପାଳନ କରିବ !"

ମଧୁସୂଦନ କହିଲେ...."ଉତ୍କଳ-ଟାନେଟ୍ସ କାଲି ଉଠିବ ନିଲାମରେ ! ମୁଁ ଚାହେଁ ତୁମେ ନିଲାମ ଧରିବ ! ତାହେଲେ ମୁଁ ପରେ ନିଲାମ ଟଙ୍କା ପରିଶୋଧ କରି, ତୁମଠାରୁ ଟାନେଟ୍ସ ମୁକୁଳାଇ ପାରିବ ।"

ମଧୁସୂଦନଙ୍କ ପ୍ରସ୍ତାବରେ ରାମଚନ୍ଦ୍ର ଦେବ ରାଜା ହୋଇଗଲେ ।

କଟକ ସଦରଜଜ୍, ବି. ଏମ୍· ଦାସଙ୍କ ରିପୋର୍ଟର ଭିତ୍ତିରେ, ଟାନେଟ୍ସର ମୂଲ୍ୟ ନିରୂପଣ କରିଥିଲେ ଅଢ଼େଇ ଲକ୍ଷ ଟଙ୍କା । ମାତ୍ର ରାମଚନ୍ଦ୍ର ଦେବ ତାହାକୁ ନିଲାମ ଧରିଲେ ୬୫,୦୦୦ ଟଙ୍କାରେ •ତାହାରୁ କେହି ଏତେ ଟଙ୍କାରେ ଟାନେଟ୍ସ ନିଲାମ ଧରିବା ପାଇଁ ପ୍ରସ୍ତୁତ ନଥିଲେ ।

• ଉତ୍କଳ-ଦୀପିକା, ତା ୨୦, ନଭେମ୍ବର, ୧୯୨୭ରିଖ ସଂଖ୍ୟାରେ ଲେଖିଥିଲେ :—

> "ସମସ୍ତ ପ୍ରକାରର ପ୍ରଚେଷ୍ଟା ସତ୍ତ୍ୱେ ନଭେମ୍ବର ୧୫ ତାରିଖରେ ଉତ୍କଳ-ଟାନେଟ୍ସ ନିଲାମ ହେଲ୍ । ପୁଣ୍ଡର ମହାରାଜା ଶ୍ରୀ ରାମଚନ୍ଦ୍ର ଦେବ ୬୫ ହଜାର ଟଙ୍କାରେ ଏହାକୁ ନିଲାମ ଧରିଲେ । × × ଏକ ସମସ୍କରେ ପୁଣ୍ଡ ରାଜଭବନ ନିଲାମ ହୋଇ ଯାଇଥିଲ ଓ ତାହାକୁ ମଧୁବାବୁ ନିଲାମରେ କିଣି ନେଇ ପୁଣି ସମପରିମାଣ ଅର୍ଥର ବିନିମସ୍କରେ ତାହା ପୁଣ୍ଡ ରାଜାଙ୍କୁ ଫେରାଇ ଦେଇଥିଲେ । ଠିକ୍ ସେହିପରି ସ୍ତବରେ ମଧୁବାବୁଙ୍କର ପ୍ରାତାଧିକ ଉତ୍କଳ-ଟାନେଟ୍ସକୁ ବିଦେଶୀସ୍ଥ କମ୍ପାନୀ ହାତରୁ ରକ୍ଷା କରି ପୁଣ୍ଡ ରାଜା ଧନ୍ୟବାଦର ପାତ୍ର ହୋଇଛନ୍ତି × × ।"

Digitized by srujanika@gmail.com

ଜନ୍ମ ପରେ କଚେଷ୍ଟକୁ ଫେରିବା ବାଟରେ, ମଧୁସୂଦନ ଅସହ୍ୟ ଶୂଳଯନ୍ତ୍ରଣାରେ ପ୍ରାୟ ଅଜ୍ଞାସ୍ଥନ ହୋଇ ପଡ଼ିଥିଲେ । ଇତମଧ୍ୟରେ ବସ୍ୱସରେ ଆହୁରି କେତେ ବର୍ଷ ଆଗେଇ ଯାଇଁ ସେ ଦଣ୍ଡିଥିଲେ ଲୋଲଚର୍ମାବୃତ ଏକ କଙ୍କାଳ ପରି !

ଗାଡ଼ୀ ବାରଣ୍ଡାରେ, ଗାଡ଼ୀରୁ ଓହ୍ଲାଇ ପଡ଼ି, ଦୁଇ ହାତରେ ଭଲପେଟ ଗୃପି ଧରି ମଧୁସୂଦନ ପଶି ଆସିଲେ, ଭଲ ମହଲ୍‌ରେ ତାଙ୍କ ଅଫିସ ଉତରକୁ । ଏ ଘର, ଲାଇବ୍ରେରୀ ଉପରେ ମଧ୍ୟ ଝୁଲୁଛୁ ଛତ୍ରୀଜାଙ୍କର ପରଓ୍ୱାନା ! କେଉଁଦିନ ଏସବୁ ମଧ୍ୟ ଘୁଲିଯିବ, ତାହାର ସ୍ଥିରତା ନଥିଲ୍ ।

ମଧୁସୂଦନ ଟେବୁଲ ଉପରେ ମୁଣ୍ଡ ମାଡ଼, ଦାନ୍ତରେ ଦାନ୍ତ ଚପି ସ୍ୱଗତୋକ୍ତ କରିବା ପରି କହିଥିଲେ···"Let Thy will be done"; ତୁମର ଇଚ୍ଛା ପୂର୍ଣ୍ଣ ହେଉ ଭଗବାନ !"

ମଧୁସୂଦନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବା ଉଦ୍ଦେଶ୍ୟରେ ସେଠାକୁ ଆସିଥିଲେ ମଧୁସୂଦନଙ୍କର କେତେକ ବନ୍ଧୁ, ସହକର୍ମୀ ଓ ଆତ୍ମୀୟ ! ସେମାନଙ୍କର ସାନ୍ତ୍ୱନାବାଣୀ ମଧୁସୂଦନଙ୍କୁ ସେତେବେଳେ କଟା ଘା'ରେ ଲୁଣଛଟା ପରି ଲାଗୁଥିଲ୍ । ଯନ୍ତ୍ରଣାବଦ୍ଧ କଣ୍ଠରେ, ମଧୁସୂଦନ ଚତ୍କାର କରି ଉଠିଲେ...."I do not want your sympathy. Get me a bottle of hot water, ତୁମମାନଙ୍କର ଶୂନ୍ୟିଲ୍ ସହାନୁଭୂତିରେ ମୋର ପ୍ରୟୋଜନ ନାହିଁ ! ମୋର ଦରକାର କେବଳ ବୋତଲେ ଗରମ ପାଣି ।

Digitized by srujanika@gmail.com

ପଞ୍ଚଦଶ ପରିଚ୍ଛେଦ

(ଏକ)

ମଧୁସୂଦନ ଏବେ ଦାଣ୍ଡର ଭିକାରୀ ! ନାସମ୍ବଳ, ନଗ୍ନଶସ୍ତ୍ର ! ତଥାପି ବହାର-ଓଡ଼ିଶା ଲେଜସଲେଟିଭ୍ କାଉନସିଲ୍ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ତାଙ୍କର ଦମ୍ଭ ଶିଥିଳ ହୋଇ ନଥିଲା । ଓଡ଼ିଶା ପ୍ରଦେଶ ଗଠନ ପାଇଁ କାର୍ଯ୍ୟ ତଥାପି ଯେ ରହିଛି ଅସମ୍ପୂର୍ତ୍ତି !

ଇତମଧ୍ୟରେ ବହାର-ଓଡ଼ିଶା ଲେଜସଲେଟିଭ କାଉନସିଲ୍ ନିର୍ବାଚନ ପୁଣି ଆସନ୍ନ ହୋଇଥିଲା । କାଉନସିଲ୍ ପ୍ରବେଶ କଲେ, ଦ୍ୱୈଧାଳକ ପଦ୍ଧାରେ ସରକାରର ବିରୋଧ ପାଇଁ କଂଗ୍ରେସ ଆଲୁକୁଲ୍ୟରେ ଗଠିତ ହୋଇଥିଲା ସ୍ୱରାଜ୍ୟ-ଦଳ । ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ମଧ୍ୟ ସ୍ୱରାଜଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ବଭିନ୍ନ କଂଗ୍ରେସର ଦଳ ଓ ଗୋଷ୍ଠୀର ସହଯୋଗରେ ଗଠିତ ହୋଇଥିଲା ଏକ ନିଲଭ-ସାମ୍ପ୍ରଦାୟ । ମଧୁସୂଦନ, ବ୍ରଜସୁନ୍ଦର (ଦାସ) ଓ ଭୁବନାନନ୍ଦ (ଦାସ) ପ୍ରମୁଖ ଥିଲେ ଏହି ସାମ୍ପ୍ରଦାୟର ଅଗ୍ରଣୀ ।

ମଧୁସୂଦନ ବଡ଼ ଅନ୍‌ପ୍ରେଡିକ୍ଟେବଲ୍ ! —ହଠାତ କଂଗ୍ରେସ ଟିକେଟ୍‌ରେ କାଉନସିଲ୍‌କୁ ପ୍ରତିଯୋଗିତା କରିବା ପାଇଁ ବ୍ୟକ୍ତ କଲେ ଯେ ନିଜର ଅଭିଳାଷ ! କଂଗ୍ରେସ ତାଙ୍କୁ ନିଜର ସମର୍ଥିତ ପ୍ରାର୍ଥୀ ରୂପେ ଘୋଷଣା କରିବା ପାଇଁ ମଧ୍ୟ କଣ୍ଠିତ ନଥିଲା । ବସ୍ତୁତଃ ଅସହଯୋଗ ବର୍ଜନ କରି କଂଗ୍ରେସ ସାମ୍ବିଧାନିକ ଆଭିମୁଖ୍ୟ ଗ୍ରହଣ କରିବା ପରେ, କଂଗ୍ରେସ ସହିତ, ମଧୁସୂଦନଙ୍କର ଆଉ ମତାନ୍ତର ନଥିଲା ।

ମଧୁସୂଦନଙ୍କ ପ୍ରାର୍ଥୀତ୍ୱକୁ ଅଭିନନ୍ଦନ ଜଣାଇ "ସମାଜ" ଲେଖିଥିଲେ...

"ଆମ୍ଭେମାନେ ଶୁଣି ଅତ୍ୟନ୍ତ ଖୁସି ହୋଇଅଛୁ ଯେ, ଓଡ଼ିଶାର କୁଲବୃଦ୍ଧ ମାନଙ୍କୀୟ ମଧୁବାବୁ କଂଗ୍ରେସ ପକ୍ଷରୁ କାଉନସିଲ୍ ବା ଆସେମ୍ବ୍ଲିକୁ ଛିଡ଼ା ହେବା ଲଗି କଂଗ୍ରେସ କମିଟିକୁ ଅନୁପ୍ରାସ୍ତ ଜଣାଇଛନ୍ତି । ମଧୁବାବୁ କାର୍ଯ୍ୟରେ ସ୍ୱରାଜ୍ଟ ! ଗତଥର ସମାଜର ଅଗ୍ରଲେଖାରେ ଏହା ସ୍ପଷ୍ଟ ବୁଝାଇ ଦିଆଯାଇଛି । ସେ କଂଗ୍ରେସ ତରଫରୁ କାଉନସିଲ୍‌କୁ ଯିବା ଓଡ଼ିଶା ପକ୍ଷରେ ଗୌରବର ବିଷୟ ହେବ । × × × ଦୁଃଖ ବିଶେଷରେ ତାଙ୍କ ସହିତ କାହାର କାହାର ମତଭେଦ ହେଲେ ସୁଦ୍ଧା ସେ ଯେ ଉତ୍କଳର ଜଣେ କୃତୀ ପୁରୁଷ, ନିଜ ବୁଦ୍ଧି ବିବେକ ଓ ବିଶ୍ୱର ଅନୁସାରେ

Digitized by srujanika@gmail.com

ଦେଶସେବାରେ, ଆପଣାର ଶକ୍ତି, ସମ୍ପଦ, ସମସ୍ତ ବ୍ୟସ୍ତ କରି, ଆଜି ଏ ବୃଦ୍ଧ ବୟସରେ ପଥର ଭିକାରି ରୂପେ ଛିଡ଼ା ହୋଇଛନ୍ତି; ଏହା କେହି ଅସ୍ୱୀକାର କରି ପାରିବେ ନାହିଁ । ମଧୁବାବୁ ସେ କାଳର ବ୍ରଜମାଡ଼ ଷ୍ଟେଜର ଖେଲାଳୀ । ଓଡ଼ିଶାରେ ଯେତେବେଳେ ତାଙ୍କର ସେପରି କେହି ସହକର୍ମୀ ନଥିଲେ । ସେ କାହାରଠାରୁ ପରାମର୍ଶ ପାଇ ନାହାନ୍ତି କି ସମାଲୋଚନା ସହି ନାହାନ୍ତି । ସୁତରାଂ, ଏକଶିଙ୍ଗା ଗଣ୍ଡା ପରି ଯେଉଁଆଡ଼େ ଯେତେବେଳେ ବଗୁରୁଛନ୍ତି, ଠେଲ୍‌ପେଲ୍ ଚାଲି ଯାଇଅଛନ୍ତି । ଭଲ କରିଛନ୍ତି, ଭୁଲ କରିଛନ୍ତି । ଯେ, ଯାହା କହନ୍ତୁ ଓଡ଼ିଶାର ନବ ଜାତୀୟ ଜାଗରଣ ମୂଳରେ ତାଙ୍କର ଶକ୍ତି ଓ ସ୍ୱାର୍ଥତ୍ୟାଗର ବହୁ ପରିମାଣରେ ରହିଅଛି । ବହୁକାଳ ଏକାଦନ୍ତମେ ଗୋଟିଏ ସ୍ୱତ ଓ ଢଙ୍ଗରେ ଚାଲି ଆସି ଦେଶର ବର୍ତ୍ତମାନ ଓ ସାଧାରଣ ଜୀବନର ପରିବର୍ତ୍ତିତ ଅବସ୍ଥାନୁସାରେ ସେ ନିଜର ଅଭ୍ୟାସ ବ୍ୟବହାର ଓ ମତ ହଠାତ ବଦଳାଇ ନ ପାରିବାରେ କିଛୁ ଆଶ୍ଚର୍ଯ୍ୟ ନାହିଁ । ସେଥିଲାଗି ଆମ୍ଭମାନଙ୍କର ତାଙ୍କ ପ୍ରତି କେବେ ହେଲେ ଭକ୍ତି ଉଣା ହୋଇ ନାହିଁ । ସେ କାଳର ଉଙ୍ଗରେ ବଢ଼ି ପୁରା ପଚଶା ବରଷରେ ସେ ସରକାରଙ୍କୁ ଯେପରି ସାହସ ଓ ସ୍ୱାଧୀନତା ସହକାରେ କର୍କଶ (ପୌରୁଷ) ବାକ୍ୟ ମାନ ଶୁଣାଇ ଅଛନ୍ତି, ତାହା ଯେ କୌଣସି ସମୟରେ ଯେ କୌଣସି ବ୍ରଜମାଡ଼ଙ୍କ ପକ୍ଷେ ଅତୀବ ପ୍ରଶଂସା ଓ ଗୌରବର ବିଷୟ ହେବ । ଏପରିକ ସରକାରଠାରୁ ବେତନ ପାଇ ମନ୍ତ୍ରୀ ଥିଲ୍ ବେଳେ ସରକାର ଶାସନଯନ୍ତ୍ରର ଭିତର ରହସ୍ୟ ସେ ଯେପରି ନର୍ମ୍ମକ ଓ ନିରପେକ୍ଷ ଭାବରେ ପ୍ରକାଶ କରିଥିଲେ, ଅନ୍ୟ କୌଣସି ପ୍ରଦେଶର କୌଣସି ମନ୍ତ୍ରୀ ସେପରି କରି ନାହାନ୍ତି । ଦେଶବନ୍ଧୁ ଚିତ୍ତରଞ୍ଜନ ଶାସନସଂସ୍କାରର ଦୋଷ ଦେଖାଇବାକୁ ଯାଇଁ ଥରେ ମନ୍ତ୍ରୀ ମଧୁସୂଦନଙ୍କ ଉକ୍ତିରୁ ପ୍ରମାଣ ଦର୍ଶାଇଥିଲେ । ××× ଆମ୍ଭେମାନେ ଆଶା କରୁ ଯେ ସେ କଂଗ୍ରେସ ଦଳଭୁକ୍ତ ହେବାକୁ ଯେଉଁ ଇଚ୍ଛା ବଳାଇଛନ୍ତି ତାହା ନଷ୍ଟସ୍ୱ କରିବେ ଏବଂ ତାଙ୍କ ଶକ୍ତି ସାମର୍ଥ୍ୟ ଓ ସ୍ୱଦେଶସେବା ଦୃଷ୍ଟିରୁ ପ୍ରାଦେଶିକ କଂଗ୍ରେସ କମିଟି ତାଙ୍କୁ ସାଦରେ ଗ୍ରହଣ କରିବେ । ×××"•

ବସ୍ତୁତଃ ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଓ ବ୍ରଜମାଡ଼ର ଏହା ଥିଲ ଏକ ଅନାସକ୍ତ ମୌଳିକ ବିଶ୍ଳେଷଣ ! ମଧୁସୂଦନଙ୍କୁ "ସ୍ୱରାଜ" ରୂପେ ସ୍ୱୀକାର କରି, "ସମାଜ" ଇତିହାସର ପରିପ୍ରେକ୍ଷା ଓ ମଧୁସୂଦନଙ୍କ କର୍ମସାଧନାର ମର୍ମବାଣୀ ସହିତ ଯଥାର୍ଥ ପରିଚୟର ସୂଚନା ଦେଇଥିଲେ ।

• "ସମାଜ"—"ସମ୍ବାଦ ଓ ସଙ୍କେତ"—ତା ୨୪ । ୪ । ୨୭ ରଖ

Digitized by srujanika@gmail.com

ମଧୁସୂଦନ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେଉଥିବାର ସମ୍ବାଦ ପାଇ, ବ୍ରଜସୁନ୍ଦର ପ୍ରମୁଖ ବ୍ୟସ୍ତ ହୋଇ ଉଠିଲେ । ମଧୁସୂଦନ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେଲେ, ସ୍ୱରାଜ୍ୟ-ଦଳ ବରୁଦ୍ଧରେ ସଫଳ ପ୍ରତଦ୍ୱନ୍ଦ୍ୱତାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ ହୋଇ ପଡ଼ିବା ସୁନିଶ୍ଚିତ ଥିଲା ।

ବ୍ରଜସୁନ୍ଦର ପଚାରିଲେ....''ଆପଣ କଣ ଶେଷକୁ କଂଗ୍ରେସ ଟିକେଟ୍‌ରେ ପ୍ରାର୍ଥୀ ହେବେ ?''

ବ୍ରଜସୁନ୍ଦରଙ୍କ କଣ୍ଠରେ ଥିଲା ଉଦ୍‌ବେଗ ।

ମଧୁସୂଦନ ଉତ୍ତର ଦେଲେ....''ଅରେ କଂଗ୍ରେସରେ ଯୋଗ ଦେବା ପରେ ପୁଣି କଂଗ୍ରେସର ବିରୋଧାଚରଣ କରିବା ମୋ ପକ୍ଷରେ ଅସମ୍ମାନଜନକ ହେବ ବ୍ରଜସୁନ୍ଦର ! କଂଗ୍ରେସ କାଉନସିଲ୍ ପ୍ରବେଶ ପାଇଁ ସିଦ୍ଧାନ୍ତ ନେବା ପରେ, କଂଗ୍ରେସଠାରୁ ଆଜି ଆମର ଅଲଗ ମତାନ୍ତର ବା କେଉଁଠି ?''

ବ୍ରଜସୁନ୍ଦର ନୀରବ ରହିଲେ ।

କିନ୍ତୁ କଂଗ୍ରେସର ଅକୁଣ୍ଠ ସମର୍ଥନ ଓ ସଦିଚ୍ଛା ସତ୍ତ୍ୱେ, କାଉନସିଲ୍‌କୁ ଯିବାପାଇଁ ମଧୁସୂଦନଙ୍କର ଆଉ ଅବକାଶ ନଥିଲା । ତାଙ୍କ ଭାଗ୍ୟାକାଶରେ ଦୁର୍ଦ୍ଦିନର ଅନ୍ଧକାର କ୍ରମେ ଘନୀଭୂତ ହୋଇ ଆସୁଥିଲା । ଦେଣାଦାରମାନଙ୍କର ବନ୍ଧନରୁ ମୁକ୍ତି ପାଇବା ସେତେବେଳେ ଥିଲା, ତାଙ୍କର ଏକମାତ୍ର ସମସ୍ୟା ଓ ଫକୀର ।

ଦେଣା....ଦେଣା....ଦେଣା....ମଧୁସୂଦନଙ୍କ ଘରପଟେ ଦେଣାଦାରମାନଙ୍କର ଓଗୀଜାଲ୍ ପରୱାନା ! ୭୯ ବର୍ଷ ବୟସରେ ମଧୁସୂଦନ ଯେପରି ବସିରହିଥିଲେ ଭସ୍ମାଙ୍କର ଏକ ଭୂମିକମ୍ପର କେନ୍ଦ୍ରବିନ୍ଦୁ ଉପରେ । ତାଙ୍କର ଘରପଟେ ସବୁ ଝାଙ୍କି ଝୁମ୍ପୁଡ଼ି ପଡୁଥିଲା ।

ତାହାର ଧୂଳିପଟଳ ମଧ୍ୟରେ ମଧୁସୂଦନ ରୁଦ୍ଧଶ୍ୱାସ ହୋଇ ଉଠିଥିଲେ । ସ୍ୱଜନୀତି କ୍ଷେତ୍ରରେ ମଧ୍ୟ ସେ କ୍ରମେ ହୋଇ ପଡୁଥିଲେ ଅବାନ୍ତର ! ତରୁଣ ଗୋଷ୍ଠୀ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଧ୍ୱନି ଦେଉଥିବା ବେଳକୁ ମଧୁସୂଦନ ଏକ ଶାସନାଧୀନରେ ଓଡ଼ିଆ ଝିଅ-ଝିଅଣୀ ଅଞ୍ଚଳମାନଙ୍କର ଏକତ୍ରିକରଣର ଦାବୀରେ ତଥାପି ଅଟଳ ରହିଥିବାରୁ ଉଚ୍ଚଳ-ସମ୍ମିଳନୀର ତରୁଣ ଗୋଷ୍ଠୀଠାରୁ ସେ ବିଚ୍ଛିନ୍ନ ହୋଇ ପଡ଼ିଥିଲେ । ଉଦ୍ଦେଶ୍ୟ ଅବଶ୍ୟ ଏକ । ମାତ୍ର ଉପାସ୍ୱର ପନ୍ଥା ଓ ଅନ୍ତ ପ୍ରାଧାନ୍ୟ ଯେନ ମତାନ୍ତର ।

Digitized by srujanika@gmail.com

ଉତ୍କଳମାନଙ୍କ ଦୃଷ୍ଟିରେ ମଧୁସୂଦନ ହାଠାତ୍ ହୋଇ ଉଠିଥିଲେ ଯେପରି, ଓଡ଼ିଶାର ଅଭ୍ୟୁଦୟ ପଥରେ ଏକ କଣ୍ଟକ ! ଇତିହାସର ଇଏ ଆଉ ଏକ ପରିହାସ !

ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ପ୍ରଥମେ ଏକଶାସନାଧୀନରେ ଏକତ୍ରିତ ନକରି ଓଡ଼ିଶାକୁ ହଠାତ୍ ଏକ ସ୍ୱତନ୍ତ୍ର ପ୍ରଦେଶ କରିଦେଲେ, ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ, ଓଡ଼ିଶାରୁ କାଲକାଳ ପାଇଁ ବଚ୍ଛିନ୍ନ ରହିଯିବ—ଏଥିରେ ମଧୁସୂଦନଙ୍କର ସନ୍ଦେହ ନଥିଲା । ସେଥିପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଅପେକ୍ଷା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କରେ ଏକତ୍ରିକରଣ ଉପରେ ସେ ଅଗ୍ରପ୍ରାଧାନ୍ୟ ଆରୋପ କରୁଥିଲେ ।

ମାତ୍ର ସବୁ ବଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରିତ ହେଉ ବା ନହେଉ, ପ୍ରଥମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଥିଲା ଉତ୍କଳର ଗୋଷ୍ଠୀର ସୋଚ୍ଚାର ଦାବୀ । ଏ ଦାବୀରେ ଥିଲା, ଉତ୍କଳ ପ୍ରାଣର ଉତ୍ତେଜନା, ମାତ୍ର ମଧୁସୂଦନଙ୍କ ଯୁକ୍ତିରେ ଥିଲା ପୂର୍ବେଦୃଷ୍ଟି ।

ଏହି ପରିସ୍ଥିତିରେ ଅଗ୍ରଗାମୀ ଉତ୍କଳ ଗୋଷ୍ଠୀ ଦୃଷ୍ଟିରେ, ଓଡ଼ିଆ ଜାତୀୟ ଆନ୍ଦୋଳନର ଚୂଡ଼ାନ୍ତ ସଫଳତା ପାଇଁ, ମଧୁସୂଦନ ଆଉ ଅପରିହାର୍ଯ୍ୟ ନଥିଲେ । ସେ ହୋଇ ପଡ଼ିଥିଲେ ଯେପରି ଅବାନ୍ତର !

କଂଗ୍ରେସରେ ମଧୁସୂଦନଙ୍କ ପ୍ରତି ସେତେବେଳେ ଥିଲା କଟୁତା ମିଶ୍ରିତ ସମ୍ଭ୍ରମ, କଟୁତା ସହାନୁଭୂତି—ମାତ୍ର ସେଠାରେ ତାଙ୍କର ପ୍ରତିଷ୍ଠା ନଥିଲା । କଂଗ୍ରେସ ପରିବାରରେ ସେ ଥିଲେ ଦୂରାଗତ କୌଣସି ଏକ ଆଗନ୍ତୁକ ଅତିଥି; ସମ୍ଭବତଃ ଅବାଂଛିତ !

ଦୁର୍ଭାଗ୍ୟ ଓ ଉପେକ୍ଷା ମଧ୍ୟରେ, ମଧୁସୂଦନ ହୋଇ ଉଠିଥିଲେ ସମ୍ପୂର୍ଣ୍ଣ ଏକାକୀ ଓ ନିଃସଙ୍ଗ ! ମାତ୍ର ଗଭୀର ଈଶ୍ୱର-ବିଶ୍ୱାସ ମଧ୍ୟରେ ଏକ ଗିରିଶୃଙ୍ଗ ପରି ସେ ରହିଥିଲେ ନିରୁଦ୍ବିଗ୍ନ ଓ ଅଟଳ । ସବୁ ଦୁର୍ଭାଗ୍ୟ ଦୁର୍ଯୋଗକୁ ସେ ନିର୍ଲିପ୍ତ ଭାବରେ ଗ୍ରହଣ କରି ନେଇଥିଲେ, ଇଚ୍ଛାମୟଙ୍କର ଇଚ୍ଛା ରୂପେ ।

ସେଦିନ କଟକ ସହର ବାଉଁଶପତରିଆ ଗଳି ପରମାର୍ଥୀ-ମଠକୁ ଆସିଥିଲେ, ଜଣେ ଗୌଡ଼ୀୟ ଶାସ୍ତ୍ରଜ୍ଞ ଗୋସ୍ୱାମୀ । ରେଭେନ୍ସା କଲେଜର ଇତିହାସ-ଅଧ୍ୟାପକ, ନୈଷ୍ଠିକ ବୈଷ୍ଣବ ନଳୀନାକ୍ଷ ସାନ୍ୟାଲ୍, ଏହି ଉପଲକ୍ଷେ ପରମାର୍ଥୀ-ମଠରେ ଏକ ସଭାର ଆୟୋଜନ କରି ସେଥିରେ ଯୋଗ ଦେବା ପାଇଁ ମଧୁସୂଦନଙ୍କୁ ଆମନ୍ତ୍ରଣ କରିଥିଲେ ! ମଧୁସୂଦନ ଫାଙ୍କରେ ବାଟ ଖୋଜି ଖୋଜି ଆସିଥିଲେ ସେଇ ସଭାରେ ଯୋଗ ଦେବାପାଇଁ । ୭୯ ବର୍ଷ ବୟସ ଓ ଘାସାଶ୍ରକ ଦୁର୍ଭାଗ୍ୟର ସବୁ ପୀଡ଼ନ ମଧ୍ୟରେ ସୁଦ୍ଧା, ମଧୁସୂଦନ କାହାର କୌଣସି ନିମନ୍ତ୍ରଣ କେବେ ଉପେକ୍ଷା କରୁ ନଥିଲେ । ନଳୀନାକ୍ଷଙ୍କ ଆମନ୍ତ୍ରଣ ସେ ଉପେକ୍ଷା କରନ୍ତେ ବା କିପରି ?

Digitized by srujanika@gmail.com

ଗୌଡ଼ୀସ୍ୱ ଗୋସ୍ୱାମୀ ଶୁଦ୍ଧାଦ୍ୱୈତ ସମ୍ପର୍କରେ ସେଦ୍ଦନ ସେଇ ସଭାରେ ଏକ ସୁଦୀର୍ଘ ଭାଷଣ ଦେଇଥିଲେ । ଭାଷଣ ଶେଷରେ ବଦାସ୍ୱ ନେବା ପାଇଁ ମଧୁସୂଦନ ଉଠିବା ମାତ୍ରେ ନଳୀନାକ୍ଷ ଅନୁରୋଧ କଲେ...''ଆପଣଙ୍କୁ ଏଠାରେ ପଦେ କହିବା ପାଇଁ ପଣ୍ଡିତ ମିଷ୍ଟର ଦାସ !''

''କନ୍ତୁ କଣ ବା କହିବ ମୁଁ ?''—ମଧୁସୂଦନ ପ୍ରଶ୍ନ କଲେ ଅସହାସ୍ୱ କଣ୍ଠରେ ।

ନଳୀନାକ୍ଷ ଉତ୍ତର ଦେଲେ : '' ଯାହା ଆପଣଙ୍କର ଇଚ୍ଛା !''

ମଧୁସୂଦନ ଗୋଟିଏ ସଂକ୍ଷିପ୍ତ ବାକ୍ୟରେ ସେଦ୍ଦନ ନିଜର ଭାଷଣ ଶେଷ କରିଥିଲେ.... ''ବଡ଼ର ପୀରିତ ବାଲିର ବାନ୍ଧନ !''

ବସ୍ତୁତଃ ଏଇ ସଂକ୍ଷିପ୍ତ ବାକ୍ୟ ମଧ୍ୟରେ ନହଡ଼ ଥିଲା, ମଧୁସୂଦନଙ୍କ ସୁଦୀର୍ଘ ଜୀବନର ପୁଞ୍ଜୀଭୂତ ସବୁ ତିକ୍ତ ଅନୁଭୂତ ! ଏକଦା ଲଣ୍ଡନ୍ କମିସନର ଏକଜାକ୍ୟୁଟିଭ୍ କାଉନସିଲରଙ୍କଠାରୁ ଆରମ୍ଭ କରି, ରାଜା, ମହାରାଜା, ଜମିଦାରଙ୍କ ପର୍ଯ୍ୟନ୍ତ କେତେ କେତେ ଧନୀ, ମାନୀ ମଧୁସୂଦନଙ୍କର ବନ୍ଧୁ, ବଶମ୍ବଦ ନଥିଲେ ! ମାତ୍ର ଦୁର୍ଭାଗ୍ୟର ବନ୍ୟାସ୍ରୋତରେ ସେମାନଙ୍କର ସବୁ ବନ୍ଧୁତ୍ୱ ବାଲିବନ୍ଧ ପରି କୁଆଡେ ଭାସିଗଲା ! ଆଜି ସେ ନାସ୍ତି, ଶତ୍ରୁ—କହିବାକୁ ଗଲେ ବାସସ୍ଥାନ ମଧ୍ୟ ! ଭଗବାନ ହିଁ ଏକମାତ୍ର ଆଶ୍ରସ୍ୱ । ଭଗବାନଙ୍କ ଛଡା ତାଙ୍କର ଆଉ ଅନ୍ୟ ସାନ୍ତ୍ୱନା ନାହିଁ, ଅବଲମ୍ବନ ନାହିଁ, ଆଶ୍ରସ୍ୱ ନାହିଁ !

ସେତେବେଳେ ମଧୁସୂଦନଙ୍କର ଏହାହିଁ ଥିଲା ମନୋଭାବ ! ସବୁ ଦୁର୍ଯୋଗ ଓ ବ୍ୟକ୍ତିଗତ ଦୁର୍ଭାଗ୍ୟ ପ୍ରତି ସେ ତେଣୁ ଥିଲେ ସମ୍ପୂର୍ଣ୍ଣ ଉଦାସୀନ ! ବସ୍ତୁତଃ ଟାନେସ୍ସି ନଲ୍ଲମରେ ସିବାପରଠାରୁ ମଧୁସୂଦନ ଜୀବନର ସୁଖଦୁଃଖ ସମ୍ପର୍କରେ ସମ୍ପୂର୍ଣ୍ଣ ସୀତଷ୍ଣୁତ୍ୱ ହୋଇ ଉଠିଥିଲେ । ତାଙ୍କଠାରେ ଗୌରବ ଅପମାନର ଆଉ କୌଣସି ମୂଲ୍ୟ ନଥିଲା !...''ତୁମର ଇଚ୍ଛା ପୂର୍ଣ୍ଣ କର''—ଏହାହିଁ ଥିଲା ତାଙ୍କର ଏକମାତ୍ର ସାନ୍ତ୍ୱନା । ତାହାହିଁ ମଧ୍ୟ ଥିଲା ତାଁଙ୍କ ପ୍ରଚଣ୍ଡ ପ୍ରାଣଶକ୍ତିର ଉତ୍ସ !

ଉକ୍ତ ଜଳ-ଟାନେସ୍ସିର ଆନୁମାନିକ ମୂଲ୍ୟ କୋର୍ଟ ଦ୍ୱାରା ନିରୂପିତ ହୋଇଥିଲା, ଅଢ଼େଇ ଲକ୍ଷ ଟଙ୍କା । ସେଇ ମୂଲ୍ୟ ଅନୁସାରେ ଟାନେସ୍ସି ନଲ୍ଲମରେ ଉଠିଥିଲେ କକ୍ସ-କମ୍ପାନୀର ଋଣ ପରିଶୋଧ ପରେ ଅବଶିଷ୍ଟ ଟଙ୍କାରେ ମଧୁସୂଦନ ଅନ୍ୟ ଦେଣାଦାରମାନଙ୍କର କବଳରୁ ମଧ୍ୟ ମୁକ୍ତି ପାଇ ପାରିଥାନ୍ତେ ! କନ୍ତୁ ମାତ୍ର ପଞ୍ଚଷଠି ହଜାର ଟଙ୍କାରେ ଟାନେସ୍ସି ନଲ୍ଲମରେ ଉଠିବାରୁ କକ୍ସ କମ୍ପାନୀର ଋଣ ତ ପୁରାପୁରି ପରିଶୋଧ ହେଲା ନାହିଁ; ଅପରପକ୍ଷରେ ଅନ୍ୟ ଯେଉଁ

Digitized by srujanika@gmail.com

ଦେଣାଦାରମାନେ ଡଗ୍ରୀ ପାଇ ବସିଥିଲେ, ନଜ ନଜର ଦେଣା ଆଦାୟ ପାଇଁ ସେମାନେ ମଧ୍ୟ ସଜିୟ ହୋଇ ଉଠିଲେ ।*

୧୯୨୪ ସାଲରେ ପାରଳାର ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମୋଟ ଚବିଶ ହଜାର ଛଅଶହ ବାଉନ ଟଙ୍କା ଆଠଅଣା, ଋଣ ଆଦାୟ ପାଇଁ ମଧୁସୂଦନଙ୍କ ବାସଭବନ ଓ ଅନ୍ୟ ସମ୍ପତ୍ତି ଉପରେ ସବ୍‌ଜଜ୍ ଅଦାଲତରୁ ମଧ୍ୟ ଡଗ୍ରୀ ପାଇଥିଲେ । ସେତେବେଳେ ବାସଭବନକୁ ଡଗ୍ରୀଜାତରୁ ରକ୍ଷା କରିବା ପାଇଁ ମଧୁସୂଦନଙ୍କ ପରିବାରରେ ପ୍ରତିପାଳିତ ଚନ୍ଦ୍ରକୁମାର ହାଜରା ଡଗ୍ରୀଦାର ରୂପେ ପାରଳା ମହାରାଜାଙ୍କ ସ୍ଥାନରେ ଷ୍ଟଲାଭ୍‌ଗିକ୍ତ ହୋଇଥିଲେ । ଗଜପତିଙ୍କର ଏହା ଅନୁଗ୍ରହ ନଷ୍ଟସ୍ୱ ! ସେଇଦନୁ ପ୍ରକୃତପକ୍ଷେ ଚନ୍ଦ୍ରକୁମାର ହାଜରା ହିଁ ହୋଇଥିଲେ ଲେଲାମିଆଁ ବଜାରରେ, ମଧୁସୂଦନଙ୍କ ସେଇ ଦ୍ୱିତଳ ବାସଭବନର ସ୍ୱତ୍ୱାଧିକାରୀ । ଏହାର ଗୋଟିଏ ପାଖ ଭଡ଼ା ନେଇଥିଲେ କୋ-ଅପରେଟିଭ ସୋସାଇଟୀର ଡେପୁଟୀ-ରେଜିଷ୍ଟ୍ରାର । ଅନ୍ୟ ପାଖରେ ମଧୁସୂଦନ ରହୁଥିଲେ ଚନ୍ଦ୍ରକୁମାରଙ୍କ ଅନୁଗ୍ରହୀତ ଭଡ଼ାଟିଆ ରୂପେ ।

ଇତପୁର୍ବରୁ ନନ୍ଦକୁମାର-ଏଷ୍ଟେଟ୍ ମଧ୍ୟ ଋଣ ଆଦାୟ ପାଇଁ ଏଇ ବାସଭବନ ସହିତ, ତୁଳସୀପୁର ଅଞ୍ଚଳରେ ଥିବା ଅନାମ ଦାସ କୋଠା ଓ ଅନ୍ୟ ଭୂସମ୍ପତ୍ତି ଉପରେ ଡଗ୍ରୀ ପାଇ ସାରିଥିଲେ । ମଧୁସୂଦନ ସେତେବେଳେ ତୁଳସୀପୁର ଅଞ୍ଚଳରେ ଥିବା ଭୂସମ୍ପତ୍ତି ଓ ଅନାମ ଦାସ କୋଠାକୁ ନନ୍ଦକୁମାର ଏଷ୍ଟେଟ ପାଖରେ ରହଣିବନ୍ଧକ ଜମାପୁଞ୍ଜି କରଦେଇ, ଏଇ ବାସଭବନଟିକୁ ଦ୍ୱିତୀୟ ଥର ରକ୍ଷା କରି ପାରିଥିଲେ ।

ମାତ୍ର ମଧୁସୂଦନଙ୍କ ଡଗ୍ରୀଦାରମାନଙ୍କର ସଂଖ୍ୟା ଥିଲ ଏକାଧିକ । ସେମାନଙ୍କ ମଧ୍ୟରେ କଲିକତାର କକସ୍-କମ୍ପାନୀଠାରୁ ଆରମ୍ଭ କରି, ବିହାରର କେତେକ ଜମିଦାର ଓ ଓଡ଼ିଶାର ଗୁଧା ପ୍ରସାଦ ଭଗତ, ଗଣେଶ ଲାଲ ପଣ୍ଡିତ, ନନ୍ଦକୁମାର ଏଷ୍ଟେଟ୍, ପାରଳା ମହାରାଜ ପର୍ଯ୍ୟନ୍ତ ଥିଲେ ନାନା ଜମିଦାର ଓ ମହାଜନ ! ମହାଜନମାନେ ମୂଳ ଓ ସୁଧରୁ କାଣି କଉଡ଼ିଏ

---

* ମଧୁସୂଦନ ଦେବାଳିଆ ଘୋଷିତ ହେବା ପରେ ତାଙ୍କ ଇଷ୍ଟେଟର ରସିଭର ସଙ୍ଗେସ୍ରୁ ନାରାୟଣ ଦାସ ମହାଶୟ, ଏମ୍. ଏ. ବି. ଏଲ୍. ଲେଖିଛନ୍ତି : "The Utkal Tannery of which he (Madhusudan) was the Proprietor, was valued at Rs. 2,50,000 by the Sub-ordinate Judge, Cuttack in Execution Case No. 72 of 1926 and it was subsequently sold for Rs. 65,000. Thus a loss of Rs. 1,85,000 was incurred and it compelled him to apply for insolvency. If the Utkal Tannery could be sold for the price fixed by the Sub-ordinate Judge, he would have been able to clear off all his debts."

—Life of Madhusudan Das—As Seen By Many Eyes pp. 74.—

Digitized by srujanika@gmail.com

ପର୍ଯ୍ୟନ୍ତ ଗ୍ରସ୍ତବା ପାଇଁ ନାଟକ ! କନ୍ୟୁ ଦେଶ ଓ ଜାତର ଅଭ୍ୟୁଦସ୍ୱ ପାଇଁ ମଧୁସୂଦନ ଏ ସବୁ ଋଣ କରଥିବା ସୁଧଖୋର ମହାଜନ ମାନଙ୍କ କଥା ସ୍ୱତନ୍ତ୍ର—ଉଚ୍ଚ କଣ୍ଠରେ ଉଦ୍‌ଘୋଷିତ ଓ ପ୍ରକୀର୍ତ୍ତିତ କୌଣସି ଦେଶ ପ୍ରେମୀଙ୍କ ବବେକକୁ ସୁଦ୍ଧା ସେତେବେଳେ ସ୍ପର୍ଶ କର ନ ଥିଲ୍ଲ । ସାମନ୍ତବାଦୀ ବଲାସ, ବ୍ୟସନ ଓ ଇଂରେଜ ସ୍ରଳପୁରୁଷ ମାନଙ୍କ ଆଦର ଆପ୍ୟାସ୍ୱନରେ ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ଅକାତରରେ ଉଡ଼ାଇ ଦେଇ ପାରୁଥିଲେ; ସେମାନେ ଇଚ୍ଛା କରଥିଲେ, ମଧୁସୂଦନଙ୍କୁ କେବଳ ଯେ ଋଣଦାସ୍ୱରୁ ମୁକ୍ତ ଦେଇ ପାରଥାନ୍ତେ, ତାହା ନୁହେଁ; ପାଣ୍ଠି ଆଦାସ୍ୱ କର ଅନ୍ୟ ସୁଧଖୋର ମହାଜନ ମାନଙ୍କର ଦେଣା ମଧ୍ୟ ପରଶୋଧ କରପାରଥାନ୍ତେ ! ମାତ୍ର ସେମାନଙ୍କ ଦୃଷ୍ଟିରେ, ଜଣେ ଉତ୍ସର୍ଗୀକୃତ ଦେଶପ୍ରେମୀର ତ୍ୟାଗ ଓ ତପସ୍ୟା ତୁଳନାରେ ସୁଧ ଦ୍ରସାବ ଥିଲ୍ଲ ଅଧିକ ମହତ୍ତ୍ୱପୂର୍ଣ୍ଣ ! ଓଡ଼ିଶାର ଜାତୀସ୍ୱ ଜୀବନରେ ଏ କଲଙ୍କ ଯଥାର୍ଥରେ ଦୁରପନେସ୍ୱ !

ଉତ୍ତୀଦାର ମାନଙ୍କ ମଧ୍ୟରେ ପୁଣି ଏପର କେତେକ ଥିଲେ, ଯେଉଁମାନେ ପ୍ରତଦ୍ୱଂସା-ପତ୍ରସ୍ୱାକ୍ଷର ହୋଇ ମଧୁସୂଦନଙ୍କୁ ଦାଣ୍ଡର ଭିକାରି କରବାରେ କେବଳ ସନ୍ତୁଷ୍ଟ ନରହି, ତାଙ୍କୁ ସିଭିଲ୍ ଜେଲ୍ ଦେବା ପାଇଁ ସୁଦ୍ଧା ଉପ୍ୟର ହୋଇ ଉଠିଥିଲେ । ବହାରର ଜଣେ ଜମିଦାର ଏଥିରେ ଥିଲେ ଅଗ୍ରଣୀ !

ମଧୁସୂଦନଙ୍କ ଠାରୁ ଟେଲଗ୍ରାମ ପାଇ ଚନ୍ଦ୍ରକୁମାର ହାଜର୍ ମେଦନପୁରରୁ କଟକ ଆସିଥିଲେ ବାସରୁହ ସମ୍ପର୍କରେ କନ୍ଥ ଗୋଟାଏ ଚୂଡାନ୍ତ ବ୍ୟବସ୍ଥା କରବା ପାଇଁ ।

ଦେଣାଦାର ମାନଙ୍କର ଦାଉରେ ସେଇ ବାସଭବନଟି କେତେବେଳେ ଯେ ନଲ୍ଲମରେ ଉଠି, କାହା ହାତରେ ପଡ଼ବ ତାହାର କୌଣସି ସ୍ଥିରତା ନଥିଲ୍ଲ ।

ମଧୁସୂଦନଙ୍କ ସହପାଠୀ ଓ ଯୌବନର ବନ୍ଧୁ ସ୍ୱର୍ଗତ ଅମ୍ବିକା ଚରଣ ହାଜର୍‌ଙ୍କ ପୁତ୍ର ଚନ୍ଦ୍ରକୁମାର ଅମ୍ବିକାଙ୍କ ମୃତ୍ୟୁ ପରେ, ଚନ୍ଦ୍ରକୁମାର ୧୯୧୩ ସାଲ୍ ପର୍ଯ୍ୟନ୍ତ କଟକରେ ମଧୁସୂଦନଙ୍କ ପରବାରରେ ରହି ପ୍ରତପାଳିତ ଓ ଶିକ୍ଷାପ୍ରାପ୍ତ ହୋଇଥିଲେ । ମଧୁସୂଦନଙ୍କ ଅର୍ଥ ସାହାର୍ଯ୍ୟରେ ସେ ବଲ୍ଲତ ପାଇଁ ବାରଷ୍ଟର୍ ପଢ଼ ପାସ୍ କରଥିଲେ । ଏବେ ମଧୁସୂଦନ ହୋଇଥିଲେ ସେଇ ଚନ୍ଦ୍ରକୁମାରଙ୍କ ଅନୁରୁଦ୍ଧୀତ ସାହାଯ୍ୟପ୍ରାର୍ଥୀ ।

ମଧୁସୂଦନ କହିଲେ :—"ଚନ୍ଦ୍ର, ଘରଟାକୁ ବର୍ତ୍ତମାନ ନଲ୍ଲମ ଉଠାଅ ! ତା ନହେଲେ ଇନ୍‌ସଲଭେନସୀ ପାଇଁ ମୁଁ ଦରଖାସ୍ତ କରବା ପରେ, ଏହା ତୁମର ହାତଛଡ଼ା ହୋଇଯିବା ସୁନିଶ୍ଚିତ । ଶେଷରେ ତୁମେଇ ପଡ଼ବ ମୋର ଋଣଦାସ୍ୱରେ ।"

Digitized by srujanika@gmail.com

ମଧୁସୂଦନଙ୍କ ଓକିଲ ପାରେଶ୍ୱର ଓ ସୁବାଗୁଓ ପ୍ରମୁଖ ମଧ୍ୟ ଦେଇଥିଲେ ଏଇପର ପରାମର୍ଶ ! କନ୍ତୁ ମଧୁସୂଦନଙ୍କ ବାସଗୃହକୁ ଚନ୍ଦ୍ରକୁମାର ନଲ୍ଲମରେ ଉଠାଇବା ପାଇଁ ଥିଲେ କୁଣ୍ଠିତ । ଏହାର ଚନ୍ତା ସୁଦ୍ଧା ଭାଙ୍ଗର ବବେକ ଓ ଚେତନାକୁ ଘୋର ଆହତ କରୁଥିଲା ।

ପାରେଶ୍ୱର କହିଲେ "ଏଥିରେ ଲବପ୍ରବଣତାର ସ୍ଥାନ ନାହିଁ ଚନ୍ଦ୍ରବାବୁ ! ମିଷ୍ଟର୍ ଦାସ୍‌ଙ୍କ ବାସଗୃହ ଉପରେ ଅଛୁ ଆପଣଙ୍କର ଫାଷ୍ଟଗ୍ଲର୍କ, ପ୍ରଥମ ଅଧିକାର । ଆପଣ ସେ ଅଧିକାର ବର୍ତ୍ତମାନ ସାବ୍ୟସ୍ତ ନକଲେ ଏ କୋଠା ଅନ୍ୟ ଦେଣାଦାରମାନଙ୍କ ହାତକୁ ଗ୍ଲଲିଯିବା ଅସମ୍ଭବ ନୁହେଁ ! ସେତେବେଳେ ମିଷ୍ଟର୍ ଦାସ ପୁରୁପୁର ବସ୍ତୁହରା ହୋଇଯିବେ ନାହିଁ କ ?"

ପାରେଶ୍ୱରଙ୍କ ଯୁକ୍ତି ଥିଲା ଯେପର ଅଲଙ୍ଘନୀୟ; ପରାମର୍ଶ ମଧ୍ୟ ଥିଲା ସେହିପର ଦୂରଦୃଷ୍ଟି ସମ୍ପନ୍ନ !

ଅବଶେଷରେ ଖୋଲମିଆଁ ବଜାର, ମିସନରୋଡ଼ ଉପରେ ଥିବା, ମଧୁସୂଦନଙ୍କ ଐତହାସିକ ବାସଗୃହ ନଲ୍ଲମ ଉଠାଇବା ପାଇଁ ଚନ୍ଦ୍ରକୁମାର ହାଜରା ସବ୍‌ଜଜ୍ କୋର୍ଟରେ ମୋକଦ୍ଦମା ଦାସ୍ତର କଲେ । **(Execution case No. 296 of 1925)** ମଧୁସୂଦନ ବାସଗୃହ ଶେଷକୁ ନଲ୍ଲମରେ ଉଠିଲା । ଏହା ତ କେବଳ ମଧୁସୂଦନଙ୍କ ବାସଭବନ ନଥିଲା— ଏହା ଥିଲା ଓଡ଼ିଆ ଜାତୀୟତ୍ୱର ପ୍ରାଣକେନ୍ଦ୍ର । ଏକ ଜାତୀୟ ଅନୁଷ୍ଠାନ । ବରତ ଶତାବ୍ଦୀର ଶେଷଦଶକରେ ଏହି ଭବନ ଜନ୍ମିତ ହେବାଦନୁ, ଓଡ଼ଶାର ପ୍ରତ୍ୟେକ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ଏଇଠାରୁ । ଏହା ଥିଲା ପୁଣି ଓଡ଼ଶାରେ ସ୍ୱଦେଶୀ ଶିଳ୍ପର ପ୍ରସୂତଶାଳା । ଓଡ଼ଶା ଆର୍ଟ ୱେୟାରସ୍ କାରଖାନା ଓ ସ୍ୱଦେଶୀ ଜନ୍ମ ଶିଳ୍ପ ଏକଦା ଏହାର ପରସର ମଧ୍ୟରେ ସ୍ଥାପିତ ହୋଇଥିଲା । ଏକାଧିକ ଲେଫ୍‌ଟେନ୍ଣ୍ଟ-ଗଭର୍ଣ୍ଣର ଓ ବହୁ ଉଚ୍ଚପଦସ୍ଥ ଇଂରେଜ ରାଜପୁରୁଷଙ୍କଠାରୁ ଆରମ୍ଭ କରି, ସ୍ୱୟଂ ମହାତ୍ମା ଗାନ୍ଧୀଙ୍କ ପର୍ଯନ୍ତ ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ପଦଧୂଳିରେ ଏହାର ପ୍ରତ୍ୟେକ ଧୂଳକଣା ଥିଲା ଐତହାସିକ ପୂତ-ପ୍ରଭ ! ଉତ୍କଳ-ସମ୍ମିଳନୀର ଅସ୍ତମାରମ୍ଭ ହୋଇଥିଲା ପୁଣି ଏଇଠାରୁ ।

ଏବେ ସେଇ ଘର ଉପରେ ପଡୁଥିଲା ନଲ୍ଲମ ଡାକ—ଓଡ଼ଶା ଇତହାସର ଅର୍ଦ୍ଧ ଶତାବ୍ଦୀ ଯେପର ନଲ୍ଲମରେ ଉଠୁଥିଲା ।

ଚନ୍ଦ୍ରକୁମାରଙ୍କ ଆଶଙ୍କା, ଘର ନଲ୍ଲମରେ ଉଠିଲେ, ଅନ୍ୟ କେହି ଯଦି ନଲ୍ଲମରେ ବଢି ବଢି ଧରନ୍ତି ? ତାହେଲେ ? ଏପର ଆଶଙ୍କା ମଧ୍ୟ ଅମୂଳକ ନଥିଲା ।

କନ୍ତୁ ବଡ଼ମ୍ବାର ସେଇ ଚରମ ମୁହୂର୍ତ୍ତରେ ସୁଦ୍ଧା ମଧୁସୂଦନଙ୍କ ବଲଷ୍ଠ ଆତ୍ମପ୍ରତ୍ୟୟ ଓ ନଭଶ୍ଚୁମ୍ବୀ ଅହଙ୍କାର ତଳେ ହେଲେ ଶିଥଳ ହୋଇ ନଥିଲା ।

Digitized by srujanika@gmail.com

ମଧୁସୂଦନ କହୁଲେ···"ସେଥିପାଇଁ ତୁମର ଚନ୍ତ୍ରଭ ହେବା ଅନୁଚିତ ଚନ୍ଦ୍ର ! ମଧୁ ଦାସର କୋଠା ନଲାମରେ ଧରବା ପାଇଁ ଓଡିଶାରେ କେହି ଆଗଉର ହୋଇ ବାହାରବେ, ଏକଥା ଅସମ୍ଭବ । ମୋ ଜାତ ଉପରୁ ମୁଁ ତଥାପି ବିଶ୍ୱାସ ହରାଇ ନାହିଁ ଚନ୍ଦ୍ର !"

ଚନ୍ଦ୍ରକୁମାର ଉତ୍ତର ଦେଲେ···"ଆପଣଙ୍କ ଜାତର କଥା ଆଉ କୁହନ୍ତୁ ନାହିଁ ଦାଦା ! ସେଦିନ ସୁରେନ୍ ବାନାର୍ଜୀଙ୍କ ପାଇଁ ଟାଉନହଲ ସଭାରେ ଯେଉଁ ଶୋକ ପ୍ରସ୍ତାବ ଗୃହୀତ ହେଲା ତାହାକୁ ଟେଲଗ୍ରାମରେ ପଠାଇବାର ମାସୁଲ୍, ସାମାନ୍ୟ କେତେଟା ଟଙ୍କା ପାଇଁ, ଆପଣ ଜୟନ୍ତ ଜାଣି ସୁଦ୍ଧା ସେମାନେ ପତ୍ର ଆପଣଙ୍କ ପାଖକୁ ଟଙ୍କା ପାଇଁ ଆସିଥିଲେ !"

ଚନ୍ଦ୍ରକୁମାରଙ୍କ ଅଭିଯୋଗ ମିଥ୍ୟା ନୁହେଁ ! ଅଲ୍ପଦିନ ପୂର୍ବେ ବଙ୍ଗର ଜନନେତା ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ପାଇଁ ଟାଉନହଲରେ ଆୟୋଜିତ ହୋଇଥିଲା ଏକ ଶୋକସଭା । ମଧୁସୂଦନ ଥିଲେ ସେଇ ସଭାର ସଭାପତି । ସୁରେନ୍ଦ୍ର ନାଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଦୁଃଖିତ ହୋଇଥିଲା ଏକ ଦୀର୍ଘ ପ୍ରସ୍ତାବ । ସଭା ଶେଷରେ, ମଧୁସୂଦନ ଉଦ୍ୟୋକ୍ତାମାନଙ୍କୁ ଅନୁରୋଧ କରି ଯାଇଥିଲେ—ଟେଲଗ୍ରାମରେ ସେଇ ପ୍ରସ୍ତାବ ସୁରେନ୍ଦ୍ର ନାଥଙ୍କ ପରିବାରକୁ ପଠାଇ ଦେବା ପାଇଁ । ଉଦ୍ୟୋକ୍ତାମାନେ ବଣିଷ୍ଟ ଓକିଲ । ଉପାର୍ଜନ ମନ୍ଦ ନୁହେଁ । ଅନ୍ତତଃ ମଧୁସୂଦନଙ୍କ ପରି ଦେବାଳିଆ ଅବସ୍ଥାରେ ନାହାନ୍ତି । ତଥାପି ସଭା ପରଦିନ ସେମାନେ ମଧୁସୂଦନଙ୍କ ଦ୍ୱାରସ୍ଥ—ଟେଲଗ୍ରାମର ମାସୁଲ ପାଇଁ । ସାମାନ୍ୟ କେତେଟା ଟଙ୍କା ପକେଟରୁ କାଢିବା ପାଇଁ ସେମାନେ ନାରାଜ ।

ଚନ୍ଦ୍ରକୁମାରଙ୍କ ଆକ୍ଷେପରେ ମଧୁସୂଦନ ବିସ୍ଫୋରଣ କରି ଉଠିଲେ···"ସିଟ୍ ଅପ୍ ଚନ୍ଦ୍ର । ମୋ ଜାତର ପର୍ଚ୍ଚିକ୍-ଲାଇଫ୍‌ରେ ମୁଁ ଫାଷ୍ଟ ଜେନେରେସନ, ପ୍ରଥମ ପୁରୁଷ ! ସେମାନେ ମୋ ପାଖକୁ ନଆସି; ଆଉ ସା'ନ୍ତେ କେଉଁଠାକୁ ? ଜନ୍ମୁ ଛା ବୋଲ ମଧୁଦାସର ଘର ନଲାମରେ ଧରବା ପାଇଁ, ସେମାନେ ଯେ କେହି ବାହାରବେ ଏ ବିଶ୍ୱାସ ନାହିଁ ମୋର ।"

କାର୍ଯ୍ୟତଃ ତାହାହିଁ ହେଲା । ବିନା ଆୟାସ ଅଥବା ପ୍ରସ୍ତୁତି ସତ୍ତ୍ୱେ, ଉଚ୍ଚ ଉନ୍ନତର ନଲାମ ଡାକ ପରେ ସୁଦ୍ଧା, "ମଧୁବାବୁଙ୍କ କୋଠୀ"କୁ ନଲାମରେ ଧରିବା ପାଇଁ କେହି ବାହାରିଲେ ନାହିଁ ! ଅବଶେଷରେ ୧୯୨୫ ସାଲ ୬୧ ତାରିଖ ଅକ୍ଟୋବର ଦିନ ଶୈଳବାଲାଙ୍କ ନାମରେ ଚନ୍ଦ୍ରକୁମାର ହାଜରା ଏସ୍ଟେଟ୍ ଏଇ ଘରକୁ ନଲାମରେ ଧରିଲେ ! ଶୈଳବାଲାଙ୍କର ନିଜର ତ କୌଣସି ଉପାର୍ଜନ ନଥିଲା । ମଧୁସୂଦନ ତାଙ୍କୁ ମାସିକ ଯେଉଁ ୪୦୦ ଟଙ୍କା ମାସୋହାରା ଦେଉଥିଲେ, ସେଇ ସଞ୍ଚୟ, ପୁଣି ତାଙ୍କର ହାତ ପଇଠ ହୋଇଥିବା ମଧୁସୂଦନଙ୍କ ଅନ୍ୟ ଟଙ୍କାରେ, ଶୈଳବାଲା କୋଠା ନଲାମ ଧରିଥିଲେ ।

Digitized by srujanika@gmail.com

ମଧୁସୂଦନ ବାସଗୃହ ନଲ୍ଲମରେ, ବନ୍ଦୀ ହେବା ଦିନ, ସହରରେ ଖେଳିଯାଇଥିଲା ସ୍ୱତଃପ୍ରସାରିତ ଏକ ଶୋକଚ୍ଛାୟା ! ମଧୁସୂଦନଙ୍କ ଶତ୍ରୁମାନେ ସୁଦ୍ଧା ଦୀର୍ଘଶ୍ୱାସ ପକାଇଲେ··· ''ଦେଶ ପାଇଁ ମଧୁଦାସ ଦାଣ୍ଡର ଭିକାରି ହୋଇଗଲା !''

ସାଧାରଣତଃ ଘର ନଲ୍ଲମ ଠାରୁ ବଳି ଅନ୍ୟ ଦୁର୍ଭାଗ୍ୟ ନଥାଏ । ମାତ୍ର ମଧୁସୂଦନଙ୍କୁ ତାହା ଯେପରି ସ୍ପର୍ଶ ସୁଦ୍ଧା କରି ପାରି ନଥିଲା ।

ସେଦିନ ସନ୍ଧ୍ୟାରେ ମଧୁସୂଦନ ପାଦସ୍ପର୍ଶ କରୁଥିଲେ ସେଇ ବାସଭବନର ଲନ୍‌ରେ । ଏବେ ତାଙ୍କର ସାନ୍ଧ୍ୟଭ୍ରମଣ ଅଧିକାଂଶ ଦିନ ସେଇ ଲନ୍‌ରେ ଟ୍ରାସ୍ଟି ସିମାଁତ ରହୁଥିଲା । ତାଙ୍କ ସହିତ ସେଦିନ ଥିଲେ ଚନ୍ଦ୍ରକୁମାର, ପାରେଶ୍ୱର ମହାନ୍ତି ଓ ଚନ୍ଦ୍ରାମଣି ଆସ୍ଥାଁ । ପାରେଶ୍ୱର ଓ ଚନ୍ଦ୍ରାମଣି ସେଦିନ ସନ୍ଧ୍ୟାରେ ଆସିଥିଲେ, ସେଇ ଦୁର୍ଭାଗ୍ୟ-ଜର୍ଜରିତ ମୁହୂର୍ତ୍ତରେ ମଧୁସୂଦନଙ୍କୁ ସାନ୍ତ୍ୱନା ଦେବା ପାଇଁ । ମଧୁସୂଦନଙ୍କର କନ୍ୟୁ ସେତେବେଳେ ସାନ୍ତ୍ୱନାର ପ୍ରୟୋଜନ ନଥିଲା ।

ସମସ୍ତେ ନୀରବ । ସେମାନଙ୍କ ପୂର୍ବୋତ୍ତରରେ ଆସନ୍ନ ସନ୍ଧ୍ୟାର ମ୍ଳାନ ଆଲୋକ ମଧ୍ୟରେ ମଧୁସୂଦନଙ୍କ ଶୀର୍ଣ୍ଣକାୟ, ଶୁଭ୍ରକୁଳ ମୂର୍ତ୍ତି । ମଧୁସୂଦନ ନୀରବତା ଭଙ୍ଗ କରି କହିଲେ···''ହୁଜ୍ଜୀ ଶପିଙ୍କସ୍ ଇଜ୍ ସେଲ୍‌ଫ । ଇତିହାସର ପୁନରାବୃତ୍ତି ବଡ଼ିନ ! ଏ ଜାଗା ଦିନେ ଥିଲା ଚପ୍‌ବେକ୍ ସାହେବର । ୧୮୮୩ ସାଲରେ ସେ ଗ୍ଲୋଧୁସ୍ତ ମାନଙ୍କ ଠାରୁ ଏ ଜାଗା କିଣି ଏଠାରେ ତିଆର କରିଥିଲେ ନିଜ ପାଇଁ ଏକ ବରଫ କୋଠୀ । ଚପ୍‌ବେକ୍ ସାହେବର ଥିଲା ଜାହାଜୀ କାରବାର, କନ୍ୟୁ ତାର ଦୁଇ ଦୁଇଟା ଷ୍ଟୀମର୍ ବୃନ୍ଦାବାଲଠାରେ ମାଡ଼ ଖାଇବା ପରେ ସେ ଦେବାଳିଆ ହୋଇ କଟକରୁ ନେଲ୍ ବଦାସ୍ତ । ୧୮୮୯ ସାଲରେ ଏଇ ହତ୍ତା ଆଉ କୋଠୀ ନଲ୍ଲମରେ ଉଠିଥିଲା । ସେତେବେଳେ ମୁଁ ଏହାକୁ କିଣିଥିଲି ଡାକ ନଲ୍ଲମରେ । ମୋର ଟାନେଣ୍ଟ ବୁଢ଼ିଯିବା ପରେ, ମୁଁ ମଧ୍ୟ ଆଜି ଦେବାଳିଆ ! ଏଇ ହତ୍ତା ଆଉ କୋଠୀ ପୁଣି ଥରେ ଆଜି ଉଠିଲି ନଲାମରେ !'' ମଧୁସୂଦନ ଅଟ୍ଟହାସ କରି ଉଠିଲେ !

ଚନ୍ଦ୍ରକୁମାର ପ୍ରମୁଖ ନୀରବ !

ମଧୁସୂଦନ କହିଲେ···''ଦେବାଳିଆ ହେବା ପରେ ଚପ୍‌ବେକ୍ ସାହେବ, କଟକ ସ୍ଲୁଡ଼ ସ୍କୁଲ ଯାଇଥିଲା । ମଧୁଦାସର ମଧ୍ୟ ଏହାପରେ ଆଉ ସ୍ଥାନ ନାହିଁ କଟକରେ ! ମୁଁ ସ୍ୱତ୍ୱୁଟ୍ଟ ଏହାପରେ ସ୍କୁଲଯିବ ପାରିନା !''

ପାରେଶ୍ୱର ପ୍ରମୁଖ ଏକ ସଙ୍ଗରେ କହି ଉଠିଲେ···''ଆପଣ କଟକ ସ୍ଲୁଡ଼ ସ୍କୁଲଯିବେ ? ତାହାହେଲେ କଣ ହେବ ଓଡ଼ିଶାର ? ଓଡ଼ିଆ ଜାତିକୁ ଏବେ ନେତୃତ୍ୱ ନେବ କିଏ, ଏ ଘଡ଼ିସନ୍ଧି ବେଳେ ?''

Digitized by srujanika@gmail.com

ମଧୁସୂଦନ ବଙ୍ଗଳାରେ ପହଞ୍ଚିଲେ···"କନ୍ଥୁ ଓଡ଼ଶା ଚ ମଧୁଦାସକୁ ରକ୍ଷିପାରିଲ୍ଲ ନାହିଁ ! ମଧୁଦାସ କଟକରେ ରହିବ କେଉଁଠି ? କାହାର ଆଶ୍ରିତ ହୋଇ ?"

ଚନ୍ଦ୍ରକୁମାର ଉତ୍ତର ଦେଲେ..."ଆପଣ ଏ କଣ କହୁଛନ୍ତି ଦାଦା ? ଏ ଘରଚ ଆପଣଙ୍କର । ଆପଣ ନିଜ ଘରେ ଯେପରି ରହୁଥିଲେ, ସେହିପରି ରହିବେ । ଶୈଳ ସିନା ନମିତ୍ତ ମାତ୍ର ! ନୋହିଲେ ଆପଣଙ୍କ ଟଙ୍କାରେ ସେ ଏଇ ଘରକୁ କିଣିଛି, ଏ କଥା କିଏ ନଜାଣେ କିଏ ?"

ମଧୁସୂଦନ କ୍ଷିପ୍ତ କଣ୍ଠରେ ଚିତ୍କାର କରି ଉଠିଲେ...."ତାହାହେଲେ ତୁମେ କଣ କହୁଛ, ଶୈଳ ମୋର ବେନାମ୍‌ଦାର ? ଉତ୍ତାଦାର ମାନଙ୍କୁ ଫାଙ୍କିବା ପାଇଁ ଇଚ୍ଛା କରିଥିଲେ ମୁଁ ତ ଟାନେଟ୍ସ ସମେତ ସବୁ ସମ୍ପତ୍ତି ଅକ୍ଲେଶରେ ବେନାମୀ କରି ଦେଇ ପାରିଥାନ୍ତି !"

ଚନ୍ଦ୍ର ଅପ୍ରତିଭ କଣ୍ଠରେ ପ୍ରଶ୍ନ କଲେ···"ଆପଣଙ୍କ ଟଙ୍କାରେ ଶୈଳ କୋଠା କିଣିଲ୍ଲ ବୋଲ୍ ସେ କଣ ହେଲା ଆପଣଙ୍କ ବେନାମ୍‌ଦାର ?"

ମଧୁସୂଦନ କହିଲେ···"ଆଇନ ଦୃଷ୍ଟିରେ ଶୈଳ ଆଜ ଏ ଘରର ମାଲିକ୍ ! ଏହାପରେ ଗୋଟିଏ ସର୍ତ୍ତରେ କେବଳ ମୁଁ ରହିପାରେ ଏଇ ଘରେ ! ଶୈଳକୁ ପ୍ରତିମାସରେ ନମ୍ବୁମିତ ମୋ ଠାରୁ ଭଡା ନେଇ, ମୋତେ ରସିଦ୍ ଦେବା ପାଇଁ ପଡ଼ିବ । ତା ନହେଲେ ଲୋକେ କହିବେ ମଧୁଦାସ ବେନାମୀରେ ନିଜ ଧର ସମ୍ପତ୍ତି ଦଖଲ କଲ୍ ! ସବୁ ଯାଇଛି; ଅଛି କେବଳ ଆତ୍ମସମ୍ମାନ; ଏ ବୟସରେ ମୁଁ ତାକୁ ବିସର୍ଜନ ଦେଇ ପାରିବି ନାହିଁ ଚନ୍ଦ୍ର ."

ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମଧୁସୂଦନ ସେଇ ସର୍ତ୍ତ ରକ୍ଷା କରିଥିଲେ ନମ୍ବୁମିତ ଭବରେ ।

(ଦୁଇ)

ଜଣେ ଦେଶଭକ୍ତ ଜମିଦାର ଓ ନନ୍ଦକୁମାର ଏଷ୍ଟେଟ୍‌ର ଋଣ ପରିଶୋଧରେ, ମଧୁସୂଦନଙ୍କ ସମସ୍ତ ସ୍ଥାବର ସମ୍ପତ୍ତି ନିଃଶେଷିତ ହୋଇଗଲ୍ଲ । ମିଥନ୍‌ରୋଡ଼ରେ ଅନାମଦାସ କୋଠା, ଲ୍ୟୋଲାମିଆଁ ବଜାରରେ ଭାଙ୍ଗର ବାସଭବନ ଓ ତାହାର ଭଲଜମି ପାରିଲା ଗଜପତିଙ୍କ ଋଣ ପରିଶୋଧ ବାବଦରେ ଚନ୍ଦ୍ରକୁମାର ନିଲାମରେ ଉଠାଇବା ପରେ, ତୁଳସୀପୁର ଅଞ୍ଚଳରେ ଥିବା ମଧୁସୂଦନଙ୍କ ଅନ୍ୟ ପ୍ରାୟ ୪ ଏକର ଭୂସମ୍ପତ୍ତି, ରହିଣ ବନ୍ଧକ ଉତ୍ତମୁକ ବଲରେ ନନ୍ଦକୁମାର ଏଷ୍ଟେଟ୍ ଦଖଲ କରି ବସିଲେ । ତଥାପି ଆଉ ଦଶଜଣ ମହାଜନଙ୍କ ଦେଣା ବାକୀ ! ମାତ୍ର ମଧୁସୂଦନଙ୍କ ସମ୍ପତ୍ତିରୁ ସେମାନେ ପ୍ରାୟ କିଛୁ ପାଇ ପାରିଲେ ନାହିଁ ।

Digitized by srujanika@gmail.com

କାରଣ ନଲ୍ଲମ, ଡୋକ୍ କରିବା ପାଇଁ ମଧୁସୂଦନଙ୍କର ଆଉ ଅନ୍ୟ ସମ୍ପତ୍ତି ନଥିଲ ! କନ୍ତୁ ବହାରର ଜନୈକ ଜମିଦାର, ଜ୍ଞାନ୍ତ୍ୟାନନ୍ଦ ସିଂହ ବାହାଦୂର ଓ କଟକର ଆଉ ଜଣେ ମହାଜନଙ୍କର ଧାରଣା—ମଧୁଦାସ ଓକଲତି ବୃତ୍ତିରେ ସେମାନଙ୍କୁ ଫାଙ୍କିଦେଲ । ମଧୁସୂଦନ ନିସ୍ୱ ଥିବା ଜାଣି ସୁଦ୍ଧା ତାହା ବିଶ୍ୱାସ କରିବା ପାଇଁ ସେମାନେ ପ୍ରସ୍ତୁତ ନଥିଲେ । ମଧୁସୂଦନ ମନ୍ତ୍ରୀ ଥିବାବେଳେ, କୌଣସି ଘଟଣା ବଶେଷରେ ପୂର୍ଣ୍ଣି, ମଧୁସୂଦନଙ୍କ ପ୍ରତି ଥିଲ ଗୁଜା ଜ୍ଞାନ୍ତ୍ୟାନନ୍ଦ ସିଂହ ବାହାଦୂରଙ୍କ ଶତ୍ରୁତା । ଏଇ ମୌକାରେ ମଧୁସୂଦନଙ୍କୁ ସିଭିଲ୍ ଜେଲ୍ ଦେବା ପାଇଁ ସୁଦ୍ଧା ସେ ଉପର ହୋଇ ଉଠିଲେ ।

ଏ ପରିସ୍ଥିତିରେ ଦେବାଳିଆ ଘୋଷିତ ହେବା ବ୍ୟତୀତ, ମଧୁସୂଦନଙ୍କର ଉପାୟାନ୍ତର ନଥିଲ । ଆଗତ୍ୟା କଟକର ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ମଧୁସୂଦନ ଆବେଦନ କଲେ ଦେବାଳିଆ ଘୋଷିତ ହେବା ପାଇଁ ।

ମଧୁସୂଦନଙ୍କ ନମ୍ନୋକ୍ତ ଆବେଦନପତ୍ରରୁ ତାଙ୍କର ତତ୍କାଳୀନ ଆର୍ଥିକ ସ୍ଥିତି ସୁସ୍ପଷ୍ଟ ହେବ । ମଧୁସୂଦନ ଆବେଦନପତ୍ରରେ ଉଲ୍ଲେଖ କରିଥିଲେ....

"2. That your petitioner has suffered loss and incurred liabilities to the extent of Rs. 1,80,000 approximately. × × ×

4. That your petitioner is unable to pay his debts.

5. That in Execution Case No. 87 of 1926 of the Court of Sub-ordinate Judge of Cuttack (in which the petitioner is the Judgment debtor and the Executors of Nanda Kumar Bose's estate are the decree holders) an order of attachment of petitioner's properties was made to realise the sum of Rs. 16,436-3-0 and that order is subsisting now.

6. That in Execution Case No. 296 of 1925 in the Court of the Sub ordinate Judge of Cuttack, the petitioner's residence was sold in auction on 21st October, 1925. The petitioner now occupies a part of the house as a bequest, the other part being occupied by the Deputy Registrar, Co-operative Societies.

7. That on 7th March, 1927 the auction purchaser took possession on Utkal Tannery of which the petitioner was the proprietor. × × ×

Digitized by srujanika@gmail.com

9. That your petitioner is willing to place at the disposal of the Court all such property save in so far as it includes such items as are exempted by the Code of Civil Procedure, 1908. × × ×

11. That in the circumstances set forth above your petitioner humbly prays that your petitioner may be adjudged an insolvent under the provision of Act V of 1920 and such orders may be passed as the Court may deem it fit and proper.

And for this your petitioner as in duty bound shall ever pray."*

ଏହି ଦେବାଳିଆ ମକଦ୍ଦମାର ଶୁଣାଣି ମାସାଧିକ କାଳ ଘୁଲିଲା, ବହୁ ଉକ୍ତତା ମଧ୍ୟରେ । ଅବଶେଷରେ ୧୯୨୭ ସାଲ୍ ୫ ତାରିଖ ଅପରାହ୍ଣ ଦିନ, ଓଡ଼ିଶାରେ ଜାତୀୟ ଜୀବନର ଭଗୀରଥ, ମଧୁସୂଦନ, ପୋତିତ ହେଲେ ଦେବାଳିଆ ରୂପେ । ଯେଉଁ ସ୍ୱାର୍ଥମେଧ ଯଜ୍ଞର ମଧୁସୂଦନ ଥିଲେ ଉଦ୍‌ଗାତା, ସେଥିରେ ସେ ନିଜକୁ ଦେଲେ ପୂର୍ଣ୍ଣାହୁତ ।

ମଧୁସୂଦନଙ୍କର ସର୍ବସ୍ୱ ଯାଇଥିଲା ନିଲାମରେ ! ଅବଶିଷ୍ଟ ରହିଥିଲା କେବଳ, ଏକ ମୂଲ୍ୟବାନ ଲାଇବ୍ରେରୀ ଓ ଆସ୍‌ବାବପତ୍ର ! ଆଇନପୁସ୍ତକ, ଶବ୍ଦକୋଷଠାରୁ ଆରମ୍ଭ କରି ଡାକ୍ତରୀ, ଇଞ୍ଜିନିଅରିଙ୍ଗ୍, ଜ୍ୟୋତିଷ, ଇତିହାସ ଓ ସାହିତ୍ୟ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ସହସ୍ରାଧିକ ଗ୍ରନ୍ଥ ଗଚ୍ଛିତ ଥିଲା ସେଇ ଲାଇବ୍ରେରୀରେ । ଏ ଗ୍ରନ୍ଥ ସବୁ ଲାଇବ୍ରେରୀସରକାର ଉପକରଣ ନଥିଲା । ଏ ଗ୍ରନ୍ଥଗୁଡ଼ିକର ପ୍ରତି ପୃଷ୍ଠାରେ ମଧୁସୂଦନଙ୍କ ସ୍ୱହସ୍ତରେ ଉତ୍କୀର୍ଣ୍ଣ ଥିଲ ମାର୍ଜିନାଲ୍ ନୋଟ୍ ଓ ମନ୍ତବ୍ୟ । ମଧୁସୂଦନଙ୍କ ନିଃସ୍ୱ ନିଃସଙ୍ଗ ଜୀବନରେ ଏଇ ଗ୍ରନ୍ଥଗୁଡ଼ିକ ଦିଲା ପରମ ସମ୍ପଦ !

କନ୍ଧ ବିହାରର ରାଜା ଜ୍ଞାନ୍ତ୍ୟାନନ୍ଦ ସିଂହ ବାହାଦୂର, ସେଇ ଲାଇବ୍ରେରୀକୁ ପୂରା ଘୁଡ଼ି ଦେବା ପାଇଁ ନାରାଜ ଥିଲେ ! ଲାଇବ୍ରେରୀଟି ବୋଧହୁଏ ରକ୍ଷା ପାଇଗଲ୍; କନ୍ଧ ଅନ୍ୟସବୁ ଆସ୍‌ବାବପତ୍ର ନିଲାମରେ ବିକ୍ରୀ ହୋଇଗଲ୍ ମାତ୍ର ୫ ହଜାର ୬ ଶହ ୫୯ ମୂଲ୍ୟରେ ।

ଅଶୀ ବର୍ଷ ବୟସରେ, ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମଧ୍ୟରେ ପରିବର୍ଦ୍ଧିତ ମଧୁସୂଦନଙ୍କ ଅବସ୍ଥା ଦାଣ୍ଡର ଭିକାରୀଠାରୁ ସୁଦ୍ଧା ଦୟନୀୟ । ଦୁର୍ଯୋଗ ଓ ଦୁର୍ଭାଗ୍ୟର ଅନ୍ଧ ମୌସୁମି ଝଡ଼ ସେଇ

---

* ମଧୁସୂଦନଙ୍କ ସ୍ୱହସ୍ତ-ସଂଶୋଧିତ ଆବେଦନପତ୍ର ପରିଶିଷ୍ଟରେ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ବସ୍ତ୍ରଖଣ୍ଡକୁ ଉତ୍ସର୍ଜରର ସ୍ତବରେ ସେଦନ ଆହ୍ୱାନ କରିଥିଲ, ତାର ଶାଖା ପ୍ରଶାଖା ମାନଙ୍କୁ ବପର୍ଯ୍ୟନ୍ତ କର ଦେଇଥିଲ ! ମାନ ତାହାକୁ ତଥାପି ଭୂତଳଶାସ୍ୱୀ କର ପାରନଥିଲ । ସ୍ୱାଭିମାନ ଓ ଅସ୍ପୃତ୍ୟସ୍ୱରେ ମଧୁସୂଦନ ତଥାପି ରହିଥିଲେ ଅନମନ୍ୟସ୍ୱ ।

"ଆଁ...ଆଜ ଆଉ କ ବାର୍ତ୍ତା ଦେବାପାଇଁ ଅଛୁ ମୋର ? ସ୍ୱାଇ ସ୍ୱାଇ ବୋଲ କେତେ ମୁଁ ଡାକଲ, କେହୁତ ଶୁଣିଲେ ନାହିଁ !"

୧୯୨୭ ସାଲ ସେପ୍ଟେମ୍ବର ମାସରେ ବାଲେଶ୍ୱର ଠାରେ ଅନୁଷ୍ଠିତ ହେଉଥିବା ଉତ୍କଳ-ଖ୍ରୁତ-ସମ୍ମିଳନୀକୁ ଏକ ବାର୍ତ୍ତା ପାଇଁ, ମଧୁସୂଦନଙ୍କ ନଜଟକୁ ସେଦନ ଆସିଥିଲେ, କେତେଜଣ ଖ୍ରୁତନେତା । ସେମାନଙ୍କ ଉଦ୍ଦେଶ୍ୟରେ ମଧୁସୂଦନ ସ୍ୱଗତୋକ୍ତି କରିବା ପର କଣ୍ଠରେ କହୁଥିଲେ···"ଆଜ ଆଉ କ ବାର୍ତ୍ତା ଦେବା ପାଇଁ ଅଛୁ ମୋର ?"

ଖ୍ରୁତନେତା ମାନଙ୍କର ଶତ ଅନୁଯୋଗ କନ୍ତୁ ମଧୁସୂଦନଙ୍କ ଠାରୁ ଗୋଟିଏ ପ୍ରେରଣାଗର୍ଭିତ ବାର୍ତ୍ତା ପାଇଁ ! ସେମାନଙ୍କର ଜଣେ ମୁରବୀ କହିଲେ...."ଆପଣଙ୍କ ଠାରୁ ଗୋଟାଏ ମେସେଜ୍ ନପାଇଲେ ଆମର ସମ୍ମିଳନୀ ଅପୂର୍ଣ୍ଣ ରହିଯିବ ସାର୍ "

ଏଇ ଖ୍ରୁତ ଓ ତରୁଣ ସମାଜ ଥିଲେ ମଧୁସୂଦନଙ୍କର ଆଶା ଭରସାର ଏକମାତ୍ର ସ୍ଥଳ ! ନଜ ଯୌବନରେ ଶତ ଆକାଂକ୍ଷା ଓ ଉଦ୍ଦୀପନାର ପ୍ରତିଛବି ସେ ଯେପର ଦେଖି ପାରୁଥିଲେ, ସେମାନଙ୍କ ଆଶାଦୀପ୍ତ ମୁଖମଣ୍ଡଳ ଓ ବୁଦ୍ଧିଦୀପ୍ତ ଆଖିରେ ! ସେମାନଙ୍କ ସହିତ ଆଳାପ ଆଲୋଚନା ମଧରେ ସେ ଯେପର ଫେର ପାଉଥିଲେ ଶାନ୍ତି ଓ ସାନ୍ତ୍ୱନା !

ମଧୁସୂଦନ ପଚାରିଲେ···"କହୁ ପାରିବ ପିଲମାନେ, ବଙ୍ଗଳାର ପ୍ରଥମ ଗ୍ରାଜୁଏଟ୍ କଣ କରୁଥିଲେ ?"

ଖ୍ରୁତମାନେ ଶୂନ୍ୟ ଦୃଷ୍ଟିରେ, ମଧୁସୂଦନଙ୍କ ଆଡେ ଘୂହିଁ ରହିଲେ । ବଙ୍ଗଳାର ପ୍ରଥମ ଗ୍ରାଜୁଏଟ୍ କିଏ; ତାହା ସୁଦ୍ଧା ସେମାନଙ୍କୁ ଜଣା ନଥିଲ । ସେମାନେ କଣ ଦେବେ ଏ ପ୍ରଶ୍ନର ଉତ୍ତର ?

ମଧୁସୂଦନ କହିଲେ...."ବଙ୍ଗଳାର ପ୍ରଥମ ଗ୍ରାଜୁଏଟ୍ ମଣିଲେ ପେନ୍ସନ୍ ପ୍ରାପ୍ତ ଡେପୁଟୀ ମାଜିଷ୍ଟ୍ରେଟ୍ ରୂପେ ! କନ୍ତୁ ମୁଁ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଅଶୀ ବର୍ଷ ବପ୍ୱସରେ ଆଜ ଦେବାଳିଆ ! ତଥାପି ସେଦନ, ଅର୍ଦ୍ଧଶତାବ୍ଦୀ ପୂର୍ବେ, ଉତ୍କଳକୁ ବଶ୍ୱଦୃଷ୍ଟିକୁ ଆଣିବା ପାଇଁ, ମୁଁ ଯେଉଁ ବ୍ରତ ଗ୍ରହଣ କରିଥିଲ, ଆଜ ସୁଦ୍ଧା ତାହା ଅପରିବର୍ତ୍ତିତ ରହିଛୁ । ଉତ୍କଳ-ଟାନେସ୍ସୀ ମୋତେ ଦେବାଳିଆ କଲ ସତ; ମାନ ସଭ୍ୟଜଗତର ଦୃଷ୍ଟି ଏହା ଦ୍ୱାରା ଉତ୍କଳ ପ୍ରତ

Digitized by srujanika@gmail.com

ଆକୃଷ୍ଟ ହୋଇ ପାରନ୍ତୁ । ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଯଦି ଏତେ କାର୍ଯ୍ୟ କରି ପାରିଲା, ତାହେଲେ ତୁମେମାନେ ତାହା ପାରିବ ନାହିଁ କାହିଁକି ?"*

ମଧୁସୂଦନ ଧନରେ ହୋଇଥିଲେ ଦେବାଳିଆ ! ମାନ ମନରେ ସେ ତଥାପି ରହିଥିଲେ ଐଶ୍ୱର୍ଯ୍ୟମୟ ! ସ୍ୱାଭିମାନ, ଫଳକ୍ଲ ଓ ଆତ୍ମପ୍ରତ୍ୟୟରେ ସେ ତଥାପି ରହିଥିଲେ ଗିରିଶୃଙ୍ଗ ପରି ଅନମନୀୟ ! ଜାତୀୟତା ଓ ଦେଶସେବା ମଧୁସୂଦନଙ୍କ ଦୃଷ୍ଟିରେ ଥିଲା ସ୍ୱାର୍ଥମେଧ-ଯଜ୍ଞ । ମଧୁସୂଦନ ଏବେ ନିଜକୁ ସେଥିରେ ଯେପରି ଅର୍ପଣ କରିଥିଲେ ଶେଷ ଆହୁତି ରୂପେ !....ଦେବାଳିଆ ଜୀବନର ଦୁର୍ଭାଗ୍ୟ ଓ ଦୁଃଚିନ୍ତା ପ୍ରତି ସେ ଯେପରି ନିକ୍ଷେପ କରିଥିଲେ ତରୁମ ଆହ୍ୱାନ !

(୬୯)

ସଂସ୍ପର୍ଶକୁ ହୋଇ, ଦେବାଳିଆ ଘୋଷିତ ହେବା ପରେ ସୁଦ୍ଧା କେତେକ ମହାଜନଙ୍କ ଆକ୍ରମଣରୁ ମଧୁସୂଦନଙ୍କର ସ୍ୱସ୍ତି ନଥିଲା । ଯେଉଁ ମହାଜନମାନେ ନିଲମ ବୋକ୍‌ରୁ କିଛି ପାଇ ପାରି ନଥିଲେ; ସେମାନଙ୍କ ମଧ୍ୟରୁ କେହି କେହି ଆରମ୍ଭ କରି ଦେଇଥିଲେ, ମଧୁସୂଦନଙ୍କ ବିରୁଦ୍ଧରେ ଚରିତ୍ର-ଫହାର ଅଭିଯାନ ଓ ଅଦାଲତରେ ଆକ୍ରମଣ । ବିହାରରେ ବନାମ୍ଧ ଏଷ୍ଟେଟର ଜମିଦାର କୀର୍ତ୍ତ୍ୟାନନ୍ଦ ସିଂହ କୋର୍ଟରେ ଆବେଦନ କଲେ—କଲିକତା ଓ ପାଟନାରେ

---

* ମଧୁସୂଦନଙ୍କ ବାଣ୍ଡି।—"I am the first M.A. of the Oriya race, the first Oriya Vakil and now the first Oriya Advocate, the first Oriya visitor to Europe, the first Oriya Member of the Provincial and Viceregal Legislative Council, the first Oriya Minister and the first Indian Minister to resign Office, My race is the most backward and yet the first graduate of no race in India did all I have done. The first graduate of Bengal died a pensioned Deputy Magistrate. I am now in my eightieth year and have been adjudicated an Insolvent, but though I am eighty years old, my mission of life today remains what it was half a century ago and that mission is to bring Utkal to the notice of the world. Utkal Tannery landed me on Insolvency but it earned for Utkal the admiration of the whole civilised world. Students should aim at elevating Utkal. If the first graduate could do all this, much can be done by succeeding generations, if they realise their responsibility not as individuals but as members of a nation".

Digitized by srujanika@gmail.com

ମଧୁସୂଦନଙ୍କର ତଥାପି ରହୁଛୁ ଏକାଧିକ "ପ୍ରାସାଦୋପମ" ଅଟ୍ଟାଳିକା, ପୁଣ୍ଡରେ ରହୁଛୁ "ଶୈଳାଗ୍ରମ" କୋଠା । ଏହାଛଡ଼ା ରହୁଛୁ ୪୨୦୭୪ ନମ୍ବର ଫୋର୍ଡ଼ ମୋଟର ଗାଡ଼ୀ । ମଧୁସୂଦନ ଏସବୁ ଭାଙ୍କ ସମ୍ପତ୍ତି-ତାଲିକାରୁ ଉହ୍ୟ ରଖି ମହାଜନମାନଙ୍କ ଆଖିରେ ଧୂଳ ଫିଙ୍ଗିବା ପାଇଁ ଚେଷ୍ଟା କରଛନ୍ତି—ଏହା ଥିଲ ଭାଙ୍କର ଅଭିଯୋଗ ।

ଏସବୁ ସମ୍ପତ୍ତି ବନ୍ଧୀ କରିଯାଇ ଭାଙ୍କର ଦେଣା ପରିଶୋଧ ପାଇଁ ସେ ଆବେଦନ କରିଥିଲେ । ମଧୁସୂଦନଙ୍କୁ ଆଡ଼ମ୍ବିନିଷ୍ଟ୍ରେଟର ରୂପେ ପ୍ରାଇଭିଏ କରିବା ଅଧିକାରରୁ ବହୁତ କରିବା ପାଇଁ ମଧ୍ୟ ସେ ଅଦାଲତର ଦ୍ୱାରସ୍ଥ ହେବାପାଇଁ କୁଣ୍ଠିତ ହୋଇ ନଥିଲେ । ଚନ୍ଦ୍ରକୁମାର ହାଜରା ମଧୁସୂଦନଙ୍କ ବାସଭବନ ଓ ଅନ୍ୟାନ୍ୟ ଦାସ କୋଠା ଯେପରି ଜବରେ ନଲାମରେ ଧରିଲେ, ତାହା ବେନାମୀ କାରବାର—"a sham and collusive affair"—ବୋଲି ଆକ୍ଷେପ କରିବା ପାଇଁ, ଜ୍ଞାନେନ୍ଦ୍ର ସିଂହଙ୍କର କୁଣ୍ଠାବୋଧ ନଥିଲା । କଟକର କେତେକ ମହାଜନ ମଧ୍ୟ ବଳାଙ୍କ ଜମିଦାରଙ୍କ ସହିତ ସ୍ୱର ମିଳାଇଥିଲେ । ସେମାନେ ମଧୁସୂଦନଙ୍କ ବିରୁଦ୍ଧରେ ଆଇନର ସକଳ ଅସ୍ତ୍ର ପ୍ରୟୋଗ କରିଥିଲେ; ତାଙ୍କୁ ଏକାଥରେ ଉଚ୍ଛନ୍ନ କରିବା ପାଇଁ ।

ବଳାଙ୍କ ଜମିଦାର ଓ ତାଙ୍କପରି ଆଉ କେତେକଙ୍କ ଅଭିଯୋଗ ନିର୍ଦ୍ଦିତ ଜବରେ ଥିଲ ଅମୂଳକ । ପାଟନାରେ ଶୈଳବାଲାଙ୍କ ନାମରେ ଯେଉଁ କୋଠା କନକା ଗୁଜା ତଆର କରିଥିଲେ, ତାହା ସହିତ ମଧୁସୂଦନଙ୍କର କୌଣସି ସମ୍ପର୍କ ନଥିଲା । ପୁଣି ସେଇ ଫୋର୍ଡ଼ ମଟରଗାଡ଼ୀର ରେଜିଷ୍ଟ୍ରେସନ୍ ଥିଲ ମଧ୍ୟ ଶୈଳବାଲାଙ୍କ ନାମରେ । ମଧୁସୂଦନଙ୍କ ସମସ୍ତ ଆସ୍ଥା ଉପାର୍ଜନ ଯେପରି ଜବରେ ଏକଦା ଶୈଳବାଲାଙ୍କ କରଗତ ଥିଲା; ସେଥିରେ ମଧୁସୂଦନଙ୍କ ଦୁର୍ଭାଗ୍ୟ ବଳମସ୍ୱରେ ଶୈଳବାଲା ସମ୍ପତ୍ତିଶାଳିନୀ ହେବାରେ ବଞ୍ଚିତ ହେବା ଭଳ କଛୁ ନଥିଲା । ଶୈଳବାଲା ତ ଥିଲେ ମଧୁସୂଦନଙ୍କ କନ୍ୟା ସ୍ୱରୂପା ! ମଧୁସୂଦନଙ୍କ ଜଣେ ଭୃତ୍ୟ ପୂର୍ତ୍ତା ମଧୁସୂଦନଙ୍କ ଆସ୍ଥାରୁ କଟକ ସହରର ସମୀପବର୍ତ୍ତୀ ବରବାଟୀ ଅଞ୍ଚଳରେ ଏକ ଗ୍ରେଟକାଟିଆ ଚୌଜାର ଜମିଦାର ହୋଇ ପାରିଥିଲ । ମଧୁସୂଦନଙ୍କ ଜବନ ସହିତ ପରିଚତ ନଥିବା ଲୋକେ, ଏସବୁ ମଧୁସୂଦନଙ୍କ ବେନାମୀ ସମ୍ପତ୍ତି ବୋଲି ସନ୍ଦେହ କରିବା ପାଇଁ ଯଥେଷ୍ଟ କାରଣ ଥିଲେ ହେଁ; ପ୍ରକୃତରେ ତାହା ସେପରି ନଥିଲ । ପୁଣି କଲିକତା ଚଉବାରିଆ ରୋଡ଼ରେ (ନଂ ୭୦ ଓ ୭୦-ଏ) ଯେଉଁ କୋଠା ବିଷୟ ଜ୍ଞାନେନ୍ଦ୍ର ସିଂହ ଉଲ୍ଲେଖ କରିଥିଲେ, ତାହା ଥିଲା ସ୍ୱର୍ଗତ ଅମ୍ବିକା ଚରଣ ହାଜରାଙ୍କ ସ୍ୱପାର୍ଜିତ ସମ୍ପତ୍ତି । ଅମ୍ବିକାଙ୍କ ମୃତ୍ୟୁ ପରେ ସେଥିରେ ଅମ୍ବିକାଙ୍କ ପୁତ୍ର ଜତେନ୍ଦ୍ର କୁମାର ହାଜରା ସପରିବାରେ ବସବାସ କରି ରହିଥିଲେ । ଏହା ସହିତ ମଧ୍ୟ ମଧୁସୂଦନଙ୍କ କୌଣସି ସମ୍ପର୍କ ନଥିଲା । ବସ୍ତୁତଃ ଦେଣାଦାରମାନଙ୍କୁ ଫାଂକ ଦେବା ପାଇଁ ମଧୁସୂଦନଙ୍କ ଅପଚ ଅଭିପ୍ରାସ୍ଥ ଥିଲେ, କମ୍ପା ମହାଜନମାନଙ୍କୁ ଫାଂକ ଦେବା ପାଇଁ ଚେଷ୍ଟା କରିଥିଲେ, ଗୁଲସୀପୁର ଜମିଠାରୁ ଆରମ୍ଭ କରି ଖେଲ୍ଲମିଆଁ ବଜାରରେ ତାଙ୍କର ବାସଭବନ, ଏପରିକ ଟାନେଲ୍‌କୁ ପୂର୍ତ୍ତା ସେ ଅକ୍ଲେଶରେ ବେନାମୀରେ ରକ୍ଷା କରି ପାରିଥାନ୍ତେ । କନ୍ତୁ ମଧୁସୂଦନଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରରେ ସେ ପ୍ରକାର ପ୍ରବୃତ୍ତି ନଥିଲା ।

Digitized by srujanika@gmail.com

କାର୍ତ୍ତ୍ୟାନନ୍ଦଙ୍କ ଅଭିଯୋଗର ଗୋଟାଏ ଶବସ୍ତ୍ରର ପ୍ରସ୍ତୁତ କରିବା ପାଇଁ ମଧୁସୂଦନ ସେଦନ ତାଙ୍କ ଷ୍ଟଡ଼ିରେ ଇନସଲ୍‌ଭେନସୀ ମୋକଦ୍ଦମାର ନଥିପତ୍ର ମେଲଇ ବସିଥିଲେ । ଦେବାଳିଆ ଘୋଷିତ ହେବା, ତାଙ୍କୁ ଯେତେ ବାଧୁ ନଥିଲ, ସେତେ ବାଧୁଥିଲ ବେନାମୀ-କାରବାରର ଏଇ ଆକ୍ଷେପ ! କଟକରେ ମଧ ସେତେବେଳେ କୌଣସି କୌଣସି ଗୋଷ୍ଠୀରେ ସେ ପ୍ରକାର ଆକ୍ଷେପର ପ୍ରତିଧ୍ୱନି କମ୍ ଶୁଣା ଯାଉ ନଥିଲା ।

କନ୍ଧୁ ଆଇନର ସବୁ କୂଟ କୌଶଳ ଓ ଓକିଲାତି ବୁଦ୍ଧିର ଚତୁରତା ସତ୍ତ୍ୱେ ପଶ୍ଚତ୍ତ ଥିବା, ହାଇକୋର୍ଟର ଇଂରେଜ ବଘ୍ଚରପତମାନେ ମଧୁସୂଦନଙ୍କ ବରୁଦ୍ଧରେ ବେନାମୀର ଆକ୍ଷେପକୁ ବଶ୍ୱାସ କରି ପାରନଥିଲେ । ଅପର ପକ୍ଷରେ ମଧୁସୂଦନ ଯେପରି ଜ୍ଞବରେ ଦେବାଳିଆ ହେଲେ; ତାହାର ସାଧୁତା ପ୍ରତି ସେମାନେ ଜଣାଇଥିଲେ ଅକୁଣ୍ଠିତ ପ୍ରଶସ୍ତି !

ସେଦନ ଡାକରେ ଆସିଥିଲା ପାଟନା ହାଇକୋର୍ଟର ପ୍ରଧାନ ବଘ୍ଚରପତ ଜସନ୍ ମିଲ୍‌ରଙ୍କଠାରୁ ଚିଠି । ପାଟନା ହାଇକୋର୍ଟରୁ ସ୍ଥାନାନ୍ତରିତ ହେବା ପୂର୍ବରୁ ମଧୁସୂଦନଙ୍କୁ ଏକ ପତ୍ରରେ (ତା ୯୮ । ୩ । ୧୯୨୮) ଜସନ୍ ମିଲ୍‌ର ଲେଖିଥିଲେ....

"× × × I am sorry that after a notable career you should have found yourself handicapped by financial worries but I feel sure that your adversity has in no way shaken your faith in the all seeing wisdom of providence or in human nature or you would not have written me such an encouraging letter. It is always a pleasure to be told one has been able, even in a small way, to assist or encourage others through life's difficult journey, and yours has not always been easy."

ଇତପୂର୍ବରୁ ପାଟନା ହାଇକୋର୍ଟର ଅନ୍ୟତମ ବଘ୍ଚରପତ ବ. ମାକଫରସନ୍ ଦେବାଳିଆ ଘୋଷିତ ହେବା ପାଇଁ ମଧୁସୂଦନଙ୍କ ଆବେଦନରେ କୌଣସି ପ୍ରକାର ଦୁରଭିସନ୍ଧି ଅଥବା ଅସତ୍ ଅଭିପ୍ରାୟ ନଥିଲା ବୋଲି ଉଲ୍ଲେଖ କରି ମଧୁସୂଦନଙ୍କୁ ମଧ ଏକ ପତ୍ରରେ (ତା ୧ । ୧ । ୧୯୨୮) ଲେଖିଥିଲେ···

"× × × You mention your insolvency. I sympathise with you deeply in the mental distress involved. But we all know that the insolvency itself is perfectly above board and.....is the result of your patriotic struggles for your native land of which others are reaping the advantage and will do so increasingly as the years go on. So do not be unduly depressed over it : none of your old friends value you a whit less for that accident of fortune."

Digitized by srujanika@gmail.com

ଦେବାଳଆ ଘୋଷିତ ହେବା ସତ୍ତ୍ୱେ ମଧୁସୂଦନଙ୍କ ପ୍ରତି ତାଙ୍କର ପରିଚିତ ବନ୍ଧୁ ମାନଙ୍କର ଶ୍ରଦ୍ଧା ଓ ସମ୍ଭ୍ରମ ହ୍ରାସ ପଡ଼ି ନଥିଲା । ସେଇ ଘନୀଭୂତ ଦୁର୍ଦ୍ଦିନରେ ମିଲର୍ ଓ ମାକଫରସନ୍‌ଙ୍କ ପରି ଉଚ୍ଚପଦସ୍ଥ ବ୍ୟକ୍ତି ମାନଙ୍କ ଠାରୁ ଏପରି ଶୁଭେଚ୍ଛାପୂର୍ଣ୍ଣ ପତ୍ର ମଧୁସୂଦନଙ୍କୁ ଦେଉଥିଲା କଟୁକ। ଶାନ୍ତି ଓ ସାନ୍ତ୍ୱନା !

ଅପର ପକ୍ଷରେ ମଧୁସୂଦନଙ୍କ ଦେବାଳିଆ ଅବସ୍ଥା, ସେତେବେଳେ ତାଙ୍କ ପ୍ରତି ସବୁ ଶ୍ରେଣୀର ଲୋକଙ୍କର ସ୍ୱତଃପ୍ରଣୋଦିତ ସହାନୁଭୂତି ଉଦ୍ରକ୍ତ କରିଥିଲା । ମାତ୍ର କାହାର ସହାନୁଭୂତି ବା ଦୟା ଦାକ୍ଷିଣ୍ୟ ଗ୍ରହଣ କରିବା ପାଇଁ ମଧୁସୂଦନ ପ୍ରସ୍ତୁତ ନଥିଲେ ।

କଟକରେ ସେତେବେଳେ କେତେଜଣ ଅନ୍ୱବାହ୍ୟ ଇଂରେଜ କର୍ମଚାରୀ ଗୋଟିଏ ସ୍ୱୁଗ୍ରେପିଆନ-ମେସ କରି ରହୁଥିଲେ । ଏହାର ଅନ୍ୟେବାସୀ ଥିଲେ ୧୬ ଜଣ ଇଂରେଜ । ଏମାନଙ୍କ ପରିଚର୍ଯ୍ୟା ପାଇଁ ମେସ୍‌ରେ ଥିଲେ ୩ ଜଣ ବରୁଚୀ, ୫ ଜଣ ଖାନସମା ! ସେଇ ମେସରେ ଜଣେ ଅନ୍ୟେବାସୀ, ଶୁଭ୍ରକାଂକ୍ଷୀ ଭିତରେ ଭିତରେ ମଧୁସୂଦନଙ୍କ ପାଖକୁ ଆସି କହିଲେ "ମେସ୍‌ରେ ମେମ୍ବର ଆମେ ବର୍ତ୍ତମାନ ୧୬ ଜଣ; ଆଉ ୧୬ ଜଣ ହେଲେ ଆମ ମେସ୍‌ର ଏଷ୍ଟାବ୍ଲିଶ୍‌ମେଣ୍ଟ ହାଘ୍‌ହାଣ ଅଧା କମିଯିବ ।....why do not you join us ?"

ମଧୁସୂଦନଙ୍କ ଦୁସ୍ଥ ଅବସ୍ଥା ପ୍ରତି ସହାନୁଭୂତିର ସଙ୍କେତ ଏଥିରେ ଥିଲା ସୂକ୍ଷ୍ମ ! ତୀକ୍ଷ୍ଣ ଶାଣିତ ଦୃଷ୍ଟିରେ ସେଇ ଇଂରେଜଙ୍କ ଆଡ଼େ ଘୂର୍ଣ୍ଣି ପେ ପଚାରିଲେ...."୨୪ ଜଣ ମେମ୍ବର ହେଲେ ଯଦି ତୁମ ଏଷ୍ଟାବ୍ଲିଶମେଣ୍ଟ ଖର୍ଚ୍ଚ ଅଧା ହୋଇଯିବ, ତାହେଲେ ୩୬ ଜଣ ହେଲେ ତାହା ଏକ ଚତୁର୍ଥାଂଶକୁ କମି ଆସିବ ନାହିଁ !"

ଇଂରେଜ ଜଣକ ଘୋଷାଇତ କଣ୍ଠରେ ଉତ୍ତର ଦେଲେ..."ସେଥିରେ ଆଉ ସନ୍ଦେହ ଅଛି ?"

ମଧୁସୂଦନ କହିଲେ...."ତାହେଲେ ଯେଉଁଦିନ ତୁମ ହିସାବରେ ଏଷ୍ଟାବ୍ଲିଶ୍‌ମେଣ୍ଟ ଖର୍ଚ୍ଚ ଆଦୌ ପଡ଼ିବ ନାହିଁ, ସେଇ ଦିନ ମୋ ପାଖକୁ ଆସିବ, ମୁଁ ତୁମ ମେସ୍‌ରେ ଯାଇଁ ରହିବ !"

ମଧୁସୂଦନଙ୍କ ଠାରୁ ଏ ପ୍ରକାର ଉତ୍ତର ପାଇ ବେହାଲିତ ପରି, ସେଇ ଇଂରେଜ ଭଦ୍ରବ୍ୟକ୍ତି ଜଣକ ସେଦିନ ଫେରି ଯାଇଥିଲେ ସେଠାରୁ !

ଡ଼ିସେମ୍ବର ଶୀତ । ବାହାରେ ପ୍ରବଳ ଥଣ୍ଡା । ଚନ୍ଦ୍ର ଦ୍ୱାଜଙ୍କ ପରିଭଡ଼ା କେତେ ମାସ ଧରି ବାଙ୍କା ପଡ଼ିଯାଇଥିଲା । ମଧୁସୂଦନ ତାଙ୍କୁ ଏକ ପତ୍ରରେ ଲେଖୁଥିଲେ....

Digitized by srujanika@gmail.com

"I have to work hard, but I am thankful to God for having given me the necessary strength to sit up till 2 a.m. God is Good. God has been kind to me, notwithstanding my sins and short-comings."*

ସେଇ ପଣତଡ ବାର୍ଦ୍ଧକ୍ୟରେ ସୁଦ୍ଧା, ମଧୁସୂଦନ ଥିଲେ କଠୋର ପରଶ୍ରମୀ ।

ଆଜ୍ ଦନେ ଆସିଥିଲେ, କୌଣସି ଜଣେ ପ୍ରତିପତ୍ତି ଓ ବଉବଶାଳୀ ଜମିଦାରଙ୍କ ଶଟ୍ଟେନର୍, କଟକର ଜଣେ ବଶିଷ୍ଟ ଓକ୍ଲାଲ, ସଙ୍ଗରେ ତଣଶ ହଜାର ଟଙ୍କା ଧର ! ମଧୁସୂଦନ ଯେପର ଜ୍ୱରରେ ଦେବାଳଆ ହେଲେ, ତାହା ଏଇ ଜମିଦାରଙ୍କ ବବେକକୁ ଦଂଶନ କରୁଥିଲ—କାରଣ ମଧୁସୂଦନଙ୍କ ଦୁରବସ୍ଥା ପାଇଁ ସେ ମଧ ଥିଲେ କେତେକାଂଶରେ ଦାସ୍ୱୀ ! ସେଥପାଇଁ ମଧୁସୂଦନଙ୍କ ନକଟକୁ ସ୍ୱତଃପ୍ରଣୋଦିତ ଜ୍ୱରରେ ସେ ପଠାଇଥିଲେ ସେଇ ଅର୍ଥ-ସାହାଯ୍ୟ !

ଶଟ୍ଟେନର୍ ଭଦ୍ରଲୋକ ଥିଲେ ଏକଦା ମଧୁସୂଦନଙ୍କ ଜୁନିସ୍ୱର । ସେଥପାଇଁ ମଧୁସୂଦନଙ୍କ ମେଜାଜ୍ ସଦ୍ଭତ ସେ ଥିଲେ ସୁପରଚତ । ତେଣୁ କପର ଜ୍ୱରରେ ବଷସ୍ୱିଟି ଆରମ୍ଭ କରବେ ସେ ସ୍ଥିର କର ପାରୁ ନଥିଲେ ।

ମଧୁସୂଦନ ବଙ୍ଗଳାରେ ପଗ୍ଭରଲେ : "କ ହେ ବ୍ୟାପାର କ ?"

ଶଟ୍ଟେନର୍ ଉତ୍ତର ଦେଲେ :—"(ସେ) ତଣଶ ହଜାର ଟଙ୍କା ପଠାଇଛନ୍ତି, ଆପଣଙ୍କ ପାଇଁ ।"

ସନ୍ତପିତ ଜ୍ୱରରେ ଗୋଟାଏ ବ୍ୟାଗ୍ ଭତରୁ ସେ ଚାଡାଏ ନୋଟ କାଢି ରଖିଦେଲେ ମଧୁସୂଦନଙ୍କ ସାମନାରେ, ଟେବୁଲ ଉପରେ !

ଗାଢ କଣ୍ଠରେ ମଧୁସୂଦନ ଚତ୍କାର କର ଉଠିଲେ, "ତୋମାର କ୍ଲାଏଣ୍ଟ ଆମାସ୍ୱ କ ବେଶ୍ୟ ପେସ୍ୱେଛେନ୍ ?"

ଶିଥିଳ କମ୍ପିତ ହାତରେ ମଧୁସୂଦନ ସେଇ ନୋଟ ଚାଡ଼ା ଫିଙ୍ଗିଦେଲେ ଟେବୁଲ୍ ତଳକୁ !

ସେ ଆଜ ନଃସ୍ୱ, ରକ୍ତ ନଷ୍ପ୍ରଭ—କନ୍ତୁ ଉତ୍ତୁଙ୍ଗ ତ ନୁହନ୍ତ ! ଅଭମାନର ସେ ଗୌରୀଶଙ୍କର ଆଜ ମଧ ଗଗନଭେଦୀ !

---

* ଚନ୍ଦ୍ରକୁମାର ହାଜରାଙ୍କୁ ମଧୁସୂଦନଙ୍କ ପତ୍ର—ତା ୩.୧୨.୧୯୨୭—ପରଶିଷ୍ଟରେ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ବନ୍ଧୁ, ଆତ୍ମୀୟ ଓ ଶୁଭାକାଂକ୍ଷୀମାନଙ୍କ ପ୍ରତ୍ୟାନୁଭୂତ ପରବର୍ତ୍ତେ ବୈରାଗ୍ୟ ଓ ଚୂଡ଼ାନ୍ତାବସ୍ଥା ସତ୍ତ୍ୱେ ପ୍ରତପୋଷଣ ପାଇଁ ନଜର କର୍ମଣ୍ଡ ଉପରେ ସେ ଥିଲେ ଆସ୍ଥାବାନ । ଗସ୍ୱାର ଜଷ୍ଟିସ୍ ଜନ୍, ଡ.ଇ. ବୁବେନ୍ସ ଆଇ.ସି.ଏସ୍. ଏ ସମ୍ପର୍କରେ ଲେଖିଛନ୍ତି…

"ମଧୁସୂଦନଙ୍କର କର୍ମଣ୍ଡ ବସ୍ତୁତ୍ୱୋଦ୍ଦୀପକ ଥିଲା । ଅଣୀ ବର୍ଷ ବସ୍ତୁସରେ ସୁଦ୍ଧା ସେ କୋର୍ଟରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ତର୍କ (Argue) କରି ପାରୁଥିଲେ । ତାଙ୍କ କଣ୍ଠସ୍ୱର କ୍ଲାନ୍ତିରେ ଅସ୍ପଷ୍ଟ ଶୁଭୁନଥିଲା ଅଥବା ଶିଥିଳ ହେଉ ନଥିଲା । ଶେଷ ପର୍ଯ୍ୟନ୍ତ ତାଙ୍କର ମସ୍ତିଷ୍କ ରହୁଥିଲା ସ୍ଫଟିକ ପରି ସ୍ୱଚ୍ଛ । ଥରେ ଗୋଟାଏ ଆପିଲ ମୋକଦ୍ଦମାରେ ତାଙ୍କୁ ମୋ କୋର୍ଟକୁ ଆସିବା ପାଇଁ ପଡୁଥିଲା । ମୋକଦ୍ଦମାଟା ଅତି ମାମୁଲି—ବବାଦୀୟ କମି ଦଖଲ ଯେନ ଦଙ୍ଗାହାଙ୍ଗାମା । କୋର୍ଟକୁ ଆସିବା ପୂର୍ବରୁ, ଏଇ ମୋକଦ୍ଦମାର ନଥିପତ୍ର ଉପରେ ମୁଁ ଥରେ ଆଖି ବୁଲାଇ ନେଇଥିଲି । ଆପିଲକାରୀଙ୍କ ସପକ୍ଷରେ କଣ ବକ୍ତବ୍ୟ ଥାଇପାରେ, ମୁଁ ବୁଝିପାରୁନଥିଲି । ମିଷ୍ଟର ଦାସ ଥିଲେ ଆପିଲକାରୀଙ୍କ ପକ୍ଷରେ । ସେ ମୋକଦ୍ଦମାରେ ପଟଣା ବା ତଥ୍ୟ ଉପରେ ଗୁରୁତ୍ୱ ନ ଦେଇ ଗ୍ରାଇଟ୍-ଅଫ୍ ପ୍ରାଇଭେଟ ଡ଼ିଫେନ୍ସ ଉପରେ ଅତି ଚମତ୍କାର ଆର୍ଗୁମେଣ୍ଟ କରିଥିଲେ । ତାଙ୍କର ଆର୍ଗୁମେଣ୍ଟ ଦେଢ଼ଘଣ୍ଟା ଧରି ଚାଲିଥିଲା । ଆପିଲ ସପକ୍ଷରେ କୌଣସି ଯୁକ୍ତି ନାହିଁ ବୋଲି ଆରମ୍ଭରେ ମୁଁ ଯେଉଁ ଭାବୁଥିଲି, ତାହା ମୋତେ ବର୍ଜିତ କରିଦେଲା !"

ପାଟନା ହାଇକୋର୍ଟର ଅନ୍ୟତମ ବସ୍ତୁରପତ ଏସ୍. ବ. ଧାବ୍‌ଲେ ଆଇ. ସି. ଏସ୍. ମଧ୍ୟ ଲେଖିଛନ୍ତି…"ଜୀବନର ଶେଷାବସ୍ଥାରେ ମଧୁସୂଦନ ଘୋର ଦୁର୍ଦ୍ଦଶାଗ୍ରସ୍ତ ହୋଇଥିଲେ । ତଥାପି ସେଇ ଜଘନ୍ୟତମ ଶବ୍ଦରରେ ତାଙ୍କର ଅକୁତୋଭସ୍ୱ ଆତ୍ମା ସମସ୍ତଙ୍କୁ ବର୍ଜିତ କରୁଥିଲା ।"

ଈଶ୍ୱର ଅଛନ୍ତି ବା ନାହାନ୍ତି, ଏ ସମ୍ପର୍କରେ ସବୁ ବତର୍କ ବୃଥା । ଈଶ୍ୱର ଥାନ୍ତୁ ବା ନଥାନ୍ତୁ, ଜଗତର ଈଶ୍ୱର ବଶ୍ୱାସୀ ଓ ଐଶୀ ଇଚ୍ଛା ନକତରେ ମାରବ ଆତ୍ମସମର୍ପଣ ମଧ୍ୟରେ ମନୁଷ୍ୟର ପ୍ରାଣଶକ୍ତି ଉନ୍ମେଷିତ ଓ ଉତ୍କୀର୍ଣ୍ଣତ ହୋଇଥାଏ—ଏହା ଅସ୍ୱୀକାର କରବାର ଉପାସ୍ୱ ନାହିଁ । ସେଇ ଐଶୀ ଶକ୍ତି ଉପରେ ନର୍ଭର କରି ମଧୁସୂଦନ ଶେଷ ଜୀବନରେ ସବୁ ଦୁର୍ଯୋଗ ଓ ଦୁର୍ଭାଗ୍ୟର ସମ୍ମୁଖୀନ ହୋଇପାରଥିଲେ । ମନୁଷ୍ୟର ସହାନୁଭୂତ ଅପେକ୍ଷା ଈଶ୍ୱରଙ୍କ ଇଚ୍ଛା ଓ କରୁଣା ପ୍ରତ ସେ ଥିଲେ ଅଧିକ ଆସ୍ଥାବାନ । ସେଥିପାଇଁ ସେଇ ସଙ୍କଟଜନକ ଦୁର୍ଯୋଗ ମଧ୍ୟରେ ସୁଦ୍ଧା ମଧୁସୂଦନଙ୍କ ମନରେ ଗ୍ଲାନି ଅଥବା ମାଳନ୍ୟର ଲେଶ ମାତ୍ର ନଥିଲା ।

ମାନସିକ ଉଦ୍‌ବେଗ ଓ ଅକ୍ଲାନ୍ତ ପରଶ୍ରମ ଫଳରେ ପୂର୍ବତନ ଶୂଳବ୍ୟାଧିଟା ପୁଣି ହଠାତ୍ ବୃଦ୍ଧି ପାଇଥିଲା । ତା ଉପରେ ଜ୍ୱର । ମଧୁସୂଦନ ଶଯ୍ୟାଶାୟୀ ହୋଇ ପଡ଼ିଲେ । ତାଙ୍କୁ

• Life of Madhusudan Das—As Seen By Many Eyes, page 179.

Digitized by srujanika@gmail.com

ଦେଖିବା ପାଇଁ ସେଦିନ ଆସିଥିଲେ ଡ଼ଭଜନାଲ କମିସନରଙ୍କ ପତ୍ନୀ ଲାବନ୍ୟ ଦେବୀ । ମଧୁସୂଦନଙ୍କୁ ସେ ପିତୃତୁଲ୍ୟ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ଏକ ଶ୍ରୀଘ୍ରନ, ବପର୍ଯ୍ୟନ୍ତ ପରବେଶ ମଧ୍ୟରେ ମଧୁସୂଦନଙ୍କୁ ଶଯ୍ୟାଶାୟୀ ଦେଖି; ଲାବଣ୍ୟ କହିଲେ, "ଆପଣ ମୋ ସାଙ୍ଗରେ ଲାଲ୍‌ବାଗ କୋଠିକୁ ଚ୍ଚଲନ୍ତୁ ବାବା । ଇନ୍‌ସଲ୍‌ଭେନ୍ସୀ ଜଞ୍ଜାଳ ଶେଷ ହେବା ପର୍ଯ୍ୟନ୍ତ, ସେଇଠାରେ ମୋ ପାଖରେ ରହିବେ । ଏଠି ଆପଣଙ୍କର ଯାହା ଅବସ୍ଥା ।"

ମାତ୍ର ଲାବଣ୍ୟର ଅନୁରୋଧ ଉପେକ୍ଷା କରି, ମଧୁସୂଦନ କ୍ଷୀଣ କଣ୍ଠରେ ଉତ୍ତର ଦେଲେ...."ଲାବଣ୍ୟ ତୋର ସମବେଦନା ମୁଁ ବେଶ୍ ବୁଝି ପାରୁଛୁ; ସେଥିପାଇଁ ଅଶେଷ ଧନ୍ୟବାଦ ! କନ୍ତୁ କହ ମୋତେ, ମାଜଷ୍ଟ୍ରେଟ କୌଣସି ଆସାମୀ ପ୍ରତି ଦଣ୍ଡାଦେଶ ଦେଲେ, ଆସାମୀ ସେଥିରୁ କେବେ ବର୍ତ୍ତି ପାରିବ କି ? ମୋ ପ୍ରତି ସେହିପରି ଭଗବାନଙ୍କର ବର୍ତ୍ତମାନ ଶାସ୍ତି ବିଧାନ ହୋଇଛୁ । ମୁଁ ତାକୁ ଫାର୍କି ଦେଇ ପାରିବି କିପରି ? ଔଶୀ ଇଚ୍ଛା ନକଚରେ ଆତ୍ମ ସମର୍ପଣ କରି, ମୋତେ ଧୌର୍ଯ୍ୟର ସହିତ ସବୁ ସହ୍ୟ କରିଯିବା ପାଇଁ ପଡିବ । ମୁଁ ପଚ୍ଛେ ଘୁଷ୍ଟା କଡ଼ରେ ଗଛ ମୂଳେ ପଡ଼ିବା ପାଇଁ ପ୍ରସ୍ତୁତ; କନ୍ତୁ ବନ୍ଧୁ, ଶତ୍ରୁକାଂକ୍ଷୀ ମାନଙ୍କର ଦାକ୍ଷିଣ୍ୟର ଦାଦ ନୁହେଁ !"

ଜୀବନର ସେଇ ଚରମ ବଡ଼ମ୍ବିତ ମୁହୂର୍ତ୍ତରେ ମଧୁସୂଦନ ତଥାପି ରହିଥିଲେ ଅପରାଜେୟ ! ଦେବାଳିଆର ଦୁଃସ୍ଥିତ ମଧ୍ୟରେ ତାଙ୍କ ବ୍ୟକ୍ତିତ୍ୱର ପ୍ରଖ୍ର ଅଧିକତର ଉନ୍ମେଷିତ ହୋଇଥିଲା ସିନା; ମଳିନ ପଡ଼ି ନଥିଲା । ବସ୍ତୁତଃ ସାଧାରଣ ସୌଭାଗ୍ୟ ଦୃଷ୍ଟିରୁ ନୁହେଁ; ମାନସିକତାର ଉତ୍କର୍ଷ ଦୃଷ୍ଟିରୁ, ଏହାହିଁ ଥିଲ ତାଙ୍କ ଜୀବନର ଉତ୍କୃଷ୍ଟତମ ମୁହୂର୍ତ୍ତ ।

ମନ୍ତ୍ରୀତ୍ୱରୁ ଇସ୍ତଫା ଦେବା ପୂର୍ବରୁ, ମଧୁସୂଦନ ଥରେ ବହାର ଓଡ଼ିଶା କାଉନସିଲରେ ଭାଷଣ ପ୍ରସଙ୍ଗରେ କହିଥିଲେ....ଚଙ୍କା ପୁନାକୁ ସେ ହାତର ମଳ ପର ଜ୍ଞାନ କରନ୍ତୁ । ମଣିଷ ଅବହେଳା ଜମେ ସେସବୁ ଫିଙ୍ଗି ଦେଇ ପାରେ, ତଥାପି ତାର ମନୁଷ୍ୟତ୍ୱ ଚଳେମାତ୍ର ଜଣା ପଡ଼େ ନାହିଁ ।

ଦେବାଳିଆ ଜୀବନର ଫଗ୍ରାମ ଓ ଫକଚ ମଧ୍ୟରେ ମଧୁସୂଦନ ଏବେ ଦେଉଥିଲେ, ସେଇ ସତ୍ୟର କଠୋର ପରୀକ୍ଷା ।

ମଧୁସୂଦନ କାହାର ଦାକ୍ଷିଣ୍ୟର ପାତ୍ର ହେବାକୁ ଚାହାନ୍ତି ନାହିଁ । ସେ ଦିନେ ଘୋଷଣା କଲେ...."ଶୈଳ, ଆମ୍ପି ପ୍ରାକ୍ଟିସ୍ କରିବ ।"

କନ୍ତୁ କାହିଁକି ? କଣ ତାଙ୍କର ଅଭାବ ?

Digitized by srujanika@gmail.com

ମାତ୍ର ମଧୁସୂଦନ ନିଜ ନିଷ୍ପତ୍ତିରେ ଅଟଳ ! ଅନ୍ୟର ଦାକ୍ଷିଣ୍ୟ ଉପରେ ନିର୍ଭରଶୀଳ ଜୀବନ ଅପେକ୍ଷା ମୃତ୍ୟୁ ବରଂ ଶ୍ରେସ୍କର ! ସେ ପ୍ରାକ୍‌ଟିସ କରିବେ । କିନ୍ତୁ ଆଇନ ବ୍ୟବସାୟରେ ମଧୁସୂଦନଙ୍କ ଅସଫଳ ପ୍ରତିଷ୍ଠା ସେମାନଙ୍କୁ ଆଉ ନଥିଲା । ଯେଉଁମାନେ ଥିଲେ ମଧୁସୂଦନଙ୍କ ଜୁନିୟର ଓ ମଧୁସୂଦନଙ୍କ ପିରୟାରେ ଯେଉଁ ମାନଙ୍କର ଆରମ୍ଭ ହୋଇଥିଲା ଝଡ଼ାଝୁଆଁ, ଏବେ ସେମାନେ ଓକିଲତି ବ୍ୟବସାୟରେ ସୁପ୍ରତିଷ୍ଠିତ ! ତଥାପି ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ହେବା ପାଇଁ ଦେବାଳିଆ ବୃତ୍ତର ଫକଲ୍ଟ ! ମାତ୍ର ଏଥିରେ ସୁଦ୍ଧା ଦୁଇ ଜଣ ଦେଣାଦାରଙ୍କ ଆପତ୍ତି ଓ ପ୍ରତିବାଦ ! ମଧୁସୂଦନଙ୍କୁ ଦାଣ୍ଡର ଭିକାରୀ କରିବା ପାଇଁ ସେମାନେ ଥିଲେ ଯେପରି କୃତ-ସଙ୍କଳ୍ପ ! ମଧୁସୂଦନ କିନ୍ତୁ ଅନମନୀୟ ! ଯିଏ ଦେବାଳିଆ ହୋଇଗଲା ପଟଣାଚକ୍ରରେ, ସମ୍ମାନଜନକ ଜୀବନରେ ବଞ୍ଚିବା ପାଇଁ ତାର କଣ ନାହିଁ ଅଧିକାର ? ଜଜ୍ଜ-ଜଜ୍‌ଙ୍କ ପାଖରେ ମଧୁସୂଦନ ପୁଣି କଲେ ଆପିଲ....

"The Petitioner therefore prays that the Court be pleased to order the Vakil of creditors No. 3 and 8 to put in a petition stating therein that in making his prayer for disqualifying the insolvent petitioner from practicising he is acting under the instructions of both of his clients or any one of them, and after this is done, Your Honour may be pleased to appoint a day for hearing arguments on the question.....

ଅବଶେଷରେ ବହୁ ବଉର୍କ ପରେ ପ୍ରାକ୍‌ଟିସ କରିବା ପାଇଁ ମଧୁସୂଦନଙ୍କୁ ମିଳିଥିଲା ଅନୁମତି !

ଦୁର୍ଭାଗ୍ୟର ପୃଷ୍ଠୀ ସେହୁ ବନଝିଅକୁ ଦୋହଲାଇ ଦେଇଥିଲା, କିନ୍ତୁ ଭାଙ୍ଗି ପାରି ନଥିଲା !

ଚରମ ପରାଜୟ ମଧ୍ୟରେ, ସେ ଥିଲେ ଅପରାଜେୟ !

(ଗଣ୍ଡ)

ଏହାପରେ ସୁଦ୍ଧା ନିସ୍ତାର ନାହିଁ.....

ଜ୍ଞାନ୍ତ୍ୟାନନ୍ଦ ସିଂହ ଆବେଦନ କରିଥିଲେ—ଓକିଲତିରୁ ମଧୁସୂଦନଙ୍କ ଆୟ ଆଟାର୍ କର ସେଥିରୁ ତାଙ୍କର ଋଣ ଆଦାୟ ପାଇଁ ! ମାତ୍ର ଆୟ ବା 'ଇନକମ୍' ସମ୍ପତ୍ତି ବା 'ପ୍ରପର୍ଟି' ରୂପେ ଆଇନରେ ବିବେଚିତ ନଥିଲା; ପୁଣି ଦେବାଳିଆର ବ୍ୟକ୍ତିଗତ ଆୟ ଆଟାର୍ କରିବାର କୌଣସି ନଜୀର୍ ମଧ୍ୟ ନଥିଲା । ସେଥିପାଇଁ ମଧୁସୂଦନଙ୍କ ଆୟ ଆଟାଚ୍ ହୋଇ ପାରିଲା ନାହିଁ

Digitized by srujanika@gmail.com

କନ୍ଥୁ ନଜ ଆସ୍ପର ଦୃସାବ ନସ୍ୱମିତ ସ୍ୱବରେ କୋର୍ଟରେ ଦାଖଲ କରିବା ପାଇଁ, ଜଲ୍ଲା ଜଜ୍ ଆଦେଶ ଦେଇଥିଲେ;

"Ask the insolvent to be good enough to state what is his present income per month from legal work."*

ଓକଲତରୁ ଦୃପାର୍ଜନ ଦୃପରେ ଆଟାର୍‌ମେଣ୍ଟର ଖଡ୍ଗ ଝୁଲୁଥିବାରୁ, ୧୯୨୭ ସାଲ୍ ଅପ୍ରେଲ ଠାରୁ ଜୁନ୍ ଶେଷ ପର୍ଯ୍ୟନ୍ତ, ମଧୁସୂଦନ କୋର୍ଟକୁ ଆସୁ ନଥିଲେ । କନ୍ଥୁ ଜଣ୍ଟାଜଜ୍‌ଙ୍କ ଆଦେଶ ପର ଠାରୁ ସେ ଓକଲତୀ ବ୍ୟବସାସ୍ଥ ପୁଣି ଆରମ୍ଭ କରି ଦେଇଥିଲେ । ମାନ ସେ ସମସ୍ତଙ୍କୁ ଓକଲତୀ ବ୍ୟବସାସ୍ଥରେ ମଧୁସୂଦନଙ୍କ ଅସପନ୍ନ ପ୍ରତିଷ୍ଠା ଆଉ ନଥିଲ୍ । ଯେଉଁମାନେ ଏକଦା ମଧୁସୂଦନଙ୍କ ଜୁନିଅର୍ ଥିଲେ, ପୁଣି ଯେଉଁମାନଙ୍କୁ ମଧୁସୂଦନ ଓକଲତୀରେ ଦେଇଥିଲେ ପ୍ରଥମ ଚାନ୍ସ୍, ସେଦନକୁ ସେମାନଙ୍କ ମଧ୍ୟରୁ ଅନେକ ହୋଇ ଉଠିଥିଲେ, ଓକଲତୀ ବ୍ୟବସାସ୍ଥରେ ଧୁରନ୍ଧର ! ବେଳେ ବେଳେ କୋର୍ଟ କତେସ୍ଥରେ ମଧୁସୂଦନଙ୍କୁ ସେମାନଙ୍କ ଠାରୁ ନତ ସ୍ୱୀକାର କରିବା ପାଇଁ ମଧ୍ୟ ପଡୁଥିଲ୍ ।

ଅରେ, ସବଜଜ୍ କୋର୍ଟରେ ଓଡ଼ିଶା-ଟେନାନ୍ସୀ ଆକ୍ଟ ସମ୍ପର୍କିତ ଏକ ମୋକଦ୍ଦମାରେ ପ୍ରତିବାଦୀ ପକ୍ଷରେ ମଧୁସୂଦନ, ବାଦୀଙ୍କ ପକ୍ଷରେ ଶାରକଶୋର ସ୍ୱସ୍ୱ—ମଧୁସୂଦନଙ୍କର ଏକଦା ଜୁନିଅର ! ଶୁଣାଣି ଆରମ୍ଭ ହେବା ମାତ୍ରେ, ମଧୁସୂଦନ କହିଲେ···"ସ୍ୱୋର୍ ଅନର୍, ମୁଁ ଏଇ ଟେନାନ୍ସୀ ଆକ୍ଟର ପ୍ରତେଜା ! ବହାର-ଓଡ଼ିଶା କାଉନସିଲ୍‌ରେ, ପ୍ରତ୍ୟେକ ପର୍ଯ୍ୟାସ୍ଥରେ, ଏହି ବଲର୍ ବତର୍କରେ ମୁଁ ଅଂଶ ଗ୍ରହଣ କରିଥିଲି । ସିଲେକ୍ଟ କମିଟୀରେ ମଧ୍ୟ ମୁଁ ଏହାର ପ୍ରତ୍ୟେକ ଧାରା, ଉପଧାରା ବଶ୍ଳେଷଣ କରିଥିଲି ଭିନ୍ନ ଭିନ୍ନ ସ୍ୱବରେ ! ମୁଁ କହୁଛୁ, ଆକ୍ଟ ଅନୁସାରେ ବାଦୀଙ୍କ ପକ୍ଷରେ, ଏ ମୋକଦ୍ଦମାରେ କୌଣସି ସାରବତ୍ତା ନାହିଁ ।"

ସେଇ ପରିପ୍ରେକ୍ଷୀରେ ସୁଦ୍ଧା ମଧୁସୂଦନଙ୍କ ପ୍ରତିଭ୍ ଆସ୍ପପ୍ରତ୍ୟସ୍ଥ ଉଣାଉପ ନଥିଲ୍ !

ବାଦୀଙ୍କ ପକ୍ଷରୁ ଶାରକଶୋର ଉତ୍ତର ଦେଲେ···"ମିଷ୍ଟର ଦାସ ଯାହା କହୁଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ ! ମିଷ୍ଟର ଦାସ ପ୍ରକୃତରେ ଓଡ଼ିଶା-ଟେନାନ୍ସୀ-ଆକ୍ଟର ପ୍ରତେଜା ! କନ୍ଥୁ ହଜୁର, ଏଇ ଦେଖନ୍ତୁ ଟିରକା ବାହାରେ ସେଇ ଗଛ ଡାଳରେ ଚଢ଼େଇଟିଏ ବସିଛୁ । ସେଇ ଚଢ଼େଇକୁ ଲକ୍ଷ୍ୟ କରି ମୁଁ ଟେକାଟାଏ ଫିଙ୍ଗିଲି । ଟେକା ଚଢ଼େଇ ଦେହରେ ବାଜିପାରେ, ବାଜି ମଧ୍ୟ ନପାରେ; ବାଁ ଦଗକୁ ଯାଇପାରେ, ଡାହାଣ ଦଗକୁ ଯିବା ମଧ୍ୟ ଅସମ୍ଭବ ନୁହେଁ ! ଟେକା ମୋ ହାତମୁଠାରେ ଥିବା ପର୍ଯ୍ୟନ୍ତ ତା ଉପରେ ଥିଲ ମୋର ନସ୍ୱନ୍ତ୍ରଣ, କନ୍ଥୁ ଥରେ ହାତଛଡ଼ା ହେବା ମାତ୍ରେ, ଏହାର ଗତିପଥ ଉପରେ ମୋର ଆଉ କୌଣସି ନସ୍ୱନ୍ତ୍ରଣ ରହିଲ ନାହିଁ । ସେଇପରି ସ୍ୱବରେ, ମଧୁସୂଦନ ହୋଇ ପାରନ୍ତି ଓଡ଼ିଶା

* Miscellaneous Case No. 36 of 1927.

Digitized by srujanika@gmail.com

ଟେନାନ୍‌ସୀ ଆଇର ପ୍ରଣେତା; ମାତ୍ର ଏହାର ଭର୍ଜମା ଉପରେ ତାଙ୍କର କୌଣସି ସ୍ୱତ୍ୱ ଅଧିକାର ନାହିଁ । ଏଥିରେ ତାଙ୍କର ଯେତିକ ଅଧିକାର, ମୋର ଅଧିକାର ମଧ୍ୟ ସେତିକ, ଦ୍ୱଜୁର୍‌ଙ୍କ ଅଧିକାର ମଧ୍ୟ ସେତିକ ।"

ୱାରକଶୋରଙ୍କ ଯୁକ୍ତି ଅକାଟ୍ୟ !

ମଧୁସୂଦନ ମାରବ ରହିଲେ ।

ଉନ୍ମେଷ କରିବା ନିମନ୍ତ୍ରଣୋତ୍ସବ, ମୋକଦ୍ଦମାରେ ବାଦୀ ପାଇଥିଲେ ଜୟପତ୍ର । ଘଣ୍ଟା ବାହାରିବା ପରେ, ମଧୁସୂଦନ ଓ ୱାରକଶୋର କୋର୍ଟରୁ ବାହାରକୁ ଆସିବା ମାତ୍ରେ, ମଧୁସୂଦନ ୱାରକଶୋରଙ୍କୁ କୁଣ୍ଢାଇ ପକାଇ କହିଲେ...."ଚମତ୍କାର ଆର୍ଗୁମେଣ୍ଟ୍ କରି ୱାରକଶୋର । ମିଷ୍ଟର୍ ଦାସକୁ ହାର୍‌ମନାଇ ଦେଲ ! ରୁମ ପାଇଁ ମୁଁ ଗର୍ବିତ !"

ମଧୁସୂଦନ ତା'ପରେ ଆସିଲେ ବାର୍‌ଲାଇବ୍ରେରୀ ଆଡ଼େ, ଜୁନିଅର୍ ଓକିଲମାନଙ୍କ ସହିତ ରଘର ଆଡ଼୍ଡା ଜମାଇବା ପାଇଁ । କୋର୍ଟ କାରଣ୍ଡାରେ କେତେଜଣ ଜୁନିୟରଙ୍କୁ ଦେଖି ମଧୁସୂଦନ ପଚାରିଲେ...."କ'ଣ ହେ ଭୋମ୍‌ରା ଆଛ କେମନ୍ ?"

ଜଣେ ନୂତନ ଓଲିଆ ଓକିଲ ସମ୍ଭ୍ରମରେ ଉତ୍ତର ଦେଲେ···

"ଭଲେ ଆଛୁ ସାର୍ !"

ମଧୁସୂଦନ ଶ୍ରୁବ୍‌ଧ କଣ୍ଠରେ ପଚାରିଲେ···

"ଆମାକେ ଠାଟ୍ଟା କରୁଛ ?"

"ନେଇଁ ଚ !"

"ତାହଲେ ତୁମି ବାଙ୍ଗାଲ୍ଲୀ ଉତ୍ତର ଦଲେ କେନ ?"—ମଧୁସୂଦନ ରୁକ୍ଷ କଣ୍ଠରେ ସେହି ନବାଗତ ଓକିଲଙ୍କଠାରୁ କୈଫିୟତ ଦାବୀ କରୁଥିଲେ ।

ଯୁବକ ଓକିଲ ଉତ୍ତର ଦେଲେ···"ଆପ୍‌ନ ବାଙ୍ଗାଲ୍ଲୀ ବଲ୍‌ଲେନ୍ ! ତାଇ !"

ମଧୁସୂଦନ କହିଲେ···"Follow me, but do not imitate my mistakes." (ମୋତେ ଅନୁସରଣ କର; କିନ୍ତୁ ମୋର ଭୁଲକୁ ନୁହେଁ !)

ମଧୁସୂଦନ ଜୀବକା ଉପାର୍ଜନର ତାଡନାରେ ଅଧିକାଂଶ ଦିନ କୋର୍ଟ ଆସୁଥିଲେ— ମାତ୍ର ମୋକଦ୍ଦମା ସଂକ୍ରାନ୍ତରେ ଯେତେ ନୁହେଁ; ସେତେ ଜଣେ ଓକିଲମାନଙ୍କ ସହିତ ଆଡ଼୍ଡା

Digitized by srujanika@gmail.com

ଜମାଇ, ସେମାନଙ୍କ ଗହଣରେ ଅଗାଉର ଶତ ସ୍ମୃତଗ୍ଧରଣ ପାଇଁ !···"ଓ ହେ ଜାନେ ତୋମ୍ସ୍ ! ୧୮୬୬ ସାଲେ ଆମି ଯଖନ ପ୍ରାର୍ଦ୍ଧିସେର୍ ଜନ୍ୟ ପ୍ରଥମ କଂକ ଆସି, ତଖନ୍ କଂକେର ବାର ଲାଇବ୍ରେଗ୍ଧତେ ଆମାର୍ ଜନ୍ୟ ସ୍ଥାନ୍ଟୁକୁ ଛୁଲ ନଁ ! ତଖନ୍ କେ ଛୁଲ୍ ଓଙ୍ଗ୍ରିଜ୍ ଜଜ୍ ? ଦେଖି, ସ୍ମରଣ କର୍ତ୍ତେ ପାର କ ନଁ !···ହଁ, ସ୍ମରଣ ହୁସ୍ୱେଛେ, ଜଜ୍ ଛୁଲ ତଖନ୍ ଜକ୍ଲନ୍ ! ଏକ୍ଦନ ଆମି କ କରଲାମ୍ ବୁଝେଛ....."

ଏଇପର ଅନେକ ସ୍ମୃତ ! ଅନେକ କଥା ! ଏଥିରେ ଆସ୍ମ ଉପାର୍ଜନ ନଥିଲ; ଥିଲା କେବଳ ଏକ ବକଲ୍ ଆସ୍ମତୃପ୍ତି !

କୋର୍ଟର ଆଦେଶକ୍ରମେ ମଧୁସୂଦନ ଓକଲାଉରୁ ଭାଙ୍କ ଆସ୍ମର ଯେଉଁ ଉପାବ ଜସ୍ମମିତ ଭବରେ ଦାଖଲ କରୁଥିଲେ, ସେଥିରୁ ଜଣାପଡ଼େ, ସେତେବେଳେ ଭାଙ୍କର ମାସିକ ଆସ୍ମ ଦାଦ୍ଦାର ପ୍ରାସ୍ମ ପାଞ୍ଚଶହ ଟଙ୍କାରୁ ବେଶୀ ନଥିଲା । ଏକଦା ଭାଙ୍କର ସଲାମୀ ଏକାବନ ଟଙ୍କାରୁ ପଇସାଟିଏ ଉଣା ନଥିଲ୍; ଏବେ କନ୍ଦୁ ସାମାନ୍ୟ ଦଶ ଟଙ୍କା ସଲାମୀ ପାଇଁ ସୁଦ୍ଧା ମଧୁସୂଦନ ହସ୍ତ ପ୍ରସାରଣ କରୁଥିଲେ ଅକୁଣ୍ଠିତ ଭବରେ । ସେଇ ପଣତ ବାର୍ଦ୍ଧକ୍ୟ ଓ ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତେ, ଓକଲାତ ସଦାନ୍ତରେ ଭାଙ୍କୁ ପୁଣ୍ଡ, ଖୋର୍ଦ୍ଧା ପ୍ରଭୃତ ଦୂରବର୍ତ୍ତୀ ସ୍ଥାନ ମାନଙ୍କୁ ଯିବା ପାଇଁ ମଧ୍ୟ ପଡୁଥିଲା ।

ମାନ ଅର୍ଥାଭାବକ୍ଲିଷ୍ଟ ଦୁର୍ଦ୍ଦିନ ମଧରେ ସୁଦ୍ଧା ମଧୁସୂଦନଙ୍କ ବ୍ୟବସାୟିକ ମାଉବୋଧ ଓ ଦାକ୍ଷିଣ୍ୟ ଉଣା ପଡ଼ନଥିଲା ।

ଆଇ. ପି. ସି.ର ୬୭୯ ଓ ୫୦୪ ଧାରାରେ ଅଭିଯୁକ୍ତ, ପରମେଶ୍ୱର ଓଝା ନାମକ ଜଣେ ଲୋକ ପୁଣ୍ଡ ଡେପୁଟୀ ମାଜଷ୍ଟ୍ରେଟଙ୍କ କୋର୍ଟରେ, ନଜ ପକ୍ଷରେ ମଧୁସୂଦନଙ୍କୁ ଓକଲ ରୂପେ ନଯୁକ୍ତ କରଥିଲେ । ପୁଣ୍ଡରେ ସପ୍ତାହାଧିକ କାଳ ଚୁଲଥିଲା ଏ ମୋକଦ୍ଦମାର ଶୁଣାଣି । ଓଝାଙ୍କ ଦାରଦ୍ର୍ୟ ଓ ଅର୍ଥାଭାବ ହେତୁ, ମଧୁସୂଦନ ଦନକର ଫିସ୍ ପାଇନଥିଲେ ଆଉ ଦନେ ପାଇଥିଲେ ଅଧା ଫିସ୍ ! ସଦ୍ଦମୋଟ ଏହି ମୋକଦ୍ଦମାରେ ମଧୁସୂଦନ ଫିସ୍ ବାବଦକୁ ପାଇଥିଲେ, ୭୬୫ ଟଙ୍କା । କନ୍ଦୁ ବସ୍ତରରେ ଓଝାଙ୍କୁ ଦଣ୍ଡାଦେଶ ହୋଇଗଲା; ତା' ଉପରେ ୧୫୦ ଟଙ୍କା ଜୋରମାନା ! ଆପିଲ ପାଇଁ ଓଝାଙ୍କର ସମ୍ବଲ ନଥିଲ । ତଥାପି ଓଝା ଆଉ କନ୍ଦୁ ଟଙ୍କା ମଧୁସୂଦନଙ୍କୁ ପାରଶ୍ରମିକ ବାବଦକୁ ଦେବା ପାଇଁ ପ୍ରସ୍ତୁତ ଥିଲେ । ମାନ

Digitized by srujanika@gmail.com

ମଧୁସୂଦନ ସେଇ ଦରଦ୍ର, ଦଣ୍ଡାଦଷ୍ଟ ବ୍ୟକ୍ତି ଠାରୁ ଆଉ ଟଙ୍କା ନେବାକୁ ନାସ୍ତି କରି, ସେଇ ଟଙ୍କାରେ କାଙ୍ଗାଳ ଭୋଜନ କରାଇବା ପାଇଁ ତାଙ୍କୁ ନର୍ଦ୍ଦେଶ ଦେଇଥିଲେ ।*

ପୁଣିରୁ ଆଉ ଜଣେ ଆସିଥିଲେ ମଧୁପାନ୍ଥ, ଜଣେ ଦରଦ୍ର, ଅସହାସ୍ୱ ବ୍ୟକ୍ତି ! ଯେତକ ନ୍ୟସ୍ୱ, ଦରଦ୍ର, ଅସହାସ୍ୱ, ସମସ୍ତେ ଯେପରି ମଧୁସୂଦନଙ୍କ ପାଖରେ ଭିଡ ବାନ୍ଧୁଥିଲେ, ପରନ୍ତୁ ପାଣ ପାଇଁ ! ଆଇ. ପି. ପି.ର ୩୦୨ ଧାରାରେ ପୁଣିରେ ଏକ ସେସନ୍ ମୋକଦ୍ଦମାରେ ମଧୁସୂଦନଙ୍କୁ ନ୍ୟୁକ୍ତ କରିବା ପାଇଁ, ମଧୁପାନ୍ଥ ତାଙ୍କର ଦ୍ୱାରସ୍ଥ ହୋଇଥିଲେ !

ମଧୁପାନ୍ଥର ବେଶବାସ ଦୁଃସ୍ଥ, ମଳିନ !

ମଧୁସୂଦନ ପଚ୍ଛିଲେ..."ମୋର ଫିସ୍ ଦେଇ ପାରିବ ?"

ମଧୁପାନ୍ଥ ସଙ୍କୁଚିତ କଣ୍ଠରେ ଉତ୍ତର ଦେଲେ···"ଦେବ ହୁଜୁର !"

"କେତେ ?"—ମଧୁସୂଦନ ପଚ୍ଛିଲେ !

ମଧୁପାନ୍ଥ କରୁଣ କଣ୍ଠରେ କହିଲେ...."ଶହେ ଟଙ୍କାରୁ ବେଶୀ ଦେବା ପାଇଁ ମୋର ବଳ ନାହିଁ ହୁଜୁର !"

ଶୁଣାଣି କେତେ ଦିନ ଚାଲିବ, ସ୍ଥିର ନାହିଁ ! ସେଥିରେ ପୁଣି ସେସନ୍ ମୋକଦ୍ଦମା ! ଶହେ ଟଙ୍କା ଫିସ୍ ସେଥିପାଇଁ କିଛି ନୁହେଁ ! ମଧୁସୂଦନଙ୍କ ବୁଦ୍ଧି ମାରିବଟା ଲକ୍ଷ୍ୟ କରି, ମଧୁପାନ୍ଥ ଆର୍ତ୍ତନାଦ କରିବା ପରି ଅସହାସ୍ୱ କଣ୍ଠରେ କହିଲେ...."ଆପଣ ଠିଆ ନହେଲେ ଏ ମୋକଦ୍ଦମାରୁ ମୁକୁଳ ପାରିବ ନାହିଁ ହୁଜୁର ! ପୁଣିର ଓକିଲମାନେ ମୋତେ ପଠାଇଦେଲେ ଆପଣଙ୍କ ପାଖକୁ । ରହିଲେ ରହିବେ ମାରିଲେ ମାରିବେ—ଆପଣଙ୍କ ଇଚ୍ଛା !"

ମଧୁସୂଦନ ସମ୍ମତି ଦେଲେ...."ପୁଣିରେ ତୁମେ ଜଣେ ଓକିଲ ଠିକ୍ କର, ସିଏ ମୋକଦ୍ଦମାର ତଦ୍ୱିର କରିବେ । ଏ ଶହେ ଟଙ୍କାରେ ମୁଁ କେବଳ ଆର୍‌ଗୁମେଣ୍ଟ୍ ଟା ଚଲାଇ ଦେଇ ପାରିବ !"

ସେଇ ବ୍ୟବସ୍ଥା ଅନୁସାରେ, ମଧୁସୂଦନ ମୋକଦ୍ଦମା ହାତକୁ ନେଲେ । ମାନ୍ଦ ମୋକଦ୍ଦମା ଶେଷରେ ମଧୁସୂଦନ, ପୁଣିର ଓକିଲଙ୍କ ଠାରୁ ପଚ୍ଛିର ବୁଝିଲେ, ମୋକଦ୍ଦମା

---

* ୧୯୨୮ ସାଲ ୨୩ ଜାନୁଆରୀ ଦିନ କୋର୍ଟରେ ଦାଖଲ ହୋଇଥିବା ହଲପ ଫର୍ଦ୍ଦରେ ମଧୁସୂଦନ ଲେଖିଛନ୍ତି.... × × × The client did not like to appeal. He offered me some money as a reward. I declined to accept any more. But as he insisted I asked him to spend the amount in feeding the poor. This he promised to do.

Digitized by srujanika@gmail.com

ଭଦ୍ବର ପାଇଁ, ମଧୁପାନ ଠାରୁ ସେ ଯାହା ପାଇଛନ୍ତି, ତା ପ୍ରାୟ କିଛୁ ନୁହେଁ । ମଧୁସୂଦନ ଏହା ଜାଣି ନଜ ପ୍ରାପ୍ୟରୁ ୫୫୦ ଙ୍କା ପ୍ରଥମେ ସେଇ କୁନ୍ଥର୍ ଓକଲଙ୍କୁ ଦେଇଦେଲେ । ମୋକଦ୍ଦମାରେ ଆପିଲ୍ ପାଇଁ କାଗଜପତ୍ରର ସହ୍ନ ମୋହର ନକଲ୍ ନେବା ପାଇଁ ସୁଦ୍ଧା ମଧୁପାନଙ୍କ ଠାରେ ପଇସା ନାହିଁ ! ମଧୁସୂଦନ ତାଙ୍କର ଅବଶିଷ୍ଟ ପ୍ରାପ୍ୟ ୫ଙ୍କାରୁ ୫/୫ଙ୍କା ଦେଲେ ସହ୍ନ ମୋହର ନକଲ ପାଇଁ ! ଅବଶେଷରେ ସେସନ୍ ଜଜ୍ଙ୍କ ଅଦାଲତରେ ମଧୁସୂଦନଙ୍କୁ ଆପିଲ୍ ମୋକଦ୍ଦମା ସୁଦ୍ଧା ଚଲାଇବାକୁ ପଡିଲା ସେଇ ସାମାନ୍ୟ ପାଶ୍ରମିକରେ ।*

ମଧୁସୂଦନଙ୍କ ଓକଲତୀ ଷ୍ଟଲଥିଲା ଏଇପରି ଛବରେ·····

ଗୋଟାଏ ଗୋଟାଏ ମୋକଦ୍ଦମାରୁ ହଜାର ହଜାର ଙ୍କା ଫିସ୍ ପାଇବାର ଦିନ ଆଉ ନଥିଲା । କିନ୍ତୁ ମଧୁସୂଦନଙ୍କ ବ୍ୟକ୍ତିଗତ ବ୍ୟୟ ସାମାନ୍ୟ ଥିବାରୁ ଅର୍ଥାଭାବ ତାଙ୍କୁ ସେପରି ବାଧି ନଥିଲା । ବ୍ୟସନ ବୋଲି ତାଙ୍କରତ କିଛୁ ନଥିଲା । ନ୍ୟସ୍ତ ଓ ଦରିଦ୍ର, ପୁଣି ଦୁର୍ଗତ ଗୃହସ୍ଥ ମାନଙ୍କୁ ଅସମୟରେ ଯଥାଶକ୍ତି ସାହାଯ୍ୟ କରିବା, ବନ୍ଧୁ ଉପସ୍ଥରରେ ଅତଥମାନଙ୍କର ଚର୍ଚ୍ଚା କରିବା, ସ୍ୱଜନୋଚିତ ଆମୋଦନ ପାଇଁ ପାଣି ଯୋଗାଇବା—ଏଇସବୁ ଏକଦା ଥିଲା ମଧୁସୂଦନଙ୍କ ବିଳାସ । ଏସବୁ ପାଇଁ ଏବେ ଅର୍ଥାଭାବ ମଧୁସୂଦନଙ୍କୁ ବଡ଼ ମର୍ମାହତ କରୁଥିଲା । ତଥାପି ମଧୁସୂଦନଙ୍କ ଚାରିତ୍ର୍ୟରେ, ସେଇ ଦୁର୍ଦ୍ଦିନରେ ସୁଦ୍ଧା କୃପଣତା ଆସି ନଥିଲା ।

ଶୈଳବାଳାଙ୍କ ପକ୍ଷରେ କିନ୍ତୁ ଏସବୁ ଅସହ୍ୟ ! ସେ ଦିନେ ତାଙ୍କୁ ମୁହଁ ଉପରେ ଖୋଲ୍‌ଖୋଲ୍ କହିଦେଲେ···"ଏଣିକି ଏପରି ଦାନ ଖଇରାତ୍ ଆଉ ଚଳିବ ନାହିଁ । ଆପଣ ବରଂ ଗୋଟାଏ ଚାକିରୀ କରି ଦିଅନ୍ତୁ, ନଜ ଆତ୍ମକୁ ଗୁହାଁନ୍ତୁ, ସେହି ଅନୁସାରେ ମାସିକ ସେମାନଙ୍କୁ କିଛୁ କିଛୁ ଦିଆଯାଇ ପାରିବ । ମାନ ଭିକାରୀମାନେ ଏଠାକୁ ସବୁବେଳେ ଆସିବା, ମୋତେ ଆଉ ଭଲ ଲଗୁନାହିଁ"....ସେ ! ଆଉ କିଏ ? ଶୈଳ ନଜେ ଏବେ ଏ ସଂସାରର ମାଲିକ !

---

*10-11-27—Madhu Patra's Case. Under Section 366 I. P. Code. Sessions trial at Puri. The Client is a poor man. The understanding was that I would simply argue the case and a local Pleader had been engaged to attend the trial. The fee for arguing was settled at Rs. 100/-. When I went to Puri I found that the local Pleader had been very poorly paid and the client had not the means to pay more. So I paid Rs. 50/-out of Rs. 100/-paid to me, to the Pleader. After conviction I had to pay for the copies of records for appeal. They cost me Rs. 25/-may be a little more. I argued the appeal on 16th January before Sessions Judge.—ଉତ୍ସର୍ଗିବ ।

Digitized by srujanika@gmail.com

ମଧୁସୂଦନ ଇଉପୁଟ୍‌ରୁ ଏପର୍ଯ୍ୟନ୍ତ ଆଘାତ ଜୀବନରେ ବୋଧହୁଏ ଆଉ କେବେ ପାଇ ନଥିଲେ । ଆହତ କଣ୍ଠରେ ମଧୁସୂଦନ ଉତ୍ତର ଦେଲେ···"କନ୍ୟୁ ଗୈଲ, ମୁଁ ବ ତ ଆଜ ଗୋଟାଏ ଉକାଣ୍ଡ ! ତାହେଲେ ମୋର ସୁଦ୍ଧା ଏଠି ସ୍ଥାନ କେଉଁଠି ?"

କଥା, ସେଇଠି ସେଦନ ସେତକରେ ରହିଲା ।

ସ୍ୱରଭର ସ୍ୱଜନୈତିକ ବାତାବରଣ ସେତେବେଳେ ସାଇମନ-କମିସନ ଘେନ ପୁଣି ହୋଇ ଉଠିଥିଲା ବକ୍ଷୁବ୍‌ଧ । ସ୍ୱରଭରେ ଶାସନ-ସଂସ୍କାରର ଆଉ ଏକ ନୂତନ ପର୍ଯ୍ୟାସ୍ୱ ଉନ୍ମୋଚତ କରିବା ପାଇଁ, ବ୍ରିଟିଶ ସରକାର, ସାର ଜନ ଆଲସା ବ୍ରୁକ୍ ସାଇମନ ଙ୍କ ଅଧ୍ୟକ୍ଷତାରେ ନଯୁକ୍ତ କରିଥିଲେ ଏହି କମିସନ୍ ! କନ୍ୟୁ କମିସନ୍‌ରେ କୌଣସି ସ୍ୱରତ୍ତାସ୍ୱ ସଭ୍ୟ ସ୍ଥାନ ପାଇ ନଥିବାରୁ ପୁଣି ସ୍ୱରଭର ଆତ୍ମ-ନସ୍ୱନ୍ଧଣ ଅଧିକାର, ବ୍ରିଟିଶ ସରକାର ସେ ପର୍ଯ୍ୟନ୍ତ ସ୍ୱୀକାର କରି ନଥିବାରୁ, କଂଗ୍ରେସ ମାନ୍ଦ୍ରାଜ ଅଧିବେଶନରେ ସାଇମନ୍-କମିସନକୁ ବର୍ଜନ କରିବାର ନଷ୍ପତ୍ତି ଗ୍ରହଣ କରିଥିଲା । ବସ୍ୱକଟ୍ ଆନ୍ଦୋଳନରେ ସ୍ୱରଭ ଜମେ ହୋଇ ଉଠିଥିଲା ଅଗ୍ନିଗର୍ଭ ।

ମଧୁସୂଦନ କନ୍ୟୁ ଦୂରଦୃଷ୍ଟିରେ ସ୍ପଷ୍ଟ କଳନା କରିପାରିଥିଲେ—ମଣ୍ଟେଗୁ-ଚେମସଫୋର୍ଡ କମିଟି ପରେ ଏହି ସାଇମନ୍ କମିସନ୍‌ଠାରୁ ଓଡ଼ିଶା ପାଇ ପାରିବ ଦେଶ-ନିଶ୍ରଣ ଦାବୀର ବହୁ ପ୍ରତୀକ୍ଷିତ ସୁବସ୍ଥର ! ଆକୁମାସ୍ତ ହୁମାଚଳ ସାଇମନ୍-କମିସନ୍-ବସ୍ୱକଟ୍ ଧ୍ୱନରେ ମୁଖରତ ହୋଇ ଉଠିଥିବା ବେଳେ, ମଧୁସୂଦନ ଦଳେ ବ୍ରଜସୁନ୍ଦରଙ୍କୁ ଡକାଇ ପଠାଇ କହିଲେ···"ସାଇମନ୍ କମିସନ୍ ଆସିଗଲା । ତୁମେମାନେ କଛି ଗୋଟାଏ କର ବ୍ରଜସୁନ୍ଦର ! କଂଗ୍ରେସ ତ ସାଇମନ୍-କମିସନ୍‌କୁ ବସ୍ୱକଟ୍ କଲା । କନ୍ୟୁ ଓଡ଼ିଶା ଏ ବସ୍ୱକଟ୍‌ରେ ଯୋଗ ଦେବା ଆତ୍ମଘାତୀ ହେବ ।"

Digitized by srujanika@gmail.com

ଷୋଡ଼ଶ ପରିଚ୍ଛେଦ

୧୯୨୮ ସାଲ ଫେବ୍ରୁୟାରୀ.....

ଶୀତ ତଥାପି ଯାଇ ନାହିଁ । ପତଳା କୁହୁଡ଼ୀ ଭିତରେ କାଠଯୋଡ଼ୀ କୂଳର କୋଠାବାଡ଼ୀ ଓ ଗଛପତ୍ର ସବୁ ଯୁସ୍ୱାଚନ୍ଦର ଭ୍ରମ ସୃଷ୍ଟି କରୁଛି । ମଧୁସୂଦନ ସାଧାରଣତଃ ଶୀତକାତର । ସାମାନ୍ୟ ଥଣ୍ଡା ଲାଗିଲେ ସେ ଅସୁସ୍ଥ ହୋଇ ପଡ଼ନ୍ତି । କିନ୍ତୁ ସେଦିନ ସେଇ ଶୀତ ସକାଳକୁ ତୁଚ୍ଛେଇ ନ କରି ମଧୁସୂଦନ ଆପାଦମସ୍ତକ ଉଲେନ୍ ସ୍କାର୍ଫ, ମଫଲର, ଓଭରକୋଟରେ ଆବୃତ ହୋଇ କାଠଯୋଡ଼ୀକୂଳ ଘାଟରେ ଯଷ୍ଟି ଉପରେ ଭର ଦେଇ ଧୀରେ ଧୀରେ ଘୁଲୁଥିଲେ ଗୋପବନ୍ଧୁ ଘୋଷଙ୍କ କୋଠା ଆଡ଼େ । ପଛରେ ଆସୁଥିଲା, ଗୋଟିଏ ଘୋଡ଼ାଗାଡ଼ୀ—ମଧୁସୂଦନ ଯେଉଁଠି କ୍ଲାନ୍ତ, ଅବସନ୍ନ ହୋଇ ପଡ଼ିବେ, ସେଇଠି ଉଠିବେ ଘୋଡ଼ାଗାଡ଼ୀରେ !....ପୁରୁଣା ଦିନର ସେଇ ସିଆଲ୍ସ ଆଇଜାଡ୍ୟ ।

"ଗୋପବନ୍ଧୁ—ଘରେ ଅଛ ଗୋପବନ୍ଧୁ ?"

ସେଇ କୁହୁଡ଼ିଆ ସକାଳେ ଆକସ୍ମିକ ସ୍ୱରରେ ମଧୁସୂଦନଙ୍କୁ ସେଠାରେ ଦେଖି ଗୋପବନ୍ଧୁ ବିସ୍ମିତ, ବିବ୍ରତ ହୋଇ ପଡ଼ିଲେ ।

"ଖବର ପଠାଇଥିଲେ, ମୁଁ ତ ନଜେ ଆସିଥାନ୍ତି; ଆପଣ ଏ ଥଣ୍ଡାରେ କଷ୍ଟ କରି ଏ ପର୍ଯ୍ୟନ୍ତ ଆସିଲେ କାହିଁକି ?"—ଗୋପବନ୍ଧୁଙ୍କ କଣ୍ଠରେ ଉଦ୍‌ବେଗ । ଅଳ୍ପ କେତେଦିନ ତଳେ ମଧୁସୂଦନ ଥଣ୍ଡା ଓ କଫରେ ଅସୁସ୍ଥ ଥିବାର ସମ୍ବାଦ ଗୋପବନ୍ଧୁ ପାଇଥିଲେ ।

ଉପଚରିତ ସୌଜନ୍ୟ ପାଇଁ ମଧୁସୂଦନଙ୍କର କିନ୍ତୁ ସମସ୍ୟା ନଥିଲା । ବନା ଭୂମିକାରେ ସେ ଆରମ୍ଭ କଲେ..."ତୁମ ପାଖକୁ ଗୋଟାଏ ଭିକ୍ଷା ନେଇ ଆସିଛୁ ଗୋପବନ୍ଧୁ !"

"ଭିକ୍ଷା ? ଭିକ୍ଷା କାହିଁକି ? ଆଦେଶ ଦିଅନ୍ତୁ—ମୋର ଅଦେୟ କଣ ଅଛି ?" —ଗୋପବନ୍ଧୁ ଉତ୍ତର ଦେଲେ ବଙ୍ଗାଳ କଣ୍ଠରେ ।

ମଧୁସୂଦନ ସହଜେ ଭାଙ୍ଗିବର ଗୁରୁଜନ, ପୁଣି ପିତୃତୁଲ୍ୟ !

Digitized by srujanika@gmail.com

ମଧୁସୂଦନ କହିଲେ...."ସାଇମନ୍-କମିସନ୍‌କୁ ଓଡ଼ଶା ଆଣିବା ପାଇଁ ପାଟନାରେ ଗୁଜେନ୍ (କନକା ଗୁଜା)କୁ ଚଠି ଲେଖିଛୁ । ତୁମେ ମୋତେ ପ୍ରତିଶ୍ରୁତ ଦଅ ଗୋପବନ୍ଧୁ; ଭିତରେ ଆଉ ଯେଉଁଠି ଯାହା ହେଉ ପଛେ; ଓଡ଼ିଶାରେ ତୁମେମାନେ ଅନ୍ତତଃ ସାଇମନ୍-କମିସନ୍ ବିରୁଦ୍ଧରେ କଳାପତାକା, ବିକ୍ଷୋଭ ପ୍ରଦର୍ଶନ କରିବ ନାହିଁ ।"

କନ୍ତୁ ସାଇମନ୍-କମିସନ୍‌କୁ ବଏକଟ୍ କରିବା ପାଇଁ କଂଗ୍ରେସ ନେଇଥିଲା ମାତଗତ ନିଷ୍ପତ୍ତି । କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ରୂପେ, ଗୋପବନ୍ଧୁ ତାର ବିରୋଧ କରିପାରିବେ କିପରି ? ସାଇମନ୍-କମିସନ୍ ଓଡ଼ିଶା ଆସିଲେ ବିକ୍ଷୋଭ ଓ କଳାପତାକା ପ୍ରଦର୍ଶନ କରିଥିବ ନାହିଁ ବୋଲି ବ୍ୟକ୍ତିଗତ ଭିତରେ ସେ କିପରି ବା ଦେଇ ପାରିବେ ପ୍ରତିଶ୍ରୁତି ?

ଗୋପବନ୍ଧୁ ପଚାରିଲେ..."କନ୍ତୁ ସାଇମନ୍-କମିସନ୍‌ଠାରୁ ଆପଣ ପ୍ରକୃତରେ କଣ ପୁରସ୍କାର ଆଶା କରନ୍ତି ? ଆମର ଜାତୀୟ ଆନ୍ଦୋଳନକୁ ଫାଙ୍କି ଦେବା ପାଇଁ ଇଂରେଜ ସରକାରର ଇଏ ଆଉ ଏକ ଫନ୍ଦ ନୁହେଁ ତ ?"

ସାଇମନ୍-କମିସନ୍ ସମ୍ପର୍କରେ କଂଗ୍ରେସର ଆନୁଷ୍ଠାନିକ ମନୋଭାବ, ଗୋପବନ୍ଧୁ ପୁନରାବୃତ୍ତି କରୁଥିଲେ ମାତ୍ର !

ମଧୁସୂଦନ ଉତ୍ତର ଦେଲେ..."କଂଗ୍ରେସର ଆଶା ଆକାଂକ୍ଷାକୁ ସାଇମନ୍-କମିସନ୍ ଦୁଏଟ ପୁଣ୍ଡି କରି ନପାରେ ! କନ୍ତୁ ଦେଶମିତ୍ରଣ ଦଳରେ ଓଡ଼ିଶା ଅନେକ କିଛି ଆଶା କରୁଛି ସାଇମନ୍-କମିସନଠାରୁ ! ଅତୀତରେ ଓଡ଼ିଶାକୁ ସବ୍-ପ୍ରଭିନସ୍‌ର ସ୍ୱୀକୃତି ଦେବା ମଧ୍ୟରେ, ମଣ୍ଟେଗୁଚେମସଫୋର୍ଡ ଦେଶ ମିତ୍ରଣ ଦଳରେ ଓଡ଼ିଆ ଜାତିକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସାଇମନ୍-କମିସନ୍ ତାହାକୁ କାର୍ଯ୍ୟରେ ପରିଣତ କରିବେ; ସେଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ ।"

ସେଇ ଉଗ୍ର ବାର୍ତ୍ତାଳାପ ଓ ବାଗ୍ୱିତଣ୍ଡାମୂଳକ ପରିସ୍ଥିତି ମଧ୍ୟରେ ସୁଭା ମଧୁସୂଦନଙ୍କ ବଳିଷ୍ଠ ଆଶାବାଦ, ଆଶଙ୍କା ଅଥବା ଚିତ୍ତଦୌର୍ବଲ୍ୟରେ ଶିଥିଳ ହୋଇ ନଥିଲା । ସେଥପାଇଁ ସିନା ସ୍ୱାସ୍ଥ୍ୟ ଉପରେ ଶୀତ-ସକାଳର ଅଜ୍ୟାସ୍ତ୍ରକୁ ଭ୍ରୁକ୍ଷେପ ନକରି ସେ ଗୋପବନ୍ଧୁଙ୍କ ଦ୍ୱାରସ୍ଥ ହୋଇ ପାରିଥିଲେ । ଆଶଙ୍କା ଓ ନୈରାଶ୍ୟ—ମୃତ୍ୟୁ, ଆଶାବାଦ ଓ ଅଭିନ୍ନ ଜୀବନ । ମଧୁସୂଦନ ଥିଲେ ସେଇ ଅଭିନ୍ନର ଅନନ୍ୟସାଧାରଣ ଫଟୋଗ୍ରାଫ ।

ମଧୁସୂଦନଙ୍କ ମନରେ ଗୋପବନ୍ଧୁଙ୍କର ସନ୍ଦେହ ନଥିଲା । ଦେଶମିତ୍ରଣ ବା ସ୍ୱତନ୍ତ୍ର ପ୍ରଦେଶ ଗଠନ ଓଡ଼ିଶାର ଏକ ବିଶେଷ ସମସ୍ୟା ଥିବା ଦୃଷ୍ଟିରୁ ସାଇମନ୍-କମିସନ୍ ସମ୍ପର୍କରେ କଂଗ୍ରେସର ମାତଗତ ନିଷ୍ପତ୍ତି ସତ୍ତେ, ସାଇମନ୍-କମିସନ୍‌କୁ ଓଡ଼ିଶାରେ ସ୍ୱାଗତ ଜଣାଇବା ପାଇଁ ବ୍ୟକ୍ତିଗତ ଭିତରେ ଗୋପବନ୍ଧୁ ଦୃଢ଼ତା କୁଣ୍ଠିତ ନଥିଲେ । କନ୍ତୁ ଆନୁଷ୍ଠାନିକ ଭିତରେ ଓଡ଼ିଶାରେ କଂଗ୍ରେସ ସାଇମନ୍-କମିସନକୁ ଯେ ବିକ୍ଷୋଭ ପ୍ରଦର୍ଶନ କରିବ ନାହିଁ; ଏଥିରେ ଗୋପବନ୍ଧୁଙ୍କର ସନ୍ଦେହ ରହିଥିଲା; କାରଣ ତାହା ଥିଲ ଏକ ମହାଜାତୀୟ ସିଦ୍ଧାନ୍ତ ।

Digitized by srujanika@gmail.com

କଂଗ୍ରେସ ସାଇମନ-କମିସନଠାରୁ, ଶାସନ ସଂସ୍କାର ଓ ଅସନ୍ତୁଳନ ସମ୍ପର୍କରେ ମୌଳିକ ବୈପ୍ଳବିକ ଘୋଷଣା ଆଶା କରୁଥିବା ବେଳେ, ମଧୁସୂଦନଙ୍କ ଆକାଂକ୍ଷା ଥିଲା ସିମୀତ —ଏକ ଶାସନାଧୀନରେ ଓଡ଼ିଆଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ; ଅଥବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ । ତାଙ୍କର ଯୁକ୍ତି, ଓଡ଼ିଶାର ସ୍ୱତନ୍ତ୍ର ସତ୍ତା ନ ରହିଲେ ଓଡ଼ିଶାବାସୀଙ୍କ ପାଇଁ ଶାସନ ସଂସ୍କାରର କୌଣସି ଅର୍ଥ ରହିବ ନାହିଁ । ସେଥିପାଇଁ ସାଇମନ-କମିସନକୁ ଓଡ଼ିଶା ଆମନ୍ତ୍ରଣ କର, ଭବ୍ୟ ସ୍ୱାଗତ ପ୍ରଦର୍ଶନ ପାଇଁ ମଧୁସୂଦନ କଟକରେ କଂଗ୍ରେସ ନେତାମାନଙ୍କର ଦ୍ୱାର ଦ୍ୱାର ବୁଲିଲା ବେଳକୁ; କଂଗ୍ରେସ ନେତାମାନେ ସାଇମନ-କମିସନର ବହାବାଦ ଓ ବସ୍ୱକଟ୍ ଧ୍ୱନିରେ ଦୋଇ ଉଠିଥିଲେ ଶତମୁଖ !

"କଂଗ୍ରେସର ମୁଖ୍ୟପତ୍ର "ସମାଜ" ଲେଖିଥିଲେ...

"ସ୍ୱରାଜର ଶାସନ ପୁଧାର ବିଷୟରେ ସାଇମନ-କମିସନ କଣ୍ଢ କରିବ ନାହିଁ ବୋଲ ଓଡ଼ିଶାରେ ସମସ୍ତଙ୍କର ଧାରଣା । ଯେଉଁମାନେ ସରକାରଙ୍କ ଇଙ୍ଗିତ ଅନୁସାରେ ଚଲିବାକୁ ସବୁବେଳେ ତଆର ସେମାନେ ପୁଦ୍ଧା ଏହା କହୁଛନ୍ତି । ତେବେ ସେମାନେ ସାଇମନ-କମିସନ ସଙ୍ଗେ ସହଯୋଗ କରିବେ କି ? ଏ କଥା ପଚାରିବା ବେଳକୁ ସେମାନଙ୍କର ଜବାବ ଯେ, ସାଇମନ-କମିସନ ସଙ୍ଗେ ସହଯୋଗ କଲେ ଦେଶ ମିତ୍ରଣ ଜପର ହେବ ?"*

କଂଗ୍ରେସର ସିଦ୍ଧାନ୍ତ ଅନୁସାରେ ୧୯୨୮ ସାଲ ଫେବୃସ୍ୱାସ୍ତ ୩ ତାରିଖ ଦିନ ସାଇମନ-କମିସନର ପ୍ରତିବାଦ ସ୍ୱରୂପ ଓଡ଼ିଶାରେ ସଦ୍ଦ ପାଳିତ ହେଲା ଦ୍ୱରତାଳ । ଏ ପରିସ୍ଥିତିରେ ସାଇମନ-କମିସନକୁ ଓଡ଼ିଶା ଆମନ୍ତ୍ରଣ କର, ସେମାନଙ୍କୁ ବକ୍ଷୋଭ ଓ କଳା-ପତାକା ପ୍ରଦର୍ଶନର ସମ୍ମୁଖୀନ କରାଇ, ଓଡ଼ିଶାର ବହୁପୋଷିତ ଦାବୀକୁ ବାଧାଗ୍ରସ୍ତ କରାଇବା ମଧୁସୂଦନଙ୍କର ଅଭିପ୍ରାସ୍ୱ ନଥିଲା । ବିହାର-ଓଡ଼ିଶା ପ୍ରଦେଶର ତତ୍କାଳୀନ ଏକ୍ଜିକ୍ୟୁଟିଭ କାଉନସିଲର୍, କଳକା ସ୍ଥିତ ସ୍ୱଜେନ୍ଦ୍ରନାସ୍ୱସୂଣଙ୍କୁ ମଧୁସୂଦନ ଟେଲିଗ୍ରାମ ପଠାଇଲେ.... "ସାଇମନ-କମିସନ ଓଡ଼ିଶା ଆସି ଲଭ ନାହିଁ । ବରଂ ପାଟନାରେ ସାଇମନ-କମିସନଙ୍କୁ ଓଡ଼ିଶା ପକ୍ଷରୁ ଯେପର ଭବ୍ୟ ସମ୍ବର୍ଦ୍ଧନା ପ୍ରଦର୍ଶିତ ହିବ, ସେଥିପାଇଁ ଚେଷ୍ଟା ହେବା ଆବଶ୍ୟକ ।"

ଏହାର କେତେ ଦିନ ପରେ···ମଧୁସୂଦନଙ୍କ ବାସଭବନର ଉପର ମହଲାରେ ଡ୍ରଇଙ୍ଗ୍-ରୁମ୍ । ଜଲସ ଜୋକ୍ ପରେ ଡ୍ରଇଙ୍ଗ୍-ରୁମ୍‌ରେ ମହାର୍ଘ ସେଇ ସବୁ ଆସବାବ୍‌ପତ୍ର ଆଉ ପ୍ରାସ୍ୱ କିଛି ନଥିଲା । ଗୋଟାଏ ଦୁଇଟା ଆସ୍ମସ୍ୱେଙ୍କା, ଗୋଟାଏ ଉତ୍ତୁନ ଓ କେତେ ଖଣ୍ଡ କାଠ ସ୍ୱେଙ୍କା ଥିଲା ଡ୍ରଇଙ୍ଗ୍-ରୁମ୍‌ର ସାମାନ୍ୟ ଉପକରଣ ! ଏଇ ଡ୍ରଇଙ୍ଗ୍-ରୁମ୍‌ରେ ଏକଦା ଉତ୍କଳ-ସମ୍ମିଳନୀଠାରୁ ଆରମ୍ଭ କର ପ୍ରଜା-ପ୍ରତିନଧି ସଭା ପର୍ଯ୍ୟନ୍ତ ବହୁ ସଂଗଠନ ଓ ସଂସ୍କାର ଉଦ୍ଭି

* 'ସମାଜ'—ତା ୮ । ୨ । ୧୯୨୮

Digitized by srujanika@gmail.com

ସ୍ଥାପିତ ହୋଇଥିଲା । ସେସବୁ ଏବକୁ ହୋଇଥିଲା ଇତିହାସର ପୃଷ୍ଠ ମାତ୍ର । ତାହାର ମୂକ ସାକ୍ଷୀ ଥିଲେ କେବଳ, ଡ୍ରଇଙ୍ଗ-ରୁମ୍‌ର ନଦ୍ଦାକ ପ୍ରାଚୀର ଓ ଗୋଟାଏ ପୁରୁଣା କାନ୍ଥଘଣ୍ଟା ! କାନ୍ଥଘଣ୍ଟା ଟିକ୍ ଟିକ୍ କରି ଘୁଲିଥିଲା ସବୁ ଉତ୍ଥାନ, ପତନ, ସୌଭାଗ୍ୟ, ଦୁର୍ଭାଗ୍ୟ ପ୍ରତି ନଲିପ୍ତ ଭାବରେ ।

ସାଇମନ-କମିସନ ସମ୍ପର୍କରେ କର୍ମପନ୍ଥା ସ୍ଥିର କରିବା ପାଇଁ, ସେଦନ ସଭାରେ ବ୍ରଜସୁନ୍ଦର, ଗୋପାଳଚନ୍ଦ୍ର ଓ ଉକାଙ୍କାଚରଣ (ପଞ୍ଚନାମୁକ) ପ୍ରମୁଖ କେତେଜଣଙ୍କୁ ମଧୁସୂଦନ ଆମନ୍ତ୍ରଣ କରିଥିଲେ, ସେଇ ଡ୍ରଇଂରୁମ୍‌କୁ । ସାଇମନ କମିସନକୁ ଓଡ଼ିଶା ପକ୍ଷରୁ ପାଟ୍‌ନାରେ ସମ୍ବର୍ଦ୍ଧନା ଜଣାଇ, ସେଠାରେ ଜପର ସାକ୍ଷ୍ୟ ପ୍ରଦାନ କରିଥିବ;—ତାହାହିଁ ଥିଲା ଆଲୋଚନାର ବିଷୟ ବସ୍ତୁ !

ବାର୍ଦ୍ଧକ୍ୟ-ଅବନତ, ରୁଗ୍‌ଣ ସ୍ୱାସ୍ଥ୍ୟ ଓ କ୍ଲାନ୍ତ ମନ ଧରି ପାଟ୍‌ନା ଯିବା ଅବସ୍ଥାରେ ମଧୁସୂଦନ ନଥିଲେ !

ଆମ୍ବାସେଡ୍ଡର ଉପରେ ପଡ଼ି ହୁଙ୍କାରୁ କଲେ ଧୂଆଁ ଗୁଡ଼ି ମଧୁସୂଦନ ପଚାରିଲେ.... "କଣ ହେବ ବ୍ରଜସୁନ୍ଦର ? କଣ କହୁଛ ସ୍ୱାଇକାର୍ ଅଫ୍ ଓ୍ୱେକ୍‌ଫିଲଡ୍ ?" (ଉକାଙ୍କାଚରଣଙ୍କୁ ମଧୁସୂଦନ ପରିହାସରେ ବେଳେ ବେଳେ ସମ୍ବୋଧନ କରୁଥିଲେ, ସ୍ୱାଇକାର୍ ଅଫ୍ ଓ୍ୱେକ୍‌ଫିଲ୍‌ଡ୍) !

ଉକାଙ୍କାଚରଣ ଗମ୍ଭୀର ! ବ୍ରଜସୁନ୍ଦର ବା କ ପରାମର୍ଶ ଦେବେ ? ଗୋପାଳ ପ୍ରହ୍ୱଜ କହିଲେ...."ଆପଣ ଯେପରି ପରାମର୍ଶ ଦେବେ ସେଇପରି କରିଯିବ ! ପାଟ୍‌ନାରେ ତ ଅଛନ୍ତି କନକା ରାଜା । ଆଉ ଦେଓ୍ୱାନ୍ ବାହାଦୁର୍ ଲକ୍ଷ୍ମୀଧର ମହାନ୍ତି । ସରକାରୀ ସ୍ତରରେ ସେଠାରେ ସେ ଆମକୁ ସଦ୍ୟ ସାହାଯ୍ୟ କରି ପାରିବେ !"

ମଧୁସୂଦନ କହିଲେ; "ବ୍ୟକ୍ତିଗତ ଭାବରେ ତ ଆଉ ସାକ୍ଷ୍ୟ ଦଆଯାଇ ପାରିବ ନାହିଁ ! ସେଥିପାଇଁ ଆମକୁ ଗୋଟାଏ ଅନୁଷ୍ଠାନ ଠିଆ କରିଇବା ପାଇଁ ପଡ଼ିବ ! ଉତ୍କଳ-ସମ୍ମିଳନୀକୁ ତ ସେମାନେ ଉଜେଇ ଦେଲେ !"...ମର୍ମଭେଦୀ ଗୋଟାଏ ଦୀର୍ଘଶ୍ୱାସରେ ଡ୍ରଇଂ ରୁମର ବାତାବରଣ ଥରି ଉଠିଲ ! ସେଇ ଅଶୀବର୍ଷ ବସ୍ୱସରେ ସୁତା ପୁଣି ଏକ ନୂଆ ସଗଠନ ଗଢ଼ିବା ପାଇଁ ମଧୁସୂଦନଙ୍କ ସକଲ୍ପ ଉଣା ପଡ଼ି ନଥିଲ ! ତାଙ୍କର ସୂଦନ ଥିଲେ, ସଙ୍ଗରେ ଦଳବଳ ଧରି ସେ ନଜେ ପାଟ୍‌ନା ଯାଇଥାନ୍ତେ, ସାଇମନ-କମିସନଙ୍କ ଠାରେ ଓଡ଼ିଶା ପକ୍ଷରୁ ସାକ୍ଷ୍ୟ ଦେବା ପାଇଁ । ଏବେ କନ୍ତୁ ତାଙ୍କର ସେଥିପାଇଁ ଧନ ନଥିଲ—ଥିଲ କେବଳ ମନ ! ମଧୁସୂଦନ କହିଲେ; "କମିସନର କାର୍ଯ୍ୟ ସହତ ସହଯୋଗ ସ୍ଥାପନ କରିବା ପାଇଁ, ମୁଁ ସ୍ଥିର କରିଛି, ଆମେ ଗୋଟାଏ ନୂଆ ସଗଠନ ଗଢ଼ିବା—"ଉତ୍କଳ-ୟୁନିଅନ କମିଟୀ" !

Digitized by srujanika@gmail.com

ଡିସେମ୍ବର ମାସରେ ସାଇମନ୍ କମିସନ୍ ଆସିବେ ପାଟ୍ନା—କମିସନ୍‌ଙ୍କ ଗସ୍ତନିର୍ଘଣ୍ଟ ପ୍ରକାଶିତ ହୋଇଥିଲା । କମିସନ୍‌ଙ୍କଠାରେ ଓଡ଼ିଶାର ଦାବୀ ଉପସ୍ଥାପିତ କରିବା ପାଇଁ, ୧୯୨୮ ନଭେମ୍ବର ୯° ତାରିଖ ଶନିବାର ଦିନ, କଟକ ଟାଉନହଲ୍‌ରେ ଆହ୍ୱାନିତ ହେଲା ଏକ ସାଧାରଣ ସଭା ! କେତେକ କଂଗ୍ରେସ ନେତା ସୁଦ୍ଧା ଏହି ସଭାରେ ସେଦିନ ଯୋଗ ଦେଇଥିଲେ । ମଧୁସୂଦନ ବିଶେଷ ଭାବରେ ଆମନ୍ତ୍ରିତ ହୋଇ ଯୋଗ ଦେଇଥିଲେ ଏଇ ସଭାରେ । ଭୁବନାନନ୍ଦ ଦାସ, ଏହି ସଭାର ସଭାପତି । ଆଜି ମଧ୍ୟ ମଧୁସୂଦନ ଅସୁସ୍ଥ । ଉଲେନ୍ ଓଭର୍‌କୋଟ୍‌ରେ ଢାଙ୍କି ହୋଇ, ମଧୁସୂଦନ ବସିଥିଲେ, ସଭା ଶେଷ ଯାଉରେ । ଏଇପରି ତାଙ୍କର ଅଭ୍ୟାସ....ଆଲେ ସିଂହ ଆପଣା ମହିମା ଆପେ ରଖି !

ଆଜି ପୁଣି ତାଙ୍କ ନେତୃତ୍ୱ ଉପେକ୍ଷିତ ! ଘରଆଡ଼େ ନୂଆ ନୂଆ କଣ୍ଠର କୋଳାହଳ !

ସଭାପତି ଭୁବନାନନ୍ଦ ଦାସ ଇଂରାଜୀରେ କହିଲେ..."ଆମେ ସବୁ କୁଳବୃଦ୍ଧଙ୍କ ନିକଟରେ ଚିର କୃତଜ୍ଞ; ଅସୁସ୍ଥତା ସତ୍ତ୍ୱେ ସେ ଆସି ଯୋଗ ଦେଇଛନ୍ତି, ଆମମାନଙ୍କ ସହିତ । ଆମେ ଆଉର କୃତଜ୍ଞ ହେବୁ, ଏଇ ଉପଲକ୍ଷରେ ସେ ଯଦି ଆମକୁ ଦିଅନ୍ତି ଉଦ୍‌ବୋଧନ ।"

ମଧୁସୂଦନ ସଭାଁ ଉପରେ ଚାରି ଋଷି ଉଠିଗଲେ ମଞ୍ଚ ଉପରକୁ ।

ଦୂର୍ଭାଗ୍ୟର ଆବର୍ତ୍ତନରେ ମଧୁସୂଦନ ନ୍ୟସ୍ତ, ଦେବାଳିଆ ହୋଇ ପାରିଥାନ୍ତୁ; ତଥାପି ସେ ରହିଥିଲେ ଓଡ଼ିଆ ଜାତିର ପ୍ରେରଣାର ଉତ୍ସ ! ସେଇ ଜଘନ୍ୟାତି ଦୁର୍ଭାଗ୍ୟକ୍ଲିଷ୍ଟ ବାର୍ଦ୍ଧକ୍ୟରେ ସୁଦ୍ଧା ମଧୁସୂଦନଙ୍କ ମଧ୍ୟରେ ପ୍ରଚ୍ଛନ୍ନ ରହିଥିଲା, ଅବାରିତ କର୍ମଶକ୍ତି....ଆଗ୍ନେୟଗିରିର ପ୍ରଚଣ୍ଡ ବିସ୍ଫୋରଣ ! ସେ ଦିନ ସନ୍ଧ୍ୟାରେ, ତାଙ୍କର ଅଭିଭାଷଣରେ, ତାହା ଥିଲା ସୁସ୍ପଷ୍ଟ ! ସରକାରଙ୍କ ବଶମ୍ବଦ ଭାବରେ ପ୍ରସ୍ତାବିତ, ଏଇ ଅଶୀତିପର, ଶୀର୍ଣ୍ଣକାୟ, ବୃଦ୍ଧ ଲବରାଲ୍ ମଧ୍ୟରେ ପ୍ରଚ୍ଛନ୍ନ ଥିଲା ଏତେ ଉତ୍ତାପ, ଏତେ ଆବେଗପ୍ରବଣ ଉଚ୍ଛ୍ୱାସ—ଏହା ମଧୁସୂଦନଙ୍କ କଟୁ ସମାଲୋଚକ ମାନଙ୍କର ସୁଦ୍ଧା କଳ୍ପନାତୀତ ଥିଲା । ଦୈନ୍ୟଜର୍ଜରିତ ସେଇ ଭାଗ୍ୟବଡ଼ମ୍ବିତ ମୁହୂର୍ତ୍ତରେ ସୁଦ୍ଧା, ମଧୁସୂଦନଙ୍କ ଅହଙ୍କାର ତଥାପି ରହିଥିଲା ଅମଳମ୍ଳାନ !

ମଧୁସୂଦନ ଭାଷଣ ପ୍ରସଙ୍ଗରେ କହିଲେ...."ଉଚ୍ଚଳ ଦେଶ ମିଶ୍ରଣ ଆନ୍ଦୋଳନ ପାଇଁ ମୁଁ ଜୀବନର ବହୁକାଳରୁ ବ୍ୟାକୁଳ । ଖାଲି ବ୍ୟାକୁଳ ନୁହେଁ; ମୁଁ ମୋ ଅବସ୍ଥାକୁ ଦୃଷ୍ଟି ମଧ୍ୟ କାର୍ଯ୍ୟ କରିଛି । ଏଥିପାଇଁ ଧନ ଲେଡ଼ା । ମୁଁ ମୋ ଅବସ୍ଥା ଦୃଷ୍ଟିରେ ବଦୁରର ଖୁଦ ଗଣ୍ଡିଏ ଦେଇଛି । ପର ଠାରୁ ମାଗି ଦେଶ କାର୍ଯ୍ୟ କରିବା ମୁଁ ଜାଣେ ନାହିଁ !"

Digitized by srujanika@gmail.com

ମଧୁସୂଦନଙ୍କ କଣ୍ଠରେ ହଠାତ ଉଚ୍ଛ୍ୱସିତ ହୋଇଥିଲା, ଆଶୁକବିତା...

"ମା ମା ବୋଲି କେତେ ମୁଁ ଡାକିଲି
ନଶୁଣିଲ କଣ୍ଠର
ଗୁଣ୍ଠ ଫିଟୁନାହିଁ ମୁଣ୍ଡ ହଲୁ ନାହିଁ
ନେତ୍ର ବହେ ଅଶ୍ରୁଧାର ।"

ଓଡ଼ଶା—ଏକ ମୂକ ଆର୍ତ୍ତନାଦ !

ଦେଶମିତ୍ରଣର ପନ୍ଥା ଆଉ ଆବେଦନ ନିବେଦନରେ ନାହିଁ...!

"ସରକାରଠାରେ କହିବା ଆବେଦନ ନିବେଦନ ହେଲଣି । ଆଉ ଦରକାର ନାହିଁ । × × ×"

ମଧୁସୂଦନଙ୍କ କଣ୍ଠରେ ପୁଣି ଅନୁପ୍ରାଣିତ ହୋଇ ଉଠିଲା କବିତା...

"କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ
ଡାକ ଯାହୁ ଜଗନ୍ନାଥ
ଅନ୍ଧାର ପୁହିବ ନଷ୍ଟସ୍ୱ ଦେଖିବ
ଜାତିର-ଉନ୍ନତ ପଥ ।

ସୁଦର୍ଶନ ଚକ୍ର ଗରଜି ଉଠିବ
ବଳସ୍ୱାର ବାହୁ କରେ
ମାଡାଙ୍କ ଶ୍ରୀଅଙ୍ଗ ପୁଙ୍କିତ ହେବ
ଶବ୍ଦ ପଲାଇବେ ଡରେ ।"*

କଥାମାନେ କାର୍ଯ୍ୟ । ସେଦିନ ସନ୍ଧ୍ୟାରେ, ସେଇ ଡ୍ରଇଙ୍ଗ୍-ରୁମ୍‌ରେ ସ୍ଥାପିତ ହୋଇଗଲା—ଓଡ଼ଶା ଲବର୍‌ଲ୍ ଲୀଗ୍ !

ମଧୁସୂଦନ କହିଲେ..."ତୁମେମାନେ ଏଇ ଓଡ଼ଶା ଲବର୍‌ଲ୍ ଲୀଗ୍‌ର ପ୍ରତିନିଧି ରୂପେ ସାଇମନ୍-କମିସନ୍‌କୁ ପାଟନାରେ ଭେଟି, ମେମୋରିଆଲ୍ ଦେବ ! ସେଠାରେ ବଶ୍ୱନାଥ ମିଶ୍ରେ (ବାରଷ୍ଟର) ମଧ୍ୟ ଅଛନ୍ତି । ସେ ତୁମମାନଙ୍କ ସହିତ ଯୋଗ ଦେବା ପାଇଁ ଦ୍ରୁତ କୁଣ୍ଠିତ ହୋଇ ନପାରନ୍ତି ! ଏଇ କଥା ମୁଁ ତ୍ରଜେନ୍‌କୁ ମଧ୍ୟ ଜଣାଇ ଦେଇଛି ।"

---

* ଏହି ପଦଗୁଡ଼ିକ ମଧୁସୂଦନ ସେହି ମୁହୂର୍ତ୍ତରେ ରଚନା କରି ଆବୃତ୍ତି କରିଥିଲେ—ସମାଜ-ତା ୧୪ । ୧୧ । ୧୯୨୮

Digitized by srujanika@gmail.com

"କମିସନ୍‌କୁ ଭେଟି, ମେମୋରଆଲ୍ ଓ ସାକ୍ଷ୍ୟ ଦେବା ବଡ଼ କଥା ନୁହେଁ । କନ୍ତୁ କମିସନ୍‌କୁ ଭବ୍ୟ ସମ୍ବର୍ଦ୍ଧନା କରିଯିବ କପରି ? ପାଟନାରେ ଓଡ଼ିଆଙ୍କ ସଂଖ୍ୟା ନଗଣ୍ୟ—ସେମାନଙ୍କ ମଧ୍ୟରେ ସମସ୍ତେ ପୁଣି ସରକାରୀ ଗୁଳକଆ !"—ସାଇମନ୍-କମିସନ୍‌ଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ ସମ୍ପର୍କରେ ବ୍ରଜସୁନ୍ଦର ଥିଲେ ସନ୍ଦିହାନ !

ମଧୁସୂଦନ ଗୋଟାଏ ଦୀର୍ଘଶ୍ୱାସ ପକାଇ କହିଲେ..."ବ୍ରଜସୁନ୍ଦର, ୧୯୧୧ ସାଲରେ ଲର୍ଡ଼ ହାର୍ଡ଼ିଂଜ୍‌କୁ ମୁଁ ଅଲ୍‌ଟିମାଟମ୍ ଦେଇଥିଲି, ଓଡ଼ିଶା ଟେନାନ୍‌ସୀ ବଲ୍ ବଙ୍ଗଲା କାଉନସିଲ୍‌ର ବସ୍ତୁତଧୀନ ଥିବା ବେଳେ—ଦରକାର ପଡ଼ିଲେ ଓଶାରୁ ହଜାର ହଜାର ଲୋକ ଚବିଶ ଘଣ୍ଟା ନୋଟିସ୍‌ରେ ଆଣି ମୁଁ ବେଲ୍‌ଭଡ଼ିସ୍ଥର୍ ହୁଡାରେ ଠୁଳ କରାଇ ପାରିବି । ସେଇ ଭସ୍ୱରେ ଲର୍ଡ଼ ହାର୍ଡ଼ିଂଜ୍ ଶେଷ ମୁହୂର୍ତ୍ତିରେ ଓଡ଼ିଶା ଟେନାନ୍‌ସୀ ବଲ୍‌କୁ ଆପେଣ୍ଟ୍ ଦେଇ ନଥିଲେ । ଆଜି ତ ମୋର ସେଦିନ ଆଉ ନାହିଁ । ତା ଛଡ଼ା ପାଞ୍ଚଶହ ମାଇଲ ଦୂରରୁ ଲୋକ ନେଇ ପାଟନାରେ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ ତ ସମ୍ଭବ ହେବ ନାହିଁ !"

ବ୍ରଜସୁନ୍ଦର ପଚାରିଲେ ! "ତାହେଲେ ?"

ମଧୁସୂଦନ କହିଲେ : "ଲଣ୍ଡନରେ ଦେଖିଛୁ ମଜୁରା ଦେଲେ, ପ୍ଲାକାର୍ଡ଼, ପୋଷ୍ଟର୍ ଧର ବକ୍ଷୋଭ ଅଥବା ସ୍ୱାଗତ ପ୍ରଦର୍ଶନ ପାଇଁ, 'ସାଣ୍ଡୱିଚ୍‌ବସ୍ତ୍ର' ଅନେକ ମିଳଥାନ୍ତି । ସାଇମନ୍-କମିସନ୍‌ର ସମ୍ବର୍ଦ୍ଧନା ପାଇଁ ପାଟନାରେ ଲୋକ ନମିଳିଲେ, ତୁମେ ବ୍ରଜେନ୍‌କୁ ଧର ସେହିପରି ସାଣ୍ଡୱିଚ୍-ବସ୍ତ୍ରମାନଙ୍କର ବ୍ୟବସ୍ଥା କରିବ ! ତା ଛଡ଼ା ଆଉ ଉପାୟ କଣ ?"

ସାଇମନ୍-କମିସନ୍ ପାଟନାରେ ପହଞ୍ଚିବା ଦିନ, କଂଗ୍ରେସର ଆହ୍ୱାନରେ ସହରରେ ପୂର୍ଣ୍ଣ ହରତାଳ । ସ୍ୱାଗତ-ସୂଚକ ପୋଷ୍ଟର୍ ପ୍ଲାକାର୍ଡ଼ ଧର ଦିନ ମଜୁରିଆ ଶ୍ରେଣୀର ଲୋକଙ୍କୁ ରାସ୍ତା ଦୁଇକଡ଼ରେ ଧାଡ଼ି ବାନ୍ଧି ଠିଆ ହେବା ପାଇଁ ଦୁଇଟଙ୍କା ହିସାବରେ ମଜୁରୀ ଯାଚିଲେ ସୁଦ୍ଧା, ସେଥିପାଇଁ ସେମାନେ କୁଣ୍ଠିତ । ପାଟନା ସହରରେ ସାଇମନ୍-କମିସନ୍ ବରୋଧୀ ହରତାଳର ଏହାହିଁ ଥିଲା ସ୍ୱରୂପ । ଅବଶେଷରେ କନକା ରାଜା ବ୍ରଜେନ୍ଦ୍ର ନାରାୟଣଙ୍କ ଅନୁରୋଧରେ ପାଟ୍‌ନାର ଷ୍ଟେସନ୍ ମାଷ୍ଟରଙ୍କୁ ଧର, ହାର୍ଡ଼ିଂଜ୍-ପାର୍କ-ଫଲଗ୍ନ ସ୍ଥଳରେ 'ସେଣମୋନଆଲ୍ ପ୍ଲାଟଫର୍ମ'ରେ ସାଇମନ୍-କମିସନ୍‌ଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହେଲ ଓଡ଼ିଶା ପକ୍ଷରୁ ପୋଷ୍ଟର୍‌ର ମାରବ ସ୍ୱାଗତିକା ! ପ୍ଲାଟଫର୍ମରେ ଓଭାଇବା ମାତ୍ରେ, କମିସନର ସଭ୍ୟବୃନ୍ଦ ଦେଖିଲେ ଷ୍ଟେସନ୍ କାନ୍ଥରେ ବାଡରେ ସଜ୍ଜିତ ପୋଷ୍ଟର୍‌ର ମେଂଫିଲ୍...
ORISSA WELCOMES SIMON COMMISSION.

Digitized by srujanika@gmail.com

ସେଇ ପୋଷ୍ଟର୍-ଚିତ୍ରିତ ପୃଷ୍ଠଭୂମିରେ, ବ୍ରଜସୁନ୍ଦର ପ୍ରମୁଖ କେତେଜଣ ଓଡ଼ିଶା ଲବର୍‌ଲ୍-ଲୀଗ୍‌ର ପ୍ରତିନଧି ସମ୍ମିଳନୀ ପଗଡ଼ି ମୁଣ୍ଡରେ ଭିଡ଼ କମିସନ୍‌ର ସଦସ୍ୟମାନଙ୍କୁ ପୁଷ୍ପମାଳ୍ୟ ଦେଇ ସମ୍ବର୍ଦ୍ଧନା ଜଣାଇଲେ ।

ବମ୍ବେଠାରୁ ଏ ପର୍ଯ୍ୟନ୍ତ ସାଇମନ୍-କମିସନ୍ ସବୁଠାରେ ଦେଖି ଆସିଥିଲେ କଳାପତାକାର ପ୍ରଦର୍ଶନୀ; ଶୁଣି ଆସିଥିଲେ ବଷୋଭର ପ୍ରମତ୍ତ ଚିତ୍କାର ଜନ୍ତୁ ଏଠାରେ ପ୍ରଥମଥର ପାଇଁ ସମ୍ବର୍ଦ୍ଧନାର ଇଙ୍ଗିତ ଓ ପୋଷ୍ଟରମାନଙ୍କରେ ସ୍ୱାଗତ ସମାରୋହ ଲକ୍ଷ୍ୟ କର, କମିସନ୍‌ର ସଭ୍ୟବୃନ୍ଦ କଟୁ ପରମାଣରେ ଯେ ପରଭୃପ୍ତ ହୋଇଥିଲେ—ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ! ଯେତେ କ୍ଷୀଣ ସ୍ୱରରେ ହେଉ ପଛେ ଓଡ଼ିଶାର ଦାବୀ ଓ ସମସ୍ୟା, ସେମାନଙ୍କ ଚିନ୍ତା ଓ ଚେତନାରେ, ସହାନୁଭୂତିର ରେଖାପାତ କରିଥିଲ ।

"ସାଇମନ୍ କମିସନ୍ ଠାରେ, ଲାବର୍‌ଲ୍-ଲୀଗ୍ ପକ୍ଷରୁ" "ଓଡ଼ିଶା-ଡେପ୍ୟୁଟେସନ୍" ବ୍ରଜସୁନ୍ଦରଙ୍କ ନେତୃତ୍ୱରେ, ସ୍ମାରକ୍ୟପତ୍ର ଓ ସାକ୍ଷ୍ୟ ପ୍ରଦାନ କରିଥିଲେ । ବ୍ରଜସୁନ୍ଦରଙ୍କ ମୁଣ୍ଡରେ ସମ୍ମିଳନୀ-ପଗଡ଼ି, ଓଡ଼ିଆ ଜାତୀୟତାର ସଙ୍କେତ । ତାଙ୍କର ଦାବୀ—"ସମଗ୍ର ଓଡ଼ିଆଭାଷୀ ରାଜ୍ୟକୁ ସ୍ୱତନ୍ତ୍ର ପ୍ରଦେଶ କର ଏକ ଶାସନାଧୀନରେ ରଖିବା ନିମନ୍ତେ ଅର୍ଥ ଅକୁଳାନ ନଦୁଏତ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିଯାଉ ତାହା ହୋଇ ନପାରିଲେ, ଓଡ଼ିଆଭାଷୀ ଅଞ୍ଚଳ ମାନଙ୍କୁ ଏକତ୍ର କର ବିହାର-ଓଡ଼ିଶା, ବଙ୍ଗଦେଶ ବା ମାଦ୍ରାଜ ଯେଉଁଠାରେ ଇଚ୍ଛା, ସେଠାର ଲୋକଙ୍କ ସହିତ ମିଶାଇ ରଖାଯାଉ ।"*

କମିସନ୍‌ଙ୍କ ସନ୍ଦେହ—ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲେ, ଆର୍ଥିକ ଦୃଷ୍ଟିରୁ ତାହା ଆତ୍ମନିର୍ଭରଶୀଳ ହେବାର ସମ୍ଭାବନା ନଥିଲ । ପ୍ରତିନଧି ଦଳର ନେତା ବ୍ରଜସୁନ୍ଦରଙ୍କ ଠାରୁ ସେମାନେ ଗ୍ରହିଲେ ଏହାର ଖଣ୍ଡୀକରଣ !

ପ୍ରବଳ ଉତ୍ସାହରେ ମୁଣ୍ଡ ହଲାଇ ବ୍ରଜସୁନ୍ଦର ଉତ୍ତର ଦେଲେ...."we will tax, tax and tax ourselves."

ଉତ୍ତେଜନା ମଧ୍ୟରେ ବ୍ରଜସୁନ୍ଦରଙ୍କ ମୁଣ୍ଡରୁ ସମ୍ମିଳନୀର ସୋଲ ପଗଡ଼ିଟି ତଳେ ଖସି ପଡ଼ିଲ ! †

---

* 'ସମାଜ' ତା ୧୧-୧୨-୧୯୨୮ ଖଣ୍ଡ

† ସାଇମନ୍ କମିସନ୍ ସମ୍ପର୍କରେ ତଥ୍ୟ ଏ କନିକା ରାଜା ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜଙ୍କ ଠାରୁ ଫରୱାର୍ଡ—ଲେଖକ ।

Digitized by srujanika@gmail.com

ଓଡ଼ଶା-ସମସ୍ୟା ସମ୍ପର୍କରେ ବଶଦଭର ଅନୁସନ୍ଧାନ ପାଇଁ କମିସନ୍ ପକ୍ଷରୁ ନଯୁକ୍ତ ହେଲ, ମିଷ୍ଟର ଆଣ୍ଡ୍ରୁଜଙ୍କ ନେତୃତ୍ୱରେ ଏକ ସବ୍-କମିଟୀ । ଚେୟାରମେନ୍ ଆଣ୍ଡ୍ରୁଜଙ୍କ ବ୍ୟତୀତ ଏଥିରେ ସଭ୍ୟ ରହିଲେ ସାର୍ ସୁରେନ୍ଦ୍ରନାଥ, କନକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଦେଓ୍ୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତ ।

୧୯୩୦ ସାଲ ୨୧ ତାରଖ ସେପ୍ଟେମ୍ବର ଦନ ଘୋଷିତ ହେଲ, ସ୍ୱତନ୍ତ୍ର ଓଡ଼ଶା ପ୍ରଦେଶ ଗଠନ ପାଇଁ ଆଣ୍ଡ୍ରୁଜ ସବ୍-କମିଟୀର ସଂସ୍ପଷ୍ଟ ପ୍ରସ୍ତାବ ।

କନ୍ତୁ ଆଣ୍ଡ୍ରୁଜ ସବ୍-କମିଟୀର ପ୍ରସ୍ତାବ ତ ବ୍ରିଟିଶ ସରକାରର ଆନୁଷ୍ଠାନକ ସିଦ୍ଧାନ୍ତ ନୁହେଁ । ସିନ୍ଧୁ ଓ ଓଡ଼ଶା ପ୍ରଦେଶ ଗଠନ ସମ୍ପର୍କରେ ବଭିନ୍ନ ଦଗ ବଶଦଭର ଶ୍ରବରେ ପଶ୍ଚାତ୍ ବଚାରଣା କରବା ପାଇଁ ଆଣ୍ଡ୍ରୁଜ-କମିଟୀ ସେଥିରେ ମଧ୍ୟ ରଖିଦେଇଥିଲେ ଗୋଟିଏ କୈଁ । ଶାସନ ବ୍ୟାପାରରେ ହାତେ ମାପି ଦୁଇ ଘଣ୍ଟରୁ ପଛକୁ ଘୂଲବା ବ୍ରିଟିଶ ସରକାର ଠାରୁ ଆଉ କଣ ବା ଆଶା କରଯାଇଥାନ୍ତା ସେତେବେଳେ ?

ତଥାପି ଓଡ଼ଶା ପ୍ରଦେଶ ଗଠନ ସମ୍ପର୍କରେ ଆଣ୍ଡ୍ରୁଜ-ସବ୍‌କମିଟୀର ସମର୍ଥକ, ମଧୁସୂଦନଙ୍କ ଶକ୍ତ ଜବନକୁ ସ୍ପର୍ଶସମ୍ଭାରରେ ଯେପରି ପୂର୍ଣ୍ଣ କରି ଦେଇଥିଲ ।

Digitized by srujanika@gmail.com

ସପ୍ତଦଶ ପରିଚ୍ଛେଦ

(ଏକ)

୧୯୩୧ ସାଲର ନବବର୍ଷ.....ପହଲ ଜାନୁୟାରୀ ।

ଗତବର୍ଷ ପରେ ମଧୁସୂଦନ ଦେବାଳିଆ ବନ୍ଧନରୁ ମୁକ୍ତିଲଭ କଲେ । ନବବର୍ଷର ଶୁଭେଚ୍ଛା ଅଭିନନ୍ଦନ ଜଣାଇବା ପାଇଁ ମଧୁସୂଦନଙ୍କ ବାସଭବନରେ ଶୁଭେଚ୍ଛୁ, ପ୍ରଶଂସକ ଓ ଅନୁଗତମାନଙ୍କର ଭିଡ଼ । ମାନ ଅଭିନନ୍ଦନ ଓ ଶୁଭେଚ୍ଛାର କଲରୋଳ ମଧ୍ୟରେ, ମଧୁସୂଦନ ବୈଠକଖାନାରେ ଖଣ୍ଡେ ଆରାମକ୍ରୌଚ୍ଚ ଉପରେ ବସି ରହିଥିଲେ, ଘପୂର୍ଣ୍ଣ ଅନାସକ୍ତ ଆତ୍ମନମଜ୍ଜିତ ଭାବରେ । ଜୀବନର ଶେଷ ସନ୍ଧ୍ୟାରେ ତାଙ୍କ ପ୍ରତି ଏ ସହରର ଆଉ କୌଣସି ଆକର୍ଷଣ ନଥିଲ ।

ସହରର ଗୀର୍ଜାମାନଙ୍କର ନବବର୍ଷ ଉପଲକ୍ଷେ ଘଣ୍ଟା ଧ୍ୱନି ଶୁଭୁଥିଲା, ମହାକାଳର ଗମ୍ଭୀର ଆହ୍ୱାନ ପରି । ମଧୁସୂଦନଙ୍କ ଅନ୍ତର ନବବର୍ଷର ସେଇ ଆନନ୍ଦମୁଖର ପ୍ରଭାତରେ ପ୍ରାର୍ଥନାସିକ୍ତ ହୋଇ ଉଠିଥିଲା । ସେ ମନେ ମନେ ପ୍ରାର୍ଥନା କରୁଥିଲେ.....ହେ ଦସ୍ୱାମସ୍ୱ ଜୀବନଭରୁ ଯେତେବେଳେ ଦୁର୍ଭାଗ୍ୟର ନଦୀତରେ ଶୁଷ୍କ, ଦଗ୍ଧ ହୋଇଯାଏ, ସେତେବେଳେ ତୁମେ ଆସିଥାଅ, କରୁଣାର ବାରିଧାରା ପରି । ଜୀବନର ସବୁ ଶକ୍ତତା, ସବୁ ବ୍ୟର୍ଥତା, ତୁମର କରୁଣା ସ୍ପର୍ଶରେ ହଠାତ୍ ସ୍ନିଗ୍ଧ ହୋଇ ଉଠେ ! ତା' ନହେଲେ ଏଇ ଜୀବନ ଦୁଃଅନ୍ୟା କ ନିଷ୍ଫରୁଣ ଅଭିଶାପ ?...

ମଧୁସୂଦନଙ୍କ ଈଶ୍ୱର ବିଶ୍ୱାସ ଥିଲ ଅତି ଗଭୀର । ତାଙ୍କର ସମସ୍ତ ଜୀବନ, ଥିଲ ଯେପରି ଈଶ୍ୱରଙ୍କଠାରେ ନିବେଦିତ ଅର୍ଘ୍ୟ । ସେଥିପାଇଁ ବୋଧହୁଏ, ଏପରି ନିର୍ଜ୍ଜନ ଭାବରେ ସେ ଜୀବନର ମୂଲ୍ୟାଙ୍କନ କରି ପାରିଥିଲେ ।

ଶୈଳବାଳା ଶୁଭ୍ର ଗୋଲାପର ଗୋଟିଏ ସ୍ତବକ ମଧୁସୂଦନଙ୍କ ପାଖରେ ଗୋଟିଏ ଟିପୟ ଉପରେ ରଖି ଦେଇଗଲେ.....କୌଣସି ଅନୁଗତଙ୍କ ନବବର୍ଷର ଉପହାର ।

ମଧୁସୂଦନ କହିଲେ...''ପରମେଶ୍ୱରଙ୍କ କରୁଣାର ଅନ୍ତ ନାହିଁ ଶୈଳ ! ତା ନହେଲେ ଜୀବନର ଶେଷ ମୁହୂର୍ତ୍ତରେ ମୋର ଜୀବନପାତ୍ରକୁ ସେ ଏପରି ଭାବରେ ପୂର୍ଣ୍ଣ କରି ନଥାନ୍ତେ କରୁଣା ଆଉ ଆଶୀର୍ବାଦରେ ।''

Digitized by srujanika@gmail.com

ଶୈଳ ଉତ୍ତର ଦେଲେ....''ଆଇନ ଅନୁସାରେ, ସୃଶବର୍ଷ ପରେ ଦେବାଳିଆ ବନ୍ଧନ ଶେଷ ହୋଇଥାଏ । ଭଗବାନଙ୍କ କରୁଣା ନଥିଲେ ମଧ୍ୟ ଆପଣ ସେଥିରୁ ଏବେ ମୁକ୍ତ ହୋଇଥାନ୍ତେ ବାବା !''

ଶୈଳର ଉତ୍ତର ନବବର୍ଷ ସକାଳର ଶୁଭସ୍ପାଚ ସ୍ଥିରଧଡାକୁ ହଠାତ୍ ଯେପରି ଉଚ୍ଚ କରଦେଲ । ଆହତ ସ୍ୱରରେ କଣ୍ଠରେ ମଧୁସୂଦନ କହିଲେ....''ଦେବାଳିଆର ବନ୍ଧନ ଶେଷ ହେବା ମୋ ପକ୍ଷରେ ବଡ କଥା ନୁହେଁ ଶୈଳ ! ରେଲଯାତ୍ରୀ ପର ମୁଁ ଆଜ ବସିଛି, ଟ୍ରେନ ଅପେକ୍ଷାରେ, ଶେଷ ଘଣ୍ଟା ବାଜିବା ପାଇଁ ! କନ୍ତୁ ତା' ପୂର୍ବରୁ ଆଟ୍ଲା-ସର୍-କମିଟି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ପାଇଁ ସୁପରସ ଦେଲେ ! ଜୀବନ ଆରମ୍ଭରେ ଯେଉଁ ସ୍ୱତନ୍ତ୍ର ଓଡିଶାର ସ୍ୱପ୍ନ ଦେଖିଥିଲି, ଯେଉଁଥିପାଇଁ ଜୀବନସାରା ନଜର ଷ୍ଟ୍ରୁ ଶବ୍ଦ ଅନୁସାରେ ଏକାଜ୍ଞା କାର୍ଯ୍ୟ କରି ଆସିଥିଲି ତାହା ଆଜ ପୂର୍ଣ୍ଣ ହୋଇଥିବା, ମୋ ପ୍ରତି ଭଗବାନଙ୍କ ଅସୀମ କରୁଣା ଛଡ଼ା ଆଉ କଣ ହୋଇପାରେ ?''

ଏସବୁ ଭାବପ୍ରବଣତାରେ ନମଜ୍ଜିତ ରହିବା ପାଇଁ, ଶୈଳବାଲାଙ୍କର ସମସ୍ୟ ନଥିଲ । ସେ ସମ୍ବାଦ ଦେଲେ, ସାକ୍ଷାତ କରିବା ପାଇଁ ତଳେ ଅପେକ୍ଷା କରୁଛନ୍ତି, ଚନ୍ଦ୍ରାମଣି ଓ ପାରେଶ୍ୱର ପ୍ରମୁଖ ଅନେକ ଜୁନିୟର ଓକିଲ ।

''ସେମାନେ ତଳେ ଅପେକ୍ଷା କରୁଛନ୍ତି କାହିଁକି ? ଏଠାକୁ ସେମାନଙ୍କୁ ପଠାଇ ଦେ ଶୈଳ !''

୧୯୩୧ ସାଲରେ ମଧ୍ୟ ପୂର୍ଣ୍ଣ ହେଉଥିଲା, ମଧୁସୂଦନଙ୍କ ଓକିଲାତର ୫୦ ତମ ବର୍ଷ.... ପ୍ରକାଶ୍ୟରେ ଓକିଲତ ବ୍ୟବସାୟରେ ଓଡ଼ିଆମାନଙ୍କର ପ୍ରବେଶ ଓ ପ୍ରତିଷ୍ଠାର ଅର୍ଦ୍ଧଶତାବ୍ଦୀ ! ସେଥିପାଇଁ କଟକ ଓକିଲ ସଙ୍ଘ ପ୍ରସ୍ତାବ କରିଥିଲେ, ପୂର୍ବାଞ୍ଚଳୀ ସମାବେହରେ ମଧୁସୂଦନଙ୍କୁ ସମ୍ବର୍ଦ୍ଧନା ଜଣାଇବା ନମିତ୍ତ ।

ଚନ୍ଦ୍ରାମଣି କହିଲେ···''ଆପଣଙ୍କ ସ୍ୱୀକୃତି ପାଇଲେ, ଆମ୍ଭେମାନେ ପୂର୍ବାଞ୍ଚଳୀ ପାଇଁ ଆୟୋଜନ କରିବୁ !''

ମଧୁସୂଦନ କ୍ଷଣକାଳ ନୀରବ ରହିଲେ । ସେ ହଠାତ୍ ଫେରଯାଇଥିଲେ, ଅର୍ଦ୍ଧଶତାବ୍ଦୀ ପୂର୍ବେ ୧୮୮୧ ସାଲକୁ, ଯେଉଁଦିନ ସେ କଲିକତା ଛାଡ଼ି କଟକ ଆସନ୍ତ ଏଠାରେ ଓକିଲତି ପାଇଁ, ନନ୍ଦକିଶୋରଙ୍କ ଅନୁରୋଧ ଓ ପରାମର୍ଶରେ !

ମଧୁସୂଦନ କହିଲେ···''ଓଡ଼ିଆ ଜାତିର ମୁଁ ପ୍ରଥମ ଆଡଭୋକେଟ୍ ! କନ୍ତୁ ମୁଁ ଯେତେବେଳେ ପ୍ରାକ୍ଟିସ୍ ପାଇଁ ପ୍ରଥମେ କଟକ ଆସେ, ସେତେବେଳେ ଏ ବ୍ୟବସାୟରେ ଓଡ଼ିଆମାନଙ୍କର ସ୍ଥାନ ନଥିଲ ! ଆଜ କନ୍ତୁ ପାଟନାଠାରୁ କଟକ ପର୍ଯ୍ୟନ୍ତ ଅନେକ ଓଡ଼ିଆ ଏ କ୍ଷେତ୍ରରେ ପ୍ରତିଷ୍ଠିତ !''

Digitized by srujanika@gmail.com

"ସେଥପାଇଁ ଇଏତ କେବଳ ଆପଣଙ୍କ ସୁବର୍ଣ୍ଣ-ଜୟନ୍ତୀ ହେବ ନାହିଁ; ଇଏ ହେବ ମଧ୍ୟ ଓକଲଣ୍ଡା କ୍ଷେତ୍ରରେ ଓଡ଼ିଆ ଜାତର ସୁବର୍ଣ୍ଣ-ଜୟନ୍ତୀ !"·····ପାରେଶ୍ୱର ଟିପ୍‌ପଣୀ କର୍ଲେ !

କ୍ଷଣକାଳ ନୀରବ ରହି ମଧୁସୂଦନ ଉତ୍ତର ଦେଲେ:..."ମୋତେ ଏଥିରୁ ବାଦ୍ ଦିଅ ପାରେଶ୍ୱର !....ମୋ ସମ୍ବନ୍ଧରେ ଫକୀରମୋହନ, ଗୋଦାବରୀଶ (ମିଶ୍ର), ନନ୍ଦକିଶୋର (ବଳ) ମେହେର (ଗଙ୍ଗାଧର) ପଦ୍ୟ ଲେଖିଛନ୍ତି ! ମୁଁ ତ ଦୁର୍ବଳଚତ୍ତ; ଏଥିରେ ପ୍ରଶଂସିତ ହେଲ୍ ବୋଲ୍ ଅନୁଭବ କରୁଛି । କନ୍ତୁ ପ୍ରକୃତରେ ଏପର ହେବା ଉଚିତ ନୁହେଁ । ଯେଉଁ ଯୁଗରେ ଜଣେ ବ୍ୟକ୍ତ ଜନ୍ମ ଗ୍ରହଣ କରିଛୁ, ସେହି ଯୁଗରେ ଇତିହାସରେ ତାହାଁର ସ୍ଥାନ ନିର୍ଣ୍ଣୀତ ହେବା ଉଚିତ ନୁହେଁ । ଲୋକେ ତାଙ୍କୁ ଦେଖୁଛନ୍ତି ଚର୍ଚ୍ଚି ଛନ୍ତି, ତାଙ୍କ ସହିତ ପନଃ ସମ୍ପର୍କରେ ଆସିଛନ୍ତି । ତୁଏତ ତାଙ୍କୁ ଦେଖି ଚର୍ଚ୍ଚା ପୂର୍ଣ୍ଣ କରିଛନ୍ତି, ପ୍ରଶଂସା କରିଛନ୍ତି, ଅଥବା ସୂନା କରିଛନ୍ତି । ତାଙ୍କର ଦୋଷ ଦୁର୍ବଳତା ଅଥବା ସଦ୍‌ଗୁଣକୁ ସେମାନେ ଆଖି ଆଗରେ ଦେଖିଛନ୍ତି, ଅନୁଭବ କରିଛନ୍ତି । ଫଳରେ ପୂର୍ଣ୍ଣା, ପ୍ରଶଂସା, ଈର୍ଷା ପ୍ରଭୃତି ଦ୍ୱାରା ଲୋକଙ୍କ ଦୃଷ୍ଟି କଳୁଷିତ ହୋଇ ଯାଇଛି । ଏଥିରେ ମନୁଷ୍ୟର ପ୍ରକୃତ ମୂଲ୍ୟାୟନ ସମ୍ଭବ ନୁହେଁ । ପରବର୍ତ୍ତୀ ଯୁଗର ଲୋକେ କେବଳ ଏହି ମୂଲ୍ୟାୟନ ଠିକ୍ ଭାବରେ କରିପାରିବେ । ନେତାର ସ୍ୱଯୁଗର ଲୋକଙ୍କର ଚକ୍ଷୁ ସେଇସବୁ କାରଣରୁ କଳୁଷିତ ହୋଇଥାଏ, ତାହା ସମାନଙ୍କ ପକ୍ଷେ ସମ୍ଭବ ନୁହେଁ । ସମାନେ ତାଙ୍କର ସମ୍ପର୍କରେ ଆସି ନାହାନ୍ତି କି ପୂର୍ଣ୍ଣା କି ପ୍ରଶଂସା ଦ୍ୱାରା କଳୁଷିତ ହୋଇଥିବା ଚକ୍ଷୁରେ ତାଙ୍କୁ ଦେଖି ନାହାନ୍ତି । ସେମାନେ ବସ୍ତୁର କର ଦେଖିବେ, ଏହି ଲୋକଟି ଉପରେ ଜାତି କି ଗୁରୁ ଦାୟିତ୍ୱ ନ୍ୟସ୍ତ କରିଥିଲ, ତାକୁ କି ଷମତା ଅର୍ପଣ କରିଥିଲ, ବିପଦ ଓ ଧ୍ୱଂସ ସମ୍ମୁଖରେ ତାହାର ନେତୃତ୍ୱକୁ ସ୍ୱୀକାରିଥିଲ କି ନାହିଁ, ବିଶ୍ୱାସ ରଖିଥିଲ କି ନାହିଁ, ଏହାଙ୍କ ନିଷ୍ପତ୍ତି ଉପରେ ଜାତର ଇତିହାସର ଗତି ନିର୍ଭର କରୁଥିଲ କି ନାହିଁ—ଏ ସବୁ ବିଷୟ ପରବର୍ତ୍ତୀ ଯୁଗରେ ଲୋକଙ୍କ ଦ୍ୱାରା ନିର୍ଣ୍ଣୀତ ନହେବା ପର୍ଯ୍ୟନ୍ତ କୌଣସି ଲୋକର ସ୍ଥାନ ଇତିହାସରେ ନିର୍ଣ୍ଣୟ କରିବା ଅନୁଚିତ ।"

ନିଃସଙ୍କୋଚ ଆତ୍ମପ୍ରତ୍ୟୟ ଓ ପ୍ରତ୍ୟୁତ୍ପନ୍ନମତିତ୍ୱର ସାଧମରେ ଆତ୍ମପ୍ରତିଷ୍ଠାର ଯୁଗରେ ସମ୍ପର୍ଦ୍ଦନା ପାଇଁ ମଧୁସୂଦନଙ୍କ ଅନିଚ୍ଛା ଓ ଅନାସକ୍ତି, ଚନ୍ଦ୍ରାମଣି ପ୍ରମୁଖଙ୍କୁ ବିସ୍ମିତ କରିଦେଲ୍ । ମାତ୍ର ମଧୁସୂଦନଙ୍କର ଏହା ଏକ ଷ୍ଟିଆଲ୍ ନଥିଲ୍—ଏକ ନିର୍ଦ୍ଦିଷ୍ଟ ଜୀବନ-ଦର୍ଶନ ଉପରେ ମଧୁସୂଦନଙ୍କ ଏ ଅନାସକ୍ତି ଥିଲ୍ ଆଧାରିତ ! ମହାକାଳ ହିଁ ସମସ୍ତଙ୍କର ଦିନେ ମୂଲ୍ୟାଙ୍କନ କରିବ ସେଦିନ ମହାକାଳ କଣ ତ୍ରୁଟିକ୍ଷେପ କରିବ ସ୍ତାବକ ମାନଙ୍କର ଏଇ ସୁବର୍ଣ୍ଣ-ଜୟନ୍ତୀ ପ୍ରତି ?

Digitized by srujanika@gmail.com

୧୯୬୮ ସାଲରେ ଦେବାଳିଆ ଅବସ୍ଥାରେ ଥିବା ବେଳେ ମଧୁସୂଦନ କେତେକ ବନ୍ଧୁଙ୍କ ଅନୁରୋଧରେ ଆତ୍ମଚରିତ ଲେଖିବା ପାଇଁ ଆରମ୍ଭ କରିଥିଲେ । ପାଟ୍ନା ହାଇକୋର୍ଟର ପ୍ରଧାନ ବିଚାରପତି ଡସନ୍ ମିଲର୍ ସୂଚ୍ଛା ମଧୁସୂଦନଙ୍କୁ ଏକ ପତ୍ରରେ ଲେଖିଥିଲେ···

"× × I am glad you have been encouraged to publish your recollections and I hope you will do so. With your unique experience in Orissa you would have much to say that would be of great interest to a large public and I am sure it would give you an occupation which would take your mind off your present misfortune." •

ଡସନ୍ ମିଲର୍ଙ୍କ ପରି ଉଚ୍ଚପଦସ୍ଥ ବ୍ୟକ୍ତି ଓ ବଡ଼ ବନ୍ଧୁଙ୍କ ଅନୁରୋଧରେ, ମଧୁସୂଦନ ଇଂରାଜୀରେ ଆତ୍ମଚରିତ ଲେଖା ଆରମ୍ଭ କରିଥିଲେ । କଟକ ହା.ଇ. ସ୍କୁଲରୁ ଏଣ୍ଟ୍ରାନସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ, ଆତ୍ମଚରିତ ଲେଖା ହୋଇଥିଲ । ମାତ୍ର ତା'ପରେ ଆସିଲ ବଭୃଷ୍ଣା, ଏକ ଅବସାଦ !

...."ମୁଁ ଏକ restless talker, ଚନ୍ଦ୍ରାମଣି; ମାତ୍ର ଲେଖିବା ବେଳକୁ ମୋର ଧୈର୍ଯ୍ୟ ନଥାଏ ! ତା'ଛଡା ଲିପିବଦ୍ଧ ରହିବା ଭଲ, ମୋ ଜୀବନରେ ଯଦି କିଛି ଉପାଦାନ ଥାଏ, ତାହେଲେ ଉତ୍ତରପୁରୁଷ ତାହା ତନେ ଲିପିବଦ୍ଧ କରିବେ ସିନା; ନିଜ କଥା ନିଜେ କଣ ଗାଇବ ?"

ଚନ୍ଦ୍ରାମଣି ଉତ୍ତର ଦେଲେ...."ଆପଣଙ୍କ ଆତ୍ମକଥା, କେବଳ ତ ଆପଣଙ୍କର ବ୍ୟକ୍ତିଗତ ଜୀବନସ୍ମୃତି ନୁହେଁ—ପ୍ରକାରନ୍ତରେ ଏହା ମଧ୍ୟ ଆଧୁନିକ କାଳରେ ଓଡ଼ିଆ ଜାତିର ଇତିହାସ ! ଆପଣ ଜନ୍ମ ହୋଇଥିଲେ, ଇଷ୍ଟଇଣ୍ଡିଆ କୋମ୍ପାନୀ ଓଡ଼ିଶା ଅଧିକାର କରିବାର ୪୫ ବର୍ଷ ପରେ, ବଙ୍ଗଳା ପ୍ରେସିଡେନ୍ସୀର ଏକ ଅନାମଧେୟ କୋଣରେ, ଖଣ୍ଡବିଖଣ୍ଡିତ, ବିକଳାଙ୍ଗ ଓଡ଼ିଶାରେ । ଆପଣଙ୍କ ଏକକ ସଂଗ୍ରାମ ଫଳରେ, ସେଇ ଓଡ଼ିଶା ସ୍ୱରାଜ ଫେଡେରେସନ୍‌ରେ ଆଜ ତା'ର ନିଜସ୍ୱ ସ୍ୱତନ୍ତ୍ର ସ୍ଥିତି ପାଇବା ପର୍ଯ୍ୟନ୍ତ ପହଞ୍ଚି ପାରିଛୁ । ଓଡ଼ିଆ ଜାତିର ଏଇ ଜୀବନସଂଗ୍ରାମର ଇତିହାସ, ଆପଣଙ୍କ ବ୍ୟତୀତ ଆଉ କିଏ ବା ବଶ୍ୱସ୍ତ ସ୍ୱରରେ ଲିପିବଦ୍ଧ କରିପାରିବ ? ସେଥିପାଇଁ ପୁଣି ଉତ୍ତର-ପୁରୁଷ କେଉଁଠୁ ବା ପାଇବେ ଐତିହାସିକ ଉପାଦାନ ?"

• ଡସନ୍ ମିଲର୍ଙ୍କ ଚିଠି—ତା ୧୮-୫-୧୯୬୮

Digitized by srujanika@gmail.com

"ଚନ୍ଦ୍ରାମଣି"···କ୍ଲାନ୍ତ କଣ୍ଠରେ ମଧୁସୂଦନ କହିଲେ, "ମୋ ଜୀବନରେ ଯଦି ଲଘିବଦ୍ଧ ହେବା କଥା ଥାଏ, ତାହେଲେ ମୋର ଉତ୍ତର-ପୁରୁଷ ତାହା ନିଶ୍ଚୟ ଆବିଷ୍କାର କରିପାରିବେ, ସେ ବିଶ୍ୱାସ ମୋର ରହିଛି !"

ଆମୃତଗଞ୍ଜ ପ୍ରସଙ୍ଗରୁ ସେମାନେ ପହଞ୍ଚିଥିଲେ, ଆଇନ୍ସ ସର୍-କମିଶନର ସୁପାରିସ ଓ ତାର ପରବର୍ତ୍ତୀକାଳୀନ ପରିସ୍ଥିତିରେ ! ପାର୍ଲେଣ୍ଟର ପଚାରିଲେ···"ଆଇନ୍ସ ସବକମିଟୀ ତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପରାମର୍ଶ ଦେଲେ । ବ୍ରିଟିଶ ସରକାର ଏ ପରାମର୍ଶ ଯଥା ସମୟରେ ନିଶ୍ଚୟ ଗ୍ରହଣ କରିବେ ! କିନ୍ତୁ ଓଡ଼ିଶା ପ୍ରଦେଶର ସୀମା-ପରିହଦ କଣ ହେବ ? ଗଞ୍ଜାମ, ମେଦିନୀପୁର, ସିଂହଭୂମି, ଫୁଲଝର, ଦେଓଘେଗ ପ୍ରଭୃତି ଓଡ଼ିଆ ଅଞ୍ଚଳ ଓଡିଶାକୁ ଆସିବ ତ?"

"ଗଂଜାମ ତ ନିଶ୍ଚୟ ଆସିବ !" ମଧୁସୂଦନ ଉତ୍ତର ଦେଲେ "କିନ୍ତୁ ଅନ୍ୟ ଅଞ୍ଚଳ କଥା କଣ ହେବ କିଏ ଜାଣେ ? ଦେଶମିଶ୍ରଣ ବିଷୟରେ ଅନେକେ ଅନେକ ପ୍ରକାର କହୁଛନ୍ତି—ଯାହା ଇତିହାସରେ ଆଗେ ଉତ୍କଳ ଥିଲା, ସେ ସବୁ ମିଳିଲେ ନେବା ନହେଲେ ନାହିଁ ! ମାନ ମୁଁ କହେ ଯାହା ପାଇଛୁ ନିଅ, ପୁଣି ଅନ୍ୟ ଅଞ୍ଚଳମାନଙ୍କୁ ଆଣିବା ପାଇଁ ଉଦ୍ୟମ କର !"

(ଦୁଇ)

୮୩ ବର୍ଷ ବୟସରେ, ମଧୁସୂଦନଙ୍କ ଧମନୀରେ ପ୍ରବାହିତ ହେଉଥିଲା ଯେପରି ନବତାରୁଣ୍ୟର ଉନ୍ମାଦନା; ଲୋଳିତ ଜରାଜୀର୍ଣ୍ଣ, ଦେହରେ ଉତ୍କୀବିତ ହୋଇଥିଲା, ପୃଥିବୀକୁ ପୁଣି ଥରେ ଜୟ କରିବାର ଇଚ୍ଛାଶକ୍ତି । ସମୁଦ୍ରସଙ୍ଗମ ପୂଜାରୁ ନଦୀସ୍ରୋତର ପ୍ରଖରତା ପରି, ମଧୁସୂଦନଙ୍କ ସ୍ରିମିତ ବାର୍ଦ୍ଧକ୍ୟ, ନବତାରୁଣ୍ୟରେ ଦୁର୍ବାର ହୋଇ ଛଟିଥିଲା ।

ନଭେମ୍ବର ମାସର ଶୀତ ଋତୁ···

କାନ୍ଥ ଘଣ୍ଟାରେ ବାଜିଲା ଏଗାରଟା ।

ମଧୁସୂଦନ ସେଇ ସନ୍ଧ୍ୟାବେଳୁ ବ୍ରଜସୁନ୍ଦରଙ୍କୁ ଧରି ଷ୍ଟଡୀରେ ବସିଥିଲେ, ପ୍ରସ୍ତାବିତ ବଡ଼ିଶା ପ୍ରଦେଶର ସୀମା ସରହଦ୍ ସମ୍ପର୍କରେ ମେମୋରାଣ୍ଡମ୍ ପ୍ରସ୍ତୁତ କରିବା ପାଇଁ । ବ୍ରଜସୁନ୍ଦର ଆବଶ୍ୟ ପ୍ରସ୍ତୁତ କରିଥିଲେ ମୂଳ ଚଠା । କିନ୍ତୁ ସେଥିରେ ମଧୁସୂଦନଙ୍କର ମନଃପୂତ ହେଉ ନଥିଲା । ମେମୋରାଣ୍ଡମ୍‌ର ଆର୍ଗୁମେଣ୍ଟ୍ ବା ଯୁକ୍ତି ଓ ତଥ୍ୟମୂଳକ ଅଂଶଟିକୁ ସେ ଅଭିନିବିଷ୍ଟ

Digitized by srujanika@gmail.com

ସ୍ୱରରେ ବଶ୍ଳେଷଣ କରୁଥିଲେ; ଯେପର ସାମାନ୍ୟତମ ତ୍ରୁଟି ବା ଅପୂର୍ଣତା ସେଥିରେ ନରହେ !

ସର୍ଦାର କେହେଣ୍ଡ୍ର ଦୃଢ଼ବଦ୍ଧ ପୁଣି ଥରେ ହୁଙ୍କାନଳୀ ସଜାଇ ରଖି ଦେଇଗଲ ! ମଧୁସୂଦନ ହୁଙ୍କାରୁ କଲେ ଧୂଆଁ ଗୁଡ଼ ଷୀଣ କଣ୍ଠରେ କହିଲେ···"ସିଂହଭୂମି ସମ୍ପର୍କରେ ଆମର ଦାବୀକୁ ଆଉର ପ୍ରାଞ୍ଜଳ, ଆଉର ବଳଷ୍ଠ କରିବା ପାଇଁ ପଢିବ ବ୍ରଜସୁନ୍ଦର !"

ଦକ୍ଷିଣରେ ଚକାକୋଲ୍ ଚାଲୁକ୍ ଓ ବଣାଖାପାଟଣା ଏଜେନ୍ସୀକୁ ବାଦ୍ ଦେଇ ରଙ୍ଗାମ ଜିଲ୍ଲା ଓଡ଼ଶାକୁ ଆସିବା ସୁନିଶ୍ଚିତ ! ଫଲଫ ଡଙ୍କ୍ କମିଶନର ସୁପାରିସରେ ଏହା ସୁସ୍ପଷ୍ଟ ହୋଇ ସାରଥିଲ । ମେଦନାପୁରରେ ଓଡ଼ିଆ ଭାଷାଭାଷୀଙ୍କ ସଂଖ୍ୟା ୧୮୨୧ ସାଲ ଜନଗଣନା ପରଠାରୁ ଯେପର ଧାରାବାହିକ ଭାବରେ କମିବାରେ ଲାଗିଛି; ସେଥିରେ ମେଦନାପୁରର ଭବିଷ୍ୟତ ଅନିଶ୍ଚିତ । ସାଇମନ୍-କମିସନ୍ (ଆଇଲ୍ସ-ସବ୍‌କମିଟୀ) ଅବଶ୍ୟ ୧୯୫୦ ସାଲରେ, ମେଦନାପୁରର କେତେକ ଅଞ୍ଚଳ ଓଡ଼ଶାରେ ମିଶାଇବା ପାଇଁ ସୁପାରିସ କରି ଲେଖିଥିଲେ...."**In Bengal there is only the possibility of minor adjustments of boundary in the circles of Mohanpur and Gopiballabhpur, in the interests of Orissa.**"•

କନ୍ତୁ ମେଦନାପୁରର ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ଶାକୁ ଆସିବା ପାଇଁ ଅନଚ୍ଛା— ପୂର୍ବର ପ୍ରସ୍ତାବିତ କଂଗ୍ରେସ ଅଧିବେଶନରେ ମେଦନାପୁରର ଓଡ଼ିଆନେତା ସୁରେନ୍ଦ୍ର ସାହୁମଲ୍, ବାରିଷ୍ଟରଙ୍କ ଅଭ୍ୟର୍ଥନା-ସମିତର ସଭାପତି କରିଥିଲେ, ଏ ପରିସ୍ଥିତି ନଥାନ୍ତା!! କନ୍ତୁ ଦୁର୍ଭାଗ୍ୟ ! ଓଡ଼ଶାର କଂଗ୍ରେସ ନେତାମାନଙ୍କର ପଦସାମୋହରେ ସେ ସମ୍ଭାବନା ଦୂରୀଭୂତ ହୋଇ ପଡ଼ିଲ । ସୁରେନ୍ଦ୍ର ସାହୁମଲ୍ ଓଡ଼ଶାର ନାଁ ପୂଛା ଆଉ ଗୁଣ୍ଡରେ ଧରିବା ପାଇଁ ପ୍ରସ୍ତୁତ ନୁହନ୍ତି । ମେଦନାପୁର କଥା ଗୁଡ଼....କନ୍ତୁ ଓଡ଼ଶା ସହିତ ଖଣିଜସମ୍ପଦପୂର୍ଣ୍ଣ ସିଂହଭୂମିର ମିଶ୍ରଣ ସମ୍ପର୍କରେ ମଧୁସୂଦନ ପ୍ରବଳ ଆଶାନ୍ୱିତ ଥିଲେ ! ସେଥିପାଇଁ ସିଂହଭୂମି ସମ୍ପର୍କିତ ଅଂଶରେ ଯେପର ସାମାନ୍ୟତମ ତ୍ରୁଟି ବଚ୍ୟୁତ ନରହେ, ସେଥିପ୍ରତି ସେ ଥିଲେ ଅତ୍ୟନ୍ତ ସଚେତନ !

ବ୍ରଜସୁନ୍ଦର କହିଲେ...."ଦଲେଇ ଆଇଲେ ମୂଲରୁ ଗାଆ" ପର, ଆମେ ମଣ୍ଟେଗୁ-ଚେମସ୍‌ଫୋର୍ଡଙ୍କଠାରେ ଉତ୍କଳସମ୍ମିଳନୀ ପକ୍ଷରୁ, ସିଂହଭୂମି ସମ୍ପର୍କରେ ଯେଉଁ ସ୍ମାରକପତ୍ର ଦେଇଥିଲେ; ମୁଁ କେବଳ ତାର ପୁନରାବୃତ୍ତି କରୁଛୁ ମାତ୍ର !"

୧୯୨୯ ସାଲ ସେନସସ୍ ରିପୋର୍ଟର ପୃଷ୍ଠା ଓଲଟାଉ ଓଲଟାଉ ମଧୁସୂଦନ କ୍ଲାନ୍ତ କଣ୍ଠରେ କହିଲେ···"ସିଂହଭୂମିରେ ଓଡ଼ିଆମାନେ ବଙ୍ଗଳା ଓ ହିନ୍ଦୀଭାଷୀଙ୍କ ତୁଳନାରେ ଯେ

• Simon Commission Report. Vol. II-p. 50—Appendix VI.

Digitized by srujanika@gmail.com

ଫଙ୍ଗ୍ୟାଗରଷ୍ଟ, ସେଥିରେ ତ ସନ୍ଦେହ ନାହିଁ ବ୍ରଜସୁନ୍ଦର । କନ୍ତୁ ହୋ ମାନେ ହେଉଛନ୍ତି ସମସ୍ୟା ! ମୋର ମନେପଡ଼ୁଛୁ, ଲର୍ଡ କର୍ଜନ୍‌ଙ୍କ ବେଳେ, ଶିମ୍ଲା-ସର୍କୁଲର୍‌ରେ, ସ୍ୱରଡ ସରକାର ସ୍ୱୀକାର କରିଥିଲେ, ହୋ ମାନେ ଓଡ଼ିଆ ଭାଷାଭାଷୀଙ୍କ ସହୁତ ଦଶେ ବା ବଶେ ମିଶି ଗିବା ପାଇଁ ବାଧ ! ସେଇ ଅଂଶଟା ଏଠାରେ ଯୋଡ଼ିଦେବା ପାଇଁ ପଡ଼ିବ !"

ପ୍ରସ୍ତାବିତ ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ ୧୯୩୧ ସାଲ ସେପ୍‌ଟେମ୍ବର ୧୮ ତାରିଖରେ ସାର୍ ଏସ୍. ଓଡ଼ୋନେଲ୍‌ଙ୍କ ଅଧ୍ୟକ୍ଷତାରେ ଭାରତ ସରକାର ନିଯୁକ୍ତ କରିଥିଲେ ଓଡ଼ୋନେଲ୍ କମିଟୀ । ଏହି କମିଟୀରେ ଅନ୍ୟ ଦୁଇ ଜଣ ସଭ୍ୟ ଥିଲେ, ବମ୍ବେର ଏଚ୍. ଏମ୍. ମେହେଟା ଓ ଆସାମର ଭରୁଣଗ୍ରାମ ଫୁକନ୍ । ପାରଲାଖେମଣ୍ଡୀର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେବ, ଓଡ଼ିଶା ପକ୍ଷରୁ, ବିହାର ପକ୍ଷରୁ ଶ୍ରୀ ସଚ୍ଚିଦାନନ୍ଦ ସିଂହ ଓ ଆନ୍ଧ୍ର ପକ୍ଷରୁ ତେଲଗୁଭାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସି. ଭି. ଏସ୍. ନରସିଂହ ରାଜୁ ଏଥିରେ ସହଯୋଗୀ ସଭ୍ୟ ବା ଆସୋସିଏଟ୍ ମେମ୍ବର ରୂପେ ନିଯୁକ୍ତ ହୋଇଥିଲେ ।

ମଣ୍ଟେଗୁ-ଚେମସଫୋର୍ଡ଼ କମିଟୀ ପାଖରେ ଓଡ଼ିଶାର ସୀମାଦାବୀ ବଲିଷ୍ଠ ଭାବରେ ଉପସ୍ଥାପିତ କରିଥିଲେ ଉତ୍କଳ-ସମ୍ମିଳନୀ । କନ୍ତୁ ୧୯୩୧ ସାଲ ବେଳକୁ ଉତ୍କଳ-ସମ୍ମିଳନୀର ଅସ୍ତିତ୍ୱ ଆଉ ନଥିଲା । ଓଡ଼ୋନେଲ୍-କମିଟୀ ଆଗରେ ଓଡ଼ିଶାର ପ୍ରତିନିଧିତ୍ୱ ପାଇଁ, ମଧୁସୂଦନଙ୍କ ପ୍ରେରଣା ଓ ବ୍ରଜସୁନ୍ଦରଙ୍କ ଉଦ୍ୟମରେ ଗଠିତ ହୋଇଥିଲା, "ଉତ୍କଳ-ସୁନଅନ୍-କମିଟୀ" !

ମଧୁସୂଦନ ସ୍ମାରକପତ୍ରର ପୃଷ୍ଠା ପରୁ ଚନ୍ଦ୍ରାଭ ଭାବରେ ଓଲଟାଉ ଓଲଟାଉ କହିଲେ··· "କନ୍ତୁ ଭୁମେ ଯେତେ ଯୁକ୍ତିପୂର୍ଣ୍ଣ ଭାବରେ ମେମୋରାଣ୍ଡମ୍ ପ୍ରସ୍ତୁତ କର ପଛେ; ଏ ପ୍ରଶ୍ନର ମୀମାଂସା କେବଳ ଯୁକ୍ତି ବା ତଥ୍ୟ ଉପରେ ନିର୍ଭର କରିବ ନାହିଁ ବ୍ରଜସୁନ୍ଦର ! ସଂଯୁକ୍ତ ଅଞ୍ଚଳର ଅଧିବାସୀମାନଙ୍କର ଜନମତ ଏ ପ୍ରଶ୍ନର ଶେଷ ନିଷ୍ପାମକ ହେବ ବୋଲି, କମିଟୀର ଟର୍ମସ୍-ଅଫ୍-ରେଫରେନସରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଯାଇଛୁ ! ସିଂହଭୁମି ଜିଲ୍ଲାରେ ଓଡ଼ିଶା ସପକ୍ଷରେ ଯେପରି ବପୁଳ ଜନମତ ସୃଷ୍ଟି କରିଯାଇ ପାରିବ; ସେଥିପାଇଁ ଏବଠୁ ଚେଷ୍ଟା ନଜଲେ, କେବଳ ମେମୋରାଣ୍ଡମ୍ ଦେଇ କୌଣସି ଲାଭ ହେବ ନାହିଁ ।"

ମାନ ସିଂହଭୁମି ଜିଲ୍ଲାରେ ଓଡ଼ିଶା ସପକ୍ଷରେ ଜନମତ ସୃଷ୍ଟି କରିବା ଥିଲା, ସେତେବେଳେ ଏକ ଦୁରୁହ ସମସ୍ୟା । ଓଡ଼ିଶା କଂଗ୍ରେସର ନେତୃବୃନ୍ଦ ଉତ୍କଳ-ସମ୍ମିଳନୀ ପ୍ରେରଣାରେ ସିଂହଭୁମି ଜିଲ୍ଲାରେ ଓଡ଼ିଆଜାଗରଣ ପାଇଁ ଅନେକ କାର୍ଯ୍ୟ କରିଥିଲେ ସୁତା, ତାହାର ପ୍ରସ୍ତାବ ଓ ପରିଣତି କେବଳ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ସୀମାବଦ୍ଧ ରହିଥିଲା । ଫଙ୍ଗ୍ୟାଗରଷ୍ଟ ହୋ'ମାନଙ୍କୁ ଏହା ଆଦୌ ପ୍ରସ୍ତାବିତ କରିନଥିଲା । ପୂର୍ଣ୍ଣ ଭାଷାସ୍ତରରେ କଂଗ୍ରେସ-କମିଟୀ ଗଠନ ପାଇଁ, କଂଗ୍ରେସର ସର୍ବୋଚ୍ଚ ସ୍ତରରେ ସିଦ୍ଧାନ୍ତ ଗୃହୀତ ହୋଇ, ସିଂହଭୁମି ଜିଲ୍ଲା, ଓଡ଼ିଶା

Digitized by srujanika@gmail.com

ପ୍ରଦେଶ-କଂଗ୍ରେସ କମିଟୀର ଅନ୍ତର୍ଭୁକ୍ତ ରହିବ ବୋଲ ସ୍ୱୀକୃତ ହୋଇଥିବା ସତ୍ତ୍ୱେ; ବହୁସଂଖ୍ୟକ କଂଗ୍ରେସ ନେତାମାନଙ୍କର ପ୍ରସ୍ତାବ, ଓଡ଼ିଶା କଂଗ୍ରେସ ନେତାମାନଙ୍କର ଦଳୀୟ ଅକ୍ଷମତା, ସ୍ୱଜନପ୍ରୀତା ଫଳରେ, ସିଂହଭୂମି ତଥାପି ରହିଥିଲ ବିହାରର ରାଜନୈତିକ ପରିସର ମଧ୍ୟରେ । ସେଥିପାଇଁ ମଧୁସୂଦନଙ୍କ ବିଶ୍ୱସ୍ତ, ପଣ୍ଡିତ ମାଲକଣ୍ଠ ସୂତ୍ରା ଯେପରି ଓଡ଼ୋନେଲ୍-କମିଟୀ ଆଗରେ ସାକ୍ଷ୍ୟ ଦେଇ ନପାରନ୍ତି, ସେଥିପାଇଁ ସେ ଦେଇଥିଲେ ଗୁପ୍ତ ନିର୍ଦ୍ଦେଶ । କଂଗ୍ରେସ ଉପରେ ମଧୁସୂଦନଙ୍କର ଆଉ ଆସ୍ଥା ନଥିଲ ।

ବ୍ରଜସୁନ୍ଦର କହିଲେ...."ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଓଡ଼ିଶାର କଂଗ୍ରେସ ନେତାମାନଙ୍କର ମନୋଭାବ ଯାହା; ସେଥିରେ ସେମାନେ ଯେ ସିଂହଭୂମି ଜିଲ୍ଲାରେ ଜନମତ ସୃଷ୍ଟି ପାଇଁ କିଛୁ କରିବେ; ସେ ବିଶ୍ୱାସ ମୋର ନାହିଁ । ଛତ୍ରଲ-ସ୍ୱୁନଅନ କମିଟୀ ପକ୍ଷରୁ କର୍ମୀ ସିଂହଭୂମି ପଠାଇ, ସେଠାରେ କାର୍ଯ୍ୟ କରିବା ପାଇଁ ମଧ୍ୟ ସମସ୍ୟର ଅଭାବ । ଏ ପରିସ୍ଥିତିରେ ଜାମସେଦପୁର ଓଡ଼ିଆ ଆସୋସିଏସନ୍ ହିଁ ଆମମାନଙ୍କର ଏକମାତ୍ର ଭରସା !"

ଜାମସେଦ୍‌ପୁର ଓଡ଼ିଆ ଆସୋସିଏସନ୍ ମଧ୍ୟ ଥିଲ, ମଧୁସୂଦନଙ୍କ ପ୍ରଚେଷ୍ଟାର ପରିଣତ । ଓଡ଼ୋନେଲ-କମିଟୀ ରିପୋର୍ଟ ପ୍ରକାଶ ପରେ, ସିଂହଭୂମିର ଓଡ଼ିଆମାନଙ୍କୁ ସଂଗଠିତ କରିବା ଉଦ୍ଦେଶ୍ୟରେ, ମଧୁସୂଦନ ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତ୍ୱେ ଆସିଥିଲେ ଜାମସେଦପୁର । ସେଇ ଅବକାଶରେ ସେଠାରେ ଗଠିତ ହୋଇଥିଲ, ଓଡ଼ିଆ-ଆସୋସିଏସନ୍ ! ଜାମସେଦପୁରରେ ଯେଉଁ ଶିଲ୍ପାଞ୍ଚଳ ଗଢ଼ି ଉଠିଥିଲ, ତାହା ଯଦି ଓଡ଼ିଶାର ସୀମା ସରହଦ୍ ଭିତରକୁ ଆସିପାରେ, ତାହେଲେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ତାହା ସହାୟକ ହେବ—ଏହା ହିଁ ଥିଲ ମଧୁସୂଦନଙ୍କ ପରିକଳ୍ପନା । ଜାମସେଦପୁର ଟାଟା କାରଖାନାର ଜେନେରାଲ ମାନେଜର ଜେ. ଏଲ୍. କେନାନ୍‌ଙ୍କ ସହିତ ସାକ୍ଷାତ କରି, ତାଙ୍କୁ ଓଡ଼ିଶା ସପକ୍ଷରେ ପ୍ରସ୍ତାବିତ କରିବା ପାଇଁ ସେ ମଧ୍ୟ କମ୍ ଚେଷ୍ଟା କରି ନଥିଲେ !

ମଧୁସୂଦନଙ୍କର ହଠାତ ମନେ ପଡ଼ିଗଲ, ଟାଟା କୋମ୍ପାନୀର ଜେନେରାଲ୍ ମାନେଜର ଜେ. ଏଲ୍. କେନାନ୍‌ଙ୍କ ଚିଠିର ଉତ୍ତର ସେ ଏ ପର୍ଯ୍ୟନ୍ତ ଦେଇ ନାହାନ୍ତି । କେନାନ୍ ତାଙ୍କୁ ଆମନ୍ତ୍ରଣ କରିଥିଲେ, ଜାମସେଦପୁର ।

କ୍ଷୀଣ କଣ୍ଠରେ ମଧୁସୂଦନ ଡାକିଲେ..."ବ୍ରଜୁ" !

ପର୍ସନାଲ୍ ସେକ୍ରେଟାରୀ ବ୍ରଜକିଶୋର ଆସିବା ମାତ୍ରେ ମଧୁସୂଦନ କହିଲେ··· "କେନାନ୍ ପାଖକୁ ଗୋଟାଏ ଅର୍ଜେଣ୍ଟ ଟେଲିଗ୍ରାମ୍ ପଠାଇ ଦିଅ ବ୍ରଜୁ ।" ମଧୁସୂଦନ ଡିକ୍ଟେସନ୍ ଦେଲେ—

"Thanks for your kind reply and offer of hospitality (stop) starting Thursday night will reach Tatanagar on Friday twenty

Digitized by srujanika@gmail.com

third at 15. 19 (stop) will call on you on Saturday afternoon (stop) Hope this will suit you—M. S. Das."

କେନାନ୍‌ଙ୍କ ସହିତ ମଧୁସୂଦନଙ୍କ ଆଲୋଚନା ସେଥର ଆଶାପ୍ରଦ ହୋଇଥିଲା । ଓଡ଼ଶାର ସୀମାବାଦ ପ୍ରତି, ୫।୫। ଇସ୍‌ପାତ କାରଖାନା ପକ୍ଷରୁ, ସହାନୁଭୂତିର ଅଭାବ ହେବ ନାହିଁ ବୋଲି କେନାନ୍ ଦେଇଥିଲେ ପ୍ରତିଶ୍ରୁତି ।

ଜାମସେଦ୍‌ପୁରରୁ ଫେରିବା ପରେ, ବ୍ରଜସୁନ୍ଦରଙ୍କ ସହିତ ସାକ୍ଷାତ ମାତ୍ରେ ପ୍ରଫୁଲ୍ଲ କଣ୍ଠରେ ମଧୁସୂଦନ କହିଲେ···"ପାଞ୍ଚମାରେ ମୁଁ ମନ୍ତ୍ରୀ ଥିବାବେଳେ, କେନାନ୍ ସହିତ ଥିଲା ମୋର ପରିଚୟ । ଲୋକଟି ମନ୍ଦ ନୁହେଁ ! କାରଖାନାର ଓଡ଼ିଆ ଶ୍ରମିକମାନଙ୍କ ମଧ୍ୟରେ ପ୍ରସ୍ତାବପତ୍ର ବଣ୍ଟାଇ, ଓଡ଼ଶା ସପକ୍ଷରେ ସାହାଯ୍ୟ କରିବା ପାଇଁ ସେ ମୋତେ ଦେଇଛି ପ୍ରତିଶ୍ରୁତି । କେନାନ୍ ଠିକଣାରେ ମୁ ପଠାଇ ଦେଇଛି ପାଞ୍ଚହଜାର ପ୍ରସ୍ତାବ ପତ୍ର ଆଉ ବଣ୍ଟାଇବା ଖର୍ଚ୍ଚ ବାବଦରେ ପଚାଶ ହଜାର ."

ପ୍ରସ୍ତାବପତ୍ରଟି ଥିଲା ଏହିପରି....

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରବ ଙ୍କରତ ପୂରବ ଗୌରବ
ପଡ଼ିବ କ ତୋର ମନେ ॥

ଓଡ଼ଶା ଶହେ ବର୍ଷରୁ ଅଧିକ ହେଲା ଇଂରେଜ ରାଜାଙ୍କ ଶାସନରେ ଆସିଲଣି । ଏହି ଦୀର୍ଘ ସମୟ ମଧ୍ୟରେ ଭାରତବର୍ଷର ଅନ୍ୟ ପ୍ରଦେଶମାନ କେତେ ଉନ୍ନତ କରିଅଛନ୍ତି । ମାତ୍ର ଓଡ଼ଶା ନାଉ ପଡ଼ିଛି ସଭିଙ୍କ ପଛରେ । ଏଥିର କାରଣ ଖୋଜିଲେ ଦେଖାଯିବ ଯେ ଇଂରେଜ ରାଜତ୍ୱ ଆରମ୍ଭ ହେଲା ଦିନ ଠାରୁ ଓଡ଼ିଆଙ୍କର ଭାଗ୍ୟଡୋର ରହିଛି ଅନ୍ୟ ଜାତିର ହାତରେ ସେତେବେଳେ ଓଡ଼ଶା ବଙ୍ଗଦେଶ ସଙ୍ଗେ ମିଶି ରହିଥିଲା, ସେତେବେଳେ ଶାସନ ପରିଚାଳନା ବହୁ ପରିମାଣରେ ବଙ୍ଗାଳଙ୍କ ହାତରେ ଥିଲା । ସେମାନେ ନିଜ ଜାତିର ଉନ୍ନତି ଆଡ଼େ ଚେଷ୍ଟା ନକରି ଓଡ଼ିଆମାନଙ୍କର ଉନ୍ନତି କରିବେ ଏହା ଆଶା କରିଯାଇ ନପାରେ । ଫଳରେ ଓଡ଼ିଆମାନେ ରାଜାଙ୍କ ସହ ଓ ସହାନୁଭୂତି ଯଥୋଚିତ ରୂପେ ନପାଇ, ଅନୁନ୍ନତ ହୋଇ ବଙ୍ଗୀୟ ମାନଙ୍କ ପଛରେ ପଡ଼ି ରହିଲେ ।

ପ୍ରାୟ ଏକଶ ବର୍ଷ କାଳ ଓଡ଼ଶା ଏହିପରି ଅବହେଳା ପାଇ ରହିବା ପରେ ତାହାକୁ ବଙ୍ଗରୁ କାଢ଼ିନେଇ ବିହାର ସଙ୍ଗେ ମିଶାଇ ଗୋଟିଏ ନୂଆ ପ୍ରଦେଶ ଗଢ଼ାହେଲା—ମାତ୍ର ଶାସନ ପରିଚାଳନା ବିହାରୀଙ୍କ ହାତରେ ବଶେଷ ପରିମାଣରେ ରହିବାରୁ ବଙ୍ଗ ସହିତ ଥିବାବେଳେ ଓଡ଼ିଆମାନଙ୍କର ଯେ ଅବସ୍ଥା ବର୍ତ୍ତମାନ ମଧ୍ୟ ସେହି ଅବସ୍ଥା । ବଡ଼ଗଛର ଛାୟାରେ ସାନଗଛ

Digitized by srujanika@gmail.com

ଉଧାଇ ପାରେ ନାହିଁ । ଓଡ଼ିଆମାନଙ୍କର ହୋଇଛୁ ସେହି ଦଶା । ବଙ୍ଗାଳୀ ଓ ବିହାରୀ ସଂଖ୍ୟାରେ ଓଡ଼ିଆଙ୍କ ଠାରୁ ଅଧିକ । ସେମାନେ ଇଂରେଜ ଶାସନରେ ନାନାଦି ସୁବିଧା ପାଇରେ ପାଇବାରୁ ତାହା ନିଜ ନିଜ ଜାତିର ଉନ୍ନତିରେ ଲଗାଇ ଓଡ଼ିଆଙ୍କଠାରୁ ଆଗକୁ ଯାଇ ଅଛନ୍ତି । ସେମାନଙ୍କ ସହିତ କମ୍ବା ସେହିପରି ଅନ୍ୟ କୌଣସି ଜାତିଙ୍କ ସହିତ ମିଶି ରହିଲେ ଆମ୍ଭେମାନେ ସୁଜାଙ୍କର ସଯୋଚିତ ସାହାଯ୍ୟ ଓ ସହାନୁଭୂତି ପାଇ ପାରିବା ନାହିଁ ଓ ଆମ୍ଭ ଜାତିର ଅବସ୍ଥା ଦିନକୁ ଦିନ ଅବନତି ହେବ । ଏହା ଦେଖିପାରି ମୁଁ ଗତ ୩୦ ବର୍ଷ ହେଲା ଚେଷ୍ଟା କରୁଛି ଯେପରି ଓଡ଼ିଶା ରୋଟିଏ ସ୍ୱତନ୍ତ୍ର ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ରହିଥା । ସେ ପ୍ରସ୍ତାବ ଗଭର୍ଣ୍ଣମେଣ୍ଟଙ୍କ ବିବେଚନାରେ ଯୁକ୍ତିଯୁକ୍ତ ହେବାରୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେବାର ସ୍ଥିର ହୋଇଅଛି ଏବଂ ଯେଉଁସବୁ ସ୍ଥାନକୁ ନେଇ ଏହି ନୂଆ ପ୍ରଦେଶ ଗଠିତ ହେବ ତାହା ସ୍ଥିର କରିବା ପାଇଁ ଗଭର୍ଣ୍ଣମେଣ୍ଟ କେତେଜଣ ଉପଯୁକ୍ତ ବ୍ୟକ୍ତିଙ୍କୁ କମିସନର୍ ନିଯୁକ୍ତ କରିଅଛନ୍ତି । ସେମାନେ ଶୀଘ୍ର ଏ ବିଷୟରେ ସ୍ଥିର କରିବେ ।

ସିଂହଭୂମି ଜିଲ୍ଲା ଓଡ଼ିଶା ଅନ୍ତର୍ଗତ ହେବ କି ନା ଏ ବିଷୟ ଉପରୋକ୍ତ କମିସନଙ୍କ ଦ୍ୱାରା ସ୍ଥିର ହେବ । ଜାମସେଦପୁର ସିଂହଭୂମି ମଧ୍ୟରେ । ସେଠାରେ ଯେଉଁ କାରଖାନା ଅଛି ତହିଁରେ ଅନେକ ଓଡ଼ିଆ କାର୍ଯ୍ୟ କରନ୍ତି । ଜାମସେଦପୁର ଓଡ଼ିଶା ଅନ୍ତର୍ଗତ ହେଉ, ଏହା ଯେ ସେମାନେ ଇଚ୍ଛା କରିବେ ଏଥିରେ କୌଣସି ସନ୍ଦେହ ନାହିଁ । ଜାମସେଦପୁର କି ପ୍ରକାର ଓଡ଼ିଶାର ଅନ୍ତର୍ଗତ ହେବ ସେ ସମ୍ବନ୍ଧେ କେତେକ ବିଷୟ ଅନୁସନ୍ଧାନ କରିବା ପାଇଁ ମୁଁ ଅକ୍ଟୋବର ମାସ ୨୩ ତାରିଖରେ ସେଠାକୁ ଯାଇଥିଲି । ସେଠାରେ କାର୍ଯ୍ୟ କରୁଥିବା ଓଡ଼ିଆ ଭାଇମାନଙ୍କ ସହିତ ଦେଖା କରିବାକୁ ପୁନର୍ବାର ଜାମସେଦପୁର ଯିବି । ଯେଉଁଦିନ ସେଠାକୁ ଯିବି ଆଗରୁ ତାହା ଜଣାଇବି । ଜାମସେଦପୁରି ଓଡ଼ିଶା ଅନ୍ତର୍ଗତ କରିବାକୁ ଚେଷ୍ଟା କରିବାରେ ମୁନ୍ଦା ସଂପ୍ରତି କମ୍ବା ପଇସା ଖର୍ଚ୍ଚର ଆବଶ୍ୟକ ନାହିଁ । ଆପଣମାନଙ୍କୁ ମୋହର ବିଶେଷ ଅନୁରୋଧ ଏହି ଯେ ମୋ ସହିତ ଦେଖା ହେବା ପର୍ଯ୍ୟନ୍ତ ଆପଣମାନେ ଅନ୍ୟ ଜାତିର ଲୋକ ଅର୍ଥାତ ବଙ୍ଗାଳୀ, ବିହାରୀ, ପଞ୍ଜାବୀ, ସାନ୍ତାଳ, ହୋ ପ୍ରଭୃତି କାହାର ସଙ୍ଗରେ ବାଦବିସମ୍ବାଦ କରିବେ ନାହିଁ । ବନ୍ଧୁ ଭାବରେ ଆପଣମାନଙ୍କର ଦାବୀ ସମର୍ଥନ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିବେ ।

ଓଡ଼ିଆମାନେ ଏତେ କାଳ ବଡ଼ ଗଛ ତଳୁରେ ଥିବାରୁ ବଢ଼ି ପାର ନାହାନ୍ତି । ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବେ ଯେପରି ସେମାନେ ଏଣିକି କାହାର ତଳୁ ଉଲେ ହରହ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ବିନା ବାଧାରେ ନିଜ ଜାତିର ଉନ୍ନତି ବିଧାନ କରିବାକୁ ସୁବିଧା ପାଉନ୍ତୁ ।

କଟକ
୨-୧୧-୩୧

ଶ୍ରୀ ମଧୁସୂଦନ ଦାସ
ଡାକନାମ
ମଧୁବାବୁ

Digitized by srujanika@gmail.com

ମୁଦ୍ରିତ ନିବେଦନ ପତ୍ରଟି ପାଠ କରି, ବ୍ରଜସୁନ୍ଦର ବିସ୍ମିତ କଣ୍ଠରେ ପଚାରିଲେ··· "ବର୍ତ୍ତମାନ ଆପଣଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଯାହା, ସେଥିରେ ଆପଣ ପୁଣି ଆଉ ଥରେ କଣ ଜାମସେଦପୁର ଯାଇ ପାରିବେ ? ଏଇ ତ ସେ ଦିନ ଜାମସେଦପୁର ଅଞ୍ଚଳରୁ ଫେରିଲେ !"

ଶୂଳବ୍ୟାଧି ସାଙ୍ଗକୁ ସେଭେବେଳେ ମଧୁସୂଦନଙ୍କ ପ୍ରୋଷ୍ଟେଟ୍ ଗ୍ଲାଣ୍ଡରେ ସନ୍ଦେହ ଆରମ୍ଭ ହୋଇଥିଲା । ଅଲ୍ଦିନ ପୂର୍ବେ କଲିକତାରେ ଚିକିତ୍ସିତ ହୋଇ ସେ କଟକ ଫେରିଥିଲେ । ବ୍ୟାଧି ଓ ବାର୍ଦ୍ଧକ୍ୟରେ ମଧୁସୂଦନଙ୍କ ମୁଖ ଦିଶୁଥିଲା ବିବର୍ଣ୍ଣ, ଗତ୍ତିଲ ଜ୍ୟୋତିହୀନ ପରି । ଆଖି ଦୁଇଟିରେ କେବଳ ସବୁ ପ୍ରାଣଶକ୍ତି ପୁଞ୍ଜିଭୂତ ହୋଇ ଦୁଇଟି ଅଗ୍ନିସ୍ଫୁଲିଙ୍ଗ ପରି ଜ୍ୱଳମାନ ହୋଇ ରହିଥିଲା !

ଚଳୁ ମୁଣ୍ଡଉଠାଇ, ଶାଣିତ ଦୃଷ୍ଟିରେ ବ୍ରଜସୁନ୍ଦରଙ୍କ ଆଡ଼େ ଘୂରି ମଧୁସୂଦନ କହିଲେ....''ଆଃ ! ସ୍ୱାସ୍ଥ୍ୟର କଥା କାହିଁକି କହୁଛ ବ୍ରଜସୁନ୍ଦର ? କଲିକତାରେ ଡାକ୍ତର ମୁଖାଙ୍କି ମୋତେ ପରୀକ୍ଷା କଲା ପରେ କହିଲେ—ଆପଣଙ୍କ ଅଲ୍‌ସର୍ ଆଉ ପ୍ରୋଷ୍ଟେଟ୍ ଗ୍ଲାଣ୍ଡ୍‌ର ଅବସ୍ଥା ଯାହା ସେଥିରେ ଆପଣ ତଥାପି କଟକ କଲିକତା ପର୍ଯ୍ୟନ୍ତ ଆସି ପାରିଲେ ତାହାହିଁ ଆଶ୍ଚର୍ଯ୍ୟ । ମୁଁ ଉତ୍ତର ଦେଲି, ମଧୁଦାସର ଦେହ ଅନେକ ଦିନୁ ମରି ସାରିଛି ଡକ୍ତର ମୁଖାଙ୍କି—ଏବେ କେବଳ ବସ୍ତ୍ର ରହିଛି ତାର ମନ ! ମୋତେ ଯିବାକୁ ପଡ଼ିବ ବ୍ରଜସୁନ୍ଦର !"

ବ୍ରଜସୁନ୍ଦର କୁଣ୍ଠିତ କଣ୍ଠରେ କହିଲେ....''ତଥାପି"....ତତ୍କଷଣେ ଉପରେ ଗୋଟାଏ ବୋତଲ ଘୂପି ଧରି ମଧୁସୂଦନ କହିଲେ···''ଟାଟା କାରଖାନାର ଜେନେରାଲ ମ୍ୟାନେଜର କେନାନ୍ ଆଉ ମ୍ୟାନେଜିଙ୍ଗ୍ ଡ଼ିରେକ୍ଟର ଦଲାଲଙ୍କୁ ମୁଁ ଚିଠି ଲେଖି ସାରିଛି, ଜାମସେଦପୁର ଆସିବ ବୋଲି । ତା ଛଡ଼ା ଧରମ୍ବର ଆଉ ଗୌରୁଙ୍କ ପ୍ରଭୃତିଙ୍କ ପରାମର୍ଶ, ଜାମସେଦପୁର ଅଞ୍ଚଳରେ ଗୋଟାଏ ସାଧାରଣ ସଭାରେ ମୁଁ ଭାଷଣ ଦେଲେ, ଓଡ଼ିଶା ପକ୍ଷରେ ତାହା ଅନୁକୂଳ ହେବ । ଓଡ଼ିଆଙ୍କ ମନରେ ଦମ୍ଭ ଆସିବ ! ଟାଟା କାରଖାନାର କର୍ତ୍ତୃପକ୍ଷ ମଧ୍ୟ ଓଡ଼ିଶା ସପକ୍ଷରେ ପ୍ରସ୍ତାବିତ ହେବେ ।"

ବସ୍ତୁତଃ ଉତ୍କଳ-କଂଗ୍ରେସ କମିଟି କମ୍ବା ଉତ୍କଳ-ସୁବନ୍ଧୁ କମିଟି ପକ୍ଷରୁ, ସେ ପର୍ଯ୍ୟନ୍ତ ସିଂହଭୂମିରେ ଯାହା କିଛୁ କାର୍ଯ୍ୟ ହୋଇଥିଲା, ତାହା କେବଳ ଓଡ଼ିଆଭାଷୀଙ୍କ ମଧ୍ୟରେ ଥିଲା ସୀମାବଦ୍ଧ । ହୋ ମାନଙ୍କୁ ସେମାନେ ଓଡ଼ିଶା ପ୍ରତି ଆକୃଷ୍ଟ କରି ପାରି ନଥିଲେ । ପୁଣି ଓଡ଼ିଶା ସହିତ ସିଂହଭୂମିର ମିଶ୍ରଣ ପାଇଁ ଟାଟା କାରଖାନାର କର୍ତ୍ତୃପକ୍ଷଙ୍କ ସହାନୁଭୂତି ଓ ସମର୍ଥନ ଯେ ଅପରିହାର୍ଯ୍ୟ ସେଥିରେ ବ୍ରଜସୁନ୍ଦରଙ୍କ ସନ୍ଦେହ ନଥିଲା । ମଧୁସୂଦନଙ୍କ ବ୍ୟକ୍ତିତ ଅନ୍ୟ କାହା ଦ୍ୱାରା ତାହା ସମ୍ଭବ ହେବାର ଆଶା ମଧ୍ୟ ଥିଲା ବିରଳ !

ବ୍ରଜସୁନ୍ଦର ନୀରବ ରହିଲେ । ବିଶ୍ରାମ ନେବା ପାଇଁ ସମସ୍ତ ନଥିଲା ।

Digitized by srujanika@gmail.com

ସେନସସ୍-ସୁପରଣ୍ଟେଣ୍ଡେଣ୍ଟଙ୍କ ଦପ୍ତରରେ ବଦ୍ଵାସ୍ତ ଅମଲାମାନେ ଜନଗଣନା ବେଳେ ହୋ ମାନଙ୍କୁ ହନ୍ଦୀଭାଷୀ ବୋଲ୍ ଚଲାଇ ଦେବା ପାଇଁ ଆରମ୍ଭ କରିଛନ୍ତି ତଦାନ୍ତ । ଭୁଲ୍ ଆଉ ବେକ ତ ସେଇମାନଙ୍କ ହାତରେ !

"ଗ୍ରଜୁ"....ବଚ୍ଚାରେ କଲ୍‌ଂବେଲ୍ ଚପିଲେ ମଧୁସୂଦନ ।

ଗ୍ରଜକଣୋର ଆସିବା ମାତ୍ରେ, ମଧୁସୂଦନ କହିଲେ, ସେନ୍‌ସସ ସୁପରଣ୍ଟେଣ୍ଡେଣ୍ଟ ଡବଲ୍ୟୁ. ଜ. ଲସୀ. ଆଇ. ସି. ଏସ୍. ପାଖକୁ ଆଜ ଡାକରେ ପଠାଇବା ପାଇଁ ପଡ଼ିବ ଚଠି । ଆର୍. ଏମ୍. ଏସ.ରେ ପୋଷ୍ଟ କରିଦେବ ।

ମଧୁସୂଦନ ଚଠିର ଡ୍ରାଫ୍‌ଟେସନ୍ ଦେଲେ—ସେଥିରେ ସେଇ ପ୍ରୌଢ଼ି, ଲସୀ ଯେପରି ଡାଙ୍କର ଅନୁଗତ, ଅନୁଗ୍ରହପ୍ରାର୍ଥୀ ! ଲସୀଙ୍କ ମା, ଡାକୁ ପରିଚତ କରାଇ ଦେଇଥିଲେ, ଥରେ ସେ ମନ୍ତ୍ରୀ ଥିଲ ବେଳେ, ଲସୀଙ୍କ ସାଙ୍ଗରେ । ମନେ ନାହିଁ ଡାଙ୍କର ?

"ଗ୍ରଜୁ ଡ୍ରାଫ୍‌ଟେସନ୍ ନାଓ.....

"It is extremely unlikely that you would remember that we met before at Patna. That was years ago. I was introduced to you by your mother at Patna.....

ଲସୀଙ୍କୁ ଚେତେଇ ଦେଲେ, ଯେପରି ତୁମେ ତ ଜଣେ ଆଇ. ସି. ଏସ୍. ଅଫିସର । "ପ୍ରବଳପ୍ରତାପୀ ଲର୍ଡ଼ କର୍ଜନଙ୍କୁ ସୁଦ୍ଧା ମୁଁ ପ୍ରସ୍ତାବତ କରିଥିଲି ଓଡ଼ିଆଭାଷୀଙ୍କର ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ । ସେଇଥିପାଇଁ ଆଜ ବସିଛୁ ସୀମା-କମିସନ୍....**"It is nearly 30 years ago, I suggested to Lord Curzon that the people of Orissa should be placed under a separate Government and by a redistribution of territories, Orissa should be raised to the status of a separate Province."** ଏହି ପ୍ରସ୍ତାବତ ଓଡ଼ିଶା ପ୍ରଦେଶରେ ସିଂହଭୂମି ଅର୍ନ୍ତଭୁକ୍ତ ହେବା ଆବଶ୍ୟକ....."**I am in very much need of your help in our efforts to press the claim of Orissa to have Singbhum included in the new Province."**

ଲମ୍ବା ଚଠି.....

ପୂଣି ଆଉର ଅଛୁ ଅନେକ ଚଠି ଲେଖିବା ପାଇଁ ।

Digitized by srujanika@gmail.com

ନଭେମ୍ବର ମାସରେ ଜାମସେଦପୁର ଅଞ୍ଚଳରେ ସଭା ସମିତି ଓ ଓଡ଼ିଶା ସପକ୍ଷରେ ପ୍ରସ୍ତୁତ ଶେଷ କଣ, ମଧୁସୂଦନ କଟକ ଫେରିବା ପରେ ପୁଣି ଶଯ୍ୟାଶାୟୀ ହୋଇ ପଡ଼ିଲେ । ୮୩ ବର୍ଷ ବୟସରେ ମଧୁସୂଦନଙ୍କ ସ୍ୱାସ୍ଥ୍ୟ ଏତେ କଠିନ ପରିଶ୍ରମ ଓ କ୍ଲାନ୍ତି ସମ୍ଭାଳିବା ଅବସ୍ଥାରେ ନଥିଲା ।

ନଭେମ୍ବର ମାସରେ ଓଡ଼ୋନେଲ-କମିଟି କଟକ ପହଞ୍ଚିଥିଲେ ସାକ୍ଷ୍ୟ ସଂଗ୍ରହ ଉଦ୍ଦେଶ୍ୟରେ । ଓଡ଼ୋନେଲ କମିଟିକୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ କଟକ ଷ୍ଟେସନରେ ଆୟୋଜିତ ହୋଇଥିଲା ଏକ ସମ୍ବର୍ଦ୍ଧନା ସମାରୋହ ।

ମଧୁସୂଦନ ସେତେବେଳେ କନ୍ଥା ଶଯ୍ୟାଶାୟୀ ! ତଥାପି ସେଥିରେ ତାଙ୍କର ଯିଦ୍, ସେ ଯିବେ ଷ୍ଟେସନ—ଓଡ଼ୋନେଲ କମିଟିକୁ ସ୍ୱାଗତ ଜଣାଇବା ପାଇଁ ! ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ୍ ରୂପେ, ଏ ତ ତାଙ୍କର ଦାୟିତ୍ୱ ! ତାହାକୁ ସେ ଏଡ଼ାଇ ପାରିବେ କିପରି ?

ସେଦିନ ଷ୍ଟେସନ ପ୍ଲାଟଫର୍ମରେ କମିଟିକୁ ଅଭ୍ୟର୍ଥନା ଜଣାଇ, ମଧୁସୂଦନ ତାଙ୍କ ସଂକ୍ଷିପ୍ତ ଭାଷଣ ପ୍ରସଙ୍ଗରେ କହିଥିଲେ....“ଇଂରେଜମାନେ ୧୫୦ ବର୍ଷ ହେଲା ଏ ଦେଶ ଦଖଲ କରିଥିଲେ ସୁଦ୍ଧା ଓଡ଼ିଆମାନେ ତାଙ୍କ ସୁଶାସନର ଫଳ ପାଇ ନାହାନ୍ତି । ସେମାନଙ୍କୁ ବଙ୍ଗ ପ୍ରଦେଶରେ ଅନ୍ତର୍ଭୁକ୍ତ କରି ରଖାଯାଇଛି । ଅନ୍ୟାନ୍ୟ ପ୍ରଦେଶ ପରି ସେମାନେ ଇଂରାଜୀ ଶିକ୍ଷା ଓ ସଭ୍ୟତାର ସୁଯୋଗ ପାଇଥିଲେ ଆଜି ଆପଣ ଇଂରାଜୀ ଶିକ୍ଷିତ ଓଡ଼ିଆଙ୍କ ନାଁ ଅଣନାଡ଼ିଙ୍କ ଦ୍ୱାରା ଅଭ୍ୟର୍ଥିତ ହୋଇଥାଆନ୍ତେ । କିନ୍ତୁ ଆପଣଙ୍କୁ ଯେ ଅଭ୍ୟର୍ଥନା କରୁଛନ୍ତି, ସେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ ! ଓଡ଼ିଆ ଏକ ଇତିହାସ ପ୍ରସିଦ୍ଧ ଜାତି । ସେ ଜାତିକୁ ମାରିବା ଓ ତାରିବାର ଗୁରୁ ଦାୟିତ୍ୱ ବର୍ତ୍ତମାନ ଆପଣଙ୍କ ଉପରେ ଦିଆଯାଇଛି । ଆପଣ ଉଚିତ ଅନୁପ୍ରାଣନ ଓ ନ୍ୟାସ୍ୱ ବଣ୍ଟନ କରି ଏପରି ଗୋଟିଏ ପୁରାତନ ଜାତିକୁ ରକ୍ଷା କରିବେ ଓ ସେମାନଙ୍କ ପ୍ରତି ନ୍ୟାସ୍ୱବଣ୍ଟନ କରିବେ ବୋଲି ଆମ୍ଭମାନଙ୍କର ଆଶା । ଭଗବାନ ଆପଣଙ୍କୁ ସେ କର୍ତ୍ତବ୍ୟ ପୂରଣ କରିବାର ଶକ୍ତି ଦିଅନ୍ତୁ ଏହାହିଁ କାମନା !”

ଅଶୀତପର ଜରାଜୀର୍ଣ୍ଣ ଶୀର୍ଣ୍ଣକାୟ କୁଳବୃଦ୍ଧଙ୍କ କ୍ଷୀଣ କଣ୍ଠରେ ଏହି ସଂକ୍ଷିପ୍ତ ସମ୍ବର୍ଦ୍ଧନାର ବାଣୀ, ଓଡ଼ୋନେଲ କମିଟିର ସଭ୍ୟମାନଙ୍କୁ ସେଦିନ ପ୍ରଭାବିତ କରି ନଥିଲେ ହେଁ, ଅଭିଭୂତ କରିଥିଲା—ନିଶ୍ଚୟ !

Digitized by srujanika@gmail.com

(୬୦)

କାମସେଦପୁରରୁ ଫେରିବା ପରେ ମଧୁସୂଦନଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା, ଆଶଙ୍କାପ୍ରଦ ଭାବରେ । "ଉତ୍କଳ-ଦୀପିକା" ମଧୁସୂଦନଙ୍କ ସ୍ୱାସ୍ଥ୍ୟର ଅବସ୍ଥା ସମ୍ପର୍କରେ ଲେଖିଥିଲେ···

> "ମଧୁବାବୁଙ୍କ ମାନସିକ ଶକ୍ତି ସତ୍ତେଜ ଅଛୁ । ପୂର୍ବବତ କଥାବାର୍ତ୍ତା ସବୁ କରୁଛନ୍ତି । କେହୁ ହଠାତ୍ ଜାଣି ପାରିବ ନାହିଁ ଯେ ସେ ବେମାର ଅଛନ୍ତି । କିନ୍ତୁ ସେ ଯାହା ଖାଉଛନ୍ତି ଜୀର୍ଣ୍ଣ ହେଉନାହିଁ । ପ୍ରସ୍ରାବ ହେବା ବେଳେ କେତେକ ଅଂଶ ଯାଏଁ ଉର୍ଦ୍ଧ୍ୱଗତ କରୁଅଛୁ । ହର୍ଲିକ୍ସ ଦୁଧ ଟିକେ ଟିକେ ପିଉଛନ୍ତି । ଅପରେସନ୍ ହେବା ପାଇଁ ଡାକ୍ତର କହୁଛନ୍ତି; କିନ୍ତୁ ତା ନଉପଦ ନୁହେଁ·····।"

ମଧୁସୂଦନଙ୍କ ଦୀର୍ଘ ଜୀବନ ଓ ରୋଗମୁକ୍ତ ନମିତ୍ତ ପ୍ରାର୍ଥନା କରିବା ପାଇଁ ଶ୍ରୀ ରାମଚନ୍ଦ୍ର ଭବନରେ ବ୍ରଜସୁନ୍ଦର ଦାସଙ୍କ ସଭାପତିତ୍ୱରେ ଆହୂତ ହୋଇଥିଲା ଏକ ପ୍ରାର୍ଥନା ସଭା । "ଉତ୍କଳ ଦୀପିକା"ର ବିବରଣୀ ଅନୁସାରେ...."ସଭାପତି ତାଙ୍କ ଅଭିଭାଷଣରେ

> ମଧୁବାବୁଙ୍କ କାର୍ଯ୍ୟ କଳାପର ବର୍ଣ୍ଣନା କରିଥିଲେ ଓ ମଧୁବାବୁଙ୍କର ଯେଉଁ ଅସାଧ ରୋଗ ହୋଇଅଛୁ ତାକୁ ଲକ୍ଷ୍ୟ କରି ଭଗବାନଙ୍କ ନିକଟରେ ମଧୁବାବୁଙ୍କ ଦୀର୍ଘଜୀବନ ପ୍ରାର୍ଥନା କରିଥିଲେ । ଗୋଟିଏ ପ୍ରାର୍ଥନା ସଙ୍ଗୀତ ଗାନ କରି ହୋଇଥିଲା । ଚନ୍ଦନଘଡ଼ ବାବୁ ପ୍ରାର୍ଥନା କରିଥିଲେ । ଉପସ୍ଥିତ ଭଦ୍ରମଣ୍ଡଳୀ ଦଣ୍ଡାୟମାନ ହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ।"

ମଧୁସୂଦନଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଯେନ ସହରରେ ଉଦ୍‌ବେଗ, ଶୋକର ଛାୟା ! କିନ୍ତୁ ବ୍ୟାଧି ଯନ୍ତ୍ରଣା ମଧ୍ୟରେ ପୂର୍ତ୍ତା ଦୁଇଟା ତକିଆ ଉପରେ ଦେହ ଭର ରଖି ଦୁର୍ବଳ କମ୍ପିତ ହାତରେ ଓଡ଼ୋନେଲ ଶିପୋର୍ଟର ଆଖି ଆଗରେ ମେଲାଇ ଧରି ମଧୁସୂଦନ ପଢିବା ପାଇଁ ଚେଷ୍ଟା କରୁଥିଲେ । ଟେବୁଲ ଲମ୍ପ୍‌ର ଶେଡ୍‌ରେ ମଧୁସୂଦନଙ୍କ ମୁହଁଟା ଦିଶୁଥିଲା ପାଂଶୁଳ ଓ ବିବର୍ଣ୍ଣ ! ମୁନ୍ରକୋପରେ ଯନ୍ତ୍ରଣା ବୃଦ୍ଧି ପାଇବା ବେଳେ ମଧୁସୂଦନ ଅନୁଚ୍ଚ କଣ୍ଠରେ ଚିତ୍କାର କରି ଉଠୁଥିଲେ । କମ୍ପିତ ହାତରୁ ଶିପୋର୍ଟର ଖସି ପଡ଼ୁଥିଲା । ଯନ୍ତ୍ରଣାର ସାମାନ୍ୟ ଉପଶମ ହେବା ପରେ ଶିପୋର୍ଟର ନର୍ଦ୍ଦିଷ୍ଟ ଅଂଶଟା କାଢି ପୁଣି ତାଙ୍କ ହାତରେ ଧରାଇ ଦେବା ପାଇଁ ମଧୁସୂଦନ କ୍ଷୀଣ କଣ୍ଠରେ ଡାକୁଥିଲେ "ଶୈଳ—ଶୈଳ".....

Digitized by srujanika@gmail.com

ଶ୍ରୀସ୍ମଚନ୍ଦ୍ର ଭବନରେ ସଭା ଶେଷ କଣ, ବ୍ରଜସୁନ୍ଦର ଓ କ୍ୟାପ୍ଟେନ୍ ଷ୍ଟେନମୋହନ ପ୍ରମୁଖ ଉଦ୍ଯୋକ୍ତମାନେ, ମଧୁସୂଦନଙ୍କ ବାସଭବନକୁ ଆସିଥିଲେ—ପ୍ରାର୍ଥନା ସଭା ବିଷୟ ଜଣାଇ ତାଙ୍କୁ ସଙ୍ଗୋଳିବା ପାଇଁ । ବ୍ରଜସୁନ୍ଦରଙ୍କୁ ଶଯ୍ୟାପାର୍ଶ୍ୱରେ ଦେଖିବା ମାତ୍ରେ, ମଧୁସୂଦନ ବ୍ୟାକୁଳ କଣ୍ଠରେ କହିଲେ···"ଓଡ଼ିଶାରେ ସିଂହଭୂମି ମିଶାଇବା ପାଇଁ ଓଡ଼ୋନେଲ କମିଶ୍ନୀ ସୁପାରଶ କଲେ ନାହିଁ ବ୍ରଜସୁନ୍ଦର ! ପାରଲାଖେମଣ୍ଡୀର ଭବିଷ୍ୟତ ମଧ୍ୟ ଅନିଶ୍ଚିତ ! ମେଦନୀପୁର ତ ଆସିଲ ନାହିଁ !"

ମଧୁସୂଦନଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଦୃଷ୍ଟିରୁ ସେ ସମ୍ବନ୍ଧରେ ଆଲୋଚନା କଣ ତାଙ୍କର ମାନସିକ ଉଦ୍‌ବେଗ ବୃଦ୍ଧି କରିବା ବ୍ରଜସୁନ୍ଦରଙ୍କ ଉଦ୍ଦେଶ୍ୟ ନଥିଲା ! ବ୍ରଜସୁନ୍ଦର ମୌନବ ରହିଲେ ।

"ଓଡ଼ୋନେଲ୍-କମିଶ୍ନୀ ରପୋର୍ଟ ସେମାନଙ୍କୁ ମଧ୍ୟ ମର୍ମାହତ କରିଥିଲା ।

ମଧୁସୂଦନ କ୍ଷୀଣ, ବେଦନାର୍ତ୍ତ କଣ୍ଠରେ କହିଲେ...."ସିଂହଭୂମି ସମ୍ପର୍କରେ ଓଡ଼ୋନେଲ-କମିଶ୍ନୀ ଓଡ଼ିଶା ପ୍ରତି ଯେ ଘୋର ଅବଜ୍ଞାର କରିଛନ୍ତି; ସେଥିରେ ସନ୍ଦେହ ନାହିଁ । ସିଂହଭୂମି ପାଇଁ ଆମକୁ ପୁଣି ଆନ୍ଦୋଳନ କରିବା ପାଇଁ ପଡ଼ିବ ବ୍ରଜସୁନ୍ଦର !"

ବ୍ରଜସୁନ୍ଦର ଆଶ୍ୱାସନା ଦେଲେ...."ସେ ଆନ୍ଦୋଳନରେ ନେତୃତ୍ୱ ଦେବା ପାଇଁ ଭଗବାନ ଆପଣଙ୍କୁ ଦୀର୍ଘଜୀବ କରନ୍ତୁ; ଆଜି ଏତକ ଆମର ପ୍ରାର୍ଥନା !"

ଯେପରି ଅବଜ୍ଞାରେ ଅଯୌକ୍ତିକ ଭାବରେ ସିଂହଭୂମି ଉପରେ ଓଡ଼ିଶାର ଦାବୀକୁ ଓଡ଼ୋନେଲ୍ କମିଶ୍ନୀ ପ୍ରତ୍ୟାଖ୍ୟାନ କରିଦେଲେ, ବ୍ୟାଧିର ଯନ୍ତ୍ରଣା ଅପେକ୍ଷା ତାହା ମଧୁସୂଦନଙ୍କୁ ଯେପରି ଅଧିକ ବ୍ୟାକୁଳ କରୁଥିଲା । ସେ ଆଜି ଶଯ୍ୟାଶାୟୀ ହୋଇ ନଥିଲେ; ଏ ଅବଜ୍ଞାର ଚରମ ପ୍ରତିବାଦ ପାଇଁ କଦାପି କୁଣ୍ଠିତ ହୋଇ ନଥାନ୍ତେ !

ମଧୁସୂଦନ କମ୍ପିତ ହାତରେ ଓଡ଼ୋନେଲ୍-କମିଶ୍ନୀ-ରପୋର୍ଟର ଗୋଟାଏ ଚିର୍ତ୍ତିତ ପୃଷ୍ଠା ଧରି କହିଲେ...."ଏଇ ଦେଖ ବ୍ରଜସୁନ୍ଦର, ଓଡ଼ିଆ କେଉଁ ମାନଙ୍କୁ ସୁଦ୍ଧା ଓଡ଼ୋନେଲ କମିଶ୍ନୀ ରଖି ଦେଇଛନ୍ତି "ସନ୍ଦେହଜନକ" doubtful ତାଲିକାରେ ! ଭୁସ୍ୱାମାନେ ଓଡ଼ିଆ ଜାତି ବୋଲି ସ୍ୱୀକାର କରିଯାଇଥିଲେ ସୁଦ୍ଧା, ସେମାନଙ୍କୁ ଓଡ଼ିଆମାନଙ୍କଠାରୁ ଅଲଗା କରିଯାଇଛୁ ! ମୁଁ କଲ୍ୟୁ ଜାମସେଦପୁର ଯାଇଁ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ, ଓଡ଼ୋନେଲ କମିଟି ଏମିତି ଡୁଙ୍କାପିଟା ରପୋର୍ଟ ଦେଇ ନଥାନ୍ତେ ।"

ସୁଧାଂଶୁବାଲା, କପ୍‌ରେ ଆଣିଥିଲେ ହର୍ଲିକ୍ସ୍ । ହର୍ଲିକ୍ସ୍ ହିଁ ଦତ୍ତିମାନ ମଧୁସୂଦନଙ୍କର ଏକମାତ୍ର ଖାଦ୍ୟ । କଲ୍ୟୁ ହର୍ଲିକ୍ସ୍ ଦେଖିବା ମାତ୍ରେ ଅବାଧ ଶିଶୁ ପରି, ମଧୁସୂଦନ ଚିତ୍କାର କରି ଉଠିଲେ..."ନାଁ-ନାଁ-ହର୍ଲିକସ୍ ମୁଁ ଆଉ ପିଇ ପାରିବ ନାହିଁ ସୁଧାଂଶୁ !"

Digitized by srujanika@gmail.com

ଡକ୍ଟର କାପ୍‌ଟେନ ଷ୍ଟେନମୋହନ ପଞ୍ଚନାପ୍ଲକ, ସୁଧାଂଶୁ ହାତରୁ ହ୍ୱିସ୍‌କି-କପଟା ନେଇ ମଧୁସୂଦନଙ୍କ କପାଳ ଉପରେ ଗୋଟାଏ ହାତ ରଖି କହିଲେ...“ଏଇ ଡୋକେ ଏ ଡୋକ ହ୍ୱିସ୍‌କି ପିଇ ଉଅନ୍ତୁ । ଆପଣ ଏମେ ଦୁବଳ ହୋଇ ପଡ଼ୁଛନ୍ତି !”

ମଧୁସୂଦନ ଆଉ ପ୍ରତିବାଦ କରିବାର ବାଧ ଶିଶୁ ପରି ହ୍ୱିସ୍‌କି ପିଇବା ପାଇଁ ପାଟି ମେଲ କରିଦେଲେ । ଦୁଇ ତନ ଡୋକ ପିଇବା ପରେ, ମଧୁସୂଦନ ଶିଥିଳ କମ୍ପିତ ହାତ ହଲାଇ କହିଲେ...“ଆଉ ନୁହେଁ, ଆଉ ନୁହେଁ !”

ଷ୍ଟେନମୋହନ କହିଲେ....“ଆପଣ ଶୀଘ୍ର ଆରୋଗ୍ୟ ହୋଇ ଉଠିବେ । ଆପଣଙ୍କ ଆରୋଗ୍ୟ ଲାଭ ପାଇଁ ଆଜ ଶ୍ରୀ ରାମଚନ୍ଦ୍ର ଭବନରେ ପ୍ରାର୍ଥନା ସଭା ହୋଇଥିଲା, ଆମେ ସେଠାରୁ ଫେରୁଛୁ !”

ମଧୁସୂଦନଙ୍କ ବେଦନାବିଦ୍ଧ, ପାଂଶୁଳ ମୁହଁରେ ପରିତୃପ୍ତିର ଗୋଟାଏ କ୍ଷୀଣରେଖା ଉଭୁଟି ଉଠିଲା । ମଧୁସୂଦନ କ୍ଷୀଣ କଣ୍ଠରେ କହିଲେ....“ଆରୋଗ୍ୟ ହେବା ମୋ ହାତରେ ନ ରୁମ ହାତରେ ନାହିଁ ଷ୍ଟେନମୋହନ ! ମହାତ୍ମା ଗାନ୍ଧୀ ତ ତାଙ୍କ “ହରିଜନ” ପତ୍ରିକାରେ ଲୁପି ଦେଇଥିଲେ, ମୁଁ ମରଭଣ୍ଡି ବୋଲ ! କନ୍ତୁ ଈଶ୍ୱର ଯଦି ଜୀବନ୍ତ, ମଧୁବାସ ଦ୍ୱାରା କୌଣସି କାର୍ଯ୍ୟ ପୁର୍ଣ୍ଣ ହେବାକୁ ତଥାପି ବାକି ଅଛି, ତାହେଲେ ସେ ମୋତେ ଆହୁରି କିଛି ଦିନ ବଞ୍ଚାଇବେ, ନୋହିଲେ ଦେଶବାସୀଙ୍କ କଲ୍ୟାଣ ମୁଣ୍ଡାଇ ଘୁଲିଯିବ ! ବଞ୍ଚିବା ପାଇଁ ମୋର ଆଉ ଇଚ୍ଛା ନାହିଁ ଷ୍ଟେନମୋହନ !”

ମଧୁସୂଦନଙ୍କୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ଷ୍ଟେନମୋହନ ଓ ବ୍ରଜସୁନ୍ଦର ପ୍ରମୁଖ ସେଠାରୁ ବିଦାୟ ନେଇ ଚାଲିଆସିଲେ ! ବେଡ୍‌ଲମ୍ପର ସିମିତ ଆଲୋକ, କାନ୍ଥଘଣ୍ଟାର ଟିକ୍....ଟିକ୍ ଶବ୍ଦ ମଧ୍ୟରେ ମଧୁସୂଦନଙ୍କ ଦୁଇ ଚାନ୍ଦ ଆଖି ପୁଣି ମୁଦ୍ରିତ ହୋଇ ଆସିଲା ।

ମଧୁସୂଦନ ସେଥର ଜର୍ଜ୍ଜିତ ମୃତ୍ୟୁର ଆକ୍ରମଣରୁ ମନର ଶକ୍ତିରେ କେବଳ ବଞ୍ଚିଲେ । ନଭେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ମଧୁସୂଦନଙ୍କ ସ୍ୱାସ୍ଥ୍ୟରେ କ୍ରମୋନ୍ନତ ଘଟିବା ପାଇଁ ଆରମ୍ଭ କଲା । ଅସୁସ୍ଥତା ବେଳେ ଦେଶବାସୀଙ୍କ ଉଦ୍‌ବେଗ ଓ ପ୍ରାର୍ଥନା ପାଇଁ, ମଧୁସୂଦନ କୃତଜ୍ଞତା ଜ୍ଞାପନ କରି “ଉତ୍କଳ-ଦୀପିକା”ରେ ପ୍ରକାଶ ପାଇଁ ଗୋଟାଏ ବକ୍ତବ୍ୟର ଡ଼ିକ୍ଟେସନ ଦେଇଥିଲେ...

“ମୋହର ବର୍ତ୍ତମାନ ଶାସ୍ତ୍ରିକ ଅସୁସ୍ଥତାରେ ଜନସାଧାରଣ ମୋହ ପ୍ରତି ଯେ ସହାନୁଭୂତି ପ୍ରକାଶ କରିଅଛନ୍ତି ଏବଂ ବିଶେଷତଃ ମୋହର ଆରୋଗ୍ୟଲାଭ ପାଇଁ ଯେଉଁ ପ୍ରାର୍ଥନା କରିଅଛନ୍ତି, ତାହା ମୋ ପକ୍ଷରେ ଅତୀବ ହୃଦସ୍ପର୍ଶୀ ହୋଇଅଛୁ । ସେ ସମସ୍ତ ମୁଁ ଆପଣଙ୍କ ପତ୍ରିକାରୁ ଅବଗତ ହୋଇଅଛୁ ।

Digitized by srujanika@gmail.com

ବର୍ତ୍ତମାନ ଆପଣଙ୍କୁ ମୋର ବଶେଷ ଅନୁରୋଧ, ଆପଣ ମୋହର ବନ୍ଧୁମାନଙ୍କୁ ଆପଣଙ୍କ ପତ୍ରିକା ସାହାଯ୍ୟରେ ଜଣାଇବେ ଯେ, ମୁଁ ନମଣ୍ଟ ଆରୋଗ୍ୟ ଲାଭ କରୁଅଛୁ ଏବଂ ଈଶ୍ୱରଙ୍କ ଅନୁଗ୍ରହରୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ କଲେ ମୁଁ ଦେଶର ଏବଂ ସୃଷ୍ଟିକର୍ତ୍ତାଙ୍କ ସେବାରେ କେବେହେଁ ପଶ୍ଚାତ୍‌ପଦ ହେବ ନାହିଁ !

ପୀଡ଼ାବସ୍ଥାରେ ସୂଚ୍ଚା ମୋର ମାନସିକ ଶକ୍ତ ଅକ୍ଷୁଣ୍ଣ ରହିଥିବାରୁ ମୁଁ ଈଶ୍ୱରଙ୍କ ନକଟରେ ବଶେଷ କୃତଜ୍ଞ ଅଛୁ । ବର୍ତ୍ତମାନ ମୋହର କେବଳ ଶାସ୍ତ୍ରୀୟକ ଦୁର୍ବଳତା ରହିଅଛୁ !"

କାଳପୃଷ୍ଠୀର ଆଘାତ ମଧୁସୂଦନଙ୍କ ମାନସିକ ଶକ୍ତକୁ କ୍ଷୁଣ୍ଣ କରି ପାରି ନଥିଲା । ନଶ୍ଚିତ ମୃତ୍ୟୁ ମୁଖରେ ସୂଚ୍ଚା ସେ ତଥାପି ରହିଥିଲେ ଅପରାଜେୟ !—

ମଧୁସୂଦନଙ୍କ ଆରୋଗ୍ୟ-ବାର୍ତ୍ତା ଓଡ଼ିଶାରେ ସଂଚାର ଖେଳାଇ ଦେଇଥିଲା ଆସ୍ତ୍ରିର ହିଲ୍ଲୋଳ ।

(ଗଣ)

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମ୍ଭାବନା ଓଡ଼ିଶାବାସୀଙ୍କୁ ଯେତକ ଆଶାନ୍ୱିତ କରିଥିଲା; ସୀମା ନର୍ଦ୍ଧାରଣ ସମ୍ପର୍କରେ ଓଡ଼ୋନେଲ-କମିଟିର ସୁପାରଶ ଓଡ଼ଶାର ନେତୃ-ବୃନ୍ଦଙ୍କୁ କରିଥିଲା ସେତକ ନୈରାଶ୍ୟ ଜର୍ଜରିତ ! ବଶେଷତଃ ପାରଲାମେଣ୍ଟୀ ଯେପରି ସ୍ୱରରେ ପ୍ରସ୍ତାବିତ ଓଡ଼ଶା ପ୍ରଦେଶର ସୀମା ବାହାରେ ରହିଗଲ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସବୁ ସଫଳତାକୁ ତାହା ଯେପରି ମଳନ କରି ଦେଇଥିଲା ।

ଓଡ଼ୋନେଲ-କମିଟିର ଏଇ ଆପାତ ଅବଗୁରର ପୃଷ୍ଠଭୂମିରେ, ୧୯୩୬ ମସିହା ଫେବୃସ୍ୱାସ୍ତ ମାସରେ କଟକଠାରେ ଲୁପ୍ତପ୍ରାସ୍ତ ଉତ୍କଳ-ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ପାଇଁ, ସମ୍ମିଳନୀର ଉତ୍ତମାନେ ତତ୍ପର ହୋଇ ଉଠିଲେ । ଓଡ଼ଶା ସହତ ପାରଲାମେଣ୍ଟୀର ମିଶ୍ରଣ ଦାବୀ ଥିଲା ଏହି ପ୍ରସ୍ତାବିତ ଅଧିବେଶନର ଉଦ୍ଦେଶ୍ୟ । ଉତ୍କଳ-ସମ୍ମିଳନୀ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଥିଲେ ହେଁ, ପ୍ରକୃତ ପକ୍ଷେ ଏହା ହୋଇଥାନ୍ତା ଏକ ସଂଦଳୀସ୍ୱ ସମ୍ମିଳନୀ ।

କନ୍ତୁ ଆରମ୍ଭରୁ ପ୍ରାଦେଶିକ କଂଗ୍ରେସ, ଏହି ସମ୍ମିଳନୀ ବରୁଦ୍ଧରେ ଅସହଯୋଗ ଘୋଷଣା କରି ବସିଲେ । ଓଡିଶାର କଂଗ୍ରେସ ନେତୃବୃନ୍ଦ ହଠାତ୍ ହୋଇ ଉଠିଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବରୋଧୀ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରସ୍ତାବ ମଧ୍ୟରେ ସେମାନେ

Digitized by srujanika@gmail.com

ଲକ୍ଷ୍ୟ କଣ୍ଥଲେ ଯେପଣ, ଭାରତର ସ୍ୱାଧୀନତା ପ୍ରାପ୍ତି ପଥରେ ବ୍ରିଟିଶ ସାମ୍ରାଜ୍ୟବାଦୀ ଷଡ଼ଯନ୍ତ୍ରର ଆଉ ଗୋଟାଏ ନୂଆ ଫିସାଦ । ସେଥିପାଇଁ ସମ୍ମିଳନୀର ପ୍ରସ୍ତାବିତ ଅଧିବେଶନକୁ ପଣ୍ଡ କରିବା ପାଇଁ ସେମାନେ ଏକ ପ୍ରକାର ଯୁଦ୍ଧ ଘୋଷଣା କରି ଦେଇଥିଲେ ।

ଏ ପରିସ୍ଥିତିରେ ଇଦ୍‌ଗା ପଡ଼ିଆରେ ସମ୍ମିଳନୀର ମୁକ୍ତ ଅଧିବେଶନ ସମ୍ଭବ ହୋଇ ପାରିଲା ନାହିଁ । ଫେବୃୟାରୀ ୧୬ ଓ ୧୭ ତାରିଖ ଦିନ ଶ୍ରୀ ରାମଚନ୍ଦ୍ର ଭବନରେ ଏକ ନେତୃ ସମ୍ମିଳନୀ ପାଇଁ ସ୍ଥିର ହୋଇଥିଲା ଆୟୋଜନ । ସମ୍ମିଳନୀ ପକ୍ଷରୁ ଅନୁମତିପତ୍ର ପ୍ରାପ୍ତ ପ୍ରତିନିଧିମାନେ କେବଳ, ଏହି ସମ୍ମିଳନୀରେ ଯୋଗ ଦେଇ ପାରିବେ । ଭୁବନାନନ୍ଦ ଦାସ ବିରତ ହେଲେ ଏହି ସମ୍ମିଳନୀର ସଭାପତି ରୂପେ । ସମ୍ମିଳନୀର ଏହିପରି ନିମନ୍ତ୍ରିତ ଆୟୋଜନକୁ ଲକ୍ଷ୍ୟ କରି "ସମାଜ" ବିଦ୍ରୂପାତ୍ମକ ଲେଖିଥିଲେ :

"ଲୋକଲୋଚନ ଅଗୋଚରେ
କାନ୍ଥରେ ବସି ପକା ଘରେ ।"

ମଧୁସୂଦନ ଏହି ସମ୍ମିଳନୀ ଆହ୍ୱାନ କରିବା ପାଇଁ ଉଦ୍ୟୋକ୍ତାମାନଙ୍କର ଅନୁରୋଧ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଭିତ୍ତିରଥ. କୂଳବୃଦ୍ଧ ମଧୁସୂଦନଙ୍କୁ ବାଦ୍ ଦେଇ ନେତୃ-ସମ୍ମିଳନୀ ସମ୍ଭବ ହୋଇ ପାରିବ କିପରି ?

ସେତେବେଳେ କନ୍ଥୁ ମଧୁସୂଦନଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଯାହା, ସେଥିରେ ସମ୍ମିଳନୀରେ ଯୋଗ ଦେବା ପାଇଁ, ଡାକ୍ତରମାନଙ୍କର ପ୍ରବଳ ଆପତ୍ତି । ମଧୁସୂଦନ ଇତିମଧ୍ୟରେ ଆରୋଗ୍ୟ ଲାଭ କରିଥିଲେ ହେଁ ଭସ୍ମାଙ୍କର ଜ୍ୱରରେ ଦୂର୍ବଳ । ଚଲାଚଲିବେଳେ ପାଦ ଅରୁହୁ ।

ଶୈଳବାଳା କହିଲେ...."ସ୍ୱାସ୍ଥ୍ୟର ଏପରି ଅବସ୍ଥାରେ ଆପଣ ଶ୍ରୀ ରାମଚନ୍ଦ୍ର ଭବନ ପର୍ଯ୍ୟନ୍ତ ଯାଇ ପାରିବେ କି ? କାପ୍‌ଟେନ୍ ରାସ୍ତା ଆପଣଙ୍କୁ କହୁଛନ୍ତି ପରା, ସବୁବେଳେ ବିଛଣାରେ ଶୋଇ ବିଶ୍ରାମ ନେବା ପାଇଁ !"

ମଧୁସୂଦନ ଦ୍ୱାରରେ ଖଣ୍ଡେ ଯଷ୍ଟି ଧରି, ଥରି ଥରି କମ୍ପିତ ପାଦରେ, ଶୋଇବା ଘର ଭିତରେ ପାଦଚାରଣା କରୁଥିଲେ । ତାଙ୍କର ସାଂଧ୍ୟ ଭ୍ରମଣ ଏବେ ଏଇ ଘର ଭିତରେ ହିଁ ସୀମାବଦ୍ଧ ।

ଚକ୍ଷୀର ଗୌରଚନ୍ଦ୍ର ପାଟ୍‌ଦେଓ ଓ ବ୍ରଜସୁନ୍ଦର ଆସିଥିଲେ ସମ୍ମିଳନୀ ଉଦ୍‌ଘାଟନ ପାଇଁ ମଧୁସୂଦନଙ୍କୁ ବ୍ୟକ୍ତିଗତ ଭାବରେ ଆମନ୍ତ୍ରଣ ଜଣାଇବା ଉଦ୍ଦେଶ୍ୟରେ ।

କନ୍ଥୁ ମଧୁସୂଦନଙ୍କ ଅବସ୍ଥା ଲକ୍ଷ୍ୟ କରି, ବ୍ରଜସୁନ୍ଦର କହିଲେ...."ଆପଣଙ୍କ ପକ୍ଷରେ ସମ୍ମିଳନୀରେ ଯୋଗ ଦେବା ବାସ୍ତବିକ ଉଚିତ ହେବ ନାହିଁ । ଆପଣ ବରଂ ଗୋଟାଏ ବାର୍ତ୍ତା ପଠାଇ ଦେଲେ ଚଳିବ !"

Digitized by srujanika@gmail.com

ବ୍ରଜସୁନ୍ଦରଙ୍କ ଆଡ଼େ ଫେର ଘୂର୍ଣ୍ଣି, ମଧୁସୂଦନ କମ୍ପିତ କଣ୍ଠରେ କହିଲେ··· "ଓଡ଼ୋନେଲ-କମିଟି ଓଡ଼ିଶା ପ୍ରତି ଏପର ଅବଜ୍ଞାର କରଥିବା ବେଳେ ମୁଁ ପଡ଼ରହିଥିବ ବଚ୍ଛଣାରେ ! ଆଉ ତୁମେମାନେ ଶ୍ରୀ ରାମଚନ୍ଦ୍ର ଭବନରେ କରିବ ନେତା ସମ୍ମିଳନୀ ?".... ବ୍ୟାଧି ଓ ବାର୍ଦ୍ଧକ୍ୟର ଶତ ଆମନ୍ତ୍ରଣ ମଧ୍ୟରେ ସୁଦ୍ଧା ମଧୁସୂଦନଙ୍କ ଅହଙ୍କାର ଓ ଆତ୍ମପ୍ରତ୍ୟୟ ତଥାପି ରହିଥିଲା ଅନାହତ !

ବ୍ରଜସୁନ୍ଦର ନୀରବ ରହିଲେ ।

ମଧୁସୂଦନ ସେଇପର କମ୍ପିତ କଣ୍ଠରେ କହି ଚାଲିଲେ···"ଶର ବଶ୍ରାମ ନେବାର ବେଳ ତ ହୋଇ ଆସିଲ ବ୍ରଜସୁନ୍ଦର ! ସେଥିପାଇଁ ଚନ୍ତା କାହିକ ? କନ୍ତୁ ଶେଷ ନିଶ୍ୱାସ ପ୍ରବାହିତ ହେଉଥିବା ପର୍ଯ୍ୟନ୍ତ, ଓଡ଼ିଶାର ପ୍ରଶ୍ନ ସମ୍ପର୍କରେ ମୁଁ ନୀରବ ରହି ପାରିବ କପର ?"

ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣରେ ମଧୁସୂଦନ ଜୀବନ୍ମୃତ; କଙ୍କାଳସାର, ଜୀର୍ଣ୍ଣଶୀର୍ଣ୍ଣ ବୃଦ୍ଧ ! ମାତ୍ର ଅଫୁରନ୍ତ ପ୍ରାଣଶକ୍ତିରେ ସେ ତଥାପି ଯେପର ନବଜୀବନ୍ତ !

ଡାକ୍ତର ଓ ଆତ୍ମୀୟସ୍ୱଜନଙ୍କ ଶତ ନିଷେଧ ସତ୍ତ୍ୱେ, ମଧୁସୂଦନ ଯୋଗ ଦେଲେ ନେତା-ସମ୍ମିଳନୀରେ—ସମ୍ମିଳନୀ ଉଦ୍‌ଘାଟନ ପାଇଁ ! ନିର୍ଦ୍ଦିଷ୍ଟ ସମୟଠାରୁ ଘୋଷାବ ମିନିଟ୍‌ର ସୁଦ୍ଧା ବ୍ୟତିକ୍ରମ ନଥିଲ । ହେଲେନ୍ ଓଭର୍‌କୋଟ୍, ମଫଲର୍ ପ୍ରଭୃତି ଶୀତବସ୍ତ୍ରରେ ସଜ୍ଜିତ ଆକୃତି ହୋଇ, ଖଣ୍ଡେ ଯଷ୍ଟି ଉପରେ ଭର ରଖି, ମଧୁସୂଦନ ଶ୍ରୀ ରାମଚନ୍ଦ୍ର ଭବନରେ ପ୍ରବେଶ କରିବା ମାତ୍ରେ, ସମବେତ ପ୍ରତିନିଧିବୃନ୍ଦ ଆସନ ତ୍ୟାଗ, ଠିଆ ହୋଇ ପଡ଼ିଲେ ।

ସେଦିନ ମଧୁସୂଦନଙ୍କ ଭାଷଣ ଥିଲା ଭାବୋଚ୍ଛ୍ୱାସର ଏକ ମହାପ୍ରବାହ,—ଯେପର ସମ୍ବେଦନଶୀଳ, ସେଇପର ସୁଗଠିତ ! ସେଥିରେ ଥିଲା ଅନେକ ବଚ୍ୟତ, ବାର୍ଦ୍ଧକ୍ୟର ଅନେକ ଅସଲଗ୍ନ ବିଭ୍ରାନ୍ତି ! ତଥାପି ତାହାର ଅନେକ ସମସ୍ତଙ୍କ ପ୍ରାଣକୁ ସେଦିନ ସ୍ପର୍ଶ କରିଥିଲା, ଗଭୀର ଭାବରେ ।

ମଧୁସୂଦନଙ୍କ ଭାଷଣଟି ଥିଲା ଇଂରାଜୀରେ !...."ମୁଁ ଆଜି ଏଠାରେ ଦଣ୍ଡାୟମାନ ହୋଇଛି, ମୋର ଏକ ବହୁପୋଷିତ ଅଭିଳାଷର ଚରମ ସଫଳତାର ଶୁଭଲଗ୍ନରେ ! ଏଇ ଆନ୍ଦୋଳନ ଆରମ୍ଭ କରିବା ବେଳୁଁ, ଆମକୁ ବହୁ ଦୁଃସମସ୍ୟ ସଧ ଦେଇ ଗତ କରିବା ପାଇଁ ପଡ଼ିଛି ! ଧନବଳ ଓ ବୁଦ୍ଧିବଳରେ, ବହୁ ଶକ୍ତିଶାଳୀ ବ୍ୟକ୍ତିଙ୍କ ସହିତ ମୋତେ ଏଝପାଇଁ ମୁକାବିଲା କରିବାକୁ ପଡ଼ିଛି । କନ୍ତୁ ଉପରେ ଭଗବାନ ଆଉ ଅନ୍ତରରେ ବିବେକକୁ ସାକ୍ଷୀ ରଖି, ମୁଁ ଏକାଗ୍ର ସବୁ ପ୍ରତିକୂଳ ପରସ୍ଥିତି ବିରୁଦ୍ଧରେ ସଂଗ୍ରାମ କରି ଆସିଛି । ଦିନେ ମୋର ମନେ ହେଲା, ଭଗବାନ ମୋତେ ଯେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ କରିଛନ୍ତି; ଏହାର ନେପଥ୍ୟରେ ତାଙ୍କର ବୋଧହୁଏ କୌଣସି ଉଦ୍ଦେଶ୍ୟ ନିହିତ ରହିଛି । ସେ ଉଦ୍ଦେଶ୍ୟ ହେଉଛି, ଓଡ଼ିଆ ଜାତିର ଏକତ୍ରିକରଣ । ସେଇଦିନୁ ତାହା ହିଁ ରହି ଆସିଛି ମୋର ଜୀବନରେ ବ୍ରତ । ଓଡ଼ିଆ

Digitized by srujanika@gmail.com

ଜାତ ସମ୍ପର୍କରେ ମୁଁ ଯେତକ ଚର୍ଚ୍ଚା କରୁଛୁ, ଆଲୋଚନା କରୁଛୁ—ସେଥିରୁ ମୋର ଦୃଢ଼ ପ୍ରତ୍ୟୟ ଜନ୍ମିଛି, ଓଡ଼ିଆ ଜାତର ଇତିହାସ ଯେଜ ଯେ କୌଣସି ଜାତ ଯଥାର୍ଥରେ ଗର୍ବିତ ହୋଇପାରେ । ମୋ ଜାତ ପାଇଁ ମୋତେ କିଛୁ କରିବା ପାଇଁ ପଡ଼ିବ । କନ୍ତୁ ମୁଁ ଯେ କିଏ ! ଏପରିକ ସେତେବେଳେ ଓଡ଼ିଆ ପ୍ରଜାମାନେ ସୁଦ୍ଧା ନିଜକୁ ଓଡ଼ିଆ ରୂପେ ପରିଚିତ କରାଇବା ପାଇଁ ଲଜ୍ଜା ବୋଧ କରୁଥିଲେ । ସ୍କୁଲରେ ଓଡ଼ିଆ ଛାତ୍ରମାନେ ନିଜର ପରିଚୟ ଦେଉଥିଲେ, ବଙ୍ଗାଳୀ ରୂପେ !

ଯେଉଁ ପ୍ରଜାଙ୍କ ନାମରେ ଏହି ଭବନଟି ନାମିତ ହୋଇଅଛୁ, ବଙ୍ଗଦେଶରେ ସେ ପରିଚିତ ଥିଲେ ବଙ୍ଗାଳୀ ରୂପେ । ଥରେ ତାଙ୍କ ସହିତ ଏଧା ଆଠଟାରୁ ରାତ ଗୋଟାଏ ପର୍ଯ୍ୟନ୍ତ ସ୍ୱଦଳ ଦୀର୍ଘ ଆଲୋଚନା । ଶେଷରେ ମୁଁ ତାଙ୍କୁ କହିଲି, "ପ୍ରଜା, ମୁଁ ତୁମକୁ ଆଜ ଓଡ଼ିଆ କରି ଛାଡ଼ିବି ।" ବଙ୍ଗଳ-ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ହୋଇଥିଲେ ସଭାପତି ।

ଥରେ ଲର୍ଡ କର୍ଜନ୍‌ଙ୍କୁ ମୁଁ ଖଣ୍ଡେ ଚିଠିରେ ଲେଖିଲି—"ଏ ଚିଠି ଆପଣ ପାଠ କରିବା ହୁଏତ ସମ୍ଭବ ହେବ ନାହିଁ । ବୋଧହୁଏ ଆପଣଙ୍କ ଜୋତା ତଳେ ପଡ଼ିବ ଏହାର ଅଗୋଇନାସ୍ୱ ସମାପ୍ତି । କନ୍ତୁ ଏ ଚିଠି ଯିଏ ପଢ଼ନ୍ତୁ ନା କାହିଁକି, ଓଡ଼ିଆ ଜାତ ପ୍ରତି ମୋର ଏକ କର୍ତ୍ତବ୍ୟ ରହିଛି । ଓଡ଼ିଆ ଜାତର ଯନ୍ତ୍ରଣା ଓ ସଙ୍କଟ ସମ୍ପର୍କରେ ଆପଣଙ୍କୁ ଅବହିତ କରାଇବା, ମୋର ଏଇ ଚିଠିର ଉଦ୍ଦେଶ୍ୟ । ଲର୍ଡ କର୍ଜନ୍‌ଙ୍କ ପ୍ରାଇଭେଟ୍ ସେକ୍ରେଟାରୀଙ୍କଠାରୁ ମୋତେ ଉତ୍ତର ମିଳିଲା : ମୁଁ ଜଣେ ସମ୍ଭ୍ରାନ୍ତ ବଂଶୀୟ, କର୍ମଦକ୍ଷ ବ୍ୟକ୍ତି—ଗ୍ରାଇସରସ୍ୱାଙ୍କ ସହିତ ସାକ୍ଷାତ ପାଇଁ ମୁଁ ଯଦି ଆସେ, ତାହେଲେ ସାକ୍ଷାତରେ ମୋ ସହିତ ଆଲୋଚନା ପାଇଁ ଲର୍ଡ କର୍ଜନ୍ ଅତ୍ୟନ୍ତ ଆନନ୍ଦିତ ହେବେ । ଲର୍ଡ କର୍ଜନ୍ ଥିଲେ, ଜଣେ ଦୂରଦୃଷ୍ଟି ସମ୍ପନ୍ନ, ଦୂରାଗ୍ରହୀ ବ୍ୟକ୍ତି । ସେ ଏକଚ୍ଛତ୍ରବାଦୀ ଥିଲେ ହେଁ ତାଙ୍କର ହୃଦସ୍ୱ ଥିଲା ସମ୍ବେଦନଶୀଳ ।

ବୋଧହୁଏ ମୋତେ ପ୍ରଥମେ ଦେଖି, ସେ ଭାବିଥିଲେ ଇଏ ଏକ ନବୋଧ ! କନ୍ତୁ ମୋଠାରେ ସେ ଲକ୍ଷ୍ୟ କରିଥିଲେ ବଳିଷ୍ଠ ଦେଶାତ୍ମବୋଧ ଓ ଜାତପ୍ରେମ । ତାଙ୍କଠାରେ ଓଡ଼ିଆ ଜାତର ଦୁର୍ଦ୦ଶା ବର୍ଣ୍ଣନା କଲାବେଳେ, ମୋ ଆଖିରୁ ଲୁହ ଝରିଥିଲା । ଛାତ୍ରାବସ୍ଥାରେ ବଙ୍ଗଦେଶରେ ମୁଁ ଥିଲି, ଏକମାତ୍ର ଓଡ଼ିଆ ଛାତ୍ର । ସେଥିପାଇଁ ମୁଁ ଥିଲି ସେମାନଙ୍କ ଶତ ରୁଦ୍ର ଓ ପରିହାସର ପାତ୍ର ! ସେମାନେ ମୋତେ ଡାକୁଥିଲେ "ମଧୁବାବୁ" । ଲର୍ଡ କର୍ଜନ୍ ତାଙ୍କ ମିଲିଟାରୀ-ସେକ୍ରେଟାରୀଙ୍କୁ ଡକାଇ ପଚାରିଲେ···ଓଡ଼ିଶାର ବର୍ତ୍ତମାନ ସଂକ୍ଷୋଭ ଶାସନକର୍ତ୍ତା କିଏ ? ତା ପରେ ଲର୍ଡ କର୍ଜନ୍ ଓଡ଼ିଶା ଆସିବେ ବୋଲି, କମିସନରଙ୍କୁ ଜଣାଇଦେବା ପାଇଁ ସେ ଦେଲେ ନିର୍ଦ୍ଦେଶ । ଏଇ ଉପଲକ୍ଷରେ ପୁରୀଠାରେ ଏକ ଦରବାରର ଆୟୋଜନ ହୋଇଥିଲା । ସେଠାରେ ମୋ ପରି ଲୋକର ତ ସ୍ଥାନ ନଥିଲା । କନ୍ତୁ ଲର୍ଡ କର୍ଜନ୍ ମୋତେ ସେଠାରେ ନ ଦେଖି ପଚାରିଲେ—"ମିଷ୍ଟର ଦାସ୍ କାହାନ୍ତି ? ମୁଁ ତାଙ୍କୁ ଏଠାରେ ଚାହେଁ !"

Digitized by srujanika@gmail.com

ମଧୁସୂଦନଙ୍କ ଜୀବନରେ ସହଜ ନଥିଲା । ସେ ପୁଣି ଫେରି ଯାଇଥିଲେ, ଓଡ଼ିଶାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ଦିନକୁ । ମଧୁସୂଦନ କହିଲେ···

"ଏହି ଆନ୍ଦୋଳନର ପୃଷ୍ଠଭୂମି ପ୍ରତି ଦୃଷ୍ଟିପାତ କଲେ, ମୁଁ ଆଜି କଣ ଦେଖୁଛି ? ସୁଦୂର ଅତୀତରେ, ମୁଁ ଏଇ ଆନ୍ଦୋଳନ ଆରମ୍ଭ କଲାବେଳେ ଓଡ଼ିଆର ଜାତୀୟତ୍ୱ ନ ଥିଲା । ସବୁଆଡ଼େ କେବଳ ଗଦା ଗଦା ଶୁଖିଲା ହାଡ—ମାଲ ମାଲ କଙ୍କାଳ ଆଉ କଙ୍କାଳ ! ଏହି କଙ୍କାଳ ଦେହରେ ଜୀବନ୍ୟାସ କଣ, ତାହାର ମାଂସପେଶୀରେ ଶକ୍ତି ସଞ୍ଚାର କଣ, ବାହୁରେ ବଳ ଦେବା ପାଇଁ, ମୋତେ କଠିନ ପରିଶ୍ରମ କରିବା ପାଇଁ ପଡ଼ିଛୁ । ଏଥିରେ ଭଗବାନଙ୍କ ବ୍ୟତୀତ ଆଉ କେହି ମୋର ସହାୟକ ହୋଇ ନାହାନ୍ତି ।

"ଲର୍ଡ କର୍ଜନ୍ ଓଡ଼ିଶା ପ୍ରତି ଏଇ ଅବଜ୍ଞାର ପ୍ରତିବିଧାନ କରିବା ପାଇଁ ଚେଷ୍ଟିତ ହୋଇଥିଲେ । ସରକାରୀ କାଗଜପତ୍ର ମଗାଇ, କେଉଁ ଅଞ୍ଚଳ ସବୁ ଓଡ଼ିଶାରେ ମିଶିବା ଆବଶ୍ୟକ,—ତାହା ସେ ନିଜେ ନିଷ୍ପତ୍ତି କରିଥିଲେ । ପାରଲାମେଣ୍ଟୀ ପ୍ରଶ୍ନ ଅବଶ୍ୟ ସେ ନିଷ୍ପତ୍ତି ସହିତ ଜଡିତ ନୁହେଁ । କିନ୍ତୁ ତା'ପରେ ଲର୍ଡ କର୍ଜନ୍‌ଙ୍କ ଅନୁପସ୍ଥିତିରେ କିଛି କାଳ ପାଇଁ ମାନ୍ଦ୍ରାଜର ଗଭର୍ଣ୍ଣର ହେଲେ ଅସ୍ଥାୟୀ ଗଭର୍ଣ୍ଣର-ଜେନେରାଲ୍ ! ମୁଁ କହିଲି, ଆପଣ ଏ ବିବାଦରେ ନିଜେ ଜଣେ ପକ୍ଷ । * ନିଜେ ପକ୍ଷ ହୋଇ, ଆପଣ କଣ, ଏ ବିବାଦରେ ନିଜେ ରାୟ ଦେବେ ? ମୁଁ ପଚାରୁଛି—ଏଇ କଣ ବ୍ରିଟିଶ ଜାତିର ନ୍ୟାୟବୋଧ ?"

ଆବେଗ ଓ ଉତ୍ତେଜନାରେ ମଧୁସୂଦନଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ଉଠିଲା । ସେ ଦିନର ଗଭର୍ଣ୍ଣର-ଜେନେରାଲ୍‌ଙ୍କ ସହିତ ସେତେବେଳେ ସେ ଯେପରି କରୁଥିଲେ ଜବାବ-ସୁଆଲ୍ !

କିଛି କ୍ଷଣ ପରେ, ନିଜକୁ ସମତ କରି, ସେ ପୁଣି କହି ଚାଲିଲେ ! "ଆମେ ଆଜି କେଉଁଠି ? ଲର୍ଡ କର୍ଜନ୍‌ଙ୍କ ଅମଳରେ ଏ ଆନ୍ଦୋଳନ ଆରମ୍ଭ କଲାବେଳେ ମୁଁ ଯେଉଁଠି ଥିଲି ଆଜି ମଧ୍ୟ ସେଇଠି !

ମୋ କାନରେ ଆହ୍ୱାନର ଯେଉଁ ବାଣୀ ଆଜି ପ୍ରତିଧ୍ୱନିତ ହେଉଛି ଜାତିର ଚେତନାରେ ତାହାକୁ ଉଦ୍‌ବୋଧିତ କର.....

ମଧୁସୂଦନଙ୍କ କଣ୍ଠରେ ଉଚ୍ଚାରିତ ହୋଇ ଉଠିଲା ଆଶୁ ଅସଂଲଗ୍ନ କବିତା....

"ଯାର ଜନ୍ମଭେରୀ ଗଙ୍ଗା ଗୋଦାବରୀ
ଶୁଣିଥିଲେ ଚକିତେ
ଓଡ଼ିଶା ବୋଲଣ ପୂରିତ ଏତେ ଦିନେ !"

---

* ମାନ୍ଦ୍ରାଜର ଏଇ ଗଭର୍ଣ୍ଣର ସେତେବେଳେ, ଓଡ଼ିଶା ଡିଭିଜନ୍ ସହିତ ମାନ୍ଦ୍ରାଜ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ମିଶ୍ରଣ ପ୍ରସ୍ତାବର ତୀବ୍ର ବିରୋଧ କରୁଥିଲେ ।

Digitized by srujanika@gmail.com

ଛନ୍ଦ ନଥିଲା, ସହତ ନଥିଲା, ସଉପାତ ନଥିଲା···ମାତ୍ର ଥିଲା ସ୍ୱବାବେଗର ପ୍ରଚଣ୍ଡ ବସ୍ଫୋରଣ ।

ମଧୁସୂଦନ ବାଷ୍ପରୁଦ୍ଧ କଣ୍ଠରେ କହୁଥିଲେ; "ଜାତ-ପାଁତରେ ନଜ ନଜର ଜୀବନ ନବେଦନ କର । ଅନ୍ତତରେ ମୋ ଜାତ ଇତହାସରେ ଯେଉଁ ସ୍ଥାନରେ ଥିଲ, ଆଜ ତୁମେ ସେଇ ସ୍ଥାନ ଆହରଣ କର !"

"ଇଂରେଜମାନେ ବଣିଆ ଜାତ ! ସେମାନଙ୍କ ଲେଡ଼ା ଟଙ୍କା । ସେଥପାଇଁ ବ୍ରିଟିଶ ରାଜକର୍ମଚାରୀମାନେ ଆମର ଭାଷା କମ୍ବା ଆମର ସମସ୍ୟା ବୁଝିବା ପାଇଁ କେବେ ଚେଷ୍ଟା କରି ନଥିଲେ । ମୁସଲମାନମାନଙ୍କ କାଳରୁ ବଙ୍ଗାଳୀମାନେ ଶାସନ ପରିଚାଳନା ସହତ ଥିଲେ ସୁପରିଚତ । ସେମାନଙ୍କୁ ବ୍ରିଟିଶ-ଶାସକଗୋଷ୍ଠୀ ଓଡ଼ିଶାରେ ଅନୁପ୍ରବିଷ୍ଟ କରାଇ ଏକ ମଧ୍ୟବର୍ତ୍ତୀ ଶାସକଗୋଷ୍ଠୀ ସୃଷ୍ଟି କରାଇଥିଲେ । ବ୍ରିଟିଶ ଶାସନର ବର୍ତ୍ତ କେତେଟାରେ ଦେଖାଗଲା, ଓଡ଼ିଶାରେ ଶାସନ ନାମରେ ଚାଲୁଛି ଘତମତ ପ୍ରହାରାମ୍ଭ ! ଆତ୍ମମାନଙ୍କୁ ପଦାନତ ରଖିବା ପାଇଁ "ପଡ଼ୋଶୀ" ମାନେ ଇଂରେଜମାନଙ୍କ ସହତ ହାତ ମିଶାଇଦେଲେ ମୁଁ ସୃଦ୍ଧିଥିଲି ଏହି ଦୁର୍ଯୋଗର ଅବସାନ । କନ୍ତୁ ତାହା ସେତେ ସୁବଧାଜନକ ନଥିଲା । ଯେତେ ଯେତେ ଶାସନ-ସଂସ୍କାର ହୋଇଗଲା; ସେଥିରେ ଓଡ଼ିଶାର କୌଣସି ଲାଭ ହେଲା ନାହିଁ ."

ମଧୁସୂଦନ ଲ୍ଲାନ୍ତ ହୋଇ ପଡ଼ିଥିଲେ । ତାଙ୍କ ଭାଷଣରେ ସଂହତ କମ୍ବା ଜମାନସ୍ୱତା ନଥିଲା । ବାସ୍ତବ ପର ଅଙ୍ଗଲଗ୍ନ ଭବରେ ସେ କହୁ ଥିଲାଥିଲେ...."ନ୍ୟାସ୍ୱବଧାନ ପାଇଁ ଆଜ ଆବଶ୍ୟକ କଣ ? ଲର୍ଡ କର୍ଜନ୍‌ଙ୍କ ନଷ୍ପତ୍ତି ଥିଲା ଯଥାର୍ଥ ସେତେବେଳେ ଓଡ଼ିଶାରେ ରେଳପଥ ନଥିଲା । ଆଜ ଅବଶ୍ୟ ଓଡ଼ିଶାରେ ରେଲଗ୍ରସ୍ତା ଫିଟିଲାଣି '....ବ୍ରିଟିଶ ଜାତର ନ୍ୟାସ୍ୱବୋଧ ଉପରୁ କନ୍ତୁ ମୋର ଆସ୍ଥା ଟଥାପି ତୁଟିନାହିଁ ! knock, knock, but don't kick and it shall open."

"ଜାତର ମିଳନପୀଠରେ ମୁଁ ଆଜ ପିନ୍ଧିଛି ଏକ ବଚନ ପୋଷାକ ମୁଁ ଅତ ବୃଦ୍ଧ ହୋଇଗଲିଣି । ମୋତେ ସବୁବେଳେ ଦେହ ଗରମ ରଖିବା ପାଇଁ ପଡ଼ୁଛି । ଦନରେ ତନଥର ଇଲେକ୍‌ଟ୍ରିକ୍ ହିଟର୍‌ରୁ ଉତ୍ତାପ ଗ୍ରହଣ କରିବା ପାଇଁ ପଡୁଛି । ତା'ନହେଲେ ମୁଁ ଥଣ୍ଡା ସମ୍ଭାଳି ପାରିବ ନାହିଁ ।"...ବଭ୍ରାନ୍ତ, ଅଙ୍ଗଲଗ୍ନ ପୃଷ୍ଠରେ ଭାସି ଉଠୁଥିଲା, ପ୍ରଥମ ଲଣ୍ଡନ-ଯାତ୍ରାର କାହାଣୀ । ମଧୁସୂଦନ କହୁଥିଲେ....

"ମୁଁ ଅନେକ ବକ୍ତୃତା ଶୁଣିଛି । ସ୍ୱରାଜର ପ୍ରତିରକ୍ଷା ପାଇଁ ଓଡ଼ିଶା ଏକ ଦୃଢ଼ ପାଟୀ ହେଉ । ତୁମମାନଙ୍କର କାର୍ଯ୍ୟତ ଆଜ ଅନେକ ସହଜ ! ଥରେ ବ୍ରିଟିଶ ପାର୍ଲିଆମେଣ୍ଟ୍ ହାଉସ୍‌ରେ, କମନ୍‌ସ ସଭାରେ ତରଣ ଜଣ ସଭ୍ୟଙ୍କୁ ନେଇ ମୁଁ ଗୋଟାଏ ସଭା କରିଥିଲି । ମୁଁ ସୃଦ୍ଧିଥିଲି, ଲର୍ଡ ମର୍‌ଲେଙ୍କ ସହତ ସାକ୍ଷାତ କରିବା ପାଇଁ ! ଏ ସମ୍ପର୍କରେ ତାଙ୍କ ପ୍ରାଇଭେଟ୍-ସେକ୍ରେଟାରୀଙ୍କ ସହତ ମୋର ଏକ ବଚନ ଇଣ୍ଟରଭ୍ୟୁ ହୋଇଥିଲା । ସେ

Digitized by srujanika@gmail.com

କହିଲେ ମଧୁସୂଦନ ଦାସଙ୍କ ସହିତ ଲର୍ଡ଼ ମର୍‌ଲେ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ—ମଧୁସୂଦନ ଦାସ ରୂପେ; କନ୍ତୁ ଓଡ଼ିଆ ଜାତିର ପ୍ରତିନିଧି ରୂପେ ନୁହେଁ । ମୁଁ କହିଲି : ଭଦ୍ରାସ୍ତୁ ! ମର୍‌ଲେଙ୍କ ସହିତ ସାକ୍ଷାତ ମାନେ, ମୁଁ ତାଙ୍କୁ କହିଲି ଡେସ୍‌ପଟ୍ (ଏକଚ୍ଛତ୍ରବାଦୀ) ରୂପେ ଅନ୍ୟ ଇରେଜମାନଙ୍କ ପରି ଶାସନ ଚଳାଇ ଆପଣ ନିଜକୁ ନିନ୍ଦିତ କରନ୍ତୁ ନାହିଁ ! ଆପଣ ସେମାନଙ୍କୁ ସ୍ୱାଧୀନ ନାଗରିକ ରୂପେ ଭାଳମ ଦେଇ, ବସାଉଛନ୍ତି ନେଇ ଡେସ୍‌ପଟ୍‌ମାନଙ୍କ ଗାଦୀରେ ! ମହାତ୍ମାଣୀ ଭିକ୍ଟୋରିଆଙ୍କୁ ରୁସିଆର ଜାର୍‌ଙ୍କ ଗାଦୀରେ ନେଇ ବସାନ୍ତୁ ! ସେ ହୋଇ ଉଠିବେ ସମ୍ପୂର୍ଣ୍ଣ ଅବାନ୍ତର ! ସେହିପରି ରୁସିଆର ଜାର୍‌ଙ୍କୁ ଆଣି ଆପଣ ବ୍ରିଟିଶ ସିଂହାସନରେ ଅଭିଷିକ୍ତ କରନ୍ତୁ । ତାଙ୍କର ମୁଣ୍ଡକାଟ ପାଇଁ ଚବିଶ ଘଣ୍ଟା ସମସ୍ତ ଲଗିବ ନାହିଁ ।"

"ଓଡ଼ିଆ ଜାତିର ଜୀବନରେ ଆଜି ଏକ ଫଳତ କାଳ ଉପସ୍ଥିତ । ବଶଦ ସ୍ୱରରେ ତାହା ବ୍ୟାଖ୍ୟା କରିବା ଅନାବଶ୍ୟକ । ମୋ ଗୁହାସ୍ତ ଏପର୍ଯ୍ୟନ୍ତ କେହି ଶୁଣିଲେ ନାହିଁ । ମୋର ଶବ୍ଦମାନେ ତ ଆଜି ବସିଛନ୍ତି, ବସ୍ତୁର କର ଆସନରେ !

This is likely to offened my body; but I must not offened my King of Kings."

ତା' ପରେ ସମ୍ମିଳିତ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇ ମଧୁସୂଦନ କହିଲେ.....

"କୌଣସି ଜାତିର ଅମଙ୍ଗଳ ଚିନ୍ତା କର ନାହିଁ ! ଭଗବାନ ତୁମକୁ ଆଶୀର୍ବାଦ କରିବେ । ଜାତିର ନେତୃତ୍ୱ ନେବା ପାଇଁ ଉଦ୍ଦେଶ୍ୟ ଥିଲେ—କେବେ ଆଗୁଆ ହୋଇ ରହିବା ପାଇଁ ଚେଷ୍ଟା କରିନାହଁ । ଯେତେବେଳେ ଯୁଦ୍ଧ ଘଟିଲେ, ସୀମାନ୍ତରେ କମାଣ ଗର୍ଜ୍ଜନ କରେ, ସେନାପତି ରହିଥାନ୍ତି ସେଠାରୁ ମାଇଲ୍ ମାଇଲ୍ ପଛରେ । ଗଛର ଚେର ରହିଥାଏ ମାଟି ତଳେ, ଲୋକଦୃଷ୍ଟିର ନେପଥ୍ୟରେ ! ମଣିଷର ହୃତ୍‌ପିଣ୍ଡକୁ ଚିହ୍ନ । ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ! ସେଥିପାଇଁ ଏହା ପ୍ରଚ୍ଛନ୍ନ ରହିଥାଏ ! ତା' ନହେଲେ ଏହା ତ ରହିଥାନ୍ତା ଆମ ନାକ ଅଗରେ ! ସେହିପରି ସ୍ୱରରେ ପଡ଼ିକୁ ଲକ୍ଷ୍ୟ କର; ଦେଖିବ ଏହାର ଡାୟାଲ ଥାଏ ଉପରେ, ମାନ ଲଭର୍ ରହିଥାଏ ଭିତରେ । ଯୁଦ୍ଧ ଚଳାଇ ଯାଅ ! ଯୁଦ୍ଧ ଚଳାଇ ଯାଅ ।"

"...ଆମର ପଡ଼ୋଶୀମାନେ ଆମର ଆତ୍ମାକୁ ଖଟ କରିବା ପାଇ କମ୍ ଚେଷ୍ଟା କରି ନାହାନ୍ତି । କନ୍ତୁ ସେମାନେ କଣ ସଫଳ ହୋଇଛନ୍ତି ସେଥିରେ ? ତୁମମାନଙ୍କୁ କେହି କେବେ ଧ୍ୱଂସ କରି ପାରିବ ନାହିଁ ! ଓଡ଼ିଆ ଜାତିର ପ୍ରାଣଶକ୍ତି କଦାପି ନିଦାପିତ ହେବ ନାହିଁ !.... ଗୋଟାଏ ଜାତି ଅନ୍ୟ ଜାତିକୁ ଶାସନ କରିବା ଅଧିକାରର ନିସ୍ୱାମକ ହେଉଛି—କେଉଁ ପରମାଣରେ ଏହା ଶାସିତ ଜାତିକୁ ପ୍ରତ୍ୟବତ କରି ପାରୁଛି ! ଉଦାହରଣ ସ୍ୱରୂପ ବଙ୍ଗାଲୀ ଜାତି । ସେମାନେ ଆତ୍ମମାନଙ୍କୁ ପଦାନତ ରଖିବା ପାଇଁ କମ୍ ଚେଷ୍ଟା କରି ନାହାନ୍ତି । କନ୍ତୁ ତୁମେମାନେ ସମସ୍ତେ ଜାଣିଛ, ଗୋଟାଏ ଓଡ଼ିଆ ପରିବାରରେ ରହି ଜଣେ ବଙ୍ଗାଲୀ ବାଳକା, ସ୍ୱରଚ୍ଚର ପ୍ରଥମ ମହିଳା ଆଡ଼ଭୋକେଟ ହୋଇ ପାରିଲା ! ଓଡ଼ିଆମାନଙ୍କର

Digitized by srujanika@gmail.com

ଆଧ୍ୟାତ୍ମିକ ଜ୍ଞାନଧାରା, ଜ୍ଞାନରେ ସଂଜ୍ଞା ଆଦ୍ଭୁତ । ଜ୍ଞାନର କେଉଁ ଜାତ ଜଗନ୍ନାଥ ମନ୍ଦିର ପ୍ରତି ଆକୃଷ୍ଟ ନୁହନ୍ତି ? ଓଡ଼ିଆ ଜ୍ଞାତାର ପ୍ରାଣଶକ୍ତିକୁ ଲକ୍ଷ୍ୟ କର । ଓଡ଼ିଆ ଚୈତନ୍ୟଙ୍କ ଯଶ କୀର୍ତ୍ତନରେ ବଙ୍ଗାଲୀମାନେ ଶତମୁଖ ।

···ମୁଁ ଆଜ ମୋର ଏହି ପରଣତ ବାର୍ଦ୍ଧକ୍ୟରେ, ତୁମମାନଙ୍କ ଆଗରେ ଉପସ୍ଥାପିତ କରୁଛି ମୋର ଜୀବନର ଏକ ମାନଚିତ୍ର । କେତେବେଳେ ହେଲେ ଅହଂସଂସ୍ପର୍ଶ ପ୍ରୋତ୍ସାହିତ କର ନାହିଁ । ଆକାଶରୁ ଯେଉଁସବୁ ବର୍ଷା ବନ୍ଦୁକ ପଡ଼େ, ତାହା ନଦୀର ଜଳରାଶି ସହିତ ମିଳିତ ହୋଇଥାଏ । ନଦୀ ପୁଣି ଚାଲିଯାଏ ସାଗର ସଙ୍ଗମରେ । ଏଇଠାରେ ଅଛୁ ଗୋଟିଏ ଜାତି ସହିତ ଅନ୍ୟ ଜାତିର ନିବିଡ଼ ସମ୍ପର୍କ । ସମୁଦ୍ର କହୁଛୁ "ତୁମର ବର୍ଣ୍ଣାଢ୍ୟପତ୍ର ପରିହାସ କର ।" ତୁମେ ସବୁ ତ ମୋ ଆଗରେ ପିଲା । ଓଡ଼ିଶାର ବର୍ତ୍ତମାନ ବୃଦ୍ଧମାନଙ୍କ ମଧ୍ୟରୁ ମୁଁ ଅନ୍ୟତମ । ମୁଁ ତୁମକୁ ଗୋଟିଏ କଥା କହି ଯାଉଛି···ଦିନେ ହିସାବ ନିକାଶର ବେଳ ଆସିବ....If you have done well, you will come and say "come dear child and I will give the crown of life."

ଏହିପରି ଅଫୁରନ୍ତ ଜ୍ଞାନରେ ମଧୁସୂଦନ ଆଉରି କେତେ କଣ ଦୁଏତ କହି ଗଲେ ଆମ୍ଭେ ! ମାନ ପ୍ରାସ୍ଥ ପଶ୍ଚାତ ବ୍ୟାପୀ ଜ୍ଞାନଶ ପରେ ସେ କ୍ଲାନ୍ତ ହୋଇ ପଡ଼ିଥିଲେ । ଡାକ୍ତର ଦେହ କମିବା ପାଇଁ ଆରମ୍ଭ କରିଥିଲା । ବ୍ରଜସୁନ୍ଦର ତାଙ୍କୁ ଦୁଇ ହାତରେ ଧରି ଖଣ୍ଡେ ଚଉକି ଉପରେ ବସାଇ ଦେଲେ । କ୍ଲାନ୍ତ ସତ୍ତେ, ମଧୁସୂଦନ ନିଜ ଜୀବନର ଶେଷ କଥା କହି, ପାଇଥିଲେ ଯେପରି ପରମ ତୃପ୍ତି । ରକ୍ତହୀନ, ଶୀର୍ଣ୍ଣ, ମଳିନ ମୁହଁରେ ତାଙ୍କର ଗୋଟାଏ ଅସାଧାରଣ ଉଜ୍ଜ୍ୱଳତା ।

ଏହାହିଁ ଥିଲା, ଓଡ଼ିଆ ଜାତି ପ୍ରତି ତାଙ୍କର ଶେଷ ଉଦ୍‌ବୋଧନ ।

ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତେ, ଅତିରିକ୍ତ ପରିଶ୍ରମ ଫଳରେ, ପୁଣି ବାହାର ପଡ଼ିଲା ସେଇ ପ୍ରୋଷ୍ଟେଟ୍ ଗ୍ଲାଣ୍ଡ୍‌ର ଯନ୍ତ୍ରଣା । ଡାକ୍ତରମାନଙ୍କ ପରାମର୍ଶରେ ତାଙ୍କୁ କଲିକତାର ଗୋଟାଏ ନର୍ସିଂ ହୋମ୍‌କୁ ସ୍ଥାନାନ୍ତରିତ କରାଗଲା, ଚିକିତ୍ସା ପାଇଁ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜୀବନରେ କଣ ରହିଯିବ କେବଳ ଗୋଟାଏ ମିଥ୍ୟା ପ୍ରତିଶ୍ରୁତି, ଗୋଟାଏ ଅପୂର୍ଣ୍ଣ ସ୍ୱପ୍ନ ହୋଇ ? ଓଡ଼ୋନେଲ୍ କମିଟି ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ସୀମା ସରହଦ୍ ସ୍ଥିର କରି ଦେଲେ ନାହିଁ ଯେ, ତା ଉପରେ ଆଙ୍କି ଦେଇଗଲେ ଆଉର ଅନେକ କ୍ଷତଚିହ୍ନ ! ସିଂହଭୂମି ଜିଲ୍ଲା ପାଇଁ ତାଙ୍କର ଏତେ ଉଦ୍ୟମ ବ୍ୟର୍ଥ ହୋଇଗଲା !

Digitized by srujanika@gmail.com

ବ୍ୟାଧ୍ୱର ଯନ୍ତ୍ରଣାକୁ ସେହ୍ନ ବ୍ୟର୍ଥତା ଯେପରି ଶତଗୁଣ ବର୍ଦ୍ଧିତ କରି ଦେଉଥିଲା ! ଗୋଟାଏ ହୁଇ-ଓ୍ୱାଇର୍-ବାଗ୍ ତଳପେଟ ଉପରେ ଘୂପି ଧରି ମଧୁସୂଦନ ସ୍ୱର ଅସ୍ୱସ୍ତି ଅନୁଭବ କରୁଥିଲେ ।

ଓ'ଡ଼ୋନେଲ-କମିଟୀର ଅବସ୍ଥାର ସମ୍ପର୍କରେ ସ୍ୱଇସରସ୍ଥ ଲର୍ଡ ଉଏଲଙ୍ଗ୍ଡନ୍‌କୁ ଓ୍ୱାକବହାଲ କରିବା ପାଇଁ ସିମିଲା ଯାଇଥିଲେ ଗୋଟିଏ ପ୍ରତିନଧି ଦଳ । ମଧୁସୂଦନ ଲର୍ଡ ଉଏଲଙ୍ଗ୍ଡନ୍‌ଙ୍କ ପାଖରେ ଦରବାର କରିଥାନ୍ତେ···ତାଙ୍କୁ ଚେତେଇ ଦେଇଥାନ୍ତେ ଲର୍ଡ କର୍ଜନ୍‌ଙ୍କ ପ୍ରତିଶ୍ରୁତି କନ୍ଥୁ ରୁଗ୍‌ଣ ସ୍ୱାସ୍ଥ୍ୟ ହେଉ, ସେ ଆଉ ଯାଇ ପାରିଲେ କେଉଁଠି ? ସ୍ୱଇସ୍‌ରସ୍ଥ ଲର୍ଡ ଉଏଲଙ୍ଗଡନ୍‌ଙ୍କ ସହିତ, ପ୍ରତିନଧି ଦଳର ସାକ୍ଷାତ ବ୍ୟବସ୍ଥା କରିଥିଲେ, ଜେନ୍ଦ୍ର ବ୍ୟବସ୍ଥାପକ ସଭ୍ଥ ସଦସ୍ୟ ବାରିଷ୍ଟର ବ. ଏନ୍. ମିଶ୍ର !

୧୯୩୭ ସାଲ, ୧୭ ତାରିଖ ଡ଼ିସେମ୍ବର ଦିନ, ମଧୁସୂଦନଙ୍କ ଅସୁସ୍ଥତା ହେତୁ, ପାରଲାଖେମଣ୍ଡୀ ମହାରାଜାଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନଧି ଦଳ ସାକ୍ଷାତ କରିଥିଲେ ଲର୍ଡ ଉଏଲଙ୍ଗ୍ଡନ୍‌ଙ୍କୁ । ଏହି ପ୍ରତିନଧି ଦଳରେ ଥିଲେ—ବ. ଦାସ, ଏମ୍. ଏଲ୍. ଏ. (ସେଣ୍ଟ୍ରାଲ୍), ବ୍ରହ୍ମପୁରର ଲଙ୍ଗରାଜ ପାଣିଗ୍ରାହୀ, ସମ୍ବଲପୁରର ଅଚ୍ୟୁତାନନ୍ଦ ପୁରୋହିତ ଓ ଅନୁଗୁଲର ଗିରିଜାଭୂଷଣ ଦତ୍ତ ।

ସାମାନ୍ୟ ଆରୋଗ୍ୟ ଲାଭ ପରେ, ମଧୁସୂଦନ ମଧ୍ୟ ଯିବେ ସିମିଲା—ପାରଲାଖେମଣ୍ଡୀଙ୍କୁ ଜଣାଇ ଦେଇଥିଲେ ମଧୁସୂଦନ !

ଲର୍ଡ ଉଏଲଙ୍ଗ୍ଡନ୍‌ଙ୍କ ସହିତ ଏହି ସାକ୍ଷାତରେ, ବ. ଦାସ ଆଲୋଚନା କରିଥିଲେ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ଆର୍ଥିକ ସମସ୍ୟାର ପ୍ରଶ୍ନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଆର୍ଥିକ ସ୍ୱାବଲମ୍ବନଶୀଳତା ସମ୍ପର୍କରେ ସାଇମନ କମିସନ୍-ରିପୋର୍ଟରେ ପ୍ରକାଶ ପାଇଥିଲା ସନ୍ଦେହ । ସେ ସନ୍ଦେହ ମୋଚନ କରିଥିଲେ ବ. ଦାସ । ଉଏଲଙ୍ଗ୍ଡନ୍ ପ୍ରତିଶ୍ରୁତି ଦେଇଥିଲେ, ଓଡ଼ିଶାକୁ ବାର୍ଷିକ ୫୫ ଲକ୍ଷ ଟଙ୍କା ଅନୁଦାନ (ସବ୍‌ଭେନ୍‌ସନ୍) ଦେବା, ସରକାରଙ୍କ ପକ୍ଷରେ ଦୁଃସାଧ୍ୟ ହେବ ନାହିଁ ।

ଫୁଲଝର ପ୍ରତ୍ୟନ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଓ'ଡ଼ୋନେଲ-କମିଟୀ ଯେପରି ଓଡ଼ିଶା ପ୍ରଦେଶରୁ ଅଲଗା ରଖିଲେ, ତାହା ବରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇଥିଲେ ସମ୍ବଲପୁରର ଅଚ୍ୟୁତାନନ୍ଦ ପୁରୋହିତ । ଲର୍ଡ ଉଏଲଙ୍ଗ୍ଡନ୍—ପଚାରିଲେ···—"କନ୍ଥୁ ଫୁଲଝର ଜମିଦାରଙ୍କ ମତାମତ କଣ ?"

Digitized by srujanika@gmail.com

"ଫୁଲଝର ଜମିଦାର ଓ କୋର୍ଟ ଅଫ୍ ୱାର୍ଡସ୍ ଅଧୀନରେ ! ସ୍ୱାଧୀନ ଭାବରେ ମତାମତ ଦେବା ପାଇଁ ତାଙ୍କର ଅଧିକାର କାହିଁ ?"—ଉତ୍ତର ଦେଲେ ଅଚ୍ୟୁତାନନ୍ଦ ।

ଲଙ୍ଗଗ୍ରଜ ପାଣିଗ୍ରାହୀ ଉଠାଇଥିଲେ, ବଶାଖାପାଟଣା ଏଜେନ୍ସୀ ଓ ମେଦନୀପୁର ଜିଲ୍ଲା ପର୍ଯ୍ୟନ୍ତ ପ୍ରଶ୍ନ । ଗଞ୍ଜାମରୁ ବାଦ୍ ପଡ଼ି ଯାଇଥିବା, ଓଡ଼ିଆଭାଷୀ ଅଞ୍ଚଳମାନଙ୍କ ସମ୍ପର୍କରେ ଫିଲଫ୍-ଡଫ୍ କମିଟି ରପୋର୍ଟ ମଧ୍ୟ ଆଲୋଚନା ହୋଇଥିଲା ଏଇ ପ୍ରସଙ୍ଗରେ ।

ସିଂହଭୂମି ସମ୍ପର୍କରେ ଓ'ଡୋନେଲ୍ କମିଟୀ ଯେଉଁ ଅବତ୍ତର କରିଥିଲେ, ତାହା ବରୁଛରେ ସୋଚାର ହୋଇ ଉଠିଥିଲେ, ଯୋଗେନ୍ଦ୍ର ନାରାୟଣ ଆଚାର୍ଯ୍ୟ । ଯେଉଁ 'ହୋ' ମାନଙ୍କ ଆଳ ଦେଖାଇ, ସିଂହଭୂମିକୁ ଓଡ଼ିଶାରୁ ବଚ୍ଛିନ୍ନ ରଖାଗଲା, ସେଇ 'ହୋ' ମାନେ ଓଡ଼ିଶା ବ୍ୟତୀତ ଅନ୍ୟ କେଉଁଠି ନାହାନ୍ତି—ଏହା ଚେତାଇ ଦେବା ପାଇଁ ମଧ୍ୟ ଭୁଲ୍ ନଥିଲେ, ଯୋଗେନ୍ଦ୍ରନାରାୟଣ ।

ଅନୁଗୁଳର ଗିରଜାଭୂଷଣ ଦତ୍ତ ପ୍ରସ୍ତାବ ଦେଇଥିଲେ, ଅନୁଗୁଳକୁ ହୁସ୍ତମୁଦ୍ଦା ମାହାଲ୍ ରୂପେ ନରଖି, କଟକ ଜିଲ୍ଲା....ସହିତ ଯୋଡ଼ିବା ପାଇଁ । ଏମିତି ନାନା ପରାମର୍ଶ !

ଲର୍ଡ଼ ହବଲ୍ଙ୍ଡନ୍ ପ୍ରତିଶ୍ରୁତି ଦେଇ କହିଥିଲେ....

..."Although he could not make an immediate announcement of the formation of Orissa Province, His Excellency would go so far to say that the Oriyas are nearing it."

ଖଲିକୋଟ ରାଜା ବର୍ତ୍ତମାନ ବଲାଙ୍ଗରେ । ବଲାଙ୍ଗରେ ସ୍କୁଲ୍ରୁ ଛୁଟାସ୍ୱ ଗୋଲ ଟେବୁଲ ବୈଠକ । ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ମାତଗତ ନଥିଟି ସେଇ ବୈଠକରେ ଘୋଷିତ ହେବ । ବଲାଙ୍ଗରୁ ମଧୁସୂଦନ ପ୍ରତିଦିନ ପ୍ରଶାସା କରୁଥିଲେ ଟେଲିଗ୍ରାମ ! ଏଇ ଗୋଲଟେବୁଲ ସମ୍ମିଳନୀରେ ଯୋଗ ଦେବା ପାଇଁ ସେତେବେଳେ ଯାଇଥିଲେ ପାରଳା-ଖେମଣ୍ଡୀ ମହାରାଜା, ଖଲିକୋଟ ରାଜା, ଭୁବନାନନ୍ଦ ଦାସ ଓ ଲଙ୍ଗଗ୍ରଜ ପାଣିଗ୍ରାହୀ ।—

"ଶୈଳ, ଆଜି କିଛି କାବଲ୍ ଆସିଛୁ ?"—କ୍ଷୀଣ କଣ୍ଠରେ ପଚାରିଲେ ମଧୁସୂଦନ... ପ୍ରତିଦିନର ନୈମିତ୍ତିକ ପ୍ରଶ୍ନ !

ଶୈଳ, ସେଇ ମାନ ହାତରେ ଝୋଲି 'ଦୈନିକ-ଆଶା' ଧରି ଆସିଥିଲେ ମଧୁସୂଦନଙ୍କ ଶଯ୍ୟା ପାଖକୁ । ଓଡ଼ିଆ କାଗଜ ସେ ପଢ଼ି ପାରନ୍ତି ନାହିଁ; କମ୍ବା 'ଦୈନିକ-ଆଶା' କ୍ୱଚିତ୍ କଲିକତା ଆସିଥାଏ, ମଧୁସୂଦନଙ୍କ ଠିକଣାରେ ।

Digitized by srujanika@gmail.com

ଶୈଳ ଉତ୍ତର ଦେଲେ...."ଏଇ ଦୈନିକ-ଆଶା ଖଣ୍ଡକ ଆଜ ଡାକରେ ଆସିଛୁ ଆପଣଙ୍କ ଠିକଣାରେ ।"

ଏଥରେ କୌଣସି ବଶେଷ ସମ୍ବାଦ ଥିବ ଜଣସ୍ତ ! ତା ନ'ହେଲେ ଶଶିଭୂଷଣ 'ଦୈନିକ-ଆଶା' କଲ୍ଲକତା ନର୍ସିଙ୍ଗ୍ ହୋମ୍ ଠିକଣାରେ ପଠାଇଥାନ୍ତେ ଜାହିକ ? କମ୍ପିତ ହାତରେ ମଧୁସୂଦନ ଉତ୍ତେଜିତ ସ୍ୱରରେ ଖବରକାଗଜଟା ଆଣ୍ଠି ଆଗରେ ଫିଟାଇ ଧଣଲେ । ସେଥିରେ ପ୍ରକାଶ ପାଇଥିଲ, ଗୋଲଟେବୁଲରେ ସେଇ କଦ୍ଭପ୍ରତ୍ୟାଶିତ ଘୋଷଣା ସମ୍ପର୍କରେ ଲଣ୍ଡନ୍ ରୁ ଖଣ୍ଡିକୋଟ ରାଜାଙ୍କ ୨୪ ଘାଣ୍ଟର ସେପ୍ଟେମ୍ବରର ଟେଲଗ୍ରାମ···

To

Editor, Asha
Berhampur, Ganjam

ORISSA PROVINCE DECLARED TO-DAY

Raja
Khallikote

ସେଇ ସମ୍ବାଦଟିକୁ ବାରମ୍ବାର ପଢୁଥିଲେ ମଧୁସୂଦନ ।

ମଧୁସୂଦନଙ୍କ ସବୁ ଯନ୍ତ୍ରଣା ମସ୍ତିଷ୍କ ପର ମୁହୂର୍ତ୍ତକ ମଧ୍ୟରେ କୁଆଡ଼େ ଉଭେଇଗଲ୍ଲ ! ମଧୁସୂଦନ ଚତ୍କାର କର ଉଠିଲେ....

"Orissa Province Declared To-day. Orissa Province Declared To-day । ଏଇ ପଢି ଦେଖ ଶୈଳ, ଖଣ୍ଡିକୋଟ ରାଜାଙ୍କ ଟେଲଗ୍ରାମ !"

"ଆପଣ ଏତେ excited ହେବେ ନାହିଁ ବାବା ! ଡାକ୍ତରମାନେ ବାରମ୍ବାର କହିଛନ୍ତି, ଆପଣଙ୍କୁ ପୂର୍ଣ୍ଣ ବଶ୍ରାମ ନେବା ପାଇଁ !"

ମଧୁସୂଦନଙ୍କ କଣ୍ଠରେ ନୂତନ ପ୍ରାଣଶକ୍ତି !

ସେ ଚତ୍କାର କର କହିଲେ...."ଅନେକ, ଅନେକ କାମ ବାକୀ ପଡିଛୁ କଟକରେ ! ପାରଲାଖେମଣ୍ଡୀ, ଜୟପୁରର ଭବିଷ୍ୟତ ଅନିଶ୍ଚିତ ! ମୁଁ ଏଠି ପଡ଼ ରହିବ ନରସିଙ୍ଗ୍ ହୋମ୍‌ରେ. କଲ୍ଲକତାରେ ? କଟକ ଫେରିବା ପାଇଁ ଶୀଘ୍ର ବ୍ୟବସ୍ଥା କର ଶୈଳ !" ଶୈଳ ବସ୍ମିତ କଣ୍ଠରେ ଘୂଦ୍ଧିଲେ ମଧୁସୂଦନଙ୍କ ଆଡ଼େ...କଣ୍ଠରେ ହଠାତ୍ କୁଆଡୁ ଆସିଲ୍ଲ ଏଇ ପ୍ରବଳ ପ୍ରାଣଶକ୍ତି ?

Digitized by srujanika@gmail.com

(ପାଞ୍ଚ)

୧୯୫୩ ସାଲର ଅଧାଅଧି....

ମଧୁସୂଦନ ପୁଣି ପ୍ରୋଷ୍ଟେଟ୍-ଗ୍ଲାଣ୍ଡ୍‌ରେ ଆକ୍ରାନ୍ତ ହୋଇ ପଡ଼ିଥିଲେ, ଚଳ ପେଟରେ ଅସହ୍ୟ ଯନ୍ତ୍ରଣା । ହଟ୍-ଓ୍ୱାଟର୍-ବାଗ୍ ପେଟ ଉପରେ ଘୃପି ଧରିଲେ ଯନ୍ତ୍ରଣା କଷତ୍ କ୍ମଦବ ହେଉଥିଲ । ମାତ୍ର ପ୍ରସାବ ଲଗିବା ବେଳେ ମୂତ୍ରନଳୀର ଯନ୍ତ୍ରଣା ହେଉଥିଲ ଯେପର ଅସହ୍ୟ, ସେହିପର ଅକଥନୀୟ । ଏହି ବ୍ୟାଧି ଯୋଗୁ ମଧୁସୂଦନ ବହୁକାଳୁ ଥିଲେ ଅନାହାସ୍ତ । ଦନ ଭିତରେ ଛଟାଙ୍କିଏ ଓଜନର ଘୃତ, ସିଦ୍ଧ ବାଇଗଣ ଫଡ଼ାଏ, କନ୍ଥ ଦୃତମିସ୍ତ ଶାଗ ଆଉ ପାଣି ମିଶା ଦୂଧ ଅଧ କପ୍—ଏଇଥିଲ ଡାଙ୍କର ଆହାର ! ଏହିପର ଅଳ୍ପାହାର ଅନାହାର କାରଣରୁ ଡାଙ୍କ ଶରୀର ଶୁଖି ଶୀର୍ଣ୍ଣ ହୋଇ ଯାଇଥିଲ !

କଲିକତାରେ ବାରମ୍ବାର ଏକ୍ସ-ରେ ଚକଟା ସତ୍ତେ, ବ୍ୟାଧି ଉପଶମର କୌଣସି ଲକ୍ଷଣ ନଥିଲ । କଲିକତାର ଡାକ୍ତର କେ. ବ. ଘୋଷ କନ୍ଥୁ ଜଣାଇ ଦେଇ ପାରିଲେଣି ଅରେଗ୍ୟଲଭ ପାଇଁ ମଧୁସୂଦନ ଅନ୍ୟତ୍ର ଚେଷ୍ଟା କରି ପାରନ୍ତି । ସେ ଡାଙ୍କର ଶେଷ ପ୍ରସ୍ତାବ କରି ସାରିଛନ୍ତି । ଡାକ୍ତର ଘୋଷଙ୍କର ସନ୍ଦେହ—ମଧୁସୂଦନଙ୍କ ବ୍ୟାଧି ହୋଇପାରେ ଆବ୍‌ଡୋମିନାଲ୍ ଅଲ୍‌ସର; କାନସର୍ ମଧ୍ୟ ଅସମ୍ଭବ ନୁହେଁ ।

ରୋଗଶଯ୍ୟାରେ ଡାଙ୍କର ଶୀର୍ଣ୍ଣ ଦେହ ପଡ଼ିଥିଲ—ମୃତ୍ତନଦାର ଷ୍ଟ୍ରୀଣଧାର୍ ପର ! ସେଥିରେ ତରଙ୍ଗର ଉଚ୍ଛ୍ୱାସ ମରବ ହୋଇ ନଥିଲ ।

ତଥାପି, ଏଇପର ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣ ଓ ଜରାଜୀର୍ଣ୍ଣ ଶରୀର ସତ୍ତେ ମଧୁସୂଦନଙ୍କ ଭିତରେ ସେଇ ପ୍ରଚଣ୍ଡ ଇଚ୍ଛାଶକ୍ତି ଶିଥିଲ ହୋଇ ନଥିଲ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦେଖିଯିବାର ଏକ ବଳିଷ୍ଠ ଆଶାବାଦ, ଜମଷ୍ଟୀଣାସ୍ୱମାନ ଡାଙ୍କର ଜୀବନ ପ୍ରଦୀପକୁ ଯୋଗାଇଥିଲ ଯେପର ନୂତନ ଇନ୍ଧନ ! ଜୀବନ-ପ୍ରଦୀପ ଶିଖା ପ୍ରଜ୍ୱଳିତ ହୋଇ ଉଠୁଥିଲ, ନୂତନ ଦୀପ୍ତିରେ !

୧୯୫୩ ସାଲ ମାର୍ଚ୍ଚ ୧୬ ତାରିଖ ଦନ; ପ୍ରକାଶ ପାଇଥିଲ ବ୍ରିଟିଶ ସରକାରଙ୍କ ପକ୍ଷରୁ ହ୍ୱାଇଟ୍-ପେପର୍ । ଭାରତର ଶାସନ-ସଂସ୍କାର (Constitutional Reforms) ପ୍ରସଙ୍ଗରେ ସେଥିରେ ଥିଲ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନ ସମ୍ପର୍କରେ ଅଭ୍ରାନ୍ତ ସ୍ୱୀକୃତ ! କନ୍ଥୁ ପାରଲାଖେମଣ୍ଡୀ ଓ ଜସ୍ପୁର ସେଥିରୁ ବାଦ୍ ପଡ଼ିଥିଲା ! ଜସ୍ପୁର୍

Digitized by srujanika@gmail.com

ପାର୍ଲିଆମେଣ୍ଟାସ୍ତ୍ର କମିଟିରେ ହେବ ଏବାର ଜଷ୍ଟିସ୍—ସେଥିପାଇଁ ପାରଲା ମହାରାଜା ଆଉ ଥରେ ବାହାଣଲେ ବଲଭ ।

ମଧୁସୂଦନଙ୍କ ଅଭିଳାଷ—ସେ ମଧ୍ୟ ଯାଇଥାନ୍ତେ ବଲଭ । ମାତ୍ର ସେତେବେଳେ ସେଥିପାଇଁ ତାଙ୍କର ନାଁ ଥିଲା ଆର୍ଥିକ ସମ୍ବଳ; ନାଁ ଥିଲା ଶରୀରରେ ଶକ୍ତି ! ରୋଗଶଯ୍ୟାରେ ପଡ଼ି ବଲଭର ବୃତ୍ତାନ୍ତ ଜାଣିବା ପାଇଁ ପ୍ରତିମୁହୂର୍ତ୍ତରେ ସେ ଉଦ୍‌ବିଗ୍ନ ହୋଇ ରହିଥିଲେ ।

ସେଦିନ ସକାଳ ଡାକରେ ଆସିଥିଲା ପାରଲାକେମେଣ୍ଡୀ ମହାରାଜାଙ୍କ ଚିଠି । ଦୁଇ ଶିଖିଲ କର୍ମିଙ୍କ ହାତରେ ମଧୁସୂଦନ ଚିଠି ଖଣ୍ଡକ ଖୋଲି ପଢାଇଲେ । ମାତ୍ର ଚିଠିଖଣ୍ଡକ ଆମୂଳ ପାଠ କରିବା ପାଇଁ ତାଙ୍କର ଶିଖିଲ କର୍ମିଙ୍କ ହାତରେ ବଳ ନଥିଲା । ଶଯ୍ୟା ପାଖରେ ବସିଥିଲେ ବ୍ରଜସୁନ୍ଦର । ମଧୁସୂଦନ କ୍ଷୀଣକଣ୍ଠରେ କହିଲେ···"ପଢ଼ ତ ବ୍ରଜସୁନ୍ଦର ! କଣ ଲେଖିଛନ୍ତି ପାଲୋ ରାଜପତ ? ସେ ତ ଏପର୍ଯ୍ୟନ୍ତ ଲଣ୍ଡନରେ ପହଞ୍ଚିଥିବେ କି ନାହିଁ ସନ୍ଦେହ !" ଏସ୍. ଏସ୍. ମୁଲତାନ ଜାହାଜରୁ (ତା ୨୨ । ୫ । ୧୯୩୩) ରାଜପତ ଲେଖିଥିଲେ—

"I just had a talk with your friend the Chief Justice of Bihar and Orissa."

"ତସନ୍ ମିଲର୍ ସେଇ ଏକା ଜାହାଜରେ ଯାଉଛନ୍ତି ନାଁ କଣ ? ଆଃ.... ବ୍ରଜସୁନ୍ଦର ମୁଁ ସବୁ ଯାଇ ପାରିଥାନ୍ତି ! ତସନ-ମିଲର୍ ଥିଲେ ଓଡ଼ିଶାର ଜଣେ ପ୍ରକୃତ ଶୁଭ୍ରକାଂକ୍ଷୀ !"

ବ୍ରଜସୁନ୍ଦର ପଢିଗଲେ....

"He has nothing but all praise to you and all of us. I am lucky in having on board this steamer my sincere old friends and colleagues those had worked with me in the First Round Table Conference, Sir Henry Gidney, M.L.A., and N. M. Joshi, M.L.A. and Dewan of Singli, and glad to say that they are very, very sympathetic indeed. As I have got a memorandum on Parlakimidi printed dealing with all aspects, I have circulated a copy to each of them. I have to give one to the Chief Justice also, whom I find very sympathetic and a great friend of the Oriyas. I hope you have been able to got to Simla and see your friends. × × ×"

"ଆଃ ! ସିମଲା"....ମଧୁସୂଦନଙ୍କ ପଞ୍ଜର ଥରାଇ ଗୋଟାଏ ଦୀର୍ଘଶ୍ୱାସ ବାହାର ଆସିଲ । "ମୁଁ ତ ଘୁଲୁଛୁ ବର୍ତ୍ତମାନ କବରଖାନା ଆଡ଼େ ।" ଦୁଗଡୋନ୍ତ କରିବା ପର

Digitized by srujanika@gmail.com

କଣ୍ଠରେ ମଧୁସୂଦନ କହିଲେ । କନ୍ତୁ ତା ପୂର୍ବରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ମୁଁ କଣ ଦେଖି ଯାଇ ପାରିବ ନାହିଁ, ବ୍ରଜସୁନ୍ଦର ?"—ଯନ୍ତ୍ରଣାରେ ମଧୁସୂଦନଙ୍କ ମୁହଁରେ ରେଖା ସବୁ କୁଞ୍ଚିତ ହୋଇ ଉଠିଲ ।

ବ୍ରଜସୁନ୍ଦର କହିଲେ...."ଭଗବାନଙ୍କ ଇଚ୍ଛାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆପଣ ନିଶ୍ଚୟ ଦେଖିପିବେ ନିଜ ଆଖିରେ ।"

କ୍ଷୀଣ, କମ୍ପିତ କଣ୍ଠରେ ମଧୁସୂଦନ କହିଲେ···"ସବୁ ଉପରବାଲାର ଇଚ୍ଛା । ଏ ଅକିଞ୍ଚନ ପ୍ରତି ଭଗବାନଙ୍କ କରୁଣା ଥିଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ମୁଁ ଦେଖି ଯାଇପାରେ ବ୍ରଜସୁନ୍ଦର ! କନ୍ତୁ ସାର୍ ଜୀବନ, ମୁଁ ଏକା ଏକା ଫଗ୍ରାମ କଣ ଆସିଥିଲି କଣ ଏଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ? ସ୍ୱତନ୍ତ୍ର ଓଡ଼ିଶା ଥିଲା ଜନିତ୍ର ମାତ୍ର ! ମୁଁ ଗୃହିଥିଲି ଓଡ଼ିଆ ଜାତିର ଅସ୍ମିତାସ୍ୱ ! ମୋ କର୍ତ୍ତବ୍ୟ ଶେଷ ହୋଇଛୁ; ଏଣିକ ଉତ୍ତର ଦାସ୍ୱିତ୍ୱ ତୁମମାନଙ୍କର ।"

ଏତେ ଗୁଡ଼ାଏ କଥା ଏକ ସଙ୍ଗରେ କହି, ମଧୁସୂଦନ ଯେପରି ରୁଦ୍ଧଶ୍ୱାସ ହୋଇ ଉଠିଥିଲେ ! କମ୍ପିଶା ପଡ଼ ପଡ଼ ନିଶ୍ୱାସରେ ତାଙ୍କର ଜୀର୍ଣ୍ଣ ଦେହ କମ୍ପିତ ହୋଇ ଉଠୁଥିଲା ।

ଏହି ସମୟରେ ମଧୁସୂଦନଙ୍କ ମୁଣ୍ଡ ପାଖରେ ଗୋଟାଏ ଟିପୟ ଉପରେ ଥିବା ଟେଲଫୋନର ବେଲ୍ ବାଜି ଉଠିଲ ।"

"ବ୍ରଜସୁନ୍ଦର ଦେଖ ତ କିଏ ଡାକୁଛନ୍ତି ଟେଲଫୋନ୍‌ରେ ।"

ଟେଲଫୋନ୍ କରୁଥିଲେ କଟକର କଲେକ୍ଟର ମିଷ୍ଟର ମୁଖାର୍ଜୀ !

ଓଡ଼ିଶା ଆଡ଼ମିନିଷ୍ଟ୍ରେସନ କମିଟିରେ ମଧୁସୂଦନ ମନୋନୀତ ହୋଇଛନ୍ତି ଜଣେ ସଭ୍ୟ ରୂପେ । କଟକର କଲେକ୍ଟର ମିଷ୍ଟର ମୁଖାର୍ଜୀ ସେଇ ସମ୍ବାଦ ଦେଉଥିଲେ ଟେଲଫୋନ୍‌ରେ ।

"ଚେଆର୍‌ମେନ୍ କିଏ ?"—ବ୍ରଜସୁନ୍ଦର ପଚାରିଲେ ।

ମିଷ୍ଟର ମୁଖାର୍ଜୀ ଉତ୍ତର ଦେଲେ : "ସାର୍ ଜନ୍ ଅଷ୍ଟୀନ୍ ହବାକ୍, କମିଟିର ଚେଆର୍‌ମେନ୍ । ବର୍ଷ ଶେଷ ପୂର୍ବରୁ କମିଟିକୁ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ଶାସନ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ପଡ଼ିବ ।"

ମଧୁସୂଦନ କହିଲେ...."ବ୍ରଜସୁନ୍ଦର, ଓଡ଼ିଶା ଆଡ଼ମିନିଷ୍ଟ୍ରେସନ କମିଟିର ମୁଁ ହୋଇଛି ମେମ୍ବର ! ଚେଆର୍‌ମେନ୍ ସାର୍ ଜନ୍ ଅଷ୍ଟୀନ୍ ହବାକ୍ ! ମୁଖ୍ୟ ପୂର୍ବରୁ ଓଡ଼ିଶା

Digitized by srujanika@gmail.com

ପ୍ରଦେଶର ଜାତକ ପତ୍ରରେ ମୁଁ ଅନ୍ତତଃ ରହିଯାଇ ପାରିବ ମୋର ସ୍ୱାକ୍ଷର । ଭଗବାନଙ୍କ କରୁଣାର ଶେଷ ନାହିଁ !"

ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତ୍ୱେ, ଓଡ଼ିଶା ଆଡ଼ମିନିଷ୍ଟ୍ରେସନ କମିଟି କାର୍ଯ୍ୟରେ, ମଧୁସୂଦନ ବସ୍ୱସରେ ଯେପରି ପଛେଇ ଯାଇଥିଲେ ଆଉରି କେତେ ବର୍ଷ ! ସେଇ ବଛଣାରେ ପଡ଼ି, ଓଡ଼ିଶାର ଶାସନ ସଂଗଠନ ସମ୍ପର୍କରେ ନୋଟ୍ ଓ ମେମୋରାଣ୍ଡମ୍ ପ୍ରଭୃତି ପ୍ରସ୍ତୁତ କରିବାରେ ତାଙ୍କର କ୍ଲାନ୍ତି ନଥିଲା ।

୧୯୩୩ ସାଲ ଅକ୍ଟୋବର...

ବାହାରେ ଅବିଶ୍ରାନ୍ତ ବର୍ଷା ଆଉ ପବନ ! ଶୈଳବାଳା ମଧୁସୂଦନଙ୍କ ଶଯ୍ୟା ପାଖରେ ବସି କପ୍‌ରୁ ଘୁମୁଚେ ଘୁମୁଚେ ହର୍ଲିକ୍ସ ପିଆଉଥିଲେ । ମେଘୁଆ ବତାସର ଝାପ୍‌ଟାରେ ମୁଣ୍ଡ ଉପରର ବନ୍ଦ ଝରକାଗୁଡ଼ାକ କମ୍ପି ଉଠିଲା । ଶୈଳବାଳା କହିଲେ..."ଏଇଥରେ ଆପଣ ଜିଦ୍ ଧରିଥିଲେ ସମ୍ବଲପୁର ଯିବା ପାଇଁ ?"

ହର୍ଲିକ୍ସ ପିଇବା ପାଇଁ ମଧୁସୂଦନଙ୍କ ରୁଚି ନଥିଲା । ଅବାଧ ଶିଶୁ ପରି ସେ ଉକୁଆ ଉପରେ ମୁଣ୍ଡ ହଲାଇ କହିଲେ...."ଆଉ ହର୍ଲିକ୍ସ ପିଇବି ନାହିଁ ଶୈଳ !"

"ଏଇ ଗୋଟାଏ ଘୁମୁଚ"....ଶୈଳବାଳା ଅନୁଯୋଗର କଣ୍ଠରେ କହୁଥିଲେ, ଅବୋଧ ଶିଶୁକୁ ନାନା ଛଳରେ ପ୍ରଲୋଭିତ କରି ହର୍ଲିକ୍ସ ପିଆଇବା ପରି !

ମଧୁସୂଦନଙ୍କ ଅବଶୋଷ...ଓଡ଼ିଶା ଆଡ଼ମିନିଷ୍ଟ୍ରେସନ୍ କମିଟିର ଶେଷ ବୈଠକରେ ସେ ଯୋଗ ଦେଇ ପାରିଲେ ନାହିଁ ! କନ୍ତୁ ସମ୍ବଲପୁର ପର୍ଯ୍ୟନ୍ତ ଦୀର୍ଘପଥ ମୋଟରରେ ଏଇ ବର୍ଷା ପାଗରେ ଯିବା ପାଇଁ ତାଙ୍କର ସାହସ ହେଲା ନାହିଁ !

୨୦ ତାରିଖ ଅକ୍ଟୋବର ଦିନ ଆଡମିନିଷ୍ଟ୍ରେସନ କମିଟିର ତୃତୀୟ ରପୋର୍ଟରେ ସଭ୍ୟମାନେ ସ୍ୱାକ୍ଷର ଦେବା ପରେ କଟକ ଫେରି ଆସିଥିଲେ । ହବାକ୍ ସମ୍ବଲପୁର ଠାରୁ ଫେରିବେ ରାତ୍ରି । ରପୋର୍ଟରେ ମଧୁସୂଦନଙ୍କ ସ୍ୱାକ୍ଷର ପାଇଁ କଟକର କଲେକ୍ଟର ମି. ମୁଖାର୍ଜିଙ୍କ ହାତରେ ହବାକ୍ ପଠାଇଥିଲେ, ରପୋର୍ଟର ଚଠା ଓ ସେଥିସହିତ ଖଣ୍ଡେ ଚିଠି ।

ହବାକ୍‌ଙ୍କ ପରାମର୍ଶ—ରପୋର୍ଟର ଆରମ୍ଭ ଓ ଶେଷରେ, ମିଷ୍ଟର ମୁଖାର୍ଜିଙ୍କ ଉପସ୍ଥିତିରେ ଦେବା ପାଇଁ ପଡିବ ସ୍ୱାକ୍ଷର, ତାହାହିଁ ବଧ୍ୟ ।

Digitized by srujanika@gmail.com

ମିଷ୍ଟର ମୁଖାର୍ଜୀ ଶପୋର୍ଟ ଧରି ଆସିଥିଲେ ମଧୁସୂଦନଙ୍କ ସ୍ୱାକ୍ଷର ପାଇଁ ।

ମିଷ୍ଟର ମୁଖାର୍ଜୀ କହିଲେ···"ସାର୍ ଜନ୍ ହବାକ୍ ୪ ଘାଣ୍ଟ ନଭେମ୍ବର ଦିନ ଘରୁ ଫେରିବେ ପାରନା । ତାଙ୍କର ଅନୁରୋଧ ତା ପୂର୍ବରୁ ଏଇ ଶପୋର୍ଟ ତାଙ୍କର ହସ୍ତଗତ ହେବା ଆବଶ୍ୟକ । ଶପୋର୍ଟରେ ଯଦି ମିନଟ୍ ଅଫ୍ ଡ଼ିସେଣ୍ଟ୍ ଆପଣଙ୍କର ଦେବା ପାଇଁ ନଥାଏ, ତା'ହେଲେ ଆପଣ ବର୍ତ୍ତମାନ ଶପୋର୍ଟରେ ସ୍ୱାକ୍ଷର ଦେଇପାରନ୍ତି ।" ସିଂହଭୂମି ସଦର ପାରଲାଖେମଣ୍ଡି, ବଣାଖାପାରନା ଏଜେନ୍ସୀ (ଜସ୍ପୁର)କୁ ଓଡ଼ଶାରେ ସାମିଲ୍ କରିବା ପାଇଁ ଓଡ଼ଶା ଆଡମିନିଷ୍ଟ୍ରେସନ କମିଟି ଯାଞ୍ଚିବା ପୂର୍ବା ପୂପାରଶ କଲେ ନାହିଁ । ଏହା ଅବଶ୍ୟ କମିଟିର ପରସ୍ପର-ବହିର୍ଭୂତ ହୋଇଥାନ୍ତା....ତଥାପି ମତାନ୍ତର ପଡ଼ ଦେଲେ ଘୁଅନ୍ତା ! କନ୍ତୁ ବେଳ ନାହିଁ....ପାରଲାଖେମଣ୍ଡି, ଜସ୍ପୁର—ଆଜ ନ ହେଲେ କାଲ୍ ନଶ୍ଚୟ ଆସିବ ।

କମିଟି ହାଉରେ ଶପୋର୍ଟର ଚଲ୍ଲିତ ଅଂଶମାନଙ୍କରେ ମଧୁସୂଦନ ସ୍ୱାକ୍ଷର ଦେଇ କହିଲେ...."ମିନଟ୍ ଅଫ୍ ଡ଼ିସେଣ୍ଟ୍ ଦେବା ପାଇଁ, ମୋର ଆଉ ବେଳ ନାହିଁ ମୁଖାର୍ଜି ! ବର୍ତ୍ତମାନ ମୁଁ ଦସ୍ତଖତ କରି ଦେଉଛୁ !"

ଓଡ଼ଶା ପ୍ରଦେଶ ଗଠନର ଶେଷ ରୂପାୟନରେ ନଜର ସ୍ୱାକ୍ଷର ଅଙ୍କିତ କରିବା ପାଇଁ ଆଉ ମୁହୂର୍ତ୍ତକର ବଲମ୍ବ ପାଇଁ ମଧୁସୂଦନ ଯେପରି ପ୍ରସ୍ତୁତ ନ ଥିଲେ ।

ମିଷ୍ଟର ମୁଖାର୍ଜୀ କହିଲେ..."ଆପଣଙ୍କ ସାହାଯ୍ୟ ଓ ପରାମର୍ଶ ପାଇଁ କମିଟି ଆପଣଙ୍କ ନକଟରେ ଅଶେଷ ଭାବରେ ଋଣୀ !"

ବସ୍ତୁତଃ କମିଟିର ଚେଆରମେନ୍ ସ୍ୱୟଂ ସାର୍ ଜନ୍, ସେଇ ରୁଗ୍ଣାବସ୍ଥାରେ ପୂର୍ବା ଓଡ଼ଶା ଆଡମିନିଷ୍ଟ୍ରେସନ କମିଟି କାର୍ଯ୍ୟରେ ମଧୁସୂଦନଙ୍କ ସାହାଯ୍ୟ ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରି ଏକ ପତ୍ରରେ ଲେଖିଥିଲେ·····

Cuttack
17-10-33

Dear Mr. Das,

I return with thanks the copy of the Early Annals of the English in Bengal. I am putting in a suitable passage into the report.

I hope that your association with the Committee has been as agreeable to you as it has been with me. I greatly appreciate the help which you have given. You must be very much grateful to think that the object which you had at heart for so many years is now in sight of fulfilment.

Yours sincerely
J. A. Hubback

Digitized by srujanika@gmail.com

ମଧୁସୂଦନଙ୍କୁ ଆଉ ପରଶ୍ରାନ୍ତ କରିବା ମିଃ ମୁଖାର୍ଜ୍ଜିଙ୍କର ଉଦ୍ଦେଶ୍ୟ ନଥିଲା । ଉପଚରତ ସୌଜନ୍ୟ ବନ୍ଧନସବୁ ପରେ ମଧୁସୂଦନଙ୍କଠାରୁ ବିଦାସବୁ ନେବା ବେଳେ ସେ କହିଲେ···"ଆପଣଙ୍କ ଜୀବନର ଗୋଟାଏ ବଡ଼ପୋତିତ ଅଭିଳାଷ ଏବେ ପୂର୍ଣ୍ଣ ହେବାକୁ ଯାଉଛୁ । ସେଥିପାଇଁ ମୋର ଅଭିବାଦନ ଗ୍ରହଣ କରନ୍ତୁ ।"

ମଧୁସୂଦନଙ୍କ ଶଯ୍ୟା ପାଖରେ ବସିଥିଲେ ବ୍ରଜସୁନ୍ଦର । ଉଦ୍‌ବିଗ୍ନ କଣ୍ଠରେ ସେ ପଚାରିଲେ...."ପାରଲାଖେମଣ୍ଡୀ, ଜସ୍ପୁର ଓଡ଼ିଶାରେ ମିଶିବତ ?"

ଯନ୍ତ୍ରଣାବିଦ୍ଧ କଣ୍ଠରେ ମଧୁସୂଦନ ଉତ୍ତର ଦେଲେ....ପାରଲାଖେମଣ୍ଡୀ, ଜସ୍ପୁର ଆଜି ହେଉ, କାଲି ହେଉ ଓଡ଼ିଶାକୁ ଆସିବ, ନଶ୍ଚସ୍ୱ ଆସିବ ! କନ୍ତୁ ମୋ ପ୍ରଶ୍ନର ଉତ୍ତର ତଥ ବ୍ରଜସୁନ୍ଦର, ମୋର ସ୍ୱପ୍ନର ଓଡ଼ିଶାକୁ ଗଢ଼ିବା ପାଇଁ ମଣିଷ ଆସିବେ ତ ?"

ଉର୍ପାଡ଼ିକ ପ୍ରଶ୍ନବାଚକ ।

ବ୍ରଜସୁନ୍ଦର ନୀରବ ରହିଲେ ।

ଆଜକୁ ଅର୍ଦ୍ଧଶତାବ୍ଦୀ ପୂର୍ବେ ମଧୁସୂଦନ ଯେଉଁ ସ୍ୱପ୍ନ ଦେଖିଥିଲେ, ଆଜି ତାହାର ରୂପାସ୍ୱନର ଲଗ୍ନ । ସେଦିନ ସେ ଯେଉଁ ବୀଜ ରୋପଣ କରିଥିଲେ ତାହା ଏକ ବୃକ୍ଷରେ ପରିଣତ ହେଲା । ତାର ଫଳ ଭୋଗ କରିବେ, ଭାବୀ କାଲରେ ନେତା, ମନ୍ତ୍ରୀ, ମହାମନ୍ତ୍ରୀମାନେ । କନ୍ତୁ ସେଥିରେ ତାଙ୍କର କଣ ଅଛୁ ? ଇତିହାସର ଅନ୍ଧକାର ମଧ୍ୟରୁ ଓଡ଼ିଶାର ଅଭ୍ୟୁଦସ୍ୱ ଘଟିଲା । କନ୍ତୁ ଓଡିଆର ଅଭ୍ୟୁଦସ୍ୱ ଘଟିବ କ ?

"ଆଙ୍ଗସ୍ ମୁଖାର୍ଜ୍ଜି, ଆଙ୍ଗସ୍ ! କନ୍ତୁ···"

ହବାବ୍‌ଙ୍କ ଚିଠିରେ ସେଇ କେତେଟା ଧାଡ଼ି ମଧୁସୂଦନ ବାରମ୍ବାର ପାଠ କରୁଥିଲେ·····"ଯେଉଁ ଲକ୍ଷ୍ୟ ପାଇଁ ଆପଣ ସାରା ଜୀବନ କାର୍ଯ୍ୟ କରି ଆସିଥିଲେ ଆଜି ତାହା ପୂର୍ଣ୍ଣତାର ପଥରେ ।"

କନ୍ତୁ ତାହାକୁ ନିଜ ଆଖିରେ ଦେଖିବା ପାଇଁ ସେ ରହିଥିବେ ତ ? ନ ରହିନ୍ତୁ । ସଫଳତାର ପ୍ରତିଶ୍ରୁତି ହିଁ ତାଙ୍କ ପକ୍ଷରେ ଯଥେଷ୍ଟ ।

ପ୍ରାର୍ଥନାପୂର୍ଣ୍ଣ ହୃଦସ୍ୱର ପରିତୃପ୍ତିରେ ତାଙ୍କର ଦୁଇ କ୍ଲାନ୍ତ ଆଖି ମୁଦ୍ରିତ ହୋଇ ଆସିଲା ।

ମଧୁସୂଦନ ଆଉ କିଛୁ କହି ପାରିଲେ ନାହିଁ; ଶରତ୍‌ର ପକ୍ଷୀ ପର ପୋଷ୍ଟେଟ୍ ଗ୍ଲାଣ୍ଡ୍‌ର ଯନ୍ତ୍ରଣାରେ ତାଙ୍କର ଶୀର୍ଣ୍ଣ ଦେହ ଓ ଶୁଚ୍ଛିଲ ମୁହଁର ରେଖା ସବୁ ପୁଣି କୁଞ୍ଚିତ ହୋଇ ଉଠିଲା ।

Digitized by srujanika@gmail.com

ଅଷ୍ଟାଦଶ ପରିଚ୍ଛେଦ

୧୯୩୪ ସାଲ ଜାନୁୟାରୀ ମାସର ଅଧାଅଧି.....

ରଣକୁଡୁଡ଼ୀ ଆଉ ଭେଲା ଭେଲା ପାଉଁଶିଆ ଜ୍ୱସାମେଘରେ ମଧ୍ୟାହ୍ନର ଆକାଶ ବିଷଣ୍ଣ । ବହ୍ନାର ଭୂମିକମ୍ପ ପରଠାରୁ ଶୀତର ପ୍ରକୋପ ବୃଦ୍ଧି ପାଇଛୁ ଅସ୍ତ୍ରାବ୍ରବକ ଜ୍ୱବରେ । ହେମାଳଆ ଦମକା ଦମକା ଉତ୍ତୁ ପବନ ଘର ଭିତରେ ସୁଦ୍ଧା ଯେପର ହାଡ଼ ଥରାଇ ଦେଉଛୁ । ଭିତର ଉଷ୍ମପ ବଢ଼ାଇବା ପାଇଁ ମଧୁସୂଦନଙ୍କ ଶସ୍ୟନ ପ୍ରକୋଷ୍ଠ ଭିତରେ ଜଳୁଥିଲ୍ ଇଲେକ୍ଟ୍ରିକ୍ ହିଟର । ବାହାରେ ତାପମାତ୍ରା ୪୭ ଡିଗ୍ରୀ; ମାନ କୃତିମ ଉପାସ୍ରରେ ତାହାକୁ ଭିତରେ ୮୮ ଡ଼ିଗ୍ରୀରେ ରଖାଯାଇଛୁ ।

ମଧୁସୂଦନ କେତେ ପରସ୍ତ କମ୍ବଲରେ ଆପାଦ ଆଚ୍ଛାଦିତ ହୋଇ, ଖଣ୍ଡେ ଫିତା ଖଟ ଉପରେ ପଡ଼ି, ଖବରକାଗଜରୁ ଶୁଣୁଥିଲେ ବହ୍ନାର ଭୂମିକମ୍ପର ମର୍ମନ୍ତୁଦ ବିବରଣୀ—ପାଟନା ସେକ୍ରେଟେରିଏଟ୍‌ର ଚୂଡ଼ା ଖସି ପଡ଼ିଛୁ ଭୂକମ୍ପନର ଆଘାତରେ !

....“ଆଃ ! ମୋ ଉପରେ ସେଦନ ଏ ସ୍ତ୍ରଭଟା ପଡ଼ି ଯାଇଥିଲେ ତ ହୋଇଥାନ୍ତା ! ଈଶ୍ୱର ସେଥିରୁ ପୁଣି ମୋତେ ରକ୍ଷା କଲେ କାହିଁକ ?”...ମଧୁସୂଦନ ସ୍ୱଗତୋକ୍ତି କରିବା ପର କଣ୍ଠରେ ଯେପର ନଜକୁ ନଜେ ପ୍ରଶ୍ନ କରୁଥିଲେ !

ସେଇ ବଲ୍ମିକାପୃଷ୍ଠ ପନ୍ଦର ଟାରଖ ଜାନୁୟାରୀ ଭୂମିକମ୍ପର ଅନୁଭୂତ ମଧୁସୂଦନ ତଥାପି ଭୁଲ୍ ନଥିଲେ । ମଧୁସୂଦନ ସେଇ ଫିତା ଖଟ ଉପରେ ଶୋଇଥିଲେ—ଶୈଳବାଳା ପାଟନାରେ ସେତେବେଳେ । ସୁଧାଂଶୁ କମ୍ବା କୌଣସି ନର୍ସ ନଥିଲେ । ହାଡ଼ଆ ବୋଧଟିଏ ବସିଥିଲ୍ ବାହାରେ । ହଠାତ୍ ଘରଟା କମିବା ପାଇଁ ଆରମ୍ଭ କଲ୍ । ବାହାରେ ଚତ୍କାର··· ଭୂମିକମ୍ପ ! ଭୂମିକମ୍ପ !

ହାଡ଼ଆ ଦୌଡ଼ି ଆସି ମଧୁସୂଦନଙ୍କୁ ଦୁଇ ହାତରେ ଶୂନେ ଶୂନେ ଟେକି ନେଇ ବାହାର ସ୍ତ୍ରଭ ଉପରକୁ ପଲାଇ ଆସିଥିଲ୍, ଏକ ନଶ୍ୱାସରେ ।

Digitized by srujanika@gmail.com

ସୁଧାଂଶୁବାଲା କହିଲେ....“ମନବଳ ଆପଣ ଦୃଢ଼ ରଖନ୍ତୁ ବାବା ! ଡାକ୍ତର ଜସ୍ତନ୍ତ ଗୁଣ୍ଡ ଆଜ ସକାଳେ ଆପଣଙ୍କୁ ପରୀକ୍ଷା କରି କହିଲେ; ଶୁଣିଲେ ନାହିଁ···ଆଉ ସପ୍ତାହେ ପର୍ଯ୍ୟନ୍ତ ବିଛଣାରେ ଶୋଇ ବିଶ୍ରାମ ନେଲେ ଆପଣ ଆରୋଗ୍ୟ ହୋଇ ଉଠିବେ !”

“ଜସ୍ତନ୍ତ ସେଇପରି କହିଛନ୍ତି ନାଁ କଣ ? କନ୍ତୁ ଓ୍ୱାରଣ୍ଟ ପରଓ୍ୱାନା ରଦ୍ଦ କରିବା କ୍ଷମତା କୌଣସି ଡାକ୍ତରର ନାହିଁ ! ସେ ଅଧିକାର କେବଳ ଉପରବାଲା ଦ୍ୱାରକାନାଥଙ୍କର !” —ମଧୁସୂଦନ କମ୍ପିତ ଆଙ୍ଗୁଳି ଉପରକୁ ଉଠାଇ, କ୍ଷୀଣ ପ୍ରଶାନ୍ତ କଣ୍ଠରେ ଉତ୍ତର ଦେଲେ !

ବସ୍ତୁତଃ ଗତ ପ୍ରାୟ ଏକ ସପ୍ତାହ ହେବ, ମୃତ୍ୟୁ ଚନ୍ତା ବ୍ୟତୀତ, ମଧୁସୂଦନଙ୍କର ଅନ୍ୟ ଚନ୍ତା ନଥିଲ ! ଭୂମିକମ୍ପର ଠିକ ଦଶ ପୂର୍ବରୁ ଶ୍ରୁତ ଉପରେ ପାଦସ୍ଖଳିତ କରୁ କରୁ ସେ ହଠାତ୍ ଦିନେ କହିଲେ....“ମୋର ମନେ ହେଉଛି ପ୍ରାୟ ପନ୍ଦର ଦିନ ପରେ ମୁଁ ମରିଯିବ ସୁଧାଂଶୁ !”—ସେ ଯେପରି ଶୁଣି ପାରିଥିଲେ ଆସନ୍ନ ମୃତ୍ୟୁର ପଦଧ୍ୱନି !

ଜୀବନର କାର୍ଯ୍ୟ ଶେଷ ହୋଇଛି ! ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସ୍ୱପ୍ନ, ସେ ଆଜକୁ ଅର୍ଦ୍ଧଶତାବ୍ଦୀ ପୂର୍ବେ ଦେଖିଥିଲେ—ଆଜି ସେ ସ୍ୱପ୍ନ ଏକପ୍ରକାର ବାସ୍ତବରେ ରୂପାୟିତ ହୋଇଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଜନ୍ମପତ୍ରିକା ଉପରେ ସେ ଅଙ୍କିତ କରି ଯାଇଛନ୍ତି, ତାଙ୍କର ଶେଷ ସ୍ୱାକ୍ଷର ! ଏହା ପରେ ଏ ଶୂନ୍ୟଗର୍ଭ ଜୀବନ ପାଇଁ ଆଉ ବା ଅଛି କ ଆକର୍ଷଣ ? ଫସଲକଟା କଆଣ୍ଠ ପରି ଏ ଶୂନ୍ୟଗର୍ଭ ଜୀବନଟା ଆଜି ବଡ଼ ବିପର୍ଣ୍ଣ, ବଡ଼ ଉତ୍ପୀଡ଼ିତ !

ମଧୁସୂଦନଙ୍କ ବ୍ୟାଧିର ସମ୍ବାଦ ପାଇ ଶୈଳବାଳା ଇତମଧ୍ୟରେ ପାଟଣାରୁ ଆସି କଟକରେ ପହଞ୍ଚିଥିଲେ । ମୃଦୁ ଭର୍ତ୍ସନା ମିଶ୍ରିତ କଣ୍ଠରେ ଶୈଳବାଳା କହିଲେ....“ଆପଣଙ୍କ ମୁହଁରେ ସବୁବେଳେ କେବଳ ସେଇସବୁ ଲକ୍ଷ୍ମୀଛଡ଼ା କଥା ! ଶୁଣନ୍ତୁ, ‘ପାଇଓନିଅର’ କାଗଜ କଣ ଲେଖିଛୁ, ବହାର ଭୂମିକମ୍ପର ବିବରଣୀ ! ଶତାବ୍ଦୀର ଭୟଙ୍କରତମ ପ୍ରାକୃତିକ ବିପ୍ଳବ ! ପାଟନା ସହର ସ୍ୱର୍ଗ ଗୁରଗାଁର ! ସରକାରୀ ହିସାବ ଅନୁସାରେ ୭ ହଜାର ୪୦ ଜଣ ପଡ଼ିଛନ୍ତି ମୃତ୍ୟୁ ମୁଖରେ । ଏକା ଦରଭଙ୍ଗା ଜିଲ୍ଲାରେ ମରିଛନ୍ତି ୧୮୭୭ ଜଣ, ମୁଜାଫରପୁର ଜିଲ୍ଲାରେ ମୃତ୍ୟୁର ସଂଖ୍ୟା ଆଉର ଅଧିକ—୧୪୨୯ ଜଣ, ମୁଙ୍ଗେରର ସ୍ଥାନ ତୃତୀୟ—ସେ ଜିଲ୍ଲାରେ ମରିଛନ୍ତି ୧୩୨୮ ଜଣ । କନ୍ତୁ ସ୍ୱେଚ୍ଛାସେବକମାନଙ୍କର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଅନୁସାରେ ବିହାରରେ ଲୋକକ୍ଷୟର ସଂଖ୍ୟା ଏହାଠାରୁ ଯଥେଷ୍ଟ ବେଶୀ । ମିଲିଟାରୀ ପୋଲିସ ଆଉ ସ୍ୱେଚ୍ଛାସେବକମାନେ ଭୂମିକମ୍ପର ସପ୍ତାହକ ପରେ ସୁଦ୍ଧା ସହରମାନଙ୍କରୁ ଭଙ୍ଗା ଘରର ଇଟା କୁଡ଼ ତଳୁ ମୃର୍ଦ୍ଦାମାନଙ୍କୁ କାଢି ବାହାର କରୁଛନ୍ତି । ଲକ୍ଷ ଲକ୍ଷ ଲୋକଙ୍କର ରହିବା ପାଇଁ ଆଶ୍ରୟ ନାହିଁ; ଖାଦ୍ୟ ନାହିଁ; ପ୍ରାଥମିକ ଚିକିତ୍ସା ପାଇଁ ହାସପାତାଲମାନଙ୍କରେ ସାଧାରଣ ଉପକରଣ ନାହିଁ; କୂଅ ସବୁ ବାଲିରେ ପୋତି ହୋଇ ପଡ଼ିଥିବାରୁ, ଏପରିକି ପିଇବା ପାଣି ସୁଦ୍ଧା ନାହିଁ । ପାଶିକଲ ସବୁ ଅଚଳ '....ପାଇଓନିଅରର ବିବରଣୀ ପଢ଼ିତ ଶୈଳବାଳା ନିଶାତିଥିଲେ ତାଙ୍କର ପ୍ରତ୍ୟକ୍ଷ ଅଭିଜ୍ଞତା !

Digitized by srujanika@gmail.com

ମଧୁସୂଦନ ହଠାତ୍ ଦୃଗଡୋକ୍ତ କରିବା ପଣ କଣ୍ଠରେ ବଳବଳେଇ ଉଠିଲେ···

"ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୂଜା
ସେହ୍ନ ତୋର ମାତା ସେହ୍ନ ତୋର ଭାତା
କର ସେହ୍ନ ପାଦ ପୂଜା !

ବହୁ ବର୍ଷ ପୂର୍ବେ ଉତ୍କଳ-ସମ୍ମିଳନୀ ମଣ୍ଡପରେ ଗୀତ ହେବା ପାଇଁ ମଧୁସୂଦନ ରଚନା କରିଥିଲେ, ଏଇ ଉଦ୍‌ବୋଧନ ସଙ୍ଗୀତ !

"କନ୍ତୁ ସେଇ ସହସ୍ରଭୁଜା କାହାନ୍ତି ?"—ଏଇ ଅଦ୍ଭୁତ ପ୍ରଶ୍ନର ଅର୍ଥ ବୁଝି ନପାରି; ଶୈଲବାଳା ଓ ସୁଧାଂଶୁ ପରସ୍ପର ଆଡ଼େ ଘୃହାଁଘୃହିଁ ହେଲେ, ଉଦ୍‌ବିଗ୍ନ ଆଖିରେ । ଅନେକ ସମୟରେ ମଧୁସୂଦନଙ୍କ କଥା ସବୁ ଶୁଭୁଛୁ ପ୍ରଲାପ ପରି···ଶୁଭ ଲକ୍ଷଣ ନୁହେଁ ନଈସ୍ମ !

ଏବେ ମଧୁସୂଦନଙ୍କ ସ୍ୱାସ୍ଥ୍ୟ, ଆଶା ଓ ଆଶଙ୍କା ମଧ୍ୟରେ ପୁଣି ଉଦ୍‌ବେଗଜନକ ହୋଇ ଉଠିବା ପରଠାରୁ, ପ୍ରତ୍ୟହ ତାଙ୍କୁ ଦେଖିବା ପାଇଁ ଆସୁଛନ୍ତି, ସହରର ବହୁ ବଶିଷ୍ଟ ବ୍ୟକ୍ତି ଓ ସହକର୍ମୀ । ସମ୍ବାଦପତ୍ରର ପ୍ରତିନଧି ମଧ୍ୟ ଆସୁଛନ୍ତି, ତାଙ୍କ ସ୍ୱାସ୍ଥ୍ୟର ଅବସ୍ଥା ସମ୍ପର୍କରେ ସମ୍ବାଦ ସଂଗ୍ରହ ଉଦ୍ଦେଶ୍ୟରେ । ସେଦିନ ସେଇ ବଷଣ୍ଡି ଅପରାହ୍ଣରେ ମଧୁସୂଦନଙ୍କୁ ଦେଖିବା ପାଇଁ ଆସିଥିଲେ, ବ୍ରଜବନ୍ଧୁ (ଦାସ), ବଚ୍ଚାନନ୍ଦ (ଦାସ), ଦେଓ୍ୱାନ୍ ବାହାଦୂର ଲକ୍ଷ୍ମୀଧର ମହାନ୍ତି ଓ ସାରକଣୋର ରାସ୍ମ ପ୍ରମୁଖ ମଧୁସୂଦନଙ୍କର କେତେକ ସହକର୍ମୀ !

ମଧୁସୂଦନଙ୍କ ଦୃଷ୍ଟିଶକ୍ତି ଛଥାପି ପ୍ରଖର—ମ୍ଳାନ ପଡ଼ିନାହିଁ । ବ୍ରଜବନ୍ଧୁ ପ୍ରମୁଖଙ୍କୁ ଦେଖିବା ମାତ୍ରେ ମଧୁସୂଦନ କ୍ଷୀଣ କଣ୍ଠରେ କହିଲେ...."କଏ ବ୍ରଜବନ୍ଧୁ ? ବଦାସ୍ମ ! ବଦାସ୍ମ ! ମୁଁ ଏଥର ଘୁଲିଲି !"

ବ୍ରଜବନ୍ଧୁ ପ୍ରମୁଖ ନୀରବ ରହିଲେ । ବଷଣ୍ଡି ଅହର୍ନ୍ତି ।

"ନୀଳକଣ୍ଠ କେଉଁଠି ? ସେ କଣ ମୋ ଅବସ୍ଥାର ସମ୍ବାଦ ପାଇ ନାହିଁ ?"....ଗତ କେତେ ଦିନ ହେବ (ପର୍ଣ୍ଣତି) ନୀଳକଣ୍ଠଙ୍କୁ ଦେଖିବା ପାଇଁ ମଧୁସୂଦନ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇ ଉଠିଥିଲେ । କନ୍ତୁ ନୀଳକଣ୍ଠ ସହରରେ ନ ଥିଲେ; କାମ୍ବା ତାଙ୍କ ଉପସ୍ଥିତି ସମ୍ବାଦ କାହାକୁ ଜଣା ନଥିଲ ।

ଅପରାହ୍ଣ ଉତ୍ତରେ ମଧୁସୂଦନଙ୍କ ଚେତନାରେ ପୁଣି ଭ୍ରମି ଉଠିଲ ବହାରର ପ୍ରଳୟଙ୍କାରୀ ଭୂମିକମ୍ପ ! ଏବେ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଏପରି ଶୋଚନୀୟ ନ ଥିଲେ, ବହାରର ଦୁର୍ଦ୍ଦଶାଗ୍ରସ୍ତ ନରନାରୀଙ୍କ ସାହାଯ୍ୟ ପାଇଁ, ସହରର ଘ୍ରାରେ ଘ୍ରାରେ ସେ

Digitized by srujanika@gmail.com

ବୁଲଥାନ୍ତେ ଗୁନ୍ଦା ସଉହ ପାଇଁ ! ମଧୁସୂଦନ କହିଲେ....“ଓଡିଶାରେ ବନ୍ୟା ବେଳେ ବହାଘରମାନେ ଆମକୁ କମ୍ ସାହାଯ୍ୟ କରି ନଥାନ୍ତି । ବହାରକୁ ସାହାଯ୍ୟ ପଠାଇବା ପାଇଁ ତୁମେମାନେ କିଛି ହେଲେ କର ବ୍ରଜବନ୍ଧୁ !”

ଦେଓ୍ୱାନ୍ ବାହାଦୂର କହିଲେ....“ସରକାରୀ ସ୍ତରରେ ଗୁନ୍ଦା ଉଠାଇବା ପାଇଁ କମିସନର୍ ସାହେବ ଗୋଟାଏ ସଭା ଡାକିଛନ୍ତି !”

ଜୀବନର ଅନ୍ତିମ ମୁହୂର୍ତ୍ତରେ ସୁଦ୍ଧା ମଧୁସୂଦନ ଓଡ଼ିଆ ଜାତିର ମସ୍ତିଷ୍କଦାତା । ସେ କହିଲେ...“ସରକାରୀ ସ୍ତରରେ ଯାହା ହେବାର ତ ହେବ । ଏତେବେଳେ କିନ୍ତୁ ସରକାରୀ ବେସରକାରୀ ସମସ୍ତ ଲୋକଙ୍କ ଭିତରେ କୌଣସି ପ୍ରଭେଦ ରହିବା ଉଚିତ ନୁହେଁ ! ବେସରକାରୀ ସ୍ତରରେ ଆମମାନଙ୍କର ମଧ୍ୟ କିଛି କରିବା ଆବଶ୍ୟକ ।”

ବହାର ବିପନ୍ନ ନରନାରୀଙ୍କ ସାହାଯ୍ୟ ପାଇଁ ଜାନୁୟାରୀ ୨୫ ତାରିଖ ସଂଧ୍ୟାରେ କଟକ ଟାଉନହଲରେ ଆହୂତ ହେଲା, ଏକ ସାଧାରଣ ସଭା । କଲେଜ ଛାତ୍ରମାନଙ୍କ ବ୍ୟତୀତ ବହୁ ସାଧାରଣ ବ୍ୟକ୍ତି ଯୋଗ ଦେଇଥିଲେ ସେଇ ସଭାରେ । ବ୍ରଜସୁନ୍ଦର ଦାସ ହୋଇଥିଲେ ସଭାର ସଭାପତି ! ବହାରର ଦୁର୍ଦ୍ଦଶାଗ୍ରସ୍ତ ନରନାରୀଙ୍କ ପରିତ୍ରାଣ ପାଇଁ ଗୁନ୍ଦା ଆଦାୟ କରି, ବହାର ଭୂମିକମ୍ପ କେନ୍ଦ୍ର ସାହାଯ୍ୟ କମିଟିର ସଭାପତି ରାଜେନ୍ଦ୍ରପ୍ରସାଦଙ୍କ ନିକଟକୁ ତାହା ପଠାଇବା ପାଇଁ ସ୍ୱରକଶୋର ରାୟ ଆଣିଥିଲେ ଏକ ପ୍ରସ୍ତାବ । ସରଳା ଦେବୀଙ୍କ ଦ୍ୱାରା ପ୍ରସ୍ତାବଟି ସମର୍ଥିତ ହେବା ପରେ, ସଂଖ୍ୟାଗରିଷ୍ଠତାରେ ତାହା ସଭାରେ ଅନୁମୋଦିତ ହୋଇଗଲା । ସଭାସ୍ଥଳରେ ସଙ୍ଗେ ସଙ୍ଗେ ଆଦାୟ ହୋଇଗଲା, ପ୍ରାୟ ୯୨୦ ଟଙ୍କା ।

ସଭାକାର୍ଯ୍ୟ ଶେଷ ହେବା ପରେ, କୂଳବୃଦ ମଧୁସୂଦନଙ୍କ ଆରୋଗ୍ୟଲାଭ ଉଦ୍ଦେଶ୍ୟରେ ସମବେତ ପ୍ରାର୍ଥନା ପାଇଁ ବ୍ରଜସୁନ୍ଦର ସଭାପତି ଆସନରୁ ଆଣିଲେ ଏକ ପ୍ରସ୍ତାବ···

“ଆମ୍ଭମାନଙ୍କର କୂଳବୃଦ ମଧୁସୂଦନ ବର୍ତ୍ତମାନ ଭୟଙ୍କର ବେମାର ହୋଇ ପଡ଼ିଛନ୍ତି । ଏପର ହେଲଣି ଯେ ପ୍ରତି ମୁହୂର୍ତ୍ତରେ ତାଙ୍କର ଜୀବନ ସଂଶୟାପନ୍ନ ବୋଲି ଫଗପ୍ତ ହେଉଛୁ । ଏତେବେଳେ ଭଗବତ୍ ପ୍ରାର୍ଥନା କର ତାଙ୍କର ସ୍ୱାସ୍ଥ୍ୟଲାଭ ବା ଶାନ୍ତି ପାଇଁ କାମନା କରିବା ଏବଂ ତାଙ୍କର ସେବା ଶୁଶ୍ରୂଷା ପାଇଁ ବାହାର ପଡିବା ଉଚିତ । ଏଣୁ ମୁଁ ଏ ସଭାରେ ଆପଣମାନଙ୍କୁ ଅନୁରୋଧ କରୁଛି—ସମସ୍ତେ ଠିଆ ହୋଇ ମୁହୂର୍ତ୍ତେ କାଳ ଯେଉଁ ମନରେ ତାଙ୍କର ସ୍ୱାସ୍ଥ୍ୟଲାଭ ପାଇଁ ପ୍ରାର୍ଥନା କରନ୍ତୁ ।”

ତାଙ୍କଠାରୁ ଏ ଦାରୁଣ ବାର୍ତ୍ତା ପାଇ ସଭାରେ ସମସ୍ତେ ବିଚଳିତ ହୋଇ ଉଠିଲେ ଏବଂ ଠିଆ ହୋଇ ମିନିଟେ କାଳ ନୀରବରେ ଭଗବତ୍ ପ୍ରାର୍ଥନା କଲେ । ଏହାପରେ ସ୍ଥିର ହେଲା ଯେ ସାଧାରଣରେ ଏ ବାର୍ତ୍ତା ପ୍ରଚାର କରି ଗୃହଆଡ଼େ ସମସ୍ତଙ୍କୁ କୂଳବୃଦ ମଧୁବାବୁଙ୍କ

Digitized by srujanika@gmail.com

ଶାନ୍ତିଲାଭ ବା ସ୍ୱାସ୍ଥ୍ୟଲାଭ ପାଇଁ ଭଗବତ୍ ପ୍ରାର୍ଥନା କରିବାକୁ ଅନୁରୋଧ କରିଯାଇ ଏକ ନିବେଦନ ପତ୍ର ଛପାଇ ବଣ୍ଟାଯାଇଛି ।"*

ଭାଷା, ଜାତି ଓ ବର୍ଣ୍ଣ ନିର୍ବିଶେଷରେ ଓଡ଼ିଆ ଜାତିର ଜୀବନ ପ୍ରାନ୍ତରକୁ ମଧୁସୂଦନ ଏକ ପୁରାତୀନ ବଟବୃକ୍ଷ ପରି ଭଥାପି ଜପର ଗ୍ରସ୍ତାଚ୍ଛନ୍ନ କରି ରଖିଥିଲେ—ଏଥିରୁ ତାହା ବେଶ୍ ସ୍ପଷ୍ଟ ହେବ । ମଧୁସୂଦନଙ୍କ ସହିତ ଅନେକଙ୍କର ଥିଲା ଗାଢ଼ ମତାନ୍ତର, ମନାନ୍ତର, ତଥାପି ସେ ଯେ ଥିଲେ ଓଡ଼ିଆ ଜାତିର ପରମ ସମ୍ମାନିତ କୁଳବୃଦ୍ଧ, ସେଥିରେ କାହାର ପ୍ରତିବାଦ ନଥିଲା । କଲ୍ପନା ବାଙ୍ମୟାଗାରରେ ସେଇ ବଟବୃକ୍ଷ ଯେଉଁ ଦିନ ଉଠୁଥିବା ବେଳେ, ଓଡ଼ିଆ ଜାତିର ହୃଦସ୍ଥ ମଧ୍ୟ କର୍ମି ଉଠୁଥିଲା ।

ପରଦିନ ବ୍ରଜସୁନ୍ଦର ପ୍ରମୁଖ ଆସିଥିଲେ, ମଧୁସୂଦନଙ୍କୁ ସତ୍ତ୍ୱର ବିବରଣୀ ଜଣାଇବା ପାଇଁ । ମଧୁସୂଦନ ଗୋଟାଏ ଡ଼ିଭାନ୍ ଉପରେ ଦେହ ଢାଳ ପଡ଼ିଥିଲେ ଅର୍ଦ୍ଧଶାୟିତ ଅବସ୍ଥାରେ । ଡ଼ିଭାନ୍ ପାଖରେ ଦୁଇଜଣ ପାଦ୍ରୀ ବସି ରହିଥିଲେ, ଦୁଇଖଣ୍ଡ ଚଉକି ଉପରେ, ମଧୁସୂଦନଙ୍କ ଶେଷଶଯ୍ୟାର ପ୍ରହରୀ ରୂପେ । ବ୍ରଜସୁନ୍ଦର ପ୍ରମୁଖଙ୍କୁ ଦେଖିବା ମାତ୍ରେ ମଧୁସୂଦନ ପଚାରିଲେ...."ସତ୍ତ୍ୱରେ କେତେ ଗୁନ୍ଦା ଆଦାୟ ହେଲା ବ୍ରଜସୁନ୍ଦର ?"

ବ୍ରଜସୁନ୍ଦର ଉତ୍ତର ଦେଲେ..."ନଗଦ ଆଉ ପ୍ରତିଶ୍ରୁତିର ପରମାଣ ମିଶି ମୋଟ ଶହେ ତେଇଶ ଟଙ୍କା ।"

"ଏତେ ବଡ଼ ସତ୍ତ୍ୱ କରି ଗୁନ୍ଦା ମାତ୍ର ଶହେ ତେଇଶ ଟଙ୍କା"...ମଧୁସୂଦନଙ୍କ କଣ୍ଠରେ ନୈରାଶ୍ୟର ସ୍ୱର !

ଆଃ ! ଆଜ ଯଦି ତାଙ୍କର ଟଙ୍କା ଥାନ୍ତା ! ମଧୁସୂଦନ କ୍ଷୀଣ କଣ୍ଠରେ ହାଡ଼ିଆକୁ ଡାକିଲେ । ହାଡ଼ିଆ ଆସିବା ମାତ୍ରେ ମଧୁସୂଦନ କହିଲେ..."ମୋର ଉକିଆ ତଳ ଖୋଜ ଦେଖ ତ ହାଡ଼ିଆ; ଯଦି କିଛି ଥାଏ !"

ଉକିଆ ତଳେ କନ୍ଥା କପର୍ଦ୍ଦକିଏ ପୁଞ୍ଜା ନଥିଲା । ମଧୁସୂଦନ ଆଜି ସଂଗୋତ୍ତ୍ୱରେ ନିଃସ୍ୱ ! ଯେଉଁ ବହାର ସହିତ ତାଙ୍କର ଥିଲା ଏତେ ନବଡ଼ ସମ୍ପର୍କ, ସେଇ ବହାରର ଏଇ ଚରମ ଦୁର୍ଦ୍ଦିନରେ ପୁଞ୍ଜା, ସେ କପର୍ଦ୍ଦକିଏ ସାହାଯ୍ୟ ଦେଇ ପାରିଲେ ନାହିଁ । ତାଙ୍କର ପଞ୍ଚତ୍ୱ ଅଗ୍ରରେ ବାହାର ଆସିଲା ଗୋଟାଏ ଦୀର୍ଘଶ୍ୱାସ !

---

* "ସମାଜ"—ଭା ୬୭ । ୧ । ୧୯୩୪ ଖ୍ରୀ, ପୃ· ୪ ।

Digitized by srujanika@gmail.com

(ଦୁଇ)

ବାହାରେ ସକାଳ ବଡ଼ ବିପର୍ଣ୍ଣ ! କୁହୁଡ଼ିବୋଳା ଦେବଦାରୁମାନଙ୍କର ଶାଖାରେ ଶାଖାରେ ବିଷାଦର ଗ୍ଲାସ୍ନା ।

ମଧୁସୂଦନଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଦୃଢ଼ ଅବନତ ଘଟୁଥିଲା । ତାଙ୍କ ସ୍ୱାସ୍ଥ୍ୟର ଅବସ୍ଥା ପ୍ରତି ଦିନ, ପ୍ରତି ମୁହୂର୍ତ୍ତରେ ଜାଣିବା ପାଇଁ ଦେଶବାସୀ ଉଦ୍‌ବିଗ୍ନ । ୩୦ ତାରିଖ ଜାନୁୟାରୀ ଦିନ ସକାଳେ "ସମାଜ"ର ପ୍ରତିନଧି ଆସିଥିଲେ, ମଧୁସୂଦନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସମ୍ବାଦ ସଂଗ୍ରହ ପାଇଁ !

ବ୍ରଜସୁନ୍ଦର ବିପର୍ଣ୍ଣ ଶଯ୍ୟାପୁର୍ଷ୍ଠ ଘରେ ଶିଡ଼ୀରେ ଚଳକୁ ଓହ୍ଲାଇ ଆସୁଥିଲେ । "ସମାଜ"ର ପ୍ରତିନଧି ପଚାରିଲେ...."ଆଜି ସ୍ୱାସ୍ଥ୍ୟର ଅବସ୍ଥା କିପରି ?"

"ଆପଣ ଉପରକୁ ଯାନ୍ତୁ"....ସଂକ୍ଷେପରେ ଉତ୍ତର ଦେଇ ବ୍ରଜସୁନ୍ଦର ଚଳକୁ ଓହ୍ଲାଇ ଆସିଲେ । ଏକ ଆଶ୍ଚର୍ଯ୍ୟ ପ୍ରାଣଶକ୍ତି ବଳରେ ମଧୁସୂଦନ ଏପର୍ଯ୍ୟନ୍ତ ବନ୍ଧୁ ସଙ୍କଟ ଅତିକ୍ରମ କରି, ସମସ୍ତଙ୍କୁ ବିସ୍ମିତ କରି ଦେଇଛନ୍ତି ! ମାତ୍ର ଏଥିର ସେ ଏ ସଙ୍କଟରୁ ପରିତାଣ ପାଇବେ ବୋଲି ବ୍ରଜସୁନ୍ଦରଙ୍କ ଆଉ ପ୍ରତ୍ୟୟ ନଥିଲା ! ଆଶଙ୍କା ଓ ଉଦ୍‌ବେଗରେ ସେ ମୁହ୍ୟମାନ ହୋଇ ପଡ଼ିଥିଲେ ।

ଘର ଭିତରେ ଅସ୍ୱାସ୍ଥ୍ୟକର ସ୍ତବ୍ଧତା କାନ୍ଥ ଘଣ୍ଟାରେ ପେଣ୍ଡୁଲମ୍ ଶବ୍ଦ, ବେଳେ ବେଳେ ମଧୁସୂଦନଙ୍କ କଫମିଶା ନିଃଶ୍ୱାସ ପ୍ରଶ୍ୱାସର ଘଡ଼୍ ଘଡ଼୍ ଶବ୍ଦ ସହିତ ମିଶି, ସେହି ସ୍ତବ୍ଧତାକୁ ଅଧିକ ଦେଉଥିଲା । ଘର ଭିତରେ କାହାର ଶୁଇ ପଡ଼ିବା ଲକ୍ଷ୍ୟ କରି ମଧୁସୂଦନ ଅର୍ଦ୍ଧନମୀଳିତ ଆଖି ମେଲି ପଚାରିଲେ...."କଏ" ?

ଶୁଶ୍ରୂଷାକାରିଣୀ ଜଣେ ନର୍ସ ଉତ୍ତର ଦେଲା...."ସମାଜର ପ୍ରତିନଧି ଆସିଛନ୍ତି, ଆପଣଙ୍କ ଖବର ନେବା ପାଇଁ !

"ସମାଜ ! ସମାଜ ଖବରକାରଜ ?"···ସ୍ୱଗତୋକ୍ତ କରିବା ପରି ମଧୁସୂଦନ ଏତକ ମାତ୍ର କହି ପୁଣି ଆଖି ବୁଜି ନେଲେ ।

କିଛିକ୍ଷଣ ପରେ କମ୍ପିତ ଦକ୍ଷିଣ ହାତ ପାପୁଲି ଉଠାଇ, ଆଙ୍ଗୁଳିମାନଙ୍କର ରେଖା ଗଣି ମଧୁସୂଦନ କଣ ଯେପରି ଗମ୍ଭୀର ସ୍ୱରରେ ଚିନ୍ତା କଲେ । ସେ ଯେପରି ଗଣନା କରୁଥିଲେ, ଜୀବନର ଅବଶିଷ୍ଟ ମୁହୂର୍ତ୍ତି !

Digitized by srujanika@gmail.com

"ସମାଜ"ର ପ୍ରତନଧି କପର କଥା ଆରମ୍ଭ କରବେ ସ୍ଥିର କର ପାରୁ ନଥିଲେ । ମଧୁସୂଦନ ହଠାତ୍ ଅତ ଃଷ୍ଟ କଣ୍ଠରେ ପଗ୍ଧରଲେ···"ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉଛି; ସେ ବଷପ୍ଧରେ ତମ କାଗଜର ମତ କଣ ?"

"ସମାଜ"ର ପ୍ରତନଧି ଏ ପ୍ରଶ୍ନର କଣ ଉତ୍ତର ଦେବେ ସ୍ଥିର ପାରିଲେ ନାହିଁ । ଏଇ ଅନ୍ତମ ଅବସ୍ଥାରେ ସୁଦ୍ଧା, ସେ ଯେ ଓଡ଼ିଶା କଥା ସ୍ମରୁଛନ୍ତି, ସେ ସମ୍ପର୍କରେ ମତାମତ ପଗ୍ଧରୁଛନ୍ତି, ଏହା ତାଙ୍କୁ ବପ୍ୁତ କରିଦେଲ । ସଙ୍କୁଚତ କଣ୍ଠରେ ସେ ଉତ୍ତର ଦେଲେ··· "ସମାଜ ସ୍ୱତନ୍ତ୍ର ପ୍ରଦେଶ ସପକ୍ଷରେ । କନ୍ତୁ ସବୁ ଓଡ଼ଆଭାଷୀ ଅଞ୍ଚଳ ମିଶି ପ୍ରଦେଶ ନହେଲେ ସେ ପ୍ରଦେଶ ଭଲ ହେବ ନାହିଁ । କମିଟି ଶପୋର୍ଟ ପ୍ରତ୍ୟୁତରୁ ଯାହା ଜଣାଯାଉଛି, ନୂଆ ପ୍ରଦେଶରେ ଗୁଡ଼ାଏ ବଡ଼ଡ ଖର୍ଚ୍ଚ ହେବ । ସେଥିରେ ଟଙ୍କବ ଓଡ଼ଆଙ୍କ ଉପରେ ବୋଝ ବଢ଼ିଯିବ ।"

ମଧୁସୂଦନ ଗୋଟାଏ ଦୀର୍ଘଶ୍ୱାସ ପକାଇ କହିଲେ...."ହଁ, ଲୋକେ ଯାହା କରବେ ତାହା ହେବ । କନ୍ତୁ ଖର୍ଚ୍ଚ ବେଶୀ ହେବ, ଜାଣିଲ କପର ?"

ପ୍ରତନଧି ଉତ୍ତର ଦେଲେ···"ଶାସନ-କମିଟି ଶପୋର୍ଟ ପ୍ରତ୍ୟୁତ ଶପୋର୍ଟମାନଙ୍କରେ ଯାହା ପ୍ରକାଶ ପାଉଛୁ ସେଥିରୁ ଏହା ଜଣାପଡୁଛୁ ।"

ମଧୁସୂଦନ ଏହାପରେ ମାରବରେ ଆଖି ବୁଜ ନେଲେ । ସେ ଯେପର ସେଠାରେ ସେ ସାମ୍ବାଦକଙ୍କ ଉପସ୍ଥିତି ପୁଣିପୁର ଭୁଲ ଯାଇଥିଲେ ।

"ସମାଜ"ର ପ୍ରତନଧି ଅଗତ୍ୟା ପଗ୍ଧରଲେ···"ଆପଣଙ୍କ ଅନୁରୋଧ ବଷପ୍ଧରେ ଓଡ଼ିଆ ସ୍ୱଜନମାନେ ବଡ଼ ବ୍ୟାକୁଳ ହୋଇ ପଗ୍ଧର ପଠାଉଛନ୍ତି । ଆପଣ କଛୁ କହନ୍ତୁ ।"

ମଧୁସୂଦନଙ୍କ ଆଖିର ଶାଣିତ ଦୃଷ୍ଟି ତଥାପି ନମ୍ର ହୋଇ ନଥିଲା । ମଧୁସୂଦନ ଆଖି ମେଲି, ଜବାବପର୍ଓ୍ୱାଲ କରବା ପର କଣ୍ଠରେ ପଗ୍ଧରଲେ···"ତମେ ଖବର ପାଉଛ ସମସ୍ତେ ପଗ୍ଧରୁଛନ୍ତି ? ତମେ ସେମାନଙ୍କୁ କଣ କହୁଛ ?"

ସାମ୍ବାଦକ ଉତ୍ତର ଦେଲେ...."ଆମର ଲୋକ ପ୍ରତଦନ ଆସି ଆପଣଙ୍କର ଖବର ନେଇ ଯାହା କହୁଛୁ ତାହା ପ୍ରକାଶ କରି ଯାଉଛୁ । ଆପଣ ଆତ୍ମ ହୋଇ ଯାଆନ୍ତୁ, ସମସ୍ତେ ଏଥିପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରୁଅଛନ୍ତି ।"

ମଧୁସୂଦନ କ୍ଷୀଣ କଣ୍ଠରେ ପଗ୍ଧରଲେ···"ପ୍ରତଦନ ଆସୁଛ ? ତାହେଲେ ଆଜି ଯାଇଁ କହିବ, ମୋର ଜାତ କହିବାର ନାହିଁ ! ଲୋକେ ଯାହା କରବାର କରବେ ! ମୋତେ ଯେପର ଦେଖି ଯାଉଛ, ଠିକ ସେହିପର ଜଣାଇଦେବ । ମୁଁ ଆଉ କଣ କହିବ ?"

Digitized by srujanika@gmail.com

ସାମ୍ବାଦିକ ବିଦାୟ ନେଇ ଫେରି ଆସୁଥିଲେ; ମଧୁସୂଦନ ହଠାତ୍ ପଚାରିଲେ··· "ଆଜି ଚନ୍ଦ୍ରଗ୍ରହଣ ହେଉଛି । ଏହା ସହିତ ଭୂମିକମ୍ପର କିଛି ସମ୍ପର୍କ ଅଛି କି ?"

ସାମ୍ବାଦିକ ବା କଣ ଦେବେ ଏଇ ଅଦ୍ଭୁତ ପ୍ରଶ୍ନର ଉତ୍ତର ? କିଂକର୍ତ୍ତବ୍ୟବିମୂଢ଼ ପରି ସେ ନୀରବରେ କେବଳ ଠିଆ ହୋଇ ରହିଲେ । ମଧୁସୂଦନ ଯେପରି ନିଜକୁ ନିଜେ ଉତ୍ତର ଦେଉଥିଲେ...."ଆଜି ଭୂମିକମ୍ପ ହେବ କି ନ ହେବ, କଣ କହିବ ? (ଉପରକୁ ଆଙ୍ଗୁଳି ଟେକି) କହିଲିବାକୁ ଏକା କହିବ ।...ଭୂମିକମ୍ପ ! ଭୂମିକମ୍ପ ! କିନ୍ତୁ କାହାନ୍ତି ସହସ୍ରଭୁଜା ?"

ମଧୁସୂଦନ ପୁଣି ନୀରବ ହୋଇଗଲେ । ଏତେ ସମସ୍ତ କଥାବାର୍ତ୍ତା କଣ ସେ ଯେପରି କ୍ଲାନ୍ତ ହୋଇ ପଡ଼ିଥିଲେ । ତାଙ୍କ ପାଦ ଆଜି ହଠାତ୍ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଗୋଡ଼ରେ ହାତ ବୁଲାଇ ଦେବା ପାଇଁ ସେ ହାଡ଼ିଆକୁ ଡାକିଲେ ।

ହାଡ଼ିଆ ହାତ ବୁଲାଇ ଦେଉଥାଏ । କିନ୍ତୁ ସେଥିରେ ଯନ୍ତ୍ରଣାର ଉପଶମ ହେଉ ନଥିଲା । ମଧୁସୂଦନ କହିଲେ..."କଣ ହେଲା ? ବସାଇ ଦେଲେ ବସିଲି, ଶୁଆଇ ଦେଲେ ଶୋଇଲି । କାହିଁ ଯନ୍ତ୍ରଣା ତ କିଛି କମିଲା ନାହିଁ ।"

ହାଡ଼ିଆ ଉତ୍ତର ଦେଲା..."ହଉ" !

ମଧୁସୂଦନ ଚଗ ମେଲ ଦେଲେ..."ହଉ, ହଉ, ହଉ, ଆରେ କାଉ ମଲା ଉପରେ ଶଗଡ଼ ଯାଉ ।"

ମଧୁସୂଦନଙ୍କ ଯନ୍ତ୍ରଣା ବୃଦ୍ଧି ପାଇଥିଲା ।

ହାଡ଼ିଆ ବ୍ୟସ୍ତ ଭାବରେ ବାରଣ୍ଡାକୁ ଧାଇଁ ଆସିଲା ନର୍ସକୁ ଡାକ ଆଣିବା ପାଇଁ !

(୭୫)

୩୧ ତାରିଖ ଜାନୁୟାରୀ ସନ୍ଧ୍ୟା....

ସନ୍ଧ୍ୟା ପର ଠାରୁ ମଧୁସୂଦନଙ୍କ ସ୍ୱାସ୍ଥ୍ୟର ଅବସ୍ଥା ଉଦ୍‌ବେଗଜନକ ହେବା ପାଇଁ ଆରମ୍ଭ କରିଥିଲା । ଶ୍ୱାସନଳୀରେ କଫ ରୁଦ୍ଧ ହେବା ଫଳରେ ମଧୁସୂଦନ ବାରମ୍ବାର ରୁଦ୍ଧଶ୍ୱାସ ହୋଇ ଉଠୁଥିଲେ । ଏପରିକ ହରଲିକ୍ସ ଗ୍ଲାସରେ ପିଇବା ସୁଦ୍ଧା କଷ୍ଟସାଧ୍ୟ ହେଉଥିଲା । ଡାକ୍ତରମାନେ ଆସି ପରୀକ୍ଷା କରି ଦେଖିଲେ ନାଡ଼ୀର ବେଗ ୫୦ରୁ ୬୦ ମଧ୍ୟରେ ! ଅବସ୍ଥା ଯେ ଜମେ ଫକ୍‌ଟାପନ୍ନ ହେଉଥିଲା, ସେଥିରେ ସେମାନଙ୍କର ସନ୍ଦେହ ନଥିଲା ।

Digitized by srujanika@gmail.com

ଆସନ୍ନ ମୃତ୍ୟୁକୁ ସଚେତନ ସ୍ତରରେ ସେ ଯେପରି ତଳେ ଉପଲବ୍ଧି କରୁଥିଲେ । ତଥାପି ମଧୁସୂଦନର ମନର ଶକ୍ତ ଅରୁଝ ରହିଥିଲା ।

ଅପରାହ୍ନରେ ଆସିଥିଲେ ବ୍ରଜସୁନ୍ଦର—ଶାଳକଣ୍ଠ କଙ୍କଳ ଆସୁଥିବାର ସମ୍ବାଦ ଘେନି । ସେତେବେଳେ ମଧୁସୂଦନଙ୍କ ଅବସ୍ଥା ଉଦ୍‌ବେଗମୁକ୍ତ ନଥିଲା । ବ୍ରଜସୁନ୍ଦର ପଚାରିଲେ.... "କେମିତି ଲାଗୁଛି ?"

ମଧୁସୂଦନଙ୍କ ପାଂଶୁଳ ମୁହଁରେ ସ୍ମିତ ହସର ଗୋଟିଏ ରେଖା ଯେପରି ଉକୁଟି ଉଠିଲା । ସେ ଗୋଟାଏ ଉଗ ମେଲ ଦେଲେ....

"ଆଜି ହନ କାଲି ଆସିବ
ମଲସ୍ନ ବହିଲେ
ବାଉଁଶ ଗଛ କି ଚନ୍ଦନ କାଠ ହୋଇବ ?"

ମଧୁସୂଦନ କଣ ଯେପରି ଡ଼ିକ୍ଟେସନ୍ ଦେବାକୁ ଗୁହୁଁଥିଲେ । କମ୍ପିତ ଆଙ୍ଗୁଠିରେ ସେ ବ୍ରଜସୁନ୍ଦରଙ୍କୁ ସଙ୍କେତ ଦେଲେ କିଛି ଲେଖିବା ପାଇଁ । ବ୍ରଜସୁନ୍ଦର କାଗଜ କଲମ ଧରି ବସିଲେ । ମରଣଯାତ୍ରୀ କୁଳବୃଦ୍ଧ ଲିପିବଦ୍ଧ କରିଯିବେ; ଡାକ୍ତର ଶେଷବାଣୀ ! ବ୍ରଜସୁନ୍ଦର ଉତ୍‌କଣ୍ଠିତ ହୋଇ ଉଠୁଥିଲେ । ଘର ଭିତରର ମୃଦୁଶୀତଳ ସ୍ତବ୍ଧତା ଭଙ୍ଗ କରି କୁଳବୃଦ୍ଧ ରହି ରହି, ଧୀରେ ଧୀରେ ଉଚ୍ଚାରଣ କରୁଥିଲେ :

"Two drams of fruit salt
Dont mix animia with healthy animia."

ବ୍ରଜସୁନ୍ଦର ବିଭ୍ରାନ୍ତ ଦୃଷ୍ଟିରେ ଅନ୍ୟମାନଙ୍କ ଆଡ଼େ ଘୁନ୍ଦିଲେ । ପ୍ରଳାପ ଆରମ୍ଭ ହୋଇଛି । ବୋଧହୁଏ ଦାପ ଜ୍ୱରବାର ବେଳ ହୋଇ ଆସିଲା । ଇଏ କି ଡ଼ିକ୍ଟେସନ୍ ?

କିଛିକ୍ଷଣ ଆଖି ବୁଜି ନସ୍ତେଜ ସ୍ତବ୍ଧରେ ପଡ଼ିବା ପରେ, ସୁଧାଂଶୁକୁ ସେ କ୍ଷୀଣ କଣ୍ଠରେ ଡାକ କହିଲେ ଗୋଟାଏ 'ସାମ୍' (psalms) ଗାନ କରିବା ପାଇଁ ! ସୁଧାଂଶୁବାଳା ଡେଭିଡ୍‌ସ୍-ସାମ୍‌ର ନମ୍ବୋବଂଶ ଗୀତିକା ଗାନ କରିବା ପାଇଁ ଆରମ୍ଭ କଲେ...

"Jehovah is my shepherd;
I shall not want,
He maketh me to lie down in green pastures,
He leadeth me beside still waters."

ଅବୋଧ ଶିଶୁ ପରି ମଧୁସୂଦନ ମୁଣ୍ଡ ହଲାଇ କହିଲେ "ନାଁ ! ନାଁ !"

ଶୈଳବାଳା ଉଦ୍‌ବିଗ୍ନ କଣ୍ଠରେ ପଚାରିଲେ···"କଣ ହେଲା ବାବା ?"

Digitized by srujanika@gmail.com

ମଧୁସୂଦନଙ୍କ ମୁଖମଣ୍ଡଳରେ ଅବର୍ଣ୍ଣନୀୟ ଅଦ୍‌ଭୁତ ପ୍ରଶାନ୍ତ । ସେ କ୍ଷୀଣ କଣ୍ଠରେ କହିଲେ..."ଡେଭିଡ୍‌ଙ୍କର ଏ ଦୁଃଖପୂର୍ଣ୍ଣ ଗୀତକା କାହିଁକି ? ତାଙ୍କର ଦୁଃଖ ମୋର ନଥିଲା କମ୍ବା ନାହିଁ । ପରମପିତା ଈଶ୍ୱରଙ୍କ ଦୟା ମୋ ପ୍ରତି ଅସୀମ !"

ମଧୁସୂଦନ ଆଙ୍ଗୁଠିରେ ଠାଣ ଦେଖାଇଦେଲେ ତାଙ୍କ ମୁଣ୍ଡ ଉପରେ ରହିଥିବା ଖଣ୍ଡେ ବାଇବଲ ଆଡ଼େ । ଏହି ବାଇବଲ ପୁସ୍ତକର କେତେକ ପୃଷ୍ଠା ଚର୍ବ୍ବିତ ହୋଇ ରହିଥିଲା । ସେସବୁ ମଧୁସୂଦନଙ୍କ ପ୍ରିୟ ଭଜନ । ମଧୁସୂଦନଙ୍କଠାରେ କେଉଁଠି ପ୍ରଚ୍ଛନ୍ନ ଥିଲା ଏତେ ଅଫୁରନ୍ତ ପ୍ରାଣଶକ୍ତି ? ବାଇବଲ୍‌ର ଗୋଟାଏ ଚର୍ବ୍ବିତ ଅଂଶ ସୁଧାଂଶୁବାଳା ଖୋଲି ଧରିବା ମାତ୍ରେ, ମଧୁସୂଦନ ଅକମ୍ପିତ କଣ୍ଠରେ ଗାଇ ଉଠିଲେ.....

"Abide with me, fast falls the even tide,
The darkness deepens
Lord with me abide,
When other helpers fail and comforts flee
Help with the helpless abide with me."

ଏଇଟା ଥିଲା ତାଙ୍କର ପ୍ରିୟ ଭଜନ-ସଙ୍ଗୀତ ।

ଏହା ପରେ ମଧୁସୂଦନ ପୁଣି ମୂର୍ଚ୍ଛିତ ହୋଇ ପଡ଼ିଲେ । ପାଖ କୋଠରୀରେ ଅପେକ୍ଷା କରି ରହିଥିଲେ ଡକ୍ଟର ଜସ୍ଟିନ୍ ଗ୍ରଓ ଓ ତାଙ୍କର ଅନ୍ୟ କେତେଜଣ ସହକର୍ମୀ । ମଧୁସୂଦନ ମୂର୍ଚ୍ଛା ଯାଇଥିବାର ସମ୍ବାଦ ପାଇବା ମାତ୍ରେ ସେମାନେ ଧାଇଁ ଆସିଲେ ମଧୁସୂଦନଙ୍କ ରୋଗଶଯ୍ୟା ପାଖକୁ । ନାଡ଼ୀର ଗତି କ୍ରମେ କ୍ଷୀଣତର ହୋଇଥିଲା । ଶେଷ ମୁହୂର୍ତ୍ତି ପାଇଁ ଅପେକ୍ଷା କରିବା ବ୍ୟତୀତ ଆଉ କରୁ କରିବାର ନଥିଲା । ଡକ୍ଟର ଗ୍ରଓ ମାରବରେ ବାହାରକୁ ଗୁଲି ଆସିଲେ । ଏ କାଳଗ୍ରତ ବୋଧହୁଏ ପାରିବ ନାହିଁ !

ବାରଣ୍ଡାରେ ବ୍ରଜସୁନ୍ଦର, ବ୍ରଜବନ୍ଧୁ, ଲକ୍ଷ୍ମୀଧର ଓ କେତେକ ଉଲେଣ୍ଟିଅର୍ ଉତ୍କଣ୍ଠିତ ହୃଦୟରେ ଅପେକ୍ଷା କରି ବସିଥିଲେ । ଡକ୍ଟର ଗ୍ରଓଙ୍କୁ ଦେଖିବା ମାତ୍ରେ, ବ୍ରଜସୁନ୍ଦର ଉଦ୍‌ବିଘ୍ନ କଣ୍ଠରେ ପଚାରିଲେ..."ଅବସ୍ଥା କିପରି ଦେଖୁଛନ୍ତି ?"

ଡକ୍ଟର ଗ୍ରଓ ଉତ୍ତର ଦେଲେ..."ଏ କାଳଗ୍ରନ୍ଥି ଯଦି ପାରିଯାଏ; ତାହେଲେ ମିଷ୍ଟର ଦାସ ଏ ଯାତ୍ରା ସମ୍ଭାଳି ଯିବେ । ସାରୁ ଗ୍ରତ ଆପଣମାନେ ଜଗି ରହିବା ଆବଶ୍ୟକ ।"

ଡକ୍ଟର ଗ୍ରଓ ଶିଡ଼ୀରେ ଚଲକୁ ଓହ୍ଲାଇ ଗୁଲିଗଲେ ।

ଗତ ରେର ବେଳକୁ, ମଧୁସୂଦନଙ୍କ ଅବସ୍ଥାରେ ହଠାତ୍ ଉନ୍ନତ ପରିଲକ୍ଷିତ ହେଲା । ତାଙ୍କ ନିଶ୍ୱାସ ପ୍ରଶ୍ୱାସର ଗତି ସ୍ପଷ୍ଟତର ହୋଇ ଆସିଲା । ମଧୁସୂଦନ ଆଖି ମେଲି ଗୃହଆଡ଼କୁ

Digitized by srujanika@gmail.com

ଘୃଣି କାହାକୁ ଯେପର ଖୋଜଲେ । ମଧୁସୂଦନଙ୍କ ଶଯ୍ୟା ପାଖରେ ଜଗି ବସିଥିବା ଜଣେ ଇଲେଣ୍ଡିଅର ବ୍ରଜସୁନ୍ଦରଙ୍କୁ ପାଖ କୋଠରୁ ଡାକ ନେଇ ଆଣିଲ । ଖେର ବେଲର ପାଉଁଶିଆ ଆଲୋକ ନବଜୀବନର ବାର୍ତ୍ତା ବହନ କର ଘରଆଡ଼େ ଫୁଲ ପାଖୁଡ଼ା ପର ବନ୍ଦ ହୋଇ ପଡୁଥିଲ । ବାହାରେ ନମେ ଫୁଟି ଉଠୁଥିଲ ସୂର୍ଯ୍ୟସ୍ନାତ, ଜୀବନଦାପ୍ତ ସକାଳ !

ବ୍ରଜସୁନ୍ଦର ମାରବରେ ଠିଆ ହୋଇ ମଧୁସୂଦନଙ୍କୁ ଘୃଣି ଦେଖିଥିଲେ । ଜୀବନରେ ବହୁ ପ୍ରତିପତ୍ତିଶାଳୀ ବ୍ୟକ୍ତି, ବହୁ ପ୍ରତିକୂଳ ପରସ୍ଥିତି, ବହୁ ଦୁର୍ଯୋଗ ଓ ଦୁର୍ଭାଗ୍ୟ ବରୁଛରେ— ମଧୁସୂଦନ ମନୋବଳରେ କେବଳ ଏକା ଏକା ସଗ୍ରାମ କର ଆସିଥିଲେ । ଏବେ ମୃତ୍ୟୁ ବରୁଛରେ ମଧ ଘୁଲିଥିଲ ସେଇ ଅବାଣ୍ତ ସଗ୍ରାମ ।

ବ୍ରଜସୁନ୍ଦରଙ୍କୁ ଚହିଁ ନ ପାର ମଧୁସୂଦନ କ୍ଷୀଣ କଣ୍ଠରେ ପଚାରିଲେ...''କଏ ? ହାଡ଼ିଆ ?''

ବ୍ରଜସୁନ୍ଦର ବଡ଼ ପାଟିରେ ଉତ୍ତର ଦେଲେ···''ମୁଁ ! ବ୍ରଜସୁନ୍ଦର !''

ମଧୁସୂଦନ କହିଲେ...''ହୁକା ! ହୁକା !''

ହାଡ଼ିଆ ହୁକାନଳୀ ସଜାଇ ଆଣି ଦେଇଗଲ । ମଧୁସୂଦନ ହୁକାନଳୀରୁ କଲେ ଧୂଆଁ ଶୋଷି, ନଳୀଟା ତଳେ ପକାଇ ଦେଇ ବଳବଳେଇବା ପର କହିଲେ...''ମୋତେ ସତ୍ତ୍ୱାଭ୍ରଷ୍ଟ କର ନାହିଁ ଭଗବାନ୍ !''

କାହା ଉଦ୍ଦେଶ୍ୟରେ ମଧୁସୂଦନ କଣ କହୁଥିଲେ, ବ୍ରଜସୁନ୍ଦର କିଛି ବୁଝିପାରଲେ ନାହିଁ ।

ସକାଳୁ ମଧୁସୂଦନ ଥିଲେ ବେଶ୍ ପ୍ରଫୁଲ୍ଲ ! ଡାକ୍ତର ଜସ୍ମନ୍ତ ଘୋଷ ସକାଳେ ଆସିଥିଲେ; ମଧୁସୂଦନଙ୍କୁ ପରୀକ୍ଷା କର କହିଲେ...''ଆପଣ ଏଥର ଭଲ ହୋଇଯିବେ ।''

ମଧୁସୂଦନ ଗାଇ ଉଠିଲେ...

''There is no hope the sickman said
The serene doctor shook his head.''

ଡକ୍ତର ଘୋଷ ହସି ହସି ଉତ୍ତର ଦେଲେ···''ମୁଁ ସେଇ ସିରେନ୍ ଡକ୍ତର ନୁହେଁ ମିଷ୍ଟର ଦାସ ! ଆପଣ ଏହାପରେ ନିଶ୍ଚୟ ଭଲ ହୋଇ ଉଠିବେ !''

''କାଲକଣ୍ଠ ଆସିଲେ ?''...ମଧୁସୂଦନ କ୍ଷୀଣ କଣ୍ଠରେ ପଚାରିଲେ ।

Digitized by srujanika@gmail.com

ଉତ୍ତର ଗୁଡିକ ପାଖରେ ଶୈଳବାଳା ଠିଆ ହୋଇଥିଲେ । ସେ ଉତ୍ତର ଦେଲେ··· "ଆଜ ଆସିବେ ଲକ୍ଷ୍ମଣ : ତାଙ୍କ ପାଖକୁ ଖବର ପଠାଇଛନ୍ତି ବ୍ରଜସୁନ୍ଦର ।"

ସେଦିନ ଡାକରେ ଆସିଥିଲା ମଧୁସୂଦନଙ୍କ ନାମରେ ଗୋଟାଏ ଇନ୍‌ସିଓର୍ଡ ଲଭର୍ ! ଲଫାଫା ଭିତରେ ଆଠଶହ ଟଙ୍କାର ଗୋଟାଏ ଡ୍ରାଫ୍‌ଟ । ମଧୁସୂଦନଙ୍କ କୌଣସି ଛାତ୍ର ସେଇ ଡ୍ରାଫ୍‌ଟ୍‌ଟା, ପଠାଇଥିଲେ, ମଧୁସୂଦନଙ୍କ ଫିଜ୍ ବାବଦକୁ । ଡ୍ରାଫ୍‌ଟ୍‌ଟା ଦେଖିବାମାତ୍ରେ ମଧୁସୂଦନ ଆନନ୍ଦରେ ଗଦ୍ ଗଦ୍ ହୋଇ ଉଠିଲେ । ଏଇ ଡ୍ରାଫ୍‌ଟ୍ ପାଇଁ ଏତେଦିନ ସେ ଯେପରି ମୃଦୁ ସହଜ ପ୍ରତି ମୁହୂର୍ତ୍ତରେ ଚଲାଇଥିଲେ ଫଗ୍ରାମ !

ମଧୁସୂଦନ କହିଲେ...."ଶୈଳ ! ତୁ କହୁ ପରି ଭଗବାନ ନାହାନ୍ତି ! ଏଇ ଦେଖ ମୋର ପିତା ପରମେଶ୍ୱର, ଏଇ ଡ୍ରାଫ୍‌ଟ୍ ପଠାଇ ଦେଇଛନ୍ତି ମୋର ସତ୍ୟରକ୍ଷା ପାଇଁ ! ଭଗିରଥୀ, ଭଗିରଥୀ ମହାପାତ୍ରଙ୍କୁ ଖବର ଦିଅ ! ମୋର ଆଉ ବେଳ ନାହିଁ ।"

କଟ୍ଟକଣ ପରେ ସେଠାକୁ ଆସିଲେ ମ୍ୟୁନସିପାଲଟୀ ଚେଆରମାନ୍ ଭଗିରଥୀ ମହାପାତ୍ର ! କେତେ ମାସ ପୂର୍ବରୁ କେଉଁସାଙ୍ଗରେ ଗୋଟିଏ ନଲକୂଅ ବସାଇ ଦେବା ପାଇଁ, ମଧୁସୂଦନ ସାହବାଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ ! ମୃତ୍ୟୁ ପୂର୍ବରୁ ସେଇ ପ୍ରତିଶ୍ରୁତି ରକ୍ଷା ଥିଲା, ତାଙ୍କର ଏକମାତ୍ର ଚିନ୍ତା !

ଭଗିରଥୀ ମଧୁସୂଦନଙ୍କ ଶଯ୍ୟା ପାଖକୁ ଆସିବା ମାତ୍ରେ ତାଙ୍କୁ ସେଇ ଡ୍ରାଫ୍‌ଟ୍‌ଟା ଧରାଇ ଦେଇ, ମଧୁସୂଦନ ପ୍ରଫୁଲ୍ଲ କଣ୍ଠରେ କହିଲେ···"ଏଇ ଏଙ୍କା ଦେଇଗଲ କେଉଁସାଙ୍ଗରେ ଟିଉବ୍‌ୱେଲ ପାଇଁ ! ଏଣିକି ଦାସ୍ୟମୁକ୍ତ ମୁଁ !"

ମଧୁସୂଦନ ଖତ୍ରେଜ ଭିତରେ ପୁଣି ଆଖି ବୁଜି ନେଲେ ।

କ୍ରମେ ଦ୍ୱିପ୍ରହର ଗଡିଗଲା । ମଧୁସୂଦନ ପ୍ରତି ମୁହୂର୍ତ୍ତରେ ଯେପରି କରୁଥିଲେ ଲକ୍ଷ୍ମଣଙ୍କର ପ୍ରତୀକ୍ଷା ! ହାତ ପାପୁଲି ଉପରେ କମ୍ପିତ ଆଙ୍ଗୁଳିରେ ସେ ବାରମ୍ବାର ଲେଖୁଥାନ୍ତି···ଲକ୍ଷ୍ମଣ ! ଲକ୍ଷ୍ମଣ !

ଶୈଳବାଳା କମ୍ବା ବ୍ରଜସୁନ୍ଦର କହୁ ବୁଝି ନ ପାରି କଂକର୍ତ୍ତବ୍ୟବିମୂଢ଼ ପରି ବସି ରହିଥିଲେ ।

Digitized by srujanika@gmail.com

ମଧୁସୂଦନ ଅବଶେଷରେ ସବୁ ଶକ୍ତି ସଞ୍ଚୟ କରି କ୍ଷୀଣ କଣ୍ଠରେ କହିଲେ....''ମୁଁ ଗୋଟିଏ ଲୋକକୁ ଦେଖିବାକୁ ଚାହେଁ, ମାଲକଣ୍ଠକୁ କଣ ମୁଁ ଆଉ ଦେଖି ପାରିବ ନାହିଁ ?''

ମାଲକଣ୍ଠଙ୍କୁ ଖୋଜି ଆଣିବା ପାଇଁ ବାହାରିଥିଲେ ବ୍ରଜସୁନ୍ଦର; ମାଲକଣ୍ଠ ଠିକ୍ ସେତକବେଳେ ସେଠାରେ ଆସି ପହଞ୍ଚିଗଲେ !

ମାଲକଣ୍ଠଙ୍କୁ ଦେଖି ମଧୁସୂଦନଙ୍କ ମନ ପ୍ରଫୁଲ୍ଲ ହୋଇ ଉଠିଲ ।

ମାଲକଣ୍ଠ ମଧୁସୂଦନଙ୍କ ଶୀର୍ଣ୍ଣ ହାତ ଉଠାଇ, ନାଡ଼ି ପରୀକ୍ଷା କରି କହିଲେ··· ''ନାଡ଼ୀ ଭଲ ଅଛୁ !''

ମଧୁସୂଦନ ଉତ୍ତର ଦେଲେ...''ନାଡ଼ୀ ଦେଖୁଛ ? ଅସଲ କାମ ହେଉଛୁ, ଯେଉଁ କାମ ଲାଗି ତୁମେ ମୋତେ ଚାହିଁ ସେହି ନାଡ଼ୀ ! (ବର୍ତ୍ତମାନ ଛେଦରେ ମଧୁସୂଦନଙ୍କ ଉପସ୍ଥିତ ଅତି ପ୍ରୟୋଜନୀୟ ବୋଲି ମାଲକଣ୍ଠ ସୂଦନ ସମ୍ବାଦପତ୍ରରେ ଏକ ବକ୍ତୃତାରେ କହିଥିଲେ ।) ଓଡ଼ିଶାକୁ ଚଲାଇବା ପାଇଁ ଆଉ ଜଣେ କେହି ଲୋକ ଅଛୁ ? ଗୋପବନ୍ଧୁ ଫାଙ୍କି ଦେଇ ଚାଲିଗଲ !''

ମୃତ୍ୟୁଶଯ୍ୟାରେ ସୁଦ୍ଧା ସେଇ ଓଡ଼ିଶାର ଚିନ୍ତା !

ମାଲକଣ୍ଠ :—ଆପଣ ଅଛନ୍ତି ପରା !

ମଧୁସୂଦନ :—ଅପର ଲୋକ ଲୋଡ଼ା ନାହିଁ ?

ମାଲକଣ୍ଠ :—ବର୍ତ୍ତମାନ ତ ଆପଣ ଆମର ଅଛନ୍ତି ! ବର୍ତ୍ତମାନ ଅନ୍ୟ ଲୋକ ଲୋଡ଼ା ନାହିଁ !

ମଧୁସୂଦନ :—ମୋ କଥାରେ ତୁମେ ଚଳିବ ? ତୁମର ଏ ବିଶ୍ୱାସ ?

ମାଲକଣ୍ଠ :—ହଁ; ପାଖରେ ବ୍ରଜସୁନ୍ଦର ବାବୁ ମଧ୍ୟ ତାହାହିଁ କହୁଛନ୍ତି ।

ମଧୁସୂଦନ ଆଶ୍ୱସ୍ତ, ପରିତୃପ୍ତ କଣ୍ଠରେ କହିଲେ....''ହଁ, ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ତୁମେ ଚଳିବ । ତୁମର ଏକ କଥା, ମୁଁ ଜାଣେ !

ମାଲକଣ୍ଠ ପଚାରିଲେ....''ଓଡ଼ିଶାବାସୀଙ୍କ ପାଇଁ ଆପଣଙ୍କର କୌଣସି ବାର୍ତ୍ତା ଅଛୁ ?''

Digitized by srujanika@gmail.com

ମଧୁସୂଦନ କହିଲେ...''ଯାଅ ଲୋକଙ୍କୁ କହିବ ପେଟରେ ଯାହା ଜନ୍ମ ମଇଲା ଅଛି ପରଷ୍କାର କରନ୍ତୁ ! ତା ହେଲେ ଆତ୍ମା ସହଜରେ ପରଷ୍କାର ହୋଇଯିବ ।''

ମାଲକଣ୍ଠ ପ୍ରମୁଖ ବଦାସ୍ତ ନେଇଯିବା ପରେ ମିସନ୍ ବଦ୍ୟାଳୟର ବାଳଚରମାନେ ଆସିଥିଲେ ଅନ୍ତିମ ଶେଷ ପ୍ରଣାମ ଜଣାଇବା ପାଇଁ ! ପ୍ରାର୍ଥନା ପରେ କୁଳବୃଦ୍ଧ ସମସ୍ତଙ୍କ ଠାରୁ କମ୍ପିତ ହାତରେ ହାତଯୋଡ଼ ବଦାସ୍ତ ନେଇଥିଲେ । ତା ପରେ କ୍ଷୀଣ କଣ୍ଠରେ କହିଥିଲେ....''ମୁଁ ତ ଯାଉଛୁ; ମନେ ରଖିଥିବ ଜଣେ ଓଡ଼ଆ ଥିଲ ।''

ବସ୍ତୁତଃ ଓଡ଼ିଆ ଜାତ ଉଦ୍ଦେଶ୍ୟରେ ଏହା ହିଁ ମଧୁସୂଦନଙ୍କ ଶେଷବାଣୀ ।

ମଧୁସୂଦନଙ୍କ ଅବସ୍ଥାରେ ଉନ୍ନତର ଯେପରି ଲକ୍ଷଣ ପରିଲକ୍ଷିତ ହେଉଥିଲା, ଆକସ୍ମିକ ଖବରେ ତାଙ୍କର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ ବୋଲି କାହାର ଆଶଙ୍କା ନଥିଲା । ସମସ୍ତଙ୍କର ଦୃଢ଼ ବିଶ୍ୱାସ—ମଧୁସୂଦନ ଏ ଯାତ୍ରା ରକ୍ଷା ପାଇଗଲେ ! ବିଶେଷତଃ ୨ ତାରିଖ ଫେବୃୟାରୀ ଦିନଟି ନିର୍ଯ୍ୟପଦରେ କଟିଯିବା ପରେ ଆତ୍ମୀୟ ସ୍ୱଜନମାନଙ୍କର ସେ ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା । କିନ୍ତୁ ଏକା ମଧୁସୂଦନ ଯେପରି ଶୁଣି ପାରୁଥିଲେ, ଆସନ୍ନ ମୃତ୍ୟୁର ପଦଧ୍ୱନି ।

୩ ତାରିଖ ଫେବୃୟାରୀ ଦିନ ସକାଳେ ଶୈଳବାଳା ଯେତେବେଳେ ଜଣେ ନର୍ସକୁ ଧରି ଆସିଲେ ମଧୁସୂଦନଙ୍କ ମୁହଁ ଧୋଇ ଦେବା ପାଇଁ; ମଧୁସୂଦନ କ୍ଷୀଣ କଣ୍ଠରେ କହିଲେ...''ଆଜି ମୋର ମୁହଁ ଧୁଅ ନାହିଁ । ଯେତେବେଳେ କଫିନ୍‌ରେ ଦେବ, ସେତେବେଳେ ମୋତେ ଧୋଇଦେବ ।''

ଶାରୀରିକ ଯନ୍ତ୍ରଣା ଯେତେବେଳେ ଅସହ୍ୟ ହେଉଥିଲା....ମଧୁସୂଦନ କହୁଥିଲେ ''ଏତେ କଷ୍ଟ—ଏତେ କଷ୍ଟ, ମୁଁ ଆଉ ସହ୍ୟ ପାରୁ ନାହିଁ !'' ଉତ୍କଟ ଯନ୍ତ୍ରଣାରେ ମଧୁସୂଦନଙ୍କ ଶୀର୍ଣ୍ଣ ଦେହ କୁହୁଚ ହୋଇ ପଡୁଥିଲା; ତଥାପି ତାଙ୍କ ମୁଖମଣ୍ଡଳରେ ଅବର୍ଣ୍ଣନୀୟ ପ୍ରଶାନ୍ତ । ଆନନ୍ଦମୟ ମୃତ୍ୟୁକୁ ଆଲିଙ୍ଗନ କରିବା ପାଇଁ ସେ ଯେପରି ଉନ୍ମୁଖ ହୋଇ ରହିଥିଲେ ।

ସେଦିନ ସନ୍ଧ୍ୟା ଆଠଟା ପର ଠାରୁ ମଧୁସୂଦନଙ୍କଠାରେ ପ୍ରକାଶ ପାଇଲା ସାନ୍ନିପାତିକ ଲକ୍ଷଣ । ହାତ ଗୋଡ଼ କ୍ରମେ ଥଣ୍ଡା ହୋଇ ଆସିଲା । ପାଣି ପରି ଦେହରୁ ଝାଳ ବୋହିବା ପାଇଁ ଲଗିଲା । ମଝିରେ ମଝିରେ ମୁଣ୍ଡରେ ହାତ ବୁଲାଇବା ବ୍ୟତୀତ ମଧୁସୂଦନଙ୍କ ଠାରେ ଜୀବନର ଅନ୍ୟ ଲକ୍ଷଣ ନଥିଲା । ଘଡ଼ି ବାରଟା ପରେ ନାକଠାରୁ ମୁହଁ ଥଣ୍ଡା ହେବା ପାଇଁ ଆରମ୍ଭ କଲା । ମଧୁସୂଦନ ଇଚ୍ଛିତ ଦେଲେ ପ୍ରାର୍ଥନା ସଙ୍ଗୀତ ଗାନ କରିବା ପାଇଁ । ସେଠାରେ ଉପସ୍ଥିତ ଥିବା ପାଦ୍ରୀମାନେ ଗମ୍ଭୀର କଣ୍ଠରେ ଗାନ କଲେ...

Digitized by srujanika@gmail.com

"I heard the voice of Jesus say
Come unto me and rest
Lay down thy weary one, lay down
Thy weary head, upon my breast."

ସେଇ ପ୍ରାର୍ଥନା ସଙ୍ଗୀତ ମଧ୍ୟରେ ଗତ ଘ. ୧।୨୦ ମିନିଟରେ ମଧୁସୂଦନଙ୍କ ଜୀବନ-ପ୍ରଦୀପ ହଠାତ୍ ନିର୍ବାପିତ ହୋଇଗଲା ।

ସକାଳେ ମଧୁସୂଦନଙ୍କ ମୃତ୍ୟୁ ସମ୍ବାଦ ସହରରେ ପ୍ରଚାରିତ ହେବା ମାତ୍ରେ, ମଧୁସୂଦନଙ୍କ ବାସଭବନରେ ହଜାର ହଜାର ଜନତାଙ୍କ ଭିଡ଼; କୁଳବୃଦ୍ଧଙ୍କର ଶେଷଦର୍ଶନ ପାଇଁ । ବୈଠକଖାନାରେ ଗୋଟିଏ ପଲଙ୍କ ଉପରେ ମଧୁସୂଦନଙ୍କ ସଦ୍ୟଧୌତ ଶବପିଣ୍ଡକୁ ଶୁଆଇ ଦିଆଯାଇଥିଲା, ପୁଷ୍ପ ବିଭୂଷିତ କରି । ୧୯୦୩ ସାଲରେ ସ୍ୱଦେଶୀ ଆନ୍ଦୋଳନର ପ୍ରାକ୍‌କାଳରେ ମଧୁସୂଦନ ନିଜେ ଯେଉଁ ଉନ୍ନତ-ଶିଳ୍ପ ଆରମ୍ଭ କରିଇଥିଲେ, ସେହି ଉନ୍ନତକୃଷ୍ଣା କପଡ଼ାର ଖଣ୍ଡେ କୋଟ୍, ଖଣ୍ଡପଡ଼ାର ସ୍ୱଦେଶୀ ଗୁଦର ଓ ଧୋତ—ଯାହା ପିନ୍ଧି ସେ ସାଧାରଣ ସଭା ସମିତିକୁ ଯା'ନ୍ତି—ତାଙ୍କୁ ପିନ୍ଧାଇ ଦିଆ ଯାଇଥିଲା । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ହଜାର ହଜାର ନରନାରୀ ତାଙ୍କୁ ଫୁଲ ଓ କର୍ପୂରମାଳ ନିବେଦନ କରି ଜଣାଇ ଯାଇଥିଲେ ଶେଷ ପ୍ରଣତି ।

ମଧୁସୂଦନଙ୍କ ଜନନୀ ଭ୍ରାତା ଦୁର୍ଗାସ୍ୱ -ଗୋପାଳ ବଲ୍ଲଭଙ୍କ ପତ୍ନୀ ବସନ୍ତକୁମାରୀଙ୍କ ଇଚ୍ଛା—ହିନ୍ଦୁଘରେ ମଧୁସୂଦନଙ୍କ ଶବସତ୍କାର ହେବ । କିନ୍ତୁ ଖ୍ରୀଷ୍ଟିଆନ୍ ଧର୍ମରେ ବିଶ୍ୱାସ ଥିବାରୁ ସେହି ଘରେ ତାଙ୍କର ଶବ ସତ୍କାର ପାଇଁ ବ୍ରଜସୁନ୍ଦର ଓ ଚନ୍ଦ୍ରାମଣି ଆତ୍ମୀୟ ପ୍ରମୁଖ ଦେଲେ ପରାମର୍ଶ ।

ବହୁ ବିତର୍କ ପରେ, ରାତ ଗୋଟାକ ବେଳେ, କୁଳବୃଦ୍ଧଙ୍କର ପୁଷ୍ପବିଭୂଷିତ ଶବପିଣ୍ଡକୁ ଏକ ମୁକ୍ତ କଫିନ୍ ଉପରେ ରଖି, ପ୍ରାୟ ଦଶହଜାରରୁ ଊର୍ଦ୍ଧ୍ୱ ଜନତାର ପୁରୋଭାଗରେ ବାହାଣଲେ ଶବବାହକର ଦଳ ।

କଫିନ୍ ଉପରେ ଲେଖା...."ଅମର ଜୀବନ ଆସିଥିଲ ସାର ସାଥେ "।

କୁଳବୃଦ୍ଧଙ୍କ ବାସଭବନ ଦୁଆରେ, ଦାଣ୍ଡରେ, ରାସ୍ତା ଉପରେ, ହଜାର ହଜାର ଜନତାଙ୍କ ଭିଡ଼ । ସେମାନଙ୍କର ପ୍ରଚ୍ଛନ୍ନ ଅଭିଳାଷ କୁଳବୃଦ୍ଧଙ୍କର ଶେଷ ସତ୍କାର ହେଉ ହିନ୍ଦୁଘରେ !

Digitized by srujanika@gmail.com

ସୃଜୀଭେଦ୍ୟ ମାରବଡା !

ବ୍ରଜସୁନ୍ଦର ଉପସ୍ଥିତ ଜନତାକୁ ସମ୍ବୋଧନ କଣ କହିଲେ....''ମଧୁବାବୁଙ୍କର ଖ୍ରୀଷ୍ଟଧର୍ମରେ ବଶ୍ୱାସ ଥିଲ । ତେଣୁ ତାଙ୍କର ଶବ କଫିନ୍ ମଧ୍ୟରେ ବନ୍ଦ କରନେବା କଥା ! କନ୍ତୁ ମଧୁବାବୁ ଜାତଧର୍ମ ନର୍ବଶେଷରେ ସମସ୍ତଙ୍କର କୁଳବୃଦ୍ଧ । ସେଥିପାଇଁ ଆମେ ତାଙ୍କ ମୃତପିଣ୍ଡକୁ ଉନ୍ମୁକ୍ତ ଭବରେ ପଟୁଆର କଣ ନେବାକୁ ବାହାରଛୁ । ସମସ୍ତଙ୍କୁ ଅନୁରୋଧ, ତାଙ୍କର ବଶ୍ୱାସକୁ ସମ୍ମାନ ଦେବା ପାଇଁ, କେହି ଯେପରି ହରବୋଲ କମ୍ବା ରାମନାମ ଉଚ୍ଚାରଣ କରବେ ନାହିଁ !''

ଖ୍ରୀଷ୍ଟିଆନ୍ ହୋଇ ମୁଡା ଯେଉଁ କୁଳବୃଦ୍ଧ, ହିନ୍ଦୁ ଜଗତର ଇଷ୍ଟଦେବ ଜଗନ୍ନାଥଙ୍କ ମର୍ଯ୍ୟାଦାରକ୍ଷା ପାଇଁ କରଥିଲେ ଅକୁତୋଭଇସ୍ଥ ସଂଗ୍ରାମ; ପଲଟନ ବଜାରରେ ଦୋକ୍ତୀ ପାଇଁ କଲ୍‌ଖାନା ଖୋଲିସିବା ବେଳେ, ତାହାର ପ୍ରତରୋଧ କର, ପ୍ରଥମେ କରଥିଲେ ନଜ ରକ୍ତଦାନ ଦେବାର ନଷ୍ଟର୍ଭ ଘୋଷଣା···କେଉଁ ମତରେ ତାଙ୍କର ଶେଷ ସତ୍କାର ହେବ, କଏ ବା ମୁଣ୍ଡ ଖେଳାଉଛୁ ସେଥିରେ ?

ସେମାନେ ଜଣାଇବା ପାଇଁ ଗ୍ରହାନ୍ତି କେବଳ ସେମାନଙ୍କ ଦୁଦସ୍ୱ-ସମ୍ରାଟଙ୍କ ପାଇଁ ଶେଷ ଶ୍ରଦ୍ଧାଞ୍ଜଳ !

ସମବେତ ଜନତା ମଧ୍ୟରେ ହରବୋଲ ବା ରାମନାମ ଉଚ୍ଚାରଣ ନଥିଲ !

ଏମେ ଜନତାର ସଂଖ୍ୟା ବଢି ବଢି ଗଲଛୁ । ଶୈଳବାଳା ପ୍ରମୁଖ ବ୍ୟସ୍ତ, ଆଉ ଡେର ନକରବା ପାଇଁ । ଖ୍ରୀଷ୍ଟିଆନ୍ ପ୍ରଥାରେ ସନ୍ଧ୍ୟା ପୁଂରୁ କବର ଦଆଯିବା କଥା ! କନ୍ତୁ କଏ ଶୁଣୁଛୁ ଏସବୁ ବସ୍ତର ? ଜନତାର ଜଦ୍, ଶବ-ଶୋତ୍ରଯାତ୍ରା ସାତ୍ ସହର ପରକ୍ରମା କରବ....ଯେଉଁ ସହର ଥିଲ, କୁଳବୃଦ୍ଧଙ୍କର କର୍ମଭୂମି !

ପଟୁଆର ମିସନ୍‌ରୋଡ଼ ବଙ୍ଗୀବଜାର ବାଟେ ଚୌଧୁଝିବଜାରକୁ ଆସିଲ ।

ଗ୍ରତ୍ୟାରେ ସୋରପ ପକାଇବାକୁ ଗ୍ରହା ନାହିଁ ।

ଗ୍ରତ୍ୟା ଦୁଇ ପାଖରେ କୋଠାମାନଙ୍କର ଗ୍ରଉତରୁ ନାଟ୍ଟମାନେ ଶବାଧାର ଉପରେ କରୁଛନ୍ତି ପୁଷ୍ପବୃଷ୍ଟି—ଶବବାହକମାନଙ୍କର ପୁରୋଭାଗରେ ତରୁଣ ଗ୍ରତ୍ରମାନଙ୍କ କଣ୍ଠରେ କୁଳବୃଦ୍ଧଙ୍କର ସ୍ୱରଚତ କବତାର ଝଙ୍କାର :

''ଜାତ ପ୍ରେମବର୍ତ୍ତି ପ୍ରଜ୍ୱଳତ କର
ସ୍ୱାର୍ଥକୁ ଦଅ ଆହୁତ
ସ୍ୱାର୍ଥମେଧ ଯଜ୍ଞ ସ୍ୱରଆଡ଼େ ନାଚ
ଗ୍ରତକୁ ମିଶାଇ ଗ୍ରତ ।''

Digitized by srujanika@gmail.com

ବରଷ ପରେ, ଶତ ଶତ କଣ୍ଠରେ ପୁଣି ନନାଦତ ହୋଇ ଉଠୁଥିଲା, ଦେଶମାତୃକାର ଉଦ୍‌ବୋଧନ :

"କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
ଜନନୀ ଜନନୀ ଡାକ
ତୃଷ୍ଣାରେ କାତର ଗଗନକୁ ଗୁହିଁ
ଯେସନେ ଡାକେ ଚାତକ ।"

ତରୁଣ ଛାତ୍ରମାନଙ୍କ କ୍ଲାନ୍ତ କଣ୍ଠରେ ମଧୁସୂଦନଙ୍କ ସଙ୍ଗୀତ ଗାନ, ସାମସ୍ତିକ ସ୍ତବ୍ଧରେ ମାରବ ହୋଇ ପଡ଼ିଥିଲା ।

ଶୋକାହତ ପଟୁଆର; ମୁହ୍ୟମାନ ମାରବତା ।

ହଠାତ୍ ସେଇ ମୂର୍ଚ୍ଛିତ ମାରବତାକୁ ଭଙ୍ଗ କରି, ତରୁଣ କଣ୍ଠଶିଳ୍ପୀ (ବାଣୀକଣ୍ଠ) ନମାଇଁ ହରିଚନ୍ଦନଙ୍କ କଣ୍ଠସଙ୍ଗୀତ ନନାଦତ ହୋଇ ଉଠିଲା....

"ପୂମେରୁର ଶୃଙ୍ଗ ପଞ୍ଚଲରେ ଝଳ
ଲୁଚଗଲା ଅଂଶୁମାଳ ହେ,
ଗମ୍ଭୀର ପରର ପୂନା ପାପ ଆଜ
ଲଭଗଲା ଶେଷେ ଜଳ ହେ ।
ସ୍ତଇ କାନ୍ଦବା ହେ ସତ—ଫେର ଆସେ କ ପୁଷ୍ପକ ରଥ ହେ । ୧ ।

ଓଜଆ କାତର ମଧ୍ୟାମଣି ଆଜ
ହଜ ଯାଇଛୁ ଅତଲେ ହେ,
ଅରଚନା ଠୁଲ କୋଣାର୍କ ଦେଉଳ,
ଲେଟି ପଡ଼ୁଛୁ ଭୂତଳେ ହେ,
ସ୍ତଇ କାନ୍ଦବା ହେ ସତ—ଫେର ଆସେ କ ପୁଷ୍ପକ ରଥ ହେ । ୨ ।

ଦେଶ ସାସ୍ତ ଆଜ ଅଶ୍ରୁ ହାହାକାରେ
ବୁକୁଫଟା ଦୀର୍ଘଶ୍ୱାସେ ହେ
ଅଶ୍ରୁର ଅଷ୍ଟାଚ ଏ ଦାରୁଣ ଖେଦ,
ମରମେ ଚଏ ପଶ୍ରାଣ ହେ ।
ସ୍ତଇ କାନ୍ଦବା ହେ ସତ—ଫେର ଆସେ କ ପୁଷ୍ପକ ରଥ ହେ । ୩ ।

ଯାଅ ସାରମଣି ଫୁଲପଦ୍ମ ପଥେ
ପୂର୍ଣ୍ଣ ବଇକୁଣ୍ଠ ଧାମେ ହେ
ଦେଶ ଧୂଳ ମାଟି ମନ୍ଥର ଯାଇଛ
ଭୂମର ପବନ ନାମେ ହେ ।
ସ୍ତଇ କାନ୍ଦବା ହେ ସତ—ଫେର ଆସେ କ ପୁଷ୍ପକ ରଥ ହେ । ୪ ।

Digitized by srujanika@gmail.com

ଶବ-ପଟୁଆରରେ ଯିବା ବେଳେ, କବି ବକୁଞ୍ଚ କଶୋର ଦାସ, ରଚନା କରିଥିଲେ ଏଇ ସଙ୍ଗୀତ ।

କନ୍ତୁ କିଏ କହେ ଏହା ଶବ-ପଟୁଆର ? ଏମାନେ ଶବବାହକର ଦଳ ?

ଏହା ଯେ ଅମୃତର ଜୟଯାତ୍ରା । ଅପରାଜେୟର ବିଜୟବାହୁଡ଼ା !....ଯିଏ ଦେଶ ପାଇଁ, ଜାତି ପାଇଁ, ନିଜକୁ ନ୍ୟୋତ୍ସର୍ଗିତ କରିଥାଏ, ଦେଶ ଓ ଜାତି ତା ପାଇଁ ମଧ୍ୟ ନ୍ୟୋତ୍ସର୍ଗିତ କରିଦିଏ, ଶ୍ରଦ୍ଧା ଓ ଅଶ୍ରୁର ସଞ୍ଚୟ ।

ସହରର ପ୍ରଦକ୍ଷିଣ କରି ଶୋଭାଯାତ୍ରା ବାରବାଟୀ ପାଟରେ ଅଟକି ଗଲା । ଭଗ୍ନ ବାରବାଟୀ···ଦକ୍ଷିଣରେ ଜଳଶୂନ୍ୟ ପରଖା···ଅଣ୍ଡାଡର କର୍ତ୍ତିକରଟିଙ୍କା ଓଡ଼ିଶାର ଶୂନ୍ୟଗର୍ଭ କଫିନ୍ । ସେଇଠାରେ ପଟୁଆର ଅଟକି ଯିବା କଣ ସକେତଗର୍ଭିତ ? ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ନରନାରୀ ପଟୁଆରରେ ଯୋଗ ଦେଲେ ଏଇଠାରୁ । ସେଇଥିପାଇଁ ଏ ବ୍ୟବସ୍ଥା । ଉତ୍ତ୍ୱିଗ୍ନ ଅଶ୍ରୁନଦୀ ବନ୍ଧୁ ସ୍ଥୀତ ହୋଇ ସେଇଠାରୁ ମୁହାଁଇଲା ଗୋରୁକବର ଆଡେ ।

ଗର୍ତ୍ତ। ଦୁଇକଡ଼ର ଦେବଦାରୁମାନଙ୍କ ଶୀର୍ଷରେ ଗୋଧୂଳିର ଗ୍ଲୁପ୍ତା ।

କଫିନ୍ ପହଞ୍ଚିଲା ଗୋରୁକବରଠାରେ ।

ଗମ୍ଭୀର ଶୋକୋଚ୍ଛ୍ୱାସ ମଧ୍ୟରେ କୁଳବୃଦ୍ଧଙ୍କର ଶବପିଣ୍ଡକୁ କଫିନ୍ ଭିତରେ ରଖି ପଟା ବନ୍ଦ କରାଗଲା ।

ପଶ୍ଚିମ-ଦିଗନ୍ତରେ ସୂର୍ଯ୍ୟାସ୍ତର ବିଷଣ୍ଣ ସମାରୋହ ।

ଉତ୍କଳ-ଇତିହାସରେ ଶତାବ୍ଦୀର ସୂର୍ଯ୍ୟ ଆଜି ମଧ୍ୟ ଅସ୍ତମିତ ।

କବର ଭିତରକୁ କଫିନ୍ ଓହ୍ଲାଇବା ବେଳେ, ପାଦ୍ରୀର କଣ୍ଠରେ ଗାନ ବଜେ ଉଦାତ୍ତ ପଦାବଳୀ :

> "Lay down thou weary one, lay down
> Thy head upon my breast."

ଧୂଳି-ଅର୍ଘ୍ୟରେ ଧୀରେ ଧୀରେ କବର ପୂର୍ଣ୍ଣ ହୋଇଗଲା ।

ଓଡ଼ିଶା ଡ଼ିଭିଜନ୍‌ର କମିସନର୍ ଇ. ଏସ୍. ହର୍‌ନେଲ୍, କୁଳବୃଦ୍ଧଙ୍କ ଉଦ୍ଦେଶ୍ୟରେ, ଆବେଗକମ୍ପିତ କଣ୍ଠରେ ଶ୍ରଦ୍ଧାଞ୍ଜଳି ଜଣାଇ ଉଦ୍‌ବୋଧନ ଦେଲେ....

Digitized by srujanika@gmail.com

"ଯେଉଁ ସ୍ୱଭକ୍ତ ଓଡ଼ଣାର ଅଭ୍ୟୁଦସ୍ୱ ଲକ୍ଷ୍ୟରେ କୁଳବୃଦ୍ଧ ଆମ୍ଭବନ ସଂଗ୍ରାମ କରିଥିଲେ, ତାହା ସ୍ୱଚକ୍ଷୁରେ ଦେଖିଯିବା ଦୁଏତ ବଧାଡାଙ୍କର ଅଭିପ୍ରେତ ନଥିଲା । ବାଇବଲ୍‌ର ମୁର୍ମୁଷୁ ମୋଜେସ୍‌ଙ୍କ ପରି ପିଗ୍‌ହାର ଗିରିଶୃଙ୍ଗ ଉପରୁ କେବଳ, ସେ ଦେଖିଯାଇ ପାରିଥିଲେ ତାଙ୍କ ସ୍ୱପ୍ନର ପିତୃଭୂମି, ଗଙ୍ଗାର କୂର୍ପି ଓ ପ୍ରତ୍ୟୁଷରେ···ଦୀର୍ଘ ଯାତ୍ରା ଶେଷରେ ତାଙ୍କର ଦାସ୍ୱାଦମାନେ ହେବେ ଏହାର ଉତ୍ତରାଧିକାରୀ । ସେମାନଙ୍କ କଣ୍ଠରେ ଫୁଟି ଉଠିବ...."କାହିଁ ମୃତ୍ୟୁ ? କାହିଁ ତୁମର ଜସ୍ୱଲପି ? ସେ ଯେ ସଙ୍ଗରେ ଧରି ଆସିଥିଲେ ଅମର-ଜୀବନ ।"

ଆଠଘଣ୍ଟାବ୍ୟାପୀ ଶିରୋନାମା ତଳେ, ସେଦିନ ସନ୍ଧ୍ୟାରେ ପ୍ରକାଶ ପାଇଥିଲା "ସମାଜ"ର ଏକ ବିଶେଷ ସଂଖ୍ୟା :

"ଉତ୍କଳର ଶ୍ରେଷ୍ଠ ମୁକୁଟ ଆଉ ନାହାନ୍ତି" !

କନ୍ଦୁ ଇତିହାସର ଲଲାଟରେ ସେ ମୁକୁଟ ଚିର ଦେଦୀପ୍ୟମାନ !

Digitized by srujanika@gmail.com

ଉପସଂହାର—ଏକ ମୂଲ୍ୟାଙ୍କନ

Digitized by srujanika@gmail.com

Digitized by srujanika@gmail.com

ଅପସୃୟମାନ କାଳର ପୃଷ୍ଠଭୂମିରେ, ମଧୁସୂଦନଙ୍କ ଜନ୍ମ ଓ କର୍ମସାଧନାର ମୂଲ୍ୟାଙ୍କନ କଲ୍ୟବେଳେ, ଆଖି ଆଗରେ ସ୍ପଷ୍ଟ ଉଠେ, ଏକ ନ୍ୟସଙ୍ଗ ବନଷ୍ପତି । ଦେହରେ ତାର ବଡ଼ ଝଡ଼ର କ୍ଷତଚହ୍ନ....ଚତୁଃପାର୍ଶ୍ୱର ଗୁଳ୍ମଗୁଳ୍ମ ମଧ୍ୟରେ ତଥାପି ସେ ଠିଆ ରହିଛି କନ୍ୟୁ ଅନମନୀୟ ଋଜୁଭାରେ । ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ପୂର୍ବେ, ଏହି ବନଷ୍ପତିର ଚୂଡ଼ା ନବପ୍ରଭାତର ଯେଉଁ ଅରୁଣାଲୋକରେ ଉଦ୍‌ଭାସିତ ହୋଇଥିଲା; ତାହା କ୍ରମେ ଶତଛିନ୍ନ ହୋଇ ଚତୁଃପାର୍ଶ୍ୱର ଗୁଳ୍ମାଙ୍କୀର୍ଣ୍ଣ ପ୍ରାନ୍ତରକୁ କେବଳ ଆଲୋକିତ କରି ନଥିଲା; ଶତାବ୍ଦୀର ନିଦ୍ରାଭଙ୍ଗ କରି, ସେହି ଗୁଳ୍ମଗୁଳ୍ମକୁ ଦେଇଥିଲା, ଉତ୍ଥାନ ଓ ଆତ୍ମପ୍ରତିଷ୍ଠାର ଆହ୍ୱାନ । କୁଜ୍‌ଝଟିକାବୃତ୍ତ ସେଇ ଗୁଳ୍ମାଙ୍କୀର୍ଣ୍ଣଭୂମି ଉତ୍ଥାନର ନବକଲରୋଳରେ ଉଚ୍ଚକିତ ହୋଇ ଉଠିଥିଲା ।

ମଧୁସୂଦନ ଥିଲେ, ଓଡ଼ିଶାରେ ସେଇ ନବ-ଜାଗରଣ, ଶନେଶ୍ଚାର ବୈତାଳିକ । ସେଥିପାଇଁ ଓଡ଼ିଆ ଜାତିର ଅବଚେତନାରେ ସେ କୁଳବୃଦ୍ଧ ରୂପେ ପ୍ରତିଷ୍ଠିତ । କୁଳବୃଦ୍ଧ କନ୍ୟୁ ବାର୍ଦ୍ଧକ୍ୟର ଅଜ୍ଞତା ନୁହେଁ—୧୯୩୪ ଖ୍ରୀଷ୍ଟାବ୍ଦ ଫେବ୍ରୁୟାରୀ ୪ ତାରିଖ ଦିନ, ୮୪ ବର୍ଷ ବୟସ୍କ ଯେଉଁ ଜରୁଣଟିର ମୃତ୍ୟୁ ଘଟିଲ—ତାଙ୍କର ନାଁ ମଧୁସୂଦନ ଦାସ । ଶର ତାରୁଣ୍ୟର ପ୍ରତିମୂର୍ତ୍ତି ସେ !

ତାରୁଣ୍ୟ ଏଇ ଭଙ୍ଗୁର ଦେହରେ ନାହିଁ, ଅଛି ମାନସିକତାରେ, ଅଦୃପ୍ତି, ଆକାଂକ୍ଷା ଓ ଉଦ୍‌ବେଳନ, ପୁଣି ଅଦମିତ ସକଲ୍ପ ମଧ୍ୟରେ—ମଧୁସୂଦନ ଥିଲେ ତାହାର ପ୍ରତୀକ !

ଓଡ଼ିଆମାନଙ୍କ ମଧ୍ୟରେ ସେ ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍. ଏ., ପ୍ରଥମ ବିଧିବଦ୍ଧ ଆଡ଼ଭୋକେଟ୍, ବେଙ୍ଗଲ୍ ଲେଜିସଲେଟିଭ କାଉନ୍ସିଲ୍‌କୁ ପ୍ରଥମ ନିର୍ବାଚିତ ସଭ୍ୟ, ସ୍ୱାୟତଶାସିତ ଇମ୍ପିରିଅଲ୍—କାଉନ୍ସିଲକୁ ନିର୍ବାଚିତ ପ୍ରଥମ ସଭ୍ୟ, ପ୍ରଥମ ସ୍ୱରାଟସ୍ୱ, ଓଡ଼ିଆ ମନ୍ତ୍ରୀ—ସିଏ ଗୋଟିଏ ନାଉରିଆ ପ୍ରଶ୍ନ ଉପରେ ମତବିରୋଧ ହେତୁ ଇସ୍ତଫା ଦେଇଥିଲେ । ଦେଶୀ ଶିଳ୍ପର ସେ ଥିଲେ ଆଦ୍ୟ ପ୍ରବକ୍ତା । ଚଳିତ ଶତାବ୍ଦୀ ଆରମ୍ଭରେ ଓଡ଼ିଶା ଆର୍ଟ-ଓ୍ୱେୟାରସ ଓ ଉତ୍କଳ ଟାନେଜ୍ସ ପ୍ରତିଷ୍ଠା କରି, ଓଡ଼ିଶାକୁ ସେ ସୁତ୍ରେପର ବଜାର ମାନଚିତ୍ରରେ ସମ୍ମାନିତ କରାଇ ପାରିଥିଲେ । ଓଡ଼ିଆ ମୋଚୀ, ଭନ୍ତୁବାସ୍ତୁ, କାରିଗର ଓ ସ୍ରଷ୍ଟାକାରମାନଙ୍କର ହସ୍ତଶିଳ୍ପକୁ ସେ ପରିଚିତ କରାଇ ପାରିଥିଲେ ନୂତନ-କୋଣାର୍କ ରୂପେ ! ସେଥିପାଇଁ ସେ ମଧ୍ୟ ହୋଇଥିଲେ ଦେବାଳିଆ ! ନାସ୍ତିଶିକ୍ଷା କ୍ଷେତ୍ରରେ ସେ କେବଳ ଅଗ୍ରଣୀ ନ ଥିଲେ, ସ୍ୱରାଟସ୍ୱ ନାସ୍ତିର ମୁକ୍ତ-ଆନ୍ଦୋଳନରେ ସେ ମଧ୍ୟ ଥିଲେ ପ୍ରବକ୍ତା । ତାଙ୍କର ଜିଦ୍ ଫଳରେ ସ୍ୱରାଟସ୍ୱା ନାସ୍ତି ବସ୍ତ୍ୱଗୁଳସ୍ୱମାନଙ୍କରେ ପାଇ ପାରିଥିଲ ପ୍ରାକ୍‌ଟିସ୍ କରିବାର ଅଧିକାର ! ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ଜୀବନରେ ସେ ନବ-ପୁରର ପ୍ରବକ୍ତାକ ଥିଲେ—ତଥ୍ୟ ଦୃଷ୍ଟିରୁ ଏହା ଅସ୍ୱୀକାର କରିହେବ ନାହିଁ ।

Digitized by srujanika@gmail.com

'ଉତ୍କଳ-ସଭା' ଠାରୁ ଜାତୀୟ-କଂଗ୍ରେସ ପର୍ଯ୍ୟନ୍ତ, ସେ ସମୟ ଥିଲେ ଓଡ଼ଶାରେ ରାଜନୈତିକ ଜୀବନର ଆଦ୍ୟ ପ୍ରବର୍ତ୍ତକ । କନ୍ତୁ ଯେଉଁ ଐତିହାସିକ କାରଣରୁ, ସେ କଂଗ୍ରେସରୁ ନିଜକୁ ଅଲଗା ରଖି, ଉତ୍କଳ-ସମ୍ମିଳନୀ ସ୍ଥାପନ କରିଥିଲେ—ତାହା ହେଲା ବଙ୍ଗଳା ପ୍ରେସିଡେନ୍ସୀର ଏକ ଅନ୍ଧକାର କୋଣରେ ମୌନ ଆର୍ତ୍ତନାଦ ରୂପେ ପଡ଼ରହିଥିବା, ଓଡ଼ଶାର ଅଭ୍ୟୁଦୟ । ସେତେବେଳର ପରିସ୍ଥିତିରେ ସ୍ୱରଟସ୍ଥ ମହାଜାତିର ଉତ୍ଥାନ ପାଇଁ ସୁଦ୍ଧା ଏ ପ୍ରକାର ନେତୃତ୍ୱର ଐତିହାସିକ ପ୍ରୟୋଜନ ରହିଥିଲା—ମୁକ୍ତ କଣ୍ଠରେ ତାହା (ଯୋଗୀ) ଅରବିନ୍ଦ ସ୍ୱୀକାର କରିଥିଲେ "ବନ୍ଦେ ମାତରମ୍" ପତ୍ରିକାର ଏକ ଅଗ୍ରଲେଖାରେ—ବଙ୍ଗଭଙ୍ଗ ଆନ୍ଦୋଳନର ଅଗ୍ନିଗର୍ଭ ଯୁଗରେ !

ଲର୍ଡ କର୍ଜନ୍, ସ୍ୱରଡର ସ୍ୱଇସରଗ୍ସ ଥିବା ବେଳେ, ମଧୁସୂଦନଙ୍କ ସାମ୍ବିଧାନିକ ଆନ୍ଦୋଳନ ଫଳରେ, ପ୍ରସିଦ୍ଧ ରିସଲେ-ସର୍କୁଲର୍‌ରେ ସ୍ୱଧାଭତ୍ତିରେ ପ୍ରଦେଶ ଗଠନର ନୀତି ଘୋଷିତ ହେବା ବେଳେ—ଇଂରେଜ ଶାସନକାଳରେ ଓଡ଼ଆ ସ୍ୱଧାସ୍ୱଧୀମାନଙ୍କୁ ଏକ ଶାସନାଧୀନରେ ଏକତ୍ରିତ କରିବା ପ୍ରସ୍ତାବର ତୀବ୍ର ବରୋଧ କରିବା ପାଇଁ, ଏ. ଟି. ଆରୁଣ୍ଡେଲ୍‌ଙ୍କ ପରି, ଉଚ୍ଚଶିକ୍ଷାପ୍ରାପ୍ତ ପଦାଧିକାସ୍ୱମାନଙ୍କର ଅଭାବ ନ ଥିଲା । ପ୍ରାୟ ଶହେ ବର୍ଷ ପୂର୍ବେ ଏଇ ଓଡ଼ଆ ଜାତି କୋମ୍ପାନୀ-ଶାସନକୁ ଯେଉଁ ମରଣକାମୁଡ଼ା ଦେଇଥିଲା, ପୁଣି ୧୮୫୭ ଖ୍ରୀଷ୍ଟାବ୍ଦ ସ୍ୱାଧୀନତା-ସମର ପର୍ଯ୍ୟନ୍ତ ବଦ୍ରୋହର ଅନଙ୍ଗାଚିତ ଶିଖାକୁ ଯେପରି ବଞ୍ଚାଇ ରଖି ପାରିଥିଲେ, ସୁରେନ୍ଦ୍ର ସହାସ୍ୱ ଓ ଗୃଖୀ ଖୁର୍ଦ୍ଦାଆଙ୍କ ପରି ଦେଶପ୍ରେମୀମାନେ—ତାହାର ପୃଷ୍ଠ, ଇଂରେଜ ଶାସକମାନେ, ଭଆପି ଭୁଲ୍ ନ ଥିଲେ । ସେଥିପାଇଁ ଏ.ଟି. ଅରୁଣ୍ଡେଲ୍ ଏକ 'ମିନଟ୍' (minute) ବା ନୋଟ୍‌ରେ ଲେଖିଥିଲେ...."my chief objection to the principle or proposal is politcal"—ତାଙ୍କର ଆଶଙ୍କା ଓଡ଼ଆ ସ୍ୱଧାସ୍ୱଧୀମାନେ ଏକ ଶାସନାଧୀନରେ ଏକତ୍ରିତ ହେଲେ, ଭବିଷ୍ୟତ ପାଇଁ ଏକ ବିପଦ ଦେଖାଦେବ ।* ଯେଉଁ କାରଣରୁ ଲର୍ଡ କର୍ଜନ୍, ମରହଟ୍ଟା ଜାତି ଏକାଠି ହେଲେ, ଇଂରେଜ ଶାସନ ବିପନ୍ନ ହେବାର ଆଶଙ୍କା କରି, ୧୯୦୩ ଖ୍ରୀଷ୍ଟାବ୍ଦରେ ବେରାର୍‌କୁ ମରଠା ସ୍ୱଧୀ ମହାସ୍ୱଙ୍କ ସହିତ ନ ମିଶାଇ ମଧ୍ୟପ୍ରଦେଶ ସହିତ ସାମିଲ କରିଦେଇଥିଲେ, ଠିକ୍ ସେହି କାରଣରୁ ଓଡ଼ଆସ୍ୱଧୀ ଗଞ୍ଜାମ ନୁହଁ, ଓଡ଼ଶା ସହିତ ମିଶ୍ରଣ ପ୍ରସ୍ତାବର ବରୋଧ କରୁଥିଲେ, ଏ.ଟି. ଆରୁଣ୍ଡେଲ୍ । ଇଂରେଜ ଶାସକଗୋଷ୍ଠୀ ଓଡ଼ଆ ସ୍ୱଧାସ୍ୱଧୀ ଅଞ୍ଚଳମାନଙ୍କର ଏକତ୍ରିକରଣର ବରୋଧ କରୁଥିବା ବେଳେ, ଜାତୀୟ-କଂଗ୍ରେସ ମଞ୍ଚରେ ମଧ୍ୟ ଶୁଣାଯାଉଥିଲ ଏହାର ପ୍ରତିଧ୍ୱନି । ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସୀକୁ ମାଦ୍ରାଜ ପ୍ରେସିଡେନ୍ସୀରୁ ଅଲଗା କରି, ଓଡ଼ଶା ସହିତ ଏହାର ମିଶ୍ରଣ ପ୍ରସ୍ତାବ ବରୋଧରେ, କଂଗ୍ରେସର ମାଦ୍ରାଜ-ଅଧିବେଶନ (ତା ୩୦-୧୨-୧୯୦୩) ରେ ଚୁଷ୍ଟାନ୍ତ ହୋଇଥିଲ ଏକ ନିର୍ଦ୍ଧାରଣ.....

---

* Arundale's note dated 19th June 1903—Minute on territorial redistribution—Part I—Para 9 of Home (Public) Proceedings A—Decr, 1903 ଦ୍ରଷ୍ଟବ୍ୟ ।

Digitized by srujanika@gmail.com

"That this Congress views with deep concern the present policy of the Government of India in breaking up territorial divisions which have been of long standing and are closely united by ethnological, legislative, social and administrative relations, and the Congress deprecates the separation from Bengal of Dacca' Mymensingh, Chittagong Divisions and partition of Chotanagpur Division and *also the separation of the District of Ganjam and the Agency Tracts of Ganjam and Vizagapatam from the Madras Presidency.*"

ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସୀ ସମ୍ପର୍କରେ କୌଣସି ଉଲ୍ଲେଖ, ମୂଳ ପ୍ରସ୍ତାବରେ ନ ଥିଲ । ତାମିଲ ସଭ୍ୟ, ଭ. କୃଷ୍ଣସ୍ୱାମୀ ଆୟ୍ୟାରଙ୍କ ଘୋର ବିରୋଧ ସତ୍ତ୍ୱେ, ଏ ସଂଶୋଧନ ପ୍ରସ୍ତାବଟି ଯୋଡ଼ ଦେଇଥିଲେ ବରହମପୁରର ତେଲୁଗୁ ପ୍ରତିନିଧି ଜ. ଗୁପବ ରୁଓ ।* ଏହି ଅଭିଜ୍ଞତା ପରେ, ଅନଗ୍ରସର ଓଡ଼ିଶାର ଅଭ୍ୟୁଦୟ ପଥରେ ପ୍ରାଥମିକ ପଦକ୍ଷେପ ରୂପେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କରେ ଏକତ୍ରିକରଣ ଦିଗରେ କଂଗ୍ରେସ ଯେ ସହାୟକ ହେବ; ସେ ପଡିଆରୁ ମଧୁସୂଦନଙ୍କର ଆଉ ନ ଥିଲ । ବରଂ ଶହ୍ଲେ-ସକୁଲରରେ ଭାଷା-ଭିତ୍ତିକ ପ୍ରଦେଶ ଗଠନ ସମ୍ପର୍କରେ ରହିଥିଲ ଯେଉଁ ପ୍ରଶାସନିକ ସିଦ୍ଧାନ୍ତର ଘୋଷଣା; "ଉତ୍କଳ-ସମ୍ମିଳନୀ" ଗଠନ ପାଇଁ ତାହା ମଧୁସୂଦନଙ୍କୁ ଅନୁପ୍ରେରିତ କରିବାର କେତେକ କାରଣ ମଧ୍ୟରେ ଏକ ମୁଖ୍ୟ କାରଣ ଥିଲ—ସନ୍ଦେହ ନାହିଁ । ବସ୍ତୁତଃ ସ୍ୱାଧୀନୋତ୍ତର କାଳରେ ସଦ୍ଭେକଲା-ଝରସୁଆଁ, ସିଂହଭୂମି ସଦର ସମେତ, ଦକ୍ଷିଣରେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କ ସମ୍ପର୍କରେ କେନ୍ଦ୍ରରେ କଂଗ୍ରେସ ନେତୃବୃନ୍ଦଙ୍କର ଯେଉଁପରି ମନୋଭାବ ପ୍ରକାଶ ପାଇଲ, ତାହାର ପୃଷ୍ଠଭୂମିରେ ବସ୍ତୁତଃ କଲେ, ସେଦିନ ମଧୁସୂଦନଙ୍କ ସିଦ୍ଧାନ୍ତ ଯେ ଦୂରଦୃଷ୍ଟିସମ୍ପନ୍ନ ଥିଲ, ସେଥିରେ ସନ୍ଦେହର ଅବକାଶ ନାହିଁ । ଲର୍ଡ଼ କର୍ଜନଙ୍କ ଭାଷାରେ, "ଓଡ଼ିଆମାନେ ଆନ୍ଦୋଳନପ୍ରବଣ ହୋଇ ନ ଥିବାରୁ କେନ୍ଦ୍ର-ଶାସନର ସ୍ତୂପକାଠରେ ସବୁଦିନେ ନିର୍ବିଘ୍ନରେ ବଳି ପଡ଼ି ଆସିଛନ୍ତି"—ସ୍ୱାଧୀନୋତ୍ତର କାଳରେ ସେପରି ଦେଶପ୍ରାଣ, ଉତ୍ସର୍ଗୀକୃତ ନେତୃତ୍ୱ ଅଭାବରୁ ଓଡ଼ିଶା ମଧ୍ୟ ବହୁ କ୍ଷେତ୍ରରେ ବଳି ପଡ଼ି ଆସୁଅଛୁ । ଏହି ପୃଷ୍ଠଭୂମିରେ 'ଉତ୍କଳ-ସମ୍ମିଳନୀ', ମଧୁସୂଦନଙ୍କ ଦୂରଦୃଷ୍ଟିସମ୍ପନ୍ନ, ଗୁରୁତ୍ୱପୂର୍ଣ୍ଣ ବା 'ଷ୍ଟେଟ୍ସ୍‌ମାନ୍‌ସିପ୍'ର ଉତ୍କୃଷ୍ଟ ସାକ୍ଷର ବହନ କରିଥାଏ । ଏହା ଯଥାର୍ଥରେ ଥିଲ ଦେଶମାତୃକାର ବନ୍ଦନା-ପୀଠ; ଗୁରୁ ମହାତ୍ମାଠାରୁ ଆରମ୍ଭ କରି କୃଷକ ଶ୍ରମିକଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କର ଏହା ଥିଲ ମିଳନକ୍ଷେତ୍ର !

ଉତ୍କଳ-ସମ୍ମିଳନୀର ଅଗ୍ରଗାମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଓଡ଼ିଶାରେ କେହି କେହି ନାସିକା-କୁଞ୍ଚନ କରିଥାନ୍ତି । କିନ୍ତୁ "ବଙ୍ଗୀୟ-ପ୍ରତ୍ୟବେକ୍ଷ" ତତ୍କାଳୀନ ଓଡ଼ିଶାର ଅଭ୍ୟୁଦୟରେ ଉତ୍କଳ-ସମ୍ମିଳନୀର ଯେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲ, ତାହା ଅକୁଣ୍ଠିତ ଭାବରେ ସ୍ୱୀକାର କରି ଜଣେ ବଙ୍ଗୀୟ ଗବେଷକ "Swadeshi Movement in Bengal (1903—1908) ପୁସ୍ତକରେ ଲେଖିଛନ୍ତି :

* "The Oriya Movement"—ପୃ. ୩୦—୩୧ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

"× × × Emergent Oriya national consciousness found expression through the Utkal Union Conference led by Madhusudan Das, which had set up 381 branches by January 1905 according to Oriya and Nabasambada dated 25-1-1905. The conference demanded separate Oriya-speaking Province including Ganjam."*

୧୯୨୦ ଖ୍ରୀ. ଅ. ପରେ ଉତ୍କଳ-ସମ୍ମିଳନୀ ଅବଶ୍ୟ ବନ୍ଦ ହୋଇ ପଡ଼ିଥିଲା । ମାତ୍ର ସାଇମନ-କମିସନ ଆଗମନର ପ୍ରାକ୍‌କାଳରେ ମଧୁସୂଦନଙ୍କ ପ୍ରେରଣାରେ ପୁଣି ଗଠିତ ହୋଇଥିଲା ଓଡ଼ିଶା ଲବର୍‌ଗ୍ଲ ଲୀଗ୍ ବା ଉତ୍କଳ ସ୍ୱୟନସ୍ୱନ କମିଟି ! ସାଇମନ୍-କମିସନକୁ ଓଡ଼ିଶାର ରାଜନୈତିକ ଦାବୀ ସମ୍ପର୍କରେ ପ୍ରତ୍ୟବଡ କର ପାରିଥିଲେ, ଏହି ଓଡ଼ିଶା ଲବର୍‌ଗ୍ଲ୍ ଲୀଗ୍ ବା ଉତ୍କଳ-ସ୍ୱୟନସ୍ୱନ କମିଟି; ଯାହା ଥିଲା, ସମ୍ମିଳନୀର ରୂପାନ୍ତର ! ସ୍ୱରଡ-ଗ୍ରାଞ୍ଜୁପୁଞ୍ଜରେ ଓଡ଼ିଶା ଯେ ଆଜି ନିଜର ସ୍ୱତନ୍ତ୍ର ସତ୍ତା ଓ ସ୍ଥିତି ଦାବୀ କର ପାରିଛୁ—ତାହା ଯଥାର୍ଥରେ ଉତ୍କଳ-ସମ୍ମିଳନୀର ସାଧନା ଓ ସଂଗ୍ରାମର ଫଳଶ୍ରୁତି । ସେହି ଦୃଷ୍ଟିରୁ ମଧୁସୂଦନଙ୍କୁ ଆଧୁନିକ ଓଡ଼ିଶାର ଜନକ କହିବା, ଇତିହାସ ଦୃଷ୍ଟିରୁ ସମିଚୀନ ହେବ ।

ମଧୁସୂଦନଙ୍କ ନେତୃତ୍ୱ ଓ ରାଜନୈତିକ କର୍ମସାଧନା, କେବଳ ଉତ୍କଳୀୟ ଅଭ୍ୟୁତ୍ଥାନର ସଙ୍କୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ ନ ଥିଲା । ସ୍ୱରଡାସ୍ୱ ରାଜନୈତିକ ଚନ୍ତ୍ରାଧାରକୁ ତାଙ୍କର ଅବଦାନ ମଧ୍ୟ ସାମାନ୍ୟ ନୁହେଁ । ସ୍ୱଷା-ଭିତ୍ତିକ ରାଜ୍ୟ ବା ପ୍ରଦେଶ ଗଠନ, ଯାହା ଆଜି ସ୍ୱରଡାସ୍ୱ ସମ୍ବିଧାନରେ ସ୍ୱୀକୃତ ଲଭ କରିଛୁ, ତାହାର ଆଦ୍ୟ ଉଦ୍‌ଗାତା ଥିଲେ, ମଧୁସୂଦନ ! 'ରକଲ୍' (Recall) ବା କୌଣସି ଲୋକନିର୍ବାଚିତ ପ୍ରତିନଧି, ନିର୍ବାଚନମଣ୍ଡଳୀର ଆସ୍ଥାଭାଜନ ହୋଇ ନ ରହିଲେ, ତାହାଙ୍କ ପ୍ରତିନଧିତ୍ୱ-ପ୍ରତ୍ୟାହାର, ଆଜି ସପ୍ତ-ଦଶକର ଶେଷପାଦରେ ଜସ୍ପ୍ରକାଶଙ୍କ 'ସମ୍ପୂର୍ଣ୍ଣ-କ୍ରାନ୍ତି'ର ଏକ 'ନାରା' ବା ସୋଗାନ୍ ହୋଇ ରହିଛୁ । ମାତ୍ର ବହାର-ଓଡ଼ିଶାର ସ୍ୱାସ୍ଥ୍ୟ-ଶାସନ ବର୍ତ୍ତମ ମନ୍ତ୍ରୀ ଥିବାବେଳେ, ସ୍ୱାସ୍ଥ୍ୟ-ଶାସନ-ଆଇନରେ ସେ ଏହି 'ରକଲ୍'ର ବ୍ୟବସ୍ଥା ଅଙ୍ଗୀଭୂତ କରିଥିଲେ, ଅର୍ଦ୍ଧଶତାବ୍ଦୀ ପୂର୍ବରୁ !

ଅର୍ଥନୈତିକ କ୍ଷେତ୍ରରେ ମଧୁସୂଦନଙ୍କ ଚନ୍ତ୍ରା ମଧ୍ୟ ଥିଲା ବୈପ୍ଲବିକ । ସୋଜନାବଦ୍ଧ ଅର୍ଥନୀତିରେ କୃଷି ସହିତ ଶିଳ୍ପର ସମନ୍ୱୟ ଓ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ଜନତାକୁ ବେକାରୀ ଓ ଦାରିଦ୍ର୍ୟର ନାଗପାଶକୁ ମୁକ୍ତ ଦେବା, ତାଙ୍କ ଅର୍ଥନୈତିକ ଚନ୍ତ୍ରାର ଏକ ଷ୍ଟ୍ରଙ୍ଗ୍ ଆଭିମୁଖ୍ୟ ଥିଲା । ଶିକ୍ଷାକୁ ସେହିପରି କର୍ମାଭିମୁଖୀ କରିବା—ଯାହା ଆଜିର ସ୍ଲୋଗାନ—ଥିଲା ମଧୁସୂଦନଙ୍କ ଲକ୍ଷ୍ୟ । ସାନଭାଇ ଗୋପାଳବଲ୍ଲଭ ଭବାନୀରେ ଏମ୍. ଏ. ପାସ୍ କରିଥିବାରୁ, ତାଙ୍କୁ କୃଷି କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ, ଧର୍ମଶାଳା ଅଞ୍ଚଳରେ ମଧୁସୂଦନ ଜନଶହ ଏକର ଫାର୍ମ ଜମି କିଣିଥିଲେ । ମାତ୍ର ଗୋପାଳବଲ୍ଲଭ ଡେପୁଟୀ ମାଜିଷ୍ଟ୍ରେଟ ଚାକରୀ ପାଇଁ ଆକୃଷ୍ଟ ହେବାରୁ ତାଙ୍କ ସହିତ ମଧୁସୂଦନଙ୍କର ହୋଇଥିଲା ଜାତ୍ର ମତାନ୍ତର ।

* Swadeshi Movement in Bengal 1905—1908 (People's Publishing House)—By Dr. Sunit Sircar.

Digitized by srujanika@gmail.com

ମଧୁସୂଦନ ଅବଶ୍ୟ ଥିଲେ ବ୍ରଜା, ଜମିଦାରମାନଙ୍କର ଶତ୍ରୁନର୍ । କନ୍ତୁ କୃଷି କ୍ଷେତ୍ରରେ ପ୍ରଜାର ସ୍ୱତ୍ୱ ସମ୍ପର୍କରେ ତାଙ୍କର ଚନ୍ତା ଥିଲ ଜପର ବୈପ୍ଲବକ, ତାହା ଓଡ଼ିଶା ଟେନାନ୍ସୀ-ଆକ୍ଟ ଆଲୋଚନା ପ୍ରସଙ୍ଗରେ ତାଙ୍କ ଭାଷଣ ଓ ସ୍ମାରକପତ୍ର ଇତ୍ୟାଦିରୁ ସ୍ପଷ୍ଟ ହେବ । ଜମିଦାସ୍ତ ପ୍ରଥା ବ୍ରିଟିସ୍ ସମ୍ବନ୍ଧରେ ନ ଥିଲ । ମୋଗଲମାନଙ୍କ ବ୍ରଜତ୍ୱ କାଳରେ ପ୍ରଜାମାନଙ୍କ ଠାରୁ କର ଆଦାସ୍ତ ପାଇଁ କେବଳ ଏହି ମଧ୍ୟସ୍ତାଧିକାସ୍ତ ସୋଷ୍ଟି ହୋଇଥିଲେ ବୋଲ ତଥ୍ୟ ପ୍ରମାଣ ସହିତ ଦର୍ଶାଇ, ଭୂମି ଉପରେ ଏକମାତ୍ର କୃଷକର ହିଁ ଅଧିକାର ସ୍ୱୀକୃତ ହେବା ଉଚିତ ବୋଲ ସେ ଉକ୍ତ ସ୍ମାରକପତ୍ରରେ ଦର୍ଶାଇଥିଲେ । ତାଙ୍କ ସମସ୍ତର ପୃଷ୍ଠଭୂମିରେ ଏ ଚନ୍ତା ମୌଳିକ ଓ ବୈପ୍ଲବକ ଥିଲ, ସନ୍ଦେହ ନାହିଁ ।

ମଧୁସୂଦନ 'ଲସ୍ୟାଲିଷ୍ଟ' ବା ବ୍ରିଟିଶ ବ୍ରଜଶକ୍ତିର ବଶମ୍ବଦ ଥିଲେ ବୋଲ, ତାଙ୍କ ପ୍ରତିପକ୍ଷ ଗୋଷ୍ଠୀ ଦ୍ୱାସ୍ତ କମ୍ ସମାଲୋଚିତ ହୋଇ ନାହାନ୍ତି । କନ୍ତୁ ପ୍ରଥମ ମହାଯୁଦ୍ଧ କେଲେ ମହାତ୍ମାଗାନ୍ଧୀ ସୁଦ୍ଧା ବ୍ରିଟିଶ ସରକାରଙ୍କ ପାଇଁ ସ୍ୱେଚ୍ଛାସେବକ ସଂଗ୍ରହ କରୁଥିଲେ ବୋଲ କଏ ନ ଜାଣେ ? ଚଳିତ ଶତାବ୍ଦୀର ପ୍ରଥମ ପାଦର ଶେଷ ଭାଗ ପର୍ଯ୍ୟନ୍ତ ଭାରତସ୍ତ ବ୍ରଜଗତର ପ୍ରକୃତି ଓ ପ୍ରବୃତ୍ତି ଥିଲ ଉଦାରପନ୍ଥୀ ବା ଲବରାଲ୍ । ବ୍ରିଟିଶ ବ୍ରଜଶକ୍ତିର ନ୍ୟାସ୍ତବୋଧ ଉପରେ ଏମାନଙ୍କର ଥିଲ ଅଖଣ୍ଡ ବଶ୍ୱାସ । ବ୍ରିଟିଶ ଶାସନର ଆନୁକୂଲ୍ୟରେ, ଭାରତ ସ୍ୱାଧୀନତା ଲାଭ କରି ପାରିବ ବୋଲ ଏମାନେ ଆସ୍ଥାବାନ୍ ଥିଲେ । ଇତିହାସର ଗତିରେ, ଅସହଯୋଗ, ସତ୍ୟାଗ୍ରହ ଓ 'ଭାରତ-ଛାଡ଼'ର ଅଗ୍ନିଗର୍ଭ-ଆନ୍ଦୋଳନ ସତ୍ତ୍ୱେ, ଶେଷରେ ସେଇଆହିଁ ହେଲ । ସ୍ୱାଧୀନତାଲାଭର ଅବ୍ୟବହିତ ପୂର୍ବରୁ, ସେଦିନର ଅସହଯୋଗୀ କଂଗ୍ରେସ ନେତାମାନେ, ବ୍ରିଟିଶ ବ୍ରଜଶକ୍ତିର ଏକାନ୍ତ ବାଧ୍ୟ ଓ ବଶମ୍ବଦ ହୋଇ, ଲର୍ଡ ଲୁଇସ୍ ମାଉଣ୍ଟବାଟେନ୍‌ଙ୍କୁ ଯେପରି ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର-ଜେନେରାଲ ରୂପେ ଅଭିଷିକ୍ତ କରିବା ପାଇଁ କୁଣ୍ଠିତ ହୋଇ ନଥିଲେ; ତାହା ବସ୍ତୁତ ହୋଇଯିବା ଉଚିତ ନୁହେଁ । ମଧୁସୂଦନଙ୍କୁ 'ଲସ୍ୟାଲିଷ୍ଟ' ବୋଲ ଆକ୍ଷେପ ହାଣିବାରେ ଯେଉଁମାନେ ମୁଖର, ସେମାନେ ଇତିହାସର ଏ ନିଷ୍ଠୁର ସତ୍ୟ ସ୍ମରଣ କରିବା ଉଚିତ ।

ନନ୍-କୋଅପରେସନ ଆନ୍ଦୋଳନରେ ମଧୁସୂଦନଙ୍କ ବଶ୍ୱାସ ନ ଥିଲ । ବ୍ରିଟିଶ ବ୍ରଜଶକ୍ତି ପ୍ରତି ଆନୁଗତ୍ୟ, ଅଥବା ସ୍ୱାଧୀନତାପ୍ରାପ୍ତି-ଲକ୍ଷ୍ୟର ବରୋଧୀ ଥିଲେ ବୋଲ ସେ ଯେ ନନ୍-କୋଅପରେଟର୍ ସାଜ ନଥିଲେ; ତାହା ନୁହେଁ । ନନ୍-କୋଅପରେସନ ସହିତ ତାଙ୍କର ବରୋଧ ଥିଲ ତାତ୍ତ୍ୱିକ ଓ ମୌଳିକ । ବିହାର-ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରେ ୧୯୨୨ ସାଲ୍ ୮ ତାରିଖ ମାର୍ଚ୍ଚ ଦିନ, ବଜେଟ୍‌ରେ ପୋଲିସ-ଡ଼ମାଣ୍ଡ ଉପରେ ମଧୁସୂଦନ ତାଙ୍କ ଭାଷଣ ପ୍ରସଙ୍ଗରେ ନନ୍-କୋଅପରେସନ୍ ସହିତ ତାଙ୍କର ତାତ୍ତ୍ୱିକ ବରୋଧର ଆଲୋଚନା ପ୍ରସଙ୍ଗରେ କହିଥିଲେ·····"It is a peculiar state of political atmosphere that has overtaken—I was going to say enshrouded—this vast continent of India. The term by which this political propaganda has been christened is "non-co-operation". I have always held that absolute non-co-operation is an impossibility

Digitized by srujanika@gmail.com

in this universe. You can never see any object which has an exclusively isolated existence and is not dependant on something else for its very existence. We all know that non-co-operation as it is preached now, means a determination not to have anything to do with the existing Government. Now what is the relation between citizens and Government. Every citizen is entitled to demand from the Government—he may be a poor begger or the poorest leper living, the dying man within five minutes before his death, has the right to tell the Government, the Sovereign of the Kingdom and Empire—"You must protect me and my family." And on the contrary in order that he might with justice and with force insist upon and demand like that, he owes a duty as a citizen to his Sovereign, to the Government or by whatever name you may call the system of administration prevailing in the country. Every citizen is bound to give a certain amount of help to the Government in the discharge of its duty." ଅସହଯୋଗର ଏହି ତାତ୍ତ୍ୱିକ ବଶ୍ଳେଷ ସେଦନର ଗାନ୍ଧୀ-ପ୍ରଭାବତ ପୃଷ୍ଠଭୂମିରେ, ଯେତେ ଅସ୍ୱାଦ୍ୟ ମନେ ହେଲେ ବ, ପରବର୍ତ୍ତୀ କାଳରେ ସେଦନର ଅସହଯୋଗୀମାନେ, ଅସହଯୋଗ ପରହାର କର ଯେପର ବଶ୍ୱସ୍ତ ସହଯୋଗୀ ସାଜଥିଲେ, ଇତହାସର ସେଇ ଦଗ ପ୍ରତ ଆଷ୍ଟିମିଟିକା ମାରବା ସମ୍ଭବ ନୁହେଁ ।

ମଧୁସୂଦନ ଇତହାସରେ ସ୍ମରଣୀୟ ହୋଇ ରହିବେ—ଓଡ଼ିଆ ଜାତର ଜନକ, ଶନେସାଁର ପ୍ରବର୍ତ୍ତକ ଓ ଜାରତୀୟ ଜାଗରଣର ଅନ୍ୟତମ ପୁରୋଧା ରୂପେ । ରାଜନୀତ—ମଧୁସୂଦନଙ୍କର ଥଲ କର୍ମତପସ୍ୟା । କ୍ଷମତା ଓ ସ୍ୱାର୍ଥଲପ୍ସାର ବହୁ ଉର୍ଦ୍ଧ୍ୱରେ, ରାଜନୀତକୁ ସେ ଉନ୍ନୀତ କରିଇ ପାରଥିଲେ, ତତଷାପତ ଏକ ଜାବଲେକକୁ—ଶୂନ୍ୟଗର୍ଭ ପହଲରେ ନୁହେଁ, ନଜ ଜାବନଚର୍ଯାରେ, ସେ ସ୍ୱାର୍ଥମେଧଯଜ୍ଞର ଯେଉଁ ହୋମାଗ୍ନି ପ୍ରଜ୍ୱଳତ କରଥିଲେ, ସେଥିରେ ସେ ନଜକୁ ଦେଇଥିଲେ ପୂର୍ଣ୍ଣାହୂତ ! ଆତ୍ମପ୍ରତ୍ୟସ୍ପୃହନ ଓଡ଼ିଆ ଜାତକୁ ସେ ତାଙ୍କ ଦୁଇଟାର ନେତୃତ୍ୱରେ ଦେଇ ପାରଥିଲେ ସ୍ୱାଭମାନ !

ମଧୁସୂଦନ—କେବଳ ଓଡ଼ଶାର ନୁହଁନ୍ତ—ତାଙ୍କ ପରସ୍ଥତ ଓ ପୃଷ୍ଠଭୂମିରେ, ଜାରତୀୟ ଜାଗରଣର ଅନ୍ୟତମ ଆଦ୍ୟସ୍ରଷ୍ଟା—ଜାତୀୟ-ଗୌରବ !

ଶିବାଜୀ
କଟକ-୮
ତା ୧୬ ମର୍ଚ୍ଚ, ୧୯୭୮

□

Digitized by srujanika@gmail.com

ପରିଶିଷ୍ଟ—ଏକ

Speakers will please note that all discussions on Political and Religious subjects and criticisms of the actions of Government and Government Officials are strictly prohibited.

THE UTKAL UNION CONFERENCE

30th and 31st December 1903

RESOLUTION I

That this Conference, representing the people of the Oriya speaking tracts under the Bengal, Madras and the Central Provinces Governments respectfully record their deep and sincere feelings of gratitude to His Excellency the Viceroy and Governor-General of India for his beneficent proposal for the administrative union of the whole Oriya-speaking tracts; and that a copy of this resolution be forwarded to the Private Secretary for communication to His Excellency.

Mover—The Maharaja of Keonjhar *(Tributary Chief, Orissa)*

Seconder—The Raja of Khallikote and Athagada, Ganjam.

Supporter—1. Babu Viswanath Kar, Cuttack.
2. Raja Baikuntha Nath De Bahadoor, Balasore.
3. Babu Brajamohan Patnaik, Sambalpur.

RESOLUTION II

That the sincere thanks of this Conference be conveyed to His Honour the Lieutenant-Governor of Bengal for having restored the use of the Oriya language as the court language in Sambalpur. While His Honour was at the Head of the Central Provinces

Digitized by srujanika@gmail.com

Administration and that a copy of this resolution be communicated through the Private Secretary to His Honour the Lieutenant-Governor of Bengal.

Mover—Sri Bikram Deb Burma, Vizag.

Seconder—Babu Chandra Sekhar Behera, Sambalpur.

Supporter—1. Ram Chandra Das, Puri.
2. Babu Gagan Behari Chowdhury, *B.A., B.L.*

RESOLUTION III

That this Conference emphasise the desirability of fostering and strengthening friendly relations between the Utkaliyas and the other peoples and nations with whom they are in contact.

Mover—Raja Baikuntha Nath De Bahadoor, Balasore.

Seconder—M. R. Ray, Rajgopalachari Rajguru, Mandassa.

Supporters—1. Babu Radhanath Paty, *B.A., B.L.*, Midnapur.
2. Babu Ramnarayan Misra, *M.A., B.L.*, Sambalpur.
3. Rev. A. H. Young, *M.A.*
4. Mr. M. S. Das, *M.A., B.L* , in Oriya and English.

RESOLUTION IV.

That a Central Committee consisting of the following gentlemen (with power to add to their number and to form Local Branch Committees) be formed for the purpose of carefully educating public opinion concerning measures which may be regarded as expedient for the introduction of salutary social reforms among the Utkaliyas, in response to the need of the present times, and that an account of the work done by the Committee during the year be printed and laid before the Utkal Union Conference at their next annual sitting.

Mover—Munshi Mahamud Ali, Cuttack.

Seconder—Babu Daniel Mahanty, Berhampore.

Digitized by srujanika@gmail.com

MEMBERS OF THE STANDING COMMITTEE

1. Maharaja of Mourbhanj
2. Maharaja of Keonjhar
3. Raja of Atgarh
4. Raja of Khandpara
5. Raja of Atmallik
6. Raja of Bamra
7. Raja of Sonepur
8. Raja of Gangpur
9. Maharaja of Jaipur
10. Raja Bahadoor of Parikud
11. Raja of Kanika
12. Raja of Talcher
13. Raja of Madhupur
14. Raja of Tigeria
15. Raja of Kallikote and Atgada
16. Raja of Bada Khemidi
17. Raja of Mandassa
18. Raja of Dharakote
19. Second Prince of Parlakhemidi
20. Prince Bikram Deo of Vizagapatam
21. Raja of Nursinghpur
22. Raja of Baramba
23. Raja of Ranpur
24. Raja of Boad
25. Raja of Dasapalla
26. Raja of Nilgiri
27. Raja of Dhenkanal
28. Raja of Pal Lahara
29. Raja of Redhakhol
30. Raja of Hindol
31. Raja of Nayagur
32. Raja Baikuntha Nath De Bahadoor, Balasore
33. Babu Madhusudan Rao
34. Rai Radhanath Rai Bahadoor
35. Babu Viswanath Kar
36. Babu Madhusudan Das, *B.A.*

Digitized by srujanika@gmail.com

37. Babu Ram Sankar Ray
38. " Gouri Sankar Ray
39. Gokulanand Chowdhury, *B.A*, *B.L.*
40. Gopal Chandra Praharaj, *B.A.*, *B.L.*
41. Abhiram Bhunj, *M.A.*, *B.L.*
42. Sudam Charan Naik
43. Gopal Ballabh Das, *M A.*
44. Raj Kishore Das, *B.A.*, *B.L.*
45. Nimai Charan Mitra
46. Ban Behary Palit, *B.A.*, *B.L.*
47. Braja Sunder Das, *B.A.*
48. Damodar Kar
49. Fakir Mohan Senapaty
50. Nandkishore Bal, *B.A.*
51. J. S. Rout
52. M. L. J. Jachak
53. Brajanand Das, *B.A.*
54. Padmanava Satpathy
55. Pandit Purusotum Turkalunkar
56. " Viswanath Satpathy
57. Maulavi Sayed Mahamud Ali
58. " Ruffiuddin Mohamud
59. Sayed Nurul Huq
60. Ekram Russul
61. Mr. M. S. Das, *M.A.*, *B.L.*
62. Babu Gagan Behari Chowdhury

RESOLUTION V

That this Conference recognise the necessity of organised measures for the improvement of the Oriya Literature and Language, and with a view to that end appoint a Standing Committee consisting of the following gentlemen, who, acting in cooperation with the 'Utkalsahitya Samaj' of Cuttack, will adopt measures calculated to secure the above-mentioned object; and that an account of the work done by the Standing Committee during the year be printed and laid before the Utkal Union Conference at their next annual sitting.

Digitized by srujanika@gmail.com

Mover—Rai Radhanath Rai Bahadoor, Cuttack

Seconder—Babu Madhusudan Rao, Cuttack

Supporter—1. Gopal Ballabh Das, *M.A.*
2. Babu Gangadhar Meher, Sambalpur

MEMBERS OF THE STANDING COMMITTEE

1. Rai Radhanath Rai Bahadoor
2. Babu Madhusudan Rao
3. Babu Fakir Mohan Senapaty
4. Babu Viswanath Kar
5. Babu Abhiram Bhanj, *M.A., B.L.*
6. Babu Nandkishore Bal, *B.A.*
7. Babu Madhusudan Das, *B.A.*
8. Babu Gopal Chandra Praharaj, *B.A., B.L.*

RESOLUTION VI

That with a view to the material improvement of the Utkaliyas, a Central Committee consisting of the following gentlemen (with power to add to their number and to form Branch Committees) be formed for the purpose of improving Agricultural and Industrial condition of the Oriya speaking tracts, and for utilising the natural products thereof, and that steps be taken to have the 'Silponnati Sabha' of Cuttack affiliated to this Conference, and that arrangements be made for holding Annual Exhibition of Agricultural, Industrial and Natural Products in connection with this Conference; and that an account of the work done by the Central Committee during the year be printed and laid before the Utkal Union Conference at their next annual sitting.

Mover—The Raja of Talcher, *(Tributary Chief)*

Seconder—Mr. M. S. Das, *M.A., B.L.*

Supporters—1. Babu Krishna Chandra Palit, *B.A.*, Cuttack
2. Babu Sarat Chandra Mukherjee, *B.A., B.L.*, Cuttack.

Digitized by srujanika@gmail.com

MEMBERS OF THE STANDING COMMITTEE

1. Maharaja of Mourbhanj
2. ,, of Keonjhar
3. ,, of Jaipur
4. Raja of Atgarh
5. ,, of Khandpara
6. ,, of Atmalik
7. of Bamra
8. of Sonepur
9. of Gangpur
10. of Parikud
11. of Kanika
12. of Talcher
13. of Madhupur
14. of Tigeria
15. of Khallikote and Atgada
16. of Bada Khemidi
17. of Mandassa
18. of Dharakote
19. of Narsinghpur
20. of Baramba
21. of Ranpur
22. of Boad
23. of Dasapalla
24. of Raja of Nilgiri
25. of Dhenkanal
26. of Pal Lahara
27. of Redhakhol
28. of Hindol
29. ,, of Nayagur
30. Maharaja of Patna
31. Raja of Kharial
32. Raja Baikunth Nath De Bahadoor, Balasore
33. Second Prince of Paralakhemidi
34. Prince Bikrama Deo of Vizag
35. Babu Sarat Chandra Mukherjee, *B.A., B.L.*
36. Babu Krishna Chandra Palit, *B.A.*
37. Mr. M. S. Das, *M.A., B.L.*

Digitized by srujanika@gmail.com

38. Babu Gokulanand Choudhury, *B.A., B.L.*
39. ,, Chintamoni Chowdhury
40. ,, Rajnarayan Pandit
41. ,, Mayadhar Das, *B.A., B.L.*
42. ,, Sudam Charan Naik.
43. ,, Gopal Ballabh Das, *M.A.*
44. ,, Rajkisore Das, *B.A., B.L.*
45. ,, Sriram Chandra Bose, *B.A., B.L.,*
46. ,, Harekrushna Mahanty, *B.A.*
47. ,, Gourishyam Mohanty, *B.A.*
48. ,, Fakir Mohan Senapaty.
49. ,, Jayaram Das.
50. ,, Braja Sundar Mardaraj.
51. ,, Braja Sundar Das, *B.A.*
52. Ram Sankar Ray.
53. ,, Gouri Sankar Ray.
54. ,, Nemai Charan Mitra.
55. ,, Baikunth Nath Dutta, *B.A., B.L.*
56. ,, Darpanarayan Das.
57. ,, J. S. Rout
58. ,, Iswerlal Perbar.
59. Damadar Pattanaik.
60. Abhiram Bhunj, *M.A., B.L.*
61. Sashi Bhusan Ray.
62. Moulvi Sayad Nurul Huq.
63. Raffiuddin Mahomed.

●

୧୯୦୩ ଖ୍ରୀ: ଅ: ଡିସେମ୍ବର ମାସରେ ଉତ୍କଳ ସୁନଅନ କନ୍‌ଫରେନ୍‌ସର କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ପ୍ରଥମ ଅଧିବେଶନରେ ଗୃହୀତ ପ୍ରସ୍ତାବ ସମୂହ ।

Digitized by srujanika@gmail.com

ପରିଶିଷ୍ଟ—ଦୁଇ

ଜାଗରଣୀ

ଆଜ ସାଗରେ ଭୂଧରେ ପ୍ରାନ୍ତରେ ଅମ୍ବରେ
ଶୁଭ୍ର ଉତ୍କଳର ଜସ୍ମଗୀତ ।
ଯାଇଛୁ ଅଡୁତ ହଜିନାହୁଁ ସୀଣା
ଦବ ନାହୁଁ ତାନ ହେଲେ ହେଁ ପ୍ରାଚୀନ ।
ନବ ଜାଗରଣେ ନବ ଗୁଞ୍ଜରଣେ
ଉଠୁ ସେ ତନ୍ତରୁ ନବସ୍ପୀତ । ୧ ।

ଡାକ ହୁମାଚଲ କହେ ସୀମାଚଲେ
କ ସଗୀତ ସ୍ପୃରେ ଚଲ୍ଲକା କଲ୍ଲୋଲେ
ମୋ ହୁମ ଗଲଇ ତୋ ସୀମା ଟଲଇ
ଦେଖି ଉତ୍କଳର ପୂଣ୍ୟ ପ୍ରୀତ । ୨ ।

ଶରତ ସଜାଡ଼ ଘୁରୁ ପକ୍ୱଶାଳୀ
ବସନ୍ତ ବଜାଡ଼ ଦୋଳ ଘଣ୍ଟାବଳୀ
ଶୁଭ୍ରଶୀପ ଯେନ ରବ ଶଶୀ ବେନ
ଉଠନୁ ବୁଡ଼ନୁ ନତ ନତ । ୩ ।

ଶିଶୁ ଦେଉ ଭାର ଉଷାରୁଣ ବସ୍ତ୍ର
ଦେଉ ଯୁବାଜନ ମଧ୍ୟାହ୍ନ ପ୍ରତସ୍ତ୍ର
ଙ୍କନରଶି, ଶେଷ ଦେଉ ପକ୍ୱକେଶ
ଘରୁ ସାଧନାର ଭ୍ରାନ୍ତ ସ୍ପତ । ୪ ।

ଅଛୁ ସ୍ୱାସ୍ଥଖଣ୍ଡ ଅଛୁ ସ୍ପର୍ଶରେଖା
ମନ୍ଦରେ ମନ୍ଦରେ ଇତହାସ ଲେଖା
କୈବଲ୍ୟ ବଧାନେ, ଏବେ ବ ଶ୍ରୀଧାମେ
ଅଛୁ ପ୍ରସ୍ତୁତ ସାମ୍ୟମାତ । ୫ ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଏ ସଗୀତଟି ଆବୃତ ହୋଇଥିଲା । ଚଣାହିଁରୀ ୬୪ କବି ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ ଏହାର ରଚୟିତା ।

Digitized by srujanika@gmail.com

ପରିଶିଷ୍ଟ—ଗ

Mourbhanj State.

15th January 1907

My dear Mr. Das

Many thanks for your note and the telegram I have seen only in the papers about the dealings business and I am sorry that Raja B. N. De should stoop to such business as

Lu her chuch. I am so
sorry that I lost for Mi
Balaram vote You will
not elected I understan
that the Balaram Delegat
exceed his instructions
I hope You will
not allow Mi
Mallik to act when this
Matter can be expected

Digitized by srujanika@gmail.com

from people whose leaders
are guided by such
~~unworthy~~ spirit and
selfish? Raja A.N.
He is a friend of
mine but I am ~~sad~~
~~ashamed~~ compelled to say that he
has acted here in a
dishonourable unworthy
& low fashion and

Digitized by srujanika@gmail.com

tradition to Chair
and seen the pamphlet-
which you sent. Round
by the Municipal Comrs
I shall be glad to see it-
when I get it.

With kind regards

Yours v. truly

F. E. Elwood.

ମଧୁସୂଦନଙ୍କ ମହାପ୍ରୟାଣରେ, ମଧୁସୂଦନଙ୍କ ଜନକଙ୍କୁ ଡା । ୪ । ୨ । ୧୯୦୭ ଖ୍ରୀ ପତ୍ର ପ୍ରତିଲିପି ।

Digitized by srujanika@gmail.com

ପରିଶିଷ୍ଟ—ଗୁରୁ



P. Nalini Bala
Mourbhanj ~~State.~~

18/2/07

My dear Mr. Das

Very many thanks for your letter which reached me in Camp. I am busy making arrangements for the Royal shoot.

I have read through your letter very carefully and wish

Digitized by srujanika@gmail.com

to day after giving the matter
very careful consideration that
this entry the question for
me to stand for the Election,
for the reason (a) that I
do not feel competent to
discharge the responsibility
which a Member of Council
ought to take upon himself.
(b) that if any man from Orissa

Digitized by srujanika@gmail.com

is at all to be elected it is
yourself and it is a matter
of Conscience with me not to
countenance the election of any
other man including myself
If I had as easy and
accommodating a Conscience
as unfortunately some of my
prominent friends have
it would have been possible
for me to stand as Candidate
but the Case is otherwise

Digitized by srujanika@gmail.com

I must very thankfully and gratefully decline your very kind offer. On my return from Cuttack, I mean to stay at Balasore for a few days and you may rest assured that I shall use all the influence which I possess over Raja B. N. De Bahadur and others to put an end to them the meanness and the shabbiness of which they have been guilty and to mend their ways. Otherwise I shall have nothing to do with their affairs. Hence when we have

ମୟୂରଭଞ୍ଜ ମହାରାଜାଙ୍କର, ମଧୁସୂଦନଙ୍କ ନିକଟକୁ ତା ୮ । ୨ । ୧୯୦୨ ରିଖ ପଠିତ

Digitized by srujanika@gmail.com

ପରିଶିଷ୍ଟ—ପାଞ୍ଚ

GOVERNMENT HOUSE
PATNA
2 23.

Dear Mr Das

I am in receipt of your letter of 7/8 inst. in which you give your reasons for suggesting that you are willing to give an undertaking to refrain from exercising any capacity you may have in connection with the agitation which you urge in pursuance of such a course. I am afraid there are very many, serious & well-founded objections to it. It would be difficult in practice for you to combine these two capacities, during periods to look on either as entirely distinct from the other, & actually it appears to me to be an absolute impossibility that a Minister should appear as a legal practitioner in connection with any matter in which he is a member of the Government or which he is a member of the Government or which he is a member of the Government of the precedent for such a position.

I will be happy to discuss the matter with you when you come to Patna, but I regret that I cannot see any way to accept your proposal.

Yours sincerely

ବହାର ଓଡ଼ିଶା ଲେଫ୍‌ଟନେଣ୍ଟ ଗଭର୍ଣ୍ଣର ସାର୍ ହେନ୍ରି ହୁଇଲରଙ୍କର ତା ୧୧।୨।୨୩ ଶଙ୍କର ପତ୍ର ପ୍ରତିଲିପି ।

Digitized by srujanika@gmail.com

ପରିଶିଷ୍ଟ—ଛଅ

Exchange of Letters between H. Wheeler, The Governor of Bihar and Orissa and Mr. Das on the issue of his resignation.

ମଧୁସୂଦନ ଓ ବହାର ଓଡ଼ିଶାର ଲେଫଟେନଣ୍ଟ ଗଭର୍ଣ୍ଣର ସାର୍ ହେନ୍‌ରୀ ହୁଇଲରଙ୍କ ମଧ୍ୟରେ ମନ୍ତ୍ରିତ୍ୱରୁ ଇସ୍ତଫା ଯୋଜନ ପତ୍ର ବଦମସ୍ଥ ମଧୁସୂଦନଙ୍କ ଚିଠି

PATNA, 8th March, 1923

"Your Excellency,

"Your Excellency has, I am sure, been informed of the result of the motions about Ministers' salary, and a copy of my speech must have been submitted to Your Excellency.

"I was obliged to accept the proposal of a reduced pay because I found that my brother Minister was willing to accept the proposal and he felt that I was an impediment in his way. In order to improve his position I agreed to accept the proposal. My brother's position being now secure, I beg to resign my office as Minister of Local Self-Government. I still believe that the office ought to be honorary, but as Your Excellency rejected my proposal on the subject, I do not think I should continue in this office.

"I solicit the favour of your relieving me of my duties by making the necessary arrangements, and I shall in the mean time carry on the duties of the office.

"Permit me to express my sincere gratitude to you for the kind and cool way in which you considered my views even when I had

Digitized by srujanika@gmail.com

the misfortune to disagree with you, My. humble services as a non-official will always be at your command should you require them in the interests of the country over which God has appointed you to rule.

I remain,
Your Excellency's most Obdt. Servt.
M. S. Das.

ହୁଇଲର୍‌ଙ୍କ ଉତ୍ତର

The 9th March, 1923

"Dear Mr, Das,

"It is with much regret that I received this morning your letter of yesterday's date tendering your resignation of the office of Minister-in-charge of the Local Self Government Department. In the circumstances, I have no alternative but to accept it.

"You say that you still believe the office ougnt to be honorary, but as Your Excellency rejected my proposal on the subject I do not think I should continue in this office."

"I think, however, you will bear me out that in your letter of the 7th/8th February, 1923, which is the only communication I had received from you on the subject, the actual suggestion made by you was, you were "willing to work honorary provided' you were "allowed to earn a living by practising as a Vokil."

"As it seems to me to be desirable that the precise circumstances should be known to the public, I am, with your consent, communicating the present and the previous correspondence to the Legislative Council, in connection with the message announcing your resignation".

"Allow me to thank you cordially for the time and labour given by you in your capacity of Minister, as also for the offer of your continued assistance as a private individual should the need arise.

Yours sincerely,
H. Wheeler

Digitized by srujanika@gmail.com

The Governor's speech in this connection

"I think it desirable that, in order that no misunderstanding should exist in the mind of the Council or the public, the previous correspondence that passed between myself and the Hon'ble Mr. Das should also be communicated, and to this the latter has assented. This is more necessary since and that in the course of a speech delivered yesterday in the Council the Hon'ble Mr. Das remarked as follows :—

"The Hon'ble mover of the motion wanted to know where the scheme with an Honorary Minister of Local Self Government was. The first step necessary was the substitution of an Honorary Minister of Local Self-Government for a paid Minister. The Hon'ble leader of the House read out Section 52 of the Statute relating to Ministers. The statute empowers the Governor to appoint his Minister and it lays down the amount of salary such minister should be paid. Reading the statute any man will see that it rests with the Governor to decide whether he would take an honorary Minister. If the Governor did not accept my reasons for making the office of Minister of Self-Government honorary, if His Excellency did not accept my suggestion for making my office honorary, it would not be possible for me to work out a scheme. It is not within the power of any one here to present a scheme in this Council without the sanction of His Excellency the Governor. Whether I have done my part of the work, whether I offered to serve honorary or not, my critics would do well to refer to His Excellency the Governor, and they may also refer to his Excellency the Viceroy. The correspondence on the subject between me and His Excellency I am bound to treat as confidential, but I shall be thankful to the Hon'ble members who are my critics and in this case all three of them are expert lawyers, if they would kindly accept my Vokalatnama and plead before His Excellency on the wisdom of having an honorary Minister. If they are anxious that I should vacate this office, it will give them an opportunity to discuss the question of my successor. I can assure my critics that after all that has transpired during the last few days, I shall be glad to be relieved of the responsibilities of this office. As a minister I am bound to be loyal to the Governor and I must hold

Digitized by srujanika@gmail.com

this office during his pleasure. These are the words of the statute. I cannot walk out of my office whenever I like. I cannot secure expulsion by being disloyal and unmanageable."

The inference which, I take it, is to be drawn from this speech is that the Hon'ble Mr. Das had suggested to me that the office of Minister in charge of Local Self-Government should be made an honorary one, and that I had declined to accept that suggestion.

"In this connection the following extract from a speech delivered by the Hon'ble Mr. Das in the Legislative Council on the 21st February 1922 is relevant :—

"In an organisation in which all the workers are honorary a salaried Minister mar the symmetry and harmony of the organisation. The office of the Minister of Local Self-Government ought to be honorary".....'To convert this office into an honorary one, the present official machinery needs addition and readjustment. I do not wish to disturb the present arrangement, but it is my intention to move His Excellency to let me have the services of one or two extra officials for whose pay I shall be responsible. I hope, when this Council meets next year to discuss the budget, to be able (God helping) to place before the Council a scheme in which an honorary Minister of Local Self-Government finds a place."

"I assumed charge of the office of Governor of the province on the 12th April 1922. The first communication which I received from the Hon'ble Mr. Das on the subject of the status of his office is dated the 7th-8th February 1923 and run as follows :—

Patna, the 7th-8th Feb. 1923.

"Your Excellency,

I beg to submit the following for your Excellency's perusal and favourable consideration.

"The success of the reforms must be decided by the nature of administration by the Local Bodies. Medical Relief, Sanitation,

Digitized by srujanika@gmail.com

Communications, and the education of masses are subjects of the administration whereof has been transferred to Municipal and District Boards. The importance of these subjects can be gauged by imagining for a moment the abolition of those departments during the trial period of the reforms. The new Municipal Act make the Municipal Boards wholly responsible for the Municipal administration. The Local Self-government Act now before the Council will make the District Boards responsible for the administration of the rural areas. The people have not developed a due sense of responsibility necessary for efficient administration of the subjects entrusted to them. The members of these Honorary office means sacrifice from a sense of duty to the King and the Country. These local bodies when constituted under the new Act will need constant guidance and advice of the Minister of Local Self-Governments. In order that the Minister might exercise an influence over the honorary workers throughout the Province, it is necessary that he should be an honorary worker. A salaried official over the head of thousands of honorary workers is an anomally. He cannot command their respect and consequently his appeals in the patriotic and benevolent feeling of the people will make the scheme a subject of ridicule to the people. To ensure the success of the reforms it is necessary that the Minister of Local Self-Government should not draw any salary but should be an honorary worker.

"In India personal influence is an important factor when we have to secure the active sympathy and cooperation of the people. Personal influence is earned by working without remuneration. Gandhi's activities in India have proved to demonstration the value of sacrifice as the price of personal influence.

The non-cooperation movement is a great impediment to the advancement of the reforms. The non-cooperators succeeded in spreading a network of mischievous propaganda. The personal influence of a few men like Gandhi, C. R. Das is due to their sacrifices. We have to combat with this opposing force, a salaried Minister of Local Self-Government has no chance in this struggle. We must have men who are inspired by patriotic feelings; our honorary workers in the local bodies are a valuable counterforce,

Digitized by srujanika@gmail.com

but a salaried Minister destroys the harmony and symmetry of the whole organisation.

"Hostile criticisms in the Legislative Council, in the press and elsewhere, regarding the salary of the Minister shows that the public want an honorary Minister of Local Self-Government.

"I am willing to work honorary provided I am allowed to earn a living by practising as a Vakil. I shall not allow any professional work to interfere with my duties as a Minister. If I had private means to keep me above the ordinary needs of life, I would not have asked for permission to practice. I have been in public life for nearly forty years and being the first graduate of the Oriya race, my public life meant financing all public movements. I gave a small portion of my time to my professional work as my public duties took the greater portion of my time.

"There is nothing inconsistent in the idea of a practising lawyer being a Minister. There is precedent of a Zamindar being a Member of the Executive Council. The Maharajadhiraj of Darbhanga was the first Indian Member of the Executive Council in the Province. I saw in the papers the other day that the Raja of Mahmudabad has been appointed an honorary Member of the Executive Council of the United Province. A Zamindar has to look after the affairs of his estate, he is a party to suits in courts and has to give evidence in court. If this is not considered derogatory to the prestige of an Hon'ble Member of Council, appearance for a party in court by a lawyer should not be considered in any degree derogatory to the prestige of a Minister.

"The legal profession has always been considered honourable. The Provincial Governments and the Government of India have recruited Members of the Executive Councils from the practising members of the Bar. Practising lawyers have been members of botl of the Provincial and Imperial Governments, and at the end of their service have reverted to professional practice. These precedents are a complete answer to objections to my proposal on the ground of loss of prestige.

Digitized by srujanika@gmail.com

"A member of the Executive Council is responsible for the administration of the reserved subjects. Law and order constitute the most important of the reserved subjects. There may be breach of the peace among the tenants of a Zamindar Member of Executive Council or a Zamindar Minister. These might occur while a Zamindar is a member of the Government. Such a state of things would place the Government in an awkward position. Such difficulties cannot arise when legal profession is the means of livelihood of a member of a Government whether he be a member or a Minister.

"Local Self-Government is a transferred subject. The responsibility of administration is transferred to the people. The Minister is an elected member of the Council. His appointment as a Minister creates a new relation with His Excellency the Governor but the super imposition of this relation does not relieve him of his responsibilities to the people and the Legislative Council which represents the interests of the people. Section 80B of the Government of India Act says that a Minister, "Shall not be deemed to be an official and a person shall not be deemed to accept office on appointment as a Minister."

"Section 124 of the Government of India Act penalises acts amounting to misdemeanours by persons holding office under the Crown in India, Clause 5 of the section prohibits the receipts of *Presents*, but it exempts from such prohibition the fees paid or payable to Barristers. The word Barrister is meant to include other legal practitioners especially vokils practising in the High Courts.

"I shall undertake not to absent myself from the meetings of Council. I shall not allow my professional engagements to interfere with my duties as a Minister. I shall consider my professional practice as a means of earning of living and if I have to reduce my comforts of ordinary life I would not mind it considering that this sacrifice will be more than amply rewarded by bringing the people in close touch with the Government and thus kill the spirit of non-cooperation and inspire a desire for cooperation in Municipal and District Boards and practising lawyers. A practising lawyer as Minister would lend harmony and symmetry to the scheme.

Digitized by srujanika@gmail.com

"The duties of a Minister of a Local Self-Government require a knowledge of law and medicine. The local bodies are manned largely by lawyers. In consequence questions involving interpretation of the provisions of the Municipal Act often come up for decision to the Minister. The new Municipal Act came into force on 1st January of the current year. Before the 15th of January one Municipality passed a resolution which they thought was warranted by a certain section of the Act. The question came up to me for decision. I have received representions containing reference to Halsbury's laws of England. My knowledge of law and my study of medicine in early life have been of great help to me in the discharge of my present duties.

"It might be necessary to take an additional hand in Secretariat, but a discussion on this aspect should be taken up should Your Excellency decide on accepting my proposal.

I remain,
Your Excellency's most obedient servant,
M. S. Das

ଟଉର୍ଣ୍ଣରଙ୍କ ଉତ୍ତର

Patna, Feb. 11

Dear Mr. Das,

I am in receipt of your letter of the 7th-8th instant, in which you give your reasons for suggesting that you are willing to work as minister in an honorary capacity if allowed to earn your living by practising as a Vakil. While not in agreement with the arguments which you urge in justification of such a course, I am afraid there are to my mind, serious practial objection to it. I do not see how in practice you could combine these duties while doing justice to both or either. Secondly it appears to me to be an absolute impossibility that a Minister should appear as a legal practitioner in courts

Digitized by srujanika@gmail.com

subordinate to the Government of which he is a member. I know of no precedent for such a position. I will be happy to discuss the matter should you wish to do so, but I regret that I do not see my way to accept your proposition.

Yours sincerely,
H. Wheeler

"The Hon'ble Mr. Das did not avail himself of my offer to discuss the question should he care to do so and there the matter rested, so far as I was concerned until the receipt of his letter of the 8th instant".

"I need scarcely say that I have received the Hon'ble Minister's resignation with regret, but I feel that it is only right that it should be known that the offer of the Hon'ble Mr. Das as made to me was not unqualified but was coupled with the condition that he should, while discharging the duties of Minister, be permitted to resume practice as a Vakil—a condition which I felt it impossible to accept.

●

Digitized by srujanika@gmail.com

ପରିଶିଷ୍ଟ—ପାଠ

148, Russa Road,
Calcutta, 12-8-25

Dear friend,

I have your prompt reply to my wire. I have been constantly thinking of you, but till I was in Jamshedpur I could not make up my mind to pay a special visit to Cuttack merely to see your undertaking. Having, however, gone to Jamshedpur, my conscience pricked me and told me that I must likewise go to Cuttack and see your tannery. I leave on Tuesday by the Puri Express—is it not ? It reaches Cuttack, I understand, 4 O'clock in the morning. I shall stay two days. I know you cannot keep my visit secret, but I do not want a bundersome programme. I want thoroughly to study the Tannery and your requirements, and discover whether I can give you any help.

I would love to put up with you; but I am bringing Messrs. Rangalal and Satish Chandra Das Gupta with me. The first friend is a Marwari gentleman, whom I am trying to interest in cow protection. The second you know, and there will be a third with me, probably Mahadev Desai, whom you also know. Now you may put me up wherever you like.

I must collect from the Bengali friends there for Deshabandhu Memorial; and you will, of course, teach me how to spread the message of the spinning wheel in Utkal. Though the Congress has spent money like water there, it has made very little headway in Utkal. I have not, however, despaired.

Yours sincerely,

Babu Madhusudan Das,
Cuttack.

ମହାତ୍ମା ଗାନ୍ଧୀଙ୍କର ମଧୁସୂଦନଙ୍କ ନଳଝରୁ ଚା ୧୨।୮।୨୫ ତାରିଖର ପତ୍ର ।

Digitized by srujanika@gmail.com

Registered No.AD—85

ଉଠରେ ଉତ୍କଳ ସନ୍ତାନ ଉଠିବୁ ବି ଜିତେ ଜଗତ

The Oriya

ଜିତିବ ଗୌରବ ଦୁରବ ମନୁମା ଥଉରି କି. ଡୋର ମନେ

VI 3 | Cuttack, Wednesday, February 4, 1920 | No. 9

Digitized by srujanika@gmail.com

ପରିଶିଷ୍ଟ—କଅ

IN THE COURT OF THE DISTRICT JUDGE OF CUTTACK

The humble petition of
Madhu Sudan Das of Town Cuttack.

Most respectfully sheweth :—

1. That your petitioner resides within the jurisdiction of this Court.
2. That your petitioner has suffered loss and incurred liabilities to the extent of Rs. 1,80,000/- approximately.
3. That the amount and particulars of all pecuniary claims against your petitioner together with the names and residences—so far as they are known to or can by the exercise of reasonable care and diligence be ascertained—are set forth in schedule A annexed herewith.
4. That your petitioner is unable to pay his debts.
5. That is Execution case No. 87 of 1926 of the Court of Subordinate Judge of Cuttack (in which the petitioner is the judgment-debtor and the Executors of Nanda Kumar Bose's estate are the decree-holders) an order of attachment of petitioner's properties was made to realise the sum of Rs. 16,436—3—0 and that order is subsisting now.
6. That in Execution Case No. 296 of 1925 in the Court of Subordinate Judge of Cuttack, the petitioner's residence was sold in auction on 21st October 1925. The petitioner now occupies a part of the house as a tenant, the other part being occupied by the Deputy Registrar of Co-operative Societies.

Digitized by srujanika@gmail.com

7. That on 7th March 1927 the auction-purchaser took possession of the Utkal Tannery of which the petitioner was the proprietor.

8. That a general description of the property which your petitioner is in possession of and their approximate value, the place at which such property is to be found are truely set forth in a schedule annexed hereto.

9. That your petitioner is willing to place at the disposal of the Court all such property save in so far as it includes such items as are exempted by the Code of Civil Procedure, 1908.

10. That your petitioner has not on any previous occasion filed any petition to be adjudged an insolvent.

11. That in the circumstances set forth above, your petitioner humbly prays that your petitioner may be adjudged an insolvent under the provision of Act V of 1920 and such orders may be passed as the Court may deem fit and proper.

And for this your petitioner as in duty bound shall ever pray.

(Verification)

I Madhusudan Das do hereby declare that what is stated herein in para 1, 2, 3, 4, 5, 6, 7, 8, 9, 10 are true to my knowledge.

I sign this verification at my residence in Cuttack, the

ମଧୁସୂଦନ ଦେବାଳିଆ ହେବା ପାଇଁ ଦାଖଲ ହୋଇଥିବା Insolvency Petitionର ନକଲ ।

Digitized by srujanika@gmail.com

ପରିଶିଷ୍ଟ—ଦଶ

HIGH COURT
PATNA

The 1st Jan. 1928.

My dear Mr Das,

I was delighted to receive your letter on return last night from Rohtas where my wife and I had a very enjoyable though brief visit.

Thank you so much for your kind congratulations on my appointment to a permanent judgeship. I appreciate them very highly indeed as coming from you, a very old and valued friend and a Comra-

Digitized by srujanika@gmail.com

from Orissa which has a very warm
place in my heart. I trust that
it may be vouchsafed to me to do
useful work for the people of all
parts of the Province in which I
have now spent 28 years: but
I think most of the Christian
ships composing Orissa and Chota
Nagpur. I have been thinking of writing
you during the past few months to
urge you (or encourage you) to write
your autobiography. I hope you
will find time to write (or dictate) it

The account of your career, your aims and your achievements should come from you — otherwise much that is invaluable will be lost to Orissa to India and to the Empire. You have had an uphill fight from the outset and the history of it will be precious in itself and a guide to others carrying on the work I trust you will favourably consider the matter

You mention your insolvency: I sympathise with you deeply in the mental distress involved. But we all know that the insolvency itself is perfectly above-board, and was

Digitized by srujanika@gmail.com

is the result of your patriotic struggle for your motherland of which others are reaping the advantage and will do so increasingly in the years to come. So do not be unduly depressed over it: none of your old friends value you a whit the less for that accident of fortune.

My wife and I cordially reciprocate your good wishes for the new year. May 1928 see you well and happy and may fickle fortune return to you abundantly.

Yours sincerely,

T S Macpherson

ବମ୍ବେରପତ ସି. ବ. ମାକ୍‌ଫରସନଙ୍କ ଠାରୁ ୧।୧।୧୯୨୮ ତାରିଖର ପତ୍ରର ପ୍ରତିଲିପି ।

Digitized by srujanika@gmail.com

ପରିଶିଷ୍ଟ—ଏଗାର

HIGH COURT
PATNA

18 March 1928

Dear Mr. Das

Many thanks for your very kind letter. I shall be very pleased to send you a photograph but at the moment I have not got any in my room. I am however having one done this week and shall send you one of the first that arrives when they are printed.)

I am sorry that after a notable career you should have found yourself handicapped by financial worries but I feel sure that your advocacy has in

Digitized by srujanika@gmail.com

no way shaken your faith in
the all seeing wisdom of Providence
or in human nature or you would
not write me such an encouraging letter.
It is always a pleasure to be told
that one has been able, even in a
small way, to assist or encourage
others through life's difficult journey,
and yours has not always been easy.

We frequently see Miss Das and
she is taking a great part in the
public life of the province and is
always full of energy and cheerfulness.
I was very glad she was elected to the
Syndicate of the University and I am

Digitized by srujanika@gmail.com

Sure she will with her clear perception and active mind prove a great asset to that body.

(Every body on the eve of my departure has been very kind to me. more than my desert, and I still have various farewell functions to attend before I leave Patna on the 29th. I have seen Hon. Courtney Terrell the new chief Justice and I think he will turn out satisfactory. He is very anxious to do his best but seems at present a little nervous about himself. but this I know no doubt will wear off. when he gets into harness.)

I am glad you have been encouraged to

Digitized by srujanika@gmail.com

is fortunate your recollections and I hope you will do so with your many experience — Once you would have much to say that would be of great interest to a large public and I am sure it would give you an occupation which would take your mind off your present misfortune.

My wife joins me in wishing you all happiness and good luck for the future and I hope to see before long an account of your career written by yourself

Believe me

Very sincerely Yours

Dawson Miller

ବମ୍ବେରପଡ ଡସପ୍ ମିଲରଙ୍କର ତା ୧୮ । ୩ । ୧୯୨୮ ଶ୍ରୀଯୁତ ପଟ୍ଟନାୟକ ମହାଶୟଙ୍କୁ ଲିଖିଥିବା ।

Digitized by srujanika@gmail.com

ପରିଶିଷ୍ଟ—ବାର

Randy Mc

SETTLED

Ramsay 3/10/15

My dear Bimbo Babu.

I send you herewith his hundis and also this Sastri Randy and the money by my dear Kaiduria Ramsay my friend.

Yours affly

15/9/1915 Hr L Das

Mrs Hundis were returned by mistake on due date Returned herewith Ramsay 2-7-15 11-8-15

Digitized by srujanika@gmail.com



Rs. 1 Stamp I promise to

Ballabh Ghosh & Brundaban
and Kumar Bros estate
1 Rupees one thousand only
in Cash.

Madhusudan Das

SETTLED

Rajkumar
30/10/15

Returned
Rajkumar
21-7-16

ମଧୁସୂଦନ କରଜ କରୁଥିବା ପ୍ରମାଣେ ହୁଣ୍ଡୀର ଫଟୋଚତ୍ର ।

Digitized by srujanika@gmail.com

ପରିଶିଷ୍ଟ—ଚତୁର

Cuttack
17/10/33

Dear Mr Das.

I return with thanks the copy of Early Annals of the English in Bengal. I am putting in a suitable passage into the report.

I hope that your association with the Committee has been as agreeable to you as it has been with me. I greatly appreciate the help which you have given. You must be very much gratified to think

Digitized by srujanika@gmail.com

[illegible] which you
have and at least for us
I may [illegible] in view
of [illegible]

Yours sincerely
[illegible]

Digitized by srujanika@gmail.com

ପରିଶିଷ୍ଟ—ଚଉଦ

ପୁଣ୍ଡର ତତ୍କାଳୀନ ରାଜପୁତ ଶ୍ରୀ ସାରଙ୍ଗଶୋର ଦେବଙ୍କ କୋଳରେ ଧଣ ମଧୁସୂଦନ ଦସ୍ପିଥଦାର ଫଟୋତହ ।

Digitized by srujanika@gmail.com

ପରିଶିଷ୍ଟ—ପଦର

ଚିତ୍ର ୩୫ । ଅଧ୍ୟାପକ ଓ ଛାତ୍ରମାନଙ୍କ ସହିତ ଉତ୍କଳ ସାହିତ୍ୟ ସମାଜର ସଭ୍ୟବୃନ୍ଦ ।

ପରିଶିଷ୍ଟ—ଷୋଡ଼ଶ

ଶ୍ରୀଜଗନ୍ନାଥ ଦେବଙ୍କ ଦକ୍ଷିଣପାର୍ଶ୍ୱରେ ଗରୁଡ଼ ।

ପରିଶିଷ୍ଟ—ପଟର

ଭାରତଜ୍ୟୋତି ଶ୍ରୀମଧୁସୂଦନଙ୍କର ପଟକୁଡର ଫଟୋଚିତ୍ର

Digitized by srujanika@gmail.com

ପରିଶିଷ୍ଟ—୫୦୫

3rd Dec 1927.

my dear Chandra.

Yes I shall thank you for a certificate
copy of the discharge order of the
Insolvency.
I am sending you by money order
Rs 200. Just clear up the arrear
rent to the end of September 1927
I hope to pay up the balance of
the arrears soon
I have to work hard but I am
thankful to God for having given
me the necessary strength to deal
up till now. God is great. God
God has been kind to me with all my
my sins & short comings. Remember
me to Kamala & give my love
to Kedar. All my love & good
wishes go to you. Those who are
dear & near to you & share with
you each & every thing
God to shall He may give you
wealth, & wealth & a God fearing

Soul.

Yours affly
Inf Das

ଚନ୍ଦ୍ରକୁମାର ହାଜରାଙ୍କ ପାଖକୁ ମଧୁସୂଦନଙ୍କ ୩ ଡ଼ା ୮ । ୧୨ । ୨୭ ତାରିଖର ଚିଠି ।

Digitized by srujanika@gmail.com

Your Best Advertiser
"THE SAMAJ"
HAS THE
Largest Circulation and Widest Reputation
Make Yourself Known
to ten millions of Oriyas
Through
"The Samaj" Cuttack.
Only 4 weekly Editions Issued

Regd. No. P 92.

The Samaja

PRINT YOUR JOB
AT
The Satyabadi Press, Cuttack.
In English, Oriya, Bengalee and Hindi
Tri-Colour Printing a Speciality

ଉତ୍କଳର ଶ୍ରେଷ୍ଠ ମୁକୁଟ ମଧୁସୂଦନ ଆଉ ନାହାନ୍ତ
କାଲ ରାତ ୧।୨୦ ମିନଟରେ ପରଲୋକ ହୋଇଯାଇଛନ୍ତି

Digitized by srujanika@gmail.com